# ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟଂ

## ଦ୍ୱିତୀୟ ଖଣ୍ଡ (ଭକ୍ତି ତତ୍ତ୍ୱ)



ସୁଦର୍ଶନ ମିଶ୍ର

## ମୁଖବନ୍ଧ

"ଗୁରୋସ୍ତୁ ମୌନଂ ବ୍ୟାଖ୍ୟାନଂ, ଶିଷ୍ୟାସ୍ତୁ ଛିନ୍ନ ସଂଶୟାଃ" ସତ୍ୟର ବ୍ୟାଖ୍ୟାନ ମୌନ ବ୍ୟତୀତ ଆଉ କିଛି ହୋଇ ନ ପାରେ । ଆଦି-ଅନ୍ତ ବିହୀନ, ସର୍ବ ବ୍ୟାପୀ, ସର୍ବାନ୍ତର୍ଗତ ଅବିନାଶୀ ସତ୍ୟକୁ ନିଜର ଅନ୍ତରତମ ପ୍ରଦେଶରେ ଅବ୍ୟକ୍ତ, ଅଦୃଶ୍ୟ, ନିର୍ବିକାର, ନିଶ୍ଚଳ ଭାବେ ସ୍ଥିତ ତଥା ଏକାଦିକ୍ରମେ ବାହ୍ୟ ପ୍ରକୃତିରେ ନିତ୍ୟ ଚଳ-ଚଞ୍ଚଳ, ଉତ୍ପତ୍ତି-ବିନାଶଶୀଳ, ପରିବର୍ତ୍ତନୀୟ ସର୍ବତ୍ର ପରିଦୃଶ୍ୟମାନ ସତ୍ତା ରୂପେ ବିରାଜିତ ଦେଖି, ସାଧକ ଆଶ୍ଚର୍ଯ୍ୟାଭିଭୂତ ହୋଇ ଉଠେ । ଭୟଭୀତ ହୋଇ ଆଗ, ପଛ, ସବୁ ଦିଗରେ ସେହି ପରମ ସତ୍ତା ସ୍ୱରୂପ ଦୃଶ୍ୟମାନ୍ ବିଗ୍ରହକୁ ନମସ୍କାର କରିବାକୁ ଲାଗେ । ପ୍ରପନ୍ନ ତଥା ଶରଣାଗତ ହୋଇ ଆତ୍ମ ଲୀନ ହୋଇଯାଏ । 'ପ୍ରଭୁ କୃପା ହିଁ କେବଳଂ' – ସେତିକିରେ ସାଧକର ଜୀବନ ସାର୍ଥକ ହୋଇଯାଏ । ଭଗବତ୍ ଦର୍ଶନ ପାଇଁ 'ତୀବ୍ର ଲାଳସା' ହିଁ ଏକମାତ୍ର ମୂଲ୍ୟ ଦେବାକୁ ପଡେ । ସେ' ତୀବ୍ର ଲାଳସା କିପରି ? "କାମୀହି ନାରୀ ପିଆରି ଜିମି - ଲୋଭୀ ହିଁ ପ୍ରିୟ ଜିମି ଦାମ"- ମାହାତ୍ମା ତୁଳସୀଙ୍କ ଭାଷାରେ କାମୀର ନାରୀ ପ୍ରତି ଏବଂ ଲୋଭୀର ଧନ ପ୍ରତି ଯେଉଁ ଆକର୍ଷଣ ଓ ଲାଳସା, ସେପରି ସାଧକ ପକ୍ଷେ ଭଗବତ୍ ପ୍ରାପ୍ତିର ଲାଳସା ତୀବ୍ର, ଏକାଗ୍ର, ଅବିଚ୍ଛିନ୍ନ ଏବଂ ଅବିଚଳିତ ହୋଇଥାଏ ।

ପ୍ରାୟ ୨୪ ବର୍ଷ ଅତୀତକୁ ଗଲେ ମନେ ପଡେ- ବ୍ରହ୍ମପୁରରୁ କୋଦଳା ନିଜ ନିଜ କର୍ମ କ୍ଷେତ୍ରକୁ ଯିବା ରାସ୍ତାରେ ଗୀତା ପ୍ରେମୀ ସୁଦର୍ଶନ ବାବୁଙ୍କ ସହ ବସର ପାଖାପାଖି ସିଟରେ ବସି ଗୀତା ଶ୍ଲୋକର ତତ୍ତ୍ୱ ଉପରେ ପରସ୍ପର ଆଲୋଚନାରେ ରାସ୍ତା ସରିଯାଏ, ମାତ୍ର ଗୀତାର କଥା ସରି ନ ଥାଏ । ସେହି ମୁହୂର୍ତ୍ତର ଉପଲବ୍ଧ ହେଉଥିବା ଆତ୍ମାନନ୍ଦ ଭଗବାନ ଦଶମ ଅଧ୍ୟାୟରେ କହିଥିବା- "ମଚ୍ଚିତ୍ତା ମଦ୍ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ । କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ"- ବାକ୍ୟକୁ ସିଦ୍ଧ କରୁଅଛି । ସେହି ଆନନ୍ଦ ମୂହୁର୍ତ୍ତ ଗୁଡିକର ସ୍ମୃତି ଚାରଣ ଅଦ୍ୟାବଧି ସାଧନ ମାର୍ଗରେ ସତ୍-ସଙ୍ଗ ଓ ପ୍ରେରଣାର ଉତ୍ସ ହୋଇ ରହିଛି । ଗୀତାନୁରାଗୀ ସୁଦର୍ଶନ ମିଶ୍ର ବୃତ୍ତିଗତ ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ନିକଟ ଅତୀତରେ ଅବସର ନେଇଛନ୍ତି । ସେ ତାଙ୍କରି ବ୍ୟକ୍ତିଗତ ପାରିବାରିକ ଜୀବନ , କର୍ମ କ୍ଷେତ୍ର ଓ ବିଭିନ୍ନ ଅନୁଷ୍ଠାନ ସହିତ ସଂଲଗ୍ନ ରହି, ତାହାକୁ ଶ୍ରୀ ଗୀତା ତତ୍ତ୍ୱର ପ୍ରୟୋଗ ଶାଳା ରୂପେ ବିବେଚନା କରି, ସାଧନ ରତ ରହି ଆସିଛନ୍ତି । ଦୈନିନ୍ଦିନ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ଅନୁଭୂତିକୁ ଗୀତା ଶ୍ଲୋକର ବ୍ୟାଖ୍ୟା ସହିତ ସଂଯୋଗ କରି ଏବଂ ଅନେକ ମହାନ୍ ଟୀକାକାରଙ୍କ ଉକ୍ତିକୁ ସରଳୀକରଣ ଦ୍ୱାରା ଉପସ୍ଥାପନ କରି, "ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍" ନାମରେ ସଂପୂର୍ଣ୍ଣ ଗ୍ରନ୍ଥକୁ କର୍ମ ତତ୍ତ୍ୱ, ଭକ୍ତି ତତ୍ତ୍ୱ ଓ ଜ୍ଞାନ-ବିଜ୍ଞାନ ତତ୍ତ୍ୱ ନାମରେ ତିନୋଟି ପୁସ୍ତକ ସଂକଳନ କରିବାର ଯେଉଁ ପ୍ରୟାସ, ତାହା ନିଶ୍ଚିତ ଭଗବାନ ଶ୍ରୀକୃଷ୍ଣଙ୍କ ଅଶେଷ ଆଶୀର୍ବାଦ ଓ ଅପାର କୃପାର ପରିଣାମ ଏ ସମସ୍ତ ମଧ୍ୟରେ ଗାର୍ହସ୍ଥ୍ୟ ଆଶ୍ରମରେ ରହି ଅଙ୍ଗାନୁଅଙ୍ଗୀ ରୂପେ ସହଧର୍ମିଣୀ ଅରୁନ୍ଧତୀଙ୍କ ତ୍ୟାଗ ଓ ସହଯୋଗ ଭଗବାନ ଉପଦେଶ ଦେଇଥିବା କର୍ମଯୋଗ ସାଧନର ଅଂଶ ବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୃହସ୍ଥାଶ୍ରମର ପ୍ରାରମ୍ଭ କାଳର ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଯୋଗ ସାଧନ ତତ୍ତ୍ୱରେ ଅନୁପ୍ରାଣିତ ହୋଇ, ସଦଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ପ୍ରେରଣା ପ୍ରାପ୍ତ ହୋଇ ୧୯୮୯ ମସିହାଠାରୁ ନିରନ୍ତର ଗୀତା ସାଧନ ନିଶ୍ଚିତ ଯେ ତାହାଙ୍କୁ ଇପ୍ସିତ ଲକ୍ଷ ସ୍ଥଳରେ ପହଞ୍ଚାଇବ-ଏଥି ନିମିତ୍ତ ଭଗବାନଙ୍କଠାରେ ପ୍ରାର୍ଥନା ।

ପ୍ରକାଶ ପାଇଥିବା "ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍"ର (କର୍ମ ତତ୍ତ୍ୱ) ପ୍ରଥମ ଖଣ୍ଡ ଓ ବର୍ତ୍ତମାନ ପ୍ରକାଶ ପାଇବାକୁ ଯାଉଥିବା (ଭକ୍ତି ତତ୍ତ୍ୱ) ଦ୍ୱିତୀୟ ଖଣ୍ଡର ବିଶେଷତା ହେଲା; ଏଥିରେ ଅନେକ ଗୀତା ଭାଷ୍ୟ ଓ ଟୀକାକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଶୀଳନ କରି, ଜୀବନ ଉପଯୋଗୀ ସର୍ବ ଧର୍ମସମ୍ମତ ସାର ତତ୍ତ୍ୱକୁ ଏକତ୍ର ସମାବେଶ କରିବାର ପ୍ରୟାସ କରାଯାଇଛି । ଏହି ଦ୍ୱିତୀୟ ଖଣ୍ଡ (ଭକ୍ତି ତତ୍ତ୍ୱ) ର ପ୍ରକାଶ ସହିତ ତୃତୀୟ ଖଣ୍ଡ (ଜ୍ଞାନ-ବିଜ୍ଞାନ ତତ୍ତ୍ୱ)ର ପ୍ରସ୍ତୁତି ପଥରେ ତାଙ୍କରି ସାଧନା ଅବ୍ୟାହତ ରହି, ସଂସାର କଲ୍ୟାଣ ନିମିତ୍ତ ଏକ ମହତ୍ ଇଚ୍ଛାର ପୂର୍ଣ୍ଣତା ପ୍ରାପ୍ତ ହେଉ-ପରମେଶ୍ୱରଙ୍କ ନିକଟେ ବିନୀତ ପ୍ରାର୍ଥନା । "ଚରୈବେତି ,ଚରୈବେତି"

ବ୍ରହ୍ମପୁର।                                                  ଜ୍ୟୋତିର୍ମୟ ପାଢୀ
ତା:୧୨-୦୪-୨୦୨୧                              ( ଅବସର ପ୍ରାପ୍ତ ଓଡିଶା ଅର୍ଥସେବା ଅଧିକାରୀ )



## ଲେଖକଙ୍କ ଉଦ୍ଦେଶ୍ୟରେ ପଦେ

କୁଳଂ ପବିତ୍ରଂ ଜନନୀ କୃତାର୍ଥା ବସୁନ୍ଧରା ପୁଣ୍ୟବତୀ ଚ ତେନ ।
ଅପାର ସଚିତ୍ ସୁଖ ସାଗରେସ୍ମିନ ଲୀନଂ ପରେ ବ୍ରହ୍ମଣି ଯସ୍ୟ ଚେତଃ ॥

ସାଧୁ ଲେଖକ ଶ୍ରୀଯୁକ୍ତ ସୁଦର୍ଶନ ମିଶ୍ରଜୀଙ୍କ ପ୍ରତି ଏହି ଉକ୍ତିଟି ଯଥାର୍ଥ ପ୍ରୟୋଗ କରାଯାଇପାରେ । ଦୈବାନୁଗ୍ରହରୁ ମନୁଷ୍ୟତ୍ୱ, ମୁମୁକ୍ଷୁତ୍ୱ ଓ ମହାପୁରୁଷ ସଦଗୁରୁଙ୍କ କୃପା ଲାଭ କରିଥିବା ସୁଦର୍ଶନଜୀ ନିଷ୍ପାପର ଭାବରେ ନିଜର ବ୍ୟାଙ୍କ ଦାୟିତ୍ୱ ତୁଲାଇବାପରେ ବଳକା ସମୟ ଚାଖିଥିବା ଗୀତା ଅମୃତକୁ ସାର୍ବଜନୀନ ସେବାରେ ଲଗାଇବା ପାଇଁ ଯେଉଁ ସିଦ୍ଧାନ୍ତ ନେଲେ, ଏହା ଫଳରେ ତାଙ୍କର କୁଳ ପବିତ୍ର ହୋଇଗଲା ଅର୍ଥାତ୍ ଚଉଦ ପୁରୁଷ ଉଦ୍ଧାର ହୋଇଯିବେ । ମାତାଙ୍କ ପ୍ରତି ଶ୍ରେଷ୍ଠ ଉପହାର ଦେଇ ଜନନୀଙ୍କୁ ପରମାନନ୍ଦମୟୀ କରିଦେଲେ । ନିଜ ଜନ୍ମସ୍ଥାନ ଫାଶୀ, କୋଦଳା, ଗଞ୍ଜାମ ଅଞ୍ଚଳ ପାଇଁ ଯଥେଷ୍ଟ ଗୌରବର ବିଷୟ ଯେ ସେହି ଅଞ୍ଚଳର ଜଣେ ସାଧକ ପବିତ୍ର ଭଗବତ ଗୀତା ଆରାଧନା କରି ବିଭୁକେନ୍ଦ୍ରିକ ହୋଇଯାଇଛନ୍ତି । ଏହା ଦିବ୍ୟଜୀବନ ସଂଘ ଶିବାନନ୍ଦ ପରିବାର ପାଇଁ ମଧ ଅତ୍ୟନ୍ତ ଗୌରବର ବିଷୟ ।

ସମନ୍ୱୟ ଯୋଗ ଅଭ୍ୟାସ ଦ୍ୱାରା ଜଣେ ଶୀଘ୍ର ଆଧ୍ୟାତ୍ମିକ ପ୍ରଗତି ଲାଭ କରିଥାଏ, ଯେପରି ପକ୍ଷୀଟିଏ ଦୁଇଟି ଡେଣା ଓ ଗୋଟିଏ ଲାଞ୍ଜ ଦ୍ୱାରା ଗତି ପରିବର୍ତ୍ତନ କରି ଉଡି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥାଏ । ଗୁରୁଦେବଙ୍କ ଭାଷାରେ ଜଣେ ସାଧକର ଶଙ୍କରଙ୍କ ପରି ମସ୍ତିଷ୍କ, ବୁଦ୍ଧଦେବଙ୍କ ପରି ହୃଦୟ ଓ ରାଜର୍ଷି ଜନକଙ୍କ ପରି ହସ୍ତ ହେବା ଦରକାର । ଅର୍ଥାତ୍ ସେ କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗରେ ସୁପ୍ରତିଷ୍ଠିତ ହେବା ଦରକାର । ମହାବାକ୍ୟ ତତ୍ତ୍ୱମସି କିମ୍ବା ତ୍ୱଂ ତତ୍ ଅସି "ତୁମେ ସେହି ଅଟ" ଏହି ତତ୍ତ୍ୱ ଅଷ୍ଟାଦଶ ଅଧ୍ୟାୟ ଗୀତା ଶାସ୍ତ୍ରରେ ଯଥାର୍ଥ ରୂପେ ତିନି ଭାଗରେ ବିଭକ୍ତ କରି କର୍ମଯୋଗ ପାଠ ପରେ ଭକ୍ତି ଯୋଗର ସାଧନା ପାଇଁ ଲେଖକ ମହୋଦୟ "ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟଂ"ର ଦ୍ୱିତୀୟ ଭାଗ ପ୍ରକାଶ କରିବାକୁ ଯାଉଛନ୍ତି ।

ଭକ୍ତ ସୁଦର୍ଶନଜୀଙ୍କର ସ୍ୱୀୟ ଅନୁଭୂତି ସମ୍ବଳିତ ଗୀତାର ଦ୍ୱିତୀୟ ଭାଗଟି ନିଶ୍ଚିତ ଭାବରେ ପାଠକ ମାନଙ୍କ ହୃଦୟରେ ପ୍ରଭୁଙ୍କ ପ୍ରତି ଭକ୍ତିରସ ପ୍ରବାହିତ କରିବ,ଏଥିରେ ସନ୍ଦେହ ନାହିଁ । ତୃତୀୟ 'ଜ୍ଞାନ-ବିଜ୍ଞାନ' ଖଣ୍ଡର ରୂପ ଦେଇଥିବା ଅବସର କାଳୀନ ସମୟର ଶ୍ରେଷ୍ଠ ସଦୁପଯୋଗ ପାଇଁ ଆମେ ସ୍ୱନାମଧନ୍ୟ ସୁଦର୍ଶନଜୀଙ୍କୁ ଅଶେଷ ସାଧୁବାଦ ଜଣାଇବା । ଅନ୍ୟମାନଙ୍କ ପାଖରେ ସେ ଶ୍ରେଷ୍ଠ ଆଦର୍ଶ ହୋଇ ରହିଲେ ।

ଆଦର୍ଶ ବ୍ରହ୍ମଚର୍ଯ୍ୟ ଆଶ୍ରମ (ଛାତ୍ର ଜୀବନ) ଗୁରୁଗ୍ରହଣ, ଆଦର୍ଶ ଗୃହସ୍ଥାଶ୍ରମ ପରେ ଆଦର୍ଶ ବାନପ୍ରସ୍ଥ ଆଶ୍ରମରେ ଥାଇ ଗୀତାମାତାଙ୍କର ବରପୁତ୍ର ସୁଦର୍ଶନ ଦମ୍ପତି ଚତୁର୍ଥାଶ୍ରମ ସନ୍ୟାସର ପ୍ରସ୍ତୁତିରେ ଥିବା 'ସୁନାରେ ସୁଗନ୍ଧ' ଯୋଡି ଦେଇଛି ।

ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କର ଶ୍ରେଷ୍ଠ ଶିଷ୍ୟତ୍ୱର ପରିଚୟ ଦେଇ ଗୀତାମାତାଙ୍କର ସ୍ୱତନ୍ତ୍ର ସନ୍ତାନ ଶ୍ରୀ ସୁଦର୍ଶନ ମିଶ୍ର ମହୋଦୟଙ୍କର ଏହି ଅକ୍ଷୟ କୀର୍ତ୍ତି ପାଇଁ କୋଟିଶଃ ସାଧୁବାଦ ଓ କୃତଜ୍ଞତା । ଜୟ ଗୀତା ମାତା । ଜୟ ପାଠକ ବୃନ୍ଦ ।

ଶିବାନନ୍ଦ ଶତବାର୍ଷିକୀ ବାଳକ ବିଦ୍ୟାଳୟ –ଖଣ୍ଡଗିରୀ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ
ତାରିଖ : ୨୪-୦୭-୨୦୨୧ (ଗୁରୁ ପୂର୍ଣ୍ଣିମା)

# ବିଶ୍ୱ ଧର୍ମ ସମନ୍ୱୟ ଗୀତା ହୃଦୟମ୍ ( ଭକ୍ତି ତତ୍ତ୍ୱ )

**ପୃଷ୍ଠଭୂମି :** ନବଧା ଭକ୍ତି ମଧ୍ୟରେ "ଶ୍ରବଣ" ହେଉଛି ପ୍ରଥମ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଗୀତାର ମଧ୍ୟମ ଷଟ୍କର ସପ୍ତମ ଅଧ୍ୟାୟ ପ୍ରଥମ ପଦରେ ଭଗବାନ ଅର୍ଜୁନଙ୍କୁ "ତତ୍ ଶୃଣୁ " କହି ସାବଧାନତାର ସହିତ ତାଙ୍କଠାରୁ ସମଗ୍ର ସ୍ୱରୂପର ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ସଂଶୟ ଶୂନ୍ୟହୋଇ ଶୁଣିବାକୁ କହୁଛନ୍ତି । ପରମାର୍ଥିକ ମାର୍ଗରେ ନିଷ୍କାମ କର୍ମୀ, ଜ୍ଞାନୀ, ଯୋଗୀ ସାଧନାର ଅନ୍ତିମ ସ୍ତରରେ କିପରି ଭାବରେ ମୋର ଭକ୍ତ ହୋଇ, ମୋରିଠାରେ ଆସକ୍ତ ଓ ଆଶ୍ରିତ ହୋଇ ରହିଥାନ୍ତି, ଭଗବାନ ତାଙ୍କରି ପକ୍ଷରୁ ଅର୍ଜୁନଙ୍କୁ ବତାଇବାକୁ ଯାଉଛନ୍ତି । ଏହା ଶୁଣାଇବା ପାଇଁ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ହିଁ କେବଳ ଏକମାତ୍ର ଅଧିକାରୀ । ତାଙ୍କ ଅତିରିକ୍ତ, ଅନ୍ୟ ଦ୍ୱିତୀୟ କେହି ନା ସଂଶୟ ଶୂନ୍ୟ ହୋଇ ପରମାତ୍ମତତ୍ତ୍ୱର ସମ୍ପୂର୍ଣ୍ଣ ବିଭୂତି, ବଳ, ଐଶ୍ୱର୍ଯ୍ୟକୁ ସ୍ୱୟଂ ଜାଣିପାରିବ, ନା ଅନ୍ୟ କାହାକୁ ଶୁଣାଇବା ପାଇଁ ସକ୍ଷମ ହୋଇପାରିବ । ଭଗବାନଙ୍କ ଶ୍ରୀମୁଖରୁ ନିସୃତ ଗୀତାବାଣୀ ଦ୍ୱାରା ପ୍ରେରଣାପ୍ରାପ୍ତ ହୋଇ ଯୋଗାଭ୍ୟାସ କରିବା ସର୍ବଶ୍ରେଷ୍ଠ ସାଧନ, ଯାହା ଅର୍ଜୁନଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଅଛି । ଭଗବାନଙ୍କ ବାଣୀରେ ଏପରି ଶକ୍ତି ରହିଛି, ଯାହାର ଶ୍ରବଣରେ ମଧ୍ୟ ଅନ୍ତଃକରଣରେ ସୁପ୍ତ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୁଏ । ଭକ୍ତିଭାବ ଯୋଗ ସାଧନାର ଅବିଚ୍ଛେଦ୍ୟ ଅଙ୍ଗ । ଯେ' କୌଣସି ଯୋଗମାର୍ଗୀ ରଜ, ତମୋ ଗୁଣବିଶିଷ୍ଟ ଦୋଷରୁ ମୁକ୍ତ ହୋଇ, କେବଳ ଭକ୍ତିଭାବରେ ହିଁ ଭଗବାନଙ୍କ ଆଶ୍ରିତ ହୋଇ ନିତ୍ୟଶୁଦ୍ଧ, ସତ୍ତ୍ୱ ସ୍ଥିତିରେ ଅବସ୍ଥାନ କରିପାରିବ । ଭଗବାନଙ୍କ ସହିତ ଯୁକ୍ତମନା ହୋଇ ରହିବା ନିମିତ୍ତ ଭଗବାନଙ୍କ ପ୍ରତି ଅଗାଧପ୍ରେମ, ବିଶ୍ୱାସ ଓ ଭକ୍ତିର ଆବଶ୍ୟକତା ରହିଛି । ଯାହାକୁ ଆଶ୍ରୟ କରି ରହିବ, ତାହାପ୍ରତି ବିଶ୍ୱାସ ସ୍ଥାପନ କରି ପ୍ରେମ ଓ ଶ୍ରଦ୍ଧା କରିବା ପ୍ରକୃତ ଭକ୍ତି । ଭୃତ୍ୟ ମୁନୀବକୁ ଆଶ୍ରୟ କରି, ତାହାର ଧନ ସମ୍ପତ୍ତି ପ୍ରତି ଆସକ୍ତ ରହିବା ଦ୍ୱିବିଧା ବା ବ୍ୟଭିଚାରିଣୀ ଭକ୍ତି । ସଂସାରୀ ଲୋକ ଭଗବାନଙ୍କୁ ଆଶ୍ରା କରି ନିରନ୍ତର ସ୍ତ୍ରୀ, ପୁତ୍ର, ଧନ ପ୍ରତି ଆସକ୍ତ ହୋଇ ରହିବା ଦ୍ୱିବିଧା ଭକ୍ତି । ସକାମୀ ପୁରୁଷ ଭୌତିକ ଦ୍ରବ୍ୟ, ସୁଖ ଆଦି ପାଇବା ଆଶାରେ ଭଗବାନଙ୍କ ଆଶ୍ରୟ ନେଇଥାନ୍ତି । ସେହି ପ୍ରକାର ଫଳ ଉପରେ ଆଶାରଖି କର୍ମ କରୁଥିବା ଉପାସକ, ଭଗବାନଙ୍କ "ନିତ୍ୟଯୁକ୍ତ" ଭକ୍ତ ହୋଇପାରି ନ ଥାନ୍ତି । ଭଗବାନ ବଡ କରୁଣାମୟ । ଭକ୍ତର ମନବାଞ୍ଛା ଅବଶ୍ୟ ସେ' ପୂରଣ କରିଥାନ୍ତି । ଫଳ ପ୍ରାପ୍ତିପରେ ସେହି ପ୍ରକାର ଉପାସକ ଭଗବାନଙ୍କୁ ଭୁଲି ଯାଇଥାନ୍ତି । ପ୍ରାପ୍ତ ଫଳ ଭଗବାନଙ୍କ କୃପା ବୋଲି ସ୍ୱୀକାର ନ କରି, "ମୁଁ" ଏପରି କରିବାରୁ ପ୍ରାପ୍ତ ହେଲା ବୋଲି କହି ନିଜର ଅହଂଭାବର ଆଶ୍ରୟ ନେଇଥାନ୍ତି । ଭଗବତ୍ ଗୀତାର ଅଠର ଅଧ୍ୟାୟକୁ ଛଅ ଅଧ୍ୟାୟ ଲେଖାଏଁ ବିଭକ୍ତ କରି ପ୍ରତ୍ୟେକ ଭାଗକୁ ଗୋଟିଏ ଗୋଟିଏ ଷଟ୍କ କୁହାଯାଇଛି । ପ୍ରଥମ ଷଟ୍କ କର୍ମତତ୍ତ୍ୱ, ଦ୍ୱିତୀୟ ଷଟ୍କ ଭକ୍ତି ତତ୍ତ୍ୱ ଏବଂ ତୃତୀୟ ଷଟ୍କ ଜ୍ଞାନ-ବିଜ୍ଞାନ ତତ୍ତ୍ୱ । ବେଦ କଥିତ "ତତ୍ ତ୍ୱମ୍ ଅସି" ମହାବାକ୍ୟର 'ତ୍ୱମ୍' (ତୁମ୍ଭେ) 'ତତ୍' (ତାହା) 'ଅସି'(ଅଛି ) ଏହି ତିନି ପଦ

ଯଥାକ୍ରମେ ଗୀତାର ପ୍ରଥମ, ମଧ୍ୟମ ଓ ଅନ୍ତିମ ଷଟ୍କର ମୂଳ ତତ୍ତ୍ୱକୁ ନିର୍ଦ୍ଦେଶ କରୁଛନ୍ତି । କର୍ମ, ଭକ୍ତି, ଜ୍ଞାନ ମଧ୍ୟରୁ ଯେଉଁ ଷଟ୍କରେ ଯେଉଁ ଯୋଗର ପ୍ରାଧାନ୍ୟତା ରହିଛି, ତାହାରି ଅନୁସାରେ ତାହା ନାମିତ ହୋଇଛି । କର୍ମ ତତ୍ତ୍ୱ, ଭକ୍ତି ତତ୍ତ୍ୱ ଏବଂ ଜ୍ଞାନ-ବିଜ୍ଞାନ (ଆତ୍ମା-ପରମାତ୍ମା ) ତତ୍ତ୍ୱର କ୍ରମ ଅନୁସାରେ ଗୀତାର ପ୍ରଥମ, ମଧ୍ୟମ ଓ ତୃତୀୟ ଷଟ୍କରେ ବର୍ଣ୍ଣନ କରାଯାଇଛି । ସପ୍ତମ ଅଧ୍ୟାୟ ଠାରୁ ଦ୍ୱାଦଶ ଅଧ୍ୟାୟ ମଧ୍ୟମ ଷଟ୍କରେ ଉପାସନାର ନିରୂପଣ ରହିଅଛି । ଉପାସ୍ୟ ସ୍ୱରୂପର ସମ୍ପୂର୍ଣ୍ଣ ଜ୍ଞାନ ବିନା ଉପାସନା କେବେହେଲେ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ । ଭଗବାନଙ୍କର ନିର୍ଗୁଣ ନିରାକାର ତତ୍ତ୍ୱର ପ୍ରଭାବ, ମହାତ୍ମ୍ୟ ପ୍ରଭୃତି ରହସ୍ୟକୁ ପୂର୍ଣ୍ଣରୂପେ ଜାଣିବା ହେଉଛି 'ଜ୍ଞାନ । ସଗୁଣ, ନିରାକାର-ସାକାର ତତ୍ତ୍ୱର ଲୀଳା, ରହସ୍ୟ, ମହତ୍ତ୍ୱ, ଗୁଣ ଏବଂ ପ୍ରଭାବ ପ୍ରଭୃତି ପ୍ରତ୍ୟକ୍ଷ ଭାବରେ ଦେଖି କିମ୍ବା ଶ୍ରବଣ କରି ଯୋଗାଭ୍ୟାସ ଦ୍ୱାରା ଅନୁଭବ କରିବା ହେଉଛି ବିଜ୍ଞାନ । ତେଣୁ ଭଗବାନ ଶ୍ରୀକୃଷ୍ଣ ଏହି ଦ୍ୱିତୀୟ ଷଟ୍କର ଅଧ୍ୟାୟ ମାନଙ୍କରେ ପ୍ରଧାନତଃ ଭକ୍ତିଭାବର ତତ୍ତ୍ୱକୁ ତାଙ୍କରି ଉପଦେଶରେ ମୁଖ୍ୟଭାବରେ ଉପସ୍ଥାପନ କରିଛନ୍ତି । ଭକ୍ତିର ପରାକାଷ୍ଠା ଏତେ ଶକ୍ତି ସମ୍ପନ୍ନ ଯେ' ଭଗବାନ ସ୍ୱୟଂ ପ୍ରତ୍ୟକ୍ଷ ରୂପରେ ଅର୍ଜୁନଙ୍କ ସମ୍ମୁଖରେ ବିଶ୍ୱରୂପ ଧାରଣକରି ପ୍ରକଟିତ ହୋଇଛନ୍ତି । ଏହାଠାରୁ ଆଉ ଅଧିକ କଣ ସର୍ବୋଚ୍ଚ ଉପଲବ୍ଧତା ଥାଇପାରେ ? ଶ୍ରୀ ବିଦ୍ୟାବାଚସ୍ପତିଜୀଙ୍କ ମତାନୁସାରେ ଭଗବଦ୍ ଗୀତା ହେଉଛି (୧)ନିଷ୍କର୍ମ୍ୟ କର୍ମରେ ସମତା ବା ବୁଦ୍ଧିର ବୈରାଗ୍ୟ (୨) ଜ୍ଞାନ (୩) ଐଶ୍ୱର୍ଯ୍ୟ (୪) ଧର୍ମ : ଏହି ଚାରି ସାତ୍ତ୍ୱିକ ସ୍ୱରୂପର ସାକ୍ଷାତ୍କାର ନିମିତ୍ତ ମାର୍ଗ ପ୍ରଦର୍ଶକ । ମଧ୍ୟମ ଷଟ୍କର ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ଜ୍ଞାନ ସ୍ୱରୂପର ନିରୂପଣ କରାଯାଇଛି ଯାହାକୁ "ସିଦ୍ଧବିଦ୍ୟା" ବୋଲି ମଧ ଉଲ୍ଲେଖ କରାଯାଇଛି । ନବମ ଅଧ୍ୟାୟଠାରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଭଗବାନଙ୍କ ଐଶ୍ୱର୍ଯ୍ୟକୁ ନିରୂପଣ କରାଯାଇଛି, ଯାହା ଭକ୍ତିଯୋଗ ମାର୍ଗକୁ ନିର୍ଦ୍ଦେଶ କରୁଛି । ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ଭଗବାନ କହିଥିବା ଜ୍ଞାନସ୍ୱରୂପ ତତ୍ତ୍ୱକୁ ସବୁ ମାର୍ଗର ଯୋଗ ସାଧକ ଉତ୍ତମ ଭାବରେ ବୁଝିବା ଉଚିତ । ଜ୍ଞାନ ଯୋଗ ବିନା ଜ୍ଞେୟର ପୂର୍ଣ୍ଣତା ଆସି ନ ଥାଏ । ଷଷ୍ଠ ଅଧ୍ୟାୟର ଅନ୍ତିମ ପଦରେ ଭଗବାନ କହିଛନ୍ତି କି, ଯିଏ ଅନ୍ତରାତ୍ମାକୁ ମୋରିଠାରେ ନିବେଶିତ କରି ଶ୍ରଦ୍ଧା ପୂର୍ବକ ମୋର ଭଜନ କରିଥାଏ, ତାହାକୁ ସମସ୍ତ ପ୍ରକାର ଯୋଗୀଙ୍କ ମଧ୍ୟରେ ଶ୍ରେଷ୍ଠ ମାନି ନିଆଯାଏ । ଯଦିଓ ଅର୍ଜୁନ ଭଗବାନଙ୍କୁ ପଚାରି ନାହାନ୍ତି, କିନ୍ତୁ ତାଙ୍କରି ମନରେ ସନ୍ଦେହ ଉପୁଜିଛି କି, ଆବଦ୍ଧ ହୋଇ ରହିଥିବା ଜୀବାତ୍ମା କିଭଳି ଭାବରେ ଅସୀମ ଅନନ୍ତ କୋଟି ବ୍ରହ୍ମାଣ୍ଡକୁ ଧାରଣ କରିଥିବା ଭଗବାନଙ୍କ ସ୍ୱରୂପରେ ସୀମିତ ମନ ଓ ବୁଦ୍ଧିକୁ ନିବେଶ କରି ନିତ୍ୟଯୁକ୍ତ ହୋଇ ରହିପାରିବ ? ପରମାତ୍ମାଙ୍କର ସମଗ୍ର ସ୍ୱରୂପ କଣ ? ଏହାକୁ ଜାଣିବା ଜୀବାତ୍ମା ପକ୍ଷରେ କିପରି ସମ୍ଭବ ? କିନ୍ତୁ ଅର୍ଜୁନ ପ୍ରଶ୍ନ ନ କରିବାର ଦେଖି, ପରମ କାରୁଣିକ ଭଗବାନ ଶ୍ରୀକୃଷ୍ଣ ନିଜ ପକ୍ଷରୁ ନିଜ ସ୍ୱରୂପ ସମ୍ବନ୍ଧରେ ଏହି ଷଟ୍କର ଆରମ୍ଭରେ ଜ୍ଞାନ, ବିଜ୍ଞାନ ସହିତ ଅର୍ଜୁନଙ୍କୁ ସାବଧାନତାର ସହିତ ଶୁଣିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଜ ବିଭୂତି, ବଳ, ଐଶ୍ୱର୍ଯ୍ୟ ଓ ପ୍ରଭାବର ତତ୍ତ୍ୱଜ୍ଞାନ ସମ୍ବନ୍ଧରେ ଅର୍ଜୁନଙ୍କୁ ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ କରିବାପାଇଁ ବିସ୍ତାର ରୂପେ ବର୍ଣ୍ଣନ, ବିଶ୍ୱରୂପ

ଦର୍ଶନ ଏହି ଷଟ୍କର ଅନ୍ତର୍ଗତ ହୋଇଛି । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ମତ ଅନୁସାରେ ଭଗବାନଙ୍କର "ସମଗ୍ର ସ୍ୱରୂପ"ର ଅର୍ଥ - ଏଥିରେ ସାକାର-ସଗୁଣ ଜୀବ, ପ୍ରକୃତି, ରୂପ, ଶରୀର ଆଦି ଯାହା ଦୃଶ୍ୟବାନ୍ ଏବଂ ନିର୍ଗୁଣ ନିରାକାର ଅବ୍ୟକ୍ତ ଯୋଗମାୟା ଶକ୍ତିର ପ୍ରଭାବ, ଅବତାର କାଳୀନ ଲୀଳା ପ୍ରଭୃତି ଅନ୍ତର୍ଭୁକ୍ତ । ଶ୍ରୀ ପୁରୁଷୋତ୍ତମଜୀ ଗୋସ୍ୱାମୀ "ସମଗ୍ର" ଶବ୍ଦର ଅର୍ଥକୁ ସର୍ବ ରସଯୁକ୍ତ ବୋଲି କହିଛନ୍ତି । ତାହାର ତାତ୍ପର୍ଯ୍ୟ ହେଲା, ଭକ୍ତି ଭାବ ଦୁଇ ପ୍ରକାର ହୋଇଥାଏ । ଗୋଟିଏ କେବଳ ଭଗବାନଙ୍କ ଭଜନ ଆଉ ଅନ୍ୟଟି ହେଲା;- ସବୁ ରସ ଅର୍ଥାତ୍ ଶୃଙ୍ଗାର, ମାଧୁର୍ଯ୍ୟ, ଆଦି ରସର ସମ୍ମିଳିତ ଭଗବତ୍ ଭଜନ । ଉପାସ୍ୟ ଏବଂ ଉପାସକ କିପରି ଭାବରେ ନିତ୍ୟଯୁକ୍ତ ହୋଇ ରହିଥାନ୍ତି ଏବଂ ଭକ୍ତି ଭାବର ପରାକାଷ୍ଠା ଏହି ଷଟ୍କର ସାରତତ୍ତ୍ୱ । ଷଷ୍ଠ ଅଧ୍ୟାୟଠାରୁ ଦ୍ୱାଦଶ ଅଧ୍ୟାୟ, ଭକ୍ତିମାର୍ଗ ପ୍ରଦର୍ଶକ ଭାବରେ ଭଗବତ୍ ଗୀତାର ସାର ଅଟେ । ସପ୍ତମ-ଅଷ୍ଟମ ଅଧ୍ୟାୟରେ ଭଗବାନଙ୍କ ସମଗ୍ର ସ୍ୱରୂପର ଯେଉଁ ସବୁ ବର୍ଣ୍ଣନା ରହିଛି, ତାହାକୁ ଜଣେ ନିଜର ପାଣ୍ଡିତ୍ୟ ବା ବିଦ୍ବତ୍ତା କିମ୍ବା ନିଜର ଦାର୍ଶନିକ ଚିନ୍ତାଧାରାର ସହାୟତାରେ ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିବା କଷ୍ଟସାଧ୍ୟ । ତତ୍ତ୍ୱଦର୍ଶୀ ଏବଂ ଉପଯୁକ୍ତ ଗୁରୁ ହିଁ କେବଳ ଜୀବନ ପ୍ରୟୋଗ ଧାରାରେ ଏହାକୁ ବୁଝାଇବାକୁ ସକ୍ଷମ ହୁଅନ୍ତି । ଭାଗ୍ୟବାନ ବ୍ୟକ୍ତି ହିଁ କେବଳ ଗୀତାର ଏହି ଭକ୍ତିତତ୍ତ୍ୱକୁ କୌଣସି ସାଧୁ, ସନ୍ଥ କିମ୍ବା ପ୍ରତିଷ୍ଠିତ ତତ୍ତ୍ୱଦର୍ଶୀ ଆଚାର୍ଯ୍ୟଙ୍କ ଠାରୁ ସତ୍-ସଙ୍ଗ ମାଧ୍ୟମରେ ପ୍ରାପ୍ତ ହେବାର ସୁଯୋଗ ଲାଭ କରିଥାଏ । ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତିଭାବ ଜାଗ୍ରତ ହେଲେ ହିଁ ଜଣେ ଭଗବାନଙ୍କ ସମଗ୍ର ସ୍ୱରୂପ ତତ୍ତ୍ୱକୁ ଅନୁଭବ କରିବାକୁ ସକ୍ଷମ ହୋଇପାରିବ । ବେଦ, ଶାସ୍ତ୍ର ଆଦି ଅଧ୍ୟୟନ କରି ଏହା ଜାଣିବାର ବସ୍ତୁ ନୁହେଁ । ସତ୍-ସଙ୍ଗ, ସାଧୁ, ସନ୍ଥଙ୍କ ଆଶୀର୍ବାଦରେ ଭଗବାନଙ୍କ ମାନବ ରୂପରେ ଦିବ୍ୟଲୀଳା, କର୍ମ, ଆକାର ଓ ନାମର ମହତ୍ତ୍ୱ ବୁଝିପାରିଲେ ମନରୁ ଅନେକ ସଂଶୟ ଦୂର ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଏକ ବିଲକ୍ଷଣ ପ୍ରେମ ଓ ରୁଚି ଜାତ ହୁଏ । ପୂର୍ଣ୍ଣ ପ୍ରେମଭାବରେ ତାଙ୍କରି ଲୀଳା ଶ୍ରବଣ, ନାମ କୀର୍ତ୍ତନ, ସ୍ୱରୂପର ଧ୍ୟାନରେ ମଜ୍ଜିଗଲେ, ଜୀବନର ସର୍ବୋଚ୍ଚ ସିଦ୍ଧିପ୍ରାପ୍ତିର ମାର୍ଗ ଉନ୍ମୋଚନ ହୁଏ । ଅନ୍ତକାଳରେ ଜୀବ ପରମପାଦକୁ ପ୍ରାପ୍ତହୋଇ ମୋକ୍ଷ ଲାଭକରେ । ପୂଜ୍ୟ ସ୍ୱାମୀ ଶିବାନନ୍ଦଙ୍କ ଉକ୍ତି ହେଲା "ବ୍ରହ୍ମଜ୍ଞାନ ପ୍ରାପ୍ତ ନିମନ୍ତେ ଗୁରୁକୃପା ହିଁ କେବଳ ଏକ ମାତ୍ର ପ୍ରେରଣା"। ଜୀବନମୁକ୍ତ, ତତ୍ତ୍ୱଦର୍ଶୀ ପୂଜ୍ୟ ଚିଦାନନ୍ଦ ସରସ୍ୱତୀଙ୍କ ରଚିତ "ମନନୀୟ ସତ୍ୟାବଳୀ (odiya translation of 'ponder these truths') ପୁସ୍ତକଟିରେ ସ୍ୱାମିଜୀ ବ୍ୟବାହାରିକ କ୍ଷେତ୍ରରେ ସମସ୍ତ ପ୍ରତିକୂଳ, ଅଭାବନୀୟ ପରିସ୍ଥିତିର ଅନୁଭୂତିକୁ ନେଇ ଶାସ୍ତ୍ର, ଉପନିଷଦ, ଗୁରୁ ବାକ୍ୟକୁ ସାମନାରେ ରଖି କିପରି ଜୀବନର ପରମ ଲକ୍ଷ୍ୟରେ ପହଞ୍ଚି ପାରିବ, ତାହା ଅତି ସରଳ ରୂପରେ ବୁଝାଇଛନ୍ତି । ଉକ୍ତ ପୁସ୍ତକଟିର 'ଅର୍ଜୁନଙ୍କ ସ୍ଥିତି' ଓ 'ଶରଣାଗତି' ନାମରେ ଦୁଇଟି ଅଧ୍ୟାୟର ଗୀତାଜ୍ଞାନ ସମ୍ବନ୍ଧୀୟ କେତେକ ହୃଦୟସ୍ପର୍ଶୀ ତତ୍ତ୍ୱ ସାଧକ ତଥା ଭଗବଦ୍ ପ୍ରେମୀଙ୍କ ପ୍ରତ୍ୟକ୍ଷ ସତ୍-ସଙ୍ଗ ନିମନ୍ତେ ଉପସ୍ଥାପନ କରିବା ଉଚିତ ମନେ ହେଉଛି ।

**'ଅର୍ଜୁନଙ୍କ ସ୍ଥିତି' ପୂଜ୍ୟ ସ୍ୱାମୀ ଚିଦାନନ୍ଦ କହୁଛନ୍ତି :**

ମନୁଷ୍ୟ ଜୀବନରେ ଅଭାବ ଅସୁବିଧା ଆସିବା ହେଉଛି ଏକ ନିତିଦିନିଆ କଥା – ଏକ ନିଶ୍ଚିତ ନିୟମ । ସୁତରାଂ ଯେଉଁ ବ୍ୟକ୍ତି ଏକ ସିଦ୍ଧାନ୍ତ ଗ୍ରହଣ କରି ନେଇଛନ୍ତି, କି ପ୍ରକାର ଜୀବନ ଗ୍ରହଣ କରିବେ, ତାହା ବାଛି ନେଇଛନ୍ତି, ସେ ଅଭାବ, ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହେବାକୁ, ସେ ସବୁ ସହିଯିବାକୁ ତଥା ଉପଯୁକ୍ତ ବ୍ୟବସ୍ଥାକରି ହୁଏ ତ ସେସବୁକୁ ଅତିକ୍ରମ କରିଯିବାକୁ କିମ୍ବା ସେସବୁ ଦ୍ୱାରା ପରାଜିତ ହୋଇ ମଧ୍ୟ ପୂର୍ଣ୍ଣ ପରାଜୟ ସ୍ୱୀକାର ନ କରି କୌଣସି ପ୍ରକାରେ ଠେଲିପେଲି ଚାଲିବାକୁ, ଆଗକୁ ଚାଲିବାକୁ ପ୍ରସ୍ତୁତ ରହିବା ଉଚିତ । କୌରବମାନଙ୍କ ବିରୁଦ୍ଧରେ ଲଢିବାକୁ, ଯୁଦ୍ଧ ଘୋଷଣା କରିବାକୁ ନିଜେ ପାଣ୍ଡବମାନେ ହିଁ ସ୍ଥିର କଲେ, କୃଷ୍ଣ ସେମାନଙ୍କୁ ବାଧ୍ୟ କରି ନ ଥିଲେ । ସେମାନେ ଚାହିଁଥିଲେ ପୁଣିଥରେ ବନବାସ କରିବାକୁ ଫେରିଯାଇ ପାରିଥାନ୍ତେ । କିନ୍ତୁ ସିଦ୍ଧାନ୍ତ କରିନେବା ପରେ, ସ୍ୱେଚ୍ଛାରେ ଯୁଦ୍ଧରେ ପଶିବା ପରେ, ଆଶା କରା ଯାଇଥିଲା ଯେ, ଯାହା କିଛି ଆସିବ, ତାର ସମ୍ମୁଖୀନ ହେବାକୁ ଅର୍ଜୁନ ପ୍ରସ୍ତୁତ ଅଛନ୍ତି, କାରଣ ଯୁଦ୍ଧକୁ ବାଛିନେବା ଅର୍ଥ ଯୁଦ୍ଧର ଏସବୁ ଅବିଚ୍ଛେଦ୍ୟ ଅଙ୍ଗକୁ ବି ଗ୍ରହଣ କରିବା । "ଘଟଣା ଏପରି ହେବ 'ମୁଁ' ଜାଣି ନ ଥିଲି । ମୁଁ ଜାଣିନଥିଲି ଯେ, ମୋ ମାମୁଁ-ମଉସାମାନେ ବି ମତେ ମାରିବାକୁ ଚାହିଁଥିବେ, 'ମୁଁ' ଜାଣି ନ ଥିଲି ଯେ ମୋ ଭାଇ ଓ ପୁତୁରାମାନେ ବି ଶତ୍ରୁସେନା ଭିତରେ ଥିବେ ।" - ଏପରି କହିବାର କି ବା ଅର୍ଥ ! ଅପ୍ରତ୍ୟାଶିତ ବୋଲି କିଛି ନାହିଁ । ସବୁ କିଛି ଘଟି ଯାଇପାରେ ବୋଲି ଜାଣିରଖିବା ଉଚିତ, କାରଣ ଭବିଷ୍ୟତ ସର୍ବଦା ଅଜ୍ଞାତ । ତେଣୁ ମଣିଷ ସାହସ କରି କୌଣସି ବିପଦରେ ପଶିଲା ଅର୍ଥ, 'ଏପରି' ହିଁ ଘଟିବ ବୋଲି ନିଶ୍ଚିତ ହୋଇଯିବା ବିଜ୍ଞତାର ପରିଚୟ ନୁହେଁ । ଏପରି ଭାବିବା ଅବିବେକତା । ଏଥିରୁ ବାଳକ ସୁଲଭ ମତିଗତିର ହିଁ ପରିଚୟ ମିଳେ; କାରଣ ଥରେ କିଛି ଗୋଟିଏ ବାଛି ସାରିବା ପରେ, ଭଲ ହେଉ କି ମନ୍ଦ ହେଉ, ତାହା ଗ୍ରହଣ କରିବାକୁ ହିଁ ପଡିବ । 'ଏପରି ହେବ ବୋଲି ମୁଁ ଜାଣି ନ ଥିଲି' ବୋଲି କହିବା ବାଲ୍ୟ ଅପରିପକ୍ୱତା ମାତ୍ର । ଅର୍ଜୁନ ଏହିପରି ଶିଶୁ ସୁଲଭତା ପ୍ରଦର୍ଶନ କଲେ । ଏହି କାରଣରୁ ହିଁ ଅର୍ଜୁନଙ୍କ ଦୈହିକ, ମାନସିକ ଓ ସ୍ୱାସ୍ଥ୍ୟଗତ ଦୁରାବସ୍ଥା ସତ୍ତ୍ୱେ ଭଗବାନ କୃଷ୍ଣ ତାଙ୍କୁ ହସ ହସ ହୋଇ ବୁଝାଇ ବସିଲେ । ଭଗବାନ କହିଲେ "ଏହା ମୂଢତା, ଶିଶୁ ସୁଲଭତା"- କାରଣ ମଣିଷ ଯୁଦ୍ଧ କ୍ଷେତ୍ରରେ ପଶିଯିବା ପରେ ଅପ୍ରତ୍ୟାଶିତ ବୋଲି କିଛି ରହେ ନାହିଁ । 'କି ଆଶ୍ଚର୍ଯ୍ୟର କଥା ! ହଠାତ୍ ଏପରି ଘଟିଯିବା !' ବୋଲି କିଛି ରହେ ନାହିଁ । ଯାହା କିଛି ଘଟିଯିବ, ସବୁ ସେହି ସମୟର ଆହ୍ୱାନର ପଣ ହୋଇଯାଏ । ତେଣୁ ଭଗବାନ କୃଷ୍ଣ ଅର୍ଜୁନଙ୍କ ମନୋଭାବ ପ୍ରତି ସମବେଦନା ଜଣାଇଲେ ନାହିଁ । ବରଂ ଭଗବାନ କହିଲେ, "ଦୁଃଖ ଦୁର୍ବିପାକ, ଯାତନା, ଯନ୍ତ୍ରଣା ହେଉଛି ଜୀବନର, ଏହି ସଂଗ୍ରାମର ଗୋଟିଏ ଗୋଟିଏ ଅଙ୍ଗ । 'ତାନ୍ ତିତିକ୍ଷସ୍ୱ ଭାରତ' – ହେ ଅର୍ଜୁନ! ସହିଯାଅ, ସହିଯାଅ, ମନକୁ ଦୃଢକର, ଏଠାରେ ହୃଦୟ ଦୌର୍ବଲ୍ୟ ଚଳିବ ନାହିଁ । ତୁମେ ଏ ଯେଉଁ ପଥରେ ପାଦ ଦେଇଛ, ଏ ଯେଉଁ କ୍ଷେତ୍ରରେ ପ୍ରବେଶ କରିଛ, ଏଠାରେ ମାରିବାକୁ ପଡିବ ନଚେତ୍ ମରିବାକୁ ପଡିବ; ଏ କ୍ଷେତ୍ର ହେଉଛି 'କର କିମ୍ବା ମର'ର କ୍ଷେତ୍ର । ଏଠାରେ ଶକ୍ତି, ସାହସ, ଧୈର୍ଯ୍ୟ ଓ

ଶୂରବିରତା ଭିନ୍ନ ଅନ୍ୟ କୌଣସି ବୃତ୍ତିର ସ୍ଥାନ ନାହିଁ ।" ଏବଂ ଏତେ ପ୍ରକାର ବର୍ଣ୍ଣନା କରି ଭଗବାନ ଏସବୁ ଯାହା କହିଛନ୍ତି, ଏହାଦ୍ୱାରା ଜାଣନ୍ତୁ, ଆମକୁ ବି ସୂଚନା ଦେଇ ଦେଇଛନ୍ତି – ଆମେ ଯେଉଁମାନେ କି, ସ୍ୱ-ଇଚ୍ଛାରେ ଏହି ନିର୍ଦ୍ଦିଷ୍ଟ ଜୀବନଧାରା ଗ୍ରହଣ କରିବାକୁ ବାଛି ନେଇଛୁ, ସେହି ଯୋଗୀ, ଜିଜ୍ଞାସୁ ଓ ସାଧକମାନେ କିପରି ମନୋବୃତ୍ତି ରଖିବା ଉଚିତ ଓ ଆବଶ୍ୟକ, ସେହି ବିଷୟରେ ସୂଚନା ଦେଇ ଯାଇଛନ୍ତି । କଥାରେ ଅଛି, 'ଯଦି ଗୋଲାପ ଚାହୁଁଛ, ତେବେ କଣ୍ଟାଫୋଡା ସହିବାକୁ ପଡିବ । ତେଣୁ ଗୀତା ସ୍ଥିତିକୁ ବିଚାର କଲେ ସ୍ୱଷ୍ଟ ସୁନ୍ଦର ସୂଚନା ମିଳିଯାଏ ଯେ, ଆମକୁ ଆମ କଥା ମଧ୍ୟ ଟିକିଏ ବିଚାର କରିବାକୁ ପଡିବ । କାରଣ ଗୀତାରେ ଆମେ ଦେଖୁଛୁ, ଆଗ ପଛ ବିଚାର କରି, ଭଲ ମନ୍ଦ ହିସାବକୁ ନେଇ, ଅର୍ଜୁନ ଗୋଟିଏ କାର୍ଯ୍ୟପନ୍ଥା ଅବଲମ୍ବନ କରିବେ ବୋଲି ସ୍ୱତଃ ପ୍ରଣୋଦିତ ହୋଇ, ଦୃଢ ନିଶ୍ଚୟ କରି, କର୍ମ କ୍ଷେତ୍ରରେ ପାଦ ଦେବାପରେ, ଆଉ ସେହି କାର୍ଯ୍ୟପନ୍ଥା ଗ୍ରହଣ କରିବେ ନାହିଁ ବୋଲି କହି ସେଥିରୁ ହଟି ପଳାଇଯିବାର ମନୋବୃତ୍ତି ପ୍ରକାଶ କରୁଛନ୍ତି । ଏହା ହିଁ ଗୀତା-ସ୍ଥିତି, ତା'ହେଲେ ଆମ ଜୀବନରେ ଥରେ ଅଧେ ନୁହେଁ, ଆମେ ଯେ, ଆମ ଜୀବନରେ କେତେଥର ଏହି ପରିସ୍ଥିତି ସୃଷ୍ଟି କରୁଛୁ, ତାହାର ହିସାବ ନାହିଁ । ଯଦି ଉଦ୍ଦେଶ୍ୟର ସତ୍ୟତା, ଅକପଟ ଆନ୍ତରିକତା ଏବଂ ଗ୍ରହଣ କରିନେଇଥିବା ମାର୍ଗ ପ୍ରତି ଏକନିଷ୍ଠତା – ଏହି ତିନୋଟି ମଧ୍ୟରୁ କୌଣସି ଗୋଟିକର ଅଭାବ ରହିଯାଇଛି, ତା'ହେଲେ ଜାଣନ୍ତୁ, ସମସ୍ୟା ଆରମ୍ଭ ହୋଇଗଲା । ଆମେ ଯାଇ ଅର୍ଜୁନଙ୍କ ସ୍ଥିତିରେ , ଅର୍ଜୁନଙ୍କ ସଙ୍କଟାବସ୍ଥାରେ ପଡିଯାଉ ଏବଂ ଏହି ଉଭୟ ସଙ୍କଟାବସ୍ଥାରୁ ଉଦ୍ଧାର କରିବା ପାଇଁ ଗୀତା ଆସି ପହଞ୍ଚି ଯାଆନ୍ତି, ତାଙ୍କର ମହାନ୍ ଜ୍ଞାନାଲୋକ ନେଇ । ତେଣୁ ଆପଣଙ୍କ ହାତରେ ଯେ ଏକ ବିରାଟ ସମ୍ପଦ ଦିଆଯାଇଛି, ତାହା କଦାପି ଭୁଲିଯାଆନ୍ତୁ ନାହିଁ । ଗୀତାରେ ପୂର୍ଣ୍ଣ ହୋଇ ରହିଛି ମନସ୍ତାତ୍ତ୍ୱିକ ଉପଦେଶ, ପୂର୍ଣ୍ଣ ହୋଇ ରହିଛି ମାନସିକ ବ୍ୟାଧି-ନିରାକରଣର ଉପଦେଶ । ପୁଣି ଏଥିରେ ପୂର୍ଣ୍ଣ ହୋଇ ରହିଛି ପ୍ରେରଣା; ପୂର୍ଣ୍ଣ ହୋଇ ରହିଛି ଆପଣଙ୍କ ଅସହାୟ ସ୍ଥିତି ପ୍ରତି ଦରଦ ଓ ଉଦାର ଚେତନା ଏବଂ ପୂର୍ଣ୍ଣ ହୋଇ ରହିଛି ମହାନ୍ ଅଭୟ ବଚନ । ଗୀତା ଶକ୍ତି ସଂଚାର କରିଦିଏ, ପଥ ପରିଷ୍କାର କରିଦିଏ ଓ ଅଗ୍ରପଥରେ ଆଲୋକପାତ କରିଦିଏ । କାରଣ ସ୍ରଷ୍ଟାଙ୍କୁ ମାନୁଷୀ ସ୍ଥିତି କିଛି ଅଜଣା ନ ଥିଲା । ଗୀତା ପ୍ରଦାନ କରି ସତେ ଯେପରି ସେ କହି ଦେଇଛନ୍ତି "ମୁଁ ଜାଣେ, ମୁଁ ଜାଣେ, ମନୁଷ୍ୟ ଜୀବନର ସ୍ଥିତି ଯେ କଣ, ମୁଁ ତାହା ଜାଣେ, ସେଥିପାଇଁ, ତୁମେ ଅନୁସରଣ କରିବ ବୋଲି ତୁମର ଆବଶ୍ୟକୀୟ ସବୁକିଛି ଏଥିରେ ରଖିଦେଇଛି, ନିଅ ।" ସୁତରାଂ ଗୀତା ହେଉଛି ପରମାତ୍ମାଙ୍କ ଦ୍ୱାରା ଜୀବତ୍ମାକୁ ପ୍ରଦତ୍ତ ଏକ ଜୀବନ ସାର ସଂଗ୍ରହ ସଂକ୍ଷିପ୍ତ ଗ୍ରନ୍ଥ । ଏହି କାରଣରୁ ଆଦି ଶଙ୍କାରାଚାର୍ଯ୍ୟ କହିଛନ୍ତି, "ନିୟମିତରୂପେ, ପ୍ରତ୍ୟେକ ଦିନ ଟିକିଏ ଗୀତା ପଢ- ଅନ୍ତତଃ ଅର୍ଦ୍ଧଶ୍ଳୋକ ପଢ ।" କିନ୍ତୁ ଜୀବାତ୍ମାର ଏହି ଗୋଟିଏ ବଦ୍ ଲକ୍ଷଣ ରହିଛି ଯେ, ଏବଂ ସେଇଟି ହେଉଛି ତାର ଅସଲ ଲକ୍ଷଣ ଯେ, ସେ ଜ୍ଞାନ ଚୈତନ୍ୟକୁ ନିତାନ୍ତ ଅହିତକର ମାତ୍ରାରେ କେବଳ ନିଜର ବ୍ୟକ୍ତିତ୍ୱ ଉପରେ, ନିଜର 'ମୁଁ'ତ୍ୱ ଉପରେ ଢାଳିଚାଲିଛି । ଜାଣନ୍ତୁ, ଆମେ ନିଜକୁ 'ମୁଁ' ପାଖରେ ବିକ୍ରି କରିଦେଇଛୁ । ଆମର ସକଳ ପ୍ରବୃତ୍ତି, ସକଳ ଶୀଳତା କେବଳ 'ମୁଁ' କୁ ପୋଷଣ କରିବାରେ, 'ମୁଁ' କୁ

ଅନୁସରଣ କରିବାରେ, 'ମୁଁ'କୁ ଗୁରୁତ୍ୱ ଦେବାରେ, 'ମୁଁ' ଯାହା କରିବାକୁ ପ୍ରେରଣା ଦେଉଛି, ତାହାହିଁ କରିବାରେ ବ୍ୟୟିତ ହୋଇଯାଉଛି । ଆମେ ପୁରା 'ମୁଁ' ଆଡକୁ ଢଳିରହିଛୁ । ତା'ଫଳରେ 'ମୁଁ' ଛାଡିଦେବା କଥା ପଡିଲେ ଆମକୁ ଭୀଷଣ ବିରକ୍ତ ଲାଗୁଛି, କାରଣ 'ମୁଁ' ପରିତ୍ୟାଗ କରିବାରେ ଆମର ଏକ ଗଭୀର ମୌଳିକ ଅନିଚ୍ଛା ରହିଯାଇଛି । ତେଣୁ ବେଦାନ୍ତ କହେ, ଏହା ହେଉଛି ଜୀବର ସାରଭୂତ ଲକ୍ଷଣ । ଏହା ସାଥିକୁ ଆହୁରି ଗୋଟିଏ କଥା ରହିଛି ଯେ, ଆପଣ ଯେପରି ନିଜ ଆଖିକୁ ଦେଖିପାରନ୍ତି ନାହିଁ, ଠିକ୍ ସେହିପରି ନିଜ ଜୀବତ୍ୱକୁ ମଧ ଦେଖିପାରନ୍ତି ନାହିଁ । ଆଉ ଜୀବତ୍ୱ ହିଁ ଅସଲ ସମସ୍ୟା, ପ୍ରକୃତ ସମସ୍ୟା । ଆପଣ ତାକୁ ଦେଖିପାରନ୍ତି ନାହିଁ ; ଅଥଚ ସେ ଆପଣଙ୍କ ଉପରେ ସକଳ ପ୍ରଭାବ ବିସ୍ତାର କରି ରହିଛି; ଆପଣ ସମ୍ପୂର୍ଣ୍ଣ ଭାବରେ ତାର ଆୟତ୍ତାଧୀନ ହୋଇ ରହିଛନ୍ତି । ଏହା ହିଁ ସମସ୍ୟା; ଏହା ହିଁ ସଂସାର । ଆଖି ଖୋଲି ପ୍ରକୃତ ବସ୍ତୁକୁ ଦେଖିବା ଆପଣଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର । ଆପଣଙ୍କ ପକ୍ଷରେ ଆଖିଖୋଲି ଦେଖିବା ଅତ୍ୟନ୍ତ କଷ୍ଟକର ଯେ, ବାହାରେ ଏପରି ଏକ ବୃହତ୍ତର ଜ୍ଞାନ, ଏପରି ଏକ ବୃହତ୍ତର ବୁଦ୍ଧି, ଏପରି ଏକ ମହତ୍ତର ବିବେକଶୀଳତା ରହିଛି, କେବଳ ଯାହାକୁ ଅନୁସରଣ କଲେ, ଆପଣ ଅଜ୍ଞାନ ଅନ୍ଧକାରରୁ ବାହାରି ଆସି ପାରିବେ, କେବଳ ଯାହାରି ପାଖରେ ଆତ୍ମ ସମର୍ପଣ କରିଦେଲେ, ଆପଣ ନିଜକୁ ବନ୍ଧନମୁକ୍ତ କରି ଦେଇପାରିବେ । ଅର୍ଜୁନ ନିଜକୁ ନିଜ କବଳରୁ ମୁକ୍ତ କରିପାରୁ ନ ଥିଲେ । ସେ ନିଜର ସ୍ୱକୀୟ ଦୃଷ୍ଟିକୋଣ ହେତୁ ନିଜର ଅତିଶୟ କରୁଣା ରସରେ, ନିଜର ଭାବାବେଶରେ, ନିଜର ପ୍ରତିକ୍ରିୟା ମଧରେ ଆବଦ୍ଧ ହୋଇ ରହିଥିଲେ । ଆବଦ୍ଧ ହୋଇ ସେ ଏକ ଦୟନୀୟ ଅବସ୍ଥାରେ ପଡିଥିଲେ ଏବଂ ଅର୍ଜୁନଙ୍କୁ ତାଙ୍କ ନିଜ କବଳରୁ ଉଦ୍ଧାର କରିବା ନିମନ୍ତେ, ତାଙ୍କୁ ନିଜର ନିର୍ଭୁଲ ଦୃଷ୍ଟିକୋଣଦେଇ ଦେଖି ପାରିବାରେ ସମର୍ଥ କରାଇବା ନିମନ୍ତେ ତଥା ଶ୍ରୀକୃଷ୍ଣଙ୍କ ଉପଦେଶାନୁଯାୟୀ ଚଳିବାକୁ ତାଙ୍କୁ ସ୍ୱେଚ୍ଛାରେ ପୂର୍ଣ୍ଣ ପ୍ରସ୍ତୁତ କରାଇବା ନିମନ୍ତେ ଜଗଦଗୁରୁ ଶ୍ରୀକୃଷ୍ଣଙ୍କୁ ଅତ୍ୟନ୍ତ ଧୈର୍ଯ୍ୟର ସହିତ, ଯତ୍ନର ସହିତ ପଦକ୍ଷେପ ନେବାକୁ ପଡିଥିଲା । ତାପରେ ଯାଇ ସମସ୍ୟା ଧୀରେ ଧୀରେ ସ୍ୱତଃ ସମାହିତ ହେବାକୁ ଆରମ୍ଭ କରିଥିଲା । ଅର୍ଜୁନ ଦେଖିଲେ, ସେ ଏଥର ନିଜକୁ ମୁକ୍ତ କରିଦେବାକୁ ସମର୍ଥ ହେଲେଣି । କାହାଠାରୁ ମୁକ୍ତ କରିବାକୁ ? ନିଜକୁ ହିଁ ନିଜ କବଳରୁ ମୁକ୍ତ କରିବାକୁ । ଏବଂ ତାହା ହିଁ ଗୀତାର ଅନ୍ତର୍ନିହିତ ତତ୍ତ୍ୱ, ଗୀତା ଅଧ୍ୟୟନର ପରିଣତି, ଗୀତାର ଅବଦାନ – "ମୁଁ ନୁହେଁ; ମୁଁ ନୁହେଁ; ଆପଣ ହିଁ ସବୁ ।" କିନ୍ତୁ ଅର୍ଜୁନ ସହଜରେ ନିଜର ଟାଣ ଛାଡି ନ ଥିଲେ, ନିଜ ମତ ବଦଳାଇ ନ ଥିଲେ । ବଡ କଠିନ ସେ କାମ । ପରିଶେଷରେ ତାଙ୍କରି ଠାରେ ଯେଉଁ ଜ୍ଞାନ ଉଦୟ ହେଲା, ତାହା ହେବା ପୂର୍ବରୁ ସେ ଭଗବାନଙ୍କୁ ଷୋହଳ ଅଧ୍ୟାୟ ଉପଦେଶ ଦେବାକୁ ବାଧ କରାଇ ଦେଇଥିଲେ । ବିଶେଷତଃ ଦଶମ ଓ ଏକାଦଶ ଅଧ୍ୟାୟର ଉପଦେଶ ଶୁଣିବା ପରେ ହିଁ ତାଙ୍କ ଉପରୁ ଅଜ୍ଞାନର ପରଦା ହଟିବାକୁ ଆରମ୍ଭ କଲା; ସେ ଟିକିଏ ସ୍ପଷ୍ଟ ରୂପେ ଦେଖିବାକୁ ସମର୍ଥ ହୋଇଥିଲେ । ସୁତରାଂ ସାଧକମାନେ, ପାଠକମାନେ, ଆମେ ସମସ୍ତେ ଏହି ଦୁଇଟି ଅଧ୍ୟାୟ ଗଭୀର ଭାବେ ମନନ କରିବାକୁ ପଡିବ; କାରଣ ଆମ ସମସ୍ତଙ୍କ ଭିତରେ ଏହି ଅର୍ଜୁନ ସ୍ଥିତି କୌଣସି ନା କୌଣସି ରୂପରେ ରହିଯାଇଛି । ଉଚ୍ଚତର ଜ୍ଞାନ ଓ ମହତ୍ତର

ଆଲୋକର ଆଗମନ ନିମନ୍ତେ 'ମୁଁ'ତ୍ୱ ପରିତ୍ୟାଗ କରିଦେବାକୁ ଏ ଯେଉଁ ଅନିଚ୍ଛା, ଏହା ହିଁ ଜୀବତ୍ୱର ସଙ୍କଟଜନକ ସମସ୍ୟା । ନିଜର ଏହି ସ୍ଥିତି ସମ୍ବନ୍ଧରେ, ଏହି ସମସ୍ୟା ବିଷୟରେ ଅର୍ଜୁନ ଆରମ୍ଭରୁ ଅବିହିତ ନ ଥିଲେ । ସେ ନିଜକୁ ଅତ୍ୟନ୍ତ ବିଚାରବନ୍ତ, ଅତ୍ୟନ୍ତ ବିଜ୍ଞ ଓ ଅତ୍ୟନ୍ତ ଜ୍ଞାନୀ ବୋଲି ଏବଂ ଭଗବାନ କୃଷ୍ଣ ଭୁଲ୍ କହୁଛନ୍ତି ବୋଲି ପ୍ରମାଣ କରିବାକୁ ଚେଷ୍ଟିତ ଥିଲେ । ସେ ଅଭିଯୋଗ ବାଢିଥିଲେ ଯେ, ଭଗବାନ କୃଷ୍ଣ ତାଙ୍କୁ ଭ୍ରମରେ ପକାଇ ଦେଉଛନ୍ତି । ତାଙ୍କୁ ଏକ ଭୟଙ୍କର ମାର୍ଗରେ ନେଇଯିବାକୁ ବସିଛନ୍ତି, ତାଙ୍କୁ ନରକଗାମୀ କରିଦେବାକୁ ଭୁଲ୍ ବାଟରେ ନେଇ ଯାଉଛନ୍ତି । ନିଜର ଭ୍ରମ ବୁଝିପାରିବା ପରେ ଯାଇ ସେ କ୍ଷମା ପ୍ରାର୍ଥନା କରିଥିଲେ; "ପ୍ରଭୁ ! ମୁଁ କାହା ସହିତ କଥାଭାଷା କରୁଥିଲି, ଜାଣି ନ ଥିଲି । ମତେ କ୍ଷମା କରନ୍ତୁ ।" ନିଜ ପ୍ରତିଷ୍ଠାର ଚୂଡାନ୍ତ ସ୍ଥିତିରେ, ଶେଷ ମୁହୂର୍ତ୍ତରେ, ଭୂପୃଷ୍ଠରେ ନିଜର ଉଦ୍ଦେଶ୍ୟ ସାଧନାର ଚରମ ପରିପୂର୍ଣ୍ଣତା ଲାଭର ଭବ୍ୟସ୍ଥିତିରେ ଯୀଶୁ ମଧ୍ୟ ଏହିପରି ଏକ ଭୟଙ୍କର ଦ୍ୱନ୍ଦ୍ୱଗ୍ରସ୍ତ ରାତ୍ରି ଗୋଟିଏ ଉଦ୍ୟାନରେ କଟାଇଥିଲେ । ସେ ଏକ ଦ୍ୱିଧାରେ ପଡିଯାଇଥିଲେ "ମୁଁ କଣ ଏହିପରି ଭାବରେ ଆତ୍ମବଳି ଦେଇଦେବି ?" ହଁ, ବୋଲି କହିଦେବା, କି କଷ୍ଟକର ନୁହେଁ ସତେ ! ସେ ତୀବ୍ର ଯାତନା ବେଦନାରେ ବିଦଗ୍ଧ ହୋଇ ଯାଇଥିଲେ । ସେ ଅନ୍ତର୍ଦାହରେ ଦହି ହୋଇ ଯାଇଥିଲେ । ତାଙ୍କର ପ୍ରତ୍ୟେକ ଲୋମକୂପରୁ ଝରି ପଡିଥିଲା ବିନ୍ଦୁ ବିନ୍ଦୁ ସ୍ୱେଦ ନୁହେଁ, ଝରି ପଡିଥିଲା ବିନ୍ଦୁ ବିନ୍ଦୁ ରକ୍ତ । ସେ କଳ୍ପନାତୀତ ଯନ୍ତ୍ରଣାରେ ବିଦଗ୍ଧ ହୋଇ ଯାଇଥିଲେ, କାରଣ ତାଙ୍କ ଭିତରେ ସଂଗ୍ରାମ କରି ଚାଲିଥିଲା 'ମୁଁ' । ପରାଜୟ ସ୍ୱୀକାର କରିବାକୁ, ନିଜର ଆଧିପତ୍ୟ ତ୍ୟାଗ କରିବାକୁ ସେହି 'ମୁଁ' ତତ୍ତ୍ୱ ଆଦୌ ପ୍ରସ୍ତୁତ ନ ଥିଲା । ସେ କହିଥିଲେ- " ହେ ପରମପିତା, ଯଦି ସମ୍ଭବ ହୁଏ, ମତେ ଏ ଶୋଷଣରୁ ରକ୍ଷା କର ।" ସେ ପରମାତ୍ମାଙ୍କୁ ନିବେଦନ ଜଣାଇଥିଲେ । ପରିଶେଷରେ ସେ ଯେତେବେଳେ ଜଣାଇ ଦେଇଥିଲେ, "ପରନ୍ତୁ, ମୋ ଇଚ୍ଛା ନୁହେଁ ପ୍ରଭୁ ! ତୁମରି ଇଚ୍ଛା ହିଁ ପୂର୍ଣ୍ଣ ହେଉ !"- ସେତେବେଳେ ଯାଇ ଯନ୍ତ୍ରଣାର ସମାପ୍ତି ଘଟିଥିଲା ଏବଂ ଆସିଥିଲା ଏକ ଶାନ୍ତି ଓ ତା' ସାଥିରେ ମିଳିଯାଇଥିଲା ଅନ୍ତର୍ବଳ ସବୁକିଛିର ସମ୍ମୁଖୀନ ହେବାଲାଗି । ଏକ ଦୃଢ ପ୍ରତିଜ୍ଞା ନେଇ ବୋଧିଦ୍ରୁମ ତଳେ ବସିଛନ୍ତି ବୁଦ୍ଧଦେବ, ମାଡିଆସିଲା ମାରର ଏକ ଶେଷ ଆକ୍ରମଣ । ଉଦ୍ୟାନର ସେହି ଅନ୍ତର୍ଦାହପରି ଏକ ଅନ୍ତର୍ଦାହରେ ବୁଦ୍ଧଦେବଙ୍କର ମୂଳଭିତ୍ତି ଦୋହଲି ଯାଇଥିଲା । ନିଜର ଦୂରଦୃଷ୍ଟି ବଳରେ, ଜ୍ଞାନ ନେତ୍ରବଳରେ ତାହାର ପରିଣାମ କଣ ହେବ, ତାହା ଜାଣିଯିବା ପରେ ହିଁ ବୁଦ୍ଧଦେବ ମାରର ପ୍ରତିରୋଧ କରିବାକୁ ଦୃଢପ୍ରତିଜ୍ଞ ହୋଇଗଲେ । ସେହି ଦୃଢ ମନୋବଳ ହିଁ ତାଙ୍କୁ ଆଣିଦେଲା ପରମ ଜ୍ଞାନ । ତେଣୁ ବିଶ୍ୱାତ୍ମାଙ୍କ ନିକଟରେ ନତମସ୍ତକ ହେବାକୁ ଜୀବାତ୍ମା କିପରି ଅନିଚ୍ଛୁକ, ଏଥିରୁ ତାହାର କିଛିଟା ସୂଚନା ମିଳି ଯାଏ । ଯଦି ଏପରି ଉନ୍ନତ ଆତ୍ମାମାନେ ମଧ୍ୟ ଏଭଳି ସ୍ଥିତିରେ ପଡିଯାଆନ୍ତି, ତେବେ ତୁମ-ଆମ ଅବସ୍ଥା ବା କଣ ନ ହେବ ! ତେଣୁ ଆମର ପ୍ରକୃତ ସ୍ଥିତି କଣ, ଆମେ କେଉଁ ସ୍ତରରେ ଅଛୁ, ତାହା ବିଜ୍ଞତାର ସହିତ, ନମ୍ରତାର ସହିତ ସ୍ୱୀକାର କରି, ଆମର ପ୍ରକୃତ ସମସ୍ୟା କଣ ଓ ତାର ସମାଧାନ ସୂତ୍ର କଣ, ତାହା ସ୍ଥିର କରିବାକୁ ପଡିବ । ଜୀବାତ୍ମାର ସ୍ଥିତି ଓ ସମସ୍ୟା ଯେ କ'ଣ, ଭଗବାନ କୃଷ୍ଣ ତାହା ମନୁଷ୍ୟ ସମାଜକୁ ପ୍ରାଞ୍ଜଳ

ଭାବରେ, ବୁଝାଇ ଦେଇଛନ୍ତି, ତେଣୁ ସେ ଆମର ପରମ ପୂଜ୍ୟ । ଆମେ ନିଜେ ନିଜକୁ କିପରି ନିଜ କବଳରୁ ଉଦ୍ଧାର କରିପାରିବା ଏବଂ ଶକ୍ତିଶାଳୀ ହୋଇ କିପରି ଭଗବତ୍ ଇଚ୍ଛାକୁ ପାଳନ କରି ପାରିବା, ସେ ବିଷୟରେ ମଧ୍ୟ ଭଗବାନ କୃଷ୍ଣ ଆମକୁ ସଦୟ ଉପଦେଶ ପ୍ରଦାନ କରିଛନ୍ତି । ତେଣୁ ଗୀତା ହେଉଛି ଆମ ପାଇଁ ଏକ ବ୍ୟକ୍ତିଗତ ଉପଦେଶ ବାଣୀ ସଦୃଶ । ଗୀତାର ଉପଦେଶ ଆମର ପ୍ରତ୍ୟକ୍ଷ ସମସ୍ୟାର ସମାଧାନ ଆଣିଦିଏ; ସକଳ ସାଧକ ଓ ଜିଜ୍ଞାସୁଙ୍କୁ ଗୀତା ବ୍ୟକ୍ତିଗତ ଭାବେ ସହାୟତା ପ୍ରଦାନ କରେ । ଆସନ୍ତୁ, ଗୀତାର ଉପଦେଶ ଉପରେ ଗଭୀର ମନନ କରିବା, ଗୀତାର ମହାନତାକୁ ଆଦରରେ ଗ୍ରହଣ କରିବା – ଗୀତା କେବେ ଅତୀତ କାଳର ନୁହେଁ, ଆଜି ବି, ଏହି ପ୍ରତ୍ୟେକଟି କ୍ଷଣରେ ବି ତାହା ଆପଣଙ୍କ ପାଇଁ ମୂଲ୍ୟବାନ ଉପଦେଶ । ତେଣୁ ଆସନ୍ତୁ, ବିଜ୍ଞ ହୋଇ ଗୀତାଦ୍ୱାରା ଅଶେଷ ଉପକୃତ ହେବା, ଅର୍ଜୁନଙ୍କ ଦ୍ୱାରା ଅଶେଷ ଉପକୃତ ହେବା ଏବଂ ତା ସଙ୍ଗେ ସଙ୍ଗେ ପରମ କାରୁଣିକ ଭଗବାନ କୃଷ୍ଣଙ୍କ ଉପଦେଶରୁ ଅପାର ଉପକାର ଲାଭ କରିବା । ନିଜକୁ ନିଜଠାରୁ ମୁକ୍ତକରି, ଭଗବାନଙ୍କ ଦୃଷ୍ଟିରେ ପ୍ରକୃତ ବିଜୟୀ ହୋଇ, ଭଗବାନଙ୍କର ମହାନ୍ ମଙ୍ଗଳ କାମନାକୁ ଧରି ପ୍ରସନ୍ନ ହେବା ନିମନ୍ତେ ଯାହା କିଛି ପ୍ରୟୋଜନ, ଗୁରୁଦେବଙ୍କ କୃପାରୁ ଆମକୁ ତାହା ମିଳୁ । ଭଗବାନ କହିଥିଲେ, "ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କରୁ – ହେ ଅର୍ଜୁନ ! ମୋ ଦ୍ୱାରା ପ୍ରଦତ୍ତ ଏହି ସମସ୍ତ ଜ୍ଞାନକୁ ଭଲଭାବରେ ମନନ କରି, ତୁମେ କଣ କରିବ, ତାହା ନିଶ୍ଚୟ କର ।" ଏବଂ ଅର୍ଜୁନ ଯଥାର୍ଥ ଉଚିତ ସିଦ୍ଧାନ୍ତ ନେଇଗଲେ, ସେ ଆନନ୍ଦ ଉପଭୋଗ କଲେ । ଆମ ସମସ୍ତଙ୍କ ମଧ୍ୟରେ ସେହି ସୁବୁଦ୍ଧି ଉଦୟ ହେଉ, ଆମ ଜୀବନ ବି ଆନନ୍ଦ ଉଲ୍ଲାସରେ ଭରିଉଠୁ । ଇଶ୍ୱର ଆପଣମାନଙ୍କର ମଙ୍ଗଳ କରନ୍ତୁ ।

**"ଶରଣାଗତି"ପୂଜ୍ୟ ସ୍ୱାମୀ ଚିଦାନନ୍ଦ ମହାରାଜା କହୁଛନ୍ତି :**

ଶରଣାଗତି : ଆପଣମାନେ ଯେତେବେଳେ ଶ୍ରୀମଦ୍ ଭଗବଦ୍ ଗୀତା ସମ୍ମୁଖକୁ ଯାଆନ୍ତି, ସେତେବେଳେ ଭାବନ୍ତୁ ନାହିଁ ଯେ' ଆପଣ ଖଣ୍ଡିଏ ଗ୍ରନ୍ଥ ସମ୍ମୁଖକୁ ଆସିଛନ୍ତି । ଯଥାର୍ଥରେ ଆପଣ ତ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ, ସାକ୍ଷାତ୍ ପରମାତ୍ମାଙ୍କ ନିକଟରେ ଉପନୀତ ହୋଇଛନ୍ତି । ଭଗବଦ୍ ଗୀତା ହେଉଛି ଜଣେ ଶିଷ୍ୟଙ୍କ ପ୍ରତି ଜଣେ ମହାନ୍ ଗୁରୁଙ୍କର ଉପଦେଶ ବାଣୀ । ଯୁଦ୍ଧର ପ୍ରାରମ୍ଭିକ ଅବସ୍ଥାରେ ହିଁ ସେ ଯୁଗର ଅଜେୟ ଯୋଦ୍ଧା ରୂପରେ ବିବେଚିତ ମହାବୀର ଅର୍ଜୁନ ନିଜର କର୍ତ୍ତବ୍ୟ ନିର୍ଣ୍ଣୟ କରି ନ ପାରି ସମ୍ପୂର୍ଣ୍ଣ ଦ୍ୱିଧାଗ୍ରସ୍ତ ହୋଇ ଶ୍ରୀ ଭଗବାନଙ୍କ ଶରଣାଗତ ହୋଇ ଯାଇଛନ୍ତି ଏବଂ କହିଛନ୍ତି : "ହେ ପ୍ରଭୁ ! 'ମୁଁ ଆପଣଙ୍କ ଜଣେ ଚରଣାଶ୍ରିତ ଶିଷ୍ୟ । ମୁଁ ଆପଣଙ୍କ ଶରଣାଗତ ହେଉଛି । ଦୟାକରି ମୋର କର୍ତ୍ତବ୍ୟ ନିର୍ଦ୍ଧାରଣ କରିଦିଅନ୍ତୁ । ' ମୁଁ ଆପଣଙ୍କ କଥା ଅବଶ୍ୟ ପାଳନ କରିବି । ଏହିପରି ନିବେଦନ କରିବା ସଙ୍ଗେ ସଙ୍ଗେ ବୋଧ କରିବାକୁ ପଡିବ ଯେ, ଭଗବାନ ଯେଉଁ ସବୁ ଉପଦେଶ ଦେଇଛନ୍ତି, ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧରେ, ବ୍ୟବହାରିକ ଜୀବନ ସମ୍ବନ୍ଧରେ, ଜୀବନର ମୂଲ୍ୟବୋଧ ସମ୍ବନ୍ଧରେ, ଆଚରଣ ଓ ଚରିତ୍ର ବିଭାଗ ସମ୍ବନ୍ଧରେ, ଜୀବନର ମହାନ୍ ଲକ୍ଷ୍ୟ ସମ୍ବନ୍ଧରେ ତଥା ଯୋଗ ଓ ବେଦାନ୍ତର ଆଦର୍ଶ ସମ୍ବନ୍ଧରେ ଯାହାକିଛି ଘୋଷଣା କରିଛନ୍ତି, ସେ ସବୁ

ହେଉଛି ମୂର୍ତ୍ତିମନ୍ତ ଭଗବାନ । ସେଥିରେ ଭଗବାନ ପ୍ରତିଫଳିତ ହୋଇଛନ୍ତି, ସେ ସବୁ ହେଉଛି ଭଗବାନଙ୍କର ଉପସ୍ଥିତିର ପ୍ରତୀକ । ସୁତରାଂ, ଆମେ ଭଗବାନଙ୍କ ସାମନାକୁ ଆସି ହେ ପ୍ରଭୁ ! "ମୁଁ ଆପଣଙ୍କ ଚରଣରେ ଶରଣ ପଶୁଛି । ଦୟାକରି ମୋତେ ପଥ ପ୍ରଦର୍ଶନ କରନ୍ତୁ"- ବୋଲି ନିବେଦନ କରିବାର ତାତ୍ପର୍ଯ୍ୟ ହେଉଛି କି, ଆମକୁ ଭଗବତ୍ ନିର୍ଦ୍ଦେଶିତ ଆଦର୍ଶ ଅନୁସରଣ କରିବାକୁ ପଡିବ । ପ୍ରଭୁଙ୍କ ଉପଦିଷ୍ଟ ଓ ଘୋଷିତ ନୀତି ତଥା ଜୀବନଯାପନର ସେହି ଶ୍ରେଷ୍ଠତମ ପନ୍ଥା ଅବଲମ୍ବନ କରିବାକୁ ପଡିବ । ଅର୍ଜୁନ ଯେପରି ପରିଶେଷରେ କହିଦେଲେ, ଆପଣଙ୍କୁ ସେହିପରି ପ୍ରତିଟି କ୍ଷେତ୍ରରେ କହିବାକୁ ପଡିବ 'କରିଷ୍ୟେ ବଚନଂ ତବ'- ମୁଁ ଆପଣଙ୍କ କଥା ମାନି ଚାଲିବି । ମୁଁ ଆପଣଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ କରିଦେଉଛି । ଆପଣ ଯାହା କହିବେ, ମୁଁ ତାହା କରିବି ।

ଓଁ ତତ୍ ସତ୍

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

ଅଥ ସପ୍ତମୋଧ୍ୟାୟ ( ସପ୍ତମ ଅଧ୍ୟାୟ )

(ଜ୍ଞାନ-ବିଜ୍ଞାନ ଯୋଗ )

ଶ୍ରୀ ଭଗବାନ ଉବାଚ

ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।

ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ॥ ୧ ॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ପାର୍ଥ ( ହେ ପୃଥା ନନ୍ଦନ ଅର୍ଜୁନ !) ମୟି ( ମୋରି ଠାରେ ) ଆସକ୍ତ ମନାଃ ( ମନକୁ ନିଯୁକ୍ତ କରି ନିବିଷ୍ଟ ଚିତ୍ତରେ ) ମତ୍-ଆଶ୍ରୟଃ ( ମୋର ଆଶ୍ରିତ ହୋଇ ) ଯୋଗଂ ଯୁଞ୍ଜନ୍ (ଯୋଗାଭ୍ୟାସ କରି ) ମାମ୍ (ମୋର) ସମଗ୍ରଂ ( ବିଭୂତି, ବଳ ଓ ଐଶ୍ୱର୍ଯ୍ୟ ସମେତ ସମ୍ପୂର୍ଣ୍ଣ ରୂପକୁ ) ଯଥା ( ଯେପରି ) ଅସଂଶୟଂ ( ସନ୍ଦେହ ଶୂନ୍ୟ ହୋଇ ) ଜ୍ଞାସ୍ୟସି ( ଜାଣିପାରିବ) ତତ୍-ଶୃଣୁ ( ତାହା ମୋରିଠାରୁ ଶ୍ରବଣ କର ) ।*

**ଭାବାର୍ଥ**: ଶ୍ରୀ ଭଗବାନ କହିଲେ, ହେ ପାର୍ଥ ! ନିବିଷ୍ଟ ଚିତ୍ତରେ ଅର୍ଥାତ୍ ଏକନିଷ୍ଠ ଭାବରେ ମୋରିଠାରେ ମନକୁ ଲଗାଇରଖି, ମୋର ଆଶ୍ରିତ ହୋଇ ଯୋଗ ସାଧନ କରିଲେ, କିଭଳି ଭାବରେ ମୋର ବିଭୂତି, ବଳ, ଐଶ୍ୱର୍ଯ୍ୟ ସମ୍ପନ୍ନ ସମଗ୍ର ସ୍ୱରୂପକୁ ଜାଣିବାକୁ ସକ୍ଷମ ହୋଇପାରିବ, ତାହା ମୋଠାରୁ ଶୁଣିନିଅ । 'ମୁଁ ତୁମ୍ଭକୁ ସେହି ସମ୍ପୂର୍ଣ୍ଣ ସ୍ୱରୂପ ସମ୍ବନ୍ଧୀୟ ଜ୍ଞାନ କହିବି, ଯାହା ଶୁଣି ମୋର ନିର୍ଗୁଣ-ସଗୁଣ, ନିରାକାର-ସାକାର ସମସ୍ତ ବ୍ରହ୍ମାଣ୍ଡ ତୁମକୁ ଈଶ୍ୱରମୟ ବୋଧ ହେବ । "ସମଗ୍ର" ଶବ୍ଦରେ ଭଗବାନଙ୍କ ସମସ୍ତ ତାତ୍ତ୍ୱିକ ସ୍ୱରୂପ ଅନ୍ତର୍ଭୁକ୍ତ, ଯେଉଁଥିରେ କିଞ୍ଚିତ୍ ମାତ୍ର ଅଂଶ ମଧ୍ୟ ବାଦ ପଡିବ ନାହିଁ । ମାଛ ଯେପରି ଜଳ ବିହୁନେ ବଞ୍ଚି ପାରି ନ ଥାଏ, ସେହି ସାଦୃଶ୍ୟ ଯେ, ମୋରି ସ୍ମରଣ ବିନା ମୁହୂର୍ତ୍ତେ ରହିପାରେ ନାହିଁ, ସେ' ହେଉଛି ମୋ ପ୍ରତି ଆସକ୍ତ ହୋଇ ରହିଥିବା ଭକ୍ତ । ସଂସାରର ସମସ୍ତ ଦୁଃଖ-ସୁଖ, ଘାତ-ପ୍ରତିଘାତ, ଅନୁକୂଳ-ପ୍ରତିକୂଳ ପରିସ୍ଥିତିର ରାଗ-ଦ୍ୱେଷ ପ୍ରଭାବରୁ ମୁକ୍ତ ହେଲେ, ଭଗବାନ କହିବା ଅନୁଯାୟୀ ଜଣେ ତାଙ୍କରିଠାରେ ନିତ୍ୟ ଯୁକ୍ତ ହୋଇ ରହିପାରିବ । ଭକ୍ତର ବିଶେଷ ଲକ୍ଷଣ ହେଲା, ସଂସାରର ସମସ୍ତ ହେବା-ନ'ହେବା, ଭଲ-ମନ୍ଦକୁ ଭଗବାନଙ୍କ ବିଧାନ ବୋଲି ଧରିନେଇ, ଚିନ୍ତାଶୂନ୍ୟ ଭାବରେ ପରମାତ୍ମାଙ୍କ ଶରଣାଗତ ହୋଇ ରହିବା । ଷଷ୍ଠ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ଭଗବାନ କହିଛନ୍ତି କି, ଅନ୍ତରାତ୍ମାକୁ ଲଗାଇ ଯେ ମୋତେ ପ୍ରେମ ଓ ଶ୍ରଦ୍ଧା ସହିତ ଭଜନ

କରେ, ସେ ଯୋଗୀଙ୍କ ମଧ୍ୟରେ ଉତ୍ତମ ଯୋଗୀ । କିନ୍ତୁ ଭଗବାନଙ୍କ ସ୍ୱରୂପ, ଗୁଣ, ପ୍ରଭାବକୁ ଯେଉଁ ପର୍ଯ୍ୟନ୍ତ ଜଣେ ବୁଝି ପାରିନାହିଁ, ଇହଲୋକ-ପରଲୋକର ସମସ୍ତ ଭୋଗରୁ ବିମୁଖ ହୋଇ ଏକମାତ୍ର ପରମ ପ୍ରେମାସ୍ପଦ ସର୍ବ ଐଶ୍ୱର୍ଯ୍ୟମୟ ପରମାତ୍ମାଙ୍କ ଉପରେ ନିରନ୍ତର ମନକୁ ନିବେଶ କରି ଭଜନ କରିବା କଷ୍ଟସାଧ୍ୟ । ସାଂସାରିକ ଜୀବନରେ ମନୁଷ୍ୟ ସାଧାରଣତଃ ସମସ୍ତ ବିପଦ ଆପଦ ପାଇଁ ଲୋକବଳ, ଧନବଳ, ବାହୁବଳ ଓ ନିଜର ମାନ-ପ୍ରତିଷ୍ଠା ବଳକୁ ଆଶ୍ରିତ ହୋଇ ରହିଥାଏ । ଭଗବାନ କହୁଛନ୍ତି, ମୋ ପ୍ରତି ଆସକ୍ତ ହୋଇ ରହିବାକୁ ହେଲେ, ସମସ୍ତ ପରିସ୍ଥିତିରେ ମୋତେ ହିଁ ପରମ ଆଶ୍ରୟଦାତା ମାନିବାକୁ ହେବ । ଅନନ୍ତକୋଟି ବ୍ରହ୍ମାଣ୍ଡ ମୋର ସ୍ୱରୂପ ଅଟେ । ବ୍ୟକ୍ତ-ଅବ୍ୟକ୍ତ, ଗତି-ସ୍ଥିତି, ସୃଷ୍ଟି-ବିଲୟ ସବୁ ମୋରି ଯୋଗମାୟା ଶକ୍ତିର ପ୍ରଭାବରେ ହୋଇଥାଏ । ଭଗବାନଙ୍କୁ ଆଶ୍ରିତ ହୋଇ ରହିବାର ଅର୍ଥ ଏହା ନୁହେଁ ଯେ' ଭୌତିକ ଇଚ୍ଛାର ପୂର୍ତ୍ତି ନିମିତ୍ତ ଭଗବାନଙ୍କୁ ଉପାସନା କରିବା । ଅନ୍ୟ ଅର୍ଥରେ ସଂସାର ଭୋଗପ୍ରତି ଆସକ୍ତିକୁ ତ୍ୟାଗ କଲେଯାଇ, ପରମାତ୍ମାଙ୍କ ଚିନ୍ତନ ହୋଇପାରିବ । ଭଗବାନଙ୍କ ସହିତ ଆତ୍ମୀୟତା ହୋଇଗଲେ, ଅନୁକ୍ଷଣ ପ୍ରସନ୍ନତା ରହିବା ସଙ୍ଗେ ସଙ୍ଗେ ହୃଦୟ ଭିତରେ ଏକ ଅଲୌକିକ, ବିଲକ୍ଷଣ ପ୍ରେମ ଜାଗ୍ରତ ହୁଏ । ତେଣିକି ସାଧକ ଆପେ ଆପେ ଯୁକ୍ତମନା ହୋଇ ଭଗବାନଙ୍କ ଆଶ୍ରିତ ହୋଇଯାଏ । ଯାହାର ମନ ସ୍ୱାଭାବିକ ଭାବରେ ଭଗବାନଙ୍କ ପ୍ରତି ଆକୃଷ୍ଟ, ସେ ଭଗବାନଙ୍କ ସମ୍ପୂର୍ଣ୍ଣ ଆଶ୍ରିତ ହୋଇଯାଇଛି । ଭଗବାନଙ୍କ ସହିତ ନିତ୍ୟ ସମ୍ବନ୍ଧକୁ ମନ-କାୟ-ବାକ୍ୟରେ ସ୍ୱୀକାର କରିନେଲେ ଭଗବାନଙ୍କ ସମଗ୍ର ସ୍ୱରୂପର ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ବୁଝିବା ପାଇଁ ସହଜ ହୁଏ ।

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।
ଯଜ୍ ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ ଜ୍ଞାତବ୍ୟମବଶିଷ୍ୟତେ ॥ ୨॥

*ଅନ୍ୱୟ: ଅହଂ ( ମୁଁ ) ତେ (ତୁମକୁ) ଇଦଂ (ଏହି) ଜ୍ଞାନଂ ( ଶାସ୍ତ୍ର ଜ୍ଞାନ, ଶବ୍ଦ ଜ୍ଞାନ ଆଦି ଯାହା ଜ୍ଞାନେନ୍ଦ୍ରିୟ ମାନଙ୍କ ଦ୍ୱାରା ଆହରଣ କରାଯାଇ ପାରିଥାଏ) ବିଜ୍ଞାନଂ ( ଅପରୋକ୍ଷ ଅନୁଭୂତି ଯାହା ଆତ୍ମ ସାକ୍ଷାତ୍କାରରେ ସ୍ୱୟଂ ପ୍ରକଟିତ ହୋଇଥାଏ) ଅଶେଷତଃ ( ପୂର୍ଣ୍ଣରୂପରେ- କୌଣସି ଅବଶେଷ ନ ରଖି) ବକ୍ଷ୍ୟାମି ( କହିବି) ଯତ୍ ଜ୍ଞାତ୍ୱା (ଯାହା ଜାଣିଗଲାପରେ ) ଇହ ( ଏହି ସର୍ବଶ୍ରେଷ୍ଠ ତତ୍ତ୍ୱ ସମ୍ବନ୍ଧରେ ) ଭୂୟଃ (ପୁନର୍ବାର) ଜ୍ଞାତବ୍ୟମ୍ (ଆଉକିଛି ଜାଣିବା ବିଷୟ) ନ ଅବଶିଷ୍ୟତେ ( ଅବଶିଷ୍ଟ ହୋଇ ରହିବ ନାହିଁ)*

**ଭାବାର୍ଥ** : ଭଗବାନ ଚତୁର୍ଥ ଅଧ୍ୟାୟରେ କହିଛନ୍ତି, କେବଳ ଭକ୍ତ ହିଁ ମୋର ଏହି ସମଗ୍ର ସ୍ୱରୂପର ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ପ୍ରାପ୍ତ ହୋଇପାରିବ । ସମଗ୍ର ବ୍ରହ୍ମାଣ୍ଡର ଯିଏ ଉତ୍ପତ୍ତି ସ୍ଥଳ, ଯାହାର ସ୍ୱରୂପ ସ୍ୱୟଂ ସମସ୍ତ ଜ୍ଞାନ-ବିଜ୍ଞାନର ସମାହାର, ସେ ହେଉଛନ୍ତି ସମସ୍ତ କାରଣର କାରଣ ଏବଂ ସମସ୍ତ ଯୋଗ ସାଧନର ଧ୍ୟେୟ ବସ୍ତୁ । ବୁଦ୍ଧିମାନ ମନୁଷ୍ୟ ସେହି ଦିବ୍ୟ ସ୍ୱରୂପର ଅନ୍ୱେଷଣରେ ଜ୍ଞାନ-ବିଜ୍ଞାନ ମାର୍ଗକୁ ଅନୁସରଣ କରିଥାଏ । ସମସ୍ତ କାରଣର କାରଣ ଅର୍ଥାତ୍ ପରମ କାରଣ ବୋଧ ହୋଇ ଗଲାପରେ ମନ, ବୁଦ୍ଧି ସ୍ତରରେ ରହିଥିବା ଜ୍ଞାନ ସ୍ୱ-ଅନୁଭବ ରୂପରେ ବିଜ୍ଞାନରେ ପରିଣତ ହୋଇଯାଏ । ସେହି ପୂର୍ଣ୍ଣ ଶୁଦ୍ଧ ପରମାତ୍ମା ସତ୍ତାର ଅନୁଭୂତି ହେଉଛି ବିଜ୍ଞାନ । ଏହାର ଅନୁଭବ ହେବା ପରେ, ଭଗବାନଙ୍କ ନିର୍ଗୁଣ-ନିରାକାର ଓ ସଗୁଣ-ସାକାର ସ୍ୱରୂପ

ସମ୍ବନ୍ଧରେ କୌଣସି ସଂଶୟ ରହି ନ ଥାଏ ଏବଂ ଆଉ ଅନ୍ୟ କିଛି ଜାଣିବାର ମଧ ପ୍ରୟୋଜନ ରହେନାହିଁ । ଭଗବାନ ଶ୍ରୀକୃଷ୍ଣ ଦିବ୍ୟଜ୍ଞାନର ତତ୍ତ୍ୱକୁ କେବଳ ଉପଦେଶ ଛଳରେ ଅର୍ଜୁନଙ୍କୁ କହିନାହାନ୍ତି, ବରଂ ତାହା ଯେପରି ଅର୍ଜୁନଙ୍କୁ ସର୍ବୋଚ୍ଚ ଆତ୍ମାନୁଭୂତି ସ୍ତରରେ ପହଞ୍ଚାଇ ପାରିବ, ତାହାର ପ୍ରୟାସ କରିଛନ୍ତି । ତେଣୁ ଅର୍ଜୁନଙ୍କୁ ସେ କହୁଥିବା ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଶୁଣି ନେବାକୁ ପ୍ରଥମରୁ ସାବଧାନ କରିଛନ୍ତି । ମହାନ୍ ଗୃହସ୍ଥ ସୌନକ ଯଥା ମାନ୍ୟତା ସହକାରେ ଋଷି ଅନ୍ନରସଙ୍କୁ ପଚାରିଥିଲେ;- ହେ ମହାନୁଭାଗ । "ତାହା କଣ -ଯାହାକୁ ଜାଣି ସାରିଲାପରେ ଆଉ ସବୁ କିଛିର ଜ୍ଞାନ ସ୍ୱତଃ ହୋଇଯାଇଥାଏ" । ଇନ୍ଦ୍ରିୟ, ମନ, ବୁଦ୍ଧି ଦ୍ୱାରା ଯାହା ଜ୍ଞାତ ହୋଇଥାଏ ତାହା ଜ୍ଞାନ । ନିତ୍ୟ ପରମାତ୍ମା ତତ୍ତ୍ୱର ସିଧା ସରଳ ଅନୁଭବ ହେଉଛି ବିଜ୍ଞାନ । ଜ୍ଞାନ ହେଉଛି ବହିସ୍ଥ ଏବଂ ପରୋକ୍ଷ, ବିଜ୍ଞାନ ହେଉଛି ଅନ୍ତସ୍ଥ ଏବଂ ଅପରୋକ୍ଷ । ଜ୍ଞାନ ପ୍ରାପ୍ତ ପାଇଁ ପ୍ରଯତ୍ନ କରିବାକୁ ହୁଏ । କିନ୍ତୁ ବିଜ୍ଞାନ ହେଉଛି ବେଦାନ୍ତ ପ୍ରକ୍ରିୟା ଯାହାଦ୍ୱାରା ଅନ୍ତଃକରଣରେ ଅହଂ ବିନଷ୍ଟ ହେଲେ ସ୍ୱୟଂ ଜ୍ଞାନ ସ୍ୱରୂପର ତତ୍ କ୍ଷଣାତ୍ ପ୍ରକାଶ ଘଟେ । ଜ୍ଞାନ-ବିଜ୍ଞାନର ଭେଦ ସାଧକ ଜାଣି ସାରିଲାପରେ, ବ୍ରହ୍ମ ସ୍ୱରୂପର ନିତ୍ୟତତ୍ତ୍ୱ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଜ୍ଞାନ ସ୍ୱତଃ ଉପଲବ୍ଧ ହୁଏ । ସେ ପରମାତ୍ମା ସାଦୃଶ୍ୟ ସର୍ବଜ୍ଞ ହୋଇଯାଆନ୍ତି । ଏହି କାରଣରୁ ଜ୍ଞାନ-ବିଜ୍ଞାନ ତତ୍ତ୍ୱ ବିଶେଷ ଫଳଦାୟକ ଏବଂ ଦୁର୍ଲଭ ମଧ । ଜ୍ଞାନ-ବିଜ୍ଞାନ ତତ୍ତ୍ୱ ଉପରେ ପୂଜ୍ୟସ୍ପଦ ଗୀତା ଭାଷ୍ୟକାରମାନେ ଭିନ୍ନ ଭିନ୍ନ ଯୋଗ ସାଧନ ପ୍ରଣାଳୀକୁ ନେଇ ଅର୍ଥ କରିଛନ୍ତି । କେତେକ ଟୀକାଦାରଙ୍କ ମତରେ ଭଗବାନଙ୍କ ନିର୍ଗୁଣ, ନିରାକାର ତତ୍ତ୍ୱର ପ୍ରଭାବ ଏବଂ ରହସ୍ୟ ଯଥାର୍ଥ ଭାବେ ଜାଣିବା ହେଉଛି ଜ୍ଞାନ । ସଗୁଣ-ନିରାକାର ଏବଂ ଦିବ୍ୟ ସାକାର ତତ୍ତ୍ୱର ଲୀଳା, ରହସ୍ୟ, ମହତ୍ତ୍ୱ ଏବଂ ପ୍ରଭାବ ସହିତ ଯଥାର୍ଥ ଜ୍ଞାନର ଅନୁଭବକୁ ବିଜ୍ଞାନ ବୋଲି କହିଛନ୍ତି । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁସାରେ ଉପନିଷଦ ଟୀକା, ଶାସ୍ତ୍ରମତ, ଶ୍ରୁତିବାକ୍ୟ, ଗୁରୁବାକ୍ୟ ପ୍ରଭୃତି ହେଉଛି ଜ୍ଞାନ । ବିଶେଷ ଜ୍ଞାନ ଅର୍ଥାତ୍ ଅନୁଭବ ସହିତ ଜ୍ଞାନ ହେଉଛି ବିଜ୍ଞାନ । ଯୁକ୍ତି ଓ ବିଚାରଦ୍ୱାରା ସେହି ପରୋକ୍ଷ ଶବ୍ଦଜ୍ଞାନରୁ ବିପରୀତ ଭାବକୁ ହଟାଇ ଯେଉଁ ଦୃଢତତ୍ତ୍ୱ ମିଳେ, ତାହାକୁ ମନନ ଏବଂ ନିଦିଧ୍ୟାସନ ସାଧନରେ ବ୍ରହ୍ମର ପ୍ରତ୍ୟକ୍ଷ ଅନୁଭୂତି ଅର୍ଥାତ୍ ବ୍ରହ୍ମ ସାକ୍ଷାତ୍କାର ହୁଏ । ସେହି ସ୍ୱ-ଅନୁଭବତା ହେଉଛି ବିଜ୍ଞାନ । ଏହି ପ୍ରକାରେ ବ୍ରହ୍ମ ସାକ୍ଷାତ୍କାର ହେଉଛି ବେଦାନ୍ତ ପ୍ରକ୍ରିୟା । ଏହି ବିଶ୍ୱବ୍ରହ୍ମାଣ୍ଡ ସମଗ୍ର ସ୍ୱରୂପର ଏକ କ୍ଷୁଦ୍ର ଅଂଶ ଯାହା ଭଗବାନଙ୍କ ଠାରୁ ଉତ୍ପତ୍ତି ହୋଇ ତାଙ୍କରିଠାରେ ହିଁ ଲୀନ ହୁଏ । ସେ ହିଁ ସୃଷ୍ଟିର ସର୍ଜନା ଓ ବିଲୟର ମହାକାରଣ । ଏହାକୁ ସ୍ୱୀକାର କରିବା ହେଉଛି ଜ୍ଞାନ । "ତାଙ୍କ ଅତିରିକ୍ତ ଅନ୍ୟ କୌଣସିର ସତ୍ତା ହିଁ ନାହିଁ"- ଏହିଭଳି ଦିବ୍ୟ ଅନୁଭୂତି ହେବା ହେଉଛି ବିଜ୍ଞାନ । ଦ୍ୱୈତବାଦ ମତାନୁସାରେ, ଇନ୍ଦ୍ରିୟ, ମନ, ବୁଦ୍ଧି ସମସ୍ତ ପ୍ରାକୃତ । ତେଣୁ ଏହିମାନେ ପ୍ରକୃତିରୁ ଅତୀତ ପରମାତ୍ମା ତତ୍ତ୍ୱକୁ ଜାଣିବାକୁ ଅସମର୍ଥ । ପରମାତ୍ମା ତତ୍ତ୍ୱକୁ ସ୍ୱୟଂ ଦ୍ୱାରା ହିଁ କେବଳ ଜାଣିହୁଏ । ପୂର୍ବିକାଳରେ ଯଜ୍ଞ ଯାହାରି ସୃଷ୍ଟି କରିଥାଏ, ସେହି ଅମୃତ ତତ୍ତ୍ୱର ପ୍ରାପ୍ତି ସହିତ ଯଥାର୍ଥ ଅନୁଭବତା ହେଉଛି ବିଜ୍ଞାନ । କେତେକଙ୍କ ମତରେ ମହାପୁରୁଷଙ୍କୁ ଏକ ସାଥିରେ ସର୍ବତ୍ର କାର୍ଯ୍ୟ କରିବାରେ ଯେଉଁ କ୍ଷମତା ମିଳିଥାଏ, ତାହା ଜ୍ଞାନର ଉପଯୋଗ

ହୋଇଥିବା ବିଜ୍ଞାନ । ଯେପରି ପରମାତ୍ମା ଏକସାଥିରେ ସମସ୍ତଙ୍କ ହୃଦୟରେ କାର୍ଯ୍ୟ କରିଥାନ୍ତି, ଅବତାର କାଳରେ ପ୍ରକୃତିର ଦ୍ୱନ୍ଦରୁ ଅତୀତ ହୋଇ ଲୀଳା ରଚନା କରିଥାନ୍ତି, ସେହି କାର୍ଯ୍ୟ ପ୍ରଣାଳୀର ନାମ ବିଜ୍ଞାନ । ଶ୍ରୀ ବିଦ୍ୟାବାଚସ୍ପତିଜୀଙ୍କ ମତାନୁସାରେ ଅନେକ ଭିତରେ ଏକ ଭାବକୁ ଅନୁଗତ ଦେଖିବା ହେଉଛି ଜ୍ଞାନ ଏବଂ ଏକକୁ ଅନେକ ରୂପ ମଧ୍ୟରେ ବିକଶିତ ହେବାର ଦେଖିବା ହେଉଛି ବିଜ୍ଞାନ । ଅନ୍ୟ ଅର୍ଥରେ କାର୍ଯ୍ୟ ଭିତରେ କାରଣକୁ ଅନୁଗତ ଦେଖିବା ଜ୍ଞାନ ଏବଂ ଏକ କାରଣରେ ଅନେକ କାର୍ଯ୍ୟର ଉଦ୍ଭବ ଦେଖିବା ବିଜ୍ଞାନ । ଏକରେ ହିଁ ତ୍ରିଗୁଣାତ୍ମକ ଜଗତରେ ସାକାର ସ୍ୱରୂପ ଭାବରେ ଉତ୍ପତ୍ତି, ସ୍ଥିତି, ବିଲୟ ଦେଖିବା- ଏହା ବିଜ୍ଞାନର ପ୍ରକ୍ରିୟା । ମୃତ୍ତିକାରେ ନିର୍ମିତ ଅନେକ ପଦାର୍ଥକୁ ଶବ୍ଦଦ୍ୱାରା ନାମକରଣ କରାଯାଇଥାଏ, ଅର୍ଥାତ୍ ସେଗୁଡିକର ନାମ ଓ ରୂପ ଭିନ୍ନ ଭିନ୍ନ ହୋଇଥାଏ । ମୃତ୍ତିକା ଖଣ୍ଡର ମୌଳିକ ତତ୍ତ୍ୱକୁ ଜାଣି ଗଲାପରେ, ମୃତ୍ତିକାରେ ନିର୍ମିତ ସବୁ ପଦାର୍ଥ ସମ୍ବନ୍ଧରେ ଧାରଣା ହୋଇଯାଏ କି' ସବୁଥିରେ ଅନୁସ୍ୟୂତ ସତ୍ୟ ପଦାର୍ଥ କେବଳ ମୃତ୍ତିକା ହିଁ ରହିଅଛି । ସେହି ପ୍ରକାର ସମଗ୍ର ଜଗତରେ ଏକମାତ୍ର ମୂଳ କାରଣ ଯେଉଁ 'ସତ୍' ସେହି 'ସତ୍' ତତ୍ତ୍ୱର ଜ୍ଞାନ ହୋଇ ଗଲାପରେ ଜଗତର ସମସ୍ତ ବସ୍ତୁ ଉପରେ ବାସ୍ତବ ଜ୍ଞାନ ହୋଇଯାଏ । ଜଗତର ସମସ୍ତ ବସ୍ତୁର ନାମ, ରୂପ ସବୁ କଳ୍ପନା ମାତ୍ର । ବ୍ୟବହାରିକ କ୍ଷେତ୍ରରେ ରୂପ ଓ ନାମର ଭେଦରେ ସେମାନଙ୍କର ଭିନ୍ନତା ପ୍ରତୀୟମାନ ହେଲେ ମଧ୍ୟ, ସତ୍ୟ ପଦାର୍ଥ ତ ସବୁଥିରେ ଅନୁଗତ ଏକ "ସତ୍" ହିଁ ଅଟେ । ଉପରୋକ୍ତ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ ସମସ୍ତ ମତକୁ ପର୍ଯ୍ୟାଲୋଚନା କଲେ ଏହି ସାର ମର୍ମ ବୁଝାପଡୁଛି ଯେ' ଭଗବାନଙ୍କର ପ୍ରଭାବ, ସାମର୍ଥ୍ୟ ଓ ଐଶ୍ୱର୍ଯ୍ୟର ଅନ୍ତ ନାହିଁ । ଏହାକୁ ଆକଳନ କରିବା ମନୁଷ୍ୟର ବୁଦ୍ଧିର ଅତୀତ ହୋଇଥିଲେ ମଧ୍ୟ, ସବୁଥିରେ ତତ୍ତ୍ୱତଃ ଏକ ପରମାତ୍ମାଙ୍କ ସତ୍ତା ବିଦ୍ୟମାନ ବୋଲି ସ୍ୱୀକାର କରିବା ହେଉଛି ଜ୍ଞାନ-ବିଜ୍ଞାନ । ଭକ୍ତି ମାର୍ଗରେ ସାଧକ ପ୍ରଥମେ ସ୍ୱୀକାର କରି ପରେ ଜାଣେ ଏବଂ ଜ୍ଞାନ ମାର୍ଗରେ ପ୍ରଥମେ ଜାଣି ପରେ ସ୍ୱୀକାର କରେ । ତେଣୁ ଯୋଗର ପୂର୍ଣ୍ଣତାରେ ଉଭୟ ସାଧନ ଏକ ହୋଇଯାଏ । ଭଗବାନ ହିଁ କେବଳ ନିଜର ସମଗ୍ର ସ୍ୱରୂପ କହିବାପାଇଁ ସମ୍ପୂର୍ଣ୍ଣ ଅଧିକାରୀ ଏବଂ ସମର୍ଥ । ତାଙ୍କ ଅତିରିକ୍ତ ଅନ୍ୟକେହି ସମ୍ପୂର୍ଣ୍ଣ ରୂପରେ ତାହା ଜାଣିବାକୁ ସକ୍ଷମ ହୋଇନାହିଁ କି, ହେବନାହିଁ । ତେଣୁ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ନିଜେ ତାଙ୍କରି ସମଗ୍ର ସ୍ୱରୂପକୁ ଅର୍ଜୁନଙ୍କୁ କହିବା ପାଇଁ ପ୍ରତିଜ୍ଞା କରୁଛନ୍ତି । ଯାହା ଜାଣିଗଲା ପରେ ପୁନର୍ବାର ଆଉ କିଛି ଜାଣିବାକୁ ବାକି ରହି ନ ଥାଏ ।

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ ଯତତି ସିଦ୍ଧୟେ ।
ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ॥ ୩॥

*ଅନ୍ୱୟ : ସହସ୍ରେଷୁ ମନୁଷ୍ୟାଣାଂ (ହଜାର ହଜାର ମନୁଷ୍ୟଙ୍କ ମଧ୍ୟରୁ ) କଶ୍ଚିଦ୍ ( କେହି ଜଣେ) ସିଦ୍ଧୟେ ( ଆତ୍ମଜ୍ଞାନ ସିଦ୍ଧତା ପ୍ରାପ୍ତ କରିବା ନିମିତ୍ତ) ଯତତି ( ଚେଷ୍ଟାକରିଥାନ୍ତି) ଯତତାମ୍ ( ପ୍ରଯତ୍ନଶୀଳ – ପ୍ରଚେଷ୍ଟା ରତ) ସିଦ୍ଧାନାଂ (ମୁମୁକ୍ଷୁମାନଙ୍କ ମଧ୍ୟରୁ ) କଶ୍ଚିଦ୍ ( କେହି ଜଣେ ) ଅପି ( ହିଁ ) ମାଂ (ମୋତେ) ତତ୍ତ୍ୱତଃ ( ଯଥାର୍ଥ ରୂପରେ- ସ୍ୱରୂପତଃ) ବେତ୍ତି ( ଜାଣିଥାନ୍ତି ) ।*

**ଭାବାର୍ଥ** :ଭଗବାନ ଶ୍ରୀକୃଷ୍ଣ ଏହି ଶ୍ଳୋକରେ ତତ୍ତ୍ୱ ଜ୍ଞାନୀର ବିରଳତା ଓ ତତ୍ତ୍ୱଜ୍ଞାନର ମହତ୍ତ୍ୱ ଦର୍ଶାଇଛନ୍ତି । ଯେ ଆତ୍ମା-ପରମାତ୍ମା ଅଭେଦ ତତ୍ତ୍ୱଦର୍ଶୀ, ସେ' ତପସ୍ୱୀ, ଜ୍ଞାନୀ ଓ କର୍ମୀଙ୍କ ଠାରୁ ଶ୍ରେଷ୍ଠତର ବୋଲି କହି ତାହାର ମହାନୁଭବତା ଉପରେ ଗୁରୁତ୍ୱ ଦେଇଛନ୍ତି । ଯଦିଓ ହଜାର ହଜାର ମନୁଷ୍ୟ ଭଗବାନଙ୍କ ପ୍ରତି ଶ୍ରଦ୍ଧା ରଖନ୍ତି, ସେହିମାନଙ୍କ ମଧ୍ୟରୁ ଧନ, ମାନ, ଭୋଗ ଆସକ୍ତି ପରିତ୍ୟାଗ କରି, ଈଶ୍ୱରାଭିମୁଖୀ ହୋଇ କେହି ଜଣେ ମାତ୍ର ସିଦ୍ଧି ପ୍ରାପ୍ତ ନିମନ୍ତେ ପ୍ରଯତ୍ନ କରିଥାନ୍ତି । ସେହି ଯୋଗ ସାଧନ କରୁଥିବା ଅନେକ ମୁମୁକ୍ଷୁ ମାନଙ୍କ ମଧ୍ୟରୁ କ୍ୱଚିତ୍ ଭଗବାନଙ୍କ ସମଗ୍ର ସ୍ୱରୂପ ତତ୍ତ୍ୱକୁ ଜାଣିବା ପାଇଁ ସକ୍ଷମ ହୁଅନ୍ତି । ଭଗବାନ ଏହି ପଦରେ ଜିଜ୍ଞାସୁ ଏବଂ ମୁମୁକ୍ଷୁ କେତେ ଦୁର୍ଲଭ , ତାହା ସୂଚାଇଛନ୍ତି । ଏହାର ଅର୍ଥ ନୁହେଁ ଯେ' ପରମାତ୍ମା ତତ୍ତ୍ୱ ପ୍ରାପ୍ତି କଠିନ ଏବଂ ଦୁଃସାଧ୍ୟ । ଭଗବାନ କହିବାକୁ ଚାହୁଁଛନ୍ତି କି, ତତ୍ତ୍ୱପ୍ରାପ୍ତି ନିମିତ୍ତ ଦୃଢଭାବରେ ଯୋଗମାର୍ଗରେ ନିବିଷ୍ଟ ହୋଇ ରହିବା ଏବଂ ତତ୍ତ୍ୱଦର୍ଶୀ ଜୀବନମୁକ୍ତ ମହାପୁରୁଷଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିବା ଦୁର୍ଲଭ ଏବଂ କଠିନ । ସଂସାରରେ ଅର୍ଥ କିମ୍ବା ଦ୍ରବ୍ୟର ବିନିମୟରେ ଭୋଗ୍ୟବସ୍ତୁ ତତ୍କାଳ ପ୍ରାପ୍ତ ହୋଇଯାଏ । ମାତ୍ର ଭଗବାନଙ୍କ ସମଗ୍ର ସ୍ୱରୂପକୁ ଜାଣି ସେହି ପରମ ଶାଶ୍ୱତ ଶାନ୍ତ ପଦକୁ ପ୍ରାପ୍ତ କରିବା ନିମିତ୍ତ ଜନ୍ମ ଜନ୍ମ ଧରି ସାଧନା କରିବାକୁ ପଡିଥାଏ । ଅନେକ ଯୋଗୀ, ଜ୍ଞାନୀ ପୁରୁଷ ପରମାତ୍ମା ତତ୍ତ୍ୱକୁ ବୁଝିବାକୁ ଚେଷ୍ଟାକରି, ଅନ୍ତିମ କ୍ଷଣରେ ସଂଶୟ ମୁକ୍ତ ନ ହୋଇ ଯୋଗ ମାର୍ଗରୁ ବ୍ୟୁତ୍ଥାନ ଘଟି ବିଫଳ ହୋଇଛନ୍ତି । ସତ୍–ଅସତ୍ ର ବିଭେଦକୁ ଜାଣି ମଧ୍ୟ, ଦୃଶ୍ୟପ୍ରପଞ୍ଚ ଭିତରେ ରହି ଭଗବାନଙ୍କ ସର୍ବ ଭୂତାତ୍-ଭୂତାତ୍ମା ସ୍ୱରୂପକୁ ସହଜରେ ଚିହ୍ନି ପାରିନଥାନ୍ତି । ସଗୁଣ-ସାକାର ସ୍ୱରୂପରେ " ବାସୁଦେବଃ ସର୍ବଂ ଇତି" ଚିନ୍ତନରେ ସଂଶୟ ଜାତ ହୋଇଥାଏ । କେବଳ ଭଗବତ୍ କୃପା ହେଲେ ହିଁ ପରାଭକ୍ତି ଦ୍ୱାରା ଭଗବାନଙ୍କ ସମଗ୍ର ସ୍ୱରୂପକୁ ବୁଝିହେବ । ସତ୍ତା ଦୃଷ୍ଟିରୁ, ଚେତନ ଦୃଷ୍ଟିରୁ, ଆନନ୍ଦ ଦୃଷ୍ଟିରୁ ମନୁଷ୍ୟ ଜନ୍ମ ଏକ ପରିପୂର୍ଣ୍ଣ ଜନ୍ମ ଅଟେ । ମନୁଷ୍ୟ ହିଁ କେବଳ ନିଜର ଜୀବନ, ନିଜର ଜ୍ଞାନ ଓ ନିଜର ଆନନ୍ଦକୁ ନିର୍ମାଣ କରି ପାରିବାକୁ ସମର୍ଥ । ଆତ୍ମଜ୍ଞାନ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିବା ପ୍ରତ୍ୟେକ ମନୁଷ୍ୟର ଜନ୍ମଗତ ଅଧିକାର । ଏଥି ନିମନ୍ତେ ଦେଶ, ଜାତି, ଧର୍ମ, ବର୍ଣ୍ଣର କୌଣସି ନିର୍ଦ୍ଦିଷ୍ଟତା ଆବଶ୍ୟକ ନ ଥାଏ । ଏହା ସତ୍ତ୍ୱେ ଅଧିକାଂଶ ଲୋକ ଭଗବାନଙ୍କ ଚିନ୍ତନ ପ୍ରତି କେଉଁ କାରଣରୁ ବିମୁଖ ହୋଇ ରୁହନ୍ତି ? ଏହାର ସମାଧାନ ହେଲା, ଜୀବର ଜନ୍ମ ଜନ୍ମ ଧରି ସଂସ୍କାରରେ ରହି ଆସୁଥିବା ଭୋଗପ୍ରତି ଅତ୍ୟନ୍ତ ଆସକ୍ତି ଏବଂ ସଂସାର ପ୍ରତି ଦୃଢଭାବରେ 'ମୁଁ ଓ ମୋର' ସମ୍ବନ୍ଧ କାରଣରୁ ଭଗବାନଙ୍କ ପ୍ରତି ପ୍ରେମ ଓ ଶ୍ରଦ୍ଧା ସହଜରେ ଜାଗ୍ରତ ହୁଏନାହିଁ । ଆଚାର୍ଯ୍ୟ ଶଙ୍କର କହିଛନ୍ତି, ବାଲ୍ୟକାଳ ବାପା-ମାଆଙ୍କ କୋଳରେ ଓ କୁଣ୍ଢେଇ ଖେଳରେ କଟିଗଲା, ଯୁବ ଅବସ୍ଥା ସ୍ତ୍ରୀ ସାଙ୍ଗରେ କଟିଗଲା, ମଧ୍ୟମ ଅବସ୍ଥା ଧନ ଉପାର୍ଜନ ପ୍ରଚେଷ୍ଟାରେ ବିତିଗଲା, ବାର୍ଦ୍ଧକ୍ୟ ଅନୁତାପ, ଅସୁସ୍ଥ ଏବଂ ଜ୍ଞାନ ବିସ୍ମରଣରେ ବିତିଗଲା । ଏହିପରି ସାରା ଜୀବନ ବିତିଗଲା, ମାତ୍ର ପରମ ପିତା ପରମେଶ୍ୱରଙ୍କ ସ୍ମରଣ କରିବାକୁ ଅବସର ମିଳିଲା ନାହିଁ । ମୁମୁକ୍ଷୁତ୍ୱ ଅର୍ଥାତ୍ ମୁକ୍ତି ଲାଭର ଇଚ୍ଛା ସହଜରେ ମନୁଷ୍ୟର ମନ ବୁଦ୍ଧିରେ

ପ୍ରବେଶ କରି ନ ଥାଏ । ପୁରୁଷାର୍ଥ ଦ୍ୱାରା ସଂସାରରୁ ବିମୁଖ ହୋଇ ଶାସ୍ତ୍ର ଅଧ୍ୟୟନ, ଶ୍ରୁତିବାକ୍ୟ ଶ୍ରବଣ, ସାଧୁ ସନ୍ଥଙ୍କ ଦର୍ଶନରେ ମୁକ୍ତିର ଆକାଙ୍କ୍ଷା ଜାଗ୍ରତ ହୋଇଥାଏ । ଆଜିର ସମୟରେ ଅର୍ଥ, ପଦବୀ, କ୍ଷମତା, ବୈଷୟିକ ଜ୍ଞାନର ସହାୟତାରେ ଇନ୍ଦ୍ରିୟ ଭୋଗ ଜନିତ ଦୈହିକ ସୁଖ ଅନାୟାସରେ ପ୍ରାପ୍ତ ହୋଇପାରୁଛି । ତେବେ ଭଗବତ୍ ତତ୍ତ୍ୱ ପ୍ରଭୃତି ଜାଣିବାର ଆବଶ୍ୟକତା କଣ ରହିଛି ? ଧନ, ଉପାଧି, ପଦ ଓ କ୍ଷମତାର ମୋହରେ ବୁଦ୍ଧି ଭ୍ରଷ୍ଟ ହୋଇଥିବା ଅଜ୍ଞାନ ବ୍ୟକ୍ତିର ଏହି ପ୍ରକାର ଚିନ୍ତାଧାରା ହୋଇଥାଏ । କିନ୍ତୁ ବିବେକଶୀଳ ବ୍ୟକ୍ତି, ସମସ୍ତ ଭୌତିକ ସୁଖ ଭିତରେ କିଛି ଗୋଟେ ଅଭାବ ରହିଯାଇଥିବାର ହୃଦୟଙ୍ଗମ କରିଥାଏ । ଯାହାକୁ ସେ ଖୋଜିବାର ପ୍ରୟାସ କରେ । ତାହା ହିଁ ହେଉଛି ନିତ୍ୟ ତତ୍ତ୍ୱ ପରମ ଶାନ୍ତି ଆନନ୍ଦର ଅନ୍ୱେଷଣ । ଆମ୍ଭେ ସେହି ନିତ୍ୟ ପରମାନନ୍ଦ ତତ୍ତ୍ୱର ଅଂଶ । ଅଂଶର ଅଂଶୀ ପ୍ରତି ଆକର୍ଷଣ ସ୍ୱଭାବିକ । ଟେକାଟିଏ ଉପରକୁ ଫିଙ୍ଗିଲେ, ତାହା ପୃଥିବୀ ପୃଷ୍ଠ ଆଡକୁ ଟାଣି ହୋଇ ଆସେ । ନଦୀ ସମୁଦ୍ର ଦିଗକୁ ସ୍ୱତଃ ଗତି କରିଥାଏ । ଅଗ୍ନିଶିଖା ସୂର୍ଯ୍ୟଙ୍କ ଆଡକୁ ଆକର୍ଷିତ ହୁଏ । ତେଣୁ ନିଜର ସେହି ମୂଳ ସ୍ୱଭାବକୁ ଫେରିଯିବା ପାଇଁ ଏବଂ ପ୍ରେମାସ୍ପଦ ଶାନ୍ତି ଆନନ୍ଦ ଟିକକ ପ୍ରାପ୍ତ ନିମିତ୍ତ ଭଗବତ୍ ତତ୍ତ୍ୱ ଜାଣିବାର ଆବଶ୍ୟକତା ରହିଛି । ଅଜ୍ଞାନ ମନୁଷ୍ୟ ପ୍ରାପ୍ତି ହୋଇଥିବା ବସ୍ତୁ, ପଦାର୍ଥ, ପରିସ୍ଥିତିରେ ଯେଉଁ କ୍ଷଣିକ ସୁଖ ମିଳୁଛି ସେଥିରେ ସନ୍ତୁଷ୍ଟ ରହି, ଦୁଃଖ ଯନ୍ତ୍ରଣା ସହନ କରି ଜୀବନ ପରେ ଜୀବନ ବିତାଇ ଚାଲିଥାଏ । କେବେ ବି' ଏଥିର କାରଣ ଏବଂ ଏଥିରୁ ମୁକ୍ତିର ମାର୍ଗକୁ ନେଇ ଚିନ୍ତା କରି ନ ଥାଏ । ଅନ୍ୟ କେତେକ ମଧ୍ୟ ଏହିପରି ହୋଇଥାନ୍ତି, ଯେଉଁମାନେ ଉପସ୍ଥିତ ଦୁଃଖ ଦୁର୍ଦ୍ଦଶା ଦୂରକରି ଭୌତିକ ସୁଖ ପ୍ରାପ୍ତିର କାମନାରେ ଭଗବାନଙ୍କ ଉପାସନା କରିଥାନ୍ତି । ଭଗବାନଙ୍କୁ ଅଂଶୀ ଭାବରେ ତାଙ୍କର ସେହି ପରମ ଆନନ୍ଦ ସ୍ୱରୂପକୁ ପ୍ରାପ୍ତ କରିବାକୁ ଚାହିଁ ନ ଥାନ୍ତି । ତେଣୁ ଭଗବାନ ମଧ୍ୟ ସହଜରେ ପ୍ରାପ୍ତ ହୁଅନ୍ତି ନାହିଁ । ଭଗବାନ ସବୁସ୍ଥାନରେ, ସବୁ ସମୟରେ, ସବୁ ପରିସ୍ଥିତିରେ ଯଥାବତ୍ ବିଦ୍ୟମାନ । ମନୁଷ୍ୟ ତାଙ୍କଠାରୁ ବିମୁଖ ହୋଇଥାଏ । ଭଗବାନ କିନ୍ତୁ ତାଙ୍କ ଅଂଶୀଠାରୁ କେବେ ବିମୁଖ ହୋଇ ନ ଥାନ୍ତି । ଅଂଶୀ ରୂପେ ପୂର୍ଣ୍ଣ ସହିତ ମିଶିବା ଲକ୍ଷ୍ୟରେ ଜୀବର ମନ ବ୍ୟାକୁଳ ହୋଇ ଉଠିଲେ, ଭଗବାନଙ୍କୁ ମିଳିବା ବିଳମ୍ବ ହୁଏ ନାହିଁ । ମନର ସେହି ବ୍ୟାକୁଳତା, ମନର ସେହି ଆବେଗତା ହେଉଛି ପରାଭକ୍ତି । ଅର୍ଜୁନଙ୍କ ମନରେ ଏହି ଶଙ୍କା ଆସିଛି କି, ଯଦିଓ ସମସ୍ତଙ୍କ ହୃଦୟରେ ଅନ୍ତର୍ଯାମୀ ରୂପରେ ସେ' ବିଦ୍ୟମାନ, ତାହେଲେ ଭଗବାନ କାହିଁକି ଜୀବକୁ ତାଙ୍କର ତତ୍ତ୍ୱ ପ୍ରାପ୍ତ କରିବା ପାଇଁ ପ୍ରେରଣା କରୁନାହାନ୍ତି ? ତାହାର ସମାଧାନ ହେଲା, ଜୀବର ସ୍ୱଭାବ ତ୍ରିଗୁଣ ମାୟା ଶକ୍ତିରେ ଅବଶ ହୋଇ ସଂସାର ଭୋଗପ୍ରତି ଆସକ୍ତ ହୋଇ ରହିଥାଏ । ବହୁଜନ୍ମର ସଂସ୍କାର ବଳରେ ଆତ୍ମା ବିକଶିତ ହେଲେ, ପରମାତ୍ମାଙ୍କୁ ନିଜର ପରମ ନିବାସ ସ୍ଥଳ ବୋଲି ଜ୍ଞାନ ହୁଏ । ତାହାର ପ୍ରାପ୍ତି ନିମନ୍ତେ, ସେହିଠାରୁ ସାଧନ ଆରମ୍ଭ ହୁଏ । ଯିଏ ପରମାତ୍ମା ତତ୍ତ୍ୱଜ୍ଞାନ ସିଦ୍ଧତା ନିମିତ୍ତ ପ୍ରଯତ୍ନ କରିବାରେ ଲାଗେ, ତାକୁ ମଧ୍ୟ ସିଦ୍ଧ କହିବା ଉଚିତ । ଯଦିଓ ସିଦ୍ଧି ତାହାକୁ ପ୍ରାପ୍ତ ହୋଇନାହିଁ, କିନ୍ତୁ ଈଶ୍ୱରାଭିମୁଖୀ ହୋଇ ସତ୍ ମାର୍ଗକୁ ଆସିଯାଇ

ଥିବାରୁ ସେ ସିଦ୍ଧ ପଦବାଚ୍ୟ । ଏହିପରି ଅନେକ ସାଧନାରତ ସିଦ୍ଧ ପୁରୁଷମାନଙ୍କ ମଧ୍ୟରୁ କ୍ୱଚିତ୍ କେହି ଜଣେ ମୋର ସମ୍ପୂର୍ଣ୍ଣ ବଳ, ବିଭୂତି, ଐଶ୍ୱର୍ଯ୍ୟ ପ୍ରଭୃତିକୁ ଜାଣିବାକୁ ସମର୍ଥ ହୁଏ ବୋଲି ଭଗବାନ ମତ ରଖିଛନ୍ତି । ଜ୍ଞାନପ୍ରାପ୍ତ ନିମନ୍ତେ ଯତ୍ନରେ ଲାଗିରହିବା ହେଉଛି ସାମାନ୍ୟ ସିଦ୍ଧି । ଜୀବ ମଧ୍ୟରେ ଆବଦ୍ଧ ହୋଇ ରହିଥିବା ଆତ୍ମା, ଅଜ୍ଞାନର ଆବରଣକୁ ହଟାଇ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତକରି ସ୍ୱୟଂ ଜ୍ୟୋତି ସ୍ୱରୂପ ହୋଇଯିବା ପରମ ସିଦ୍ଧି । ପୁରାଣ, ଇତିହାସ ଆଦିରେ ଶୁକଦେବ, ବାମଦେବ ଭଳି ବ୍ରହ୍ମନିର୍ବାଣ ପ୍ରାପ୍ତ ତତ୍ତ୍ୱଜ୍ଞାନୀମାନେ ସେହି ପରମସିଦ୍ଧି ପ୍ରାପ୍ତିର ଉଦାହରଣ ଅଟନ୍ତି । ସେହିମାନେ ଲକ୍ଷେ କୋଟିଙ୍କ ମଧ୍ୟରେ ଜଣେ ହୋଇଥାନ୍ତି । ଅବତାର, ବିଭୂତି ଆଦି ରୂପରେ କେହିଜଣେ ମୋତେ ଜାଣିପାରେ, କିନ୍ତୁ ମୋର ସତ୍-ଚିଦ୍-ଆନନ୍ଦ ସ୍ୱରୂପର ଯଥାର୍ଥ ଅନୁଭବ ପ୍ରାପ୍ତହେବା ଅତ୍ୟନ୍ତ ଦୁର୍ଲଭ ଏବଂ ଦୁଃସାଧ ମଧ ବୋଲି ଭଗବାନ କହିଛନ୍ତି । ସିଦ୍ଧି ଶବ୍ଦଟି ବ୍ୟବହାରିକ ଅର୍ଥରେ ଦେଖିଲେ ଏହା ବ୍ୟାପକ ଅଟେ । କୌଣସି ଯୋଗ୍ୟବସ୍ତୁ ପ୍ରାପ୍ତ ହେବା, ସାଧନରେ କୃତକାର୍ଯ୍ୟ ହେବା, ସମସ୍ୟା ସମାଧାନ ହେବା, ଦ୍ୱନ୍ଦ୍ୱରୁ ମୁକ୍ତ ହେବା, ପରୀକ୍ଷାରେ ସଫଳତା, ସନ୍ଦେହ ଦୂରହେବା, ଅବଧି ପୂର୍ଣ୍ଣ ହେବା, ବ୍ୟାଧିମୁକ୍ତ ହେବା, ଆଶୀର୍ବାଦ ପ୍ରାପ୍ତ ହେବା, ସମସ୍ୟାର ସୁଖଦ ପରିସମାପ୍ତି: ଏହି ଭାବରେ ଅନେକ ପ୍ରାପ୍ତିକୁ ସାଧାରଣ ଜୀବନରେ ଆମ୍ଭେମାନେ ସିଦ୍ଧି ଭାବରେ ଗ୍ରହଣ କରିଥାଉ । ଏହା ମଧ ସତ୍ୟ, ପ୍ରତ୍ୟେକ ମନୁଷ୍ୟ କୌଣସି ନା କୌଣସି ଭାବରେ ଏହି ପ୍ରକାର ସିଦ୍ଧତା ନିମନ୍ତେ ଜୀବନ ସାରା ସଂଗ୍ରାମ କରିଥାଏ । ଏହିମାନଙ୍କ ମଧ୍ୟରୁ ଯିଏ ପରମାର୍ଥ ତତ୍ତ୍ୱ ଜନିତ ଦିବ୍ୟଜ୍ଞାନ ସିଦ୍ଧତାର ଅଭିଳାଷ ରଖି ସତ୍-ସଙ୍ଗ, ସତ୍-ଚିନ୍ତା, ସତ୍-କର୍ମ, ସତ୍-ବିଚାର ଆଦି ଆଚରଣରେ ସାଧନାରତ ହୋଇ ପରମ ସିଦ୍ଧତାକୁ ପ୍ରାପ୍ତ ହୋଇଥାଏ , ସେହି ମହାତ୍ମା ଅତ୍ୟନ୍ତ ଦୁର୍ଲଭ ।

ଭୂମିରାପୋଅନଳୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ॥ ୪॥
ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍ ॥ ୫ ॥

*ଅନ୍ୱୟ :ଭୂମିଃ ( ପୃଥିବୀ) ଆପଃ (ଜଳ) ଅନଳଃ ( ଅଗ୍ନି ) ବାୟୁଃ ( ବାୟୁ) ଖଂ ( ଆକାଶ) ଚ (ଏବଂ ) ମନଃ ( ମନ) ବୁଦ୍ଧିଃ ( ବୁଦ୍ଧି) ଏବ ( ତଥା ) ଅହଂକାରଃ ( ଅହଂକାର) ଇତି (ଏହି ) ମେ (ମୋର ଅର୍ଥାତ୍ ଇଶ୍ୱରଙ୍କର ) ଅଷ୍ଟଧା ( ଅଷ୍ଟବିଧ- ଆଠ ପ୍ରକାରର ) ଭିନ୍ନା ( ବିଭକ୍ତ ହୋଇଥିବା) ଇୟଂ (ଏହି ସବୁ) ପ୍ରକୃତିଃ (ଶକ୍ତି ଅର୍ଥାତ୍ ଦୈବୀମାୟା ) ମହାବାହୋ (ହେ ମହାବୀର !) ଇୟଂ ଅପରା ( ଏହି ପୂର୍ବ କହିଥିବା ନିକୃଷ୍ଟ ପ୍ରକୃତି ଠାରୁ ) ଇତଃ ତୁ ( କିନ୍ତୁ ଏହି ) ପରାମ୍ ( ଶ୍ରେଷ୍ଠ) ଅନ୍ୟାଂ ଜୀବଭୂତାଂ ( ଅନ୍ୟ ପ୍ରକାର ଜୀବରୂପକ) ମେ ( ମୋର) ପ୍ରକୃତିଂ (ପ୍ରକୃତି) ବିଦ୍ଧି ( ଜାଣ) ଯୟା (ଯାହାଦ୍ୱାରା ) ଇଦଂ ( ଏହି ଜଗତ ପ୍ରପଞ୍ଚ) ଧାର୍ଯ୍ୟତେ (ଧାରଣ ହୋଇ ରହିଅଛି) ।*

**ଭାବାର୍ଥ** : ସମ୍ପୂର୍ଣ୍ଣ ସ୍ୱରୂପର ଜ୍ଞାନ-ବିଜ୍ଞାନ ଦର୍ଶନ କହିବାକୁ ଯାଇ ପ୍ରାରମ୍ଭରେ ଭଗବାନ ନିଜର "ଅପରା" ଓ "ପରା" ପ୍ରକୃତିର ମହିମାକୁ ବତାଇଛନ୍ତି । ସୃଷ୍ଟିର ସର୍ଜନା କାଳରେ ଭଗବାନ ସ୍ୱ-ଅଂଶର ବିସ୍ତାର ପୂର୍ବକ

ତିନିଗୋଟି ବିଷ୍ଣୁରୂପ ଧାରଣ କରନ୍ତି । "ମହାବିଷ୍ଣୁ" ରୂପରେ ମୂଳ ପ୍ରକୃତିକୁ ନିଜ ସ୍ୱରୂପରେ ଭୌତିକ ଶକ୍ତି ସୃଷ୍ଟି ନିମନ୍ତେ ଧାରଣ କରନ୍ତି । ଏହାକୁ ମହତ୍ ତତ୍ତ୍ୱ ବୋଲି ମଧ୍ୟ କୁହାଯାଇଛି । "ଗର୍ଭୋଦକଶାୟୀ ବିଷ୍ଣୁ" ଅବତାର ରୂପରେ ଅନନ୍ତ କୋଟି ବ୍ରହ୍ମାଣ୍ଡ ମଧ୍ୟରେ ପ୍ରବେଶକରି ଜୀବ ରୂପକ ଗର୍ଭ ସ୍ଥାପନ କରନ୍ତି । ତୃତୀୟ ହେଉଛନ୍ତି "କ୍ଷୀରୋଦକଶାୟୀ ବିଷ୍ଣୁ" । ଏହି ଅବତାରରେ ସେ' ସମସ୍ତ ବ୍ରହ୍ମାଣ୍ଡରେ ସର୍ବବ୍ୟାପକ ପରମାତ୍ମା ରୂପରେ ପରିବ୍ୟାପ୍ତ ହୋଇଛନ୍ତି । ସମଗ୍ର ସୃଷ୍ଟିର ସର୍ଜନା, ପାଳନ ଓ ବିଲୟ କ୍ରିୟା ଏହି ତିନି ଅବତାର ରୂପରେ ନିୟନ୍ତ୍ରିତ ହେଉଅଛି । ଭଗବାନଙ୍କ ସମଗ୍ର ସ୍ୱରୂପରେ ପ୍ରକୃତି ଅନ୍ତର୍ଭୁକ୍ତ । 'ପ୍ରକୃତି' ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ପ୍ରା-କୃତି; - ପ୍ରଥମେ ଯାହା ରଚନା ଅର୍ଥାତ୍ ସୃଷ୍ଟି ହୋଇଅଛି । ତେଣୁ ଭଗବାନ ନିଜ ସମଗ୍ର ସ୍ୱରୂପକୁ କହିବାକୁ ଯାଇ ପ୍ରଥମେ ପ୍ରକୃତି ସ୍ୱରୂପ ବିଷୟରେ ଆରମ୍ଭ କରିଛନ୍ତି । କେତେକ ମହାମାନ୍ୟ ଟୀକାକାର ମଧ୍ୟ କହିଛନ୍ତି କି, ଭଗବାନଙ୍କ ସମଗ୍ର ସ୍ୱରୂପ ବାଣୀ ଓ ମନର ଉର୍ଦ୍ଧ୍ୱରେ । ତେଣୁ ସେ କାହାରି ଜ୍ଞେୟ ହୋଇପାରନ୍ତି ନାହିଁ । ପ୍ରକୃତି ବିଶିଷ୍ଟ ସାକାର ବ୍ରହ୍ମକୁ ଜାଣି ହୋଇଥାଏ । ପ୍ରକୃତି ଭଗବାନଙ୍କ ଠାରୁ ଅଭିନ୍ନ । ତେଣୁ ପ୍ରକୃତି ସହାୟତାରେ ହିଁ ଭଗବାନଙ୍କ ସ୍ୱରୂପକୁ ବୁଝିବା ସମ୍ଭବ । ବେଦାନ୍ତ ଶାସ୍ତ୍ରରେ ମଧ୍ୟ ମାୟା ଶବଳିତ ବ୍ରହ୍ମକୁ ହିଁ ଜ୍ଞାନର ବିଷୟ ବୋଲି ମାନି ନିଆ ଯାଇଅଛି । ପରମବ୍ରହ୍ମ ଅର୍ଥାତ୍ ନିଷ୍କଳ ବ୍ରହ୍ମ, ବାଣୀ ଓ କ୍ରିୟାର ଅତୀତ । ତାହା ନିମନ୍ତେ ଉପନିଷଦ ମଧ୍ୟ "ନ ବିଭଃ"-"ନ ବିଜାନନୀମ" ଏହିପରି କହିଅଛି । ଅର୍ଥାତ୍ ସାମାନ୍ୟ ରୂପରେ କିମ୍ବା ବିଶେଷ ରୂପରେ ଭଗବାନଙ୍କୁ ଧାରଣା କରାଯାଇ ପାରି ନ ଥାଏ । ପରମାତ୍ମା ଅପରା ପ୍ରକୃତିକୁ ନେଇ ସୃଷ୍ଟି ରଚନା କରିଛନ୍ତି । ପ୍ରକୃତି ପରମାତ୍ମାଙ୍କ ସ୍ୱଭାବ ଅଟେ । ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି, ଅହଂକାର ଏହି ଆଠ ପ୍ରକାରରେ ବିଭାଜିତ ହୋଇଥିବା ପ୍ରକୃତି ହେଉଛି ଅପରା ପ୍ରକୃତି । ପ୍ରକୃତିର ଏହି ଅଷ୍ଟଧା ବିଭାଜନ ସାଙ୍ଖ୍ୟ ଦର୍ଶନରେ ମଧ୍ୟ ଉଲ୍ଲେଖ ରହିଛି । ଏଥିମଧ୍ୟରୁ ପଞ୍ଚ ମହାଭୂତକୁ ସ୍ଥୂଳ ସୃଷ୍ଟି, ମନ, ବୁଦ୍ଧି, ଓ ଅହଂକାରକୁ ସୂକ୍ଷ୍ମ ସୃଷ୍ଟି ବୋଲି ଧରି ନିଆଯାଇଛି । ପଞ୍ଚ ସ୍ଥୂଳଭୂତର କାରଣ ପଞ୍ଚ ତନ୍ମାତ୍ରା :- ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ମଧ୍ୟ ଅପରା ପ୍ରକୃତିର ଅନ୍ତର୍ଭୁକ୍ତ । ପ୍ରତ୍ୟେକ ସୂକ୍ଷ୍ମ ସୃଷ୍ଟି ନିଜ ନିଜର ସ୍ଥୂଳଭୂତର କାର୍ଯ୍ୟ ବାହାକ ହୋଇଥାନ୍ତି । ଆକାଶ ହେଉଛି ଶବ୍ଦ ଉତ୍ପନ୍ନର କାରଣ ଏବଂ ବାୟୁ ସ୍ପର୍ଶ ଉତ୍ପନ୍ନ ହେବାର କାରଣ । ସେହିପରି ଅଗ୍ନି, ରୂପ ଉତ୍ପନ୍ନ ହେବାର କାରଣ, ଜଳ ରସ ଉତ୍ପନ୍ନ ଏବଂ ପୃଥିବୀ ଗନ୍ଧ ଉତ୍ପନ୍ନ ହେବାର କାରଣ ହୋଇଥାନ୍ତି । ସମସ୍ତ ପଞ୍ଚ ସ୍ଥୂଳଭୂତ ପଞ୍ଚିକୃତ ହୋଇଥାନ୍ତି, ଅର୍ଥାତ୍ ପ୍ରତ୍ୟେକ ସ୍ଥୂଳ ଭୂତରେ ସେହି ଭୂତ ତତ୍ତ୍ୱର ଅର୍ଦ୍ଧାଂଶ ଏବଂ ଅନ୍ୟ ଚାରି ଭୂତର ଏକ ଅଷ୍ଟାଶଂ ଲେଖାଏଁ ମୋଟ ଅର୍ଦ୍ଧାଶଂ ମିଶ୍ରଣ ହୋଇ ପୂର୍ଣ୍ଣ ହୋଇଥାନ୍ତି । ଯେପରି ପୃଥିବୀ ତତ୍ତ୍ୱରେ ପୃଥିବୀର ଅର୍ଦ୍ଧାଂଶ ଏବଂ ଜଳ, ବାୟୁ, ଅଗ୍ନି ଓ ଆକାଶର ଏକ ଅଷ୍ଟାଶଂ ଲେଖାଏଁ ରହି ଅନ୍ୟ ଅର୍ଦ୍ଧେକ ପୂର୍ଣ୍ଣ ହୋଇଅଛି । ସର୍ବ ପ୍ରଥମେ ଆକାଶରୁ ବାୟୁର ସୃଷ୍ଟି । ଆକାଶ ତତ୍ତ୍ୱ ରହିଥିବା ବାୟୁରୁ ଅଗ୍ନିର ସୃଷ୍ଟି । ଆକାଶ ଓ ବାୟୁ ତତ୍ତ୍ୱରହିଥିବା ଅଗ୍ନିରୁ ଜଳର ସୃଷ୍ଟି । ଆକାଶ, ବାୟୁ, ଓ ଅଗ୍ନି ତତ୍ତ୍ୱ ରହିଥିବା ଜଳରୁ ପୃଥିବୀ ସୃଷ୍ଟି ।

ପ୍ରତ୍ୟେକ ସ୍ଥୂଳ ଭୂତରେ ତାହା ସହିତ ମିଶ୍ରଣ ହୋଇ ରହିଥିବା ଭୂତ ତତ୍ତ୍ୱମାନଙ୍କ ସୂକ୍ଷ୍ମ ତନ୍ମାତ୍ରା ରହିଥାନ୍ତି । ଯେପରି ପୃଥିବୀ ସ୍ଥୂଳ ଭୂତରେ ଅନ୍ୟ ଚାରି ଭୂତ ତତ୍ତ୍ୱ ଥିବା କାରଣରୁ, ପୃଥିବୀ ଭୂତରେ ନିଜ ଗନ୍ଧ ତନ୍ମାତ୍ରା ସହିତ ଅନ୍ୟ ରସ, ସ୍ପର୍ଶ, ରୂପ ଓ ଶବ୍ଦ ତନ୍ମାତ୍ରା ରହିଛନ୍ତି । ସେହିପରି ବାୟୁ ଭୂତରେ ଆକାଶ ତତ୍ତ୍ୱ ରହିଥିବା କାରଣରୁ ବାୟୁରେ ଶବ୍ଦ ଏବଂ ସ୍ପର୍ଶ ତନ୍ମାତ୍ରା ରହିଅଛି । ଏହା ହେଉଛି ପଞ୍ଚକୃତୀ ଭୂତ । ଅପରା ପ୍ରକୃତିର ସୂକ୍ଷ୍ମ ସୃଷ୍ଟିରେ ଅନ୍ତର୍ଭୁକ୍ତ ମନ ଶବ୍ଦକୁ "ଅହମ୍" ଅର୍ଥରେ ଗ୍ରହଣ କରାଯାଇଛି, ଯାହା କି' ମନର କାରଣ । ସାଙ୍ଖ୍ୟ ଦର୍ଶନରେ ଏହାକୁ "ମୁଁ ଅଛି" ଭାବଦ୍ୱାରା ନିର୍ଦ୍ଦେଶ କରାଯାଇଛି । ଏହି "ଅହମ୍" ଭାବରେ ଭୋଗ ଇଚ୍ଛା ଏବଂ ଜିଜ୍ଞାସା ଦୁଇଟିଯାକ ଥାଏ । ବୁଦ୍ଧି ହେଉଛି ମହତତ୍ତ୍ୱ ( ସମଷ୍ଟିବୁଦ୍ଧି), ଯାହାଦ୍ୱାରା ନିର୍ଣ୍ଣାୟାତ୍ମକ କାର୍ଯ୍ୟ ହୋଇଥାଏ । ବୁଦ୍ଧି ହେଉଛି ଅହଂକାରର କାରଣ । ଅଷ୍ଟଧା ଅପରା ପ୍ରକୃତିରେ ଅହଂକାର ଶବ୍ଦକୁ ଜଡ ଅର୍ଥରେ ଗ୍ରହଣ କରାଯାଇଛି । 'ଅହମ୍' ରୂପକ ଅନ୍ତଃକରଣ ବୃତ୍ତିର ନାମ ହେଉଛି ଅହଂକାର । ଅହଂକାର ଅଷ୍ଟଧା ପ୍ରକୃତି ଭିତରେ ସବୁଠାରୁ ସୂକ୍ଷ୍ମ ଏବଂ କଳ୍ପିତ । ସମଷ୍ଟି ପ୍ରକୃତିରେ ସମଗ୍ର ଭୌତିକ ସୃଷ୍ଟି ବୀଜ ରୂପରେ ରହିଥିବା ସ୍ଥିତିକୁ ମଧ୍ୟ ଅହଂକାର କୁହାଯାଇଛି । ଭଗବାନ ଯେଉଁ ଆଠ ପ୍ରକାର ଅପରା ପ୍ରକୃତି ବିଷୟରେ ଏହି ଶ୍ଳୋକରେ କହିଛନ୍ତି, ତାହା ହେଉଛି "ବ୍ୟଷ୍ଟି ଅପରା ପ୍ରକୃତି" । କାରଣ ମନୁଷ୍ୟର ବ୍ୟଷ୍ଟିପ୍ରକୃତି (ଶରୀର) ସହିତ ଆତ୍ମୀୟତା କରିନେବାରେ ବନ୍ଧନ ହୁଏ । ଏହିପରି ଭାବରେ ଅପରା ପ୍ରକୃତିରେ ସ୍ଥୂଳ, ସୂକ୍ଷ୍ମ ଓ କାରଣ ନାମକ ତିନୋଟି ସମଷ୍ଟି ଶରୀର ଅନ୍ତର୍ଭୁକ୍ତ ହୋଇଛି । ଶାସ୍ତ୍ର ମାନଙ୍କରେ ଏହି ସମଷ୍ଟି ପ୍ରକୃତି "ପ୍ରକୃତି ଓ ବିକୃତି " ନାମରେ ଅର୍ଥାତ୍ "କାରଣ ଓ କାର୍ଯ୍ୟ" ରୂପରେ ବର୍ଣ୍ଣନ ହୋଇଛି । ପ୍ରକୃତିରୁ ମହତ୍ତ୍ୱ, ମହତ୍ତ୍ୱରୁ ଅହଂକାର ତତ୍ତ୍ୱ, ଅହଂକାର ତତ୍ତ୍ୱରୁ ପାଞ୍ଚ ତନ୍ମାତ୍ରା, ପାଞ୍ଚ ତନ୍ମାତ୍ରାର ସାତ୍ତ୍ୱିକ ଅଂଶରୁ ମନ, ବୁଦ୍ଧି, ଅହଂକାର, ଇନ୍ଦ୍ରିୟ ଏବଂ ପୁଣି ଅନେକ ପଞ୍ଚୀକୃତ ରୂପରେ ଏହି ସମ୍ପୂର୍ଣ୍ଣ ବିଶ୍ୱ ନିର୍ମିତ । ସମ୍ପୂର୍ଣ୍ଣ ସୃଷ୍ଟିର ପ୍ରକୃତି ଭଗବାନଙ୍କ ପ୍ରକୃତି ଅଟେ । ଏହିପରି ଭାବରେ ଅପରା ପ୍ରକୃତିକୁ ନେଇ ଭଗବାନ ସୃଷ୍ଟି ରଚନା କରିଛନ୍ତି । ତେଣୁ ସ୍ୱଭାବ ଯେପରି ମନୁଷ୍ୟଠାରୁ ଅଲଗା ହୋଇ ନ ଥାଏ, ପ୍ରକୃତି ସେହିପରି ଭଗବାନଙ୍କ ଠାରୁ ଅଲଗା ନୁହେଁ । ମୂଳ ପ୍ରକୃତି ଯାହାକୁ ଭଗବାନ "ମହତ୍ ବ୍ରହ୍ମ" ବୋଲି ଚତୁର୍ଦ୍ଦଶ ଅଧ୍ୟାୟରେ କହିଛନ୍ତି, ତାହା କାହାଠାରୁ ଉତ୍ପନ୍ନ ହୋଇନାହିଁ । ତେଣୁ ମୂଳ ପ୍ରକୃତି ବିକୃତି ଅର୍ଥାତ୍ କାହାରି କାର୍ଯ୍ୟ ନୁହେଁ । ମୂଳ ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ମହତ୍ତ୍ୱ(ସମଷ୍ଟି ବୁଦ୍ଧି) ଅହଂକାର, ପଞ୍ଚ ତନ୍ମାତ୍ରା - ଏହି ସାତଗୋଟି ବିକୃତି ଅର୍ଥାତ୍ କାର୍ଯ୍ୟରୂପୀ ଅଟନ୍ତି । ମାତ୍ର ଏହି ସାତଟି ମଧ୍ୟ ଶବ୍ଦ ଆଦି ପାଞ୍ଚ ବିଷୟ ଏବଂ ମନ ଓ ଦଶ ଇନ୍ଦ୍ରିୟର କାରଣ ହୋଇଥିବାରୁ ଏମାନେ ପ୍ରକୃତି ପଦବାଚ୍ୟ । ଅତଏବ ମହତ୍ତ୍ୱ, ଅହଂକାର ଓ ପଞ୍ଚ ତନ୍ମାତ୍ରା ସମସ୍ତ ହେଉଛନ୍ତି ଏକ ସଙ୍ଗରେ ପ୍ରକୃତି ଓ ବିକୃତି । ହେ ଶୂରବୀର ଅର୍ଜୁନ ! ଏହି ଅପରା ପ୍ରକୃତିଠାରୁ ଭିନ୍ନ ଜୀବରୁପ ହେଉଛି "ପରା ପ୍ରକୃତି" ଅର୍ଥାତ୍ ଚେତନ ପ୍ରକୃତି ବୋଲି ଜାଣ । ଏହି ଚେତନ ପ୍ରକୃତିର ସହାୟତାରେ ସମ୍ପୂର୍ଣ୍ଣ ଜଗତ ଧାରଣ ହୋଇ ରହିଛି । ସେହି ପରା ପ୍ରକୃତି ହେଉଛି ଜୀବାତ୍ମା ।

ଜୀବାତ୍ମା ମଧ୍ୟ ପ୍ରକୃତି ସଙ୍ଗେ ସମ୍ବନ୍ଧହୋଇ ରହିବା କାରଣରୁ ପ୍ରକୃତି ହିଁ ଅଟେ । ନିଜର ଅଂଶଭୂତ ଜୀବ ହେଉଛି ଭଗବାନଙ୍କ ପରାଶକ୍ତି, ଯାହା ଶ୍ରେଷ୍ଠ, ଚେତନଶୀଳ ଏବଂ ଅପରିବର୍ତ୍ତନୀୟ । ତେଣୁ ଜୀବକୁ ମଧ୍ୟ ଭଗବାନଙ୍କ ଠାରୁ ଭିନ୍ନ ବୋଲି ପ୍ରମାଣ କରାଯାଇ ପାରିବ ନାହିଁ । ଜୀବ ପରମାତ୍ମାଙ୍କ ସ୍ୱରୂପ ହୋଇଥିଲେ ମଧ୍ୟ, କେବଳ ଅପରା ପ୍ରକୃତି ସଙ୍ଗେ ସମ୍ବନ୍ଧ ସ୍ଥାପନ କରିଥିବାରୁ ଜୀବାତ୍ମାକୁ ପ୍ରକୃତି କୁହାଯିବ । ଚେତନ ଯେତେବେଳେ ଅପରା ପ୍ରକୃତି ସହିତ ତଦାତ୍ମ୍ୟ ହୋଇ, ଅର୍ଥାତ୍ ଅହମ୍ ସହିତ ଏକ ହୋଇ ପ୍ରତୀତ ହେଉଥିବା ସ୍ୱତନ୍ତ୍ର ସତ୍ତାକୁ "ମୁଁ" ମନେକରେ, ସେତେବେଳେ ସେ ଜୀବରୂପ "ପରା ପ୍ରକୃତି" ନାମ ଧାରଣ କରେ । 'ମୁଁ ରୂପରେ ଥିବା ବ୍ୟକ୍ତିତ୍ୱ ଓ ଏକ ଦେଶୀୟ ଭାବର ନାମ ମଧ୍ୟ "ଅହଂକାର" ଯାହାକି କର୍ତ୍ତାରୂପ । ନିଜକୁ ଏହି ସମସ୍ତ କ୍ରିୟାର କର୍ତ୍ତାବୋଲି ମନେକରେ । ଏହି ଅନୁଭୂତି ରୂପକ 'ମୁଁ ହେଉଛି ପରା ପ୍ରକୃତି । ଅନ୍ୟ ପକ୍ଷରେ ବୃତ୍ତି ରୂପକ "ମୁଁ" ମଧ୍ୟ ହେଉଛି "ଅହଂକାର" ଯାହା ଅପରା ପ୍ରକୃତି । ଅନ୍ୟ ଅର୍ଥରେ, କାରଣ ରୂପୀ "ଅହଂ" ହେଉଛି ପରା ପ୍ରକୃତି ଏବଂ କାର୍ଯ୍ୟରୂପୀ "ଅହଂ" ହେଉଛି ଅପରା ପ୍ରକୃତି । 'ଅହଂ'ର ଗୋଟିଏ ପଟେ ଦୃଶ୍ୟ ପ୍ରପଞ୍ଚ ଅପରା ପ୍ରକୃତି, ଅନ୍ୟପଟେ ପରମାତ୍ମା । ନିଜଠାରେ ସେହି "ଅହମ୍" ଅର୍ଥାତ୍ କର୍ତ୍ତୃତ୍ୱ ସ୍ୱୀକାର ନ କଲେ, ଏହି ଜୀବାତ୍ମା ସ୍ୱାଭାବିକ ଭାବରେ ପରମାତ୍ମା ସ୍ୱରୂପ ଅଟେ । 'ଅହଂକାର' କାରଣ ଶରୀରରେ ତଦାତ୍ମ୍ୟ ହୋଇରହେ । ଏହି ତଦାତ୍ମ୍ୟରେ ଯେଉଁ ଅଂଶ ଜଡ, ତାହା ହେଉଛି କାରଣ ଶରୀର ଏବଂ ଯିଏ 'ମୁଁ ଅଭିମାନ କରେ ସେ ହେଉଛି ଚେତନ । ଚେତନ ପ୍ରକୃତି ନୁହେଁ କି, ବିକୃତି ନୁହେଁ । ଅର୍ଥାତ୍ ଏହା କାରଣ ହୋଇ ନ ଥାଏ କି, କାର୍ଯ୍ୟ ମଧ୍ୟ ହୋଇ ନ ଥାଏ । ଆତ୍ମତତ୍ତ୍ୱ ଜ୍ଞାନ ନ ହେବା ପର୍ଯ୍ୟନ୍ତ, ଉକ୍ତ ଜଡ ସମ୍ବନ୍ଧିତ ଚେତନ 'ମୁଁ ରୂପେ କର୍ତ୍ତା ଏବଂ ଭୋକ୍ତା ହୋଇଥାଏ । ଅପରା ପ୍ରକୃତିର ପ୍ରକାଶକ 'ଚେତନ' ଯେବେ ଶରୀରକୁ ସ୍ୱୟଂ ବୋଲି ମାନି ନିଏ, ତେବେ ସେ' ଜୀବ ରୂପ ପରା ପ୍ରକୃତି ହୁଏ, ଯାହାକୁ ଭଗବାନ ଏହି ପଦରେ "ଜୀବଭୂତାଂ" ବୋଲି କହିଛନ୍ତି । ଜୀବାତ୍ମା ଭଗବାନଙ୍କ ପରା ପ୍ରକୃତି ଭାବରେ ଦୃଶ୍ୟମାନ ଜଗତକୁ ଧାରଣ କରି ରହିଛି । ଏହି ଜଗତର ସ୍ୱତନ୍ତ୍ର ସତ୍ତାକୁ ମାନି ଭୋଗ ବୁଦ୍ଧିରେ କର୍ମ କଲେ, ତାହା ବନ୍ଧନର କାରଣ ହୁଏ । ପ୍ରତୀତ ହେଉଥିବା ଜଗତ ପ୍ରପଞ୍ଚ ଭଗବାନଙ୍କ ସ୍ୱରୂପ ବୋଲି ମାନି ଭୋଗବୁଦ୍ଧିକୁ ହଟାଇ ନେଲେ, ତାହା ବନ୍ଧନ ତୁଟିବାର କାରଣ ହୁଏ । ସଂସାର ବସ୍ତୁତଃ ଭଗବତ୍ ସ୍ୱରୂପ ହୋଇଥିଲେ ମଧ୍ୟ, କାମାସକ୍ତ ପୁରୁଷ ଭୋଗାସକ୍ତ ହୋଇ ଶରୀର ଓ ସଂସାରକୁ ଭୋଗ ଦୃଷ୍ଟିରେ ଦେଖିଥାଏ । ଭୋଗାସକ୍ତ ପୁରୁଷର ରକ୍ତ, ମାଂସରେ ତିଆରି ଶରୀର ପ୍ରତି ଆସକ୍ତି କାରଣରୁ ରମଣୀୟ ବୁଦ୍ଧି ହୋଇଥାଏ । ଶରୀର ଓ ସଂସାର ତତ୍ତ୍ୱତଃ ପୃଥକ ନୁହନ୍ତି । ତାତ୍ପର୍ଯ୍ୟ ହେଲା, ବ୍ୟଷ୍ଟି ଓ ସମଷ୍ଟି ତତ୍ତ୍ୱତଃ ସମାନ । ଶରୀର ଓ ସଂସାର ହେଉଛନ୍ତି ଜଡ, କେବଳ ଜୀବ ହେଉଛି ଚେତନ । ସଂସାର ଓ ଜୀବ ମଧ୍ୟରେ କେବଳ ଜୀବର ହିଁ ବାସ୍ତବିକ ସତ୍ତା ଅଛି । ଜୀବର ସଂସାର ସହିତ ଆସକ୍ତି ପୂର୍ବକ ସମ୍ବନ୍ଧରେ ସଂସାର ଅପ୍ରାପ୍ତ, ଅବାସ୍ତବ ହୋଇ ମଧ୍ୟ ପ୍ରାପ୍ତ ସାଦୃଶ୍ୟ ପ୍ରତୀୟମାନ ହୁଏ । ଅନ୍ୟ ପକ୍ଷରେ ଅଂଶୀ ଭାବରେ ପରମାତ୍ମା

ନିତ୍ୟପ୍ରାପ୍ତ ହୋଇ ରହିଥିଲେ ମଧ୍ୟ, ଜୀବର ବିମୁଖତା କାରଣରୁ ଅନୁଭୂତ ହୋଇ ନ ଥାଏ । ପରା ଓ ଅପରା ଶକ୍ତି ଦୁଇଟିଯାକ ବିଜାତୀୟ ହେଲେମଧ୍ୟ, ଏହି ଉଭୟ ଭଗବାନଙ୍କ ସ୍ୱରୂପ । ଅପରାକୁ ଧାରଣକରି ପରା ଶକ୍ତି ଜୀବ ଭାବରେ ସ୍ୱୀକୃତ । ସଂସାର ବୋଲି କୌଣସି ବସ୍ତୁ ନାହିଁ । ଏହା କେବଳ ଜୀବର ଚେତନ ଦ୍ୱାରା ସତ୍ତା ପ୍ରାପ୍ତ ହୋଇ ବୁଦ୍ଧିରେ ଏକ କଳ୍ପିତ ସ୍ଥିତି । ସେହିପରି ବ୍ୟଷ୍ଟି ଅପରା ପ୍ରକୃତିରେ 'ମୁଁ'ର କୌଣସି ବାସ୍ତବ ସତ୍ତା ନାହିଁ । ଜୀବ ଭ୍ରମରେ "କାରଣ ଶରୀର" ସହିତ ନିଜର ତଦାତ୍ମ୍ୟ ସ୍ୱୀକାର କରି ବନ୍ଧନରେ ପଡିଥାଏ । ଜୀବ ଭିତରେ ରହିଥିବା ପରା ପ୍ରକୃତିରେ ପଦାର୍ଥ ଓ କ୍ରିୟା ନାହିଁ । ଜୀବ ନିଜେ ହିଁ ଶରୀର ଓ ସଂସାର ସହିତ ସମ୍ବନ୍ଧ କରୁଛି । ଅପରା ପ୍ରକୃତି ପ୍ରତି ଆସକ୍ତହୋଇ ଏହାକୁ ଆଶ୍ରୟ କରିବା ହେଉଛି ଜଗତକୁ ଧାରଣ କରିବା । ଯେଉଁ ପର୍ଯ୍ୟନ୍ତ ଜୀବ ଶରୀର ଓ ସଂସାରର ସତ୍ତାକୁ ନିତ୍ୟ ଓ ବାସ୍ତବ ମାନୁଥିବ, ସେହି ପର୍ଯ୍ୟନ୍ତ ଦୁଃଖ- ସୁଖ, ଜନ୍ମ -ମୃତ୍ୟୁ ପ୍ରାପ୍ତ ହେଉଥିବ । ଯାହା ଜୀବର ସ୍ୱରୂପ ଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଅର୍ଥାତ୍ ଶରୀର, ମନ, ଇନ୍ଦ୍ରିୟ, ବୁଦ୍ଧି ଓ ଅହମ୍ ସହିତ ନିଜର ଏକତ୍ୱ ମନେ କରିବା ହିଁ ଜଗତ ଧାରଣ କରିବାକୁ ବୁଝାଏ । ଅନନ୍ତ ବ୍ରହ୍ମାଣ୍ଡରେ କେବଳ ପରା ଓ ଅପରା ଦୁଇଟି ପ୍ରକୃତି ବ୍ୟତୀତ ଅନ୍ୟକିଛି ନାହିଁ । ଯେତେ ପଦାର୍ଥ, କ୍ରିୟା ସବୁ ଅପରା ପ୍ରକୃତି ଅନ୍ତର୍ଗତ । ଏହି ମାଟି, ଅଗ୍ନି, ବାୟୁ, ଜଳ, ଆକାଶ, ଇନ୍ଦ୍ରିୟ, ମନ, ବୁଦ୍ଧି ଅହଂକାର ସବୁ ପ୍ରକୃତିରୁ ଉତ୍ପନ୍ନ । ପ୍ରକୃତି ହିଁ ସମସ୍ତିଙ୍କ ଭିତରେ ରହିଛି । ଏହା ଭଗବନ୍ମୟୀ ପ୍ରକୃତି । ଯେବେ ଇନ୍ଦ୍ରିୟ, ମନ, ବୁଦ୍ଧିରେ ଦେହ ଅଭିମାନକରି କର୍ମ ହୋଇଥାଏ, ତେବେ ଫଳ ଉତ୍ପତ୍ତିର ଯୋଗ୍ୟତା ଆସି ଯାଇଥାଏ । ମାଟିରେ କି, ବାୟୁରେ ସୁଖ ଦୁଃଖ ନ ଥାଏ । ବୁଦ୍ଧିରେ, ଅହଂକାରରେ ସୁଖ-ଦୁଃଖ ରହି ନ ଥାଏ । ଏ ସବୁତ ଭଗବାନଙ୍କ ରଚନା । ଭଗବାନଙ୍କ ହାତରେ ଯେଉଁ ସୃଷ୍ଟି ରଚନା ହୋଇଛି, ତାହା ଆନନ୍ଦମୟ । ନିର୍ମାଣକାରୀ ସ୍ୱୟଂ ଆନନ୍ଦମୟ, ତାଙ୍କରି ସଂକଳ୍ପ ଆନନ୍ଦ, ତାଙ୍କରି ହାତ ଆନନ୍ଦ । ସେ'ତ ଆନନ୍ଦ ହିଁ ଆନନ୍ଦକୁ ସୃଷ୍ଟି କରିଥାନ୍ତି । ତା'ହେଲେ ସୁଖ-ଦୁଃଖ କେଉଁଠାରୁ ମନୁଷ୍ୟକୁ ପ୍ରାପ୍ତ ହୁଏ ? ଜୀବ ଯେବେ ଈଶ୍ୱରଙ୍କ ଆନନ୍ଦମୟ ସୃଷ୍ଟିକୁ ମୋର ବୋଲି ମାନିବସେ, ଏହା ମୋର ଶରୀର, ମୋର ପ୍ରାଣ, ମୋର ଘର, ମୋର ଧନ, ମୋର ସ୍ତ୍ରୀ, ମୋର କୁଟୁମ୍ବ; - ଏହି "ମୋର" ସମ୍ବନ୍ଧରୁ ସୁଖ ଆଉ ଦୁଃଖ ଜାତ ହୁଏ । ସମ୍ବନ୍ଧୀୟଙ୍କ ମୃତ୍ୟୁ ଦୁଃଖର କାରଣ ହୋଇ ନ ଥାଏ, ଯୋଡି ହୋଇ ରହିଥିବା "ମୋର" ସମ୍ବନ୍ଧ ଛିନ୍ନ କାରଣରୁ ତତ୍କାଳ ତାହା ଦୁଃଖ ରୂପରେ ବଦଳି ଯାଏ । ସାଙ୍ଖ୍ୟଯୋଗୀ ମାନିଥାଏ କି, ଏହି ଜଗତ ପ୍ରକୃତିର ବିସ୍ତାର ଏବଂ ଏହା ଦୁଃଖଦାୟୀ ନୁହେଁ । ଏଥିରେ "ମୁଁ" ଆଉ "ମୋର" ସମ୍ବନ୍ଧ ଦୁଃଖଦାୟୀ ଅଟେ । ବେଦାନ୍ତୀ ମାନିଥାଏ ଯେ' ବସ୍ତୁତଃ ସୁଖ-ଦୁଃଖ ବୋଲି କିଛି ନାହିଁ । ନ ଜାଣିବା ଅର୍ଥାତ୍ ଅଜ୍ଞାନ ଦୁଃଖ ଆଣିଥାଏ । ଦୁଃଖ ଈଶ୍ୱରଙ୍କ ସୃଷ୍ଟି ନୁହେଁ କି, ଏହା ଜୀବାତ୍ମାର ସ୍ୱରୂପ ନୁହେଁ । ଅପରା ପ୍ରକୃତି ସହିତ ଭୋଗ ବୁଦ୍ଧିରେ ଗଭୀର ସମ୍ବନ୍ଧ ଦୁଃଖର କାରଣ । ଏହି ଶରୀର "ମୁଁ" ଏବଂ ଏହାର ସମ୍ପର୍କରେ ରହିଥିବା ସମସ୍ତ ପଦାର୍ଥ, ବ୍ୟକ୍ତି, ପରିସ୍ଥିତି ସବୁ 'ମୋର' । ଏହା ହେଉଛି ଜୀବାତ୍ମାର ଶରୀର ସହିତ ତଦାତ୍ମ୍ୟ

। ଯିଏ ଏହିପରି ଧାରଣା ରଖିବ ଯେ' ଏହି ରାଷ୍ଟ୍ର ହେଉଛି 'ମୁଁ' ଏବଂ ରାଷ୍ଟ୍ରର ସମସ୍ତ ବିଷୟ 'ମୋର' । ତାହାହେଲେ ଜୀବାତ୍ମାର ରାଷ୍ଟ୍ର ସହିତ ତଦାତ୍ମ୍ୟ ରହିଛି ବୋଲି କହିବା । ସେହିପରି ଭାବରେ ସମଗ୍ର ଜଗତ ମୋର ଏବଂ ସାରା ସୃଷ୍ଟିର ହିତକାରୀ ହେଉଛି 'ମୁଁ' । ଏହି ଭାବରଖି ମଧ୍ୟ ଜଗତ ସହିତ ତଦାତ୍ମ୍ୟ ହୋଇପାରିବ । ଏଥଦ୍ୱାରା, ଅହନ୍ତା କେବଳ ଶରୀର ସମ୍ବନ୍ଧୀୟରେ ସୀମିତ ନ ରହି, ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଅଧିଷ୍ଠାନରେ ପରିବ୍ୟାପ୍ତ ହୋଇପାରିବ । ଯେତିକି ଉଦାତ୍ତ ଦୃଷ୍ଟିହେବ, ଯେତିକି ଉଦୀର୍ଣ୍ଣ ଦୃଷ୍ଟିହେବ, ସେତିକି ଅହନ୍ତା ବ୍ୟାପକ ହେବ ଏବଂ ସେତିକି ମାତ୍ରାରେ ନିଜେ ନିଜକୁ ବୁଝିହେବ । ଏହି ପରା ଓ ଅପରା ପ୍ରକୃତିରେ ବିଶ୍ୱ ନିର୍ମିତ । ମାଟିରେ ଏହା ଅଛି, ବୃକ୍ଷରେ ମଧ୍ୟ ଏହା ଅଛି । ଯାହା ଏହି ଦେହରେ ଅଛି, ତାହା ଏହି ବ୍ରହ୍ମାଣ୍ଡରେ ଅଛି । 'ଯଥା ପିଣ୍ଡେ, ତଥା ବ୍ରହ୍ମାଣ୍ଡେ' । ଯେତେବେଳେ କୋଟି କୋଟି ବ୍ରହ୍ମାଣ୍ଡ ତିଆରି ହୁଏ ଏବଂ ବିଲୁପ୍ତ ହୁଏ, ସେତେବେଳେ 'ମୁଁ' ମଧ୍ୟ ରହେ ଆଉ ବିଲୁପ୍ତ ହୁଏ । ସେହିପରି ଶରୀରରେ 'ମୁଁ' ର ସୃଷ୍ଟି ଓ ବିଲୁପ୍ତ ହୋଇଥାଏ । ପ୍ରଥମେ 'ମୁଁ' କେଉଁଠାରେ ଥିଲା ? ଅହଂକାର ବ୍ୟଷ୍ଟି କାରଣ ଶରୀରରେ 'ମୁଁ' ଭାବରେ ରହି, 'ମୁଁ' ବ୍ରାହ୍ମଣ, 'ମୁଁ' ଗୃହସ୍ଥ, 'ମୁଁ' ବ୍ରହ୍ମଚାରୀ, 'ମୁଁ' ବାନପ୍ରସ୍ଥି, 'ମୁଁ' ସନ୍ନ୍ୟାସୀ ଏହିପରି ଭାବରେ ତଦାତ୍ମ୍ୟ କରି ରହିଥାଏ । ସତ୍ୟ ଏହି ଯେ' 'ମୁଁ' କେଉଁ ସ୍ଥାନରେ ବାସ୍ତବରେ ନ ଥାଏ । ଅପରା ପ୍ରକୃତିକୁ ଚେତନରୁ ହଟାଇ, ନିଜ ସ୍ୱଭାବରେ ସ୍ଥିତ ହେଲେ , 'ମୁଁ' "ଆତ୍ମା" ରୂପରେ ବୋଧ ହେବ । ଜୀବାତ୍ମା ମଧ୍ୟ 'ମୁଁ' ନୁହେଁ । 'ମୁଁ' ତ ସାକ୍ଷାତ୍ ପରମେଶ୍ୱରଙ୍କ ଅଂଶ । ଅଂଶ ଏବଂ ଅଂଶୀର ଯେଉଁ ଭେଦ, ତାହା ପରିଚ୍ଛିନ୍ନତା ଦୃଷ୍ଟିରେ ଶୁଦ୍ଧ ଅନ୍ତଃକରଣରେ ଅନୁଭବ ହୋଇଥାଏ । 'ମୁଁ' ହେଉଛି ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ବ୍ରହ୍ମ ।

ଏତଦ୍ ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ॥ ୬ ॥

*ଅନ୍ୱୟ : ସର୍ବାଣୀ ଭୂତାନି ( ସମସ୍ତ ସୃଷ୍ଟ ପଦାର୍ଥ – ଚେତନ, ଅଚେତନାତ୍ମକ ସକଳ ଭୂତ ) ଏତଦ୍ ଯୋନୀନି ( ଏହି ପରା ଓ ଅପରା ପ୍ରକୃତିରୁ ଜାତ – ପରା ଓ ଅପରା ପ୍ରକୃତିର ସଂଯୋଗ ସକଳ ସୃଷ୍ଟିର କାରଣ ) ଇତି ( ବୋଲି) ଉପଧାରୟ ( ତୁମ୍ଭେ ଜାଣିରଖ ) ଅହମ୍ ( ମୁଁ ) କୃତ୍ସ୍ନସ୍ୟ ଜଗତଃ ( ସମସ୍ତ ଜଗତର ) ପ୍ରଭବଃ ( ଉତ୍ପତ୍ତିର କାରଣ) ତଥା ( ସେହିପରି ) ପ୍ରଳୟଃ ( ପ୍ରଳୟର କାରଣ ) ।*

**ଭାବାର୍ଥ** : ହେ ଧନଞ୍ଜୟ ! ଯେତେ ଜଡ ଓ ଚେତନର ସ୍ଥୂଳ ଓ ସୂକ୍ଷ୍ମରୂପ ଭୂତ ଅଛନ୍ତି, ସେମାନଙ୍କର ଯୋନି ଅର୍ଥାତ୍ ଉତ୍ପତ୍ତି ସ୍ଥଳ ପୂର୍ବ କଥିତ ମୋର ଏହି ପରା ଏବଂ ଅପରା ପ୍ରକୃତି ବୋଲି ତୁମ୍ଭେ ନିଶ୍ଚିତ ଭାବରେ ଜାଣିରଖ । ମୋର ଏହି ପରା ଏବଂ ଅପରା ପ୍ରକୃତିର ସଂଯୋଗରେ ସମ୍ପୂର୍ଣ୍ଣ ଚେତନ-ଅଚେତନ ଜଗତ ସୃଷ୍ଟି ହୋଇଅଛି । 'ମୁଁ' ହିଁ ପ୍ରକୃତି ମାଧ୍ୟମରେ ସମସ୍ତ ଜଗତର ଉତ୍ପାଦକ ଏବଂ ସଂହାରକ । ପରମାତ୍ମାଙ୍କ ସତ୍ତା ଓ ସ୍ଫୁର୍ତ୍ତିରେ ଜଗତ ସୃଷ୍ଟି ଏବଂ ପରିଚାଳିତ । ସାରା ବିଶ୍ୱ ଭଗବାନଙ୍କଠାରୁ ଉତ୍ପନ୍ନ, ଭଗବାନଙ୍କଠାରେ ସ୍ଥିତ ଏବଂ ଭଗବାନଙ୍କଠାରେ ହିଁ ବିଲୀନ ହୁଏ । ସେ ହିଁ ଏକମାତ୍ର ମହାନ୍ କାରଣ ଏବଂ ସେ ହିଁ ପରମ ଆଧାର

। ଦେବତା, ମନୁଷ୍ୟ, ପଶୁ, ପକ୍ଷୀ, ତୃଣ, ସ୍ଥାବର-ଜଙ୍ଗମ ରୂପକ ଜଗତକୁ 'ମୁଁ' ଉତ୍ପନ୍ନ କରେ ଓ 'ମୁଁ' ହିଁ ଉତ୍ପନ୍ନର ଉପାଦାନ ହୁଏ । ସେହିପରି 'ମୁଁ' ହିଁ ନାଶ କରେ ଓ 'ମୁଁ' ହିଁ ନଷ୍ଟ ହୁଏ । ମୋ' ଅତିରିକ୍ତ ଜଗତରେ ଅନ୍ୟ ଏପରି କଛି ନାହିଁ, ଯାହା କାରଣ କିମ୍ବା କାର୍ଯ୍ୟ ହୋଇପାରିବ । ପ୍ରଳୟ କାଳରେ ଜୀବମାନେ ମୂଳ ପ୍ରକୃତିରେ ଲୀନ ହୋଇଥାନ୍ତି । ଭଗବାନ ଜଗତ୍ ସୃଷ୍ଟିକରି ସେ ହିଁ ବିଶ୍ୱରୂପ ଧାରଣ କରିଛନ୍ତି । ସର୍ବାତ୍ମା ଭଗବାନ ସୃଷ୍ଟିକୁ ସଂହାର କରନ୍ତି ଏବଂ ଯାହାର ସଂହାର ହୁଏ, ତାହା ମଧ୍ୟ ସେ ନିଜେ । ତୈତ୍ତିରୀୟ ଉପନିଷଦରେ କୁହାଯାଇଛି " ଅନ୍ନ ମଧ୍ୟ 'ମୁଁ' ଓ ଅନ୍ନର ଭକ୍ଷଣକାରୀ ମଧ୍ୟ 'ମୁଁ' । ତେଣୁ ଅପରା ଓ ପରା ପ୍ରକୃତି ତଥା ଏହି ଦୁହିଁଙ୍କ ସଂଯୋଗରୁ ଉତ୍ପନ୍ନ ସମସ୍ତପ୍ରାଣୀ ଭଗବାନଙ୍କ ସ୍ୱରୂପ । କାରଣ ମଧ୍ୟ ଭଗବାନ, କାର୍ଯ୍ୟ ମଧ୍ୟ ଭଗବାନ । ପ୍ରଳୟ କାଳ ସମାପ୍ତରେ ଅର୍ଥାତ୍ ସର୍ଗ ଆରମ୍ଭରେ- 'ମୁଁ' ଏକରୁ ଅନେକ ହେଉ- ଭଗବାନଙ୍କର ଏହି ସଂକଳ୍ପ ହିରଣ୍ୟଗର୍ଭରେ ବୀଜ ରୂପରେ ସଞ୍ଚାର ହୁଏ । ସେହି ସଂକଳ୍ପ ରୂପକ ବୀଜରୁ ସ୍ୱଭାବ ଅନୁଯାୟୀ ଜୀବର ଶରୀରମାନ ସୃଷ୍ଟି ହୁଅନ୍ତି । ସମ୍ପୂର୍ଣ୍ଣ ସ୍ଥୂଳ, ସୂକ୍ଷ୍ମାତ୍ମକ ପ୍ରପଞ୍ଚର 'ମୁଁ' ହିଁ ଉପାଦାନ ତଥା କାରଣର କାରଣ, ପରମ ନିଧାନ । ମୋରିଠାରେ ସମସ୍ତିଙ୍କ ଅନ୍ତିମ ବିଲୟ ହୁଏ । ଏହି ଭୌତିକ ଜଗତ ଚିଦ୍ ଶକ୍ତିର ଜ୍ୟୋତିରେ ହିଁ ପ୍ରକାଶିତ । ଜଡ ଏବଂ ପରମ ଜ୍ୟୋତି (ସମଷ୍ଟି ଚେତନ) ସମାହାରରେ ଏହି ବିରାଟ ବିଶ୍ୱରୂପ ସ୍ୱୟଂ ପ୍ରକାଶମୟ । ଜୀବ ଭିତରେ ଥିବା ସେହି ପରା ପ୍ରକୃତି ସ୍ୱୟଂ କୁ ଜାଣେ ଓ ଅନ୍ୟକୁ ମଧ୍ୟ ଜାଣିପାରେ । ଶରୀର ହେଉଛି ଜୀବର ଅପରା ପ୍ରକୃତି ଅଂଶ ଯାହା ଜଡ । ପରା ପ୍ରକୃତି ଚେତନର ଜଡ ଶରୀର ସହିତ ଏକାତ୍ମତା କାରଣରୁ ଅପରା ପ୍ରକୃତି ବିଶିଷ୍ଟ ଶରୀର ନିତ୍ୟ ଭଳି ପ୍ରତୀତ ହୋଇଥାଏ । ଫଳ ସ୍ୱରୂପ ଶରୀର ଉତ୍ପନ୍ନ ଏବଂ ଶରୀରର ବିନଷ୍ଟରେ ଜୀବାତ୍ମାର ଜନ୍ମ ଓ ମୃତ୍ୟୁ ହେଲା ବୋଲି ଭ୍ରମ ସୃଷ୍ଟିହୁଏ । ଜଡରୁ ବିମୁଖ ହୋଇ ଚିନ୍ମୟତତ୍ତ୍ୱ ସହିତ ନିଜର ଏକାତ୍ମତା ଅନୁଭବ କଲେ, ଅଜ୍ଞାନର ଆବରଣ ବିଲୁପ୍ତ ହୋଇ ଆତ୍ମା ସାକ୍ଷାତ୍କାର ହୁଏ । ଶ୍ରୀ ଶଙ୍କରାଚାର୍ଯ୍ୟ ଅପରା ପ୍ରକୃତିକୁ ମାୟାରୂପ ଅବ୍ୟକ୍ତ ବୋଲି କହିଛନ୍ତି । ତାଙ୍କରି ମତାନୁସାରେ ମାୟାଶକ୍ତି ଦ୍ୱାରା ଭଗବାନ ସମସ୍ତ ଜଗତର ଉତ୍ପତ୍ତି ଓ ସଂହାର କରିଥାନ୍ତି । ଜଗତ ମାୟାଜନ୍ୟ ହେବା କାରଣରୁ ଯଦିଓ ଜଗତର ଉତ୍ପତ୍ତି ଏବଂ ବିନାଶରେ ଭଗବାନଙ୍କର କୌଣସି ସମ୍ବନ୍ଧ ରହି ନଥାଏ, ତଥାପି ମାୟାର ଆଶ୍ରୟ ହେଉଛନ୍ତି ଭଗବାନ ଅର୍ଥାତ୍ ମାୟାକୁ ସେ ହିଁ ଧାରଣ କରିଥାନ୍ତି । ଭଗବାନଙ୍କ ଅବଲମ୍ବନ ବିନା ମାୟା କିଛି ବି କରିବାକୁ ସମର୍ଥ ନୁହେଁ । ସେହିକାରଣରୁ ସେ ନିଜେ ହିଁ ମାୟାକୁ ଆଶ୍ରୟ କରି ଜଗତ ରୂପରେ ଅବସ୍ଥାନ କରିଥାନ୍ତି ଏବଂ ପ୍ରଳୟ କାଳରେ ମାୟା ଶକ୍ତିରେ ହିଁ ଲୀନ ହୋଇଥାନ୍ତି । ଦ୍ୱୈତବାଦୀ ଶ୍ରୀ ମାଧବାଚାର୍ଯ୍ୟଙ୍କ ବ୍ୟାଖ୍ୟାରେ ଜଡ ଚେତନାତ୍ମକ ସମ୍ପୂର୍ଣ୍ଣ ଜଗତର ସତ୍ତା ଏବଂ ପ୍ରତୀତି 'ମୋର' କାରଣରୁ ହିଁ ହୋଇଥାଏ ଏବଂ ଏହାର ଭୋକ୍ତା ମଧ୍ୟ 'ମୁଁ' । ଏଣୁ 'ମୁଁ' ଏହାର ଉତ୍ପାଦକ ଏବଂ ସଂହାରକ ବୋଲି କୁହାଯାଇଛି । ଶୁଦ୍ଧ ଦ୍ୱୈତବାଦୀ ଶ୍ରୀବଲ୍ଲଭାଚାର୍ଯ୍ୟଙ୍କ ମତାନୁସାରେ ମାୟା, ପ୍ରକୃତି ମଧ୍ୟ ପରଂବ୍ରହ୍ମଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି । ମାୟା ଓ

ପ୍ରକୃତିକୁ ନେଇ ପରଂବ୍ରହ୍ମ ତାଙ୍କର ଲୀଳା ନିମନ୍ତେ ସୃଷ୍ଟି ରଚନା କରିଛନ୍ତି । ଶ୍ରୀବିଦ୍ୟାବାଚସ୍ପତିଜୀଙ୍କ ମତାନୁସାରେ 'କ୍ଷର' ଏବଂ 'ଅକ୍ଷର' ଦୁଇ ପୁରୁଷ ଜଗତ ଉତ୍ପତ୍ତିର କାରଣ ହୋଇଥାନ୍ତି । କିନ୍ତୁ ସମସ୍ତଙ୍କର ଆଲମ୍ବନ କାରଣରୁ, ଭଗବାନ କୃଷ୍ଣ ଏହାର ଦାୟୀତ୍ୱ ନିଜ ଉପରକୁ ନେଇ କହିଛନ୍ତି ଯେ' 'ମୁଁ' ହିଁ ସମସ୍ତ ଜଗତର ଉତ୍ପତ୍ତି ଏବଂ ପ୍ରଳୟର ଆଧାର ଅଟେ । କେହି କେହି ମହାମାନ୍ୟ ଟୀକାକାର ପ୍ରଭବ –ପ୍ରଳୟ ଶବ୍ଦକୁ ଏହିପରି ଅର୍ଥ କରିଛନ୍ତି ଯେ' ଆତ୍ମ ସ୍ୱରୂପରେ ପରାଶକ୍ତି ଦ୍ୱାରା ଅପରାକୁ ଧାରଣ କରିବା ହେଉଛି ଜଗତର ଉତ୍ପତ୍ତି ଏବଂ ପରା ପ୍ରକୃତି ଅର୍ଥାତ୍ ଚେତନରୁ ଅପରାକୁ ସଂପୂର୍ଣ୍ଣ ଅଭାବ କରାଇ ନେବା ସ୍ଥିତି ହେଉଛି ପ୍ରଳୟ । ଅପରା ପ୍ରକୃତି ସହିତ ଚେତନର ସଙ୍ଗ ହେଲେ ଜଗତ ଉତ୍ପତ୍ତି, ଅପରା ସହିତ ତଦାତ୍ମ୍ୟ ହୋଇ ରହିବା ହେଉଛି ଜଗତର ସ୍ଥିତି ଏବଂ ଚେତନରୁ ଅପରା ପ୍ରକୃତିକୁ ସମ୍ପୂର୍ଣ୍ଣ ଅଭାବ କରାଇନେବା ଜଗତ ପ୍ରଳୟ । ଯେ' ପର୍ଯ୍ୟନ୍ତ ପ୍ରକୃତି ବିଦ୍ୟମାନ, ସେ ପର୍ଯ୍ୟନ୍ତ 'ମୁଁ' ହିଁ ଏହାର ଉତ୍ପତ୍ତି, ସ୍ଥିତି ଏବଂ ପ୍ରଳୟର କାରଣ । ଯଦି କେହି ମହାପୁରୁଷ ପ୍ରକୃତିକୁ ଅତିକ୍ରମ କରିନେଇଥାଏ, ତାହେଲେ ଜାଣିରଖ 'ମୁଁ' ହିଁ ମହାପ୍ରଳୟ, ଯିଏ କି' ଅନୁଭବ ରୂପରେ ତାହାରି ହୃଦୟରେ ବିରାଜମାନ କରିଥାଏ । ଶ୍ରୀମଦ୍ ଭାଗବତ୍ ଦ୍ୱାଦଶ ସ୍କନ୍ଦର ଅଷ୍ଟମ ଓ ନବମ ଅଧ୍ୟାୟରେ ବର୍ଣ୍ଣନ ଅଛି; ଶୌନକାଦି ଋଷିଗଣ ସୂତଙ୍କୁ ପଚାରିଲେ କି' ମାର୍କଣ୍ଡଋଷି ତ' ଆମ୍ଭର ପୂର୍ବଜ ଏବଂ ତାଙ୍କରି ପରବର୍ତ୍ତୀ କାଳରେ କେବେ ତ' ସୃଷ୍ଟିର ପ୍ରଳୟ ହୋଇନାହିଁ, ତେବେ ସେ କିପରି ମହାପ୍ରଳୟରେ ବଟପତ୍ର ଉପରେ ଭାସୁଥିବା ବାଳମୁକୁନ୍ଦଙ୍କ ଦର୍ଶନ ଲାଭ କରିଥିଲେ ? ସୂତ କହିଛନ୍ତି: ମାର୍କଣ୍ଡମୁନିଙ୍କ ପ୍ରାର୍ଥନାରେ ପ୍ରସନ୍ନ ହୋଇ ନର-ନାରାୟଣ ଯେତେବେଳେ ଦର୍ଶନ ଦେଲେ, ମାର୍କଣ୍ଡମୁନି ଯାହାଦ୍ୱାରା ପ୍ରେରିତ ହୋଇ ଏହି ଜୀବାତ୍ମା ଅନନ୍ତ ଯୋନି ଭ୍ରମଣକରେ, ସେହି ମାୟାଶକ୍ତିକୁ ଭଗବାନଙ୍କ ଠାରୁ ଜାଣିବାର ଇଚ୍ଛା ପ୍ରକଟ କରି କୃପାଭିକ୍ଷା କରିଥିଲେ । ଭଗବାନ ତାହାକୁ ସ୍ୱୀକାର କରିଥିଲେ । ଦିନେ ମୁନି ଆଶ୍ରମରେ ଭଗବତ୍ ଚିନ୍ତନରେ ତନ୍ମୟ ଥିବା ବେଳେ, ତାଙ୍କୁ ପ୍ରତୀତ ହେଲା କି, ଚତୁର୍ଦ୍ଦିଗରୁ ମହାସମୁଦ୍ର ତାଙ୍କରି ଆଡକୁ ମାଡି ଆସୁଛି । ଜୀବ, ପଶୁ, ପକ୍ଷୀ, ବୃକ୍ଷ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ର, ନଦୀ, ପର୍ବତ ସମସ୍ତ ସମୁଦ୍ର ଜଳରେ ଗୋଟିଏ ପରେ ଗୋଟିଏ ବୁଡି ଯାଉଛନ୍ତି । ଭୟଙ୍କର ଏକ ମଗର ମାଛ ଗ୍ରାସ କରିବା ନିମନ୍ତେ ମୁନିଙ୍କ ଆଡକୁ ମାଡିଆସୁଥିଲା । ସେ ପ୍ରାଣ ରକ୍ଷା କରିବା ନିମିତ୍ତ ଦୌଡୁଥିବା ସମୟରେ ଏକ ବଟବୃକ୍ଷର ପତ୍ରରେ ଶିଶୁଟିଏ ଭାସୁଥିବାର ଦେଖି, ତାହାରି ଶ୍ୱାସର ସଂସ୍ପର୍ଶରେ ଆସି ମାର୍କଣ୍ଡ ମୁନି ଚାହୁଁ ଚାହୁଁ ଶିଶୁଟିର ଉଦରସ୍ଥ ହୋଇଗଲେ । ସେହି ଉଦର ଭିତରେ ସମସ୍ତପ୍ରାଣୀ, ଜଗତ ଏବଂ ନିଜର ଆଶ୍ରମକୁ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଲା । ପରବର୍ତ୍ତୀ କାଳରେ ସେହି ଶିଶୁର ଶ୍ୱାସରେ ଉଦର ଭିତରୁ ବାହାରି ପଦାକୁ ଆସିଲେ । ଧ୍ୟାନ ଭଙ୍ଗରେ ଆଖି ଖୋଲିଲାପରେ ମାର୍କଣ୍ଡ ଋଷି ଦେଖିଥିଲେ କି, ସେ ପୂର୍ବବତ୍ ଆଶ୍ରମରେ ନିଜ ଆସନରେ ଧ୍ୟାନରେ ବସିଛନ୍ତି । ଏଥିରୁ ଏହା ସ୍ପଷ୍ଟ କି, କୋଟିଏ ବର୍ଷର ଭଜନ ପରେ ମାର୍କଣ୍ଡ ମୁନି ଈଶ୍ୱରୀୟ ଦୃଶ୍ୟକୁ ନିଜ ହୃଦୟରେ ଅନୁଭବ କରିବାର କୃପା ପ୍ରାପ୍ତ ହୋଇଥିଲେ । ଅତଏବ ପ୍ରଳୟ ହେଉଛି ଯୋଗୀର ହୃଦୟରେ ଈଶ୍ୱର ସହିତ ସାକ୍ଷାତ୍କାର ହୋଇଥିବା ଅନୁଭୂତି । ଭଜନର

ପୂର୍ତ୍ତି କାଳରେ ଯୋଗୀର ହୃଦୟରେ ସଂସାର ପ୍ରବାହ ଲିଭି ଅବ୍ୟକ୍ତ ପରମାତ୍ମା ହିଁ ଶେଷ ରହିଥାନ୍ତି । ତାହା ପ୍ରଳୟ ଅଟେ । ବାହାରେ ପ୍ରଳୟ ହୋଇ ନଥାଏ । ମହାପ୍ରଳୟ, ଶରୀର ରହିଥାଇ ଅଦ୍ୱୈତର ଅନିର୍ବଚନୀୟ ସ୍ଥିତି ଅଟେ । ଏହା କ୍ରିୟାତ୍ମକ ଅଟେ । କେବଳ ବୁଦ୍ଧିରେ ନିର୍ଣ୍ଣୟ ହେଉଥିବା କାରଣରୁ ଭ୍ରମ ସୃଷ୍ଟି କରିଥାଏ ।

ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।
ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ॥ ୭ ॥

*ଅନ୍ୱୟ: ଧନଞ୍ଜୟ ( ହେ ଧନଞ୍ଜୟ !) ମତ୍ତଃ ( ମୋ ଅପେକ୍ଷା ) ପରତରଂ (ଶ୍ରେୟସ୍କର) ଅନ୍ୟତ୍ ( ଅନ୍ୟ କୌଣସି ) କିଞ୍ଚିତ୍ ( କିଞ୍ଚିତ୍ ମାତ୍ର କାରଣ ଓ କାର୍ଯ୍ୟ ) ନ ଅସ୍ତି ( ନାହିଁ ) ସୂତ୍ରେ ( ସୂତ୍ର ମଧ୍ୟରେ ) ମଣିଗଣାଃ (ମାଳି ଦାନା ଗୁଡ଼ିକ) ଇବ (ସୂତାରେ ଗୁନ୍ଥା ହୋଇ ରହିଥିବା ସଦୃଶ) ଇଦମ୍ ସର୍ବମ୍ ( ଏହି ଅନନ୍ତ କୋଟି ବ୍ରହ୍ମାଣ୍ଡ ) ମୟି ( ମୋରି ଠାରେ ) ପ୍ରୋତମ୍ ( ଗୁନ୍ଥି ହୋଇ ରହିଛନ୍ତି ) ।*

**ଭାବାର୍ଥ** : ଭଗବାନ କହୁଛନ୍ତି, ହେ ଧନଞ୍ଜୟ ! ସମଗ୍ର ସୃଷ୍ଟିରେ କାରଣ ଓ କାର୍ଯ୍ୟ ରୂପରେ ଏପରି କୌଣସି ବସ୍ତୁ, ବ୍ୟକ୍ତି, ପଦାର୍ଥ ନାହିଁ , ଯାହା ମୋ'ଠାରୁ ଶ୍ରେୟସ୍କର । ଅଗ୍ନିଙ୍କ ଅନ୍ୟ ଏକନାମ ହେଉଛି ଧନଞ୍ଜୟ । ମନୁଷ୍ୟ ଜୀବନରେ ଧନ ଉପାର୍ଜନର ଯେପରି ମୁଖ୍ୟ ଭୂମିକା ରହିଥାଏ, ଯୋଗସାଧନର ମଧ୍ୟ ଏହିଲୋକ ଏବଂ ପରଲୋକ ନିମିତ୍ତ ବିଶେଷ ଆବଶ୍ୟକତା ରହିଛି । ତେଣୁ ଭଗବାନ ଏହି ପଦରେ ଧନଞ୍ଜୟ ବୋଲି ସମ୍ବୋଧନ କରି ସୂଚାଇଛନ୍ତି କି, ହେ ଅର୍ଜୁନ ! ତୁମ୍ଭେ ଅଗ୍ନିଭଳି ତେଜସ୍ୱୀ ଏବଂ ଶକ୍ତିଶାଳୀ । ତୁମେ 'ମୁଁ' କହୁଥିବା ମୋର ସମଗ୍ର ସ୍ୱରୂପର ଜ୍ଞାନ ପ୍ରାପ୍ତ କରି ବିଶ୍ୱରେ ମହାନ୍ ଧନବାନ୍ ହୁଅ । ଭଗବାନ ଅଦ୍ୱିତୀୟ ଅଟନ୍ତି । ତାହାଙ୍କ ଅତିରିକ୍ତ ଦ୍ୱିତୀୟ ଅନ୍ୟ କିଛି ନାହିଁ । ଯିଏ ସର୍ବ ବ୍ୟାପ୍ତ , ସର୍ବଶ୍ରେଷ୍ଠ ଏବଂ ଅଦ୍ୱିତୀୟ, ତାଙ୍କଠାରୁ ଭିନ୍ନ କିମ୍ବା ଶ୍ରେଷ୍ଠ ଅନ୍ୟ କେହି, କିପରି ହୋଇପାରିବ ? ମଣିମାଳାରେ ମଣିଦାନା ଗୁଡ଼ିକ ଯେପରି ଗୁନ୍ଥିହୋଇ ରହିଥାଏ, ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମୋରି ତତ୍ତ୍ୱରେ ଗୁନ୍ଥାହୋଇ ମାଳରୂପରେ ପରିପ୍ରକାଶ ହୋଇଛନ୍ତି । ମାଳିଦାନା ରୂପକ ଅପରା ପ୍ରକୃତି ମୋର ସ୍ୱରୂପ ଏବଂ ସୂତାରୂପକ ଚେତନ-ତତ୍ତ୍ୱ ମଧ୍ୟ 'ମୁଁ' । ଅପରା ପ୍ରକୃତି ଅନ୍ତର୍ଗତ ବସ୍ତୁ, ପଦାର୍ଥ ସମୂହ ଭିନ୍ନ ଭିନ୍ନ ରୂପ ଓ ନାମ ହୋଇଥିଲେ ମଧ୍ୟ ସେଥିରେ ପରିବ୍ୟାପ୍ତ ହୋଇ ରହିଥିବା ଚେତନ ତତ୍ତ୍ୱ ଏକ ଏବଂ ଅଭିନ୍ନ । ଭଗବାନ ହିଁ ସବୁଥିରେ ଓତଃପ୍ରୋତ ଭାବରେ ରହିଛନ୍ତି ଅର୍ଥାତ୍ ସମଗ୍ର ସୃଷ୍ଟି ତାଙ୍କରିଠାରେ ହିଁ ଆଶ୍ରିତ ହୋଇ ରହିଛି । ପରମ ପୁରୁଷ ପରମେଶ୍ୱର ସାକାର ନା' ନିରାକାର, ବ୍ୟକ୍ତି ବିଶେଷ ନା' ନିର୍ବିଶେଷ ଏହା ସବୁ କାଳରେ ଏକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ହୋଇ ରହି ଆସିଛି । ବ୍ରହ୍ମ ସଂହିତାରେ ଉଲ୍ଲେଖ ଅଛି " ଈଶ୍ୱରଃ ପରମଃ କୃଷ୍ଣ ସଚ୍ଚିଦାନନ୍ଦବିଗ୍ରହଃ" । ଅବତାରୀ ପୁରୁଷ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ପରମେଶ୍ୱର । ସେ ହେଉଛନ୍ତି ଆଦିପୁରୁଷ, ସମସ୍ତ ଆନନ୍ଦର ଆଧାର, ସେ ହେଉଛନ୍ତି ଗୋବିନ୍ଦ ଏବଂ ତାଙ୍କରି ରୂପ ସତ୍-ଚିତ୍-ଆନନ୍ଦ ମୟ । ଅତଏବ, ଏହା ଶାସ୍ତ୍ର ପ୍ରମାଣିତ ଯେ' ସାକାର ରୂପରେ ମର୍ତ୍ତ୍ୟରେ ପରଂବ୍ରହ୍ମଙ୍କ ଅବତାର ହୋଇଥିବା ପୁରୁଷ, ପରମ ପୁରୁଷ ଏବଂ

ପରମ ସତ୍ୟ ଅଟନ୍ତି । ନର ରୂପରେ ଅବତାରୀ ଲୀଳା କରୁଥିବା ଦିବ୍ୟମୟ ପୁରୁଷ ସିଏ, ଅବ୍ୟକ୍ତ ରୂପରେ ଯୋଗୀର ଧ୍ୟାନରେ ପ୍ରବିଷ୍ଟ କରୁଥିବା 'ଯୋଗେଶ୍ୱର' ସିଏ, ଅନନ୍ତ କୋଟି ବ୍ରହ୍ମାଣ୍ଡକୁ ମାଳସାଦୃଶ ଧାରଣକରି ଏହାର ପ୍ରଭବ ଏବଂ ପ୍ରଳୟର କାରଣ ମଧ୍ୟ ସିଏ । କ୍ଷୁଦ୍ରାପି କ୍ଷୁଦ୍ର ଜୀବ ଠାରୁ ବ୍ରହ୍ମ ପର୍ଯ୍ୟନ୍ତ, ଅଣୁଠାରୁ ଆରମ୍ଭକରି ମହାମେରୁ ପର୍ଯ୍ୟନ୍ତ କେବଳ ସେ' ହିଁ ପରିବ୍ୟାପ୍ତ ଏବଂ ସବୁ ତାଙ୍କରି ହିଁ ସ୍ୱରୂପ । ସମସ୍ତ ପ୍ରକାଶ ମଧ୍ୟ ସ୍ୱୟଂ ସେ ନିଜେ । ସଂସାରରେ ଦେଶ, କାଳ, ବସ୍ତୁ, ବ୍ୟକ୍ତି, ଘଟଣା ସବୁ କିଛି ପରିବର୍ତ୍ତନଶୀଳ । କିନ୍ତୁ ଯେଉଁ ବ୍ରହ୍ମ ସତ୍ତାରେ ଏ ସମସ୍ତ ଜଗତ ସତ୍ତାବାନ୍ ଏବଂ ସ୍ଥାୟୀ ରୂପରେ ପ୍ରତୀୟମାନ ହେଉଛି, ସେହି ବ୍ରହ୍ମ ସ୍ୱରୂପ ପରମେଶ୍ୱର ହିଁ ଦେଶ କାଳରେ ପରିପୂର୍ଣ୍ଣ । ସେହି ପରମ ପୁରୁଷ ପରମାତ୍ମା ହିଁ ହେଉଛନ୍ତି ଅଦ୍ୱୟଜ୍ଞାନ ବା ପରମ ସତ୍ୟ । ସୂତାର ଗଣ୍ଠିକୁ ଡୋରରେ ଗୁନ୍ଥି ତିଆରି ହୋଇଥିବା ମାଳିରେ ତୁଳା ତତ୍ତ୍ୱ ହିଁ ଯେପରି ମୂଳ କାରଣ, ବ୍ୟାପ୍ତ ହୋଇ ରହିଥିବା ବ୍ରହ୍ମ ତତ୍ତ୍ୱ ସମଗ୍ର ସୃଷ୍ଟିର ସେହିପରି ମୂଳ ଆଧାର । ସେହି ପରମସତ୍ୟ ବ୍ରହ୍ମ ତତ୍ତ୍ୱକୁ ଜାଣି ଗଲାପରେ, ସଂସାରରେ ଆଉ କିଛି ଜାଣିବାର ବାକି ରହେନାହିଁ । କାରଣ ସେହି ଅଦ୍ୱୟ ବ୍ରହ୍ମ ହିଁ ସମସ୍ତଙ୍କ ମୂଳ କାରଣ ଏବଂ ସେହି ମୂଳ କାରଣର ଆଉ କେହି ଉତ୍ପାଦକ ନାହାନ୍ତି । ପରମେଶ୍ୱର ହିଁ ସମଗ୍ର ଜଗତର ଉପାଦାନ କାରଣ ଅଟନ୍ତି । ଶ୍ରୀ ରାମାନୁଜାଚାର୍ଯ୍ୟ ଏହି ଶ୍ଳୋକର ବ୍ୟାଖ୍ୟାରେ କହିଛନ୍ତି କି, ଆତ୍ମା ଶରୀର ଠାରୁ ସ୍ୱରୂପରେ ଭିନ୍ନ ହେଲେ ମଧ୍ୟ ଶରୀର ସହିତ ଆତ୍ମାର ଏକତ୍ୱ ବୋଧ ରହିଥାଏ ଏବଂ ଆତ୍ମାର ଶକ୍ତିରେ ଏହା ଶକ୍ତିବାନ୍ ରହେ । ସେହି ପ୍ରକାରେ, ସମ୍ପୂର୍ଣ୍ଣ ଜଗତ ଅର୍ଥାତ୍ ପ୍ରକୃତି ଏବଂ ଏହାର କାର୍ଯ୍ୟ ମୋ'ଠାରୁ ସର୍ବଥା ଭିନ୍ନ ନୁହେଁ । ସବୁ ମୋ'ଠାରେ ହିଁ ଆଶ୍ରିତ । ଯେପରି ମଣି ସମୂହ ସୂତାରେ ଆଶ୍ରିତ ହୋଇ ରହିଥାନ୍ତି, ମୋତେ ଆଶ୍ରିତ ହୋଇ ସମସ୍ତ ଭୂତ ସମୂହ ମୋର ସାଦୃଶ୍ୟ ଜ୍ଞାନବାନ୍ ତଥା ଶକ୍ତିମାନ୍ ଅଟନ୍ତି ।

ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।
ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥ ୮ ॥
ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।
ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ॥ ୯ ॥

*ଅନ୍ୱୟ : କୌନ୍ତେୟ ( ହେ କୁନ୍ତୀନନ୍ଦନ !) ଅହଂ ( ମୁଁ ) ଅପ୍ସୁ ( ଜଳରେ) ରସଃ ( ରସ ତତ୍ତ୍ୱ) ଶଶିସୂର୍ଯ୍ୟୟୋଃ ( ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଠାରେ ) ପ୍ରଭାସ୍ମି ( ଜ୍ୟୋତି ସ୍ୱରୂପ) ସର୍ବବେଦେଷୁ ( ସମସ୍ତ ବେଦରେ) ପ୍ରଣବଃ ( "ଓଁ" କାରସ୍ୱରୂପ) ଖେ ( ଆକାଶରେ) ଶବ୍ଦଃ (ଶବ୍ଦ ) ନୃଷୁ ( ମନୁଷ୍ୟମାନଙ୍କ ଠାରେ) ପୌରୁଷଂ ( ପୁରୁଷାର୍ଥ ) ଅସ୍ମି ( ଅଟେ ) । ପୃଥିବ୍ୟାଂ ( ପୃଥିବୀରେ ) ପୁଣ୍ୟଃ ( ପବିତ୍ର) ଗନ୍ଧଃ ( ଗନ୍ଧ) ଚ ବିଭାବସୌ (ଏବଂ ଅଗ୍ନିରେ) ତେଜଃ-ଅସ୍ମି ( ତେଜ ଅଟେ ) ସର୍ବଭୂତେଷୁ (ସକଳ ପ୍ରାଣୀଙ୍କଠାରେ ) ଜୀବନଂ ( ମୁଁ ଜୀବନ ଶକ୍ତି) ଚ ତପସ୍ୱୀଷୁ ( ଏବଂ ତପସ୍ୱୀଗଣଙ୍କ ଠାରେ ) ତପଃ ଅସ୍ମି ( ତପସ୍ୟା ଅଟେ ) ।*

**ଭାବାର୍ଥ** : ପରମାତ୍ମା ତତ୍ତ୍ୱ ଆଧାରିତ ଜ୍ଞାନ-ବିଜ୍ଞାନ କହିବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ ନିଜର ବିଭୂତିର ବର୍ଣ୍ଣନା ଏହି ପଦରୁ ଆରମ୍ଭ କରିଛନ୍ତି । ଭଗବାନ କହୁଛନ୍ତି; ହେ କୁନ୍ତୀପୁତ୍ର ଅର୍ଜୁନ ! 'ମୁଁ ଜଳରେ ରସ

ରୂପରେ ବିରାଜମାନ ଅଟେ । ଚନ୍ଦ୍ର ଓ ସୂର୍ଯ୍ୟଙ୍କଠାରେ ପ୍ରଭା ଅର୍ଥାତ୍ କାନ୍ତି ରୂପରେ, ସମସ୍ତ ବେଦରେ 'ମୁଁ' ପ୍ରଣବ ଅର୍ଥାତ୍ "ଓଁ" କାର ରୂପରେ, ଅନ୍ତରୀକ୍ଷରେ ଧ୍ୱନିର ତରଙ୍ଗ ରୂପରେ ଏବଂ ମନୁଷ୍ୟଠାରେ ପୁରୁଷତ୍ୱ ରୂପରେ "ମୁଁ" ହିଁ ସ୍ଥିତ ଅଟେ । ସୃଷ୍ଟିର ଆରମ୍ଭରୁ ପ୍ରତ୍ୟେକ ବସ୍ତୁର ରୂପ ଓ ଆକାର ରହି ଆସିଛି । ରୂପ ହେଉଛି ବସ୍ତୁର ବାହ୍ୟ ଆକୃତି ଏବଂ ନାମ ହେଉଛି ଏହାର ଅନ୍ତର୍ନିହିତ ଧର୍ମ ବା ତତ୍ତ୍ୱ । ରୂପ ଭାବରେ ଇନ୍ଦ୍ରିୟ, ମନ, ବୁଦ୍ଧି ଦ୍ୱାରା ଜ୍ଞାତ ହେଉଥିବା ସମସ୍ତ ବସ୍ତୁର ଅନ୍ତରାଳରେ ଧର୍ମ ବା ତତ୍ତ୍ୱ ରୂପରେ ସେହି ପରମାତ୍ମାଙ୍କ ସତ୍ତା ଅବ୍ୟକ୍ତ ରୂପରେ ବିଦ୍ୟମାନ । ସେହି ଚିରନ୍ତନ ସତ୍ତା ହେଉଛି ସମସ୍ତ ନାମ ଓ ରୂପର ଅନାଦି ତତ୍ତ୍ୱ । ଭଗବାନ ପରା ଓ ଅପରା ଶକ୍ତିର ସାହାଯ୍ୟରେ ସର୍ବ ବ୍ୟାପକ ହୋଇ ସାକାର ଓ ନିରାକାର ରୂପରେ ଏକ ସଙ୍ଗରେ ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ । ଅପରା ପ୍ରକୃତିରୁ ଉତ୍ପନ୍ନ ହୋଇ ବସ୍ତୁ ସାକାର ରୂପ ହୋଇଥିବା ବେଳେ, ବସ୍ତୁର ଅନ୍ତର୍ନିହିତ ମୌଳିକ ତତ୍ତ୍ୱ ଯାହା ଦୃଶ୍ୟମାନ ହୋଇ ନ ଥାଏ, ତାହା ହେଉଛି ସେହି ଚିତ୍ ଶକ୍ତି ବିଶିଷ୍ଟ ସାର ତତ୍ତ୍ୱ । ଜଳରେ ସେ ହେଉଛନ୍ତି ରସ ତତ୍ତ୍ୱ । ଜଳର ଏକ ପରମାଣୁ ମଧ୍ୟ ରସ ରହିତ ନୁହେଁ, ଅର୍ଥାତ୍ 'ମୁଁ' ହିଁ ରସ ରୂପରେ ଜଳରେ ବ୍ୟାପକ ଅଟେ । ରସକୁ ବାଦ ଦେଇଦେଲେ, ଜଳର ଅନୁଭବତା ଶୂନ୍ୟ ଅଟେ । ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଠାରେ ପ୍ରକାଶ ହେଉଥିବା ଆଲୋକ ଉତ୍ସ ହେଉଛନ୍ତି ସ୍ୱୟଂ ଭଗବାନ । ଗ୍ରହ ନକ୍ଷତ୍ରରେ ଥିବା ଆଲୋକ ମୌଳିକତଃ ଭଗବାନଙ୍କର ସର୍ବଶେଷ ବ୍ରହ୍ମଜ୍ୟୋତିରୁ ନିର୍ଗତ ହେଉଛି । ସବୁ କିଛିର ସାର ତତ୍ତ୍ୱ ସ୍ୱୟଂ ପରମାତ୍ମା ନିଜେ ଅଟନ୍ତି । ଉପନିଷଦ ବାକ୍ୟ ହେଲା "ତସ୍ୟ ଭାସା ସର୍ବମିଦଂ ବିଭାତି" ଅର୍ଥାତ୍ ତାଙ୍କରି ଜ୍ୟୋତିରେ ହିଁ ସବୁକିଛି ଜ୍ୟୋତିର୍ମାନ । ନିଜର ଚିଦ୍ ଶକ୍ତିକୁ ଧାରଣ କରି ସ୍ୱୟଂ ସୃଷ୍ଟି ରୂପରେ ପ୍ରକାଶ ହୋଇଛନ୍ତି । ସେହି ଚିଦ୍ ଶକ୍ତି "ଓଁ"କାର ଏକ ଅକ୍ଷର ମନ୍ତ୍ର ଦ୍ୱାରା ସୂଚିତ । ସମସ୍ତ ବେଦ ମନ୍ତ୍ର ପ୍ରାରମ୍ଭରେ ରହିଥିବା "ଓଁ"କାର ଭଗବାନଙ୍କଠାରୁ ହିଁ ସର୍ବ ପ୍ରଥମେ ନିସୃତ ହୋଇଛି । 'ଓଁ' ହେଉଛି ସମସ୍ତ ନାମ ଓ ରୂପର ମୂଳ ଉତ୍ପାଦକ । 'ଓଁ' ଏବଂ ଚିଦ୍ ଶକ୍ତି ଅଭିନ୍ନ କାରଣରୁ ଏହାକୁ ନାଦ ବ୍ରହ୍ମ ବୋଲି ମଧ୍ୟ କୁହାଯାଇଛି । 'ଓଁ' କାର ହେଉଛି ଅ,ଉ ,ମ୍ ଏହି ତିନୋଟି ଅର୍ଦ୍ଧ ମାତ୍ରାର ସମାହାର । ପୃଥିବୀରେ ସମ୍ଭବ ଯେତେ ଶବ୍ଦ, ଏହି ତିନି ଅର୍ଦ୍ଧ ମାତ୍ରା ହେଉଛି ସେଗୁଡିକର ସାଧାରଣ ଅଭିବ୍ୟକ୍ତ । ଅ,ଉ ,ମ୍ "ଓଶମ୍" ଏହି ତିନୋଟି ଅର୍ଦ୍ଧ ମାତ୍ରା ଯଥାକ୍ରମେ ସୃଷ୍ଟିର ସର୍ଜନା, ସ୍ଥିତି, ପ୍ରଳୟକୁ ସୂଚାଇଥାଏ ଓ ଜୀବର ରୂପ, ନାମ ଓ ସ୍ୱରୂପକୁ ସୂଚିତ କରେ । ତେଣୁ "ଓଁ" ହେଉଛି ପରମାତ୍ମାଙ୍କ ଅନ୍ୟ ନାମ । ପ୍ରଣବ ହେଉଛି 'ଓଁ'କାର ମହାମନ୍ତ୍ରର ସଂକ୍ଷିପ୍ତ ଶବ୍ଦ । ଶିବ ପୁରାଣରେ ବର୍ଣ୍ଣିତ ଅଛି କି, 'ପ୍ର' ର ଅର୍ଥ ହେଉଛି ପ୍ରପଞ୍ଚ, 'ଣ' ର ଅର୍ଥ ହେଉଛି ନାହିଁ ଏବଂ 'ବ'ର ଅର୍ଥ ହେଉଛି ଯାହାଙ୍କର, ଅର୍ଥାତ୍ ପ୍ରଣବ ଶବ୍ଦ ନିଷ୍ପ୍ରପଞ୍ଚ ଆତ୍ମାକୁ ବୁଝାଉଅଛି । ସମସ୍ତ ବେଦରେ 'ଓଁ'କାର ମୋର ସ୍ୱରୂପ ଅଟେ । ସର୍ବ ପ୍ରଥମେ ପ୍ରଣବ ପ୍ରକଟିତ ହେଲେ । ପ୍ରଣବରୁ ତ୍ରିପଦା ଗାୟତ୍ରୀ ଏବଂ ତ୍ରିପଦା ଗାୟତ୍ରୀରୁ ତିନି ବେଦ ପ୍ରକଟିତ ହେଲେ । ଏଣୁ ପ୍ରଣବ ହେଉଛନ୍ତି ବେଦର ସାର । ପ୍ରଣବ ହିଁ ବେଦ ଓ ଗାୟତ୍ରୀ ରୂପରେ ଅଭିବ୍ୟକ୍ତ ହୋଇଛନ୍ତି ।

ସେହି ପ୍ରଣବ ହେଉଛି 'ମୁଁ' । ଏହି 'ଓଁକାର ମନ୍ତ୍ର ଚତୁର୍ଥାଶ୍ରମୀ ସନ୍ୟାସୀଙ୍କ ସର୍ବସ୍ୱ । ଗଙ୍ଗାକୂଳରେ ଠିଆ କରାଇ ଯେତେବେଳେ ସନ୍ୟାସ ଦୀକ୍ଷା ଦିଆଯାଏ, ଗୁରୁ ଏହି 'ଓଁକାର ମନ୍ତ୍ରକୁ କର୍ଣ୍ଣରେ ଫୁଙ୍କି ଥାଆନ୍ତି । ସେହିଦିନ ଠାରୁ ସନ୍ୟାସ ଧର୍ମରେ ଦୀକ୍ଷିତ ହୋଇ ଏହି ମନ୍ତ୍ରକୁ ଜପକରି ଏହାର ଆଶ୍ରୟ ନେଇଥାନ୍ତି । ଏହାକୁ ଏକ ଅକ୍ଷର ବ୍ରହ୍ମ ବୋଲି ଗୀତାରେ ମଧ୍ୟ କୁହାଯାଇଛି । ଆକାଶର ଅସାଧାରଣ ଗୁଣ ହେଉଛି ଶବ୍ଦ । ଶୂନ୍ୟ ନିଃସତ୍ତ୍ୱ ଆକାଶ, ଶବ୍ଦ ତନ୍ମାତ୍ରାରୁ ଜାତହୋଇ ଶବ୍ଦ ତନ୍ମାତ୍ରାରେ ସ୍ଥିତ ରହି ଶବ୍ଦ ତାନ୍ମାତ୍ରାରେ ହିଁ ଲୀନ ହୁଏ । ଅର୍ଥାତ୍ ଶବ୍ଦ ତନ୍ମାତ୍ରା ହିଁ ଆକାଶ ରୂପରେ ଅଭିବ୍ୟକ୍ତ ହୋଇଛି । ଶବ୍ଦ ତନ୍ମାତ୍ରା ବିନା ଆକାଶର ଅସ୍ତିତ୍ୱ ନାହିଁ । ସେହି ଶବ୍ଦ ତନ୍ମାତ୍ରା ହେଉଛି 'ମୁଁ' । ମନୁଷ୍ୟର ପୌରୁଷତା ହେଉଛନ୍ତି ସ୍ୱୟଂ ପରମାତ୍ମା । ଶରୀରର ବୁଦ୍ଧି, ମାନସ, ଶାରୀରିକ ବଳ ସବୁ କିଛି ସିଏ । ସେ ଯାହା ଇଚ୍ଛା କରିଥାନ୍ତି, ମନୁଷ୍ୟ ତାହା କରିଥାଏ । ଯଦି ତାହାଙ୍କ ସତ୍ତା ନ ଥାନ୍ତା, ତାହାଙ୍କ ଜ୍ଞାନ ସ୍ୱରୂପ ନ ଥାନ୍ତା, କର୍ମ କରିବା ନିମନ୍ତେ ତାଙ୍କଠାରୁ ପ୍ରେରଣା ପ୍ରାପ୍ତ ନ ହୁଅନ୍ତା, ତାହା ହେଲେ ମନୁଷ୍ୟ କୌଣସି କର୍ମ କରିବାକୁ ସମର୍ଥ ନ ହୋଇ ସ୍ଥାଣୁ ଭାବରେ ରୁହନ୍ତା । ତେଣୁ ପରମାତ୍ମା ମନୁଷ୍ୟଠାରେ ପୁରୁଷାର୍ଥ ରୂପରେ ବିରାଜମାନ । ଅଜ୍ଞାନ କାରଣରୁ ବିନାଶଶୀଳ ବସ୍ତୁର ପ୍ରାପ୍ତିକୁ ମନୁଷ୍ୟ ପୁରୁଷାର୍ଥ ମନେକରେ । ପରମାତ୍ମା ତତ୍ତ୍ୱ ପ୍ରାପ୍ତକରିବା ପାଇଁ ଶ୍ରଦ୍ଧା ଓ ବିଶ୍ୱାସ ସହିତ ପ୍ରଚେଷ୍ଟା ହେଉଛି ପ୍ରକୃତ ପୁରୁଷାର୍ଥ । ଭଗବାନ ସ୍ୱୟଂ ପୁରୁଷାର୍ଥ ରୂପେ ବିରାଜମାନ ହୋଇ ପ୍ରେରଣା ଦାୟକ ହୋଇଥାନ୍ତି । ପୃଥିବୀରେ ସ୍ୱଭାବତଃ ସୁଗନ୍ଧ ହିଁ ରହିଛି । ପୃଥିବୀର ବିଶୁଦ୍ଧ ଗନ୍ଧ ହେଉଛି 'ମୁଁ' ବୋଲି ଭଗବାନ କହିଛନ୍ତି । ଅଗ୍ନିରେ ତେଜ ରୂପରେ 'ମୁଁ' ହିଁ ପ୍ରବିଷ୍ଟ ଅଟେ । ତେଜ ହେଉଛି ଅଗ୍ନିର ଦାହିକା ଶକ୍ତି । ଅଗ୍ନିଠାରେ ଉଭୟ ତେଜ ଓ ଆଲୋକ ଅର୍ଥାତ୍ ପ୍ରକାଶ କରିବାର ଶକ୍ତି ରହିଛି । ପରମାତ୍ମା ଜୀବର ଶରୀରରେ ଜୀବନ ଶକ୍ତି ରୂପରେ ରହିଛନ୍ତି । ତପସ୍ୱୀ ମାନଙ୍କ ଠାରେ ତପସ୍ୟା ଅର୍ଥାତ୍ ଶୀତ-ଉଷ୍ଣ ଭଳି ସମସ୍ତ ଦ୍ୱନ୍ଦ୍ୱାତିକ ଅନୁଭବ ସହନ କରିନେବାର ସାମର୍ଥ୍ୟ ହେଉଛନ୍ତି ସିଏ । ତପସ୍ୱୀ ମାନଙ୍କ ଜୀବନ ତପସ୍ୟା ନିମନ୍ତେ ଉଦ୍ଦିଷ୍ଟ । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁସାରେ ପ୍ରତ୍ୟେକ ବସ୍ତୁରେ ପବିତ୍ର ଧର୍ମ ରୂପରେ ପରମାତ୍ମା ହିଁ ବିରାଜମାନ । ବସ୍ତୁର ନାମ ଓ ରୂପ କଳ୍ପିତ ଅର୍ଥାତ୍ ମାୟା । ମାୟାକୁ ହଟାଇଦେଲେ ଯାହା ଶେଷ ରହେ, ତାହା ହେଉଛି ପରମାତ୍ମା ତତ୍ତ୍ୱ ଯାହା ବସ୍ତୁ ଓ ଜୀବ ଭିତରେ ସାର ରୂପରେ ଓତପ୍ରୋତ । ଶ୍ରୀ ରାମାନୁଜଙ୍କ ବ୍ୟାଖ୍ୟାରେ କୁହାଯାଇଛି; ଜୀବର ଶରୀରରେ ଆତ୍ମା ହେଉଛି ସାର ତତ୍ତ୍ୱ । ଆତ୍ମା ଦ୍ୱାରା ପ୍ରାପ୍ତ ହେଉଥିବା ଶକ୍ତିରେ ହିଁ ଶରୀର ପରିଚାଳିତ ହେଉଛି । ଏହି ପ୍ରକାରେ ମୋର ଶରୀର ସାଦୃଶ୍ୟ ସମସ୍ତ ବ୍ରହ୍ମାଣ୍ଡରେ 'ମୁଁ' ହିଁ ସାର ରୂପରେ ଅବସ୍ଥିତ । ଯେପରି ଜଳରେ ରସ ରୂପରେ ଓ ଚନ୍ଦ୍ର ସୂର୍ଯ୍ୟରେ ପ୍ରଭା ରୂପରେ ଇତ୍ୟାଦି । ଘଟ, ସରା ଆଦିରେ ମୃତ୍ତିକା ଅନୁଗତ । ଏଥିପାଇଁ ମୃତ୍ତିକା ଏମାନଙ୍କର ଉପାଦାନ କାରଣ । ଜଗତର ସମସ୍ତ ପଦାର୍ଥରେ ପରମାତ୍ମା ତତ୍ତ୍ୱ ଅନୁଗତ, ଯେହେତୁ ସୃଷ୍ଟିର ସମସ୍ତ ଉତ୍ପନ୍ନ ପଦାର୍ଥର ଉପାଦାନ କାରଣ ହେଉଛନ୍ତି ସ୍ୱୟଂ ଭଗବାନ । ଯେପରି ଜ୍ଞାନ ହେଉଥିବା ଜଳର ରସଠାରେ ଆଶ୍ରୟ କଳ୍ପିତ

ମାତ୍ର, ସେପରି ସମସ୍ତ ଜଗତ ମଧ୍ୟ ପରମବ୍ରହ୍ମଙ୍କ ଠାରେ କଳ୍ପିତ ମାତ୍ର । ଏପରିସ୍ଥଳେ "ରଜ୍ଜୁ-ସର୍ପ, ସ୍ୱପ୍ନ ସାଦୃଶ୍ୟ ଜଗତ ମିଥ୍ୟା, ଅସତ୍ୟ ଏହି ଭାବ ଅର୍ଜୁନଙ୍କ ମନରେ ଜାତ ନ ହେବାପାଇଁ, ଭଗବାନ ସ୍ୱୟଂ ସୃଷ୍ଟିର ସମସ୍ତ ବସ୍ତୁରେ ସାର ତତ୍ତ୍ୱ ରୂପରେ ସ୍ଥିତ ବୋଲି କହିଛନ୍ତି । ସୃଷ୍ଟି ରଚନାରେ ସେ ହେଉଛନ୍ତି କର୍ତ୍ତା, କାରଣ ଓ କାର୍ଯ୍ୟ । ରସ ମଧ୍ୟ ଭଗବାନ , ଜଳ ମଧ୍ୟ ଭଗବାନ । ସେହିପରି ପ୍ରଭା ମଧ୍ୟ ଭଗବାନ, ଚନ୍ଦ୍ର ,ସୂର୍ଯ୍ୟ ମଧ୍ୟ ଭଗବାନ । 'ଓଁ' କାର ମଧ୍ୟ ଭଗବାନ, ବେଦ ମଧ୍ୟ ଭଗବାନ । ଶବ୍ଦ ମଧ୍ୟ ଭଗବାନ, ଆକାଶ ମଧ୍ୟ ଭଗବାନ । ପୁରୁଷାର୍ଥ ମଧ୍ୟ ଭଗବାନ, ମନୁଷ୍ୟ ମଧ୍ୟ ଭଗବାନ । ଯେହେତୁ ପରମାତ୍ମା ଅତିରିକ୍ତ, ଅନ୍ୟ କାହାର ସତ୍ତା ନାହିଁ, ତେଣୁ ଭଗବାନଙ୍କଠାରେ କାର୍ଯ୍ୟ ଓ କାରଣର ଭେଦ ରହି ନ'ଥାଏ । କାର୍ଯ୍ୟ ଓ କାରଣର ଭେଦ ମନୁଷ୍ୟର ଦୃଷ୍ଟିରେ ରହିଥାଏ । ତେଜ ଓ ଅଗ୍ନି, ଜୀବନ ଶକ୍ତି ଓ ପ୍ରାଣୀ, ତପସ୍ୟା ଓ ତପସ୍ୱୀ, ସବୁକିଛି କାରଣ ଓ କାର୍ଯ୍ୟ ସେହି ଏକମାତ୍ର ଭଗବାନ । ପରା ଓ ଅପରା ଦୁଇଟିଯାକ ଭଗବାନଙ୍କର ଶକ୍ତି ହୋଇଥିବାରୁ, ତାହା ଭଗବାନଙ୍କଠାରୁ ଅଭିନ୍ନ । ତେଣୁ ଏହି ଦୁଇ ଶକ୍ତିର ସଂଯୋଗରୁ ଉତ୍ପନ୍ନ ସଚରାଚର ଭଗବତ୍ ସ୍ୱରୂପ ଅଟେ ।

ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।
ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ ॥ ୧୦॥

*ଅନ୍ୱୟ : ପାର୍ଥ ( ହେ ପୃଥା ନନ୍ଦନ!) ମାଂ ( ମୋତେ) ସର୍ବ ଭୂତାନାଂ ( ସମସ୍ତ ଜୀବଙ୍କର) ସନାତନମ୍ (ଶାଶ୍ୱତ-ଚିରନ୍ତନ) ବୀଜଂ ( ବୀଜ-କାରଣ) ବିଦ୍ଧି (ବୁଝିବାକୁ ଚେଷ୍ଟାକର) ଅହମ୍ (ମୁଁ ) ବୁଦ୍ଧିମତାଂ ( ବୁଦ୍ଧିମାନ୍ ମାନଙ୍କର ) ବୁଦ୍ଧିଃ ( ସତ୍ତ୍ୱଭାବାପନ୍ନ ବୁଦ୍ଧି ) ତେଜସ୍ୱିନାଂ (ତେଜସ୍ୱୀ ମାନଙ୍କର) ତେଜଃ ( ତେଜ-ପ୍ରତିଭା) ଅସ୍ମି ( ଅଟେ) ।*

**ଭାବାର୍ଥ**: ପ୍ରତ୍ୟେକ ପ୍ରାଣୀ ଚଉରାଅଶି ଲକ୍ଷ ଜୀବ ଯୋନିର ଅନ୍ତର୍ଗତ । ଏମାନଙ୍କ ମଧ୍ୟରୁ ପଶୁ, ପକ୍ଷୀ, ମାନବ ଓ ଅନ୍ୟ ଜୀବନ୍ତ ପ୍ରାଣୀଗଣ ଜଙ୍ଗମ ଶ୍ରେଣୀର ଅଟନ୍ତି । ବୃକ୍ଷ, ଲତା ଆଦି ସ୍ଥାବର ଶ୍ରେଣୀର ଅଟନ୍ତି । ପ୍ରତ୍ୟେକ ଅବସ୍ଥାରେ ପରମାତ୍ମା ହେଉଛନ୍ତି ସେମାନଙ୍କର ବୀଜ । ପରମାତ୍ମା ହେଉଛନ୍ତି ସମସ୍ତଙ୍କର ମୂଳ । ରାମାନୁଜାଚାର୍ଯ୍ୟ "ବୀଜ" ଶବ୍ଦକୁ ଏପରି ବ୍ୟାଖ୍ୟା କରିଛନ୍ତି କି, ଜଗତ ନିର୍ମିତ ହେବାର କାରଣ ପରଂବ୍ରହ୍ମ ହିଁ କେବଳ, ଯେପରି ଶରୀରରେ ସମସ୍ତ ଶକ୍ତି, ସାମର୍ଥ୍ୟ, ବଳ, ବୁଦ୍ଧି ଏବଂ ଧାତୁ ଆଦି ଉତ୍ପନ୍ନ ହେବାର କାରଣ ଜୀବାତ୍ମା ହୋଇଥାଏ । ଶରୀର, ମନ, ଇନ୍ଦ୍ରିୟ ସମୂହକୁ ଅନୁଶାସନ କରି- ଏହିଗୁଡିକୁ ସଂଚାଳନ କରୁଥିବା ଅନ୍ତଃକରଣର ଯେଉଁ ପରିଶୁଦ୍ଧ ବୋଧମୟୀ ଶକ୍ତି, ତାହା ହେଉଛି ବୁଦ୍ଧି । ବୁଦ୍ଧି ଶକ୍ତି ଭଗବାନଙ୍କ ଅପରା ପ୍ରକୃତିର ଅଂଶ ଅଟେ । ବୁଦ୍ଧିମାନ୍ ମନୁଷ୍ୟର ବିବେକ ରୂପକ ସାତ୍ତ୍ୱିକ ବୁଦ୍ଧି ହେଉଛି ଭଗବାନଙ୍କ ସ୍ୱରୂପ । ତେଣୁ ବୁଦ୍ଧିମାନ୍ ମନୁଷ୍ୟ ହିଁ ପରମ ପୁରୁଷ ଭଗବାନଙ୍କୁ ବୁଝିପାରିବ । ନିଜର ଚତୁର୍ପାର୍ଶ୍ୱରେ ସମସ୍ତଙ୍କୁ ପ୍ରଭାବିତ କରିପାରୁଥିବା ଶକ୍ତି ହେଉଛି ତେଜ । ଏହି ତେଜ-ତତ୍ତ୍ୱ ଯାହାର ବିଶେଷ ହୋଇଥାଏ, ସେ' ତେଜସ୍ୱୀ ପଦବାଚ୍ୟ । ତେଜସ୍ୱୀ ପୁରୁଷଙ୍କଠାରେ ପ୍ରତିଭା ରୂପରେ ପରମାତ୍ମା ବିରାଜମାନ । ଯାହାର

ଜୀବନ ଦିବ୍ୟମୟ, ସେ' ଏହି ତେଜମୟ ବ୍ରହ୍ମ ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି । ଏହି ତେଜ ସେହି ମହାପୁରୁଷଙ୍କ ମୁଖ ମଣ୍ଡଳରେ ଜ୍ୟୋତି ରୂପରେ ଝଲସିଥାଏ । ଏହି ତେଜ ଭଗବାନଙ୍କ ହିଁ ସ୍ୱରୂପ । ତତ୍ତ୍ୱଜ୍ଞ ଜୀବନମୁକ୍ତ ପୁରୁଷଙ୍କ ଠାରେ ଯେଉଁ ତେଜ ବା ପ୍ରତିଭା ଥାଏ, ତାହାରି ପ୍ରଭାବରେ ଦୁର୍ଗୁଣ-ଦୁରାଚାରରେ ଲିପ୍ତ ବ୍ୟକ୍ତି ମଧ୍ୟ ଗୁଣବାନ୍-ସଦାଚାରୀ ହୋଇ ଯାଇଥାନ୍ତି । ଜୀବର ଶରୀରରେ ପରମାତ୍ମା ହିଁ ବୁଦ୍ଧି ରୂପରେ, ତେଜ ରୂପରେ ବିଦ୍ୟମାନ । ସୁତରାଂ ସମସ୍ତ ଜୀବ ଜଗତ ମଧ୍ୟ ପରମାତ୍ମାଙ୍କ ସ୍ୱରୂପ । ଭଗବାନ କହୁଛନ୍ତି, ହେ ପୃଥାପୌତ୍ର ଅର୍ଜୁନ ! ସମ୍ପୂର୍ଣ୍ଣ ପ୍ରାଣୀଙ୍କ ଭିତରେ ଯେଉଁ ଅବିନାଶୀ ବୀଜ, ଯାହା ପ୍ରଳୟ କାଳରେ ରହିଥାଏ ତାହା ମଧ୍ୟ 'ମୁଁ' । ଏହି ସନାତନ ବୀଜ କେବେ ନାଶ ହୋଇ ନ ଥାଏ । ଜଗତ ମୋ ଠାରୁ ଉଦ୍ଭବ ହେଲେ ମଧ୍ୟ 'ମୁଁ' ନଷ୍ଟ ନ ହୋଇ ଯଥାବତ୍ ରହିଥାଏ । ଭଗବାନଙ୍କ ଏହି ବିଶେଷତା ହିଁ ସନାତନ ତତ୍ତ୍ୱ । ବୃକ୍ଷର ପ୍ରାରମ୍ଭ ବୀଜରୁ ହୁଏ । ପତ୍ର, ପୁଷ୍ପ, ଫଳ ଧାରଣ କରି ପରିଶେଷରେ ବୀଜରେ ହିଁ ସମାପ୍ତି ହୁଏ । ସେହିପରି ମୋ' ବୀଜ ରୂପ କାରଣରୁ ସମସ୍ତ ପ୍ରାଣୀ ଜାତହୋଇ ,ମୋ'ଠାରେ ରହି, ଶେଷରେ ମୋ'ଠାରେ ହିଁ ବିଲୀନ ହୋଇଥାନ୍ତି । ଅନ୍ତରେ କେବଳ ମୋରି ହିଁ ସତ୍ତା ଶେଷ ରହେ । ଏହାକୁ ପରମ ଅବ୍ୟକ୍ତ, ପରମ ଅକ୍ଷର ନାମରେ ମଧ୍ୟ କୁହାଯାଇଛି । ଏହି ଚେତନ ତତ୍ତ୍ୱରୂପକ ବୀଜ ଅବ୍ୟୟ ଅର୍ଥାତ୍ ଅବିନାଶୀ, ବିକାର ରହିତ ଏବଂ ସମସ୍ତ ଜଗତର ଉତ୍ପାଦକ, ପ୍ରକାଶକ, ଆଶ୍ରୟ ତଥା ମୂଳ କାରଣ । ଜୀବାତ୍ମା ଯେତେବେଳେ ଜଡ ସହିତ ନିଜର ସମ୍ବନ୍ଧ ସ୍ୱୀକାର କରେ, ସେତେବେଳେ 'ବୀଜ' ଶବ୍ଦ ଜୀବାତ୍ମା ବାଚକ ହୁଏ । ଅନ୍ୟଥା, ଏହା ସନାତନ ଭଗବାନଙ୍କ ସ୍ୱରୂପ । ଗୋଟିଏ ବୀଜରୁ ଅଙ୍କୁରିତ ହୋଇଥିବା ପତ୍ର ଦୁଇଟି ମଧ୍ୟ ସମାନ ଆକାର ହୋଇ ନ ଥାନ୍ତି । ସେହିପରି ସୃଷ୍ଟିରେ ସମସ୍ତ ପ୍ରାଣୀ, ପଦାର୍ଥ ମଧ୍ୟରେ ଭିନ୍ନତା ରହିଥିଲେ ମଧ୍ୟ, ସମସ୍ତଙ୍କ ଉତ୍ପାଦକ 'ବୀଜ' ଏକ ଅଟେ । ଅନନ୍ତ ବ୍ରହ୍ମାଣ୍ଡର ଜୀବ ମଧ୍ୟ ଅନନ୍ତ । ମାତ୍ର ସେହି ଅନନ୍ତ ଜୀବଙ୍କର ବୀଜ ରୂପ ଚେତନା ତତ୍ତ୍ୱ ଏକ । ଏହାର ତାତ୍ପର୍ଯ୍ୟ ହେଲା, ଏକମାତ୍ର ଭଗବାନ ଅନେକ ରୂପରେ ଅଭିବ୍ୟକ୍ତ ହୁଅନ୍ତି ଏବଂ ଅନେକ ରୂପରେ ଅଭିବ୍ୟକ୍ତ ହୋଇ ସୁଦ୍ଧା 'ସେ' ସେହି ଏକ ହୋଇ ରହିଥାନ୍ତି । ଶ୍ରୁତି ବାକ୍ୟ ହେଲା; " ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ - ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ "- ଏହାର ଅର୍ଥ ହେଲା, ଏହି ଜଗତର ଉତ୍ପାଦକ ପରମାତ୍ମା ପୂର୍ଣ୍ଣ ଅଟନ୍ତି ଏବଂ ଏହି ଜଗତ ମଧ୍ୟ ପୂର୍ଣ୍ଣ । ସେହି ପୂର୍ଣ୍ଣରୁ ହିଁ ଏହି ପୂର୍ଣ୍ଣ ନିସୃତ । କିନ୍ତୁ ପୂର୍ଣ୍ଣ ଉତ୍ପନ୍ନ ହେଲାପରେ ମଧ୍ୟ ସେହି ପୂର୍ଣ୍ଣର କିଛି ବି ଅଂଶ ନ୍ୟୂନ ହୁଏନାହିଁ । ତାହା ଯଥାବତ୍ ପୂର୍ଣ୍ଣ ହୋଇରହେ । ଏହା କିପରି ସମ୍ଭବ ? ଏହାକୁ ପ୍ରମାଣିତ କରିବାକୁ ଶ୍ରୀ ଶଙ୍କାରାଚାର୍ଯ୍ୟ ଜଗତକୁ ମାୟାରୂପ କହିଛନ୍ତି । ଅର୍ଥାତ୍ ସଂସାର ପରମାତ୍ମାଙ୍କଠାରୁ ଉତ୍ପନ୍ନ ହୋଇନାହିଁ । ଅବିଦ୍ୟା କାରଣରୁ ପରମାତ୍ମାଙ୍କ ସ୍ୱରୂପ ହିଁ ସଂସାର ରୂପରେ କଳ୍ପିତ ମାତ୍ର ।

ବଳଂ ବଳବତାଂ ଚାହଂ କାମରାଗ ବିବର୍ଜିତମ୍ ।
ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ॥ ୧୧ ॥

*ଅନ୍ୱୟ: ଭରତର୍ଷଭ ( ହେ ଭରତ ଶ୍ରେଷ୍ଠ ଅର୍ଜୁନ!) ଅହଂ ( ମୁଁ ) ବଳବତାଂ (ବଳବାନ୍ ମାନଙ୍କର ) କାମରାଗ ବିବର୍ଜିତମ୍ (କାମ ଓ ଆସକ୍ତି ଶୂନ୍ୟ ) ବଳଂ ( ବଳ ) ଚ ( ଏବଂ ମୁଁ ) ଭୂତେଷୁ ( ପ୍ରାଣୀ ମାନଙ୍କ ଠାରେ) ଧର୍ମ-ଅବିରୁଦ୍ଧୋ ( ଧର୍ମାନୁକୂଳ ଅର୍ଥାତ୍ ଯାହା ଧର୍ମ ନୀତିର ବିରୁଦ୍ଧାଚରଣ କରେନାହିଁ ) କାମଃ ( ଶୁଭ କାମନା ଅଟେ ) ।*

**ଭାବାର୍ଥ** : ହେ ଭରତ ଶ୍ରେଷ୍ଠ ଅର୍ଜୁନ ! ଏହା ମଧ୍ୟ ତୁମେ ଜାଣିରଖ ଯେ, ବଳବାନ୍ ପାଖରେ ରହିଥିବା କାମନା ଓ ଆସକ୍ତି ଶୂନ୍ୟ ବଳ ହେଉଛି 'ମୁଁ' । ସଂସାର କଲ୍ୟାଣ ଉଦ୍ଦେଶ୍ୟରେ ବଳବାନ୍ ଙ୍କ ହୃଦୟରେ ରଜ, ତମ ଭାବ ରହିତ ବଳ ରୂପରେ 'ମୁଁ' ବିଦ୍ୟମାନ । ସଂସାର ହିତକୁ ଦୃଷ୍ଟିରେ ରଖି ପ୍ରାଣୀମାନଙ୍କ ଠାରେ ମୁଁ 'କାମ' ରୂପରେ ଉଦ୍ଭବ ହୋଇ ସଂସାରର ସମସ୍ତ ଶୁଭ କର୍ମକୁ ବଢାଇନିଏ । 'ମୁଁ' ମଧ୍ୟ କନ୍ଦର୍ପରୂପୀ 'କାମ' ରୂପେ ପ୍ରବିଷ୍ଟ ହୋଇ ପ୍ରାଣୀମାନଙ୍କ ବଂଶୋଦ୍ଭବ କାରଣ ହୋଇଥାଏ । କେହି କେହି ଟୀକାକାର "ଧର୍ମାବିରୁଦ୍ଧୋ କାମଃ" ଶବ୍ଦର ଅର୍ଥକୁ ଜାୟାପତ୍ୟ ସମ୍ବନ୍ଧରେ ଶାସ୍ତ୍ରାନୁଗତ ଦୈହିକ ସମ୍ପର୍କର 'କାମନା' ବୋଲି ମତ ରଖିଛନ୍ତି । ସେମାନଙ୍କ ମତାନୁସାରେ, ଶାସ୍ତ୍ର ବିଧି ଅନୁସାରେ ସନ୍ତାନ ଉତ୍ପତ୍ତି ନିମିତ୍ତ ସ୍ୱାମୀ ଓ ସ୍ତ୍ରୀ ସଙ୍ଗ ଜନିତ 'କାମ' ମଧ୍ୟ ଭଗବାନଙ୍କ ସ୍ୱରୂପ ଅଟେ । କିନ୍ତୁ ଭଗବାନଙ୍କ ବିଧାନ ଜାତି, ବର୍ଣ୍ଣ, ବୟସ, ଲିଙ୍ଗ ନିର୍ବିଶେଷରେ ସମସ୍ତ ସ୍ତରରେ ମାନବ ଜାତି ପାଇଁ ପ୍ରଯୁଜ୍ୟ କାରଣରୁ - "ଧର୍ମ ପୋଷକ ଶୁଭ କାମନା ପୂର୍ଣ୍ଣ ହୃଦୟ ହିଁ ଭଗବାନଙ୍କ ଆବାସ ସ୍ଥଳ" – ଏହିପରି ଅର୍ଥ କରିବା ସମିଚୀନ । ସୃଷ୍ଟିର ମଙ୍ଗଳ କାମନା ଭଗବାନଙ୍କ ସ୍ୱରୂପ ଅଟେ । କାରଣ ଭଗବାନଙ୍କ ଇଚ୍ଛାରେ ହିଁ ସମସ୍ତ ସୃଷ୍ଟି ପରିଚାଳିତ । ସେହିପରି ଜୀବ ଭିତରେ ଥିବା ଆତ୍ମା ମଧ୍ୟ ନିଜର ଓ ଅନ୍ୟର ମଙ୍ଗଳ କାମନା କରିବାର ସ୍ୱରୂପ ଅଟେ । କାମନାର ଆବେଗତା ଏବଂ ମୋହର ଭାବ ପ୍ରବଣତାକୁ ପ୍ରତିହତ କରିବା ନିମିତ୍ତ ସଂଯମୀ ପୁରୁଷର ଯେଉଁ ଆତ୍ମ-ବଳ, ତାହା ହେଉଛି ଭଗବାନଙ୍କ ସ୍ୱରୂପ । କ୍ଷୁଧା ମେଣ୍ଟାଇବା ନିମିତ୍ତ ଖାଦ୍ୟ ଇଚ୍ଛା କରିବା ପାପ ନୁହେଁ । କିନ୍ତୁ ଜିଭର ସୁସ୍ୱାଦ୍ୟ ଖାଦ୍ୟପ୍ରତି ଆସକ୍ତି ପୂର୍ତ୍ତି କରିବାକୁ ଯାଇ ଅସତ୍ ମାର୍ଗ ଅବଲମ୍ବନ କରିନେବା ପାପ ଅଟେ । ତେଣୁ କାମନାର ପଶ୍ଚାତରେ ଯେଉଁ ସଂକଳ୍ପ ରହିଥାଏ, ତାହା ଶୁଦ୍ଧ, ସାତ୍ତ୍ୱିକ ଏବଂ କଲ୍ୟାଣକର ହେବା ବିଧେୟ । ଯେଉଁ ବିଷୟ କିମ୍ବା ପଦାର୍ଥ ନିଜ ପାଖରେ ନାହିଁ, କେବଳ ବାସନା ରୂପରେ ମନରେ ରହି ଆସିଛି, ତାହା ପାଇବାର ଇଚ୍ଛା ହେଉଛି 'କାମ' । ଯେଉଁ ବିଷୟ କିମ୍ବା ପଦାର୍ଥ ପାଖରେ ରହିଛି ଏବଂ ସେଥିରେ ମନର ଦୃଢ ସମ୍ବନ୍ଧ ଯୋଡିହୋଇ ରହିଛି, ତାହା ହେଉଛି 'ରାଗ' । ଭୋଗ୍ୟ ବସ୍ତୁର ସେବନ ପରେ ସେହି ବସ୍ତୁ ପ୍ରତି ଯେଉଁ ବିଶେଷ ଅନୁରାଗ ରହେ, ତାହା ହେଉଛି 'ମୋହ' । ଧର୍ମକୁ ବିରୁଦ୍ଧାଚରଣ କରୁଥିବା କାମ, ରାଗ ଓ ମୋହ ଆଦିକୁ ମାୟା ଜନିତ କୁହାଯାଇଛି । ସେହି ମାୟା ମଧ୍ୟ ଈଶ୍ୱରଙ୍କଠାରୁ କିଛି ପୃଥକ ବସ୍ତୁ ନୁହେଁ, ଯେହେତୁ ଜଗତ ଭଗବାନଙ୍କ ଯୋଗ ମାୟା ଶକ୍ତି ଦ୍ୱାରା ହିଁ ରଚା ଯାଇଛି । ବସ୍ତୁତଃ ଅସୁର ସମ୍ପଦ ମଧ୍ୟ ଈଶ୍ୱରଙ୍କ ଶକ୍ତି ଅଟେ । ମାତ୍ର ଏହାର ଗୁଣ ଓ ଧର୍ମ ପରମାତ୍ମା ପରଂବ୍ରହ୍ମଙ୍କ ସାତ୍ତ୍ୱିକ ସ୍ୱରୂପଠାରୁ ଭିନ୍ନ । ଆସୁରୀ ସମ୍ପଦ ହେଉଛି ମନୁଷ୍ୟ ଶରୀରରେ ଅପରା ପ୍ରକୃତି-ଗୁଣରୁ ସୃଷ୍ଟି ହେଉଥିବା ବିକାର, ଦୋଷ ସମୂହ । ଅବଶ୍ୟ ମନରେ ସଂକଳ୍ପ ଓ କାମନା ଉତ୍ପତ୍ତିକୁ ସମ୍ପୂର୍ଣ୍ଣ ଭାବରେ ନିବାରଣ କରାଯାଇ ପାରିବ ନାହିଁ, ମାତ୍ର

ତାହା ମନୁଷ୍ୟର ନିୟନ୍ତ୍ରଣ ବହିର୍ଭୂତ ନ ହୋଇ ନିଜର ଧାରଣ ଶକ୍ତିର ଅନ୍ତର୍ଗତ ହୋଇ ରହିବା ବିଧେୟ । ଧର୍ମର ବିରୁଦ୍ଧ ହେଉଥିବା କାମନା ମନୁଷ୍ୟକୁ ପାପ କର୍ମରେ ଲିପ୍ତ କରି ନର୍କ ଯନ୍ତ୍ରଣା ପ୍ରାପ୍ତ କରାଇଥାଏ । ଏଣୁ ମନୁଷ୍ୟର ଯେଉଁ କାମ ଶକ୍ତି ଧର୍ମାନୁକୂଳ, ମର୍ଯ୍ୟାଦାନୁକୂଳ ହୋଇଥାଏ, ତାହା ଭଗବାନଙ୍କ ସ୍ୱରୂପ ଅଟେ । ଭଗବାନ କହୁଛନ୍ତି; 'ମୁଁ ହେଉଛି ସେହି 'କାମ' ଯାହାଦ୍ୱାରା ମନୁଷ୍ୟ ଶରୀର ନିର୍ବାହ କରି, ଅନନ୍ୟ ଭକ୍ତ ଭାବରେ ମୋତେ ପ୍ରାପ୍ତ ହେବାପାଇଁ କୃପା ଭିକ୍ଷା କରିଥାଏ । ତେଣୁ ଭଗବାନ ଆଗକୁ କହିଛନ୍ତି; ଯେଉଁ ପୁରୁଷ ପରଂବ୍ରହ୍ମଙ୍କ ଶରଣକୁ ଚାଲିଯାଏ, ସେ ମାୟାକୁ ଅତିକ୍ରମ କରି ବ୍ରହ୍ମକୁ ପ୍ରାପ୍ତ କରି ନେଇଥାଏ । କୌଣସି ପାପ କର୍ମରେ ଲିପ୍ତ ହେବା ପୂର୍ବରୁ ଅନ୍ତଃକରଣରୁ ଏକ ପ୍ରତିରୋଧ ଆସିଥାଏ । ସେହି ପ୍ରତିରୋଧ ଯେଉଁ ସ୍ଥାନରୁ ଉତ୍ପନ୍ନ ହୁଏ ତାହା ହେଉଛି ଧର୍ମ । ଧର୍ମ ଆତ୍ମାର ପରିଛାୟା ରୂପେ ଅନ୍ତରରେ ନିଜର ସ୍ଥାନ ନେଇ ରହିଥାଏ ଏବଂ ଏହା ଇନ୍ଦ୍ରିୟ, ମନ, ବୁଦ୍ଧିକୁ ଧାରଣ କରି ରଖିଥାଏ । ଗୋଟିଏ ହେଲା କାର୍ଯ୍ୟ ଧର୍ମ, ଅନ୍ୟଟି ହେଲା କାରଣ ଧର୍ମ । କାର୍ଯ୍ୟ ଧର୍ମକୁ ମନୁଷ୍ୟ ଧାରଣ କରିଥାଏ ଏବଂ କାରଣ ଧର୍ମ ମନୁଷ୍ୟକୁ ଧାରଣ କରି ରହିଥାଏ । ମନୁଷ୍ୟ ଧାରଣ କରିଥିବା ଧର୍ମ ମାୟାର ପରବଶ ହୋଇ କାର୍ଯ୍ୟ କ୍ଷେତ୍ରରେ ଦୋଷ, ବିକାର ଗ୍ରସ୍ତ ହେବାର ସମ୍ଭାବନା ରହିଛି । କିନ୍ତୁ ଜୀବକୁ ଧାରଣ କରି ରଖିଥିବା ଧର୍ମ ନିତ୍ୟ, ଶୁଦ୍ଧ ଓ ପବିତ୍ର ରହିଥାଏ । "ଧର୍ମୋ ରକ୍ଷତି ରକ୍ଷିତଃ" ମନୁଷ୍ୟ ଅନ୍ତରରେ ରହିଥିବା କାରଣ ଧର୍ମକୁ ରକ୍ଷା କଲେ, କାର୍ଯ୍ୟ ଧର୍ମ ତାହାର ରକ୍ଷା କରିଥାଏ । ପିତାମହ ଭୀଷ୍ମଙ୍କର ଜୀବନରେ ଏକମାତ୍ର ପାପ ଥିଲା କି, ଉଚିତ ସମୟରେ ସେ କ୍ରୋଧ କରି ନଥିଲେ । ଜଟାୟୁର ଜୀବନରେ ଏକମାତ୍ର ପୂଣ୍ୟ ଥିଲା କି, ସେ ଉଚିତ ସମୟରେ କ୍ରୋଧ କରିଥିଲା । ପରିଣାମ ସ୍ୱରୂପ ଭୀଷ୍ମଙ୍କୁ ଅନ୍ତଃକାଳରେ ଶର ଶଯ୍ୟାରେ ରହି ଯନ୍ତ୍ରଣା ଭୋଗିବାକୁ ହେଲା, ମାତ୍ର ଜଟାୟୁକୁ ପ୍ରଭୁ ଶ୍ରୀରାମଙ୍କ ପାଦପଦ୍ମ ପ୍ରାପ୍ତ ହେଲା । ତେଣୁ ବେଦ କହିଅଛି; "କାମ" ଓ "କ୍ରୋଧ" ସେବେ ପୂଣ୍ୟ ହୋଇ ଯାଇଥାଏ, ଯେବେ ତାହା "ଧର୍ମ" ଓ "ମର୍ଯ୍ୟାଦା" ରକ୍ଷା ନିମନ୍ତେ କରା ଯାଇଥାଏ ।

ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥ ୧୨॥

*ଅନ୍ୱୟ: ଯେ- ଚ- ଏବ ( ଏବଂ ଯେତେ ସମସ୍ତ ) ସାତ୍ତ୍ୱିକା ( ସତ୍ତ୍ୱଗୁଣ ପ୍ରଧାନ ) ରାଜସାଃ ( ରଜୋଗୁଣ ପ୍ରଧାନ ) ତାମସାଃ ( ତମୋଗୁଣ ପ୍ରଧାନ) ଭାବାଃ ( ଭାବ ସମୂହ ରହିଛି ) ଯେ ( ଯଦିଓ ) ତାନ୍ ( ସେହି ସମସ୍ତ ) ମତ୍ତଃ ଏବ ( ମୋଠାରୁ ହିଁ ଉତ୍ପନ୍ନ) ଇତି ( ବୋଲି) ବିଦ୍ଧି (ଜାଣ) ତୁ (କିନ୍ତୁ) ଅହମ୍ ( ମୁଁ) ତେଷୁ ( ସେହି ସବୁରେ) ନ ( ନାହିଁ ଅର୍ଥାତ୍ "ମୁଁ" ସେହି ସମସ୍ତଙ୍କ ଅଧୀନ ନୁହେଁ ) ତେ ( ସେହି ସମସ୍ତ ) ମୟି ( ମୋଠାରେ ବିଦ୍ୟମାନ ଅର୍ଥାତ୍ ମୋର ଅଧୀନ ) ।*

**ଭାବାର୍ଥ** : ପୂର୍ବ ବ୍ୟାଖ୍ୟାନୁସାରେ "ମାୟା ରୂପ ମଧ୍ୟ ଭଗବାନଙ୍କଠାରୁ ପୃଥକ ନୁହେଁ"- ଏହି ଉକ୍ତିକୁ ଏହିପଦରେ ପୁଷ୍ଟ କରା ଯାଇଛି । ଭଗବାନ କହୁଛନ୍ତି 'ମୁଁ ପ୍ରକୃତି ଓ ଗୁଣର ପ୍ରବର୍ତ୍ତନରେ ପ୍ରତୀତ ହେଉଥିବା ସଂସାରର ଅଧିନସ୍ଥ ନୁହେଁ, ବରଂ ପ୍ରକୃତି ଓ ଗୁଣ ସମେତ ଏ ସମସ୍ତ ସଂସାର ମୋର ନିୟନ୍ତ୍ରଣାଧୀନ । ଭୂତ

ପ୍ରକୃତିର ତ୍ରିଗୁଣ ଅର୍ଥାତ୍ ସତ୍ତ୍ୱ, ରଜ, ତମ ମୋର ମୂଳ ପ୍ରକୃତିରୁ ଉତ୍ପନ୍ନ ଅପରା ଶକ୍ତିର ଅନ୍ତର୍ଗତ । ଏହି ପ୍ରକୃତି, ଗୁଣ, ମାୟା ଦୋଷରେ 'ମୁଁ' ଲିପ୍ତ ନ ଥାଏ କି, ଏହି ମାନଙ୍କ ଦ୍ୱାରା ପ୍ରଭାବିତ ନୁହେଁ । ଆଚାର୍ଯ୍ୟ ରାମାନୁଜ କହିଛନ୍ତି; "ଲୀଳା ପ୍ରବୃତ୍ତ ଭଗବାନ ସ୍ୱୀୟ କ୍ରିଡା ନିମିତ୍ତ ଏହି ମାୟାର ସୃଷ୍ଟି କରିଛନ୍ତି" । ସେହି ଅନୁଯାୟୀ ପ୍ରକୃତି ଜନିତ ସଂସାର ଭଗବାନଙ୍କ ଠାରୁ ସତ୍ତା ଓ ସ୍ଫୁରଣ ପ୍ରାପ୍ତ ହୋଇ କ୍ରିୟାରତ । ପ୍ରକୃତି ପରମାତ୍ମାଙ୍କ ଦ୍ୱାରା ସଦା ଉପକୃତ, କିନ୍ତୁ ପ୍ରକୃତି ଜନିତ କୌଣସି ଗୁଣ, କାର୍ଯ୍ୟ ପରମାତ୍ମାଙ୍କ ନିତ୍ୟ ସତ୍ତ୍ୱ ସ୍ୱରୂପ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥାଏ । ସମସ୍ତ ଜଗତ ସୂର୍ଯ୍ୟଙ୍କ ରଶ୍ମିରେ ପ୍ରକାଶିତ ହୋଇଥାନ୍ତି, କିନ୍ତୁ ପ୍ରକାଶିତ ବସ୍ତୁର ଆକାର, ନାମ ଓ ଗୁଣରେ ସୂର୍ଯ୍ୟ ଲିପ୍ତ ରହନ୍ତି ନାହିଁ । ସେହିପରି ଜୀବ ଭିତରେ ରହିଥିବା ଆତ୍ମାରୂପ ପରମାତ୍ମାଙ୍କ ଜ୍ୟୋତିରେ ପ୍ରକୃତି ଜନିତ ସଂସାର ପ୍ରକାଶିତ ହୋଇ ସତ୍ତ୍ୱ, ରଜ, ତମ ଗୁଣ ରୂପରେ ବୋଧ ହେଉଅଛି । ଜୀବ ଓ ଜଡ ଉଭୟରେ ରହିଥିବା ସତ୍ତ୍ୱ, ରଜ, ତମ - ଏହି ତ୍ରିଗୁଣ କେବଳ ଭଗବାନଙ୍କର ସତ୍ତା ଦ୍ୱାରା ହିଁ ବିକଶିତ । ଯେଉଁ ପ୍ରକାରେ ଆତ୍ମାର ଉପସ୍ଥିତି କାରଣରୁ ଶରୀରକୁ ଭୋକ, ଶୋଷ ଅନୁଭବ ହୋଇଥାଏ, କିନ୍ତୁ ଆତ୍ମାକୁ ଅନ୍ନ ଅଥବା ଜଳର କୌଣସି ପ୍ରୟୋଜନ ନ ଥାଏ, ସେହି ପ୍ରକାରେ ପରମାତ୍ମାଙ୍କ ସତ୍ତାରେ ହିଁ ପ୍ରକୃତି ସମସ୍ତ କାର୍ଯ୍ୟ କରିବାକୁ ସମର୍ଥ ହୁଏ । କିନ୍ତୁ ଭଗବାନଙ୍କ ସଂସାରରେ କିଛି ପ୍ରାପ୍ତ ହେବାର ଅବଶେଷ ନ ଥିବା କାରଣରୁ ସେ' କାମନା ଓ ସ୍ପୃହା ରହିତ ହୋଇ ନିର୍ଲିପ୍ତ ରହନ୍ତି । ଅଦ୍ୱୈତବାଦ ଅନୁସାରେ ପ୍ରକୃତି ଜନିତ ସଂସାର ମାୟା ରୂପରେ ପରମାତ୍ମାଙ୍କ ଦ୍ୱାରା ନିର୍ମିତ । ମୃତ୍ତିକାରେ ନିର୍ମିତ ଘଟ, ସରା ଆଦିରେ ମୃତ୍ତିକା ତତ୍ତ୍ୱର ପ୍ରବେଶ ରହି, ଘଟ ଓ ସରାର ସମସ୍ତ କାର୍ଯ୍ୟରେ ଏହା ପ୍ରଭାବିତ ହୁଏ । ସେହିପରି ଯଦି ପ୍ରକୃତି ଓ ଗୁଣ ଜନିତ ସଂସାରର ଅଣୁ ପରମାଣୁରେ ପରମାତ୍ମା ତତ୍ତ୍ୱର ପ୍ରବେଶ ରହିଛି, ତା' ହେଲେ ପ୍ରକୃତିଗତ ସମସ୍ତ ଦୋଷ ବିକାର ମଧ୍ୟ ଭଗବାନଙ୍କ ଠାରେ ସ୍ଥିତ ବୋଲି କାହିଁକି ଧରା ନ ଯିବ ? ସେହିପରି ଦୁଃଖ-ସୁଖ ଆଦି ଦ୍ୱନ୍ଦ୍ୱାତ୍ମକ ଭାବ ଦ୍ୱାରା ଆତ୍ମାରୂପ ପରମାତ୍ମା ମଧ୍ୟ ପ୍ରଭାବିତ ବୋଲି କାହିଁକି ଗ୍ରହଣ କରି ନିଆଯିବ ନାହିଁ ? ଭଗବାନ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ "ଜଗତ ମିଥ୍ୟାତ୍ୱ ସିଦ୍ଧାନ୍ତ"- ଏହାର ସମାଧାନ ଅଟେ । ସଂସାରର କୌଣସି ପ୍ରକୃତି ଓ ଗୁଣ ଜନିତ ବିକାରରେ ପରମାତ୍ମା ସ୍ଥିତ ନୁହନ୍ତି । ସଂସାର ସହିତ ଭଗବାନଙ୍କ ସମ୍ବନ୍ଧ ଜନ୍ୟ-ଜନକ, ମୃତ୍ତିକା-ଘଟ ଆଦି ଭଳି ନ ହୋଇ ରଜ୍ଜୁ-ସର୍ପ ଭ୍ରମାତ୍ମକ କଳ୍ପିତ ଅଧ୍ୟାରୋପିତ ଅଟେ । ଯେପରି ରଜ୍ଜୁରେ ଅଜ୍ଞାନ ଓ ଅବିଦ୍ୟା କାରଣରୁ ସର୍ପର ରୂପ ଭାସିତ ହୋଇଥାଏ ଅର୍ଥାତ୍ ସେହି କଳ୍ପିତ ସର୍ପ ରୂପ ରଜ୍ଜୁର ହିଁ ସତ୍ତାକୁ ନେଇଥାଏ ଏବଂ ରଜ୍ଜୁରେ ହିଁ ତାହାର ଭାନ ହେବା ମଧ୍ୟ ରହିଥାଏ । ସେହି କଳ୍ପିତ ସର୍ପ ରୂପ ଦ୍ୱାରା ବାସ୍ତବରେ ରଜ୍ଜୁର ଅସଲ ସ୍ୱରୂପରେ କୌଣସି ନିର୍ମିତ କିମ୍ବା ବିଗାଡିବା କାର୍ଯ୍ୟ ସମ୍ପାଦିତ ହୋଇ ନ ଥାଏ । ସେହିପ୍ରକାର, ପରମାତ୍ମା ଜଗତକୁ ସତ୍ତା ଏବଂ ସ୍ଫୁରଣ ପ୍ରଦାନ କରିଥାନ୍ତି । ଜଗତ ଅନେକ ନାମ ଓ ରୂପରେ ବିକଶିତ ହେବାରେ ତାଙ୍କରି କୌଣସି ସମ୍ବନ୍ଧ ନାହିଁ । ଜଗତ ପରମାତ୍ମାଙ୍କ ବିନା ଭାସିତ ହୋଇପାରିବ ନାହିଁ । ଏଣୁ ଜଗତ ପରମାତ୍ମାଙ୍କ ଉପରେ ଅଧ୍ୟସ୍ତ, ଯେପରି ରଜ୍ଜୁ ଉପରେ କଳ୍ପିତ ସର୍ପ ଅଧ୍ୟସ୍ଥ ରହିଥାଏ । ଯେଉଁ କାରଣରୁ ରଜ୍ଜୁଟି ଦ୍ରଷ୍ଟାକୁ

ସର୍ପ ଭଳି ଭାସିତ ହେଉଛି, ତାହା ଅବିଦ୍ୟା ବା ମାୟା ଅଟେ । ରଜ୍ଜୁଟିର ଅସଲ ସ୍ୱରୂପ ଯେଉଁଭଳି କଳ୍ପିତ ସର୍ପ ରୂପ ଦ୍ୱାରା ପ୍ରଭାବିତ ହୁଏନାହିଁ, ପରମାତ୍ମା ସେହିପରି ସଂସାରର ସମସ୍ତ ଗୁଣରେ ନିର୍ଲିପ୍ତ ଓ ନିର୍ବିକାର ରହି ଥାଆନ୍ତି । ଅବିଦ୍ୟା କାରଣରୁ ସଂସାର ଜୀବକୁ ମାୟା ରୂପରେ ପ୍ରତିଭାସିତ ହେଉଅଛି । ଶ୍ରୀ ବଲ୍ଲଭାଚାର୍ଯ୍ୟଙ୍କ ମତରେ ନା ଭଗବାନ ପ୍ରକୃତି ଆଉ ଗୁଣରେ ଅଛନ୍ତି, ନା ପ୍ରକୃତି ଆଉ ଗୁଣ ଭଗବାନଙ୍କ ଠାରେ ଅବସ୍ଥିତ । ପ୍ରକୃତି, ଗୁଣ ସବୁ ପ୍ରକୃତି ଓ ଗୁଣରେ ହିଁ ରହିଥାନ୍ତି । ଭଗବାନଙ୍କୁ ତାହା ସ୍ପର୍ଶ କରି ନ ଥାଏ । ଶ୍ରୀ ଲୋକମାନ୍ୟ ତିଳକଙ୍କ ମତାନୁସାରେ ଭଗବାନ ସଂସାରର ବସ୍ତୁ, ବ୍ୟକ୍ତି ଠାରେ କେବଳ ବିଭୂତି ରୂପରେ ନ ଥାନ୍ତି, ସମସ୍ତ ମାୟା ଜଗତର ଉପରାନ୍ତରେ ମଧ୍ୟ ସେ ବିଦ୍ୟମାନ । ବିଶ୍ୱ ଏବଂ ବିଶ୍ୱଚର- ଏହି ଦୁଇ ହିଁ କେବଳ ଭଗବାନଙ୍କ ସ୍ୱରୂପ ନୁହେଁ, ଏହା ଅତିରିକ୍ତ ଈଶ୍ୱରଙ୍କ ବିଶ୍ୱାତୀତ ସ୍ୱରୂପ ମଧ୍ୟ ରହିଛି, ଯାହା ଗୁଣାତୀତ ପୁରୁଷଙ୍କର ଦୃଷ୍ଟିରେ ବିଦ୍ୟମାନ । ଯଦିଓ ତ୍ରିଗୁଣାତ୍ମକ ସଂସାର ପରମାତ୍ମାଙ୍କ ଠାରେ ପ୍ରତୀୟମାନ ବୋଲି ଶ୍ରୁତି, ସ୍ମୃତିରେ ବର୍ଣ୍ଣନ ରହିଛି, ସେହି ଗୁଣାତୀତ ପ୍ରକୃତି-ସ୍ୱରୂପ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର, ଶାଶ୍ୱତ ଏବଂ ସର୍ବ ଶକ୍ତିମାନ୍ । ଶ୍ରୀ ବିଦ୍ୟାବାଚସ୍ପତିଜୀଙ୍କ ବ୍ୟାଖ୍ୟାନୁସାରେ ଗୀତାରେ ଆସୁଥିବା "ଅହଂ" ଶବ୍ଦର ଅର୍ଥ ଅବ୍ୟୟ ପୁରୁଷ ବୋଲି ମାନିବାକୁ ହେବ । ପଞ୍ଚଦଶ ଅଧ୍ୟାୟ "ପୁରୁଷୋତ୍ତମ" ଯୋଗରେ ସ୍ପଷ୍ଟ କରାଯାଇଛି କି, ଅବ୍ୟୟ ପୁରୁଷ କିଛି କରି ନ ଥାନ୍ତି, କିନ୍ତୁ ସମସ୍ତଙ୍କ ଆଧାର ହେବା କାରଣରୁ ସବୁ କିଛି ସେ କରନ୍ତି ବୋଲି ଗ୍ରହଣ କରି ନିଆଯାଇଛି । ଅବ୍ୟୟ ପୁରୁଷ ସମୁଦ୍ର ସ୍ଥାନୀୟ ଉଦାହରଣ ହୋଇଥାନ୍ତି । ଯେପରି ଜଳ, ତରଙ୍ଗ, ଫେଣ, ବୁଦ୍ ବୁଦ୍ ସମେତ ସମୁଦ୍ରରୁ ଉତ୍ପନ୍ନ ସମସ୍ତ ପଦାର୍ଥ ସମୁଦ୍ର ବାହାରର ବୋଲି କୁହାଯିବ ନାହିଁ, ସେହି ସାଦୃଶ୍ୟ ଦେଶ, କାଳ, ଦ୍ରବ୍ୟ, ପଞ୍ଚଭୂତ, ସବୁ ପରମେଶ୍ୱରଙ୍କ ଠାରେ ଅନ୍ତର୍ଭୁକ୍ତ । ପରମେଶ୍ୱରଙ୍କ ଆଧାର କେହି ନୁହେଁ, ସେ ସମସ୍ତଙ୍କ ଆଧାର । ଏହାର ଅର୍ଥ ହେଉଛି; ପରମାତ୍ମା ଅଧିଷ୍ଠାନ ଚେତନ ଏବଂ ପରମାତ୍ମାଙ୍କ ଠାରେ ହିଁ ଏହି ସମସ୍ତ ପ୍ରପଞ୍ଚ ଅଧ୍ୟସ୍ଥ ହୋଇ ରହିଛି । ଅବ୍ୟୟ ପୁରୁଷଙ୍କଠାରୁ ଉତ୍ପନ୍ନ ସଗୁଣ-ସାକାର ଓ ନିର୍ଗୁଣ-ନିରାକାର ସତ୍ତ୍ୱ ଅବ୍ୟୟ ପୁରୁଷଙ୍କ ଠାରୁ ପୃଥକ ନୁହେଁ । ପୂର୍ବ ଶ୍ଳୋକରେ "ମତଃ ପରତରଂ ନାନ୍ୟତ୍" ପଦରେ କୁହା ଯାଇଥିବା ନ୍ୟାୟାନୁସାରେ, ବ୍ରହ୍ମର ବିବର୍ତ୍ତଭାବ ଅର୍ଥାତ୍ ବ୍ରହ୍ମ ଅଧ୍ୟାରୋପରେ ଭାସିତ ହେଉଥିବା ସଂସାର ହେଉ, ଅଥବା ପ୍ରକୃତି-ଗୁଣ ଜନିତ ବିକାର ହେଉ, ଏହି ସମସ୍ତ ସେହି ଅବ୍ୟୟ ପୁରୁଷରୁ ହିଁ ଉତ୍ପନ୍ନ ବୋଲି ଧରି ନିଆଯିବ । କିନ୍ତୁ ଅବ୍ୟୟ ପୁରୁଷର ସେଥିରେ "ବିଭୂତି" ସମ୍ବନ୍ଧ ରହେ । ପ୍ରକୃତି ଓ ବିକାର ସହିତ ଅବ୍ୟୟ ପୁରୁଷର "ବନ୍ଧ" ବା "ଯୋଗ" ସମ୍ବନ୍ଧ ହେବ ନାହିଁ । ବନ୍ଧ ସମ୍ବନ୍ଧରେ ଦୁଇଟି ବସ୍ତୁର ମିଶ୍ରଣରେ ନୂତନ ବସ୍ତୁର ଉତ୍ପତ୍ତି ହୋଇଥାଏ, ଯେଉଁଥିରେ ମୂଳ ବସ୍ତୁ ସେମାନଙ୍କର ନିଜ ନିଜ ରୂପ ଗୁଣ ହରାଇଥାନ୍ତି । ସୋଡା ଓ କୋଇଲାର ମିଶ୍ରଣରେ ବାରୁଦ ଉତ୍ପତ୍ତି ହୁଏ, ଯାହାର ଗୁଣ ଓ କାର୍ଯ୍ୟ ସୋଡା ଓ କୋଇଲା ପ୍ରତ୍ୟେକ ଠାରୁ ଅଲଗା । ସେହିପରି ଯୋଗ ସମ୍ବନ୍ଧ ହେଲା, ଯେଉଁଠାରେ ଦୁଇଟିଯାକ ବସ୍ତୁ ମିଶିଥିଲେ ମଧ୍ୟ, ଉଭୟ ସମାନ ରୂପରେ ଭାସିତ ହୋଇଥାନ୍ତି । କ୍ଷୀର ସହିତ ଜଳର ମିଶ୍ରଣ ଏହାର ଉଦାହରଣ । ଯେଉଁଠାରେ ଦୁଇଟି ବସ୍ତୁ ଯୁକ୍ତ ହେବାରେ, ଗୋଟିକର ସ୍ୱତନ୍ତ୍ର ସତ୍ତା

ଅକ୍ଷୁର୍ଣ୍ଣ ହୋଇ ରହିଥାଏ ଓ ଅନ୍ୟଟି ତାରି ଉପରେ ଅଧ୍ୟସ୍ତ ହୋଇ ରହେ, ତାହା ହେଉଛି "ବିଭୂତି" ସମ୍ବନ୍ଧ" । ପର୍ବତ ଉପରେ ଗାଈଟିଏ ଚରୁଥିବାର ଦୃଶ୍ୟଦ୍ୱାରା ପର୍ବତର ସ୍ୱରୂପ କିମ୍ବା ନାମ ବଦଳି ଯାଇ ନ ଥାଏ । ଗାଈଟିର ରୂପ ପର୍ବତ ଉପରେ ଅଧ୍ୟାରୋପିତ ହୋଇ ରହିଛି । ମନୁଷ୍ୟର ବୁଦ୍ଧିରେ ସଂସାରର ଭିନ୍ନ ଭିନ୍ନ ପଦାର୍ଥ ଆସିଥାଏ ଏବଂ ସେଥିରୁ ମଧ୍ୟ ବାହାରି ଯାଇଥାଏ । କିନ୍ତୁ ବୁଦ୍ଧିରେ ତାହାର କୌଣସି ବିକାର ହୋଇନ'ଥାଏ । ଏଠାରେ ବୁଦ୍ଧିର ସଂସାର ବସ୍ତୁ ସହିତ "ବିଭୂତି" ସମ୍ବନ୍ଧ କୁହାଯିବ । ଏହି ଦୃଷ୍ଟାନ୍ତ ପ୍ରକାରେ, ସାତ୍ତ୍ୱିକ, ରାଜସ ଏବଂ ତାମସ ଗୁଣ ବିଶିଷ୍ଟ ସଂସାରର ସମସ୍ତ ବସ୍ତୁ ଭଗବାନଙ୍କ ସ୍ୱରୂପରେ ଯଦିଓ ସ୍ଥିତ, ତାହାର ଭଗବାନଙ୍କ ସ୍ୱରୂପ ସହିତ କେବଳ ବିଭୂତି ସମ୍ବନ୍ଧ ଅଟେ । ନୈୟାୟିକ ଏବଂ ବୈଶେଷିକଙ୍କ ମତରେ ଈଶ୍ୱରଙ୍କ ସଙ୍କଳ୍ପ କାରଣରୁ ପରମାଣୁ ତତ୍ତ୍ୱର ସଂଯୋଗାନୁକୂଳ ବ୍ୟାପାରରେ ଜଗତ ନିର୍ମିତ । ପୃଥିବୀ, ଜଳ, ବାୟୁ, ଅଗ୍ନି ଓ ଆକାଶରେ ପରମାଣୁ ତତ୍ତ୍ୱ ହିଁ ନିତ୍ୟ । ପ୍ରଳୟ କାଳରେ ପରମାଣୁ ଅବଶେଷ ହିଁ ରହିଥାଏ । ପରମାଣୁ ଜଗତର ଉପାଦାନ କାରଣ ଏବଂ ଈଶ୍ୱର ନିମିତ୍ତ କାରଣ ଅଟନ୍ତି । ସାଙ୍ଖ୍ୟ ଏବଂ ପାତଞ୍ଜଳି ଦର୍ଶନ ବିଚାରରେ ତ୍ରିଗୁଣ ମାୟାବସ୍ଥା ପ୍ରକୃତି ହିଁ ଜଗତ ଉପାଦାନ କାରଣ । ସାଙ୍ଖ୍ୟଙ୍କ ମତରେ ପ୍ରକୃତି ବିକୃତ ହୋଇ ସୃଷ୍ଟି ନିର୍ମିତ । ପ୍ରକୃତିରେ ପରିଣାମ ହୋଇଥାଏ । ପ୍ରକୃତିର ପରିଣାମ ମହତ୍ତତ୍ତ୍ୱ, ମହତ୍ତତ୍ତ୍ୱର ପରିଣାମ ଅହଂକାର, ସେଥିରୁ ପାଞ୍ଚ ତନ୍ମାତ୍ରା, ସେଥିରୁ ପାଞ୍ଚ ମହାଭୂତ, ଏକାଦଶ ଇନ୍ଦ୍ରିୟ, ଏହା ସୃଷ୍ଟିର କ୍ରମ । ବେଦାନ୍ତ ମତ : ମାୟା ବିଶିଷ୍ଟ ବ୍ରହ୍ମ ହିଁ ସୃଷ୍ଟି ରଚନାର ଉପାଦାନ । ଭଗବାନ ଶ୍ରୀକୃଷ୍ଣ ଗୀତାରେ ଅନେକବାର ଏହି ମତ ରଖିଛନ୍ତି କି' 'ମୁଁ ହିଁ ପ୍ରକୃତି ଅବଲମ୍ବନ କରି ଏହି ସୃଷ୍ଟି ରଚନା କରିଛି । ପରମେଶ୍ୱର ଜଗତର ସୃଷ୍ଟି କର୍ତ୍ତା, ଉପାଦାନ କାରଣ ଏବଂ ନିମିତ୍ତ କାରଣ ମଧ୍ୟ । ବ୍ରହ୍ମଠାରୁ ଜଗତ ଭିନ୍ନ ନୁହେଁ । ସମ୍ପୂର୍ଣ୍ଣ ଜଗତ ବ୍ରହ୍ମ ସ୍ୱରୂପ । କେବଳ ବ୍ରହ୍ମ ଜଗତ ରୂପରେ ବିବର୍ତ୍ତ ଓ ପରିଣତ ହୋଇଛି । "ସବୁକିଛି ବାସୁଦେବ" ଏହିପରି ଜ୍ଞାନ ବୋଧ ପ୍ରାପ୍ତ ହୋଇଥିବା ମାହାତ୍ମା ସବୁଠାରୁ ଦୁର୍ଲଭ । ଜଗତର ସମସ୍ତ ପଦାର୍ଥର ବିକାଶ ଏବଂ ବିସ୍ତାର ଭଗବାନଙ୍କ ଅପରା ପ୍ରକୃତିରୁ ହିଁ ଉତ୍ପନ୍ନ । ଏହି ପ୍ରକୃତି ଭଗବାନଙ୍କ, ତେଣୁ ଏହା ତାଙ୍କଠାରୁ ଭିନ୍ନ ନୁହେଁ । ତାଙ୍କରି ଲୀଳା ସଙ୍କେତରେ ପ୍ରକୃତି ଦ୍ୱାରା ସମସ୍ତଙ୍କ ସୃଷ୍ଟି, ବିସ୍ତାର ଏବଂ ଉପସଂହାର ହୋଇଥାଏ । ଯଦିଓ ଭଗବାନ ସମସ୍ତ ତ୍ରିଗୁଣମୟ ଭାବର କାରଣ ଏବଂ ଆଧାର, ତଥାପି ବାସ୍ତବରେ ପ୍ରକୃତି ଓ ଗୁଣ ଭଗବାନଙ୍କ ଭିତରେ ରହି ନ ଥାଏ ଏବଂ ଭଗବାନ ମଧ୍ୟ ସେଥିରେ ରହି ନ ଥାନ୍ତି । ଭଗବାନ ସର୍ବଦା ଗୁଣାତୀତ, ନିତ୍ୟ ଏବଂ ନିଜେ ନିଜ ମହିମାରେ ସ୍ଥିତ । ଯଦି ସେ' ସମସ୍ତ ଭଗବାନଙ୍କଠାରେ ରହିଥାନ୍ତେ, ଭଗବାନଙ୍କ ପରି ସେମାନେ ମଧ୍ୟ ଅବିନାଶୀ ହୋଇଥାନ୍ତେ । ଯଦି ଭଗବାନ ସେଥିରେ ରହିଥାନ୍ତେ, ସେହି ସବୁର ବିନାଶରେ ଭଗବାନଙ୍କ ଅସ୍ତିତ୍ୱ ମଧ୍ୟ ନଷ୍ଟ ହୋଇଥାନ୍ତା । କିନ୍ତୁ ଭଗବାନ ନିତ୍ୟ ,ଶାଶ୍ୱତ । ସୁତରାଂ, ସମସ୍ତ ସୃଷ୍ଟିରେ ସେ ନାହାନ୍ତି, ସମସ୍ତ ସୃଷ୍ଟି ତାଙ୍କରି ଭିତରେ ମଧ୍ୟ ନାହିଁ । ତେଣୁ ଭଗବାନ କହୁଛନ୍ତି, 'ମୁଁ ନିର୍ଗୁଣ, ସ୍ୱତନ୍ତ୍ର ଏବଂ ମାୟାଧୀଶ ରୂପରେ ଏହି ସମସ୍ତ ଗୁଣର ପ୍ରଭୁ ବୋଲି

ବେଦରେ ମୋର ବର୍ଣ୍ଣନ ରହିଅଛି । ଆବଶ୍ୟକତା ବେଳେ ଏହି ପ୍ରକୃତି ଓ ଗୁଣକୁ ଅଧିନସ୍ଥ କରି, 'ମୁଁ' ଜୀବ ଲୋକରେ ଅବତାର ରୂପରେ ଆବିର୍ଭାବ ହୋଇ ସଂସାର କଲ୍ୟାଣ ନିମିତ୍ତ ଲୀଳା ରଚନା କରିଥାଏ ।

ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।
ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ॥ ୧୩ ॥

*ଅନ୍ୱୟ: ଏଭିଃ (ଏହି) ତ୍ରିଭିଃ (ତିନି) ଗୁଣମୟୈଃ ( ସତ୍ତ୍ୱ ଆଦି ଗୁଣ ରୂପକ ) ଭାବୈଃ (ଭାବ ମାନଙ୍କ ଦ୍ୱାରା) ମୋହିତଃ (ମୋହିତ) ଇଦଂ ସର୍ବଂ (ଏହି ସମସ୍ତ) ଜଗତ୍ ( ପ୍ରାଣୀ ସମୂହ ) ଏଭ୍ୟଃ ( ଏ ସମସ୍ତ ଗୁଣରୁ ) ପରମ୍ (ଶ୍ରେଷ୍ଠ – ଅତୀତ ) ଅବ୍ୟୟମ୍ (ଅବିନାଶୀ ) ମାମ୍ (ମୋତେ) ନ ଅଭିଜାନାତି ( ଜାଣି ପାରି ନ'ଥାନ୍ତି ) ।*

**ଭାବାର୍ଥ** : ଗୁଣର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଓ ତାମସ - ଏହି ତିନି ପ୍ରକାର ଭାବରେ ସମଗ୍ର ପ୍ରାଣୀ ସମୁଦାୟ ମୋହିତ ହୋଇ ରହିଛନ୍ତି । ଏହି କାରଣରୁ ମନୁଷ୍ୟ ମୋତେ ଏବଂ ମୋର ତିନିଗୁଣର ଅତୀତ ଅବିନାଶୀ ତତ୍ତ୍ୱକୁ ସହଜରେ ବୁଝି ପାରି ନ ଥାଏ । ଏହି ତିନି ଗୁଣର ଉର୍ଦ୍ଧ୍ୱରେ 'ମୁଁ' ଅବସ୍ଥିତ । ଯେ' ପର୍ଯ୍ୟନ୍ତ ଜୀବର ଅନ୍ତଃକରଣରେ ଗୁଣର କିଞ୍ଚିତ୍ ଅଂଶ ମାତ୍ର ଆବରଣ ରୂପେ ବିଦ୍ୟମାନ, ସେ' ପର୍ଯ୍ୟନ୍ତ ଜୀବ ମୋର ନିର୍ଗୁଣ ସ୍ୱରୂପକୁ ବୁଝିବାକୁ ସମର୍ଥ ହୋଇ ନ ଥାଏ । ଭଗବାନ ଏହି ପଦରେ କହିବାକୁ ଚାହୁଁଛନ୍ତି କି, ସମସ୍ତ ଜଗତ ମୋର ହିଁ ସ୍ୱରୂପ ଏବଂ ମୋରିଠାରୁ ହିଁ ବ୍ୟାପ୍ତ । ଏହି ପ୍ରକାରେ 'ମୁଁ' ସର୍ବତ୍ର ପରିପୂର୍ଣ୍ଣ ଏବଂ ଜୀବର ଅତି ନିକଟତର । କିନ୍ତୁ ଗୁଣ ତ୍ରୟରେ ବିମୋହିତ ରହିଥିବା ଜୀବ, ଅଜ୍ଞାନ କାରଣରୁ ମୋର ସ୍ୱରୂପକୁ ଜାଣି ପାରି ନ ଥାଏ । ସତ୍ତ୍ୱ, ରଜ, ତମ ଗୁଣର ପ୍ରଭାବରେ, ମନୁଷ୍ୟର ଅନ୍ତଃକରଣରେ ଦୈହିକ ସୁଖ, ଲୋଭ, କର୍ମ ଆରମ୍ଭ, ସ୍ପୃହା, ରାଗ, ଦ୍ୱେଷ, ପ୍ରମାଦ ଓ ଆସକ୍ତି ଆଦି ସମସ୍ତ ବିକାର ଜାତ ହୋଇଥାଏ । ଏ ସମସ୍ତ ବିକାର ଆତ୍ମାର ଜ୍ଞାନ ସ୍ୱରୂପକୁ ଆବରଣ କରି ରଖିଥିବାରୁ, ବୁଦ୍ଧିରେ ସଂସାରର ସମସ୍ତ ବିଷୟ ଓ ପଦାର୍ଥକୁ ନେଇ ଅସଂଖ୍ୟ ଭେଦ-ଭ୍ରାନ୍ତି ଜାତ ହୋଇଥାଏ । ଫଳରେ ମନୁଷ୍ୟର ସତ୍-ଅସତ୍, ଆତ୍ମା-ଅନାତ୍ମା ପ୍ରଭେଦର ଯଥାର୍ଥ ଜ୍ଞାନ ଆହରଣ ହୋଇ ନ ଥାଏ । ଏହା ହେଉଛି ସତ୍ତ୍ୱ, ରଜ ଓ ତମ ଗୁଣର କାରଣ ଏବଂ କାର୍ଯ୍ୟ ରୂପ ପ୍ରଭାବରେ ଜୀବର ମୋହଗ୍ରସ୍ତ ସ୍ଥିତି । ପରଦା ଉପରେ ଚଳଚିତ୍ର ଦେଖିଲା ବେଳେ, ଚିତ୍ର ବହୁଳ କାଳ୍ପନିକ ଘଟଣାକୁ ବାସ୍ତବ ବୋଲି ଭାବି ମନରେ ଭାବପ୍ରବଣତା, ଆବେଗତା ଆସିଥାଏ । କିନ୍ତୁ ସେଥିରେ ପରଦାର ଅସ୍ତିତ୍ୱ ହିଁ ବାସ୍ତବ, ଯାହା ଛାୟାଚିତ୍ର ଦ୍ୱାରା ଆବରଣ ହୋଇ ରହିଥାଏ । ସେହିପରି ତ୍ରିଗୁଣମୟୀ ପ୍ରକୃତିର କାରଣ ଓ କାର୍ଯ୍ୟ ପ୍ରଭାବରେ ସଂସାର ମୋହିତ ହୋଇ, ସମସ୍ତ କାର୍ଯ୍ୟର ମୂଳରେ ଥିବା ଅକ୍ଷୁର୍ଣ୍ଣ, ଅପରିବର୍ତ୍ତନୀୟ, ନିତ୍ୟ ନିର୍ଲିପ୍ତ ପରମାତ୍ମାଙ୍କ ସ୍ଥିତି ପ୍ରତି ମୋହଗ୍ରସ୍ତ ମନୁଷ୍ୟର ଦୃଷ୍ଟି ପହଞ୍ଚି ପାରି ନ ଥାଏ । ପ୍ରକୃତି ଓ ଗୁଣର କାର୍ଯ୍ୟ ଧାରାକୁ ବାସ୍ତବ ବୋଲି ମନେକରି ସୁଖ-ଦୁଃଖ ଭୋଗ କରିଥାଏ । ଏହି ଅବସ୍ଥାରେ ମନୁଷ୍ୟ ଭଗବାନଙ୍କ ସଗୁଣ-ନିର୍ଗୁଣ ଓ ସାକାର-ନିରାକାର ତତ୍ତ୍ୱର ରହସ୍ୟକୁ ବୁଝି ପାରି ନ ଥାଏ । ଅପର ପକ୍ଷରେ ପରମାତ୍ମା ଜୀବ ହୃଦୟରେ ଅନ୍ତର୍ଯାମୀ ପୁରୁଷ ରୂପେ ବିଦ୍ୟମାନ ହୋଇଥିଲେ ମଧ୍ୟ, ଜୀବର ଅନ୍ତଃକରଣରେ ରହିଥିବା ଗୁଣ ଜନିତ ବିକାର ସମୂହର ଉର୍ଦ୍ଧ୍ୱରେ ସେ' ରହିଥାନ୍ତି । ଏହି ଗୁଣ ବିକାର

ସମୂହ ଭଗବାନଙ୍କ ଅପରା ଶକ୍ତିରୁ ଉତ୍ପନ୍ନ । ଗୁଣ-ବିକାରର ପରମାତ୍ମାଙ୍କର ଅବିନାଶୀ ତତ୍ତ୍ୱ ସହିତ କୌଣସି ପ୍ରକାର ସମ୍ବନ୍ଧ ନ ଥାଏ । ଗୁଣ ମାନଙ୍କର ବିକାର ଜନିତ ପ୍ରଭାବରେ ଜୀବ ଈଶ୍ୱରାଭିମୁଖୀ ନ ହୋଇ ସଂସାରାଭିମୁଖୀ ହୋଇଥାଏ । ତେଣୁ ଜୀବର ଭଗବାନଙ୍କୁ ପ୍ରାପ୍ତ ହେବାର ପ୍ରଚେଷ୍ଟା କିମ୍ବା ତାଙ୍କର ତତ୍ତ୍ୱକୁ ଜାଣିବାର ଜିଜ୍ଞାସା ମନରେ ଜାଗ୍ରତ ହୁଏ ନାହିଁ । ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମତାନୁସାରେ ଜ୍ଞାନକୁ ଆବରଣ କରି ରଖିଥିବା ମାୟାର କାରଣରୁ ଜଗତ ସ୍ୱପ୍ନବତ୍ ପ୍ରତୀୟମାନ ହୋଇଥାଏ । ଜଗତର ଅସଲ ସ୍ଥିତି ନାହିଁ । କିନ୍ତୁ ଶ୍ରୀରାମାନୁଜାଚାର୍ଯ୍ୟ ମାୟାକୁ ଭଗବାନଙ୍କ ଐଶ୍ୱରୀକ ଶକ୍ତି ବୋଲି କହିଛନ୍ତି । ଭଗବାନ ଏହି ଶକ୍ତି ସହାୟତାରେ ସୃଷ୍ଟି ସର୍ଜନା କରିଛନ୍ତି । ଏହି ଶକ୍ତି ହିଁ ଜଗତର ବାସ୍ତବିକ ଉତ୍ପାଦନକାରୀ ଅଟେ । ସାତ୍ତ୍ୱିକ, ରାଜସ, ତାମସ ଗୁଣମୟ ଭାବରେ ନିର୍ମିତ ସକଳ ପ୍ରାଣୀ, ଦେବତା ମାନଙ୍କଠାରୁ ଆରମ୍ଭ କରି ବୃକ୍ଷ ଆଦି ସ୍ଥାବର ପର୍ଯ୍ୟନ୍ତ ସମସ୍ତ ଜଗତ ମୋର ଶରୀର ରୂପ ଅଟେ । ମୋହିତ ହୋଇ ରହିଥିବା ସକଳ ଜୀବ, ଆତ୍ମା ରୂପରେ ଅଧିଷ୍ଠାନ ହୋଇଥିବା ଏବଂ ସଦା ଏକରୂପ ରହି ଆସିଥିବା 'ମୋତେ' ଜାଣନ୍ତି ନାହିଁ । ଏହି ନିକୃଷ୍ଟ ପଦାର୍ଥରେ ଭୋଗବୁଦ୍ଧି ହିଁ ସମସ୍ତ ଜୀବକୁ କାହିଁକି ହୋଇଥାଏ ? ଏହାର ସମାଧାନ ହେଲା; ହାଡ, ମାଂସ, ଚର୍ମରେ ତମୋଗୁଣୀ ଶରୀର ନିର୍ମିତ । ସ୍ଥୂଳ ଶରୀର ତାମସ ବୃତ୍ତି ସମ୍ପନ୍ନ ଅଟେ । ଏଥିରେ ରଜୋଗୁଣ କ୍ରିୟାଶୀଳ ହୋଇଥାଏ । ସାତ୍ତ୍ୱିକ ବୃତ୍ତିର ପ୍ରଭାବରେ ଶରୀରରେ ଜ୍ଞାନ (ବିବେକ-ବିଚାର ) ହୋଇଥାଏ । ଶରୀର ଭିତରେ ରହିଥିବା ଜୀବାତ୍ମାର ସ୍ଥିତି ଏହାର ଉର୍ଦ୍ଧ୍ୱରେ । କିନ୍ତୁ ଶରୀରକୁ ମୋର ମାନିବା ହେଉଛି "ମମତା" ଏବଂ ନିଜକୁ ଶରୀର ମାନିବା ହେଉଛି "ଅହମ୍" । ଶରୀର ସଙ୍ଗେ ଅହଂଭାବ ଏବଂ ମମତା କରିବା କାରଣରୁ ଜୀବ ମୋହିତ ହୁଏ । ମୋହଗ୍ରସ୍ତ ସ୍ଥିତିରେ ମନୁଷ୍ୟ ଗୁଣାତୀତ ଭଗବତ୍ ତତ୍ତ୍ୱକୁ ଅନୁଭବ କରିପାରେ ନାହିଁ । ସ୍ୱୟଂ ତ୍ରିଗୁଣାତ୍ମକ ଶରୀର ଠାରୁ ସର୍ବଥା ଭିନ୍ନ ଏବଂ ପରମାତ୍ମାଙ୍କ ସହିତ ସର୍ବଥା ଅଭିନ୍ନ । ଶରୀର ନ ଥିବା ବେଳେ ଆତ୍ମା ରହିଥାଏ, ଶରୀରରେ ବୃତ୍ତି ଉତ୍ପନ୍ନରେ ଆତ୍ମା ରହିଥାଏ, ଚିତ୍ତ ବୃତ୍ତିଶୂନ୍ୟ ସ୍ଥିତିରେ ମଧ୍ୟ ଆତ୍ମା ରହିଥାଏ । ଗୁଣ ସମୂହରୁ ଉତ୍ପନ୍ନ ବିକାର ଜୀବାତ୍ମା ଉପରେ ଆରୋପିତ ହୋଇ ଆବରଣ ରୂପରେ ରହିଥାଏ । ଫଳରେ ମନୁଷ୍ୟ ଶରୀରକୁ ଆତ୍ମା ବୋଧକରି, ଏହାର ମୋହରେ ପଡିଥାଏ । ଶରୀର କ୍ରିୟାଶୀଳତାର ଅଭିମାନ ମଧ୍ୟ ମୋହ ଅଟେ । ସତ୍ତ୍ୱଗୁଣରେ ଶରୀରର ଜାଗୃତି ହୁଏ, ରଜ ଗୁଣରେ ସ୍ୱପ୍ନ ହୁଏ ଓ ତମୋଗୁଣରେ ସୁଷୁପ୍ତି ହୁଏ । ଏ ସମସ୍ତ କ୍ରିୟାରେ ପରମାତ୍ମା ନିର୍ଲିପ୍ତ ହୋଇ ରହିଥାନ୍ତି । ରଜ, ତମ, ଏପରିକି ସତ୍ତ୍ୱଗୁଣ ସମ୍ପନ୍ନ କର୍ମ ମାଧ୍ୟମରେ ମଧ୍ୟ ଭଗବାନଙ୍କ ନିର୍ବିଶେଷ ବ୍ରହ୍ମଜ୍ୟୋତି ସ୍ୱରୂପର ଜ୍ଞାନ ହୋଇ ନ ଥାଏ । କାରଣ ପରମାତ୍ମା ଚେତନ ଏହି ଭୂତ-ପ୍ରକୃତି-ଗୁଣ ଏବଂ କ୍ରିୟାର ଉର୍ଦ୍ଧ୍ୱରେ । ଏହା ବିକାର ରହିତ, ଗୁଣରହିତ ଏବଂ ମନ, ବୁଦ୍ଧି, ଇନ୍ଦ୍ରିୟାତୀତ ।

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥ ୧୪ ॥

*ଅନ୍ୱୟ: ହି ( ନିଶ୍ଚିତ ଭାବେ ) ମମ ( ମୋର ) ଏଷା ( ଏହି ) ଗୁଣମୟୀ (ସତ୍ତ୍ୱ, ରଜ, ତମ ତ୍ରିଗୁଣମୟୀ –ତ୍ରିଗୁଣାତ୍ମିକା) ଦୈବୀ (ଅଲୌକିକ ) ମାୟା ( ଅବିଦ୍ୟା- ଅଜ୍ଞାନ ) ଦୁରତ୍ୟୟା ( ଅତିକ୍ରମ କରିବା ଅତ୍ୟନ୍ତ କଠିନ ) ଯେ ( ଯେଉଁମାନେ ) ମାମ୍- ଏବ ( ମୋତେ ହିଁ ) ପ୍ରପଦ୍ୟନ୍ତେ ( ଭଜନା କରନ୍ତି ବା ଆଶ୍ରୟ କରନ୍ତି ) ତେ ( ସେମାନେ ) ଏତାଂ (ଏହି ) ମାୟାଂ (ମାୟା ଶକ୍ତିକୁ ) ତରନ୍ତି ( ଅତିକ୍ରମ କରିଥାନ୍ତି ) ।*

**ଭାବାର୍ଥ** : ଭଗବାନ କହୁଛନ୍ତି, ନିଶ୍ଚିତ ଭାବରେ ମୋର ( ବିଷ୍ଣୁଙ୍କର) ଏହି ସ୍ୱଭାବଭୂତା ଅବିଦ୍ୟା ରୂପକ ସତ୍ତ୍ୱ, ରଜ, ତମ ତ୍ରିଗୁଣାତ୍ମକ ମାୟା ଅତ୍ୟନ୍ତ ଅଲୌକିକ ଅଟେ । ଏହା ଭୂତ-ପ୍ରକୃତି-ଗୁଣ ଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ । ପ୍ରକୃତି କାର୍ଯ୍ୟ ରୂପରେ ପ୍ରତ୍ୟକ୍ଷ ଅଟେ । କାର୍ଯ୍ୟ ଓ କାରଣ ରୂପୀ ଅପରା ପ୍ରକୃତିର ନାମ ମାୟା ଅଟେ । ଜୀବର ଶରୀର ମାୟାରୁ ଉତ୍ପତ୍ତି, ମାୟାରେ ସ୍ଥିତ ଏବଂ ଏହାର ମାୟାରେ ହିଁ ଅନ୍ତ ଘଟିଥାଏ । ଗୁଣ ଓ କାର୍ଯ୍ୟରୂପୀ ସମସ୍ତ ଦୃଶ୍ୟ ପ୍ରପଞ୍ଚ ମାୟାରେ ହିଁ ଅବସ୍ଥିତ । ତେଣୁ ଏହାକୁ ଗୁଣମୟୀ କୁହାଯାଇଛି । ଜୀବ ଯଦିଓ ପରମାତ୍ମାଙ୍କ ଅଂଶ, କିନ୍ତୁ ସେ ନିଜକୁ ନିତ୍ୟ, ସଦା ଏକରୂପ ଏକ ରସ ମାନି ନ ଥାଏ । ଜୀବ, ବିଶେଷକରି ମନୁଷ୍ୟ ସବୁ ଦେଖି, ଶୁଣି, ବୁଝି ନ ପାରିବା ହେଉଛି ମାୟା । ସବୁ ଜାଣିଲା ପରେ ମଧ୍ୟ, ତାହାକୁ ସ୍ୱୀକାର କରି ବ୍ୟବହାରିକ କ୍ଷେତ୍ରରେ ଅନୁସରଣ କରି ନ ପାରିବା ହେଉଛି ମାୟାର ପ୍ରଭାବ । ପରମ ପୁରୁଷ ପରମାତ୍ମା ଜୀବ ଭିତରେ ସତ୍ତା ରୂପରେ ରହି ସ୍ୱୟଂ ସବୁର କାରଣ ହୋଇଥିଲେ ମଧ୍ୟ, ଜୀବକୁ ତାହା ଜ୍ଞାନ(ବୋଧ) ନ ହେବା ହେଉଛି ମାୟାର ଅଧିନସ୍ଥ । ମାୟାର କାରଣରୁ ମନୁଷ୍ୟ ନିଜକୁ କେତେବେଳେ ଦୁଃଖୀତ କେତେବେଳେ ସୁଖୀ, କେତେବେଳେ ଦୁର୍ବଳତ, କେତେବେଳେ ବଳବାନ୍, କେତେବେଳେ ଜ୍ଞାନୀତ, କେତେବେଳେ ନିର୍ବୋଧ ମାନିଥାଏ । ତେଣୁ ଭଗବାନ ଏହାକୁ ଦୁରତ୍ୟୟା କହିଛନ୍ତି । ଆବଦ୍ଧ ଶରୀରର ଚୈତନ୍ୟ ରୂପ ବ୍ରହ୍ମରେ ଦେହାଭିମାନ କାରଣରୁ ସତ୍ତ୍ୱ, ରଜ ଏବଂ ତମୋଗୁଣ ରୂପ ମାୟାକୁ ଅତିକ୍ରମ କରିବା କଠିନ । ଯେ' ଭଗବାନଙ୍କୁ ଏକମାତ୍ର ଆଶ୍ରୟ କରି ଭଗବାନ ହିଁ ପରମ ପ୍ରାପ୍ୟ ମାନିଥାଏ, ଶରୀର, ସ୍ତ୍ରୀ, ପୁତ୍ର ,ଧନ, ଗୃହ, ମାନ, ପ୍ରତିଷ୍ଠା ଆଦିରେ ଆସକ୍ତି ତ୍ୟାଗକରି ବିଧିର ବିଧାନରେ ସଦା ସନ୍ତୁଷ୍ଟ ରହେ, ଭଗବାନଙ୍କର ଶରଣାପନ୍ନ ହୋଇ ନିରନ୍ତର ତାହାଙ୍କୁ ଭଜନା କରେ, ସେ ହିଁ କେବଳ ଭଗବାନଙ୍କ କୃପା ପ୍ରାପ୍ତହୋଇ ଏହି ଦୁର୍ବହ ମାୟାକୁ ପାର କରିବାକୁ ସମର୍ଥ ହୋଇଥାଏ । ଏହି ମାୟା ଦୈବୀ ଅର୍ଥାତ୍ ଏହା ଈଶ୍ୱରକୃତ । 'ମମ ମାୟା' ଶବ୍ଦରେ ମାୟା 'ମୋର' ବୋଲି ଅର୍ଥାତ୍ ଈଶ୍ୱର ସମ୍ବନ୍ଧିନୀ କୁହାଯାଇଛି । ଶ୍ରୀରାମକୃଷ୍ଣ ଦେବ କହିଛନ୍ତି- "ଈଶ୍ୱରଙ୍କର ବିଦ୍ୟା-ଅବିଦ୍ୟା ଦୁଇଟି ମାୟା । ତାଙ୍କରି ଯୋଗ ମାୟା ଦ୍ୱାରା ସେ' ନିଜକୁ ଢାଙ୍କି ରଖିଛନ୍ତି, କିଛି ଜାଣିବାକୁ ଦିଅନ୍ତି ନାହିଁ । ଜ୍ଞାନ, ଭକ୍ତି ଆଉ ବୈରାଗ୍ୟ ହେଉଛି ବିଦ୍ୟା-ମାୟାର ଖେଳ । ଏହାକୁ ଆଶ୍ରୟ କରି ଈଶ୍ୱରଙ୍କ ପାଖରେ ପହଞ୍ଚିହୁଏ । ଅବିଦ୍ୟା ମାୟାକୁ ଦୂରେଇ ଯେ' ତାହାଙ୍କୁ ଦର୍ଶନ କରେ ସେ' ହିଁ ତାହାଙ୍କୁ ପାଇଥାଏ । ସଚ୍ଚିଦାନନ୍ଦ ରୂପକ ସ୍ୱଚ୍ଛ ଜଳ ପାନ କରିବାକୁ ହେଲେ, ମାୟା ରୂପକ ଦଳକୁ ଘୁଞ୍ଚାଇ ପାଣି ପିଇବାକୁ ହେବ । 'ସଚ୍ଚିଦାନନ୍ଦ'- ମାୟା ରୂପକ ଦଳରେ ଢଙ୍କା – ଯେ ତାକୁ ଆଡେଇ ପାଣି ପିଏ, ସେ ପାଏ ।" 'ମାୟା' ଶବ୍ଦ ବାସ୍ତବିକ ବିଚିତ୍ର କାର୍ଯ୍ୟ ଉତ୍ପନ୍ନ କରୁଥିବା ଐଶ୍ୱରୀକ ଶକ୍ତିର ପ୍ରତୀକ ଅଟେ । ଏହି ଶକ୍ତି ଭଗବାନଙ୍କ ସ୍ୱରୂପକୁ ଢାଙ୍କି ରଖି ଜୀବଠାରେ ପୁତ୍ର,

କଳତ୍ର ଆଦିରେ ଭୋଗ ବୁଦ୍ଧି ମଧ୍ୟ ଉତ୍ପନ୍ନ କରିଥାଏ । "ସଂକ୍ଷେପ ଶାରୀରକ" ନାମକ ବେଦାନ୍ତ ଗ୍ରନ୍ଥରେ ସ୍ପଷ୍ଟ କରାଯାଇଛି କି, ମାୟାରୂପ ଅଜ୍ଞାନର ବିଷୟ ମଧ୍ୟ ପରଂବ୍ରହ୍ମ ଅଟନ୍ତି । ଅର୍ଥାତ୍ ମାୟାର ଆଶ୍ରୟ ଏବଂ ବିଷୟ ଦୁଇଟିଯାକ ନିର୍ବିଶେଷ ପରଂବ୍ରହ୍ମ ଅଟନ୍ତି । "ଶରଣାଗତ ଜୀବପ୍ରତି ଭଗବାନଙ୍କ ଅହୈତୁକୀ କୃପାହେଲେ ମାୟା କବଳରୁ ଜୀବ ମୁକ୍ତି ପାଏ । "ଦୈବୀ-ହି-ଏଷା" ବାକ୍ୟର ଅର୍ଥ ହେଲା ମାୟା ପରଂବ୍ରହ୍ମ ପରମାତ୍ମାଙ୍କ ଠାରେ ଆଶ୍ରୟ ହୋଇ ରହିଥାଏ ଏବଂ ଏହା ବିଷୟ ଭାବରେ ମଧ୍ୟ ପରଂବ୍ରହ୍ମଙ୍କ ନିଜ ସ୍ୱରୂପର ଅନ୍ତର୍ଗତ । ଏହାର ଅନୁଭବ ପାଇଁ ଜ୍ଞାନର ଭାସିତ ଅଭାବ ହୋଇ ନ ଥାଏ, ପରନ୍ତୁ ଜ୍ଞାନର ବିରୋଧିଭାବ ରୂପ ଅଜ୍ଞାନ ହିଁ କାରଣ ହୋଇଥାଏ । ବେଦାନ୍ତ ଗ୍ରନ୍ଥରେ ନିରୂପିତ ଏହି ପ୍ରକ୍ରିୟା ସ୍ପଷ୍ଟ କରାଯାଇଛି କି, ଯେବେ ଜୀବ, ଈଶ୍ୱର, ଜଗତ ଆଦିର ବିଭାଗ ନ ଥିଲା, ସେତେବେଳେ କେବଳ ଏକ ଶୁଦ୍ଧ ଚୈତନ୍ୟରେ ମାୟା ବା ଅବିଦ୍ୟା ସୁପ୍ତ ହୋଇ ରହି ଥିଲା । ମାୟାର କେବେ ଉତ୍ପତ୍ତି ହୋଇନାହିଁ- ଏହା ଅନାଦି । ସୃଷ୍ଟି ଉତ୍ପତ୍ତିର ଅବସର ଆସିଲେ, ସେହି ମାୟା ଯେଉଁଥିରେ ଏକ ସତ୍ତ୍ୱ ଗୁଣ ଦର୍ପଣ ସାଦୃଶ୍ୟ ଅତି ସ୍ୱଚ୍ଛ, ସେଥିରେ ଶୁଦ୍ଧ ଚୈତନ୍ୟର ପ୍ରତିବିମ୍ବ ହୁଏ, ଯାହା ଜୀବ ନାମରେ ଅଭିହିତ । ଯଦିଓ ମାୟା ଏକ, କିନ୍ତୁ ସେଥିରୁ ଉତ୍ପନ୍ନ ତାହାର ପରିଣାମ ଭୂତ ଅନ୍ତଃକରଣ ଅନନ୍ତ ଏବଂ ସେଥିରେ ପ୍ରତିବିମ୍ବ ମଧ୍ୟ ଅନନ୍ତ ହୋଇଥାଏ । ଏହି ପ୍ରତିବିମ୍ବ କୁ ହିଁ ଚିଦାଭାସ ବା ଜୀବ କୁହାଯାଇଛି । ଏହା ମଧ୍ୟ ବୁଝିବାକୁ ହେବ କି, ପରଂବ୍ରହ୍ମ ପରମାତ୍ମା ଉପରେ ସେହି ମାୟାର କୌଣସି ପ୍ରଭାବ ରହିନାହିଁ, ବରଂ ପ୍ରତିବିମ୍ବ ସ୍ୱରୂପ ଜୀବ ସେହି ମାୟାର ବଶରେ ରହିଛି । ଏଠାରେ ଶ୍ରୀନୀଳକଣ୍ଠଜୀ ଉଲ୍ଲେଖ କରିଛନ୍ତି କି, ପରଂବ୍ରହ୍ମ ଠାରେ ମାୟା ଉପାଧି ରୂପରେ ରହିଥାଏ । ମାୟା ଯେବେ ବିଶେଷଣ ରୂପରେ ପରମାତ୍ମାଙ୍କ ସ୍ୱରୂପରେ ପ୍ରବିଷ୍ଟ ହୁଏ, ତେବେ ସେହି ମାୟା ବିଶିଷ୍ଟର ନାମ ଈଶ୍ୱର ଏବଂ ସେହି ଈଶ୍ୱରଙ୍କ ପ୍ରତିବିମ୍ବ ରୂପ ହେଉଛି ଜୀବ । ଏଥିରେ ଈଶ୍ୱର ଓ ଜୀବ ଉଭୟଙ୍କ ଠାରେ ମାୟାର ଆଶ୍ରୟ ସିଦ୍ଧ ହୋଇଛି । ମାତ୍ର ଈଶ୍ୱର ବିମ୍ବ ଅଟନ୍ତି, ଜୀବ ପ୍ରତିବିମ୍ବ ଅଟେ । ଯେଉଁଥିରେ କି, ପ୍ରତିବିମ୍ବ ଉପରେ ବିମ୍ବର ପୂର୍ଣ୍ଣ ଅଧିକାର ରହିଛି । ବିମ୍ବର ସ୍ୱରୂପରେ ଯେଉଁ ସବୁ ଗୁଣ ବିଷୟ ଅଛି, ତାହା ପ୍ରତିବିମ୍ବରେ ଆସି ଯାଇଥାଏ । ଏହି ପ୍ରକାର ଜୀବ ମଧ୍ୟ ଈଶ୍ୱରଙ୍କ ବଶରେ ହିଁ ରହେ । ଜୀବ ଏବଂ ଈଶ୍ୱର ଦୁହିଙ୍କ ଠାରେ ଯେ' ପ୍ରବିଷ୍ଟ ଅଟନ୍ତି, ସେହି ବିମ୍ବ ସ୍ଥାନୀୟ ପରଂବ୍ରହ୍ମ "ସାକ୍ଷୀ" ନାମରେ ବେଦାନ୍ତରେ ବର୍ଣ୍ଣିତ । ସେହି "ସାକ୍ଷୀ" ନିଜଠାରେ ଅଧ୍ୟସ୍ଥ ମାୟାକୁ ଏବଂ ନିଜ ପ୍ରତିବିମ୍ବ ରୂପ ଜୀବକୁ ପ୍ରକାଶିତ କରନ୍ତି । ଦର୍ପଣ ଆଗରେ ବିମ୍ବ ଯଦି ଜଡ ହୁଏ, ପ୍ରତିବିମ୍ବ ମଧ୍ୟ ଜଡ କାରଣରୁ ତାହାକୁ ନିଜର କିମ୍ବା ଅନ୍ୟ କାହାର ଜ୍ଞାନ ହୋଇ ନ ଥାଏ । କିନ୍ତୁ ମାୟାରେ ତ ସାକ୍ଷାତ୍ ପରଂବ୍ରହ୍ମଙ୍କ ପ୍ରତିବିମ୍ବ ହୁଏ । ତେଣୁ ସେହି ପ୍ରତିବିମ୍ବ ରୂପ ଜୀବ ବିମ୍ବର ଚେତନ ସତ୍ତାକୁ ପ୍ରାପ୍ତ ହୋଇ ନିଜକୁ ତଥା ଅନ୍ୟ ସମସ୍ତଙ୍କୁ ଜାଣି ପାରିଥାଏ । ଜୀବ ଯେ' ପର୍ଯ୍ୟନ୍ତ ବିମ୍ବରୂପ ପରଂବ୍ରହ୍ମଙ୍କ ସହିତ ନିଜର ଏକତା ବୁଝି ପାରି ନ ଥାଏ ସେ' ପର୍ଯ୍ୟନ୍ତ ଉପାଧିରେ ଥିବା ଧର୍ମକୁ ନିଜ ଉପରେ ହିଁ ମାନିଥାଏ । ଯେପରି ଜଳ ଆଦିରେ ଯେଉଁ ପ୍ରତିବିମ୍ବ ହୁଏ, ଜଳ ହଲଚଲ ହେଲେ ସେହି ପ୍ରତିବିମ୍ବ ମଧ୍ୟ ହଲଚଲ ହେଲାଭଳି ପ୍ରତୀୟମାନ ହୁଏ । ଏହି ପ୍ରକାରେ, ଯେଉଁଥିରେ ପ୍ରତିବିମ୍ବ

ହୁଏ, ସେହି ଅନ୍ତଃକରଣରେ ସୁଖ-ଦୁଃଖ, ରୋଗ, ତାପ  ଆଦି ଧର୍ମ ପ୍ରତିବିମ୍ବରେ ଅବଶ୍ୟ ହିଁ ଆସିବ । ଏହି ଅଭିପ୍ରାୟରେ ଭଗବାନ ମାୟାକୁ "ଦୁରତ୍ୟୟା" ଅର୍ଥାତ୍ ପାର ନ କରିବା ଯୋଗ୍ୟ ବତାଇଛନ୍ତି । ଏଥିରେ ଉପାଧିଭୂତ ଅନ୍ତଃକରଣରେ ଯେତିକି ଜ୍ଞାନ, କ୍ରିୟା, ଆଦି ଶକ୍ତି ସମ୍ପନ୍ନ ହୋଇଥାଏ, ସେହି ଅନୁପାତରେ ସ୍ୱୟଂକୁ ଜାଣିବାକୁ ସକ୍ଷମ ହୋଇଥାଏ । ସେହି ଜ୍ଞାନ, କ୍ରିୟା ପ୍ରଭୃତି 'ମୁଁ' ଏବଂ 'ମୋର' ଯଦି ଅନୁଭୂତ ହୁଏ, ତାହାହେଲେ ଏହାର ଫଳ ମଧ୍ୟ ଭୋଗ କରିବାର ଜଣାପଡେ । ଭଗବାନଙ୍କ ଆରାଧନାରେ ଲାଗି ରହି, ଯେବେ ଅନ୍ତଃକରଣ ନିର୍ମଳ ହୋଇଯାଏ, ଅର୍ଥାତ୍ ଉପାଧିର ସମସ୍ତ ଦୋଷ ହଟି ଯାଇଥାଏ, ତେବେ ସେହି ଉପାଧିରେ ସ୍ୱଚ୍ଛ ଦର୍ପଣ ଭଳି ପରଂବ୍ରହ୍ମଙ୍କ ସ୍ୱଚ୍ଛ ପ୍ରତିବିମ୍ବ ପଡିଥାଏ । ଗୁରୁଙ୍କ ଉପଦେଶ ବା ଶାସ୍ତ୍ର ମନନ ତଥା ନିଦିଧ୍ୟାସନରେ 'ଅହଂ ବ୍ରହ୍ମାସ୍ମି' ଅର୍ଥାତ୍  'ମୁଁ'  ପରମାନନ୍ଦ ରୂପ ପରଂବ୍ରହ୍ମ ଅଟେ - ଏହି ଅଖଣ୍ଡରୂପ ଚିତ୍ତବୃତ୍ତି  ହୋଇଯାଏ । ସେହି ଚିତ୍ତବୃତ୍ତି ଦ୍ୱାରା  ଅନ୍ତଃକରଣ ସାଥିରେ  ଜାତ ହେଉଥିବା ମୂଳ ଅବିଦ୍ୟାର ନାଶ  ହୁଏ । ଯେବେ ପ୍ରତିବିମ୍ବର ଆଧାର ନଷ୍ଟ ହୋଇଗଲା, ତେବେ ପ୍ରତିବିମ୍ବ କାହା ଉପରେ ଅଧିଷ୍ଠ ହେବ ? ଏଣୁ ଏହି ପ୍ରତିବିମ୍ବ ରୂପ ଜୀବ ବିମ୍ବରୂପ ପରଂବ୍ରହ୍ମରେ ଲୀନ ହୋଇ ଯାଇଥାଏ । ଏହା ହେଉଛି ମାୟାକୁ ପାର ହେବାର ବେଦାନ୍ତ ପ୍ରକ୍ରିୟା । ଶ୍ରୀ ବିଦ୍ୟାବାଚସ୍ପତିଜୀ  ଏହିପଦର ଶୀର୍ଷକ ରୂପରେ ଟିପ୍ପଣୀ କରିଛନ୍ତି କି, ମାୟା ଏବଂ ପ୍ରକୃତି ଏକ ଅଟନ୍ତି । ମାୟା ଦୁଇ ପ୍ରକାର - ଗୋଟିଏ ହେଲା ଦୈବୀ ମାୟା, ଅନ୍ୟଟି ହେଲା ଆସୁରୀ ମାୟା । ଯେଉଁଥିରେ ସତ୍ତ୍ୱଗୁଣର ପ୍ରଧାନତା ରହେ  ତାହା ଦୈବୀମାୟା, ରଜ କିମ୍ବା ତମର ପ୍ରଧାନତା ରହିଲେ ତାହା  ଆସୁରୀ ମାୟା । ସତ୍ତ୍ୱପ୍ରଧାନ ଦୈବୀ ମାୟା ଆତ୍ମାକୁ ଅତ୍ୟନ୍ତ ଆବରଣ କରି ନ ଥାଏ । ତେଣୁ ଦୈବୀ ମାୟାରେ ଆବଦ୍ଧ ପୁରୁଷ ଭଗବାନଙ୍କୁ ନିଜର ଶରଣ କରିଥାଏ ଏବଂ ତାଙ୍କରି କୃପାରେ ମାୟାକୁ ପାର ମଧ୍ୟ କରିଥାଏ । ଆସୁରୀ ମାୟାର ଆବରଣ ଯେଉଁ ଜୀବର ହୋଇଥାଏ, ତାହାରି ପାଖରେ ଭଗବାନଙ୍କ ଶରଣାଗତ ହେବାର ବୁଦ୍ଧି ଉତ୍ପନ୍ନ ହୁଏନାହିଁ । ତେଣୁ ସେ ସଂସାରରେ ବିଷୟ  ଓ ପଦାର୍ଥରେ ସୁଖକୁ ଖୋଜି ସଦା ଘୁରି ବୁଲୁଥାଏ । ଯେଉଁମାନେ ଭଗବାନଙ୍କ ଶରଣ ନ ନେଇ, ଦେବତାଙ୍କ ଶରଣ ନେଇଥାନ୍ତି, ଆସୁରୀ ମାୟା ଯୁକ୍ତ ପୁରୁଷ ବ୍ରହ୍ମ ଲୋକକୁ  ପ୍ରାପ୍ତ ହେଲେ ମଧ୍ୟ ସେ' ପ୍ରତ୍ୟାବର୍ତ୍ତନ କରି ଜନ୍ମ-ମରଣ ଚକ୍ରରେ ବାରମ୍ବାର ଭ୍ରମଣ କରନ୍ତି । କାରଣ ବ୍ରହ୍ମଲୋକ ମଧ୍ୟ ଗୁଣମୟୀ ମାୟାର ପରିସର ଭୁକ୍ତ । ଶ୍ରୀ ଭଗବାନ କହୁଛନ୍ତି; ଯିଏ ମୋର ଶରଣରେ ଆସିଥାଏ, ସେ' ଏହି ମାୟାକୁ ପାର ହୋଇଯାଏ । କୁହାଯାଏ କି' ଯେଉଁ ମାଛଟି  ମାଛ ଧରାଳିର ପାଦ ପାଖକୁ ଆସି ଯାଇଥାଏ, ସେହି ମାଛଟି ଜାଲରେ ପଡେ ନାହିଁ । "ପ୍ରପଦ" ଶବ୍ଦର ଅର୍ଥ   ପାଦର ପଞ୍ଜା । ମାଛଧରାଳିର ପଞ୍ଜାକୁ ଲାଗିଗଲେ ମାଛଟି ଜାଲରେ ପଡି ନ'ଥାଏ । ଶ୍ରୀ ମାଧବଚାର୍ଯ୍ୟଙ୍କ ବ୍ୟାଖ୍ୟାରେ ମାୟା ହେଉଛି ସତ୍ତ୍ୱ, ରଜ, ତମ ଗୁଣର ଅଧିଷ୍ଠାତ୍ରୀ ଦେବୀ । ଏହି ମାୟାଦେବୀଙ୍କ  ତାମସ ଗୁଣଯୁକ୍ତ ଦୁର୍ଗା ରୂପର ଅପରିମିତ ଶକ୍ତିକୁ ଅତିକ୍ରମ କରିବା ଦୁର୍ବହ । କାରଣ ଏହି ମାୟା ଶକ୍ତି ସମସ୍ତ ସର୍ଜନାର ଆଧାର, ଯାହା ମାୟାଧୀଶ ପରଂବ୍ରହ୍ମକୁ ଆଶ୍ରୟ କରି ରହିଛି ।  ଭଗବାନ ବିଷ୍ଣୁଙ୍କର ଏହି  ଅଦ୍ଭୁତ ମାୟା  ଶ୍ରୀ,  ଭୂଃ ଏବଂ ଦୁର୍ଗା ରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ଭଗବାନଙ୍କ କୃପା

ବିନା, ଅନେକ ବ୍ରହ୍ମା, ରୁଦ୍ର ଏବଂ ଇନ୍ଦ୍ରଙ୍କ ମିଳିତ ଶକ୍ତି ମଧ୍ୟ ଏହି ମାୟାର ଛାଇର ସମକକ୍ଷ ହୋଇ ପାରିବ ନାହିଁ । ଭଗବାନ ଜୀବ ପ୍ରତି କୃପା କରିବାର ଶୈଳୀ ଅତି ବିଚିତ୍ର ହୋଇଥାଏ । ପ୍ରଭୁଙ୍କର ଏହି କୃପାକୁ ଭକ୍ତଜନ ହିଁ କେବଳ ହୃଦୟଙ୍ଗମ କରିଥାଏ । ଭଗବାନଙ୍କ ସ୍ୱଭାବ ଏତେ ଉଦାର ଓ ପ୍ରେମମୟ ଯେ' ସେ ଯାହା ଦିଅନ୍ତି, ସେ ତାହା ଦେଲେ ବୋଲି ଜଣାଇବା ପାଇଁ ସୁଯୋଗ ରଖି ନଥାନ୍ତି । ଏହି କାରଣରୁ ତାଙ୍କରି ମାୟାକୁ "ଦୈବୀ" କୁହା ଯାଇଛି । ସ୍ୱାମୀ ଶିବାନନ୍ଦ କହିଛନ୍ତି : ଈଶ୍ୱର ହେଉଛନ୍ତି ମାୟାର ପ୍ରଭୁ ଏବଂ ଏହାରି ଉପରେ ପୂର୍ଣ୍ଣ ନିୟନ୍ତ୍ରଣ କେବଳ ଭଗବାନଙ୍କ ହିଁ ରହିଅଛି । ଅବିଦ୍ୟାର ପରଦା ପରମାତ୍ମାଙ୍କ ଠାରୁ ଜୀବକୁ ଅଦୃଶ୍ୟ କରି ରଖିଛି । ଏହି ପରଦା ହେଉଛି ମାୟା । ଅବିଦ୍ୟାର ପରଦା ହଟିଗଲେ, ପରମାତ୍ମାଙ୍କ ସ୍ୱରୂପ ତତ୍ କ୍ଷଣାତ୍ ପ୍ରକଟିତ ହୁଏ । ଜୀବାତ୍ମା ଅହମ୍ ରୂପକ ନିଜର ସ୍ୱତନ୍ତ୍ର ସତ୍ତାକୁ ପରିତ୍ୟାଗ କରି, ପରମାତ୍ମା ସତ୍ତା ସହିତ ଏକତ୍ୱ ଅନୁଭବ କରେ । ସମସ୍ତ ପ୍ରକାର ନାମିତ ଧର୍ମା-ଧର୍ମକୁ ପରିତ୍ୟାଗ କରି ଏକମାତ୍ର ଭଗବାନଙ୍କ ଶରଣାପନ୍ନ ହେଲେ, ଏହି ଅବିଦ୍ୟା ରୂପକ ମାୟାକୁ ଅତିକ୍ରମ କରିହୁଏ ।

ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ ।
ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ॥ ୧୫॥

*ଅନ୍ୱୟ : ମାୟୟା ( ମାୟା ଦ୍ୱାରା ) ଅପହୃତଜ୍ଞାନା (ଯାହାର ବୁଦ୍ଧି ବା ଜ୍ଞାନ ଅପହୃତ ହୋଇଛି ) ଆସୁରଂ ଭାବମ୍ ( ଆସୁରୀ ସ୍ୱଭାବ) ଆଶ୍ରିତାଃ (ଯୁକ୍ତ ମନୁଷ୍ୟ ) ନରାଧମାଃ ( ନରାଧମ ମାନେ ) ଦୁଷ୍କୃତିନୋ ( ପାପାଚରଣକାରୀ ) ମୂଢାଃ ( ମୋହଗ୍ରସ୍ତ-ବିବେକ ଶୂନ୍ୟ ମନୁଷ୍ୟ ) ମାମ୍ ( ମୋର) ନ ପ୍ରପଦ୍ୟନ୍ତେ ( ଶରଣାପନ୍ନ ହୁଅନ୍ତି ନାହିଁ ) ।*

**ଭାବାର୍ଥ** : ମନୁଷ୍ୟ ମାନଙ୍କ ଭିତରେ ଅଧମ, କାମ, କ୍ରୋଧାଦି ଦୁଷ୍କର୍ମରେ ଲିପ୍ତ ମୂର୍ଖଲୋକ ମୋର ଭଜନା କରନ୍ତି ନାହିଁ । ମାୟାର ପ୍ରଭାବରେ ବୁଦ୍ଧି, ଜ୍ଞାନ ନଷ୍ଟ ହୋଇଥିବା ଆସୁରୀ ସ୍ୱଭାବର ମୂଢ, ନରାଧମ, ପାପାଚାରୀ ମନୁଷ୍ୟ ମୋର ଶରଣରେ କେବେ ଆସିବାକୁ ଚାହିଁ ନ ଥାନ୍ତି । ତ୍ରିଗୁଣ ମାୟାରେ ବୁଡିରହି ବୁଦ୍ଧି ଓ ବିବେକ ହରାଇଥିବା ଦୁରାଚାରୀ ମନୁଷ୍ୟ କେବଳ ଭୋଗ ବିଳାସ ପୂର୍ଣ୍ଣ ଜୀବନ କାମନା କରି ଧନ ସଂଗ୍ରହ କରିବାରେ ସାରା ଜୀବନ ବିତାଇ ଦେଇଥାନ୍ତି । ଯେଉଁମାନେ ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର ନ କରି ନିଜଠାରେ ଥିବା ଦମ୍ଭ, ଦର୍ପ ଅହଂକାରର ଆଶ୍ରିତ ହୋଇ ସଂସାରର ଅହିତ ହେଲାଭଳି ଦୁଷ୍କର୍ମରେ ଲିପ୍ତ ରୁହନ୍ତି, ସେହିମାନଙ୍କୁ ଆସୁରୀ ସ୍ୱଭାବର ମନୁଷ୍ୟ କୁହାଯାଇଛି । ଆସୁରୀ ସ୍ୱଭାବର ମନୁଷ୍ୟ, ଅବତାରୀ ପରମ ପୁରୁଷ ଭଗବାନଙ୍କ ଲୀଳା କାଳରେ ତାହାଙ୍କୁ ସାଧାରଣ ମନୁଷ୍ୟ ଭାବି, ନିଜ ଦମ୍ଭ, ବଳ ଓ ଶକ୍ତିଦ୍ୱାରା ପ୍ରତିହତ କରିବାର ବୃଥା ପ୍ରୟାସ କରିଥାଆନ୍ତି । ଯେଉଁ ମନୁଷ୍ୟ କାମନାର ବଶବର୍ତ୍ତୀ ହୋଇ ବ୍ୟଭିଚାର ଆଦି ପାପ କର୍ମରେ ଲିପ୍ତ ରୁହନ୍ତି, ଲୋଭର ବଶବର୍ତ୍ତୀ ହୋଇ ଛଳ, କପଟ, ମିଥ୍ୟା ଆଦିକୁ ଆଶ୍ରୟ କରିଥାନ୍ତି ଏବଂ କ୍ରୋଧର ବଶବର୍ତ୍ତୀ ହୋଇ ହିଂସା, ଦ୍ୱେଷ, ବୈରୀ ଆଦି ଆଚରଣ କରନ୍ତି, ସେହିମାନେ "ଦୁଷ୍କୃତି" ପଦବାଚ୍ୟ । ଏହି ଦୁଷ୍କୃତ ଜନଙ୍କ ବୁଦ୍ଧି ସଂସାର କଲ୍ୟାଣର ବିପରୀତ ଦିଗରେ ପରିଚାଳିତ ହୋଇଥାଏ । ସର୍ବ ଶକ୍ତିମାନ ପରମାତ୍ମା ସମସ୍ତଙ୍କ ହୃଦୟରେ ବିଦ୍ୟମାନ । ଭୂତ ପ୍ରକୃତି ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ

କରେ, କିନ୍ତୁ ଦୁଷ୍କୃତ ମନୁଷ୍ୟ ଏହାକୁ ଗ୍ରହଣ କରି ନ'ଥାଏ । ଶାସ୍ତ୍ର, ଗୁରୁବାକ୍ୟ, ସାଧୁ-ସନ୍ଥ ବାଣୀ ଆଦିକୁ ବିଶ୍ୱାସ କରୁ ନ ଥିବା ମନୁଷ୍ୟ ପ୍ରକୃତି ଓ ପ୍ରକୃତିକୁ ଧାରଣ କରି ରଖିଥିବା ଭଗବାନଙ୍କ ଅସ୍ତିତ୍ୱ ଓ ପରାକ୍ରମ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ରହିଥାଏ । ସେହି ଶ୍ରେଣୀର ମନୁଷ୍ୟକୁ ଏହି ପଦରେ "ନରାଧମ"ବୋଲି କୁହାଯାଇଛି । ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ ଅଧିକାର ରହିଥିବା ଏହି ଦୁର୍ଲଭ ମନୁଷ୍ୟ ଶରୀର ପ୍ରାପ୍ତ ହୋଇମଧ, ଯେ' ନରାଧମ ସେ ପାପ, ଅନ୍ୟାୟ ଆଦି କୁକର୍ମ କରି ନରକ, ପଶୁଯୋନି ଆଡକୁ ଗତି କରିଥାଏ । ନିଜ ନିତ୍ୟ ଆତ୍ମା ସ୍ୱରୂପକୁ ଚିହ୍ନି ନ ପାରି, କ୍ଷଣଭଙ୍ଗୁର ଶରୀରକୁ ସର୍ବସ୍ୱ ମନେକରି ଭୋଗ ବୁଦ୍ଧିରେ ସଂସାର ଅଭିମୁଖୀ ହୋଇ ରହିବା ହେଉଛି ମାୟାଦ୍ୱାରା ଜ୍ଞାନ ହରଣ ହେବା । ଭଗବତ୍ ଚେତନା ଜାଗ୍ରତ ନ ହେବା ହେଉଛି ମୂଢତା । ମୂଢ ମନୁଷ୍ୟର ଭଗବତ୍ ଚେତନା ସୁପ୍ତ ଅବସ୍ଥାରେ ଥାଏ । ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥା ପ୍ରାପ୍ତ ହେବା କ୍ଷଣି ବୀଜରୁ ଯେପରି ଅଙ୍କୁର୍ଦ୍ଗମ ହୋଇଥାଏ, ସେହିପରି ଶାସ୍ତ୍ର ସ୍ୱାଧ୍ୟାୟ, ସାଧୁ ସନ୍ଥ ଦର୍ଶନ, ଭଗବାନଙ୍କ ଲୀଳା ଶ୍ରବଣ, ତୀର୍ଥ ଭ୍ରମଣ ଆଦିରେ ମନୁଷ୍ୟ ଭିତରେ ରହିଥିବା ଦିବ୍ୟ ଚେତନା ଜାଗ୍ରତ ହୋଇଥାଏ । ସେତେବେଳେ ମନୁଷ୍ୟ ଜ୍ଞାନକୁ ଆବୃତ୍ତ କରି ରଖିଥିବା ମାୟାର ଆବରଣକୁ ହଟାଇବା ପ୍ରୟାସ କରେ । ମାୟା ଦ୍ୱାରା ଜ୍ଞାନ ଅପହୃତ ହୋଇଥିଲେ ମଧ, ଜୀବ ଯେଉଁଭଳି ମାୟାର କବଳରୁ ମୁକ୍ତ ହୋଇ ଆତ୍ମ ଜ୍ଞାନକୁ ପ୍ରାପ୍ତ ହୋଇପାରିବ, ଭଗବାନ ଜୀବ ପ୍ରତି କୃପା ବର୍ଷା ଜାରି ରଖିଥାନ୍ତି । ସଦାଚାର ଓ ଦୁରାଚାର ଜୀବର ନିଜର କୃତକର୍ମ । ମୂଳତଃ ସେମାନେ ସମସ୍ତେ ପରମାତ୍ମାଙ୍କର ଅଂଶ । କେବଳ ପାପାଚରଣ ଯୋଗୁଁ ସେମାନଙ୍କ ପରମାତ୍ମାଙ୍କ ପ୍ରତି ଅଭିରୁଚି ନ ଥାଏ । କୌଣସି କାରଣ ବଶତଃ ଭଗବାନଙ୍କ ପ୍ରତି ହୃଦୟରେ ଶ୍ରଦ୍ଧା ଜାଗ୍ରତ ହେଲେ, ଭଗବାନ ତାକୁ ସ୍ୱୀକାର କରି ନିଅନ୍ତି । ତେଣୁ ସେ, ପତିତ ଉଦ୍ଧାର ନାମକୁ ବହନ କରିଛନ୍ତି । ସନ୍ଥ ତୁଳସୀ ଦାସଙ୍କ ମାନସ ଚୌପାଇରେ କଥା ଆସେ; ଦଶାନନର ଭାଇ ବିଭୀଷଣ ଶରଣ ନେବା ଅଭିଳାଷରେ ପ୍ରଭୁ ରାମଙ୍କ ସହିତ ସାକ୍ଷାତ୍ ପାଇଁ ଯିବାବେଳେ, ପ୍ରଭୁଙ୍କ ଅନୁମତି ଆବଶ୍ୟକ କହି ଦ୍ୱାରପାଳ ବାଧା ଦେଇଥିଲା । ଅନୁମତି ପ୍ରାପ୍ତ ନିମନ୍ତେ ପ୍ରଭୁ ରାମଚନ୍ଦ୍ରଙ୍କୁ ସନ୍ଦେଶ ପଠାଯିବାରେ ପ୍ରଭୁ ଶ୍ରୀରାମ କହିଥିଲେ, "ତୁମ୍ଭେ ସମସ୍ତେ ଭାବୁଛ କି, ରାବଣର ଭାଇ ବିଭୀଷଣ ମନ୍ଦବୁଦ୍ଧିରେ ମୋ ପାଖକୁ ଆସିବାକୁ ଚାହୁଁଛି ? ଯେ' ଦୁଷ୍ଟ, ସେ କେବେ ମୋରି ସମ୍ମୁଖକୁ ଆସିବା ନିମିତ୍ତ ଇଚ୍ଛା କରିବ ନାହିଁ" । ଏଥିରୁ ଏହା ପ୍ରତିପାଦିତ ହେଉଛି ଯେଉଁ ପର୍ଯ୍ୟନ୍ତ ଦୁଷ୍କର୍ମ, ଅଜ୍ଞାନ, ପାପଚାର ପ୍ରବୃତ୍ତି ଜୀବ ଅନ୍ତଃକରଣରେ ରହିଥିବ, ସେ ପର୍ଯ୍ୟନ୍ତ ଭଗବାନଙ୍କ ଶରଣରେ ଯିବାର ତ' ଦୂରର କଥା, ଭଗବାନଙ୍କ ନାମ ମଧ ଶୁଣିବାକୁ ଜୀବ ମନ ବଳାଇବ ନାହିଁ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥ ୧୬ ॥

*ଅନ୍ୱୟ: ଭରତର୍ଷଭ ( ହେ ଭରତ ଶ୍ରେଷ୍ଠ ! ) ଅର୍ଜୁନ ( ଅର୍ଜୁନ !) ଆର୍ତ୍ତଃ (ବିପଦଗ୍ରସ୍ତ, ରୋଗାକ୍ଳିଷ୍ଟ, ବିପନ୍ନ ବ୍ୟକ୍ତି ବିଶେଷ ) ଜିଜ୍ଞାସୁ ( ତତ୍ତ୍ୱଜ୍ଞାନ ଜାଣିବାକୁ ଇଚ୍ଛାକରୁଥିବା ) ଅର୍ଥାର୍ଥୀ ( ଇହଲୋକରେ ଧନ, ଦ୍ରବ୍ୟାଦି ଏବଂ ପରଲୋକରେ ସୁଖଭୋଗ ଚାହୁଁଥିବା ) ଜ୍ଞାନୀ ( ଶାସ୍ତ୍ର ଓ ଗୁରୁ ପରମ୍ପରା ଦ୍ୱାରା ଅର୍ଜିତ ଆତ୍ମା-ଅନାତ୍ମା, ସତ୍- ଅସତ୍ ତତ୍ତ୍ୱ ଜ୍ଞାନ ସମ୍ପନ୍ନ ) ଚତୁର୍ବିଧା ( ଏହି ଚାରି ପ୍ରକାର ) ସୁକୃତିନଃ ( ସୁକୃତିବାନ୍ – ପୁଣ୍ୟକର୍ମା ) ଜନାଃ ( ମନୁଷ୍ୟଗଣ ) ମାଂ ( ମୋତେ) ଭଜନ୍ତେ (ଭଜନା କରିଥାନ୍ତି)।*

**ଭାବାର୍ଥ**: ଯୋଗେଶ୍ୱର ଶ୍ରୀକୃଷ୍ଣ ପୂର୍ବ ଶ୍ଲୋକରେ ଭଗବାନଙ୍କ ଶରଣରେ ଯେଉଁ ଦୁଷ୍କୃତକର୍ମା ମନୁଷ୍ୟ ଯାଇପାରି ନ ଥାନ୍ତି, ସେହିମାନଙ୍କ ବିଷୟରେ କହିଥିଲେ । ଭଗବାନଙ୍କ ପ୍ରତି ଅନୁରକ୍ତି ହୋଇ ଯେଉଁ ସୁକୃତଶାଳୀ ପୁଣ୍ୟକର୍ମା ମନୁଷ୍ୟମାନେ ଭଗବାନଙ୍କ ଭଜନ କରିଥାନ୍ତି, ସେହି ମାନଙ୍କ ସମ୍ବନ୍ଧରେ ଏହି ପଦରେ କହିଛନ୍ତି । ଭଗବାନ କହିଛନ୍ତି; - ହେ ଭରତ ଶ୍ରେଷ୍ଠ ଅର୍ଜୁନ ! ରୋଗାକ୍ଳିଷ୍ଟ, ବିପନ୍ନ ସନ୍ତାପିତ ମନୁଷ୍ୟ, ପରମାତ୍ମା ପ୍ରାପ୍ତି ଅଭିଳାଷ ରଖିଥିବା ମୁମୁକ୍ଷୁ, ଇହଲୋକ ଓ ପରଲୋକରେ ଧନ,ଐଶ୍ୱର୍ଯ୍ୟ, ସୁଖ ସମ୍ଭୋଗ କାମନା ରଖିଥିବା ମନୁଷ୍ୟ ଏବଂ ଶାସ୍ତ୍ର ଆଲୋଚନା ଓ ଗୁରୁ ପରମ୍ପରାରେ ରହି ଜ୍ଞାନ ଲବ୍ଧ କରିଥିବା ତତ୍ତ୍ୱଜ୍ଞାନୀ; - ଏହି ଚାରି ପ୍ରକାର ସୁକୃତବାନ୍ ପୁଣ୍ୟଶାଳୀ ମନୁଷ୍ୟ ମୋର ଭଜନା କରିଥାନ୍ତି । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରି ପ୍ରକାର ଭକ୍ତକୁ ହିଁ ଭଗବାନ ସୁକୃତିଶାଳୀ ଅର୍ଥାତ୍ ପୁଣ୍ୟକର୍ମା ବୋଲି କହିଛନ୍ତି । ଏହି ଚାରି ପ୍ରକାର ଭକ୍ତ ଭିନ୍ନ ଭିନ୍ନ ଲକ୍ଷ୍ୟ ନେଇ ଭଗବନ୍ନିଷ୍ଠ ହୋଇଥାନ୍ତି । ଧନ, ସୁଖ ସମ୍ପଦ ପ୍ରାପ୍ତିର ଇଚ୍ଛାରେ ହେଉ, କିମ୍ବା ଆପଦ୍ କାଳୀନ ବିପତ୍ତିରୁ ଉଦ୍ଧାର ପାଇଁ ହେଉ, ଯିଏ ଭଗବାନଙ୍କୁ ଭଜନ କରିଥାଏ, ସେ' ବାସ୍ତବରେ ଭାଗ୍ୟବାନ ଏବଂ ସୁକୃତକର୍ମା । ଭଗବାନଙ୍କୁ ଭଜନ କରିବା ହିଁ ସୁକୃତି । ଶାରୀରିକ ଯନ୍ତ୍ରଣା, ମାନସିକ ସନ୍ତାପ, ଅକାଳ ମୃତ୍ୟୁ ଭଳି ବିପଦରେ ପଡି ମନୁଷ୍ୟ, ଘୋର ପୀଡା ଯନ୍ତ୍ରଣାରୁ ମୁକ୍ତି କିମ୍ବା ପ୍ରାଣ ରକ୍ଷା ନିମିତ୍ତ ଆତୁରତାରେ ଭଗବାନଙ୍କୁ ଡାକିଥାଏ । ଭୌତିକ ବଳ ଉପରେ ଭରସା ରଖିଥିବା ମନୁଷ୍ୟର ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ହେଲାପରେ, ବିକଳ୍ପ ରୂପରେ ପରମ ଶକ୍ତିବାନ୍ ଭଗବାନଙ୍କ ଯେଉଁମାନେ ଆଶ୍ରିତ ହୋଇଥାନ୍ତି ସେହିମାନଙ୍କୁ "ଆର୍ତ୍ତ" କୁହାଯାଇଛି । ଆର୍ତ୍ତ ଭଗବାନଙ୍କୁ ଡ଼ାକୁଥିଲେ ମଧ୍ୟ, ଅନ୍ତ ପର୍ଯ୍ୟନ୍ତ ଭଗବାନଙ୍କ ଉପରେ ଭରସା ରଖିପାରି ନ ଥାଏ । ଯାହା, ଭଗବାନ ପୂର୍ବ ଶ୍ଲୋକରେ ମାୟା ଦ୍ୱାରା ଜ୍ଞାନ ହରଣ ହେବାର ଦର୍ଶାଇଛନ୍ତି । "ରଖିଲେ ରଖ ମାରିଲେ ମାର" -ଏହି ଭାବ ରଖି ଯିଏ ଭଗବାନଙ୍କୁ ହାତ ଟେକି ସମର୍ପଣ ହୋଇ ଯାଇଥାଏ, ସେ ଆର୍ତ୍ତରୁ "ଭକ୍ତ" ପାଲଟି ଯାଏ । ବିପତ୍ତିରେ ପକାଇ ଭଗବାନ ଭକ୍ତର ନିଷ୍ଠା ପରୀକ୍ଷା ନେଇଥାନ୍ତି । ସୁପ୍ତ ହୋଇ ରହିଥିବା ଆଧ୍ୟାତ୍ମିକ ଚେତନା ଓ ବିଶ୍ୱାସ ଏହି ଅବସ୍ଥାରେ ହିଁ ଜାଗ୍ରତ ହୋଇ ଭଗବଦ୍ ପରାୟଣ ହେବାର ସୁଯୋଗ ଲବ୍ଧ ହୋଇଥାଏ । ମହାଭାରତ କଥାରେ ଦୃଷ୍ଟାନ୍ତ ରହିଛି କି, ଅଭିମନ୍ୟୁର ସ୍ତ୍ରୀ ଉତ୍ତରାର ଆର୍ତ୍ତ ଶୁଣି ଭଗବାନ ସୁଦର୍ଶନଙ୍କୁ ପଠାଇ ଅଶ୍ୱତ୍ଥାମାର ଶୂଳ ରୂପରେ ଥିବା ବ୍ରାହ୍ମାସ୍ତ୍ରକୁ ନଷ୍ଟକରି ଗର୍ଭ ରକ୍ଷା କରିଥିଲେ । କୁରୁସଭା ସ୍ଥଳରେ ନିଜ ଲଜ୍ୟା ରକ୍ଷାପାଇଁ ସମସ୍ତଙ୍କଠାରୁ ନିରାଶ ହେବାପରେ ଦ୍ରୌପଦୀ ଅସହାୟ ହୋଇ ପରମ ସହାୟକ, ପରମ ବନ୍ଧୁ, ପରମାତ୍ମା ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଡ଼ାକିଥିଲେ " ହେ ଗୋବିନ୍ଦ ! ହେ ଦ୍ୱାରିକାବାସୀ ! ହେ କୃଷ୍ଣ ! ହେ ଗୋପୀଜନ ପ୍ରିୟ ! ହେ କେଶବ ! କୌରବଙ୍କ ହାତରେ ମୋରି ମର୍ଯ୍ୟାଦାର ତିରସ୍କାରକୁ ତୁମ୍ଭେ କଣ ପ୍ରଭୁ ଦେଖିପାରୁ ନାହଁ କି ?

ଦ୍ରୌପଦୀଙ୍କ ଡାକ ଶୁଣି ଜଗଦୀଶ୍ୱର ଭଗବାନଙ୍କ ହୃଦୟ ଦ୍ରବିଭୂତ ହୋଇଯାଇଥିଲା । ସେ 'ବସ୍ତ୍ରାବତାର' ରୂପରେ ଅବତୀର୍ଣ୍ଣ ହୋଇ ଶରଣାଗତ ଦ୍ରୌପଦୀ ମାନଙ୍କୁ ବଞ୍ଚାଇଥିଲେ । ସେହିପରି, ଘୋର ଅରଣ୍ୟରେ ମୃଗୁଣୀର ଆର୍ତ୍ତକୁ ଶୁଣି, ଗଭୀର ଜଳରେ ଗଜେନ୍ଦ୍ରର ଡାକକୁ ଶୁଣି କରୁଣାମୟ ଭଗବାନ ସେମାନଙ୍କୁ ଉଦ୍ଧାର କରିଥିଲେ । ମୁକ୍ତି କାମନା ରଖି ଆତ୍ମା-ପରମାତ୍ମା ତତ୍ତ୍ୱକୁ ଜାଣିବାର ଯାହାର ପ୍ରବଳ ଇଚ୍ଛା ଜାଗ୍ରତ ହୋଇଥାଏ ସେ' "ଜିଜ୍ଞାସୁ" । ସେହି ଆତ୍ମ କଲ୍ୟାଣକାମୀ ଭକ୍ତ ସଂସାରର ସମସ୍ତ ଭୌତିକ ସୁଖ ମନରୁ ତ୍ୟାଗକରି, ପ୍ରାରବ୍ଧ କାରଣରୁ ଉପସ୍ଥିତ ସଙ୍କଟକୁ ଭ୍ରୂକ୍ଷେପ ନ କରି, ପରମାତ୍ମା ତତ୍ତ୍ୱର ରହସ୍ୟକୁ ବୁଝିବା ଇଚ୍ଛାରେ ଏକନିଷ୍ଠ ହୋଇ ଭଗବାନଙ୍କ ଭଜନ । ମୁକ୍ତିର କାମନାରେ ଆତ୍ମା-ପରମାତ୍ମା ଐକ୍ୟ ତତ୍ତ୍ୱକୁ ଜାଣିବାର ଯାହାର ଇଚ୍ଛା ରହିଥାଏ ସେ ଜିଜ୍ଞାସୁ । ପରୀକ୍ଷିତ, ହନୁମାନଙ୍କ ଭଳି ଜିଜ୍ଞାସୁ ଭକ୍ତ ଭଗବାନଙ୍କର ଲୀଳା ଆଉ ମହିମା ଶ୍ରବଣ କରିବାରେ ପରମ ଶ୍ରଦ୍ଧା କରି ଯୁଗ ଯୁଗ ପାଇଁ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ଜିଜ୍ଞାସୁ ଭକ୍ତ ମାନଙ୍କ ଭିତରେ ଉଦ୍ଧବଙ୍କ ନାମ ଅନ୍ୟତମ । ଭଗବାନ ଉଦ୍ଧବଙ୍କୁ ଦିବ୍ୟଜ୍ଞାନ ଉପଦେଶ ଦେଇଥିଲେ, ଯାହାକି ଉଦ୍ଧବ ଗୀତା ନାମରେ ପରିଚିତ । ମର୍ତ୍ତ୍ୟଲୋକ, ସ୍ୱର୍ଗଲୋକର କେବଳ ଭୋଗ କାମନା ପୂର୍ତ୍ତିରେ ଯିଏ ଭଗବାନଙ୍କ ଶରଣାଗତ ହୋଇଥାଏ, ସେ ହେଉଛି 'ଅର୍ଥାର୍ଥୀ' ଭକ୍ତ । "ଅର୍ଥାର୍ଥୀ" ଭକ୍ତ ଧନ, ସମ୍ପଦ, ରାଜ୍ୟ, କ୍ଷମତା ଲୋଭର ବଶବର୍ତ୍ତୀ ହୋଇ ଭଗବାନଙ୍କ ଠାରୁ ପ୍ରାପ୍ତ କରିବା ଇଚ୍ଛାରେ ଶ୍ରଦ୍ଧା ଓ ଦୃଢ ବିଶ୍ୱାସ ସହିତ ଭଗବାନଙ୍କ ଭଜନ କରିଥାଏ । ତାହାରି ବିଚାରରେ, ଭଗବାନ ହେଉଛନ୍ତି ସବୁ କିଛି ଦେବାର ମାଲିକ । ସେ' ସର୍ବ ଶକ୍ତିମାନ୍, ସର୍ବ ଐଶ୍ୱର୍ଯ୍ୟମୟ ଅଟନ୍ତି । ତାଙ୍କରି ପାଖରେ ଦେବା ପାଇଁ କିଛି ବି' ଉଣା ନ ଥାଏ – କି, କିଛି ମଧ୍ୟ ଅସମ୍ଭବ ହୋଇ ନ ଥାଏ । ଭକ୍ତି, ମୁକ୍ତି, ଧନ, ଐଶ୍ୱର୍ଯ୍ୟ, ସୁଖ, ସମ୍ପଦ, ଜ୍ଞାନ ସବୁ କିଛି ଦେବା ପାଇଁ କେବଳ ସେ' ଭକ୍ତର ବ୍ୟାକୁଳତାକୁ ଅପେକ୍ଷା କରି ରହିଥାନ୍ତି । ଭଗବାନଙ୍କ କରୁଣାର ଅନ୍ତ ନାହିଁ । ସେ ଦୟାର ସାଗର । ଭକ୍ତ ଥରେ ତାଙ୍କରି ଭଗବତ୍ତାର ମହିମାକୁ ସ୍ୱୀକାର କରିନେଇ ଶରଣାଗତ ହୋଇଗଲେ ସେ' କୃପା ବର୍ଷାକରି ଭକ୍ତର ସମସ୍ତ ମନ ବାଞ୍ଛା ପୂର୍ତ୍ତି କରି ଦେଇଥାନ୍ତି । ସକାମୀ ପୁରୁଷ ଭଗବାନଙ୍କ ସହିତ ଯେତିକି ଘନିଷ୍ଠତା ହୋଇଥାଏ, ତାହାରି ହୃଦୟରୁ ସେତିକି ମାତ୍ରାରେ ସକାମ ଭାବ ନଷ୍ଟ ହୋଇଥାଏ । ଭଗବାନଙ୍କ ଶରଣ ନେଲେ ଏହିପରି ଭାବରେ ଭଗବାନଙ୍କ କୃପା ହୋଇଥାଏ । ଜୀବ ଓ ଭଗବାନଙ୍କ ମଧ୍ୟରେ ଏହା ହିଁ ଅନ୍ତର । "ଭଗବାନ ସମସ୍ତ ସୁଖ ଦେବାର ଅଧିକାରୀ" ଏହି ବିଶ୍ୱାସ ଆସୁରୀ ସମ୍ପନ୍ନ ବ୍ୟକ୍ତିର ରହି ନ ଥାଏ । ମାୟାର ପ୍ରଭାବରେ ତାହାର ଧାରଣ ଥାଏ କି, ସଂସାରରେ ଯେତେ ସବୁ ଭୌତିକ ସୁଖ ନିଜ ପାଖରେ ଥିବା ଧନବଳ, ବାହୁବଳ ଓ ତପବଳ ଦ୍ୱାରା ପ୍ରାପ୍ତ କରାଯାଇ ପାରିବ । ପୁରାଣ କଥାରେ ଧ୍ରୁବ, ବିଭୀଷଣ, ସୁଗ୍ରୀବ ଚରିତ୍ରମାନ ଅର୍ଥାର୍ଥୀ ଭକ୍ତର ଦୃଷ୍ଟାନ୍ତ । ଶାସ୍ତ୍ର ବିଧି ଅନୁଯାୟୀ ଗୁରୁ ପରମ୍ପରା ସାଧନରେ ଯାହାର ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇସାରିଛି, ଯାହାର ସମସ୍ତ କାମନା ନିଃଶେଷ ରୂପରେ ସମାପ୍ତ ହୋଇଯାଇଛି,ଏହି ଅବସ୍ଥାରେ ରହି ଯେ'

ଭଗବାନଙ୍କୁ ସହଜ ଭାବରେ ଭଜନ କରିଥାନ୍ତି ସେ' ଜ୍ଞାନୀ ଅଟନ୍ତି । ଜ୍ଞାନୀ ମାୟାଦ୍ୱାରା ଉତ୍ପନ୍ନ ସମସ୍ତ କାମନାକୁ ମାନସିକ ସ୍ତରରେ ତ୍ୟାଗ କରିଥାଏ । ଭଗବାନଙ୍କ ନିଷ୍କାମ ଅନନ୍ୟ ପ୍ରେମୀ ମଧ୍ୟ ଜ୍ଞାନୀ ଭକ୍ତ ଅନ୍ତର୍ଗତ ହୋଇଥାନ୍ତି । ଜ୍ଞାନୀ ଭକ୍ତଙ୍କ ମଧ୍ୟରେ ପ୍ରହ୍ଲାଦ ଚରିତ୍ର ଅଗ୍ରଗଣ୍ୟ । ପ୍ରହ୍ଲାଦଙ୍କୁ ଆରମ୍ଭରୁ ହିଁ ପରମାତ୍ମା ତତ୍ତ୍ୱର ସାକ୍ଷାତ୍କାର ହୋଇ ସାରିଥିଲା । ତେଣୁ ସେ' ପରମାତ୍ମାଙ୍କୁ ଆଶ୍ରିତ ହୋଇ ପିତା ହିରଣ୍ୟକଶ୍ୟପୁର ସମସ୍ତ ଅତ୍ୟାଚାରକୁ ସହ୍ୟ କରି ପାରୁଥିଲେ । ତାଙ୍କରି ପରମାତ୍ମା ତତ୍ତ୍ୱଜ୍ଞାନ ଉପରେ ଏତିକି ଦୃଢନିଷ୍ଠା ରହିଥିଲା କି, ସେ ଇଚ୍ଛା କରିବା ମାତ୍ରେ ଭଗବାନ ସ୍ତମ୍ଭ ମଧ୍ୟରୁ ପ୍ରକଟ ହୋଇଥିଲେ । ଶାସ୍ତ୍ର, ପୁରାଣରେ ବର୍ଣ୍ଣିତ ଶୁକଦେବ, ନାରଦ, ଭୀଷ୍ମ, ସନକାଦି ମହାତ୍ମା ମାନେ ଜ୍ଞାନୀ ରୂପରେ ପ୍ରସିଦ୍ଧି ଲାଭ କରିଛନ୍ତି । ଭଗବାନଙ୍କ ଠାରୁ କିଛି ପାଇବା ପାଇଁ ଯେ ମାଗିଥାଏ, ସେ ଅର୍ଥାର୍ଥୀ । ସହାୟତା ପାଇଁ ଯେ' ଭଗବାନ ପାଖରେ କାନ୍ଦିଥାଏ, ସେ ଆର୍ତ୍ତ । ଭଗବାନଙ୍କ ସ୍ୱରୂପକୁ ବୁଝିବା ପାଇଁ ଯେ' ତତ୍ପରତା ଦେଖାଇଥାଏ ସେ' ଜିଜ୍ଞାସୁ । ଭଗବାନଙ୍କ ସମଗ୍ର ସ୍ୱରୂପକୁ ବୁଝିପାରି ଯେ' ଭଗବାନଙ୍କ ପ୍ରେମରେ ତଲ୍ଲିନ ହୋଇ ଯାଇଥାଏ, ସେ' ଜ୍ଞାନୀ । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଭକ୍ତ ପୂର୍ବ ଜନ୍ମର ସଂସ୍କାର ପ୍ରଭାବରେ ଏହି ଜନ୍ମରେ ମଧ୍ୟ ଭଗବତ୍ ଆଜ୍ଞାନୁସାରେ ଶୁଭକର୍ମ ଆଦି କରିବା କାରଣରୁ ସେମାନଙ୍କୁ "ସୁକୃତି" ବୋଲି କୁହାଯାଇଛି । ଏହି ଭକ୍ତ ମାନଙ୍କର ଭଗବାନଙ୍କ ପ୍ରଭାବ ଓ ମହତ୍ତ୍ୱ ଉପରେ ଜ୍ଞାନ ହୋଇ ଭଗବାନଙ୍କ ପ୍ରତି ବିଶ୍ୱାସ ବଢିଥାଏ । ଏହି ପ୍ରକାର ଭକ୍ତମାନେ ଯେବେ ଭୌତିକ କାମନାରୁ ମୁକ୍ତ ହୋଇ ଯାଆନ୍ତି, ନିରନ୍ତର ଭଗବାନଙ୍କ ଭଜନ କରିବାରେ ଆଗକୁ ତାଙ୍କରି କୃପା ପ୍ରାପ୍ତକରି ଆତ୍ମାନୁଭୂତି ଲାଭ କରିବାକୁ ସମର୍ଥ ହୁଅନ୍ତି । ଅର୍ଥାର୍ଥୀ କର୍ମଫଳ ପ୍ରତି ଆସକ୍ତ କାରଣରୁ ସେ' ଭଗବାନଙ୍କ ପ୍ରଭାବକୁ ପୂର୍ଣ୍ଣତୟା ଜାଣି ନ ଥାଏ ଏବଂ ଭଗବାନଙ୍କ ଦିବ୍ୟପ୍ରେମକୁ ବୁଝି ପାରି ନ ଥାଏ । ଅନ୍ୟ ପକ୍ଷରେ ଆର୍ତ୍ତ ବର୍ତ୍ତମାନ ବିପତ୍ତିରୁ ଅନନ୍ୟୋପାୟ ହୋଇ ଶେଷ ତ୍ରାଣକର୍ତ୍ତା ରୂପେ ଭଗବାନଙ୍କୁ ସ୍ମରଣ କରିଥାଏ । ଶାସ୍ତ୍ର ବାକ୍ୟ ହେଲା; -"ବିପଦ୍ ବିସ୍ମରଣଂ ବିଷ୍ଣୋଃ ସମ୍ପନ୍ନାରାୟଣ ସ୍ମୃତିଃ - ବିପଦୋ ନୈବ ବିପଦଃ" । ବିପତ୍ତି ବିପତ୍ତି ନୁହେଁ କି, ସମ୍ପତ୍ତି ସମ୍ପତ୍ତି ନୁହେଁ । ଭଗବାନଙ୍କୁ ଭୁଲି ଯିବା ହେଉଛି ସବୁଠାରୁ ବଡ ବିପତ୍ତି । ଏଥିରୁ ସମସ୍ତ ଦୁଃଖ ଜାତ ହୁଏ । ନାରାୟଣଙ୍କ ସ୍ମରଣ ଅଛି ତ, ବିପତ୍ତିର ସ୍ମରଣ ଆସି ନ ଥାଏ । ଶ୍ରୀମଦ୍ ଭାଗବତ୍ ରେ ପ୍ରସଙ୍ଗ ଆସେ; - କୁନ୍ତୀ ପ୍ରାର୍ଥନା କରିଛନ୍ତି, ହେ କେଶବ ! ଅମ୍ଭକୁ ବିପତ୍ତି ପରେ ବିପତ୍ତି ସବୁବେଳେ ଆସୁଥାଉ, କାରଣ ଯେତେବେଳେ ବିପତ୍ତି ଆସିଥାଏ, ତାହାର ବିନାଶ ପାଇଁ ଆପଣଙ୍କୁ ଆସିବାକୁ ପଡେ । ଆପଣଙ୍କ ଦର୍ଶନ ହୋଇଗଲେ, ସଂସାର ଆଉ ଦେଖାଯାଇ ନ ଥାଏ । ଯେ' ଆର୍ତ୍ତ ତାହାର ନିଜ ସୁଖପାଇଁ ଭଗବାନଙ୍କୁ କିଛି ମାଗିବାର ଅଭିପ୍ରାୟ ନ ଥାଏ । ତେଣୁ ଆର୍ତ୍ତ, ଅର୍ଥାର୍ଥୀ ଅପେକ୍ଷା ଉତ୍ତମ । ଜିଜ୍ଞାସୁ ମନୁଷ୍ୟର ସାଂସାରିକ ଭୋଗପ୍ରତି ଆସକ୍ତି ନ ଥାଏ କି, ସେ' ଲୌକିକ ସନ୍ତାପରେ ବିଚଳିତ ହୁଏ ନାହିଁ । ମୁକ୍ତିର କାମନାରେ ସେ' ଭଗବାନଙ୍କ ସମଗ୍ର ସ୍ୱରୂପକୁ ଜାଣିବା ପାଇଁ ଇଚ୍ଛା କରିଥାଏ । ତାହାର ଭଗବାନଙ୍କ ପ୍ରତି ପ୍ରେମ ଏବଂ ନିଷ୍ଠା, ଆର୍ତ୍ତ ଓ ଅର୍ଥାର୍ଥୀ ଠାରୁ ବିଲକ୍ଷଣ ହୋଇଥାଏ

। ଭଗବାନଙ୍କ ସମଗ୍ର ସ୍ୱରୂପର ଯଥାର୍ଥ ଜ୍ଞାନ ପ୍ରାପ୍ତ କରିଥିବା ଜ୍ଞାନୀ ଭକ୍ତ, କାହାକୁ ଅପେକ୍ଷା ନ କରି ସ୍ୱାଭାବିକ ଭାବରେ ନିତ୍ୟ ନିରନ୍ତର ଭଗବାନଙ୍କୁ ସର୍ବତ୍ର ସର୍ବ ରୂପରେ ଭଜନ କରିଥାଏ । ଅତଏବ, ଜ୍ଞାନୀ ଭକ୍ତ ସର୍ବୋତ୍ତମ ଅଟେ । କେହି କେହି ମହାମାନ୍ୟ ଟୀକାକାର "ଆର୍ତ୍ତ" "ଅର୍ଥାର୍ଥୀ" "ଜିଜ୍ଞାସୁ" ଓ "ଜ୍ଞାନୀ" ଶବ୍ଦକୁ ଆତ୍ମା-ପରମାତ୍ମା ପ୍ରେମୀ ଅର୍ଥରେ ବ୍ୟାଖ୍ୟା କରିଛନ୍ତି । ଭଗବାନଙ୍କ ବିରହ ପୀଡାକୁ ସହ୍ୟ କରି ନ'ପାରି ଭକ୍ତ ଆର୍ତ୍ତ ହୋଇଥାଏ । ଆର୍ତ୍ତ ହେଉଛନ୍ତି ସେହିମାନେ, ଯେପରି ଗୋପୀମାନେ ଶ୍ରୀକୃଷ୍ଣଙ୍କ ବିରହରେ ସମସ୍ତେ ଆର୍ତ୍ତ ହୋଇଯାଇଥିଲେ । ଅର୍ଥ, ଦ୍ରବ୍ୟ ପ୍ରାପ୍ତିରେ ସାଂସାରିକ କାମନା ପୂର୍ତ୍ତି ହୋଇଥାଏ । ବାସ୍ତବରେ ତାହା ମନୁଷ୍ୟ ନିମନ୍ତେ ସବୁଦିନ ପାଇଁ ସୁଖ ଦେବାର ସମ୍ପଦ ହୋଇ ନ ଥାଏ । ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ଯେ' ବ୍ୟାକୁଳ ହୋଇ ଉଠିଥାଏ, ସେ ଅର୍ଥାର୍ଥୀ । ତେଣୁ "ଅର୍ଥାର୍ଥୀ" ଶବ୍ଦର ଅର୍ଥ ହେଲା ଯିଏ ଭଗବତ୍ ଦର୍ଶନ ଚାହିଁଥାଏ । ଆର୍ତ୍ତ ଓ ଅର୍ଥାର୍ଥୀ ଏହି ଦୁହିଁଙ୍କ ମଝିରେ ରହି ଯିଏ ପ୍ରତିକ୍ଷଣ, ସ୍ଥାବର, ଜଙ୍ଗମ, ନଦୀ, ପାହାଡ, ପର୍ବତ ସର୍ବତ୍ର ସେହି ପରମାତ୍ମା ସତ୍ତାକୁ ଅନୁଭବ କରିବାର ପ୍ରୟାସ କରିଥାଏ, ସେ ହେଉଛି ଜିଜ୍ଞାସୁ । ପରମାତ୍ମା ତତ୍ତ୍ୱ ପ୍ରାପ୍ତ କରିବାର ଇଚ୍ଛାରେ ଜିଜ୍ଞାସୁ ସଦ୍ ଗୁରୁଙ୍କ ଆଶ୍ରୟ ନେଇଥାଏ । ଯିଏ ଜ୍ଞାନୀ, ତାଙ୍କରି ପ୍ରଥମେ ଆତ୍ମାରେ ପ୍ରିୟତା ଥିଲା । ସଦ୍ ଗୁରୁଙ୍କ କୃପାରେ ପରମାତ୍ମାଙ୍କ ଅଭେଦର ଜ୍ଞାନ ହୋଇଗଲା ପରେ, ସମସ୍ତ ଆତ୍ମନିଷ୍ଠ ପ୍ରିୟତା ପରମାତ୍ମାରେ ବ୍ୟାପ୍ତ ହୋଇଯାଏ । ସେତେବେଳେ ଜୀବନମୁକ୍ତର ବିଲକ୍ଷଣ ସୁଖ ଉଦୟ ହୋଇ ସେ ଜ୍ଞାନୀ ପଦବାଚ୍ୟର ଅଧିକାରୀ ହୋଇଯାନ୍ତି ।

ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।
ପ୍ରିୟୋ ହି ଜ୍ଞାନିନୋଅତ୍ୟର୍ଥମହଂ ସ ଚ ମମ ପ୍ରିୟଃ ॥ ୧୭॥

*ଅନ୍ୱୟ: ତେଷାଂ ( ସେହି ଚାରି ପ୍ରକାର ଭକ୍ତଙ୍କ ମଧ୍ୟରୁ ) ନିତ୍ୟଯୁକ୍ତଃ (ମୋରିଠାରେ ସର୍ବଦା ଯୁକ୍ତ ଚିତ୍ତ ) ଏକଭକ୍ତିଃ ( ଏକମାତ୍ର ମୋରିଠାରେ ହିଁ ଭକ୍ତିମାନ୍ ) ଜ୍ଞାନୀ ( ମୋର ସମଗ୍ର ତତ୍ତ୍ୱ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ କରିଥିବା ମହାତ୍ମା) ବିଶିଷ୍ୟତେ ( ଶ୍ରେଷ୍ଠ ଅଟନ୍ତି ) [ ଯେ ହେତୁ ] ଅହଂ ହି ( "ମୁଁ" ହିଁ ) ଜ୍ଞାନିନୋ ( ଜ୍ଞାନୀ ଭକ୍ତଙ୍କର ) ଅତ୍ୟର୍ଥଂ ( ଅତ୍ୟନ୍ତ ) ପ୍ରିୟଃ (ପ୍ରିୟ) ଚ ( ଏବଂ ) ସଃ ( ସେ ମଧ୍ୟ ) ମମ ପ୍ରିୟଃ ( ମୋର ଅତି ପ୍ରିୟ ଅଟେ ) ।*

**ଭାବାର୍ଥ** : ହେ ଅର୍ଜୁନ ! ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ - ଏହି ଚାରି ଭକ୍ତଙ୍କ ମଧ୍ୟରେ ଜ୍ଞାନୀ ବିଶେଷ ପ୍ରକାର ଅଟେ । ଜ୍ଞାନୀ ସର୍ବଦା ଭଗବାନଙ୍କ ଭଜନ କରିଥାଏ, ତେଣୁ ଜ୍ଞାନୀକୁ ଏହି ପଦରେ "ନିତ୍ୟଯୁକ୍ତ" କୁହାଯାଇଛି । ନିଜକୁ ଯିଏ ସମ୍ପୂର୍ଣ୍ଣ ରୂପରେ ଭୁଲି, ଅନନ୍ୟ ଭାବରେ ନିତ୍ୟ ନିରନ୍ତର କେବଳ ଭଗବାନଙ୍କୁ ହିଁ ଆଶ୍ରା କରିଥାଏ ଏବଂ ଭଗବାନଙ୍କ ସ୍ମରଣ କରିଥାଏ, ତାହାକୁ ନିତ୍ୟଯୁକ୍ତ କୁହାଯିବ । ଜ୍ଞାନୀଭକ୍ତ ଲୌକିକ ଓ ପାରମାର୍ଥିକ ସବୁ କ୍ରିୟା କରୁଥିବା ବେଳେ ଭଗବାନଙ୍କ ନାମ ସ୍ମରଣ କରି ଭଗବାନଙ୍କ ସହିତ ଯୁକ୍ତ ହୋଇ ରହିଥାଏ । ନିଷ୍କାମ ହୋଇ କେବଳ ଏକ ପରମାନନ୍ଦ ତତ୍ତ୍ୱ ପ୍ରାପ୍ତ ନିମିତ୍ତ ଭଗବାନଙ୍କ ଭଜନ କରିବାକୁ "ଏକଭକ୍ତି" କୁହାଯାଇଛି । ଜ୍ଞାନୀ ନିକଟରେ 'ନିତ୍ୟଯୁକ୍ତ' ଓ 'ଏକଭକ୍ତି' ଏହି ଦୁଇଟିଯାକ ଲକ୍ଷଣ ରହିଥିବାରୁ,

ଜ୍ଞାନୀ ସମସ୍ତ ଭକ୍ତଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଜ୍ଞାନୀଭକ୍ତର ଭଗବାନଙ୍କ ସମ୍ବନ୍ଧରେ ଯଥାର୍ଥ ସ୍ୱରୂପ ଓ ରହସ୍ୟର ସମ୍ୟକ ତତ୍ତ୍ୱ ଉପଲବ୍ଧି ହୋଇସାରିଛି ଏବଂ ତାହାଙ୍କ ଦୃଷ୍ଟିରେ ଏକ ପରମାତ୍ମା ବ୍ୟତୀତ ଅନ୍ୟ କିଛି ଦେଖାଯାଇ ନ ଥାଏ । ତାଙ୍କରି ମନ ଓ ବୁଦ୍ଧି ସର୍ବଦା ସମ୍ପୂର୍ଣ୍ଣ ଆସକ୍ତି ଏବଂ ଆକାଙ୍କ୍ଷା ରହିତ ହୋଇ ଏକମାତ୍ର ଭଗବାନଙ୍କ ପାଖରେ ତଲ୍ଲିନ ହୋଇ ରହିଥାଏ । ଏହିପରି ଅନନ୍ୟ ପ୍ରେମରେ ଯେ' ଭଗବାନଙ୍କୁ ଭକ୍ତି କରିଥାଏ ତାହା ନିମନ୍ତେ ଭଗବାନ ଅତିଶୟ ପ୍ରିୟ ହୋଇଥାନ୍ତି । ଭଗବାନ ଯାହାର ପ୍ରିୟ, ସେ ମଧ୍ୟ ଭଗବାନଙ୍କର ପ୍ରିୟ ହୋଇଥାଏ । ଭଗବାନ ଓ ଭକ୍ତଙ୍କ ମଝିରେ ଅଦ୍ୱୈତ ପ୍ରେମଭାବ ହୋଇଯାଏ । ଭୌତିକ ପୀଡାରେ ଥିବା କେହି କେହି ଆର୍ତ୍ତଙ୍କ ବିପତ୍ତି ଟଳିଯିବା ପରେ ଭଗବତ୍ ବିସ୍ମରଣ ଘଟିଥାଏ । ସେହିପରି କେହି କେହି ଅର୍ଥାର୍ଥୀ ମଧ୍ୟ ନିଜ ମନ ବାଞ୍ଛା ପୂରଣ ପରେ ଭଗବାନଙ୍କୁ କୃତଜ୍ଞ ହୋଇ ସବୁଦିନେ ସ୍ମରଣ କରି ନ ଥାନ୍ତି । ଜିଜ୍ଞାସୁ ଗୁରୁଙ୍କ ଆଶ୍ରିତ ହୋଇ ସେବା ଓ ଶାସ୍ତ୍ର ଅଧ୍ୟୟନରେ ରହି ଭଗବାନଙ୍କୁ ସାମୟିକ ବିସ୍ମରଣ କରିଥାଏ । କିନ୍ତୁ ଜ୍ଞାନୀଠାରେ ପରମାତ୍ମା ଆତ୍ମରୂପରେ ପ୍ରକଟିତ ହୋଇଥାନ୍ତି । ସେ' ଯିଏ ହେଉ, ଯେଉଁଠାରେ ହେଉ, ଯେଉଁ ସମୟରେ ହେଉ, ଯେପରି ଭାବରେ ହେଉ , ଜ୍ଞାନୀ ସେହି ସମସ୍ତଙ୍କୁ ପରମାତ୍ମା ରୂପରେ ନିଜ ଆତ୍ମା ଭିତରେ ଅନୁଭବ କରିଥାଏ । ଜ୍ଞାନୀର ଭଗବାନଙ୍କ ପ୍ରତି ଭକ୍ତି ଅନନ୍ୟ ହୋଇଥାଏ । ଅନନ୍ୟ ଅର୍ଥ ହେଲା, ଅନ୍ୟ ଦ୍ୱିତୀୟ କାହାପ୍ରତି ତାହାର ପ୍ରେମ ଭାବ ରହି ନ ଥାଏ । ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହେବାପରେ, ଭକ୍ତି ସର୍ବଦା ସ୍ୱତଃ ଅନ୍ତରରେ ଭଗବାନଙ୍କ ପ୍ରତି ଏକନିଷ୍ଠ ହୋଇ ରହେ । ଜ୍ଞାନୀ ଓ ଭଗବାନଙ୍କର ପ୍ରୀତିରେ, ସୀତା ଓ ରାମଙ୍କ ଭଳି, ରାଧା ଓ କୃଷ୍ଣଙ୍କ ଭଳି ପରସ୍ପର ପ୍ରୀତି ଭାବ ରହିଥାଏ । ଏହା ଚକୋର ଓ ଚନ୍ଦ୍ରମା ଭଳି ଏକାଙ୍ଗ ପ୍ରେମ ହୋଇ ନ ଥାଏ । ରାଧାଙ୍କର କୃଷ୍ଣଙ୍କ ପ୍ରତି ଯେତିକି ପ୍ରୀତି ଥିଲା, କୃଷ୍ଣଙ୍କର ରାଧାଙ୍କଠାରେ ସେତିକି ପ୍ରୀତି ରହିଥିଲା । ଦୁହିଁଙ୍କ ପ୍ରେମ ମଝିରେ କୌଣସି ବିଭାଜନ ରେଖା ନାହିଁ, ଉଭୟଙ୍କ ପରସ୍ପର ପ୍ରୀତି ଅସୀମ । ଯେପରି ଭାବରେ ରାଧାଙ୍କ ଭିତରେ କୃଷ୍ଣ ରହିଥାନ୍ତି ଏବଂ କୃଷ୍ଣ ନିଜ ଭିତରେ ରାଧାଙ୍କୁ ଦେଖିଥାନ୍ତି, ସେହିପରି ଜ୍ଞାନୀର ଆତ୍ମା ଭଗବାନ ଏବଂ ଭଗବାନଙ୍କ ଆତ୍ମା ଜ୍ଞାନୀ । ଭଗବତ୍ ବିଳାସର ନାମ ଜ୍ଞାନୀ ଏବଂ ଜ୍ଞାନୀର ଆତ୍ମ ଉଲ୍ଲାସର ନାମ ଭଗବାନ । ଦୁହେଁ ସଚ୍ଚିଦାନନ୍ଦଘନ, ଦୁହେଁ ଏକ ତରଙ୍ଗ, ଏକ ଉଲ୍ଲାସ । ଜ୍ଞାନୀ ଅନ୍ତର୍ଯାମୀ ପରମାତ୍ମାଙ୍କୁ ମୁଖ୍ୟ ଆତ୍ମାଭାବରେ ଦେଖିଥାଏ । ଏଥି ନିମନ୍ତେ ପରମାତ୍ମା, ଆତ୍ମା ରୂପରେ ଜ୍ଞାନୀର ଅତ୍ୟନ୍ତ ପ୍ରିୟ ହୋଇଥାନ୍ତି । 'ଅତ୍ୟର୍ଥମ୍' ପଦର ଅର୍ଥ ହେଲା ବ୍ୟବଧାନ ରହିତ । ଅର୍ଥାତ୍ ଜ୍ଞାନୀ ଓ ଭଗବାନଙ୍କର ଯେଉଁ ପ୍ରିୟତା ତାହାରି ମଝିରେ କୌଣସି ବ୍ୟବଧାନ ନାହିଁ ।

ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।
ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ॥ ୧୮ ॥

*ଅନ୍ୱୟ : ଏତେ ( ଏହି ଚାରି ପ୍ରକାର ଭକ୍ତ ) ସର୍ବେ ଏବ ( ନିଶ୍ଚିତଭାବରେ ସମସ୍ତେ ହିଁ ) ଉଦାରାଃ ( ସର୍ବୋତ୍କୃଷ୍ଟ – ମହାନ୍ – ସହନଶୀଳ- ତ୍ୟାଗୀ- ଦାନୀ ) ତୁ ( କିନ୍ତୁ ) ମେ ମତମ୍ ( ମୋରି ମତରେ ) ଜ୍ଞାନୀ ( ଜ୍ଞାନୀ ଭକ୍ତ ) ଆତ୍ମୈବ ( ମୋରି ଆତ୍ମା ସ୍ୱରୂପ ) ହି ( ଯେ' ହେତୁ) ସଃ ( ସେହି ) ଯୁକ୍ତାତ୍ମା ( ମଦ୍ ଗତଚିତ୍ତ ଜ୍ଞାନୀ) ଅନୁତ୍ତମାଂ ( ସର୍ବୋତ୍କୃଷ୍ଟ ) ଗତିଂ ( ଗତି ରୂପରେ ) ମାମ୍ ( ମୋ ଠାରେ ହିଁ ) ଆସ୍ଥିତଃ ( ଦୃଢଭାବରେ ସ୍ଥିତ ହୋଇ ରହିଥାନ୍ତି ) ।*

**ଭାବାର୍ଥ** : ସଂସାର ଭୋଗ, ସଂଗ୍ରହ ତ୍ୟାଗକରି ଯେ' କୌଣସି ଉଦ୍ଦେଶ୍ୟ ନେଇ ଭଗବାନଙ୍କ ପାଖକୁ ଆସୁଥିବା ସମସ୍ତ ଭକ୍ତ ପୁଣ୍ୟାତ୍ମା ଏବଂ ଉଦାର ଅଟନ୍ତି । ଯେଉଁମାନେ ନିଜ ତରଫରୁ ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରି ସମର୍ପିତ ହୋଇଥାନ୍ତି, ସେମାନଙ୍କୁ ମଧ୍ୟ 'ଉଦାର' କୁହା ଯାଇଥାଏ । ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ, ଜ୍ଞାନୀ - ଏହି ଚାରି ପ୍ରକାର ଭକ୍ତଙ୍କ ଭଗବାନଙ୍କ ସହିତ ସମ୍ବନ୍ଧ ଏକନିଷ୍ଠ ହୋଇଥିବା କାରଣରୁ ସେହିମାନେ ଉଦାର । ଭଗବାନ ସର୍ବ ଶକ୍ତିମାନ୍, ପରମ ଦୟାଳୁ ବୋଲି ଏହି ମାନଙ୍କର ଦୃଢ ବିଶ୍ୱାସ ରହିଥାଏ । ସଂସାରର ଦୁଃଖ, ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଭଗବାନଙ୍କ ଉପରେ ଏହି ଭକ୍ତମାନଙ୍କ ଭରସା ରହିଥାଏ । ଏହି ଭକ୍ତମାନେ ଆତ୍ମାକୁ ଅଧୋଗତିରେ ନ ପହଞ୍ଚାଇ, ଆତ୍ମାର ଉଦ୍ଧାର ନିମନ୍ତେ ଭଗବାନଙ୍କ ଦିଗକୁ ଅଗ୍ରସର ହୁଅନ୍ତି । ସେହି ଭକ୍ତଙ୍କ ଏହି ବିଶ୍ୱାସ ଦୃଢ ହୋଇଥାଏ କି, ଭଗବାନ ହିଁ ଏକମାତ୍ର କର୍ମ ଫଳଦାତା । ଭଗବାନଙ୍କ ସହିତ ସମ୍ବନ୍ଧ ଏହି ଭକ୍ତଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଥିବା କାରଣରୁ, ପରବର୍ତ୍ତୀ ସମୟରେ ପରମାତ୍ମା ତତ୍ତ୍ୱଜ୍ଞାନ ପ୍ରାପ୍ତ କରିବାକୁ ସମର୍ଥ ହୋଇଥାନ୍ତି । ଭଗବତ୍ ଭଜନାର ଏହି ବିଶେଷତା କି, ତାହା ଅନ୍ତଃକରଣରେ ପବିତ୍ରତା ଉତ୍ପନ୍ନ କରିଥାଏ ଏବଂ ହୃଦୟରେ ଭଗବତ୍ ପ୍ରେମ କ୍ରମଶଃ ବଢିଚାଲେ । କେତେକ ସ୍ଥଳରେ 'ଉଦାର' ଶବ୍ଦକୁ 'ଦାତା' ରୂପରେ ଅର୍ଥ କରାଯାଇଛି । ଶ୍ରୀରାମାନୁଜ ଆଦି ଭକ୍ତଙ୍କ ମତରେ, ଭଗବାନଙ୍କୁ ଭଜନା କରିବା ଜୀବର ଭଗବାନଙ୍କ ପ୍ରତି ଏକପ୍ରକାର ଦାନ ସାଦୃଶ୍ୟ ଅଟେ । ତେଣୁ ଭଗବାନଙ୍କୁ ସ୍ମରଣ କରୁଥିବା ସମସ୍ତ ଭକ୍ତ ଉଦାର ଅଟନ୍ତି । ସେଥି ମଧ୍ୟରୁ ଜ୍ଞାନୀ ଭକ୍ତର ଭଗବାନଙ୍କ ସହିତ ପ୍ରତ୍ୟେକ ମୁହୂର୍ତ୍ତରେ ଯୁକ୍ତ ହୋଇ ରହିବା ବ୍ୟତୀତ ଅନ୍ୟ କୌଣସି ଲକ୍ଷ୍ୟ ନ ଥାଏ । ଶୁଦ୍ଧ ଭକ୍ତର ସ୍ଥାନ ସବୁବେଳେ ଭଗବାନଙ୍କ ହୃଦୟ ହୋଇଥାଏ ଏବଂ ଭଗବାନ ମଧ୍ୟ ଶୁଦ୍ଧ ଭକ୍ତର ହୃଦୟରେ ପ୍ରତ୍ୟକ୍ଷ ବିରାଜମାନ ହୋଇଥାନ୍ତି । ଶୁଦ୍ଧଭକ୍ତ ଓ ଭଗବାନଙ୍କର ସମ୍ବନ୍ଧ ଅତି ନିବିଡ, ଏପରି କି' ଦୁହିଁ ଙ୍କ ମଧ୍ୟରେ କିଛି ଅନ୍ତର ନାହିଁ । ଯେଉଁ ଭକ୍ତର ମନ ବୁଦ୍ଧି ନିର୍ବିକାର ହୋଇ ଭଗବାନଙ୍କ ଠାରେ ତନ୍ମୟ ହୋଇଥାଏ, ସେ' ଯୁକ୍ତାତ୍ମା । ଭଗବାନ ଶ୍ରୀକୃଷ୍ଣ ଏହି ପଦରେ ଦୃଢ ମତ ରଖିଛନ୍ତି କି, ମୋର ସମ୍ପୂର୍ଣ୍ଣ ଶରଣରେ ରହିଥିବା ଜ୍ଞାନୀ ଭକ୍ତ ଅତି ଉତ୍ତମ ଗତି ସ୍ୱରୂପ ମୋରି ପରମ ବ୍ରହ୍ମକୁ ହିଁ ଅହମର୍ଥ ମାନି ମୋରିଠାରେ ଅଚଳ ସ୍ଥିତ ହୋଇ ରହେ । ନିତ୍ୟ ନିରନ୍ତର ଏକ ଭାବ, ଏକ ରସରେ ରହି ପରମାନନ୍ଦ ପ୍ରାପ୍ତ କରିଥାଏ ।

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥ ୧୯॥

*ଅନ୍ୱୟ: ବହୂନାମ୍ (ଅନେକ ) ଜନ୍ମନାମ୍ (ଜନ୍ମର) ଅନ୍ତେ (ପରିଶେଷରେ ,ମନୁଷ୍ୟ ଜନ୍ମ ପ୍ରାପ୍ତ ହୋଇ ) ବାସୁଦେବଃ ସର୍ବମ୍ (ବାସୁଦେବ ହିଁ ଚରାଚର ବ୍ରହ୍ମାଣ୍ଡର ସବୁକିଛି) ଇତି (ଏହି ଭାବରେ) ଜ୍ଞାନବାନ୍ (ଶାସ୍ତ୍ର ଓ ଗୁରୁ ଉପଦେଶକ୍ରମେ ଯେ' ତତ୍ତ୍ୱ ଜ୍ଞାନ ଲାଭ କରି ) ମାମ୍ ପ୍ରପଦ୍ୟତେ ( ମୋର ଶରଣାପନ୍ନ ହୋଇଛନ୍ତି ) ସଃ ମହାତ୍ମା ( ସେହି ମହାନ୍ ପୁରୁଷ ) ସୁଦୁର୍ଲଭଃ ( ଅତ୍ୟନ୍ତ ଦୁର୍ଲଭ ) ।*

**ଭାବାର୍ଥ**: ଅନେକ ଜନ୍ମର ସାଧନ ଓ ସଞ୍ଚିତ ପୁଣ୍ୟଫଳରୁ ମହାନ୍ ଜ୍ଞାନୀ ପୁରୁଷଙ୍କ ଏହି ଜନ୍ମରେ ଆତ୍ମ-ସାକ୍ଷାତ୍କାର ପ୍ରାପ୍ତ ହୋଇଥାଏ । "ବାସୁଦେବ ହିଁ ସବୁ କିଛି" ଅର୍ଥାତ୍ ପୁରୁଷୋତ୍ତମ ପରମାତ୍ମା ହିଁ ଚରାଚର ବିଶ୍ୱ ବ୍ରହ୍ମାଣ୍ଡ ବ୍ୟାପ୍ତ ହୋଇ ରହିଛନ୍ତି, ଏହି ତତ୍ତ୍ୱଜ୍ଞାନ ସାକ୍ଷାତ୍କାର ପ୍ରାପ୍ତ ହୋଇଥିବା ଜ୍ଞାନୀ ପୁରୁଷକୁ ଅନୁଭବ ହୋଇଥାଏ । ମନୁଷ୍ୟର ଉଦ୍ଧାର ପାଇଁ ଭଗବାନ ନିଜ ପକ୍ଷରୁ ଏହି ଅନ୍ତିମ ମନୁଷ୍ୟ ଜନ୍ମ ଦେଇଛନ୍ତି । ପ୍ରତ୍ୟେକ ମନୁଷ୍ୟ ଏହି ପରମାତ୍ମା ତତ୍ତ୍ୱ ପାଇବାର ଅଧିକାରୀ । ମନୁଷ୍ୟ ଜନ୍ମରେ ଯଦି ସତ୍ ସଙ୍ଗ ମିଳିଯାଏ, ଗୀତାଭଳି ଗ୍ରନ୍ଥ ପାଠକରି ଯୋଗାଭ୍ୟାସ କରିବାର ପ୍ରେରଣା ମିଳିଯାଏ, ସାଧକ ବୁଝିନେବା ଉଚିତ କି, ଭଗବାନ ତାହାରି ଉପରେ ଅପାର କୃପା ରଖିଛନ୍ତି । ଶ୍ରଦ୍ଧା, ବିଶ୍ୱାସ ଓ ସାଧନରୁ ଭକ୍ତି ଏବଂ ଭକ୍ତିରୁ ଏହି ତତ୍ତ୍ୱଜ୍ଞାନ ପ୍ରାପ୍ତ ହୁଏ । ପ୍ରଥମେ ଭଗବାନଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବାରେ, ଭଗବାନଙ୍କ ସହିତ ସାମାନ୍ୟ ପ୍ରେମ ହୋଇଥାଏ । ଭଗବଦ୍ ପ୍ରେମ ଆସ୍ତେ ଆସ୍ତେ ବିକଶିତ ହେବାରେ ଭଗବାନଙ୍କ ସ୍ୱରୂପର ସମ୍ୟକ୍ ଜ୍ଞାନ ହୁଏ । ଭଗବାନଙ୍କ ସମଗ୍ର ସ୍ୱରୂପର ଜ୍ଞାନ ହେବାପରେ, ଏହି ଭଗବଦ୍ ପ୍ରେମ ଶୀର୍ଷରେ ପହଞ୍ଚିଥାଏ । ଭକ୍ତି ଓ ଜ୍ଞାନର ଅନ୍ତିମ ସ୍ଥିତିକୁ ପରାଜ୍ଞାନ, ପରିପକ୍ୱ ଜ୍ଞାନ ବା ପରାଶକ୍ତି କୁହାଯାଇଛି, ଯେତେବେଳେ "ବାସୁଦେବ ସବୁକିଛି"ର ତତ୍ତ୍ୱ ବୋଧ ହୁଏ । ବହୁତ ଜନ୍ମର ସାଧନ ପରେ ଏହି ତତ୍ତ୍ୱଜ୍ଞାନ ପ୍ରାପ୍ତ ହୋଇଥିବା ତତ୍ତ୍ୱଦର୍ଶୀ, ମୋକ୍ଷ ରୂପେ ମୋତେ ପ୍ରାପ୍ତ କରିଥାଏ । ସେ' କୌଣସି ବାସୁଦେବଙ୍କ ପ୍ରତିମା ବା ମୂର୍ତ୍ତି ରଖି ଉପାସନା କରି ନ ଥାଏ । କିନ୍ତୁ ନିଜ ହୃଦୟ ଭିତରେ ସେହି ପରମ ଦେବଙ୍କ ବାସ ଲାଭ କରିଥାଏ । ଜ୍ଞାନୀ ନିମନ୍ତେ ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି "ସର୍ବ ବାସୁଦେବମୟ" ତତ୍ତ୍ୱ ଭାବନାରେ ଭଗବାନଙ୍କ ପାଦପଦ୍ମରେ ଶରଣାଗତ ହୋଇ ପରମାନନ୍ଦ ପ୍ରାପ୍ତ ହେବା । ଏହିପରି ମହାତ୍ମା ସାଧାରଣତଃ ଦେଖିବାକୁ ମିଳନ୍ତି ନାହିଁ । ଏହି ଅଧ୍ୟାୟର ତୃତୀୟ ଶ୍ଲୋକରେ ଭଗବାନ କହିଛନ୍ତି, ହଜାର ହଜାର ମନୁଷ୍ୟଙ୍କ ମଧ୍ୟରୁ କେହି ଜଣେ ବାସ୍ତବିକ ସିଦ୍ଧି ପାଇଁ ପ୍ରଯତ୍ନ କରିଥାନ୍ତି । ସେହିପରି ପ୍ରଯତ୍ନ କରୁଥିବା ସାଧକଙ୍କ ମଧ୍ୟରୁ ଜଣେ କେହି ଭଗବାନଙ୍କୁ ତତ୍ତ୍ୱତଃ ଜାଣିଥାନ୍ତି । ଏହି ପ୍ରକାର ଈଶ୍ୱରଙ୍କୁ ଜାଣିବା ତତ୍ତ୍ୱଦର୍ଶୀ ଦୁର୍ଲଭ । ମହାନ୍ ଜ୍ଞାନୀ ପୁରୁଷ ପରମାତ୍ମାଙ୍କ ସହିତ ଏକ ହୋଇଯିବା କାରଣରୁ ସେ' ମଧ୍ୟ ଅଦ୍ୱୟ ହୋଇ ଯାଇଥାଆନ୍ତି । ଜନ୍ମ-ମରଣ, ପାପ-ପୂଣ୍ୟ, ରାଗ-ଦ୍ୱେଷ, ସ୍ୱର୍ଗ-ନରକ, ଆସିବା-ଯିବା ସେହି ପର୍ଯ୍ୟନ୍ତ ହୋଇଥାଏ, ଯେଉଁ ପର୍ଯ୍ୟନ୍ତ ପରମାତ୍ମା ତତ୍ତ୍ୱଜ୍ଞାନ ଅନୁଭବ ହୋଇ ନ ଥାଏ । ସେହି ତତ୍ତ୍ୱଜ୍ଞାନ ହେଉଛି "ବାସୁଦେବଃ ସର୍ବମିତି"- ଅର୍ଥାତ୍ ପରାତ୍ପର, ପରଂବ୍ରହ୍ମ ବିନା ଅନ୍ୟ କୌଣସିର ସତ୍ତା ହିଁ ନାହିଁ । ଜଗତ୍ ନାମରେ କୌଣସି ପଦାର୍ଥ ନାହିଁ । ଯାହାକୁ ଜଗତ୍ କୁହାଯାଉଛି, ତାହା ଭଗବାନଙ୍କ ଠାରୁ ଭିନ୍ନ ନୁହେଁ । ବ୍ରହ୍ମ ହିଁ ଜଗତ୍ ରୂପରେ

ବିବର୍ତ୍ତ ବା ପରିଣତ ହୋଇଛି । 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' – 'ସମସ୍ତ କାରଣର କାରଣ'- ଏହି ତତ୍ତ୍ୱର ପ୍ରତ୍ୟକ୍ଷ ଏବଂ ଅଟଳ ଅନୁଭବ ହୋଇ ସର୍ବାତ୍ମା ଦୃଷ୍ଟିରେ ନିତ୍ୟ ସ୍ଥିତ ରହିବା ହେଉଛି "ବାସୁଦେବଃ ସର୍ବମିତି" । 'ବାସୁ' ଓ 'ଦେବ' ଦୁଇଟି ଶବ୍ଦର ସଂଯୁକ୍ତ ହେଲା "ବାସୁଦେବ" । 'ବାସୁ' ଶବ୍ଦର ଅର୍ଥ ହେଲା ସବୁଥିରେ ଯେ' ରହିଥାନ୍ତି ଏବଂ ଯାହାରି ଭିତରେ ସବୁ ରହିଛି । 'ଦେବ' ଶବ୍ଦର ଅର୍ଥ ହେଲା ପ୍ରକାଶ ହୋଇ ରହିବା । ଯେ' ଦେଖେ (ଦ୍ରଷ୍ଟା), ଯାହା ଦେଖା ଯାଉଛି (ଦୃଶ୍ୟ) ଏବଂ ଦେଖିବା କ୍ରିୟା (ଦର୍ଶନ) –ଏହି ସମସ୍ତ ପରମାତ୍ମାଙ୍କ ସ୍ୱରୂପର ପ୍ରକାଶ । ବେଦାନ୍ତକୁ ଛାଡିଦେଲେ ବିଶ୍ୱରେ ବୌଦ୍ଧ, ଜୈନ, ଇସଲାମ, ଇସାହି, ବ୍ରହ୍ମ ସମାଜ, ଆର୍ଯ୍ୟ ସମାଜ, ଭଳି ଯେତେ ଧର୍ମ ଓ ସଂପ୍ରଦାୟ ଅଛନ୍ତି, "ବାସୁଦେବ ହିଁ ସବୁକିଛି" ସିଦ୍ଧାନ୍ତ ତତ୍ତ୍ୱ କେଉଁଥିରେ ଦେଖିବାକୁ ମିଳେ ନାହିଁ । ସୃଷ୍ଟି ଆରମ୍ଭରେ କେବଳ ଭଗବାନ ଥିଲେ ଏବଂ ସୃଷ୍ଟି ବିଲୀନ ହେବାପରେ ମଧ୍ୟ କେବଳ ଭଗବାନ ରହିବେ । ତେଣୁ ମଧ୍ୟକାଳରେ ସ୍ୱୟଂ ପରମାତ୍ମା ହିଁ ସଂସାର ରୂପରେ ପ୍ରକଟିତ ଅଛନ୍ତି । ଏଥିପାଇଁ ଏ ସମସ୍ତ ଦୃଶ୍ୟମାନ ପଦାର୍ଥ ବାସୁଦେବ ଅଟନ୍ତି । ସଂସାରରେ ଅନେକ ନାମରେ, ଅନେକ ରୂପରେ, ଅନେକ ଆକୃତିରେ ଭଗବାନ ହିଁ କେବଳ ଅଛନ୍ତି । ଯେ ପର୍ଯ୍ୟନ୍ତ ଦୃଷ୍ଟି ସଂସାର ଦିଗକୁ ରହିଥାଏ, ସେ ପର୍ଯ୍ୟନ୍ତ ସବୁ କିଛି ଭଗବାନ ବୋଲି ବୋଧ ହୁଏନାହିଁ । "ବ୍ରହ୍ମୈବେଦଂ ବିଶ୍ୱମିଦଂ ବରିଷ୍ଠମ୍" –ଏହି ସମ୍ପୂର୍ଣ୍ଣ ବିଶ୍ୱ ବ୍ରହ୍ମ ଅଟେ । ସ ଏବେଦଂ ସର୍ବମ୍ – ଆତ୍ମୈବେଦଂ ସର୍ବମ୍ – ଅନମେବେଦଂ ସର୍ବମ୍- ଏହି ଶ୍ରୁତି ବାକ୍ୟ ମାନଙ୍କର ଅର୍ଥ -ଏହି ସମସ୍ତ ମୁଁ ଅଟେ, -ଏହି ସମସ୍ତ ଆତ୍ମା ଅଟନ୍ତି, -ଏହା ସମସ୍ତ ସେ ଅଟନ୍ତି । ଏହା ସାମାନ୍ୟାଧିକରଣ ବିଚାର । ସାମାନ୍ୟାଧିକରଣର ଅର୍ଥ;- ଦୁଇ ବିଭକ୍ତ ବସ୍ତୁ ସମାନ ଅଧିକରଣରେ ସ୍ଥିତ ରହିବା । ବସ୍ତ୍ର ଓ କଳସ ଦୁଇଟି ଭିନ୍ନ ବସ୍ତୁ । ସେମାନେ ଏକା କିପରି ହୋଇପାରିବେ ? ସବୁ ପରମାତ୍ମା - ପରମାତ୍ମା ସବୁ : ଏହା କିପରି ସମ୍ଭବ ? ରାମାନୁଜ କହିଛନ୍ତି; - ପରମାତ୍ମା ଶରୀରୀ ଏବଂ ଏହି ଜୀବ ଓ ଜଗତ୍ ପରମାତ୍ମାଙ୍କ ଶରୀର । ପରମାତ୍ମା ହେଉଛନ୍ତି ଆଶ୍ରୟ, ଜୀବ ଓ ଜଗତ ସେଥିରେ ଆଶ୍ରିତ । ପରମାତ୍ମା ହେଉଛନ୍ତି ଉପଜୀବ୍ୟ ଏବଂ ଜୀବ ହେଉଛି ଉପଜୀବକ । ପରମାତ୍ମା ହେଉଛନ୍ତି ଶେଷି, ଜୀବ ହେଉଛି ଶେଷ । ଯେପରି ଗୋଟିଏ ମନୁଷ୍ୟକୁ କୁହାଯାଉଛି କି, ସେ' ଆତ୍ମା ଏବଂ ସେ' ପରମାତ୍ମା । ତାର ଶରୀର ଅଛି, ଅନ୍ତଃକରଣ ଅଛି, ବିଚାର ଅଛି, ତାହାର ଭାବ ମଧ୍ୟ ରହିଛି । ଏହି ସମସ୍ତକୁ ମିଶାଇ ତାହାକୁ ମନୁଷ୍ୟ କୁହାଯାଉଛି । ସେହିପରି ପରମାତ୍ମାକୁ ଯେବେ ସବୁକିଛି ବୋଲି କହୁ, ତେବେ ତାହା ପୃଥିବୀ, ବାୟୁ, ଜଳ, ଆକାଶ, ଅଗ୍ନି, ମନ, ମହତ୍ତତ୍ତ୍ୱ, ପ୍ରକୃତି - ଏହି ସମସ୍ତଙ୍କୁ ମିଶାଇ କହୁଛେ ଯେ' ତାହା ପରମାତ୍ମା । ଏହି ଅପରା ପ୍ରକୃତି ଓ ଚେତନ ରୂପକ ପରା ପ୍ରକୃତିର ସର୍ବତ୍ର ସଂଯୋଗ ହିଁ ଜଗତ ରୂପକ ଶରୀରଧାରୀ ପରମାତ୍ମା ରୂପେ ଅଭିବ୍ୟକ୍ତ । ଶରୀର ଠାରୁ ଆରମ୍ଭ କରି ଶରୀରୀ ପର୍ଯ୍ୟନ୍ତ ସମସ୍ତ ଏକ ପରମାତ୍ମା ଅତିରିକ୍ତ ଅନ୍ୟ କିଛି ନୁହେଁ । ଶ୍ରୀ ନିମ୍ବକାଚାର୍ଯ୍ୟଜୀ କହିଛନ୍ତି , ଗୋଟିଏ କାର୍ଯ୍ୟାବସ୍ଥା ଏବଂ ଅନ୍ୟ ଗୋଟିଏ କାରଣ ଅବସ୍ଥା - ଏହିପରି ବସ୍ତୁର ଦୁଇଟି ଅବସ୍ଥା ରହେ । ଏଇଟା ଆମ୍ବ ଗଛ, ଏଇଟା ବରଗଛ, ଗଛର ଏଇଟା ପତ୍ର, ଏଇଟା ଫୁଲ, ଏଇଟା ଫଳ,ଏ ସବୁ ଗଛର କାର୍ଯ୍ୟାବସ୍ଥା । ଗଛଟି ଯେତେବେଳେ ବୀଜ ଅବସ୍ଥାରେ

ଥାଏ, ତାହା ହେଉଛି କାରଣ ଅବସ୍ଥା । ବୀଜ ଅବସ୍ଥାରେ ପରମାତ୍ମା ଏବଂ ବ୍ୟବହାର ଅଥବା ଦୃଶ୍ୟ କାଳରେ ଡାଳରୂପ ହୋଇଥାଏ, ପତ୍ର ହୋଇ ଥାଏ, ଫୁଲ ହୋଇଥାଏ, ଫଳ ହୋଇଥାଏ, ଏପରି ଅନେକ । କାର୍ଯ୍ୟାବସ୍ଥାରେ ଦ୍ୱୈତ ଏବଂ କାରଣ ଅବସ୍ଥାରେ ଅଦ୍ୱୈତ । "ବାସୁଦେବଃ ସର୍ବଂ" ଏହା ବିଜାତ୍ମକ ପରମାତ୍ମାଙ୍କ ଶକ୍ତିର ବିକ୍ଷେପ, ଯାହା ଜୀବ ରୂପରେ, ଜଗତ ରୂପରେ ତାଙ୍କରି ଶକ୍ତି ପ୍ରକଟ ହୋଇ ଦୃଶ୍ୟମାନ୍ ହୋଇଥାଏ । ଏହା ପରମାତ୍ମନିଷ୍ଠ ଊର୍ଜା (ଶକ୍ତି) ଯାହା ଜୀବ ଓ ଜଗତ ରୂପରେ ଜଣା ପଡିଥାଏ । ଶ୍ରୀଶଙ୍କରାଚାର୍ଯ୍ୟଙ୍କ ବ୍ୟାଖ୍ୟା ହେଲା, ଦୁଇଟି ଭିନ୍ନ ପଦାର୍ଥକୁ ଏକ ବୁଝିନେବା ଭ୍ରମକାଳରେ ହୋଇଥାଏ । ଅବିବେକ କାରଣରୁ ବସ୍ତୁ ଦୁଇଟି ହୋଇଥାଏ, ମନୁଷ୍ୟ ତାହାକୁ ଏକା ବୁଝିନେଇଥାଏ । ବୋଧକାଳରେ ଗୋଟିଏ ବସ୍ତୁ ମିଥ୍ୟା ହୋଇଥାଏ ଏବଂ ଏକ ସତ୍ୟ ହୋଇଥାଏ । ତେବେ ସେହି ମିଥ୍ୟା ବସ୍ତୁ , ସତ୍ୟ ବସ୍ତୁଠାରୁ ପୃଥକ ହୋଇ ନ ଥାଏ । ସତ୍ୟ ବସ୍ତୁ ହିଁ ମିଥ୍ୟା ବସ୍ତୁର ରୂପରେ ଜଣା ପଡୁଥାଏ । ଭ୍ରମ କାରଣରୁ ରଜ୍ଜୁଟି ସର୍ପରୂପରେ ଜଣା ପଡିଥାଏ । ଜ୍ଞାନ ହେଲାପରେ ତାହା କେବଳ ରଜ୍ଜୁ ଏକା ହୋଇଥାଏ, ସର୍ପ ନୁହେଁ । ତେଣୁ ସର୍ପ ହେଉଛି ଅଜ୍ଞାନ କାରଣରୁ ରଜ୍ଜୁର ଏକ ମିଥ୍ୟା ରୂପ । ଶ୍ଲୋକରେ ଯେଉଁ ସର୍ବ ପଦ କୁହାଯାଇଛି, ତାହା ହେଉଛି ସର୍ବ : ପୃଥିବୀ, ଜଳ, ବାୟୁ, ଆକାଶ, ଅଗ୍ନି ଏବଂ ସେଥିରେ ନିର୍ମିତ କୋଟି କୋଟି ପଦାର୍ଥ ଯାହା ଏକା ପରମାତ୍ମାଙ୍କଠାରେ ଅଧିଷ୍ଠ । କେବଳ ପରମାତ୍ମାକୁ ଚିହ୍ନି ନ ପାରିବା କାରଣରୁ ଭିନ୍ନ ଭିନ୍ନ ବୋଧ ହୋଇଥାଏ । ପ୍ରକୃତରେ ସେହି ସମସ୍ତରେ ଏକା ସତ୍ୟ ହିଁ ଥାଏ ଏବଂ ଏହି ସତ୍ୟ ଠାରୁ ଅଲଗା 'ସର୍ବ' ନଥାଏ । ତେଣୁ ଯାହା ଅଲଗା ଭାବରେ ପ୍ରତୀତ ହୋଇଥାଏ, ତାହା ମିଥ୍ୟା ହୋଇଥାଏ । କାରଣ ସର୍ପ ଭଳି ନିଜର ଅଧିଷ୍ଠାନ ନ ଥାଇ ଏହା ଦେଖା ଯାଇଥାଏ । ଏହି ପ୍ରକାରେ ପରମାତ୍ମାଙ୍କ ଠାରୁ ଏହି ବିଶ୍ୱ ପ୍ରପଞ୍ଚ ଅଲଗା ନୁହେଁ ।

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ॥ ୨୦॥

*ଅନ୍ୱୟ: ତୈଃ ତୈଃ ( ସେହି ସେହି) କାମୈଃ ( ସ୍ତ୍ରୀ, ପୁତ୍ର, ଧନ ଆଦି କାମନା ଦ୍ୱାରା ) ହୃତଜ୍ଞାନାଃ (ପରମାତ୍ମା ତତ୍ତ୍ୱଜ୍ଞାନ ଅପହୃତ ହୋଇଥିବା ବ୍ୟକ୍ତିଗଣ) ସ୍ୱୟା ପ୍ରକୃତ୍ୟା ( ନିଜ ନିଜ ପ୍ରକୃତି ବା ସ୍ୱଭାବ ଦ୍ୱାରା ) ନିୟତାଃ (ବଶୀଭୂତ ହୋଇ ) [ ଦେବତା ମାନଙ୍କର] ତଂ ତଂ ନିୟମମ୍ ( ସେହି ସେହି ବ୍ରତ, ଉପବାସ ଆଦି ନିୟମ ଗୁଡିକୁ ) ଆସ୍ଥାୟ ( ଧାରଣ କରି) ଅନ୍ୟ ଦେବତାଃ ( ବାସୁଦେବଙ୍କ ବ୍ୟତୀତ ଅନ୍ୟ ଦେବତା ମାନଙ୍କ ଠାରେ ) ପ୍ରପଦ୍ୟନ୍ତେ ( ଶରଣ ପଶିଥାନ୍ତି ) ।*

**ଭାବାର୍ଥ** : ଏହି ଅଧ୍ୟାୟର ପନ୍ଦରତମ ଶ୍ଲୋକରେ ଭଗବାନ କହିଛନ୍ତି କି, ମାୟାଦ୍ୱାରା ଜ୍ଞାନ ଅପହୃତ ହୋଇ ଥିବା ଆସୁରୀ ପ୍ରକୃତିର ବ୍ୟକ୍ତି ମିଥ୍ୟା, କପଟ, ବିଶ୍ୱାସ ଘାତକତାକୁ ଆଶ୍ରୟ କରି ଭଗବାନଙ୍କ ଭଜନା କରି ନ ଥାଏ । ଏହି ପଦରେ ଭଗବାନ କହୁଛନ୍ତି ଯେ, କାମନା ଦ୍ୱାରା ଯାହାର ଜ୍ଞାନ ଅପହୃତ ହୋଇଛି, ସେହି ବ୍ୟକ୍ତି ଇହଲୋକ ଓ ପରଲୋକର କାମନା ପୂର୍ତ୍ତି ନିମନ୍ତେ ନିଜ ନିଜ ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ ଭିନ୍ନ

ଭିନ୍ନ ଦେବତାଙ୍କୁ ଆଶ୍ରିତ ହୋଇଥାଏ । ଇନ୍ଦ୍ରିୟ ଭୋଗର କାମନା ଓ ସେଗୁଡ଼ିକର ପୂର୍ତ୍ତି ନିମିତ୍ତ ତତ୍ପରତା, ବିବେକର ବିଚାର ଶକ୍ତିକୁ ଦୁର୍ବଳ କରିଦେଇଥାଏ । ସ୍ତ୍ରୀ, ପୁତ୍ର, ଧନ, ମାନ, ପ୍ରତିଷ୍ଠା, ଆଦି ଭୋଗର କାମନା ବିବେକଶୀଳ ପୁରୁଷର ଦିବ୍ୟ ଆତ୍ମା ପ୍ରତି ଅନ୍ତଃଦୃଷ୍ଟିକୁ ମଳିନ କରି ଦେଇଥାଏ । ଏହି ସକାମୀ ପୁରୁଷ, ବାସୁଦେବଙ୍କ ଠାରୁ ଭିନ୍ନ ଇନ୍ଦ୍ର, ବରୁଣ, କୁବେର, ଯମ ପ୍ରଭୃତି ଅନ୍ୟ ଦେବଗଣଙ୍କୁ ଆଶ୍ରିତ ହୋଇ ନିର୍ଦ୍ଦିଷ୍ଟ କାମନା ପୂର୍ତ୍ତି ଲକ୍ଷ୍ୟରେ ସେହି ସେହି ଦେବତାଙ୍କ ଯଜ୍ଞ, ମନ୍ତ୍ରଜପ, ପୁରଶ୍ଚରଣ, ବ୍ରତ ଉପାସନା ଆଦି କରି ଥାନ୍ତି । ନିର୍ଗୁଣ ନିରାକାର ଭଗବାନଙ୍କ ଉପାସନା ନିମିତ୍ତ ବିଷ୍ଣୁ, ଶିବ, ଶକ୍ତି, ଗଣେଶ ଏବଂ ସୂର୍ଯ୍ୟ ଏହି କଳ୍ପିତ ପାଞ୍ଚ ରୂପକୁ ଭଗବାନଙ୍କ ସ୍ୱରୂପ ଭାବରେ ଶାସ୍ତ୍ରରେ ଗ୍ରହଣ କରାଯାଇଛି । ଅନ୍ୟ ଦେବତା ରୂପରେ ଏହି ପାଞ୍ଚ ସ୍ୱରୂପକୁ ଏହି ଶ୍ଲୋକରେ ଆକ୍ଷେପ କରାଯାଇ ନାହିଁ । ପ୍ରତ୍ୟେକ ମନୁଷ୍ୟ ନିଜ ନିଜ ସ୍ୱଭାବ ଦ୍ୱାରା ବଦ୍ଧ ହୋଇ ରହିଥାନ୍ତି । ଜନ୍ମ ଜନ୍ମାନ୍ତର କୃତ କର୍ମ ଓ ବାସନା ସଂସ୍କାର ରୂପେ ସଞ୍ଚୟ ହୋଇଥାଏ । ସଂସ୍କାର ସମୂହରେ ମନୁଷ୍ୟ ଅନ୍ତଃକରଣରେ ଯେଉଁ ଗୁଣ ଓ ପ୍ରକୃତି ନିର୍ମିତ ହୋଇଥାଏ, ତାହା ହେଉଛି ସ୍ୱଭାବ । ସ୍ୱଭାବ ପ୍ରତ୍ୟେକ ଜୀବର ଭିନ୍ନ ଭିନ୍ନ ହୋଇଥାଏ । ସକାମୀ ବ୍ୟକ୍ତିର ଏହି ସ୍ୱଭାବ ବଳରେ ଅନ୍ତଃକରଣରେ ଭିନ୍ନ ଭିନ୍ନ ଦେବତାର ପୂଜନ କରିବା ପାଇଁ ଭିନ୍ନ ଭିନ୍ନ ଇଚ୍ଛା ଉତ୍ପନ୍ନ ହୁଏ । ଦୃଢ଼ ଓ ବଳିଷ୍ଠ ବିଚାର ଶକ୍ତି ବିନା ମୋକ୍ଷ ପ୍ରାପ୍ତି ଉଦ୍ଦେଶ୍ୟ ନେଇ କୌଣସି ସାଧକ ଦିବ୍ୟ ଆତ୍ମା ପ୍ରତି ସଚେତନ ରହିବା ଅସମ୍ଭବ । ଶାନ୍ତି ପ୍ରାପ୍ତି କରିବା ଇଚ୍ଛାରେ ମନୁଷ୍ୟ ସଂସାରର ଭୌତିକସୁଖ ପଛରେ ଗୋଡାଇଥାଏ । ଭୋଗ୍ୟ ପଦାର୍ଥ ପ୍ରାପ୍ତ ହେଲାପରେ ମଧ୍ୟ ସେଥିରେ ତାହାକୁ ଖୋଜୁଥିବା ଶାନ୍ତି ମିଳି ନଥାଏ । ଏହାକୁ କାମନା ଦ୍ୱାରା ଅପହୃତ ହୋଇଥିବା ଜ୍ଞାନ ବୋଲି କୁହାଯାଇଛି । "ପ୍ରକୃତ୍ୟା ନିୟତାଃ ସ୍ୱୟା" ଅର୍ଥ ହେଉଛି ତମୋଗୁଣୀ ଲୋକ ତାମସ ଦେବତାଙ୍କ ଉପାସନା କରନ୍ତି, ରାଜସ ଲୋକ ରାଜସ ଦେବତା ଉପାସନା କରନ୍ତି ଓ ସାତ୍ତ୍ୱିକ ଲୋକ ସାତ୍ତ୍ୱିକ ଦେବତାଙ୍କ ଉପାସନା କରନ୍ତି । ଯେ' ଗୁଣାତୀତ ହେବାକୁ ଚାହେଁ, ସେ ପରମେଶ୍ୱରଙ୍କ ଉପାସନା କରିଥାନ୍ତି । ଯେଉଁଠାରେ ମାୟା ରହିଥାଏ, ଦମ୍ଭ ରହିଥାଏ, ସେହିଠାରେ କାମନା ବହୁରୂପ ହୋଇଥାଏ । ମନୁଷ୍ୟ ଜୀବନରେ କାମନାର ଅନ୍ତ ରହି ନ ଥାଏ । ମନରେ କାମନା ଉତ୍ପନ୍ନ ହେବା ଦୋଷାବହ ବା ଅପରାଧ ନୁହେଁ । ମନରେ ସଂକଳ୍ପ ହେଲେ , ତାହା ଦ୍ୱାରା ଆତ୍ମା ଉଦ୍ଧାର ହେବ ନା' ଆତ୍ମାର ଅଧୋଗତିର କାରଣ ହେବ, ତାହା ବିବେକ ସମ୍ପନ୍ନ ବୁଦ୍ଧି ଦ୍ୱାରା ନିର୍ଣ୍ଣିତ ହୋଇଥାଏ । ଆତ୍ମା-ଅନାତ୍ମାର ବିଚାର, ଶାସ୍ତ୍ର, ଧର୍ମ ସମ୍ମତ 'କାମ'ର ନିରୂପଣ, ବିବେକଶୀଳ, ବୈରାଗ୍ୟ ସମ୍ପନ୍ନ ସ୍ୱଭାବ ଦ୍ୱାରା ହିଁ ହୋଇଥାଏ । କାମନା ବୁଦ୍ଧି ଓ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ଅଧୋଗତି କରାଇଥାଏ । ଅଜ୍ଞାନ କାରଣରୁ ମନୁଷ୍ୟ ଆତ୍ମଦେବ, ଅନ୍ତର୍ଯାମୀ ପରମେଶ୍ୱରଙ୍କୁ ପଛକରି ଅନ୍ୟ ଦେବତାର ଆଶ୍ରୟ ନେଇଥାଏ । ସୁଖ କାମନା ପ୍ରକୃତି ଦ୍ୱାରା ସୃଷ୍ଟ ନୁହେଁ କି, ଭଗବାନଙ୍କ ଦ୍ୱାରା ସୃଷ୍ଟ ନୁହେଁ । ଏହା ମନୁଷ୍ୟ ଦ୍ୱାରା ସୃଷ୍ଟ । ତେଣୁ ମନୁଷ୍ୟ ଚାହିଁଲେ କାମନାକୁ ଅନ୍ତଃକରଣରୁ ଦୂର କରିବାପାଇଁ ସକ୍ଷମ । ଅନ୍ୟ ଦେବତାଙ୍କ ସକାମ ଉପାସନାରେ ଧନ, ଐଶ୍ୱର୍ଯ୍ୟର ଅଭ୍ୟୁଦୟ ସମ୍ଭବ ହୋଇଥାଏ, କିନ୍ତୁ ମୁକ୍ତିର ଆଶା ନ ଥାଏ । ସଂସାର ପୀଡାରୁ ଜୀବାତ୍ମାକୁ

ଉଦ୍ଧାରକରି, ଜୀବନ ମୁକ୍ତ କରିବାର ମାଲିକ କେବଳ ବାସୁଦେବ ହିଁ ଅଟନ୍ତି । କାମନା ଅନେକ ହୋଇଥିଲେ ମଧ୍ୟ, ଯଦି ଉପାସ୍ୟ ଦେବ କେବଳ ପରମାତ୍ମା ହୋଇଥାନ୍ତି, ତେବେ ଉପାସକର ମୁକ୍ତି ନିଶ୍ଚିତ ।

ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥୨୧॥

*ଅନ୍ୱୟ : ଯଃ ଯଃ ( ଯେଉଁ ଯେଉଁ ) ଭକ୍ତଃ ( ଭକ୍ତ ) ଯାଂ ଯାଂ ( ଯେଉଁ ଯେଉଁ ) ତନୁଂ ( ଦେବ ମୂର୍ତ୍ତିକୁ ) ଶ୍ରଦ୍ଧୟାଃ ( ଶ୍ରଦ୍ଧା ଓ ବିଶ୍ୱାସର ସହିତ ) ଅର୍ଚିତୁମ୍ ( ପୂଜା କରିବାକୁ ) ଇଚ୍ଛତି ( ଇଚ୍ଛା କରନ୍ତି ) ତସ୍ୟ ତସ୍ୟ ( ସେହି ସେହି ଭକ୍ତ ମାନଙ୍କ ) ଶ୍ରଦ୍ଧାଂ ( ଶ୍ରଦ୍ଧାକୁ ) ତାମ୍ ଏବ ( ସେହି ଦେବତା ମାନଙ୍କ ଠାରେ ) ଅହଂ ( ମୁଁ ହିଁ ) ଅଚଳମ୍ (ଦୃଢ ବା ସ୍ଥିର ) ବିଦଧାମି (କରିଥାଏ ) ।*

**ଭାବାର୍ଥ** : ନିଜର କାମନା ପୂର୍ତ୍ତି ନିମନ୍ତେ ଭକ୍ତ ଯେଉଁ ଯେଉଁ ଦେବ ମୂର୍ତ୍ତିଙ୍କୁ ଶ୍ରଦ୍ଧାର ସହିତ ପୂଜନ କରିଥାନ୍ତି, ଭଗବାନ ଭକ୍ତଙ୍କ ଶ୍ରଦ୍ଧାକୁ ସେହି ସେହି ଆରାଧ୍ୟ ଦେବତାଙ୍କ ଠାରେ ଦୃଢୀଭୂତ କରିଥାନ୍ତି । କାରଣ ସମସ୍ତ ଦେବା ଦେବୀ ଭଗବାନଙ୍କ ହିଁ କେବଳ ବିଭୂତି ମାତ୍ର । ସୌଭାଗ୍ୟ ବଶତଃ ହିଁ ଶ୍ରଦ୍ଧାବୃତ୍ତି କାହାରି ହୃଦୟରେ ଉଦୟ ହୋଇଥାଏ । ତେଣୁ ଭଗବାନ କହୁଛନ୍ତି କି, 'ମୁଁ କାହାରି ଶ୍ରଦ୍ଧାକୁ ଭାଙ୍ଗି ନ ଥାଏ ବରଂ ଭକ୍ତର ଯେ' କୌଣସି ଶ୍ରଦ୍ଧାକୁ କାର୍ଯ୍ୟକାରୀ କରିଥାଏ । ଦେବତାଙ୍କ ଅର୍ଚ୍ଚନା, ମହାତ୍ମାଙ୍କ ଆଶୀର୍ବାଦରେ ମନବାଞ୍ଛା ପୂରଣ ହୋଇଗଲେ, ଭକ୍ତର ଶ୍ରଦ୍ଧା ଓ ଭକ୍ତି ସେହି ସେହି ମହାତ୍ମା ଓ ଦେବତାଙ୍କ ପ୍ରତି ବଢି ଚାଲେ । ବିଶେଷ କାମନା ରଖି ନିର୍ଦ୍ଦିଷ୍ଟ ଦେବତାଙ୍କ ପୂଜା ଅର୍ଚ୍ଚନା କଲେ, ସେହି ଦେବତାମାନଙ୍କ ପ୍ରତି ଭକ୍ତିଭାବ ଭଗବାନ ହିଁ ଜାଗ୍ରତ କରାଇଥାନ୍ତି ଏବଂ ଫଳ ମଧ୍ୟ ସେ' ହିଁ ଦେବତାଙ୍କ ମାଧ୍ୟମରେ ପ୍ରଦାନ କରି ଥାଆନ୍ତି । ଏହାର ଉଦାହରଣ ହେଲା; କେହି କେହି ଭକ୍ତ ବିଦ୍ୟା ଲାଭ କରିବାକୁ ଗଣେଶଙ୍କୁ ଭକ୍ତିରେ ପୂଜାକରିଥାନ୍ତି ତ, ସୁନ୍ଦର ସ୍ତ୍ରୀ ପ୍ରାପ୍ତି ଇଚ୍ଛାରେ "ମା"ପାର୍ବତୀ ଏବଂ ଆରୋଗ୍ୟ ନିମନ୍ତେ ସୂର୍ଯ୍ୟ ଦେବଙ୍କର ପୂଜା କରିଥାନ୍ତି । ଏହିପରି ଶାସ୍ତ୍ରରେ ଭିନ୍ନ ଭିନ୍ନ କାମନା ପୂର୍ତ୍ତି ନିମନ୍ତେ ଭିନ୍ନ ଭିନ୍ନ ଦେବା ଦେବୀଙ୍କର ପୂଜା ବିଧି ରହିଛି । ସମସ୍ତ ଦେବା ଦେବୀ ଭଗବାନଙ୍କର ବିଶ୍ୱରୂପର ଅଙ୍ଗ ଅଟନ୍ତି । ତେଣୁ ଭଗବାନଙ୍କ ଇଚ୍ଛାରେ ହିଁ ଦେବତାମାନେ ଉପାସକକୁ ବର ପ୍ରଦାନ କରିଥାନ୍ତି । ଜୀବର ଅନ୍ତରରେ ଭଗବାନ ଅନ୍ତର୍ଯାମୀ ପୁରୁଷ ରୂପରେ ରହି ଅନ୍ତରର ସମସ୍ତ ଇଚ୍ଛା ଓ ଭାବକୁ ଜାଣିଥାନ୍ତି । ଭଗବାନ ବଡ ଉଦାର ଏବଂ କରୁଣାମୟ । ଭକ୍ତ ଚାହୁଁଥିବା ଅଭିଳାଷକୁ କିପରି ଭାବରେ ପ୍ରାପ୍ତ କରିନେବ, ସେଥି ନିମନ୍ତେ ଭଗବାନ ଭକ୍ତକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । ଭକ୍ତର ଇଚ୍ଛା ଓ ଭାବକୁ ଜାଣି ଯାହା କଲ୍ୟାଣକର ହେବ, ସେ' ତାହାରି ବ୍ୟବସ୍ଥା କରିଥାନ୍ତି । ଏଠାରେ ପ୍ରଶ୍ନ ଆସେ ଯେ' ଭଗବାନ ଜାଣି ଜାଣି କାହିଁକି ମନୁଷ୍ୟକୁ ଭୋଗ, କାମନା ପୂର୍ତ୍ତି କରି ସଂସାରର ମାୟାରେ ଆହୁରି ଛନ୍ଦି ହେବାକୁ ପ୍ରଶ୍ରୟ ଦେଇଥାନ୍ତି ? ଏହାର ସମାଧାନ ହେଲା, ଭଗବାନଙ୍କ ଭଗବତ୍ତା ହେଉଛି ନିର୍ସ୍ୱାର୍ଥପର ଏବଂ ନିରପେକ୍ଷ ଅର୍ଥାତ୍ ପକ୍ଷପାତ ରହିତ । ସେ' କୌଣସି ଭକ୍ତର ଭାବ ଓ ଇଚ୍ଛାରେ ବାଧା ପହଞ୍ଚାଇ ନ ଥାନ୍ତି । ମାତ୍ର ସେ' ଏପରି ଭାବରେ ତାକୁ ଫଳ ପ୍ରଦାନ କରିଥାନ୍ତି, ସେ ତାହାର ଇପ୍ସିତ ବସ୍ତୁ ପାଇଲେ ମଧ୍ୟ ସେଥିରେ

ସର୍ବ ଶେଷ ସୁଖ ବା ଶାନ୍ତି ପାଇ ନ ଥାଏ । ସେହି ଶ୍ରଦ୍ଧା ଓ ଭକ୍ତି ଭାବକୁ ଆଧାର କରି ପରମ ଶାନ୍ତି ଆନନ୍ଦକୁ ଖୋଜି ଖୋଜି ପରିଶେଷରେ ଭଗବାନଙ୍କ ନିକଟରେ ପହଞ୍ଚିଥାଏ ଓ ଭଗବାନଙ୍କ ଶରଣାପନ୍ନ ହୋଇଥାଏ । ଅନ୍ୟ ଏକ ଦୃଷ୍ଟିକୋଣରୁ ଏହାର ସମାଧାନ ହେଲା କି, ଭକ୍ତ ଯେଉଁ ଦେବତା ପୂଜା କରୁନା କାହିଁକି, ଏହା ମାନି ନେବାକୁ ହେବ ଯେ, ପରମାତ୍ମା ହିଁ ଏହି ରୂପରେ ପୂଜା ଗ୍ରହଣ କରିଥାନ୍ତି । ପଶୁଟିକୁ ମଧ୍ୟ ଭଗବାନ ଭାବି ସେବା କରିଲେ ସେହି ରୂପରେ ଭଗବାନ ଦର୍ଶନ ଦେବାପାଇଁ ଆସି ଯାଆନ୍ତି । କଥିତ ଅଛି, ଭକ୍ତ ନାମଦେବ ଭୋଗ ଲଗାଇବା ପାଇଁ ରୁଟି ତିଆରି କରି ପାଣି ଆଣି ଯାଇ ଥିବାବେଳେ କୁକୁରଟିଏ ଆସି ରୁଟିଟି ପାଟିରେ ଧରି ଚାଲିଗଲା । ନାମଦେବ ଘିଅ ଗିନା ଧରି କୁକୁର ପଛରେ ଦୌଡି ଦୌଡି ଯାଇ ଡ଼ାକିଥିଲେ; - "ପ୍ରଭୁ ! ରହିଯାନ୍ତୁ, ଘିଅ ଟିକେ ଲଗାଇଦେଲେ ଶୁଖା ରୁଟି ଖାଇବା ପାଇଁ ସହଜ ହେବ ।" ସେହି ମୁହୂର୍ତ୍ତକ ପାଇଁ ଭଗବାନ କୁକୁର ରୂପରେ ନାମଦେବଙ୍କ ନିମନ୍ତେ ପ୍ରକଟିତ ହୋଇଥିଲେ । ଏହାର ତାତ୍ପର୍ଯ୍ୟ ହେଲା, ଭଗବାନ ଭକ୍ତର ଉଦ୍ଧାର ନିମନ୍ତେ ସମସ୍ତ ମାର୍ଗ ଉନ୍ମୁକ୍ତ ରଖିଥାନ୍ତି । ଭକ୍ତ ନିଜର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ, ଯେଉଁ ମାର୍ଗରେ ଯାଉନା କାହିଁକି, ଶେଷରେ ଭଗବାନଙ୍କର ଆଶ୍ରିତ ହୋଇଥାଏ । ଜୀବ ଓ ଦେବତା ସମସ୍ତେ ଭଗବତ୍ ଇଛାର ଅଧୀନ । ସବୁ ଭଗବାନଙ୍କ ଇଚ୍ଛାରେ ହିଁ ହୋଇଥାଏ । ଭଗବାନ ପରମାତ୍ମା ରୂପରେ ଜୀବ ଓ ଦେବତାଙ୍କ ଉଭୟଙ୍କ ମଧ୍ୟରେ ବିଦ୍ୟମାନ । ବେଦାନ୍ତ ସୂତ୍ରରେ ଏହା ନିର୍ଣ୍ଣୟ କରାଯାଇଛି କି, ପୂର୍ବ ସଂସ୍କାର ଅନୁସାରେ ଆଗକୁ କର୍ମ ହୋଇ ଚାଲିଥାଏ ଏବଂ ସେହି କର୍ମର ଫଳ ମଧ୍ୟ କର୍ମାନୁକୂଳ ହୋଇ ଈଶ୍ୱରଙ୍କଠାରୁ ପ୍ରାପ୍ତ ହୋଇଥାଏ ।

ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ ହି ତାନ୍ ॥୨୨॥

*ଅନ୍ୱୟ: ସଃ ( ସେହି ସକାମୀ ଦେବୋପାସକ ଭକ୍ତ ) ତୟା ( ସେହି - ମୋରି ଦ୍ୱାରା ସେହି ସ୍ଥାପିତ ହୋଇଥିବା ) ଶ୍ରଦ୍ଧୟା ଯୁକ୍ତଃ ( ଶ୍ରଦ୍ଧାରେ ଯୁକ୍ତ ହୋଇ) ତସ୍ୟ ( ସେହି ଦେବତାଙ୍କ) ଆରାଧନମ୍ ( ଉପାସନା) ଇହତେ ( ପ୍ରଯତ୍ନ କରନ୍ତି ) ଚ ( ଏବଂ) ତତଃ (ସେହି ଦେବତାଙ୍କ ଠାରୁ ) ମୟା ଏବ ( ମୋ ଦ୍ୱାରା ହିଁ) ବିହିତାନ୍ ( ନିର୍ଦ୍ଧାରିତ- ବିଧାନ କରାଯାଇଥିବା) ତାନ୍ କାମାନ୍ ( ସେହି କାମନା ସମୂହର ପୂର୍ତ୍ତି ) ହି ( ଅବଶ୍ୟ) ଲଭତେ ( ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ** : ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ମୋ' ଦ୍ୱାରା ସ୍ଥାପିତ ହୋଇଥିବା ଶ୍ରଦ୍ଧାରେ ଯୁକ୍ତ ହୋଇ, ସକାମୀ ଦେବୋପାସକ ଭକ୍ତ ସେହି ସେହି ଦେବ ବିଗ୍ରହ ପୂଜନରେ ତତ୍ପର ହୋଇଥାନ୍ତି । ସେହି ଦେବତାଙ୍କ ମାଧ୍ୟମରେ ମୋରଦ୍ୱାରା ଆଗରୁ ନିର୍ଦ୍ଧାରିତ ହୋଇ ରହିଥିବା ଫଳ ଭୋଗକୁ ନିଃସନ୍ଦେହରେ ପ୍ରାପ୍ତ ହୋଇଥାନ୍ତି । ମୋରି ଦ୍ୱାରା ବିଧାନ କରାଯାଇଥିବା ଫଳକୁ ଅଧିକ କିମ୍ବା କମ୍ କରି ପାରିବାର ସାମର୍ଥ୍ୟ ଅନ୍ୟ କୌଣସି ଦେବତାଙ୍କର ରହି ନ ଥାଏ । ଦେବତାଙ୍କ ସମସ୍ତ ଭୋଗ ନିର୍ଦ୍ଧାରିତ କରିବାର ଯଦି ଅସୀମ ସାମର୍ଥ୍ୟ ରହିଥାନ୍ତା, ତା' ହେଲେ ଭଗବାନ ମଧ୍ୟ ଏକ ନ ହୋଇ ଅନେକ ହୋଇଥାନ୍ତେ । ଶ୍ରଦ୍ଧା ଓ ନିଷ୍ଠାର ପରିଣାମରୁ

ହିଁ ଭୋଗ ପ୍ରାପ୍ତି ହୋଇଥାଏ । ଶ୍ରଦ୍ଧା ଓ ନିଷ୍ଠା ଦ୍ୱାରା କାମନା ପୂର୍ଣ୍ଣ ହୋଇଥାଏ । ଶ୍ରଦ୍ଧା ଉପରେ ଯେବେ ଆତ୍ମା ଆରୁଢ ହୋଇଯାଏ, ଶ୍ରଦ୍ଧାରେ ଆତ୍ମଶକ୍ତି ସନ୍ନିହିତ ହୋଇଯାଏ । ଆତ୍ମା ଯେଉଁ ମନୋଭାବ, ବୃତ୍ତିରେ ଅନୁଗତ ହେବ ତାହା ଶକ୍ତିଶାଳୀ ହୋଇଯାଏ । ଶ୍ରଦ୍ଧା ଶକ୍ତିଶାଳିନୀ ହୋଇ କାମନା ପୂର୍ତ୍ତିରେ ସମର୍ଥ ହୁଏ । ଭଗବାନ କହିଛନ୍ତି; 'ମୁଁ ହିଁ ଏକ ମାତ୍ର ଫଳଦାତା, ଦେବତାମାନେ ମୋର ମାଧ୍ୟମ ମାତ୍ର । ପ୍ରକୃତରେ ଦେବତାମାନଙ୍କ ଭିତରେ ମୋରି ଶକ୍ତି ହିଁ ବିଦ୍ୟମାନ ଏବଂ ମୋରି ବିଧାନରେ ଦେବତାମାନେ ଉପାସକଙ୍କ କାମନା ପୂରଣ କରିଥାନ୍ତି । ଆଚାର୍ଯ୍ୟ ଶଙ୍କରଙ୍କ ମତାନୁସାରେ ପରମେଶ୍ୱର ସର୍ବଜ୍ଞ । ସମସ୍ତ ପ୍ରକାର କର୍ମଫଳ ସେ' ହିଁ ଜାଣନ୍ତି । ଯଦିଓ କାମନାର ପୂର୍ତ୍ତି ନିମନ୍ତେ ମନୁଷ୍ୟ ଦେବତାଙ୍କୁ ଆଶ୍ରିତ ହୋଇଥାଏ, ବାସ୍ତବ କ୍ଷେତ୍ରରେ ଏହି ସମସ୍ତ ଭୋଗର ନିର୍ମାଣ କର୍ତ୍ତା ସ୍ୱୟଂ ପରମେଶ୍ୱର ଅଟନ୍ତି । ଭଗବାନ ଫଳ ନିର୍ଦ୍ଧାରିତ ସମୟରେ ଭକ୍ତର କଲ୍ୟାଣ, ହିତ ପ୍ରତି ଦୃଷ୍ଟି ରଖିଥାନ୍ତି, କାରଣ ଜୀବକୁ ଉଦ୍ଧାର କରିବା ମଧ୍ୟ ଭଗବାନଙ୍କ ଲକ୍ଷ୍ୟ ହୋଇଥାଏ । ସଂସାରରେ ଯାହା ସବୁ ହୁଏ, ତାହା ଭଗବାନଙ୍କ ଦ୍ୱାରା କୃତ । ଯେଉଁ ଭକ୍ତ ଏହି ରହସ୍ୟକୁ ବୁଝି ଯାଇଥାଏ, ସେ' ଭଗବାନଙ୍କ ସେବକ ପାଲଟି ଯାଏ । ଶୁଦ୍ଧଭକ୍ତ ଯେତେବେଳେ ଯାହା କିଛି ଇଚ୍ଛାକରେ, ତାହା ସେ ଭଗବାନଙ୍କୁ ପ୍ରାର୍ଥନା କରି ଜଣାଇଥାଏ । ଭଗବାନ ଭକ୍ତର ଡାକ ଶୁଣିଥାନ୍ତି, ଏହାର ସତ୍ୟତା ଯୁଗେ ଯୁଗେ ରହିଆସିଛି ।

ଅନ୍ତବତ୍ତୁ ଫଳଂ ତେଷାଂ ତଭବତ୍ୟଳ୍ପମେଧସାମ୍ ।
ଦେବାନ୍ ଦେବଯଜୋ ଯାନ୍ତି ମଭକ୍ତା ଯାନ୍ତି ମାମପି ॥ ୨୩॥

*ଅନ୍ୱୟ : ତୁ (କିନ୍ତୁ) ତେଷାଂ (ସେହି ) ଅଳ୍ପମେଧସାମ୍ (ଅଳ୍ପ ବୁଦ୍ଧିସମ୍ପନ୍ନ ମନୁଷ୍ୟଙ୍କୁ ) ତତ୍ (ସେହି ଦେବତା ମାନଙ୍କ ଆରାଧନାରୁ) ଅନ୍ତବତ୍ (ନାଶବାନ୍) ଫଳମ୍ (ଫଳ) ଭବତି (ମିଳେ) । ଦେବଯଜଃ (ଦେବୋପାସକ ଗଣ) ଦେବାନ୍ ( ଦେବ ଗଣଙ୍କୁ) ଯାନ୍ତି (ପ୍ରାପ୍ତ ହୁଅନ୍ତି ) ଅପି (କିନ୍ତୁ) ମଭକ୍ତାଃ ( ମୋତେ ଯେଉଁମାନେ ଭଜନା କରନ୍ତି ସେହି ଭକ୍ତଗଣ ) ମାମ୍ (ମୋତେ) ଯାନ୍ତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ଦେବୋପାସକଙ୍କୁ ଦେବତାମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ଫଳ କିମ୍ବା ଅନୁକମ୍ପା ଅସ୍ଥାୟୀ ଓ ନାଶଶୀଳ ହୋଇଥାଏ । ତାହା ଇହ ଲୋକରେ ହେଉ କି ପରଲୋକରେ ହେଉ, ଭୋଗ ହୋଇସାରିବା ପରେ ଫଳର ଅବଧି ଅନ୍ତ ହୋଇଥାଏ । ଯେ କୌଣସି ସକାମ କର୍ମର ଫଳ ଅନିତ୍ୟ ଏବଂ ନାଶ ପରିଣାମୀ । ଭଗବାନଙ୍କ ସୃଷ୍ଟିରେ କ୍ଷୁଦ୍ରାତିକ୍ଷୁଦ୍ର କୀଟ ଠାରୁ ଆରମ୍ଭ କରି ବ୍ରହ୍ମା ପର୍ଯ୍ୟନ୍ତ ସମସ୍ତ ଦେବ, ଯକ୍ଷ, ଗନ୍ଧର୍ବ, ମନୁଷ୍ୟ ଆଦି ପରିବର୍ତ୍ତନଶୀଳ ସଙ୍ଗେ ସଙ୍ଗେ ନାଶବାନ୍ ମଧ୍ୟ ଅଟନ୍ତି । ଅଳ୍ପବୁଦ୍ଧି ସମ୍ପନ୍ନ ମନୁଷ୍ୟ ପୁତ୍ର, ପୌତ୍ର ପ୍ରାପ୍ତ କାମନାରେ ହେଉ, ମାନ ସମ୍ମାନ କିମ୍ବା ଧନ ଐଶ୍ୱର୍ଯ୍ୟ ଭୋଗ ଇଚ୍ଛାରେ ହେଉ, ବିଧିପ୍ରକାରେ ପୂଜା ସାମଗ୍ରୀ ସଂଗ୍ରହ କରି ଦେବତା ମାନଙ୍କର ବହୁତ କାଳ ନିଜ ଶକ୍ତିର ଅପଚୟ କରି ଉପାସନା କରିଥାନ୍ତି । ଅବଶ୍ୟ ନିଜର ଭକ୍ତିର ପରାକାଷ୍ଠା କାରଣରୁ ଇଚ୍ଛିତ ଫଳ ପ୍ରାପ୍ତ ହୋଇଥାଏ, କିନ୍ତୁ ପ୍ରାପ୍ତ ଫଳ ମନୁଷ୍ୟକୁ ଅଧିକ ବନ୍ଧନରେ ପକାଏ ଏବଂ କ୍ଷଣ ଭଙ୍ଗୁର ଯୋଗୁଁ ଦୁଃଖର କାରଣ ହୁଏ । ଭୋଗ ପରିସମାପ୍ତିର ନାମ

ହେଉଛି ଦୁଃଖ । ପ୍ରତ୍ୟେକ କାମନା ପୁରଣରେ ଯଦିଓ କେତେକ ମୁହୂର୍ତ୍ତ ପାଇଁ ସୁଖ ଅନୁଭୂତି ହୋଇଥାଏ, ଅନ୍ୟ ଏକ କାମନା ଜାତ ହୋଇ ପୁଣି ମନୁଷ୍ୟ ସେହି ସୁଖ-ଦୁଃଖର ଚକ୍ରରେ ଜନ୍ମ ଜନ୍ମ ଧରି ପେଷିହୋଇ ଚାଲିଥାଏ । ସେହି ସାମଗ୍ରୀ , ସେହି ସମୟ, ଯଦି ଦେବତାଙ୍କ ପରିବର୍ତ୍ତେ, ନିଷ୍କର୍ମ୍ୟ ଭାବରେ ଭଗବାନଙ୍କ ଉପାସନାରେ ଲଗାଯାଏ, ମନୁଷ୍ୟ ଭଗବାନଙ୍କ ନିତ୍ୟଭକ୍ତ ହୋଇ ପରମାନନ୍ଦ ପ୍ରାପ୍ତ ହୋଇ ପାରନ୍ତା । ଅଳ୍ପବୁଦ୍ଧି ସମ୍ପନ୍ନ ମନୁଷ୍ୟଙ୍କ ନିକଟରେ ଭୌତିକ ସୁଖର ପ୍ରାଥମିକତା ରହିବା କାରଣରୁ, ସେମାନେ ମନୁଷ୍ୟ ଜନ୍ମର ଅନ୍ତିମ ଲକ୍ଷ୍ୟ ସମ୍ବନ୍ଧରେ ଅନୁସନ୍ଧାନଶୀଳ ହୋଇ ନଥାନ୍ତି । ଦେବୋପାସକ ଅନ୍ତରରେ ନଶ୍ୱର ପଦାର୍ଥର କାମନା ରହିଥିବାରୁ ଏବଂ ଦେବତାଙ୍କୁ ଭଗବାନଙ୍କ ଠାରୁ ପୃଥକ ବୋଲି ମାନି ନେଇଥିବାରୁ, ସେହିମାନଙ୍କୁ ଅଳ୍ପବୁଦ୍ଧି ମନୁଷ୍ୟ କୁହାଯାଇଛି । ଏହିମାନେ ଜୀବନମୁକ୍ତ ସ୍ଥିତି, ମୋକ୍ଷ ଏବଂ ପରମାନନ୍ଦ ପ୍ରାପ୍ତି ଆଦି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥାନ୍ତି । ଇନ୍ଦ୍ର ଆଦି ଦେବତାଙ୍କୁ ହୋମ, ଯଜ୍ଞ ଅନୁଷ୍ଠାନ କରି ଆହୁତି ପ୍ରଦାନ କରିବାରେ ଇନ୍ଦ୍ରଲୋକ ମଧ୍ୟ ପ୍ରାପ୍ତ ହୋଇଥାଏ । ମାତ୍ର ଯଜ୍ଞ ଆଦି କର୍ମର ଫଳ ଭୋଗ ସମାପ୍ତି ପରେ, ଦେବ ଭୋଗ ପ୍ରାପ୍ତ ହୋଇଥିବା ମନୁଷ୍ୟଙ୍କୁ ପୁଣି ମର୍ତ୍ତ୍ୟଲୋକକୁ ଫେରି ଆସିବାକୁ ପଡିଥାଏ । ନତୁବା ଦେବତାଙ୍କ ଅବଧି ସମାପ୍ତ ହେଲେ, ସେହି ଦେବତାଙ୍କ ସହିତ ଅନ୍ତ ହୋଇଥାନ୍ତି । ଅଳ୍ପଜ୍ଞାନ ଲୋକ ବୁଝିପାରି ନ ଥାଏ କି, ଦେବତା ରୂପରେ ଭଗବାନ ହିଁ ସମସ୍ତ ପୂଜାକୁ ଗ୍ରହଣ କରିଥାନ୍ତି । ଭକ୍ତି ଯୋଗ ମାର୍ଗରେ ଭଗବାନଙ୍କୁ ନିଷ୍କାମ ଭାବରେ ଉପାସନା ଦ୍ୱାରା ଜଣେ ଶୁଦ୍ଧ ଭକ୍ତ ଶାଶ୍ୱତ ଆନନ୍ଦମୟ ସ୍ଥିତି ପ୍ରାପ୍ତି ହୁଏ, ଯାହାକି ପୂର୍ଣ୍ଣ ଜ୍ଞାନ ଅଟେ । ଏପରିକି ଯେ' କୌଣସି ଉଦ୍ଦେଶ୍ୟ ରଖି ଭଗବାନଙ୍କୁ ଭଜନ କରିବାରେ, ତାହା ବ୍ୟର୍ଥ ହୋଇ ନ ଥାଏ । ଭଗବାନ ହେଉଛନ୍ତି ଅସୀମ । ତାଙ୍କରି ଦୟା, ଅନୁକମ୍ପା ମଧ୍ୟ ଅସୀମ । ସେ' ଜୀବର ପରମ ସୁଖଦାୟୀ । ଭଗବାନଙ୍କ ପ୍ରତି ଜାଗ୍ରତ ହୋଇଥିବା ଭକ୍ତିର ମହିମା ଏପରି ହୋଇଥାଏ ଯେ, ଭକ୍ତର କଲ୍ୟାଣକୁ ଦୃଷ୍ଟିରେ ରଖି ଭଗବାନ ତାର ଇଚ୍ଛା ପୂରଣ କରନ୍ତୁ କିମ୍ବା ନ କରନ୍ତୁ, ଭକ୍ତିଭାବ କେବେ ନଷ୍ଟ ହୁଏ ନାହିଁ । ଭକ୍ତିଭାବ ହୃଦୟରେ ରହି ଉଚିତ ଅବସରରେ ଭକ୍ତକୁ ଭଗବାନଙ୍କ ନିକଟକୁ ଟାଣି ନିଏ । ଭକ୍ତ କୌଣସି କାରଣରୁ ସେହି ସମ୍ବନ୍ଧକୁ ତୁଟାଇବାକୁ ଚାହିଁଲେ ମଧ୍ୟ, ଭଗବାନ ତାଙ୍କରି ତରଫରୁ ଭକ୍ତର ସମ୍ବନ୍ଧକୁ କେବେ ତୁଟାଇ ନ ଥାନ୍ତି । ଅନେକ ଜନ୍ମପରେ ମଧ୍ୟ ସେହି ଭକ୍ତିଭାବ ଦ୍ୱାରା ଭଗବାନଙ୍କ ସାକ୍ଷାତ୍କାର ହୋଇ ଭକ୍ତି, ଭକ୍ତ ଓ ଭଗବାନଙ୍କ ଏକତ୍ୱ ହୋଇଥାଏ । ଭଗବାନଙ୍କ ଉପାସନା ଅତି ସହଜ । ସେଥିରେ ବିଧି, ନିୟମ ଓ ପରିଶ୍ରମର ଆବଶ୍ୟକତା ହୋଇ ନ ଥାଏ । କେବଳ ଭାବ ଓ ନିଷ୍ପାପର ଭକ୍ତିର ଆବଶ୍ୟକତା ରହିଛି । ସଂସାରରେ ମନୁଷ୍ୟ ଭୌତିକ ବିଦ୍ୟା, କଳା, କୌଶଳ ଆଦିରେ ଯେତେ ପାରଙ୍ଗମ ହେଲେମଧ୍ୟ, ଆଧ୍ୟାତ୍ମଜ୍ଞାନ ବ୍ୟତୀତ ବାସ୍ତବରେ ସେ 'ଅଳ୍ପମେଧା' । ଭଗବାନଙ୍କ ସ୍ୱରୂପ ଓ ତାଙ୍କରି ମହିମାର ଯାହାର ଯଥାର୍ଥ ଜ୍ଞାନ ହୋଇଥାଏ ସେ' 'ସର୍ବବିତ୍' ଅଟନ୍ତି ।ଜ୍ଞାନୀଭକ୍ତ ଦୃଷ୍ଟିରେ ସମସ୍ତ ଜଗତ ଭଗବାନଙ୍କ ହିଁ ସ୍ୱରୂପ । ତେଣୁ ତାହାକୁ ଭଗବାନ ନିତ୍ୟପ୍ରାପ୍ତ ଅଟନ୍ତି । ଭଗବାନଙ୍କୁ ନିତ୍ୟ ସ୍ମରଣ କରି, ଭଗବାନଙ୍କୁ

ନିଜ ହୃଦୟରେ ସାକ୍ଷ୍ୟ ଭାବରେ ରଖି, ଅଭେଦ ଭାବରେ ସଂସାରରେ ପରମାତ୍ମାଙ୍କ ବ୍ୟାପ୍ତି ସହିତ ଏକତ୍ୱ ହୋଇଯିବାର ଅନୁଭୂତି 'ଭଗବଦ୍ ପ୍ରାପ୍ତି' । ଭଗବାନ କହିଛନ୍ତି, ମୋର ଶୁଦ୍ଧଭକ୍ତକୁ ଏହି ଭଗବଦ୍ ପ୍ରାପ୍ତି ହୋଇଥାଏ ।

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।
ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ॥୨୪॥

*ଅନ୍ୱୟ: ଅବୁଦ୍ଧୟଃ ( ବୁଦ୍ଧିହୀନ ଅବିବେକୀଗଣ ) ମମ ( ମୋର) ପରଂ ( ପରମ) ଅବ୍ୟୟଂ ( ଅକ୍ଷୟ-ଅବିନାଶୀ) ଅନୁତ୍ତମମ୍ ( ସର୍ବଶ୍ରେଷ୍ଠ) ଭାବମ୍ ( ଭାବ ଅର୍ଥାତ୍ ସ୍ୱରୂପ) ଅଜାନନ୍ତଃ ( ନ'ଜାଣି ) ଅବ୍ୟକ୍ତଂ ( ଅବ୍ୟକ୍ତ- ଇନ୍ଦ୍ରିୟ ମାନଙ୍କଠାରୁ ଅତୀତ) ମାଂ ( ମୋତେ) ( ସଚ୍ଚିଦାନନ୍ଦ ପରମାତ୍ମାଙ୍କୁ) ବ୍ୟକ୍ତିମ୍- ଆପନ୍ନଂ ( ମନୁଷ୍ୟ ପରି ଦେହଧାରୀ ) ମନ୍ୟନ୍ତେ ( ମନେକରନ୍ତି ) ।*

**ଭାବାର୍ଥ** : ସଚ୍ଚିଦାନନ୍ଦ ପରମାତ୍ମା ନିଜ ମାୟାକୁ ଆଶ୍ରୟ କରି ଜଗତ କଲ୍ୟାଣ ନିମିତ୍ତ ଲୀଳାବଶରେ ସବିଶେଷ ସାକାର ରୂପ ଧାରଣ କରନ୍ତି । ସେହି ଷଡୈଶ୍ୱର୍ଯ୍ୟଶାଳୀ ଭଗବାନ ହିଁ ମାନବ ଦେହ ଧାରଣକରି ଅବତୀର୍ଣ୍ଣ ହୁଅନ୍ତି । ଭଗବାନ କହୁଛନ୍ତି 'ମୁଁ' ଅବ୍ୟକ୍ତ । ଅବତାର କାଳରେ ହେଉ କି, ନିରାକାର ସର୍ବବ୍ୟାପୀ ସ୍ୱରୂପରେ ହେଉ, ମୋର ଅବ୍ୟକ୍ତ ସତ୍ତାର କୌଣସି ଅନ୍ତର ରହି ନଥାଏ । କର୍ମାଧୀନ ଜୀବ ଯେପରି ପ୍ରଳୟ କାଳରେ ଅବ୍ୟକ୍ତ ରୂପରେ ରହି, ସର୍ଜନା କାଳରେ ମନୁଷ୍ୟ, ପଶୁ, ପକ୍ଷୀ ଆଦି ବ୍ୟକ୍ତ ରୂପକୁ ପ୍ରାପ୍ତ ହୋଇଥାନ୍ତି, 'ମୁଁ' ସେହିପରି ଭାବରେ ଦେହଧାରୀ ହୋଇ ନ ଥାଏ । 'ମୁଁ' ସବୁକାଳରେ ବ୍ୟୟ ରହିତ ଅର୍ଥାତ୍ ଯେଉଁପରି ସେହିପରି ଭାବରେ ରହିଥାଏ । ବୁଦ୍ଧିହୀନ ବିବେକଶୂନ୍ୟ ମନୁଷ୍ୟ ମୋତେ ସାଧାରଣ ଦେହଧାରୀ ମନୁଷ୍ୟ ବୋଲି ମନେ କରିଥାନ୍ତି । ମୋର ସର୍ବୋତ୍କୃଷ୍ଟ, ମାୟାତୀତ, ନିତ୍ୟ ଅନୁପମ ପରମାତ୍ମା ସ୍ୱରୂପକୁ ଜାଣିପାରି ନ ଥାନ୍ତି । ଭକ୍ତ, ସାଧୁ, ସନ୍ଥଙ୍କ ବହୁ ଜନ୍ମର ଅଭିଳାଷ ପୂର୍ଣ୍ଣଲାଗି ଆଦ୍ୟାଶକ୍ତିଙ୍କ ସାହାଯ୍ୟରେ ମନୁଷ୍ୟ ଦେହ ଧାରଣ କରି "ମୁଁ" ଅବତୀର୍ଣ୍ଣ ହୁଏ । ଅବତାର ରୂପରେ ଦେଖିବା ହେଉଛି ଈଶ୍ୱରଙ୍କୁ ଦେଖିବା ସାଦୃଶ୍ୟ । ଯାହାକୁ ସଗୁଣ-ସାକାର କୁହାଯାଇଛି, ତାହା ମଧ୍ୟ ଅବ୍ୟକ୍ତ । ଯେବେ ଆତ୍ମା ଅବ୍ୟକ୍ତ, ତେବେ ପରମାତ୍ମା ଅବ୍ୟକ୍ତ ହେବାରେ ସନ୍ଦେହ କେଉଁଠାରେ ରହିଛି ? ଶରୀରକୁ ମାଧ୍ୟମ କରି ଜୀବାତ୍ମା ବ୍ୟକ୍ତ ଅଟେ । ଶରୀର ଇନ୍ଦ୍ରିୟ, ମନ, ବୁଦ୍ଧି ଠାରୁ ପୃଥକ ଆତ୍ମାକୁ କେହି ଆଖିରେ ଦେଖିପାରି ନ ଥାନ୍ତି । ସମସ୍ତ ଜଗତ ଭଗବାନଙ୍କ ପରା-ଅପରା ପ୍ରକୃତିର ବିସ୍ତାର ଅଟେ । ସେ' ଏହି ପ୍ରକୃତିର ପରମାଧାର କାରଣରୁ ସର୍ବୋତ୍କୃଷ୍ଟ ଏବଂ ସର୍ବୋତ୍ତମ ଅଟନ୍ତି । ଯେଉଁ ପରମେଶ୍ୱର ସଗୁଣ-ସାକାର ରୂପରେ ପ୍ରକଟ ହୋଇଥାନ୍ତି, ସେହି ହିଁ ନିର୍ଗୁଣ-ନିରାକାର ମଧ୍ୟ ଅଟନ୍ତି । ତାଙ୍କରି ପ୍ରକଟ ଓ ଅନ୍ତର୍ଦ୍ଧାନ ଜୀବର ଜନ୍ମ-ମୃତ୍ୟୁ ସାଦୃଶ୍ୟ ନୁହେଁ । ଅଜ୍ଞାନୀ ବୁଦ୍ଧିହୀନ ମନୁଷ୍ୟ ଏହାକୁ ବୁଝିପାରି ନ ଥାଏ । ନିଜର ଅପାର ଦୟାଳୁତା ଏବଂ ଶରଣାଗତ ବତ୍ସଳତା କାରଣରୁ ଜୀବକୁ ଶରଣାଗତିର ସାହାରା ଦେବା ନିମନ୍ତେ, ଭଗବାନ ନିଜର ଅଜନ୍ମା, ଅବିନାଶୀ, ମହେଶ୍ୱର ସ୍ୱଭାବ ତଥା ସାମର୍ଥ୍ୟ ସହିତ ନାନା ସ୍ୱରୂପରେ ପ୍ରକଟ ହୁଅନ୍ତି । ଅଲୌକିକ ଲୀଳାରେ ଜଗତର

ପ୍ରାଣୀ ସମୂହକୁ ଆନନ୍ଦ ସାଗରରେ ନିମଗ୍ନ କରିଥାନ୍ତି । ଅବତାର କାଳରେ ଅନ୍ୟ ପ୍ରାଣୀଙ୍କ ଭଳି ଭଗବାନଙ୍କ ଶରୀର ସଂଯୋଗ-ବିୟୋଗ ରୂପ ଜନ୍ମ ମରଣ ହୋଇ ନ ଥାଏ । ମତ୍ସ୍ୟ, କୂର୍ମ, ମନୁଷ୍ୟ ଆଦି ରୂପରେ ଭଗବାନ ମର୍ତ୍ତ୍ୟରେ ଆବିର୍ଭାବ ହେବା ଏବଂ ଲୀଳା ସମାପ୍ତିରେ ଅନ୍ତର୍ଦ୍ଧାନ ହୋଇ ପରମ ଧାମ ଗମନ କରିବା, ସଂସାର ପ୍ରାଣୀଙ୍କ ଜନ୍ମ-ମୃତ୍ୟୁଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଭଗବାନଙ୍କ ଠାରୁ ଦ୍ୱିତୀୟ ଅନ୍ୟକେହି ବଡ ନୁହଁନ୍ତି । ଭଗବାନଙ୍କ ସ୍ୱରୂପରେ କୌଣସି ପରିବର୍ତ୍ତନ କିମ୍ବା ବିବର୍ତ୍ତନ ଘଟି ନ ଥାଏ । ଭଗବାନ ନିରାକାର କି ସାକାର ଏହି ସନ୍ଦେହ ବୁଦ୍ଧିହୀନ ମନୁଷ୍ୟର ହୋଇଥାଏ । ଭଗବାନ କହୁଛନ୍ତି, ନା ମୁଁ ନିରାକାର, ନା ମୁଁ ସାକାର । 'ମୁଁ' କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ କିମ୍ବା ମୂର୍ତ୍ତି ନୁହେଁ । ମାତ୍ର ବ୍ରହ୍ମାଣ୍ଡରେ ଏପରି କୌଣସି ବସ୍ତୁ ନାହିଁ ଯାହାର 'ମୁଁ' କାରଣ ହୋଇ ନ ଥାଏ । ଭଗବାନ ସମସ୍ତ ଦେଶ, କାଳ, ବସ୍ତୁ, ବ୍ୟକ୍ତି ଆଦିରେ ପରିପୂର୍ଣ୍ଣ ରହିବା ସଙ୍ଗେ ସଙ୍ଗେ ଏହି ସବୁର ଅତୀତ ସର୍ବଦା ଏକରୂପ, ଏକ ରସ, ନିତ୍ୟ ଶୁଦ୍ଧ ଏବଂ ପରମ ପବିତ୍ର ଅଟନ୍ତି । ସେ ଅବ୍ୟକ୍ତ ହୋଇଥିଲେ ମଧ୍ୟ, ବ୍ୟକ୍ତ ହୁଅନ୍ତି ଏବଂ ବ୍ୟକ୍ତ ହୋଇଥିଲେ ମଧ୍ୟ ଅବ୍ୟକ୍ତ ରହନ୍ତି । ଭଗବାନ କେବଳ ପ୍ରଣୀମାନଙ୍କ କଲ୍ୟାଣ ନିମିତ୍ତ ସୃଷ୍ଟି ସର୍ଜନା କରିଛନ୍ତି ଏବଂ ଜଗତର ମଙ୍ଗଳ ନିମିତ୍ତ ସମସ୍ତ ବିଧାନ କରିଥାଆନ୍ତି । 'ଅନୁତ୍ତମମ୍' ପଦରେ ଭଗବାନଙ୍କ ଏହି ଭାବକୁ କୁହାଯାଇଛି । ଯିଏ ସ୍ୱୟଂ ଯୋଗୀ ଏବଂ ଅନ୍ୟକୁ ଯୋଗପ୍ରଦାନ କରିବା କ୍ଷମତା ଥାଏ, ସେ ଯୋଗେଶ୍ୱର ଅଟନ୍ତି । ଭଗବାନ ଶ୍ରୀକୃଷ୍ଣ ମନୁଷ୍ୟ ଶରୀରଧାରୀ ଯୋଗୀ ଏବଂ ଯୋଗେଶ୍ୱର ଅଟନ୍ତି । ସେ' ହିଁ ସତ୍-ଚିତ୍-ଆନନ୍ଦ ବା ଶାଶ୍ୱତ- ଆନନ୍ଦମୟ- ଜ୍ଞାନସ୍ୱରୂପ ଅଟନ୍ତି । ଉଚିତ ସାଧନ ମାର୍ଗରେ ରହି, କ୍ରମଶଃ ଉତ୍ଥାନ ହେବାପରେ, ଯୋଗସିଦ୍ଧ ମହାପୁରୁଷ ସେହି ପରମ ଭାବରେ ସ୍ଥିତ ହୋଇରହନ୍ତି । ଶରୀରଧାରୀ ହେଲେମଧ୍, ତାଙ୍କରି ପରମ ଭାବସହିତ ଏକତ୍ୱ ହୋଇ ରହିବା ସ୍ଥିତିକୁ ଅବ୍ୟକ୍ତ ରୂପ ବୋଲି ଗ୍ରହଣ କରି ନିଆଯିବ । କାମନାରେ ବିବଶ ହୋଇଥିବା ମନ୍ଦବୁଦ୍ଧି ମନୁଷ୍ୟ. ସ୍ଥୂଳଶରୀର ଦୃଷ୍ଟିପାତରେ ସେହି ମହାପୁରୁଷଙ୍କ ବାସ୍ତବିକ ଅବ୍ୟକ୍ତ ସ୍ୱରୂପକୁ ଚିହ୍ନିପାରି ନ ଥାନ୍ତି । ସାଧାରଣ ଲୋକ ମଧ୍ୟ ପରମାତ୍ମାଙ୍କ ବାସ୍ତବିକ ଅବ୍ୟୟ ସ୍ୱରୂପ- ଯାହା ସମସ୍ତଙ୍କ ଆଧାର ଏବଂ ଯାହାର ଜ୍ଞାନ ହେଲେ ପରମ ପଦ ମିଳିଥାଏ, ତାହାକୁ କେହି ସହଜରେ ଜାଣିପାରି ନଥାନ୍ତି ।

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟା ସମାବୃତଃ ।
ମୂଢୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ॥୨୫॥

*ଅନ୍ୱୟ : ଅହଂ ( ମୁଁ )ଯୋଗମାୟା (ମୋର ଅନ୍ତରଙ୍ଗା ଶକ୍ତି ଦ୍ୱାରା) ସମାବୃତଃ ( ଆଚ୍ଛାଦିତ ହୋଇ ରହିଥିବା କାରଣରୁ) ସର୍ବସ୍ୟ ( ସମସ୍ତଙ୍କ ସମ୍ମୁଖରେ) ପ୍ରକାଶଃ ନ ( ପ୍ରକାଶିତ ହୋଇ ନ'ଥାଏ ) {ଅତଏବ} ଅୟମ୍ ( ଏହାକୁ) ମୂଢ ( ଅଜ୍ଞାନୀ-ମୋହାଚ୍ଛନ ) ଲୋକଃ ( ମନୁଷ୍ୟ –ଜନସମୁଦାୟ ) ମାମ୍ ( ମୋତେ) ଅଜମ୍ ( ଅଜନ୍ମା ) ଅବ୍ୟୟମ୍ ( ବ୍ୟୟ ରହିତ ବୋଲି ) ନ ଅଭିଜାନାତି (ଜାଣିପାରନ୍ତି ନାହିଁ)* ।

**ଭାବାର୍ଥ**: ଅଧିକାଂଶ ଜନ ସମୁଦାୟ କେଉଁ କାରଣରୁ ଭଗବାନଙ୍କ ସ୍ୱରୂପର ତତ୍ତ୍ୱ ଜାଣିବାକୁ ସକ୍ଷମ ହୋଇ ନଥାନ୍ତି, ତାହାର ସ୍ପଷ୍ଟିକରଣ ଏହି ଶ୍ଳୋକରେ ଭଗବାନ କହିଛନ୍ତି । ଭଗବାନ କହୁଛନ୍ତି, 'ମୁଁ ନିଜକୁ ମୋର ଅନ୍ତରଙ୍ଗା ଶକ୍ତିଦ୍ୱାରା ଆଚ୍ଛାଦିତ କରି ରଖିଥିବା କାରଣରୁ, ଜୀବ ସମ୍ମୁଖରେ ମୋର ପୂର୍ଣ୍ଣ ସ୍ୱରୂପ ପ୍ରକାଶିତ ହୋଇ ନ ଥାଏ । ଅତଏବ, ମୋହାନ୍ଧ, ନିର୍ବୋଧ ମନୁଷ୍ୟ ମୋତେ ଜନ୍ମରହିତ, ଅବିନାଶୀ ବୋଲି ମାନି ନ ଥାନ୍ତି । ନିଜ ମାୟାଶକ୍ତି ଦ୍ୱାରା 'ମୁଁ ଏପରି ଭାବରେ ଆବୃତହୋଇ ରହିଥାଏ, ଯେପରି ସାଧାରଣ ମନୁଷ୍ୟର ଦୃଷ୍ଟି ସେହି ମାୟାର ପରଦାକୁ ଅତିକ୍ରମ କରିପାରେ ନାହିଁ । କିନ୍ତୁ ସମଗ୍ର ସୃଷ୍ଟି ମୋର ଅଗୋଚର ହୋଇ ନ ଥାଏ । ଯେଉଁମାନେ ମୋତେ ଅଜନ୍ମା, ଅବିନାଶୀ ମାନିବା ପରିବର୍ତ୍ତେ ଜନ୍ମ-ମରଣଶୀଳ ମନେ କରନ୍ତି, ସେମାନଙ୍କ ନିମନ୍ତେ 'ମୁଁ ନିଜର ଯୋଗମାୟାରେ ଲୁଚିରହେ । ଭଗବାନଙ୍କ ସଂକଳ୍ପ ରୂପକ ବଶବର୍ତ୍ତିନୀ ଶକ୍ତିକୁ ଯୋଗମାୟା କୁହାଯାଇଛି । ଏହି ଯୋଗମାୟାକୁ ଆଶ୍ରୟକରି, ମାୟାଧୀଶ ଷଡ଼ୈଶ୍ୱର୍ଯ୍ୟଶାଳୀ ଭଗବାନ ଦିବ୍ୟଗୁଣ ଧାରଣ କରି ମର୍ତ୍ତ୍ୟଲୋକରେ ଅବତାର ଲୀଳା କରିଥାନ୍ତି । ଏହି ଯୋଗମାୟାକୁ ଆଶ୍ରୟ କରି ନିର୍ଗୁଣ ବ୍ରହ୍ମ ସଗୁଣ ହୁଅନ୍ତି ଏବଂ ନିଷ୍କ୍ରିୟ ବ୍ରହ୍ମ ସକ୍ରିୟ ହୁଅନ୍ତି । ବ୍ରହ୍ମଙ୍କ ସ୍ୱରୂପ ନିର୍ଣ୍ଣୟ ଯେପରି କଠିନ, ଯୋଗମାୟାଙ୍କ ସ୍ୱରୂପ ନିର୍ଣ୍ଣୟ ମଧ୍ୟ ଅତିଶୟ ଦୁର୍ବହ । ପରିଦୃଶ୍ୟମାନ ଜଗତ-ପ୍ରପଞ୍ଚର ଅସ୍ତିତ୍ୱ ଯେଉଁଭାବରେ ଯେତିକି ସତ୍ୟ, ଏହି ତ୍ରିଗୁଣାତ୍ମିକା ଯୋଗମାୟା ମଧ୍ୟ ସେତିକି ସତ୍ୟ । ଶ୍ରୀ ରାମକୃଷ୍ଣ ଦେବ କହିଛନ୍ତି - "ଯୋଗମାୟାଙ୍କ ଭିତରେ ସତ୍ତ୍ୱ, ରଜଃ, ତମଃ ଏହି ତିନିଗୁଣହିଁ କାର୍ଯ୍ୟ କରେ । ଯୋଗମାୟା ହିଁ ଆଦ୍ୟାଶକ୍ତି, ଯାହାର କ୍ରିୟମାଣରେ ଏହି ଜୀବ ଜଗତ ନିର୍ମିତ ହୋଇଛି ଏବଂ ଯାହାର ଗୋଟିଏ ଆକର୍ଷଣ ଶକ୍ତି ମଧ୍ୟ ରହିଛି । ଚିଦାତ୍ମା ହେଉଛି ପୁରୁଷ ଏବଂ ଚିତ୍ ଶକ୍ତି ହେଉଛି ପ୍ରକୃତି । ଏହି ଚିତ୍ ଶକ୍ତି ହେଉଛି ଯୋଗମାୟା । ଆଚାର୍ଯ୍ୟ ଶଙ୍କର କହିଛନ୍ତି; - ଗୁଣ ତ୍ରୟର ସଂଯୋଗ ବା ସଂଗଠନ ହେଉଛି 'ଯୋଗ' ଏବଂ ଯେଉଁ ମାୟା ସାହାଯ୍ୟରେ ଏହି ଯୋଗ ପ୍ରକ୍ରିୟା ହୁଏ, ତାହା ହେଉଛି ଯୋଗମାୟା । ଯୋଗମାୟା ସୃଷ୍ଟି-ସ୍ଥିତି-ପ୍ରଳୟକାରିଣୀ । ବ୍ରହ୍ମ ନିର୍ଲିପ୍ତ । ସ୍ଥୂଳ ଶରୀର ଉତ୍ପତ୍ତି ସଙ୍ଗେ ସଙ୍ଗେ ଜୀବ ମାୟାଯୁକ୍ତ ହୋଇଥାଏ । ଅନାତ୍ମା ବସ୍ତୁରେ ଆତ୍ମାବୁଦ୍ଧି କରୁଥିବା କାରଣରୁ ଜୀବ ଭଗବାନଙ୍କୁ ଜାଣିପାରେ ନାହିଁ । ମହାମାୟା ପ୍ରସନ୍ନ ହୋଇ ଜୀବକୁ ନିର୍ମୋହ କରିଦେଲେ ପରମେଶ୍ୱରଙ୍କ ଦର୍ଶନ ସମ୍ଭବ ହୁଏ । ମହାମାୟାଙ୍କ କୃପା ପ୍ରାପ୍ତି ନିମନ୍ତେ ଶକ୍ତିର ଉପାସନା ରହିଛି । ମହାମାୟା ଦ୍ୱାର ଉନ୍ମୁକ୍ତ କରିଦେଲେ ଈଶ୍ୱରଙ୍କ ଦର୍ଶନ ମିଳିଯାଏ । ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି; - 'ମୁଁ ସମସ୍ତଙ୍କ ନିମନ୍ତେ ପ୍ରତ୍ୟକ୍ଷ ନୁହେଁ । କେବଳ ଯୋଗର ପରିପକ୍ୱ ଅବସ୍ଥା ପୁରୁଷ ମୋତେ ଯଥାର୍ଥ ଦର୍ଶନ କରିଥାଏ । ଶୁଦ୍ଧଭକ୍ତ ହୃଦୟରେ ଭଗବାନ ଦିବ୍ୟ ଆନନ୍ଦମୟ ଜ୍ଞାନପୂର୍ଣ୍ଣ ରୂପରେ ପ୍ରକାଶ ହୁଅନ୍ତି । ଅଭକ୍ତ ନିମନ୍ତେ ସେ' ନିଜର ଶାଶ୍ୱତ ଅନ୍ତରଙ୍ଗା ଶକ୍ତିଦ୍ୱାରା ଆବୃତ ହୋଇ ରହିଥାନ୍ତି । ବାଦଲ ସୂର୍ଯ୍ୟଙ୍କ ଆଗରେ ରହି ଘୋଡାଇ ରଖିଲେ, ସୂର୍ଯ୍ୟଙ୍କ ପୂର୍ଣ୍ଣ ପ୍ରକାଶରେ କୌଣସି ଅନ୍ତର ଆସି ନଥାଏ । କେବଳ ଦୃଷ୍ଟି ବାଦଲ ଦ୍ୱାରା ଆବରଣ ହୋଇ ରହିବା କାରଣରୁ ସୂର୍ଯ୍ୟ ଦୃଶ୍ୟମାନ ହୋଇ ନ ଥାନ୍ତି । ସେହିଭଳି ଯୋଗମାୟା ଦ୍ୱାରା ପରମାତ୍ମା ବସ୍ତୁତଃ ଆବୃତ ରହି ଅଦୃଶ୍ୟ

ହୋଇ ନ ଥାନ୍ତି, ବରଂ ଜ୍ଞାନ ଚକ୍ଷୁ ଅଭାବରେ ମୂଢ ମନୁଷ୍ୟର ପ୍ରତ୍ୟକ୍ଷ ହୋଇ ନଥାନ୍ତି । ଯିଏ ଭଗବାନଙ୍କ ପ୍ରେମୀ, ଭକ୍ତ ତଥା ଅନେକ ଗୁଣ ପ୍ରଭାବ, ସ୍ୱରୂପ ଏବଂ ଲୀଳାରେ ପୂର୍ଣ୍ଣ ଶ୍ରଦ୍ଧା ଏବଂ ବିଶ୍ୱାସ ରଖନ୍ତି, ଯାହାକୁ ଭଗବାନ ନିଜର ପରିଚୟ ଦେବାକୁ ଇଚ୍ଛା କରନ୍ତି, କେବଳ ସେହିମାନଙ୍କୁ ହିଁ ପ୍ରତ୍ୟକ୍ଷ ହୁଅନ୍ତି । ସାଧାରଣ ଅଜ୍ଞାନୀ ମୂଢ ମନୁଷ୍ୟ ଏହା ବୁଝିପାରି ନ ଥାଏ କି, ଶ୍ରୀକୃଷ୍ଣ ହେଉଛନ୍ତି ଜନ୍ମ-ମୃତ୍ୟୁର ଅତୀତ, ନିତ୍ୟ, ସତ୍ୟ, ବିଜ୍ଞାନନନ୍ଦଘନ ସାକ୍ଷାତ୍ ପରମେଶ୍ୱର । ଅଜ୍ଞାନୀ ଜୀବ ନିଜ ମୂଢତା ଦୂରକରି ନିଜ ଆତ୍ମସ୍ୱରୂପକୁ ଜାଣିପାରେ, କିନ୍ତୁ ପରମାତ୍ମା ତତ୍ତ୍ୱର ବୋଧ ସର୍ବଥା ଭଗବାନଙ୍କ କୃପାରେ ହିଁ ପ୍ରାପ୍ତ ହୁଏ । ଭଗବାନ ଚାହିଁଲେ ହିଁ ତାଙ୍କରି ଭକ୍ତ ତାଙ୍କୁ ଜାଣିବା ନିମନ୍ତେ ସମର୍ଥ ହୁଏ । ଭଗବାନଙ୍କ ଶରଣାପନ୍ନ ହୋଇଗଲେ, ଭଗବାନ ଅଜ୍ଞାନ ଦୂରକରି ନିଜର ମାୟାର ଆବରଣକୁ ଅପସାରଣ କରିଦିଅନ୍ତି । ଶ୍ରୀମଦ୍‌ଭାଗବତ ରେ ପ୍ରସଙ୍ଗ ଆସେ (୧୦-୪୩-୧୭) – ଶ୍ରୀକୃଷ୍ଣ ଯେବେ ବଳରାମଙ୍କ ସହ ରଙ୍ଗ ଭୂମିରେ ପହଞ୍ଚିଥିଲେ, ସେ' ମଲ୍ଲମାନଙ୍କୁ ବଜ୍ରଭଳି କଠୋର ଶରୀର ରୂପେ ଦେଖାଗଲେ । ସାଧାରଣ ଲୋକଙ୍କୁ ନରୋତ୍ତମ ଭଳି, ସ୍ତ୍ରୀ ମାନଙ୍କୁ ମୂର୍ତ୍ତିମାନ୍ କାମଦେବ ଭଳି, ଗୋପାଙ୍ଗନାଙ୍କୁ ସ୍ୱ-ଜନଭଳି, ଦୁଷ୍ଟ ରାଜାମାନଙ୍କୁ ଦଣ୍ଡଦାତା ଭଳି, ନିଜ ମାତା-ପିତାଙ୍କୁ ଶିଶୁଭଳି, କଂସକୁ ମୃତ୍ୟୁଭଳି, ଅଜ୍ଞାନୀ ମାନଙ୍କୁ ବିରାଟ ଭଳି, ଯୋଗୀ ମାନଙ୍କୁ ପରମତତ୍ତ୍ୱ ଭଳି ଏବଂ ଭକ୍ତ ଶିରୋମଣୀ ବୃଷ୍ଣିବଂଶୀମାନଙ୍କୁ ଇଷ୍ଟଦେବ ଭଳି ଜଣାଗଲେ । ଏହିପରି ଭଗବାନଙ୍କର ଯୋଗମାୟା ଅତି ବିଚିତ୍ର, ବିଲକ୍ଷଣ ଏବଂ ଅଲୌକିକ । ସେ ଭକ୍ତ, ଅଭକ୍ତର ଭାବକୁ ନେଇ ରୂପ ଧାରଣ କରିଥାନ୍ତି । ସ୍ୱାମୀ ଶିବାନନ୍ଦ ଉଲ୍ଲେଖ କରିଛନ୍ତି - ଯାଦୁକର ଯାଦୁଖେଳ ଦେଖାଇଲାବେଳେ, ଯାଦୁର କଳାକୁ ସେ' ଜାଣିଥିବା କାରଣରୁ ସେଥିରେ ଭ୍ରମିତ ହୁଏ ନାହିଁ । ସେହିପରି ଭଗବାନ ଜଣେ ମହାନ୍ ଯାଦୁକର । ସେ ସଂସାର ଖେଳରେ ଯେଉଁ ମାୟା ରଚିଥାନ୍ତି, ସେଥିରେ ସେ ନିଜେ ଏବଂ ତାଙ୍କରି ନିକଟରେ ଥିବା ଭକ୍ତ ଭ୍ରମିତ ହୋଇ ନଥାନ୍ତି, କାରଣ ସେହି ମାୟା ତାଙ୍କଠାରୁ ନିସୃତ ଏବଂ ତାଙ୍କରି ଭକ୍ତଗଣ ତାହାର ଗୁପ୍ତ ରହସ୍ୟକୁ ଜାଣିଥାନ୍ତି । ସଂସାରର ଅଜ୍ଞାନୀ ଦେଖଣାହାରି ସେଥିରେ ଭ୍ରମିତ ହୋଇଥାନ୍ତି । ଭଗବାନ ଚାହାଁନ୍ତି, ତାଙ୍କରି ଦର୍ଶନ ପାଇବାକୁ ହେଲେ କିଛି ସାଧନ କରିବାକୁ ହେବ । ସାଧକର ପ୍ରେମ, ଉତ୍କଣ୍ଠା, ଉତ୍ସୁକତା, ବ୍ୟାକୁଳତା, ପ୍ରଯତ୍ନ ଦେଖି ସେ ପ୍ରସନ୍ନ ହେଲେ ମାୟାକୁ ନିଜଠାରୁ ହଟାଇ ନିଅନ୍ତି । ଜୀବକୁ ସଂସାରରେ ଖୋଜି ବାହାର କରିବାର ମାର୍ଗ ଶିଖାଇ ନିଜର ଭକ୍ତ ସୃଷ୍ଟି କରିବା ନିମିତ୍ତ ଭଗବାନ ନିଜକୁ ଲୁଚାଇ ରଖିଥାନ୍ତି । ମନୁଷ୍ୟ ତାଙ୍କୁ ପ୍ରେମକରି, ପାଇବାର ଇଚ୍ଛାକରି, ଅନ୍ତରର ସହିତ ଖୋଜିଲେ ସେ' ମିଳନ୍ତି ।

ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ ।
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ॥୨୬॥

*ଅନ୍ୱୟ: ଅର୍ଜୁନ ( ହେ ଅର୍ଜୁନ !) ଭୂତାନି ( ଯେଉଁ ପ୍ରାଣୀମାନେ ) ସମତୀତାନି (ପୂର୍ବରୁ ଥିଲେ) ଚ ( ତଥା) ବର୍ତ୍ତମାନାନି (ବର୍ତ୍ତମାନ ରହିଛନ୍ତି) ଚ ( ଏବଂ ) ଭବିଷ୍ୟାଣି ( ଭବିଷ୍ୟରେ ରହିବେ ) ଅହଂ ( ମୁଁ ) ବେଦ (ଜାଣେ) ତୁ ( କିନ୍ତୁ) ମାମ୍ ( ମୋତେ ) କଶ୍ଚନ ( ଭକ୍ତ ବ୍ୟତୀତ ଅନ୍ୟକେହି) ନ, ବେଦ (ଜାଣନ୍ତି ନାହିଁ)।*

**ଭାବାର୍ଥ**: ଭଗବାନ କହୁଛନ୍ତି; - ହେ ଅର୍ଜୁନ ! ସଚରାଚର ବ୍ରହ୍ମାଣ୍ଡରେ ଥିବା ଦେବତା, ମନୁଷ୍ୟ, ପଶୁ, କୀଟ-ପତଙ୍ଗ ସମସ୍ତ ପ୍ରାଣୀଙ୍କ ଅନନ୍ତ କଳ୍ପ-କଳ୍ପାନ୍ତରରେ କିଏ କେଉଁ ଜନ୍ମ ପାର ହୋଇସାରିଛି, ବର୍ତ୍ତମାନ କିଏ କେଉଁ ସ୍ଥିତିରେ ରହିଛି ଏବଂ ଭବିଷ୍ୟ କଳ୍ପରେ କାହାର କେଉଁ ଗତିପ୍ରାପ୍ତ ହେବ, ସେହି ସମସ୍ତ ବିଷୟ ମୋତେ ଜ୍ଞାତ ଅଟେ । 'ମୁଁ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟରେ ହେବାକୁଥିବା ସମ୍ପୂର୍ଣ୍ଣ ପ୍ରାଣୀ ସମୂହକୁ ଜାଣିଥାଏ । ପ୍ରତ୍ୟେକ ଜୀବର ହୃଦୟରେ ମୁଁ ପରମାତ୍ମା ରୂପରେ ରହି ଜୀବର ଭୂତ, ବର୍ତ୍ତମାନ, ଭବିଷ୍ୟ ଦେଖିଥାଏ । ଭଗବାନଙ୍କ ଅଖଣ୍ଡ ଜ୍ଞାନ ସ୍ୱରୂପରେ ସୃଷ୍ଟିର ସବୁକିଛି ସଦା ସର୍ବଦା ପ୍ରତ୍ୟକ୍ଷ ଅଟେ । କିନ୍ତୁ ଭଗବାନଙ୍କୁ ତାଙ୍କରି ଅନନ୍ୟ ଭକ୍ତ ବ୍ୟତୀତ ଅନ୍ୟ କେହି ତତ୍ତ୍ୱ ସହିତ ଜାଣିବାକୁ ସକ୍ଷମ ହୋଇ ନ ଥାନ୍ତି । ଏହି ଅଧ୍ୟାୟରେ ଆଗରୁ ଭଗବାନ କହିଛନ୍ତି; - ସହସ୍ର ସହସ୍ର ମନୁଷ୍ୟମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ମୋତେ ଜାଣିବା ନିମନ୍ତେ ପ୍ରୟାସ କରିଥାନ୍ତି । ଏ ପ୍ରକାର ଚେଷ୍ଟିତ ରହିଥିବା ସିଦ୍ଧ ପୁରୁଷଙ୍କ ମଧ୍ୟରୁ କେହି ଜଣେ ମୋର ସ୍ୱରୂପକୁ "ବାସୁଦେବମ୍ ସର୍ବଂ ଇତି" ରୂପରେ ବୁଝିଥାଏ । ଭଗବାନଙ୍କ ନିମନ୍ତେ ଭୂତ, ଭବିଷ୍ୟ ଆଉ ବର୍ତ୍ତମାନ କାଳର କୌଣସି ଭେଦ ରହି ନଥାଏ । ତାଙ୍କରି ଦୃଷ୍ଟିରେ ଭୂତ, ଭବିଷ୍ୟ ଓ ବର୍ତ୍ତମାନ ତିନୋଟିଯାକ ବର୍ତ୍ତମାନ ହୋଇଥିବାରୁ ଭଗବାନ ସମସ୍ତଙ୍କୁ ଜାଣନ୍ତି । ଅସଲରେ କାଳର ଭେଦ ଜୀବ ଦୃଷ୍ଟିରେ ରହିଥାଏ । ସମସ୍ତ ପ୍ରାଣୀ କାଳର ଅନ୍ତର୍ଗତ, କିନ୍ତୁ ଭଗବାନ କାଳରୁ ଅତୀତ । ସମସ୍ତ କାଳର ଆଶ୍ରୟ ସେ "ମହାକାଳ" ଅଟନ୍ତି । ଯେପରି ଅତୀତ ଓ ଭବିଷ୍ୟ ଏବେ ନାହିଁ, ସେହିପରି ବର୍ତ୍ତମାନ କାଳ ମଧ ନାହିଁ । ଅତୀତ ଓ ଭବିଷ୍ୟର ସନ୍ଧି ହେଉଛି ବର୍ତ୍ତମାନ । ଅତୀତ ହେଉଛି ଅନାଦି, ଭବିଷ୍ୟ ହେଉଛି ଅନନ୍ତ । ଅନାଦି ଓ ଅନନ୍ତର କେବେ ସନ୍ଧି ରହେନାହିଁ । ଯଦି ପ୍ରକୃତରେ ବର୍ତ୍ତମାନ କାଳ ବୋଲି କିଛି ଥାଆନ୍ତା, ତେବେ ତାହା କଦାପି ଅତୀତରେ ପରିଣତ ହୁଅନ୍ତା ନାହିଁ । ଏହାର ସାର ମର୍ମ ହେଲା, ଯାହା ପ୍ରତିକ୍ଷଣ ବଦଳେ, ତାହା ବର୍ତ୍ତମାନ ନୁହେଁ, ଯାହା କେବେ ବଦଳେ ନାହିଁ, ତାହା ହିଁ ବର୍ତ୍ତମାନ । ଅତଏବ, କାଳ ବର୍ତ୍ତମାନ ନୁହେଁ, ଭଗବାନ ହିଁ ବର୍ତ୍ତମାନ । ଜୀବାତ୍ମା କାଳର ଅନ୍ତର୍ଗତ କାରଣରୁ ତାର ଜ୍ଞାନ ସୀମିତ । ଜୀବ ଯେତେବେଳେ ନିଜ ସ୍ୱରୂପକୁ ଚିହ୍ନି ପାରେନାହିଁ, ସେ କିପରି ପରମାତ୍ମାକୁ ଜାଣିବ ? ହଁସ କ୍ଷୀର ଓ ପାଣିକୁ ପୃଥକ କରି ପାନ କରିଥାଏ, କିନ୍ତୁ ଏହା ଅନ୍ୟ କୌଣସି ପକ୍ଷୀ ନିମନ୍ତେ ସମ୍ଭବ ନୁହେଁ । ଈଶ୍ୱର ଓ ମାୟା ସେହିପରି ଅଭେଦ । ସାଧାରଣ ମନୁଷ୍ୟ ମାୟାକୁ ଆଡେଇ, ଈଶ୍ୱରଙ୍କୁ ଦେଖିପାରିବ ନାହିଁ । "ପରମ ହଁସ" ସିଦ୍ଧ ପୁରୁଷ ମାୟାକୁ ତ୍ୟାଗକରି ଈଶ୍ୱରଙ୍କୁ ଦେଖିପାରନ୍ତି । ମନୁଷ୍ୟ ଶରୀରପ୍ରାପ୍ତ ହୋଇ ଅନନ୍ତ ଜନ୍ମର କର୍ମ ସମୂହକୁ ବିନଷ୍ଟକରି ଭଗବାନଙ୍କୁ ପାଇ, ନିଜକୁ ମୁକ୍ତ କରିବା ସମ୍ଭବ । ଏଥିରେ ମନୁଷ୍ୟ ସ୍ୱତନ୍ତ୍ର ଅଟେ । ନିଃସ୍ୱାର୍ଥ ଭାବରେ କୃପା କରୁଥିବା ପ୍ରଭୁ, ଜୀବକୁ ମନୁଷ୍ୟ ଶରୀର ଦେଇଥାନ୍ତି ଯାହାଦ୍ୱାରା ସେ ନିଜର ସ୍ୱତନ୍ତ୍ରତା ପୂର୍ବକ ଆତ୍ମକଲ୍ୟାଣ

କରିପାରିବ । ଭଗବାନଙ୍କ ଜ୍ଞାନ ନିତ୍ୟ । ସବୁକିଛି ତାଙ୍କରି ଜ୍ଞାନର ଅନ୍ତର୍ଗତ । ତାଙ୍କରି ଜ୍ଞାତସାର ବାହାରେ କିଛି ରହି ନ ଥାଏ । ଭଗବାନଙ୍କ ଜାଣିବାରେ ତାଙ୍କରି ସ୍ୱରୂପ ବ୍ୟତିରେକ ଅନ୍ୟ କିଛି ନାହିଁ । ଜୀବ ନିଜେ "ଅହଂ"(ଅଜ୍ଞାନ) ଯୋଗୁଁ ଜଗତକୁ ଧାରଣ କରିଛି । ଅହଂ କୁ ମାରି ଜଗତକୁ ଅନ୍ତଃକରଣରୁ ଖାଲି କରିଦେଲେ, ଭଗବାନଙ୍କୁ ଜାଣିପାରିବ । ଭଗବାନଙ୍କୁ ଜାଣିବା ହିଁ ଜୀବର ମୁକ୍ତି ।

ଇଚ୍ଛାଦ୍ୱେଷ ସମୁତ୍ଥେନ ଦ୍ୱନ୍ଦ୍ୱ ମୋହେନ ଭାରତ ।
ସର୍ବଭୂତାନି ସମ୍ମୋହଂ ସର୍ଗେ ଯାନ୍ତି ପରନ୍ତପ ॥୨୭॥

*ଅନ୍ୱୟ: ଭାରତ ( ହେ ଭରତବଂଶଜ ) ପରନ୍ତପ ( ଶତ୍ରୁବିନାଶକାରୀ ଅର୍ଜୁନ!) ଇଚ୍ଛାଦ୍ୱେଷ ( ଆସକ୍ତି ଓ ଦ୍ୱେଷ ଭାବ କାରଣରୁ) ସମୁତ୍ଥେନ ( ଉତ୍ପନ୍ନ ହେଉଥିବା ) ଦ୍ୱନ୍ଦ୍ୱ ( ପରସ୍ପର ବିରୁଦ୍ଧାତ୍ମକ ) ମୋହେନ ( ମୋହ ଭାବରେ) ସର୍ବଭୂତାନି ( ସମସ୍ତ ଜୀବ) ସର୍ଗେ ( ଶରୀର ଧାରଣ କରିବାମାତ୍ରେ) ସମ୍ମୋହଂ ( ମୋହଗ୍ରସ୍ତ-ମୂଢତାକୁ ) ଯାନ୍ତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ** : ହେ ଭରତ ବଂଶଜ ଶତ୍ରୁ ବିନାଶକାରୀ ଅର୍ଜୁନ ! ରାଗ ଓ ଦ୍ୱେଷ ଏହି ଦ୍ୱୈତଭାବ କାରଣରୁ ଅନ୍ତଃକରଣରେ ଜନ୍ମ-ମରଣ, ସୁଖ-ଦୁଃଖ ପ୍ରତି ମୋହ ଜାତ ହୁଏ । ଏହି ଦ୍ୱନ୍ଦ୍ୱ ରୂପକ ମୋହ ଦ୍ୱାରା ସଂସାରରେ ସମସ୍ତ ଜୀବ ଅତ୍ୟନ୍ତ ଅଜ୍ଞତାକୁ ପ୍ରାପ୍ତ ହୋଇ ଥାଆନ୍ତି । ଜୀବ ଜନ୍ମ ହେବା ମୁହୂର୍ତ୍ତରୁ ହିଁ ମାୟାଶକ୍ତିର ଆକର୍ଷଣରେ ଶୁଦ୍ଧଜ୍ଞାନ ଠାରୁ ଅଲଗା ହୋଇ ମୋହ ପ୍ରାପ୍ତି ହୋଇ ଯାଇଥାନ୍ତି । ଶରୀରରେ ରହିଥିବା ତ୍ରିଗୁଣାତ୍ମକ ବୁଦ୍ଧି ଦ୍ୱିଭାଜିତ ହୋଇ ପରସ୍ପର ବିରୁଦ୍ଧାତ୍ମକ ଦ୍ୱନ୍ଦ୍ୱ ମୋହ ଜାତ କରାଇଥାଏ । ଜନ୍ମ-ମରଣ, ସୁଖ-ଦୁଃଖ, ହର୍ଷ-ଶୋକ, ମାନ-ଅପମାନ, ପ୍ରିୟ-ଅପ୍ରିୟ, ଶୀତ-ଉଷ୍ଣ, ଭଲ-ମନ୍ଦ ଏସବୁ ହେଲା ଦ୍ୱନ୍ଦ୍ୱ ଭାବ । ଏହି ଦ୍ୱନ୍ଦ୍ୱଭାବ ଗୁଡିକ ବୁଦ୍ଧି ହରଣ ନିମନ୍ତେ ମାୟା ଶକ୍ତିର ଉପକରଣ ରୂପରେ କାର୍ଯ୍ୟ କରିଥାନ୍ତି । ବିଷୟ ଜଗତରେ କିଏ କଣ, ପ୍ରତ୍ୟେକଟି ଯଥାର୍ଥ ଭାବରେ ବୁଦ୍ଧିଦ୍ୱାରା ନିରୂପଣ ହୋଇଥାଏ । ଦ୍ୱନ୍ଦ୍ୱଭାବ ବୁଦ୍ଧିକୁ ମୋହିତ କରିବାରେ ମନୁଷ୍ୟ ବିବେକକୁ ମହତ୍ତ୍ୱ ନ ଦେଇ, ଇଚ୍ଛା ଏବଂ ଦ୍ୱେଷ ଦ୍ୱାରା ପ୍ରେରିତ ହୋଇ କର୍ମରେ ପ୍ରବୃତ୍ତ ଓ ନିବୃତ୍ତ ହୁଏ । ସୁଖ-ଦୁଃଖ ଏବଂ ଜନ୍ମ-ମୃତ୍ୟୁ ଏହି ଦୁଇଟି ମୁଖ୍ୟ ଦ୍ୱନ୍ଦ୍ୱ ମନୁଷ୍ୟ ଜୀବନକୁ ଅଧିକ କାଳ ପର୍ଯ୍ୟନ୍ତ ମୋହ ଗ୍ରସ୍ତ କରି ରଖିଥାଏ । କୌଣସି ଦେଶ, କାଳ, ବସ୍ତୁ, ବ୍ୟକ୍ତି, ପରିସ୍ଥିତି ପ୍ରଭୃତିର ପ୍ରାପ୍ତି-ଅପ୍ରାପ୍ତିକୁ ସୁଖ-ଦୁଃଖ ମନେ କଲେ, ସେମାନଙ୍କ ପ୍ରତି ରାଗ-ଦ୍ୱେଷ ଜାତ ହୁଏ । ଅନ୍ତଃକରଣରେ ସୁପ୍ତ ଭାବରେ ରହିଥିବା 'ମୁଁ-ମୋର' ରୂପକ ଅହଂ ହେଉଛି ରାଗ-ଦ୍ୱେଷ ଭାବର ପୃଷ୍ଠ ପୋଷକ । ମନୁଷ୍ୟ ସୁନା, ହିରା, ମୋତି ଆଦି ପଦାର୍ଥ ଜଡ ହେଲେ ମଧ୍ୟ ସେ ସବୁକୁ ଅତିପ୍ରିୟ ମାନି ସମ୍ବନ୍ଧ ରଖିଥାଏ, ଯଦିଓ ଏହି ବସ୍ତୁ ଗୁଡିକଠାରେ ମନୁଷ୍ୟକୁ ଚିହ୍ନିବାର ଶକ୍ତି ନାହିଁ । ସେହିଭଳି, ମନୁଷ୍ୟ ଅନ୍ୟଜୀବ ପ୍ରତି ପ୍ରେମ ବଦଳରେ ଦ୍ୱେଷଭାବ ରଖିବାରେ ସେ ପ୍ରକୃତରେ ଭଗବାନଙ୍କୁ ହିଁ ଦ୍ୱେଷ କରେ । କାରଣ ଭଗବାନ ହିଁ ଆତ୍ମା ରୂପରେ ସମସ୍ତଙ୍କଠାରେ ବିଦ୍ୟମାନ । ଅନ୍ୟଜୀବ ପ୍ରତି ଦ୍ୱେଷ ଭାବ ରଖିବା ଅର୍ଥ, ଭଗବାନଙ୍କ ବିମୁଖ ହେବା । ଅନ୍ୟପ୍ରତି ଦ୍ୱେଷଭାବ ଜାଗ୍ରତ ହେଲେ, ତାହା ପ୍ରଥମେ ନିଜ ହୃଦୟକୁ

ଜାଳିଥାଏ, ତା'ପରେ ଯାଇ ତାର ଝୁଲ ଅନ୍ୟ ଉପରେ ପଡେ । ଏହିପରି ଭାବରେ ଅଜ୍ଞାନୀ ମନୁଷ୍ୟକୁ ସତ୍-ଅସତ୍, ଆତ୍ମା-ଅନାତ୍ମାର ଜ୍ଞାନ ହୁଏନାହିଁ । ଜୀବନର ପରମ ଉଦ୍ଦେଶ୍ୟକୁ ଭୁଲିଯାଇ, କ୍ଷଣଭଙ୍ଗୁର ଭୋଗକୁ ମୁଖ୍ୟମାନି ଭୋଗ ସଂଗ୍ରହ ଚେଷ୍ଟାରେ ଅମୂଲ୍ୟ ଜନ୍ମକୁ ନଷ୍ଟ କରିଥାଏ । ଏକମାତ୍ର ଭଗବତ୍ ପ୍ରାପ୍ତିର ଉଦ୍ଦେଶ୍ୟ ରହିଲେ, ପାରମାର୍ଥିକ ଓ ସାଂସାରିକ ଉଭୟ କ୍ରିୟା, ସାଧନାରେ ପରିଣତ ହୋଇଯାଏ । ଜୀବ ଜନ୍ମ ହେବାମାତ୍ରେ ମୃତ୍ୟୁ ଆଡକୁ ଅଗ୍ରସର ହୁଏ । କିନ୍ତୁ ମନୁଷ୍ୟ ଶରୀରପ୍ରତି ମୋହ କାରଣରୁ ମୃତ୍ୟୁ ପ୍ରତି ଦ୍ୱେଷ ଭାବ ରଖେ ଏବଂ ଜୀବନପ୍ରତି ଆସକ୍ତି ଭାବ ରଖେ । କିନ୍ତୁ ଜନ୍ମ ଓ ମୃତ୍ୟୁ ଏହି ଦୁଇଟି ଏକତ୍ର ଅବସ୍ଥାନ କରନ୍ତି । ଜନ୍ମହେବା କ୍ଷଣି ମୃତ୍ୟୁ ଅନ୍ୟପଟେ ଆସିବା ନିମନ୍ତେ ଅପେକ୍ଷା କରି ରହିଥାଏ । ତେଣୁ ଜନ୍ମ-ମୃତ୍ୟୁର ମାୟା ଆତ୍ମଜ୍ଞାନ ପ୍ରାପ୍ତ କରିବାରେ ମୁଖ୍ୟ ପ୍ରତିବନ୍ଧକ ହୋଇଥାଏ । ରାଗ-ଦ୍ୱେଷ ଯଦି ସଂସାର ଅଭିମୁଖୀ ନ ହୋଇ ଇଶ୍ୱରାଭିମୁଖୀ ହୁଏ, ତାହାହେଲେ ଜୀବନର ପରମ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଯାଏ । ରାମାନୁଜଙ୍କ ମତାନୁସାରେ, ସୁଖ ପ୍ରତି ଇଚ୍ଛା ଏବଂ ଦୁଃଖ ପ୍ରତି ଦ୍ୱେଷ 'ଗୁଣର' ଦ୍ୱିଭାଜନ କାରଣରୁ ହୁଏ । ଶରୀରପ୍ରତି ମୋହର ମୂଳ କାରଣ ହେଉଛି; - ଅନ୍ତଃକରଣରେ ରହିଥିବା ପୂର୍ବଜନ୍ମର ସଂସ୍କାର । ଏହି ଜନ୍ମର କର୍ମ ଅଭିଜ୍ଞତାରୁ ପର ଜନ୍ମ ନିମନ୍ତେ ସଂସ୍କାର ତିଆରି ହୋଇଥାଏ । ମାନସିକ ଅଭ୍ୟାସଗତ ବାସନା ସବୁ ହେଉଛି ମାୟାଶକ୍ତି, ଯାହା ଜନ୍ମ ମୁହୂର୍ତ୍ତରେ ହିଁ ମନୁଷ୍ୟକୁ କ୍ରିୟମାଣ କରି ସଂସାରରେ ଆଗକୁ ନେଇଥାଏ । ଜ୍ଞାନୀଜନ ଏହି ମାୟାଶକ୍ତିର ସାହାଯ୍ୟ ନେଇ ଭଗବାନଙ୍କୁ ପ୍ରାପ୍ତି ହେଉଥିବା ବେଳେ ଅଜ୍ଞାନୀ ଜନ ମାୟାଶକ୍ତିରେ ମୂଢତା ପ୍ରାପ୍ତ ହୋଇ ସଂସାରରେ ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲୁଥାଏ ।

ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।
ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢବ୍ରତାଃ ॥ ୨୮॥

*ଅନ୍ୱୟ: ତୁ ( କିନ୍ତୁ) ଯେଷାଂ ( ଯେଉଁ ) ପୁଣ୍ୟକର୍ମଣାମ୍ ( ପୁଣ୍ୟଶୀଳ ) ଜନାନାଂ ( ମନୁଷ୍ୟ ମାନଙ୍କର) ପାପଂ ( ପାପ ସମୂହ) ଅନ୍ତଗତମ୍ ( ସମ୍ପୂର୍ଣ୍ଣରୂପରେ ବିନଷ୍ଟ ହୋଇଛି) ତେ ( ସେହି ସମସ୍ତ ମନୁଷ୍ୟ) ଦ୍ୱନ୍ଦ୍ୱ-ମୋହ- ନିଃମୁକ୍ତାଃ ( ଦ୍ୱନ୍ଦ୍ୱ-ମୋହ ଶୂନ୍ୟ ଚିତ୍ତରେ ) ଦୃଢବ୍ରତାଃ ( ଦୃଢତାର ସହିତ- ନିଶ୍ଚୟାତ୍ମିକ ବୁଦ୍ଧିରେ) ମାମ୍ ( ମୋର) ଭଜନ୍ତେ ( ଭଜନା କରନ୍ତି ) ।*

**ଭାବାର୍ଥ**: ଭଗବାନ ପୂର୍ବ ପଦରେ କହିଛନ୍ତି କି' ଜୀବ ଜନ୍ମ ହେବାମାତ୍ରେ ମାୟାର ଅଧୀନକୁ ଚାଲି ଯାଇଥାଏ । ତାହା ହେଲେ ପ୍ରଶ୍ନ ଉଠେ - କେଉଁ ମନୁଷ୍ୟ ମାୟାକୁ ଆଡେଇ ଭଗବାନଙ୍କ ପ୍ରାପ୍ତି ନିମନ୍ତେ ତାଙ୍କର ଭଜନ କରିଥାଏ ? ଏହାର ସମାଧାନରେ ଭଗବାନ କହୁଛନ୍ତି; - ପୂର୍ବ ଜନ୍ମର ସଂସ୍କାର ଏବଂ ଏହି ଜନ୍ମର ପୁଣ୍ୟକର୍ମ ପ୍ରଭାବରେ ମନୁଷ୍ୟର ସମସ୍ତ ପାପ ବିନଷ୍ଟ ହୋଇଥାଏ । ଯେଉଁମାନେ ନିଷ୍ପାପ ଏବଂ ପୁଣ୍ୟକର୍ମା ହୋଇଥାନ୍ତି, ଦ୍ୱନ୍ଦ୍ୱମୋହରୁ ମୁକ୍ତ ହୋଇ ନିଶ୍ଚୟାତ୍ମିକ ବୁଦ୍ଧିରେ ସେହି ପୁଣ୍ୟାତ୍ମା ମାନେ ଦୃଢତାର ସହିତ ମୋରି ଭଜନା କରିଥାନ୍ତି । ଶାସ୍ତ୍ର ବିହିତ ଯଜ୍ଞ, ଦାନ, ତପ ଆଦି ଶ୍ରେଷ୍ଠ କର୍ମ ତଥା ସ୍ୱଧର୍ମ ପାଳନ ପୂର୍ବକ ନିଷ୍କାମ କର୍ମ ଆଚରଣରେ ଦୁର୍ଗୁଣ, ଦୁରାଚାର ଆଦି ସମସ୍ତ ଦୋଷଗୁଣ ନଷ୍ଟ ହୁଏ । ଯାହାର ଅନ୍ତଃକରଣ

ପାପକର୍ମ ପ୍ରତିକ୍ରିୟାରୁ ମୁକ୍ତ ହୋଇଛି, ସଂସାରର ଦ୍ୱନ୍ଦ୍ୱମୋହ ପୁନଃ ଅନ୍ତଃକରଣରେ ପ୍ରବେଶ କରିପାରେ ନାହିଁ, ସେହିମାନେ ଭଗବାନଙ୍କ ଶୁଦ୍ଧଭକ୍ତ ରୂପରେ ଭଗବତ୍ ଜ୍ଞାନ-ବିଜ୍ଞାନ ସ୍ୱରୂପ ବୁଝିପାରି ନିତ୍ୟ ଭଗବଦ ଯୁକ୍ତ ହୋଇ ରୁହନ୍ତି । କଳଙ୍କି ଲାଗିଥିବା ଲୁହାଖଣ୍ଡ ଯେପରି ଚୁମ୍ବକ ପ୍ରତି ଆକର୍ଷିତ ହୋଇ ନ ଥାଏ, ଦ୍ୱନ୍ଦ୍ୱମୋହ ଯୁକ୍ତ ଚିତ୍ତବୃତ୍ତି ସେହିପରି ପରମାତ୍ମା ଧ୍ୟାନରେ ଲାଗି ନ ଥାଏ । ପରମାତ୍ମାଙ୍କ ଭଜନାରେ ମନ ଲଗାଇ ରଖିବା ସାମାନ୍ୟ କଥା ନୁହେଁ । ଦିବ୍ୟସ୍ତର ପ୍ରାପ୍ତି ନିମନ୍ତେ ଅନ୍ତଃକରଣର ଶୁଦ୍ଧତା ଆବଶ୍ୟକ । ପାପ ମନୁଷ୍ୟର ସ୍ୱଭାବ ନୁହେଁ । ବିବେକର ଅଭାବ ଏବଂ ବୁଦ୍ଧିର ଭୁଲ ବିଚାରରେ ମନୁଷ୍ୟ ପାପ ଅର୍ଜନ କରିଥାଏ । ନିର୍ମଳ ହୃଦୟରେ 'ମୁଁ ଆଜିଠାରୁ ଆଉ ପାପ କର୍ମରେ ଲିପ୍ତ ହେବି ନାହିଁ, ଏହି ଦୃଢ ସଂକଳ୍ପ କରି ଭଗବାନଙ୍କ ଶରଣାପନ୍ନ ହେଲେ ପାପର ଅନ୍ତ ଘଟିଥାଏ । ଭଗବତ୍ ପ୍ରାପ୍ତି ପ୍ରତି ଶ୍ରଦ୍ଧା, ନିସ୍ୱାର୍ଥଭାବ, ନିଷ୍କାମ କର୍ମ, ଶାସ୍ତ୍ର ଅଧ୍ୟୟନ, ସଂସାର ସେବା- ଏ ସମସ୍ତ କର୍ମ ଦ୍ୱାରା ପୂଣ୍ୟ ଅର୍ଜନ ହୋଇଥାଏ । ପୁଣ୍ୟକର୍ମ ଦ୍ୱାରା କର୍ମଯୋଗ ସିଦ୍ଧତା ପ୍ରାପ୍ତିହୁଏ ଏବଂ ଜନ୍ମ ଜନ୍ମାନ୍ତରର ପାପ ସଂସ୍କାର ନଷ୍ଟ ହୁଏ । ପୂର୍ବଜନ୍ମ ଏବଂ ଏହି ଜନ୍ମର ଶୁଭ ସଂସ୍କାର ଯୋଗୁଁ ସେହି ପୁଣ୍ୟାତ୍ମା ଭଗବାନଙ୍କ ଶୁଦ୍ଧଭକ୍ତ ହୁଏ । ସାଂସାରିକ ଦୁଃଖ ସୁଖ ଆଦିର ସଂଯୋଗ-ବିୟୋଗ ହୋଇମଧ୍ୟ, କେବେ କୌଣସି ଅବସ୍ଥାରେ ଅନ୍ତରରେ ବିକାର ସୃଷ୍ଟି ନ ହେବାକୁ, ଏହି ଶ୍ଳୋକରେ "ଦ୍ୱନ୍ଦ୍ୱମୋହନିର୍ମୁକ୍ତା" କୁହାଯାଇଛି । ସଂସାର ଠାରୁ ବିମୁଖ ହୋଇ ପରମାତ୍ମାଙ୍କ ପ୍ରତି ସମ୍ମୁଖ ହେବା, ସମସ୍ତ ଦର୍ଶନ ତତ୍ତ୍ୱର ସାର ବସ୍ତୁ । ସନ୍ଥମାନେ ଭୌତିକ ଦୁଃଖ ଓ ପ୍ରତିକୂଳ ପରିସ୍ଥିତିକୁ ଆଦର କରି ନେଇଥାନ୍ତି, କାରଣ ଏହାଦ୍ୱାରା ପୁରାତନ ପାପ ନଷ୍ଟ ହୁଏ, କ୍ରିୟମାଣ କର୍ମରେ ଅଧିକ ତତ୍ପରତା ଓ ସାବଧାନତା ରହେ । ଭୌତିକ ସୁଖ ଓ ଅନୁକୂଳ ପରିସ୍ଥିତିରେ ପୁରାତନ ପୂଣ୍ୟ କ୍ଷୟ ହୁଏ ଏବଂ ଇନ୍ଦ୍ରିୟ ଭୋଗରେ ଲିପ୍ତ ହେବାର ସମ୍ଭାବନା ଥାଏ । ତେଣୁ କର୍ମଯୋଗ ସିଦ୍ଧାନ୍ତ ଅନୁସାରେ, ସୁଖ ପ୍ରାପ୍ତିହେଲେ ତାହାକୁ ସଂସାରରେ ଅନ୍ୟମାନଙ୍କୁ ନିସ୍ୱାର୍ଥ ଭାବରେ ବାଣ୍ଟି ଦେବାକୁ ହେବ ଯେଉଁଥିରେ ପୁନଃ ପୂଣ୍ୟ ଅର୍ଜନ ହେବ । ସ୍ୱାମୀ ଶିବାନନ୍ଦ ମହାରାଜ ଏହି ଶ୍ଳୋକର ବ୍ୟାଖ୍ୟାରେ କହିଛନ୍ତି କି, "ପୁଣ୍ୟକର୍ମ ଦ୍ୱାରା ସତ୍ତ୍ୱ ବୃଦ୍ଧିହୁଏ, ରାଜସ, ତାମସ କ୍ରମଶଃ ଦୁର୍ବଳ ହୁଏ । ମନ ପ୍ରଶାନ୍ତ ରହେ, ବୁଦ୍ଧି ନିଶ୍ଚଳ ହୁଏ । ଅହଂକାରର ମୃତ୍ୟୁ ଘଟେ । ଆଧ୍ୟାତ୍ମିକ ମାର୍ଗରେ ଅଭିବୃଦ୍ଧି ଆରମ୍ଭ ହେବାକୁ ଲାଗେ । ଅନ୍ତଃକରଣରେ ଦିବ୍ୟ ଚେତନା ଦିନକୁ ଦିନ ତେଜସ୍କ୍ରିୟ ହୋଇଉଠେ । ଭଗବାନଙ୍କୁ ଭୁଲିଯାଇ ବଞ୍ଚିବା ସବୁଠାରୁ ବଡ ପାପ । ନିଜକୁ ଏବଂ ବାହାର ଜଗତକୁ ପରମାତ୍ମାଙ୍କଠାରୁ ଅଲଗା ମାନିବା ପାପ । ଶରୀରକୁ 'ମୁଁ ମାନିନେବା, ସଂସାର ପ୍ରପଞ୍ଚକୁ ନିତ୍ୟ ମାନିନେବା ହେଉଛି ପାପ । ସ୍ୱାର୍ଥ, ଅହଂକାର, ଅଜ୍ଞାନ ଏସବୁ ହେଉଛି ପାପ । ଯେଉଁ ବ୍ୟକ୍ତି ଭଗବତ୍ ପ୍ରାପ୍ତି ଲକ୍ଷ୍ୟରେ ଅଟଳ ରହେ, ବର୍ତ୍ତମାନ ହିଁ ଆତ୍ମା ସାକ୍ଷାତ୍କାର କରିବାର ସେ ଦୃଢ ସଂକଳ୍ପ କରିନିଏ । ଆତ୍ମା ସାକ୍ଷାତ୍କାର ପ୍ରାପ୍ତି ହେବା ପର୍ଯ୍ୟନ୍ତ ଇଞ୍ଚେ ମାତ୍ର ଧ୍ୟାନରୁ ନ ଘୁଞ୍ଚିବା ପାଇଁ ଦୃଢମନା ହୋଇଥାଏ । ତାହାର ଏହି ଦୃଢ ସ୍ୱୀକୃତି ଥାଏ କି, ନିତ୍ୟ, ଶୁଦ୍ଧ ସର୍ବବ୍ୟାପକ ପରମାତ୍ମା ହିଁ କେବଳ ନିର୍ବିଶେଷ ତତ୍ତ୍ୱ ।

ଏହି ସଂସାର ପ୍ରପଞ୍ଚ ମରୁଭୂମିର ମରୀଚିକା ସାଦୃଶ୍ୟ ଅନିତ୍ୟ । ସେହି ଭକ୍ତ ସମ୍ପୂର୍ଣ୍ଣ ରୂପରେ ବୁଝିଥାଏ କି, ଅମରତ୍ୱ, ଚିରନ୍ତନ ଶାନ୍ତି ଓ ନିତ୍ୟ ଆନନ୍ଦ କେବଳ ଆତ୍ମ ସାକ୍ଷାତ୍କାରରେ ମିଳିଥାଏ, କାରଣ ସଂସାର ଭୋଗ ପଦାର୍ଥରେ ଟୋପାଏ ମଧ୍ୟ ସୁଖ ନାହିଁ ।"

ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।
ତେ ବ୍ରହ୍ମ ତଦ୍ ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଳମ୍ ॥୨୯॥

*ଅନ୍ୱୟ: ଯେ ( ଯେଉଁମାନେ) ଜରା-ମରଣ-ମୋକ୍ଷାୟ ( ବୃଦ୍ଧ ଓ ମୃତ୍ୟୁ କାଳୀନ ଯନ୍ତ୍ରଣାରୁ ମୁକ୍ତି ନିମନ୍ତେ ) ମାମ୍ (ମୋତେ) ଆଶ୍ରିତ୍ୟ ( ଆଶ୍ରୟ କରି) ଯତନ୍ତି ( ଭଜନା କରନ୍ତି) ତେ ( ସେହିମାନେ) ତଦ୍ ବ୍ରହ୍ମ ( ସେହି ସନାତନ ବ୍ରହ୍ମକୁ ) କୃତ୍ସ୍ନଂ- ଅଧ୍ୟାତ୍ମମ୍ (ସମଗ୍ର ଅଧ୍ୟାତ୍ମ ତତ୍ତ୍ୱକୁ ) ଚ ( ଏବଂ) ଅଖିଳଂ କର୍ମ ( କର୍ମର ସମ୍ପୂର୍ଣ୍ଣତା ) ବିଦୁଃ (ଜାଣିପାଆନ୍ତି) ।*

**ଭାବାର୍ଥ**: ଯେଉଁମାନେ ବୃଦ୍ଧାବସ୍ଥା ଏବଂ ମୃତ୍ୟୁକାଳୀନ ଯନ୍ତ୍ରଣାରୁ ମୁକ୍ତି ନିମନ୍ତେ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କ ଆଶ୍ରିତ ହୋଇ ସମାହିତ ଚିତ୍ତରେ ଧ୍ୟାନ କରନ୍ତି, ସେହି ସନାତନ ପରବ୍ରହ୍ମ, ସମଗ୍ର ଅଧ୍ୟାତ୍ମ ତତ୍ତ୍ୱ ଏବଂ ସମୁଦାୟ କର୍ମ ରହସ୍ୟକୁ ସେହିମାନେ ଉତ୍ତମ ଭାବରେ ଜାଣି ପାରିଥାନ୍ତି । ଶରୀରର ଜନ୍ମ, ବୃଦ୍ଧି, ବ୍ୟାଧି, କ୍ଷୟ ଓ ମୃତ୍ୟୁ ଆଦି ଭୌତିକ ପରିବର୍ତ୍ତନରେ ଯେଉଁ ସବୁ ଶାରୀରିକ ଓ ମାନସିକ ପୀଡା ଅନୁଭବ ହୁଏ, ସେଥିରୁ ମୁକ୍ତି ଲକ୍ଷ୍ୟରେ ଭଗବାନଙ୍କୁ ନିତ୍ୟ ନିରନ୍ତର ଧ୍ୟାନ କରି ଶାସ୍ତ୍ର ଆଜ୍ଞାନୁସାରେ ଉଦ୍ୟୋଗ କରିବା ହେଉଛି ଭଗବାନଙ୍କୁ ଆଶ୍ରିତ ହେବା । ଯୋଗାଭ୍ୟାସରେ ସିଦ୍ଧତା ପ୍ରାପ୍ତି କଲେ ମଧ୍ୟ, ଶରୀର କ୍ଷୀଣ ହୋଇ ବୃଦ୍ଧାବସ୍ଥା ଏବଂ ମୃତ୍ୟୁ ନିଶ୍ଚିତ ଆସିବ । କିନ୍ତୁ ବ୍ରହ୍ମ ତତ୍ତ୍ୱ, ଅଧ୍ୟାତ୍ମ ତତ୍ତ୍ୱ ଏବଂ କର୍ମ ତତ୍ତ୍ୱର ଜ୍ଞାନ ହୋଇ ସାରିଲାପରେ, ଶରୀର ସହିତ ସମ୍ବନ୍ଧ ଛିନ୍ନ ହୋଇ ଯାଇଥାଏ ଏବଂ ଆତ୍ମାଶକ୍ତିର ନିତ୍ୟସୁଖ ବୋଧରେ, ଶାରୀରିକ ଓ ମାନସିକ ପୀଡା ଅନୁଭବ ହୋଇ ନ ଥାଏ । ଅନ୍ତଃକରଣରୁ ସମସ୍ତ ପାପ ନଷ୍ଟ ହୋଇ ତତ୍ତ୍ୱବୋଧ ହୋଇ ଗଲାପରେ, ଭୌତିକ ଶରୀର ଦିବ୍ୟ ଶରୀର ହୋଇଯାଏ । ଦିବ୍ୟ ଶରୀରରେ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ରହି ଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ରହି ନ ଥାଏ । ଦିବ୍ୟ ଶରୀର ଯାହାକୁ ପ୍ରାପ୍ତିହୁଏ, ସେ ହିଁ ବାସ୍ତବରେ ଜୀବନମୁକ୍ତ । ଅହଂ ଭାବ ଓ ମମତାରୁ ମୁକ୍ତ ହୋଇଗଲେ ଜରା, ମରଣ ଆଦିରୁ ମଧ୍ୟ ମୁକ୍ତି ମିଳିଯିବ । କାରଣ ଶରୀର ସଙ୍ଗେ ସ୍ୱୀକୃତ ସମ୍ବନ୍ଧ ହିଁ ଜନ୍ମ-ମୃତ୍ୟୁର ମୂଳ କାରଣ । "ଅହଂ ବ୍ରହ୍ମ ଅସ୍ମି" ଏବଂ "ବାସୁଦେବଃ ସର୍ବଂ ଇତି" ଏହି ବ୍ରହ୍ମ ଧାରଣା ଜ୍ଞାନଯୋଗ ହେଉ କିମ୍ବା କର୍ମଯୋଗ ହେଉ, ଯେ କୌଣସି ଯୋଗମାର୍ଗର ପରିପକ୍ୱତାରେ ପ୍ରାପ୍ତି ହୋଇଥାଏ । ଅନନ୍ୟ ଭକ୍ତି ଦ୍ୱାରା ଏହି ବ୍ରହ୍ମ ଧାରଣା ଦୃଢ ହୋଇଗଲେ, ଶୁଦ୍ଧ ଭକ୍ତବୃନ୍ଦ ଦିବ୍ୟଭାବରେ ବ୍ରହ୍ମସ୍ତରରେ ଅବସ୍ଥାନ କରନ୍ତି । ବାସୁଦେବ ହିଁ ବ୍ରହ୍ମ, ବାସୁଦେବ ହିଁ କର୍ମ, ଜ୍ଞାନ, ଜ୍ଞାତା, ଜ୍ଞେୟ – ଧ୍ୟାନ, ଧ୍ୟେୟ, ଧ୍ୟାତା,- ସବୁକିଛି ସେ' । ଏହି ଅପରୋକ୍ଷ ଅନୁଭୂତି ପ୍ରାପ୍ତ ହୋଇଗଲେ ଜନ୍ମ-ମରଣ ବନ୍ଧନରୁ ସ୍ୱତଃ ମୁକ୍ତି ହୋଇଯାଏ । ଏହି ଅନୁଭୂତି ରହି ଶରୀରର ତ୍ୟାଗ ହିଁ ମୋକ୍ଷପ୍ରାପ୍ତି । ସଂସାର ପ୍ରତି ବିମୁଖ ହୋଇ, ଭଗବାନଙ୍କୁ ଆଶ୍ରାକରି ପ୍ରଯତ୍ନ କଲେ, ଭଗବାନଙ୍କର

କୃପା ଏବଂ ପ୍ରେମ ଲାଭ ହୁଏ । ଭଗବାନଙ୍କ ଶୁଦ୍ଧ ଭକ୍ତ ହୋଇ, ତାଙ୍କର ଅପାର କୃପା ହେଲେ ହିଁ କେବଳ ପରମାତ୍ମାତତ୍ତ୍ୱ, ଅଧ୍ୟାତ୍ମ ଓ କର୍ମ ତତ୍ତ୍ୱକୁ ଜାଣିହେବ । ଏହି ଶ୍ଳୋକରେ "ତଦ୍ ବ୍ରହ୍ମ" ପଦରେ ନିର୍ଗୁଣ, ନିରାକାର ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାଙ୍କୁ ନିର୍ଦ୍ଦେଶ କରାଯାଇଛି । ସ୍ଥାବର ଜଙ୍ଗମ ଯେତେ ସବୁ ଜୀବ ଅଛନ୍ତି, ତାଙ୍କରି ଭିତରେ ଯେଉଁ ନିତ୍ୟ ଶୁଦ୍ଧ ସ୍ୱରୂପ ରହିଛି, ତାହା ଜୀବର ଅପରା ପ୍ରକୃତିରେ ନିର୍ମିତ ଶରୀରଠାରୁ ପୃଥକ୍ । ସେହି ନିତ୍ୟ ଆତ୍ମସ୍ୱରୂପ ବୋଧ ହେବା ଏବଂ ସମସ୍ତ ଜୀବ ସମୁଦାୟ ପରମାତ୍ମାଙ୍କ ଠାରୁ ଅଭିନ୍ନ ବୋଲି ଅନୁଭବ କରିବା ହେଇଛି ଅଧ୍ୟାତ୍ମତତ୍ତ୍ୱକୁ ଜାଣିବା । ଯାହାଙ୍କଠାରୁ ସମସ୍ତ ଜୀବର ଉତ୍ପତ୍ତି ଏବଂ ଯାହାଙ୍କର ଶୁଦ୍ଧ ଚୈତନ୍ୟ ସ୍ୱରୂପରୁ ସମସ୍ତ ପ୍ରଚେଷ୍ଟା ଉତ୍ପତ୍ତି ହୋଇଥାଏ, ଭଗବାନଙ୍କର ସେହି ଆଦି ସଙ୍କଳ୍ପ ରୂପ 'ବିସର୍ଗ' ର ନାମ କର୍ମ । ଭଗବାନଙ୍କ ସଂକଳ୍ପ ହେବାରୁ କର୍ମ ମଧ୍ୟ ଭଗବାନଙ୍କ ଠାରୁ ଅଭିନ୍ନ । ସୃଷ୍ଟିର ରଚନା କାହିଁକି ଏବଂ କିପରି ଭାବରେ ପରମାତ୍ମାଙ୍କ ଦ୍ୱାରା ରଚାଯାଇଛି, ଏହି ସମସ୍ତ କର୍ମର ବାସ୍ତବିକ ତତ୍ତ୍ୱକୁ ଜାଣିବା ହେଲା 'କର୍ମ ଚ ଅଖିଳଂ' । ବ୍ରହ୍ମ, ଅଧ୍ୟାତ୍ମ, କର୍ମ ସବୁକିଛି ଭଗବଦ୍ ସ୍ୱରୂପ ଏବଂ ଭଗବାନଙ୍କ ଅତିରିକ୍ତ ଏହି ମାନଙ୍କ କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ । 'ଜରା ଓ ମୃତ୍ୟୁ ଅନିବାର୍ଯ୍ୟ'- ଏହି ଧାରଣା ପୋଷଣ କରି କେହି କେବେ ଜୀବନରେ ସର୍ବୋଚ୍ଚ ସଫଳତା ପ୍ରାପ୍ତିର ପ୍ରଚେଷ୍ଟାରୁ ନିଜକୁ ବଞ୍ଚିତ କରି ନ ଥାଏ । ମୃତ୍ୟୁ ମନୁଷ୍ୟକୁ ଜାଗ୍ରତ କରାଏ, ନିଜ ଭିତରେ ଥିବା ନିତ୍ୟ ଶାଶ୍ୱତ ତତ୍ତ୍ୱକୁ ଜାଣିବା ପାଇଁ ପ୍ରେରଣା ଦେଇଥାଏ । ମୃତ୍ୟୁର ନିର୍ଭୁଲ ତତ୍ତ୍ୱକୁ ଖୋଜିବାକୁ ଲାଗିଲେ, ମନୁଷ୍ୟ ତାହାରି ଭିତରେ ନିଜ ଆତ୍ମସ୍ୱରୂପକୁ ଚିହ୍ନି ପାରିବ, ସମଗ୍ର ସଂସାର ସତ୍ୟ ବ୍ରହ୍ମରେ ପରିବ୍ୟାପ୍ତ ବୋଲି ବୁଝିପାରିବ ଓ ସଂସାର କର୍ମ ଶୈଳୀକୁ ଜାଣିପାରିବ ।

ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ ।
ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ ॥ ୩୦॥

*ଅନ୍ୱୟ: ଯେ ( ଯେଉଁମାନେ ) ସ-ଅଧିଭୂତ-ଅଧିଦୈବଂ {ଅଧିଭୂତ (ସମସ୍ତ ଜୀବ ଓ ଜଡ ଜଗତର ପ୍ରଭୁ ଏବଂ ଈଶ୍ୱର) ଓ ଅଧିଦୈବ ( ବ୍ରହ୍ମାଙ୍କ ସମେତ ସମସ୍ତ ଇନ୍ଦ୍ରିୟ ଦେବତା ମାନଙ୍କ ନିୟନ୍ତ୍ରଣକାରୀ) ସହ} ଚ ( ଏବଂ ) ସ-ଅଧିଯଜ୍ଞଂ {ଅଧିଯଜ୍ଞ (ସମସ୍ତ ଯଜ୍ଞାଦି କର୍ମର ଭୋକ୍ତା ଏବଂ ରକ୍ଷାକର୍ତ୍ତା) ସହ} ମାଂ ( ମୋତେ) ବିଦୁଃ ( ଜାଣନ୍ତି ) ତେ ( ସେହି ) ଯୁକ୍ତ ଚେତସଃ (ଅନୁରକ୍ତ ଚିତ୍ତ ଭକ୍ତଗଣ ) ପ୍ରୟାଣକାଳେ (ମୃତ୍ୟୁ କାଳରେ ) ଅପି ( ମଧ୍ୟ) ମାଂ (ମୋତେ ଅର୍ଥାତ୍ ବାସୁଦେବଙ୍କୁ ) ଚ ( ହିଁ ) ବିଦୁଃ { ଜାଣନ୍ତି ଅର୍ଥାତ୍ ମୋତେ (ବାସୁଦେବଙ୍କୁ) ସ୍ମରଣ କରନ୍ତି } ।*

**ଭାବାର୍ଥ**: ଯେଉଁ ଅନନ୍ୟଭକ୍ତ ମୋତେ ସମଗ୍ର ଚରାଚର ଭୂତ ସମୂହର ପ୍ରଭୁ ଏବଂ ଈଶ୍ୱର ବୋଲି ଜାଣିଥାନ୍ତି, ବ୍ରହ୍ମା ସମେତ ସମସ୍ତ ଦେବଗଣ ମୋରି ସ୍ୱରୂପ ଅନ୍ତର୍ଗତ ବୋଲି ବୁଝିଥାନ୍ତି ଏବଂ ଅନ୍ତର୍ଯାମୀ ରୂପରେ 'ମୁଁ ହିଁ ସମସ୍ତ ଯଜ୍ଞାଦି କର୍ମର ଅନୁଷ୍ଠାନକାରୀ ଏବଂ ଭୋକ୍ତା ବୋଲି ମନେ କରିଥାନ୍ତି, ସେହି ଯୁକ୍ତଚେତା ଭକ୍ତଗଣ ମୃତ୍ୟୁ କାଳରେ ମଧ୍ୟ ଯେ' କୌଣସି ରୂପରେ ମୋର ହିଁ ସ୍ମରଣ କରି ମୋତେ ପ୍ରାପ୍ତ ହୋଇଥାନ୍ତି । ସଂସାରରୁ ଉପରତ ହୋଇ ଯେଉଁମାନେ ଭଗବାନଙ୍କଠାରେ ଯୁକ୍ତ ହୋଇ ରହିଥାନ୍ତି, ସେହିମାନଙ୍କୁ ଯୁକ୍ତଚେତା ବୋଲି

ଏହି ଶ୍ଳୋକରେ ଭଗବାନ କହିଛନ୍ତି । ମୋରିଠାରେ ସ୍ଥିତ ହୋଇ ରହିଥିବା ଭକ୍ତ ଶରୀର ତ୍ୟାଗ ଅବସ୍ଥାରେ 'ବାସୁଦେବଃ ସର୍ବଂ' ବ୍ରହ୍ମ ଚିନ୍ତନରୁ ବିଚ୍ୟୁତ ହୋଇ ନ ଥାନ୍ତି । ବାସୁଦେବ ଶ୍ରୀକୃଷ୍ଣଙ୍କ ଠାରେ ସମାହିତ ଚିତ୍ତ ଭକ୍ତମାନଙ୍କୁ ଅନ୍ତକାଳରେ ସାଲୋକ୍ୟାଦି ରୂପକ ମୁକ୍ତି ପ୍ରାପ୍ତି ହୋଇଥାଏ । ତମୋଗୁଣ ପ୍ରଧାନ ଭୌତିକ ସ୍ଥୂଳ ସୃଷ୍ଟିର ନାମ ଅଧିଭୂତ । ଭଗବାନଙ୍କ ବିନା ଭୌତିକ ସ୍ଥୂଳ ସୃଷ୍ଟି ଅର୍ଥାତ୍ ଅଧିଭୂତର ସତ୍ତା ଅସମ୍ଭବ । ରଜୋଗୁଣ ପ୍ରଧାନ ହିରଣ୍ୟଗର୍ଭ ବ୍ରହ୍ମାଙ୍କ ନାମ ଅଧିଦୈବ । ଭଗବାନ ନିଜେ ବ୍ରହ୍ମାଙ୍କ ରୂପରେ ପ୍ରକଟ ହୁଅନ୍ତି । ତତ୍ତ୍ୱ ଦୃଷ୍ଟିରୁ ସମସ୍ତ ଦେବତାଙ୍କ ଅନ୍ତରାଳରେ ପରମାତ୍ମା ତତ୍ତ୍ୱ ହିଁ ବିଦ୍ୟମାନ । ସତ୍ତ୍ୱଗୁଣ ପ୍ରାଧାନ୍ୟ ଅନ୍ତର୍ଯାମୀ ରୂପରେ ସର୍ବତ୍ର ବ୍ୟାପ୍ତ ଭଗବାନ ବିଷ୍ଣୁଙ୍କର ନାମ ଅଧିଯଜ୍ଞ । ସତ୍ ସଙ୍ଗ, ଗୁରୁବାକ୍ୟ, ଶାସ୍ତ୍ର ଅଧ୍ୟୟନ, ସାଧୁ ସନ୍ଥ ସଙ୍ଗ ଦ୍ୱାରା ଅନ୍ତରରେ ଭଗବତ୍ ଚେତନା ଉଦ୍ରେଗ ହୁଏ । ପ୍ରକୃତି ଓ ପ୍ରକୃତିର କାର୍ଯ୍ୟଠାରୁ ସର୍ବଥା ସମ୍ବନ୍ଧ ତୁଟାଇ ଭଗବତ୍ ସ୍ୱରୂପରେ ସ୍ଥିତ ହୋଇଗଲେ ଶରୀର ଓ ସଂସାରର ସ୍ୱତନ୍ତ୍ର ସତ୍ତା ଭଗବତ୍ ତତ୍ତ୍ୱରେ ଲୀନ ହୋଇଯାଏ । ନିଜ ଆତ୍ମା ସ୍ୱରୂପର ଯଥାର୍ଥ ଜ୍ଞାନ ପ୍ରାପ୍ତହୁଏ । ଭଗବାନଙ୍କ ଅହୈତୁକୀ କୃପା ବଳରେ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରେମ ଦୃଢ ହୁଏ । ଭଗବାନଙ୍କ ଦିବ୍ୟ ଲୀଳା ଶ୍ରବଣ, ନାମ ଜପ, ଗୁଣ କୀର୍ତ୍ତନ ଆଦି ପ୍ରତ୍ୟକ୍ଷ ଭଗବଦ ରସ ଅଟେ । ଭଗବାନ ଶ୍ରୀକୃଷ୍ଣ ହିଁ ତତ୍ତ୍ୱତଃ ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ । ଶ୍ରୀକୃଷ୍ଣ ହିଁ ସମଗ୍ର ଭଗବାନ । ଭକ୍ତକୁ ଦିବ୍ୟ ଚୈତନ୍ୟରେ ପରମାତ୍ମାଙ୍କ ସମଗ୍ର ସ୍ୱରୂପ "ବାସୁଦେବଃ ସର୍ବଂ" ଭାବରେ ଜ୍ଞାନ ଚକ୍ଷୁରେ ଦର୍ଶନ ହୋଇଥାଏ । ମୃତ୍ୟୁ କାଳରେ ଯାହା ମଧ ସ୍ମରଣ ହେବ, ତାହା ବାସୁଦେବ ବୋଲି ଅନୁଭବ ହେବ । ଯିଏ ଅଧିଭୂତ ଭାବରେ ଭଗବାନଙ୍କୁ ଜାଣିଛି, ମୃତ୍ୟୁକୁ ମଧ ସେ ଭଗବାନଙ୍କ ସ୍ୱରୂପ ବୋଲି ବୁଝିପାରିଛି । କାରଣ ଅଧିଭୂତର ନାମ ହିଁ ମୃତ୍ୟୁ । ମୃତ୍ୟୁର ପୂର୍ବରୁ ଶରୀର ପ୍ରତି ମୋହ ହିଁ ଯନ୍ତ୍ରଣା ଦାୟକ । କିନ୍ତୁ ମୃତ୍ୟୁ ଅତି ସହଜ ପ୍ରକ୍ରିୟା ଯାହା ଗୀତାରେ କୁହାଯାଇଛି ( ଅମୃତଂ ଚୈବ ମୃତ୍ୟୁଶ୍ଚ ଅ.୯/ଶ୍ଳୋ.୧୯)-ସ୍ୱୟଂ ଭଗବାନ ହିଁ ମୃତ୍ୟୁ ରୂପରେ ଉପସ୍ଥିତ ହୋଇଥାନ୍ତି । ନିର୍ଗୁଣ ଉପାସକ ପରମାତ୍ମାଙ୍କୁ ସାରା ସଂସାରରେ ବ୍ୟାପ୍ତ ମନେକରି ଚିନ୍ତନ କରିଥାନ୍ତି । ପ୍ରକୃତରେ ଭଗବାନଙ୍କୁ ସଗୁଣ-ନିର୍ଗୁଣ, ସାକାର-ନିରାକାର ଆଦି ସବୁକିଛି କୁହା ଯାଇପାରେ । ଆକାଶର ଶବ୍ଦ ରୂପକ ଗୁଣ ରହିଛି, ମାତ୍ର ଆକାର ନାହିଁ । ସେହିପରି ପ୍ରକୃତି ଓ ପ୍ରକୃତିର କାର୍ଯ୍ୟରୂପୀ ସଂସାରରେ ପରମାତ୍ମାଙ୍କ ନାମ, ଲୀଳା ହେଉଛି ସଗୁଣ, କିନ୍ତୁ ସେ' ନିରାକାର । ଅଧିଭୂତ, ଅଧିଦୈବ, ଅଧିଯଜ୍ଞ ହେଲା ପରମାତ୍ମାଙ୍କ ସଗୁଣ ସାକାର ସ୍ୱରୂପ । ପରମାତ୍ମା ଦିବ୍ୟ ପ୍ରକୃତିକୁ ଅଧିଷ୍ଠିତ କରି ଯୋଗମାୟା ଦ୍ୱାରା ମର୍ତ୍ତ୍ୟଲୋକରେ ଆବିର୍ଭାବ ହେଲେ, ତାହା ତାଙ୍କର ସଗୁଣ-ସାକାର ରୂପ । ପରମାତ୍ମା ସଗୁଣ-ସାକାର ହୁଅନ୍ତୁ କିମ୍ବା ସଗୁଣ-ନିରାକାର ହୁଅନ୍ତୁ, ସେ' ପ୍ରକୃତିର ଗୁଣ ତ୍ରୟରୁ ସର୍ବଥା ରହିତ ଓ ଅତୀତ ।

**ଅଧ୍ୟାୟର ନିଷ୍କର୍ଷ :**

ଅଧ୍ୟାୟ ଆରମ୍ଭରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି କି, 'ମୁଁ ତୁମ୍ଭକୁ ମୋରି ସମଗ୍ର ସ୍ୱରୂପର ବିଜ୍ଞାନ ସହିତ ଜ୍ଞାନ କହିବି, ଯାହା ଜାଣିବା ପରେ ଅନ୍ୟକିଛି ଜାଣିବା ନିମନ୍ତେ ଅବଶିଷ୍ଟ ରହିବ ନାହିଁ । ଜ୍ଞାନ ଶବ୍ଦ ପରୋକ୍ଷ ଅନୁଭୂତି ଓ ବିଜ୍ଞାନ ଶବ୍ଦ ଅପରୋକ୍ଷ ଅନୁଭୂତିର ସୂଚକ । ବ୍ରହ୍ମକୁ ଶବ୍ଦତଃ ଜାଣିବା ଜ୍ଞାନ, କିନ୍ତୁ ବ୍ରହ୍ମକୁ ବିଶେଷ ଭାବରେ ଜାଣି ତହିଁରେ ନିରନ୍ତର ବିଳାସ କରିବା, ବ୍ରହ୍ମାନନ୍ଦରେ ତଲ୍ଲିନ ହୋଇ ରହିବା ବିଜ୍ଞାନ । ଯେଉଁମାନେ ବିଜ୍ଞାନୀ, ସେହିମାନେ ସାକାର-ନିରାକାର ଉଭୟ ସ୍ୱରୂପର ସାକ୍ଷାତ୍କାର କରିଥାନ୍ତି । ପରା ଓ ଅପରା ପ୍ରକୃତିର ସଂଯୋଗରୁ ସମଗ୍ର ସଂସାରର ଉତ୍ପତ୍ତି ଏବଂ ସମଗ୍ର ସଂସାରର ପ୍ରଭବ ଓ ପ୍ରଳୟ ଭଗବାନ ନିଜେ ବୋଲି କହିଛନ୍ତି । ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ଗ୍ରହ ନକ୍ଷତ୍ର, ଜୀବ ଜନ୍ତୁ, ଦିଗ-ବିଦିଗ, ବୃକ୍ଷ, ନଦୀ, ସମୁଦ୍ର ସବୁ କିଛି ମୋର ବିଭୂତି ବୋଲି କହି ନିଜର ବ୍ୟାପକତାକୁ ସୂଚାଇଛନ୍ତି । ଯିଏ ପ୍ରକୃତିର ତିନିଗୁଣ ଦ୍ୱାରା ମୋହିତ ହୋଇଥାଏ, ସେ ମୋର ଗୁଣାତୀତ ସ୍ୱରୂପକୁ ଜାଣିପାରେ ନାହିଁ । ରାଜସ ଗୁଣ ସମ୍ପନ୍ନ ମନୁଷ୍ୟ ଯଦିଓ ପରମାତ୍ମା ସତ୍ତାକୁ ଶୁଣିଥାନ୍ତି, ମାୟାଦ୍ୱାରା ସେମାନଙ୍କର ଜ୍ଞାନ ଅପହୃତ କାରଣରୁ ମୋତେ ଜାଣିବାକୁ କେବେ ପ୍ରଯତ୍ନ କରି ନ ଥାନ୍ତି । ଆସୁରୀ ପ୍ରବୃତ୍ତିର ମନୁଷ୍ୟ ନିଷିଦ୍ଧ ଆଚରଣରେ ଲିପ୍ତରହି ମୋର ଶରଣାପନ୍ନ ହୋଇ ନ ଥାନ୍ତି । କେତେକ ସୁକୃତଶାଳୀ ଉଦାର ଭକ୍ତ ମୋର ଭଗବଦ୍ ତତ୍ତ୍ୱ, ଐଶ୍ୱର୍ଯ୍ୟ ଏବଂ ଭଗବତ୍ତାକୁ ଜାଣି ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଏବଂ ଜ୍ଞାନୀ ରୂପରେ ମୋର ଭଜନା କରିଥାନ୍ତି । ଅନ୍ୟ କେତେକ ଅଳ୍ପବୁଦ୍ଧି ସମ୍ପନ୍ନ ମନୁଷ୍ୟ ମୋତେ ସାଧାରଣ ମନୁଷ୍ୟ ମନେକରି, ଭୋଗ କାମନା ପୂର୍ତ୍ତି ଲକ୍ଷ୍ୟରେ ଦେବତାମାନଙ୍କ ଅର୍ଚ୍ଚନା କରିଥାନ୍ତି । ପ୍ରକୃତରେ ଉପାସକ ମାନଙ୍କ ହୃଦୟରେ ଯେଉଁ ଭକ୍ତିଭାବ ରହିଥାଏ, ସେହି ଭକ୍ତି ଭାବ ହେଉଛି 'ମୁଁ' । ଅନ୍ୟ ଦେବତାଙ୍କ ଉପାସନାରେ ଯେଉଁ ଫଳପ୍ରାପ୍ତି ହୁଏ, ତାହା ମୋ ଦ୍ୱାରା ହିଁ ବିଧାନ ହୋଇଥାଏ । ଯୋଗମାୟାକୁ ଭେଦ କରି ମୋତେ ମୂଢ ମନୁଷ୍ୟ ଜାଣି ନ ପାରିବାର ମୁଖ୍ୟ ପ୍ରତିବନ୍ଧକ ହେଉଛି ରାଗ-ଦ୍ୱେଷ ଦ୍ୱନ୍ଦ୍ୱ । ଯେଉଁମାନେ ଦ୍ୱନ୍ଦ୍ୱରୂପକ ମୋହରୁ ମୁକ୍ତହୋଇ ଦୃଢବ୍ରତୀ ଭାବରେ ମୋର ଆଶ୍ରୟନେଇ ପ୍ରଯତ୍ନ କରନ୍ତି, ସେହିମାନେ ମୋର ସ୍ୱରୂପକୁ ଜାଣିପାରନ୍ତି । 'ବାସୁଦେବଃ ସର୍ବଂ ଇତି' କହି ଭଗବାନ ନିଜ ସମଗ୍ର ସ୍ୱରୂପକୁ ସୂଚାଇଛନ୍ତି । ଭଗବାନଙ୍କୁ ଆଶ୍ରିତ ହୋଇଥବା ଭକ୍ତ ଜରା ଓ ମରଣରୁ ମୁକ୍ତ ହୋଇଥାନ୍ତି ଅର୍ଥାତ୍ ଶରୀର ସ୍ଥିତାବସ୍ଥାରେ ସେମାନଙ୍କୁ ଜରା ଜନିତ ଯନ୍ତ୍ରଣା ଅନୁଭବ ହୋଇନଥାଏ କି, ଶରୀର ତ୍ୟାଗ ରେ କେଉଁ ଗତି ପ୍ରାପ୍ତ ହେବ, ତାହା ସେହିମାନଙ୍କୁ ବ୍ୟଥିତ କରି ନ ଥାଏ । ତଦ୍-ବ୍ରହ୍ମ ହେଉଛି ନିର୍ଗୁଣ ନିରାକାର ଅବିନାଶୀ ପରିବ୍ୟାପ୍ତ ପରମାତ୍ମା ସତ୍ତା । 'କୃତ୍ସ୍ନଂଅଧ୍ୟାତ୍ମ' ହେଉଛି ଅନନ୍ତ ଯୋନିରେ ଅନନ୍ତ ଜୀବ । ଅଖିଳ କର୍ମ ହେଉଛି ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ଆଦିର ସମସ୍ତ ପ୍ରକ୍ରିୟା । ଭଗବାନ କହିଥିବା ବ୍ରହ୍ମ, ଅଧ୍ୟାତ୍ମ ଏବଂ କର୍ମ ହେଉଛି ଜ୍ଞାନ ବିଭାଗ ଯେଉଁଥିରେ ନିର୍ଗୁଣ ହେଉଛି ମୁଖ୍ୟ । ଅଧିଭୂତ ହେଉଛି ଜୀବ ସମେତ ପଞ୍ଚଭୌତିକ ଜଗତ ପ୍ରପଞ୍ଚ । ଅଧିଦୈବ ହେଉଛି ବ୍ରହ୍ମାଦି ମନ ଓ ଇନ୍ଦ୍ରିୟ

ମାନଙ୍କ ଅଧିଷ୍ଠାତୃ ସମସ୍ତ ଦେବତା ଏବଂ ଅଧିଯଜ୍ଞ ହେଉଛନ୍ତି ଅନ୍ତର୍ଯାମୀ ବିଷ୍ଣୁ ଓ ତାଙ୍କର ସମସ୍ତ ରୂପ । ଏହା ହେଉଛି ଭଗବାନଙ୍କ ସ୍ୱରୂପର ବିଜ୍ଞାନ ବିଭାଗ ଯେଉଁଥିରେ ସଗୁଣ ମୁଖ୍ୟ । କର୍ମ ସୀମିତ, କର୍ମଠାରୁ ବ୍ୟାପକ ଅଧ୍ୟାତ୍ମ, ଅଧ୍ୟାତ୍ମଠାରୁ ବ୍ୟାପକ ବ୍ରହ୍ମ । ମାତ୍ର ପରମାତ୍ମାଙ୍କ ସମଗ୍ର ସ୍ୱରୂପ ବ୍ରହ୍ମଠାରୁ ମଧ୍ୟ ଶ୍ରେଷ୍ଠ, କାରଣ ବ୍ରହ୍ମ ସମଗ୍ରର ଅନ୍ତର୍ଗତ । 'ତଦ୍ ବ୍ରହ୍ମ' କହିବାର ତାତ୍ପର୍ଯ୍ୟ ହେଲା, ବ୍ରହ୍ମ ଅନେକ ନୁହେଁ, ବରଂ ଏକ । ସମଗ୍ର ସୃଷ୍ଟି ଭଗବାନଙ୍କ ସ୍ୱରୂପ । ଭଗବାନଙ୍କ ସହିତ ସମ୍ବନ୍ଧ ନ ମାନିଲେ ସବୁ ଲୌକିକ, ଭଗବାନଙ୍କ ସହିତ ସମ୍ବନ୍ଧ ମାନିନେଲେ ସବୁ ଅଲୌକିକ ହୋଇଯାଏ । କର୍ମଯୋଗ ଓ ଜ୍ଞାନ ଯୋଗରେ ନିଜର ସାଧନା ମୁଖ୍ୟ ହେବା କାରଣରୁ ତାହା ଲୌକିକ ନିଷ୍ଠା । ରାଗ-ଦ୍ୱେଷ ମୁକ୍ତ ଭଗବଦ୍ ଆଶ୍ରୟ ମୁଖ୍ୟ ହେବା କାରଣରୁ ଭକ୍ତିଯୋଗ ମାର୍ଗ ସବୁବେଳେ ଅଲୌକିକ, ଦିବ୍ୟ ଏବଂ ଚିନ୍ମୟ । ଭକ୍ତିମାର୍ଗରେ ଭକ୍ତ ଭଗବଦ୍ କୃପା ପ୍ରାପ୍ତ ହୋଇ ଭଗବାନଙ୍କ ସମଗ୍ର ସ୍ୱରୂପର ଜ୍ଞାନ ଓ ବିଜ୍ଞାନକୁ ଉତ୍ତମ ରୂପରେ ବୁଝିବାର ସକ୍ଷମ ହୋଇଥାଏ । ଭଗବାନଙ୍କ ସହିତ ଭକ୍ତର ନିତ୍ୟ ଯୋଗ ହୋଇଥିବାରୁ କେବେ ବି ଭଗବାନଙ୍କଠାରୁ ବିଯୁକ୍ତ ହୋଇ ନ ଥାଏ ଏବଂ ଭଗବାନ ମଧ୍ୟ ଭକ୍ତଠାରୁ କେବେ ବିଯୁକ୍ତ ହୁଅନ୍ତି ନାହିଁ । ଅନ୍ତକାଳରେ ଯାହା କିଛି ଚିନ୍ତନ ହେଲେ, ଏହିପରି ଯୁକ୍ତଚେତା ଭକ୍ତ ଯୋଗଭ୍ରଷ୍ଟ ହୁଅନ୍ତି ନାହିଁ ବରଂ ଭଗବାନଙ୍କୁ ପ୍ରାପ୍ତ ହୁଅନ୍ତି । ଭଗବାନଙ୍କ ଭକ୍ତ - ତଦ୍ ବ୍ରହ୍ମ, ଅଧ୍ୟାତ୍ମ, ସମସ୍ତ କର୍ମର ସମ୍ପୂର୍ଣ୍ଣତା, ଅଧିଭୂତ, ଅଧିଦୈବ ଏବଂ ଅଧିଯଜ୍ଞ – ଏହି ଛଅ ଗୋଟି ବିଷୟ ସମ୍ବନ୍ଧରେ କିପରି ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ କରିଥାଏ, ସେ ସବୁର ବ୍ୟାଖ୍ୟା ପରବର୍ତ୍ତୀ ଅଧ୍ୟାୟର ପ୍ରାରମ୍ଭରେ ଅର୍ଜୁନଙ୍କ ପ୍ରଶ୍ନର ସମାଧାନରେ ଭଗବାନ ସ୍ୱୟଂ କହିଛନ୍ତି । ଏହି ଅଧ୍ୟାୟର ଶେଷ ଦୁଇଗୋଟି ଶ୍ଳୋକକୁ ପରବର୍ତ୍ତୀ ଅଧ୍ୟାୟର ଅବତରଣିକା ରୂପରେ ଉପସ୍ଥାପନ କରାଯାଇଛି ।

ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଜ୍ଞାନବିଜ୍ଞାନଯୋଗୋ ନାମ ସପ୍ତମୋଽଧ୍ୟାୟଃ ॥୭ ॥

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ "ଜ୍ଞାନବିଜ୍ଞାନ ଯୋଗ" ନାମକ ସପ୍ତମ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୭॥

**ଓଁ ଓଁ ଓଁ ଓଁ ଓଁ ଓଁ ଓଁ**

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

ଅଥାଷ୍ଟମୋଽଧ୍ୟାୟ (ଅଷ୍ଟମଅଧ୍ୟାୟ )

( ଅକ୍ଷର ବ୍ରହ୍ମଯୋଗ )

ଅର୍ଜୁନ ଉବାଚ

କିଂ ତଦ୍ ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ॥ ୧ ॥
ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ ମଧୁସୂଦନ ।
ପ୍ରୟାଣକାଳେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ॥ ୨॥

*ଅନ୍ୱୟ: ଅର୍ଜୁନ ଉବାଚ ( ଅର୍ଜୁନ କହିଲେ ) ପୁରୁଷୋତ୍ତମ ( ହେ ପୁରୁଷୋତ୍ତମ କୃଷ୍ଣ ! ) ତଦ୍ ( ସେହି ) ବ୍ରହ୍ମ ( ବ୍ରହ୍ମ) କିଂ ( କିପରି ?) ଅଧ୍ୟାତ୍ମଂ ( ଅଧ୍ୟାତ୍ମ ) କିଂ (କଣ ?) କର୍ମ କିଂ ( କର୍ମ କଣ ?) ଅଧିଭୂତ ( ଅଧିଭୂତ ) କିଂ ପ୍ରୋକ୍ତମ୍ ( କାହାକୁ କୁହାଯାଇଛି ) ଚ ( ଏବଂ ) ଅଧିଦୈବମ୍ ( ଅଧିଦୈବ ) କିଂ ଉଚ୍ୟତେ ( କାହାକୁ କୁହାଯାଏ ) । ମଧୁସୂଦନ (ହେ ମଧୁସୂଦନ !) ଅସ୍ମିନ୍ ଦେହେ ( ଏହି ଶରୀରରେ ) ଅଧିଯଜ୍ଞ ( ଅଧିଯଜ୍ଞ ) କଃ ( କିଏ ?) ଅତ୍ର ( ଏହି ଦେହରେ) କଥଂ ( କେଉଁ ରୂପରେ ସ୍ଥିତ ?) ଚ ( ଏବଂ) ପ୍ରୟାଣକାଳେ (ମୃତ୍ୟୁ କାଳରେ) ନିୟତ ଆତ୍ମଭିଃ ( ସଂଯତ ଚିତ୍ତ ମନୁଷ୍ୟଙ୍କ ଦ୍ୱାରା ) କଥଂ (କିପରି) ଜ୍ଞେୟଃ ଅସି ( ବୋଧଗମ୍ୟ ହୁଅନ୍ତି ? )*

**ଭାବାର୍ଥ** : ପୂର୍ବ ଅଧ୍ୟାୟର ଅନ୍ତିମ ଦୁଇଟି ଶ୍ଳୋକରେ ଭଗବାନ ତାଙ୍କରି ଶରଣାପନ୍ନ ହୋଇଥିବା ଭକ୍ତ ସମଗ୍ର ସ୍ୱରୂପର ଛଅଗୋଟି ବିଷୟ ସମ୍ବନ୍ଧରେ ଜାଣି ଅନ୍ତିମ କାଳରେ ମୋକ୍ଷ ପ୍ରାପ୍ତ ହୁଏବୋଲି କହିଛନ୍ତି । ଏହି ଅଧ୍ୟାୟ ପ୍ରାରମ୍ଭରେ ଅର୍ଜୁନ ସେହି ଛଅ ଗୋଟି ବିଷୟର ସ୍ପଷ୍ଟ ବିବରଣ ପ୍ରାପ୍ତ ନିମନ୍ତେ ଭଗବାନଙ୍କ ସମ୍ମୁଖରେ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ଅର୍ଜୁନ ପଚାରିଛନ୍ତି; ହେ ପୁରୁଷୋତ୍ତମ ! ସେହି ବ୍ରହ୍ମ କଣ ? ଅଧ୍ୟାତ୍ମ କଣ ? କର୍ମ କଣ ? ହେ ମଧୁସୂଦନ ! ଅଧିଭୂତ କାହାକୁ କୁହାଯାଇଛି ଏବଂ ଅଧିଦୈବ କଣ ? ଏହି ଶରୀର

ଭିତରେ ଅଧିଯଜ୍ଞ  କିଏ ଏବଂ କିପରି ଭାବରେ ଅବସ୍ଥିତ ? ଏତଦ୍ ବ୍ୟତୀତ ଅନ୍ୟ ଏକ ଗୂଢ ତତ୍ତ୍ୱ ଅର୍ଜୁନ ଭଗବାନଙ୍କଠାରୁ ଜାଣିବାକୁ ଇଚ୍ଛା କରିଛନ୍ତି କି, ମୃତ୍ୟୁ କାଳରେ ସମସ୍ତ ଇନ୍ଦ୍ରିୟକୁ ପୂର୍ଣ୍ଣଭାବରେ ସଂଯତ କରି ରଖିଥିବା ଯୁକ୍ତଚିତ୍ତ ମନୁଷ୍ୟ, ଭଗବତ୍  ତତ୍ତ୍ୱକୁ ସ୍ମରଣକରି ଭଗବାନଙ୍କ ସ୍ୱରୂପକୁ ବୋଧଗମ୍ୟ ହେବା କିପରି ସମ୍ଭବ ହୋଇଥାଏ ? ଅର୍ଜୁନ ଶ୍ରୀକୃଷ୍ଣଙ୍କୁ "ପୁରୁଷୋତ୍ତମ" ବୋଲି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା, ଶ୍ରୀକୃଷ୍ଣ ହେଉଛନ୍ତି ଅକ୍ଷର ପୁରୁଷ ସ୍ୱୟଂ ନାରାୟଣ । ପରମାତ୍ମାଙ୍କ ସମଗ୍ର ସ୍ୱରୂପର  ଉପରୋକ୍ତ ଉପଲକ୍ଷଣ ମାନ ସ୍ୱୟଂ ଭଗବାନଙ୍କ ଶ୍ରୀମୁଖରୁ ଶୁଣିବାକୁ ଅର୍ଜୁନ ଚାହିଁଛନ୍ତି । ଶ୍ରୀକୃଷ୍ଣ ହିଁ ପରମ ଅଧିକାରୀ, ଯିଏ ଏହି ସଂଶୟ ଯୁକ୍ତ ପ୍ରଶ୍ନ ସମୂହର ସମାଧାନ କହିବାକୁ ସକ୍ଷମ । ଅର୍ଜୁନ ଏହା ମଧ୍ୟ ପଚାରିଛନ୍ତି; ପ୍ରକୃତରେ ଯଜ୍ଞର ଈଶ୍ୱର କିଏ ଅଟନ୍ତି ଏବଂ ଶରୀରରେ କେଉଁ ସ୍ଥାନରେ ଈଶ୍ୱର ବାସ କରିଥାନ୍ତି । ଶ୍ରୀକୃଷ୍ଣ ତାଙ୍କରି ଲୀଳା କାଳରେ ଅନେକ ଦୈତ୍ୟଙ୍କୁ ସଂହାର କରିଛନ୍ତି । ତେଣୁ ଅର୍ଜୁନ ମଧୁସୂଦନ ବୋଲି ସମ୍ବୋଧିତ କରି ଏହା ସୂଚାଇଛନ୍ତି କି, ହେ ମଧୁସୂଦନ ! ଆପଣଙ୍କ ଅମୃତ ଉପଦେଶ  ଶୁଣି ମୋର ଅନ୍ତରରେ ଥିବା ଅନେକ ଆସୁରୀ ପ୍ରବୃତ୍ତିର ବିଲୟ ଘଟୁ । ଅର୍ଜୁନଙ୍କ ମନରେ ଏହି ଆଶଙ୍କା ଜାତ ହୋଇଛି କି, ମୃତ୍ୟୁର ଅବ୍ୟବହିତ ପୂର୍ବରୁ କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ ମାନେ ଶିଥିଳ ହୋଇ ଯାଇଥାଆନ୍ତି । ସମସ୍ତ ପ୍ରାଣକୋଷ କ୍ରମଶଃ ରୁଦ୍ଧ ହୋଇ ଆସୁଥିବା କାରଣରୁ ଶ୍ୱାସକ୍ରିୟାର ସ୍ଥିରତା ରହି ନଥାଏ ଏବଂ ମନ ଓ ବୁଦ୍ଧି  ସ୍ୱାଧୀନ ଭାବରେ ସଂଚାଳନ ହେବାକୁ ସକ୍ଷମ ହୋଇ ନ ଥାନ୍ତି । ମୃତ୍ୟୁକାଳୀନ ଦୟନୀୟ ଅବସ୍ଥାରେ, ଶରଣାପନ୍ନ ଭକ୍ତ କିପରି ଭାବରେ  ଭଗବାନଙ୍କ ପାଦପଦ୍ମ ଆଡକୁ ଆକର୍ଷିତ ହେବ ? ମୃତ୍ୟୁ ସମୟରେ ନିୟତ ଆତ୍ମାଧାରୀ ମନୁଷ୍ୟ ଶରୀର, ଇନ୍ଦ୍ରିୟ, ପ୍ରାଣ, ମନ, ବୁଦ୍ଧି ଓ କ୍ରିୟାକୁ ନିଜ ଇଚ୍ଛାରେ ଅଧ୍ୟାତ୍ମ ଦିଗରେ ପରିସଞ୍ଚାଳନ କରିବା କିଛି ସାମାନ୍ୟ କଥା ନୁହେଁ । ଗୀତାର ଅନେକ ସ୍ଥାନରେ ଭଗବାନ ବ୍ରହ୍ମ, ଅଧ୍ୟାତ୍ମ, କର୍ମ, ଅଧିଭୂତ, ଅଧିଦୈବ, ଅଧିଯଜ୍ଞ ଶବ୍ଦକୁ ବହୁବାର ଭିନ୍ନ ଭିନ୍ନ  ଅର୍ଥରେ ପ୍ରୟୋଗ କରିବାର  ଦୃଷ୍ଟାନ୍ତ ରହିଛି । ଯେପରି 'ବ୍ରହ୍ମ' ଶବ୍ଦକୁ ବେଦ, ବ୍ରହ୍ମା, ପ୍ରକୃତି, ପରମାତ୍ମା, 'ଓଁ' କାର ଏହିପରି ବହୁ ଅର୍ଥ ରୂପେ ଦର୍ଶାଯାଇଛି । ବ୍ରହ୍ମ ଶବ୍ଦ ସଗୁଣ-ନିର୍ଗୁଣ ବ୍ରହ୍ମକୁ ମଧ୍ୟ ବୁଝାଇଥାଏ । ଅର୍ଜୁନ ଜାଣିବାକୁ ଚାହିଁଛନ୍ତି କି, ଭଗବାନଙ୍କ ଆଶ୍ରିତ ହୋଇ ଯେଉଁ ବ୍ରହ୍ମକୁ ଜାଣିଲେ ଜରା-ମରଣରୁ ମୁକ୍ତିମିଳେ, ସେହିବ୍ରହ୍ମ କଣ ? ସେହିପରି ଅଧ୍ୟାତ୍ମର ଅର୍ଥ ଆତ୍ମା, ଜୀବାତ୍ମା, ଶରୀର, ପ୍ରାଣ, ଇନ୍ଦ୍ରିୟ, ମନ,ବୁଦ୍ଧି ଆଦିର ସୂକ୍ଷ୍ମ ତତ୍ତ୍ୱକୁ ମଧ୍ୟ ବହୁ ସ୍ଥାନରେ ସୂଚିତ କରାଯାଇଛି । ଭଗବତ୍ ସ୍ୱରୂପରେ ଅଧ୍ୟାତ୍ମ କଣ, ଯାହାକୁ ଭକ୍ତ ଅନ୍ତକାଳରେ ଜାଣିବା ସମ୍ଭବ ହୋଇଥାଏ ? ସେହିପରି କର୍ମର ଅନେକ ସଂଜ୍ଞା ରହିଛି । ସାଧାରଣ ଶାରୀରିକ ଶ୍ରମକୁ କର୍ମ ବୋଲି କୁହାଯାଏ । କର୍ମଫଳ ରୂପ ଶୁଭାଶୁଭ ଅଦୃଷ୍ଟକୁ ମଧ୍ୟ କର୍ମ କୁହା ଯାଇଥାଏ । ପରମେଶ୍ୱରଙ୍କ ସଂକଳ୍ପ, ଜୀବର ସାଂସାରିକ ଓ ପରମାର୍ଥିକ ଚିନ୍ତନ ମଧ୍ୟ କର୍ମ ଅନ୍ତର୍ଭୁକ୍ତ । କର୍ମଶବ୍ଦର କେଉଁ ଅର୍ଥ ଏହି ସ୍ଥାନରେ ଅଭିଷ୍ଟ, ଅର୍ଜୁନ ତାହା ଜାଣିବାକୁ ଚାହିଁଛନ୍ତି । ଭଗବାନଙ୍କ ଅପରା ଶକ୍ତିରୁ ସୃଷ୍ଟ ସମସ୍ତ ଜଡ ଭୂତକୁ  ଅଧିଭୂତ ବୋଲି କୁହାଯାଇଛି । ଭଗବତ୍ ସ୍ୱରୂପରେ ଅଧିଭୂତ କଣ, ତାହାର ସ୍ପଷ୍ଟ ବିବରଣ ଅର୍ଜୁନ ଜାଣିବାକୁ ଚାହିଁଛନ୍ତି । ହିରଣ୍ୟଗର୍ଭରେ ବ୍ରହ୍ମା ଆଦି ଦେବତାଙ୍କ ସହିତ

ଶରୀରରେ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ମାନଙ୍କର ଅଧିଷ୍ଠାତା ଦେବତା ମାନଙ୍କୁ ଅଧିଦୈବ ରୂପେ ମାନି ନିଆ ଯାଇଛି । ଯେପରି ଚକ୍ଷୁର ସୂର୍ଯ୍ୟ, ଚର୍ମର ବାୟୁ, କର୍ଣ୍ଣର ଦଶଦିଗ, ନାକର ଅଶ୍ୱିନୀକୁମାର, ଜିହ୍ୱାର ବରୁଣ, ବାଣୀର ଅଗ୍ନି, ହସ୍ତର ଇନ୍ଦ୍ର, ପାଦର ବିଷ୍ଣୁ, ଗୁଦାର ଯମ (ମୃତ୍ୟୁ), ଉପସ୍ଥର ପ୍ରଜାପତି ଆଦି ଦେବତାଙ୍କୁ ଅଧିଷ୍ଠାତା ଦେବତାବୋଲି ଶାସ୍ତ୍ରରେ ଗ୍ରହଣ କରାଯାଇଛି । ଏହିଠାରେ ଭଗବାନଙ୍କ ସ୍ୱରୂପରେ ଅଧିଦୈବ କଣ, ତାହା ସେ' ଜାଣିବାକୁ ଇଚ୍ଛା କରିଛନ୍ତି । ମନୁଷ୍ୟର ମାନସିକ ସ୍ତରରେ ଜିଜ୍ଞାସା ଏପରି ଏକ ସ୍ୱାଭାବିକ ପ୍ରକ୍ରିୟା, ତାହା ଉଦ୍ରେଗ ହେଲେ ସମ୍ପୂର୍ଣ୍ଣ ରୂପେ ସଂଶୟ ଶୂନ୍ୟ ନ ହେବା ପର୍ଯ୍ୟନ୍ତ ତାହା ଶାନ୍ତ ହୁଏନାହିଁ । ରଣଭୂମି, ଯେଉଁଠାରେ ଅସ୍ତ୍ର ଶସ୍ତ୍ରର ପ୍ରୟୋଗ ହୋଇଥାଏ, ଯେଉଁଠାରେ ଜୟ-ପରାଜୟ, ଜୀବନ-ମରଣର ପ୍ରଶ୍ନ ପ୍ରତିକ୍ଷଣ ସମ୍ମୁଖରେ ରହିଥାଏ, ସେହି ସ୍ଥାନରେ ବ୍ରହ୍ମଜ୍ଞାନର ଚର୍ଚ୍ଚା ବାସ୍ତବରେ ଅଦ୍ଭୁତ । ଯେହେତୁ ଶ୍ରୀକୃଷ୍ଣଙ୍କ ଭଗବତ୍ତା ସ୍ୱରୂପ ଅଦ୍ୱିତୀୟ ଏବଂ ଶିଷ୍ୟ ରୂପରେ ଶରଣାପନ୍ନ ହୋଇଥିବା ଅର୍ଜୁନଙ୍କ ପୁରୁଷାର୍ଥ ଅଦ୍ୱିତୀୟ, ତେଣୁ ଯୁଦ୍ଧ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ଏହି ସମ୍ବାଦ ସମ୍ଭବ ହୋଇ ପାରିଛି । ସାମନାରେ ଯୁଦ୍ଧ ଯେପରି କଠୋର କର୍ତ୍ତବ୍ୟ ଉପସ୍ଥିତ ହୋଇ ମଧ୍ୟ, ବଶୀଭୂତ ଚିତ୍ତରେ ଅର୍ଜୁନ ବ୍ରହ୍ମ ଚିନ୍ତନର ସଂଲଗ୍ନ ହୋଇପାରିଛନ୍ତି । ଯୁଦ୍ଧରେ ଜିତିବା, ହାରିବା ଉପରେ ଅର୍ଜୁନଙ୍କ କୌଣସି ଶଙ୍କା ରହି ନ ଥିଲା । ସେ ନିଶ୍ଚିତ ଅଛନ୍ତି କି, ଯଦି ଯୁଦ୍ଧହେବ, ବିଜୟ ସୁନିଶ୍ଚିତ । ତାଙ୍କରି ସାମନାରେ ପ୍ରଶ୍ନ କେବଳ ବିବେକର କି, ସେ ଯେଉଁ କର୍ମ କରିବାକୁ ଯାଉଛନ୍ତି, ତାହା ଠିକ୍ କି ନୁହେଁ ଏବଂ ଏହାର ନିର୍ଣ୍ଣୟରେ ବ୍ରହ୍ମତତ୍ତ୍ୱର ଅନୁଭୂତି କେତେଦୂର ସହାୟକ ହେବ । ଏଥିରୁ ଏହି ନିଷ୍କର୍ଷ ମିଳୁଛି କି, ଯେବେ କୌଣସି ଏକ ବିଚାର ଆରମ୍ଭହୁଏ, ତାହାକୁ ମଝିରେ ଛାଡିବାକୁ ହେବନାହିଁ । ବରଂ ତାହାର ଅନ୍ତ ଭୌତିକ ସ୍ତରରୁ ବ୍ରହ୍ମ ସ୍ତର ପହଞ୍ଚିଲା ପର୍ଯ୍ୟନ୍ତ ପ୍ରଚେଷ୍ଟା ଜାରି ରଖିବାକୁ ହେବ । ବିନା ପ୍ରଚେଷ୍ଟାରେ ଯେଉଁ ବିଚାର ମଝିରେ ଛାଡିଦିଆଯାଏ, ତାହା ତ ଅଧୁରା । ବିଚାର ଆରମ୍ଭ ହେଲେ, ତାକୁ ଅନ୍ତିମ ସ୍ତରକୁ ନେବା ବୁଦ୍ଧିମାନର କାର୍ଯ୍ୟ ।

ଶ୍ରୀ ଭଗବାନ ଉବାଚ

ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।
ଭୂତଭାବୋଦ୍ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ॥ ୩॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ପରମଂ ( ସର୍ବୋତ୍କୃଷ୍ଟ ଏବଂ ସୂକ୍ଷ୍ମ ) ଅକ୍ଷରଂ ( କ୍ଷର ରହିତ- ଅବିନାଶୀ- ବ୍ୟାପକ) [ ତତ୍ (ତାହା)] ବ୍ରହ୍ମ ( ବ୍ରହ୍ମ ) ସ୍ୱ-ଭାବ (ପରା ପ୍ରକୃତି –ଜୀବର ନିଜ ଭାବ- ନିଜ ସ୍ୱରୂପ ) ଅଧ୍ୟାତ୍ମ (ଅଧ୍ୟାତ୍ମ ) ଉଚ୍ୟତେ (କୁହାଯାଇଛି ) ଭୂତଭାବଃ ( ପ୍ରାଣୀ ମାନଙ୍କ ସତ୍ତାକୁ ) ଉଦ୍ଭବକରଃ (ପ୍ରକଟ କରୁଥିବା ) ବିସର୍ଗଃ ( ତ୍ୟାଗ - ବିସର୍ଜନ- ଯଜ୍ଞରେ ଚରୁ, ଦ୍ରବ୍ୟାଦି ଅର୍ପଣ ) କର୍ମସଂଜ୍ଞିତଃ ( କର୍ମ ନାମରେ ଅଭିହିତ ) ।*

**ଭାବାର୍ଥ**: ଶ୍ରୀ ଭଗବାନ କହିଲେ, ଯାହା ଅବିନାଶୀ, ସର୍ବୋତ୍କୃଷ୍ଟ, ବ୍ୟାପକ ଏବଂ ମୂଳକାରଣ-ତାହା ହିଁ ବ୍ରହ୍ମ । ବ୍ରହ୍ମ- ଯାହାର କ୍ଷୟ ଓ ବିକାର ନାହିଁ, ସେହି ଅକ୍ଷର ବସ୍ତୁ ହିଁ ବ୍ରହ୍ମ । ବ୍ରହ୍ମର ଉର୍ଦ୍ଧ୍ୱରେ ପରଂବ୍ରହ୍ମ । ଜୀବାତ୍ମା ବ୍ରହ୍ମ, ପରମାତ୍ମା ପରଂବ୍ରହ୍ମ ଅଟନ୍ତି । ଯେ' ପରମ ଅକ୍ଷର, ତାହା ସମସ୍ତ ଭୂତ ନଷ୍ଟ ହେଲାପରେ ମଧ୍ୟ ନାଶ

ହୋଇ ନ ଥାଏ । ଅକ୍ଷର ଅର୍ଥାତ୍ ସତ୍ୟ, ଜ୍ଞାନ ଆଦି ସ୍ୱରୂପ ସେହି ପରମବ୍ରହ୍ମ । "ପରମ ଅକ୍ଷର" ପଦରେ ସର୍ବଶ୍ରେଷ୍ଠ ଏକମାତ୍ର ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମା ତତ୍ତ୍ୱକୁ ନିର୍ଦ୍ଦେଶ କରାଯାଇଛି । ନିର୍ବିଶେଷ ତତ୍ତ୍ୱ ହେଉଛି ବ୍ରହ୍ମ, ଯାହା କାଳ, ସ୍ଥାନ ଓ ଆକାର ଉର୍ଦ୍ଧ୍ୱରେ । ଇନ୍ଦ୍ରିୟ, ମନ, ବୁଦ୍ଧି ଏହାରି ଭିତରେ ପ୍ରବିଷ୍ଟ ହୋଇ ନ ପାରିବା କାରଣରୁ ଏହାକୁ 'ପରମ' କୁହାଯାଇଛି । ସନାତନ ଚୈତନ୍ୟ ତତ୍ତ୍ୱର ସଂଜ୍ଞା ହେଉଛି ବ୍ୟାପକ, ଯାହା ଅନେକ ପୃଥଗତା ଭିତରେ ଏକ ଏବଂ ଆକାର ଭିତରେ ରହି ବି ନିରାକାର । ପରମବ୍ରହ୍ମ ପରମାତ୍ମା ଓ ଭଗବାନ ବସ୍ତୁତଃ ଏକ ତତ୍ତ୍ୱ ଅଟେ । ସମ୍ପୂର୍ଣ୍ଣ ବ୍ରହ୍ମ ଜ୍ୟୋତିର ପ୍ରତୀକ ହେଉଛନ୍ତି ସୂର୍ଯ୍ୟ । ମହାନ୍ ସୂର୍ଯ୍ୟଙ୍କ ଏକ ଏକ ରଶ୍ମିରେଖା ଏକ ଏକ ଜୀବ ଅଟନ୍ତି । "ଓଁ"କାର କୁ ମଧ୍ୟ ଗୀତାରେ ଭଗବାନ 'ଏକ ଅକ୍ଷର' ବ୍ରହ୍ମ ବୋଲି କହିଛନ୍ତି । ବେଦରେ "ଓଁ"କାର ଶବ୍ଦ ବ୍ରହ୍ମ ହେଉଛି ଭଗବାନଙ୍କ ସମଗ୍ର ସ୍ୱରୂପର ପ୍ରତୀକ । "ଓଁ"କାର ତତ୍ତ୍ୱକୁ ଜାଣିଲେ, ବ୍ରହ୍ମଜ୍ଞାନ ଜାଣିହୁଏ । ବ୍ରହ୍ମ ବିଦ୍ୟା ହିଁ ବେଦ ବିଦ୍ୟା । ଯଦି ବିସ୍ତାର ଭାବେ ଆଲୋଚନା କରାଯାଏ, ବ୍ରହ୍ମ ସମ୍ବନ୍ଧୀୟ ବିଦ୍ୟାର କୌଣସି ଅନ୍ତ ନାହିଁ । ଜୀବର ଯେଉଁ ସ୍ୱ-ଭାବ ଅର୍ଥାତ୍ ନିଜସ୍ୱ ଭାବ, ତାହା ଅଧ୍ୟାତ୍ମ । ସ୍ଥୂଳ ଶରୀର, ସୂକ୍ଷ୍ମ ଶରୀର କି, କାରଣ ଶରୀର ଜୀବର ନିଜ ସ୍ୱରୂପ ନୁହେଁ । ଏହା ସବୁ ଆଧ୍ୟାସିକ, ଯାହା ଜୀବାତ୍ମାର ପିଠିରେ ଲଦି ହୋଇ ରହିଥାନ୍ତି । ଜୀବର ବାସ୍ତବ ସ୍ୱରୂପ ହେଉଛି ଅଧ୍ୟାତ୍ମ । ସ୍ୱୟଂରେ ସ୍ଥିରଭାବ ହେଉଛି ଅଧ୍ୟାତ୍ମ ଅର୍ଥାତ୍ ଆତ୍ମାର ଆଧିପତ୍ୟ । ଆତ୍ମାର ଶରୀର ସହିତ ତଦାତ୍ମ୍ୟ ରହିଲେ, ଜୀବ ମାୟାର ଅଧିପତ୍ୟକୁ ଚାଲିଯାଏ । ପରା ପ୍ରକୃତି ବା ଅଧ୍ୟାତ୍ମ ଚେତନା ହେଉଛି ଜୀବର ପ୍ରକୃତ ସ୍ୱରୂପ । ଏଥିପାଇଁ ତାହାକୁ ଅଧ୍ୟାତ୍ମ ବା ଜୀବ ଚୈତନ୍ୟ କୁହାଯାଏ । ଜୀବ ନିଜକୁ ଅପରା ପ୍ରକୃତି ସହିତ ଐକ୍ୟଭାବ ରଖିଲେ, ଭୌତିକ ଶରୀର ପ୍ରାପ୍ତ ହୁଏ । ଜୀବ ନିଜକୁ ଭଗବାନଙ୍କ ଦିବ୍ୟ ପରା ପ୍ରକୃତି ସହିତ ଐକ୍ୟ ଭାବ ରଖିଲେ, ଦିବ୍ୟ ଶରୀର ପ୍ରାପ୍ତହୁଏ ଅର୍ଥାତ୍ ଭଗବାନଙ୍କ ସ୍ୱରୂପ ସହିତ ଅଭିନ୍ନ ହୋଇଯାଏ । ପ୍ରାଣୀ ସମୂହର ଏକ-ଏକ ଶରୀରରେ ଯେଉଁ ପୃଥକ ପୃଥକ ସତ୍ତା ରହିଛି, ତାହା ଜୀବର ସ୍ୱରୂପ ବା ଅଧ୍ୟାତ୍ମ । ଶରୀର ଭିତରେ ରହିଥିବା ଜୀବନ ଶକ୍ତି, ଅଧ୍ୟାତ୍ମର ମୁଖ୍ୟ ଲକ୍ଷ୍ୟ ଏବଂ ଆଧାର । ଆତ୍ମା ନିରାକାର, ସୂକ୍ଷ୍ମ ହେଲେ ମଧ୍ୟ ଏହାର ଉପସ୍ଥିତି, ଏହାର ଶକ୍ତି ଓ ପ୍ରଭାବ ଜୀବକୁ ଅନୁଭୂତ ହୋଇଥାଏ । ନିର୍ବିଶେଷ ବ୍ରହ୍ମ ଆତ୍ମା ରୂପରେ ଜୀବର ଶରୀର ଭିତରେ ଆବଦ୍ଧ ହୋଇ ରହି ଯେଉଁ ଆଭାସ ବା ସ୍ୱଭାବ ନିର୍ମାଣ କରେ, ତାହା ହେଉଛି ଅଧ୍ୟାତ୍ମ । ଭଗବାନଙ୍କ ଅଂଶରୂପା ଚେତନ ପରା ପ୍ରକୃତି ବସ୍ତୁତଃ ଭଗବାନଙ୍କ ଠାରୁ ଅଭିନ୍ନ ହେବା କାରଣରୁ, ଅଧ୍ୟାତ୍ମ ନାମକ ସମ୍ପୂର୍ଣ୍ଣ ଜୀବ ସମୁଦାୟ ମଧ୍ୟ ଯଥାର୍ଥରେ ଭଗବାନଙ୍କଠାରୁ ଅଭିନ୍ନ ଏବଂ ତାଙ୍କରି ସ୍ୱରୂପ ହୋଇଥାନ୍ତି । ସଂସାରରେ ଯେତେ ପଦାର୍ଥ ଅଛି, ପ୍ରତ୍ୟେକର ମୂଳ ତତ୍ତ୍ୱକୁ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ଏପରି କୌଣସି ମୂଳ ଭୌତିକ ସାମଗ୍ରୀ ନାହିଁ ଯେଉଁଥିରେ ସମଗ୍ର ଜଗତ ନିର୍ମିତ ହୋଇଛି । ବାସ୍ତବରେ କୁହାଯାଇଛି କି, ଭଗବାନଙ୍କ ସଙ୍କଳ୍ପରେ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି । ଚରାଚର ପ୍ରାଣୀଙ୍କ ଭାବର ଉଦ୍ଭବ ଏବଂ ଅଭ୍ୟୁଦୟ ଯେଉଁ ତ୍ୟାଗରୁ ହୋଇଥାଏ, ସେହି ତ୍ୟାଗର ନାମ 'କର୍ମ' । ସେହି ତ୍ୟାଗ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି, ପ୍ରଳୟର ଆଧାର । ମହାପ୍ରଳୟ କାଳରେ ସମସ୍ତ ଜୀବ ନିଜ ନିଜର ଅହଂକାର ଓ ସଞ୍ଚିତ କର୍ମ

ସହିତ ପ୍ରକୃତିରେ ଲୀନ ହୋଇଥାନ୍ତି । ପ୍ରାଣୀମାନଙ୍କ ସହିତ ପ୍ରକୃତି ଏକ ପ୍ରକାର ପରମାତ୍ମାଙ୍କ ସହ ବିଲୀନ ହୋଇଥାଏ । ପ୍ରାଣୀ ସମୂହ ସେତେବେଳେ ସୁଷୁପ୍ତ ଅବସ୍ଥାରେ ରହିଥାନ୍ତି । ସୃଷ୍ଟିର ସର୍ଜନା କାଳରେ, ଲୀନ ହୋଇଥିବା ପ୍ରକୃତିକୁ ବିଶେଷ ଭାବରେ କ୍ରିୟାଶୀଳ କରିବାପାଇଁ ଭଗବାନଙ୍କ "ମୁଁ ଏକ ବହୁତ ହୋଇଯାଏ" ସଂକଳ୍ପ ଅଚେତନ ପ୍ରକୃତି ରୂପ ଯୋନିରେ ଚେତନ ରୂପୀ ବୀଜ ଭାବରେ ସ୍ଥାପିତ ହୁଏ । ଏହା ଜଡ ଓ ଚେତନର ସଂଯୋଗ । ଏହା ମହାନ୍ ବିସର୍ଜନ ଅଟେ । ସେହି ବିସର୍ଜନ ବା ତ୍ୟାଗର ନାମ 'ବିସର୍ଗ' । ସେହି ଜଡ ଓ ଚେତନ ସଂଯୋଗରେ ଚରାଚର ପ୍ରାଣୀଙ୍କ ଉତ୍ପତ୍ତି ହୁଏ । ଏହା ହେଉଛି ଭୂତ ଭାବର ଉଦ୍ଭବ । ଭଗବାନଙ୍କ ଏହି ବିସର୍ଗ ରୂପ ମହାନ୍ କର୍ମରେ ହିଁ ଜଡ ପ୍ରକୃତି ସ୍ପନ୍ଦିତ ହୋଇ କ୍ରିୟାଶୀଳ ହୋଇଥାଏ । ସେଥିରେ ମହାପ୍ରଳୟ ପର୍ଯ୍ୟନ୍ତ ବିଶ୍ୱରେ ଅନନ୍ତ କର୍ମର ଅଖଣ୍ଡ ଧାରା ବହି ଚାଲିଥାଏ । ତେଣୁ ମୁଖ୍ୟ କର୍ମ ହେଉଛି ଭଗବାନଙ୍କ ସଂକଳ୍ପ ଏବଂ ସେହିଠାରୁ କର୍ମ ପରମ୍ପରା ସୃଷ୍ଟି । ଭଗବାନଙ୍କ ସୃଷ୍ଟି ରଚନା ପ୍ରକ୍ରିୟାରେ ଜୀବର ଅଂଶଗ୍ରହଣ ହେଉଛି କର୍ମ । ସୃଷ୍ଟି ରଚନା ରୂପକ କର୍ମକୁ ବିସର୍ଗ ବା ତ୍ୟାଗ କହିବାର ତତ୍ପର୍ଯ୍ୟ ହେଲା, ଏଥିରେ ପ୍ରକୃତି ତତ୍ତ୍ୱର ସୁଷୁପ୍ତ ଅବସ୍ଥା ତ୍ୟାଗ ହୋଇଥାଏ । ଭଗବାନଙ୍କ ଏହି ଭୂତଭାବ ଉଦ୍ଭବକର ମହାନ୍ ବିସର୍ଜନ ଏକ ମହାନ୍ ସମଷ୍ଟି ଯଜ୍ଞ ହୋଇଥାଏ । ଏହି ମହାନ୍ ସମଷ୍ଟି ଯଜ୍ଞରୁ ବିବିଧ ଲୌକିକ ଯଜ୍ଞର ଉଦ୍ଭାବନ ହୋଇଛି । ସେହି ଯଜ୍ଞରେ ହବି ଆଦି ଯେଉଁ ଦ୍ରବ୍ୟ ଉତ୍ସର୍ଗ କରାଯାଏ, ତାହାକୁ ମଧ୍ୟ 'ବିସର୍ଗ' କୁହାଯାଏ । ଭଗବାନ ତୃତୀୟ ଅଧ୍ୟାୟରେ କହିଛନ୍ତି; ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଜଳ, ଜଳରୁ ଅନ୍ନ, ଅନ୍ନରୁ ପ୍ରାଣୀ ଉତ୍ପନ୍ନ ହୋଇଥାନ୍ତି । ତେଣୁ ଯଜ୍ଞ ମଧ୍ୟ ପ୍ରଜା ଉତ୍ପତ୍ତିର କାରଣ ହୋଇଥାଏ । ମନୁ ସ୍ମୃତିରେ କୁହାଯାଇଛି କି, ପରମାତ୍ମାଙ୍କ ସଂକଳ୍ପ ହିରଣ୍ୟଗର୍ଭରେ "ଓଁ"କାର ନାଦ ରୂପରେ ସ୍ପନ୍ଦିତ ହୁଏ । ହିରଣ୍ୟଗର୍ଭର ଏହି ସ୍ପନ୍ଦନ ହେଉଛି ମୁଖ୍ୟ କର୍ମ ଯେଉଁଥିରୁ ପ୍ରତ୍ୟେକ ଜୀବର କର୍ମଧାରା ସୃଷ୍ଟି ହୋଇ ଚାଲିଛି । କର୍ମ ତତ୍ତ୍ୱ ଉପରେ ମାନ୍ୟସ୍ୱଦ ବ୍ୟାଖ୍ୟାକାର ମାନେ ନିଜର ଶାସ୍ତ୍ର ପର୍ଯ୍ୟାଲୋଚନାର ସିଦ୍ଧାନ୍ତ, ଶ୍ରୁତି ବାକ୍ୟ ଓ ସାଧୁ ସନ୍ଥଙ୍କ ସାଧନା ଅନୁଭୂତିକୁ ନେଇ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି । କର୍ମକୁ ଏପରି ମଧ୍ୟ ବ୍ୟାଖ୍ୟା କରାଯାଇଛି କି, ଜୀବର ଅନ୍ତଃକରଣରେ ଯେଉଁ ଭାବ ଉତ୍ପନ୍ନ ହୋଇଥାଏ, ତାହା ଭଲ କିମ୍ବା ମନ୍ଦ କିଛି ନା କିଛି ସଂସ୍କାର ସଂରଚନା କରିଥାଏ । ସେହି ସଂସ୍କାରର ଅନ୍ତ ଘଟିବା ପର୍ଯ୍ୟନ୍ତ ବିସର୍ଜନ ପ୍ରକ୍ରିୟା ହେଉଛି କର୍ମର ପରାକାଷ୍ଠା । ଜୀବର ସଞ୍ଚୟ ହୋଇ ରହିଥିବା ଶୁଭ ଓ ଅଶୁଭ ସମସ୍ତ ସଂସ୍କାର ଯେତେବେଳେ ଏହି ବିସର୍ଜନ ପ୍ରକ୍ରିୟାରେ ସର୍ବଥା ଶାନ୍ତ ହୋଇ ଯାଇଥାଏ, ତାହା କର୍ମର ସମ୍ପୂର୍ଣ୍ଣତା । ଯାହା ଯୋଗେଶ୍ୱର କୃଷ୍ଣ କହିଛନ୍ତି କି, ସେହି କର୍ମ ପୂର୍ଣ୍ଣ ଯାହାର ଆଗକୁ ଆଉ ଆବଶ୍ୟକତା ରହି ନଥାଏ । ଏହି ମର୍ମରେ କର୍ମର ଅର୍ଥ ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମର ସମ୍ପାଦନା, ଈଶ୍ୱର ଆରାଧନା, ଅଧ୍ୟାତ୍ମ ଚିନ୍ତନ । ଏହିସବୁ ଯଜ୍ଞକର୍ମ ରୂପେ ପୂର୍ବ ଅଧ୍ୟାୟ ମାନଙ୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଅନ୍ୟ ଏକ ମତ ଅନୁସାରେ ପ୍ରାଣୀମାନଙ୍କ ଭାବକୁ ଉତ୍ପନ୍ନ କରୁଥିବା ସୃଷ୍ଟିର ଚଳନ ପ୍ରକ୍ରିୟାକୁ କର୍ମ ଶବ୍ଦରେ କୁହାଯାଇଛି । ଅପରା ପ୍ରକୃତିର ସ୍ଥୂଳ ପଞ୍ଚ ମହାଭୂତ ଓ ସୂକ୍ଷ୍ମ (ମନ,ବୁଦ୍ଧି ଅହଂକାର) ଭୂତଭାବର ଅସ୍ତିତ୍ୱକୁ ପ୍ରକଟ କରିବା ନିମନ୍ତେ

ଯେଉଁ ପ୍ରକ୍ରିୟା ତାହା କର୍ମ । କର୍ମର ସଂଜ୍ଞା ପ୍ରଚେଷ୍ଟା । ସ୍ୱୟଂ ଅବ୍ୟକ୍ତ ପ୍ରକୃତିର ଅଭ୍ୟନ୍ତରରେ ଏହି ପ୍ରକାର ପ୍ରଚେଷ୍ଟାର ଯେଉଁ ଆବିର୍ଭାବ ହୋଇଥାଏ, ସେଥିରେ କର୍ମ ନିର୍ମାଣ ହୋଇଥାଏ । ସେହି କର୍ମ ସମଷ୍ଟି ରୂପରେ ସଂସାରରେ ଏବଂ ବ୍ୟଷ୍ଟି ରୂପରେ ଜୀବର ଶରୀରରେ ପରିଲକ୍ଷିତ ହୁଏ । ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ ଏହି ଶ୍ଳୋକର ବ୍ୟାଖ୍ୟା ହେଲା : 'ଅକ୍ଷର' ହେଉଛି କେବେ ବିନଷ୍ଟ ନ'ହେବା ପରବ୍ରହ୍ମ । 'ପରମ' ଶବ୍ଦରେ ଉତ୍କୃଷ୍ଟତା ଏବଂ ସମସ୍ତିଙ୍କ ନିୟନ୍ତ୍ରଣ ସାମର୍ଥ୍ୟକୁ ସୂଚିତ କରାଯାଇଛି । ସେହି ପରମବ୍ରହ୍ମର ସ୍ୱଭାବ ଅର୍ଥାତ୍ ନିଜର ହିଁ ସ୍ୱରୂପ ଯାହା ପ୍ରାଣୀଙ୍କ ଭିତରେ ଆତ୍ମାରୂପରେ ପ୍ରବିଷ୍ଟ ହୋଇଥାଏ, ତାହା ଅଧ୍ୟାତ୍ମ ଶବ୍ଦରେ କୁହାଯାଇଛି । ସମସ୍ତ ପ୍ରାଣୀଙ୍କ ଉତ୍ପତ୍ତି କରୁଥିବା ଯେଉଁ ବିସର୍ଗ ଅର୍ଥାତ୍ ଯଜ୍ଞାଗ୍ନିରେ ଚରୁ, ଦ୍ରବ୍ୟାଦି ଅର୍ପଣ କ୍ରିୟା ହେଉଛି କର୍ମ ଶବ୍ଦର ସଂଜ୍ଞା । ଏହି ଯଜ୍ଞରେ ହିଁ ଅନ୍ନାଦି ଉତ୍ପନ୍ନ ହେଲେ, ତାହା ପ୍ରାଣୀ ଉତ୍ପତ୍ତିରେ ସହାୟତା ହୁଏ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ବ୍ୟାଖ୍ୟା ହେଲା : ପରମ ଅକ୍ଷର ଅର୍ଥାତ୍ ପ୍ରକୃତି ରହିତ ଯେଉଁ ଆତ୍ମା ସ୍ୱରୂପ ତାହା ହିଁ 'ବ୍ରହ୍ମ' । ଏହି ବ୍ରହ୍ମର ସ୍ୱଭାବ ଅର୍ଥାତ୍ ପ୍ରକୃତିକୁ ଅଧ୍ୟାତ୍ମ କୁହାଯାଇଛି । ଏଠାରେ ଆତ୍ମାରୂପ ନ ହୋଇ ମଧ୍, ଯାହା ଆତ୍ମା ସହିତ ସମ୍ବନ୍ଧିତ ହୋଇ ରହିଥାଏ ସେହି ବାସନାଦିକୁ ( ସଂସ୍କାର ଆଦି) ପ୍ରାକୃତ ଶବ୍ଦରେ ବୁଝିବାକୁ ହେବ । ଭୂତଭାବ ଅର୍ଥାତ୍ ମନୁଷ୍ୟାଦି ରୂପକୁ ଉତ୍ପନ୍ନ କରୁଥିବା ପଞ୍ଚାଗ୍ନି ବିଦ୍ୟାରେ, ପଞ୍ଚମ ଆହୁତି ରୂପ କୁହା ଯାଉଥିବା ଯେଉଁ ସ୍ତ୍ରୀ ସଂପର୍କରେ ହେଉଥିବା ବିସର୍ଗ, ତାହା କର୍ମ ଶବ୍ଦରେ କୁହାଯାଇଛି । କର୍ମର ତ୍ୟାଗ ନିମନ୍ତେ କର୍ମର ସ୍ୱରୂପକୁ ଜାଣିବା ଆବଶ୍ୟକ ରହିଛି । ଲୋକମାନ୍ୟ ତିଳକଙ୍କ ବ୍ୟାଖ୍ୟା ହେଲା; - ପରମ ଅକ୍ଷର ବ୍ରହ୍ମ ଅଟେ । ପରମ ଅକ୍ଷର ଶବ୍ଦରେ ଯାହା ସର୍ବଥା ବିନାଶ ରହିତ, ଅପରିବର୍ତ୍ତିତ, ବେଦାନ୍ତ ନିରୂପିତ ପରବ୍ରହ୍ମ, ତାହାକୁ ନିର୍ଦ୍ଦେଶ କରାଯାଇଛି । ପ୍ରତ୍ୟେକ ବସ୍ତୁର ମୂଳ ସ୍ୱଭାବ, ଯାହା ସୂକ୍ଷ୍ମ ରୂପରେ ବସ୍ତୁରେ ବିଦ୍ୟମାନ ତାହା ଅଧ୍ୟାତ୍ମ । ସମ୍ପୂର୍ଣ୍ଣ ଜଡ ଚେତନାତ୍ମକ ବସ୍ତୁମାନଙ୍କ ପରମବ୍ରହ୍ମ ଠାରୁ ଉତ୍ପତ୍ତି କରାଉଥିବା ପ୍ରକ୍ରିୟାକୁ କର୍ମ ଶବ୍ଦରେ କୁହାଯାଇଛି । ମନୁଷ୍ୟ କାମନାର ବଶୀଭୂତ ହୋଇ ନିଷିଦ୍ଧ କର୍ମକରେ । ଯଦି ମନୁଷ୍ୟ କାମନାର ବଶୀଭୂତ ହୁଏନାହିଁ, ତେବେ ସ୍ୱାଭାବିକ ଭାବରେ ତା'ଦ୍ୱାରା ବିହିତ କର୍ମ ହେବ । ସେହି ବିହିତ କର୍ମକୁ ଅଷ୍ଟାଦଶ ଅଧ୍ୟାୟରେ ସହଜ ବା ସ୍ୱଭାବ କର୍ମ ବୋଲି ଭଗବାନ କହିଛନ୍ତି । ଏହିପରି ଭାବରେ 'କର୍ମ' ଶବ୍ଦର ସଂଜ୍ଞା ବିଭିନ୍ନ ଶାସ୍ତ୍ର ମତ, ଅଧ୍ୟାତ୍ମ ସାଧନ ଏବଂ ସଂସାରରେ ବ୍ୟବହାରିକ ଅନୁଭୂତିକୁ ନେଇ ଅଲଗା ଅଲଗା ବୋଧ ହୋଇଥାଏ ।

ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।
ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ॥ ୪॥

*ଅନ୍ୱୟ : ଦେହଭୃତାଂ ବର ( ହେ ଦେହଧାରୀ ଶ୍ରେଷ୍ଠ ଅର୍ଜୁନ!) କ୍ଷରଃ (ନଶ୍ୱର – ବିନାଶଶୀଳ) ଭାବଃ (ପ୍ରକୃତି - ଶରୀର ଆଦି ଜଡ ପଦାର୍ଥ) ଅଧିଭୂତ ( ଅଧିଭୂତ) ପୁରୁଷଃ ( ହିରଣ୍ୟଗର୍ଭ - ଭୂତ ସ୍ରଷ୍ଟା ବ୍ରହ୍ମା) ଅଧିଦୈବତମ୍ (ସମସ୍ତ ଦେବତାଙ୍କ ଅଧିଷ୍ଠାତା ) ଚ-ଅତ୍ର -ଦେହେ (ଏବଂ ଏହି ଶରୀରରେ) ଅହଂ ଏବ ( ମୁଁ ହେଉଛି ) ଅଧିଯଜ୍ଞ ( ଅଧିଯଜ୍ଞ ବିଷ୍ଣୁ ) ।*

**ଭାବାର୍ଥ** : ହେ ନରଶ୍ରେଷ୍ଠ ଅର୍ଜୁନ ! କ୍ଷର ଅର୍ଥାତ୍ ବିନଶ୍ୱର ଭାବଯୁକ୍ତ ଶରୀର ଆଦି ଜଡ ପଦାର୍ଥ ଅଧିଭୂତ ଅଟନ୍ତି । ପଞ୍ଚ ମହାଭୂତ ଆଦି ଅପରା ପ୍ରକୃତି ଏବଂ ଏହାର ପରିଣାମରେ ଉତ୍ପନ୍ନ ବିନାଶଶୀଳ ତତ୍ତ୍ୱ ଯାହାର ପ୍ରତିକ୍ଷଣ କ୍ଷୟ ଘଟୁଥାଏ, ତାହା ହେଉଛି କ୍ଷରଭାବ । ଜଡ ଶରୀର ସହିତ ଉତ୍ପତ୍ତି, ସ୍ଥିତି, ବୃଦ୍ଧି, ପରିଣାମ, କ୍ଷୟ ଏବଂ ନାଶ ଏହି ଛଅଗୋଟି ବିକାର ସର୍ବଦା ଯୁକ୍ତ । ଯାହାର ଆଦ୍ୟରେ ଉତ୍ପତ୍ତି ଏବଂ ଅନ୍ତରେ ବିନାଶ-ଏହି ଦୁଇ ଭୌତିକ ବିବର୍ତ୍ତନ ରହିଛି, ତାହା ଅଧିଭୂତ । ଅନ୍ୟ ଅର୍ଥରେ ପଦାର୍ଥ ବା ବିଷୟ, ଯାହା ଜୀବାତ୍ମାକୁ ଆଶ୍ରିତ ହୋଇ ରହିଥାଏ ଅର୍ଥାତ୍ ଜୀବରୂପା ଚେତନ ଯାହାକୁ ଧାରଣ କରି ରଖିଥାଏ, ସେହି ସବୁ ଅଧିଭୂତ । ଶ୍ରୀଶଙ୍କାରାଚାର୍ଯ୍ୟଙ୍କ ମତାନୁସାରେ ବିନାଶ ହେଉଥିବା ପଦାର୍ଥ ଅଧିଭୂତ । ଯେଉଁ ପର୍ଯ୍ୟନ୍ତ ଅକ୍ଷୟ ଭାବ ପ୍ରାପ୍ତ ହୋଇ ନ ଥାଏ, ସେହି ପର୍ଯ୍ୟନ୍ତ ନଷ୍ଟ ହେଉଥିବା ସମ୍ପୂର୍ଣ୍ଣ କ୍ଷର ଭାବ, 'ଅଧିଭୂତ' ଅଟେ । ପ୍ରକୃତିର ଉର୍ଦ୍ଧ୍ୱରେ ଯେଉଁ ପରମ ପୁରୁଷ ରହିଛନ୍ତି, ସେ ଅଧିଦୈବ ଅର୍ଥାତ୍ ସମ୍ପୂର୍ଣ୍ଣ ଦୈବୀ ସମ୍ପଦର ଅଧିପତି, ଅଧିଷ୍ଠାତା ଏବଂ ଉତ୍ପାଦକ । ସମଷ୍ଟିଗତ ବ୍ରହ୍ମାଣ୍ଡ ଏବଂ ପାର୍ଥିବ ଜଗତରେ ଗବାନଙ୍କ ଯେଉଁ ଦିବ୍ୟ ଶକ୍ତିମାନ ରହିଛି, ତାହା ଅଧିଦୈବ ଶବ୍ଦକୁ ବୁଝାଏ । ଭୂତ ଜଗତର ସ୍ରଷ୍ଟା, ଆଦିପୁରୁଷ ବ୍ରହ୍ମା ହେଉଛନ୍ତି ହିରଣ୍ୟଗର୍ଭ ତଥା ଅଧିଦୈବ । ସ୍ୱୟଂ ପରମାତ୍ମା ଅଧିଦୈବ ରୂପରେ ପ୍ରଗଟ ହୁଅନ୍ତି । ଆଦିଦେବ ବ୍ରହ୍ମା, ଜଡ ଚେତନାତ୍ମକ ସମ୍ପୂର୍ଣ୍ଣ ବିଶ୍ୱର ପ୍ରାଣ ପୁରୁଷ ଅଟନ୍ତି । ତେଣୁ ବ୍ରହ୍ମା ମଧ୍ୟ ଭଗବାନଙ୍କ ଠାରୁ ଅଭିନ୍ନ । ଶରୀରରେ ବସ୍ତୁତଃ ପ୍ରାଣାତ୍ମକ ଶକ୍ତି ହେଉଛି ଦୈବ ତତ୍ତ୍ୱ ଯାହାର କାରଣରୁ ଶରୀରର ମନ, ବୁଦ୍ଧି, ଇନ୍ଦ୍ରିୟ ମାନଙ୍କ ବିକାଶ ହୁଏ । ଯେ' ସର୍ବତ୍ର ପରିପୂର୍ଣ୍ଣ, ତାହା ହେଉଛି 'ପୁରୁଷ' ବା ଅଧିଦୈବ । ହିରଣ୍ୟଗର୍ଭ ହେଉଛି 'ପୁରୁଷ' ଏବଂ ବିଶ୍ୱ ବ୍ରହ୍ମାଣ୍ଡ ଏହାଦ୍ୱାରା ପରିପୂର୍ଣ୍ଣ । ହିରଣ୍ୟଗର୍ଭ ହେଉଛି ବିଶ୍ୱାତ୍ମା । ପ୍ରତ୍ୟେକ ଜୀବାତ୍ମା ଏହି ବିଶ୍ୱାତ୍ମାର ଗୋଟିଏ ଗୋଟିଏ ରଶ୍ମି । ବିଶ୍ୱର ସମସ୍ତ ଜୀବ ଏହି ହିରଣ୍ୟଗର୍ଭ ଦ୍ୱାରା ନିୟନ୍ତ୍ରିତ ହୋଇ ରହିଛନ୍ତି । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଆଦି ସମସ୍ତ ଦେବତା ଅବସ୍ଥାନ କରିଥିବା ବିରାଟ ବିଶ୍ୱରୂପ ଅଧିଦୈବ ଅଟେ । ଭଗବାନ କହୁଛନ୍ତି; ହେ ଦେହଧାରୀ ଶ୍ରେଷ୍ଠ ଅର୍ଜୁନ ! ଏହି ଶରୀରରେ 'ମୁଁ' ବାସୁଦେବ ହିଁ ଅନ୍ତର୍ଯାମୀ ରୂପରେ ଅଧିଯଜ୍ଞ ଅର୍ଥାତ୍ ଯଜ୍ଞାଧିଷ୍ଠାତ୍ରୀ ଦେବତା, ଯଜ୍ଞାଦି କର୍ମର ପ୍ରବର୍ତ୍ତକ ଓ ଫଳଦାତା ଅଟେ । ପରମବ୍ରହ୍ମଙ୍କ ପ୍ରତ୍ୟକ୍ଷାଂଶକୁ ପରମାତ୍ମା ବା ଅଧିଯଜ୍ଞ କୁହାଯାଇଛି । ପରମାତ୍ମା ରୂପରେ ସେ ଜୀବର ହୃଦୟରେ ବାସକରି ଅନ୍ତଃ ନିୟନ୍ତା ଓ ଅଧିଷ୍ଠାତା ଦେବ ରୂପରେ ଜୀବର ସମସ୍ତ କାର୍ଯ୍ୟର ନିର୍ଦ୍ଦେଶକ ଓ ସାକ୍ଷୀ ମଧ୍ୟ ହୋଇଥାନ୍ତି । ସେ' ହିଁ ପରମାତ୍ମା ରୂପରେ ଶରୀର ଦ୍ୱାରା ନିର୍ବାହ ହେଉଥିବା ସମସ୍ତ ଯଜ୍ଞ କର୍ମର ପ୍ରଭୁ ହୋଇଥାନ୍ତି ଏବଂ ପ୍ରକୃତିସ୍ଥ ହୋଇ ଫଳର ଭୋକ୍ତା ହୋଇଥାନ୍ତି । ଜୀବଠାରୁ ସେ ସମ୍ପୂର୍ଣ୍ଣ ଭାବରେ ଅଭିନ୍ନ ବୋଲି ଭଗବାନ ଏହି ଶ୍ଳୋକରେ ସ୍ପଷ୍ଟ ରୂପରେ ଘୋଷଣା କରିଛନ୍ତି । ଜୀବ ଶରୀରରେ ସମସ୍ତ କାର୍ଯ୍ୟର ଅଧିଷ୍ଠାତା ଓ ନିୟନ୍ତା ହୋଇଥିଲେ ମଧ୍ୟ, ଭଗବାନ ଉଦାସୀନ ଭାବରେ ନିର୍ଲିପ୍ତ ରହିଥାନ୍ତି । ଏହି ବିରାଟ ସୃଷ୍ଟିରେ ପ୍ରଜାପତି ବ୍ରହ୍ମାଙ୍କ ଅହରହ ମହାଯଜ୍ଞ ଚାଲିଅଛି । ଅନ୍ୟ ଅର୍ଥରେ ସାରା ସୃଷ୍ଟି ମହାଯଜ୍ଞ ରୂପ ଅଟେ । ଜୀବ ଶରୀରକୁ ମଧ୍ୟ ଏହି ମହାଯଜ୍ଞ କ୍ଷେତ୍ର ରୂପରେ ସଂରଚନା କରାଯାଇଛି, ଯେଉଁଥିରେ ସମସ୍ତ ଦେବତା ଏବଂ ପଞ୍ଚ ମହାଭୂତ

ନିଜ ନିଜ ପ୍ରତିନିଧି ରୂପରେ ବିଦ୍ୟମାନ । ଜୀବ ଶରୀରରେ ଜଡ ଓ ଚେତନର ଯେଉଁ ରହସ୍ୟମୟ ସଂଯୋଗରେ ପ୍ରାଣ ରୂପକ ସେହି ଗୂଢ ଚିନ୍ମୟ ସତ୍ତାର ଅଧିଷ୍ଠାନ, ତାହା ଅଧିଯଜ୍ଞ ନାମରେ ଅଭିହିତ । ପରମାତ୍ମା ଅଧିଯଜ୍ଞ ରୂପରେ ସାଧକର ଅନ୍ତରରେ ନିବାସ କରିଥିଲେ ସୁଦ୍ଧା, ସଂସାର ଯେପରି ପ୍ରତ୍ୟକ୍ଷ ରୂପେ ଦେଖାଯାଏ, ଭଗବାନ ସେହିପରି ଭାବରେ ଅନୁଭୂତ ହୋଇ ନ ଥାନ୍ତି । ଶାସ୍ତ୍ର ଓ ଗୁରୁବାକ୍ୟରେ ଅନୁପ୍ରାଣିତ ହୋଇ, 'ସଂସାର ଭିତରେ ପରମାତ୍ମା ରହିଛନ୍ତି ଏବଂ ପରମାତ୍ମାଙ୍କ ଠାରେ ସଂସାର ରହିଛି' ଏହି ସିଦ୍ଧାନ୍ତକୁ ସ୍ୱୀକାର କରି ସାଧକ ସାଧନା ଆରମ୍ଭ କରେ । ସାଧନ ପ୍ରାରମ୍ଭରେ ସଂସାରର ପ୍ରାଧାନ୍ୟ ରହିଥିବା ପର୍ଯ୍ୟନ୍ତ, ପରମାତ୍ମାଙ୍କୁ ମାନିବା ଗୌଣ ରୂପେ ରହିଥାଏ । ସାଧନାର ଅଗ୍ରଗତି ହେବାପରେ, ପରମାତ୍ମାଙ୍କୁ ମାନିବା ଯେତେ ଅଧିକ ମୁଖ୍ୟହୋଇ ଚାଲେ ସଂସାର ଧାରଣା ସେତିକି ଗୌଣ ହୋଇଯାଏ । ପରମାତ୍ମାଙ୍କ ଧାରଣା ପୂର୍ଣ୍ଣ ଭାବରେ ମୁଖ୍ୟ ହୋଇଗଲେ, "ସଂସାର ନିତ୍ୟ ଅଭାବ ଓ ପରମାତ୍ମାଙ୍କ ନିତ୍ୟ ବିଦ୍ୟମାନ"- ସାଧକର ଏହି ଜ୍ଞାନ ପ୍ରାପ୍ତ ହୋଇଯାଏ । ଏହି ଶ୍ଳୋକରେ ଭଗବାନ ଅର୍ଜୁନଙ୍କ ଅଧିଭୂତ, ଅଧିଦୈବ ଓ ଅଧିଯଜ୍ଞ ସମ୍ବନ୍ଧୀୟ ତିନିଗୋଟି ପ୍ରଶ୍ନର ସମାଧାନ କହିଛନ୍ତି । 'ଦେହଭୃତାଂ ବର' ନାମରେ ଭଗବାନ ଅର୍ଜୁନଙ୍କୁ ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା, ଯେଉଁ ମନୁଷ୍ୟ ନିଜ ଭିତରେ ଏବଂ ସମସ୍ତଙ୍କ ଭିତରେ ପରମାତ୍ମା ବିଦ୍ୟମାନ ବୋଲି ସ୍ୱୀକାର କରି, ତଦ୍ ଅନୁସାରେ ଆଚରଣ କରେ, ସେ' ଶ୍ରେଷ୍ଠ ନର ପଦବାଚ୍ୟ । ଅନ୍ୟଠାରେ ଦୋଷ ଗୁଣ ଦେଖିବାକୁ, ପରମାତ୍ମାଙ୍କଠି ଦୋଷଗୁଣ ଦେଖିବା ଭଳି ବୋଧହେବା, ଅନ୍ୟକୁ ତିରସ୍କାର କଲେ ପରମାତ୍ମାଙ୍କୁ ତିରସ୍କାର ବୋଲି ଧରିନେବା, ଅନ୍ୟର ଶ୍ରେୟତାକୁ ଦେଖିଲେ ତାହା ପରମାତ୍ମାଙ୍କର ବିଭୂତି ବୋଲି ମାନିନେବା, ଏହି ପ୍ରକାର ଭାବ ସୃଷ୍ଟିହେବାର ଲକ୍ଷଣ ହେଉଛି ନିଜ ଓ ସମସ୍ତଙ୍କ ହୃଦୟରେ ପରମାତ୍ମାଙ୍କ ସତ୍ତାକୁ ସ୍ୱୀକାର କରିନେବା । ଅନ୍ୟ ଜୀବ ଶରୀରରେ ଅନ୍ତର୍ଯାମୀ ରୂପରେ ପରମାତ୍ମା ରହୁଥିଲେ ମଧ, ସେହି ପ୍ରାଣୀମାନଙ୍କ ଠାରେ ବିବେକ ଓ ଜ୍ଞାନ ଅଭାବରୁ ତତ୍ତ୍ୱ ଆଡକୁ ଦୃଷ୍ଟି ଦେବାର ସାମର୍ଥ୍ୟ ନ ଥାଏ । ତେଣୁ ମନୁଷ୍ୟ ହିଁ କେବଳ ନିଜ ଶରୀରକୁ ତତ୍ତ୍ୱ ପ୍ରାପ୍ତି ଉଦ୍ଦେଶ୍ୟରେ ଉପଯୋଗ କରିପାରିବ ।

ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତ୍ୱା କଳେବରମ୍ ।
ଯଃ ପ୍ରୟାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ॥ ୫ ॥

*ଅନ୍ୱୟ: ଯଃ ( ଯେଉଁ ମନୁଷ୍ୟ) ଅନ୍ତକାଳେ ଚ ( ଶରୀର ଧାରଣ କରିବାର ଅନ୍ତିମ ମୁହୂର୍ତ୍ତରେ ମଧ) ମାମ୍ ଏବ ( ମୋତେ ହିଁ) ସ୍ମରନ୍ ( ସ୍ମରଣ କରି) କଳେବରମ୍ ( ଶରୀର) ମୁକ୍ତ୍ୱା (ତ୍ୟାଗ କରି) ପ୍ରୟାତି ( ପ୍ରୟାଣ କରନ୍ତି – ଚାଲିଯାଆନ୍ତି ) ସଃ ( ସେହି ମନୁଷ୍ୟ ) ମଦ୍ଭାବଂ ( ମୋରି ସ୍ୱରୂପକୁ) ଯାତି ( ପ୍ରାପ୍ତି ହୁଅନ୍ତି) ଅତ୍ର ( ଏଥିରେ) ସଂଶୟଃ ( ସନ୍ଦେହ) ନାସ୍ତି ( ନାହିଁ ) ।*

**ଭାବାର୍ଥ**: ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି; ଯେଉଁ ପୁରୁଷ ଅନ୍ତକାଳରେ ଅର୍ଥାତ୍ ମନର ନିରୋଧ ଏବଂ ବିଲୟ କାଳରେ ମୋତେ ସ୍ମରଣ କରୁଥିବା ଅବସ୍ଥାରେ ଶରୀର ସମ୍ବନ୍ଧକୁ ତ୍ୟାଗକରି ଅଲଗା ହୋଇଯାଏ, ସେ ସାକ୍ଷାତ୍ ମୋରି ସ୍ୱରୂପକୁ ପ୍ରାପ୍ତି ହୋଇଥାଏ । ମୃତ୍ୟୁ ବା ଶରୀର ନିଧନ ବିଶୁଦ୍ଧ ଅନ୍ତକାଳ ହୋଇ ନ ଥାଏ

। ଯେ' ପର୍ଯ୍ୟନ୍ତ ବସ୍ତ୍ର ଭଳି ଜୀବାତ୍ମାର ଶରୀର ପରିବର୍ତ୍ତନ ପ୍ରକ୍ରିୟା ଲାଗି ରହିଥାଏ, ସେ ପର୍ଯ୍ୟନ୍ତ ତାହା ଶରୀର ଧାରଣ କରିବାର ଅନ୍ତକାଳ ନୁହେଁ । ସଞ୍ଚିତ ସଂସ୍କାର ଅନ୍ତଃକରଣରୁ ବିନଷ୍ଟ ହୋଇଗଲା ପରେ, ମନ ନିରୋଧ ହୋଇ ବିଲୟ ଘଟିଲେ କେବଳ ଶୁଦ୍ଧ ଚୈତନ୍ୟ ହିଁ ଅବଶେଷ ରହେ, ଯାହା ପରମାତ୍ମା ସ୍ୱରୂପ ସହିତ ଏକାକାର ହୋଇଯାଏ । ଯାହାର ଉପରାନ୍ତରେ ପୁନଃ ଶରୀର ଧାରଣ କରିବାର ଅବକାଶ ରହେନାହିଁ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ମତରେ ମୁକ୍ତି ପ୍ରାପ୍ତିପରେ ମଧ୍ୟ ପରମାତ୍ମା ସ୍ୱରୂପରେ ଜୀବ ଲୀନ ନ ହୋଇ ପରମାତ୍ମାଙ୍କ ସ୍ୱଭାବକୁ ପ୍ରାପ୍ତ ହୋଇଥାଏ । ପରମାତ୍ମାଙ୍କ ସାଦୃଶ୍ୟ ସଂସାର ପ୍ରପଞ୍ଚରେ ଲିପ୍ତ ନ ହୋଇ ଶୁଦ୍ଧ ଆତ୍ମାରେ ଅବସ୍ଥାନ କରିଥାଏ । ଭଗବାନଙ୍କ ସ୍ମରଣ ପାଇଁ ହିମାଳୟ ଗୁମ୍ଫାରେ ସମାଧି ଲଗାଇବା ଜରୁରୀ ନାହିଁ । ସଂସାରକୁ ବ୍ରହ୍ମ ଦୃଷ୍ଟିରେ ଦେଖି, ବଶୀଭୂତ ହୋଇରହିଥିବା ଇନ୍ଦ୍ରିୟ ସମୂହର ଯେଉଁ ଅନୁଭବତା, ତାହା ହିଁ ମନକୁ ନିରୋଧ କରିବାରେ ଅନ୍ତକାଳରେ ସହାୟକ ହୋଇଥାଏ । ଭଗବାନଙ୍କ ନାମ କୀର୍ତ୍ତନ ଏବଂ ଗୁଣ ଗାନ କରିବାରେ ଯେଉଁ ଲୟ, ତାହା ଯୋଗ ହୋଇଥାଏ । ଭଗବାନଙ୍କର ନାମ ଉଚ୍ଚାରଣରେ ଅନ୍ତଃକରଣରେ ଯେଉଁ ଆନନ୍ଦର ଶିହରଣ ଆସେ, ତାହା ଭକ୍ତି ରସ ହୋଇଥାଏ । ସମସ୍ତ ଜୀବ ଭଗବାନଙ୍କ ଅଂଶ ଭାବି ସେମାନଙ୍କୁ ପରମାତ୍ମାଙ୍କ ମୂର୍ତ୍ତି ରୂପରେ ସ୍ୱୀକାର କରିନେଲେ, ସେଥିରେ ଯେଉଁ ତତ୍ତ୍ୱର ସାକ୍ଷାତ୍କାରହୁଏ ତାହା 'ଜ୍ଞାନ' । ଏହି ପରି ଯୋଗ, ଭକ୍ତି ଓ ଜ୍ଞାନର ଅଭ୍ୟାସଗତ ସାଧନାରେ ଦେହ ତ୍ୟାଗର ଅନ୍ତିମ ମୁହୂର୍ତ୍ତରେ ଭଗବାନଙ୍କ ସ୍ୱରୂପ ସ୍ମରଣକରି ଜୀବାତ୍ମା ରୂପୀ ଚେତନ ମହାଚେତନରେ ଦ୍ରବିଭୂତ ହୋଇଯାଏ । ସମସ୍ତ ସଂସ୍କାର ବିନଷ୍ଟ କାରଣରୁ କାରଣ ଶରୀରର ଅନ୍ତ ଘଟିଥାଏ । ଏହା ହେଉଛି ସଚରାଚର ବିଶ୍ୱର ଅଧିନିୟମ । ପ୍ରବାଦ ରହିଛି, "ଯାହା ବୁଣିବ, ତାହା ଦାଇବ ଅର୍ଥାତ୍ ତାହା ପ୍ରାପ୍ତି ହେବ" । ଜୀବନ କାଳରେ ସାଧନ ରୂପରେ ଯେଉଁ ମଞ୍ଜି ବୁଣିଥିବ, ଫଳସ୍ୱରୂପ ତାକୁ ହିଁ ପ୍ରାପ୍ତି ହେବ । ଭଗବାନ କହିଥିବା ଉକ୍ତିକୁ ବିପରୀତ ଅର୍ଥ ବୋଧରେ ସାରା ଜୀବନ ପାପ କର୍ମରେ ଲିପ୍ତ ରହି, ମୃତ୍ୟୁ ସମୟରେ ଭଗବାନଙ୍କ ନାମକୁ ଉଚ୍ଚାରଣ କରିଦେଲେ ପାପମୁକ୍ତ ହୋଇ- ଯିବ ବୋଲି ଧାରଣା ରଖିବା ମୂର୍ଖତା । ଅଦୃଷ୍ଟ କେବେ ସେହି ପ୍ରକାର ଧାରଣା ରଖିଥିବା ମନୁଷ୍ୟଙ୍କ ଅନ୍ତିମ କାଳରେ ପରମାତ୍ମାଙ୍କ ସ୍ୱରୂପର ସ୍ମରଣ କରାଇଦେବ ନାହିଁ । ଏହା ନିଶ୍ଚିତ । ଏହି ପଦରେ ଭଗବାନ ଶ୍ରୀକୃଷ୍ଣ ଅନ୍ତକାଳରେ ମୋର ସ୍ମରଣ କରି ମୋତେ ପ୍ରାପ୍ତ ହେବ ବୋଲି କହିବାର ତାତ୍ପର୍ଯ୍ୟ ହେଲା; ସମସ୍ତ କାମନା ବାସନାରୁ ମୁକ୍ତ ରହି, ନିଷ୍କର୍ମ୍ୟ ସିଦ୍ଧିପ୍ରାପ୍ତ, ବ୍ରହ୍ମଦୃଷ୍ଟି ସମ୍ପନ୍ନ ଯୋଗୀ ପୁରୁଷ ହିଁ ଅନ୍ତକାଳରେ ମୋର ସ୍ମରଣ କରି ମୋର ସ୍ୱରୂପକୁ ପ୍ରାପ୍ତହେବ । ମନୁଷ୍ୟ ଜନ୍ମର ପରମ ଉଦ୍ଦେଶ୍ୟ ଈଶ୍ୱର ପ୍ରାପ୍ତି । ପରମାତ୍ମା ସର୍ବତ୍ର, ସର୍ବଦା, ସର୍ବରୂପରେ ବିଦ୍ୟମାନ ବୋଲି ଦୃଢ ଚିତ୍ତରେ ଅନେକ ଜନ୍ମଧରି ଭଗବାନଙ୍କୁ ସ୍ମରଣ କରିବା ଦ୍ୱାରା ଅନ୍ତିମ କ୍ଷଣରେ ମଧ୍ୟ ମନ ବିଚଳିତ ନ ହୋଇ ସାଧକର ନିୟନ୍ତ୍ରଣରେ ରହି ଭଗବାନଙ୍କୁ ସ୍ମରଣ କରିବାକୁ ସମର୍ଥ ହୁଏ । ଏହି ପଦରେ ସ୍ଥୂଳ ଓ ସୂକ୍ଷ୍ମ ଶରୀର ବିୟୋଗକୁ ଅନ୍ତକାଳ କୁହାଯାଇଛି । ଅନ୍ତକାଳରେ ମନକୁ ଭଗବାନଙ୍କ ସ୍ୱରୂପରେ ସମାହିତ କରିବା ସବୁଠାରୁ କଠିନ କାର୍ଯ୍ୟ । ଜନ୍ମ ଜନ୍ମ ଧରି କରିଥିବା ଯୋଗାଭ୍ୟାସ ଫଳ ସ୍ୱରୂପ, ଭଗବାନଙ୍କ

ଅପାରକୃପା ହେଲେ ହିଁ କୌଣସି ଏକ ଜନ୍ମର ଅନ୍ତିମ ମୁହୂର୍ତ୍ତରେ ଭଗବାନଙ୍କ ସଚ୍ଚିଦାନନ୍ଦସ୍ୱରୂପର ସ୍ମରଣ ରହିବ । ଥରେ ଜଣେ ଭକ୍ତ ଶ୍ରୀଶଙ୍କରାଚାର୍ଯ୍ୟଙ୍କୁ ପଚାରିଥିଲେ; ଆପଣ ବିଶ୍ୱ ବିଜୟୀ କାହାକୁ ମାନୁଛନ୍ତି । ଉତ୍ତରରେ ଶ୍ରୀଶଙ୍କରାଚାର୍ଯ୍ୟ କହିଥିଲେ କି, ଏହି ସଂସାରକୁ ସେ ଜିତି ପାରିଛି, ଯେ' ମନ ଉପରେ ବିଜୟ ପ୍ରାପ୍ତ କରିନେଇଛି । ସାଧକ କିମ୍ବା ମୋର ଭକ୍ତ, ନିର୍ଗୁଣ ସାକାର କିମ୍ବା ନିରାକାର ରୂପରେ ହେଉ, ଅଥବା ଅବତାରୀ ସ୍ୱରୂପର ନାମ, ଗୁଣ, ପ୍ରଭାବ, ଲୀଳା-ଚରିତ୍ର ଆଦିକୁ ଶରୀର ତ୍ୟାଗ ମୁହୂର୍ତ୍ତରେ ସ୍ମରଣ କରିଲେ, ମୋର ସ୍ୱରୂପରେ ଲୀନ ହୋଇଥାଏ । ପରିବାରର ଲୋକେ ମରଣାସନ୍ନ ସ୍ଥିତିରେ, ଇଷ୍ଟଦେବ ମୂର୍ତ୍ତି କିମ୍ବା ପଟ୍ଟଚିତ୍ର ଦେଖାଇବା, ଗୀତା ଶ୍ଳୋକ ପଢି ଶୁଣାଇବାର ବିଧି ରହିଛି । ସେହି କ୍ଷଣରେ ଭଗବତ୍ ସମ୍ବନ୍ଧୀୟ ପରିବେଶ ବିଦ୍ୟମାନ ରହିବା ଦ୍ୱାରା ମନରେ ଅଭ୍ୟାସଗତ ସ୍ମରଣ ପ୍ରାପ୍ତି ହୋଇଥାଏ । "ହେ ପ୍ରଭୁ ! ଆପଣଙ୍କ ବିନା ମୋର କେହି ନାହିଁ"-ଏତିକି ମାତ୍ର ଭାବ ଆସିଗଲେ, ଭଗବାନଙ୍କ ସ୍ମୃତି ଯୋଗୁଁ କଲ୍ୟାଣ ହୋଇଯାଏ । ଯିଏ ଜୀବନମୁକ୍ତ, ଯାହାର ସମଗ୍ର ସ୍ୱରୂପର ଜ୍ଞାନ ହୋଇସାରିଛି, ଯାହାର ଦୃଷ୍ଟିରେ ସଂସାରର ସ୍ୱତନ୍ତ୍ର ସତ୍ତା ରହିନାହିଁ, ବରଂ ବାସୁଦେବ ହିଁ ସବୁ କିଛିବୋଲି ଧାରଣା ଦୃଢ ହୋଇଛି, ସେହି ମହାତ୍ମାଙ୍କର ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାରେ ମଧ୍ୟ ସ୍ୱାଭାବିକ ଭାବରେ ପରମାତ୍ମାଙ୍କ ବିଦ୍ୟମାନତାର ବିସ୍ମରଣ ହୋଇ ନ ଥାଏ । ସେହି ମହାପୁରୁଷଙ୍କ କଲ୍ୟାଣ ପ୍ରାପ୍ତିରେ ତିଳେମାତ୍ର ସନ୍ଦେହ ରହେ ନାହିଁ ।

ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍
ତଂ ତମେବୈତି କୌନ୍ତେୟ ସଦା ତଦ୍ଭାବଭାବିତଃ ॥୬॥

*ଅନ୍ୱୟ: କୌନ୍ତେୟ ( ହେ କୁନ୍ତୀପୁତ୍ର ଅର୍ଜୁନ !) ଅନ୍ତେ (ମନୁଷ୍ୟ ଅନ୍ତକାଳରେ) ଯଂ ଯଂ ବାପି ଭାବଂ (ଯେଉଁ ଯେଉଁ ଭାବକୁ ମଧ୍ୟ ) ସ୍ମରନ୍ ( ସ୍ମରଣ କରି ) କଳେବରମ୍ ( ଶରୀରକୁ ) ତ୍ୟଜତି (ତ୍ୟାଗ କରନ୍ତି) ସଦା (ସର୍ବଦା ) ତଦ୍- ଭାବ- ଭାବିତଃ ( ସେହି ଭାବରେ ତନ୍ମୟ – ଚିତ୍ତ -ପୁରୁଷ ) ତଂ ତମ୍ ( ସେହି ସେହି ଭାବ ଅର୍ଥାତ୍ ସେହି ସେହି ଯୋନି ଜନ୍ମ ) ଏତି ( ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ**: ପୂର୍ବ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣଙ୍କ ମତାନୁସାରେ, ଅନ୍ତକାଳରେ ଭଗବାନଙ୍କୁ ସ୍ମରଣ କରିଲେ ତାଙ୍କରି ସ୍ୱରୂପକୁ ପ୍ରାପ୍ତ ହୁଏ । ତେବେ ସ୍ୱତଃ ପ୍ରଶ୍ନ ଉଠେ, ମୃତ୍ୟୁ ସମୟରେ ସଂସାର ସମ୍ବନ୍ଧୀୟ ବିଷୟ ସ୍ମରଣରେ କେଉଁ ପ୍ରକାର ଗତି ପ୍ରାପ୍ତି ହେବ ? ଏହି ପ୍ରସଙ୍ଗରେ ଭଗବାନ କହୁଛନ୍ତି; ହେ କୁନ୍ତୀପୁତ୍ର ଅର୍ଜୁନ ! ଯେଉଁ ଯେଉଁ ପଦାର୍ଥ ସ୍ମରଣକରି ମନୁଷ୍ୟ ଅନ୍ତ ସମୟରେ ଶରୀର ତ୍ୟାଗକରେ, ସେହି ପଦାର୍ଥ ସହିତ ସମ୍ବନ୍ଧ ରହିଥିବା ସ୍ୱରୂପକୁ ପ୍ରାପ୍ତ ହୁଏ । ପଦାର୍ଥ ସ୍ଥାନରେ ଯଦି ଅନ୍ୟ କୌଣସି ସଜୀବର ସ୍ମରଣ ହୁଏ, ତାହାହେଲେ ବି ସେହି ପ୍ରକାର ଶରୀର ଧାରଣ ନିମିତ୍ତ ନିର୍ଦ୍ଦିଷ୍ଟ ଯୋନିକୁ ଗତି କରିଥାଏ । ସ୍ଥୂଳ ଶରୀର ତ୍ୟାଗ ମୁହୂର୍ତ୍ତରେ ଚିତ୍ତ ବୃତ୍ତିରେ ଯେଉଁ ଯେଉଁ ଭାବ ସ୍ମରଣ ହୋଇଥିବ, ସେହି ସେହି ଭାବ ସୂକ୍ଷ୍ମ କାରଣ ଶରୀରରେ ସ୍ଥିର ହୋଇ ରହିଯାଏ । ସ୍ଥୂଳ ଶରୀର ଅବସାନ ପରେ, ଅନ୍ତଃକରଣରେ ରହି ଆସୁଥିବା ଜନ୍ମ ଜନ୍ମାନ୍ତରର ଅପୂର୍ଣ୍ଣ କାମନା ସମୂହ ବାସନା ରୂପରେ ଜୀବାତ୍ମା ସହିତ ସୂକ୍ଷ୍ମ ରୂପରେ ସଂଯୁକ୍ତ ହୋଇ ରହିଥାନ୍ତି । ତାହା ହେଉଛି ସୂକ୍ଷ୍ମ କାରଣ ଶରୀର । ସାରାଜୀବନ ଯେଉଁ ବସ୍ତୁ କିମ୍ବା ଅନ୍ୟ ଜୀବ ସମ୍ବନ୍ଧୀୟ

ଭାବକୁ ମୁଖ୍ୟ ରୂପରେ ଧ୍ୟେୟକରି ଚିନ୍ତାରେ କଟିଥାଏ, ଦେହ ଅବସାନ କାଳରେ ସେହି ସମ୍ବନ୍ଧୀୟ ଚିନ୍ତନ ସ୍ମରଣ ହେବା ସ୍ୱାଭାବିକ । ସ୍ୱପ୍ନ ଅବସ୍ଥାରେ କୌଣସି ରୂପ, ସାମଗ୍ରୀ ଆଦିର ବାସ୍ତବତା ନଥାଇ, ସମସ୍ତ ଇନ୍ଦ୍ରିୟ ସୁଷୁପ୍ତି ରହି ମଧ୍ୟ ଦ୍ରଷ୍ଟା ଯେପରି ନିଜକୁ କ୍ରିୟାଶୀଳ ଦେଖିପାରେ, ମୃତ୍ୟୁ ସମୟରେ ଅନ୍ତଃକରଣରେ ଗଚ୍ଛିତ ହୋଇ ରହିଥିବା ସଂସ୍କାର ମଧ୍ୟରୁ ବଳିଷ୍ଠ ବାସନା ଗୁଡିକ ଚଲ୍ଲାକୁ ମନ୍ଥିଲେ ଲହୁଣୀ ଯେପରି ଉପରକୁ ଉଠିଆସିଥାଏ, ସେହିପରି ମାନସ ପଟର ଉପର ସ୍ତରକୁ ଆସି ସ୍ମରଣ ହୋଇଥାଏ । ସ୍ୱପ୍ନର ଦୃଶ୍ୟକୁ କେହି ଯେପରି ସଜାଇ ନଥାଏ କି, ପୁନର୍ବାର ତାହା ଦୃଶ୍ୟମାନ ହୁଏନାହିଁ, ସେହିପରି ଅନ୍ତକାଳରେ ଯାହା ସ୍ମରଣ ହୋଇଥାଏ, ତାହାର ଛାପ ସୂକ୍ଷ୍ମ କାରଣ ଶରୀରରେ ଆଙ୍କିହୋଇ ସ୍ଥିରଭାବରେ ରହିଯାଏ । ତାହାର ପରିବର୍ତ୍ତନ ହୋଇ ନ ଥାଏ । ନୂତନ ସ୍ଥୂଳ ଶରୀର ପ୍ରାପ୍ତ ପର୍ଯ୍ୟନ୍ତ, ଅନ୍ତିମ କ୍ଷଣର ସେହି ଆଙ୍କିହୋଇ ରହିଥିବା ଛାପ ସୂକ୍ଷ୍ମ ଶରୀରରେ ସର୍ବଥା ଭାବିତ ଅବସ୍ଥାରେ ରହିଥାଏ । ଜୀବାତ୍ମାର ପୂର୍ବଜନ୍ମ ମାନଙ୍କରେ କିଞ୍ଚିତ୍ ମାତ୍ର କର୍ମଗତ ସମ୍ବନ୍ଧ ରହିଥିବା ପୁରୁଷ ଶରୀରରେ, ବାୟୁ, ଜଳ, ଖାଦ୍ୟ, କିମ୍ବା ଶ୍ୱାସ ଦ୍ୱାରା ପ୍ରବିଷ୍ଟ ହୁଏ । ପୁନଶ୍ଚ, ସ୍ତ୍ରୀ ଶରୀରରେ ପ୍ରବିଷ୍ଟ ହୋଇ ଯଥା ସମୟରେ ଜନ୍ମ ନିଏ । ମାତୃଗର୍ଭରେ ସ୍ଥୂଳ ଶରୀରର ବୀଜ ରୋପଣ ପରେ, ସୂକ୍ଷ୍ମ ଶରୀରରେ ସ୍ଥିର ହୋଇ ରହିଥିବା ଭାବନାର ଅନ୍ତ ଘଟିଥାଏ । ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି ଶ୍ଳୋକରେ, ମନୁଷ୍ୟକୁ ଜୀବନ ସାରା ଭଗବାନଙ୍କ ନାମକୁ ଭଜନ ଅଭ୍ୟାସର ଫଳ ସ୍ୱରୂପ, ଅନ୍ତିମ ମୁହୂର୍ତ୍ତରେ ସେହି ନାମ ଓ ରୂପର ସ୍ମରଣ କରି ମୋକ୍ଷ ପ୍ରାପ୍ତି ହେବାର ଆଶ୍ୱାସନା ଦେଇଛନ୍ତି । ଭଗବାନ ମୋକ୍ଷପ୍ରାପ୍ତି ନିମନ୍ତେ କୌଣସି ବିଶେଷ ନିୟମ ବିଧାନ କରି ନାହାନ୍ତି । ସେହି ଗୋଟିଏ ସାଧାରଣ ନିୟମାନୁସାରେ, ଯେଉଁ ମୂଲ୍ୟ ବିନିମୟରେ ସଂସାର ବିଷୟ ଚିନ୍ତନ କରି ବାରମ୍ବାର ଜନ୍ମ ନେଇ ବିନାଶଶୀଳ ଶରୀରରକୁ ପ୍ରାପ୍ତ ହେଉଅଛି, ସେହି ଏକା ମୂଲ୍ୟରେ ଭଗବାନଙ୍କୁ ସ୍ମରଣ କରି ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିପାରିବ । କେବଳ ଲକ୍ଷ୍ୟ ବଦଳାଇବାକୁ ହେବ । ଇତର ପ୍ରାଣୀ ପକ୍ଷେ ଅନ୍ତକାଳରେ ଚିନ୍ତନ ହେବା ପ୍ରକୃତି ଅଧୀନ ହୋଇଥିବା ବେଳେ, ମନୁଷ୍ୟ ପକ୍ଷେ ଏହା ପୁରୁଷାର୍ଥର ଅଧୀନ । ଅନ୍ତକାଳ ଚିନ୍ତନରେ ପ୍ରଯତ୍ନ ସାଧ୍ୟ ଭାବ ଅପେକ୍ଷା ଅଭ୍ୟାସ ସିଦ୍ଧ ଭାବର ପ୍ରାଧାନ୍ୟତା ରହିଛି । ଯାହା ଆଜୀବନ ଅଭ୍ୟାସ ରହିଥାଏ, ଅନ୍ତକାଳରେ ତାହାର ସ୍ମରଣ ଆସିଥାଏ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଯଦି ଭଗବାନଙ୍କ ନିର୍ଗୁଣ, ନିରାକାର, ସର୍ବ-ବ୍ୟାପକତା ସ୍ୱରୂପର ଜପ ଓ ଧ୍ୟାନରେ କଟିଥିବ, ଶରୀର ତ୍ୟାଗରେ ସେହି ନିର୍ଗୁଣ ନିରାକାର ତତ୍ତ୍ୱକୁ ପ୍ରାପ୍ତିହୋଇ ପୁନର୍ଜନ୍ମ ହେବ ନାହିଁ । ଆତ୍ମଚିନ୍ତନରେ ରହିଥିବା ପୁରୁଷ, ଅନ୍ତକାଳରେ ଆତ୍ମା ଭାବରେ ହିଁ ସ୍ଥିତ ରହି, ଆତ୍ମାର ଅମରତ୍ୱ ସ୍ୱରୂପ ପ୍ରାପ୍ତି କରିଥାଏ । କେହି ଯଦି ମୃତ୍ୟୁ ସମୟରେ ଅତି ପ୍ରିୟ ଭାବରେ ପୋଷି ରଖିଥିବା କୁକୁରର ଚିନ୍ତନ କରେ, ତା'ହେଲେ ତାହାକୁ ସେହି କୁକୁର ଶରୀର ଧରିଜନ୍ମ ନେବାକୁ ପଡେ । ରାଜା ଜଡ ଭରତ ନିଜ ପୋଷା ହରିଣୀକୁ ଅନ୍ତକାଳରେ ଚିନ୍ତନ କରି ପରବର୍ତ୍ତୀ ଜନ୍ମରେ ସେହି ହରିଣୀ ଶରୀରକୁ ପ୍ରାପ୍ତ ହୋଇଥିଲେ । କର୍ମ, ଗୁଣ, ସ୍ମୃତି - ଏହି ତିନୋଟିର ମିଳିତ କାରଣରୁ ଆଗାମୀ ଜନ୍ମର ସ୍ଥୂଳ ଶରୀର ନିର୍ଦ୍ଧାରିତ ହୁଏ । ଜୀବନ ଯଦି ଧନ, ଘର, ଜମି, ସୁନା ଏହିପରି ଚିନ୍ତାରେ କଟିଥିବ, ଅନ୍ତିମ

କାଳରେ ସେହି ସବୁ ପଦାର୍ଥର ସ୍ମରଣ ହୋଇ, ସେହି ବସ୍ତୁ, ସ୍ଥାନ ଓ ପରିବେଶରେ ସମ୍ବନ୍ଧ ରହିଥିବା ଶରୀରକୁ ପ୍ରାପ୍ତି ହୋଇଥାଏ । ମନୁଷ୍ୟ ସଂସାରରେ ବାରମ୍ବାର ଜନ୍ମ ନେଇ, ଦୁଃଖ-ସୁଖ, ଭଲ-ମନ୍ଦ ଭୋଗ କରିବା – ଆଧ୍ୟାତ୍ମିକ ମାର୍ଗରେ ଜୀବନ କଟାଇ ଅନ୍ତିମ କାଳରେ ଭଗବାନଙ୍କ ସ୍ମରଣ କରି ମୋକ୍ଷ ପ୍ରାପ୍ତିହେବା - ଏହି ଦୁଇଟି ଲକ୍ଷ୍ୟ ମଧ୍ୟରୁ କୌଣସି ଏକ ସିଦ୍ଧାନ୍ତକୁ ନିଶ୍ଚୟ କରି ସାଧନ ଆରମ୍ଭ କରିବା ନିମନ୍ତେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ମନୁଷ୍ୟ ନିଜେ ହିଁ ନିଜର ଉଦ୍ଧାର କର୍ତ୍ତା । କେବଳ ବିବେକ ଓ ଜ୍ଞାନର ସହାୟତାରେ ନିଶ୍ଚୟାତ୍ମକ ବୁଦ୍ଧିର ଆବଶ୍ୟକତା ରହିଛି ।

ତସ୍ମାତ୍ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ ।
ମୟ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟମ୍ ॥୭॥

*ଅନ୍ୱୟ: ତସ୍ମାତ୍ (ସେଥିପାଇଁ) ସର୍ବେଷୁ କାଳେଷୁ ( ସବୁ ସମୟରେ) ମାମ୍ ( ମୋତେ) ଅନୁସ୍ମର ( ସ୍ମରଣକରି ) ଚ ( ଏବଂ) ଯୁଧ (ଯୁଦ୍ଧ କର) ମୟି (ମୋରଠାରେ) ଅର୍ପିତ ମନୋବୁଦ୍ଧିଃ ( ମନ ଓ ବୁଦ୍ଧିକୁ ଅର୍ପଣ କରିଲେ) ଅସଂଶୟମ୍ ( ନିଃସନ୍ଦେହରେ) ମାମ୍ ଏବ ( ମୋତେ ହିଁ) ଏଷ୍ୟସି ( ପ୍ରାପ୍ତି ହେବ ) ।*

**ଭାବାର୍ଥ**: ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଉପଦେଶ ସାଂସାରିକ କର୍ମରେ ନିଯୁକ୍ତ ଗୃହସ୍ଥ ଆଶ୍ରମବାସୀଙ୍କ ପ୍ରତି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । "ପ୍ରତ୍ୟକ୍ଷ ଜୀବନ ନିର୍ବାହରେ ଏହି ଗୁରୁତ୍ତ୍ୱପୂର୍ଣ୍ଣ ଉପଦେଶକୁ ପ୍ରୟୋଗ କରିବା ବିଧି ଭଗବାନଙ୍କ ଶ୍ରୀମୁଖରୁ ଶୁଣିବା"- ଏହା ହିଁ ଶ୍ରୀମଦ୍ ଭଗବତ୍ ଗୀତାର ବିଶେଷତା । 'ଅନ୍ତକାଳର ସ୍ମରଣ ଅନୁସାରେ ପରବର୍ତ୍ତୀ ଶରୀର ନିର୍ଦ୍ଧାରିତ ହୋଇଥାଏ'-ଏହା ଏକ ନିଶ୍ଚିତ ସିଦ୍ଧାନ୍ତ । ତେଣୁ, ଭଗବାନ କହୁଛନ୍ତି : ହେ ଅର୍ଜୁନ ! ତୁମ୍ଭେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୋତେ ହିଁ ସ୍ମରଣ କରିଚାଲ ଏବଂ ନିଜର ଧର୍ମାନୁକୂଳ ଯୁଦ୍ଧ ( କର୍ତ୍ତବ୍ୟ କର୍ମ) ମଧ୍ୟ କର । ଅର୍ଜୁନ ରଣକ୍ଷେତ୍ରରେ ଉପସ୍ଥିତ ରହିଥିବା ଯୋଗୁଁ ଯୁଦ୍ଧ କରିବା ତାଙ୍କ ପକ୍ଷେ ବର୍ତ୍ତମାନ କର୍ତ୍ତବ୍ୟ କର୍ମ ବୋଲି ଭଗବାନ ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ସମସ୍ତ ମାନବ ସମାଜକୁ ଭଗବାନ ଏହି ଉପଦେଶ ଦେଉଛନ୍ତି କି, ନିଜ ନିଜ ବର୍ଣ୍ଣାଶ୍ରମ, ପରିସ୍ଥିତି, ଯୋଗ୍ୟତା ଓ ବୃତ୍ତି ଅନୁସାରେ, ଶାସ୍ତ୍ରବିଧିକୁ ଉପେକ୍ଷା ନ କରି କର୍ତ୍ତବ୍ୟ କର୍ମ କରିବା ସଙ୍ଗେ ସଙ୍ଗେ ସବୁ ସମୟରେ, ସବୁ ଅବସ୍ଥାରେ ପରମାତ୍ମାଙ୍କ ଗୁଣ, ପ୍ରଭାବ, ସ୍ୱରୂପ, ରହସ୍ୟକୁ ମନରେ ସ୍ମରଣ କରିବାକୁ ହେବ । ଏହା ଦ୍ୱାରା ମୃତ୍ୟୁ ସମୟରେ ମଧ୍ୟ, ମନ ଓ ବୁଦ୍ଧି ପରମାତ୍ମାଙ୍କ ଠାରୁ ବିଚଳିତ ହେବନାହିଁ । ଜୀବ ସାକ୍ଷାତ୍ ପରମାତ୍ମାଙ୍କ ସନାତନ ଅଂଶ । ମନ ଓ ବୁଦ୍ଧିକୁ ଭଗବାନଙ୍କ ମନେକରି ତାଙ୍କରି ସ୍ମରଣରେ ଉତ୍ସର୍ଗ କରିଦେବା ହେଉଛି ସମର୍ପଣ ଭାବ । ମନୁଷ୍ୟ ଶରୀର କ୍ଷଣ ଭଙ୍ଗୁର । କାଳର କିଛି ଭରସା ନାହିଁ । ଯେ କୌଣସି ସମୟରେ ଅନ୍ତକାଳ ଆସିପାରେ । ମୃତ୍ୟୁ କେବେ ପୂର୍ବ ସୂଚିତ ହୋଇ ନ ଥାଏ କି, ତାହାକୁ ଆଡେଇ ଯିବା ମନୁଷ୍ୟର ସାମର୍ଥ୍ୟ ନାହିଁ । "ମାମନୁସ୍ମର ଯୁଧ ଚ" ଏହି ପଦରେ ଗୀତାର ମହାନ୍ ଉପଦେଶ ନିହିତ । ସର୍ବଦା ପରମାତ୍ମାଙ୍କ ସ୍ମରଣ କରୁଥିବା ମନୁଷ୍ୟ ଅବଶ୍ୟ ମୋକ୍ଷ ପ୍ରାପ୍ତ ହୋଇଥାଏ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବିଷୟ ଜଗତ ସ୍ମରଣ କରୁ କରୁ ଜୀବନ ଚାଲିଗଲେ, ଭଗବତ୍ ପ୍ରାପ୍ତିର ପ୍ରବେଶ ଦ୍ୱାର ରୂପେ ମିଳିଥିବା

ଏହି ମନୁଷ୍ୟ ଜନ୍ମ ବ୍ୟର୍ଥ ହୋଇଯିବ । ତେଣୁ ପରମାତ୍ମାଙ୍କ ସ୍ମରଣ-ମନନ ଏବଂ ସ୍ୱଧର୍ମ ପାଳନ ଏକ ସାଙ୍ଗରେ କରିବାକୁ ହେବ । ସଂସାର କାର୍ଯ୍ୟ ନିମନ୍ତେ ସମୟ ବିଭାଗ ରହିଥାଏ । କିନ୍ତୁ ଭଗବାନଙ୍କ ସ୍ମରଣ ନିମନ୍ତେ ବିଶେଷ ସମୟ କିମ୍ବା ସମୟକୁ ବିଭାଗ କରିବାକୁ ପଡି ନ ଥାଏ । "ସଂସାର ଭଗବାନଙ୍କ ହୋଇଥିବାରୁ, ବର୍ଣ୍ଣାଶ୍ରମ ଅନୁଯାୟୀ ପ୍ରାପ୍ତ ହୋଇଥିବା କର୍ମ ମଧ୍ୟ ତାଙ୍କରି ଆଜ୍ଞାନୁସାରେ କରିବାକୁ ହେବ"- ଏହି ଭାବ ରଖି ସଂସାର କାର୍ଯ୍ୟରେ ନିଯୁକ୍ତ ରହିଲେ, ସଂସାର କାର୍ଯ୍ୟ ଭଗବତ୍ କାର୍ଯ୍ୟ ହୋଇଯାଏ । "ସଂସାର ଦାୟିତ୍ୱ ସରିଲା ପରେ ଭଗବାନଙ୍କୁ ସ୍ମରଣ କରିବି"- ଏହି ଭାବ ମନରୁ ପରିତ୍ୟାଗ କରିବାକୁ ହେବ । ସଂସାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରି ପରମାତ୍ମାଙ୍କ ସ୍ମରଣ କରିବା କେବେ ବି ସମ୍ଭବ ନୁହେଁ । କିନ୍ତୁ ଭଗବାନଙ୍କୁ ସ୍ମରଣ କରି ସମସ୍ତ ଦୈନନ୍ଦିନ କାର୍ଯ୍ୟ କରିବା ସମ୍ଭବ ଏବଂ ତାହା ହିଁ ସାଧନା । ଶ୍ରୀରାମକୃଷ୍ଣଦେବ କହିଛନ୍ତି – ଗୋଟିଏ ହାତରେ ଈଶ୍ୱରଙ୍କ ପାଦପଦ୍ମ ଧରିଥାଅ, ଅନ୍ୟଏକ ହାତରେ ସଂସାର କାର୍ଯ୍ୟ କର । ଏବଂ କାର୍ଯ୍ୟ ଶେଷ ହୋଇଗଲେ ଦୁଇହାତରେ ଈଶ୍ୱରଙ୍କ ପାଦପଦ୍ମକୁ ଧରିବ । ଏହାର ତାତ୍ପର୍ଯ୍ୟ ହେଲା, ଯେତେଦିନ ପର୍ଯ୍ୟନ୍ତ ସଂସାରରେ ଦାୟିତ୍ୱ ରହିଛି, ଭଗବାନଙ୍କ ଏକ ଉପକରଣ ଭାବରେ ସଂସାର କାର୍ଯ୍ୟରେ ନିଯୁକ୍ତ ମନେକରି ସ୍ୱଧର୍ମ ପାଳନ କରିବାକୁ ହେବ । କର୍ମକୁ ଭଗବାନଙ୍କ ବୋଲି ସ୍ୱୀକାର କରିନେଲେ, ମନ ଆଉ ଶରୀରର ଲକ୍ଷ୍ୟ ଏକ ହୋଇଯାଏ । ଦୋକାନଦାର ବିକ୍ରି ସାମଗ୍ରୀକୁ ଗ୍ରାହକର ପସନ୍ଦ ପାଇଁ ଅନେକ ଚାଟୁ କଥା କହୁଥିଲା ବେଳେ, ଗ୍ରାହକଠାରୁ ପଇସା କମାଇବାର ଉଦ୍ଦେଶ୍ୟକୁ ଭୁଲି ନ ଥାଏ । ନଟକୀ ନିଜ ପାଦରେ ଧ୍ୟାନ ରଖି ଶୂନ୍ୟରେ ଟଣା ଯାଇଥିବା ଦଉଡି ଉପରେ ଅନେକ ଖେଳ ଦେଖାଇପାରେ । ଏହାକୁ ହିଁ ଭଗବାନ ଦ୍ୱିତୀୟ ଅଧ୍ୟାୟରେ "ଯୋଗଃ କର୍ମସୁ କୌଶଳମ୍" ବୋଲି କହିଛନ୍ତି । ଭଗବାନଙ୍କ ସ୍ମରଣ ଏବଂ ସଂସାର କାର୍ଯ୍ୟ ଦୁଇଟିଯାକ ଏକାଠି ହେବା କଠିନ ନୁହେଁ । ଏହାର ଅଭ୍ୟାସକୁ ଗୀତାରେ ଯୋଗାଭ୍ୟାସ ବୋଲି କୁହାଯାଇଛି । ସଂସାର ପ୍ରପଞ୍ଚରୁ ନିଜକୁ ମୁକ୍ତ କରାଇ, ମନ ପ୍ରାଣକୁ ସମ୍ପୂର୍ଣ୍ଣ ଭଗବାନ ଚିନ୍ତନରେ ଲଗାଇଲେ, ଅନନ୍ୟ ଭକ୍ତି ଭାବ ଉଦ୍ରେକ ହୁଏ । ମନ ଓ ବୁଦ୍ଧିରେ ଯେତେବେଳେ ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ସତ୍ତାର ବିଦ୍ୟମାନ ରହିବ ନାହିଁ, ପ୍ରହ୍ଲାଦ ଓ ଗୋପୀଙ୍କ ଭଳି ପ୍ରତ୍ୟେକ ପରମାଣୁରେ ଭଗବାନଙ୍କ ପ୍ରତ୍ୟକ୍ଷ ଦର୍ଶନ ଅନୁଭୂତ ହେବ, ସେତେବେଳେ ତାହା ହେଉଛି ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ । ଜୀବ ନିମନ୍ତେ ଭଗବାନ ନିତ୍ୟପ୍ରାପ୍ତ ଅଟନ୍ତି । ଜୀବ ମଧ୍ୟ ଭଗବାନଙ୍କ ପ୍ରତିକ୍ଷଣ ସ୍ମରଣରେ ରହିଥାଏ । ଭଗବାନ ଜୀବକୁ ମୁହୂର୍ତ୍ତକ ପାଇଁ ସ୍ମରଣ ନ କରିଲେ ଜୀବ ଜଡ ପାଲଟି ଯିବ । ତେଣୁ ଭଗବାନ ଜୀବକୁ କେବେ ଭୁଲି ନଥାନ୍ତି । ଜୀବ ହିଁ ଶରୀର ଓ ପ୍ରକୃତିକୁ ସର୍ବସ୍ୱ ମନେକରି ପରମାତ୍ମାଙ୍କୁ ଜନ୍ମ ଜନ୍ମ ଧରି ଭୁଲି ଯାଇଥାଏ । ମନୁଷ୍ୟ ପରମାତ୍ମାଙ୍କ ସ୍ୱରୂପର ପ୍ରତ୍ୟକ୍ଷ ନ ହେଲେ ମଧ୍ୟ, ତାଙ୍କରି ପ୍ରଭାବ ଓ ଐଶ୍ୱର୍ଯ୍ୟକୁ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ଆକାଶ, ବାୟୁ, ପୃଥିବୀ, ବରୁଣ, ଇନ୍ଦ୍ର ଆଦି ରୂପରେ ସର୍ବଦା ସ୍ମରଣ କରିପାରିବ । ଭଗବାନ କହୁଛନ୍ତି, "ମୁଁ" ସବୁ ସମୟରେ ରହିଛି, ସବୁ ସ୍ଥାନରେ ରହିଛି, 'ମୁଁ' ହିଁ ସ୍ଥୂଳ, 'ମୁଁ' ହିଁ ସୂକ୍ଷ୍ମ, 'ମୁଁ' ହିଁ ଜୀବ । 'ମୁଁ' ହିଁ ଈଶ୍ୱର, 'ମୁଁ' ହିଁ ସର୍ବ କଲ୍ୟାଣ, 'ମୁଁ' ହିଁ ଜୀବର ହୃଦୟରେ ଅଧିଷ୍ଠାତା ପୁରୁଷ

। ତେଣୁ ଭଗବାନ ଏହି ଶ୍ଳୋକରେ ଆହ୍ୱାନ ଦେଉଛନ୍ତି, ହେ ମାନବ ସମାଜ ! ମୋର ସ୍ମରଣ କରିବା ସହିତ ନିଜ ନିଜ ଧର୍ମ ଅନୁସାରେ, ସଂସାର ହିତକୁ ଦୃଷ୍ଟିରଖି ଯାହା ନିଜର କର୍ତ୍ତବ୍ୟ, ତାହାକୁ ଯୁଦ୍ଧ ବୋଲି ବିଚାର କରି ସେଥିରେ ନିଯୁକ୍ତ ରୁହ ।

ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା।
ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ॥୮॥

*ଅନ୍ୱୟ : ପାର୍ଥ (ହେ ପୃଥା ନନ୍ଦନ!) ଅଭ୍ୟାସ ଯୋଗ ଯୁକ୍ତେନ ( ଅଭ୍ୟାସ ଭାବରେ ଧ୍ୟାନଯୋଗ ଦ୍ୱାରା ଯୁକ୍ତ ହୋଇ ) ନ-ଅନ୍ୟ-ଗାମିନା (ଅନ୍ୟ ବିଷୟ ଜଗତ ପ୍ରତି ଆସକ୍ତ ରହି ନ ଥିବା) ଚେତସା (ମନ ଓ ବୁଦ୍ଧି ଦ୍ୱାରା- ଚିତ୍ତ ଦ୍ୱାରା) ଅନୁଚିନ୍ତୟନ୍ ( ବାରମ୍ବାର ସ୍ମରଣ କରୁଥିବା ମନୁଷ୍ୟ) ଦିବ୍ୟଂ-ପରମଂ-ପୁରୁଷଂ ( ପରମ ପ୍ରକାଶରୂପ ଦିବ୍ୟ ପୁରୁଷକୁ ଅର୍ଥାତ୍ ପରମେଶ୍ୱରଙ୍କୁ) ଯାତି ( ପ୍ରାପ୍ତି ହୋଇଥାନ୍ତି) ।*

**ଭାବାର୍ଥ** : "ଅଧିଯଜ୍ଞ" ରୂପରେ ଅର୍ଥାତ୍ ସଗୁଣ-ନିରାକାର ବ୍ରହ୍ମ ସ୍ୱରୂପର ପ୍ରଭାବ, ପ୍ରକ୍ରିୟା ଓ ଫଳକୁ ଏହି ତିନିଗୋଟି ( ୮ ଠାରୁ ୧୦) ଶ୍ଳୋକରେ ଭଗବାନ ବର୍ଣ୍ଣନା କରିଛନ୍ତି । ନିରାକାର ହେଲେମଧ୍ୟ, ଅନନ୍ତ ଗୁଣ ଯୁକ୍ତ ବ୍ରହ୍ମ ସ୍ୱରୂପର କେତେକ ବିଶେଷ ଲକ୍ଷଣ ଏଠାରେ ନିର୍ଦ୍ଦେଶ କରାଯାଇଛି । ଭଗବାନ କହୁଛନ୍ତି: ହେ ପାର୍ଥ ! ଧ୍ୟାନମଗ୍ନ ଚିତ୍ତରେ ବିଷୟ ଚିନ୍ତନରୁ ନିବୃତ୍ତ ରହି ନିତ୍ୟ ନିରନ୍ତର ଶାସ୍ତ୍ର ଓ ଗୁରୁବାକ୍ୟ ଅନୁସାରେ ଅଭ୍ୟାସ ଯୋଗ ଦ୍ୱାରା ସଗୁଣ-ନିରାକାର ବ୍ରହ୍ମ ସ୍ୱରୂପକୁ ଚିନ୍ତନ କରୁଥିବା ମନୁଷ୍ୟ, ପରମ ପ୍ରକାଶ ରୂପ ଦିବ୍ୟ ପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି । ବାସନା ରୂପେ ରହି ଆସୁଥିବା ପୂର୍ବ ଜନ୍ମମାନଙ୍କ ବିଷୟ ଚିନ୍ତନ ଅଭ୍ୟାସ, କେବଳ ଯୋଗ ସାଧନ ଦ୍ୱାରା ହିଁ ଦୂର ହୋଇଥାଏ । ଚିତ୍ତକୁ ଇଷ୍ଟ ସ୍ୱରୂପରେ ନିତ୍ୟ ନିରନ୍ତର ସମାହିତ କରି ରଖିବା ସ୍ୱଳ୍ପକାଳ ସାଧନାରେ ସମ୍ଭବ ହୋଇ ନ ଥାଏ । ଏଥିନିମନ୍ତେ ମନକୁ ବିଷୟ ଜଗତରୁ ପ୍ରତ୍ୟାହାର କରି ଆଣି ଈଶ୍ୱରଙ୍କ ପାଦ ପଦ୍ମରେ ନିତ୍ୟଯୁକ୍ତ କରି ରଖିବାକୁ ହେବ । ନିଜର ପ୍ରିୟ ଇଷ୍ଟଙ୍କ ଗୁଣ, ପ୍ରଭାବ, ଐଶ୍ୱର୍ଯ୍ୟ, ଲୀଳା ମନେ ମନେ ସ୍ମରଣକରି ଲମ୍ବା ସମୟ ପର୍ଯ୍ୟନ୍ତ ଧ୍ୟାନମଗ୍ନ ଚିତ୍ତରେ ଅବସ୍ଥାନ କରିବା ହେଉଛି 'ଅଭ୍ୟାସ ଯୋଗ ଯୁକ୍ତ' । ଅଭ୍ୟାସର ବହୁତ ସାମର୍ଥ୍ୟ ରହିଛି । ଶିଶୁଟି 'ମାଆ'କୁ ମାଆ ରୂପରେ ଚିହ୍ନିବା ପାଇଁ ଅଭ୍ୟାସ କରିବାକୁ ପଡିଥାଏ । ଯେତେ ଅଧିକ ବିଷୟ-ଭୋଗ ଲିପ୍ତର ଅଭ୍ୟାସ ହେବ, ସେତେ ଅଧିକ ମନ ଓ ବୁଦ୍ଧି ବିକ୍ଷେପ ଅବସ୍ଥାରେ ରହିବ । ଯେତିକି ଆଳସ୍ୟ ଅଭ୍ୟାସ କରିବ, ଜୀବନରେ ସେତିକି ଜଡତା ଅନୁଭବ ହେବ । 'ଚେତସା ନାନ୍ୟଗାମିନା' ର ଅର୍ଥ ହେଉଛି ବୈରାଗ୍ୟ ଭାବ । ପରମାତ୍ମା ପ୍ରାପ୍ତି ନିମନ୍ତେ ବୈରାଗ୍ୟ ଭାବ ସହିତ ଯୋଗ ଅଭ୍ୟାସର ଆବଶ୍ୟକତା ରହିଛି । ବିନା ଅଭ୍ୟାସରେ ଯୋଗ ହେବ ନାହିଁ । ସଂସାରରୁ ମନକୁ ନିବୃତ୍ତକରି ପରମାତ୍ମାଙ୍କ ଠାରେ ବାରମ୍ବାର ଯୁକ୍ତ କରି ରଖିବା ହେଉଛି 'ଅଭ୍ୟାସ' । ନିଜ ଲକ୍ଷ୍ୟରେ ଦୃଢ ରହିବା ହେଉଛି 'ଯୋଗ' । ଏହିପରି ଯୋଗ ଅଭ୍ୟାସ ଦ୍ୱାରା ମନର ଏକାଗ୍ରତା ଆସିଲେ, ବୁଦ୍ଧି ବିକଶିତ ହୋଇ ଅନ୍ତଃକରଣରେ ଦିବ୍ୟ ଚେତନାର ଅଭିବୃଦ୍ଧି ହୁଏ

। କୁମ୍ଭକାର କୀଟ କୋଷ ଭିତରେ ଆବଦ୍ଧ ରହି, ପ୍ରଜାପତି ରୂପକୁ ମନନ କରି ଶେଷରେ ପ୍ରଜାପତି ଶରୀର ପ୍ରାପ୍ତି ହୋଇଥାଏ । ସେହିପରି ପରମାତ୍ମାଙ୍କ ସୌନ୍ଦର୍ଯ୍ୟ ଓ ଦିବ୍ୟଗୁଣର ଚିନ୍ତନ ଅଭ୍ୟାସରେ, ତାଙ୍କରି ପ୍ରତିକୃତି ମାନସ ପଟରେ ଆଙ୍କିହୋଇ ସ୍ଥିର ରହିଯାଏ । ପାଚିଲା ଫଳରୁ ମଞ୍ଜି ଅଲଗା ହେଲାପରି, ଅଭ୍ୟାସ ଯୋଗ ଦ୍ୱାରା ଭଗବାନଙ୍କ ନିତ୍ୟ ନିରନ୍ତର ସ୍ମରଣରେ ଜୀବତ୍ମା ଦେହାଭିମାନରୁ ମୁକ୍ତ ହୋଇଯାଏ । ତେଣୁ ଯୋଗାଭ୍ୟାସର ଉଦ୍ଦେଶ୍ୟ ହେଲା; ହୃଦୟରେ ବିରାଜମାନ କରିଥିବା ସେହି ଦିବ୍ୟ, ଜ୍ୟୋତିର୍ମୟ, ସର୍ବୋତ୍ତମ ପୁରୁଷ ପରମେଶ୍ୱରଙ୍କ ସତ୍ତାକୁ ଉପଲବ୍ଧ କରିବା । ନିତ୍ୟ ଧ୍ୟାନଯୋଗ ଅଭ୍ୟାସରେ, ଅନ୍ତକାଳରେ ଦିବ୍ୟ ପରମ ପୁରୁଷ ପରମାତ୍ମାଙ୍କ ସ୍ୱରୂପକୁ ପ୍ରାପ୍ତି ହେବା ନିଶ୍ଚିତ ହୋଇଥାଏ । 'ଦିବ୍ୟ ପୁରୁଷ' ଶବ୍ଦରେ ସେହି ପରମେଶ୍ୱରଙ୍କୁ ନିର୍ଦ୍ଦେଶ କରାଯାଇଛି ଯିଏ କି, ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ । ସେ' ଏକ ସମୟରେ ସମସ୍ତଙ୍କ ହୃଦୟରେ "ଅଧିଯଜ୍ଞ" ରୂପରେ ବିଦ୍ୟମାନ ଏବଂ ସର୍ବତ୍ର ପରିବ୍ୟାପ୍ତ । ସନାତନ ଧର୍ମରେ ଯେଉଁ ପରମେଶ୍ୱରଙ୍କୁ ସର୍ବୋତ୍ତମ ପୁରୁଷ ଭାବରେ ଅଭିହିତ କରାଯାଇଛି, ସେ' କେବଳ ନିରାକାର, ନିର୍ଗୁଣ ନୁହନ୍ତି, ସାକାର, ସଗୁଣ ମଧ୍ୟ ଅଟନ୍ତି । ଯାହା ସବୁ ଦୃଶ୍ୟମାନ୍, ତାହା ସେହି ଏକରୁ ହିଁ ସୃଷ୍ଟି । ଏକ ପରମେଶ୍ୱର ସବୁ ରୂପରେ ପ୍ରକଟ ହୋଇଛନ୍ତି । ଜଗତର ଉପାଦାନ ସିଏ - ନିମିତ୍ତ ମଧ୍ୟ ସିଏ - ମାଟି ସିଏ- କୁମ୍ଭାର ମଧ୍ୟ ସିଏ । ଏହା ବୈଦିକ ସନାତନ ଧର୍ମର ସିଦ୍ଧାନ୍ତ ।

କବିଂ ପୁରାଣମନୁଶାସିତାରମଣୋରଣୀୟାଂସମନୁସ୍ମରେଦ୍ ଯଃ ।<br>
ସର୍ବସ୍ୟ ଧାତାରମଚିନ୍ତ୍ୟରୂପମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ॥ ୯ ॥<br>
ପ୍ରୟାଣକାଳେ ମନସାଚଳେନ ଭକ୍ତ୍ୟା ଯୁକ୍ତୋ ଯୋଗବଳେନ ଚୈବ ।<br>
ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍ ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ ॥ ୧୦ ॥

*ଅନ୍ୱୟ: କବିଂ ( ସର୍ବଜ୍ଞ) ପୁରାଣମ୍ (ଅନାଦି-ସନାତନ) ଅନୁଶାସିତାରମ୍ (ସର୍ବନିୟନ୍ତା-ସମସ୍ତଙ୍କ ନିୟନ୍ତ୍ରଣକାରୀ) ଅଣୋଃ ( ଅଣୁଠାରୁ ମଧ୍ୟ ) ଅଣୀୟାସମ୍ (ସୂକ୍ଷ୍ମତର- କ୍ଷୁଦ୍ରତର ) ସର୍ବସ୍ୟ ଧାତାରମ୍ ( ସମସ୍ତଙ୍କ ପାଳନକର୍ତ୍ତା – ବିଧାତା) ଅଚିନ୍ତ୍ୟରୂପମ୍ ( ଧ୍ୟେୟ ରୂପରେ ଚିନ୍ତନ ହୋଇ ନ'ପାରିବା ସ୍ୱରୂପ) ଆଦିତ୍ୟବର୍ଣ୍ଣଂ ( ସୂର୍ଯ୍ୟଙ୍କ ଭଳି ପ୍ରକାଶ ଅର୍ଥାତ୍ ତେଜୀୟାନ୍ ) ତମସଃ ( ଅଜ୍ଞାନରୂପ ଅନ୍ଧକାରର) ପରସ୍ତାତ୍ ( ଅତି ଉର୍ଦ୍ଧ୍ୱରେ ଅର୍ଥାତ୍ ଦିବ୍ୟସ୍ତରରେ ବିଦ୍ୟମାନ ) [ ପୁରୁଷଙ୍କୁ] ପ୍ରୟାଣକାଳେ ( ଅନ୍ତକାଳରେ) ଅଚଳେନ ମନସା (ଏକାଗ୍ର ଚିତ୍ତରେ) ଭକ୍ତ୍ୟାଯୁକ୍ତ ( ଭକ୍ତିଯୁକ୍ତ ହୋଇ ) ଯୋଗ ବଳେନ ଚ ଏବ ( ଯୋଗ ବଳ ଦ୍ୱାରାହିଁ ) ଭ୍ରୁବୋଃ ମଧ୍ୟେ ( ଦୁଇ ଭ୍ରୂଲତାର ମଧ୍ୟ ଭାଗରେ ) ପ୍ରାଣମ୍ ( ପ୍ରାଣ ବାୟୁକୁ ) ସମ୍ୟକ୍ ( ଭଲଭାବରେ -ପୂର୍ଣ୍ଣ ରୂପରେ ) ଆବେଶ୍ୟ ( ସ୍ଥାପନ କରି) ଯଃ ( ଯିଏ ) ଅନୁସ୍ମରେତ୍ ( ଅନୁଧ୍ୟାନ କରିଥାନ୍ତି – ବାରମ୍ବାର ସ୍ମରଣ କରିଥାନ୍ତି) ସଃ ( ସେ ) ତଂ ( ସେହି) ଦିବ୍ୟମ୍ ( ଦିବ୍ୟ ) ପରମଂ ପୁରୁଷଂ ( ପରମ ପୁରୁଷଙ୍କୁ) ଉପୈତି ( ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ସର୍ବଜ୍ଞ, ସନାତନ, ସର୍ବନିୟନ୍ତା, ସୂକ୍ଷ୍ମାତି ସୂକ୍ଷ୍ମ, ସମସ୍ତଙ୍କ ପାଳନ କର୍ତ୍ତା ଓ ବିଧାତା, ଅଚିନ୍ତ୍ୟ ସ୍ୱରୂପ, ସୂର୍ଯ୍ୟ-ସମ ନିତ୍ୟ ଚେତନ ପ୍ରକାଶ ରୂପ ଏବଂ ଅବିଦ୍ୟା ରୂପକ ଅନ୍ଧକାର ଉର୍ଦ୍ଧ୍ୱରେ ବିଦ୍ୟମାନ ଶୁଦ୍ଧ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କୁ ଯେଉଁ ପୁରୁଷ ସର୍ବଥା ସ୍ମରଣ କରୁଥାଏ, ସେହି ଭକ୍ତିଯୁକ୍ତ ପୁରୁଷ ଅନ୍ତ

କାଳରେ ଅଚଳ ମନ ଓ ଯୋଗ ବଳଦ୍ୱାରା ଭୃକୁଟୀ ମଧ୍ୟରେ ପ୍ରାଣକୁ ଉତ୍ତମଭାବେ ସ୍ଥାପନ କରି, ଶରୀର ତ୍ୟାଗରେ ପରମ ଦିବ୍ୟପୁରୁଷକୁ ପ୍ରାପ୍ତ ହୁଅନ୍ତି । ପରମଦିବ୍ୟ ପୁରୁଷଙ୍କ ସ୍ୱରୂପର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ, ଭଗବାନ ଶ୍ରୀକୃଷ୍ଣ ଏହି ଦୁଇଟି ଶ୍ଳୋକରେ ଯାହା କହିଛନ୍ତି ତାହା ଶ୍ୱେତାଶ୍ୱତ ଉପନିଷଦରେ ମଧ୍ୟ ଉଲ୍ଲେଖ ରହିଛି । "**ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍**"- ଅର୍ଥାତ୍ ସେହି ପୁରୁଷ, ଯିଏ ସୂର୍ଯ୍ୟ-ସମ ପ୍ରକାଶ ସ୍ୱରୂପ, ମହାନ୍ ଏବଂ ଅଜ୍ଞାନ ଅନ୍ଧକାରର ଉର୍ଦ୍ଧ୍ୱରେ, ଅବଶ୍ୟ ତାହାଙ୍କୁ ଜାଣିବାର ଅଛି । ଜଗତରେ ଏହିପରି କୌଣସି ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ବିଷୟ ନାହିଁ, ଯାହା ଯଥାର୍ଥ ରୂପରେ ପରମାତ୍ମାଙ୍କ ଅଗୋଚରରେ ରହିଛି । 'କବି' ଆର୍ଥାତ୍ ସମସ୍ତଙ୍କ ଭୂତ, ଭବିଷ୍ୟକୁ ଜାଣିପାରୁଥିବା ଯୋଗୁଁ ସେ' ସର୍ବଜ୍ଞ । ସମସ୍ତଙ୍କ କାରଣ ହେବା ଯୋଗୁଁ ସେ' ସନାତନ ବା ସମସ୍ତଙ୍କ ଠାରୁ ପ୍ରାଚୀନ । ସେ' ସମସ୍ତଙ୍କ ସ୍ୱାମୀ, ସର୍ବଶକ୍ତିମାନ୍ ଏବଂ ସର୍ବାନ୍ତର୍ଯାମୀ । ମନୁଷ୍ୟ ପାଇଁ କର୍ତ୍ତବ୍ୟ-ଅକର୍ତ୍ତବ୍ୟ କର୍ମର ବିଧାନ କରି, ଈଶ୍ୱରାଭିମୁଖ କରାଇବା ଉଦ୍ଦେଶ୍ୟରେ ପାପ-ପୁଣ୍ୟ କର୍ମର ଫଳ ସ୍ୱରୂପ ଅନୁକୂଳ-ପ୍ରତିକୂଳ ପରିସ୍ଥିତି ପ୍ରେରଣ କରିବା କାରଣରୁ ପରମାତ୍ମା 'ଅନୁଶାସିତା' ଅଟନ୍ତି । 'ଅନୁଶାସିତାରଂ' କହିବାର ତାତ୍ପର୍ଯ୍ୟ ହେଲା; ସେ' ସମସ୍ତ ବସ୍ତୁ ଭିତରେ ପ୍ରବିଷ୍ଟ ହୋଇ ନିୟନ୍ତ୍ରଣକାରୀ ଆର୍ଥାତ୍ ଜଡ ଚେତନାତ୍ମାକ ସମସ୍ତ ବସ୍ତୁକୁ ନିଜ ନିଜ ମର୍ଯ୍ୟାଦାରେ ସ୍ଥାପିତ କରି ରଖିଥିବା ପରମପୁରୁଷ । ଯେତେ ସୂକ୍ଷ୍ମଠାରୁ ସୂକ୍ଷ୍ମତ୍ତମ ବସ୍ତୁ ରହିଛି, ତାହାଠାରୁ ମଧ୍ୟ ସେ ସୂକ୍ଷ୍ମ ଏବଂ ସର୍ବତ୍ର ସବୁ ସମୟରେ ବ୍ୟାପ୍ତ । ଯିଏ ଯାହାର ଉପାଦାନ କାରଣ ହୋଇଥାଏ, ତାହା ସେହି ବସ୍ତୁ ଭିତରେ ଅନୁପ୍ରବିଷ୍ଟ ହୋଇ ରହିଥାଏ । ଯେପରି ବସ୍ତ୍ର ଭିତରେ ତନ୍ତୁ ଏବଂ ଘଟ ମଧ୍ୟରେ ମୃତ୍ତିକା ଅନୁପ୍ରବିଷ୍ଟ ହୋଇ ରହିଛନ୍ତି । ସେହି ମୂଳ ତତ୍ତ୍ୱରୂପ ପରମାତ୍ମା ଆକାଶାଦିର ମଧ୍ୟ ଉପାଦାନ କାରଣ ଅଟନ୍ତି । ଏଥିରୁ ସିଦ୍ଧ ହୁଏ କି' ପରମସୂକ୍ଷ୍ମ ଆକାଶ ଠାରୁ ମଧ୍ୟ ପରମାତ୍ମାଙ୍କ ସ୍ୱରୂପ ଅତି ସୂକ୍ଷ୍ମ । ଏତିକି ସୂକ୍ଷ୍ମହୋଇ ମଧ୍ୟ, ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡର ସେ' ଆଧାର ଅଟନ୍ତି । ସେ' ସମସ୍ତଙ୍କୁ ଧାରଣ, ପାଳନ, ପୋଷଣ କରୁଛନ୍ତି । ସର୍ବତ୍ର ବ୍ୟାପ୍ତ ଏବଂ ସମସ୍ତଙ୍କ ଧାତା ହେଲେମଧ୍ୟ, ସେ ମନ ଓ ଇନ୍ଦ୍ରିୟ ଗୋଚର ଉର୍ଦ୍ଧ୍ୱରେ । ମନ ଓ ବୁଦ୍ଧିରେ ଚିନ୍ତନ କରିବା ନିମନ୍ତେ ଯେଉଁ ଶକ୍ତି ଆସିଥାଏ, ସେହି ଶକ୍ତିର ମୂଳ ସ୍ରୋତ ସିଏ । ପରମାତ୍ମାଙ୍କଠାରୁ ହିଁ ସମସ୍ତଙ୍କୁ ସତ୍ତା ଓ ସ୍ଫୁର୍ତ୍ତି ମିଳିଥାଏ । ପରମାତ୍ମା ଜୀବର ହୃଦୟରେ ଶକ୍ତି ସଞ୍ଚାରକରି ନିଜ ଓ ଅନ୍ୟର ସ୍ଥିତି ଜାଣିବାକୁ ସମର୍ଥ କରାଇ ଥାନ୍ତି କିନ୍ତୁ ସ୍ୱୟଂ ଯୋଗମାୟା ଦ୍ୱାରା ଆବୃତ୍ତ ରହି ପ୍ରକାଶ ହୋଇ ନ ଥାନ୍ତି । ଏହା ହିଁ ସବୁଠାରୁ ବିସ୍ମୟ । ସିଏ ଅଚିନ୍ତ୍ୟ ରୂପ । ଯିଏ ନିର୍ଗୁଣ-ନିରାକାର ସ୍ୱରୂପ, ସେ' କେଉଁ ରୂପ ବା ଆକାର ହୋଇ ଚିନ୍ତନରେ ଧ୍ୟେୟ ହୋଇ ରହିବେ ? ସମ୍ପୂର୍ଣ୍ଣ ସଂସାରକୁ ଯଦି ତାହାଙ୍କ ସ୍ୱରୂପ ମନାଯାଏ, ତାହାହେଲେ ମଧ୍ୟ ଅନନ୍ତତା କାରଣରୁ ତାହା ମଧ୍ୟ ଧ୍ୟେୟ ରୂପରେ ଚିନ୍ତନ କରାଯାଇ ପାରିବ ନାହିଁ । ପ୍ରତ୍ୟକ୍ଷ ଭୌତିକ ବସ୍ତୁ ସମୂହର ମୂଳ କାରଣ ରୂପ ମଧ୍ୟ ଭିନ୍ନ ଭିନ୍ନ ପ୍ରତୀୟମାନ ହୋଇଥାଏ । ସେଥିପାଇଁ ଶ୍ରୁତି ନିର୍ଗୁଣ ନିରାକାର ପରମ ପୁରୁଷ ସ୍ୱରୂପକୁ "ନେତି-ନେତି" ଅର୍ଥାତ୍ "ଏହା

ମଧ୍ୟ ନୁହେଁ - ଏହା ମଧ୍ୟନୁହେଁ " କହି ସାଙ୍କେତିକ ରୂପରେ ସଞ୍ଜ୍ଞା ନିରୂପଣ କରିଅଛି । "ଶୁଦ୍ଧ ଅସୀମ ଚୈତନ୍ୟ ସ୍ୱରୂପ ଅତିରିକ୍ତ ପରମାତ୍ମା ତତ୍ତ୍ୱ ଧେୟବସ୍ତୁ ନୁହେଁ"-ଏହି ଧାରଣାକୁ ଅନ୍ତଃକରଣରେ ଦୃଢ କରିବାର ପ୍ରୟାସ ହିଁ ଅଚିନ୍ତ୍ୟ ପରମାତ୍ମାଙ୍କ ଚିନ୍ତନ । ଯିଏ ସ୍ୱୟଂ ପ୍ରକାଶମୟ, ସଦା ସର୍ବଦା ସେ' ସମସ୍ତଙ୍କୁ ପ୍ରକାଶ ଦେଇ ଚାଲିଥାନ୍ତି । ଯେପରି ସୂର୍ଯ୍ୟ ସ୍ୱୟଂ ପ୍ରକାଶ ସ୍ୱରୂପ ଏବଂ ସମ୍ପୂର୍ଣ୍ଣ ଜଗତ ତାଙ୍କରି ଦ୍ୱାରା ପ୍ରକାଶିତ, ସେହିପରି ପରମେଶ୍ୱର ନିଜ ଅଖଣ୍ଡ ଜ୍ଞାନମୟୀ ଦିବ୍ୟ ଜ୍ୟୋତିର ପ୍ରକାଶରେ ସର୍ବଦା ସମସ୍ତଙ୍କୁ ପ୍ରକାଶିତ କରି ରଖିଛନ୍ତି । ସୂର୍ଯ୍ୟ ଯେଉଁଭଳି ଅନ୍ଧକାରକୁ ଦେଖିବା ଅବାସ୍ତବ, ସେହିପରି ପରମ ପୁରୁଷ ପରମାତ୍ମାଙ୍କ ସ୍ୱରୂପ ସଦା ସର୍ବଦା ତମ ରୂପକ ଅଜ୍ଞାନ ରହିତ । ଘୋର ବିଷୟୀ ପୁରୁଷର ଅଜ୍ଞାନ ମଧ୍ୟ ତାଙ୍କରି ବିଜ୍ଞାନମୟ ପ୍ରକାଶର ଜ୍ୟୋତି ପ୍ରାପ୍ତହୋଇ ନଷ୍ଟ ହୋଇଯାଏ । ତେଣୁ ସେ' ଅବିଦ୍ୟାର ଅତି ଉର୍ଦ୍ଧ୍ୱରେ । ସେହି ଶୁଦ୍ଧ ସଚ୍ଚିଦାନନ୍ଦଘନ ପରମ ପୁରୁଷଙ୍କ ସଦା ସ୍ମରଣ କରିବା ହେଉଛି ମୁକ୍ତିର ସୁଗମ୍ୟ ମାର୍ଗ । ଏହା ସତ୍ୟ ଯେ, ଭଗବାନଙ୍କ ଯଥାର୍ଥ ସ୍ୱରୂପ କେବେ ମନ ଓ ବୁଦ୍ଧିରେ ଚିନ୍ତନ କରାଯାଇ ପାରିବ ନାହିଁ । ତେଣୁ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି କି, ଉପରୋକ୍ତ ସମସ୍ତ ଲକ୍ଷଣକୁ ସାକାର ବ୍ରହ୍ମ ଉପରେ ଆରୋପିତ କରି ଏକ କଳ୍ପିତ ସ୍ୱରୂପର ସ୍ମରଣ ଓ ମନନ, ଭଗବାନଙ୍କ ସ୍ୱରୂପର ଯଥାର୍ଥ ଉପଲବ୍ଧିର କାରଣ ହୋଇପାରିବ । ସେହି ଭକ୍ତିଯୁକ୍ତ ପୁରୁଷ ମନର ବିଲୀନ ଅବସ୍ଥା କାଳରେ, ଯୋଗବଳ ଦ୍ୱାରା ଭ୍ରୂକୁଟୀର ମଧ୍ୟଭାଗରେ ପ୍ରାଣ-ଅପାନ ବାୟୁକୁ ପୂର୍ଣ୍ଣ ପ୍ରକାରେ ସ୍ଥାପନକରି, ନିଶ୍ଚଳଭାବରେ ଅର୍ଥାତ୍ ସତ୍ତ୍ୱ-ରଜ-ତମ ଉତ୍ତମ ପ୍ରକାରେ ଶାନ୍ତ ରହି, ଧେୟ ବସ୍ତୁରୁ କ୍ଷଣେ ବ୍ୟୁଥାନ ନ'ହୋଇ ସ୍ମରଣ କରିବାରେ ସେହି ଦିବ୍ୟ ସ୍ୱରୂପ ପରମ ପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ । ଭଗବତ୍ ବିଷୟପ୍ରତି ଅନୁରାଗ ହେଉଛି ଆଧାତ୍ମିକ ଭକ୍ତି । ଅନୁରାଗ ବା ପ୍ରେମ କେବେହେଲେ ଜ୍ଞାନ ବା ଜାଣିବାର ବିଷୟ ନ ହୋଇ ସବୁବେଳେ ସ୍ୱଭାବର ବିଷୟ ହୋଇଥାଏ । ତେଣୁ ନିରାକାର-ନିର୍ଗୁଣ ବ୍ରହ୍ମ ସ୍ୱରୂପ ଚିନ୍ତନରେ ଜ୍ଞାନଯୋଗ ଅପେକ୍ଷା, ଉପାସ୍ୟ-ଉପାସକ ଭାବରେ ସମର୍ପିତ ଭକ୍ତି ପ୍ରସଙ୍ଗର ପ୍ରାଧାନ୍ୟ ରହିଅଛି । ଅଭ୍ୟାସ ଯୋଗ ( ଅଷ୍ଟାଙ୍ଗ ଯୋଗ) ସାଧନାରେ ଉତ୍ପନ୍ନ ଯଥାଯୋଗ୍ୟ ପ୍ରାଣ ସଞ୍ଚାଳନ ଏବଂ ପ୍ରାଣ ନିରୋଧ ସାମର୍ଥ୍ୟର ନାମ "ଯୋଗବଳ" । ଯୋଗ ଶାସ୍ତ୍ରରେ ଦୁଇ ଭ୍ରୂଲତାର ମଧ୍ୟଭାଗକୁ 'ଆଜ୍ଞାଚକ୍ର' କୁହାଯାଇଛି । ଏହି ଆଜ୍ଞାଚକ୍ର ଦ୍ୱିଦଳ ବିଶିଷ୍ଟ । ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର-ଏହି ସ୍ଥାନରେ ତ୍ରିକୋଣରେ ଅବସ୍ଥାନ କରୁଥିବାରୁ, ଏହାକୁ ତ୍ରିକୋଣ ଯୋନି କୁହାଯାଏ । ସିଦ୍ଧିପ୍ରାପ୍ତ ଯୋଗୀପୁରୁଷ ପ୍ରଥମେ ସୁଷୁମ୍ନା ପଥର ନିମ୍ନଭାଗରେ ରହିଥିବା ମୂଳାଧାର, ସ୍ୱାଧିଷ୍ଠାନ ଏବଂ ମଣିପୁର ଚକ୍ର ଭେଦ କ୍ରମରେ ପ୍ରାଣ-ଅପାନକୁ ସ୍ଥାପନ କରି, ଆସ୍ତେ ଆସ୍ତେ ତାହାକୁ ଉର୍ଦ୍ଧ୍ୱମୁଖୀ କରାଇ ମଧ୍ୟଭାଗରେ ରହିଥିବା ହୃଦୟ କମଳର ଅନାହାତ ଚକ୍ରରେ ସ୍ଥାପନ କରେ । ଅନ୍ତକାଳରେ, ସୁଷୁମ୍ନା ପଥରେ ପ୍ରାଣ-ଅପାନ ବାୟୁକୁ ଅନାହାତ ଚକ୍ରରୁ ଉର୍ଦ୍ଧ୍ୱକୁ ଉଠାଇ ଆଜ୍ଞାଚକ୍ରରେ ସ୍ଥିର କରାଏ । ଆଜ୍ଞାଚକ୍ରରେ ପ୍ରାଣ-ଅପାନ ବାୟୁକୁ ନିରୁଦ୍ଧ କରି ସ୍ଥିର ଭାବରେ ରଖିବା ସାଧନ ସାପେକ୍ଷ । ପୁସ୍ତକ ପାଠକରି ଏହି ସାଧନ ଅଭ୍ୟାସ

କରିବା କ୍ଷତିକାରକ । କୌଣସି ସିଦ୍ଧ କ୍ରିୟାଯୋଗୀ ପୁରୁଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ଏହି ସାଧନ କରିବା ବିଧେୟ । ଆଜ୍ଞାଚକ୍ରକୁ ଲାଗି ରହିଥିବା ସପ୍ତକୋଷ ହେଉଛି; ଇନ୍ଦୁ, ବୋଧିନୀ, ନାଦ, ଅର୍ଦ୍ଧ ଚନ୍ଦ୍ରିକା, ମହାନାଦ (ସୋମସୂର୍ଯ୍ୟାଗ୍ନି ରୂପିଣୀ) କଳା ଏବଂ ଉନ୍ମନି । ପ୍ରଣାବାୟୁ ଉନ୍ମନି କୋଷରେ ପ୍ରବିଷ୍ଟହେଲେ, ଜୀବ ପରମ ପୁରୁଷକୁ ପ୍ରାପ୍ତ ହୋଇଥାଏ । ପ୍ରକୃତି ଅଧୀନ ହୋଇ ପୁଣି ଜନ୍ମ ନେବା ସମାପ୍ତ ହୋଇଯାଏ । ଜନ୍ମ ହେଲେମଧ୍ୟ, ପ୍ରକୃତିକୁ ନିଜ ଅଧିନସ୍ଥ କରି, ସ୍ୱ କିମ୍ବା ଭଗବତ୍ ଇଚ୍ଛାରେ ଲୋକ ସଂଗ୍ରହାର୍ଥେ ଅର୍ଥାତ୍ ସଂସାର କଲ୍ୟାଣ ନିମିତ୍ତ କେବଳ ଜନ୍ମ ନେଇଥାନ୍ତି । ଯୋଗାଭ୍ୟାସରେ ପରମାତ୍ମାଙ୍କ ସ୍ମରଣ ବିନା, ମନର ବିଲୀନ କାଳରେ ଏହି ଦିବ୍ୟ ଅବସ୍ଥା ପ୍ରାପ୍ତ ହୋଇପାରିବ ନାହିଁ । ତେଣୁ ଶ୍ରୁତିରେ କୁହାଯାଇଛି "**ଯମେବୈଷ ବୃଣୁତେ ତେନ ଲଭ୍ୟଃ**" ଅର୍ଥାତ୍ ପରମାତ୍ମା ଯାହା ଉପରେ ପ୍ରସନ୍ନ ହୋଇଥାନ୍ତି, ସେ ହିଁ କେବଳ ତାହାଙ୍କୁ ପ୍ରାପ୍ତ କରିଥାଏ । ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି; "**ସୋଇ ଜାନେ ଜେହି ଦେହି ଦେହୁ ଜନାଇ । ଜାନତ ତୁମହିଁ ତୁମହିଁ ହୋଇ ଯାଇ ॥**" ତେଣୁ ଅନନ୍ୟ ଭକ୍ତ ନିମନ୍ତେ ସ୍ୱୟଂ ପରମେଶ୍ୱର ମୁକ୍ତିର ମାର୍ଗ ଉନ୍ମୁକ୍ତ କରି ରଖିଥାନ୍ତି । ଯାହାର ତତ୍ତ୍ୱ ସାକ୍ଷାତ୍କାର ହୋଇସାରିଛି, ସେହି ଜୀବନମୁକ୍ତ ପୁରୁଷଙ୍କ ନିମନ୍ତେ କୌଣସି କର୍ତ୍ତବ୍ୟ ଶେଷ ରହି ନ ଥାଏ । ନିଶ୍ଚଳ ମନ, ଭକ୍ତି ଏବଂ ଯୋଗବଳ- ଏହି ତିନୋଟିର ପରମାତ୍ମା ପ୍ରାପ୍ତିରେ ମୁଖ୍ୟ ଭୂମିକା ରହିଅଛି । ଏହି ତିନୋଟି ପରସ୍ପର ଅନ୍ତଃସମ୍ବନ୍ଧିତ । ଏକାଗ୍ର ଚିତ୍ତରେ ହିଁ ଯୋଗାଭ୍ୟାସ ହୋଇପାରିବ ଏବଂ ବିନା ଯୋଗାଭ୍ୟାସରେ ଯୋଗଶକ୍ତି ପ୍ରାପ୍ତ ହୋଇପାରିବ ନାହିଁ । ଏହି ଯୋଗ ବଳ ହିଁ ଅନ୍ତଃକରଣରୁ ରାଗ-ଦ୍ୱେଷ ହଟାଇ, ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ଘଟାଇଥାଏ । ଜୀବାତ୍ମା ଏହି ଯୋଗବଳରେ ଦେହାଭିମାନରୁ ମୁକ୍ତ ହୋଇ ଆତ୍ମା ସ୍ୱରୂପରେ ସର୍ବଦା ସ୍ଥିତ ହୋଇ ରହିଲେ, ଅନ୍ତଃକରଣରେ ପରମାତ୍ମା ଜିଜ୍ଞାସାର ଉତ୍ସାହ ଜାଗ୍ରତ ହୁଏ । ଏହି ଯୋଗବଳଦ୍ୱାରା, ସାଧକ ଅନାୟାସରେ ସଂସାରର ସମସ୍ତ ଭୌତିକ ପ୍ରତିବନ୍ଧକକୁ ପାର କରି ଯାଇଥାଏ । ମୃତ୍ୟୁ ଭୟର କାରଣ ହୋଇ ନ ଥାଏ କି, ଜନ୍ମ-ମୃତ୍ୟୁ ଭେଦ ବିଚାର ମାନସିକ ସ୍ତରରେ ରହି ନ ଥାଏ ।

ଯଦକ୍ଷରଂ ବେଦବିଦୋ ବଦନ୍ତି ବିଶନ୍ତି ଯଦ୍ ଯତୟୋ ବୀତରାଗାଃ ।
ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି ତତ୍ତେ ପଦଂ ସଙ୍ଗ୍ରହେଣ ପ୍ରବକ୍ଷ୍ୟେ ॥୧୧॥

*ଅନ୍ୱୟ: ବେଦ-ବିଦଃ (ବେଦକୁ ବୁଝିପାରିଥିବା ବିଦ୍ୱାନ୍ ମାନେ ) ଯତ୍ ( ଯାହାଙ୍କୁ) ଅକ୍ଷରଂ (ଅକ୍ଷର ପୁରୁଷ) ବଦନ୍ତି (କହିଥାନ୍ତି ) ବୀତରାଗାଃ ( ସନ୍ୟାସାଶ୍ରମସ୍ଥିତ ରାଗ-ଦ୍ୱେଷ ରହିତ) ଯତୟଃ ( ମହାନ୍ ମୁନି-ଋଷି ବୃନ୍ଦ) ଯତ୍ ( ଯାହାଙ୍କ ଠାରେ ) ବିଶନ୍ତି ( ପ୍ରବିଷ୍ଟ ହୋଇଥାନ୍ତି) ଯତ୍ ଇଚ୍ଛନ୍ତଃ ( ଯାହାର ପ୍ରାପ୍ତି ଇଚ୍ଛାକରି ) ବ୍ରହ୍ମଚର୍ଯ୍ୟଂ ( ବ୍ରହ୍ମଚର୍ଯ୍ୟ ବ୍ରତ ) ଚରନ୍ତି ( ଅନୁଷ୍ଠାନ କରିଥାନ୍ତି ) ତତ୍ ପଦଂ ( ସେହି ପରମ ପଦ ସମ୍ବନ୍ଧରେ ) ତେ ( ତୁମ୍ଭଙ୍କୁ) ସଂଗ୍ରହେଣ ( ସଂକ୍ଷେପରେ ) ପ୍ରବକ୍ଷେ ( କହୁଅଛି ) ।*

**ଭାବାର୍ଥ**: ଏହି ଶ୍ଳୋକରେ ଗୌଣ ଭାବରେ ଚତୁଃଆଶ୍ରମର ବିଷୟ ଉପସ୍ଥାପନ କରାଯାଇଛି । 'ବେଦବିଦୋ' ପଦରେ ଗୃହସ୍ଥାଶ୍ରମ, 'ବୀତରାଗାଃ' ପଦରେ ସନ୍ୟାସ ଓ ବାନପ୍ରସ୍ଥ ଆଶ୍ରମ, 'ବ୍ରହ୍ମଚର୍ଯ୍ୟ ଚରନ୍ତି'

ପଦରେ ବ୍ରହ୍ମଚର୍ଯ୍ୟ ଆଶ୍ରମକୁ ସୂଚିତ କରାଯାଇଛି । ସବୁ ବର୍ଣ୍ଣ, ସବୁ ଆଶ୍ରମରେ ମୁକ୍ତି ପ୍ରାପ୍ତିର ସାଧନ ହୋଇ ପାରିବ । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି; ହେ ଅର୍ଜୁନ ! ବେଦରେ ବର୍ଣ୍ଣିତ ତତ୍ତ୍ୱକୁ ବୁଝି ବିଦ୍ୱାନ୍ ବ୍ୟକ୍ତିମାନେ ଯାହାଙ୍କୁ ଅକ୍ଷର ବୋଲି କହିଥାନ୍ତି, ରାଗ-ଦ୍ୱେଷ ରହିତ ହୋଇ ମହାନ୍ ମୁନି-ଋଷି ବୃନ୍ଦ ଯାହାଙ୍କ ଭିତରେ ପ୍ରବିଷ୍ଟ ହୁଅନ୍ତି, ଯାହାର ପ୍ରାପ୍ତି ଇଚ୍ଛାକରି ଯୋଗ ସାଧକ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଥାନ୍ତି, ସେହି ପରମ ପାଦକୁ ପ୍ରାପ୍ତ କରିବାର ବିଧି ସମ୍ବନ୍ଧରେ ତୁମ୍ଭଙ୍କୁ ସଂକ୍ଷେପରେ କହୁଅଛି, ଶୁଣ । ଗୃହସ୍ଥ ଏବଂ ବାନପ୍ରସ୍ଥ ବେଦମନ୍ତ୍ର ପଠନ କରି ବେଦର ଆଧାର ଓ ପ୍ରାଣ ସଚ୍ଚିଦାନନ୍ଦଘନ ପରମ ପରୁଷ ପରମେଶ୍ୱରଙ୍କ ଅବିନାଶୀ ତତ୍ତ୍ୱକୁ ଭଲଭାବରେ ବୁଝି ପାରିଥାନ୍ତି । ଗୃହସ୍ଥାଶ୍ରମରେ ପତି ପତ୍ନୀ ଅଗ୍ନିହୋତ୍ର କରିଥାନ୍ତି । ଗୃହସ୍ଥ ପତି-ପତ୍ନୀ ଏକତ୍ର ବସି ଯଜ୍ଞାଦିକର୍ମ ଅନୁଷ୍ଠାନ କରିବା ହେଉଛି ଅଗ୍ନିହୋତ୍ର । ବେଦର ପ୍ରାଣ ଏବଂ ଆଧାର ହେଉଛନ୍ତି ନିତ୍ୟ ଅବିନାଶୀ ପରବ୍ରହ୍ମ ପରମାତ୍ମା । ବେଦର ଏହି ତାତ୍ପର୍ଯ୍ୟକୁ ଯେଉଁ ବେଦଜ୍ଞ ବୁଝି ପାରିଥାନ୍ତି, ସେ ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ ଅବିରତ ସାଧନ କରିଥାନ୍ତି ଏବଂ ଅନ୍ତରେ ମଧ୍ୟ ପ୍ରାପ୍ତି ହୋଇଥାନ୍ତି । କୌଣସି ଅବସ୍ଥାରେ, କୌଣସି ରୂପରେ ଯାହାର କିଞ୍ଚିତ୍ ମାତ୍ର କ୍ଷୟ ଘଟି ନ ଥାଏ, ଯେ' ସଦା ଅବିନଶ୍ୱର, ଏକ ରସ, ଏକରୂପ ହୋଇ ରହିଥାନ୍ତି- ମହାତ୍ମା ପୁରୁଷ ତାହାଙ୍କୁ 'ଅକ୍ଷର' ପୁରୁଷ ବୋଲି ଅଭିବ୍ୟକ୍ତ କରିଛନ୍ତି । ସନ୍ୟାସଧର୍ମୀ ମୁନି-ଋଷି ରାଗ-ଦ୍ୱେଷ ବିନିର୍ମୁକ୍ତ ହୋଇ ପରମାତ୍ମା ସ୍ୱରୂପରେ ପ୍ରବେଶ କରନ୍ତି । ଯାହାର ଆସକ୍ତି ଅର୍ଥାତ୍ ସଂସାର ବିଷୟ ପ୍ରତି ଅନୁରାଗ ସର୍ବଥା ନଷ୍ଟ ହୋଇଯାଇଅଛି ସେ ବୀତରାଗୀ । ନିର୍ଗୁଣ ନିରାକାର ବ୍ରହ୍ମର ପ୍ରାପ୍ତି ବୀତରାଗୀ ନିମିତ୍ତ ସହଜ ସୁଲଭ ଅଟେ । ପରମ ପୁରୁଷ ତତ୍ତ୍ୱକୁ ଶ୍ରବଣ, ମନନ ଆଦି ଦ୍ୱାରା ପ୍ରଯତ୍ନଶୀଳ ହେବାକୁ ହେଲେ, ଅନ୍ତଃକରଣ ଶୁଦ୍ଧ ହେବା ଆବଶ୍ୟକ । ସେଥି ନିମନ୍ତେ ମୁନି-ଋଷିବୃନ୍ଦ ସେହି ପରମ ପୁରୁଷଙ୍କୁ ପ୍ରାପ୍ତି ହେବା ପୂର୍ବରୁ ସମସ୍ତ ଶୁଭ-ଅଶୁଭ ସଂସ୍କାର ବିନଷ୍ଟ ଅବସ୍ଥାକୁ ପ୍ରାପ୍ତ କରିଥାନ୍ତି । ତୀବ୍ର ବୈରାଗ୍ୟବାନ୍ ପୁରୁଷ ସାଧନାର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇ, ଅଭେଦ ଭାବରେ ସେହି ଅକ୍ଷର ବ୍ରହ୍ମରେ ପ୍ରବେଶ କରନ୍ତି । ପରମାତ୍ମା ନିଜ ସ୍ୱରୂପ କାରଣରୁ ନିତ୍ୟପ୍ରାପ୍ତ ଅଟନ୍ତି । ଏହି ନିତ୍ୟପ୍ରାପ୍ତ ତତ୍ତ୍ୱକୁ ନେଇ ଆପ୍ରାପ୍ତିର ଯେଉଁ ଭ୍ରମ ରହିଛି, ସେହି ଅବିଦ୍ୟା ରୂପକ ଭ୍ରମ ନଷ୍ଟ ହୋଇଯିବା ହେଉଛି ପରମାତ୍ମା ତତ୍ତ୍ୱରେ ପ୍ରବେଶ କରିବା । ସେହି ପରମ ପଦକୁ ପ୍ରାପ୍ତି ନିମିତ୍ତ ଇଚ୍ଛା କରୁଥିବା ସାଧକ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ଅନୁଷ୍ଠାନ କରିଥାନ୍ତି । ଯେଉଁମାନେ ଆଶ୍ରମ କ୍ରମରେ ସନ୍ନ୍ୟାସ ଗ୍ରହଣ କରି ନାହାନ୍ତି, ବାଲ୍ୟାବସ୍ଥାରୁ ହିଁ ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ବ୍ରତକୁ ସାଧନ ରୂପେ ଗ୍ରହଣ କରି ନେଇଥାନ୍ତି, ସେହିମାନେ ମଧ୍ୟ ପରମ ପୁରୁଷଙ୍କ ସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି । ସବୁ ସ୍ଥାନରେ, ସବୁ ପ୍ରକାର ସ୍ଥିତିରେ ସର୍ବଦା ମନ, ବାଣୀ ଏବଂ କର୍ମରେ ମୈଥୁନ ତ୍ୟାଗକୁ ବ୍ରହ୍ମଚର୍ଯ୍ୟ କୁହାଯାଏ । ବ୍ରହ୍ମଚର୍ଯ୍ୟ ଚତୁଃଆଶ୍ରମ ମଧ୍ୟରେ ପ୍ରଥମ ଆଶ୍ରମ । ଭଗବାନ କହିଛନ୍ତି, ବ୍ରହ୍ମ ପ୍ରାପ୍ତ ଇଚ୍ଛା କରୁଥିବା ବ୍ରହ୍ମଚାରୀ ବ୍ରହ୍ମଚର୍ଯ୍ୟ ଆଚରଣ କରିଥାନ୍ତି । ବ୍ରହ୍ମଚର୍ଯ୍ୟର ଅର୍ଥ ଜନନେନ୍ଦ୍ରିୟର ନିରୋଧ କେବଳ ହୋଇ ନ ଥାଏ, ବରଂ 'ବ୍ରହ୍ମ ଆଚରତି ସ ବ୍ରହ୍ମଚାରୀ' ଅର୍ଥାତ୍ ବାହ୍ୟ ସ୍ପର୍ଶକୁ ମନରୁ ତ୍ୟାଗକରି, ବ୍ରହ୍ମର ନିରନ୍ତର ଚିନ୍ତନ ଓ ସ୍ମରଣ ହେଉଛି ବ୍ରହ୍ମଚର୍ଯ୍ୟ । ବ୍ରହ୍ମଦର୍ଶୀଙ୍କ

ସତ୍ତ୍ୱ-ରଜ-ତମ ଗୁଣ ସର୍ବଥା ଶାନ୍ତ ହୋଇ ରହିଥାଏ । ତାଙ୍କରି ଆଚରଣରେ କେବଳ ଗୋଟିଏ ଇନ୍ଦ୍ରିୟ ନୁହେଁ, ସକଳ ଇନ୍ଦ୍ରିୟ ସ୍ୱତଃ ବଶୀଭୂତ ହୋଇ ରହିଥାନ୍ତି । ଏହି ପ୍ରକାରେ ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ମହାନ୍ ଯୋଗୀ, ବେଦବତ୍ତା ଏବଂ ସଦା ଅନାସକ୍ତ ମୁନି-ଋଷି, ଯେଉଁମାନେ ସେହି ପରମ ପାଦକୁ ହୃଦୟରେ ଧାରଣ କରିବା ନିମନ୍ତେ ଯୋଗ୍ୟ, ତାହା ପ୍ରାପ୍ତ କରିଥାନ୍ତି । ଅର୍ଜୁନ ଗୃହସ୍ଥ ଥିଲେ ମଧ୍ୟ, ଯୋଗ ସାଧନ ଦ୍ୱାରା ସନ୍ନ୍ୟାସ ଧର୍ମୀଙ୍କ ଭଳି ନିର୍ଗୁଣ-ନିରାକାର ଅକ୍ଷର ବ୍ରହ୍ମ ସ୍ୱରୂପର ପ୍ରାପ୍ତି ଏବଂ ଚିନ୍ତନ ପ୍ରକ୍ରିୟାର ବିଧିକୁ ଗ୍ରହଣ କରିବା ନିମିତ୍ତ ଭଗବାନ ଶ୍ରୀକୃଷ୍ଣ ସଂକ୍ଷେପରେ ଉପସ୍ଥାପନ କରିଛନ୍ତି ।

ସର୍ବଦ୍ୱାରାଣି ସଂଯମ୍ୟ ମନୋ ହୃଦି ନିରୁଧ୍ୟ ଚ ।
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ॥ ୧୨ ॥
ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ ।
ଯଃ ପ୍ରୟାତି ତ୍ୟଜନ୍ଦେହଂ ସ ଯାତି ପରମାଂ ଗତିମ୍ ॥୧୩॥

*ଅନ୍ୱୟ: ସର୍ବ ଦ୍ୱାରାଣି ( ଶରୀରର ସମସ୍ତ ଇନ୍ଦ୍ରିୟ ମାନଙ୍କୁ ) ସଂଯମ୍ୟ ( ସଂଯତ କରି) ମନଃ ଚ ( ମନକୁ ମଧ୍ୟ ) ହୃଦି ( ହୃଦୟ ମଧ୍ୟରେ ) ନିରୁଧ୍ୟ ( ନିରୋଧ କରି) ଆତ୍ମନଃ ( ନିଜର) ପ୍ରାଣମ୍ ( ପ୍ରାଣକୁ) ମୂର୍ଦ୍ଧ୍ନି (ଭ୍ରୂ-ଯୁଗ ମଧ୍ୟରେ ) ଆଧାୟ ( ଧାରଣ କରି) ଯୋଗଧାରଣାମ୍ ( ଆତ୍ମ ସମାଧି ରୂପ ଯୋଗରେ) ଆସ୍ଥିତଃ ( ଉତ୍ତମ ରୂପରେ ସ୍ଥିତ ହୋଇ) ଓମ୍ ଇତି ( ଓଁ ବୋଲି ) ଏକ-ଅକ୍ଷରଂ ବ୍ରହ୍ମ ( ଏକ ଅକ୍ଷର ବ୍ରହ୍ମକୁ ) ବ୍ୟାହରନ୍ ( ଉଚ୍ଚାରଣ କରି) ମାମ୍ ( ମୋତେ) ଅନୁସ୍ମରନ୍ ( ସ୍ମରଣ କରି) ଦେହଂ - ତ୍ୟଜନ୍ ( ଶରୀରକୁ ତ୍ୟାଗ କରି ) ଯଃ ( ଯିଏ ) ପ୍ରୟାତି ( ଗମନ କରନ୍ତି ) ସଃ ( ସେ ) ପରମାଂ (ପରମ ) ଗତିଂ (ଗତିକୁ) ଯାତି ( ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ସମସ୍ତ ଇନ୍ଦ୍ରିୟମାନଙ୍କୁ ଭୋଗ-ବାସନାରୁ ଅଲଗା ରଖି ମନକୁ ଅନ୍ତର୍ଯାମୀ ପୁରୁଷ ପରମାତ୍ମାଙ୍କ ନିକଟରେ ଦୃଢଭାବରେ ସ୍ଥିତ କରି, ପ୍ରାଣ ଅର୍ଥାତ୍ ଅନ୍ତଃକରଣ ବ୍ୟାପାରକୁ ମସ୍ତକର ବ୍ରହ୍ମରନ୍ଧ୍ରରେ ନିରୋଧ କରି ଯୋଗ ଧାରଣାରେ ସ୍ଥିତ ରହି ଯେଉଁ ପୁରୁଷ ଅକ୍ଷର ବ୍ରହ୍ମ 'ଓଁକାର ଜପ କରି ଶରୀର ତ୍ୟାଗ କରିଥାଏ, ସେହି ପୁରୁଷ ପରମ ପୁରୁଷକୁ ପ୍ରାପ୍ତ ହୋଇଥାଏ । ଯୋଗାଭ୍ୟାସ ଆରମ୍ଭରେ ମନ ଓ ଇନ୍ଦ୍ରିୟମାନଙ୍କୁ ଭୋଗ୍ୟ ବସ୍ତୁରୁ ବାହ୍ୟ ଏବଂ ମାନସିକ ସ୍ତରରେ ଦୂରେଇ ରଖିବା ହେଉଛି ପ୍ରତ୍ୟାହାର । ପ୍ରତ୍ୟାହାର ଦ୍ୱାରା ସମସ୍ତ ଇନ୍ଦ୍ରିୟ ଅନ୍ତର୍ମୁଖୀ ହୋଇ ମନକୁ ହୃଦୟରେ ପରମାତ୍ମାଙ୍କ ପାଦ ପଦ୍ମରେ ସ୍ଥିର ରଖିବାରେ ସହାୟକ ହୋଇଥାନ୍ତି । ଇନ୍ଦ୍ରିୟ ମାନଙ୍କର ସଂଯମ ସତ୍ତ୍ୱେ, ପୂର୍ବ ଜନ୍ମ ଓ ଏହି ଜନ୍ମର ଶୁଭ ଏବଂ ଅଶୁଭ ସଂସ୍କାର କାରଣରୁ ମଧ୍ୟ ମନ ବିକ୍ଷିପ୍ତ ହୋଇଥାଏ । ମନ ହେଉଛି ସମସ୍ତ ଭାବନା ଓ ଧାରଣାର ପ୍ରତୀକ । ମନକୁ ହୃଦୟ ଭିତରେ ନିରୁଦ୍ଧ କରି ରଖିବାକୁ କହିବାର ତାତ୍ପର୍ଯ୍ୟ ହେଲା, ବିଷୟ ଭୋଗ ନିମନ୍ତେ ସମସ୍ତ ଇନ୍ଦ୍ରିୟ ଦ୍ୱାର ବନ୍ଦ ହୋଇଗଲା ପରେ, ମନ ଅନ୍ତର୍ମୁଖୀ ହୋଇ ହୃଦୟରେ ରହିଥିବା ଦାନ, ପ୍ରେମ, ଶ୍ରଦ୍ଧା, ଦୟା, ଭକ୍ତି, ସମର୍ପଣ ପ୍ରଭୃତି ସମସ୍ତ ସକାରାତ୍ମକ ଭାବନାକୁ ଧାରଣ କରିଥାଏ । ଦୈବୀ ଗୁଣ ସମ୍ପନ୍ନ ସମସ୍ତ ଚିନ୍ତନ ଓ କାର୍ଯ୍ୟ ଧାରାରେ ରଜୋଗୁଣ ଶାନ୍ତ ରହି ଅନ୍ତଃକରଣ ଶୁଦ୍ଧ ହୋଇଥାଏ । ସମସ୍ତ ସକାରାତ୍ମକ ଦିବ୍ୟଗୁଣ

ସଂସ୍ପର୍ଶରେ ଆସି ମନ ସ୍ୱତଃ ଆତ୍ମସ୍ୱରୂପରେ ସ୍ଥିତ ହୋଇ ରହେ । ଯୋଗେଶ୍ୱର ଶ୍ରୀକୃଷ୍ଣ କହିଛନ୍ତି କି, 'ଓଁ' ହେଉଛି ଅକ୍ଷର ବ୍ରହ୍ମର ପରିଚାୟକ ଯାହା ସେହି ଅଦ୍ୱିତୀୟ ଅବିନାଶୀ ପରଂବ୍ରହ୍ମ ପରମାତ୍ମାଙ୍କ ସ୍ୱରୂପକୁ ସୂଚିତ କରିଥାଏ । ଭଗବାନ କହୁଛନ୍ତି; ହେ ଅର୍ଜୁନ ! ତୁମ୍ଭେ ଏହି 'ଓଁ' କାର ଜପକରି ମୋର ସ୍ୱରୂପକୁ ସ୍ମରଣ କର, ଅନ୍ତକାଳରେ ତୁମ୍ଭର ଏହି ପାର୍ଥିବ ମନ ଓ ଶରୀର ବିଲୟ ଘଟି ଜୀବାତ୍ମା ସେହି 'ଓଁ' କାର ଅକ୍ଷର ବ୍ରହ୍ମରେ ଲୀନ ହେବ । 'ଓଁ'କାର ସେହି ପରମ ସତ୍ତାର ଆଭାସକୁ ଅନ୍ତଃକରଣରେ ଉଦ୍ଭାବିତ କରେ । ପରମେଶ୍ୱରଙ୍କ ଅନନ୍ତ ରୂପ ଓ ଅନନ୍ତ ନାମ ଥିବା ସତ୍ତ୍ୱେ, "ଓଁ" କାର ସଂକ୍ଷିପ୍ତ ଏବଂ ଏହାକୁ ପ୍ରାଣବାୟୁରେ ସ୍ଥାପନ କରି ସ୍ମରଣ କରାଯାଇ ପାରିବା ସୁଗମ୍ୟ । ଏହି ସ୍ଥାନରେ "ଓଁ" କାରକୁ ବାଣୀ ଦ୍ୱାରା ଉଚ୍ଚାରଣ କରିବାକୁ ନିର୍ଦ୍ଦେଶ କରାଯାଇ ନାହିଁ । ମାନସିକ ଭାବରେ ପରମାତ୍ମା ସ୍ୱରୂପକୁ ଚିନ୍ତନ କରି 'ଓଁ'କାରକୁ ଜପ କରିବାକୁ କୁହାଯାଇଛି । ମନରେ ନାମର ଉଚ୍ଚାରଣ 'ନାମୀ' ଚିନ୍ତନର ସହାୟକ ହୋଇଥାଏ । ପତଞ୍ଜଳି ଯୋଗ ଦର୍ଶନ ଅନୁସାରେ ଧ୍ୟାନ କାଳରେ ସବିତର୍କ ସମାଧି ପର୍ଯ୍ୟନ୍ତ ଶବ୍ଦ, ଅର୍ଥ ଏବଂ ସେହି ବିଷୟ ଜ୍ଞାନର ବିକଳ୍ପ ମନରେ ରହିଥାଏ । ଏଣୁ ଯାହାର ଚିନ୍ତନ କରାଯାଇଥାଏ, ତାହାର 'ନାମବାଚ' ମନର ସଙ୍କଳ୍ପରେ ରହିବା ସ୍ୱାଭାବିକ । 'ଓଁ' କାର ପରମାତ୍ମାଙ୍କ ସଂକ୍ଷିପ୍ତ ନାମ ହୋଇଥିବା ଯୋଗୁଁ, ଏହାର ମାନସିକ ଜପ କରାଯାଇ ପାରିବ । ଧ୍ୟାନ ସଦଗୁରୁଙ୍କ କରା ଯାଇଥାଏ । ରାମ, କୃଷ୍ଣ ଅଥବା ସଦଗୁରୁ ମହାତ୍ମାଙ୍କୁ ସାକ୍ଷାତ୍ ପରମେଶ୍ୱରଙ୍କ ସ୍ୱରୂପ ବୋଲି ଧରିନେଇ ଧ୍ୟାନ ବଳରେ ଅନୁଭବ ଦ୍ୱାରା ତାହାଙ୍କ ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ନତୁବା, ସାଧନାର ଫଳ ସ୍ୱରୂପ ସମ କାଳୀନ ସଦଗୁରୁଙ୍କ ସାକ୍ଷାତ କରାଇବାର ମାର୍ଗ ଉନ୍ମୁକ୍ତ ହୋଇଥାଏ । ନିର୍ଗୁଣ ନିରାକାର ବ୍ରହ୍ମ ସାକ୍ଷାତ୍କାର ନିମନ୍ତେ ପୂର୍ଣ୍ଣ ସମର୍ପଣ ସହିତ କୌଣସି ଅନୁଭବି ସଦଗୁରୁଙ୍କ ଶରଣ ନେବା ବିଧେୟ । ଶ୍ରୀକୃଷ୍ଣ ହେଉଛନ୍ତି ଯୋଗେଶ୍ୱର, ପରମ ତତ୍ତ୍ୱରେ ସ୍ଥିତ ମହାପୁରୁଷ ସଦ୍-ଗୁରୁ । ନିର୍ଗୁଣ ନିରାକାର ବ୍ରହ୍ମ ଉପାସନାରେ 'ଓଁ' କାର ଅକ୍ଷର ବ୍ରହ୍ମ ଉଚ୍ଚାରଣ କରି ନିର୍ଗୁଣ-ନିରାକାର ବ୍ରହ୍ମ ପ୍ରାପ୍ତି ବା ପରମ ଗତି କିପରି ପ୍ରାପ୍ତ ହୋଇପାରିବ ତାହାର ବିଧି ସେ' ଏହିଠାରେ ବତାଇଛନ୍ତି । ନାଭି ଓ କଣ୍ଠ ମଧ୍ୟରେ ସ୍ଥିତ ହୃଦୟ କମଳ ହେଉଛି ମନ ଓ ପ୍ରାଣର ନିବାସ ସ୍ଥାନ । ବିଚଳିତ ମନକୁ ସଂକଳ୍ପ ଓ ବିକଳ୍ପରୁ ନିବୃତ୍ତ କରାଇ ହୃଦୟ କମଳରେ ଅବସ୍ଥାନ କରୁଥିବା ପରମାତ୍ମାଙ୍କ ପାଦ ପଦ୍ମରେ ଲଗାଇ ରଖିବାକୁ ହେବ । ପ୍ରାଣ-ଅପାନ ବାୟୁକୁ ଉର୍ଦ୍ଧ୍ୱଗାମୀ ନାଡୀ ଦ୍ୱାରା ହୃଦୟ କମଳର ଉପରକୁ ଉଠାଇ ମସ୍ତକର ବ୍ରହ୍ମରନ୍ଧ୍ରରେ ପ୍ରବେଶ କରାଇବାକୁ ହେବ । ଏହାଦ୍ୱାରା ପ୍ରାଣ ସହିତ ମନ ମଧ୍ୟ ମସ୍ତକରେ ସ୍ଥିତ ହୋଇରହେ । ଏହିପରି ଭାବରେ ଇନ୍ଦ୍ରିୟ ସଂଯମ କରି, ପ୍ରାଣ ବାୟୁର ସଂଚାଳନ ଉପରେ ନିଜର ଅଧିକାର ହାସଲକରି, ମନ ଓ ପ୍ରାଣକୁ ଦଶମ ଦ୍ୱାର ଅର୍ଥାତ୍ ବ୍ରହ୍ମରନ୍ଧ୍ରରେ ରୁଦ୍ଧ କରି ରଖିବା ହେଉଛି ଯୋଗ ଧାରଣ ପ୍ରକ୍ରିୟା । ଉପରୋକ୍ତ ପ୍ରକାରେ ନିର୍ଗୁଣ-ନିରାକାର ପରମାତ୍ମାଙ୍କ ସ୍ମରଣ ପୂର୍ବକ ଯେ ପ୍ରାଣ ତ୍ୟାଗ କରେ, ସେ ପରମଗତି ବା ମୋକ୍ଷ ପ୍ରାପ୍ତ ହୋଇଥାଏ । ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ 'ଓଁ'କାର ଅକ୍ଷର ବ୍ରହ୍ମ ସ୍ୱରୂପର ସାଧନ ଉପରେ ପ୍ରାଧାନ୍ୟ ରଖିଛନ୍ତି । ବୈଦିକ ମନ୍ତ୍ର ଯଦି 'ଓଁ' କାର ଶୂନ୍ୟ ହୋଇଯାଏ, ତାହା ହେଲେ ତାହାର

କୌଣସି ମହତ୍ତ୍ୱ ରହିବ ନାହିଁ । ଗଙ୍ଗାକୂଳରେ ଏହି 'ଓଁ' କାର ମନ୍ତ୍ର ଯାହାକୁ ପ୍ରୈଷ ମନ୍ତ୍ର ବୋଲି କୁହାଯାଇଥାଏ, ସଦଗୁରୁଙ୍କ ଦ୍ୱାରା ସାଧକର ଦକ୍ଷିଣ କର୍ଣ୍ଣରେ ଶୁଣାଇ ସନ୍ୟାସ ଧର୍ମରେ ଦୀକ୍ଷିତ କରା ଯାଇଥାଏ । ସାଧକ ଏହି ସମୟରେ ଶପଥ କରିଥାଏ କି, " ଭୂ-ଲୋକ, ଭୂବଲୋକ ଏବଂ ସ୍ୱର୍ଗ ଲୋକର ଭୋଗକୁ ସର୍ବଦା ତ୍ୟାଗ କରିବି" । ଏହାପରେ ଜୀବନର ଅବଲମ୍ବନ ନିମନ୍ତେ ସଦଗୁରୁଙ୍କ ଠାରୁ 'ଓଁ'କାର ମନ୍ତ୍ର ଉପଦେଶ ପ୍ରାପ୍ତ କରା ଯାଇଥାଏ । ପ୍ରୈଷ ମନ୍ତ୍ର ଗ୍ରହଣ କରି ଗୈରିକ ବସ୍ତ୍ର ଧାରଣ କଲାପରେ, ପୁଣି ଗୃହସ୍ଥ ଆଶ୍ରମ ପ୍ରତ୍ୟାବର୍ତ୍ତନକୁ ଶାସ୍ତ୍ରରେ ଘୋର ନିନ୍ଦା ଓ ଦୋଷାବହ ମନାଯାଇଛି । 'ଓଁ'କାର ହେଉଛି ଶ୍ରେଷ୍ଠ, ଅଦ୍ୱିତୀୟ ନିବୃତ୍ତିର ମନ୍ତ୍ର । ସମସ୍ତ ଭୋଗର ପରିତ୍ୟାଗ ଯେବେ କରା ଯାଇଥାଏ, ତେବେଯାଇ 'ଓଁ'କାର ମନ୍ତ୍ର ଜପ କରିବାର ଅଧିକାର ମିଳିଥାଏ । ମନ୍ତ୍ର ଜପ ନିମନ୍ତେ ସଦଗୁରୁଙ୍କ ଠାରୁ ଦୀକ୍ଷାନେବାର ସ୍ୱତନ୍ତ୍ର ବିଧି ରହିଅଛି । ଯିଏ ଯେଉଁ ମନ୍ତ୍ର ଜପର ଅଧିକାରୀ ହୋଇଥାଏ, ଆଚାର୍ଯ୍ୟ ତାହାଙ୍କୁ ସେହି ପ୍ରକାର ମନ୍ତ୍ରର ଦୀକ୍ଷା ଦେଇଥାନ୍ତି । କେବଳ ସନ୍ୟାସୀ ମାନଙ୍କୁ ତାଙ୍କରି ଅବଲମ୍ବନ ନିମିତ୍ତ ପ୍ରଣବ ଦୀକ୍ଷା ଦିଆ ଯାଇଥାଏ । ଅନ୍ୟ ଆଶ୍ରମାଶ୍ରିତ ସାଧକଙ୍କୁ କୌଣସି ମନ୍ତ୍ରର ପ୍ରାରମ୍ଭରେ ପ୍ରଣବକୁ ("ଓଁ" ଅକ୍ଷରକୁ) ସଂଯୁକ୍ତ କରି ଯଥା: " ଓଁ ନମଃ ଶିବାୟ - ଓଁ ନମୋ ନାରାୟଣାୟ - ଓଁ ନମୋ ଭଗବତେ ବାସୁଦେବାୟ – ଜପ ନିମନ୍ତେ ଏହି ମନ୍ତ୍ରର ଦୀକ୍ଷା ଦିଆଯାଇଥାଏ । ଅକ୍ଷର ଶବ୍ଦର ଦ୍ୱିବୋଧକ ଅର୍ଥ ମଧ୍ୟରୁ ଗୋଟିଏ ହେଲା, ପରମବ୍ରହ୍ମ ବାଚକ ଏବଂ ଅନ୍ୟଟି ହେଲା; ବାଣୀ ଦ୍ୱାରା ଯେଉଁ ଶବ୍ଦ ଉଚ୍ଚାରଣ ହୋଇଥାଏ, ସେହି ନ୍ୟୁନତମ ପଦକୁ ମଧ୍ୟ ଅକ୍ଷର କୁହାଯାଏ । ଶବ୍ଦମୟୀ ବାଣୀ ହେଉଛି ଅକ୍ଷର ମାନଙ୍କର ସମୁଦାୟ । ସେହି ବାଣୀ ହିଁ ବାକ୍ ବା ବଚନ ଅଟେ । ସେହି ବଚନ ପରବ୍ରହ୍ମ ରୂପରେ ବା ଶବ୍ଦବ୍ରହ୍ମ ରୂପରେ ସହସ୍ରାକ୍ଷର ଅର୍ଥାତ୍ ଅନନ୍ତ ଅକ୍ଷର ହୋଇଥାଏ । ତାହାର କୌଣସି ଶବ୍ଦାତ୍ମକ ଉଚ୍ଚାରଣ ସମ୍ଭବ ହୋଇ ନ ଥାଏ । ଅତଏବ, ଏହାକୁ ଅମୃତ ବଚନ ବୋଲି କୁହାଯିବ । 'ଓଁ' କାର ହେଉଛି ସେହି ଅମୃତ ବଚନର ସ୍ଥିତାତ୍ମକ ରୂପ ଯାହା ଏକପଦୀ । ଏହା ସମ୍ମିଳିତ ରୂପରେ ଅର୍ଦ୍ଧମାତ୍ରାତ୍ମକ ହେଲେ ମଧ୍ୟ, ଅନ୍ୟପକ୍ଷରେ ସେଥିରେ ଅ – ଉ – ମ୍ ଏହି ତିନି ମାତ୍ରାର ସ୍ଥିତି ମଧ୍ୟ ରହିଅଛି । ଯେପରି ବ୍ରହ୍ମ ଗୁଣାତୀତ ଏବଂ ତ୍ରିଗୁଣାତ୍ମକ ମଧ୍ୟ, ସେହିପରି 'ଓଁ' କାର ଅକ୍ଷରବ୍ରହ୍ମ ମଧ୍ୟରେ ଏହି ତିନି ମାତ୍ରା ରୂପକ ତ୍ରିଗୁଣାତ୍ମକ ବିଷୟ ମଧ୍ୟ ଅନ୍ତର୍ନିହିତ । କଠୋପନିଷଦରେ ଏହି ସିଦ୍ଧାନ୍ତର ଉଲ୍ଲେଖ ରହିଛି କି, 'ଓଁ'କାର ହେଉଛି ସଗୁଣ ନିରାକାର ବ୍ରହ୍ମର ସଂକ୍ଷିପ୍ତ ପଦ । ଏହାର ରହସ୍ୟ ହେଲା, ସୃଷ୍ଟି ଯେଉଁ ପଞ୍ଚତତ୍ତ୍ୱରେ ନିର୍ମିତ, ସେଥିରେ ଆକାଶ ସବୁଠାରୁ ସୂକ୍ଷ୍ମ । 'ଓଁ'କାର ନାଦ ଆକାଶ ଦ୍ୱାରା ବାୟୁର ଆଘାତରୁ ଉତ୍ପନ୍ନ ଏବଂ ଏହାର ବାସ୍ତବିକ ଭୌତିକ ସତ୍ତା ସେହି କମ୍ପନ, ସ୍ପନ୍ଦନ ବା ତରଙ୍ଗ ରୂପରେ ଥାଏ, ଯାହା ଶବ୍ଦରୁ ଉତ୍ପନ୍ନ ହୋଇଥାଏ । ଏହି ଧ୍ୱନି ନିତାନ୍ତ ଭୌତିକ ତତ୍ତ୍ୱ ଅଟେ । ଅତଏବ, ପଞ୍ଚ ଭୂତରେ ନିର୍ମିତ ହୋଇଥିବା ଯେତେ ମଧ୍ୟ ଜଗତ ରହିଛି, ତାହାର ସୂକ୍ଷ୍ମ ନମୁନା 'ଓଁ'କାର ଧ୍ୱନିକୁ ମାନି ନିଆ ଯାଇଅଛି । ପ୍ରତ୍ୟେକ ବ୍ୟକ୍ତିର କଣ୍ଠରୁ ନିସୃତ 'ଓଁ'କାର ନାଦର କମ୍ପନାତ୍ମକ ସ୍ୱରୂପ ଭିନ୍ନ ଭିନ୍ନ ହୋଇଥାଏ, ଯାହା ତାହାରି ପଞ୍ଚ ଭୌତିକ ଦେହ, ପଞ୍ଚ ପ୍ରାଣ ଏବଂ ପଞ୍ଚ କୋଷର ସୂକ୍ଷ୍ମ ଏବଂ ସ୍ଥୂଳ ପରିଚୟ ଦେଇଥାଏ । ଶରୀର

ରଚନାରେ ଯେଉଁପରି ଜାଗରଣ, ସ୍ୱପ୍ନ ଓ ସୁଷୁପ୍ତି ନାମକ ତିନି ଅବସ୍ଥା ରହିଅଛି, ସେହିପରି 'ଓଁ'କାର ତିନି ମାତ୍ରାରେ ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ବିଲୟ କୁ ନିର୍ଦ୍ଦେଶ କରାଯାଇଛି । ଏହି ତିନି ସ୍ଥିତିର ଉପରାନ୍ତ ଏକ ମାତ୍ରା ବିହୀନ ବା ଅମାତ୍ରା ଅବସ୍ଥା ରହିଛି ଯାହାକୁ ତୁରୀୟାବସ୍ଥା କୁହାଯାଇଛି । ଏହି ପ୍ରକାରେ ଯଦି ବ୍ରହ୍ମାଙ୍କର ସାରା ସୃଷ୍ଟି ଏବଂ ମନୁଷ୍ୟ ଶରୀରର ନ୍ୟୁନତମ ନମୁନା ନିଆଯାଏ, ତାହା ହେଉଛି 'ଓଁ'କାର ଅକ୍ଷରବ୍ରହ୍ମ ।

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ॥ ୧୪॥

*ଅନ୍ୱୟ: ପାର୍ଥ ( ହେ ପୃଥାନନ୍ଦନ !) ଅନନ୍ୟଚେତାଃ ( ଅନନ୍ୟ ଚିତ୍ତ ହୋଇ ) ଯଃ ( ଯେ') ମାଂ ( ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ) ନିତ୍ୟଶଃ ( ଯାବଜ୍ଜୀବନ ) ସତତମ୍ (ନିରନ୍ତର - ଅବିଚ୍ଛିନ୍ନ ଭାବରେ ) ସ୍ମରତି ( ସ୍ମରଣ କରେ ) ତସ୍ୟ ( ସେହି) ନିତ୍ୟ ଯୁକ୍ତସ୍ୟ ( ସଦା ସ୍ମରଣଶୀଳ ) ଯୋଗିନଃ ( ଯୋଗୀଙ୍କର) ଅହମ୍ ( ମୁଁ) ସୁଲଭଃ ( ସହଜ ଲଭ୍ୟ ) ।*

**ଭାବାର୍ଥ** :ଯାହାର ଅନ୍ତଃକରଣରେ ପରମାତ୍ମାଙ୍କ ବ୍ୟତିରେକ ଅନ୍ୟ ଅନାତ୍ମ ବସ୍ତୁର ଆଶ୍ରୟ ରହି ନ ଥାଏ, ସେ ହେଉଛନ୍ତି 'ଅନନ୍ୟଚେତାଃ' । ଭଗବାନ କହୁଛନ୍ତି; ହେ ପୃଥାନନ୍ଦନ ! ଅନନ୍ୟଚିତ୍ତରେ ଯେଉଁ ଯୋଗ ସାଧକ ନିତ୍ୟ-ନିରନ୍ତର ମୋର ସ୍ୱରୂପ ସ୍ମରଣ କରିଥାଏ, ସେହି ସଦା ସ୍ମରଣଶୀଳ ଯୋଗୀ ନିମନ୍ତେ 'ମୁଁ' ସୁଲଭ ଅର୍ଥାତ୍ ତାହାକୁ 'ମୁଁ' ସହଜରେ ପ୍ରାପ୍ତ ହୋଇଥାଏ । "ମୁଁ ଭଗବାନଙ୍କର ଓ ଭଗବାନ ମୋର"- ଜୀବନ ସାରା ଏହି ନିତ୍ୟ ସମ୍ବନ୍ଧରେ ଦୃଢ ରହିଥିବା ସାଧକକୁ ଏହିଠାରେ 'ନିତ୍ୟଯୁକ୍ତ' କୁହାଯାଇଛି । 'ଅନନ୍ୟଚେତାଃ' ଓ 'ନିତ୍ୟଯୁକ୍ତ' ଏହି ଦୁଇଟି ପଦରେ ଭଗବାନ ଶ୍ରୀକୃଷ୍ଣ ଭକ୍ତିଯୋଗର ଶୀର୍ଷରେ ଉପନୀତ ହୋଇଥିବା ସାଧକର ଅନନ୍ୟ ଭକ୍ତିଭାବକୁ ସୂଚିତ କରିଛନ୍ତି । ଯେ' ଅନନ୍ୟ ଚେତା ଏବଂ ପରମାତ୍ମାଙ୍କ ସହିତ ନିତ୍ୟଯୁକ୍ତ, ସେ' ଭଗବାନଙ୍କର ଏକନିଷ୍ଠ ଶୁଦ୍ଧଭକ୍ତ ଅଟେ । ଶୁଦ୍ଧ ଭକ୍ତର ନିଜ ପାଇଁ କୌଣସି ଭୌତିକ ଇଚ୍ଛା, ଏପରିକି ମୋକ୍ଷ ପ୍ରାପ୍ତିର ମଧ୍ୟ ଇଚ୍ଛା ରହି ନ ଥାଏ । ଭଗବତ୍ ପ୍ରେମ ରସର ଟିକିଏ ଆସ୍ୱାଦନ ପାଇଁ କୌଣସି ନା କୌଣସି ଭାବରେ ଭଗବାନଙ୍କ ସହିତ ସମ୍ବନ୍ଧିତ ହେବାର ପ୍ରୟାସ କରିଥାଏ । ଶାନ୍ତଭାବ, ଦାସ୍ୟଭାବ, ସାଖ୍ୟ ଭାବ, ବାତ୍ସଲ୍ୟ ଭାବ ଓ ମାଧୁର୍ଯ୍ୟ ଭାବ - ଏହି ପାଞ୍ଚ ପ୍ରକାର ଭାବ ମଧ୍ୟରୁ, ଯେ' କୌଣସି ଭାବର ବଶବର୍ତ୍ତୀ ହୋଇ ଭଗବାନଙ୍କ ଦିବ୍ୟଲୀଳାର ରସାମୃତକୁ ପାନ କରିଥାଏ । ଯେ' ଅନନ୍ୟ ଭକ୍ତ, ତାହାରି ମନ ଭଗବାନଙ୍କ ଠାରେ, ଚେଷ୍ଟା ଭଗବାନଙ୍କ ଠାରେ, ବାଣୀ ଭଗବାନଙ୍କ ଠାରେ, ଆତ୍ମା ଭଗବାନଙ୍କ ଠାରେ, ଶରୀର ମଧ୍ୟ ଭଗବାନଙ୍କ ଠାରେ ଅଭିନ୍ନ ହୋଇ ରହିଥାଏ । ଭଗବାନଙ୍କ ଗୁଣ ଓ ମହିମା ଗାଇବାରେ, ଲୀଳା ଶ୍ରବଣ କରିବାରେ, ଦିବ୍ୟ ରୂପକାନ୍ତିକୁ ଦେଖିବାରେ ତଲ୍ଲିନ ରହି ନିଜ ଅସ୍ତିତ୍ୱକୁ ଭୁଲି ଯାଇଥାଏ । ଏହା ହେଉଛି ତନ-ମନ ବିସ୍ମୃତି ପୂର୍ବକ ଭଗବତ୍ ସ୍ୱରୂପର ତନ୍ମୟତା । ଏହାକୁ ଶ୍ରୀକୃଷ୍ଣ ସ୍ୱୀକାର କରିଛନ୍ତି କି, ଗୋପାଙ୍ଗନା ମାନେ ହେଉଛନ୍ତି ମୋର ଏହି ପ୍ରକାର ଭକ୍ତ । ଭଗବାନ କହୁଛନ୍ତି, 'ମୁଁ' ଏହି ମାନଙ୍କ ପାଇଁ ଅତି ମାତ୍ରାରେ ସୁଲଭ । କାରଣ 'ମୁଁ' ସେହି ଭକ୍ତମାନଙ୍କୁ ତାଙ୍କରି ହୃଦୟ ଭିତରେ, ବାହାରେ ସବୁ ସ୍ଥାନରେ, ସବୁ ସମୟରେ, ସମସ୍ତ ବସ୍ତୁରେ, ସମସ୍ତ କର୍ମରେ, ସବୁ ରୂପରେ ଦୃଶ୍ୟମାନ ହୋଇଥାଏ ।

ମୋତେ ପ୍ରାପ୍ତ ହେବା ପାଇଁ ମୋରି ଭକ୍ତକୁ ବେଦ ଓ ଶାସ୍ତ୍ରଜ୍ଞାନକୁ ଆୟତ୍ତ କରିବାକୁ ପଡି ନ ଥାଏ, କେଉଁ ତୀର୍ଥ ପୀଠରେ ନିବାସ କରିବାକୁ ହୋଇ ନ ଥାଏ କି, କୌଣସି ଭୌତିକ ବସ୍ତୁପ୍ରାପ୍ତ ଭଳି ମୂଲ୍ୟ ଦେବାକୁ ହୋଇ ନ ଥାଏ । ଭକ୍ତର ଅନ୍ତଃକରଣ ଏତିକି ବିସ୍ତାର ହୋଇଥାଏ କି, ବିଶ୍ୱାତ୍ମାଙ୍କୁ ମଧ୍ୟ ଭକ୍ତ ତାରି ହୃଦୟ ଭିତରେ ସମାହିତ କରି ରଖି ଦେବାରେ ସମର୍ଥ ହୋଇଥାଏ । ଏଣୁ ଏହି ଅନନ୍ୟ ଭକ୍ତ ନିମନ୍ତେ ପରମେଶ୍ୱରଙ୍କ ସୁଲଭତା ସ୍ୱାଭାବିକ । ଭକ୍ତ ଭଗବାନଙ୍କୁ ନିଜର ହର୍ତ୍ତା, କର୍ତ୍ତା, ବିଧାତା ବୋଲି ବୁଝି ସମର୍ପିତ ହୋଇଗଲା ପରେ ସାଂସାରିକ ପ୍ରତିବନ୍ଧକ ଭକ୍ତର ଚିତ୍ତକୁ ବିଭ୍ରାନ୍ତ କରିପାରି ନ ଥାଏ । ଯିଏ ଅନନ୍ୟ ଭକ୍ତ ସେ' ସ୍ଥାନ, କାଳ, ପରିବେଶ ବିଚାରକୁ ନ ନେଇ ସର୍ବଦା ଭଗବତ୍ ଚିନ୍ତନରେ ରହିଥାଏ । ମୁହୂର୍ତ୍ତଟିଏ ମଧ୍ୟ ଭଗବାନଙ୍କଠାରୁ ନିଜକୁ ଭିନ୍ନ ମନେ କରି ନ ଥାଏ । ତେଣୁ ଭଗବାନ ତାହା ନିମନ୍ତେ ନିତ୍ୟପ୍ରାପ୍ତ । ଏହି ଭକ୍ତିଯୋଗର ସାଧନ ଖୁବ୍ ସରଳ, ଶୁଦ୍ଧ ଓ ଅଭ୍ୟାସ ନିମିତ୍ତ ଅତି ସହଜ । ଯାହାରି ପାଖରେ ଶ୍ରଦ୍ଧା ଓ ବିଶ୍ୱାସର ଅଭାବ ରହିଥାଏ, ଯିଏ ଭଗବାନଙ୍କ ଦିବ୍ୟଗୁଣ ଓ ମହିମା ବୁଝିବାକୁ ଆଗ୍ରହ ପ୍ରକାଶ କରି ନ ଥାଏ, ଯାହାକୁ ମହତ୍-ସଙ୍ଗ ପ୍ରାପ୍ତର ସୌଭାଗ୍ୟ ମିଳି ନଥାଏ, ତାହାରି ନିମନ୍ତେ ନିତ୍ୟ-ନିରନ୍ତର ଭଗବତ୍ ଚିନ୍ତନ କଠିନ ହୋଇଥାଏ । "ନିଜକୁ ଶରୀର ଓ ଶରୀରକୁ ନିଜର" ଏହି ଭ୍ରମାତ୍ମକ ଧାରଣା ରଖିଥିବା ପର୍ଯ୍ୟନ୍ତ ମନୁଷ୍ୟ ଜନ୍ମ-ମରଣ ଚକ୍ରରେ ବାନ୍ଧି ହୋଇ ରହିଥାଏ । ଏହି ବିପରୀତାତ୍ମକ ଧାରଣା ହଟିଗଲେ ଭଗବାନ ସୁଲଭ ହୋଇଯାନ୍ତି । ସଂସାରରେ ଭଗବାନ ଦୁର୍ଲଭ ନୁହନ୍ତି, ବରଂ ଭଗବତ୍ ତତ୍ତ୍ୱକୁ ବୁଝି ଭଗବାନଙ୍କ ଠାରେ ଶରଣ ନେଇଥିବା ଭକ୍ତ ଦୁର୍ଲଭ । ବାସ୍ତବରେ ଯିଏ ନିତ୍ୟପ୍ରାପ୍ତ, ତାହାଙ୍କ ସୁଲଭତା ଓ ଦୁର୍ଲଭତା ଅପ୍ରାସଙ୍ଗିକ ।

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍ ।
ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ॥୧୫॥

*ଅନ୍ୱୟ: ମହାତ୍ମାନଃ (ମହାତ୍ମାମାନେ) ମାମ୍ (ମୋତେ) ଉପେତ୍ୟ ( ପ୍ରାପ୍ତ ହୋଇ) ଦୁଃଖାଳୟମ୍ ( ଦୁଃଖପୂର୍ଣ୍ଣ ସ୍ଥାନ ) ଅଶାଶ୍ୱତମ୍ ଚ ( ଏବଂ ଅନିତ୍ୟ ) ପୁନର୍ଜନ୍ମ ( ପୁନର୍ବାର ଜନ୍ମ ) ନାପ୍ନୁବନ୍ତି ( ପ୍ରାପ୍ତ ହୁଅନ୍ତି ନାହିଁ ) [ କାରଣ ସେହିମାନେ ] ପରମାଂ ( ସର୍ବୋଚ୍ଚ) ସିଦ୍ଧିଂ ( ସିଦ୍ଧି ରୂପକ ମୋକ୍ଷ ) ଗତାଃ ( ପ୍ରାପ୍ତ ହୋଇଛନ୍ତି) ।*

**ଭାବାର୍ଥ**: "ଭଗବତ୍ ସାକ୍ଷାତ୍କାର ଅର୍ଥାତ୍ ପରମାତ୍ମାଙ୍କ ଅପରୋକ୍ଷ ଅନୁଭୂତିର ଫଳ ସ୍ୱରୂପ ନିର୍ବାଣ ମୁକ୍ତି"- ଏହି ଧ୍ରୁବ ନିୟମକୁ ଭଗବାନ ଏହି ଦୁଇଟି ଶ୍ଳୋକରେ ପୁଷ୍ଟ କରିଛନ୍ତି । ଭଗବତ୍ ତତ୍ତ୍ୱର ରହସ୍ୟକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରି ତଦ୍ ଅନୁଯାୟୀ ଯେ ଆଚରଣ କରିଥାଏ, ସେ ପରମ ସିଦ୍ଧିକୁ ପ୍ରାପ୍ତ କରିଛନ୍ତି ବୋଲି କୁହାଯିବ । ଈଶ୍ୱର ଚେତନଶୀଳ ମାହାତ୍ମାମାନେ ପରମ ସିଦ୍ଧି ଲାଭକରି ସଂସାର ଭୂତ ପ୍ରକୃତିରୁ ଚିରକାଳ ପାଇଁ ମୁକ୍ତ ହୋଇ ପୁନର୍ଜନ୍ମ ପ୍ରାପ୍ତ ହୋଇ ନ ଥାନ୍ତି ଅର୍ଥାତ୍ ସେହିମାନଙ୍କ ପୁନଃ କେବେ ଭଗବାନଙ୍କଠାରୁ ବିୟୋଗ ଘଟି ନ ଥାଏ । ବେଦ, ପୁରାଣ, ଉପନିଷଦରେ ବର୍ଣ୍ଣିତ ସମସ୍ତ ବିଷୟ-ବସ୍ତୁର ସାର ତତ୍ତ୍ୱ ହେଲା; - ଏହି ସର୍ବୋଚ୍ଚ ସିଦ୍ଧି ଯାହାକୁ ମୋକ୍ଷ ବୋଲି କୁହାଯାଇଛି, ତାହାକୁ ପ୍ରାପ୍ତ କରିବା ମନୁଷ୍ୟ ଜନ୍ମର ପରମ

ଲକ୍ଷ୍ୟ । ଯେ' ପର୍ଯ୍ୟନ୍ତ ଭଗବତ୍ ସାକ୍ଷାତ୍କାର ହୋଇନାହିଁ, ସେ ପର୍ଯ୍ୟନ୍ତ ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀର ଧାରଣ କରିବାର ଯାତ୍ରା ସମାପ୍ତ ହୋଇ ନ ଥାଏ । ଦେହାନ୍ତରେ କର୍ମାଧୀନ ହୋଇ ଦେବତା, ମନୁଷ୍ୟ, ପଶୁ, ପକ୍ଷୀ ଆଦି କୌଣସି ଏକ ଯୋନି ଜନ୍ମ ନେଇ ପୁନଃ ଶରୀର ଧାରଣ କରିବା ହେଉଛି 'ପୁନର୍ଜନ୍ମ' । ଏପରି କୌଣସି ଜନ୍ମ ନାହିଁ, ଯାହା ଦୂଃଖପୂର୍ଣ୍ଣ ନୁହେଁ କି, ବିନାଶଶୀଳ ନୁହେଁ । ସର୍ବଦା ବିନାଶମୁଖୀ ଏହି ସଂସାର ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଭଳି ପୀଡା ଓ ଯନ୍ତ୍ରଣାରେ ପରିପୂର୍ଣ୍ଣ । ଜୀବନ କାଳ ମଧ୍ୟରେ ଯେଉଁ ସବୁ ବସ୍ତୁ, ବ୍ୟକ୍ତି ଓ ସ୍ଥିତି ପ୍ରାପ୍ତ ହୋଇଥାଏ, ସେଥିମଧ୍ୟରେ ଏପରି କୌଣସି ଗୋଟିଏ ମଧ୍ୟ ବସ୍ତୁ ନ ଥାଏ, ଯାହା ସବୁବେଳେ ଏକ ରୂପ, ଏକ ରସ ହୋଇ ରହିଥାଏ । ମୃତ୍ୟୁ ତ ଶରୀର ଅନିତ୍ୟତା ଓ ଜୀବନ କ୍ଷଣଭଙ୍ଗୁରତାର ବଳିଷ୍ଠ ପ୍ରମାଣ । ସଂସାରରେ ଆଜି ଯାହା ସୁଖ ଦେବାର ମନେ ହେଉଛି, କାଲି ତାହା ଅନ୍ୟରୂପ ହୋଇ ଯାଇଥାଏ ଅଥବା ତାହାରି ସମ୍ବନ୍ଧରେ ନିଜର ଭାବ ବଦଳିଯାଇ ତାହା ଦୁଃଖଦାୟୀ ହୋଇଯାଏ । ପ୍ରାପ୍ତ ବସ୍ତୁ ଦିନେ ନା ଦିନେ ବିନାଶ ହେବ ଅଥବା ନିଜର ମୃତ୍ୟୁରେ ସେହି ସବୁକୁ ଛାଡି ଚାଲିଯିବାକୁ ହେବ, ଏହି ଦୁଇଟିଯାକ ଘଟଣା ସୁନିଶ୍ଚିତ । ତେଣୁ ସୁଖପ୍ରଦ ପ୍ରତୀତ ହେଉଥିବା ପ୍ରାପ୍ତ ବସ୍ତୁର ବିୟୋଗ କିମ୍ବା ଭୋଗ୍ୟ ବସ୍ତୁର ତୃଷ୍ଣା ସବୁବେଳେ ଦୁଃଖର କାରଣ ହୋଇଥାଏ । ଭୋଗ ଦୃଷ୍ଟିରେ ଦେଖୁଥିବା ବସ୍ତୁର ସଂଗ୍ରହ ଓ ଆସକ୍ତ କାରଣରୁ ଯେଉଁ ପାପ କର୍ମରେ ଲିପ୍ତ ହେବାକୁ ପଡିଥାଏ, ତାର ଫଳ ସ୍ୱରୂପ ମଧ୍ୟ ନାନା ପ୍ରକାର କଷ୍ଟ ଓ ନର୍କ ଯନ୍ତ୍ରଣା ଭୋଗିବାକୁ ହୁଏ । ଏହି ପ୍ରକାରେ ଗର୍ଭଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ କେବଳ ଦୁଃଖ ହିଁ ଦୁଃଖ ରହିଥିବା କାରଣରୁ ସଂସାରକୁ ଭଗବାନ ଦୁଃଖର ଘର ବୋଲି କହିଛନ୍ତି । କୌଣସି ଜନ୍ମରେ ସେହି ଜନ୍ମର ପ୍ରାପ୍ତ ଭୋଗର ସଂଯୋଗ ଚିରନ୍ତନ ନୁହେଁ, ତେଣୁ ତାହା ମଧ୍ୟ ନଶ୍ୱର । ଶ୍ରଦ୍ଧା ଓ ପ୍ରେମ ସହିତ ନିତ୍ୟ ନିରନ୍ତର ଭଜନ-ଧ୍ୟାନ ସାଧନାରେ ପରାସିଦ୍ଧି ପ୍ରାପ୍ତ କରିଥିବା ମହାତ୍ମାଙ୍କୁ ଏହି ପୁନର୍ଜନ୍ମ ପ୍ରାପ୍ତ ହୋଇ ନ ଥାଏ । ସେହି ଅନନ୍ୟ ଜ୍ଞାନୀ ଭକ୍ତକୁ ଥରେ ସମସ୍ତ ସୁଖର ଅନନ୍ତ ସାଗର, ସମସ୍ତଙ୍କ ପରମାଧର, ପରମାଶ୍ରୟ, ପରମ ପୁରୁଷ ପରମାତ୍ମା ତତ୍ତ୍ୱ ବୋଧ ହୋଇ ଗଲାପରେ, କୌଣସି ପରିସ୍ଥିତିରେ ସେହି ମାହାତ୍ମାଙ୍କ ଭଗବାନଙ୍କଠାରୁ ବିୟୋଗ ଘଟି ନ ଥାଏ । ଯେବେ ସ୍ୱୟଂ ସୃଷ୍ଟିକର୍ତ୍ତା ସଂସାର ଦୁଃଖାଳୟ ଏବଂ ଆଶାଶ୍ୱତ ବୋଲି କହୁଛନ୍ତି; ଏହିଠାରେ ସୁଖର ଆଶାରଖିବା ଦୁରାଶା ମାତ୍ର । ମହର୍ଷି ପତଞ୍ଜଳି କହିଛନ୍ତି; ବିବେକଶୀଳ ପୁରୁଷକୁ ସାରା ସଂସାର ଦୁଃଖରୂପ ଦେଖା ଯାଇଥାଏ । ଯେତେ ବି ଧନ କମାଇଥାଅ, ଜନ ବିସ୍ତାର କରିଥାଅ, ମାନ ସମ୍ମାନ ପ୍ରାପ୍ତ କରିଥାଅ, ତାହା ସବୁ ଦିନେ ମାଟିରେ ମିଶିଯିବ । ଏଥିରେ କେବେ ଦ୍ୱିମତ ନାହିଁ । ନିଜର କଲ୍ୟାଣ ଚାହୁଁଥିବା ମନୁଷ୍ୟ ଦୁଇଟି ଜିନିଷକୁ ସଦା ସ୍ମରଣ କରିଥାଏ । ଗୋଟିଏ ନିଜର ମୃତ୍ୟୁ ଏବଂ ଅନ୍ୟଟି ଭଗବାନ ନାରାୟଣଙ୍କ ନାମ । ନିଜ ଶରୀର ସ୍ଥିତିକୁ ଚିରନ୍ତନ ବୋଲି ବିଚାରକରି, ମନୁଷ୍ୟ ସୁଖ ସଂଗ୍ରହ ଲାଗି ଅନେକ ଅନର୍ଥରେ ପ୍ରବୃତ୍ତ ରହେ । ଗଳାରେ ପଡି ରହିଥିବା ମୃତ୍ୟୁର ଫାଶ କେଉଁ ମୁହୂର୍ତ୍ତରେ ଶରୀରକୁ ନିର୍ଜୀବ କରିଦେବାର ସ୍ମରଣ ରହିଲେ, ସଂସାର ପ୍ରତି ଆସକ୍ତି ରହିବ ନାହିଁ କି, ଅନର୍ଥ ପ୍ରବୃତ୍ତିରେ ଲିପ୍ତ ହେବାର ମୋହ ଜାତ ହେବନାହିଁ । ଯେଉଁ ମନୁଷ୍ୟ ସାଂସାରିକ

ବସ୍ତୁ, ବ୍ୟକ୍ତି ଓ କ୍ରିୟାରୁ ସୁଖ ଗ୍ରହଣ କରେ, ତା' ନିମନ୍ତେ ସଂସାର ଅତ୍ୟନ୍ତ ଦୁଃଖଦାୟୀ । ମାତ୍ର ଯିଏ ବସ୍ତୁ ଓ କ୍ରିୟା ଦ୍ୱାରା ପ୍ରାଣୀମାନଙ୍କ ସେବାକରେ, ତା' ପାଇଁ ସଂସାର ପରମାତ୍ମାଙ୍କ ସ୍ୱରୂପ । ଯେଉଁ ସୃଷ୍ଟି ସ୍ୱୟଂ ଆନନ୍ଦମୟ ପରମାତ୍ମାଙ୍କ ସ୍ୱରୂପ, ଯେଉଁଠାରେ ସକଳ ପ୍ରାଣୀଙ୍କ ହୃଦୟରେ ସତ୍-ଚିଦ୍-ଆନନ୍ଦ ରୂପରେ ସ୍ୱୟଂ ପରମାତ୍ମା ବିରାଜମାନ, ସେହିଠାରେ ଜୀବ ଜନ୍ମ ନେବା କିପରି ଦୁଃଖର ଘର ହେବ ? ଏହାର ସମାଧାନ ହେଲା, ଜୀବ ପ୍ରକୃତିର ତାଡନାରେ ଜନ୍ମ ନେବା ଦୁଃଖର କାରଣ ହୋଇଥାଏ । ଦୁଷ୍ଟଙ୍କ ସଂହାର, ସାଧୁ ସନ୍ଥଙ୍କ ସୁରକ୍ଷା, ଧର୍ମର ପୁନରୁଦ୍ଧାର ନିମନ୍ତେ ଭଗବାନ ଯେପରି ପ୍ରକୃତିକୁ ଅଧିନସ୍ଥ କରି ଅବତାର ନେଇଥାନ୍ତି, ସେହିପରି ବିଶ୍ୱର କଲ୍ୟାଣ ସାଧନ ନିମିତ୍ତ, ମାନବ ସମାଜକୁ ଦିଗ୍ ଦର୍ଶନ ଦେବା ନିମିତ୍ତ, ଧର୍ମ ଆଚରଣ କରିବା ଓ କରାଇବା ପାଇଁ କାରକ ପୁରୁଷ ରୂପରେ ମହାନ୍ ଆତ୍ମାମାନେ ଧରା ପୃଷ୍ଠରେ ଜନ୍ମ ନେଇଥାନ୍ତି । ସେହି ଭକ୍ତମାନଙ୍କର ଜନ୍ମ ଦୁଃଖାଳୟ କି ଆଶାଶ୍ୱତ ନୁହେଁ । କାରଣ ସେହି ମାନଙ୍କର ଜନ୍ମ କର୍ମଜନିତ ନୁହେଁ, ବରଂ ସେହି ମାନଙ୍କର ଜନ୍ମ ଭଗବତ୍ ଇଚ୍ଛାରୁ ହୋଇଥାଏ । ଜୀବ ପରମାତ୍ମାଙ୍କ ଅଂଶ । ନିଜ ଅଂଶୀର ସ୍ୱୀକୃତି ବିନା ପରମ ପ୍ରେମ, ପ୍ରତିକ୍ଷଣ ବର୍ଦ୍ଧମାନ ଆନନ୍ଦ ମିଳି ନ ଥାଏ । ସେହି ପ୍ରତିକ୍ଷଣ ବର୍ଦ୍ଧମାନ ଆନନ୍ଦ ଓ ପ୍ରେମ ପରମ ସିଦ୍ଧି ମହାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ ।

ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ ।<br>
ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ॥ ୧୬॥

*ଅନ୍ୱୟ: ଅର୍ଜୁନ ( ହେ ଅର୍ଜୁନ !) ଆବ୍ରହ୍ମଭୁବନାତ୍ (ଭୂ-ଲୋକଠାରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ) ଲୋକାଃ ( ଜୀବ ସମୂହ) ପୁନଃ-ଆବର୍ତ୍ତିନଃ ( ପୁନରାବର୍ତ୍ତନଶୀଳ – ଯେ କୌଣସି ଲୋକ ପ୍ରାପ୍ତପରେ ପୁଣି ଲେଉଟିବାକୁ ପଡିଥାଏ) କୌନ୍ତେୟ ( ହେ କୁନ୍ତୀପୁତ୍ର ଅର୍ଜୁନ! ) ମାମ୍ ଉପେତ୍ୟ ( ମୋତେ ପ୍ରାପ୍ତ ହେଲାପରେ ) ପୁନର୍ଜନ୍ମ ( ପୁନର୍ବାର ଜନ୍ମ ) ନ ବିଦ୍ୟତେ ( ହୁଏନାହିଁ ) ।*

**ଭାବାର୍ଥ**: ହେ ଅର୍ଜୁନ ! ମର୍ତ୍ତ୍ୟ ଲୋକରୁ ଆରମ୍ଭ କରି ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ଦେବତା, ଗନ୍ଧର୍ବ, କିନ୍ନର, ଜୀବ ସମୂହଙ୍କ ଜନ୍ମ-ମୃତ୍ୟୁର ଅବିରତ ଧାରା ଲାଗିରହିଛି । କିନ୍ତୁ ହେ କୌନ୍ତେୟ ! ଯେ' ମୋର ପରମଧାମକୁ ପ୍ରାପ୍ତ ହୋଇଥାଏ ଅର୍ଥାତ୍ ମୋର ସମଗ୍ର ସ୍ୱରୂପ ତତ୍ତ୍ୱର ଯଥାର୍ଥ ଜ୍ଞାନ ହୃଦୟଙ୍ଗମ କରିଥାଏ, ସେହି ମହାପୁରୁଷଙ୍କୁ ପୁନର୍ବାର ଶରୀର ଧାରଣ କରିବାକୁ ପଡେନାହିଁ । କାରଣ ମୁଁ କାଳାତୀତ । ବ୍ରହ୍ମଲୋକ ପ୍ରାପ୍ତକରି ମଧ୍ୟ ଜୀବାତ୍ମାର କଲ୍ୟାଣ ହୋଇ ନ ଥାଏ । ଚତୁର୍ମୁଖ ବ୍ରହ୍ମାଙ୍କ ନିବାସ ସ୍ଥଳ ହେଉଛି ବ୍ରହ୍ମଲୋକ ବା ସତ୍ୟ ଲୋକ । ସନ୍ଧ୍ୟା ଉପାସନାରେ ଯେଉଁ ବାହ୍ୟଲୋକର ପ୍ରସଙ୍ଗ ରହିଛି, ସେହି ସାତୋଟି ଲୋକର କ୍ରମ ହେଲା: (୧) ଭୂଃ ହେଉଛି ମର୍ତ୍ତ୍ୟଲୋକ (୨) ଭୁବଃ ହେଉଛି ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ ରହିଥିବା ଅନ୍ତରୀକ୍ଷ (୩) ସ୍ୱଃ ହେଉଛି ସୂର୍ଯ୍ୟମଣ୍ଡଳ (୪) ମହଃ ହେଉଛି ସୂର୍ଯ୍ୟଙ୍କ ଉପରକୁ ରହିଥିବା ଅନ୍ତରୀକ୍ଷ (୫) ଜନଃ ହେଉଛି ସୂର୍ଯ୍ୟ ମଣ୍ଡଳର ପରବର୍ତ୍ତୀ ପରମେଷ୍ଠି ମଣ୍ଡଳ (୬) ତପଃ ହେଉଛି ପରମେଷ୍ଠୀ ମଣ୍ଡଳର ଉପରେ ରହିଥିବା ଅନ୍ତରୀକ୍ଷ (୭) ସମସ୍ତଙ୍କ ଉର୍ଦ୍ଧ୍ୱରେ ରହିଥିବା ସ୍ୱୟମ୍ଭୁ ମଣ୍ଡଳ ଯାହାକୁ ସତ୍ୟ ମଣ୍ଡଳ କୁହାଯାଇଛି । ସତ୍ୟ ମଣ୍ଡଳରେ ବ୍ରହ୍ମା ଏବଂ ବ୍ରହ୍ମଲୋକ ପ୍ରାପ୍ତ ହୋଇଥିବା ଆତ୍ମା ନିବାସ କରିଥାନ୍ତି । ଯଜ୍ଞାଦି

ଅନୁଷ୍ଠାନ ଦ୍ୱାରା ଫଳ ସ୍ୱରୂପ ମର୍ତ୍ତ୍ୟଲୋକଠାରୁ ଆରମ୍ଭ କରି ବ୍ରହ୍ମଲୋକ ପର୍ଯ୍ୟନ୍ତ ଯେ' କୌଣସି ଲୋକ ପ୍ରାପ୍ତ ହୋଇଥିଲେ ମଧ୍ୟ, ଯାହାର ପରମାତ୍ମା ତତ୍ତ୍ୱଜ୍ଞାନ ଲାଭ ହୋଇ ନ ଥାଏ, ଅବଶ୍ୟ ସେହିମାନଙ୍କର ପୁନର୍ଜନ୍ମ ହୋଇଥାଏ । ଉତ୍ପତ୍ତି ଏବଂ ବିନାଶ ଯେଉଁ ଭୋଗ ଭୂମିର ସ୍ୱଭାବ, ଯେଉଁ ଲୋକ ପ୍ରାପ୍ତହେଲେ ବାରମ୍ବାର ଜନ୍ମ ଓ ମୃତ୍ୟୁ ହୋଇ ଭିନ୍ନ ଭିନ୍ନ ଶରୀର ଧାରଣ କରିବାକୁ ପଡିଥାଏ, ସେହି ସବୁ ସ୍ଥାନ ମାନଙ୍କୁ 'ପୁନରାବର୍ତ୍ତୀ' କୁହାଯାଇଛି । 'କଠ' ଉପନିଷଦରେ ବର୍ଣ୍ଣିତ 'ପଞ୍ଚାଗ୍ନି ବିଦ୍ୟା' ଯଜ୍ଞାନୁଷ୍ଠାନରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଗମନ କରିଥିଲେ ମଧ୍ୟ, ପୂଣ୍ୟ ଫଳର ଅବଧି କ୍ଷୀଣ ହେଲାପରେ ପୁନର୍ଜନ୍ମ ପ୍ରାପ୍ତ ହୋଇଥାଏ । ମୁମୁକ୍ଷୁ, ଯୋଗସାଧନା କରି ଆତ୍ମ-ସାକ୍ଷାତ୍କାର ହୋଇଥିଲେ ମଧ୍ୟ, ଅନ୍ତିମ ପର୍ଯ୍ୟାୟରେ ଭକ୍ତି ଓ ପରାକାଷ୍ଠା ଅଭାବରୁ ପରମଧାମ ପ୍ରାପ୍ତି ନ ହୋଇ ବ୍ରହ୍ମଲୋକ ପ୍ରାପ୍ତ ହୋଇଥାନ୍ତି । ଦଣ୍ଡସ୍ୱରୂପ ବ୍ରହ୍ମଲୋକ ପ୍ରାପ୍ତପରେ, ବ୍ରହ୍ମାଙ୍କ ଆୟୁ ସମାପ୍ତ ପର୍ଯ୍ୟନ୍ତ ଅପେକ୍ଷା କରି ପ୍ରଳୟ କାଳରେ ବ୍ରହ୍ମାଙ୍କ ସହିତ ପରଂବ୍ରହ୍ମରେ ଲୀନ ହୋଇଥାନ୍ତି । ଏହି ପ୍ରକାର ମୁକ୍ତିକୁ କ୍ରମ ମୁକ୍ତି କୁହାଯାଇଛି । ମର୍ତ୍ତ୍ୟଲୋକରେ ଧନଧାନ୍ୟ ସମ୍ପନ୍ନ ହୋଇ ସ୍ତ୍ରୀ, ପୁତ୍ର ପରିବାର ସହିତ ସମସ୍ତ ଅନୁକୂଳ ପରିସ୍ଥିତିରେ ନିରୋଗ ଭାବରେ ବଞ୍ଚି ରହିବା ହେଉଛି ଭୌତିକ ସୁଖ ଯାହା ନିତ୍ୟ ନୁହେଁ କି, ନିଶ୍ଚିତ ମଧ୍ୟ ନୁହେଁ । ସ୍ଥୂଳ ଶରୀର ରହି ନ ଥିବା କାରଣରୁ ମର୍ତ୍ତ୍ୟଲୋକ ଠାରୁ ଦେବଲୋକ ସୁଖ ଶହେ ଗୁଣ ହୋଇଥାଏ । ସେହିପରି ଇନ୍ଦ୍ରଲୋକ ସୁଖ ଦେବଲୋକଠାରୁ ଆଉ ଶହେଗୁଣ ଅଧିକ ହୋଇଥାଏ । ଇନ୍ଦ୍ରଲୋକଠାରୁ ସତ୍ୟଲୋକ ବା ବ୍ରହ୍ମଲୋକର ସୁଖ ଆହୁରି ଶହେଗୁଣ ଅଧିକ ହୋଇଥାଏ । ଏହି ସମସ୍ତ ଲୋକର ସୁଖ ସୀମିତ ଏବଂ କାଳର ଅଧୀନ ହୋଇଥିବା ବେଳେ, ଭଗବତ୍ ପ୍ରାପ୍ତ ତତ୍ତ୍ୱଜ୍ଞ, ଜୀବନମୁକ୍ତ ମହାପୁରୁଷଙ୍କ ସୁଖ ଅନନ୍ତ ଏବଂ ଚିରନ୍ତନ ହୋଇଥାଏ । ତାତ୍ପର୍ଯ୍ୟ ହେଉଛି, ମର୍ତ୍ତ୍ୟଲୋକଠାରୁ ବ୍ରହ୍ମଲୋକ ପ୍ରାପ୍ତି ପର୍ଯ୍ୟନ୍ତ କର୍ମଫଳ କାରଣ ହୋଇଥାଏ ଏବଂ ସେହି ଲୋକରେ ସମସ୍ତ ସୁଖ ସୀମିତ ଓ ବିନାଶଶୀଳ । ଜୀବ ପରମାତ୍ମାଙ୍କ ଅଂଶ ହୋଇଥିବାରୁ, ମନର ନିରୋଧ ଏବଂ ବିଲୟ ସହିତ ପରମାତ୍ମା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଯେତେ ଉଚ୍ଚ ଲୋକକୁ ଗମନ କଲେମଧ୍ୟ, ପୁନଃ ପ୍ରତ୍ୟାବର୍ତ୍ତନ କରିବାକୁ ହୁଏ । ବୃହଦାରଣ୍ୟକ ଉପନିଷଦରେ ଉଲ୍ଲେଖ ରହିଛି : ଯେବେ ହୃଦୟରେ ରହିଥିବା ସମ୍ପୂର୍ଣ୍ଣ କାମନା ସମୂଳ ନଷ୍ଟ ହୋଇଯାଏ, ତେବେଯାଇ ମରଣଧର୍ମା ମନୁଷ୍ୟ ଏହି ସଂସାରରେ, ଏହି ଶରୀରରେ ପରଂବ୍ରହ୍ମଙ୍କ ପ୍ରତ୍ୟକ୍ଷ ସାକ୍ଷାତ୍ ଅନୁଭବ ପ୍ରାପ୍ତ ହେବାକୁ ସକ୍ଷମ ହୁଏ । ଭଗବତ୍ ପ୍ରାପ୍ତସୁଖ ଅନନ୍ତ, ଅପାର, ଅଗାଧ । ଅନନ୍ତ ବ୍ରହ୍ମାଙ୍କ ସମେତ ଅନନ୍ତ ବ୍ରହ୍ମାଣ୍ଡ ସମାପ୍ତ ହୋଇଗଲେ ମଧ୍ୟ, ପରମାତ୍ମା ପ୍ରାପ୍ତିର ଏହି ସୁଖ କେବେ ନଷ୍ଟ ହୁଏନାହିଁ କି, ସେହି ମହାତ୍ମାଙ୍କ ପୁନର୍ଜନ୍ମ ହୋଇ ନ ଥାଏ । "ଯଥାର୍ଥ ଗୀତା" ରେ ସ୍ୱାମୀ ଅଡଗାନନ୍ଦଜୀ ଏହି ମତ ରଖିଛନ୍ତି କି, ଧର୍ମଗ୍ରନ୍ଥରେ ଲୋକ-ଲୋକାନ୍ତର ପ୍ରଭୃତିର ପରିକଳ୍ପନା ଇଶ୍ୱର ମାର୍ଗର ବିଭୂତିକୁ ବୋଧ କରାଇବା ନିମନ୍ତେ ଆନ୍ତରିକ ଅନୁଭବ କିମ୍ବା ରୂପକ ମାତ୍ର । ଅନ୍ତରୀକ୍ଷରେ ନର୍କବୋଲି କୌଣସି ସ୍ଥାନ ନାହିଁ ଯେଉଁଠାରେ ପୀଡା, ଯନ୍ତ୍ରଣା ଦିଆଯାଏ କି, ସ୍ୱର୍ଗ ବୋଲି ଏପରି କୌଣସି ମହଲ ନାହିଁ ଯେଉଁ ସ୍ଥାନରେ ଭୋଗର ପ୍ରାଚୁର୍ଯ୍ୟତା ଭରି ରହିଛି । ଦେବ, ଗନ୍ଧର୍ବ, ମନୁଷ୍ୟ, ତିର୍ଯକ୍, ପଶୁ, କୀଟ-ପତଙ୍ଗ ଯୋନି

– ଏ ସବୁ ହିଁ ବିଭିନ୍ନ ଲୋକ ବା ଭୋଗ ଭୂମି । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନୁସାରେ, ଜନ୍ମ ଜନ୍ମାନ୍ତରର ସଂସ୍କାର ଅନୁରୂପ ମନ, ପଞ୍ଚ ଇନ୍ଦ୍ରିୟକୁ ନେଇ ଜୀବାତ୍ମା ନୂଆ ଶରୀର ଧାରଣ କରିଥାଏ । ସତ୍ତ୍ୱ, ରଜ, ତମ - ତିନିଗୁଣର ପରବଶ ହୋଇ ଚେତନାତ୍ମକ ବୁଦ୍ଧି ସୃଷ୍ଟିର ଯେଉଁ ରୂପକୁ ଧାରଣ କରେ ତାହା ହେଉଛି ସେହି ଅନୁରୂପ ଭୋଗଭୂମି । ଦୈବୀ ସମ୍ପଦ ଯୁକ୍ତ ପୁରୁଷକୁ ଦେବତା ଏବଂ ଅସୁର ସମ୍ପଦ ଯୁକ୍ତ ପୁରୁଷକୁ ଅସୁର ନାମରେ ଅଭିହିତ କରାଯାଇଛି । ସାଧାରଣ ମନୁଷ୍ୟର ବୁଦ୍ଧି ବ୍ରହ୍ମା ନୁହେଁ । ବୁଦ୍ଧି ଯେବେ ଇଷ୍ଟ (ପରମାତ୍ମା)ଙ୍କଠାରେ ପ୍ରବିଷ୍ଟ ହେବାକୁ ଲାଗେ, ସେହି ସମୟରେ ଅନ୍ତଃକରଣରେ ବ୍ରହ୍ମରଚନା ଆରମ୍ଭ ହେବାକୁ ଲାଗେ । ମନୀଷିମାନେ ଏହି ବ୍ରହ୍ମ ରଚନାର ଚାରି ସୋପାନ କହିଛନ୍ତି । ବ୍ରହ୍ମବିଦ୍, ବ୍ରହ୍ମବିଦ୍ବର, ବ୍ରହ୍ମବିଦ୍ବରୀୟାନ୍, ବ୍ରହ୍ମବିଦ୍ବରିଷ୍ଠ । ବ୍ରହ୍ମବିଦ୍ ସେହି ବୁଦ୍ଧି ଯାହା ବ୍ରହ୍ମବିଦ୍ୟା ସହିତ ସଂଯୁକ୍ତ । ବ୍ରହ୍ମବିଦ୍ବର ସିଏ, ଯାହାକୁ ବ୍ରହ୍ମବିଦ୍ୟାରେ ଶ୍ରେଷ୍ଠତା ପ୍ରାପ୍ତ ହୋଇଛି । ବ୍ରହ୍ମବିଦ୍ବରୀୟାନ୍ ସେହି ବୁଦ୍ଧି ଯେଉଁଥିରେ ବ୍ରହ୍ମ ବିଦ୍ୟାରେ ଦକ୍ଷତା କେବଳ ନ ଥାଏ, ବରଂ ତାହାରି ନିୟନ୍ତ୍ରକ ଓ ସଂଚାଳକ ହୋଇଥାଏ । ବ୍ରହ୍ମବିଦ୍ବରିଷ୍ଠ ହେଉଛି ଅନ୍ତିମ ସୋପାନ ଯେଉଁଥିରେ ଇଷ୍ଟ ( ପରମାତ୍ମା) ପ୍ରବାହିତ ହୋଇ ରହିଥାନ୍ତି । ଏହି ପର୍ଯ୍ୟନ୍ତ ବୁଦ୍ଧିର ଅସ୍ତିତ୍ୱ ରହିଥାଏ ଏବଂ ବୁଦ୍ଧି ପ୍ରକୃତିର ପରିଧି ଭିତରେ ରହିଥାଏ । ଉପର୍ଯୁକ୍ତ ଚତୁର୍ବସ୍ଥା ସମ୍ପନ୍ନ ପୁରୁଷ ହିଁ ମହାପୁରୁଷ, ଯାହାଙ୍କ ବୁଦ୍ଧି ପରମାତ୍ମାଙ୍କ ଯନ୍ତ୍ର ଯେପରି ହୋଇ ଯାଇଥାଏ । ସେ ଲୋକଙ୍କୁ ଉପଦେଶ ଦେବା, ନିଶ୍ଚୟ ରୂପରେ ପ୍ରେରଣା ଦେବା ଯଦିଓ ବୁଦ୍ଧିର କାର୍ଯ୍ୟଭଳି ପ୍ରତୀୟମାନ ହୋଇଥାଏ, ବାସ୍ତବରେ ତାଙ୍କର ସ୍ଥିତି ମନ ଓ ବୁଦ୍ଧିର ଉର୍ଦ୍ଧ୍ୱରେ ରହିଥାଏ । ସେ ପରମ ଅବ୍ୟକ୍ତ ଭାବରେ ସ୍ଥିତ ହୋଇ ରହିଥାନ୍ତି । ତାଙ୍କରି ପୁନର୍ଜନ୍ମ ହୋଇ ନ ଥାଏ । ଏହି ଅବ୍ୟକ୍ତ ସ୍ଥିତିର ପୂର୍ବ ଅବସ୍ଥା ପର୍ଯ୍ୟନ୍ତ, ଅର୍ଥାତ୍ ଯେଉଁ ପର୍ଯ୍ୟନ୍ତ ବୁଦ୍ଧିର ଅସ୍ତିତ୍ୱ ବୋଧ ହୋଇଥାଏ, ସେହି ପର୍ଯ୍ୟନ୍ତ ସେ' ବ୍ରହ୍ମା ବା ବ୍ରହ୍ମସ୍ଥିତ ଅଟନ୍ତି ଓ ଜନ୍ମ-ମୃତ୍ୟୁ ଚକ୍ରରେ ରହିଥାନ୍ତି । ଶ୍ରୀ ବିଦ୍ୟାବାଚସ୍ପତି 'ଦେବତା ନିବିଡ଼' ନାମକ ଗ୍ରନ୍ଥରେ ଭୂତାତ୍ମାର ଆଠ ପ୍ରକାର ଗତିର ବିବରଣ ଦେଇଛନ୍ତି । ପରାମୁକ୍ତି' ପ୍ରାପ୍ତ ଆତ୍ମା ଅନ୍ୟ କେଉଁ ଲୋକକୁ ନ ଯାଇ, ଏହିଠାରେ ହିଁ ଲୀନ ହୋଇଥାଏ । ଏହି ପରାମୁକ୍ତି 'କ୍ଷିଣୋଦର୍କ' ଏବଂ 'ଭୂମୋଦର୍କ' ଅଟେ । ଆତ୍ମା ଶରୀର, ମନ, ବୁଦ୍ଧି ଠାରୁ ସମ୍ପୂର୍ଣ୍ଣ ଭାବରେ ପୃଥଗ ହୋଇ ଶୁଦ୍ଧ ଚୈତନ୍ୟରେ ବ୍ରହ୍ମଠାରୁ ଅଭେଦ ଭାବରେ ସ୍ଥିତ ହୋଇ ରହିବା 'କ୍ଷିଣୋଦର୍କ' । ଶରୀର ଉପରାନ୍ତ ଆତ୍ମାର ବ୍ୟାପକତା ବର୍ଦ୍ଧିତ କରାଇ ବିଶ୍ୱାତ୍ମାରେ ସମାବେଶ କରାଇ ନେବା ହେଉଛି 'ଭୂମୋଦର୍କ' । ସେହିମାନେ ସମଗ୍ର ବ୍ରହ୍ମାଣ୍ଡକୁ ଆତ୍ମା ରୂପରେ ମାନିଥାନ୍ତି ଏବଂ ବ୍ରହ୍ମାଣ୍ଡ ଆତ୍ମାରେ ଲୀନ ହୋଇଥାନ୍ତି । ଏହାର ଅତିରିକ୍ତ ଯେଉଁମାନେ ସଗୁଣବ୍ରହ୍ମର ଭିନ୍ନ ଭିନ୍ନ ରୂପର ଉପାସନା କରିଥାନ୍ତି, ସେହିମାନେ ସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ ନାମକ ମୁକ୍ତି ପ୍ରାପ୍ତ କରିଥାନ୍ତି । ଇଷ୍ଟ-ଲୋକ ପ୍ରାପ୍ତ ହେବା 'ସାଲୋକ୍ୟ', ଇଷ୍ଟଙ୍କ ସମୀପ ପ୍ରାପ୍ତ ହେବା 'ସାମୀପ୍ୟ', ଇଷ୍ଟଙ୍କ ସାଦୃଶ୍ୟ ନିଜରୂପ ପ୍ରାପ୍ତ କରିନେବା ହେଉଛି 'ସାରୂପ୍ୟ' ଏବଂ ଇଷ୍ଟଙ୍କ ସ୍ୱରୂପରେ ବିଲୀନ ହୋଇଯିବା 'ସାଯୁଜ୍ୟ' । ଏହି ଚାରି ପ୍ରକାର ମୁକ୍ତି ଅପରା ମୁକ୍ତି ଅଟେ । ପରାମୁକ୍ତିରେ

ଆତ୍ମା ଅନ୍ୟ ଲୋକକୁ ନ ଯାଇ ଏହିଠାରେ ହିଁ ଲୀନ ହୋଇ ଥାଏ, ଯାହାକୁ କୈବଲ୍ୟ ମୁକ୍ତି ମଧ୍ୟ କୁହାଯାଇଛି । ଅପରା ମୁକ୍ତିରେ ଇଷ୍ଟ ଲୋକକୁ ଯିବାକୁ ହୁଏ ।

ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରହ୍ମଣୋ ବିଦୁଃ ।
ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ॥ ୧୭॥

*ଅନ୍ୱୟ : ଯତ୍ (ଯେଉଁ ପୁରୁଷ) ବ୍ରହ୍ମଣଃ ( ବ୍ରହ୍ମାଙ୍କର) ସହସ୍ରଯୁଗପର୍ଯ୍ୟନ୍ତମ୍ ( ସହସ୍ର ଚତୁର୍ଯୁଗବ୍ୟାପୀ ) ଅହଃ ( ଗୋଟିଏ ଦିନକୁ) ଏବଂ ଯୁଗ-ସହସ୍ର-ଅନ୍ତାଂ ( ସହସ୍ର ଯୁଗ ପରିମିତ) ରାତ୍ରିଂ (ଗୋଟିଏ ରାତିକୁ) ବିଦୁଃ ( ଜାଣନ୍ତି) ତେ ଜନାଃ ( ସେହି ପଣ୍ଡିତ ମାନେ ) ଆହୋରାତ୍ର ବିଦଃ (ଦିବା ରାତ୍ରିର ତତ୍ତ୍ୱବେତ୍ତା ଅଟନ୍ତି ) ।*

**ଭାବାର୍ଥ**: ସମ୍ବତ୍ସର ସମୁଦାୟ ହେଉଛି ଯୁଗ ଏବଂ ଯୁଗର ସମୁଦାୟ ହେଉଛି କଳ୍ପ । ଅଧ୍ୟାତ୍ମ ଶାସ୍ତ୍ର ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚାରିଯୁଗର ପ୍ରତିପାଦନ କରିଅଛି । ପ୍ରତ୍ୟେକ ଯୁଗର ନିଜ ନିଜ ଅବଧି ରହିଛି । ମର୍ତ୍ତ୍ୟ ଲୋକରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କ ସ୍ଥିତିକୁ ନେଇ ଦିବା, ରାତ୍ରି, ପକ୍ଷ, ମାସ, ବର୍ଷ ଗଣନା କରାଯାଇଥାଏ । ଚାରିଲକ୍ଷ ବତିଶି ହଜାର ଲୌକିକ ବର୍ଷ ହେଉଛି କଳିଯୁଗର ଆୟୁ ଯେଉଁଥିରେ ପାପ ସର୍ବତ୍ର ବ୍ୟାପ୍ତ ହୋଇ ବହୁଳ ପରିମାଣରେ କଳହ, ଅଜ୍ଞାନ, ଅବିଦ୍ୟା, ଅଧର୍ମ ଦେଖିବାକୁ ମିଳେ । ସେଥିରୁ ଏବ ପର୍ଯ୍ୟନ୍ତ ମାତ୍ର ପାଞ୍ଚ ହଜାର ଅଠାଅଶି ବର୍ଷ ବିତିଅଛି । ବର୍ତ୍ତମାନ ଅଠାଇଶତମ କଳିଯୁଗ ଚାଲୁଅଛି । କଳିଯୁଗର ଦୁଇଗୁଣ ଅର୍ଥାତ୍ ଆଠଲକ୍ଷ ଚଉଷଠି ହଜାର ବର୍ଷ ହେଉଛି ଦ୍ୱାପର ଯୁଗର ଅବଧି ଯେଉଁଥିରେ ସଦ୍ ଗୁଣ, ଧର୍ମ ଆଦି ପତନ ହେବାର ଆରମ୍ଭ ହୋଇଥାଏ । କଳିର ତିନିଗୁଣ ଅର୍ଥାତ୍ ବାରଲକ୍ଷ ଛୟାନବେ ହଜାର ବର୍ଷ ତ୍ରେତା ଯୁଗ ଯେଉଁଥିରେ ପାପ ପ୍ରବେଶ କରିଥାଏ । ଚାରିଗୁଣ, ଅର୍ଥାତ୍ ସତରଲକ୍ଷ ଆଠାଇଶ ହଜାର ବର୍ଷ ହେଉଛି ସତ୍ୟଯୁଗର ଆୟୁ ଯାହା ସଦଗୁଣ, ଜ୍ଞାନ ଓ ଧର୍ମର ଯୁଗ । ଏହିପରି ମୋଟ ତେୟାଳିସୀ ଲକ୍ଷ କୋଡିଏ ହଜାର ବର୍ଷ ହେଉଛି ଚାରିଯୁଗର ମୋଟ ଆୟୁ । ଏହି ଚାରିଯୁଗକୁ ମିଶାଇ ଗୋଟିଏ ଦିବ୍ୟଯୁଗ ହୁଏ । ଏକହଜାର ଥର ଏହି ଦିବ୍ୟଯୁଗ ବିତିଲା ପରେ, ବ୍ରହ୍ମାଙ୍କ ଏକଦିନ ବିତିଥାଏ । ସେହିପରି ବ୍ରହ୍ମାଙ୍କ ଗୋଟିଏ ରାତ୍ରି ମଧ୍ୟ ଏକହଜାର ଚତୁର୍ଯୁଗ ହୋଇଥାଏ । ଗୋଟିଏ ଦିନ ଓ ଗୋଟିଏ ରାତ୍ରିକୁ ନେଇ ଏକଶହ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମାଙ୍କ ଆୟୁ ହୋଇଥାଏ । ବର୍ତ୍ତମାନ ଯେଉଁ ବ୍ରହ୍ମାଙ୍କ ଅବଧି ଚାଲୁଅଛି, ତାହା ପଚାଶ ବର୍ଷରୁ ଅଧିକ ଦ୍ୱିତୀୟ ପରାର୍ଦ୍ଧ । ପରାର୍ଦ୍ଧ ହେଉଛି ସର୍ବୋଚ୍ଚ ସଂଖ୍ୟା । ବ୍ରହ୍ମାଙ୍କ ଆୟୁ ଦୁଇ ପରାର୍ଦ୍ଧ । ବ୍ରହ୍ମାଙ୍କ ଏକ ଦିନରେ ଚଉଦ ଇନ୍ଦ୍ର ଏବଂ ଚଉଦ ମନୁ ବଦଳିଥାନ୍ତି । ଏକସ୍ତୋରି ଚତୁର୍ଯୁଗ ବିତିବାକୁ ଏକ ମନ୍ୱନ୍ତର ଏବଂ ପ୍ରତି ମନ୍ୱନ୍ତରରେ ଏକ ମନୁଙ୍କ ଶାସନ ପରିବର୍ତ୍ତିତ ହୁଏ । ଏହି ସମୟରେ ବୈବସ୍ୱତ ମନ୍ୱନ୍ତର ଚାଲୁଅଛି । ଏହାପୂର୍ବରୁ ଛଅ ମନ୍ୱନ୍ତରଙ୍କ ଅବଧି ସମାପ୍ତି ଘଟିଲାଣି । ବର୍ତ୍ତମାନ ସପ୍ତମ ମନୁଙ୍କ କାର୍ଯ୍ୟକାଳ ଚାଲୁଅଛି । ମନୁଙ୍କ ଦ୍ୱାରା ମାନବ ଧର୍ମର ସମ୍ବିଧାନ ପ୍ରଣିତ ହୋଇଅଛି । ଇନ୍ଦ୍ର ଆଦି ଦେବତା ମନୁଙ୍କଦ୍ୱାରା ପ୍ରଣିତ ନିୟମାଦିକୁ ଜୀବଠାରେ କାର୍ଯ୍ୟକାରୀ କରିଥାନ୍ତି । ଉପୋରକ୍ତ ଅନୁସାରେ, ବ୍ରହ୍ମାଙ୍କ ଗୋଟିଏ ଦିନରେ ଗୋଟିଏ କଳ୍ପହୁଏ । ଗୋଟିଏ କଳ୍ପରେ ଚଉଦ ମନ୍ୱନ୍ତର ଏବଂ ପ୍ରତ୍ୟେକ ମନ୍ୱନ୍ତରରେ ଏକସ୍ତୋରି ଥର ସତ୍ୟ,

ତ୍ରେତା, ଦ୍ୱାପର, କଳି ଏହି ଚାରି ଯୁଗ କ୍ରମେ ଆବର୍ତ୍ତିତ ହୁଏ । ଏହିପରି ଭାବରେ ଚଉଦ ମନ୍ୱନ୍ତର ଶେଷହେଲେ କଳ୍ପ କ୍ଷୟହୁଏ, ସେତେବେଳେ ପ୍ରଳୟହୁଏ  ବ୍ରହ୍ମାଙ୍କର ସ୍ୱୀୟ ପରିମିତ ଶତବର୍ଷ ଆୟୁର ପ୍ରତ୍ୟେକ ଦିନରେ ତ୍ରିଲୋକର ଉତ୍ପତ୍ତି ଏବଂ ପ୍ରତି ରାତ୍ରିରେ ତ୍ରିଲୋକର ପ୍ରଳୟ ହୋଇଥାଏ । ବ୍ରହ୍ମା ଓ ତାଙ୍କର ସୃଷ୍ଟି ଭୌତିକ ବ୍ରହ୍ମାଣ୍ଡର ଅଂଶ ଅଟନ୍ତି ଏବଂ ସେଥି ନିମନ୍ତେ ସେମାନେ ବରାବର ପ୍ରବାହମାନ ଅଟନ୍ତି । ଯେଉଁ ବିଜ୍ଞଜନ ବ୍ରହ୍ମାଙ୍କର ଏହି  ଦିବା ରାତ୍ରି ରହସ୍ୟକୁ ଜାଣି ପାରିଥାନ୍ତି, ସେହିମାନେ କାଳତତ୍ତ୍ୱକୁ ବୁଝିପାରିଥାନ୍ତି  । ସ୍ଥୂଳ ସୃଷ୍ଟି ବ୍ରହ୍ମାଙ୍କ କାର୍ଯ୍ୟ ହୋଇ ଥିବାବେଳେ, ଭଗବାନଙ୍କ ଦ୍ୱାରା ସୂକ୍ଷ୍ମ ଶରୀର ରଚନା ହୋଇଥାଏ । ଜନ୍ମ ଜନ୍ମାନ୍ତର ପାପ ଓ ପୂଣ୍ୟ ଫଳର ଦୋଷ ଆଶଙ୍କା ନିବାରଣ କରି  ବୈରାଗ୍ୟ ଭାବ ଉଦ୍ରେଗ ନିମିତ୍ତ, ସୃଷ୍ଟି ପ୍ରଳୟ ପ୍ରବାହ ଯେ' ଅବିରାମ ଗତିରେ ଚାଲିଛି ଏବଂ ବ୍ରହ୍ମଲୋକ ସମେତ ସମସ୍ତ ଲୋକର ଆୟୁ ଯେତେ ଦୀର୍ଘ ହେଲେ ମଧ୍ୟ ତାହା କାଳ ଅବଧିର ଅନ୍ତର୍ଗତ ଏବଂ ଅନିତ୍ୟ, ତାହା ଭଗବାନ ଏହି ଶ୍ଳୋକରେ ବୁଝାଇଛନ୍ତି । ଏହିଲୋକ ଏବଂ ପରଲୋକର ଭୋଗପ୍ରତି  ଆସକ୍ତ ହୋଇ ତାହାକୁ ପ୍ରାପ୍ତ କରିବାର ଚେଷ୍ଟା କରିବା ଏବଂ ମନୁଷ୍ୟ ଜୀବନକୁ ପ୍ରମାଦରେ ଲଗାଇ ବ୍ୟର୍ଥ କରିଦେବା ବଡ ମୂର୍ଖତା ଅଟେ । ଭଗବାନଙ୍କ ପ୍ରେମ ପୂର୍ବକ ନିରନ୍ତର ଚିନ୍ତନକରି ପରମାତ୍ମା ତତ୍ତ୍ୱପ୍ରାପ୍ତ କରିନେବା ମନୁଷ୍ୟ ଜୀବନର ସଫଳତା । "ଯଥାର୍ଥ ଗୀତା"ରେ ସ୍ୱାମୀ ଅଡଗାନନ୍ଦ  ଭଗବାନ କହିଥିବା ବ୍ରହ୍ମାଙ୍କର ଦିନ ଓ ରାତ୍ରିକୁ ଯଥାକ୍ରମେ  ବିଦ୍ୟା ଓ ଅବିଦ୍ୟା ରୂପଦେଇ ନିମ୍ନ ପ୍ରକାରେ ବ୍ୟାଖ୍ୟା କରିଛନ୍ତି । ବିଦ୍ୟାସହିତ ସଂଯୁକ୍ତ ବୁଦ୍ଧି, ବ୍ରହ୍ମାଙ୍କର ଦିନ ଅଟେ । ବିଦ୍ୟା ଯେତେବେଳେ କାର୍ଯ୍ୟରତ, ସେହି ସମୟରେ ଯୋଗୀ ସ୍ୱରୂପ  ଦିଗରେ ଆକର୍ଷିତ ହୋଇ ରହିଥାଏ । ଅନ୍ତଃକରଣର  ସହସ୍ର ପ୍ରବୃତ୍ତି ମଧ୍ୟରେ ଈଶ୍ୱରୀୟ ପ୍ରକାଶର ସଂଚାର ହୁଏ । ଅବିଦ୍ୟାର ରାତ୍ରି ଆସିଲେ, ଅନ୍ତଃକରଣର ସହସ୍ର ପ୍ରବୃତ୍ତି ମଧ୍ୟରେ  ମାୟା, ଦ୍ୱନ୍ଦ୍ୱ ପ୍ରବାହିତ ହୁଏ ।  ଏହିପରି ଅନ୍ତଃକରଣର ଅନନ୍ତ  ପ୍ରବୃତ୍ତି ମଧ୍ୟରେ  ବିଦ୍ୟାର ଦିନ ଓ ଅବିଦ୍ୟାର ରାତ୍ରି  ଆସିବା ବ୍ରହ୍ମାଙ୍କର ଦିନ ଓ ରାତ୍ରି ଅଟେ । ସଂସାର ରୂପୀ ରାତ୍ରିରେ ସମସ୍ତେ ଅଚେତ ଅବସ୍ଥାରେ ଥାଆନ୍ତି । ସେତେବେଳେ ଗୁଣ ଓ ପ୍ରକୃତିରେ ବିଚରଣ କରୁଥିବା ବୁଦ୍ଧି  ସେହି ପ୍ରକାଶ ସ୍ୱରୂପକୁ ଦେଖି ପାରିନଥାଏ  ।  କିନ୍ତୁ ଯୋଗଯୁକ୍ତ ପୁରୁଷ ଜାଗ୍ରତ ରହି ସ୍ୱରୂପ ଦିଗରେ ବଢି ଚାଲିଥାନ୍ତି । ବିଦ୍ୟା ସହିତ ସଂଯୁକ୍ତ ବୁଦ୍ଧି  କୁସଙ୍ଗ ପାଇ ଅବିଦ୍ୟାରେ ପରିଣତ ହୁଏ ଏବଂ ପୁନଃ ସୁସଙ୍ଗ ପ୍ରାପ୍ତିରେ ବିଦ୍ୟାର ସଂଚାର ହୋଇଥାଏ । ଏହିପରି ଭାବରେ ଅନ୍ତଃକରଣର ପ୍ରବୃତ୍ତିରେ ପ୍ରକାଶ  ଓ ମାୟାର ସଂଚାର ପୂର୍ତ୍ତି ପର୍ଯ୍ୟନ୍ତ  ଲାଗିରହିଥାଏ ।  ପୂର୍ତ୍ତିର ପଶ୍ଚାତ୍  ନା' ବୁଦ୍ଧି, ନା ବ୍ରହ୍ମା,  ନା' ରାତ୍ରି, ନା' ଦିନ  ରହିଥାଏ । ବୁଦ୍ଧିର ପରିସୀମା ପର୍ଯ୍ୟନ୍ତ ଏହି ପ୍ରକାଶ ଓ ଅନ୍ଧକାରର ବୋଧ ହୋଇଥାଏ, ବୁଦ୍ଧିର ଉପରାନ୍ତ ଊର୍ଦ୍ଧ୍ୱରେ କେବଳ ନିର୍ବିକାର ପରମାତ୍ମା ତତ୍ତ୍ୱ ହିଁ ବିଦିତ । ଏହା ବ୍ରହ୍ମାଙ୍କ ଦିନ ଓ ରାତ୍ରି ରୂପକ । ହଜାରେ ବର୍ଷ ଲମ୍ବା ରାତ୍ରି ହୁଏ ନାହିଁ କି, ହଜାରେ ଚତୁର୍ଯୁଗର ଲମ୍ବା ଦିନ ନାହିଁ । ବୁଦ୍ଧିର ବ୍ରହ୍ମବିଦ୍, ବ୍ରହ୍ମବିଦ୍ ବର, ବ୍ରହ୍ମବିଦ୍ ବରୀୟାନ୍ ଓ ବ୍ରହ୍ମବିଦ୍ ବରିଷ୍ଠ ଏହି ଚାରି କ୍ରମିକ ଅବସ୍ଥା ବ୍ରହ୍ମାଙ୍କର ଚତୁଃମୁଖ ଅଟେ । ଅନ୍ତଃକରଣର ଚାରି ପ୍ରମୁଖ ପ୍ରବୃତ୍ତି ମନ, ବୁଦ୍ଧି, ଚିତ୍ତ ଓ ଅହଂକାର  ହିଁ ବ୍ରହ୍ମାଙ୍କର ଚତୁର୍ଯୁଗ ଅଟେ ।

ଅବ୍ୟକ୍ତାଦ୍ ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ॥ ୧୮॥
ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।
ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ॥ ୧୯॥

*ଅନ୍ୱୟ: ଅହଃ ଆଗମେ (ବ୍ରହ୍ମାଙ୍କର ଦିବସ ଆରମ୍ଭରେ ) ଅବ୍ୟକ୍ତାତ୍ ( ଅବ୍ୟକ୍ତ ଠାରୁ ) ସର୍ବାଃ ( ସମସ୍ତ) ବ୍ୟକ୍ତୟଃ (ଚରାଚର ଭୂତ ସମୂହ – ସକଳ ଜୀବ ଶରୀର ) ପ୍ରଭବନ୍ତି ( ଜାତ ହୁଅନ୍ତି) ରାତ୍ରି- ଆଗମେ ( ବ୍ରହ୍ମାଙ୍କର ରାତ୍ରି ଆରମ୍ଭରେ) ତତ୍ର (ସେହି) ଅବ୍ୟକ୍ତ ସଞ୍ଜକେ ଏବ ( ଅବ୍ୟକ୍ତ ନାମଧାରୀ ମୂଳ କାରଣରେ) ପ୍ରଲୀୟନ୍ତେ ( ଲୀନ ହୋଇଥାନ୍ତି ) ପାର୍ଥ ( ହେ ପାର୍ଥ !) ସଃ ଏବ (ସେହି) ଅୟମ୍ ( ଏହି ) ଭୂତଗ୍ରାମଃ ( ପ୍ରାଣୀ ସମୂହ) ଭୂତ୍ୱା ଭୂତ୍ୱା (ବାରମ୍ବାର ଜନ୍ମ ହୋଇ ) ଅବଶଃ ( ପ୍ରକୃତିର ପରବଶ କାରଣରୁ – ଅସହାୟ ଭାବରେ ) ଅହଃ ଆଗମେ (ବ୍ରହ୍ମାଙ୍କର ଦିବସ ଆରମ୍ଭରେ ) ପ୍ରଭବତି ( ଜାତ ହୁଅନ୍ତି ) ଏବଂ ରାତ୍ର୍ୟାଗମେ ( ବ୍ରହ୍ମାଙ୍କର ରାତ୍ରି ଆଗମରେ ) ପ୍ରଲୀୟତେ ( ଲୀନ ହୁଅନ୍ତି ) ।*

**ଭାବାର୍ଥ**: ସୁଷୁପ୍ତି ଅବସ୍ଥାରେ ଇନ୍ଦ୍ରିୟ, ମନ ଆଦି କାର୍ଯ୍ୟକ୍ଷମ ହୋଇ ରହି ନ ଥାନ୍ତି ଏବଂ ନିଦରୁ ଜାଗୃତ ହେବାମାତ୍ରେ, ଏ ସମସ୍ତ ନିଜ ନିଜ କାର୍ଯ୍ୟରେ ଲାଗିଯାନ୍ତି । ରାତ୍ରିକାଳରେ ଜୀବର ନିଦ୍ରାବସ୍ଥାରେ ସଂସାର ସତ୍ତା ତାହାରି ଦୃଷ୍ଟିରୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ ହୋଇଯାଏ । ପୁଣି ଦିବସ କାଳରେ, ଜାଗ୍ରତ ଅବସ୍ଥାରେ ପୁନଶ୍ଚ ସଂସାର ସତ୍ତା ସ୍ମରଣହୁଏ । ଏହା ପ୍ରାଣୀମାନଙ୍କ ନିତ୍ୟ ପ୍ରଳୟ ଏବଂ ପ୍ରବୋଧ ଯାହାକୁ "ନୈତ୍ୟିକ ପ୍ରଳୟ" ନାମରେ ଶାସ୍ତ୍ରରେ କୁହାଯାଇଛି । ବ୍ରହ୍ମାଙ୍କର ରାତ୍ରି ସମାଗମରେ ଚୌରାଅଶି ଲକ୍ଷ ଯୋନି ଅନ୍ତର୍ଗତ ଜୀବର ସ୍ଥୂଳ ଶରୀର ସମୂହ ଅବ୍ୟକ୍ତ ନାମକ ମୂଳ କାରଣରେ ଲୟ ପ୍ରାପ୍ତ ହୁଅନ୍ତି । ପୁନଶ୍ଚ ବ୍ରହ୍ମାଙ୍କ ଦିବସ ଆରମ୍ଭରେ ମୂଳ ଅବ୍ୟକ୍ତ କାରଣରୁ ଏହି ଚରାଚର ଭୂତସମୂହ ପ୍ରାଦୁର୍ଭୂତ ହୁଏ । ପଞ୍ଚ ମହାଭୂତ ଆଦି ଉତ୍ପନ୍ନ ହେବାପୂର୍ବରୁ ପ୍ରକୃତିର ଯେଉଁ ସୂକ୍ଷ୍ମ ପରିଣାମ, ସେହି ସୂକ୍ଷ୍ମ ଅପରା ପ୍ରକୃତିକୁ ବ୍ରହ୍ମାଙ୍କ ସୂକ୍ଷ୍ମ ସ୍ୱରୂପ ବୋଲି ମଧ୍ୟ ଧରି ନିଆଯାଏ । ବ୍ରହ୍ମାଙ୍କର ରାତ୍ରିକାଳରେ ସମସ୍ତ ସୃଷ୍ଟି ଅବ୍ୟକ୍ତରେ ଲୀନ ହୋଇ, ଦିନ ଆରମ୍ଭରେ ପୁନର୍ବାର ଉତ୍ପନ୍ନ ହୋଇଥାନ୍ତି । ବ୍ରହ୍ମାଙ୍କର ଦିନ ଓ ରାତ୍ରି ମଝି ସମୟରେ ଜୀବର ନିରନ୍ତର ଜନ୍ମ-ମୃତ୍ୟୁ ଚକ୍ର ଚାଲିଥାଏ । ସମସ୍ତ ଜଗତ ସୃଷ୍ଟି କରିଥିବା ବ୍ରହ୍ମାଙ୍କ ରାତ୍ରି ଆରମ୍ଭରେ ଯେଉଁ ପ୍ରଳୟ ହୋଇଥାଏ, ତାହା ପ୍ରତିଦିନ ହେଉଥିବା କାରଣରୁ "ଦୈନନ୍ଦିନ ପ୍ରଳୟ" । ଦିବା ଓ ରାତ୍ରି ଚକ୍ରରେ ବ୍ରହ୍ମାଙ୍କ ଏକଶହ ବର୍ଷ ଆୟୁ ଯେବେ ପୂର୍ଣ୍ଣ ହୋଇଯାଏ, ସେତେବେଳେ ସମସ୍ତଙ୍କ ଉତ୍ପାଦକ ବ୍ରହ୍ମାଙ୍କ ଲୀନ କାରଣରୁ ସପ୍ତଲୋକ ଏବଂ ସେଥିରେ ଥିବା ପ୍ରାଣୀ ଆଦି ସମସ୍ତ ଜଡ ଚେତନାତ୍ମକ ପ୍ରପଞ୍ଚ, ପ୍ରକୃତିରେ ଲୀନ ହୁଅନ୍ତି । ଏହା ହେଉଛି 'ପ୍ରାକୃତ ପ୍ରଳୟ' । ଯଦିଓ ବ୍ରହ୍ମାଙ୍କ ରାତ୍ରି ଆରମ୍ଭରେ ସମସ୍ତ ଭୂତ ଅବ୍ୟକ୍ତରେ ଲୀନ ହୁଅନ୍ତି, ତଥାପି ଯେଉଁ ପର୍ଯ୍ୟନ୍ତ ଜୀବ ପରମ ପୁରୁଷକୁ ପ୍ରାପ୍ତ ହୋଇନାହିଁ, ସେହି ପର୍ଯ୍ୟନ୍ତ ତାହାରି ପୁନର୍ଜନ୍ମ ପିଣ୍ଡ ବିଲୁପ୍ତ ହୋଇ ନଥାଏ । 'ଆତ୍ୟନ୍ତିକ ପ୍ରଳୟ' ହେଉଛି ଯେତେବେଳେ ଜୀବାତ୍ମା, ପୂର୍ଣ୍ଣ ଜ୍ଞାନ ପ୍ରାପ୍ତରେ ଅବିଦ୍ୟାର ସମ୍ପୂର୍ଣ୍ଣ ଲୟ

ହୋଇ ପୁନଃ ପ୍ରକଟ ହୋଇ ନଥାଏ । ଏହି ଶ୍ଳୋକରେ ଭଗବାନ ଦୈନନ୍ଦିନ ପ୍ରଳୟର ବର୍ଣ୍ଣନା କରିଛନ୍ତି ଯେଉଁଥିରେ ବ୍ରହ୍ମାଙ୍କ ସୁଷୁପ୍ତି ଅର୍ଥାତ୍ ରାତ୍ରି ଆସିଲେ ଗୋଟିଏ ସୂର୍ଯ୍ୟ ଲୟ ହୋଇଥାଏ ଏବଂ ତ୍ରିଲୋକ ପ୍ରଳୟ ହୋଇଥାଏ । ଗୋଟିଏ ଦ୍ରୁମର କାରଣ ହେଉଛି ବୀଜ ଯାହା ବୀଜ ମଧ୍ୟରେ ଅବ୍ୟକ୍ତ ରୂପରେ ରହିଥାଏ । ସେହିପରି ଭୂତ ସମୂହର ଅପ୍ରକଟ ରୂପ କାର୍ଯ୍ୟ (ଶରୀର ଆଦି) ନିଜ ନିଜ କାରଣରୂପି ମୂଳ ପ୍ରକୃତିରେ ଲୀନଥାଏ । ବ୍ରହ୍ମାଙ୍କର ଦିନ ଆରମ୍ଭରେ ବୀଜରୁ ଦ୍ରୁମଟି ଅଙ୍କୁରଦ୍ଗମ ହେଲାଭଳି ଭୂତ ସମୂହ ପ୍ରକଟ ହୋଇଥାନ୍ତି । ବ୍ରହ୍ମାଙ୍କ ରାତ୍ରି ଆରମ୍ଭରେ ଭୂତ ସମୂହ ସେହି ଅବ୍ୟକ୍ତ ଅର୍ଥାତ୍ ଅପ୍ରକଟ ସୂକ୍ଷ୍ମ କାରଣ ଅବସ୍ଥାରେ ଲୀନ ହୋଇଥାନ୍ତି । ଭଗବାନ କହୁଛନ୍ତି; ହେ ପାର୍ଥ ! ଏହିପରି ଭାବରେ ଯେଉଁମାନେ ପୂର୍ବ କଳ୍ପରେ ଅବ୍ୟକ୍ତ ରୂପରେ ରହିଥିଲେ, ସେହିମାନଙ୍କ ନୂତନ ବ୍ରହ୍ମାଙ୍କ ପୁନଃ ଦିବା-ରାତ୍ରି ପରିବର୍ତ୍ତନରେ ନିଜ ନିଜ କର୍ମଫଳ ଅନୁସାରେ ଶରୀର ଉତ୍ପନ୍ନ ଓ ବିଲୟ ପ୍ରକ୍ରିୟା ଚାଲିଥାଏ । ସମଷ୍ଟି ଶରୀରାଭିମାନୀ ଚୈତନ୍ୟ ବ୍ରହ୍ମାଙ୍କୁ ଭଗବାନ ଶ୍ରୀକୃଷ୍ଣ ଏହିଠାରେ ଅବ୍ୟକ୍ତ ଶବ୍ଦଦ୍ୱାରା ସୂଚାଇଛନ୍ତି । ଶରୀରାଭିମାନୀ ହେଲା, ଶରୀର ଆପେ ଆପେ ବିନାଶ ଅଭିମୁଖୀ ହେଲେ ମଧ୍ୟ, ଜୀବ ଶରୀରକୁ ଛାଡିବାକୁ ଚାହିଁ ନଥାଏ । ଏଥି କାରଣରୁ ଜୀବାତ୍ମାକୁ ବାରମ୍ବାର ଶରୀର ଧାରଣ କରିବାକୁ ପଡିଥାଏ । ପ୍ରକୃତି ଜନିତ ବସ୍ତୁ, ବ୍ୟକ୍ତି ଓ କ୍ରିୟା ସହିତ "ମୁଁ" ଓ "ମୋର" ଦ୍ୱାରା ସୃଷ୍ଟି କରିଥିବା ସମ୍ବନ୍ଧର ସ୍ୱୀକୃତି ମନୁଷ୍ୟକୁ ବନ୍ଧନରେ ପକାଇ ଅବଶ କରି ରଖିଛି । ପରମାତ୍ମାଙ୍କ ଚିନ୍ମୟ ଅଂଶ ହେଉଛି ଜୀବର ପ୍ରକୃତ ସ୍ୱରୂପ । ଜଡତ୍ୱ ସମ୍ବନ୍ଧରୁ ଜୀବର ଏହି ଚିନ୍ମୟ ସତ୍ତା ବିସ୍ମରଣ ହୋଇ ଯାଇଥାଏ । ଜଡତ୍ୱ ସମ୍ବନ୍ଧରୁ ମୁକ୍ତ ହୋଇଗଲେ, ନିଜ ସ୍ୱରୂପରେ ସ୍ଥିତହୋଇ ଜୀବ ମୁକ୍ତ ହୋଇଯାଏ । ବିଦ୍ୟା-ଅବିଦ୍ୟା ବ୍ୟାଖ୍ୟା ଅନୁସାରେ, ବ୍ରହ୍ମାଙ୍କର ଦିନର ପ୍ରବେଶକାଳରେ ଅର୍ଥାତ୍ ବିଦ୍ୟା ବା ଦୈବୀ ସମ୍ପଦର ପ୍ରବେଶ କାଳରେ ସମ୍ପୂର୍ଣ୍ଣ ପ୍ରାଣୀ ଅବ୍ୟକ୍ତ ବୁଦ୍ଧିରେ ଜାଗୃତ ହୋଇଯାନ୍ତି । ରାତ୍ରିର ପ୍ରବେଶ କାଳରେ ସେହି ଅବ୍ୟକ୍ତ, ଅଦୃଶ୍ୟ ବୁଦ୍ଧିରେ ଜାଗୃତିର ସୂକ୍ଷ୍ମତତ୍ତ୍ୱ ଅଚେତ ହୋଇଯାଏ । ଜୀବ ଅବିଦ୍ୟାରୂପକ ରାତ୍ରିରେ ସ୍ୱରୂପକୁ ସ୍ୱଷ୍ଟ ଦେଖିପାରେ ନାହିଁ, କିନ୍ତୁ ଜୀବର ଅସ୍ତିତ୍ୱ ରହିଥାଏ । ଜାଗୃତି ଏବଂ ଅଚେତ, ଏହି ଉଭୟ ସ୍ଥିତିରେ ବୁଦ୍ଧି ଅବ୍ୟକ୍ତ ରୂପରେ ମାଧ୍ୟମ ହୋଇଥାଏ । ହେ ପାର୍ଥ ! ସମସ୍ତ ପ୍ରାଣୀ ଏହି ପ୍ରକାରେ ଜାଗୃତ ହୋଇ, ପୁଣି ଅବିଦ୍ୟା ରୂପୀ ରାତ୍ରି ଆସିଲେ, ପ୍ରକୃତିଦ୍ୱାରା ବିବଶ ହୋଇ ଅଚେତ ହୋଇଯାନ୍ତି । ଜୀବ ତାର ଲକ୍ଷ୍ୟ ଜାଣିପାରେ ନାହିଁ । ଦିନର ପ୍ରବେଶ କାଳରେ ପୁନଃ ଜାଗୃତ ହୋଇଯାନ୍ତି । ଯେଉଁ ପର୍ଯ୍ୟନ୍ତ ବୁଦ୍ଧି ରହିଥାଏ, ତାହାରି ଅନ୍ତରାଳରେ ବିଦ୍ୟା ଓ ଅବିଦ୍ୟାର କ୍ରମ ଚାଲୁରହିଥାଏ । ସେହିପର୍ଯ୍ୟନ୍ତ ମନୁଷ୍ୟ ସାଧକ ହୋଇଥାଏ, ମହାପୁରୁଷ ନୁହେଁ ।

ପରସ୍ତସ୍ମାତ୍ତୁ ଭାବୋଅନ୍ୟୋଅବ୍ୟକ୍ତୋଅବ୍ୟକ୍ତାତ୍ସନାତନଃ ।
ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି ॥ ୨୦॥

*ଅନ୍ୱୟ: ତୁ (କିନ୍ତୁ) ତସ୍ମାତ୍ (ସେହି) ଅବ୍ୟକ୍ତାତ୍ ( ଅବ୍ୟକ୍ତ ନାମକ ମୂଳ କାରଣଠାରୁ ଅର୍ଥାତ୍ ବ୍ରହ୍ମାଙ୍କ ସୂକ୍ଷ୍ମ ସ୍ୱରୂପଠାରୁ ) ଅନ୍ୟଃ ( ବିଲକ୍ଷଣ – ତତ୍ ଅତିରିକ୍ତ ) ସନାତନଃ ( ସନାତନ –ଅନାଦି) ପରଃ (ସର୍ବଶ୍ରେଷ୍ଠ) ଯଃ ଭାବଃ (ଯେଉଁ ଭାବରୂପକ) ଅବ୍ୟକ୍ତଃ*

*( ଇନ୍ଦ୍ରିୟାଦିର ଅଗୋଚର ଅର୍ଥାତ୍ ପରଂବ୍ରହ୍ମ) ସର୍ବେଷୁ ଭୂତେଷୁ ( ସମସ୍ତ ଭୂତ) ନଶ୍ୟସୁ (ବିନାଶ ହୋଇଗଲେ ମଧ୍ୟ) ସଃ ( ସେ) ନ ବିନଶ୍ୟତି ( ବିନଷ୍ଟ ହୁଏ ନାହିଁ)।*

**ଭାବାର୍ଥ**: ସୂକ୍ଷ୍ମ ବ୍ରହ୍ମସ୍ୱରୂପ ଅର୍ଥାତ୍ ହିରଣ୍ୟଗର୍ଭ ଠାରୁ ଯାହା ଶ୍ରେଷ୍ଠ, ସମସ୍ତ ବ୍ରହ୍ମାଣ୍ଡର ଯିଏ ସ୍ୱାମୀ, ସଞ୍ଚାଳକ ଏବଂ ଅଧିଷ୍ଠାତା, ସେହି ବିଲକ୍ଷଣ ସନାତନ ଅବ୍ୟକ୍ତ ପରମବ୍ରହ୍ମ ଚିରନ୍ତନ ଅଟନ୍ତି । ବ୍ରହ୍ମାଙ୍କ ସମେତ ସମସ୍ତ ଭୂତ ପଦାର୍ଥର ଅବ୍ୟକ୍ତ ସ୍ଥିତି ରହିଥିଲେ ମଧ୍ୟ, ଏ ସମସ୍ତ ଜଡ, ବିନାଶଶୀଳ ଏବଂ ବ୍ୟକ୍ତ(ଦୃଶ୍ୟବାନ୍) ଅଟନ୍ତି । କିନ୍ତୁ ସେହି ଶୁଦ୍ଧ ଚୈତନ୍ୟରୂପୀ ବ୍ରହ୍ମ ଯାହା ଚେତନଶୀଳ, ଅବିନାଶୀ ଏବଂ ଅବ୍ୟକ୍ତ ଅଟେ । ସେହି ସନାତନ ଅବ୍ୟକ୍ତ ପରମବ୍ରହ୍ମ, ସମସ୍ତ ଭୂତ ନଷ୍ଟହେଲେ ମଧ୍ୟ ନଷ୍ଟ ହୁଏନାହିଁ । ମହାପ୍ରଳୟ କାଳରେ ବ୍ରହ୍ମାଙ୍କ ସହିତ ସମସ୍ତ ସୂକ୍ଷ୍ମ ଜଗତର ବିଲୟ ଘଟେ । ସେହି ସମୟରେ ମୂଳ ପ୍ରକୃତିର ଅଧିଷ୍ଠାତା ସେହି ସନାତନ ଅବ୍ୟକ୍ତ ପରମେଶ୍ୱର ପରମବ୍ରହ୍ମ ପ୍ରକୃତି ସହିତ ସମସ୍ତ ଚରାଚର ଜୀବକୁ ନିଜଠାରେ ଲୀନକରି ନିଜ ମହିମାରେ ସ୍ଥିତ ହୋଇ ରହନ୍ତି । ମୂଳ ପ୍ରକୃତି ଏବଂ ପରମାତ୍ମା- ଏହି ଦୁଇଟି ତତ୍ତ୍ୱ ବ୍ରହ୍ମାଙ୍କ ସୂକ୍ଷ୍ମ ଶରୀରଠାରୁ ଉର୍ଦ୍ଧ୍ୱରେ । ପରମାତ୍ମାଙ୍କ ସ୍ୱରୂପ ବ୍ୟକ୍ତ ହୁଅନ୍ତୁ କିମ୍ବା ଅବ୍ୟକ୍ତ ହୁଅନ୍ତୁ, ତାହା ସବୁବେଳେ ଭାବ ରୂପ ଅର୍ଥାତ୍ ଏହାର କେବେ ଅଭାବ ହୋଇ ନାହିଁ କି, ହୋଇପାରିବ ନାହିଁ । ବ୍ରହ୍ମାଙ୍କଠାରୁ ମୂଳପ୍ରକୃତି ଶ୍ରେଷ୍ଠ ଏବଂ ମୂଳପ୍ରକୃତି ଠାରୁ ପରମାତ୍ମା ଶ୍ରେଷ୍ଠ ଅଟନ୍ତି । ବ୍ରହ୍ମାଦି ଭୂତ ସମୂହର କାର୍ଯ୍ୟ-କାରଣ ଧାରାରେ ସେହି ପରମ ବ୍ରହ୍ମ ସର୍ବଶେଷ କାରଣ ଏବଂ ସମସ୍ତ ଇନ୍ଦ୍ରିୟର ଅଗୋଚର । ଘଟ, ସରା ଆଦି ବସ୍ତୁ କାର୍ଯ୍ୟରୂପ, ଯେଉଁଥିରେ ମୃତ୍ତିକା କାରଣ ଅଟେ । ନାମ ଓ ଆକାର ଥାଇ କାର୍ଯ୍ୟ ସର୍ବଦା ଦୃଶ୍ୟବାନ୍ ଏବଂ କାର୍ଯ୍ୟ ଭିତରେ କାରଣ ସର୍ବଦା ଅବ୍ୟକ୍ତ ରୂପରେ ରହିଥାଏ । ଜଗତର ସମସ୍ତ ପ୍ରପଞ୍ଚ ଏହି କାର୍ଯ୍ୟ ଓ କାରଣ ଧାରାର ଅନ୍ତର୍ଭୁକ୍ତ । କାର୍ଯ୍ୟ-କାରଣ ପରମ୍ପରା ଆଗକୁ ଯାଇ ଯାଇ ଯେଉଁଠାରେ ସମାପ୍ତ ହୋଇଯାଏ, ଅର୍ଥାତ୍ ସମସ୍ତ ଭୂତ ସମୂହର ଅନ୍ତିମ କାରଣ ହିଁ ପରମ ସତ୍ୟ ପରମ ବ୍ରହ୍ମ । ସୃଷ୍ଟିର ସେ' ହିଁ ମୂଳ ଏବଂ ସର୍ବଶେଷ କାରଣ ଏବଂ ସମସ୍ତ କାଳରେ ରହୁଥିବା ଏକ ନିତ୍ୟ ତତ୍ତ୍ୱ । ସେହି ନିର୍ବିକାର ମୂଳତତ୍ତ୍ୱ ସତ୍-ଚିତ୍-ଆନନ୍ଦ ତିନିରୂପରେ ସମଗ୍ର ଜଗତରେ ବ୍ୟାପ୍ତ । ଏହି ତିନି ସ୍ୱରୂପ ମଧ୍ୟ ପୃଥଗ ନ ହୋଇ ଏକତ୍ୱରେ ଅବ୍ୟକ୍ତ ରୂପରେ ସ୍ଥିତ ଅଟନ୍ତି । ନ୍ୟାୟ ଶାସ୍ତ୍ରରେ ବସ୍ତୁ ସହିତ ଏହାର ସତ୍ତାକୁ (ଅସ୍ତିତ୍ୱକୁ) ପ୍ରତ୍ୟକ୍ଷ ମାନି ନିଆଯାଇଛି । ସେହିପ୍ରକାରେ ବିଷୟ ସମ୍ବଳିତ ଜ୍ଞାନ ମଧ୍ୟ ପ୍ରତ୍ୟକ୍ଷ ଅଟେ । ଇପ୍ସିତ ବସ୍ତୁର ପ୍ରାପ୍ତିରେ ମନର ପ୍ରସନ୍ନତା ସୁଖ ଶବ୍ଦକୁ ସୂଚିତ କରିଥାଏ ଏବଂ ତାହା ମଧ୍ୟ ପ୍ରତ୍ୟକ୍ଷ । ଏହି ବିଚାରଧାରାରେ, ପରମାତ୍ମାଙ୍କ ସତ୍-ଚିତ୍-ଆନନ୍ଦ ସ୍ୱରୂପ ବ୍ୟକ୍ତ ଏବଂ ପ୍ରତ୍ୟକ୍ଷ ଅଟେ । କିନ୍ତୁ ଭଗବାନ ଏହାକୁ ଅବ୍ୟକ୍ତ କହିବାର ଯଥାର୍ଥତା କଣ ? ଏହାର ସମାଧାନ ହେଲା, ସମସ୍ତ ବସ୍ତୁର ନାମ, ଆକାର ଅନ୍ତରାଳରେ ଏକ ନିତ୍ୟ ସତ୍ତା ବିଦ୍ୟମାନ । ବସ୍ତୁର ସତ୍ତା, ବିଷୟ ସମ୍ବନ୍ଧରେ ଜ୍ଞାନ ଏବଂ ମନରେ ଅନୁଭବ ହେଉଥିବା ସୁଖ ବା ଆନନ୍ଦ - ଏହି ତିନୋଟିଯାକ ବିନାଶଶୀଳ ବିଷୟ ଏବଂ ମନ ଉପରେ ଆଧାରିତ, ଯାହା ମୂଳ କାରଣ ନୁହେଁ କି, ନିତ୍ୟ ମଧ୍ୟ ନୁହେଁ । ଏହାର ବିନଷ୍ଟ ପ୍ରତ୍ୟକ୍ଷ ଭାବରେ ଅନୁଭୂତ ହୁଏ । କିନ୍ତୁ ବ୍ୟାପକ ଦୃଷ୍ଟିରେ ଦେଖିଲେ ବସ୍ତୁର ସତ୍ତା ବା ମୂଳତତ୍ତ୍ୱ ଏବଂ

ଆନନ୍ଦ ଅନୁଭୂତି ନିତ୍ୟ ଏବଂ ଅବିନାଶୀ । ଅଗ୍ନି କାଷ୍ଠକୁ ଧରି ବ୍ୟକ୍ତ ହେଲାଭଳି, ଜ୍ଞାନ ଓ ଆନନ୍ଦର ଅବ୍ୟକ୍ତ ତତ୍ତ୍ୱ ବସ୍ତୁ ଓ ମନକୁ ଆଧାରକରି ପ୍ରକାଶ ହୋଇଥାଏ, ଯାହାକୁ ଅବ୍ୟକ୍ତ ବୋଲି ଭଗବାନ କହିଛନ୍ତି । ସେହିପରି ଜୀବର ଅନ୍ତରାତ୍ମାରେ ରହିଥିବା ଆନନ୍ଦ ସ୍ୱରୂପ ମଧ୍ୟ ବିଷୟ ଭୋଗ ପ୍ରାପ୍ତିରେ ମନର ବିକାଶ ନୁହେଁ, ବରଂ ଜଗତରେ ବ୍ୟାପ୍ତହୋଇ ରହିଥିବା ଶାନ୍ତିରୂପ ଆନନ୍ଦର ଅନୁଭବତା ।

ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ॥ ୨୧॥

*ଅନ୍ୱୟ : ତଂ (ତାହାଙ୍କୁ) ଅବ୍ୟକ୍ତଃ (ଇନ୍ଦ୍ରିୟାଦିର ଅଗୋଚର) ଅକ୍ଷରଃ (ବିନାଶରହିତ) ଇତି (ବୋଲି) ଉକ୍ତଃ (କୁହାଯାଇଛି) (ତାହାକୁ ହିଁ) ପରମାଂଗତା (ଶ୍ରେଷ୍ଠ ଗତି) ଆହୁଃ (କୁହାଯାଇଛି) । ଯମ୍ (ଯାହାକୁ ଅର୍ଥାତ୍ ଯେଉଁ ଅକ୍ଷରଙ୍କୁ) ପ୍ରାପ୍ୟ ( ପ୍ରାପ୍ତ ହୋଇ) ନ ନିବର୍ତ୍ତନ୍ତେ (ପୁଣି ଜୀବ ସଂସାରକୁ ଲେଉଟି ଆସେ ନାହିଁ) ତତ୍ (ତାହା ହିଁ) ମମ (ମୋର ଅର୍ଥାତ୍ ବିଷ୍ଣୁଙ୍କର) ପରଂଧାମ (ସର୍ବ ଶ୍ରେଷ୍ଠ ନିବାସ ସ୍ଥଳୀ ) ।*

**ଭାବାର୍ଥ** : ଭଗବାନ ଏହି ଶ୍ଳୋକରେ ଅବ୍ୟକ୍ତ ଈଶ୍ୱରଙ୍କ ଅବିନାଶିତ୍ୱ ସମ୍ବନ୍ଧରେ କହିଛନ୍ତି;- 'ମୁଁ' ହିଁ ପରମଗତି । ଶ୍ରୁତିରେ ମଧ୍ୟ ରହିଛି; - "ତଦ୍ ବିଷ୍ଣୋଃ ପରମଂ ପଦଂ" ଅର୍ଥାତ୍ ବ୍ରହ୍ମ ପ୍ରାପ୍ତି ହିଁ ଜୀବର ଅନ୍ତିମ ଲକ୍ଷ୍ୟ ଏବଂ ଶେଷ ଗତି । ସେହି ପରମ ପୁରୁଷକୁ ଅତିକ୍ରମ କରି ଅନ୍ୟ କୌଣସି ସତ୍ତା ନାହିଁ । ବ୍ରହ୍ମ ସଂହିତାରେ ଭଗବାନ ଶ୍ରୀକୃଷ୍ଣଙ୍କ ପରଂଧାମକୁ ଚିନ୍ତାମଣି ଧାମ ଏବଂ ଆନନ୍ଦମୟ ରସ ଭାବରେ ବର୍ଣ୍ଣନା କରାଯାଇଛି । ଜୀବ ଏହି ଧାମକୁ ପ୍ରାପ୍ତହେଲେ ଭୌତିକ ଜଗତକୁ ପୁନର୍ବାର ଲେଉଟି ଆସି ନ ଥାଏ ଅର୍ଥାତ୍ ତାର ପୁନର୍ଜନ୍ମ ହୁଏ ନାହିଁ । ଏହା ଏପରି ଏକ ଧାମ ଯେଉଁଠାରେ ଜୀବର ସମସ୍ତ କାମନା ପରିପୂର୍ଣ୍ଣ ହୋଇ ଜୀବ ପୂର୍ଣ୍ଣକାମା ସ୍ଥିତିରେ ରହେ । ବ୍ରହ୍ମଲୋକ ପର୍ଯ୍ୟନ୍ତ ଗତି ପୁନରାବୃତ୍ତି କାରଣରୁ ତାହା ପରମଗତି ନୁହେଁ । କେହି କେହି ଟୀକାକାର "ଧାମ" ଶବ୍ଦର ଅର୍ଥକୁ ପ୍ରକାଶାତ୍ମକ ସ୍ୱରୂପ ବୋଲି ଉଲ୍ଲେଖ କରିଛନ୍ତି । ପ୍ରକୃତି, ଜୀବ ଓ ପରମାତ୍ମା - ଏହି ତିନୋଟି ମଧ୍ୟରୁ ପ୍ରକୃତି ସର୍ବଦା ଜଡ । ଜୀବ ପ୍ରକୃତି ଅପେକ୍ଷା ପ୍ରକାଶଶୀଳ କିନ୍ତୁ ଦେହାଭିମାନ କାରଣରୁ ଏହା ଦେଶ, କାଳ ଓ ବସ୍ତୁର ଅଧୀନ ହୁଏ । ପ୍ରକୃତି ଠାରୁ ଉର୍ଦ୍ଧ୍ୱରେ ରହିଥିବା ପ୍ରକାଶାତ୍ମକ ସ୍ୱରୂପକୁ ଜୀବ ପ୍ରାପ୍ତ କଲାପରେ ପୁନଃ ଗୁଣାଧୀନ ହୋଇ ଶରୀର ଧାରଣ କରିବାକୁ ପଡେନାହିଁ । ଭଗବାନଙ୍କ ସନାତନ ଅବିନାଶୀ ପରମ ଦିବ୍ୟ ଅଧିଯଜ୍ଞ ସ୍ୱରୂପକୁ ଏହି ପଦରେ ଅବ୍ୟକ୍ତ ଓ ଅକ୍ଷର ବୋଲି କୁହାଯାଇଛି । ତାହାକୁ ଭଗବାନ ଶ୍ରୀକୃଷ୍ଣ ପରମଧାମ ଅର୍ଥାତ୍ ମୋର ସର୍ବୋତ୍କୃଷ୍ଟ ସ୍ୱରୂପ ବୋଲି କହିଛନ୍ତି । ଯେଉଁ ନିର୍ଗୁଣ ନିରାକାର ପରମାତ୍ମାଙ୍କୁ ପରମ ବ୍ରହ୍ମ ଏବଂ ଅକ୍ଷରବ୍ରହ୍ମ କୁହାଯାଇଛି, ସେହି ସଚ୍ଚିଦାନନ୍ଦଘନ ବ୍ରହ୍ମ ମଧ୍ୟ ପରମଧାମ ଅଟନ୍ତି । ତେଣୁ ପରମଧାମ କହି ଭଗବାନ ନିଜର ନିତ୍ୟ ଭଗବତ୍ ସ୍ୱରୂପକୁ ସୂଚାଇଛନ୍ତି । ଶ୍ରୀ ଲୋକମାଣ୍ୟତିଳକଙ୍କ ବ୍ୟାଖ୍ୟାନୁସାରେ ସାଙ୍ଖ୍ୟମାନଙ୍କ ଦ୍ୱାରା ମାନି ନିଆଯାଇଥିବା ପ୍ରକୃତି ହିଁ କେବଳ ଅବ୍ୟକ୍ତ ନୁହେଁ, ପ୍ରକୃତିଠାରୁ ଶ୍ରେଷ୍ଠ ଯେଉଁ ଅବ୍ୟକ୍ତ ପୁରୁଷ ବିଦ୍ୟମାନ, ସେ' ସର୍ବଶେଷ ଅବ୍ୟକ୍ତ ଅଟନ୍ତି । ଯିଏ ଅବ୍ୟକ୍ତ, ସିଏ ଅକ୍ଷର ହୋଇ ନ ପାରନ୍ତି, ମାତ୍ର ଯିଏ ଅକ୍ଷର, ସିଏ ନିଶ୍ଚିତ ଭାବରେ ଅବ୍ୟକ୍ତ ଅଟନ୍ତି । ଶ୍ରୀ ବଲ୍ଲଭାଚାର୍ଯ୍ୟଙ୍କ ମତାନୁସାରେ ବ୍ୟାପକରୂପ ବୈକୁଣ୍ଠର ନାମ ହିଁ ଅକ୍ଷର ଏବଂ ତାହାକୁ ପୁରୁଷୋତ୍ତମ ଭଗବାନଙ୍କ ଧାମରୂପେ

କୁହାଯାଇଛି । ଉତ୍ତରଧାମରେ ଥିବା ବୃନ୍ଦାବନ ଧାମକୁ ଭଗବାନ ଶ୍ରୀକୃଷ୍ଣଙ୍କ ପରମଧାମ ଗୋଲକ ବୃନ୍ଦାବନର ପ୍ରତିରୂପ ବୋଲି ବିବେଚନା କରାଯାଇଛି ।

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।
ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ॥୨୨॥

*ଅନ୍ୱୟ: ପାର୍ଥ (ହେ ପୃଥା ନନ୍ଦନ!) ଭୂତାନି (ଭୂତ ସମୂହ) ଯସ୍ୟ ଅନ୍ତଃସ୍ଥାନି ( ଯାହାଙ୍କ ଅନ୍ତର୍ଗତ ଅର୍ଥାତ୍ ଯାହାରି ମଧ୍ୟରେ ସମସ୍ତ ଭୌତିକ ପରିପ୍ରକାଶ ) ଯେନ ( ଯାହାଙ୍କ ଦ୍ୱାରା) ଇଦଂ (ଏହି) ସର୍ବଂ (ପରିଦୃଶ୍ୟମାନ ସମଗ୍ର ସଂସାର ) ତତମ୍ (ବ୍ୟାପ୍ତ ହୋଇଛି) ସଃ ପରଃ ପୁରୁଷଃ ( ସେହି ପରମ ପୁରୁଷ) ତୁ (କେବଳ) ଅନନ୍ୟୟା ଭକ୍ତି (ଅନନ୍ୟା ଭକ୍ତି ଦ୍ୱାରା ) ଲଭ୍ୟଃ ( ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ସେହି ପରମ ପୁରୁଷ ପରମାତ୍ମା ପ୍ରାପ୍ତ ହେବା ନିମିତ୍ତ ଅନନ୍ୟ ଭକ୍ତି ହିଁ ଏକମାତ୍ର ମାର୍ଗ ବୋଲି ଭଗବାନ ଏହି ଶ୍ଳୋକରେ ପୁଷ୍ଟ କରିଛନ୍ତି । ଚୌରାସି ଲକ୍ଷ ଯୋନିରୁ ଉଦ୍ଭବ ଜୀବ ସହିତ ଅନନ୍ତ ବ୍ରହ୍ମାଣ୍ଡ ତାଙ୍କରି ଅନ୍ତର୍ଗତ । ସମସ୍ତ ଚରାଚର ପ୍ରାଣୀ ପରମାତ୍ମାଙ୍କ ଠାରୁ ଉତ୍ପନ୍ନ ଏବଂ ପରମେଶ୍ୱରଙ୍କ ଆଧାର ଉପରେ ସ୍ଥିତ । ସମସ୍ତ ଭୂତ ସମୂହର ସେ ପ୍ରକାଶକ ଏବଂ ତାଙ୍କରି ଚିଦ୍ ଶକ୍ତି ଓ ଭୌତିକ ଶକ୍ତି ଦ୍ୱାରା ସମଗ୍ର ବ୍ରହ୍ମାଣ୍ଡ ନିୟନ୍ତ୍ରିତ । ପରିଦୃଶ୍ୟମାନ ସମସ୍ତ ଜଗତ ତାଙ୍କରି ଅବିନାଶୀ ସତ୍ତା ଦ୍ୱାରା ବ୍ୟାପ୍ତ । ଯେପରି ବାୟୁ, ତେଜ, ଜଳ ଓ ପୃଥ୍ୱୀ- ଏହି ସବୁଥିରେ ଆକାଶ ବ୍ୟାପ୍ତ, ସେହିପରି ସମଗ୍ର ସୃଷ୍ଟି ଅବ୍ୟକ୍ତ ପରମେଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ । ଭୂତ ସମୂହରେ ପ୍ରତୀୟମାନ ହେଉଥିବା ବିଭିନ୍ନତା ସ୍ୱୟଂ ଭଗବାନଙ୍କ ଅଧ୍ୟାତ୍ମିକ ବିସ୍ତାର ଅଟେ । ତାଙ୍କରି ସତ୍ତା ସର୍ବତ୍ର ବିଦ୍ୟମାନ । ସର୍ବାଧାର, ସର୍ବାନ୍ତର୍ଯାମୀ ଓ ସର୍ବ ଶକ୍ତିମାନ ମାନି ନିଜର ସର୍ବସ୍ୱ ସମର୍ପଣ ପରେ ତାଙ୍କରି ବିଧାନରେ ସର୍ବଦା ସନ୍ତୁଷ୍ଟ ରହିବା ଏବଂ ସମସ୍ତ ରୂପରେ ଅନନ୍ୟ ପ୍ରେମ ପୂର୍ବକ ନିତ୍ୟ ନିରନ୍ତର ତାଙ୍କରି ସ୍ମରଣ କରିବା ହେଉଛି ଅନନ୍ୟ ଭକ୍ତି । ଜଣେ ସତୀ ସ୍ତ୍ରୀ ଯେଉଁପରି ନିଜର ସଜ୍ଜନ ପତିକୁ ଅତ୍ୟନ୍ତ ପ୍ରେମଭାବ ଦ୍ୱାରା ବଶ କରିବାକୁ ସକ୍ଷମ ହୋଇଥାଏ, ସେହି ସାଦୃଶ୍ୟ ଭଗବାନ ନିଜର ଅନନ୍ୟ ଭକ୍ତ ଦ୍ୱାରା ବଶୀଭୂତ ହୋଇ ରହିଥାନ୍ତି । କର୍ମଯୋଗ ସାଧନାରେ ସର୍ବାତ୍ମା ଭଗବାନଙ୍କ ପ୍ରସନ୍ନତା ନିମନ୍ତେ କର୍ମ କରିବାରେ ମଧ୍ୟ ଅନନ୍ୟତା ରହିଥାଏ । ଯୋଗୀଦ୍ୱାରା କ୍ରିୟାନୁଷ୍ଠାନ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ, ଉଦ୍ଦେଶ୍ୟ ଏକ, ଭାବ ଏକ ଏବଂ ସମତା ରୂପକ ସ୍ଥିତି ଏକ କାରଣରୁ ତାହା ଅନନ୍ୟ ଭକ୍ତିର ରୂପ ନେଇଥାଏ । ଶ୍ରୀ ଅରବିନ୍ଦଙ୍କ "ଗୀତା ରଚନା"ରେ ଏହି ଶ୍ଳୋକର ବ୍ୟାଖ୍ୟାନୁଯାୟୀ ଅନନ୍ୟ ଭକ୍ତି ହେଲା, ଜଣେ ଅନ୍ୟ ଜଣଙ୍କଠାରୁ ପୃଥକ ନ ହେବା । ଆତ୍ମା ପରମାତ୍ମାର ଅଭିନ୍ନ ସମ୍ବନ୍ଧରେ ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ ତାହା ଅନନ୍ୟ ଭକ୍ତି । ସମୁଦ୍ରରେ ଦେଖାଯାଉଥିବା ଲହଡି ସମୁଦ୍ର ଜଳତତ୍ତ୍ୱ ଠାରୁ ଯେଉଁପରି ଭିନ୍ନ ହୋଇ ନ ଥାନ୍ତି, ଜୀବାତ୍ମା ସେହିପରି ପରମାତ୍ମାଙ୍କଠାରୁ ଅଭିନ୍ନ ।

ଯତ୍ରକାଳେତ୍ୱନାବୃତ୍ତିମାବୃତ୍ତିଂ ଚୈବ ଯୋଗିନଃ ।
ପ୍ରୟାତା ଯାନ୍ତି ତଂ କାଳଂ ବକ୍ଷ୍ୟାମି ଭରତର୍ଷଭ ॥୨୩॥

*ଅନ୍ୱୟ : ତୁ (କିନ୍ତୁ) ଭରତର୍ଷଭଃ ( ହେ ଭରତ ଶ୍ରେଷ୍ଠ ଅର୍ଜୁନ!) ଯତ୍ରକାଳେ (ଯେଉଁ କାଳ ଅର୍ଥାତ୍ ମାର୍ଗରେ) ପ୍ରୟାତାଃ (ପ୍ରୟାଣ କରିଥିବା –ଶରୀର ଛାଡିଯାଇଥିବା) ଯୋଗୀନଃ (ଯୋଗୀଗଣ) ଅନାବୃତ୍ତିଂ (ମୁକ୍ତି ଅର୍ଥାତ୍ ଅପୁନରାଗମନ) ଆବୃତ୍ତିମ୍ ଚ*

*(ପୁନରାବର୍ତ୍ତନ ଅର୍ଥାତ୍ ପୁନର୍ଜନ୍ମ ) ଯାନ୍ତି ଏବ (ପ୍ରାପ୍ତ ହୁଅନ୍ତି) ତଂ କାଳଂ (ସେହି କାଳ ଅର୍ଥାତ୍ ମାର୍ଗ ସମ୍ବନ୍ଧରେ ) ବକ୍ଷ୍ୟାମି (ତୁମ୍ଭଙ୍କୁ କହୁଛି) ।*

**ଭାବାର୍ଥ**: ଭଗବାନ କହୁଛନ୍ତି, ହେ ଭରତ ଶ୍ରେଷ୍ଠ ଅର୍ଜୁନ ! ଯେଉଁ ମାର୍ଗରେ ଗତିକଲେ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଥିବା ଯୋଗୀଗଣ ଏବଂ ବ୍ରତ ଉପାସନା ଆଦି ଅନୁଷ୍ଠାନ କରିଥିବା କର୍ମୀଗଣ ଅନାବୃତ୍ତି ଓ ଆବୃତ୍ତି ଅର୍ଥାତ୍ ମୋକ୍ଷ ଓ ପୁନର୍ଜନ୍ମ ପ୍ରାପ୍ତ ହୋଇଥାନ୍ତି, ସେହି ମାର୍ଗ ସମ୍ବନ୍ଧରେ କହୁଅଛି ତୁମ୍ଭେ ଜାଣ । ଏହି ଶ୍ଳୋକରେ କାଳ ଶବ୍ଦ ଦିବା, ରାତ୍ରି, ଉତ୍ତରାୟଣ ପ୍ରଭୃତି କାଳର ଅଭିମାନୀ ଦେବତା ଓ ସେହିମାନଙ୍କ ପ୍ରଦର୍ଶିତ ମାର୍ଗକୁ ସୂଚାଯାଇଛି । ଉପନିଷଦରେ ଅନେକ ଉପାସନାର ବର୍ଣ୍ଣନ ରହିଛି ଯାହାର ଅନୁଷ୍ଠାନରେ ମନୁଷ୍ୟ ଭିନ୍ନ ଭିନ୍ନ ଭୋଗ ଲୋକ ପ୍ରାପ୍ତ କରିଥାଏ । ସେଥିମଧ୍ୟରୁ "ପଞ୍ଚାଗ୍ନି" ବିଦ୍ୟା ଏକ ଉପାସନା, ଯାହାର ଫଳ ସ୍ୱରୂପ ବ୍ରହ୍ମଲୋକ ପ୍ରାପ୍ତ ହୋଇଥାଏ । ଯୋଗସିଦ୍ଧ ବ୍ରହ୍ମଜ୍ଞାନୀ ସ୍ୱଇଚ୍ଛାରେ ଶରୀର ତ୍ୟାଗ କରିବାର ସ୍ଥାନ, କାଳ ଓ ମାର୍ଗ ନିର୍ଦ୍ଦିଷ୍ଟ କରି ବ୍ରହ୍ମଲୋକ ଗମନ କରିବା ନିମନ୍ତେ ସକ୍ଷମ ହୋଇଥାନ୍ତି । ମହାଭାରତରେ ପିତାମହ ଭୀଷ୍ମ ପୂର୍ବ ଜନ୍ମରେ ଅଷ୍ଟବସୁଙ୍କ ମଧ୍ୟରୁ 'ଦ୍ୟୌ' ନାମକ ବସୁ ଥିଲେ ଯିଏ ଶାପଗ୍ରସ୍ତ ହୋଇ ମର୍ତ୍ତ୍ୟଲୋକକୁ ଆସିଥିଲେ । ଯଦିଓ ଦକ୍ଷିଣାୟନ କାଳରେ ତାଙ୍କରି ଶରୀର ପ୍ରୟାଣ ହୋଇଥିଲା, ଦେବଲୋକ ଯିବା ନିମନ୍ତେ ଶରଶଯ୍ୟାରେ ରହି ଉତ୍ତରାୟଣ କାଳକୁ ସେ ସତାଇଶ ଦିନ ଅପେକ୍ଷା କରି ରହିଥିଲେ । କାରଣ ଦକ୍ଷିଣାୟନ କାଳରେ ଦେବଲୋକର ସମସ୍ତ ଦ୍ୱାର ବନ୍ଦ ରହିଥାଏ । ପୂର୍ଣ୍ଣ ଆତ୍ମ ସମର୍ପଣ କରିଥିବା ଯୋଗୀ ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ଓ ଅନନ୍ୟ ପ୍ରେମ ଦ୍ୱାରା ଜୀବିତ ଅବସ୍ଥାରେ ହିଁ ବନ୍ଧନରୁ ମୁକ୍ତହୋଇ କୈବଲ୍ୟ ମୁକ୍ତି ବା ସଦ୍ୟୋମୁକ୍ତି ପ୍ରାପ୍ତ ହୋଇଥାଏ । ଯୋଗଭ୍ରଷ୍ଟଙ୍କ ସମେତ ଜ୍ଞାନନିଷ୍ଠ ଓ କର୍ମଯୋଗନିଷ୍ଠ ସାଧକ ସୂକ୍ଷ୍ମ ବାସନା କାରଣରୁ ବ୍ରହ୍ମଲୋକ ପ୍ରାପ୍ତ ହୋଇ ପ୍ରଳୟ କାଳରେ ବ୍ରହ୍ମାଙ୍କ ସହିତ ପରଂବ୍ରହ୍ମରେ ଲୀନ ହୋଇଥାନ୍ତି । ଏହି 'କ୍ରମମୁକ୍ତି' ମାର୍ଗରେ ଗମନ କରିବାକୁ ଅପୁନରାବୃତ୍ତି କୁହାଯାଇଛି । ସକାମୀ ପୁରୁଷ କେବଳ ସୁଖ ଏବଂ ଐଶ୍ୱର୍ଯ୍ୟ ଭୋଗ ନିମିତ୍ତ ଚନ୍ଦ୍ରଲୋକ ସମେତ ଇଚ୍ଛାକରିଥିବା ଭୋଗଭୂମି ପ୍ରାପ୍ତହୋଇ, ପୂଣ୍ୟ କ୍ଷୀଣ କାଳରେ ମର୍ତ୍ତ୍ୟଲୋକକୁ ଲେଉଟି ଆସନ୍ତି । ଏହି ମାର୍ଗରେ ଗମନ କରିବାକୁ ପୁନରାବୃତ୍ତି କୁହାଯାଇଛି । ଚେତନ ରୂପ ପରଂବ୍ରହ୍ମ ଜଗତର ଜଡ ଓ ଚେତନ ସର୍ବତ୍ର ଓ ସମସ୍ତ ପଦାର୍ଥରେ ବ୍ୟାପକ ଅଟନ୍ତି । ନିର୍ଦ୍ଦିଷ୍ଟ କ୍ଷେତ୍ରର ସେହି ବ୍ୟାପକ ସତ୍ତାକୁ ସେହି କ୍ଷେତ୍ରର ଅଭିମାନୀ ଦେବତା କୁହାଯାଏ । କାଳବାଚକ ଯଥା:- ଦିନ, ରାତ୍ରି, ଶୁକ୍ଳ, କୃଷ୍ଣପକ୍ଷ, ଉତ୍ତରାୟଣ ଓ ଦକ୍ଷିଣାୟନ ଆଦି ଶବ୍ଦରେ ଅତିବାହିକ ଅର୍ଥାତ୍ ସେହି ମାର୍ଗରେ ଜୀବର ସୂକ୍ଷ୍ମ ଶରୀରକୁ ବହନ କରି ନେଉଥିବା ଦେବତାଙ୍କୁ ସୂଚାଯାଇଛି । ଯଦି ଏହି ଶବ୍ଦ ସମୂହକୁ କାଳ ବାଚକ ମାନି ନିଆଯାଇ, ବ୍ରହ୍ମନିଷ୍ଠ ଜ୍ଞାନୀ ପୁରୁଷ ରାତ୍ରି ସମୟରେ ମୃତ୍ୟୁରେ ଭିନ୍ନଲୋକ ଓ ସକାମୀ ପୁରୁଷ ଦିନ ସମୟରେ ମୃତ୍ୟୁରେ ବ୍ରହ୍ମଲୋକକୁ ଗମନ କରିବା ଅର୍ଥ କରାଯାଏ, ତାହାହେଲେ ଜ୍ଞାନର କୌଣସି ମହତ୍ତ୍ୱ ରହିବ ନାହିଁ । ବେଦାନ୍ତ ସୂତ୍ରରେ ତେଣୁ ଏହି ସିଦ୍ଧାନ୍ତ କରାଯାଇଛି କି, ଅଗ୍ନି, ଦିବସ, ଶୁକ୍ଳ, ଉତ୍ତରାୟଣ ଆଦି ଶବ୍ଦ ଅଭିମାନୀ ଦେବତାଙ୍କ ନିମନ୍ତେ କଳ୍ପିତ । ଏହି ଶ୍ଳୋକରେ 'ଯୋଗିନଃ' ଶବ୍ଦ କର୍ମଯୋଗୀ ଓ ଜ୍ଞାନଯୋଗୀ ସାଧକଙ୍କୁ ଉପଲକ୍ଷ୍ୟ କରି କୁହାଯାଇଛି । ମୁକ୍ତି ପ୍ରାପ୍ତି ନିମନ୍ତେ କର୍ମକୁ ତ୍ୟାଗ

କରିବା କଥା ଭଗବାନ ଗୀତାରେ କେଉଁଠାରେ କହି ନାହାନ୍ତି । ସଂସାର ହେଉଛି ଯଜ୍ଞମୟ ବା କର୍ମମୟ, କିନ୍ତୁ କର୍ମ କରିବା ଲୋକ ଦୁଇ ବର୍ଗର ହୋଇଥାନ୍ତି । ପ୍ରଥମ, ଯେଉଁମାନେ ଶାସ୍ତ୍ରୋକ୍ତ ରୀତିରେ ଫଳ ଆଶା ରଖି କର୍ମ କରନ୍ତି (କର୍ମକାଣ୍ଡୀ) ଏବଂ ଦ୍ୱିତୀୟ, ଯେଉଁମାନେ ଜ୍ଞାନ ବା ନିଷ୍କାମ ବୁଦ୍ଧିରେ (ଜ୍ଞାନୀଜନ) କେବଳ କର୍ତ୍ତବ୍ୟ ବୁଝି କର୍ମ କରିଥାନ୍ତି । ଏହି ସମ୍ବନ୍ଧରେ ଗୀତାର ସିଦ୍ଧାନ୍ତ କି, କର୍ମକାଣ୍ଡୀ ମାନଙ୍କୁ ସ୍ୱର୍ଗପ୍ରାପ୍ତି ଭାବେ ଅନିତ୍ୟ ଫଳ ମିଳିଥାଏ ଏବଂ ଜ୍ଞାନ ଅର୍ଥାତ୍ ନିଷ୍କାମ ବୁଦ୍ଧିରେ କର୍ମ କରୁଥିବା ଜ୍ଞାନୀ ପୁରୁଷଙ୍କୁ ମୋକ୍ଷରୂପୀ ନିତ୍ୟ ଫଳ ପ୍ରାପ୍ତ ହୋଇଥାଏ । ଏହି ନିତ୍ୟ-ଅନିତ୍ୟ ଫଳ ଅନୁଯାୟୀ ମୃତ୍ୟୁପରେ ପ୍ରତ୍ୟେକଙ୍କୁ ଭିନ୍ନ ଭିନ୍ନ ମାର୍ଗରେ ଭିନ୍ନ ଭିନ୍ନ ଲୋକକୁ(ଭୋଗ ଭୂମି) ଯିବାକୁ ପଡେ । ଉପନିଷଦରେ ଜ୍ଞାନୀଜନର ମାର୍ଗକୁ ଦେବଯାନ ଅଥବା ଅର୍ଚିରାଦି ଓ କର୍ମକାଣ୍ଡୀର ମାର୍ଗକୁ ପିତୃଯାନ ଅଥବା ଧୂମ୍ରାଦି ରୂପେ ଦର୍ଶାଯାଇଛି । ଗୀତାରେ ଭଗବାନ ଏହି ଦୁଇମାର୍ଗକୁ ଶୁକ୍ଳ ଓ କୃଷ୍ଣ ଶବ୍ଦ ପ୍ରୟୋଗ କରି ଦର୍ଶାଇଛନ୍ତି ।

ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍ ।
ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ॥ ୨୪॥
ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।
ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ॥ ୨୫॥

*ଅନ୍ୱୟ: ଅଗ୍ନିଃ ଜ୍ୟୋତିଃ ( ଜ୍ୟୋତିସ୍ୱରୂପ ଅଗ୍ନିର ଅଧିପତି ଦେବତା) ଅହଃ (ଦିବସର ଅଧିପତି ଦେବତା) ଶୁକ୍ଳଃ (ଶୁକ୍ଳପକ୍ଷର ଅଧିପତି ଦେବତା) ଷଣ୍ମାସାଃ (ଛଅ ମାସ ବିଶିଷ୍ଟ ) ଉତ୍ତରାୟଣମ୍ ( ଉତ୍ତରାୟଣର ଅଧିପତି ଦେବତା ରହିଥାନ୍ତି) ତତ୍ର (ସେହି ମାର୍ଗରେ) ପ୍ରୟାତାଃ (ଶରୀର ଛାଡିଯାଉଥିବା) ବ୍ରହ୍ମବିଦଃ ଜନାଃ ( ବ୍ରହ୍ମବେତ୍ତା ପୁରୁଷ ) ବ୍ରହ୍ମ (ବ୍ରହ୍ମଲୋକ ପ୍ରାପ୍ତହୋଇ ପରେ ବ୍ରହ୍ମାଙ୍କ ସହିତ ) ଗଚ୍ଛନ୍ତି (ବ୍ରହ୍ମରେ ଲୀନ ହୁଅନ୍ତି) । (ଯେଉଁମାର୍ଗରେ) ଧୂମଃ (ଧୂମର ଅଧିପତି ଦେବତା ) ରାତ୍ରିଃ (ରାତ୍ରିର ଅଧିପତି ଦେବତା ) କୃଷ୍ଣଃ (କୃଷ୍ଣପକ୍ଷର ଅଧିପତି ଦେବତା) ତଥା (ଓ) ଷଣ୍ମାସାଃ (ଛଅ ମାସ ବିଶିଷ୍ଟ ) ଦକ୍ଷିଣାୟନମ୍ (ଦକ୍ଷିଣାୟନର ଅଧିପତି ଦେବତା ରହିଥାନ୍ତି) ତତ୍ର (ସେହି ମାର୍ଗରେ ଶରୀର ଛାଡିଯାଉଥିବା) ଯୋଗୀ (ସିଦ୍ଧତା ପ୍ରାପ୍ତି ହୋଇ ନ ଥିବା କର୍ମଯୋଗୀ - ସକାମୀ ପୁରୁଷ) ଚାନ୍ଦ୍ରମସଂ ଜ୍ୟୋତିଃ (ଚନ୍ଦ୍ର ଜ୍ୟୋତିକୁ) ପ୍ରାପ୍ୟ (ପ୍ରାପ୍ତ ହୋଇ) ନିବର୍ତ୍ତତେ (ଲେଉଟିଆସେ ଅର୍ଥାତ୍ ଜନ୍ମ-ମରଣ ପ୍ରାପ୍ତି ହୁଏ )।*

**ଭାବାର୍ଥ**: ଜ୍ଞାନଯୋଗ ଏବଂ କର୍ମଯୋଗ ସାଧକ ଶରୀର ତ୍ୟାଗପରେ ସାଧନାର ଫଳ ସ୍ୱରୂପ କେଉଁ ମାର୍ଗରେ ଗମନକରି ମୋକ୍ଷ ପ୍ରାପ୍ତି ହୋଇଥାନ୍ତି, କେଉଁ ମାର୍ଗରେ ଗମନକରି ପୁନର୍ଜନ୍ମ ପ୍ରାପ୍ତ ହୁଅନ୍ତି, ଭଗବାନ ତାହା ଏହି ଦୁଇ ଶ୍ଲୋକରେ ବର୍ଣ୍ଣନା କରିଛନ୍ତି । ଯେଉଁ ପୁରୁଷମାନଙ୍କ ଜ୍ଞାନ ଅନାବୃତ ଅର୍ଥାତ୍ ବିବେକରେ କୌଣସି ଆବରଣ ରହିନାହିଁ, ସେହିମାନେ ଅନାବୃତ୍ତି ମାର୍ଗରେ ବ୍ରହ୍ମଲୋକ ପ୍ରାପ୍ତ ହୁଅନ୍ତି । ସେହିମାନେ ଗମନ କରୁଥିବା ମାର୍ଗରେ କାଳ ଅଭିମାନୀ ଆଲୋକ ପ୍ରଦାନ କରୁଥିବା ଦେବତାମାନେ ରୁହନ୍ତି ଅର୍ଥାତ୍ ଜ୍ଞାନର ମୁଖ୍ୟତା ରହେ । ଆସକ୍ତି, କାମନା, ମମତା ପ୍ରଭୃତି ବିକାର ଦ୍ୱାରା ଯେଉଁମାନଙ୍କ ଜ୍ଞାନ (ବିବେକ) ଆବୃତ ହୋଇରହେ, ସେହିମାନଙ୍କୁ ଅଭିଷ୍ଟ ଲୋକ (ଭୋଗ ଭୂମି) ପ୍ରାପ୍ତହୋଇ ପୁଣି ଜନ୍ମ-ମରଣ ଚକ୍ରକୁ ଫେରି ଆସିବାକୁ ପଡିଥାଏ । ସେହିମାନଙ୍କ ମାର୍ଗରେ ଅନ୍ଧକାର ଅର୍ଥାତ୍ ଅଜ୍ଞାନ ଓ ଅବିବେକର ମୁଖ୍ୟତା ଥାଏ ।

ଆର୍ଯ୍ୟ ସଂସ୍କୃତିରେ ମୃତ ଶରୀରକୁ ଜଳାଇବାର ପ୍ରଥା ଅନାଦି କାଳରୁ ଚାଲି ଆସିଛି । ଯିଏ ଶୁକ୍ଳମାର୍ଗ ଅର୍ଥାତ୍ ପ୍ରକାଶରେ ଗମନ କରିବାର ଅଧିକାରୀ, ତାହାର ସୂକ୍ଷ୍ମ ଶରୀର ଅଗ୍ନିଜ୍ୱାଳା(ଜ୍ୟୋତି)ରେ ମିଶି ଦିନ, ଶୁକ୍ଳପକ୍ଷ, ଉତ୍ତରାୟଣ ଆଦି ପ୍ରକାଶମୟ ମାର୍ଗରେ ଯାଇ ବ୍ରହ୍ମ ଲୋକରେ ପ୍ରବିଷ୍ଟ ହୋଇଥାଏ । ଯିଏ କୃଷ୍ଣମାର୍ଗ ଅଧିକାରୀ ତାଙ୍କରି ସୂକ୍ଷ୍ମ ଶରୀର ଧୂମ୍ର, ରାତ୍ରି, କୃଷ୍ଣପକ୍ଷ, ଦକ୍ଷିଣାୟନ ଆଦି ଅନ୍ଧକାରମୟ ମାର୍ଗରେ ଯାଇ ଚନ୍ଦ୍ର ମଣ୍ଡଳରେ ଚନ୍ଦ୍ରଜ୍ୟୋତି (ଅମୃତ ରସ) ପ୍ରାପ୍ତ ହୋଇଥାନ୍ତି । ସେଠାକାର ଭୋଗକାଳ ସମାପ୍ତି ପରେ ପୁନଃ ମର୍ତ୍ତ୍ୟଲୋକକୁ ଲେଉଟି ଆସନ୍ତି । ଶୁକ୍ଳ ଏବଂ କୃଷ୍ଣ ଉଭୟ ଉର୍ଦ୍ଧ୍ୱଗତି କେବଳ ଯୋଗସାଧକ କିମ୍ବା ପୁଣ୍ୟକର୍ମା ମାନଙ୍କୁ ପ୍ରାପ୍ତ ହୋଇଥାଏ । ଯେଉଁ ସୂକ୍ଷ୍ମ ଶରୀର ଉର୍ଦ୍ଧ୍ୱଗତି ନ ହୋଇ ଅଧୋଗତି ହୋଇଥାଏ, ତାହା ଅଗ୍ନିରୁ ଉତ୍ପନ୍ନ ଭସ୍ମ ସହିତ ମିଶିଥାଏ । ସେହି ସୂକ୍ଷ୍ମ ଶରୀର ଅନ୍ୟ କୌଣସି ଲୋକ ପ୍ରାପ୍ତ ନ ହୋଇ ଏହି ମର୍ତ୍ତ୍ୟ ଲୋକରେ ହିଁ ନିଜ ନିଜ କର୍ମଫଳ ଅନୁସାରେ ଇତର ଯୋନି ପ୍ରାପ୍ତହୋଇ ବାରମ୍ବାର ଜନ୍ମ-ମୃତ୍ୟୁ ବରଣ କରନ୍ତି । ଛାନ୍ଦୋଗ୍ୟ ଉପନିଷଦରେ ତୃତୀୟ ଗତି ରୂପେ ଏହାକୁ କୁହାଯାଇଛି । ଶୁକ୍ଳ ଓ କୃଷ୍ଣମାର୍ଗର ଗତିକୁ ଯଥାକ୍ରମେ ଦେବଯାନ ଓ ପିତୃଯାନ ରୂପେ ବର୍ଣ୍ଣନା କରାଯାଇଛି । ଏହି ବର୍ଣ୍ଣନା ଅନୁଯାୟୀ ଉତ୍ତରାୟଣ ଧ୍ରୁବମେରୁ, ଯେଉଁଠାରେ ସୂର୍ଯାଲୋକ ଛଅମାସ ପର୍ଯ୍ୟନ୍ତ ପଡିଥାଏ, ତାହାରି ଆଗକୁ ସମ୍ବତ୍ସର, ଆଦିତ୍ୟ, ଚନ୍ଦ୍ରମା, ବିଦ୍ୟୁତ୍ ଆଦି ଲୋକ ବିଦ୍ୟମାନ । ଉଜ୍ଜଳ ମାର୍ଗରେ ଯିବାକୁ ଥିବା ସୂକ୍ଷ୍ମ ଶରୀର ସର୍ବ ପ୍ରଥମେ ସମୁଦ୍ର ସମେତ ଭୂଲୋକରେ ବ୍ୟାପ୍ତ ରହିଥିବା ପ୍ରକାଶମୟ ଜ୍ୟୋତି ସ୍ୱରୂପ ଅଗ୍ନି ଦେବତାଙ୍କ ଅଧିକାରକୁ ଆସିଥାଏ । ଅଗ୍ନି ଦେବତା ତାଙ୍କରି ଅଧିକାର କ୍ଷେତ୍ର ସୀମାରେ ସମ୍ବନ୍ଧିତ ଦିନ ଅଭିମାନୀ ଦେବତାଙ୍କୁ ସମର୍ପିଥାଆନ୍ତି । ଜୀବର ସୂକ୍ଷ୍ମ ଶରୀର କ୍ରମାନ୍ୱୟରେ ରହିଥିବା ପ୍ରକାଶମୟ ପରିବାହିକ ଅଭିମାନୀ ଦେବତାଙ୍କ ସହାୟତାରେ ଗମନକରି ବିଦ୍ୟୁତ୍ ଲୋକରେ ପ୍ରବିଷ୍ଟ କରିଥାଏ । ଉଜ୍ଜଳ ମାର୍ଗରେ ରହିଥିବା ଚନ୍ଦ୍ରମା ହେଉଛି ସୂର୍ଯ୍ୟଙ୍କ ଉପରକୁ ରହିଥିବା ପରମେଷ୍ଠୀ ମଣ୍ଡଳ ଯେଉଁଠାରୁ ସୋମ(ଅମୃତ)ରସ ପୃଥ୍ୱୀ ନିକଟରେ ରହିଥିବା ଚନ୍ଦ୍ରଙ୍କୁ ମିଳିଥାଏ । ସୋମ ପ୍ରଧାନ ହେବା କାରଣରୁ ଶ୍ରୁତିରେ ଉଭୟଙ୍କୁ ଚନ୍ଦ୍ର ଶବ୍ଦ ଦ୍ୱାରା ଅଭିହିତ କରାଯାଇଛି । ସୂକ୍ଷ୍ମ ଶରୀର ବିଦ୍ୟୁତ ଲୋକରେ ପହଞ୍ଚିବାପରେ ସେହିଠାରୁ ଜଣେ ଅମାନବ (ମାନସ ପୁରୁଷ) ବ୍ରହ୍ମଲୋକରେ ନେଇ ପହଞ୍ଚାଇଥାଏ । ବ୍ରହ୍ମଲୋକରେ ବ୍ରହ୍ମାଙ୍କ ଆୟୁ ସମାପ୍ତ ପର୍ଯ୍ୟନ୍ତ ନିବାସକରି ପ୍ରଳୟ କାଳରେ ବ୍ରହ୍ମରେ ଲୀନ ହୋଇଥାନ୍ତି । 'ବ୍ରହ୍ମ ବିଦଃ' ଶବ୍ଦଦ୍ୱାରା ଜ୍ଞାନଯୋଗରେ ପୂର୍ଣ୍ଣତାପ୍ରାପ୍ତ କରିପାରି ନ ଥିବା ଅପରିପକ୍ୱ ବ୍ରହ୍ମବେତ୍ତା ମାନଙ୍କୁ ଦର୍ଶାଯାଇଛି, ଯେଉଁମାନେ ଶୁକ୍ଳମାର୍ଗରେ ଯାଇ ବ୍ରହ୍ମ ଲୋକରେ କ୍ରମମୁକ୍ତି ପ୍ରାପ୍ତ କରିଥାନ୍ତି । ପରିପକ୍ୱ ପୂର୍ଣ୍ଣତା ପ୍ରାପ୍ତ ଜ୍ଞାନବତ୍ତାଙ୍କ ସମ୍ବନ୍ଧରେ ଶ୍ରୁତି ସ୍ୱଷ୍ଟ କହିଅଛି କି, ଯେଉଁ ଜ୍ଞାନୀ ପୁରୁଷଙ୍କ ବ୍ରହ୍ମ ଓ ଆତ୍ମାର ଏକତ୍ୱର ପୂର୍ଣ୍ଣ ସାକ୍ଷାତ୍କାର ଦିବ୍ୟ ଜାଗୃତ ହୋଇ ରହିଥାଏ, ତାହାଙ୍କୁ ବ୍ରହ୍ମପ୍ରାପ୍ତି ନିମନ୍ତେ ଅନ୍ୟ କୌଣସି ଲୋକକୁ ଯିବାକୁ ପଡି ନ ଥାଏ । ସେହି ବ୍ରହ୍ମବେତ୍ତାଙ୍କ ନିମନ୍ତେ ଜୀବିତ ଅବସ୍ଥାରେ ବା ମୃତ୍ୟୁପରେ ସମସ୍ତ ଦିଗରୁ ନିର୍ବାଣ ବ୍ରହ୍ମ ପରିପୂର୍ଣ୍ଣ । 'ଅଭିତୋ ବ୍ରହ୍ମ ନିର୍ବାଣଂ ବର୍ତ୍ତନ୍ତେ (ଗୀତା-୫/୨୬)' - ବ୍ରହ୍ମ ନିର୍ବାଣ ରୂପକ ମୋକ୍ଷ ଜୀବନ ମୁକ୍ତ ସ୍ଥିତିରେ ବର୍ତ୍ତମାନ ହିଁ ସେହି ବ୍ରହ୍ମବେତ୍ତାଙ୍କୁ ପ୍ରାପ୍ତ ହୋଇ ରହିଥାଏ ଏବଂ ଶରୀର ତ୍ୟାଗରେ ପ୍ରାଣ ଏହିଠାରେ ହିଁ ବ୍ୟାପକ ରୂପ ହୋଇଯାଏ

। ଅଗ୍ନିଙ୍କ ଜ୍ୟୋତି ଅଂଶକୁ ବାଦ ଦେଲେ, ଧୂମ ଅଂଶରେ ରହିଥିବା ଧୂମାଧିପତି ଦେବତା କୃଷ୍ଣମାର୍ଗରେ ଯାଉଥିବା ସୂକ୍ଷ୍ମ ଶରୀରକୁ ନିଜ ସୀମାରୁ ପାର କରାଇ ରାତ୍ରିର ଅଧିପତି ଦେବତାଙ୍କ ଅଧୀନ କରାଇଥାନ୍ତି । ତାହାପରେ ସୂକ୍ଷ୍ମ ଶରୀର କୃଷ୍ଣପକ୍ଷ, ଦକ୍ଷିଣାୟନ, ପିତୃଲୋକ, ଅବକାଶ ଆକାଶ, ପ୍ରଭୃତି ଅଭିମାନୀ ଦେବତାଙ୍କ ସୀମା ପାର ହୋଇ ଚନ୍ଦ୍ର ଜ୍ୟୋତି ପ୍ରାପ୍ତ ହୁଅନ୍ତି । ସେହି ସ୍ଥାନରେ ଅପୂର୍ଣ୍ଣ ରହିଥିବା ସମସ୍ତ କାମନା ଭୋଗ ହୋଇ ପୁଣ୍ୟ କ୍ଷୀଣ କାଳରେ ପୁଣି ମୃତ୍ୟୁ ଲୋକକୁ ଲେଉଟି ଆସନ୍ତି । ସଂସାରରେ ଜନ୍ମ-ମରଣର ଯେତେ ମାର୍ଗ ରହିଛି, କୃଷ୍ଣ ମାର୍ଗ ଊର୍ଦ୍ଧ୍ୱ ଗତି କାରଣରୁ ସେହି ସମସ୍ତଙ୍କ ଅପେକ୍ଷା ଶ୍ରେଷ୍ଠ । କୃଷ୍ଣ ମାର୍ଗରୁ ଲେଉଟିଲା ବେଳେ ସୂକ୍ଷ୍ମ ଶରୀର ଚନ୍ଦ୍ରମଣ୍ଡଳ ଓ ପିତୃଲୋକର ମଧ୍ୟରେ ରହିଥିବା ଅବକାଶ ଆକାଶକୁ ପ୍ରଥମେ ଆସିଥାଏ । ସେଠାରେ ବାୟୁର ଅଧୀନ ହୋଇ ମେଘ ମଧ୍ୟରେ ପ୍ରବେଶ କରି, ବର୍ଷାଦ୍ୱାରା ଭୂମଣ୍ଡଳକୁ ଆସି ଅନ୍ନ ଭିତରେ ପ୍ରବେଶ କରେ । ସେହି ଅନ୍ନ, କର୍ମଫଳ ଅନୁସାରେ ଯେଉଁ ଯୋନି ପ୍ରାପ୍ତ ହେବାର ଥାଏ, ସେହି ନିର୍ଦ୍ଦିଷ୍ଟ ଯୋନିର ପୁରୁଷ ଶରୀରରେ ପ୍ରବେଶ କରି ସ୍ତ୍ରୀ ଗର୍ଭକୁ ଯାଇ ଜୀବ ରୂପରେ ଭୂମିଷ୍ଠ ହୁଏ । ଏହି ପ୍ରକାର ଜନ୍ମ-ମରଣ ଚକ୍ରରେ ଜୀବ ଘୂରିବୁଲେ ।

ଶୁକ୍ଳ କୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ ।
ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତ୍ତତେ ପୁନଃ ॥୨୬॥

*ଅନ୍ୱୟ: ଜଗତଃ (ଜଗତରେ) ଶୁକ୍ଳକୃଷ୍ଣେ (ଉଜ୍ଜଳ ଏବଂ ଅନ୍ଧାର ଅର୍ଥାତ୍ ଦେବଯାନ ବା ପିତୃଯାନ) ଏତେ ହି ( ଏହି ଦୁଇଟି) ଗତୀ (ମାର୍ଗକୁ) ସନାତନ (ଅନାଦି କାଳରୁ) ମତେ (ମାନି ନିଆଯାଇଛି) ଏକୟା (ଗୋଟିଏ ମାର୍ଗଦ୍ୱାରା) ଅନାବୃତ୍ତିଂ (ଅପୁନରାବୃତ୍ତି-ମୋକ୍ଷ) ଯାତି (ପ୍ରାପ୍ତ ହୁଅନ୍ତି) ଅନ୍ୟୟା (ଅନ୍ୟ ମାର୍ଗ ଦ୍ୱାରା ଗମନ କଲେ) ପୁନଃ (ପୁନର୍ବାର) ଆବର୍ତ୍ତତେ (ପ୍ରତ୍ୟାବର୍ତ୍ତନ କରିଥାନ୍ତି) /*

**ଭାବାର୍ଥ**: ଗୋଟିଏ ଶୁକ୍ଳ ମାର୍ଗ ଏବଂ ଅନ୍ୟଟି କୃଷ୍ଣ ମାର୍ଗ :- ଏହି ଦୁଇ ମାର୍ଗ ଜଗତର ଶାଶ୍ୱତ ମାର୍ଗ ଅର୍ଥାତ୍ କେଉଁ ଅନାଦି କାଳରୁ ଏହା ଚାଲି ଆସିଛି । ଜଗତର ସକଳ ପ୍ରାଣୀଙ୍କ ଏହି ଦୁଇ ମାର୍ଗରେ ଆରୂଢ ହେବାର ଅଧିକାର ରହିଛି । ପ୍ରତ୍ୟେକ ଜୀବ ନିମନ୍ତେ ଦିନେ ନା ଦିନେ ଏହି ମାର୍ଗ ଦ୍ୱୟରେ ଗମନ କରିବାର ସମୟ ଆସିଥାଏ । କାରଣ ସାଧନ କେବେ ବ୍ୟର୍ଥ ଯାଇ ନ ଥାଏ । ଯିଏ ପ୍ରକାଶମୟ ଦେବଯାନ ମାର୍ଗରେ ଗମନକରେ, ସେ ଲେଉଟି ନ ଆସି ପରମଗତିକୁ ପ୍ରାପ୍ତହୁଏ । ସମତା ପ୍ରାପ୍ତ ହୋଇ ନ ଥିବା କର୍ମଯୋଗ ସାଧକ ଅନ୍ୟ ପିତୃଯାନ ମାର୍ଗରେ ଗମନକରି ଚନ୍ଦ୍ରଲୋକ ପ୍ରାପ୍ତହୋଇ ପୁନଃ ଲେଉଟି ଆସିଥାଏ । ସ୍ୱାମୀ ଅଡ଼ଗାନନ୍ଦଜୀ 'ଯଥାର୍ଥ ଗୀତା' ରେ ବ୍ୟାଖ୍ୟା କରିଛନ୍ତି କି, ଯେଉଁ କାଳରେ ଜ୍ୟୋତିର୍ମୟ ଅଗ୍ନି ପ୍ରଜ୍ୱଳିତ ହୋଇଥାନ୍ତି, ଦିବ୍ୟ ପ୍ରକାଶ ପ୍ରତିଫଳିତ ହୋଇଥାନ୍ତି, ସୂର୍ଯ୍ୟଙ୍କ ତେଜ ଚମକୁଥାଏ, ଶୁକ୍ଳପକ୍ଷର ଚନ୍ଦ୍ର ବଢ଼ି ଚାଲିଥାନ୍ତି, ଉତ୍ତରାଣୟର ଶୂନ୍ୟ ନିର୍ମଳ ଆକାଶ ରହିଥାଏ, ସେହି କାଳରେ ପ୍ରୟାଣ କରିଥିବା ବ୍ରହ୍ମବେତ୍ତା ଯୋଗୀଜନ ବ୍ରହ୍ମାକୁ ପ୍ରାପ୍ତ ହୁଅନ୍ତି । ଅଗ୍ନି ବ୍ରହ୍ମ ତେଜର ପ୍ରତୀକ, ଦିନ ବିଦ୍ୟାର ପରିପ୍ରକାଶ ଏବଂ ଶୁକ୍ଳପକ୍ଷ ନିର୍ମଳତାର ସୂଚକ । ବିବେକ, ବୈରାଗ୍ୟ, ଶମ, ଦମ, ତେଜ ଓ ପ୍ରଜ୍ଞା ଏହି ଷଡ ଐଶ୍ୱର୍ଯ୍ୟ ହେଉଛନ୍ତି ଷଣ୍ମାସା । ଊର୍ଦ୍ଧ୍ୱରେ ସୂକ୍ଷ୍ମ ଶରୀରର ସ୍ଥିତି ହେଉଛି ଉତ୍ତରାୟଣ । ପ୍ରକୃତିଠାରୁ ସର୍ବଦା ଶ୍ରେଷ୍ଠ ଏହି ଅବସ୍ଥାରେ ପ୍ରୟାଣ

ପ୍ରାପ୍ତ ହୋଇଥିବା ଯୋଗୀଜନ ବ୍ରହ୍ମକୁ ପ୍ରାପ୍ତହୋଇ ପୁନର୍ଜନ୍ମ ଲାଭ କରି ନ ଥାନ୍ତି । ଯେଉଁ କାଳରେ ଜ୍ୟୋତିର୍ମୟ ଅଗ୍ନି ଧୂଆଁଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ, ଅବିଦ୍ୟାର ରାତ୍ରି ଅନ୍ଧକାରମୟ ହୋଇଥାଏ, କୃଷ୍ଣପକ୍ଷର ଚନ୍ଦ୍ରମା ଯାହା କାଳିମାର ବାହୁଲ୍ୟ କ୍ଷୀଣ ହୋଇ ଯାଉଥାନ୍ତି, ସେହି କାଳରେ ପ୍ରୟାଣ ଯାଇଥିବା ଯୋଗୀଜନ ଷଣ୍ମାସା; -କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ଆଦି ଷଡବିକାର ବିଶିଷ୍ଟ ଦକ୍ଷିଣାୟଣ ଗମନକରି ଚନ୍ଦ୍ରଲୋକ ପର୍ଯ୍ୟନ୍ତ ପହଞ୍ଚି ସାଧନାର ଅପୂର୍ଣ୍ଣତା କାରଣରୁ ପୁନର୍ଜନ୍ମ ପ୍ରାପ୍ତ ହୋଇ ମର୍ତ୍ତ୍ୟଲୋକକୁ ଫେରିଆସି ଥାଆନ୍ତି ।

ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।
ତସ୍ମାତ୍ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ ॥୨୭॥

*ଅନ୍ୱୟ: ପାର୍ଥ (ହେ ପାର୍ଥ!) ଏତେ (ଏହି ଦୁଇ) ସୃତୀ (ଶୁକ୍ଳ ଓ କୃଷ୍ଣ ମାର୍ଗ ଦ୍ୱୟକୁ) ଜାନନ୍ (ତତ୍ତ୍ୱକୁ ଭଲଭାବରେ ବୁଝିନେଇ) କଶ୍ଚନ (କେହି ହେଲେ) ଯୋଗୀ (ମୋକ୍ଷ ଆକାଙ୍କ୍ଷା ରଖିଥିବା ସାଧକ) ନ ମୁହ୍ୟତି (ଭୋଗାସକ୍ତିରେ ମୋହିତ ହୁଅନ୍ତି ନାହିଁ)। ତସ୍ମାତ୍ (ତେଣୁ ) ଅର୍ଜୁନ (ହେ ଅର୍ଜୁନ!) ସର୍ବେଷୁ କାଳେଷୁ (ସର୍ବଦା-ନିରନ୍ତର) ଯୋଗଯୁକ୍ତ (ଭଗବତ୍ ପ୍ରାପ୍ତି ଲକ୍ଷ୍ୟରେ ସାଧନ ରତ-ସମତାରେ ସ୍ଥିତ) ଭବ (ରୁହ) ।*

**ଭାବାର୍ଥ** : ପୂର୍ବ ଶ୍ଳୋକରେ ଭଗବାନ କହିଥିବା ଶୁକ୍ଳ ଓ କୃଷ୍ଣ ମାର୍ଗର ତତ୍ତ୍ୱ ଉତ୍ତମ ରୂପରେ ବୁଝି, ମୋକ୍ଷ ଅଭିଳାଷୀ ସାଧକ ଇହଲୋକ, ପରଲୋକର ଭୋଗ ଐଶ୍ୱର୍ଯ୍ୟପ୍ରତି ଆସକ୍ତ ହୋଇ ନ ଥାନ୍ତି । ସେହି ଯୋଗ ସାଧକ, କର୍ମ ଉପାସନା ଓ କର୍ତ୍ତୃତ୍ୱାଭିମାନକୁ ତ୍ୟାଗକରି ଅନନ୍ୟ ଯୋଗ ସାଧନାରେ ଶୁକ୍ଳମାର୍ଗରେ ପରମ ଧାମକୁ ପ୍ରାପ୍ତ ହୋଇଥାନ୍ତି । ଏହି ଦୁଇ ମାର୍ଗର ପରମାର୍ଥ ତତ୍ତ୍ୱକୁ ବୁଝିପାରୁ ନ ଥିବା ସାଧକ ସ୍ୱଭାବ ବଶତଃ ଭୋଗ ଐଶ୍ୱର୍ଯ୍ୟ ପ୍ରତି ଆସକ୍ତ ହୋଇ ସାଧନ ମାର୍ଗରୁ ଭ୍ରଷ୍ଟ ହୋଇଥାନ୍ତି । ତେଣୁ ହେ ଅର୍ଜୁନ ! ତୁମ୍ଭେ ମଧ୍ୟ ସଦା ସର୍ବଦା ଯୋଗଯୁକ୍ତ ହୋଇଯାଅ ଅର୍ଥାତ୍ ମୋରି(ପରମେଶ୍ୱରଙ୍କ) ପ୍ରୀତି ନିମନ୍ତେ ନିରନ୍ତର ଭକ୍ତି ପ୍ରଧାନ କର୍ମଯୋଗରେ ଶ୍ରଦ୍ଧା ପୂର୍ବକ ତତ୍ପର ରୁହ । 'ସର୍ବେଷୁ କାଳେଷୁ' କହିବାର ତାତ୍ପର୍ଯ୍ୟ ହେଲା, ମନୁଷ୍ୟ ଜୀବନ କ୍ଷଣଭଙ୍ଗୁର । ତେଣୁ ମୁହୂର୍ତ୍ତେ ମଧ୍ୟ ଭଗବାନଙ୍କ ସ୍ମରଣରୁ ବିରତ ନ ହୋଇ, ଅବିଚଳିତ ଚିତ୍ତରେ ପରମାତ୍ମା ପ୍ରାପ୍ତିର ପ୍ରଯତ୍ନ କରିବାକୁ ଭଗବାନ କହୁଛନ୍ତି । ସାଧନାରତ ନ ହୋଇ ମୃତ୍ୟୁବରଣ କଲେ, ଯୋଗଭ୍ରଷ୍ଟ ରୂପରେ ପୁଣି ଜନ୍ମ ନେବାକୁ ପଡେ । ମହାତ୍ମାଗାନ୍ଧୀଙ୍କ ଟୀକାନୁସାରେ ଉତ୍ତମ ଯୋଗୀ ପୁରୁଷ ଶୁକ୍ଳ ଓ କୃଷ୍ଣ ମାର୍ଗର ତତ୍ତ୍ୱକୁ ବୁଝି, କୃଷ୍ଣ ମାର୍ଗକୁ ଗମନ କରିବାର ଇଚ୍ଛା କରି ନ ଥାଏ । ସେ ବୁଝିପାରିଥାଏ କି, ନିଷ୍କାମ ଭକ୍ତି ହେଉଛି ସର୍ବୋତ୍ତମ ଭକ୍ତି । ଯାହାର ହୃଦୟ ଭଗବତ୍ ବିଶ୍ୱାସ ଏବଂ ନିଃସ୍ୱାର୍ଥ ପ୍ରେମରେ ପରିପୂର୍ଣ୍ଣ, ଭଗବାନଙ୍କଠାରୁ ପ୍ରାପ୍ତି ନିମନ୍ତେ ତାହାର କିଛି ମାଗିବାକୁ ବାକି ରହି ନ ଥାଏ । ବଞ୍ଚି ରହିବାକୁ ମଧ୍ୟ ଭଗବାନଙ୍କ ଦୟାବୋଲି ମାନି ନିଜର ସର୍ବସ୍ୱ ଭଗବାନଙ୍କୁ ଅର୍ପଣ କରିଦେଇଥାଏ । ସେ' ସ୍ୱୀକାର କରିଥାଏ କି, "ଯାହା ସବୁ ମୋର ପ୍ରତୀୟମାନ, ତାହା ସବୁ ତୁମ୍ଭର"। ଏହି ନିଷ୍କାମ ଅନାସକ୍ତ ବୁଦ୍ଧିଯୁକ୍ତ ଭକ୍ତି ହେଉଛି ଆଲୋକ, ଜ୍ୟୋତି, ଶୁକ୍ଳ, ଉତ୍ତରାୟଣ ଇତ୍ୟାଦି । ରାମକୃଷ୍ଣ ପରମହଂସଙ୍କ ଉକ୍ତି ଅନୁଯାୟୀ, ସମୁଦ୍ରରେ

ଗତି କରୁଥିବା ଜାହାଜରେ ଲାଗିଥିବା ଦିଗ ନିର୍ଣ୍ଣୟ ଯନ୍ତ୍ରର ସୂଚୀ ଅଗ୍ର ସର୍ବଦା ଉତ୍ତରଦିଗକୁ ରହୁଥିଲାଭଳି, ଉତ୍ତମ ଯୋଗୀର ଲକ୍ଷ୍ୟ ସବୁକାଳରେ, ସବୁ ଅବସ୍ଥାରେ ଈଶ୍ୱରାଭିମୁଖୀ ହୋଇ ରହିଥାଏ । ଶ୍ଳୋକରେ କୁହାଯାଇଥିବା 'ମୋହିତ' ଶବ୍ଦକୁ କେହି କେହି ଟୀକାକାର ଏପରି ଅର୍ଥ କରିଛନ୍ତି କି, ଏହି ଦୁଇ ମାର୍ଗର ତତ୍ତ୍ୱକୁ ବୁଝି ସାଧକ କୌଣସି ହେଲେ ମାର୍ଗରେ ଗମନ କରିବାର ଅଭିଷ୍ଟ ରଖି ନଥାଏ । ଯୋଗ ସିଦ୍ଧପୁରୁଷ ନିଜର ମୋକ୍ଷ ପ୍ରାପ୍ତି ନିମନ୍ତେ ଆସକ୍ତ ନ ହୋଇ, ଆତ୍ମଚେତନରେ ସ୍ଥିତରହି ପରମାତ୍ମାଙ୍କ ଭଜନରେ ନିରନ୍ତର ଅବିଛିନ୍ନ ଭାବରେ ଲାଗିରହିଥାଏ । ପରମାତ୍ମା ସାକ୍ଷାତ୍କାର କରିଥିବା ବ୍ରହ୍ମନିଷ୍ଠ ସ୍ଥିତପ୍ରଜ୍ଞ ପୁରୁଷ ଜୀବିତାବସ୍ଥାରେ ହିଁ ମୋକ୍ଷପ୍ରାପ୍ତ ହୋଇ ଜୀବନମୁକ୍ତ ସ୍ଥିତିରେ ରହେ ।

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍ ।
ଅତ୍ୟେତି ତତ୍ସର୍ବମିଦଂ ବିଦିତ୍ୱା ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ॥ ୨୮॥

*ଅନ୍ୱୟ: ଯୋଗୀ (ମୁମୁକ୍ଷୁ -ଯୋଗଯୁକ୍ତ ସାଧକ) ଇଦମ୍ (ଏହାକୁ-ଅର୍ଥାତ୍ ଅଧ୍ୟାୟର ଆରମ୍ଭରେ ଅର୍ଜୁନ ପଚାରିଥିବା ସାତଟି ପ୍ରଶ୍ନର ଭଗବାନ କହିଥିବା ନିର୍ଣ୍ଣୟରୂପକ ତତ୍ତ୍ୱକୁ) ବିଦିତ୍ୱା (ଭଲଭାବରେ ବୁଝିପାରି) ବେଦେଷୁ (ସମୁଦାୟ ବେଦ ପାଠରେ) ଯଜ୍ଞେଷୁ (ସମସ୍ତ ଯଜ୍ଞ ଅନୁଷ୍ଠାନରେ) ତପଃସୁ (ଭିନ୍ନ ଭିନ୍ନ ତପସ୍ୟା ଅନୁଷ୍ଠାନରେ) ଦାନେଷୁ ଚ ଏବ (ସମସ୍ତ ପ୍ରକାର ଦାନାଦି କର୍ମରେ) ଯତ୍ (ଯେଉଁ) ପୁଣ୍ୟଫଳଂ (ପୁଣ୍ୟଫଳ) ପ୍ରଦିଷ୍ଟମ୍ (ଶାସ୍ତ୍ରରେ ବତାଯାଇଛି) ତତ୍ ସର୍ବଂ (ସେହି ସମସ୍ତ କର୍ମଫଳକୁ) ଅତ୍ୟେତି (ଅତିକ୍ରମ କରନ୍ତି) ଚ (ଏବଂ) ଆଦ୍ୟମ୍ (ସୃଷ୍ଟିର ମୂଳଭୂତ-ଆଦିକାରଣ) ପରଂ (ଉତ୍କୃଷ୍ଟ) ସ୍ଥାନଂ ( ବିଷ୍ଣୁଙ୍କ ପରମ ପାଦକୁ) ଉପୈତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ:** ଏହି ଅଧ୍ୟାୟର ଆରମ୍ଭରେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ ସାତଗୋଟି ପ୍ରଶ୍ନ କରିଥିଲେ କି, ହେ ଭଗବନ୍ ! ଆପଣ କହୁଥିବା ସେହି ବ୍ରହ୍ମ କଣ ? ସେହି ଅଧ୍ୟାତ୍ମ କଣ ? ସେହି ସମ୍ପୂର୍ଣ୍ଣ କର୍ମ କଣ ? ଅଧିଦୈବ, ଅଧିଭୂତ ଏବଂ ଅଧିଯଜ୍ଞ କଣ ? ଏବଂ ଅନ୍ତକାଳରେ ଆପଣ(ପରମେଶ୍ୱର) କିପରି ଭାବରେ ଯୋଗୀ ଜନ ସ୍ମରଣରେ ଆସିଥାନ୍ତି, ଯାହା କେବେ ମଧ୍ୟ ବିସ୍ମୃତ ହୋଇ ନ ଥାଏ । ଏହି ସମସ୍ତ ପ୍ରଶ୍ନର ନିର୍ଣ୍ଣୟ ରୂପକ ତତ୍ତ୍ୱକୁ ବୁଝାଇବାକୁ ଯାଇ ଯୋଗେଶ୍ୱର ଶ୍ରୀ କୃଷ୍ଣ କହିଛନ୍ତି କି, ଯାହାର ବିନାଶ ହୋଇ ନ ଥାଏ ତାହା ପରବ୍ରହ୍ମ । ନିଜକୁ ଉପଲବ୍ଧ ହେଉଥିବା ପରମଭାବ ହିଁ ଅଧ୍ୟାତ୍ମ । ଅନ୍ୟ ଅର୍ଥରେ ଜୀବ ମାୟାର ଅଧିପତ୍ୟରୁ ବାହାରିଆସି ଆତ୍ମାର ଅଧିପତ୍ୟରେ ସ୍ଥିତ ରହିବା ହେଉଛି 'ଅଧ୍ୟାତ୍ମ' । ଯେଉଁ ଭାବ ଦ୍ୱାରା ଅନ୍ତଃକରଣରେ ଶୁଭ ଅଶୁଭ ସଂସ୍କାର ଉତ୍ପନ୍ନ ହୋଇଥାଏ, ସେହି ଭାବ ସମୂହର ଅନ୍ତ ଅର୍ଥାତ୍ ବିଲୁପ୍ତ-'ବିସର୍ଗଃ' କର୍ମର ସମ୍ପୂର୍ଣ୍ଣତା ଅଟେ । ଏହାର ଆଗକୁ କର୍ମର ଆଉ ଆବଶ୍ୟକତା ରହି ନ ଥାଏ ଅର୍ଥାତ୍ କର୍ମ ହେଉଛି ତାହା, ଯାହା ସଂସ୍କାର ଉଦ୍ଗମର ଅନ୍ତ ଘଟାଇଥାଏ । ବିନାଶତ୍ୱ ହେଉଛି ଅଧିଭୂତ । ନଷ୍ଟ ହୋଇଯିବା ତତ୍ତ୍ୱ ହିଁ ଭୂତ ଉତ୍ପନ୍ନର ମାଧ୍ୟମ ଏବଂ ଏଥିରେ ଅଧିଷ୍ଠାତା । ପରମପୁରୁଷ ହେଉଛନ୍ତି ଅଧିଦୈବ ଯେଉଁଥିରେ ଦୈବୀ ସମ୍ପଦ ବିଲୀନ ହୋଇଥାଏ । 'ମୁଁ' (ପରମେଶ୍ୱର)ହିଁ ଶରୀର ମଧ୍ୟରେ ଅଧିଯଜ୍ଞ, ଯେଉଁଥିରେ ଶରୀରର ସମସ୍ତ କ୍ରିୟାରୂପକ ଯଜ୍ଞ ବିଲୟ ହୋଇଥାଏ । ଯଜ୍ଞର ଅଧିଷ୍ଠାତା ରୂପରେ ଶରୀର ଧରେ ପରମେଶ୍ୱର ବିଦ୍ୟମାନ । ଅନ୍ତିମ ପ୍ରଶ୍ନର ଉତ୍ତରରେ ଭଗବାନ କହିଛନ୍ତି; - ବିଷୟ ଚିନ୍ତନରୁ ସର୍ବଦା ନିବୃତ୍ତ ରହି ଯେ' ମୋର ନିରନ୍ତର

ସ୍ମରଣ କରିଥାଏ ଏବଂ ଶରୀର ତ୍ୟାଗ କାଳରେ ମୋତେ ବିସ୍ମରଣ ହୋଇ ନ ଥାଏ, ସେ ମୋର ସାକ୍ଷାତ୍ ସ୍ୱରୂପକୁ ପ୍ରାପ୍ତହୁଏ । ନିତ୍ୟ ସ୍ମରଣରେ ଚିତ୍ତ ନିରୁଦ୍ଧ ଅବସ୍ଥାରେ ରହି ଅନ୍ତକାଳରେ ମୋର ସ୍ୱରୂପରେ ମନର ବିଲୟ ଘଟିଲେ, ପୁନଃ ଶରୀର ଉତ୍ପତ୍ତିର ମାଧ୍ୟମ ଶାନ୍ତ ହୋଇ ଯାଇଥାଏ । ସେହି କାଳରେ ଜୀବ ପରମ ଭାବରେ ପ୍ରବିଷ୍ଟ ହୋଇ ପୁନର୍ଜନ୍ମ ପ୍ରାପ୍ତ କରି ନ ଥାଏ । ଅଧ୍ୟାୟର ଶେଷ ଶ୍ଳୋକରେ ଯୋଗର ମହାତ୍ମ ଭଗବାନ କହିଥିବାରୁ ଏହା ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ଭଗବାନଙ୍କ ସମଗ୍ର ସ୍ୱରୂପ ସମ୍ବନ୍ଧ ସାରାଂଶର ସମାହାର ଯାହା ବିଶେଷ ଭାବପୂର୍ଣ୍ଣ । ବେଦ ଅଧ୍ୟୟନ, ଯଜ୍ଞାନୁଷ୍ଠାନ, ବିଶେଷ କ୍ଳେଶ ସହିତ ତୀବ୍ର ତପସ୍ୟା ଓ ସର୍ବବିଧ ଅନୁଷ୍ଠାନ କଲେ ଅଥବା ଏହି ସମସ୍ତ କର୍ମ ମିଳିତ ଭାବରେ ଅନୁଷ୍ଠିତ ହେଲେ, ଫଳ ସ୍ୱରୂପ ସ୍ୱର୍ଗାଦି ଲୋକର ସୁଖପ୍ରାପ୍ତି ହୁଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଅଛି । ଭଗବାନ କହିଥିବା ଏହି ସମସ୍ତ ନିର୍ଣ୍ଣୟାତ୍ମକ ତତ୍ତ୍ୱକୁ ବୁଝିପାରି ଯୋଗୀ ସେହି ସମସ୍ତ କର୍ମଫଳ ଅତିକ୍ରମ କରିଯାଆନ୍ତି ଅର୍ଥାତ୍ ସମସ୍ତ ଭୋଗ ଐଶ୍ୱର୍ଯ୍ୟ ପ୍ରତି ଆସକ୍ତ ହୋଇ ବାରମ୍ବାର ଜନ୍ମ ଗ୍ରହଣ କରି ନ ଥାନ୍ତି । ଯୋଗନିଷ୍ଠ ହୋଇ ସାଧନର ପୂର୍ଣ୍ଣତାରେ ସେହି ଅନାଦି ସର୍ବୋତ୍କୃଷ୍ଟ, ସମସ୍ତ ଭୂତର ମହାକାରଣ, ବ୍ରହ୍ମସ୍ୱରୂପକୁ ପ୍ରାପ୍ତ ହୋଇଥାନ୍ତି । ଆର୍ଯ୍ୟ ସଂସ୍କୃତିରେ ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥ ଏବଂ ପରିଶେଷରେ ସନ୍ନ୍ୟାସ ଆଶ୍ରମରେ ରହି ଜୀବନରେ ପୂର୍ଣ୍ଣତା ପ୍ରାପ୍ତିର ସ୍ତରକୁ ଉନ୍ନୀତ ହେବାର ବିଧାନ ଶାସ୍ତ୍ରରେ ବତାଯାଇଛି । କର୍ମଯୋଗ ଧାରାରେ କିଶୋର ଅବସ୍ଥାରେ ନିଜକୁ ଚରିତ୍ରବାନ୍ ରୂପେ ଗଢିବା ଲକ୍ଷ୍ୟରେ ଗୁରୁଙ୍କଠାରୁ ଶିଷ୍ୟତ୍ୱ ପ୍ରାପ୍ତକରି, ବ୍ରହ୍ମଚାରୀ ବ୍ରତ ଆଚରଣ କରି ବେଦ, ଶାସ୍ତ୍ର ଆଦି ଅଧ୍ୟୟନ କରି ସାଧନାରତ ହେବାକୁ ପଡେ । ପରବର୍ତ୍ତୀ ଅବସ୍ଥାରେ ଗୁରୁଙ୍କଠାରୁ ଅନୁମତିପ୍ରାପ୍ତ ହୋଇ ବିବାହ କରି ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ହୁଏ । ଗୃହସ୍ଥାଶ୍ରମରେ କର୍ତ୍ତବ୍ୟନିଷ୍ଠା, ତଥା ସେବା, ଦାନ ଆଦିରୂପରେ ବିଭିନ୍ନ ଯଜ୍ଞାନୁଷ୍ଠାନ କରିବାକୁ ହୁଏ । ଗୃହସ୍ଥାଶ୍ରମରୁ ବିଦାୟନେଇ ବାନପ୍ରସ୍ଥ କାଳରେ ସମସ୍ତ ସାଂସାରିକ ପରିବେଶକୁ ତ୍ୟାଗକରି, ଶାରୀରିକ ତପ ଆଚରଣ କରିବାକୁ ପଡେ । ତତ୍ ପଶ୍ଚାତ୍ ସନ୍ନ୍ୟାସ ଦୀକ୍ଷା ନେଇ ପରମପୁରୁଷ ପରମାତ୍ମାଙ୍କ ଭଜନ କରି ସମତା ଅର୍ଥାତ୍ ମୋକ୍ଷପ୍ରାପ୍ତ ନିମିତ୍ତ ପ୍ରଯତ୍ନ କରିବାକୁ ହୁଏ । ବ୍ରହ୍ମଚାରୀ ବ୍ରତଠାରୁ ଆରମ୍ଭ କରି, ସନ୍ନ୍ୟାସ ଦୀକ୍ଷା ପର୍ଯ୍ୟନ୍ତ ବେଦ ଅଧ୍ୟୟନ, ସମସ୍ତ ତପ, ଦାନ ତଥା ଯଜ୍ଞ ଆଦିର ଫଳକୁ ଅତିକ୍ରମ କରିଯାଇ ପରମାତ୍ମାଙ୍କ ସମତା ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । 'ଅତ୍ୟେତି' ଅର୍ଥାତ୍ ଅତିକ୍ରମ ଶବ୍ଦକୁ ଭିନ୍ନ ଭିନ୍ନ ଟୀକାକାର ଭିନ୍ନ ଭିନ୍ନ ଭାବରେ ଅର୍ଥ କରିଛନ୍ତି । ଭଗବାନଙ୍କ ଅବିଦିତ ତତ୍ତ୍ୱକୁ ଜାଣିବା ନିମନ୍ତେ ଦର୍ଶାଯାଇଥିବା ମାର୍ଗ ହେଉଛି ବେଦ । ଭଗବାନଙ୍କ ସମଗ୍ର ସ୍ୱରୂପ ତତ୍ତ୍ୱ ବୁଝିଗଲା ପରେ ସାକ୍ଷାତ୍କାର ପ୍ରାପ୍ତ ପୁରୁଷ ପରମାତ୍ମାଙ୍କ ସହିତ ଅଭିନ୍ନ ହୋଇ ଯାଇଥାଏ । ତେଣୁ ତାହା ନିମନ୍ତେ ବେଦର ପ୍ରୟୋଜନ ମଧ୍ୟ ସମାପ୍ତ ହୋଇ ଯାଇଥାଏ । ସେହିପରି ପରମାତ୍ମା ତତ୍ତ୍ୱ ବୋଧ ହୋଇଗଲା ପରେ, ଆରାଧନା ନିମନ୍ତେ ଯଜ୍ଞ ଭଳି ବିଭିନ୍ନ ନିୟତ କ୍ରିୟାର ଆବଶ୍ୟକତା ମଧ୍ୟ ଆଉ ରହି ନ ଥାଏ । ମନ ସହିତ ଇନ୍ଦ୍ରିୟମାନଙ୍କୁ ପରମାତ୍ମା ପ୍ରାପ୍ତି ଲକ୍ଷ୍ୟରେ କଠୋର ନିୟମ ମଧ୍ୟରେ ବାନ୍ଧି ରଖିବା ହେଉଛି ତପ । ମନ, ବଚନ କର୍ମରେ ସର୍ବଭାବରେ ସମର୍ପଣର ନାମ ଦାନ ।

ମୋକ୍ଷ ଅଭିଳାଷୀ ସାଧକ ପକ୍ଷେ ଏହି ସମସ୍ତ ତପ ଓ ଦାନ ପ୍ରଭୃତି ଉପାସନାର ପୁଣ୍ୟଫଳ ହେଉଛି ପରମାତ୍ମା ପ୍ରାପ୍ତି । ପରମାତ୍ମା ତତ୍ତ୍ୱ ଯେତେବେଳେ ଅପ୍ରାପ୍ତ ଅବସ୍ଥାରେ ଆଉ ରହି ନ ଥାଏ , ସେତେବେଳେ ଯୋଗୀ ବ୍ରତ, ଯଜ୍ଞ, ତପ, ଦାନ ଆଦିର ପୂଣ୍ୟ ଫଳକୁ ଅତିକ୍ରମ କରି ଯାଇଥାଏ ଅର୍ଥାତ୍ ଏ ସମସ୍ତର ପରିସମାପ୍ତି ଘଟିଥାଏ । ଏହି ଅଧ୍ୟାୟରେ ଭଗବାନ ଅନ୍ୟଏକ ବିଶେଷ ଉପଦେଶ ଦେଇଛନ୍ତି କି, "ହେ ଅର୍ଜୁନ ! ନିରନ୍ତର ତୁମ୍ଭେ ମୋରି ସ୍ମରଣ କରି ଯୁଦ୍ଧ କର"। ଯୋଗ ଧାରଣାରେ ସ୍ଥିର ରହି ଭଗବାନଙ୍କ ସ୍ୱରୂପକୁ ଏକାଗ୍ର ଚିତ୍ତରେ ସ୍ମରଣ କରିବା ଏତେ ସୂକ୍ଷ୍ମ ଯେ, ଏକ ସମୟରେ ଭଗବାନଙ୍କ ସ୍ୱରୂପକୁ ସ୍ମରଣ କରି ଯୁଦ୍ଧ ସାଦୃଶ୍ୟ ଶାରୀରିକ କ୍ରିୟା କରିବା ସମ୍ଭବ ନୁହେଁ । ଭଗବାନ ବତାଇଥିବା ଉପଦେଶର ତାତ୍ପର୍ଯ୍ୟ ହେଲା, ବସ୍ତୁତଃ ସାଧକ ଭଗବାନଙ୍କ ସ୍ୱରୂପର ନିରନ୍ତର ସ୍ମରଣରେ ପ୍ରବୃତ୍ତ ହେଲେ, ସେହି କ୍ଷଣି ଯୁଦ୍ଧର ବାସ୍ତବିକ ସ୍ଥିତି ସାଧକର ସାମନାରେ ଆସିଯାଇଥାଏ । ସେହି ସମୟରେ ମାୟାର ପ୍ରବୃତ୍ତି ସମୂହ ପ୍ରତିବନ୍ଧକ ରୂପରେ ଅନ୍ତଃକରଣରେ ପ୍ରବେଶ କରିବାର ପ୍ରୟାସ ଆରମ୍ଭ କରିଥାନ୍ତି । କାମ, କ୍ରୋଧ, ରାଗ-ଦ୍ୱେଷ-ଏହି ସମସ୍ତ ଦୁର୍ଜୟ ଶତ୍ରୁ ଭଗବାନଙ୍କ ସ୍ୱରୂପକୁ ନିରନ୍ତର ସ୍ମରଣ କରିବାକୁ ଦେଇ ନଥାନ୍ତି । ସାଧକର ଏହିମାନଙ୍କ ଉପରେ ବିଜୟପ୍ରାପ୍ତ ହେବାର ପ୍ରଚେଷ୍ଟା ହେଉଛି ଯୁଦ୍ଧ । ଏହି ଶତ୍ରୁ ସମୁଦାୟର ବିନାଶ ପରେ ହିଁ ସାଧକ ପରମଗତିକୁ ପ୍ରାପ୍ତ ହୋଇଥାଏ । 'ଅକ୍ଷର' ଓ 'ବ୍ରହ୍ମ'ଶବ୍ଦ ପରମାତ୍ମାଙ୍କ ନିର୍ଗୁଣ-ନିରାକାର, ସଗୁଣ-ନିରାକାର ଏବଂ ସଗୁଣ-ସାକାର ସ୍ୱରୂପର ବାଚକ । ଏଥିମଧ୍ୟରୁ ଯେ କୌଣସି ସ୍ୱରୂପକୁ ଚିନ୍ତନ କଲେ ପରମାତ୍ମାଙ୍କ ସହିତ ସମ୍ବନ୍ଧ ହୋଇଯାଏ । ତେଣୁ ଏହି ଅଧ୍ୟାୟର ନାମ 'ଅକ୍ଷର ବ୍ରହ୍ମ ଯୋଗ' ନାମ ରଖାଯାଇଛି ।

ଓଁତତ୍ସଦିତି ଶ୍ରୀମଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଅକ୍ଷର ବ୍ରହ୍ମ ଯୋଗୋନାମାଷ୍ଟମୋ ଅଧ୍ୟାୟଃ ।।୮ ।।

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ଅକ୍ଷର ବ୍ରହ୍ମ ଯୋଗ' ନାମକ ଅଷ୍ଟମ ଅଧ୍ୟାୟ ପୂର୍ଣ୍ଣ ହେଲା ।। ୮ ।।

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

ଅଥ ନବମୋଽଧ୍ୟାୟଃ (ନବମଅଧ୍ୟାୟ )

(ରାଜବିଦ୍ୟା-ରାଜଗୁହ୍ୟ ଯୋଗ)

ଶ୍ରୀ ଭଗବାନ ଉବାଚ

ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।
ଜ୍ଞାନଂ ବିଜ୍ଞାନସହିତଂ ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ॥ ୧ ॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ) ଇଦମ୍ (ଏହି) ଗୁହ୍ୟତମଂ (ଅତ୍ୟନ୍ତ ଗୋପନୀୟ) ବିଜ୍ଞାନସହିତଂଜ୍ଞାନଂ (ବିଜ୍ଞାନସହିତ ଜ୍ଞାନକୁ) ତେ (ତୁମ୍ଭଙ୍କୁ) ଅନୁସୂୟବେ (ଦୋଷଦୃଷ୍ଟି ରହିତ କାରଣରୁ ) ତୁ (ପୁନଃ) ପ୍ରବକ୍ଷାମି (କହିବି) ଯତ୍ (ଯାହା) ଜ୍ଞାତ୍ୱା (ଜାଣିବାପରେ) ଅଶୁଭାତ୍ (ଅଶୁଭରୁ ଅର୍ଥାତ୍ ଜନ୍ମ ମରଣ ରୂପୀ ସଂସାରରୁ ) ମୋକ୍ଷଃ (ମୁକ୍ତ ହୋଇଯିବ) ।*

**ଭାବାର୍ଥ**: ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି: ହେ ଅର୍ଜୁନ ! ତୁମ୍ଭେ ଦୋଷଦର୍ଶୀ ନୁହଁ । ଏଥିନିମନ୍ତେ ମୁଁ ତୁମ୍ଭଙ୍କୁ ଭଗବତ୍ ସ୍ୱରୂପ ସମ୍ବନ୍ଧରେ ଅତ୍ୟନ୍ତ ଗୁପ୍ତ ଜ୍ଞାନ ଓ ତାହାର ଅନୁଭବ ଜନିତ ବିଜ୍ଞାନ ମଧ ଶୁଣାଇବି । ସର୍ବ ଗୂହ୍ୟତମ ଏହି ବିଜ୍ଞାନ ସମନ୍ୱିତ ଜ୍ଞାନ ତତ୍ତ୍ୱ ଉତ୍ତମରୂପେ ବୋଧ ହେଲାପରେ, ଅଶୁଭ ଅର୍ଥାତ୍ ପାପ ଲିପ୍ତ ସଂସାରରୁ ତୁମ୍ଭେ ମୁକ୍ତି ପ୍ରାପ୍ତ ହୋଇପାରିବ । ଭଗବାନ ସମଗ୍ର ବ୍ରହ୍ମାଣ୍ଡର ସର୍ବଶେଷ କାରଣ ବୋଲି ବେଦ ଓ ଶାସ୍ତ୍ରରେ ଯାହା ବର୍ଣ୍ଣନା ରହିଛି, ତାହା ଦୃଢଭାବରେ ମାନିନେବା ହେଉଛି ଜ୍ଞାନ । "ଭଗବାନ ସତ୍ତା ଅତିରିକ୍ତ ଅନ୍ୟ କୌଣସି କାର୍ଯ୍ୟ ଓ କାରଣ ରୂପୀ ତତ୍ତ୍ୱ ହିଁ ନାହିଁ" - ଏହାର ଅନୁଭବତା ହେଉଛି ଅପରୋକ୍ଷ ଜ୍ଞାନ ବା ବିଜ୍ଞାନ । ସ୍ୱାମୀ ରାମସୁଖଦାସଙ୍କ ଟୀକାନୁସାରେ, ନିଜ ସ୍ୱରୂପକୁ ଜାଣିବା ହେଉଛି ଜ୍ଞାନ, ଭଗବାନଙ୍କ ସମଗ୍ର ସ୍ୱରୂପର ସଗୁଣ ସମ୍ବନ୍ଧୀୟ ଜ୍ଞାନ ହିଁ 'ବିଜ୍ଞାନ' ଅର୍ଥାତ୍ ବିଶେଷ ଜ୍ଞାନ । ମର୍ତ୍ତ୍ୟଲୋକରେ ଭଗବାନଙ୍କ ଅବତାର ଲୀଳାର ଜନ୍ମ ଓ କର୍ମ ରହସ୍ୟ ବୁଝି ନପାରି, ଅବିଶ୍ୱାସ ଏବଂ ତାଚ୍ଛଲ୍ୟ ଭାବରେ ଭଗବାନଙ୍କ ଅସ୍ତିତ୍ୱ, ଭଗବତ୍ତା ପ୍ରତି ପ୍ରଶ୍ନ ଉଠାଇବା ହେଉଛି ଭଗବାନଙ୍କ ପ୍ରତି ଦୋଷ ଦୃଷ୍ଟି । ଅତଏବ, ପରମେଶ୍ୱରଙ୍କ ବିମୁଖ ନ ହେବା ହେଉଛି 'ଅନସୂୟବେ' ପଦବାଚ୍ୟ । ଭଗବାନ ଅର୍ଜୁନଙ୍କୁ ଦୋଷଦୃଷ୍ଟି ରହିତ କହିବାର ତାତ୍ପର୍ଯ୍ୟ ହେଲା, ଏହି ପର୍ଯ୍ୟନ୍ତ ଯୋଗେଶ୍ୱର ଶ୍ରୀକୃଷ୍ଣ ନିଜ ମହିମା ସମ୍ବନ୍ଧରେ ଯାହା ବର୍ଣ୍ଣନା କରିଛନ୍ତି, ଅର୍ଜୁନ ସେହି ସମସ୍ତ ଅତି ଶ୍ରଦ୍ଧା ଓ ବିଶ୍ୱାସ ସହିତ ଶୁଣି ସେଥିରେ ଦୋଷ ତ୍ରୁଟି ଦେଖିବା ପରିବର୍ତ୍ତେ ଅଧିକରୁ ଅଧିକତର ଗୂଢତତ୍ତ୍ୱକୁ ଜାଣିବା ଇଚ୍ଛା ପ୍ରକାଶ କରି ଆସିଛନ୍ତି । ପ୍ରତ୍ୟେକ ବସ୍ତୁର ମୌଳିକ ତତ୍ତ୍ୱ

ଅବ୍ୟକ୍ତ କାରଣରୁ ଗୁହ୍ୟ ଅର୍ଥାତ୍ ରହସ୍ୟମୟ । ଶରୀର ଭିତରେ ଆତ୍ମା ସତ୍ତାର ସ୍ଥିତି ହେଉଛି ଅଧିକ ରହସ୍ୟମୟ, ତେଣୁ ତାହା ଗୁହ୍ୟତର । ଶରୀର ଭିତରେ ଅନ୍ତର୍ଯ୍ୟାମୀ ପୁରୁଷ ଭାବରେ ଅବସ୍ଥାନ କରୁଥିବା ପରମାତ୍ମାଙ୍କୁ ଅନୁଭବ କରି, ଏକ ସମୟରେ ପରମାତ୍ମା ସତ୍ତା ହିଁ ସର୍ବତ୍ର ବିଦ୍ୟମାନ ବୋଲି ଅନୁଭବ ପ୍ରାପ୍ତ ହେବା ସର୍ବାଧିକ ରହସ୍ୟମୟ । ତେଣୁ ଭଗବାନ ଏହି ବିଦ୍ୟାକୁ ଅତ୍ୟନ୍ତ ଗୋପନୀୟ ବୋଲି କହିଛନ୍ତି । ପରମାତ୍ମା ତତ୍ତ୍ୱ ସର୍ବଦା ଅବିଦ୍ୟା ରୂପକ ଆବରଣ ଦ୍ୱାରା ଆଚ୍ଛାଦିତ । କର୍ମଯୋଗ ସିଦ୍ଧିରେ ସମତାପ୍ରାପ୍ତ ହୋଇ ଆତ୍ମା-ପରମାତ୍ମା ଜ୍ଞାନର ଅଭେଦ ତତ୍ତ୍ୱବୋଧ ପରେ, ଯୋଗୀର ଅନ୍ତଃକରଣରେ ଅନନ୍ୟ ଭକ୍ତିଭାବ ସ୍ୱତଃ ଜାଗୃତ ହୋଇଥାଏ । କେବଳ ଅନନ୍ୟଭକ୍ତି ଯାହା ବାହାରକୁ ବ୍ୟକ୍ତ ହୋଇ ନ ଥାଏ, ତାହା ଦ୍ୱାରା ହିଁ ଭଗବାନଙ୍କ ସମଗ୍ର ସ୍ୱରୂପ ରହସ୍ୟ ବୁଝିବା ସମ୍ଭବ । ଯେପରି ପରଦା ଉପରେ ଚଳଚିତ୍ରର ଦୃଶ୍ୟ ଅବାସ୍ତବ, ସଂସାର ସଙ୍ଗେ ସମ୍ବନ୍ଧ କେବଳ କଳ୍ପିତ ମାତ୍ର ତାହା କଦାପି ବାସ୍ତବ ନୁହେଁ । ସୁତରାଂ, ଭ୍ରମ ବଶତଃ ଯେଉଁ ସମସ୍ତ ଅବାସ୍ତବ ସମ୍ବନ୍ଧ ବାସ୍ତବ ଭଳି ପ୍ରତୀୟମାନ ହେଉଛି, ଏହି ଅତ୍ୟନ୍ତ ଗୋପନୀୟ ବିଜ୍ଞାନ ସମନ୍ୱିତ ଜ୍ଞାନ ବୋଧ ହେବାପରେ, ସଂସାର ଅଶୁଭରୁ ମୁକ୍ତି ମିଳିଥାଏ ଅର୍ଥାତ୍ ସେହି ଭ୍ରମର ବିଲୁପ୍ତ ଘଟି ସଂସାର ସମ୍ବନ୍ଧ ଛିନ୍ନ ହୋଇଥାଏ ।

. ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ॥ ୨॥

*ଅନ୍ୱୟ: ଇଦଂ (ଏହି ସମଗ୍ର ସ୍ୱରୂପର ଜ୍ଞାନ ସମନ୍ୱିତ ବିଜ୍ଞାନ ତତ୍ତ୍ୱ ଅର୍ଥାତ୍ ବ୍ରହ୍ମଜ୍ଞାନ ) ରାଜବିଦ୍ୟା ( ସମସ୍ତ ବିଦ୍ୟାମାନଙ୍କ ମଧ୍ୟରେ ରାଜା ) ରାଜଗୁହ୍ୟଂ ( ଗୋପନୀୟ ତଥ୍ୟ ମାନଙ୍କ ମଧ୍ୟରେ ରାଜା) ପବିତ୍ରମ୍ ( ଅତି ପବିତ୍ର-ଶୁଦ୍ଧ) ଉତ୍ତମମ୍ ( ଅତି ଶ୍ରେଷ୍ଠ) ପ୍ରତ୍ୟକ୍ଷାବଗମଂ (ପ୍ରତ୍ୟକ୍ଷ ଫଳଦାୟୀ- ପ୍ରତ୍ୟକ୍ଷଅନୁଭବନୀୟ) ଧର୍ମ୍ୟଂ (ଧର୍ମମୟ) କର୍ତ୍ତୁଂ (ସାଧନ ନିମନ୍ତେ) ସୁସୁଖଂ ( ସୁଗମ - ସହଜ ସାଧ୍ୟ ) ଅବ୍ୟୟମ୍ (ଯାହା ନଷ୍ଟ ନ ହୋଇ ମୁକ୍ତିପ୍ରାପ୍ତ ପର୍ଯ୍ୟନ୍ତ ସହାୟକ ହୋଇ ରହିଥାଏ ) ।*

**ଭାବାର୍ଥ:** ଆଧ୍ୟାତ୍ମ ଜ୍ଞାନ ସମନ୍ୱିତ ବିଜ୍ଞାନ ତତ୍ତ୍ୱର ଉପଦେଶ ଦେବାପାଇଁ ଭଗବାନ ଯେଉଁ ପ୍ରତିଜ୍ଞା କରିଛନ୍ତି, ସେଥିପ୍ରତି ଶ୍ରଦ୍ଧା, ପ୍ରେମ, ଶୁଣିବାର ଉତ୍କଣ୍ଠା ଏବଂ ଆଚରଣ ନିମନ୍ତେ, ଅତ୍ୟନ୍ତ ଉତ୍ସାହ ଜାଗ୍ରତ ଉଦ୍ଦେଶ୍ୟରେ ସେ ସବୁର ମହାତ୍ମ ଏହି ଶ୍ଳୋକରେ ଶୁଣାଇଛନ୍ତି । ବିଜ୍ଞାନ ସହିତ ସଂଯୁକ୍ତ ଏହି ଜ୍ଞାନ ସମସ୍ତ ବିଦ୍ୟା ଏବଂ ଗୋପନୀୟ ତଥ୍ୟ ମାନଙ୍କ ଭିତରେ ରାଜା ଅର୍ଥାତ୍ ଏହାଠାରୁ ନିଶ୍ଚିତ କଲ୍ୟାଣକର ଏବଂ ଅଧିକ ଗୁପ୍ତ କୌଣସି ଜ୍ଞାନ ବା ଦର୍ଶନ ତତ୍ତ୍ୱ ସଂସାରରେ ନାହିଁ । ଏହି ଜ୍ଞାନ-ବିଜ୍ଞାନ ସମ୍ବଳିତ ପରମାତ୍ମା ତତ୍ତ୍ୱ ଏକାଧାରାରେ ପବିତ୍ରକାରକ, ଧର୍ମମୟ ଏବଂ ଧର୍ମାନୁକୂଳ, ପ୍ରତ୍ୟକ୍ଷ ଫଳଦାୟୀ ଏବଂ ଏହାର ପ୍ରାପ୍ତି ମାର୍ଗ ମଧ୍ୟ ଅତି ସରଳ ଅର୍ଥାତ୍ ଏହା ସହଜ ଭାବରେ ଆଚରଣ କରିବା ଯୋଗ୍ୟ । ଏହାକୁ ଏଥିପାଇଁ ଅବିନାଶୀ କୁହାଯାଇଛି । ଏହାର କିଞ୍ଚିତ୍ ମାତ୍ର ଉପଲବ୍ଧତା ନଷ୍ଟ ନହୋଇ ମୁକ୍ତି ପ୍ରାପ୍ତି ପର୍ଯ୍ୟନ୍ତ ମୋକ୍ଷ ଅଭିଳାଷୀ ସାଧକର ସହାୟକ ହୋଇଥାଏ । ଭଗବଦ୍ ଗୀତାରେ ଭଗବାନ ଅର୍ଜୁନଙ୍କୁ ଜ୍ଞାନମାର୍ଗ ସହିତ ନିଷ୍କାମ କର୍ମ କରିବାର ଯେଉଁ ଉପଦେଶ ଦେଇଛନ୍ତି ତାହାର ସାରମର୍ମ ହେଲା : ସମଗ୍ରସ୍ୱରୂପର ବିଜ୍ଞାନ ସମନ୍ୱିତ ଜ୍ଞାନ ସହିତ କର୍ମଯୋଗର ଫଳତ୍ୟାଗ ଏବଂ ସମତା ଯୁକ୍ତ ହୋଇଗଲେ, ତାହା ଭକ୍ତି ଶବ୍ଦର ଅର୍ଥକୁ ସିଦ୍ଧ କରିଥାଏ

। ଜ୍ଞାନ ଓ କର୍ମର ସନ୍ତୁଳନ ହିଁ ସାଧକର ହୃଦୟରେ ଭକ୍ତିଭାବକୁ ଜାଗୃତ କରେ । ଲୋକମାନ୍ୟ ତିଳକ ଜ୍ଞାନଯୋଗ ଓ କର୍ମଯୋଗ ଦୁଇଟିର ନିଷ୍ଠା ସ୍ୱତନ୍ତ୍ର ମାନିଲେ ମଧ ତାଙ୍କରି ମତାନୁସାରେ କର୍ମଯୋଗକୁ ହିଁ ଭାଗବତ ଧର୍ମ ବା ଭକ୍ତିମାର୍ଗ କୁହାଯିବ । ଏହି ବିଚାରରେ ଏହା ସିଦ୍ଧ ହୁଏ କି, ନିଷ୍କାମ କର୍ମାନୁଷ୍ଠାନ ଏବଂ ଈଶ୍ୱରଭକ୍ତି ଦୁଇଟିଯାକ ଏକ ସାଥିରେ ରହିଥାଏ । ଯେଉଁ ବିଦ୍ୟାର ଯଥାର୍ଥ ଭାବ ଅବଗତ ହୋଇଗଲା ପରେ ଆଉ କିଛି ଜାଣିବାର ବାକି ରହି ନ ଥାଏ ଏବଂ ଯାହା ସାଧକକୁ ବ୍ରହ୍ମମାର୍ଗରେ ଅଧିଷ୍ଠାନ କରାଇ ପରମ ଲକ୍ଷ୍ୟ 'ପରମପାଦ' ପ୍ରାପ୍ତ କରାଇବାକୁ ସମର୍ଥ କରାଇଥାଏ, ଭଗବାନ ତାହାକୁ ରାଜବିଦ୍ୟା ଏବଂ ରାଜଗୁହ୍ୟ ବୋଲି କହିଛନ୍ତି । ସଂସାରର ସମସ୍ତ ଗୋପନୀୟତା ବା ରହସ୍ୟମୟ ମଧରେ ବ୍ରହ୍ମଜ୍ଞାନ ତତ୍ତ୍ୱଠାରୁ ଆଉ ଅଧିକ କୌଣସି ରହସ୍ୟମୟ ତତ୍ତ୍ୱ ନାହିଁ । ଏହି ଗୁପ୍ତତତ୍ତ୍ୱ କେବଳ ଉପଯୁକ୍ତ ଶିଷ୍ୟକୁ ତତ୍ତ୍ୱଦର୍ଶୀଙ୍କ ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ନରରୂପରେ ପ୍ରକଟିତ ହୋଇ ଲୀଳା ରଚନା କରୁଥିବା ସାକାର-ସଗୁଣ ପରମବ୍ରହ୍ମ ସ୍ୱରୂପର ରହସ୍ୟକୁ ଭଗବାନଙ୍କ ଐକାନ୍ତିକ ପ୍ରେମି ଭକ୍ତ ବ୍ୟତୀତ ଅନ୍ୟ କେହି ଜାଣିପାରି ନ ଥାନ୍ତି । କେହି କେହି ବ୍ୟାଖ୍ୟାକାର ଏପରି ଅର୍ଥ କରିଛନ୍ତି କି, ପ୍ରାଚୀନ କାଳରୁ ଋଷି, ମୁନି ମାନଙ୍କ ଦ୍ୱାରା ରାଜା-ମହାରାଜାମାନଙ୍କୁ ବ୍ରହ୍ମବିଦ୍ୟା ବା ଅଧାତ୍ମଜ୍ଞାନ ଉପଦେଶ ଦେବାର ଯେଉଁ ପରମ୍ପରା, ଯାହା ଭଗବାନ ଚତୁର୍ଥ ଅଧାୟରେ ଆରମ୍ଭରେ କହିଛନ୍ତି ତାହା ରାଜବିଦ୍ୟା ଓ ରାଜଗୁହ୍ୟ ବିଦ୍ୟା ରୂପରେ ପ୍ରଚଳିତ ହୋଇ ଆସୁଛି । ଏହି ଜ୍ଞାନର ପ୍ରଭାବରେ ଜନ୍ମ-ଜନ୍ମାନ୍ତର ପାପ ସମୂହ ନଷ୍ଟ ହୋଇଯାଏ । ଯିଏ ଅନନ୍ୟଭକ୍ତ, ସିଏ ପରମାତ୍ମାଙ୍କ ନାମ, ରୂପ, ଲୀଳା, ଧାମ, କୀର୍ତ୍ତନ, ଜପ, ଧାନ, ଜ୍ଞାନ, ଅର୍ଥାତ୍ ଭଗବତ୍ ସମ୍ବନ୍ଧୀୟ ସବୁ କିଛି ଅତି ପବିତ୍ର ମନରେ ଗ୍ରହଣ କରିଥାଏ । ସଂସାରର କୌଣସି ବସ୍ତୁ ଭଗବତ୍ ସାଧନାର ସମକକ୍ଷ ନୁହନ୍ତି । ତେଣୁ ଭଗବାନ କହୁଛନ୍ତି, ଭକ୍ତ ଏହି ବିଦ୍ୟାକୁ ସର୍ବୋତ୍ତମ ଭାବରେ ମାନିନେଇ ନିଜେ ମୋର ବିଚାରରେ ଶ୍ରେଷ୍ଠ ହୋଇ ଯାଇଥାଏ । ଏହା ଏପରି ଏକ ଯୋଗମାର୍ଗ ଯେଉଁଥିରେ ଜ୍ଞାନ ଓ ବିଜ୍ଞାନ ଅର୍ଥାତ୍ ବ୍ୟବହାରିକ ଭୌତିକ ଜୀବନ ଓ ଅଧାତ୍ମ ବିଦ୍ୟାର ସମନ୍ୱୟ ହୋଇଥାଏ । ଏହି ଧର୍ମ ମାର୍ଗ ଅତ୍ୟନ୍ତ ପବିତ୍ର କାରଣ ଏଥିରେ ଆତ୍ମାର ପ୍ରକାଶ, ପ୍ରକୃତି ଜନିତ ଭୌତିକ କ୍ଷେତ୍ରରେ ମଳିନତାକୁ ହଟାଇ ସେଥିରେ ପବିତ୍ରତା ପୂର୍ଣ୍ଣ କରିଦିଏ । ସର୍ବାତ୍ମା ଭାବ ବୋଧ କାରଣରୁ ଅନ୍ତଃକରଣରୁ ରାଗ-ଦ୍ୱେଷର ନିବୃତ୍ତି ହୋଇ ଯାଇଥାଏ । ବ୍ରହ୍ମବିଦ୍ୟା କୌଣସି ଅନ୍ଧ ବିଶ୍ୱାସ ଉପରେ ଆଧାରିତ ନୁହେଁ କି, ଏହାର ସାଧନ ଫଳ ଏହି ଜନ୍ମରେ ବୋଧଗମ୍ୟ ନ ହୋଇ ରହି ନ ଥାଏ । ଏହି ଶ୍ଳୋକରେ 'ଇଦଂ' ଶବ୍ଦ ଭକ୍ତିପୂତ ମାର୍ଗକୁ ନିର୍ଦ୍ଦେଶ କରି ଭଗବାନ କହିଛନ୍ତି । ଭକ୍ତିମାର୍ଗ ରୂପୀ ସାଧନ ଜ୍ଞାନମାର୍ଗ ଭଳି ଅବ୍ୟକ୍ତ ନୁହେଁ । ଶରଣାଧୀନ ହୋଇଗଲେ ଅନନ୍ୟଭକ୍ତ ଠାରେ ନିର୍ଭୟତା, ନିର୍ବିକାରତା, ନିଶ୍ଚିନ୍ତତା ପ୍ରତ୍ୟକ୍ଷ ଭାବରେ ପରିଲକ୍ଷିତ ହୋଇଥାଏ । ଭକ୍ତିପୂତ ଚିତ୍ତହୋଇ ଶ୍ରଦ୍ଧା, ପ୍ରେମ ଓ ବିଶ୍ୱାସ ଦୃଢ ହେଲେ ସକଳ ପ୍ରାଣୀଙ୍କୁ ମୋର ସ୍ୱରୂପ ମନେକରି ମୋତେ ପ୍ରାପ୍ତ ହୋଇଥାଏ । ଗୀତାରେ ଯେଉଁ ମଧୁରତା, ପ୍ରେମ ବା ରସ ପରିପୂର୍ଣ୍ଣ ତାହା ଗୀତାରେ ପ୍ରତିପାଦିତ ଭକ୍ତିମାର୍ଗର ହିଁ ପରିଣାମ । ଭକ୍ତିମାର୍ଗରେ ଯେଉଁ ଆନନ୍ଦ ପ୍ରାପ୍ତ ହୋଇଥାଏ ତାହା ପ୍ରତ୍ୟକ୍ଷ । ଏହି ପ୍ରତ୍ୟକ୍ଷ ଆନନ୍ଦର ଅନୁଭବ ପାଇଁ

ସାଧାରଣ ମନୁଷ୍ୟ ମଧ୍ୟ ନାମ, ଜପ, ଗୁଣ, କୀର୍ତ୍ତନ, ଲୀଳା ଆଦି ଶ୍ରବଣ ଭଳି ସହଜ ଯୋଗ ସାଧନରେ ପ୍ରବୃତ୍ତ ହୋଇଥାନ୍ତି । ଏଥି ନିମନ୍ତେ ଶ୍ରଦ୍ଧା ନିତାନ୍ତ ଆବଶ୍ୟକ । ଏହି ବିଦ୍ୟା ପରମଧର୍ମ ପରମାତ୍ମାଙ୍କ ସହିତ ସଂଯୁକ୍ତ ହୋଇ ରହିଥିବାରୁ ଏହା ଧର୍ମମୟ । ଭଗବତ୍ ପ୍ରାପ୍ତିର ସମସ୍ତ ସାଧନ ଧର୍ମମୟ । ଯାହାକୁ ଆମ୍ଭେ ଧାରଣ କରିଥାଉ, ତାହାରା ନାମ ଧର୍ମ । 'ଧର୍ମୋ ରକ୍ଷକ ରକ୍ଷିତଃ ଧର୍ମ' । ନିଜଠାରେ ଧର୍ମକୁ ରକ୍ଷା କରାଗଲେ, ଧର୍ମ ନିଜକୁ ରକ୍ଷା କରିଥାଏ । ପରମାତ୍ମା ତତ୍ତ୍ୱ ବୋଧ ହେବା ହୃଦୟ ଭିତରେ ଧର୍ମର ସୁରକ୍ଷା । ଭଗବତ୍ ପ୍ରାପ୍ତି ଲକ୍ଷ୍ୟରେ ଭକ୍ତି ଯୋଗମାର୍ଗର ସାଧନ ଅତି ସହଜ, କାରଣ ଏହା ସ୍ୱତଃ ପ୍ରାପ୍ତ । ସବୁକିଛି ପରମାତ୍ମା ବୋଲି ସ୍ୱୀକାର କରିବାରେ କୌଣସି ଧନ, ପରିଶ୍ରମ, ଯୋଗ୍ୟତା ଆବଶ୍ୟକତା ପଡି ନ ଥାଏ । ଏହା କାୟ, ମନ ଓ ବୁଦ୍ଧି ସ୍ତରରେ କେବଳ ସ୍ୱୀକୃତି ମାତ୍ର । ଦ୍ୱିତୀୟ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି : ହେ ଅର୍ଜୁନ ! ଯୋଗ ସାଧନର ବୀଜ କେବେ ମଧ୍ୟ ନାଶ ହୁଏନାହିଁ । ଭଗବତ୍ ପ୍ରାପ୍ତ ଲକ୍ଷ୍ୟରେ ଟିକିଏ ମଧ୍ୟ ସାଧନ, ଶରୀର ତ୍ୟାଗରେ ନଷ୍ଟ ନ ହୋଇ ଅନେକ ଜନ୍ମ ଧରି ସାଧନରତ କରାଇ 'ପରମଗତି' ପ୍ରାପ୍ତ ଅର୍ଥାତ୍ ଜନ୍ମ-ମରଣ ଭଳି ମହାନ୍ ଭୟରୁ ମୁକ୍ତ କରି ଦେଇ ଥାଏ । ଅନ୍ଧାର କୋଠରୀ ମଧ୍ୟରେ ପ୍ରଦୀପଟିଏ ଜଳିବା କ୍ଷଣି, ବହୁକାଳରୁ ରହି ଆସୁଥିବା ଅନ୍ଧାର ଯେପରି ତତ୍ କ୍ଷଣାତ୍ ଦୂର ହୋଇଥାଏ, ବ୍ରହ୍ମ ପ୍ରକାଶର ସାକ୍ଷାତ୍କାରରେ ମୁହୂର୍ତ୍ତକ ମଧ୍ୟରେ ଅବିଦ୍ୟାର ନିବୃତ୍ତି ଘଟିଥାଏ । ଯେଉଁ ମୁହୂର୍ତ୍ତରେ ସାଧକକୁ ବୋଧ ହୋଇଯାଏ କି, କର୍ତ୍ତା, ଭୋକ୍ତା, ସଂସାରୀ, ପରିଚ୍ଛିନ୍ନ ଜୀବାତ୍ମାର ଉର୍ଦ୍ଧ୍ୱରେ ମୁଁ ଅଦ୍ୱିତୀୟ ବ୍ରହ୍ମ, କ୍ଷଣକରେ ହିଁ ସେହି ସଚ୍ଚିଦାନନ୍ଦ ସ୍ୱରୂପର ସତ୍ତା ଜ୍ୟୋତିରୂପରେ ଅନ୍ତଃକରଣରେ ଉଦ୍ଭାସିତ ହୋଇଉଠେ । ଅବିଦ୍ୟା ନିବୃତ୍ତି ବ୍ୟତୀତ ବ୍ରହ୍ମବିଦ୍ୟାର ନା ପ୍ରୟୋଜନ ଥାଏ, ନା ପ୍ରମାଣ ରହିଥାଏ । ଏହି ବିଦ୍ୟା ଥରେ ପ୍ରାପ୍ତ ହେଲେ, ଆଉ ତାହା ଅପ୍ରାପ୍ୟ ହୋଇ କେବେ ରହି ନ ଥାଏ । ତେଣୁ ଏହି ତତ୍ତ୍ୱ ଅବିନାଶୀ ଏବଂ ଏହା ଅନ୍ତିମ ତତ୍ତ୍ୱ ।

ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ ।
ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ॥ ୩॥

*ଅନ୍ୱୟ: ପରନ୍ତପ ( ହେ ପରନ୍ତପ ଅର୍ଜୁନ !) ଅସ୍ୟ (ଏହି ବ୍ରହ୍ମବିଦ୍ୟା ରୂପକ ) ଧର୍ମସ୍ୟ ( ଧର୍ମର ମହିମା ଉପରେ ) ଅଶ୍ରଦ୍ଦଧାନାଃ ( ଶ୍ରଦ୍ଧା ନ ରଖୁଥିବା ) ପୁରୁଷାଃ (ମନୁଷ୍ୟମାନେ ) ମାମ୍ ଅପ୍ରାପ୍ୟ ( ମୋତେ ପ୍ରାପ୍ତ ନ ହୋଇ ଅର୍ଥାତ୍ ମୋର ସମଗ୍ର ସ୍ୱରୂପକୁ ଜାଣି ନ ପାରି) ମୃତ୍ୟୁ ସଂସାର (ଜନ୍ମ-ମରଣଶୀଳ ସଂସାର) ବର୍ତ୍ମନି ( ମାର୍ଗରେ) ନିବର୍ତ୍ତନ୍ତେ (ପ୍ରତ୍ୟାବର୍ତ୍ତନ କରୁଥାନ୍ତି ଅର୍ଥାତ୍ ବାରମ୍ବାର ଜନ୍ମ ନେଇ ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲୁଥାନ୍ତି ) ।*

**ଭାବାର୍ଥ:** ପୂର୍ବ ଦୁଇ ଶ୍ଳୋକରେ ଭଗବାନ ଅର୍ଜୁନଙ୍କୁ ବିଜ୍ଞାନ ସମନ୍ୱିତ ଜ୍ଞାନତତ୍ତ୍ୱକୁ ରାଜବିଦ୍ୟା, ରାଜଗୁହ୍ୟଂ, ପବିତ୍ରଂ, ସୁସୁଖଂ କର୍ତ୍ତୁମ୍, ଧର୍ମ୍ୟଂ, ଅବ୍ୟୟମ୍ ପ୍ରଭୃତି ଯେତେସବୁ ଶବ୍ଦ ପ୍ରୟୋଗକରି ଏହାର ବିଶେଷ ଲକ୍ଷଣମାନ କହିଛନ୍ତି, ତାହାକୁ ଏହି ଶ୍ଳୋକରେ "ଧର୍ମସ୍ୟ ଅସ୍ୟ" ପଦ ଦ୍ୱାରା ସୂଚିତ କରାଯାଇଛି । ଏହି ଜ୍ଞାନ-ବିଜ୍ଞାନ ତତ୍ତ୍ୱ, ଜୀବର ସ୍ୱତଃସିଦ୍ଧ ସ୍ୱରୂପ ସମ୍ବନ୍ଧୀୟ ହୋଇଥିବା କାରଣରୁ ଏହା ସ୍ୱଧର୍ମ ଅନ୍ତର୍ଗତ । ପ୍ରକୃତି ତଥା ପ୍ରକୃତିର କାର୍ଯ୍ୟମାତ୍ରେ ସେ ସମସ୍ତ ପରଧର୍ମ । ଶ୍ରଦ୍ଧା ଓ ବିଶ୍ୱାସର ଅଭାବରୁ ସାଂସାରିକ ପଦାର୍ଥ ସଂଗ୍ରହରୁ ନିବୃତ୍ତ ରହି, ଏକ ଇଷ୍ଟରେ ମନକୁ କେନ୍ଦ୍ରିତ ରଖି ପାରୁ ନ ଥିବା ମନୁଷ୍ୟ ମୋର ତତ୍ତ୍ୱଜ୍ଞାନକୁ

ଜାଣିବା ନିମିତ୍ତ ସକ୍ଷମ ହୋଇ ନ ଥାଏ । ମନୁଷ୍ୟ ସଂସାର ଭୋଗପ୍ରତି ବିମୁଖ ନ ହେବା ପର୍ଯ୍ୟନ୍ତ ଅଧ୍ୟାତ୍ମତତ୍ତ୍ୱ ତଥା ଭଗବତ୍ ସତ୍ତାର ଜିଜ୍ଞାସା ଜାଗ୍ରତ ହୋଇ ନ ଥାଏ । ଏଥିନିମନ୍ତେ ଶ୍ରଦ୍ଧା ଅନିବାର୍ଯ୍ୟ । ବ୍ରହ୍ମବିଦ୍ୟା ପ୍ରାପ୍ତ ନ ହେବାର ଅଶ୍ରଦ୍ଧା ହେଉଛି ମୁଖ୍ୟ ପ୍ରତିବନ୍ଧକ । ଶ୍ରଦ୍ଧା ଏପରି ଏକ ଭାବ, ଯାହାରି ଅଭାବରେ ସାଧାରଣ ବ୍ୟବହାରିକ କ୍ଷେତ୍ରରେ ମଧ୍ୟ ଜୀବନ ଦୁର୍ବିସହ ହୋଇପଡେ । ମନୁଷ୍ୟ ନିଜ କଲ୍ୟାଣ ନିମନ୍ତେ ଯତ୍ନବାନ୍ ନହେବା ପର୍ଯ୍ୟନ୍ତ ଧର୍ମ, ମହାତ୍ମା, ଗୁରୁ, ଶାସ୍ତ୍ର ପ୍ରତି ଶ୍ରଦ୍ଧା ଭାବ ଉତ୍ପନ୍ନ ହୋଇ ନ ଥାଏ । ବେଦାନ୍ତୀଙ୍କ ମତରେ ଶ୍ରଦ୍ଧା ହେଉଛି ସାଧକ, ଯୋଗୀ, ମୁନି ଓ ମହାତ୍ମା ମାନଙ୍କର ସମ୍ବଳ । ଉପନିଷଦରେ ଉଲ୍ଲେଖ ରହିଛି: ଶ୍ରଦ୍ଧାକୁ ପୁଞ୍ଜି କରି ନିଜ ହୃଦୟରେ ପରମାତ୍ମା ଏବଂ ସତ୍ୟର ନିରୀକ୍ଷଣ କର । ମନରେ ତିତିକ୍ଷା, ଶ୍ରଦ୍ଧା ଓ ଶାନ୍ତି ଥିଲେ ହିଁ ସାଧକ ପରମାତ୍ମାଙ୍କ ଅନୁସନ୍ଧାନ କରିବା ଯୋଗ୍ୟହେବ । ଶ୍ରଦ୍ଧାଥିଲେ ହିଁ ସଫଳତା ମିଳିବ । ପରମେଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରେମ କାରଣରୁ ତ୍ୟାଗ ଓ ବୈରାଗ୍ୟ ଭାବ ଜାଗ୍ରତ ହୁଏ । ଅନୁଭବ ଦ୍ୱାରା ଜ୍ଞାନୀ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ ଏବଂ ଶ୍ରଦ୍ଧା ଭାବ ଦ୍ୱାରା ନିଜେ ମହାତ୍ମା ହୋଇଥାଏ । ମହାତ୍ମାପନ ଅନ୍ତରଙ୍ଗ, ଏହା ହୃଦୟ ଭିତରେ ରହିଥିବା ଭାବଜନିତ ସୂକ୍ଷ୍ମ ବସ୍ତୁ । ଶ୍ରଦ୍ଧାଭାବ ଇନ୍ଦ୍ରିୟମାନଙ୍କ ପ୍ରତ୍ୟକ୍ଷ ହୋଇ ନ ଥିବାରୁ, ଅନ୍ତଃକରଣରେ ଦୃଢ ବିଶ୍ୱାସ ଦ୍ୱାରା ଏହା ହୃଦୟରେ ସ୍ଥାପନ ହୋଇଥାଏ । ଶ୍ରଦ୍ଧାଭାବ ନେଇ ସଂସାରକୁ ଶୁଭଦୃଷ୍ଟିରେ ଦେଖିଲେ, ପରମାତ୍ମା ସ୍ୱରୂପର ଅନ୍ତର୍ନିହିତ ବାସ୍ତବ ତତ୍ତ୍ୱ ବୁଝା ପଡିଥାଏ । ଜ୍ଞାନ ମାର୍ଗରେ ଶାସ୍ତ୍ର ଅଧ୍ୟୟନ, ଆଲୋଚନାରେ ଯେତେ ପାଣ୍ଡିତ୍ୟ ପ୍ରାପ୍ତି ହୋଇଥିଲେ ମଧ୍ୟ, ଯେଉଁ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଭକ୍ତିଭାବ ଜାଗ୍ରତ ହୋଇ ନ ଥାଏ, ସେହି ପର୍ଯ୍ୟନ୍ତ ସାଧକ ମୁକ୍ତି ଅଭିଳାଷୀ ହୋଇ ନ ଥାଏ । ସାଧକ କେବଳ ଉପାସନା ସ୍ତରରେ ରହି ଜନ୍ମମୃତ୍ୟୁ ଚକ୍ରରେ ଘୁରି ବୁଲୁଥାଏ । ଭଗବତ୍ ତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ପ୍ରାପ୍ତହୋଇ ମୁକ୍ତି ପ୍ରାପ୍ତି ନ ହେବା ପର୍ଯ୍ୟନ୍ତ, ସ୍ୱର୍ଗାଦି ଯେତେ ଭୋଗଭୂମି ପ୍ରାପ୍ତ ହେଲେ ମଧ୍ୟ, ଭୋଗ ସମାପ୍ତି ପରେ ଜୀବକୁ ମର୍ତ୍ତ୍ୟଲୋକକୁ ପୁନଃ ଜନ୍ମ ନେଇ ଲେଉଟି ଆସିବାକୁ ପଡିଥାଏ ।

ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା ।
ମସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ॥ ୪॥
ନ ଚ ମତ୍ ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।
ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ॥୫॥

*ଅନ୍ୱୟ: ଇଦମ୍ (ଏହି) ସର୍ବଂ ଜଗଦ୍ (ସମଗ୍ର ସଂସାର) ମୟା (ମୋର) ଅବ୍ୟକ୍ତ ମୂର୍ତ୍ତିନା (ନିରାକାର ସ୍ୱରୂପରେ) ତତମ୍ (ବ୍ୟାପ୍ତ) ସର୍ବଭୂତାନି (ସମସ୍ତ ପ୍ରାଣୀ) ମତ୍ ସ୍ଥାନି (ମୋରିଠାରେ ଅବସ୍ଥାନ କରିଛନ୍ତି) ଚ (କିନ୍ତୁ) ଅହଂ (ମୁଁ) ତେଷୁ (ସେମାନଙ୍କ ଠାରେ ) ନ, ଅବସ୍ଥିତଃ (ରହି ନାହିଁ) ଚ (ତଥା) ମେ ( ମୋର ଏହି) ଐଶ୍ୱରମ୍ ( ଈଶ୍ୱର ସମ୍ବନ୍ଧୀୟ-ସୃଷ୍ଟି ସର୍ଜନା ସମ୍ବନ୍ଧୀୟ) ଯୋଗମ୍ (ଯୋଗ ତଥା ସାମର୍ଥ୍ୟକୁ) ପଶ୍ୟ (ଦେଖ!) ଭୂତଭାବନଃ (ସମସ୍ତ ପ୍ରାଣୀଙ୍କୁ ଉତ୍ପନ୍ନ କରୁଥିବା) ଚ (ଏବଂ) ଭୂତଭୃତ୍ (ପ୍ରାଣୀମାନଙ୍କୁ ଧାରଣ ତଥା ଭରଣ ପୋଷଣ କରୁଥିବା) ମମ ଆତ୍ମା (ମୋର ସ୍ୱରୂପ) ନ,ଭୂତସ୍ଥ (ସେହି ପ୍ରାଣୀ ମାନଙ୍କଠାରେ ନାହିଁ)।*

**ଭାବାର୍ଥ :** ଏକମାତ୍ର ଅବିଭକ୍ତ ପରମାତ୍ମା ସତ୍ତା ଜଳରେ ବରଫ ସାଦୃଶ୍ୟ ସର୍ବତ୍ର ପରିପୂର୍ଣ୍ଣ । ବାସ୍ତବରେ ପ୍ରତିକ୍ଷଣ ଅଭାବ ରହୁଥିବା ସଂସାରର ସ୍ୱତନ୍ତ୍ର ସତ୍ତା ନାହିଁ । ସଂସାରର ସତ୍ତା ଯାହା ପ୍ରତୀତ ହେଉଛି, ପରମାତ୍ମା ସତ୍ତା ହିଁ ତାହାରି କାରଣ । ଏକ ଅଭିନ୍ନ ପରମାତ୍ମା ତତ୍ତ୍ୱରେ 'ସିଏ', 'ମୁଁ', 'ତୁମ୍ଭେ', 'ଏହା', 'ତାହା' – ଏ ସବୁ ପ୍ରଭେଦ ସମ୍ଭବ କିପରି ? ଅତଏବ, ଏକମାତ୍ର ଚିନ୍ମୟ ସତ୍ତା ବ୍ୟତୀତ ଜଡତ୍ୱର ସତ୍ତା ନାହିଁ । ଭଗବାନ କହୁଛନ୍ତି, ଏହି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମୋର ଅବ୍ୟକ୍ତ, ନିରାକାର ସ୍ୱରୂପରେ ବ୍ୟାପ୍ତ । ସକଳ ପ୍ରାଣୀ ମୋ'ଠାରେ ରହିଛନ୍ତି ଅର୍ଥାତ୍ ପରା-ଅପରା ସମଗ୍ର ଜଗତର 'ମୁଁ' ଆଧାର ବା ମୂଳ କାରଣ । ଯୋଗେଶ୍ୱର ରୂପେ ସୃଷ୍ଟି ସର୍ଜନା, ସୃଷ୍ଟି ପାଳନ ଓ ପ୍ରଳୟର ରହସ୍ୟ ଓ ସାମର୍ଥ୍ୟକୁ ନିରୀକ୍ଷଣ କଲେ ଏହା ସିଦ୍ଧ କି, ସକଳ ପ୍ରାଣୀଙ୍କୁ 'ମୁଁ' ଧାରଣ କରିଥିବା ବେଳେ ସେମାନଙ୍କ ଭିତରେ 'ମୁଁ' ରହିନାହିଁ କି, ସେହିମାନେ ମଧ୍ୟ ମୋରି ଭିତରେ ରହି ନାହାନ୍ତି । ଯଦି ଜୀବ ମୋରି ଭିତରେ ରହିଥାନ୍ତା, 'ମୁଁ' ଯେପରି ନିର୍ବିକାର ରୂପରେ ଯଥାବତ୍ ରହେ, ସଂସାର ମଧ୍ୟ ନିର୍ବିକାର ରୂପରେ ତଥାବତ୍ ଅପରିବର୍ତ୍ତିତ ହୋଇ ରୁହନ୍ତା । ସକଳ ପ୍ରାଣୀଙ୍କ ନିକଟରେ ନିର୍ବିକାରତା, ନିତ୍ୟତା, ବ୍ୟାପକତା ରହିଥାଆନ୍ତା । ସମଗ୍ର ଜଗତରେ ଏପରି କୌଣସି ବସ୍ତୁ ନାହିଁ, ଯାହା ଉତ୍ପତ୍ତିର କାରଣ ହୋଇପାରେ । ସମଗ୍ର ସଂସାର ଭଗବାନଙ୍କ ବ୍ୟକ୍ତ ରୂପ ଏବଂ ଅବ୍ୟକ୍ତ ରୂପ ମଧ୍ୟ । ବ୍ୟକ୍ତ ହୁଅନ୍ତୁ ବା ଅବ୍ୟକ୍ତ ହୁଅନ୍ତୁ, ପରମାତ୍ମା ଏକ । 'ମୁଁ ରହିନାହିଁ' ଏହା କହିବାର ତାତ୍ପର୍ଯ୍ୟ ହେଲା, ଜୀବଠାରେ ସବୁପ୍ରକାରେ ବ୍ୟାପ୍ତରହି ସେମାନଙ୍କର ଉତ୍ପତ୍ତି, ପରିବର୍ତ୍ତନ ଓ ବିନାଶର କାରଣ ହେଲେ ମଧ୍ୟ 'ମୁଁ' ସେମାନଙ୍କଠାରେ ଆଶ୍ରିତ ନୁହେଁ । ଯୋଗେଶ୍ୱର ରୂପରେ 'ମୁଁ' ନିଜେ ନିଜ ମହିମାରେ ଅବସ୍ଥାନ କରିଥାଏ । ପରମାତ୍ମାଙ୍କ ସତ୍ତାରୁ ହିଁ ଜୀବକୁ ଜଗତର ଅସ୍ତିତ୍ୱ ଦୃଶ୍ୟ ହେଉଅଛି । ଶ୍ରୁତି ମଧ୍ୟ କହିଛନ୍ତି କି, "ସେହି ଜ୍ୟୋତିର୍ମୟ ରୂପରେ, ତାଙ୍କରି ଦୀପ୍ତିରେ ହିଁ ଏହି ସମଗ୍ର ବିଶ୍ୱ ବିବିଧ ରୂପରେ ପ୍ରକାଶ ପାଇଥାଏ" । ଯେପରି ସମଗ୍ର ବ୍ରହ୍ମାଣ୍ଡରେ ସୂର୍ଯ୍ୟଙ୍କ କିରଣ ବ୍ୟାପ୍ତ, ସେହି ସାଦୃଶ୍ୟ ଭଗବାନଙ୍କ ପ୍ରଭାବ ସଚରାଚରରେ ପରିବ୍ୟାପ୍ତ ହୋଇ ରହିଛି । ସବୁକିଛି ପରମପୁରୁଷ ଭଗବାନଙ୍କ ଶକ୍ତିର ଆଶ୍ରିତ, କିନ୍ତୁ ଭଗବାନ ବିଶ୍ୱାତୀତ, ନିଃସଙ୍ଗ ଏବଂ ନିର୍ବିକାର । ଈଶୋପନିଷଦ୍ ବାକ୍ୟ ହେଲା: **"ଈଶା ବାସ୍ୟମିଦଂ ସର୍ବଂ ଯକିଞ୍ଚ ଜଗତ୍ୟାଂ ଜଗତ୍"** ଅର୍ଥାତ୍ ଏହି ସଂସାରରେ ଯେଉଁ ସବୁ ଜଡ-ଚେତନ ପଦାର୍ଥ ସମୁଦାୟ ରହିଛନ୍ତି, ସେ ସମସ୍ତ ଈଶ୍ୱର ସତ୍ତାରେ ବ୍ୟାପ୍ତ । ଏହି ଦୁଇଟି ଶ୍ଳୋକରେ ଭଗବାନ ବ୍ରହ୍ମଜ୍ଞାନ ସମ୍ବନ୍ଧୀୟ ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ପ୍ରତିପାଦିତ କରିଛନ୍ତି । ବ୍ୟକ୍ତ ରୂପରେ ସଂସାରରେ ପରମାତ୍ମା ଅଛନ୍ତି ଏବଂ ପରମାତ୍ମାଙ୍କଠାରେ ସଂସାର ରହିଛି । ଏହା ହେଲା ବ୍ରହ୍ମ ସ୍ୱରୂପ ସମ୍ବନ୍ଧୀୟ ଜ୍ଞାନ । ନିରାକାର ନିର୍ଗୁଣ ସ୍ୱରୂପ ତତ୍ତ୍ୱକୁ ଅନୁଧ୍ୟାନ କଲେ ଏହି ସିଦ୍ଧାନ୍ତରେ ଉପନୀତ ହେବା କି, ପରମାତ୍ମା ସଂସାରରେ ରହି ନାହାନ୍ତି ଏବଂ ସଂସାର ପରମାତ୍ମାଙ୍କ ଠାରେ ରହିନାହିଁ, ଅର୍ଥାତ୍ ଏକ ପରମାତ୍ମା ଅତିରିକ୍ତ ଅନ୍ୟ କୌଣସିର ସ୍ଥିତି ହିଁ ରହିନାହିଁ । ଯେପରି ଉଭୟ ମାଟି ଓ ସେଥିରେ ନିର୍ମିତ ସମସ୍ତ ପାତ୍ରରେ କେବଳ ମାଟି ତତ୍ତ୍ୱ ହିଁ ବିଦ୍ୟମାନ । ଏହା ହେଲା ବ୍ରହ୍ମ ସ୍ୱରୂପ ସମ୍ବନ୍ଧୀୟ ବିଜ୍ଞାନ ତତ୍ତ୍ୱ । ସଂସାରର ଅଣୁ-ଅଣୁରେ ବ୍ୟାପ୍ତ ହୋଇମଧ୍ୟ ଭଗବାନ ସଂସାରରୁ ସର୍ବଦା ଅତୀତ । ସମସ୍ତ ଜଗତ ନାଶ ହେଲେମଧ୍,

ଭଗବାନ ଯେଉଁପରି-ସେହିପରି ରହି ଆସିଛନ୍ତି । ବସ୍ତୁତଃ ଭୂତ ସମୂହ ମୋ'ଠାରେ ସ୍ଥିତ, କାରଣ ସେ ସମସ୍ତ ମରଣଧର୍ମା ଅଟନ୍ତି । ମୁଁ ଅନେକ ବ୍ୟକ୍ତ ରୂପରେ ସଂସାରରେ ଦେଖାଯାଉଥିଲେ ମଧ୍ୟ, ମୁଁ ସର୍ବଦା ନିର୍ଗୁଣ, ଏକରୂପ, ଏକ ରସ ଅଟେ । ସମଗ୍ର ସଂସାର ସ୍ୱରୂପତଃ ଭଗବାନଙ୍କ ହିଁ ରୂପ ଏବଂ ଏଥିରେ ଯେଉଁ ପରିବର୍ତ୍ତନ ହେଉଛି, ସେ ସବୁ ଭଗବାନଙ୍କ ଲୀଳା । ଏହି ଦୁଇଟି ଶ୍ଲୋକରେ ଭଗବାନଙ୍କ ସ୍ୱରୂପ ନିର୍ଦ୍ଦେଶ ହୋଇଥିବାରୁ, ଭିନ୍ନ ଭିନ୍ନ ସଂପ୍ରଦାୟର ଆଚାର୍ଯ୍ୟମାନେ ନିଜ ନିଜ ସାକ୍ଷାତ୍କାର ଅନୁଭୂତିକୁ ନେଇ ଭିନ୍ନ ଭିନ୍ନ ସିଦ୍ଧାନ୍ତମାନ ପ୍ରତିପାଦିତ କରିଛନ୍ତି । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମତାନୁସାରେ ସମ୍ପୂର୍ଣ୍ଣ ବ୍ରହ୍ମାଦି ସ୍ତମ୍ବ ପର୍ଯ୍ୟନ୍ତ ପ୍ରାଣୀ ମୋ'ଠାରେ ବ୍ୟାପ୍ତ ଅର୍ଥାତ୍ ସମସ୍ତ ପ୍ରାଣୀଙ୍କ ଭିତରେ ଆତ୍ମା ରୂପରେ 'ମୁଁ' ହିଁ ବିଦ୍ୟମାନ, ଯାହା ଇନ୍ଦ୍ରିୟମାନଙ୍କ ଦ୍ୱାରା ଅଗୋଚର । ଯେପରି କି, ଶରୀର ଇନ୍ଦ୍ରିୟାଦିର ଆଧାର ଆତ୍ମା, ସେହି ସାଦୃଶ୍ୟ ବିଶ୍ୱାତ୍ମା ଚରାଚର ପ୍ରାଣୀଙ୍କ ଆଧାର । କିନ୍ତୁ ପରମାର୍ଥ ଦୃଷ୍ଟିରେ ଦେଖିଲେ 'ମୁଁ' ଏବଂ ପ୍ରାଣୀଙ୍କ ମଧ୍ୟରେ ଆଧାର-ଧେୟ ସମ୍ବନ୍ଧ ନଥାଏ । 'ମୁଁ' ସର୍ବଦା ଅସଙ୍ଗ ଅର୍ଥାତ୍ କାହାରି ସହିତ ମୋର ମେଳ ନାହିଁ । ଏହି ବିଚାରରେ ସମସ୍ତ ପ୍ରପଞ୍ଚ କେବଳ ମାୟା, ନିଜର ଅବ୍ୟୟ ରୂପରେ 'ମୁଁ' ସର୍ବତ୍ର ବ୍ୟାପ୍ତ, ଏହାହିଁ ସତ୍ୟ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ମତାନୁସାରେ, ସମସ୍ତ ପ୍ରାଣୀଙ୍କ ସ୍ଥିତି ମୋରି ଅଧୀନ, କିନ୍ତୁ 'ମୁଁ' ଜୀବଙ୍କ ଅଧିନସ୍ଥ ନୁହେଁ । ଅନ୍ୟ ଅର୍ଥରେ ସେହି ପ୍ରାଣୀଙ୍କ ଦ୍ୱାରା ମୋର କୌଣସି ଉପକାର ହୋଇ ନ ଥାଏ, ବରଂ ମୋର ସତ୍ତା ଅଭାବରେ ପ୍ରାଣୀଙ୍କ ସ୍ଥିତି ସମ୍ଭବ ନୁହେଁ । ମାଟି ଘଟରେ ଜଳ ପୂର୍ଣ୍ଣକଲେ ଜଳର ଆର୍ଦ୍ରତା ଯେପରି ଘଟରେ ବ୍ୟାପ୍ତ ହୋଇଯାଏ, ସେହିପରି ମୋର ସତ୍ତା ସର୍ବତ୍ର ବ୍ୟାପ୍ତ । କିନ୍ତୁ ପ୍ରାଣୀଙ୍କ ଧର୍ମ ମୋ'ଠାରେ ପ୍ରବେଶ କରି ନ ଥାଏ । ଏହି କାରଣରୁ କୌଣସି ପ୍ରାଣୀ ମୋ'ଠାରେ ନାହାନ୍ତି । ଅମୂର୍ତ୍ତ ପଦାର୍ଥ କେବେ କାହାର ଆଧେୟ ହୋଇ ନ ଥାଏ । ଉଡୁଥିବା ମୂର୍ତ୍ତ ପକ୍ଷୀଟି କେବେ ଆକାଶର ଆଧାର ହୋଇ ପାରିବନାହିଁ କି, ଅମୂର୍ତ୍ତ ଆକାଶ କେବେ ମୂର୍ତ୍ତ ପକ୍ଷୀର ଆଧେୟ ହୋଇପାରିବ ନାହିଁ । ମୁଁ ଅଧିଷ୍ଠାନ ଏବଂ ସମସ୍ତ ମୋ'ଠାରେ ଅଧ୍ୟସ୍ତ । ଅଜ୍ଞାନୀ ଦୃଷ୍ଟିରେ ସାରା ପ୍ରପଞ୍ଚର ଆଧାର ପରମାତ୍ମା ଏବଂ ତତ୍ତ୍ୱଜ୍ଞ ଦୃଷ୍ଟିରେ ପରମାତ୍ମା ଅତିରିକ୍ତ କୌଣସି ବସ୍ତୁ ହିଁ ନାହିଁ । ପରମାତ୍ମାଙ୍କଠାରେ ଆଧାର-ଆଧେୟ ଭାବରେ କୌଣସି ପ୍ରପଞ୍ଚ ସ୍ଥିତ ନାହିଁ କି, ଦ୍ରଷ୍ଟା-ଦୃଶ୍ୟ, ଭୋକ୍ତା-ଭୋଗ୍ୟ ଏବଂ କର୍ତ୍ତା-କର୍ମର ଲେଶମାତ୍ର ସମ୍ବନ୍ଧ ନାହିଁ । ଯେଉଁ ପର୍ଯ୍ୟନ୍ତ ଅଧିଷ୍ଠାନର ଜ୍ଞାନ ହୋଇନାହିଁ, ସେହି ପର୍ଯ୍ୟନ୍ତ ଅଧ୍ୟସ୍ତରେ ପରିବର୍ତ୍ତନ ହେଉଥିବା ଭାବ ଜାରି ରହିଥିବ । ଯେଉଁ ପର୍ଯ୍ୟନ୍ତ ରଜ୍ଜୁର ଜ୍ଞାନ ହୋଇନାହିଁ, ସର୍ପରେ ପରିବର୍ତ୍ତନ ଧାରା ଯୁକ୍ତ ହୋଇ ରହିଥିବ । ଅଜ୍ଞାନର ନିବୃତ୍ତି ହୋଇ ନ ଥିବା କାରଣରୁ ଭ୍ରମରେ ପରିବର୍ତ୍ତନ ପ୍ରତୀୟମାନ ହୋଇଥାଏ । ତତ୍ତ୍ୱଦର୍ଶୀର ଦୃଷ୍ଟିରେ ପରମାତ୍ମା ଭିନ୍ନ ଅନ୍ୟ କୌଣସି ବସ୍ତୁର ସତ୍ତା ହିଁ ନାହିଁ । ଜୀବ ଏବଂ ପରମାତ୍ମାଙ୍କ ସମ୍ବନ୍ଧ ସପ୍ତମ ଅଧ୍ୟାୟର ୧୨ ଶ୍ଲୋକର("ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି") ଭାବାର୍ଥରେ ବିଶଦ ଭାବରେ ଭିନ୍ନ ଭିନ୍ନ ସଂପ୍ରଦାୟର ଆଚାର୍ଯ୍ୟମାନଙ୍କ ବ୍ୟାଖ୍ୟାକୁ ଉପସ୍ଥାପନ କରାଯାଇଛି ।

ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।
ତଥା ସର୍ବାଣି ଭୂତାନି ମତ୍ ସ୍ଥାନୀତ୍ୟୁପଧାରୟ ॥ ୬॥

*ଅନ୍ୱୟ: ଯଥା (ଯେପରି) ସର୍ବତ୍ରଗଃ (ସର୍ବତ୍ର ଗମନଶୀଳ) ମହାନ୍ ବାୟୁଃ (ମହା ଶକ୍ତିଶାଳୀ ବାୟୁ) ନିତ୍ୟଂ( ସର୍ବଦା) ଆକାଶସ୍ଥିତଃ (ଆକାଶରେ ଅବସ୍ଥିତ) ତଥା ( ସେହିପରି) ସର୍ବାଣି ଭୂତାନି (ସମସ୍ତ ପ୍ରାଣୀ) ମତ୍ ସ୍ଥାନୀ ( ମୋ'ଠାରେ ହିଁ ସ୍ଥିତ ରହନ୍ତି) ଇତି (ଏହି ତତ୍ତ୍ୱକୁ) ଉପଧାରୟ ( ତୁମ୍ଭେ ମାନି ନିଅ ) ।*

**ଭାବାର୍ଥ** : ବାୟୁର ଉତ୍ପତ୍ତି ଆକାଶରେ, ସ୍ଥିତି ଆକାଶରେ ଏବଂ ବିଲୟ ମଧ୍ୟ ଆକାଶରେ । ସେହି ସାଦୃଶ୍ୟ ସମସ୍ତ ଚରାଚର ଭୂତ ସମୂହ ଭଗବାନଙ୍କ ସଙ୍କଳ୍ପରୁ ଉତ୍ପନ୍ନ, ଭଗବାନଙ୍କଠାରେ ସ୍ଥିତ ଏବଂ ଭଗବାନଙ୍କ ଠାରେ ବିଲୀନ ହୋଇଥାଆନ୍ତି । ବାୟୁ ଯେପରି ସର୍ବତ୍ର ବିଚରଣଶୀଳ, ଜୀବ ସେହିପରି ନାନା ଯୋନିରେ ପରିଭ୍ରମଣ କରିଥାଏ । ବାୟୁ ଯେପରି ଆକାଶରେ ଅତ୍ୟନ୍ତ ବିସ୍ତୃତ, ସେହି ପ୍ରକାର ଭୂତ ସମୂହ ମଧ୍ୟ ସଂସାରରେ ବିସ୍ତାରଶୀଳ । ସବୁ ଅବସ୍ଥା ଏବଂ ସବୁ ସମୟରେ ଆକାଶ ହିଁ ଯେପରି ବାୟୁର ଆଧାର, ପରମାତ୍ମା ସେହିପରି ସମସ୍ତ ଜୀବର ଆଧାର ଏବଂ ମୂଳ କାରଣ । ଭଗବାନ ଏହି ଶ୍ଳୋକରେ ପରମାତ୍ମା ଓ ଜୀବର ସମ୍ବନ୍ଧକୁ ଆକାଶ ଓ ବାୟୁ ସହିତ ତୁଳନା କରି ଏଥି ନିମନ୍ତେ ଉପସ୍ଥାପନ କରିଛନ୍ତି କି, ସୂକ୍ଷ୍ମାତିସୂକ୍ଷ୍ମ ପରମାତ୍ମାଙ୍କ ସ୍ୱରୂପ ପରେ ସୂକ୍ଷ୍ମବସ୍ତୁ ହେଲା ଆକାଶ ଯାହା ସମସ୍ତ ମହାଭୂତର ମୂଳ ତତ୍ତ୍ୱ । ସମସ୍ତ ମହାଭୂତର କାର୍ଯ୍ୟକ୍ଷେତ୍ର ହେଲା ଆକାଶ । କେବଳ ଚେତନ ତତ୍ତ୍ୱକୁ ଛାଡିଦେଲେ, ପରମାତ୍ମାଙ୍କ ସ୍ୱରୂପ ସହିତ ଆକାଶର ସାମଞ୍ଜସ୍ୟ ରହିଛି । ପରମାତ୍ମାଙ୍କ ପ୍ରକାଶ ସ୍ଥଳ ହେଉଛି ଆକାଶ । ଆକାଶ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଆ- ଅର୍ଥ ଇଷତ୍ ଏବଂ କାଶ- କାଶ୍ ଧାତୁ-ଦୀପ୍ତି ଅର୍ଥକ- ଅର୍ଥାତ୍ କିଞ୍ଚିତ ପ୍ରକାଶ । ଭଗବାନଙ୍କ ସୃଷ୍ଟିରେ ସମସ୍ତ ପଦାର୍ଥ ବ୍ୟକ୍ତ ହେବାର ଅନ୍ତରାଳରେ ଆକାଶ ହିଁ ଆଧାର ଯେଉଁଥିରେ ଶବ୍ଦ, ରୂପ, ରସ, ଗନ୍ଧ ଓ ସ୍ପର୍ଶ ଆଦି ଧ୍ୟେୟ ମାଧ୍ୟମରେ ସମସ୍ତ ପ୍ରକାଶିତ ହୋଇଥାନ୍ତି । ତେଣୁ ପରମାତ୍ମା ବ୍ୟକ୍ତ ରୂପରେ ପ୍ରକାଶିତ ହେବାରେ ଆକାଶ ହେଉଛି ଆଧାର । ଉଡୁଥିବା ପକ୍ଷୀଟିକୁ ଦେଖିଲେ ଯେପରି ଆକାଶର ଅସ୍ତିତ୍ୱକୁ ଅନୁଭବ ହୋଇଥାଏ, ଜୀବ ହେଉଛି ପରମାତ୍ମା ସତ୍ତାର ପ୍ରତୀକ । ସମସ୍ତ ମହାଭୂତର କାର୍ଯ୍ୟକ୍ଷେତ୍ର ହୋଇଥିଲେମଧ୍ୟ, ଆକାଶର ପ୍ରକାଶ ଶକ୍ତି ଯେପରି କୌଣସି ପ୍ରକାରେ ପ୍ରଭାବିତ ହୋଇ ନ ଥାଏ, ସେହି ସାଦୃଶ୍ୟ ସମସ୍ତ ପ୍ରାଣୀ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପରେ ଅଧିଷ୍ଠ ହୋଇଥିଲେ ମଧ୍ୟ ସେ' ଆକାଶ ସାଦୃଶ୍ୟ ନିର୍ଲିପ୍ତ ରହିଥାଆନ୍ତି । ସୃଷ୍ଟିର ଭଲ-ମନ୍ଦ, ଦୁଃଖ-ସୁଖ, ପ୍ରଭବ-ପ୍ରଳୟ ପରମାତ୍ମାଙ୍କୁ ସ୍ପର୍ଶ କରି ନ ଥାଏ । ଆତ୍ମା ଯେପରି ଶରୀରରେ ହେଉଥିବା ପାପ, ପୂଣ୍ୟ କର୍ମ ସହିତ ଅସଙ୍ଗ ରହିଥାଏ, ବିଶ୍ୱାତ୍ମା ସମସ୍ତଙ୍କଠାରୁ ପୃଥଗ ସ୍ଥିତିରେ ରହିଥାନ୍ତି । ନିଜ ଧାରଣାରେ ବାୟୁର ସ୍ୱତନ୍ତ୍ର ସତ୍ତା ଥିବା ପର୍ଯ୍ୟନ୍ତ, ଆକାଶରେ ବାୟୁ ଅଛି ଏବଂ ବାୟୁରେ ଆକାଶ ରହିଛି । ମାତ୍ର ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ଆକାଶରେ ବାୟୁ ନାହିଁ କି, ବାୟୁରେ ଆକାଶ ନାହିଁ ଅର୍ଥାତ୍ କେବଳ ଆକାଶ ହିଁ ରହିଛି । ସେହି ପ୍ରକାରେ ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ

ପରମାତ୍ମାଙ୍କଠାରେ ପ୍ରାଣୀ ନାହାନ୍ତି କି, ପ୍ରାଣୀମାନଙ୍କଠାରେ ପରମାତ୍ମା ନାହାନ୍ତି, କେବଳ ଏକ ପରମାତ୍ମା ହିଁ ବିଦ୍ୟମାନ ।

ସର୍ବ ଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।
କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ॥୭॥

*ଅନ୍ୱୟ: କୌନ୍ତେୟ (ହେ କୁନ୍ତିପୁତ୍ର ଅର୍ଜୁନ!) କଳ୍ପକ୍ଷୟେ ( ମହା ପ୍ରଳୟ କାଳରେ) ସର୍ବ ଭୂତାନି (ସମସ୍ତ ସୃଷ୍ଟ ଜୀବ) ମାମିକାମ୍ (ମୋର) ପ୍ରକୃତିଂ (ମୂଳ ପ୍ରକୃତିରେ) ଯାନ୍ତି (ପ୍ରବେଶ କରନ୍ତି) ପୁନଃ (ପୁନର୍ବାର) କଳ୍ପାଦୌ (କଳ୍ପର ଆରମ୍ଭରେ) ଅହଂ (ମୁଁ) ତାନି (ସେହି ସମସ୍ତଙ୍କୁ) ବିସୃଜାମି (ସୃଷ୍ଟିକରେ ) ।*

**ଭାବାର୍ଥ**: ହେ କୁନ୍ତୀନନ୍ଦନ ଅର୍ଜୁନ ! ମହାପ୍ରଳୟ କାଳରେ ଆକାଶ ଆଦି ଜଡ-ଚେତନାତ୍ମକ ଭୂତ ସମୂହ ମୋର ତ୍ରିଗୁଣାତ୍ମକ ମୂଳ ପ୍ରକୃତିରେ ଲୀନ ହୋଇଥାଆନ୍ତି ଏବଂ ଅନ୍ୟ ଏକ କଳ୍ପର ଆରମ୍ଭରେ ଅର୍ଥାତ୍ ନୂତନ ବ୍ରହ୍ମାଙ୍କ ଦିନ ଆଗମନରେ ଅବ୍ୟକ୍ତ ରୂପରେ ରହିଥିବା ସମସ୍ତ ଭୂତ ସମୂହକୁ ପୁନର୍ବାର ସ୍ଥୂଳ-ସୂକ୍ଷ୍ମାଦି ନାନା ରୂପରେ 'ମୁଁ ପ୍ରକଟ କରିଥାଏ । ସମଗ୍ର ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ଶକ୍ତିର ସ୍ଥୂଳ ଓ ସୂକ୍ଷ୍ମ ରୂପରେ ବିସ୍ତାର ମାତ୍ର । ବ୍ରହ୍ମାଙ୍କର ଗୋଟିଏ ଦିନ ହେଉଛି ଗୋଟିଏ କଳ୍ପ ଯାହା ମର୍ତ୍ତ୍ୟଲୋକର ଏକହଜାର ଚତୁର୍ଯୁଗୀର ସମୟ । ବ୍ରହ୍ମାଙ୍କର ଗୋଟିଏ ରାତ୍ରି ମଧ୍ୟ ସେତିକି ସମୟ ହୋଇଥାଏ । ଏହି ହିସାବରେ ବ୍ରହ୍ମାଙ୍କ ଆୟୁ ଏକଶହ ବର୍ଷ ଅର୍ଥାତ୍ ଜାଗତିକ ଦିନରାତି ଗଣନା ଅନୁସାରେ ବ୍ରହ୍ମାଙ୍କର ଆୟୁଷ ହେଉଛି-୪୩୦,୦୦,୦୦,୦୦୦( ଚାରିଶହ ତିରିଶି କୋଟି) ମାନବୀ ବର୍ଷ । ବ୍ରହ୍ମାଙ୍କ ଆୟୁ ସମାପ୍ତହେଲେ ପ୍ରଳୟ ଧ୍ୱଂସ କ୍ରିୟା ସାଧିତ ହୁଏ । ଭଗବାନଙ୍କ ସମଗ୍ର ପ୍ରକାଶ ମୂଳପ୍ରକୃତିରେ ପ୍ରବେଶ କରି ଅପ୍ରକଟ ହୁଏ । ଆକାଶ ଆଦି ପଞ୍ଚ ମହାଭୂତ ସମେତ ଯେଉଁ ଅପରା ପ୍ରକୃତି ପରମାତ୍ମାଙ୍କ ସହିତ ସିଧା ସମ୍ବନ୍ଧ, ତାହା ହେଉଛି ମୂଳ ପ୍ରକୃତି । ଭଗବାନ ଶ୍ରୀକୃଷ୍ଣ ଏହାକୁ ଚତୁର୍ଦ୍ଦଶ ଅଧ୍ୟାୟରେ 'ମହତ୍ ବ୍ରହ୍ମ' ବୋଲି କହିଛନ୍ତି । ଏହି ଶ୍ଳୋକରେ ଭଗବାନ କହିଥିବା 'ପ୍ରକୃତିଂ ମାମିକମ୍', 'କଳ୍ପକ୍ଷୟେ-କଳ୍ପାଦୌ', 'ବିସୃଜାମି ପୁନଃ' ଏହି ସବୁ ଶବ୍ଦମାନଙ୍କ ଭିନ୍ନ ଭିନ୍ନ ଅର୍ଥ କରି ବ୍ୟାଖ୍ୟାକାର ମାନେ ଭିନ୍ନ ଭିନ୍ନ ମତ ଉଲ୍ଲେଖ କରିଥିବାର ଦେଖାଯାଏ । ସ୍ୱାମୀ ରାମସୁଖଦାସଙ୍କ ବ୍ୟାଖ୍ୟାନୁଯାୟୀ ସମସ୍ତ ପ୍ରାଣୀ ମୋର ଅଂଶ । ପ୍ରକୃତି ଏବଂ ଶରୀର ସହିତ ଅହଂଭାବ ଓ ମମତା ରୂପକ ସମ୍ବନ୍ଧ କାରଣରୁ ସମସ୍ତ ପ୍ରାଣୀ ମହାପ୍ରଳୟ ଆସିଲେ ପ୍ରକୃତିର ଅଧୀନ ହୋଇ ନିଜ ଗୁଣ-କର୍ମ ସମୁଦାୟ ରୂପ କାରଣ-ଶରୀର ସହିତ ପରମାତ୍ମାଙ୍କ ସ୍ଥୂଳ ପ୍ରକୃତିରେ ଲୀନ ହୋଇଥାନ୍ତି । କର୍ମ ଯେତେବେଳେ ପରିପକ୍ୱ ହୋଇ ଫଳ ଦେବା ନିମନ୍ତେ ଉନ୍ମୁଖ ହୁଏ, ପରମାତ୍ମାଙ୍କ ସ୍ୱରୂପରେ **"ବହୁ ସ୍ୟାଂ ପ୍ରଜାୟେୟ"(ମୁଁ ଏକ ବହୁତ ହୋଇଯାଉ)** ସଂକଳ୍ପ ଜାତ ହୁଏ । ପ୍ରାଣୀଙ୍କ ଅସ୍ତିତ୍ୱ ପ୍ରକଟ କରିବା ପାଇଁ ଭଗବାନଙ୍କ ସଂକଳ୍ପ ହିଁ ମହାସର୍ଗର ଆରମ୍ଭ । ଜୀବ ସମୂହ ନିଜ ନିଜ କର୍ମ ସଂସ୍କାର ଅନୁସାରେ ସେହି ସେହି ଯୋନି ପ୍ରାପ୍ତ ହୋଇ ଶରୀର ଧାରଣ କରିଥାନ୍ତି । ଏହି କ୍ରମରେ କଳ୍ପ ପରେ କଳ୍ପ ଜୀବ ନିଜ କର୍ମ ସଂସ୍କାର ଶୁଦ୍ଧକରି ପରମାତ୍ମାଙ୍କ ସହିତ ଲୀନ ହୋଇଥାଏ । ନଶ୍ୱର ଶରୀର ଓ ସଂସାର ସହିତ କାମନା, ମମତା ଓ ଆସକ୍ତି ବଶତଃ ସମ୍ବନ୍ଧ

ମାନିନେଇ ଜୀବ ପତନାଭିମୁଖ ହୋଇ ବାରମ୍ବାର ଜନ୍ମ ନେଇଥାଏ । ଭଗବାନଙ୍କ ସଙ୍କଳ୍ପ ହିଁ କଳ୍ପର ଆରମ୍ଭ ଯେଉଁଥିରେ ସୃଷ୍ଟି ପ୍ରକଟ ହୁଏ । ନିଜ ସଙ୍କଳ୍ପକୁ ଶାନ୍ତ କରିଦେଲା ପରେ ସମସ୍ତ ପ୍ରାଣୀ ମୂଳ ପ୍ରକୃତିରେ ଲୀନ ହୁଅନ୍ତି ଏବଂ ତାହା କଳ୍ପର ଅନ୍ତ । ଅଦ୍ୱୈତବାଦ ମତାନୁସାରେ "ପ୍ରକୃତି ମାମିକମ୍" ହେଲା ଭଗବାନଙ୍କ ଯୋଗମାୟା ଶକ୍ତି ଯାହାର ଅବଲମ୍ବନରେ ସେ' ସୃଷ୍ଟି ସର୍ଜନା ଓ ପ୍ରଳୟ କରନ୍ତି । ଶକ୍ତି କେବେ ଶକ୍ତିମାନ୍ ଠାରୁ ପୃଥଗ ହୋଇ ନଥାଏ । ଯେହେତୁ ଏହି ମୂଳ ପ୍ରକୃତି ଭଗବାନଙ୍କର ଶକ୍ତି, ତେଣୁ ଭଗବାନ ହିଁ ସମସ୍ତ ବ୍ରହ୍ମାଣ୍ଡର ପ୍ରଭବ ଓ ପ୍ରଳୟ ସ୍ଥାନ ଅଟନ୍ତି । ସୃଷ୍ଟି, ସ୍ଥିତି ଓ ପ୍ରଳୟ ଏ ସମସ୍ତ ଭଗବାନଙ୍କର ମାୟା । ବେଦାନ୍ତ ତତ୍ତ୍ୱ ଯଦିଓ ସଂସାର ସ୍ଥିତିକୁ ସ୍ୱୀକାର କରେ, କିନ୍ତୁ ପ୍ରକୃତି ରୂପୀ ନିର୍ମାଣ ପ୍ରକ୍ରିୟାକୁ ନୁହେଁ । କାରଣ ଭଗବାନ ପୂର୍ଣ୍ଣକାମ, ଅର୍ଥାତ୍ ସେ' କାମନା, ମମତ୍ୱ ଓ ଉଦ୍ଦେଶ୍ୟ ରହିତ । ସଂକଳ୍ପ କେବଳ ଅପୂର୍ଣ୍ଣରେ ହିଁ ହୋଇଥାଏ । ତେଣୁ ପ୍ରକଟିତ ସୃଷ୍ଟି ସ୍ୱପ୍ନ ସାଦୃଶ୍ୟ ମାୟାଧୀନ । ସ୍ୱପ୍ନ ଅବସ୍ଥାରେ ଶରୀରର ଅନେକ ରୂପ ଓ ଅବସ୍ଥାର ଦୃଶ୍ୟକୁ ଅସ୍ୱୀକାର କରିହେବ ନାହିଁ, ମାତ୍ର ସ୍ୱପ୍ନରେ ଯାହା ଦେଖା ଯାଇଥାଏ, ତାହାର କୌଣସି ବାସ୍ତବତା ଦ୍ରଷ୍ଟାଠାରେ ପରିଲକ୍ଷିତ ହୁଏ ନାହିଁ । ସୃଷ୍ଟିର ଆରମ୍ଭରେ ଭଗବାନଙ୍କ ମାୟା ସାଦୃଶ୍ୟ ଅପରା ପ୍ରକୃତି ଯାହା ବିସ୍ତାରିତ ହୋଇ ଅନେକ ନାମ ଓ ରୂପରେ ପ୍ରତୀୟମାନ ହୁଏ । 'ଚେତନ' ଯାହା ଭଗବାନଙ୍କ ପରାଶକ୍ତି, ତାହା ଅପରା ପ୍ରକୃତିର ନାମ ଓ ରୂପ ସମୂହରେ ଜୀବନ ସଂଚାର କରେ । ସେତେବେଳେ ଏହି ମାୟା ଦ୍ୱାରା ପରିଦୃଶ୍ୟ ଜଗତ ବାସ୍ତବ ଭଳି ଅନୁଭୂତ ହୁଏ । ସ୍ୱପ୍ନ ଭାଙ୍ଗିଗଲେ ଅର୍ଥାତ୍ ନିଦ୍ରା ଅବସ୍ଥାର ଅନ୍ତ ଘଟିଲେ, ସ୍ୱପ୍ନ ଉଭେଇ ଗଲାଭଳି, ପରମାତ୍ମା ତତ୍ତ୍ୱ ଜ୍ଞାନ ଜାଗୃତିରେ ମାୟା ଜନିତ ସଂସାରର ସ୍ଥିତି ଉଭାନ ହୋଇଯାଏ । ଯଦିଓ ଜଗତ ସୃଷ୍ଟି ଓ ବିଲୟ ପ୍ରକ୍ରିୟା ଭଗବାନଙ୍କ ଯୋଗମାୟା ଶକ୍ତି ଦ୍ୱାରାହିଁ ପ୍ରେରିତ ଓ ପରିଚାଳିତ ହୋଇଥାଏ, ଭଗବାନଙ୍କ ବିଶୁଦ୍ଧ ସତ୍ତା ସେଥିରେ ଅପ୍ରଭାବିତ ଓ ଅବିଚଳିତ ହୋଇ ରହିଥାଏ । ପୂଜ୍ୟ ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଟୀକାନୁସାରେ ସମୁଦ୍ରରେ ଲହଡି ଓ ବୁଦ୍ ବୁଦ୍ ଫେଣ ଯେପରି ଏକ ସମୟରେ ଉତ୍ପନ୍ନ ହୋଇପୁଣି ସମୁଦ୍ରରେ ଅଦୃଶ୍ୟ ହୋଇ ଯାଇ ଥାଆନ୍ତି, ଏବଂ ଏଗୁଡ଼ିକର ଉତ୍ପତ୍ତି ଓ ଲୟ ଭିତରେ ଏକ ଜଳ ତତ୍ତ୍ୱ ହିଁ ବିଦ୍ୟମାନ, ସେହିପରି ପରମାତ୍ମା ସ୍ୱରୂପରେ ପ୍ରକୃତି ଓ ପ୍ରକୃତିର କାର୍ଯ୍ୟ ସ୍ୱରୂପ ସମସ୍ତ ପ୍ରାଣୀର ଉତ୍ପତ୍ତି ଓ ବିଲୟ ପ୍ରକ୍ରିୟା ଅନ୍ତରାଳରେ ଏକ ପରମାତ୍ମା ସତ୍ତା ହିଁ ବିଦ୍ୟମାନ । ଭଗବାନ ଓ ପ୍ରକୃତିର ସମ୍ବନ୍ଧ ଦ୍ରଷ୍ଟା ଏବଂ ଦୃଶ୍ୟର ସମ୍ବନ୍ଧ । ବ୍ୟକ୍ତ ରୂପରେ ସମଗ୍ର ସୃଷ୍ଟି ହେଲା ଭଗବାନଙ୍କ ସ୍ୱରୂପ । ଦ୍ରଷ୍ଟାପନ ହେଲା ଭଗବାନଙ୍କ ସ୍ୱଭାବ । ଦ୍ରଷ୍ଟା ରୂପରେ ବୋଧ ହେଉଥିବା ତତ୍ତ୍ୱ ହେଉଛି ଜ୍ଞାନ । ଭଗବାନ ସ୍ୱୟଂ ନିର୍ଲିପ୍ତ ରହି ଏକାଧାରରେ ପରମାତ୍ମା ରୂପରେ ଦ୍ରଷ୍ଟା, ପ୍ରକୃତିର କାର୍ଯ୍ୟରୂପରେ ଦୃଶ୍ୟ ଏବଂ ପ୍ରତିଭାସ ରୂପରେ ଜ୍ଞାତା । 'ଯଥାର୍ଥଗୀତା'ରେ ସ୍ୱାମୀ ଅଡ଼ଗାନନ୍ଦ ମହାରାଜ "କଳ୍ପ" ଶବ୍ଦକୁ ଉତ୍ଥାନୋମୁଖ ପରିବର୍ତ୍ତନ ବୋଲି ଅର୍ଥ କରି ବ୍ୟାଖ୍ୟା କରିଛନ୍ତି । ଭଗବାନଙ୍କ ମୂଳ ପ୍ରକୃତି ଯେତେବେଳେ ତିନିଗୁଣ ସମତ୍ୱରେ ଅବସ୍ଥାନ କରେ, ସେତେବେଳେ ତାହା ନିରାକାର, ନିର୍ଗୁଣ, ନିର୍ବିକାର । ପ୍ରକୃତିର ସତ୍ତ୍ୱ, ରଜ, ତମ ଏହି ତିନିଗୁଣର ସମତ୍ୱ ସ୍ଥିତି ଅସନ୍ତୁଳନ ହେଲେ, ପ୍ରକୃତି ବିକୃତ ହୋଇ ଆଲୋଡନ ସୃଷ୍ଟି ହୁଏ ଏବଂ ନାନା ନାମ

ଓ ରୂପ ଧାରଣ କରି କଳ୍ପର ଆରମ୍ଭ ହୁଏ । ପ୍ରକୃତିର ଆକୃତି ଓ ବିକୃତିଗତ ଅସନ୍ତୁଳିତ ସ୍ଥିତିକୁ ବିଶେଷ ଭାବରେ ସଜାଇ ପୁଣି ସନ୍ତୁଳିତ ସ୍ଥିତିକୁ ଫେରାଇ ଆଣିବା ପ୍ରକ୍ରିୟା କଳ୍ପର ଅନ୍ତ । ଏହି ସୃଷ୍ଟି ଓ ବିଲୟ ପ୍ରକ୍ରିୟାର ଆଦି କିମ୍ବା ଅନ୍ତ ନ ଥାଏ । କଳ୍ପର ବିଲୟ କାଳରେ ଜୀବ ସମସ୍ତ ମୋର ପ୍ରକୃତି ଅର୍ଥାତ ମୋର ସ୍ୱଭାବକୁ ପ୍ରାପ୍ତ ହୋଇଥାନ୍ତି । କଳ୍ପର ଆରମ୍ଭରେ ମୁଁ ସେହିମାନଙ୍କୁ ବାରମ୍ବାର "ବିସୃଜାମି" ବିଶେଷ ରୂପରେ ସୃଷ୍ଟି କରିଥାଏ । ସେ ସମସ୍ତ ତ ପ୍ରଥମରୁ ରହିଥିଲେ, କିନ୍ତୁ ବିକୃତ ଥିଲେ । 'ମୁଁ ସେମାନଙ୍କୁ ରଚନା କରେ, ସଜାଇଥାଏ । ଯେ ଅଚେତ ଥାଆନ୍ତି, ତାହାକୁ ଜାଗୃତ କରାଏ । କଳ୍ପ ନିମନ୍ତେ ପ୍ରେରିତ କରେ ଅର୍ଥାତ୍ ଅସନ୍ତୁଳିତ ସ୍ଥିତିରୁ ସମତା ସ୍ଥିତିକୁ ପ୍ରାପ୍ତ ନିମନ୍ତେ ପ୍ରେରଣା ପ୍ରାପ୍ତ କରାଏ । ଜୀବାତ୍ମା ଯୋନି ସମୂହର କାରଣଭୂତ ରାଗ-ଦ୍ୱେଷ ଆଦିରୁ ମୁକ୍ତହୋଇ ନିଜର ଶାଶ୍ୱତ ସ୍ୱରୂପରେ ସ୍ଥିତ ହେବାକୁ ଭଗବାନ ଶ୍ରୀକୃଷ୍ଣ ଏହିଠାରେ ମୋରି ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି ବୋଲି କହିଛନ୍ତି । ତତ୍ତ୍ୱଦର୍ଶୀ ମହାପୁରୁଷ ମଧ୍ୟ ନିତ୍ୟ ତତ୍ତ୍ୱସ୍ଥିତ ଅବସ୍ଥାରେ ପ୍ରକୃତିକୁ ପ୍ରାପ୍ତହୋଇ ମୁକ୍ତିକାମୀ ମନୁଷ୍ୟଙ୍କ କଲ୍ୟାଣ ନିମନ୍ତେ କ୍ରିୟା କରିଥାଆନ୍ତି ।

ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।
ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ॥ ୮ ॥

*ଅନ୍ୱୟ: ସ୍ୱାଂ (ନିଜର) ପ୍ରକୃତିଂ ( ମୂଳ ପ୍ରକୃତିକୁ) ଅବଷ୍ଟଭ୍ୟ (ବଶୀଭୂତକରି-ଅଙ୍ଗୀକାର କରି) ପ୍ରକୃତେଃ ବଶାତ୍ (ପ୍ରକୃତିର ବଶରେ ରହିଥିବା ) ଅବଶଂ (ସ୍ୱଭାବ ଆନୁଯାୟୀ ପରତନ୍ତ୍ର- ଜନ୍ମ-ମରଣାଧୀନ) ଇମଂ (ଏହି) କୃତ୍ସ୍ନମ୍ ( ସମସ୍ତ) ଭୂତଗ୍ରାମମ୍ (ଭୂତ ସମୂହକୁ) ପୁନଃ ପୁନଃ ( ବାରମ୍ବାର) ବିସୃଜାମି (ସର୍ଜନା କରେ) ।*

**ଭାବାର୍ଥ:** ମହାସର୍ଗ କାଳରେ 'ମୁଁ ନିଜ ଅଧୀନସ୍ଥ ମୂଳ ପ୍ରକୃତିରେ ଅଧିଷ୍ଠାନହୋଇ, ଭୂତ ସମୂହକୁ ସେମାନଙ୍କ ପୂର୍ବ କର୍ମାନୁସାରେ ଭିନ୍ନ ଭିନ୍ନ ଯୋନିରେ ବାରମ୍ବାର ପ୍ରକଟ କରାଇଥାଏ । ଜୀବଗଣ ଭୂତ ପ୍ରକୃତି ଗର୍ଭରେ ରହି ପ୍ରଳୟ କାଳରେ ଯେଉଁ କର୍ମ ସଂସ୍କାରକୁ ନେଇ ପ୍ରକୃତିରେ ଲୀନ ହୋଇଥାନ୍ତି, ତାହାକୁ ଆଧାର କରି ଶରୀର ଧାରଣ କରିଥାନ୍ତି । ପୂଜ୍ୟ ସ୍ୱାମୀ ଶିବାନନ୍ଦ ଏହି ଶ୍ଳୋକର ଟୀକାରେ କହିଛନ୍ତି : "ସୃଷ୍ଟି ରଚନା ଏବଂ ଲୟ ନିମନ୍ତେ ଭଗବାନ ପ୍ରକୃତିକୁ ଅଙ୍ଗୀକାର କରିଥାନ୍ତି ଏବଂ ଆବଶ୍ୟକ ନ ହେଲେ ପ୍ରକୃତିଠାରୁ ପୃଥକ ହୋଇ ନିଜ ମହିମାରେ ସ୍ଥିତ ରହନ୍ତି । ମହାପ୍ରଳୟ କାଳରେ ଅଚେତ ସ୍ଥିତିରେ ଥିବା ପ୍ରକୃତିକୁ ଉଜ୍ଜୀବିତ କରି ବିବିଧ ରୂପରେ ଭୂତ ସମୂହକୁ ପ୍ରକଟ କରନ୍ତି । ଜୀବ ସମେତ ସମସ୍ତ ବ୍ରହ୍ମାଣ୍ଡରେ ସେ' ନିର୍ଲିପ୍ତ ଭାବରେ ବ୍ୟାପ୍ତ । ଅଜ୍ଞାନ, ଅହଂକାର, ରାଗ, ଦ୍ୱେଷ ଏବଂ ଆସକ୍ତି- ବ୍ୟଷ୍ଟି ପ୍ରକୃତିର ଏହି ପାଞ୍ଚଟି ପ୍ରବୃତ୍ତି ଜୀବକୁ ବନ୍ଧନରେ ପକାଇଥାଏ ।" ପ୍ରତ୍ୟେକ ଜୀବର ସୂକ୍ଷ୍ମ ଶରୀର ମହାସର୍ଗର ଆରମ୍ଭରେ ଉତ୍ପନ୍ନ ହୁଏ ଏବଂ ମହାପ୍ରଳୟ କାଳରେ ପ୍ରକୃତିରେ ଲୀନ ହୋଇଯାଏ । ମହାସର୍ଗ ଓ ମହା ପ୍ରଳୟର ବ୍ୟବଧାନରେ ଜୀବ ଅନେକବାର ଗୁଣ ଓ କର୍ମର ଅଧୀନ ହୋଇ ଜନ୍ମ-ମୃତ୍ୟୁ ଚକ୍ରରେ ଭିନ୍ନ ଭିନ୍ନ ଯୋନିରେ ସ୍ଥୂଳ ଶରୀର ପ୍ରାପ୍ତ ହୋଇଥାଏ । ସୂକ୍ଷ୍ମ ଶରୀର ପରମାତ୍ମାଙ୍କ ପରାଶକ୍ତି ଦ୍ୱାରା ରଚା ଯାଇଥିବା କାରଣରୁ ତାହା ସୃଷ୍ଟିର ଆରମ୍ଭ ଠାରୁ ମହାପ୍ରଳୟ ପର୍ଯ୍ୟନ୍ତ ରହେ । ସମ୍ପୂର୍ଣ୍ଣ ଜଡ ଚେତନାତ୍ମକ ଭୂତ ସମୁଦାୟ ତ୍ରିଗୁଣାତ୍ମକ ପ୍ରକୃତିର ବଶୀଭୂତ

କାରଣରୁ ବିବଶ ଅର୍ଥାତ୍ ପରତନ୍ତ୍ର ଅଟନ୍ତି । ଶରୀର ଉତ୍ପନ୍ନ ଓ ବିନଷ୍ଟ କ୍ରିୟାରେ ଜୀବର ନିଜର ସ୍ୱତନ୍ତ୍ରତା ନ ଥାଏ । ଏହି ଦୃଶ୍ୟମାନ ସଂସାର ଭଗବାନଙ୍କ ପରା ଏବଂ ଅପରାଶକ୍ତିର ପରିପ୍ରକାଶ । ଭଗବାନଙ୍କ ଅପରାଶକ୍ତି ମହତତ୍ତ୍ୱ ନାମରେ ବିସ୍ତାରିତ ହୁଏ । ବହୁରୂପ ଧାରଣ କରିଥିବା ପ୍ରକୃତି ମଧ୍ୟରେ ପରମାତ୍ମାଙ୍କ ପରାଶକ୍ତି ଜୀବନ ସଂଚାର କରି ପ୍ରକୃତିକୁ ଜୀବନ୍ତ କରିଥାଏ । ଭଗବାନଙ୍କ ସ୍ୱରୂପରେ ରହିଥିବା ପ୍ରକୃତି ହେଉଛି ସମଷ୍ଟି ପ୍ରକୃତି ଏବଂ ତାହାର ଅଂଶ ରୂପରେ ଗୁଣ-କର୍ମାନୁସାରେ ଜୀବର ସ୍ୱଭାବ ହେଉଛି ବ୍ୟଷ୍ଟି ପ୍ରକୃତି । ବ୍ୟଷ୍ଟି ପ୍ରକୃତି ବନ୍ଧନରେ ପଡି ରହିବା ହେଉଛି ଜୀବର ପରାଧୀନତା ବା ପରତନ୍ତ୍ରତା । ଭଗବାନଙ୍କ ଶରଣାଗତ ହେଲେ ପ୍ରକୃତିର ବନ୍ଧନ କଟିଯାଏ ଏବଂ ଜୀବ ପ୍ରକୃତିକୁ ପାର ହୋଇ ଭଗବାନଙ୍କ ସ୍ୱରୂପକୁ ପ୍ରାପ୍ତ ହୁଏ । ଯେଉଁ ପର୍ଯ୍ୟନ୍ତ ଜୀବ ନିଜ ପ୍ରକୃତିର ବିବଶ ହୋଇ ରହିଥାଏ, ସେହି ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଯୋନିରେ ବାରମ୍ବାର ଜନ୍ମ ନେଇ ସୁଖ-ଦୁଃଖ ଭୋଗ କରିଥାଏ । ମହାପ୍ରଳୟରେ ସମସ୍ତ ପ୍ରାଣୀ ନିଜ ନିଜ ବ୍ୟଷ୍ଟି ପ୍ରକୃତିରେ ଲୀନ ହୋଇଥାନ୍ତି । ବ୍ୟଷ୍ଟି ପ୍ରକୃତି ସମଷ୍ଟି ପ୍ରକୃତିରେ ଲୀନ ହୋଇଥାଏ ଏବଂ ସମଷ୍ଟି ପ୍ରକୃତି ପରମାତ୍ମାଙ୍କ ସ୍ୱରୂପରେ ସୁଷୁପ୍ତି ଅବସ୍ଥାରେ ଅବ୍ୟକ୍ତ ହୋଇ ରହେ । ସୃଷ୍ଟି ସର୍ଜନା ନିମନ୍ତେ ଭଗବାନ ପ୍ରକୃତିର ଆଶ୍ରୟ ନେଇଥିଲେ ମଧ୍ୟ ପ୍ରକୃତି ଉପରେ ତାଙ୍କରି ଆଧିପତ୍ୟ ରହିଥାଏ ଏବଂ ସେ ନିଜେ ନିର୍ଲିପ୍ତ ରହିଥାନ୍ତି ।

ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।
ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ॥ ୯॥

*ଅନ୍ୱୟ: ଧନଞ୍ଜୟ ( ହେ ଧନଞ୍ଜୟ !) ତେଷୁ କର୍ମସୁ ( ସୃଷ୍ଟି ରଚନାଦି ସେହି ସମସ୍ତ କର୍ମରେ ) ଅସକ୍ତମ୍ (ଅନାସକ୍ତ) ଚ (ଓ ) ଉଦାସୀନବତ୍ ( ଉଦାସୀନ ଅର୍ଥାତ୍ ନିସ୍ପୃହ ଭାବରେ) ଆସୀନମ୍ ( ରହୁଥିବାରୁ) ମାଂ (ମୋତେ) ତାନି କର୍ମାଣି (ସେହି ସମସ୍ତ କର୍ମ ) ନ ନିବଧ୍ନନ୍ତି ( ଆବଦ୍ଧ କରିପାରେ ନାହିଁ ) ।*

**ଭାବାର୍ଥ**: ଭଗବାନ କହୁଛନ୍ତି ହେ ଧନଞ୍ଜୟ (ଧନଞ୍ଜୟ ମଧ୍ୟ ଅଗ୍ନିଙ୍କ ନାମ) ! ତୁମ୍ଭେ ପ୍ରଦୀପ୍ତ ଜ୍ଞାନାଗ୍ନି ସାଦୃଶ୍ୟ । ତେଣୁ କର୍ମରେ ରହିଥିବା ଆସକ୍ତ, ମମତ୍ୱ, ଅହଂକାର ଭଳି ଦୋଷକୁ ତୁମ୍ଭେ ନଷ୍ଟକରି ମୋର ନିର୍ବିକାର, ନିଃସଙ୍ଗ ତତ୍ତ୍ୱକୁ ବୁଝିପାରିବାର ଅଧିକାରୀ । ସୃଷ୍ଟିର ନିର୍ମାଣ ଓ ଲୟ କ୍ରିୟାରେ ମହା କାରଣ ରୂପରେ ଅଧିଷ୍ଠାନ ହୋଇଥିଲେ ମଧ୍ୟ ସେହି କର୍ମରେ 'ମୁଁ' ଉଦାସୀନ ଭଳି ନିର୍ଲିପ୍ତ ରହିଥାଏ । ଭଗବାନ ଏଠାରେ ଉଦାସୀନ ହୋଇ ରହେ, ନ କହି ଉଦାସୀନ ଭଳି ରହିଥାଏ କହିଛନ୍ତି । ଉଦାସୀନ ଶବ୍ଦର ଅର୍ଥ 'ତଟସ୍ଥ' ଅର୍ଥାତ୍ ଯେ' ନଦୀକୁ ପାର ହେବା କ୍ରିୟାରେ ଭାଗ ନ ନେଇ ନଦୀର ତଟ ପ୍ରଦେଶରେ ସ୍ଥିତ ହୋଇ ରହେ, ସେ' ତଟସ୍ଥ । ଭଗବାନ କହୁଛନ୍ତି;- ସଂସାର ସୃଷ୍ଟି, ସ୍ଥିତି ଓ ପ୍ରଳୟ କ୍ରିୟାରେ 'ମୁଁ' ଭାଗୀଦାର ହୁଏ, କିନ୍ତୁ ନିଃସଙ୍ଗ ହୋଇ ତଟସ୍ଥ ଭଳି ସବୁ ଦେଖୁଥାଏ । ସେଥିରେ ମୋର ଆସକ୍ତି ନ ଥାଏ କି, ପରିଣାମରେ ପ୍ରଭାବିତ ହୋଇ ନ ଥାଏ । ସମସ୍ତ କର୍ମ ସମ୍ପାଦନ ନିମନ୍ତେ ପ୍ରକୃତିକୁ ସନ୍ନିଧାନ ମାତ୍ରାରେ ପ୍ରେରିତ କରିଦେଇ 'ମୁଁ' କେବଳ ଦ୍ରଷ୍ଟା ରୂପରେ ଅବସ୍ଥାନ କରିଥାଏ । ଅଦ୍ୱୈତମତ ଅନୁଯାୟୀ ମରୁଭୂମିର ଉତ୍ତପ୍ତ

ବାଲୁକାରାଶି ଉପରେ ପ୍ରତୀୟମାନ ହେଉଥିବା ଜଳସ୍ରୋତର ଯେପରି କୌଣସି ବାସ୍ତବତା ନଥାଏ, ପରମାତ୍ମାଙ୍କ ସ୍ୱରୂପରେ ପ୍ରତୀୟମାନ ସଂସାର ସେହିପରି ଅବାସ୍ତବ । ମାତ୍ର ସେହି ଉତ୍ତପ୍ତ ବାଲୁକାରାଶି ହିଁ ଦେଖାଯାଉଥିବା ମରିଚିକାର କାରଣ ହୋଇଥାଏ । ସଂସାର ଭଗବାନଙ୍କ ଯୋଗମାୟା ଶକ୍ତିର ବିସ୍ତାର ମାତ୍ର । ଚଳଚିତ୍ର କାହାଣୀରେ ଥିବା ରକ୍ତପାତ ଦୃଶ୍ୟରୁ ଦେଖା ଯାଉଥିବା ଚିତ୍ର ପରଦାରେ ଦାଗ ଲାଗି ନ ଥାଏ କି, ଘୂର୍ଣ୍ଣୀ ବାତ୍ୟାର ଦୃଶ୍ୟ ପରଦାର ସ୍ଥିତିକୁ ବିଗାଡି ଦେଇ ନ ଥାଏ । ସ୍ୱଚ୍ଛ ପରଦାଟି ଯଥାବତ୍ ରୂପରେ ଅକ୍ଷତ ରହିଥାଏ । ପରମାତ୍ମାଙ୍କ ସ୍ୱରୂପରେ ଥିବା ପ୍ରକୃତିର କ୍ରିୟମାଣରେ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି ଓ ପ୍ରଳୟ ଧାରା ଅବିରତ ପ୍ରବାହମାନ ହେଉଥିଲେ ମଧ୍ୟ ସେଥିରେ ସେ' ସମ୍ପୂର୍ଣ୍ଣ ଅସଙ୍ଗ ରହିଥାନ୍ତି । "ଆସକ୍ତି ହିଁ ବନ୍ଧନର କାରଣ – କର୍ମ ବନ୍ଧନର କାରଣ ନୁହେଁ" କର୍ମ ରହସ୍ୟର ଏହି ସାରତତ୍ତ୍ୱକୁ ଭଗବାନ ଏହି ଶ୍ଳୋକରେ ପ୍ରତିପାଦିତ କରି ମନୁଷ୍ୟକୁ କର୍ମବନ୍ଧନରୁ ମୁକ୍ତିର ସରଳ ମାର୍ଗ ପ୍ରଦର୍ଶିତ କରିଛନ୍ତି । ଭଗବାନ ପ୍ରାଣୀଙ୍କ ଉତ୍ପନ୍ନ ହେବାରେ ହର୍ଷିତ ହୋଇ ନ ଥାନ୍ତି କି, ତିରେ ଲୀନ ହେବାରେ ସେ ବିଷର୍ଣ୍ଣ ହୋଇ ନ ଥାନ୍ତି । ମନୁଷ୍ୟ ଏହାକୁ ଅନୁକରଣ କରି ଜୀବନ ଅତିବାହିତ କରିବାରେ, ନିଶ୍ଚିତ ରୂପରେ ବନ୍ଧନ ମୁକ୍ତ ହୋଇପାରିବ । ସଂସାରର ସୁଖ-ଦୁଃଖ, ପାପ-ପୂଣ୍ୟ, ଶୁଭ–ଅଶୁଭ ପରିଣାମରୁ ନିଜକୁ ନିବୃତ୍ତ କରିପାରିବ । ଭଗବାନ ସ୍ୱୟଂ ପୂର୍ଣ୍ଣକାମ । ସେ' ଆସକ୍ତି, ମମତ୍ୱ ଏବଂ ଅହଂକାର ଉର୍ଦ୍ଧ୍ୱରେ । ଜୀବ ବ୍ୟଷ୍ଟି ପ୍ରକୃତିର ଅଧୀନ ହୋଇ, ନିଜେ କରୁଥିବା କର୍ମ ଓ କର୍ମ ଫଳରେ ଆସକ୍ତି, ମମତ୍ୱ ଓ ଅହଙ୍କାରର ବଶବର୍ତ୍ତୀ ହେଲେ ବନ୍ଧନରେ ପଡିଯାଏ । ମିଥ୍ୟା ଅଭିମାନ କାରଣରୁ ମନୁଷ୍ୟ ମାନିଥାଏ କି, ସମସ୍ତ କାର୍ଯ୍ୟ ତାହାରି ବଳ, ବୁଦ୍ଧି ଓ ଜ୍ଞାନ ଦ୍ୱାରା ହିଁ ସମ୍ପାଦିତ ହେଉଛି । ଏ ସବୁର ଅନ୍ତରାଳରେ ଆତ୍ମା ଶକ୍ତିର ଉପସ୍ଥିତିକୁ ସେ ଅଣଦେଖା କରିଥାଏ । ସମସ୍ତ ପରିଣାମ ପୂର୍ବ ନିର୍ଦ୍ଧାରିତ ଏବଂ ସବୁକିଛି ଭଗବାନଙ୍କ ଇଚ୍ଛାରେ ହୋଇଥାଏ ବୋଲି ଅଜ୍ଞାନୀ ଜନ ବିଶ୍ୱାସକୁ ନିଏ ନାହିଁ । କାରଣ ବ୍ୟଷ୍ଟି ପ୍ରକୃତି ଅଧୀନରେ ବିବଶ କାରଣରୁ ଅଜ୍ଞାନୀ ଜନ ଆତ୍ମା ସ୍ୱରୂପରୁ ବିମୁଖହୋଇ ମିଥ୍ୟା ଅଭିମାନ କରିଥାଏ । ଅନାସକ୍ତ ଶବ୍ଦର ଆଚାରଣାତ୍ମକ ଅର୍ଥ ହେଲା ଅଭିମାନ ଶୂନ୍ୟ । କର୍ମ କରିବାରେ, କର୍ମଫଳ ପ୍ରାପ୍ତିରେ ଯିଏ ଅଭିମାନ ଶୂନ୍ୟ ହୋଇଥାଏ, କର୍ମରେ ସେ ଲିପ୍ତ ହୋଇ ନ ଥାଏ । କର୍ମରେ ଲିପ୍ତ ରହିଲେ, ପୁଣ୍ୟକର୍ମର ବଡପ୍ପନରେ ମିଥ୍ୟା ଅଭିମାନ ଆସେ ଏବଂ ପାପ, ହୀନତା ଆଣିବା କର୍ମରେ ନିନ୍ଦା, ଅପମାନ, ଲଜ୍ଜା ଭଳି ପରିଣାମ ସହ୍ୟ କରିବାକୁ ହୁଏ । ଲିପ୍ତ ରହିବାରେ ଶୁଭ, ଅଶୁଭ ଉଭୟ କର୍ମ ଦୁଃଖଦାୟୀ ହୋଇଥାଏ । "ହରି କର୍ତ୍ତା - ମୁଁ ଅକର୍ତ୍ତା- ସବୁ କିଛି ସେ' କରୁଛନ୍ତି" ଏହି ଭାବରଖି କ୍ରିୟା କରିବା ହେଉଛି ଅନାସକ୍ତ ବା ବ୍ୟଷ୍ଟି ପ୍ରକୃତିର ଅଧୀନରୁ ମୁକ୍ତ ସ୍ଥିତି । ସେଥିରେ କର୍ମର ପରିଣାମରେ ଯେଉଁ ଲକ୍ଷ୍ୟ ପ୍ରାପ୍ତ ହୁଏ, ତାହା ବନ୍ଧନର କାରଣ ନ ହୋଇ ପରମାନନ୍ଦ ପ୍ରାପ୍ତ ହୁଏ । ଏହି ମର୍ମରେ ଶ୍ରୀରାମକୃଷ୍ଣଦେବ କହିଛନ୍ତି; - "ଯେତେବେଳେ ଅହଂକାର ନଷ୍ଟ ହୁଏ, ତାହା ସହିତ ସମସ୍ତ ଦୁଃଖ ଉଭାନ ହୋଇଯାଏ । ଯାହାସବୁ ହେଉଛି ଭଗବାନଙ୍କ ଇଚ୍ଛାରେ ହେଉଛି ଏବଂ ମନୁଷ୍ୟ କେବଳ ଉପକରଣ ମାତ୍ର । ସାଧକ ଏହି ସିଦ୍ଧାନ୍ତରେ ଉପନୀତ ହୋଇଗଲେ ମୁକ୍ତି ସୁନିଶ୍ଚିତ" । ପୂଜ୍ୟ

ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ବ୍ୟାଖ୍ୟାନୁଯାୟୀ ଶରୀରରେ ଯେଉଁ ସମସ୍ତ କ୍ରିୟା ଅନୁଷ୍ଠାନ ହୁଏ ଆତ୍ମା ସେଥିରେ ଅକର୍ତ୍ତା । ସେହିପରି ଭଗବାନ ସ୍ୱୟଂ ବିଶ୍ୱାତ୍ମା ରୂପରେ ସୃଷ୍ଟିର ପ୍ରଭବ ଓ ପ୍ରଳୟ କ୍ରିୟାରେ ଅକର୍ତ୍ତା । ତେଣୁ ଏହି ସମସ୍ତ କ୍ରିୟା ଭଗବାନଙ୍କ ନିମନ୍ତେ ବନ୍ଧନର କାରଣ ହୁଏ ନାହିଁ । ଈଶ୍ୱରଙ୍କ ସାଦୃଶ୍ୟ ମନୁଷ୍ୟ ପକ୍ଷେ ମଧ କର୍ତ୍ତାପନ ଏବଂ ଫଳାସକ୍ତିର ଅଭାବ ଧର୍ମ-ଅଧର୍ମ, ପାପ-ପୁଣ୍ୟ ଆଦି ଦ୍ୱନ୍ଦ୍ୱରୁ ମୁକ୍ତ କରିଦିଏ । ମିଥ୍ୟାଭିମାନ ଯୋଗୁଁ 'ମୁଁ' ସମସ୍ତ କର୍ମ କରୁଛି ବୋଲି ଧାରଣା ରଖି କର୍ମଫଳପ୍ରତି ଆସକ୍ତି ରହି ନିଜେ କର୍ମ ବନ୍ଧନରେ ବାନ୍ଧିହୁଏ । ଯେପରି ଏଣ୍ଡିପୋକ ନିଜର ବନ୍ଧନ ପାଇଁ ନିଜେ ଖୋସା ତିଆରି କରିବାରେ ଦିନରାତି ଲାଗିଥାଏ । କର୍ମରେ ଅସଙ୍ଗ ହେଲା; - ଯେପରି ଖେଳ ପଡିଆରେ କେଉଁଦଳ ଜିତିବ, କେଉଁଦଳ ହାରିବ, ରେଫେରି ପାଇଁ କୌଣସି ମତେ ତାହା ପ୍ରସଙ୍ଗ ହୋଇ ନଥାଏ । ବରଂ ନିରପକ୍ଷ ରହି ଖେଳ ନିୟମ ପ୍ରକାରେ ସଂଚାଳନ କରି ସମାପ୍ତ କରିବାରେ କର୍ମର ପୂର୍ଣ୍ଣତାକୁ ଉପଲବ୍ଧି କରେ ।

ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।
ହେତୁନାନେନ କୌନ୍ତେୟ ଜଗଦ୍ ବିପରିବର୍ତ୍ତତେ ॥ ୧୦॥

*ଅନ୍ୱୟ: ପ୍ରକୃତିଃ ( ତ୍ରିଗୁଣାତ୍ମିକା ମାୟା ) ମୟା ଅଧ୍ୟକ୍ଷେଣ ( ମୋର ଅଧିଷ୍ଠାତାରେ ସତ୍ତା ଓ ସ୍ଫୁର୍ତ୍ତି ପ୍ରାପ୍ତ ହୋଇ) ସଚରାଚର (ଚରାଚର ସହିତ ସମଗ୍ର ଜଗତକୁ ) ସୂୟତେ ( ଜନ୍ମ ଦେଇଥାଏ ) କୌନ୍ତେୟ ( ହେ କୁନ୍ତୀପୁତ୍ର !) ଅନେନ ( ଏହି ) ହେତୁନା ( କାରଣରୁ) ଜଗଦ୍ (ଏହି ବିଶ୍ୱ ବ୍ରହ୍ମାଣ୍ଡ) ବିପରିବର୍ତ୍ତତେ ( ଉତ୍ପତ୍ତି, ପରିବର୍ତ୍ତନ ଓ ଲୀନ ହେଲାଭଳି ଓଲଟ ପାଲଟ ପ୍ରକ୍ରିୟା ଜାରି ରହିଥାଏ ) ।*

**ଭାବାର୍ଥ**: ପୂର୍ବ ଶ୍ଳୋକରେ ସଂସାର ଚଳନ ପ୍ରକ୍ରିୟାରେ ଭଗବାନ ଉଦାସୀନ ଭାବରେ ରହିଥାନ୍ତି ବୋଲି ଯାହା କହିଛନ୍ତି, ବାସ୍ତବରେ ସଂସାର କାର୍ଯ୍ୟ କିପରି ଭାବରେ ଘଟୁଛି ତାହାର ସ୍ୱଷ୍ଟିକରଣ ଏହି ଶ୍ଳୋକରେ କରିଛନ୍ତି । ଭଗବାନ କହୁଛନ୍ତି: ମୋରି ଅଧିଷ୍ଠାନ ବଶତଃ ପ୍ରକୃତି ସଚରାଚର ପ୍ରାଣୀଙ୍କୁ ଜନ୍ମଦିଏ । ଜଡ-ଚେତନାତ୍ମକ ସଂସାର ଅବିଛିନ୍ନ ଚୈତନ୍ୟ ରୂପରେ ଭଗବାନଙ୍କ ସତ୍ତା ଓ ସ୍ଫୁର୍ତ୍ତିର ଉପସ୍ଥିତି କାରଣରୁ ଅବିରତ ଭାବରେ ପ୍ରବାହମାନ । ମୋ'ଠାରୁ ସତ୍ତା ଓ ସ୍ଫୁର୍ତ୍ତି ପ୍ରାପ୍ତହୋଇ ତ୍ରିଗୁଣାତ୍ମକ ମାୟାରୂପୀ ପ୍ରକୃତି ସ୍ଥାବର ଜଙ୍ଗମାତ୍ମକ ଜଗତ ରଚନା ଆଦି ସମସ୍ତ କ୍ରିୟା କରିଥାଏ । ଭଗବାନ ନିଜକୁ ଜଗତର ରଚୟିତା କହିବାର ତାତ୍ପର୍ଯ୍ୟ ହେଲା, ଯେଉଁ ପର୍ଯ୍ୟନ୍ତ ତାଙ୍କରି ସତ୍ତା ଓ ସ୍ଫୁର୍ତ୍ତି ପ୍ରାପ୍ତ ହୋଇ ନ ଥାଏ, ଜଡ ପ୍ରକୃତି କିଛି ମଧ କରିବା ନିମନ୍ତେ ସମର୍ଥ ହୋଇ ନଥାଏ । ଭଗବାନଙ୍କ ଅଧ୍ୟକ୍ଷତା ଏବଂ ପ୍ରକୃତିର କାର୍ଯ୍ୟକାରୀତା-ଏହି ଦୁଇଟିର ସଂଯୋଗରେ ଚରାଚର ସହିତ ସମଗ୍ର ଜଗତର ଉତ୍ପତ୍ତି, ସ୍ଥିତି ଓ ସଂହାର ଆଦି ସମସ୍ତ କ୍ରିୟା ହୋଇଥାଏ । ଆଚାର୍ଯ୍ୟ ଶଙ୍କର ଏହି ଶ୍ଳୋକ ଭାଷ୍ୟରେ ଲେଖିଛନ୍ତି ଯେ, ଭଗବାନ ହେଉଛନ୍ତି ନିର୍ବିକାର ରୂପ । ଅଥଚ ସେ' ହିଁ ଅଧ୍ୟକ୍ଷରୂପେ ପ୍ରେରଣା ଦେବା କାରଣରୁ ତ୍ରିଗୁଣାତ୍ମକ ଅବିଦ୍ୟାଲକ୍ଷଣ ପ୍ରକୃତି ଏହି ସଚରାଚର ଜଗତକୁ ପ୍ରସବ କରିଥାଏ ଏବଂ ସେ' ସାକ୍ଷୀ, ଚୈତନ୍ୟସ୍ୱରୂପ, ନିର୍ଗୁଣ, ଏକରସ ହୋଇ ଧିଷ୍ଠାନ ହୋଇଥାନ୍ତି । ଭଗବାନ ସର୍ବୋଚ୍ଚ ଅଧ୍ୟକ୍ଷ ରୂପରେ ଅଧିଷ୍ଠିତ । କୋଟି ବ୍ରହ୍ମାଣ୍ଡର ସର୍ଜନା, ପାଳନ, ସଂହାର, ପାପପୂଣ୍ୟର ଫଳଭୋଗ ଏବଂ ଏକବିଂଶ ଶତାବ୍ଦୀର କୋଭିଡ୍-୧୯ ଭଳି ମହାମାରୀ ଯୋଗୁଁ ବିଶ୍ୱରେ ଲକ୍ଷ ଲକ୍ଷ ମନୁଷ୍ୟଙ୍କ ମୃତ୍ୟୁ ଭଳି

ବିଚିତ୍ର ପରିସ୍ଥିତିର ଉତ୍ପନ୍ନ, ସବୁକିଛି ତାଙ୍କରି ଇଚ୍ଛା ଓ ନିର୍ଦ୍ଦେଶରେ ହେଉଛି । ଜୀବ ଭିତରେ ବ୍ୟଷ୍ଟି ପ୍ରକୃତି ଓ ସଂସାରରେ ସମଷ୍ଟି ପ୍ରକୃତି ଦ୍ୱାରା ଯେଉଁ ସମସ୍ତ ଭୌତିକ ପରିବର୍ତ୍ତନ ଘଟୁଛି, ଭଗବାନ ସେଥିରେ ସିଧାଭାବରେ ସମ୍ପୃକ୍ତ ରହି ନ ଥାନ୍ତି । ସମସ୍ତ ପରିବର୍ତ୍ତନ ଭଗବାନଙ୍କ ଅଧିଷ୍ଠାନତା, ଏକରସତା ଏବଂ ଅଦ୍ୱିତୀୟତା ସ୍ୱରୂପର ବିପରୀତ ହୋଇଥାଏ ଅର୍ଥାତ୍ ପରମେଶ୍ୱର ଅନୁରୂପୀ ନ ହୋଇ ପ୍ରକୃତି ଅନୁରୂପୀ ଜଗତ ହୋଇଥାଏ । ସଂସାରର ଅନେକ ଓଲଟ ପାଲଟ ଭିତରେ ନାମ, ରୂପ, ଆକୃତିର ପରିବର୍ତ୍ତନ ହୁଏ କିନ୍ତୁ ପରମାତ୍ମା ଏବଂ ତାଙ୍କରି ଅଂଶ ଜୀବାତ୍ମା ଯଥାବତ୍ ରହିଥାନ୍ତି । ପରମେଶ୍ୱରଙ୍କ ସର୍ବୋକୃଷ୍ଟ ରଚନାର ସଂକଳ୍ପ ହେଉଛି ପ୍ରକୃତି । ତାଙ୍କରି ସଂକଳ୍ପ ହେଲେ ସୃଷ୍ଟି ନିର୍ମାଣ ହୁଏ, ସଂକଳ୍ପ ବଦଳିଲେ ସୃଷ୍ଟି ମଧ୍ୟ ବଦଳିଥାଏ, ସଂକଳ୍ପ ଶାନ୍ତ ହେଲେ ସଂସାର ବିଲୟ ହୁଏ । ତେଣୁ ପ୍ରକୃତିର ପ୍ରେରକ ହେବା କାରଣରୁ ଉତ୍ପନ୍ନ ଓ ବିନାଶ ଆଦି ପରିବର୍ତ୍ତନର କର୍ତ୍ତୃତ୍ୱ ପରମେଶ୍ୱରଙ୍କ ଉପରେ ମାନି ନିଆ ଯାଇଥାଏ । ଯେପରି ରାଜକାର୍ଯ୍ୟ ମନ୍ତ୍ରୀ ଆଦି ଚଳାଇଥାନ୍ତି, କିନ୍ତୁ କର୍ତ୍ତୃତ୍ୱ ତାଙ୍କରି ପ୍ରେରକ ରାଜାଙ୍କୁ ହିଁ ମନାଯାଇଥାଏ । ତତ୍ତ୍ୱତଃ ପରମେଶ୍ୱର ଏବଂ ପ୍ରକୃତି ପୃଥକ ନୁହନ୍ତି । ପରମେଶ୍ୱର (ଶକ୍ତିମାନ) ଓ ପ୍ରକୃତି ( ଶକ୍ତି) ଅଭିନ୍ନ, ଯାହା ସତ୍ୟ । ବାସ୍ତବରେ ପ୍ରକୃତି କିମ୍ବା କର୍ମର ସ୍ୱତନ୍ତ୍ର ସତ୍ତା ନାହିଁ କାରଣ ପ୍ରକୃତି ସେହି ଏକ ପରମାତ୍ମା ଉପରେ ହିଁ ଆରୋପିତ ଅର୍ଥାତ୍ ଆଶ୍ରିତ । ଯିଏ ଅଙ୍ଗ ବା କାର୍ଯ୍ୟରୂପରେ କାରଣର ଚିନ୍ତନ କରିଥାଏ ତାହା ନିମନ୍ତେ ପରମାତ୍ମା ପ୍ରକୃତି ଏବଂ ଯିଏ ସ୍ୱରୂପ ରୂପରେ କାରଣର ଚିନ୍ତନ କରିଥାଏ, ତାହା ନିମନ୍ତେ ସେ' "ବ୍ରହ୍ମ"। ଜଡତାର ପ୍ରଧାନତାରେ ପରମାତ୍ମାଙ୍କ ନାମ ନେଲେ ତାହା ପ୍ରକୃତି, ଚେତନାର ପ୍ରଧାନତାରେ ପରମାତ୍ମାଙ୍କ ନାମ ନେଲେ ତାହା 'ବ୍ରହ୍ମ' । ଏହିପରି ବ୍ରହ୍ମ ଓ ପ୍ରକୃତି ମଧ୍ୟରେ କୌଣସି ତାତ୍ତ୍ୱିକ ବା ମୌଳିକ ଅନ୍ତର ନ ଥାଇ କେବଳ ଦୃଷ୍ଟିକୋଣର ଅନ୍ତର ଥାଏ । ଭଗବାନଙ୍କ ନିର୍ଲିପ୍ତତା, ଉଦାସୀନତା ଭାବକୁ ସଙ୍କେତ କରିବା ସକାଶେ ପ୍ରକୃତି ଦ୍ୱାରା ସମସ୍ତ କାର୍ଯ୍ୟ ହେବାର ଧାରଣା ଦିଆଯାଇଛି । ଉପନିଷଦ ସିଦ୍ଧାନ୍ତ ଅନୁଯାୟୀ ଭଗବାନଙ୍କ ମାୟା ଶକ୍ତିର ନାମ ପ୍ରକୃତି । ଏହାକୁ ଏଥିପାଇଁ ମାୟା ବୋଲି କୁହାଯାଇଛି କି, ଯାଦୁକରର ଯାଦୁଖେଳରେ ଯାହା ସତ, ତାହା ଲୁଚି ଯାଇ ଯାହା ମିଛ ତାହା ଦେଖା ଯାଇଥାଏ । ସଂସାରର ପ୍ରତ୍ୟେକ ବସ୍ତୁରେ ଜଡତା ଓ ଚେତନ ଉଭୟ ଥିଲେ ମଧ୍ୟ, 'ଚେତନ' ଯାହା ସତ୍ୟ ତାହା ଲୁଚି ରହିଯାଏ, ଜଡତା ବାସ୍ତବ ଭଳି ପ୍ରତୀୟମାନ ହୁଏ । ଅଧ୍ୟାତ୍ମ ରାମାୟଣରେ "ରାମ ହୃଦୟମ୍" ନାମରେ ଏକ ପ୍ରସଙ୍ଗ ଯେଉଁଥିରେ ବେଦାନ୍ତର ଏକ ବଡ ସୁନ୍ଦର ଉପଦେଶ ଶଙ୍କର 'ମାଆ' ପାର୍ବତୀଙ୍କୁ ଶୁଣାଇଛନ୍ତି । ଶ୍ରୀରାମଙ୍କ ଦରବାର ଚାଲିଥାଏ, ଚାରିଭାଇଙ୍କ ସହିତ ମାତା ଜାନକୀ ଏବଂ ଭକ୍ତ ହନୁମାନ ମଧ୍ୟ ଉପସ୍ଥିତ ଥାଆନ୍ତି । ହନୁମାନ ବାରମ୍ବାର ପ୍ରଭୁ ଶ୍ରୀରାମଙ୍କ ପାଦ ଓ ମସ୍ତକର ନିରୀକ୍ଷଣ କରିବାର ଦେଖି, ପ୍ରଭୁ ଶ୍ରୀରାମ ଜାନକୀଙ୍କୁ ସଙ୍କେତ ଦେଇ କହିଥିଲେ କି, ହନୁମାନ କିଛି ପଚାରିବାକୁ ଚାହୁଁଛନ୍ତି, ତାହାରି ଉତ୍ତର ତୁମ୍ଭେ ହିଁ ଦେଇଦିଅ । ଜାନକୀ କହିଲେ : ହନୁମାନ! ତୁମ୍ଭେ କିଛି ପଚାରିବାକୁ ଚାହୁଁଛ ତ, ପଚାର । ଭକ୍ତ ହନୁମାନ, ବିନମ୍ରତାର ସହ ପ୍ରଶ୍ନ କରିଥିଲେ : ମୁଁ ଜାଣିବାକୁ ଚାହୁଁଛି "ରାମ" କଣ ? ମାତା ଜାନକୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ କି,

ଏତେଦିନ ପ୍ରଭୁଙ୍କ ସେବାରେ ରହି ମଧ ହନୁମାନ ଭଳି ଭକ୍ତ ଭଗବାନ କଣ  ଜାଣିପାରି ନାହାନ୍ତି । ଯେଉଁ ପ୍ରକାରେ ଉପନିଷଦରେ ବ୍ରହ୍ମତତ୍ତ୍ୱର ନିରୂପଣ କରାଯାଇଛି, ସେହି ପ୍ରକାରେ ମାତା ଜାନକୀ ରାମ ତତ୍ତ୍ୱର ଯେଉଁ ନିରୂପଣ କହିଛନ୍ତି ତାହା ହେଉଛି "ରାମ ହୃଦୟମ୍"  । ମାତା ଜାନକୀ କହିଥିଲେ: ରାମ ହେଉଛନ୍ତି ବେଦାନ୍ତ ବେଦ୍ୟ, ସଚ୍ଚିଦାନନ୍ଦଘନ, ଉଦାସୀନ, ନିର୍ଲିପ୍ତ, ଅଚଳ, କୂଟସ୍ଥ  ଏକରସ । ହନୁମାନଙ୍କ ଏହି ଉତ୍ତରରେ  କିପରି ସମାଧାନ ହେବ ? ସିଏ ତ ଜାଣିଛନ୍ତି କି,  ରାମ ଅଯୋଧ୍ୟାରେ ଜନ୍ମ ହୋଇଛନ୍ତି, ଗୁରୁକୁଳରେ ବିଦ୍ୟାଧ୍ୟୟନ କରିଛନ୍ତି, ରାକ୍ଷସ ମାନଙ୍କୁ ବଧ କରିଛନ୍ତି, ଶିବଧନୁ ଭାଙ୍ଗିଛନ୍ତି, ମାତା ଜାନକୀଙ୍କୁ ବିବାହ କରିଛନ୍ତି, ସମୁଦ୍ରରେ ସେତୁ ସ୍ଥାପନା କରିଛନ୍ତି, ଲଙ୍କା ଉପରେ ବିଜୟ ପ୍ରାପ୍ତକରି ରାବଣକୁ ମାରିଛନ୍ତି, ଏବେ ଅଯୋଧ୍ୟା ରାଜ ସିଂହାସନରେ ଅଧିଷ୍ଠିତ ଅଛନ୍ତି, ଏ ସବୁ ସତ୍ତ୍ୱେ ପ୍ରଭୁ ରାମ କିପରି ଉଦାସୀନ, ଅଚଳ, କୂଟସ୍ଥ ? ଏହା ସମ୍ଭବ ନୁହେଁ । ମାତା ଜାନକୀ ପୁଣି ହନୁମାନଙ୍କ ସଂଶୟ ମୋଚନ କରିବାକୁ ଯାଇ କହିଲେ : ତାଡ଼କା ବଧ, ଶିବଧନୁ ଭାଙ୍ଗି  ଜାନକୀଙ୍କ ସହିତ ବିବାହ, ବନବାସ, ସୁଗ୍ରୀବ ସହିତ ମିତ୍ରତା, ବାଲୀଙ୍କ ବଧ, ସେତୁ ସ୍ଥାପନ, ଲଙ୍କା ଉପରେ ବିଜୟ - ଏ ସମସ୍ତ କାର୍ଯ୍ୟ ଅଯୋଧ୍ୟାରେ  ଜନ୍ମ ହୋଇଥିବା ରାମ କରିଛନ୍ତି ବୋଲି ଜନ, ଜଗତ କହୁଛନ୍ତି; କିନ୍ତୁ ବାସ୍ତବରେ ସମସ୍ତ କାର୍ଯ୍ୟ ମୁଁ (ଜାନକୀ-ପ୍ରକୃତି) କରିଛି । 'ମୁଁ'-ଜାନକୀ, ଶିବଧନୁକୁ ଭାଙ୍ଗି ରାମଙ୍କ ସହିତ ବିବାହ କରିଛି  ।  ଏ ସମସ୍ତ କାର୍ଯ୍ୟ ରାମଙ୍କ ଉପରେ ଆରୋପିତ ମାତ୍ର କିନ୍ତୁ କାର୍ଯ୍ୟ ନିର୍ବାହ 'ମୁଁ- ପ୍ରକୃତି' ସୀତା ନାମ ବହି  କରିଅଛି । ସମୁଦ୍ର ତଟରେ ପଡିଥିବା ସିପଟି ରୂପା ଭଳି ଝଲକିବା, କିମ୍ବା  ମରୁଭୂମିରେ ଜଳ ସ୍ରୋତର ପ୍ରବାହମାନ ଭଳି ସମସ୍ତ ଜଗତ ପ୍ରଭୁ ରାମଙ୍କ ଉପରେ କଳ୍ପିତ, ଆରୋପିତ ମାତ୍ର । ଶ୍ରୀ ଜାନକୀ ହିଁ  ପରମେଶ୍ୱରଙ୍କ ପ୍ରେରଣାରେ ସଂସାର ସମସ୍ତ କାର୍ଯ୍ୟ ନିର୍ବାହ କରନ୍ତି । ବେଳେବେଳେ ସାଧକର ମନରେ ପ୍ରଶ୍ନ ଆସେ, ଏପରି ଭାବରେ ସୃଷ୍ଟି ନିର୍ମାଣ କରିବାର ପରମେଶ୍ୱରଙ୍କ ଲକ୍ଷ୍ୟ କଣ ହୋଇପାରେ ? ଯିଏ ପୂର୍ଣ୍ଣକାମ, ରାଗ-ଦ୍ୱେଷ ରହିତ ନିର୍ବିକାର, ଅନାସକ୍ତ, ଉଦାସୀନ ସେ'ତ କସ୍ମିନ୍ କାଳେ  ନିଜର ଭୋଗ ନିମନ୍ତେ ସୃଷ୍ଟି ରଚନା କରିବାର ଉଦ୍ଦେଶ୍ୟ ହୋଇ ନ ପାରେ । ତାହେଲେ ଏ ସୃଷ୍ଟି କାହିଁକି ? ଏହାର ସମାଧାନ ହେଲା, ଭଗବାନ ହେଉଛନ୍ତି ବିଶୁଦ୍ଧ ଚେତନାତ୍ମା । ସଂସାର ଭଳି ଯାହା ପ୍ରତୀୟମାନ ହେଉଛି ତାହା ତାଙ୍କରି ସ୍ୱରୂପରୁ ଅଲଗା ନୁହେଁ । ଏହି ବିଶ୍ୱ ଚେତନାତ୍ମା ନିଜ ମହିମାରେ ସାକ୍ଷ୍ୟ ରୂପରେ ଅଧିଷ୍ଠିତ । ଅନ୍ୟ କୌଣସି ଦ୍ୱିତୀୟ ଚେତନାତ୍ମା ନାହିଁ ଯାହା କି, ଭଗବାନଙ୍କ ଏହି ସଂସାର ରୂପର ଦ୍ରଷ୍ଟା ହୋଇ ପାରିବ । ଅତଏବ, ଭଗବାନ  ନିଜକୁ ହିଁ  ଦ୍ରଷ୍ଟା ରୂପରେ ନିଜର ସଂସାର ଦୃଶ୍ୟକୁ ଦେଖିଥାନ୍ତି  ।  ସେ' ସ୍ୱୟଂଦୃଶ୍ୟ, ତା ସଙ୍ଗେସଙ୍ଗେ ଦ୍ରଷ୍ଟା ମଧ ।  ଅତଏବ, ସଂସାରର ସ୍ୱତନ୍ତ୍ର ସତ୍ତା ହିଁ ନାହିଁ, ତେଣୁ ଏହାର ନିର୍ମାଣ ଉପରେ ଯେଉଁ ସଂଶୟ ହୁଏ, ତାହା ମାୟାର ବିବଶ କାରଣରୁ ।  ତା'ହେଲେ ସଂସାରର ଯେଉଁ ଜନ୍ମ-ମୃତ୍ୟୁ ଉପଲବ୍ଧ ହେଉଛି ତାହା କଣ ? ଏହାର ସମାଧାନ ହେଲା ଯେ,  ପରମାତ୍ମାଙ୍କ ସଙ୍କଳ୍ପ କାରଣରୁ ଯେପରି ମୂଳ ପ୍ରକୃତିରୁ  ପଞ୍ଚ ମହାଭୂତ  ଆଦି ସୃଷ୍ଟି ଉଦ୍ଭବ ହୁଏ, ସେହି ସାଦୃଶ୍ୟ ପରମାତ୍ମାଙ୍କ ଅଂଶୀ ଜୀବାତ୍ମା ସଂସ୍କାର ରୂପୀ ବ୍ୟଷ୍ଟି ପ୍ରକୃତିର ତାଡନରେ ବିବଶ ହୋଇ ଶରୀରଧାରୀ ରୂପେ ଜନ୍ମ ନିଏ ।

ସ୍ୱପ୍ନ ଭଳି ସାରା ସଂସାର ଯେପରି ବଦଳି ଥାଏ ଏବଂ ଅନ୍ତରେ ଏହାର ମୂଳ ପ୍ରକୃତିରେ ଲୟ ହୁଏ, ପଞ୍ଚ ମହାଭୂତରେ ନିର୍ମିତ ଶରୀର ମଧ୍ୟ ବାଲ୍ୟାବସ୍ଥା, ଯୁବକ ଅବସ୍ଥା, ବୃଦ୍ଧାବସ୍ଥା ଭଳି ବହୁ ଅବସ୍ଥା ଅତିକ୍ରମ କରି ଶେଷରେ ସେହି ପଞ୍ଚ ମହାଭୂତରେ ଲୀନ ହୁଏ । କିନ୍ତୁ ସଂସାର ଏବଂ ଶରୀର କ୍ଷେତ୍ରରେ ଚୈତନ୍ୟ ସ୍ୱରୂପ ପରମାତ୍ମା ଓ ଆତ୍ମା ଯଥାବତ୍ ରହିଥାନ୍ତି ।

ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତ ମହେଶ୍ୱରମ୍ ॥ ୧୧॥

*ଅନ୍ୱୟ: ମୂଢାଃ (ତମଗୁଣ ସମ୍ପନ୍ନ ମୋହଗ୍ରସ୍ତ ମୂର୍ଖବ୍ୟକ୍ତି) ମମ (ମୋର) ଭୂତ-ମହେଶ୍ୱରମ୍ ( ସମସ୍ତ ପ୍ରାଣୀଙ୍କ ସ୍ରଷ୍ଟା-ଅଧୀଶ୍ୱର - ବିଲକ୍ଷଣ ସଚ୍ଚିଦାନନ୍ଦ ସ୍ୱରୂପର) ପରମ ଭାବ ( ଶ୍ରେଷ୍ଠ ସ୍ୱରୂପ ତତ୍ତ୍ୱକୁ) ଅଜାନନ୍ତଃ (ଶାସ୍ତ୍ର କିମ୍ବା ତତ୍ତ୍ୱଦର୍ଶୀଙ୍କଠାରୁ ଜ୍ଞାନ ପ୍ରାପ୍ତ ନ ହୋଇ ) ମାଂ (ମୋତେ) ମାନୁଷୀଂ ତନୁମ୍ (ମନୁଷ୍ୟ ଶରୀର ) ଆଶ୍ରିତମ୍ (ଆଶ୍ରିତ ମନେକରି) ଅବଜାନନ୍ତି (ତିରସ୍କାର ବା ଉପହାସ କରିଥାଆନ୍ତି ) ।*

**ଭାବାର୍ଥ** : ତମଗୁଣ ସମ୍ପନ୍ନ ମୋହଗ୍ରସ୍ତ ବ୍ୟକ୍ତି ବୁଦ୍ଧି ଏବଂ ବିବେକ ଅଭାବରୁ ସମସ୍ତ ପ୍ରାଣୀଙ୍କ ସ୍ରଷ୍ଟା ଓ ଅଧୀଶ୍ୱର ରୂପରେ ମୋର ସଚ୍ଚିଦାନନ୍ଦ ସ୍ୱରୂପକୁ ଜାଣିପାରି ନ ଥାନ୍ତି । ମୋର ଅବତାର କାଳୀନ ଲୀଳାକୁ, ଦେହକୁ ଆଶ୍ରିତ ହୋଇ ରହିଥିବା ସାଧାରଣ ମାନବ ବୋଲି ବୁଝି ମୋର ତିରସ୍କାର ବା ଉପହାସ କରିଥାନ୍ତି । ମୁଁ ସମସ୍ତ ପ୍ରାଣୀଙ୍କ ସର୍ବେଶ୍ୱର, ସର୍ବଜ୍ଞ, ସମ୍ପୂର୍ଣ୍ଣ ଆତ୍ମନିଷ୍ଠ । ମନୁଷ୍ୟ ଶରୀରକୁ ଆଶ୍ରୟ କରି 'ମୁଁ' ଧରା ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ମୋର ସେହି ଅଦ୍ୱିତୀୟ ତତ୍ତ୍ୱ-ସ୍ୱରୂପ, କୌଣସି ସମୟରେ, କୌଣସି ସ୍ଥାନରେ ଅଭାବ ହୋଇ ନଥାଏ । ମୁକ୍ତିକାମୀ ଭକ୍ତ ପ୍ରତି ମୋର ଅସୀମ କୃପା, ଉଦାରତା କାରଣରୁ ସେମାନଙ୍କ ସୁରକ୍ଷା ଏବଂ ଦର୍ଶନ ଅଭିଳାଷ ପୂର୍ଣ୍ଣ ନିମନ୍ତେ ଧରା ପୃଷ୍ଠରେ ମୁନୁଷ୍ୟ ରୂପରେ ପ୍ରକଟିତ ହୋଇଥାଏ । 'ମୁଁ' ମନୁଷ୍ୟ ଶରୀର ଧାରଣ କରିଥିଲେ ମଧ୍ୟ, ମୋ'ଠାରେ ଦେହାଭିମାନ କିମ୍ବା ଦେହ-ଦେହୀର ବିଭାଗ ନାହିଁ । ଯେପରି ମାଟିରେ ତିଆରି ଗୋଟିଏ ସରା କିମ୍ବା ହଜାରେ ସରା- ସବୁ ମାଟିରେ କଳ୍ପିତ, ସବୁ ଭିତରେ କେବଳ ଗୋଟିଏ ମାଟି ତତ୍ତ୍ୱ ହିଁ ବିଦ୍ୟମାନ । ଏହି ପ୍ରକାରେ ମୋର ସ୍ୱରୂପରେ- ଏ ଦେହ, ଏ ସଂସାର ସବୁ କଳ୍ପିତ- କେବଳ ମୋର ଭଗବତ୍ତା ତତ୍ତ୍ୱ ହିଁ ଏକ ସତ୍ୟ । ମାତ୍ର ଅଜ୍ଞାନୀ ଜନ ମୋତେ ମନୁଷ୍ୟ ବୁଝି କର୍ତ୍ତା-ଭୋକ୍ତା, ପାପୀ-ପୁଣ୍ୟାତ୍ମା ଆଦି ମାନିଥାନ୍ତି । ଏହି ବ୍ୟକ୍ତିମାନେ ମୋର ହାତ, ଗୋଡ ଥିବା ଶରୀରକୁ ଦେଖି, ମୋର ବ୍ରହ୍ମତା, ସର୍ବ ଶକ୍ତିମାନତା,ଐଶ୍ୱର୍ଯ୍ୟତାକୁ ବୁଝିପାରନ୍ତି ନାହିଁ । ଅସତ୍ୟ- ବିଷୟାମୁଖୀ ହୋଇ ମୋହଗ୍ରସ୍ତ ଅବିବେକୀ ମନୁଷ୍ୟ ମୋତେ ତୁଚ୍ଛ ମନେ କରନ୍ତି । ଯେପରି ଭଗବାନ ଶ୍ରୀକୃଷ୍ଣ ଦୂତ ରୂପରେ ସନ୍ଧି ପ୍ରସ୍ତାବ ରଖି କୁରୁ ରାଜସଭାରେ ଉପସ୍ଥିତ ରହିଥିବା ବେଳେ ଦୁର୍ଯ୍ୟୋଧନ ସ୍ୱଷ୍ଟ ଅବଜ୍ଞା କରି ମାୟାବୀ ବୋଲି କହି ତିରସ୍କାର କରିଥିଲା । ଦୁର୍ଯ୍ୟୋଧନ ଭଳି ମୂଢ ଅହଙ୍କାରୀ ମନୁଷ୍ୟମାନେ ହିଁ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକ ସାଧାରଣ ମନୁଷ୍ୟ ବୋଲି ମନେ କରନ୍ତି, ଯେହେତୁ ପରମ ପୁରୁଷ ଭଗବାନଙ୍କ ରହସ୍ୟମୟ ସ୍ୱରୂପ ଏବଂ ଶକ୍ତି ସମ୍ବନ୍ଧରେ ସେହିମାନେ ସମ୍ପୂର୍ଣ୍ଣ ଅଜ୍ଞ । ମହାଭାରତର ଭୀଷ୍ମ ପର୍ବରେ (୬୬/୨୩) ପିତାମହ ଭୀଷ୍ମ ଦୁର୍ଯ୍ୟୋଧନକୁ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ବ୍ରହ୍ମା ଓ ଦେବତାଙ୍କ ମଧ୍ୟରେ ହୋଇଥିବା

ଏକ ସମ୍ବାଦକୁ ଶୁଣାଇଛନ୍ତି, ଏହି ଉଦ୍ଦେଶ୍ୟ ରଖି କି, କାଳେ ଦୁର୍ଯ୍ୟୋଧନ ବୁଦ୍ଧିରେ ପରିବର୍ତ୍ତନ ଆସି ଯାଇପାରେ । ସେହି ସମ୍ବାଦ ଥିଲା: "ବ୍ରହ୍ମା ଦେବତାମାନଙ୍କୁ କହୁଛନ୍ତି: ସମସ୍ତ ଲୋକର ମହାନ୍ ଈଶ୍ୱର ଭଗବାନ ବାସୁଦେବ ତୁମ୍ଭ ସମସ୍ତଙ୍କର ପୂଜନୀୟ । ସେହି ମହାନ୍ ବୀର୍ଯବାନ ଶଙ୍ଖ, ଚକ୍ର, ଗଦାଧାରୀ ବାସୁଦେବଙ୍କୁ ମନୁଷ୍ୟ ବୁଝି ତାଙ୍କରି ଅବଜ୍ଞା କର ନାହିଁ । ସେ' ହିଁ ପରମ ଗୁହ୍ୟ, ପରମ ପଦ, ପରମ ବ୍ରହ୍ମ ଏବଂ ପରମ ଯଶଃ ସ୍ୱରୂପ । ସେ ହିଁ ଅକ୍ଷର, ଅବ୍ୟକ୍ତ, ସନାତନ, ପରମ ତେଜ, ପରମ ସୁଖ ଏବଂ ପରମ ସତ୍ୟ । ଦେବତା, ଇନ୍ଦ୍ର ଏବଂ ମନୁଷ୍ୟ କେହି ମଧ ସେହି ଅମିତ ପରାକ୍ରମୀ ପ୍ରଭୁ ବାସୁଦେବଙ୍କୁ ମନୁଷ୍ୟ ମାନି ତାଙ୍କରି ଅନାଦର କରିବା ଉଚିତ ନୁହେଁ । ଯେଉଁ ମୂଢମତି ବ୍ୟକ୍ତି ସେହି ହୃଷୀକେଶଙ୍କୁ ମନୁଷ୍ୟ ବୋଲି କହିଥାଏ, ସେ ନରାଧମ । ଯେଉଁ ମନୁଷ୍ୟ ଏହି ମହାତ୍ମା ଯୋଗେଶ୍ୱରଙ୍କୁ ମନୁଷ୍ୟ ଦେହଧାରୀ ମାନି ଏହାଙ୍କ ଅନାଦର କରେ ଏବଂ ଯିଏ ଏହି ଚରାଚରର ଆତ୍ମା ଶ୍ରୀବତ୍ସ ଚିହ୍ନଥିବା ମହାନ୍ ତେଜସ୍ୱୀ ପଦ୍ମନାଭ ଭଗବାନଙ୍କୁ ଚିହ୍ନି ପାରି ନଥାଏ, ସେ ତାମସୀ ପ୍ରକୃତି ଯୁକ୍ତ ଅଟେ । ଯିଏ ଏହି କୌସ୍ତୁଭ କିରୀଟଧାରୀ ଏବଂ ମିତ୍ରଙ୍କୁ ଅଭୟ ପ୍ରଦାନ କରୁଥିବା ଭଗବାନଙ୍କୁ ଅପମାନ କରିଥାଏ, ସେ ଅତ୍ୟନ୍ତ ଭୟାନକ ନରକରେ ପଡିଥାଏ । ହେ ଶ୍ରେଷ୍ଠ ଦେବତାଗଣ ! ଏହି ପ୍ରକାରେ ଶରୀର ଧାରଣ କରିଥିବା ଶ୍ରୀକୃଷ୍ଣଙ୍କ ସାତ୍ତ୍ୱିକ ସ୍ୱରୂପକୁ ଜାଣି ସମସ୍ତ ଲୋକ, ସମସ୍ତ ଲୋକର ଈଶ୍ୱର ମଧ ସର୍ବେଶ୍ୱର ଭଗବାନ ବାସୁଦେବଙ୍କୁ ପ୍ରଣାମ କରିବା ଉଚିତ" । ଭଗବାନ ହେଉଛନ୍ତି ସମସ୍ତ ଜୀବର ଅନ୍ତରାତ୍ମା । ଭଗବାନ ନିତ୍ୟଶୁଦ୍ଧ, ମୁକ୍ତ ସ୍ୱଭାବ ଏବଂ ସମସ୍ତ ଭୂତ ମଧରେ ଆତ୍ମା ରୂପରେ ବିରାଜମାନ । ତେଣୁ ସମସ୍ତ ଜୀବ ପରମାତ୍ମାଙ୍କ ସ୍ୱରୂପ । ରଜଗୁଣ ସମ୍ପନ୍ନ ବ୍ୟକ୍ତିମାନେ ନିଜର କାମନା ପୂର୍ତ୍ତି ନିମନ୍ତେ ମନ୍ଦିରରେ ଅଧିଷ୍ଠାନ ହୋଇଥିବା ଅନେକ ଦେବା-ଦେବୀ ମୂର୍ତ୍ତିଙ୍କୁ ଭଗବାନ ରୂପରେ ଉପାସନା କରିଥାନ୍ତି । ମାତ୍ର ଜୀବ ପରମାତ୍ମାଙ୍କ ଠାରୁ ଅଭିନ୍ନ ମାନି ଯଥାଯୋଗ୍ୟ ବ୍ୟବହାର ବା ସମ୍ମାନ ପ୍ରଦର୍ଶନ କରି ନଥାନ୍ତି । ସେହିମାନଙ୍କୁ ଭଗବାନ ସପ୍ତମ ଅଧାୟରେ ମାୟା ଦ୍ୱାରା ଅପହୃତ ହୋଇଥିବା ଅଜ୍ଞାନୀ ବୋଲି କହିଛନ୍ତି । ଏହିକଥା ସ୍ୱୀକାର କରିନେବା ଉଚିତ କି, ପ୍ରତ୍ୟେକ ଜୀବାତ୍ମା ପରମାତ୍ମାଙ୍କ ଅଂଶ ବିଶେଷ ଏବଂ ଭଗବାନଙ୍କ ପ୍ରତୀକ । ଜୀବ ଧାରଣ କରିଥିବା ଶରୀର ଭଗବାନଙ୍କ ମନ୍ଦିର ସ୍ୱରୂପ । ସଂସାରର ସମସ୍ତ ବସ୍ତୁ, ପଦାର୍ଥ, ବ୍ୟକ୍ତି, କେବଳ ନାମ, ଆକାର ଓ ଉପାଧିକୁ ନେଇ ବିବେଚନା କରି ଅବହେଳା କରିବା ଉଚିତ ନୁହେଁ । ସର୍ବଶ୍ରେଷ୍ଠ ଭଗବତ୍ ସତ୍ତାକୁ ଶରୀର ଧାରଣ କରିଥିବା ଜୀବ ଭିତରେ ରଜ, ତମଗୁଣ ସମ୍ପନ୍ନ ଅବିବେକୀ ମନୁଷ୍ୟମାନେ ଦେଖି ନଥାନ୍ତି । ଏପରିକି ଶାସ୍ତ୍ର, ଉପନିଷଦ, ସାଧୁ, ସନ୍ଥ, ଆଚାର୍ଯ୍ୟ ଏବଂ ଭଗବାନଙ୍କ ସ୍ୱରୂପକୁ ଅନୁଭବ କରିଥିବା ତତ୍ତ୍ୱଦର୍ଶୀ ଓ ସଦଗୁରୁଙ୍କୁ ମଧ ଥଟ୍ଟା ବିଦ୍ରୂପ କରିଥାନ୍ତି । ସେହି ମୂଢ ବ୍ୟକ୍ତିଗଣ, ନିଜ ଇଚ୍ଛାରେ ସଂସାର ଉଦ୍ଧାର ନିମନ୍ତେ ମନୁଷ୍ୟ ଶରୀରଧାରୀ ରହସ୍ୟମୟ ଭଗବାନଙ୍କ ଅବତାର ଏବଂ ତାଙ୍କର ଲୀଳାର କିପରି ଆଦି ଓ ଅନ୍ତ ପାଇ ପାରିବେ ? ଯାହାଙ୍କ ଅଧକ୍ଷତାରେ ପ୍ରକୃତି ଅନନ୍ତ ବ୍ରହ୍ମାଣ୍ଡକୁ ଉତ୍ପନ୍ନ ଏବଂ ଲୟକରେ, ଯାହାର ସତ୍ତା ଓ ସ୍ଫୁର୍ତ୍ତିଦ୍ୱାରା ସଂସାରର

ସବୁକିଛି ସଞ୍ଚାଳିତ ହୋଇଥାଏ, ଯାହାର କୃପାରେ ଜୀବ ମନୁଷ୍ୟ ଶରୀର ପ୍ରାପ୍ତହୁଏ, ଏତାଦୃଶ୍ୟ ସତ୍-ସ୍ୱରୂପ ସନାତନ ତତ୍ତ୍ୱକୁ ଅବତାର ରୂପରେ ଦେଖିବା ନିମନ୍ତେ ମୁନି ଋଷିଗଣଙ୍କୁ ଯୁଗ ଯୁଗ ଧରି ତପସ୍ୟା କରି ଅପେକ୍ଷା କରିବାକୁ ପଡିଥାଏ । ଅବତାର ପୁରୁଷଙ୍କୁ ଦେଖିବା ସାକ୍ଷାତ ପରମେଶ୍ୱରଙ୍କୁ ଦେଖିବା ସାଦୃଶ୍ୟ । ଭଗବାନ ଅବତାର ମୂର୍ତ୍ତିର ଉପାସନା ମଧ୍ୟ ଭଗବାନଙ୍କ ବ୍ୟକ୍ତ ସ୍ୱରୂପର ଉପାସନା ସହିତ ସମାନ । ଏହି ମର୍ମରେ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ 'ହୋଲି ଗୀତା'ରେ ଏକ ସୁନ୍ଦର ଉଦାହରଣ ହେଲା: ତିନି ରଙ୍ଗର କନାକୁ ଯୋଡିଦେଇ ତ୍ରିରଙ୍ଗା ପତାକାକୁ ଠିଆ କରିଦେଲେ, ତାରି ଭିତରେ ପବିତ୍ର ଭାରତ ଭୂମିକୁ ଦେଖି ନତ ମସ୍ତକ ହୋଇଯିବାକୁ ପଡେ । ସେହି ପରି ଅବତାର କାଳୀନ ଭଗବାନଙ୍କ କଳା, ଦିବ୍ୟପ୍ରକୃତିର ସତ୍ତା ମଧ୍ୟ ଭଗବାନଙ୍କ ମୂର୍ତ୍ତିରେ ରହିଥାଏ । ବ୍ରହ୍ମ ସଂହିତାରେ କୁହାଯାଇଛି "ଈଶ୍ୱରଃ ପରମଃ କୃଷ୍ଣ" । ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ଦୈବୀ ଶକ୍ତିର ପରମ ନିୟନ୍ତ୍ରଣକାରୀ । ସେ ହେଉଛନ୍ତି ପରମ ଅଧ୍ୟକ୍ଷ । ତାଙ୍କରି ଅବଲୋକନ ହେଉଥିବା ଶରୀର, ଏପରିକି ତାଙ୍କରି ଧାତୁ ନିର୍ମିତ ବିଗ୍ରହ ମଧ୍ୟ ଭୌତିକ ନୁହେଁ, ତାହା ସତ୍ୟ, ଶାଶ୍ୱତ, ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ଅଟେ ।

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।
ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥୧୨॥

*ଅନ୍ୱୟ: ମୋଘ-ଆଶାଃ (ବୃଥା କାମନାଯୁକ୍ତ) ମୋଘ-କର୍ମାଣାଃ (ବିଫଳକର୍ମା) ମୋଘଜ୍ଞାନାଃ ( ବୃଥାଜ୍ଞାନୀ) ବିଚେତସଃ (ବିକ୍ଷିପ୍ତଚିତ୍ତ ବ୍ୟକ୍ତି-ଅବିବେକୀମାନେ ) ମୋହିନୀଂ (ମୋହଜନକ ବୁଦ୍ଧିଭ୍ରଂଶ କାରୀ ) ରାକ୍ଷସୀ (ହିଂସା ପ୍ରବଣ) ଚ ( ଏବଂ) ଆସୁରୀମ୍ (ଇନ୍ଦ୍ରିୟ ଭୋଗବିଳାସୀ) ପ୍ରକୃତିଂ (ସ୍ୱଭାବ) ଶ୍ରିତାଃ ଏବ ( ଆଶ୍ରିତଗଣ ହିଁ [ମୋତେ ଅବମାନନା କରିଥାନ୍ତି] ।*

**ଭାବାର୍ଥ**: ଯେଉଁମାନେ ନିଷ୍ଫଳ କାମନାଯୁକ୍ତ, ବିଫଳ କର୍ମା ଏବଂ ବୃଥା ଜ୍ଞାନୀ, ସେହିମାନଙ୍କ ବିଭ୍ରାନ୍ତ ଚିତ୍ତ ସର୍ବଦା ମୋହ ଜାଲରେ ସମାବୃତ ହୋଇ ରହିଥାଏ । ଏହିମାନେ ହିଂସାପ୍ରବଣ ରାକ୍ଷସୀ, ଭୋଗବିଳାସ ପ୍ରିୟ ଆସୁରୀ ଏବଂ ମୋହଜନକ ବୁଦ୍ଧି ଭ୍ରଂଶକାରୀ ସ୍ୱଭାବକୁ ଆଶ୍ରୟକରି ମାନବରୂପୀ ଅବତାର ପୁରୁଷଙ୍କ ଅବଜ୍ଞା କରିଥାନ୍ତି । ମନ୍ଦ ଉଦ୍ଦେଶ୍ୟ ରଖି ନିଜର ଯୋଗ୍ୟତା, ଆବଶ୍ୟକତା ଓ ସାମର୍ଥ୍ୟ ଆଦି ବିଚାରକୁ ନ ନେଇ, ଭୌତିକ ଶକ୍ତି ସମ୍ବନ୍ଧୀୟ ଶୀଘ୍ର ଫଳ ପ୍ରଦାନ ଆଶାରେ ଦେବା-ଦେବୀଙ୍କ ଉପାସନା କରିବା ହେଉଛି ମୋଘ ଆଶା । ଭଗବାନଙ୍କ ପ୍ରଭାବକୁ ଜାଣି ପାରୁ ନ ଥିବା ମନୁଷ୍ୟ, ଅହଙ୍କାର ବଶୀଭୂତ ହୋଇ ଏହିପରି ନିରର୍ଥକ ଆଶା କରିଥାନ୍ତି, ଯାହା କେବେ ପୂର୍ଣ୍ଣ ହୋଇ ନ ଥାଏ । ମୋଘ ଆଶାଧାରୀ ବ୍ୟକ୍ତି ନା ଭୌତିକ ସୁଖକୁ ପ୍ରାପ୍ତି ହୁଏ ନା, ଆଧାତ୍ମିକ ମାର୍ଗକୁ ମନ ବଳାଇଥାଏ । ଈଶ୍ୱରଙ୍କ ବିମୁଖତା କାରଣରୁ ଯେଉଁମାନଙ୍କ କର୍ମ ନିଜର କିମ୍ବା ଜଗତର କଲ୍ୟାଣକର ନହୋଇ ବନ୍ଧନକାରୀ ହୋଇଥାଏ, ସେହିମାନେ ମୋଘକର୍ମା । ଶ୍ରଦ୍ଧା ଓ ଭଗବାନଙ୍କ ଅବତାର ଲୀଳା ପ୍ରତି ଅବିଶ୍ୱାସ ଓ ଅବଜ୍ଞା କାରଣରୁ ଯଜ୍ଞ, ତପ, ଦାନ ଆଦି ଶାସ୍ତ୍ର ବିହିତ ପୂଣ୍ୟ କର୍ମ ମଧ୍ୟ ସେମାନଙ୍କ ନିମନ୍ତେ ଫଳ ପ୍ରଦାନକାରୀ ହୋଇ ନ ଥାଏ । କୁତର୍କ ଆଶ୍ରିତ ଶାସ୍ତ୍ର-ଜ୍ଞାନ ପ୍ରଦର୍ଶନ ବସ୍ତୁତଃ ତାହା ଅଜ୍ଞାନ । ବେଦ, ଶାସ୍ତ୍ର ଆଦିରେ ନିପୁଣତା ରହିଥିଲେ ମଧ୍ୟ, ତାତ୍ତ୍ୱିକ ଅର୍ଥରେ ସେମାନେ ଜ୍ଞାନଶୂନ୍ୟ ହୋଇ ସଂସାରିକ ଭୋଗକୁ ସୁଖପ୍ରଦ ମଣିଥାନ୍ତି । ଯେଉଁ ଜ୍ଞାନ ଦ୍ୱାରା ଆତ୍ମା ସାକ୍ଷାତ୍କାର

ମାର୍ଗ ଉନ୍ମୁକ୍ତ ହୋଇ ମୁକ୍ତି ପ୍ରାପ୍ତିର ଅଭିଳାଷ ଜାଗୃତି ହୁଏ ନାହିଁ, ସେହି ଜ୍ଞାନଲବ୍ଧ ନିଷ୍ପ୍ରୟୋଜନ । ବ୍ୟର୍ଥ ଆଶାରେ ପରିପୂର୍ଣ୍ଣ ହୋଇ ସମସ୍ତ କର୍ମରେ ବିଫଳତା ପ୍ରାପ୍ତ ମନୁଷ୍ୟ ବିବେକ ଶୂନ୍ୟ ଭାବରେ ମୋହଗ୍ରସ୍ତ ସ୍ଥିତିରେ ଆସୁରୀ, ରାକ୍ଷସୀ ଓ ମୋହିନୀ ସ୍ୱଭାବକୁ ଆଶ୍ରୟ କରିଥାନ୍ତି । କାମନା ପ୍ରଧାନ ହେଲା ଆସୁରୀ ପ୍ରକୃତି, କ୍ରୋଧ ପ୍ରଧାନ ହେଲା ରାକ୍ଷସୀ ପ୍ରକୃତି ଏବଂ ମୋହ ବା ମୂଢତା ହେଲା ମୋହିନୀ ପ୍ରକୃତି । ଅସୁର ସମ୍ପତ୍ତି ହେଉଛି ଏହି ସମସ୍ତର ମୂଳ । କାମ, କ୍ରୋଧ, ମୋହ ବଶୀଭୂତ ସ୍ୱଭାବ ଥିବା ମନୁଷ୍ୟଙ୍କ ବୁଦ୍ଧି ଓ ବିବେକ ନଷ୍ଟ ହୋଇ ଯାଇଥାଏ । ଦମ୍ଭ, ଅହଂକାର ସଂଯୁକ୍ତ ଆସୁରୀ ପ୍ରକୃତି ଲୋକଙ୍କ ବିଚାର ହେଲା; - ମନୁଷ୍ୟ ଶରୀର ବହୁଳ ଭୋଗ ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ଉଦ୍ଦିଷ୍ଟ । ଅନ୍ୟକୁ କଷ୍ଟ ଦେଇ ନିଜର କାମନା ପୂର୍ତ୍ତି କରିବା, ଅନ୍ୟର ସ୍ୱତ୍ୱ ହରଣ କରିବା ଆସୁରୀ ସ୍ୱଭାବ ଅଟେ । ବିନା କାରଣରେ ଅନ୍ୟପ୍ରତି ଦ୍ୱେଷ ଭାବ ରଖି ହିଂସା ଆଚରଣ କରିବା, ଅନ୍ୟକୁ କଷ୍ଟ ଦେବା, ଅନ୍ୟର ଅନିଷ୍ଟ କରିବା ରାକ୍ଷସୀ ସ୍ୱଭାବ । ପ୍ରମାଦ ମୋହ କାରଣରୁ ଅନ୍ୟ ପ୍ରାଣୀଙ୍କୁ ଦୁଃଖ ପହଞ୍ଚାଇବା ଯାହାର ସ୍ୱଭାବ ହୋଇଥାଏ, ତାହା ମୋହିନୀ ପ୍ରକୃତି । ଏହି ପ୍ରକୃତିର ମନୁଷ୍ୟମାନେ ଶୋଇଥିବା ଜୀବଜନ୍ତୁଙ୍କୁ ଆଘାତ କରି କିମ୍ବା ଉଡୁଥିବା ପକ୍ଷୀକୁ ବଧକରି ମନରେ ଖୁସି ପାଇଥାନ୍ତି । ମହାତ୍ମାଙ୍କ ସ୍ଥିତି ଠିକ୍ ଏହାର ବିପରୀତ ହୋଇଥାଏ ।

ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।
ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ॥୧୩॥

*ଅନ୍ୱୟ: ତୁ (କିନ୍ତୁ) ପାର୍ଥ ! (ହେ ପୃଥାନନ୍ଦନ !) ଦୈବୀଂ (ଦୈବୀ ସମ୍ପତ୍ତି-ସାତ୍ତ୍ୱିକ) ପ୍ରକୃତିଂ (ସ୍ୱଭାବକୁ) ଆଶ୍ରିତାଃ (ଆଶ୍ରିତ ) ମହାତ୍ମାନଃ (ମହାତ୍ମା ଗଣ) ମାଂ (ମୋତେ) ଭୂତାଦିମ୍ (ସମସ୍ତ ପ୍ରାଣୀଙ୍କ ଆଦି –ଭୂତ ସମୂହର କାରଣ –ସନାତନ ) ଅବ୍ୟୟମ୍ (ଏବଂ ଅବିନାଶୀ) ଜ୍ଞାତ୍ୱା ( ବୋଲି ବୁଝି ) ଅନନ୍ୟମନସଃ ( ଅନନ୍ୟାମନା ହୋଇ-ଅନନ୍ୟ ଚିତ୍ତ ହୋଇ ) ଭଜନ୍ତି (ଭଜନ କରନ୍ତି) ।*

**ଭାବାର୍ଥ**: ପରନ୍ତୁ, ହେ କୁନ୍ତୀପୁତ୍ର ଅର୍ଜୁନ! ଦୈବୀ ସମ୍ପତ୍ତି ସମ୍ପନ୍ନ ସାତ୍ତ୍ୱିକ ସ୍ୱଭାବର ମହାତ୍ମାଗଣ କାମନା ଶୂନ୍ୟ ହୋଇ ଅନନ୍ୟ ଚିତ୍ତରେ ମୋତେ ସମସ୍ତ ଭୂତ ସମୂହର ଆଦି କାରଣ, ଅକ୍ଷର ପରମ ପୁରୁଷ ଜାଣି ନିରନ୍ତର ମୋର ଭଜନା କରିଥାଆନ୍ତି । କ୍ଷର-ଅକ୍ଷର ଆଦି ଭୂତ ସମୂହକୁ ମନରୁ ହଟାଇ କେବଳ ଆନନ୍ଦମୟ ମୂର୍ତ୍ତି-ଅବ୍ୟୟ ପୁରୁଷର ସ୍ମରଣ କରିଥାଆନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ଭାବେ ଭୂତ ପ୍ରକୃତିରୁ ମୁକ୍ତ ହୋଇ ଆଧ୍ୟାତ୍ମିକ ଶକ୍ତିର ନିୟନ୍ତ୍ରଣାଧୀନରେ ରହିବା ହେଉଛି ଦୈବୀ ସ୍ୱଭାବ । ମହାନ୍ ଆତ୍ମା ସେହିମାନେ, ଯେ ମହାନ୍ ଲକ୍ଷ୍ୟ ପରମାତ୍ମା ପ୍ରାପ୍ତି ନିମନ୍ତେ ଦୈବୀ ସ୍ୱଭାବକୁ ଧାରଣ କରି ସମସ୍ତ ପ୍ରକାରେ ମୋ ସହିତ ଯୁକ୍ତ ହୋଇ ରହିଥାଆନ୍ତି । ଯେଉଁମାନଙ୍କ ମୂଢତା ଦୂରହୋଇ ମନ କୌଣସି ଘେରରେ ବନ୍ଧାହୋଇ ରହି ନ ଥାଏ, ସେହିମାନେ ମାହାତ୍ମା ପଦବାଚ୍ୟ । ମାହାତ୍ମା ପୁରୁଷ ସମଗ୍ର ମାନବତାକୁ ସାମ୍ୟ ଦୃଷ୍ଟିରେ ଦେଖିଥାନ୍ତି, ଯାହା ପ୍ରାନ୍ତୀୟତା, ଜାତୀୟତା, ସାମ୍ପ୍ରଦାୟିକତା, ଏପରିକି ରାଷ୍ଟ୍ରୀୟତାର ମଧ୍ୟ ଉର୍ଦ୍ଧ୍ୱରେ ରହିଥାଏ । ତେଣୁ ସମଗ୍ର ବିଶ୍ୱ ଯାହାର ଆତ୍ମା, ସେ ମାହାତ୍ମା । ଏହା ପ୍ରାପ୍ତି ହେବା ହେଉଛି ମନୁଷ୍ୟ ଜନ୍ମର ସାର୍ଥକତା । ଭଗବାନଙ୍କ

ବ୍ୟତୀତ ଅନ୍ୟ କୌଣସି ବସ୍ତୁରେ ଯାହାର ମନ ରମଣ କରେନାହିଁ ଏବଂ କ୍ଷଣେମାତ୍ର ତାଙ୍କରି ବିରହରେ ମନ ବ୍ୟାକୁଳ ହୋଇଉଠେ, ସେହି ଭାବକୁ ଏହିଠାରେ 'ଅନନ୍ୟମନସଃ' ପଦରେ ସୂଚିତ କରାଯାଇଛି । ସମସ୍ତ ସଦ୍ଗୁଣ ଏବଂ ସଦାଚାର, ଭଗବତ୍ ସ୍ୱରୂପ ଅର୍ଥାତ୍ ଅବତାର ଲୀଳାରେ ସେଗୁଡ଼ିକ ଭଗବାନଙ୍କ ସ୍ୱଭାବ ହୋଇଥାଏ । ଷୋଡ଼ଶ ଅଧ୍ୟାୟ ପ୍ରାରମ୍ଭରେ ଭଗବାନ କହିଥିବା "ଅଭୟଂ ସତ୍ତ୍ୱସଂଶୁଦ୍ଧି" ଆଦି ସମସ୍ତ ଛବିଶିଗୋଟି ସ୍ୱଭାବ ହେଉଛି ଦୈବୀସମ୍ପଦ । ସେହି ସ୍ୱଭାବକୁ ଆଶ୍ରିତ ହୋଇ ସାଧକ ପରମାତ୍ମା ପ୍ରାପ୍ତି ଅଭିଳାଷରେ ସାଧନାରତ ହୋଇଥାଏ । ଦୈବୀ ପ୍ରକୃତିର ଆଶ୍ରୟନେବା ମଧ୍ୟ ଭଗବାନଙ୍କ ଆଶ୍ରୟନେବା ସହିତ ସମାନ ବୋଲି ବୁଝିବାକୁ ହେବ । ସଦ୍ଗୁଣ ଓ ସଦାଚାର ସାଧନ କରି ଅର୍ଜନ କରିଛି ବୋଲି ମନରେ ରଖିଲେ ତାହା ଅଭିମାନରେ ପରିଣତ ହୁଏ, ଯାହା ସାଧନାର ପ୍ରମୁଖ ପ୍ରତିବନ୍ଧକ । ଭଗବାନ ଅନ୍ତର୍ଯାମୀ ପୁରୁଷଭାବେ ହୃଦୟରେ ବିଦ୍ୟମାନ କାରଣରୁ ଏହି ସଦ୍ଗୁଣ ଓ ସଦାଚାର ତାଙ୍କରି ସ୍ୱଭାବ ବୋଲି ସ୍ୱୀକାର କରିନେଲେ, ତାହା ଅବଗୁଣ ବିନଷ୍ଟ କରି ପରମାତ୍ମା ସାକ୍ଷାତ୍କାରର ସହାୟକ ହୁଏ । ପରମାତ୍ମା ପ୍ରାପ୍ତି ଯେତେବେଳେ ସାଧକର ଏକମାତ୍ର ଉଦ୍ଦେଶ୍ୟ ହୁଏ, ତା'ଠାରେ ସେତେବେଳେ ଦୈବୀ ସମ୍ପତ୍ତି ପ୍ରକଟ ହୁଏ । ଦୈବୀ ସଂପଦକୁ ଆଶ୍ରୟକରି ଅନେକ ଜନ୍ମର ସଞ୍ଚିତ ପୂଣ୍ୟର ପ୍ରଭାବରେ ମାହାତ୍ମା ପୁରୁଷ ମୁକ୍ତିର ପୂର୍ଣ୍ଣ ଅଧିକାରୀ ହୋଇଥାଏ । ପରମାତ୍ମାଙ୍କ ସାକ୍ଷାତ୍କାରରେ ମାହାତ୍ମା ପୁରୁଷର ଏହି ଜନ୍ମ ହିଁ ଅନ୍ତିମ ଜନ୍ମ ହୋଇଥାଏ ।

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢବ୍ରତାଃ ।
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ॥୧୪॥

*ଅନ୍ୱୟ: [ସେହି ମହାତ୍ମା ଜନ] ସତତଂ (ସର୍ବଦା- ନିରନ୍ତର) ମାଂ (ମୋର) କୀର୍ତ୍ତୟନ୍ତଃ (ନାମ,ଗୁଣ ଗାନକରି) ଦୃଢବ୍ରତାଃ (ବ୍ରତ ବା ସଙ୍କଳ୍ପରେ ଅଟଳ ରହି) ଯତନ୍ତଃ (ପରମାତ୍ମା ପ୍ରାପ୍ତି ନିମନ୍ତେ ଯତ୍ନଶୀଳ ହୋଇ) ଭକ୍ତ୍ୟା (ଶ୍ରଦ୍ଧା ଓ ପ୍ରେମ ସହିତ) ନମସ୍ୟନ୍ତଃ (ମୋର ସମ୍ମୁଖରେ ନମସ୍କାର କରି) ନିତ୍ୟଯୁକ୍ତାଃ ଚ (ଏବଂ ନିତ୍ୟ ନିରନ୍ତର ସଂଯୁକ୍ତ ଚିତ୍ତରେ ) ଉପାସତେ ( ମୋତେ ଭଜନା କରନ୍ତି) ।*

**ଭାବାର୍ଥ**: ଭଗବତ୍ ପ୍ରେମୀ ଭକ୍ତ ବିଭିନ୍ନ ମାର୍ଗରେ ଯଥା: ଭଗବାନଙ୍କ ନାମ, ଗୁଣ ଓ ଲୀଳା ଗାନ କରି, ପରମାତ୍ମା ପ୍ରାପ୍ତି ଲକ୍ଷ୍ୟରେ ଦୃଢ ନିଶ୍ଚୟ ପୂର୍ବକ ଯତ୍ନଶୀଳ ହୋଇ ଏବଂ ବାରମ୍ବାର ପ୍ରଣାମ କରି ସେବା ଆଦି ପ୍ରଯତ୍ନ କରିଥାନ୍ତି । ଅନ୍ୟ କେହି ସମାହିତ ଚିତ୍ତରେ ନିରନ୍ତର ଧ୍ୟାନମଗ୍ନ ହୋଇ ମୋର ସ୍ୱରୂପ ଚିନ୍ତନ କରି ଉପାସନା କରିଥାନ୍ତି । ଆଚାର୍ଯ୍ୟ ଶଙ୍କରଙ୍କ ବ୍ୟାଖ୍ୟାନୁଯାୟୀ "ସର୍ବଦା ମୋତେ ଅର୍ଥାତ୍ ବ୍ରହ୍ମସ୍ୱରୂପ ଭଗବାନଙ୍କ କୀର୍ତ୍ତନ କରୁ କରୁ ଇନ୍ଦ୍ରିୟ ପ୍ରତ୍ୟାହାର, ଦମ, ଦୟା, ଅହିଂସା ରୂପକ ଧର୍ମ ଦ୍ୱାରା ଅବିଚଳିତ ବ୍ରତର ଅନୁଷ୍ଠାନ ଯେଉଁମାନେ କରନ୍ତି, ସେହିମାନେ ହିଁ ଦୃଢବ୍ରତା । ଏହିଭଳି ଦୃଢବ୍ରତା ହୋଇ ସର୍ବଭୂତସ୍ଥିତ ଆତ୍ମସ୍ୱରୂପ ମୋତେ ପ୍ରଣାମ କରୁକରୁ ନିତ୍ୟଯୁକ୍ତ ଯୋଗୀଗଣ ମୋର ଉପାସନା କରନ୍ତି" । 'କୀର୍ତ୍ତୟନ୍ତ' ଶବ୍ଦର ତାତ୍ପର୍ଯ୍ୟ ହେଲା; ମନ ଯେଉଁ ବସ୍ତୁର ଗୁଣ, ପ୍ରଭାବକୁ ଅନୁମୋଦନ କରି ସ୍ତୁତି କରିଥାଏ, ପରୋକ୍ଷଭାବେ ସେହି ବସ୍ତୁର ସ୍ୱଭାବକୁ ଗ୍ରହଣ କରିନିଏ । ମାହାତ୍ମା ଜନ ଭଗବାନଙ୍କ ଦିବ୍ୟନାମ, ଶାଶ୍ୱତ

ରୂପ ଏବଂ ଅଦ୍ଭୁତ ଲୀଳା କୀର୍ତ୍ତନରେ ସତ୍ୟ, ଅହିଂସା, ଅକ୍ରୋଧ, ତ୍ୟାଗ ଆଦି ସମସ୍ତ ଦୈବୀ ସ୍ୱଭାବର ଅଧିକାରୀ ହୋଇ ପରମାତ୍ମା ପ୍ରାପ୍ତିର ପ୍ରଯତ୍ନ କରିଥାନ୍ତି । ବେଦାନ୍ତୀ ଭଗବାନଙ୍କ ସ୍ୱରୂପର, ଶରଣାପନ୍ନ ଭକ୍ତ ଭଗବାନଙ୍କ ସ୍ୱଭାବର ଏବଂ ଧ୍ୟାନଯୋଗୀ ଭଗବାନଙ୍କ ଗୁଣର ସଙ୍କୀର୍ତ୍ତନ କରିଥାନ୍ତି । ଭଗବତ୍ ପ୍ରେମୀଙ୍କ ଶ୍ରଦ୍ଧା, ବିଚାର, ନିଶ୍ଚୟ ଏବଂ ବ୍ରହ୍ମଚର୍ଯ୍ୟ ବ୍ରତ ଆଦି ନିୟମ ଅତ୍ୟନ୍ତ ଦୃଢ ହୋଇଥାଏ । ବଡ-ବଡ ବିପତ୍ତି, ପ୍ରବଳ ବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ, ବ୍ରତ ଓ ବିଚାର ମାର୍ଗରୁ ବିଚଳିତ ନହେବା ଉତ୍ତମ ମନୁଷ୍ୟର ଲକ୍ଷଣ । ବ୍ରତ ଓ ନିୟମର ଦୃଢତାରେ ଶାରୀରିକ ଏବଂ ମାନସିକ କଷ୍ଟ ସହ୍ୟ କରିବାକୁ ହେଲେ ମଧ୍ୟ, ତାହାଦ୍ୱାରା ଆତ୍ମବଳ ବୃଦ୍ଧିପାଏ । ସଂସାରର କୌଣସି ମହାନ୍ କାର୍ଯ୍ୟ ନିମନ୍ତେ, ଏହି ଆତ୍ମବଳର ଆବଶ୍ୟକତା ରହିଛି । କିଛି ବ୍ୟକ୍ତି ଏପରି ହୋଇଥାନ୍ତି, ଯାହାଙ୍କ ସଂକଳ୍ପ ଦୃଢ ଏବଂ ଯତ୍ନଶୀଳ ହୋଇଥାଏ । ସାଧନର ପ୍ରାରମ୍ଭରେ ଦୃଢ ସଂକଳ୍ପ ଦ୍ୱାରା ଜନ୍ମ ଜନ୍ମାନ୍ତର ସଂସ୍କାର ଶୁଦ୍ଧହୋଇ ସାଧକ ଈଶ୍ୱରାଭିମୁଖୀ ହୋଇଥାନ୍ତି । ଲକ୍ଷ୍ୟ ସାଧନ ନିମିତ୍ତ ଶାରୀରିକ, ମାନସିକ ଓ ବାଚିକ ଆଦି କ୍ରିୟାକୁ ପ୍ରେମ ଓ ଭକ୍ତି ସହକାରେ ଭଗବାନଙ୍କ ସେବାରେ ବିନିଯୋଗ କରନ୍ତି । ସମସ୍ତ ବ୍ୟକ୍ତି ଓ ବିଗ୍ରହ ଭିତରେ ମୋରି ପରମାତ୍ମା ସ୍ୱରୂପକୁ ଦେଖି ବାରମ୍ବାର ପ୍ରଣାମ କରିଥାନ୍ତି । ଭଗବାନଙ୍କ ଲୀଳା, ଉପଦେଶ ବର୍ଣ୍ଣିତ ପୁରାଣ, ଗ୍ରନ୍ଥ ଆଦିକୁ ସ୍ୱୟଂ ପରମେଶ୍ୱର ମାନି ନମସ୍କାର କରିଥାନ୍ତି । ଭଗବାନଙ୍କୁ ଖୋଜି ପାଇବା ନିମନ୍ତେ ଭଗବାନ କୌଣସି ଶାରୀରିକ କଷ୍ଟସାଧ୍ୟ ସାଧନ କହି ନାହାନ୍ତି । ନିଜର ଅହଂକାରକୁ ତ୍ୟାଗକରି ନିଜକୁ ସମସ୍ତଙ୍କ ଠାରୁ କ୍ଷୁଦ୍ରବୋଲି ମନେକରି, ଅନ୍ୟକୁ ଯୋଥୋଚିତ ସମ୍ମାନ ଦେବା କଷ୍ଟକର ସାଧନ । ପୂଜ୍ୟ ସ୍ୱାମୀ ଶିବାନନ୍ଦ ଏହି ପଦର ବ୍ୟାଖ୍ୟାରେ କହିଛନ୍ତି: "ସାଧନ ଆରମ୍ଭରେ ଶାସ୍ତ୍ର ପଢି ଭଗବାବନଙ୍କ ତତ୍ତ୍ୱ ରହସ୍ୟକୁ ଜାଣିପାରିବା କିମ୍ବା ଅନୁଭବ କରିବା ସମ୍ଭବ ହୋଇ ନଥାଏ । ତେଣୁ ସାଧକ ପ୍ରଥମେ ଗୁରୁଙ୍କୁ ଭଗବାନଙ୍କ ସ୍ୱରୂପ ମାନି ଉପାସନା କରିବାରେ ସଦ୍ଗୁଣ, ସଦାଚାର ପ୍ରାପ୍ତ ହୋଇ ଭଗବାନଙ୍କ ସାକ୍ଷାତ୍କାର ସମ୍ଭବ ହୋଇଥାଏ । ମନକୁ ସର୍ବଦା ଜାଗ୍ରତ ଓ ପ୍ରହରୀ ରୂପେ ସଜାଗ ରଖିବା ନିମିତ୍ତ ଭଗବାନଙ୍କୁ ବାରମ୍ବାର ପ୍ରଣାମ କରିବାକୁ ହେବ" । ଚତୁର୍ପାର୍ଶ୍ୱରେ ରହିଥିବା ସମସ୍ତ ସୃଷ୍ଟିକୁ ଭଗବାନଙ୍କ ବିଭୂତି ବୋଲି ମନେକରି, ବାରମ୍ବାର ନମସ୍କାର କରିବାର ଅଭ୍ୟାସରେ ସମର୍ପଣ ଭାବ ଦ୍ୱାରା ହୃଦୟରେ ଏକ ପ୍ରେମ ଭାବ ଜାଗ୍ରତହୁଏ । ସେହି ଶ୍ରଦ୍ଧା ଓ ପ୍ରେମ ଭାବର ନାମ ଭକ୍ତି । ଭଗବାନଙ୍କ ସହିତ ନିଜର ନିତ୍ୟ ସମ୍ବନ୍ଧକୁ ସ୍ୱୀକାର କରିନେଲା ପରେ, ସେହି ସମ୍ବନ୍ଧର ବିସ୍ମୃତି ଘଟେ ନାହିଁ, ତାହା ହିଁ 'ନିତ୍ୟଯୁକ୍ତ' । ମହାତ୍ମାଙ୍କ ପ୍ରଯତ୍ନ ସାଂସାରିକ ଭଳି ଦେଖା ଯାଉଥିଲେ ମଧ୍ୟ ତାଙ୍କରି ସମସ୍ତ କ୍ରିୟାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଭଗବତ୍ ପ୍ରାପ୍ତି । ଭକ୍ତର ସମସ୍ତ ଲୌକିକ ଏବଂ ପାରମାର୍ଥିକ କ୍ରିୟା କେବଳ ଭଗବାନଙ୍କ ଉଦ୍ଦେଶ୍ୟରେ ଏବଂ ଭଗବାନଙ୍କ ପ୍ରସନ୍ନତା ନିମନ୍ତେ ଅଭିହିତ ।

ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ ।
ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ॥୧୫॥

*ଅନ୍ୱୟ: ଅନ୍ୟେ ( ଅନ୍ୟ କେହି ଯୋଗୀ ) ଜ୍ଞାନଯଜ୍ଞେନ (ଜ୍ଞାନଯଜ୍ଞ ଦ୍ୱାରା) ଏକତ୍ୱେନ (ଅଭେଦ ଭାବରେ) ମାଂ (ମୋତେ – ମୋର ନିର୍ଗୁଣ ନିରାକାର ସ୍ୱରୂପକୁ) ଯଜନ୍ତଃ (ପୂଜା କରନ୍ତି) ଚ (ଏବଂ) ଅପି (ଅନ୍ୟ କେହି ମଧ୍ୟ ) ପୃଥକ୍ତ୍ୱେନ ( ପରମେଶ୍ୱରଙ୍କ ଠାରୁ ପୃଥକ ଭାବରଖି) ବହୁଧା (ବିଷ୍ଣୁ, ଇନ୍ଦ୍ର, ଚନ୍ଦ୍ର, ବରୁଣ ଆଦି ଅନେକ ରୂପରେ ସ୍ଥିତ) ବିଶ୍ୱତୋମୁଖମ୍ (ସର୍ବାଭିମୁଖ ବିରାଟ ସ୍ୱରୂପର) ଉପାସତେ ( ଉପାସନା କରନ୍ତି ) ।*

**ଭାବାର୍ଥ**: ରୁଚି, ଯୋଗ୍ୟତା, ଶ୍ରଦ୍ଧା ଓ ବିଶ୍ୱାସ ଭିନ୍ନ ଭିନ୍ନ କାରଣରୁ ସାଧକଙ୍କ ଭଗବତ୍ ଉପାସନା ମଧ୍ୟ ସେହି ପ୍ରକାରରେ ଭିନ୍ନ ହୋଇଥାଏ । କେହି ସାଧକ ଜ୍ଞାନଯଜ୍ଞ ଅର୍ଥାତ୍ ସର୍ବାତ୍ମା ଦର୍ଶନ ରୂପକ ଯେଉଁଜ୍ଞାନ , ସେହି ଜ୍ଞାନ ରୂପକ ଯଜ୍ଞ ଦ୍ୱାରା ଭଗବାନଙ୍କ ନିର୍ଗୁଣ ନିରାକାର ସ୍ୱରୂପର ଅଭିନ୍ନ ଭାବରେ ଉପାସନା କରନ୍ତି । ଅନ୍ୟକେହି ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ବରୁଣ ଆଦି ବିଭିନ୍ନ ଦେବତା ତଥା ସମସ୍ତ ପ୍ରାଣୀ, ପରମାତ୍ମାଙ୍କ ସ୍ୱରୂପ ମାନି ନିଜ କର୍ମଦ୍ୱାରା ଯଥାଯୋଗ୍ୟ ନିଷ୍କାମ ଭାବରେ ଉପାସ୍ୟ-ଉପାସକ, ସେବ୍ୟ-ସେବକ ଭାବରେ ପରମେଶ୍ୱରଙ୍କ ଅନେକ ବିଧିରେ ପୂଜା କରନ୍ତି । "ଅୟମାତ୍ମାବ୍ରହ୍ମ"- ପରମାତ୍ମା ମୋର ଆତ୍ମା-ଏହି ବିଚାରକୁ ଧାରଣ କରିବା ହେଲା 'ଏକତ୍ୱ' ଭାବ ଯାହାକୁ ଅଦ୍ୱୈତ ସମ୍ପ୍ରଦାୟ ମତବୋଲି କୁହାଯାଇଛି । ଶରୀର, ମନ, ଇନ୍ଦ୍ରିୟାଦି ଦ୍ୱାରା ହେଉଥିବା ସମସ୍ତ କର୍ମ ମାୟାମୟ ଯେଉଁଥିରେ ଗୁଣମାନେ ହିଁ ଗୁଣରେ ପ୍ରବୃତ୍ତ ହୋଇଥାନ୍ତି । ଭଗବାନଙ୍କ ତତ୍ତ୍ୱକୁ ଜାଣିବା, କ୍ରିୟା ପ୍ରଧାନ ନ ହୋଇ ବିଚାର ପ୍ରଧାନ ହୋଇଥାଏ, ଯାହା ନିମିତ୍ତ କୌଣସି ବାହ୍ୟ ସାମଗ୍ରୀର ଆବଶ୍ୟକତା ନାହିଁ । ଜ୍ଞାନ ଯଜ୍ଞର ମୁଖ୍ୟ ଚାରୋଟି ବିଚାର ହେଲା: ସମସ୍ତ ଦୃଶ୍ୟବର୍ଗରେ ଏକ ପରମାତ୍ମା ତତ୍ତ୍ୱ ହିଁ ବିଦ୍ୟମାନ୍ - ସମସ୍ତ ବିଧି, ବିଧାନ ଏବଂ ପରିସ୍ଥିତିର ସେ' ହିଁ ଏକମାତ୍ର କାରଣ ଏବଂ ରଚୟିତା - ପ୍ରତ୍ୟେକ ଚିନ୍ତନରେ ସେ ହିଁ ଏକମାତ୍ର ଚିନ୍ତ୍ୟ ବସ୍ତୁ – ମୁହୂର୍ତ୍ତକ ପାଇଁ ପରମେଶ୍ୱରଙ୍କ ବିସ୍ମୃତ ସ୍ଥିତି ହେଉଛି ମାୟାର ଅଧୀନସ୍ଥ । ଏହି ସମସ୍ତ ବିଚାରରେ ସମ୍ପୂର୍ଣ୍ଣ ଦୃଶ୍ୟବର୍ଗକୁ ସ୍ୱପ୍ନ ସାଦୃଶ୍ୟ ଅନିତ୍ୟ ମନେ କରିବା ହେଉଛି ଜ୍ଞାନ । ଏକ ସଚ୍ଚିଦାନନ୍ଦଘନ ନିର୍ଗୁଣ ନିରାକାର ପରବ୍ରହ୍ମ ପରମାତ୍ମା ଅତିରିକ୍ତ ଅନ୍ୟ କିଛିର ସତ୍ତା ହିଁ ନାହିଁ, ଏହି ବିଚାରରେ ଅଟଳ ରହି ନିରନ୍ତର ତାଙ୍କରି ଶ୍ରବଣ, ମନନ ଏବଂ ନିଦିଧ୍ୟାସନ ଦ୍ୱାରା ଅଭେଦ ତତ୍ତ୍ୱରେ ସ୍ଥିତ ରହିବା ଅଭ୍ୟାସ ହେଉଛି ଜ୍ଞାନ ଯଜ୍ଞ । ଆରୋପିତ ଗୁଣର ନିଷେଧ ଏବଂ ଦୈବୀ ସ୍ୱଭାବର ଅଧିକାରୀ ନିମିତ୍ତ ପ୍ରୟାସ ଦ୍ୱାରା ନିର୍ଗୁଣ ବ୍ରହ୍ମର ଉପାସନା ହୋଇଥାଏ । ସମସ୍ତ ବିଶ୍ୱ ଭଗବାନଙ୍କଠାରୁ ଉତ୍ପନ୍ନ ଏବଂ ସେ' ହିଁ ଏଥିରେ ବ୍ୟାପ୍ତ । ଏହି ବିଚାରରେ କର୍ମଯୋଗୀ ନିଜକୁ ସେବକ ମନେକରି ସଂସାର କଲ୍ୟାଣ ନିମିତ୍ତ ସମସ୍ତ କର୍ମକୁ ସମର୍ପଣ କରି କର୍ତ୍ତୃତ୍ୱ ଏବଂ ଭୋକ୍ତୃତ୍ୱ ଭାବରୁ ମୁକ୍ତ ରହି ପରମେଶ୍ୱରଙ୍କ ଉପାସନା କରିଥାଏ । ଭକ୍ତି ଯୋଗ ମାର୍ଗରେ ଜୀବାତ୍ମା-ପରମାତ୍ମା ପୃଥଗ ଧାରଣା ରଖି, ଭଗବାନଙ୍କ କୌଣସି ଏକ ଅବତାର ରୂପକୁ ଇଷ୍ଟଭାବେ ସ୍ୱୀକାର କରି ଉପାସନା କରିବା ହେଉଛି ଦ୍ୱୈତ ସମ୍ପ୍ରଦାୟ ମତ । ଅନନ୍ୟ ଭକ୍ତ ସାଖ୍ୟ, ଦାସ୍ୟ ଆଦି ବିଭିନ୍ନ ଭାବରେ ଇଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ଭୂମାନନ୍ଦ ପ୍ରାପ୍ତ ହୋଇଥାନ୍ତି । କେହି କେହି ସାଧକ ଅନେକ ରୂପରେ ସର୍ବତ୍ର ଅଭିମୁଖ ହୋଇ ରହିଥିବା ଜଡ ଚେତନଶୀଳ ବ୍ରହ୍ମାଣ୍ଡର ବିରାଟ ବିଶ୍ୱରୂପକୁ ପରମେଶ୍ୱର ରୂପରେ ଉପାସନା କରିଥାଆନ୍ତି । ଏହା ହେଉଛି ବିଶିଷ୍ଟାଦ୍ୱୈତ

ସମ୍ପ୍ରଦାୟ ମତ । ଉପରୋକ୍ତ ଭାବରେ ନିଜ ରୁଚି, ଶ୍ରଦ୍ଧା, ବିଶ୍ୱାସ ଅନୁଯାୟୀ ଏକମାତ୍ର ପରମାତ୍ମା ପ୍ରାପ୍ତି ଲକ୍ଷ୍ୟରେ ଦୃଢ ଚିତ୍ତରେ ସାଧନା ହେଉଛି ଭଗବାନ ସ୍ୱରୂପର ଉପାସନା ।

ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ॥୧୬॥

*ଅନ୍ୱୟ: ଅହମ୍ (ମୁଁ) କ୍ରତୁଃ (ଅଗ୍ନିଷ୍ଟୋମାଦି ଶ୍ରୌତ ଯଜ୍ଞ) ଅହମ୍ (ମୁଁ) ଯଜ୍ଞଃ (ପଞ୍ଚ ମହାଯଜ୍ଞାଦି ରୂପକ ସ୍ମାର୍ତ୍ତ ଯଜ୍ଞ) ଅହମ୍ (ମୁଁ) ସ୍ୱଧା (ଶ୍ରାଦ୍ଧ ଆଦି ପିତୃଯଜ୍ଞ ) ଅହମ୍ (ମୁଁ) ଔଷଧମ୍ (ଓଷଧି ଜାତ ଅନ୍ନ ବା ଭେଷଜ) ଅହମ୍ (ମୁଁ) ମନ୍ତ୍ରଃ (ମନ୍ତ୍ର) ଅହମ୍ ଏବ (ମୁଁ ମଧ୍ୟ ) ଆଜ୍ୟମ୍ ( ହୋମର ଘୃତ ) ଅହମ୍ (ମୁଁ) ଅଗ୍ନିଃ ( ହୋମାଗ୍ନି) ଅହମ୍ (ମୁଁ ହିଁ ) ହୁତମ୍ (ହବନ ରୂପକ କ୍ରିୟା) ।*

**ଭାବାର୍ଥ**: ସମଗ୍ର ଦୃଶ୍ୟବର୍ଗ ଏବଂ କ୍ରିୟାଶୀଳ ବିଶ୍ୱର ଉପାସନା କିପରି ଭଗବାନ ସ୍ୱରୂପର ହିଁ ଉପାସନା ହୋଇଥାଏ, ତାହା ଏହିଠାରୁ ଚାରିଗୋଟି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ପ୍ରତିପାଦନ କରିଛନ୍ତି । ଭଗବାନ କହୁଛନ୍ତି ହେ ଅର୍ଜୁନ ! କ୍ରତୁ ଅର୍ଥାତ୍ ଶ୍ରୁତି ମନ୍ତ୍ର ଦ୍ୱାରା ଅନୁଷ୍ଠିତ ବୈଦିକ ଜ୍ୟୋତିଷ୍ଟୋମ ଆଦି ଯଜ୍ଞରୂପ ହେଉଛି 'ମୁଁ' । ସଙ୍କଳ୍ପ କରି ଯେଉଁ ଦେବତାଙ୍କୁ ଧ୍ୟାନ କରାଯାଏ, କ୍ରତୁ ରୂପରେ ସ୍ୱୟଂ ଭଗବାନ ଆସିଥାଆନ୍ତି । ପଞ୍ଚ ମହାଯଜ୍ଞାଦି ସ୍ମାର୍ତ୍ତ କର୍ମ ସମୂହରେ ବିଭିନ୍ନ ଦେବତା ରୂପେ 'ମୁଁ' ହିଁ ଆହୁତି ଗ୍ରହଣ କରିଥାଏ । ଯଜ୍ଞ ଶବ୍ଦର ଅର୍ଥ ହେଲା କର୍ତ୍ତବ୍ୟନିଷ୍ଠା ସହିତ ସ୍ୱଧର୍ମ ପାଳନ- ଯେପରି ସୂର୍ଯ୍ୟ, ଚନ୍ଦ୍ରମା, ବାୟୁ, ଅଗ୍ନି, ପୃଥିବୀ, ଜଳ - ଏହିମାନଙ୍କ ଦ୍ୱାରା ସୃଷ୍ଟିର ସ୍ଥିତି ନିମନ୍ତେ ଉତ୍ପତ୍ତି କାଳରୁ ହିଁ ଯଜ୍ଞ କାର୍ଯ୍ୟ ଚାଲିଆସିଛି । ଜୀବର ହୃଦୟରେ ଅନ୍ତର୍ଯାମୀ ରୂପରେ ପରମେଶ୍ୱର ବିରାଜମାନ । ଶରୀରସ୍ଥ ସୂକ୍ଷ୍ମ ଏବଂ ସ୍ଥୂଳ ଅଙ୍ଗ, ପ୍ରତ୍ୟଙ୍ଗ ବିଭିନ୍ନ ଦେବତା ରୂପେ ବିଦ୍ୟମାନ । ତେଣୁ ମନୁଷ୍ୟ ମଧ୍ୟ ଦେବତାଙ୍କ ଭଳି ଜଗତ କଲ୍ୟାଣ ନିମନ୍ତେ ସବୁ କାଳରେ ଯଜ୍ଞ କର୍ମରେ ପ୍ରବୃତ୍ତ ରହିବା ପାଇଁ ଉଦ୍ଦିଷ୍ଟ । ସ୍ୱଧା ଅର୍ଥାତ୍ ଶ୍ରାଦ୍ଧ, ତର୍ପଣ ଆଦି ପିତୃଯଜ୍ଞ ମଧ୍ୟ 'ମୁଁ' । କ୍ରତୁ, ଯଜ୍ଞ ଓ ସ୍ୱଧା ନିମିତ୍ତ ଯେଉଁ ଶାକଲ୍ୟ ଅର୍ଥାତ୍ ବନସ୍ପତି, ଖାଦ୍ୟ ତଥା ରୋଗ ନାଶକ ଚେର-ମୂଳ, ତିଳ, ଯବ ଇତ୍ୟାଦି, ସେହି ସବୁ 'ମୁଁ' । ଯେଉଁ ବାକ୍ୟ ବା ସ୍ତୁତି ଦ୍ୱାରା ଈଶ୍ୱରଙ୍କ ଭାବାକୃତି ମନରେ ରୂପ ନିଏ, ତାହା ହେଉଛି ମନ୍ତ୍ର । ଇଷ୍ଟଙ୍କ ଆବାହନ, ପୂଜା, ଅର୍ଚ୍ଚନା ଏବଂ ବିଶେଷ ଉପାସନା ମଧ୍ୟ ମନ୍ତ୍ରପାଠ ଦ୍ୱାରା ଅନୁଷ୍ଠିତ ହୋଇଥାଏ । ନିଷ୍ଠାର ସହିତ ମନ୍ତ୍ର ପୁରଶ୍ଚରଣରେ ଦେବତାମାନେ ପ୍ରସନ୍ନ ହୋଇଥାନ୍ତି । ସିଦ୍ଧମନ୍ତ୍ର ଦ୍ୱାରା ଦେବତାମାନଙ୍କ ଶକ୍ତିକୁ ମଧ୍ୟ ପ୍ରୟୋଗ କରା ଯାଇଥାଏ । ଏହି ସମସ୍ତ ମନ୍ତ୍ରର ଫଳ ପ୍ରଦାନକାରୀ 'ମୁଁ' ହିଁ ହୋଇଥାଏ । ଶୁଦ୍ଧିକରଣ ଦୃଷ୍ଟିରୁ ଗାର୍ହପତ୍ୟାଗ୍ନି, ଆହବନୀୟ ଅଗ୍ନି ଓ ଦକ୍ଷିଣାଗ୍ନି - ଏହି ତିନି ପ୍ରକାର ଅଗ୍ନି ହୋଇଥାନ୍ତି । ଯଜ୍ଞକୁଣ୍ଡରେ ସଦା ପ୍ରଜ୍ୱଳିତ ହୋଇ ରହିଥିବା ଅଗ୍ନି ହେଉଛନ୍ତି 'ଗାର୍ହପତ୍ୟାଗ୍ନି' । ଯଜ୍ଞରେ 'ମୁଁ' ହେଉଛି ଆହବନୀୟ ହୋମାଗ୍ନି ଏବଂ ଅର୍ପଣ ନିମିତ୍ତ ଘୃତ, ଦ୍ରବ୍ୟ ଆଦି ସାମଗ୍ରୀ ମଧ୍ୟ 'ମୁଁ' । ଜଜମାନ ଦ୍ୱାରା ହବନ କ୍ରିୟା ମଧ୍ୟ 'ମୁଁ' । ଭଗବାନ ହେଉଛନ୍ତି ସର୍ବାତ୍ମକ ଅର୍ଥାତ୍ ଯଜ୍ଞ, ଶ୍ରାଦ୍ଧ ଆଦି ଶାସ୍ତ୍ରୀୟ ଶୁଭକର୍ମରେ ପ୍ରୟୋଜନୀୟ ସମସ୍ତ ବସ୍ତୁ, ତତ୍ ସମ୍ବନ୍ଧୀୟ ମନ୍ତ୍ର, ତଥା ମନ, ବାଣୀ, ଶରୀରରେ ହେଉଥିବା ତତ୍ ବିଷୟକ ବିବିଧ ଚେଷ୍ଟା -ଏହି ସମସ୍ତ ଭଗବାନଙ୍କ ସ୍ୱରୂପ । ପୂର୍ବ ଶ୍ଳୋକରେ ଭଗବାନ କହିଥିବା 'ବହୁଧା

ବିଶ୍ୱତୋମୁଖମ୍'ର ତାତ୍ପର୍ଯ୍ୟ ହେଲା, ଯାହା ଉଦ୍ଦେଶ୍ୟରେ ହେଉନା କାହିଁକି, ଯାହା କିଛି ଦ୍ରବ୍ୟ ଦିଆ ଯାଇଥାଏ ଏବଂ ଯେଉଁ କ୍ରିୟା କରା ଯାଇଥାଏ, ସେ ସମସ୍ତ ଭଗବାନଙ୍କୁ ପ୍ରାପ୍ତ ହୁଏ । ଏପରି କି, ପିମ୍ପୁଡିଟିଏକୁ ଶର୍କରା ଟିକିଏ, ତଥା ବଳି ବୈଶ୍ୱଦେବ ସମୟରେ କୁଆ, କୁକୁରକୁ ଦିଆଯାଉଥିବା ଦ୍ରବ୍ୟ ମଧ୍ୟ ଭଗବାନ ଗ୍ରହଣ କରିଥାନ୍ତି । 'ଯଥାର୍ଥ ଗୀତା'ରେ ସ୍ୱାମୀ ଅଡଗାନନ୍ଦଜୀ ମହାରାଜାଜୀ ଭିନ୍ନରୂପରେ ଏହି ପଦର ବ୍ୟାଖ୍ୟା କରିଛନ୍ତି । ବସ୍ତୁତଃ କର୍ତ୍ତାର ଅନ୍ତରାଳରେ ପ୍ରେରକ ରୂପରେ 'ମୁଁ' ସବୁ ସମୟରେ ସଞ୍ଚାଳିତ କରାଉଥିବା ଇଷ୍ଟ । କର୍ତ୍ତା ଦ୍ୱାରା ଯାହା ସିଦ୍ଧ ହୋଇଥାଏ ତାହା ମୋରି ପ୍ରସାଦ । ଆରାଧନାର ବିଧି ବିଶେଷ ହେଉଛି ଯଜ୍ଞ । ପୂର୍ତ୍ତିକାଳରେ ଯଜ୍ଞ ଯାହାର ଉତ୍ପତ୍ତି କରିଥାଏ, ସେହି ଅମୃତକୁ ପାନ କରିବା ପୁରୁଷ ସନାତନ ବ୍ରହ୍ମରେ ପ୍ରବେଶ ପାଇଥାଏ । ସ୍ୱଧା 'ଅର୍ଥାତ୍ ଅତୀତର ଅନନ୍ତ ସଂସ୍କାରକୁ ବିଲୁପ୍ତ କରିଦେବା ମୋର ବରଦାନ । ଭବ ରୋଗରୁ ମୁକ୍ତ କରିବା ଔଷଧି 'ମୁଁ' । ମୋତେ ପ୍ରାପ୍ତ କରି ମନୁଷ୍ୟ ଏହି ସଂସାର ଦୁଃଖରୁ ନିବୃତ୍ତ ହୋଇ ଯାଆନ୍ତି । ମନକୁ ପ୍ରାଣ-ଅପାନ କ୍ରିୟାରେ ନିରୋଧ କରି ମନ୍ତ୍ର ରୂପକ ବାକ୍ୟ ଉଚ୍ଚାରଣ 'ମୁଁ' । ଏହି ନିରୋଧ କ୍ରିୟାରେ ତୀବ୍ରତା ଆଣୁଥିବା ଆଜ୍ୟ ରୂପକ ଦ୍ରବ୍ୟ ମଧ୍ୟ 'ମୁଁ' । ମୋରି ପ୍ରକାଶରେ ମନର ସମସ୍ତ ପ୍ରବୃତ୍ତି ବିଲୟ ହୋଇଯାଏ । ହବନ ଅର୍ଥାତ୍ ସମର୍ପଣ ମଧ୍ୟ 'ମୁଁ' । ଯେ ପର୍ଯ୍ୟନ୍ତ ଇଷ୍ଟଦେବ ରଥୀ ହୋଇ ମନକୁ ଆତ୍ମସ୍ଥ କରି ଚିତ୍ତକୁ ନିରୁଦ୍ଧ କରି ନାହାନ୍ତି, ସେହି ପର୍ଯ୍ୟନ୍ତ ଭଗବାନଙ୍କ ସ୍ୱରୂପର ଉପାସନା ଆରମ୍ଭ ହୋଇ ନଥାଏ । ଯେଉଁ ସ୍ତରରେ ସାଧକ ଅବସ୍ଥାନ କରିଥାଏ, ପରମାତ୍ମା ସେହି ସ୍ତରକୁ ଓହ୍ଲାଇ ଆସି, ଆତ୍ମାଠାରୁ ଅଭିନ୍ନ ହୋଇ ଯେ ପର୍ଯ୍ୟନ୍ତ ଜାଗୃତ ହୋଇନାହାନ୍ତି ,ସେହି ପର୍ଯ୍ୟନ୍ତ ଉଚିତ ମାତ୍ରାରେ ଭଜନାର ସ୍ୱରୂପ ବୁଝା ପଡି ନ ଥାଏ । ଏଣୁ ଯୋଗେଶ୍ୱର ଶ୍ରୀକୃଷ୍ଣ କହୁଛନ୍ତି 'ମୁଁ' ସବୁ ବୋଲି ସ୍ୱୀକାର କରି ମୋତେ ଆଶ୍ରୟକର, ମୋର ସ୍ୱରୂପକୁ ବୁଝିପାରିବା ସଙ୍ଗେ ମୋ'ଠାରୁ ସମସ୍ତ ଭବ୍ୟସୁଖ ପ୍ରାପ୍ତି ହୋଇପାରିବ ।

ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।
ବେଦ୍ୟଂ ପବିତ୍ରମୋଙ୍କାର ଋକ୍ସାମ ଯଜୁରେବ ଚ ॥୧୭॥

*ଅନ୍ୱୟ: ଅହମ୍ (ମୁଁ) ଅସ୍ୟ (ଏହି) ଜଗତଃ (ସମଗ୍ର ଜଗତର) ପିତା (ବୀଜ ସ୍ଥାପନକାରୀ ପିତା) ମାତା (ଗର୍ଭ ଧାରିଣୀ ଜନନୀ) ଧାତା (ବିଧାତା-କର୍ମଫଳ ଦାତା ଇଶ୍ୱର) ପିତାମହଃ (ପିତାଙ୍କର ମଧ୍ୟ ପିତା) ବେଦ୍ୟଂ (ଏକମାତ୍ର ଜ୍ଞେୟ ବସ୍ତୁ) ପବିତ୍ରଂ (ପବିତ୍ରକର) ଓଙ୍କାରଃ (ବ୍ରହ୍ମ ବାଚକ ଓଁକାର-ପ୍ରଣବ) ଋକ୍ (ଋକ୍ ବେଦ) ସାମ (ସାମ ବେଦ) ଯଜୁଃ ଚ (ଓ ଯଜୁର୍ବେଦ ) ।*

**ଭାବାର୍ଥ**: ଭଗବାନ କହୁଛନ୍ତି : ମୁଁ କେବଳ କାରଣ ଉପାଧିକ ନୁହେଁ, କାର୍ଯ୍ୟ ଉପାଧିକ ମଧ୍ୟ । ସେହି ବିଚାରରେ ମୁଁ ପିତା, ମାତା, ପିତାମହ । କାର୍ଯ୍ୟ-କାରଣ ମଧ୍ୟରେ ଭେଦ ରହିଥାଏ, ପରନ୍ତୁ ସମୂହ ଉଦ୍ଦେଶ୍ୟ ଉପହିତରେ ଭେଦ ନାହିଁ । ପିତୃତ୍ୱ ଅବଚ୍ଛିନ୍ନ ଚୈତନ୍ୟ - ମାତୃତ୍ୱ ଅବଚ୍ଛିନ୍ନ ଚୈତନ୍ୟ 'ମୁଁ' ହିଁ ହୋଇଥାଏ । ମାତା ରୂପରେ ନିଜନିଜ ସଂସ୍କାର ଅନୁଯାୟୀ ଶରୀର ପ୍ରାପ୍ତ ନିମନ୍ତେ 'ମୁଁ' ହିଁ ଜୀବକୁ ଯଥାଯୋଗ୍ୟ ଯୋନି ପ୍ରାପ୍ତ କରାଇଥାଏ । ଭଗବାନ ସମସ୍ତଙ୍କ ପିତାମହ କହିବାର ତାତ୍ପର୍ଯ୍ୟ ହେଲା କି, ପ୍ରତ୍ୟେକ ସ୍ଥୂଳ ବସ୍ତୁର ଏକ

ଅଦୃଶ୍ୟ ସୂକ୍ଷ୍ମ କାରଣ ରହିଥାଏ । ଭଗବାନ ହେଉଛନ୍ତି ସମସ୍ତ ଦୃଶ୍ୟ-ଅଦୃଶ୍ୟ, ବ୍ୟକ୍ତ-ଅବ୍ୟକ୍ତ, ବସ୍ତୁ, ଜୀବର ସର୍ବଶେଷ କାରଣ । ଯେଉଁ ବ୍ରହ୍ମା ଆଦି ପ୍ରଜାପତିଙ୍କଠାରୁ ସକଳ ପ୍ରାଣୀ ଶରୀର ପ୍ରାପ୍ତ ହୁଅନ୍ତି, ସେହି ବ୍ରହ୍ମା ମଧ୍ୟ ଭଗବାନଙ୍କଠାରୁ ଉତ୍ପତ୍ତି । ତେଣୁ ଭଗବାନ ସମସ୍ତଙ୍କ ଆଦି ପିତାମହ ଅର୍ଥାତ୍ ମୂଳ ଉଦ୍ଗମ । ସମଗ୍ର ଜଗତ ଭଗବାନଙ୍କଠାରୁ ଉତ୍ପନ୍ନ ଏବଂ ଏହାକୁ ସେ' ନିଜ ସ୍ୱରୂପର ଏକ ଅଂଶରେ ଧାରଣ କରିଛନ୍ତି । ସକଳ ପ୍ରାଣୀଙ୍କ ଯଥାଯୋଗ୍ୟ କର୍ମଫଳ ସେ' ହିଁ ବିଧାନ କରନ୍ତି । ତେଣୁ ନିଜକୁ ସମସ୍ତ ଜଗତର ସେ' 'ଧାତା' ବୋଲି କହିଛନ୍ତି । ଏକମାତ୍ର ଭଗବତ୍ ସତ୍ତା ହିଁ ବେଦ ଦ୍ୱାରା ଜାଣିବା ଯୋଗ୍ୟ ପରମତତ୍ତ୍ୱ । ବେଦ ସର୍ବଶେଷ ସିଦ୍ଧାନ୍ତ ପ୍ରତିପାଦନ କରିଛି କି, ଶବ୍ଦ ହେଉଛି ବୀଜ ଯେଉଁଥିରୁ ବ୍ରହ୍ମାଣ୍ଡ ଉତ୍ପନ୍ନ । 'ଓଁକାର ଶବ୍ଦ ହେଉଛି ନାଦ ବ୍ରହ୍ମ । ଈଶ୍ୱର ଶାଶ୍ୱତ ରୂପେ 'ଓଁକାରରେ ବିଦ୍ୟମାନ । ଅ, ଉ, ମ୍- ଏହି ତିନି ଅର୍ଦ୍ଧାକ୍ଷରର ସମାହାର ହେଉଛି 'ଓଁକାର ଯାହା ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରତୀକ । 'ଓଁ ଈଶ୍ୱରଙ୍କ ନାମ । ଏଠାରେ ନାମ ଓ ନାମୀର ଅଭେଦ ପ୍ରତିପାଦନ ନିମନ୍ତେ ଭଗବାନ ନିଜକୁ 'ଓଁକାର କହିଛନ୍ତି । ସାଧକ 'ଓଁକାର ମନ୍ତ୍ର ଜପରେ ସ୍ଥିତ ହୋଇ ପରମାତ୍ମା ସତ୍ତାର ପ୍ରବେଶ ଦ୍ୱାରରେ ଉପନୀତ ହୋଇଥାଏ । ଯେ ସ୍ୱୟଂ ଶୁଦ୍ଧ ଏବଂ ଅନ୍ୟର ପାପ ସମୂହ ନଷ୍ଟକରି ତାହାକୁ ବିଶୁଦ୍ଧ କରିଥାଏ, ତାହା ପବିତ୍ର । ଯାହାଙ୍କ ଦର୍ଶନ, ସ୍ମରଣ ମାତ୍ରେ ଅନ୍ତଃକରଣ ପବିତ୍ର ହୋଇଯାଏ, ସେହି ନିତ୍ୟ ଶୁଦ୍ଧ ପରମାତ୍ମା ପରମ ପବିତ୍ର ଅଟନ୍ତି । ଏହାର ଅତିରିକ୍ତ ପବିତ୍ର ରୂପରେ ଯେତେ ଜପ, ତପ, ବ୍ରତ ଆଦି ସାଧନ କ୍ରିୟା ଏବଂ ନଦୀ, ପର୍ବତ ଆଦି ତୀର୍ଥ ସ୍ଥଳ, ସେହି ସମସ୍ତ ଭଗବାନଙ୍କ ସ୍ୱରୂପ ଅଟେ । ବେଦର ପ୍ରାକଟ୍ୟ ଭଗବାନଙ୍କଠାରୁ ହୋଇଅଛି । ଋକ୍ ଅର୍ଥାତ୍ ପ୍ରାର୍ଥନା ରୂପରେ 'ଚିଦ୍' ପ୍ରଧାନ ଋଗ୍ବେଦ, ପୂଜାର ବିଧି-ବିଶେଷ ରହିଥିବା 'ସତ୍' ରୂପରେ ଯଜୁଃବେଦ ଏବଂ ସମତା ପ୍ରାପ୍ତି ପ୍ରକ୍ରିୟା ରୂପରେ ଗାନଯୋଗ୍ୟ ଆନନ୍ଦ ଦାୟକ ସାମ ବେଦ- ଏହି ତିନିବେଦ ହେଉଛନ୍ତି ଭଗବାନଙ୍କ ସତ୍-ଚିଦ୍-ଆନନ୍ଦ ସ୍ୱରୂପ । ଋକ୍, ସାମ, ଯଯୁଃ ଏହି ତିନି ବେଦ, ଭଗବାନଙ୍କ ସ୍ୱରୂପରେ ରହିଥିବା ମୂଳ ପ୍ରକୃତିର ଉତ୍ପନ୍ନ, ସଂଚାଳନ ଏବଂ ଅନ୍ତ ସମ୍ବନ୍ଧୀୟ ବିଷୟକୁ ନିର୍ଦ୍ଦେଶ କରେ । ଶ୍ରୀ ବଲ୍ଲଭାଚାର୍ଯ୍ୟ ମହାରାଜ ଜୀବ ସହିତ ପ୍ରଭୁଙ୍କ ସମ୍ବନ୍ଧ ପ୍ରସଙ୍ଗରେ 'ସଂସାର' ଓ 'ଜଗତ' ଦୁଇଟି ଅଲଗା ବସ୍ତୁ ବୋଲି ମତ ରଖିଛନ୍ତି । ସେ' କହିଛନ୍ତି : ଏହି ମାଟି, ପାଣି, ଅଗ୍ନି, ବାୟୁ, ସ୍ତ୍ରୀ, ପୁରୁଷ, ପଶୁ-ପକ୍ଷୀ, ମନୁଷ୍ୟ ଏହି ସବୁ ହେଲା ଜଗତ । 'ମୁଁ' ଏବଂ 'ମୋର' ହେଲା ସଂସାର । ଜଗତ ଆଉ ସଂସାର ଭିତରେ ପ୍ରଭେଦର ଉଦାହରଣ ହେଉଛି- ଏକ ସ୍ତ୍ରୀର ଶରୀର ଜଗତ । କିନ୍ତୁ ସେ ପତ୍ନୀ ହେଉଛି, ଭଉଣୀ ହେଉଛି, ମାଆ ହେଉଛି, ପିଉଷୀ-ମାଉସୀ ହେଉଛି, ଦାଦି ମାଆ ହେଉଛି – ଏହି ସମସ୍ତ ସମ୍ବନ୍ଧ ହେଲା 'ସଂସାର' । ଜଣେ ପୁରୁଷ ସେହିପରି ପୁତ୍ର, ପତି, ପିତା, ପିତାମହ, ଭାଇ, ଦାଦା, ଅଜା ଏହିପରି ଯେତେ ସମ୍ବନ୍ଧ ହୋଇପାରିବ, ତାହା ସଂସାର । ଭଗବାନଙ୍କ ସହିତ ନିତ୍ୟ ସମ୍ବନ୍ଧ ସ୍ଥାପିତ ହେଲେ, ସଂସାର ବିଲୁପ୍ତ ହୋଇଯାଏ କେବଳ ଜଗତ ରହିଯାଏ । ସ୍ତ୍ରୀ ରହିବ, ପୁରୁଷ ରହିବ, କିନ୍ତୁ ଦୁଃଖ ଦେଉଥିବା ସେହି ସଂସାର ରୂପୀ 'ମୁଁ-ମୋର' ସମ୍ବନ୍ଧ – ତାହା ବିଲୁପ୍ତ ହୋଇଯିବ । ସଂସାର ଦୁଃଖଦାୟୀ ହୋଇଥାଏ, କିନ୍ତୁ ଜଗତ ନୁହେଁ । କୌଣସି ବ୍ୟକ୍ତି ବା ବସ୍ତୁ ଦୁଃଖଦାୟୀ ନୁହେଁ, ତାହା ସହିତ

ପ୍ରିୟ-ଅପ୍ରିୟ ସମ୍ବନ୍ଧ ହେଉଛି ଦୁଃଖଦାୟୀ । ଈଶ୍ୱରଙ୍କ ସହିତ ସମ୍ବନ୍ଧ ଯୋଡି ହୋଇଗଲେ, ସଂସାର ସହିତ ସମ୍ବନ୍ଧ ଆପେ କଟିଯାଇ ସଂସାରର ନିବୃତ୍ତି ହୋଇଯାଏ । ସଂସାର ଅର୍ଥ ସମ୍ବନ୍ଧ, ଆଉ ସମ୍ବନ୍ଧ ମାନେ ଦୁଃଖ । ଅତଏବ ସମ୍ବନ୍ଧ ହିଁ ଦୁଃଖ । 'ଜଗତ' ଇଶ୍ୱର ସୃଷ୍ଟି ହୋଇ ଥିଲାବେଳେ 'ସମ୍ବନ୍ଧ' ମନୁଷ୍ୟ ସୃଷ୍ଟି । ଶ୍ରୀ ଶଙ୍କାରାଚାର୍ଯ୍ୟଙ୍କ ମତରେ ଦୁଃଖ ପ୍ରକୃତି କୃତ ନୁହେଁ, ଏହା ଜୀବକୃତ । ଯେତେ ସବୁ ଜୀବସୃଷ୍ଟି ସମ୍ବନ୍ଧ ତାହା ଦୁଃଖଦାୟୀ ।

ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।
ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ॥୧୮॥

*ଅନ୍ୱୟ :ଗତିଃ ( ମୁଁ ଲକ୍ଷ୍ୟ-କର୍ମଫଳ) ଭର୍ତ୍ତା (ପୋଷଣକର୍ତ୍ତା) ପ୍ରଭୁଃ (ନିୟନ୍ତା) ସାକ୍ଷୀ ( ଶୁଭାଶୁଭ ଦ୍ରଷ୍ଟା) ନିବାସଃ (ସ୍ଥିତି- ସ୍ଥାନ) ଶରଣଂ (ଆଶ୍ରୟ) ସୁହୃତ (ଉପକାରକ) ପ୍ରଭବଃ (ସୃଷ୍ଟି କର୍ତ୍ତା) ପ୍ରଳୟଃ (ପ୍ରଳୟ କର୍ତ୍ତା) ସ୍ଥାନମ୍ (ଆଧାର) ନିଧାନମ୍ (ଲୟ ସ୍ଥାନ-ଭଣ୍ଡାର) ଅବ୍ୟୟଂ(ଅବିନାଶୀ) ବୀଜମ୍ (କାରଣ ମଧ୍ୟ ମୁଁ ) ।*

**ଭାବାର୍ଥ :** ହେ ଅର୍ଜୁନ ! 'ଗତିଃ' ଅର୍ଥାତ୍ ପ୍ରାପ୍ତ ହେବାଯୋଗ୍ୟ ପରମଗତି, 'ଭର୍ତ୍ତା'- ସମସ୍ତଙ୍କ ଭରଣ ପୋଷଣକାରୀ, ସମସ୍ତଙ୍କ ସ୍ୱାମୀ, 'ସାକ୍ଷୀ- ଅର୍ଥାତ୍ ଦ୍ରଷ୍ଟା ରୂପରେ ରହି ସମସ୍ତଙ୍କୁ ଜାଣି ପାରୁଥିବା, ସମସ୍ତଙ୍କ ବାସସ୍ଥଳ, ଶରଣନେବା ଯୋଗ୍ୟ, ଅକାରଣ ପ୍ରେମୀ ମିତ୍ର, ଉତ୍ପତ୍ତି ଏବଂ ପ୍ରଳୟ ଅର୍ଥାତ୍ ଶୁଭାଶୁଭ ସଂସାର ବିଲୟ ତଥା ଅବିନାଶୀ କାରଣ - ଏହି ସମସ୍ତ କେବଳ 'ମୁଁ ହିଁ । ଅନ୍ତକାଳରେ ଜୀବକୁ ଯେଉଁଥିରେ ପ୍ରବେଶ ମିଳିଥାଏ, ସେହି ସମସ୍ତ ବିଭୂତିମାନ ମଧ୍ୟ 'ମୁଁ' । ଚଉରାଅଶି ଲକ୍ଷ ଯୋନି ଭ୍ରମଣ କରୁଥିବା ଜୀବର ପରମ ଲକ୍ଷ୍ୟ ଏବଂ ଯାହା ସର୍ବୋଚ୍ଚ ପ୍ରାପ୍ତ ଯୋଗ୍ୟବସ୍ତୁ, ସେହି ଭଗବତ୍ ପ୍ରାପ୍ତି ହେଉଛି 'ମୁଁ' । ସମ୍ପୂର୍ଣ୍ଣ ଜଗତର 'ମୁଁ' ହେଉଛି ରକ୍ଷକ ଏବଂ ପାଳନ କର୍ତ୍ତା । 'ମୁଁ' ଇଶ୍ୱର ମାନଙ୍କ ଇଶ୍ୱର ଅର୍ଥାତ୍ ପରମେଶ୍ୱର, ଦେବତାଙ୍କ ପରମ ଦୈବତ, ସମସ୍ତ ଭୁବନର ସ୍ୱାମୀ ଏବଂ ପରମପୂଜ୍ୟ ପରମଦେବ । ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ବାୟୁ ଏବଂ ମୃତ୍ୟୁ ଆଦି ସମସ୍ତ ମୋର ନିୟନ୍ତ୍ରଣରେ ନିଜ ନିଜ ମର୍ଯ୍ୟାଦାରେ ସ୍ଥିତ । ଭଗବାନ ସ୍ୱୟଂ ସମସ୍ତ ଜୀବର ଭୂତ, ବର୍ତ୍ତମାନ ଓ ଭବିଷ୍ୟ ଜନ୍ମ ଓ କର୍ମ ଫଳର ନିୟନ୍ତା । ସେ' ସର୍ବଜ୍ଞାତାର ସୀମା ଅଟନ୍ତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଜୀବ ଭଗବାନଙ୍କ ଠାରେ ହିଁ ନିବାସ କରିଥାନ୍ତି । ତାଙ୍କରି ସମାନ ଶରଣାଗତ ବତ୍ସଳ ଏବଂ ଶରଣାଗତର ଦୁଃଖ ହରଣକାରୀ ଅନ୍ୟ କେହି ହୋଇ ନ ଥାନ୍ତି । ଭଗବାନ ସମସ୍ତ ଜୀବଙ୍କ ବିନା ହିଁ କାରଣ ଉପକାର କରୁଥିବା ହିତୈଷୀ ଏବଂ ସମସ୍ତଙ୍କ ସହିତ ପ୍ରେମ କରୁଥିବା ପରମବନ୍ଧୁ । ସମ୍ପୂର୍ଣ୍ଣ ଜଗତର ଉତ୍ପତ୍ତି, ସ୍ଥିତି ଏବଂ ପ୍ରଳୟ ଭଗବାନଙ୍କ ସଙ୍କଳ୍ପରେ ହିଁ ହୋଇଥାଏ । ମହାସର୍ଗରେ ସମସ୍ତ ପ୍ରାଣୀ ଯେଉଁଠାରେ ରହନ୍ତି ତାହା 'ନିବାସ' । ମହାପ୍ରଳୟରେ ସମସ୍ତ ପ୍ରାଣୀଙ୍କ ସୂକ୍ଷ୍ମ ସ୍ୱଭାବକୁ ନେଇ ଅବ୍ୟକ୍ତ ପ୍ରକୃତି ଭଗବାନଙ୍କ ଏକ ଅଂଶରେ ସୁଷୁପ୍ତି ଅର୍ଥାତ୍ ଅକ୍ରିୟ ଅବସ୍ଥାରେ ସ୍ଥିତ ରହେ । ତେଣୁ ସେ ସକଳ ପ୍ରାଣୀଙ୍କ ନିବାସ ଏବଂ ସ୍ଥାନ । ଭଗବାନ ନିଜକୁ 'ନିଧାନ' ଅର୍ଥାତ୍ ଭଣ୍ଡାର କହିଛନ୍ତି । ଭଗବାନ ସମସ୍ତ ଚରାଚର ଭୂତ ପ୍ରାଣୀଙ୍କ ଅବିନାଶୀ କାରଣ ଅଟନ୍ତି । ଅନନ୍ତ ବ୍ରହ୍ମାଣ୍ଡ ତାଙ୍କରିଠାରୁ ହିଁ ନିସୃତ । ସୃଷ୍ଟିର ଆରମ୍ଭରେ

ଏବଂ ଅନ୍ତରେ ସେ' ଯଥାବତ୍ ରହିଛନ୍ତି । ଅତଏବ, ମଧ୍ୟ କାଳ (ବର୍ତ୍ତମାନ)ରେ ମଧ୍ୟ ସେ ଅଛନ୍ତି । ତେଣୁ ସେ' ଅବିନାଶୀ ବୀଜର ଭଣ୍ଡାର ।

ତପାମ୍ୟହମହଂ ବର୍ଷଂ ନିଗୃହ୍ ଣାମ୍ୟୁତ୍ସୃଜାମି ଚ ।
ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ॥୧୯॥

*ଅନ୍ୱୟ: ହେ ଅର୍ଜୁନ ! ଅହଂ (ମୁଁ ) ତପାମି ( ସୂର୍ଯ୍ୟ ରୂପରେ ଉଷ୍ଣତା ଏବଂ ଆଲୋକ ପ୍ରଦାନକରେ ) ବର୍ଷଂ (ବୃଷ୍ଟିକୁ ) ନିଗୃହ୍ ଣାମି ( ଅବରୋଧ କରେ ) ଉତ୍ ସୃଜାମି (ବର୍ଷଣ ମଧ୍ୟ କରେ) ଅମୃତଂ ( ଦେବ ଲୋକର ଅମରତ୍ୱ) ମୃତ୍ୟୁଃ ଚ (ଏବଂ ମର୍ତ୍ତ୍ୟ ଲୋକର ଶରୀର ବିନଷ୍ଟକାରୀ ମୃତ୍ୟୁ) ସତ୍ (ଅବିନାଶୀ ଅବ୍ୟୟ ଆତ୍ମା ) ଅସତ୍ (ଅନିତ୍ୟ କ୍ଷର ଜଗତ ) ଅହଂ ( ମଧ୍ୟ ମୁଁ ) ।*

**ଭାବାର୍ଥ**: ହେ ଅର୍ଜୁନ ! 'ମୁଁ ସୂର୍ଯ୍ୟ ରୂପରେ ସମସ୍ତ ଜଗତକୁ ଉଷ୍ଣତା ଏବଂ ପ୍ରକାଶ ପ୍ରଦାନ କରେ । ଶୋଷଣ ଦ୍ୱାରା ସଂସାରର ସମସ୍ତ ମଳ ଓ ଅଶୁଦ୍ଧକୁ ଶୁଦ୍ଧିକରଣ କରୁଥିବା ଗ୍ରୀଷ୍ମ କାଳର ଉତ୍ତାପ ମଧ୍ୟ 'ମୁଁ' । 'ମୁଁ' ପୃଥିବୀରୁ ଜଳ ଆକର୍ଷଣ କରି ବୃଷ୍ଟି ରୂପରେ ବର୍ଷଣ କରେ । 'ମୁଁ' ମଧ୍ୟ ବୃଷ୍ଟିକୁ କିଛି କାଳ ପାଇଁ ଅବରୋଧ କରି ରଖେ । ଅର୍ଥାତ୍ ଗ୍ରୀଷ୍ମ, ବର୍ଷା ଆଦି ସୃଷ୍ଟିର ଋତୁ ଚକ୍ର ହେଉଛି 'ମୁଁ' । ଦେବ ଲୋକରେ ଦେବତାମାନଙ୍କ ଅମରତ୍ୱ ହେଉଛି 'ମୁଁ' ଏବଂ ମର୍ତ୍ତ୍ୟ ଲୋକରେ ସମସ୍ତଙ୍କ ବିନାଶ କରୁଥିବା କାଳ ରୂପୀ ମୃତ୍ୟୁ ମଧ୍ୟ 'ମୁଁ' । ସୃଷ୍ଟିର ଲୀଳାକୁ ସୂଚାରୁ ରୂପେ ଚଳନ ରଖିବା ନିମିତ୍ତ ସର୍ଗ ଏବଂ ସଂହାର, ଏହି ଉଭୟର ପରମ ଆବଶ୍ୟକତା ରହିଛି । ଭଗବାନ ହିଁ ଯଥା ସମୟରେ ଲୋକ ସଂହାର ନିମନ୍ତେ ଯୁଦ୍ଧ ରୂପରେ, ମହାମାରୀ ରୂପରେ ପ୍ରକଟ ହୁଅନ୍ତି । ଭଗବାନ କହୁଛନ୍ତି, ମୁଁ ମଧ୍ୟ ସେହି ଅମୃତ, ଯାହାକୁ ପାନକରି ମନୁଷ୍ୟ ମୃତ୍ୟୁର ବଶ ନ ହୋଇ ଅମର ହୋଇଯାଏ । ପରମ ଅମୃତ କେବଳ ସେହି ଏକମାତ୍ର ପରମାତ୍ମା, ଯାହାର ପ୍ରାପ୍ତି ପରେ ମନୁଷ୍ୟ ସବୁକାଳ ନିମନ୍ତେ ମୃତ୍ୟୁ ଫାଶରୁ ମୁକ୍ତ ହୋଇଯାଏ । 'ମୁଁ' ହିଁ ବନ୍ଧନ ଓ ମୁକ୍ତିର କାରଣ । 'ମୁଁ' ଅବିନାଶୀ ନିତ୍ୟ, ସୂକ୍ଷ୍ମ ଚେତନ ଏବଂ 'ମୁଁ' ହିଁ ବିନାଶଶୀଳ ଦୃଶ୍ୟବାନ୍ ସ୍ଥୂଳ ଜଗତ । ପରମ ପୁରୁଷ ପରମାତ୍ମା ହେଉଛନ୍ତି ଜୀବନ ଓ ସେ ହିଁ ମୃତ୍ୟୁ । ସେ' ସ୍ଥୂଳ ଓ ଦୃଶ୍ୟ, ପୁଣି ସୂକ୍ଷ୍ମ ଅର୍ଥାତ୍ ଅଦୃଶ୍ୟ । ଭଗବାନ ହେଉଛନ୍ତି ଉଭୟ ଜଡ ଓ ଚେତନ ଶକ୍ତି । ତେଣୁ କାର୍ଯ୍ୟ ଓ କାରଣ ଉଭୟ ସେ । ସମସ୍ତ ଭୌତିକ ପରିପ୍ରକାଶର ବିରାଟ ବିଶ୍ୱରୂପ ସିଏ । ସେ' ସତ୍ ରୂପରେ ଅବିନାଶୀ ଆତ୍ମା । ନାଶବାନ୍ ଅନିତ୍ୟ ବସ୍ତୁର ନାମ 'ଅସତ୍' । 'ସତ୍' ଏବଂ 'ଅସତ୍' ଏହି ଦୁଇଟିଯାକ ଭଗବାନଙ୍କ ପରା ଏବଂ ଅପରା ପ୍ରକୃତି, ଯାହା ତାଙ୍କରି ସ୍ୱରୂପଠାରୁ ଅଭିନ୍ନ । ସଂସାର ଅସତ୍ ଏବଂ ସେଥିରେ ବ୍ୟାପ୍ତ ପରମାତ୍ମା ତତ୍ତ୍ୱ ସତ୍ । ଶରୀର ଅସତ୍ ଓ ସେଥିରେ ରହିଥିବା ଜୀବାତ୍ମା ସତ୍ । ଶରୀର ଓ ସଂସାର ନାଶବାନ୍ ତଥା ଜୀବାତ୍ମା ଓ ପରମାତ୍ମା ଅବିନାଶୀ । ସତ୍-ଅସତ୍ ଅତିରିକ୍ତ ଆଉ ଯାହା କିଛି ଅଛି, ତାହା ମଧ୍ୟ 'ମୁଁ' । ସୃଷ୍ଟି ଭିତରେ ଏବଂ ବାହାରେ ଯାହା ସବୁ ଅଛି, ତାହା 'ମୁଁ' ଏବଂ ସୃଷ୍ଟି ବିଲୟ ପରେ ଯାହା ଅବଶେଷ ରହେ, ତାହା ମଧ୍ୟ 'ମୁଁ' । ଯେ ପରମାତ୍ମା ତତ୍ତ୍ୱକୁ ବୁଝିଯାଏ, ତାହା ନିମନ୍ତେ ଅମୃତ ପରମେଶ୍ୱର, ମୃତ୍ୟୁ ମଧ୍ୟ ପରମେଶ୍ୱର । ତାହା ନିମନ୍ତେ ସତ୍ ପରମେଶ୍ୱର, ଅସତ୍ ମଧ୍ୟ ପରମେଶ୍ୱର । ଏହି ଶ୍ଲୋକରେ ଭଗବାନ ନିଜକୁ କର୍ତ୍ତା, କର୍ମ ଏବଂ କ୍ରିୟା ରୂପରେ

ଯାହା ସବୁ କହିଛନ୍ତି, ସେହି ସବୁ ଶବ୍ଦ ପରସ୍ପର ବିରୁଦ୍ଧାତ୍ମକ । ଯେପରି 'ମୁଁ ତାପ, 'ମୁଁ ବୃଷ୍ଟି – 'ମୁଁ ଗ୍ରହଣ କରେ, 'ମୁଁ ପ୍ରେରଣ କରେ – 'ମୁଁ ସତ୍, 'ମୁଁ ଅସତ୍- 'ମୁଁ ଅମୃତ, 'ମୁଁ ମୃତ୍ୟୁ । ଏପରି କହିବାର ତାତ୍ପର୍ଯ୍ୟ ହେଲା କି, ଭଗବାନ କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ନୁହନ୍ତି । ସେ ସବୁ କିଛି, ସେ କିଛି ବି ନୁହନ୍ତି । ବିରାଟ ଦୃଶ୍ୟମାନ ବିଶ୍ୱରୂପ ସେ, ସୂକ୍ଷ୍ମାତିସୂକ୍ଷ୍ମ ଅଦୃଶ୍ୟ ବ୍ୟାପ୍ତ ନିର୍ଗୁଣ ତତ୍ତ୍ୱ ମଧ୍ୟ ସେ । ଅର୍ଥାତ୍ ରାମ ରୂପରେ ସେ' ରାବଣ ରୂପରେ ମଧ୍ୟ ସେ - କଂସ ରୂପରେ ସେ, କୃଷ୍ଣ ରୂପରେ ମଧ୍ୟ ସେ । ଆଲୋକ ସେ, ଅନ୍ଧାର ମଧ୍ୟ ସେ । ସେ ବିନାଶଶୀଳ, ସେ ଅବିନାଶୀ । ସେ ଏହି ସମସ୍ତ ଦ୍ୱନ୍ଦ୍ୱାତ୍ମକ କର୍ତ୍ତା ଓ କ୍ରିୟାରୁ ଉର୍ଦ୍ଧ୍ୱରେ ଏପରି 'ଏକ' - ଯାହାକୁ କିଛି ରୂପ ଦେଇ ହେବ ନାହିଁ , ଶବ୍ଦଦ୍ୱାରା କହିହେବ ନାହିଁ – କେବଳ ମୌନ ରହି ସାଙ୍କେତିକ ଭାବରେ ହିଁ ଅନୁଭବନୀୟ । ମନରୁ ତାଙ୍କରି ସ୍ୱରୂପ ସମ୍ବନ୍ଧରେ ସମସ୍ତ ସଂଶୟ ମୋଚନ ନିମନ୍ତେ, ପରସ୍ପର ବିପରିତାତ୍ମକ ଶବ୍ଦ ବ୍ୟବହାର କରି ଭଗବାନ ନିଜର ବିଭୂତିକୁ ବର୍ଣ୍ଣନା କରିଛନ୍ତି । ମହାତ୍ମାଗାନ୍ଧୀ ଏହି ଶ୍ଳୋକର ବ୍ୟାଖ୍ୟାରେ ଏକ ସୁନ୍ଦର ଉଦାହରଣ ଦେଇଛନ୍ତି । ଜଳ ହେଉଛି ଉଦ୍ଜାନ ଏବଂ ଅମ୍ଳଜାନର ମିଶ୍ରଣ । କିନ୍ତୁ ଜଳର ସ୍ୱଭାବରେ ନା ଉଦଜାନର ଗୁଣ ଅଛି, ନା ଅମ୍ଳଜାନର ମୌଳିକ ତତ୍ତ୍ୱ ରହିଛି । ସେହିପରି ଭଗବାନ ହେଉଛନ୍ତି ଜଗତ ରୂପେ ବିନାଶଶୀଳ ଓ ପରମାତ୍ମା ରୂପେ ଅବିନାଶୀ- ଏହି ଉଭୟ ରହିଥିବା ସ୍ୱରୂପ । କିନ୍ତୁ ଭଗବାନଙ୍କ ସ୍ୱରୂପ ଅବିନାଶୀ ନୁହେଁ କି, ବିନାଶଶୀଳ ନୁହେଁ । ଏହାର ନିଷ୍କର୍ଷ ହେଲା; ଯିଏ ଯେପରି ଭାବରେ ଭଗବାନଙ୍କୁ ରୂପ ଦେବ, ଭଗବାନ ତାହାପାଇଁ ସେପରି ରୂପରେ ପ୍ରକଟିତ ହୁଅନ୍ତି ଏବଂ ସେହି ରୂପ ଦେବାର ପୂର୍ଣ୍ଣ ସ୍ୱତନ୍ତ୍ରତା ମନୁଷ୍ୟ ପାଖରେ ଉପଲବ୍ଧ । ସେ ହିଁ କର୍ତ୍ତା, ସେ ହିଁ କର୍ମ ଏବଂ ସେ ହିଁ ସମସ୍ତ କ୍ରିୟା, - ଏହି ଜ୍ଞାନରେ ଯେ ବାସୁଦେବଙ୍କ ଉପାସନା କରନ୍ତି ସେ' ବାସୁଦେବଙ୍କ ସ୍ୱରୂପକୁ ପ୍ରାପ୍ତ ହୁଅନ୍ତି ।

ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।

ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକମଶ୍ନନ୍ତି ଦିବ୍ୟାନ୍ଦିବି ଦେବଭୋଗାନ୍ ॥୨୦॥

*ଅନ୍ୱୟ: ତ୍ରୈବିଦ୍ୟାଃ (ତ୍ରିବେଦଜ୍ଞ ଯାଜ୍ଞିକ-ସକାମ ଅନୁଷ୍ଠାନକାରୀ) ଯଜ୍ଞୈ (ଯଜ୍ଞ ଦ୍ୱାରା) ମାଂ ( ମୋର) ଇଷ୍ଟ୍ୱା (ପୂଜାକରି) ସୋମପାଃ (ସୋମରସ ପାନକରି) ପୂତପାପାଃ (ନିଷ୍ପାପ ହୋଇ) ସ୍ୱର୍ଗତିଂ (ସ୍ୱର୍ଗ ପ୍ରାପ୍ତି ଯାଚନା ରଖି) ପ୍ରାର୍ଥୟନ୍ତେ (ପ୍ରାର୍ଥନା କରିଥାନ୍ତି ) । ତେ (ସେହିମାନେ) ପୁଣ୍ୟଂ (ପୁଣ୍ୟଫଳ ରୂପରେ ପବିତ୍ର) ସୁରେନ୍ଦ୍ରଲୋକ (ଇନ୍ଦ୍ରାଦି ରହୁଥିବା ସ୍ୱର୍ଗ ଲୋକ ) ଅସାଦ୍ୟ (ପ୍ରାପ୍ତହୋଇ) ଦିବି (ସ୍ୱର୍ଗରେ) ଦିବ୍ୟାନ୍ (ଦିବ୍ୟ-ଉତ୍ତମ) ଦେବ ଭୋଗାନ୍ (ଦେବତାଙ୍କ ଉପଯୋଗୀ ଭୋଗ୍ୟ ବସ୍ତୁ ସମୂହ) ଅଶ୍ନନ୍ତି ( ଭୋଗ କରନ୍ତି) ।*

**ଭାବାର୍ଥ**: ଯିଏ ବେଦାନ୍ତୀ, ଏକମାତ୍ର ସର୍ବୋତ୍କୃଷ୍ଟ ଆତ୍ମା-ପରମାତ୍ମା ଜ୍ଞାନ-ବିଜ୍ଞାନ ତତ୍ତ୍ୱ ପ୍ରାପ୍ତି ଲକ୍ଷ୍ୟରେ ବେଦ ମଧ୍ୟରେ ତାହାଙ୍କ ପ୍ରବେଶ ରହିଥାଏ । ଋକ୍, ସାମ, ଯଜୁଃ ତିନିବେଦ ଅଧ୍ୟୟନକରି, ପରମାତ୍ମା ତତ୍ତ୍ୱକୁ ଉତ୍ତମ ରୂପେ ବୁଝି ନପାରି କର୍ମକାଣ୍ଡରେ ବର୍ଣ୍ଣିତ ସକାମ ପୁଣ୍ୟଫଳ ପ୍ରତି ଶ୍ରଦ୍ଧା ଓ ପ୍ରେମରଖି, ଯେଉଁମାନେ ବିଭିନ୍ନ ଦେବତାଙ୍କ ଯଜ୍ଞାଦି ଉପାସନା କରିଥାନ୍ତି, ସେହିମାନଙ୍କୁ ଏହି ଶ୍ଳୋକରେ 'ତ୍ରୈବିଦ୍ୟା" କୁହାଯାଇଛି । ନିତ୍ୟ ବେଦପାଠ କରୁଥିବା ଏବଂ ଏଥିରେ ବର୍ଣ୍ଣିତ ବିଧି ଏବଂ ଜ୍ଞାନରେ ଯାହାର ପ୍ରବେଶ ରହିଥାଏ, ସାଧାରଣତଃ

ସେହିମାନେ ସମାଜରେ ସମ୍ମାନର ପାତ୍ର ହୋଇଥାନ୍ତି । ଏହିମାନଙ୍କ ମଧ୍ୟରୁ କେତେକଙ୍କ ମନରେ ସଂସାର ସତ୍ତା ଏବଂ ଭୋଗ ବାସନା ପ୍ରତି ମହତ୍ତ୍ୱ ଦୃଢୀଭୂତ ହୋଇ ରହିଥାଏ । ସେହିମାନେ ବେଦର ମୂଳ ଉଦ୍ଦେଶ୍ୟ ଭଗବତ୍ ପ୍ରାପ୍ତିର ବିମୁଖ ହୋଇଥାଆନ୍ତି । ଭୌତିକ ଭୋଗ ଲକ୍ଷ୍ୟରେ ସ୍ୱର୍ଗ ପ୍ରାପ୍ତି ନିମନ୍ତେ ଇନ୍ଦ୍ର, ଚନ୍ଦ୍ର, ରୁଦ୍ର, ଆଦିତ୍ୟ ଆଦି ବିଭିନ୍ନ ଦେବତାଙ୍କୁ ଯଜ୍ଞାର୍ପଣ କରି ପୂଜା କରିବାରେ ଆଗ୍ରହାନ୍ୱିତ ହୁଅନ୍ତି । ବାସ୍ତବରେ ଅନ୍ୟ ଦେବତା ରୂପରେ ସେହିମାନେ ଭଗବାନଙ୍କ ହିଁ ଉପାସନା କରିଥାନ୍ତି । ପୁଣ୍ୟଫଳ ପ୍ରତି ତୀବ୍ର ଆସକ୍ତ କାରଣରୁ ସେହିମାନେ ତାହା ଜାଣି ପାରି ନଥାନ୍ତି । ଅଗ୍ନିଷ୍ଟୋମ, ଜ୍ୟୋତିଷ୍ଟୋମ ଆଦି ଯଜ୍ଞ ଅନୁଷ୍ଠାନରେ ଇନ୍ଦ୍ରଲୋକ ଭୋଗ ପ୍ରାପ୍ତ ହୁଏ । ଯଜ୍ଞାଦି ଅନୁଷ୍ଠାନ କରି ପୁଣ୍ୟ ଅର୍ଜନ କଲେ ମଧ୍ୟ, ଯେ' ପର୍ଯ୍ୟନ୍ତ ଅନ୍ତଃକରଣରେ ପାପ ରହିଥାଏ, ସ୍ୱର୍ଗ ଲୋକ ଗମନ ହୋଇ ନଥାଏ । ଏହି ସମ୍ବନ୍ଧରେ ଶାସ୍ତ୍ରରେ କଥିତ ଅଛି କି, ଯାଜ୍ଞିକ (ଜଜମାନ) ଯଜ୍ଞପୂର୍ତ୍ତିରେ ବେଦମନ୍ତ୍ରରେ ଅଭିମନ୍ତ୍ରିତ ଯଜ୍ଞାବଶେଷ ସୋମରସ ପାନ କଲେ, ସ୍ୱର୍ଗ ପ୍ରାପ୍ତି ମାର୍ଗରେ ପ୍ରତିବନ୍ଧକ ରୂପେ ରହିଥିବା ପାପ ନଷ୍ଟ ହୋଇଯାଏ । ଏଥିପାଇଁ ସେହିମାନଙ୍କୁ 'ପୂତପାପାଃ' କୁହାଯାଇଛି । ଉତ୍ତର ମେରୁ ଅଞ୍ଚଳରେ ଦେଖାଯାଉଥିବା ଅତ୍ୟନ୍ତ ଦୁର୍ଲଭ ସୋମପଲ୍ଲବ ନାମକ ଲତାର ପୂର୍ଣ୍ଣିମା ଦିନରେ ଅଣାଯାଇଥିବା ପଞ୍ଚାଙ୍ଗ (ମୂଳ, କାଣ୍ଡ, ପତ୍ର ,ଫୁଲ ଓ ଫଳ) ରସ ହେଲା ସୋମରସ । ଏହି ଲତାରେ ଶୁକ୍ଳପକ୍ଷରେ ପ୍ରତିଦିନ ଗୋଟିଏ ଗୋଟିଏ ପତ୍ର କଅଁଳେ ଏବଂ କୃଷ୍ଣ ପକ୍ଷରେ ପ୍ରତିଦିନ ଗୋଟିଏ ଗୋଟିଏ ପତ୍ର ଝଡିଯାଏ । ଶାସ୍ତ୍ରରେ କଥିତ ଅଛି କି, ସୋମରସ ପାନ କରାଇ ମୃତ୍ୟୁମୁଖରୁ ଜୀବର ପ୍ରାଣକୁ ଫେରାଇ ଆଣିହୁଏ । ସମସ୍ତ ବୈଦିକ ବିଧି ବିଧାନ ସମ୍ପନ୍ନ ଯଜ୍ଞ ପୂର୍ତ୍ତିରେ ଯଜ୍ଞାନୁଷ୍ଠାନକାରୀ ନିଚ୍ଚତର ପ୍ରକୃତି ବଶରୁ ମୁକ୍ତ ହୋଇ, ସ୍ୱର୍ଗ ସୁଖ ଭୋଗ ନିମନ୍ତେ ପବିତ୍ର ଇନ୍ଦ୍ରଲୋକ, ମହର୍ଲୋକ, ଜନଲୋକ, ତପଲୋକ ପ୍ରଭୃତି ଉଚ୍ଚତର ଦେବ ଭୋଗଭୂମି ପ୍ରାପ୍ତ କରିଥାଏ । ପୁଣ୍ୟଫଳର ଭୋଗ ନିମନ୍ତେ ମର୍ତ୍ତ୍ୟଲୋକର ଶରୀର ସମର୍ଥ ବା ପର୍ଯ୍ୟାପ୍ତ ହୋଇ ନଥାଏ । ତେଣୁ ସ୍ୱର୍ଗୀୟ ସୁଖ ଭୋଗ ନିମନ୍ତେ ଦିବ୍ୟ ସୂକ୍ଷ୍ମ ଶରୀର ପ୍ରାପ୍ତ ହୁଏ । ଇନ୍ଦ୍ରଲୋକରେ ଭୋଗ ନିମନ୍ତେ ରହିଥିବା ଅପସରା, ଭ୍ରମଣ ନିମନ୍ତେ ଦିବ୍ୟ ନନ୍ଦନବନ, ପାନୀୟ ରୂପରେ ଅମୃତ ଏବଂ ସମସ୍ତ ଈପ୍ସିତ ବସ୍ତୁ ପ୍ରାପ୍ୟ କରାଇ ପାରୁଥିବା ପାରିଜାତ ବୃକ୍ଷ, ଏହିଭଳି ଅନେକ ଦେବତାଙ୍କ ଉପଯୋଗୀ ଭୋଗ୍ୟ ବସ୍ତୁ ସମୂହ ପ୍ରାପ୍ତି ହୁଏ । ଦେବତାମାନେ ଏହି ସମସ୍ତ ଭୋଗର ପ୍ରଲୋଭନ ଦେଖାଇ ମନୁଷ୍ୟମାନଙ୍କୁ ତାଙ୍କରି ପୂଜା ଉପାସନା ନିମନ୍ତେ ପ୍ରବର୍ତ୍ତାଇ ଥାଆନ୍ତି ।

ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।
ଏବଂ ତ୍ରୟୀଧର୍ମମନୁପ୍ରପନ୍ନା ଗତାଗତଂ କାମକାମା ଲଭନ୍ତେ ॥୨୧॥

*ଅନ୍ୱୟ: ତେ (ସେହିମାନେ) ତଂ (ସେହି) ବିଶାଳଂ (ବିସ୍ତୃତ) ସ୍ୱର୍ଗଲୋକଂ (ସ୍ୱର୍ଗଲୋକ ଅର୍ଥାତ୍ ସ୍ୱର୍ଗ ସୁଖ) ଭୁକ୍ତ୍ୱା (ଉପଯୋଗ କରିସାରି) ପୁଣ୍ୟେ କ୍ଷୀଣେ (ପୁଣ୍ୟ କ୍ଷୟହେଲେ) ମର୍ତ୍ତ୍ୟଲୋକଂ (ମୃତ୍ୟୁ ଲୋକକୁ ) ବିଶନ୍ତି (ପୁନଃ ପ୍ରବେଶ କରନ୍ତି) ଏବଂ (ଏହିପରି ଭାବରେ) ତ୍ରୟୀଧର୍ମଂ (ତିନିବେଦରେ ବର୍ଣ୍ଣିତ ସକାମ ଧର୍ମର) ଅନୁପ୍ରପନ୍ନାଃ (ଅନୁଷ୍ଠାନକାରୀ) କାମକାମାଃ (ଭୋଗକାମୀମାନେ) ଗତାଗତମ୍ (ଜନ୍ମ-ମୃତ୍ୟୁଭଳି ସଂସାରକୁ ଯିବା ଆସିବା) ଲଭନ୍ତେ (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ବେଦରେ ବର୍ଣ୍ଣିତ ଯଜ୍ଞାଦି ଅନୁଷ୍ଠାନକାରୀ ସୋମରସ ପାନକରି ନିଷ୍ପାପ ହୋଇଥିବା ସକାମ ପୁରୁଷଗଣ ପୁଣ୍ୟକର୍ମର ଫଳ ସ୍ୱରୂପ ଦୀର୍ଘକାଳ ଧରି ସ୍ୱର୍ଗସୁଖ ଉପଭୋଗ କରନ୍ତି । ମର୍ତ୍ତଲୋକରେ ଧନଶାଳୀ ବ୍ୟକ୍ତି ଯେପରି ସମ୍ମାନିତ ହୋଇଥାନ୍ତି, ସ୍ୱର୍ଗପୁରରେ ପୁଣ୍ୟକର୍ମା ପ୍ରଶଂସିତ ହୋଇଥାନ୍ତି । ସ୍ୱର୍ଗଲୋକ ବିସ୍ତୃତ, ସେଠାକାର ଆୟୁ ମଧ୍ୟ ଦୀର୍ଘ ଏବଂ ଭୋଗ୍ୟ ବସ୍ତୁର ଅନେକତା ଏବଂ ପ୍ରାଚୁର୍ଯ୍ୟତା ହେତୁ ତାହା ସୂଚିତ ପାଇଁ 'ବିଶାଳ' ଶବ୍ଦ ପ୍ରୟୋଗ ହୋଇଛି । ସ୍ୱର୍ଗସୁଖ ଭୋଗ ନିମନ୍ତେ, ମର୍ତ୍ତ୍ୟଲୋକର ଶରୀରରେ ସାମର୍ଥ୍ୟତା ନ ଥାଏ । ତେଣୁ ଭୋଗ ନିମନ୍ତେ ସ୍ୱର୍ଗଲୋକରେ ସୂକ୍ଷ୍ମ ଦିବ୍ୟଶରୀର ଧାରଣ କରିବାକୁ ହୁଏ । ପୁଣ୍ୟକର୍ମର ପୁଞ୍ଜି କ୍ଷୀଣ ହେବାରେ ସ୍ୱର୍ଗସୁଖ ଅବଧି ମଧ୍ୟ ଅନ୍ତ ହେବାକୁ ଲାଗେ । ସ୍ୱର୍ଗସୁଖ ଭୋଗର ଅନ୍ତରେ, ମର୍ତ୍ତ୍ୟ ଲୋକରେ ପୁନର୍ବାର ଜନ୍ମ ନେବାକୁ ପଡେ । ସକାମୀ ପୁରୁଷଗଣ ଏହିପରି ଭାବରେ ବେଦୋକ୍ତ ଯାଗ-ଯଜ୍ଞାଦି ପୁଣ୍ୟାନୁଷ୍ଠାନ କରି ବାରମ୍ବାର ସ୍ୱର୍ଗଲୋକ ଏବଂ ମର୍ତ୍ତ୍ୟ ଲୋକକୁ ଯାତାୟାତ କରିଥାନ୍ତି । ସେହିମାନେ ସ୍ୱର୍ଗରେ ରହିପାରନ୍ତି ନାହିଁ କି, ମର୍ତ୍ତ୍ୟରେ ମଧ୍ୟ ରହି ପାରି ନଥାନ୍ତି । ସେମାନଙ୍କର ଯିବା ଆସିବା ଚକ୍ର ଅନବରତ ଲାଗି ରହିଥାଏ । ବେଦାନ୍ତ ସୂତ୍ରରେ ବର୍ଣ୍ଣିତ ପରମାତ୍ମା ତତ୍ତ୍ୱକୁ ଯେ' ଉତ୍ତମ ରୂପରେ ବୁଝି ନଥାଏ ସେ' ସର୍ବ କାରଣର କାରଣ ପରମେଶ୍ୱରଙ୍କ ସ୍ୱରୂପକୁ ମଧ୍ୟ ଜାଣି ପାରି ନଥାଏ । ଫଳରେ ମନୁଷ୍ୟ ଜନ୍ମର ଅନ୍ତିମ ଗତି ପ୍ରାପ୍ତିରେ ବିଫଳ ହୁଏ । ସ୍ୱର୍ଗପ୍ରାପ୍ତି ଅଭିଳାଷୀ କେବଳ ତିନି ବେଦରେ କଥିତ ସକାମ ଧାରଣ ଅନୁଷ୍ଠାନର ଆଶ୍ରୟ ନିଅନ୍ତି । ତେଣୁ ସେମାନଙ୍କୁ ତ୍ରୟୀଧର୍ମର ଶରଣାଗତ ବୋଲି କୁହାଯାଇଛି । ଭଗବତ୍ ଭକ୍ତି ଏବଂ ତତ୍ତ୍ୱଜ୍ଞାନର ମାର୍ଗ ହେଉଛି ମନୁଷ୍ୟ ଜନ୍ମର ପୂର୍ଣ୍ଣତାର ମାର୍ଗ । ଅନ୍ୟଠାରୁ ଭୋଗ ପ୍ରାପ୍ତ କାମନା କରି ଯେଉଁ ମାର୍ଗ ଆଶ୍ରୟ କରିବାକୁ ପଡେ, ତାହା କାଙ୍ଗାଳ ହେବାର ମାର୍ଗ, କାରଣ ଭୋଗ ବାସନା ମନରେ ବାସ କରିବା ହେଉଛି କାଙ୍ଗାଳର ସୂଚକ । ଯେଉଁ ମନୁଷ୍ୟ ସ୍ୱର୍ଗସୁଖ ପ୍ରଦାନ କରୁଥିବା ଏହି ଧର୍ମର ଆଶ୍ରୟକୁ ତ୍ୟାଗକରି ଏକମାତ୍ର ଭଗବାନଙ୍କ ଶରଣାଗତ ହୋଇ ଯାଇଥାଏ, ସେ ସାକ୍ଷାତ୍ ଭଗବାନଙ୍କୁ ପ୍ରାପ୍ତହୋଇ ସମସ୍ତ ବନ୍ଧନରୁ ମୁକ୍ତ ହୁଏ ।

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥୨୨॥

*ଅନ୍ୱୟ: ଯେ (ଯେଉଁସବୁ) ଜନାଃ (ଭକ୍ତଗଣ) ଅନନ୍ୟାଃ (ଅନନ୍ୟ ଚିତ୍ତ ହୋଇ ) ମାଂ (ମୋତେ) ଚିନ୍ତୟତଃ (ଚିନ୍ତନ କରି) ପରି-ଉପାସତେ (ମୋର ସମ୍ୟକ ଭାବରେ-ଉତ୍ତମ ରୂପରେ) ନିତ୍ୟ-ଅଭିଯୁକ୍ତାନାଂ (ମୋରିଠାରେ ନିତ୍ୟ ନିମଗ୍ନ ଅର୍ଥାତ୍ ସର୍ବଦା ମୋରି ଚିନ୍ତା-ପରାୟଣ ରହିଥାନ୍ତି ) ତେଷାଂ (ସେହି ଭକ୍ତମାନଙ୍କ) ଯୋଗ-କ୍ଷେମ (ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ଓ ପ୍ରାପ୍ତ ବସ୍ତୁର ରକ୍ଷଣ ) ଅହଂ (ମୁଁ ) ବହାମି (ବହନ କରିଥାଏ ) ।*

**ଭାବାର୍ଥ**: ମନୁଷ୍ୟ ନିଜ ସଙ୍କଳ୍ପ ଅତିରିକ୍ତ ଅନ୍ୟ କୌଣସି ଦ୍ୱିତୀୟ ସମ୍ବନ୍ଧରେ ଚିନ୍ତନ ନ କରି ନିଜ ସମସ୍ତ ସମୟ ଓ ଶକ୍ତିକୁ ଲକ୍ଷ୍ୟ ଉପରେ କେନ୍ଦ୍ରୀଭୂତ କରି, ଶାସ୍ତ୍ର ବିଦିତ ମାର୍ଗରେ ଉଦ୍ୟମ ଜାରି ରଖିଲେ ଭଗବାନ ସେହି ଲକ୍ଷ୍ୟ ପୂରଣ ସଙ୍ଗେ ସଙ୍ଗେ ତାହାରି ସମସ୍ତ ସୁରକ୍ଷାର ଦାୟିତ୍ୱ ମଧ୍ୟ ନିଜ ଉପରକୁ ନେଇଥାନ୍ତି । ସଫଳତା ଓ ସୁରକ୍ଷା ନିମନ୍ତେ ଭଗବାନ ସ୍ୱୟଂ ପ୍ରଯତ୍ନକାରୀ ହୋଇଯାଆନ୍ତି । ସଂସାରରେ ମନୁଷ୍ୟ ଦୁଇଟି

କାରଣରୁ ଦୁଃଖ ପାଇଥାଏ । ପ୍ରଥମଟି ହେଲା ନିଜର ଆବଶ୍ୟକତାର ଅଭାବ ଅର୍ଥାତ୍ ପ୍ରାପ୍ତ ଯୋଗ୍ୟ ବସ୍ତୁର ଅପ୍ରାପ୍ତି ଏବଂ ଦ୍ୱିତୀୟଟି ହେଲା; ପ୍ରାପ୍ତ ହୋଇଥିବା ବସ୍ତୁର ପ୍ରତିକ୍ଷଣରେ ହରାଇବାର ଆଶଙ୍କା । ଯାହା ନିଜର ଓ ସଂସାରର ହିତକାରକ, ମୁହୂର୍ତ୍ତଟିଏ ମଧ୍ୟ ନିଜ ପ୍ରଚେଷ୍ଟାରୁ ବିଚ୍ୟୁତ ନ ହୋଇ ଉଚିତ ମାର୍ଗରେ ଉଦ୍ୟମ ଜାରି ରଖିବାରେ, ସଫଳତା ଓ ସୁରକ୍ଷା ସ୍ୱତଃ ନିଜ ପାଖରେ ଉପନୀତ ହୁଏ । କେବଳ ସଫଳତା ପ୍ରାପ୍ତି ହୁଏ ନାହିଁ, ତାହାର ସଦ୍-ଉପଯୋଗ ଦ୍ୱାରା ଧର୍ମାନୁକୂଳ କୀର୍ତ୍ତି ଏବଂ ପ୍ରତିଷ୍ଠା ସ୍ଥାପନ କରି ଜଗତ କଲ୍ୟାଣକାରୀ ରୂପେ ମନୁଷ୍ୟ ଜନ୍ମର ସାର୍ଥକତା ପ୍ରାପ୍ତ ହୁଏ । ଗୀତାର ଠିକ୍ ମଧ୍ୟଭାଗରେ ଭଗବାନଙ୍କ ଏହି ନିର୍ଭର ପ୍ରତିଶ୍ରୁତି ବାକ୍ୟ, ଉଭୟ ଆଧ୍ୟାତ୍ମିକ ଏବଂ ଭୌତିକ ସ୍ତରରେ ବିଫଳତା ପ୍ରାପ୍ତ ସାଧକ କିମ୍ବା ଦିଗଭ୍ରଷ୍ଟ ମନୁଷ୍ୟ ନିମନ୍ତେ ଆଶା ସଂଚାର କରାଇ କଲ୍ୟାଣ ମାର୍ଗକୁ ଫେରି ଆସିବାର ପ୍ରେରଣା ଜାଗୃତ କରାଏ । ଭଗବାନଙ୍କ ସେହି ପ୍ରତିଶ୍ରୁତି ବାଣୀ ହେଲା; ଯେଉଁ ଭଗବଦ୍ ପ୍ରେମୀ ଅନନ୍ୟ ଚିତ୍ତହୋଇ ମୋତେ ଚିନ୍ତନ କରି ସମ୍ୟକ ଭାବରେ ମୋରି ଉପାସନା କରିଥାନ୍ତି, ଅର୍ଥାତ ନିଷ୍କାମ ଭାବରେ ମୋରି ମନନ କରିଥାନ୍ତି, ମୋ'ଠାରେ ନିତ୍ୟ ନିମଗ୍ନ ରହିଥାନ୍ତି, ମୋରି ଚିନ୍ତା ପରାୟଣ ହୋଇ ରହନ୍ତି, ସେହି ଭକ୍ତ ମାନଙ୍କର ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ଏବଂ ପ୍ରାପ୍ତ ବସ୍ତୁର ରକ୍ଷଣ ଦାୟିତ୍ୱ 'ମୁଁ' ମୋର କାନ୍ଧ ଉପରକୁ ନେଇଥାଏ । 'ଦେଇଥାଏ' ନ କହି 'ବହନ' କରିଥାଏ କହିବାର ତାତ୍ପର୍ଯ୍ୟ ହେଲା, ଏଥିନିମନ୍ତେ ସମସ୍ତ ପ୍ରତିବନ୍ଧକ ହଟାଇବାର ପ୍ରଯତ୍ନ ଭଗବାନଙ୍କୁ ହିଁ କରିବାକୁ ପଡିଥାଏ । ଭଗବାନ ଅତିରିକ୍ତ ଅନ୍ୟ କୌଣସି ଚିନ୍ତନ ଭକ୍ତର ଅନ୍ତଃକରଣରେ ପ୍ରବେଶ କରି ନଥାଏ । 'ବହାମ୍ୟହମ୍' କହିବାର ଉଦ୍ଦେଶ୍ୟ ମଧ୍ୟ ଏହା ହୋଇପାରେ ଯେ, ଶିଶୁଟିଏ କିଛି ବ୍ୟକ୍ତ କରିପାରୁ ନଥିଲେ ମଧ୍ୟ, ମାଆ ସମସ୍ତ ଆବଶ୍ୟକତାକୁ ହୃଦୟଙ୍ଗମ କରି ପୂର୍ତ୍ତି କରିଥାଏ । ଅନନ୍ୟ ଚିତ୍ତରେ ନିରନ୍ତର ଯୁକ୍ତ ରହୁଥିବା ଭକ୍ତର ଆବଶ୍ୟକତା ଓ ସୁରକ୍ଷା ନିମିତ୍ତ ଭଗବାନ ନିଜେ 'ମାଆ' ରୂପ ହୋଇ ଯାଇଥାଆନ୍ତି । ଜୀବାତ୍ମା ଓ ପରମାତ୍ମାଙ୍କ ଅଭିନ୍ନ ଅନୁଭୂତି ହେଉଛି 'ଯୋଗ' ଏବଂ ଯୋଗର ଶୀର୍ଷ ସ୍ଥିତି ଅର୍ଥାତ ମୋକ୍ଷ ହେଉଛି 'କ୍ଷେମ' । ଶ୍ଳୋକର ପ୍ରଥମ ପଦ ହେଉଛି ଅନନ୍ୟତା । 'ନ ଅନ୍ୟତ୍ ତତ୍ତ୍ୱଂ ଏଷା'- ପରମାତ୍ମାଙ୍କ ଅତିରିକ୍ତ ଅନ୍ୟ କୌଣସି ତତ୍ତ୍ୱ ଯାହାଙ୍କ ନିମନ୍ତେ ରହି ନଥାଏ । ଏକ ପରମାତ୍ମା ହିଁ ସର୍ବ ରୂପରେ ପ୍ରକଟ ହୋଇଛନ୍ତି ଏବଂ ସେ' ସମସ୍ତଙ୍କ ଆଧାର, ସମସ୍ତଙ୍କ ଅନ୍ତର୍ଯାମୀ, ସମସ୍ତଙ୍କ ଅଧିଷ୍ଠାନ, ସମସ୍ତଙ୍କ ପ୍ରକାଶକ । ଭକ୍ତର ଚିନ୍ତନରେ ଥାଏ କି, ମୋରି ପାଇଁ ଭଗବାନ ସବୁ କିଛି । ଯେପରି ମୀରାଙ୍କ ଭାଷାରେ 'ମେରେତୋ ଗିରିଧର ଗୋପାଳ ଦୁସରୋ ନ କୋଇ' । ଯାହାସବୁ ଦୃଶ୍ୟମାନ୍ ସେ ସବୁ ଭଗବାନ ସ୍ୱରୂପ ଏବଂ ଯେଉଁ ସବୁ ପରିବର୍ତ୍ତନ ଏବଂ କ୍ରିୟା ହେଉଛି ସେହି ସବୁ ଭଗବାନଙ୍କ ଲୀଳା । ଏହି ବିଚାରରେ କେବଳ ଭଗବଦ୍ ଚିନ୍ତନରେ ନିମଗ୍ନ ରହି ସମସ୍ତ କର୍ମ ଭଗବାନଙ୍କ ପ୍ରସନ୍ନତା ନିମନ୍ତେ କରୁଥିବା ଭକ୍ତ ହେଉଛି ଅନନ୍ୟ । ସଂସାରରୁ ବିମୁଖତା ହେଲା ଅନନ୍ୟତା, ଭଗବାନଙ୍କ ସମ୍ମୁଖତା ହେଉଛି ଚିନ୍ତନ ଏବଂ ସବୁ ଅବସ୍ଥାରେ ଭଗବଦ୍ ସେବା ପରାୟଣ ହେଉଛି ଉପାସନା- ଏହି ତିନିଗୋଟି ବିଶେଷ ଲକ୍ଷଣ ରହିଥିବା ଭକ୍ତ ହେଉଛି 'ନିତ୍ୟ-ଅଭିଯୁକ୍ତା' । ଯେ ଭଗବାନଙ୍କ ଗୁଣ, ପ୍ରଭାବ, ତତ୍ତ୍ୱ ଏବଂ ରହସ୍ୟକୁ ବୁଝି ଏକାନ୍ତ ସାଧନ କରେ,

ନିରନ୍ତର ଅବିଚ୍ଛିନ୍ନ ରୂପରେ ତାଙ୍କରି ଚିନ୍ତନ କରୁ କରୁ ସମସ୍ତ ପ୍ରଚେଷ୍ଟା ତାଙ୍କରି ଆଜ୍ଞା ଏବଂ ଉପାସନା ବୋଲି ଗ୍ରହଣ କରିଥାଏ, ସେ 'ନିତ୍ୟଯୁକ୍ତା' । ଭଗବାନଙ୍କୁ ଯେ ପରମ ଆଶ୍ରୟ, ପରମଗତି ଏବଂ ପରମ ପ୍ରେମାସ୍ପଦ ମାନିଥାଏ, ଏହି ଅନନ୍ୟ ପ୍ରେମୀ ଏକନିଷ୍ଠ ଭକ୍ତ 'ଅନନ୍ୟ' ପଦବାଚ୍ୟ । ଭକ୍ତ ପ୍ରହ୍ଲାଦଙ୍କ ଜୀବନ ଚରିତ 'ଯୋଗ-କ୍ଷେମ' ସମ୍ପାଦନର ଏକ ବଳିଷ୍ଠ ଦୃଷ୍ଟାନ୍ତ । ପିତା ହିରଣ୍ୟକଶ୍ୟପୁ ଦ୍ୱାରା ପ୍ରେରିତ ସମସ୍ତ ବିଘ୍ନକୁ ପ୍ରତିହତ କରାଇ ପରିଶେଷରେ ଭଗବାନ ସ୍ୱୟଂ ପ୍ରକଟିତ ହୋଇ ପ୍ରହ୍ଲାଦର ଅନନ୍ୟ ଭକ୍ତିକୁ ସିଦ୍ଧ କରିଥିଲେ । 'ଅନନ୍ୟ' ଅର୍ଥ ହେଲା 'ବସ୍ତୁ' ଅନ୍ୟ ନାହିଁ, ପରି-ଉପାସତେ ଅର୍ଥ ହେଲା 'ସ୍ଥାନ' ଅନ୍ୟ ନାହିଁ, ନିତ୍ୟଯୁକ୍ତା ଅର୍ଥ ହେଲା 'କାଳ' ଅନ୍ୟ ନାହିଁ । ଏହି ମର୍ମରେ ଭଗବାନ ଯୋଗ-କ୍ଷେମ ବହନ କରିବାର ଅର୍ଥ ହେଲା ଭଗବାନ ଭକ୍ତର ପାଖେ ପାଖେ ସବୁ ଦେଶରେ, ସବୁ କାଳରେ ଏବଂ ସମସ୍ତ ବସ୍ତୁରେ ଅନେକ ରୂପରେ ଭକ୍ତର କଲ୍ୟାଣ ନିମିତ୍ତ ପ୍ରସ୍ତୁତ ହୋଇ ରହିଥାନ୍ତି । ମନରେ ପ୍ରଶ୍ନ ଆସେ କି, ଭଗବାନ ଯେ କେହି ତାଙ୍କରି ଭଜନ କରୁ ବା ନ କରୁ, ସକଳ ପ୍ରାଣୀ ବଞ୍ଚି ରହିବା ନିମିତ୍ତ ପ୍ରକୃତି ଦ୍ୱାରା ସମସ୍ତ ଅନୁକୂଳ ସୃଷ୍ଟି ସଂରଚନା କରିଛନ୍ତି । ତେବେ ଅନନ୍ୟ ଭକ୍ତ ପ୍ରତି ସେ' ଯୋଗ-କ୍ଷେମ ସମ୍ପାଦନର କଣ ବିଶେଷତା ରହିଛି ? ଏହାର ସମାଧାନ ହେଲା, ଅଜ୍ଞାନୀ ଜନ ଯାହା ପ୍ରାପ୍ତ କରିଥାଏ, ତାହା ଭଗବାନଙ୍କର ଏବଂ ଭଗବାନ ଦ୍ୱାରା ପ୍ରାପ୍ତ ହେଲା ବୋଲି ସ୍ୱୀକାର କରି ନ ଥାଏ । ନିଜର ବଳ, ବୁଦ୍ଧି ଦ୍ୱାରା ଅର୍ଜିତ ବୋଲି ମନେକରିବା ଦ୍ୱାରା, ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରାପ୍ତ ବସ୍ତୁ ପୁଣି ହରାଇବାର ଆଶଙ୍କାରେ ଭୟଭୀତ ହୋଇ ରହିଥାଏ । ସକାମୀ ପୁରୁଷ ପକ୍ଷେ ଯାହା ମିଳିବାର ଅନୁଭବ ହୋଇଥାଏ, ତାହା ହରାଇବାର ଅନୁଭବ ମଧ୍ୟ ନିଶ୍ଚିତ । ଅନ୍ୟପକ୍ଷେ, ଅନନ୍ୟ ଭକ୍ତର ଭଗବାନ ବ୍ୟତୀତ ଅନ୍ୟ କିଛି ପାଇବାର ଅଭିଳାଷ ନ ଥାଏ କି, ଭଗବାନଙ୍କ ପ୍ରଦତ୍ତ ବସ୍ତୁରେ ଆସକ୍ତ ରହି ନ ଥାଏ । ତେଣୁ କିଛି ହରାଇବାର ମଧ୍ୟ ଭୟ ସୃଷ୍ଟି ହୁଏ ନାହିଁ । ସାଧନ ଉପଯୋଗୀ ସାମଗ୍ରୀ ଏବଂ ପରିସ୍ଥିତି ସମସ୍ତ, ଭଗବାନ ଭକ୍ତର ଅଜାଣତରେ ଯଥା ସମୟରେ ପ୍ରସ୍ତୁତ କରି ରଖି ଥାଆନ୍ତି । ପ୍ରାରବ୍ଧ କାରଣରୁ ଯେଉଁ ସବୁ ଅନୁକୂଳ ଏବଂ ପ୍ରତିକୂଳ ପରିସ୍ଥିତି ଆସେ, ସେହି ସବୁ ଭଗବାନ ପ୍ରଦତ୍ତ ମାନି ଭକ୍ତ ପ୍ରସନ୍ନ ହୋଇଥାଏ । ଭଗବାନ ଯାହା କରିଛନ୍ତି ତାହା ଠିକ୍, ଯାହା କରି ନ ଥାନ୍ତି ତାହା ମଧ୍ୟ ଠିକ୍, ଯେହେତୁ ତାହାଦ୍ୱାରା ଭକ୍ତର ମଙ୍ଗଳ ବିଧାନ ହୋଇଥାଏ । ଏହି ଭାବକୁ ଆଧାରକରି ଭଗବାନ ଦ୍ୱିତୀୟ ଅଧ୍ୟାୟ (୪୫:ଶ୍ଲୋକ)ରେ ଅର୍ଜୁନଙ୍କୁ ଆଜ୍ଞା ଦେଇଛନ୍ତି ଯେ, ହେ ଅର୍ଜୁନ ! ତୁମ୍ଭେ ନିର୍ଯୋଗକ୍ଷେମ ହୋଇଯାଅ ଅର୍ଥାତ୍ ତୁମ୍ଭେ ଯୋଗ ଏବଂ କ୍ଷେମ ବିଷୟରେ ଆଦୌ ଚିନ୍ତା କର ନାହିଁ । ଯେଉଁ ମନୁଷ୍ୟ ନିଜ ଯୋଗ-କ୍ଷେମର ଚିନ୍ତା ସ୍ୱୟଂ କରିଥାଏ, ତାରି ଯୋଗ-କ୍ଷେମ ଚିନ୍ତା ଭଗବାନଙ୍କୁ କରିବାକୁ ପଡେ ନାହିଁ । ଭଗବାନ କିଛିକାଳ ଭକ୍ତର ପରୀକ୍ଷା ନିମନ୍ତେ ତାହାରି ବଳ ଉପରେ ଆଶ୍ରୟ ଅବସ୍ଥାରେ ଛାଡି ଦେଇଥାନ୍ତି । ଯେପରି ପ୍ରସିଦ୍ଧ ଗଜେନ୍ଦ୍ର ଯେଉଁ ପର୍ଯ୍ୟନ୍ତ ନିଜ ବଳକୁ ଲଗାଉଥିଲା, ଭଗବାନ ରକ୍ଷା ନିମନ୍ତେ ଆସି ନଥିଲେ । ରାଜସଭାରେ ଦ୍ରୌପଦୀ ଯେଉଁ ପର୍ଯ୍ୟନ୍ତ ନିଜର ବସ୍ତ୍ରକୁ ନିଜେ ସମ୍ଭାଳିବାର ପ୍ରୟାସ ଜାରି ରଖିଥିଲେ, ଭଗବାନ 'କ୍ଷେମ' ରୂପରେ ପ୍ରକଟିତ ହୋଇ ନଥିଲେ । ଯେଉଁ ମୁହୂର୍ତ୍ତରେ ନିଜ ନିଜ ବଳର

ସାହାରାକୁ ଗଜେନ୍ଦ୍ର ଏବଂ ଦ୍ରୌପଦୀ ନିରାଧାର କରି ଭଗବାନଙ୍କ ଭରସାକୁ ଆଧାର କରିଛନ୍ତି, ସେହି ମୁହୂର୍ତ୍ତରେ ଭଗବାନ ଉଦ୍ଧାର ନିମନ୍ତେ 'କ୍ଷେମ'ର ହାତ ବଢାଇଛନ୍ତି । ଭକ୍ତ ଧ୍ରୁବଙ୍କ ସମ୍ମୁଖରେ ଭଗବାନ ପ୍ରକଟିତ ହେବାରେ, ଭଗବାନଙ୍କ ସ୍ତୁତି ଗାନ ନିମନ୍ତେ ଧ୍ରୁବଙ୍କ ମନରେ ଇଚ୍ଛା ଜାଗ୍ରତ ହୋଇଥିଲା । କିନ୍ତୁ ଧ୍ରୁବଙ୍କ ପରମାତ୍ମା ସ୍ୱରୂପର ପ୍ରଭାବ, ଗୁଣ, ଐଶ୍ୱର୍ଯ୍ୟ ସମ୍ବନ୍ଧରେ ବିଶେଷ ଜ୍ଞାନ ପ୍ରାପ୍ତ ହୋଇ ନଥିବା କାରଣରୁ ସେ କିପରି ସ୍ତୁତି ଗାନ କରିପାରିବେ ? ଭଗବାନ ତତ୍-କ୍ଷଣାତ୍ ଧ୍ରୁବଙ୍କ ତ୍ରିକୁଟିରେ ଶଙ୍ଖକୁ ନେଇ ସ୍ପର୍ଶ କରାଇ ଦେବାରେ ଧ୍ରୁବଙ୍କ ତତ୍ତ୍ୱଜ୍ଞାନର ସ୍ଫୁର୍ତ୍ତି ହୋଇଗଲା । ଏହାଥିଲା ଭଗବାନଙ୍କ ଯୋଗ ପ୍ରାପ୍ତି କରାଇବା ଅର୍ଥାତ୍ ଧ୍ରୁବଙ୍କ ପାଖରେ ଯେଉଁ ସାଧନ ନଥିଲା, ଭଗବାନ ଭକ୍ତର ହୃଦୟର ଇଚ୍ଛା ଜାଣିପାରି ତାହା ପ୍ରାପ୍ତି କରାଇଥିଲେ । ଭଗବାନ ଭକ୍ତ ନିମନ୍ତେ କିଛି ମଧ କରିପାରନ୍ତି । କିନ୍ତୁ ସେ କରିବାର ବିଧି ଏବଂ ତାହାର ରହସ୍ୟ ପ୍ରତ୍ୟେକ ଭକ୍ତ ନିମନ୍ତେ ଦିବ୍ୟ ଅନୁଭବ ହୋଇଥାଏ । ଶ୍ରୀମଦ୍ ଭାଗବତରେ ପ୍ରସଙ୍ଗ ଆସେ - 'ଅନୁବ୍ରଜାମ୍ୟହମ୍'-ଭଗବାନ କହୁଛନ୍ତି : ମୁଁ ମୋରି ଭକ୍ତର ପଛେ ପଛେ ଏଥି ନିମିତ୍ତ ଚାଲିଥାଏ କି, ଭକ୍ତର ଚରଣ ଧୂଳି ମୋରି ଉପରେ ପଡିଗଲେ ମୁଁ ପବିତ୍ର ହୋଇଯିବି । ଭକ୍ତର ଚରଣ ରେଣୁରେ ଭଗବାନ ପବିତ୍ର ହୋଇଯାଇଥାଆନ୍ତି । ଜଣେ ମାହାତ୍ମା ପଚାରିଲେ ପ୍ରଭୁ ! ଆପଣ କଣ ଅପବିତ୍ର କି ଯେ' ପବିତ୍ର ହେବା ପାଇଁ ଭକ୍ତର ଚରଣ ରେଣୁ ପାଇବା ଆଶାରେ ଭକ୍ତର ପଛେ ପଛେ ଯିବାକୁ ହେଉଛି ? ଭଗବାନ ଉତ୍ତରରେ କହିଲେ – ଭକ୍ତର ପ୍ରେମ ମୋ ପ୍ରତି ଯେଉଁପରି ହୋଇଥାଏ, ସେ ପ୍ରକାରେ ଭକ୍ତ ପ୍ରତି ମୋର ପ୍ରେମ ହୋଇପାରି ନଥାଏ । କାରଣ, ଭକ୍ତ-ଅଭକ୍ତ ସମସ୍ତେ ମୋରି ସନ୍ତାନ ରୂପରେ ସମାନ ଦେଖା ଯାଇଥାନ୍ତି । ଏହା ମୋରି ତ୍ରୁଟି । ମୋରି ଅକୃତଜ୍ଞତା । ଭକ୍ତ ଅନନ୍ୟ ଭାବରେ ମୋତେ ପ୍ରେମ କରିଥାଏ, ମୋତେ ହିଁ କେବଳ ଶରଣାଗତ ହୋଇଥାଏ । ଭକ୍ତର ପ୍ରେମ ସମାନ ମୋର ପ୍ରେମ ହୋଇ ନଥାଏ ଏବଂ ଭକ୍ତ ପାଇଁ ଯାହା ବି ବିଧାନ କଲେ ତାହା ମୋତେ କମ୍ ଦେଖା ଯାଇଥାଏ । ଏଥିରେ ମୋରି ଭିତରେ ତ୍ରୁଟି ଆସି ଯାଇଥାଏ । ଅପବିତ୍ରତା ଆସି ଯାଇଥାଏ । ସେହି ଅପବିତ୍ରତାକୁ ଦୂର କରିବା ନିମିତ୍ତ ଭକ୍ତର ଚରଣ ଧୂଳିକୁ ନିଜ ମଥାରେ ଲଗାଇବା ପାଇଁ ତାହାରି ପଛେ ପଛେ ଚାଲିଥାଏ । ଭଗବାନ କହନ୍ତି ଭକ୍ତର ଋଣୀ ମଧ 'ମୁଁ' ହୋଇ ଯାଇଥାଏ । ଭାଗବତରେ ଭଗବାନ ଗୋପାଙ୍ଗନା ମାନଙ୍କୁ କହିଛନ୍ତି କି, ତୁମ୍ଭମାନଙ୍କ ପ୍ରେମ ନିଶ୍ଛଳ, ନିଷ୍କପଟ – ମୁଁ ତୁମ୍ଭମାନଙ୍କ ଋଣୀ । ତୁମ୍ଭେ ମୋରି ପାଇଁ ଘର ଛାଡିଲ, ନିଜ ଧର୍ମ ଛାଡିଲ, ଲୋକ-ପରଲୋକର ସମସ୍ତ ବନ୍ଧନ ତୁଟାଇଲ –କେବଳ ମୋରି ପ୍ରେମ ପାଇଁ । ମୁଁ ତୁମ୍ଭର କିପରି ଅଋଣୀ ହେବି । ଯୁଗ ଯୁଗ ଧରି ଭଗବାନଙ୍କ ଏହି ବାଣୀ ଶାଶ୍ୱତ ହୋଇ ରହିଛି । ଏହିପରି ଭାବେ ଅନନ୍ୟ ଭକ୍ତ ଆଉ ଭଗବାନଙ୍କ ସମ୍ପର୍କ ଅବର୍ଣ୍ଣନୀୟ ।

ଯେଅପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଅପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ।।୨୩।।

*ଅନ୍ୱୟ : କୌନ୍ତେୟ (ହେ କୁନ୍ତୀ ନନ୍ଦନ!) ଯେ ଭକ୍ତାଃ ( ଯେଉଁ ଭକ୍ତଗଣ ) ଶ୍ରଦ୍ଧୟା ଅନ୍ୱିତାଃ (ଶ୍ରଦ୍ଧା ପୂର୍ବକ) ଅନ୍ୟ ଦେବତାଃ (ଅନ୍ୟ ଦେବତା ମାନଙ୍କୁ) ଯଜନ୍ତେ (ପୂଜା କରନ୍ତି) ତେ ଅପି ( ସେହିମାନେ ମଧ୍ୟ) ମାମ୍ ଏବ (ମୋତେ ହିଁ) ଅବିଧି ପୂର୍ବକମ୍ ( ସକାମ ପୂର୍ବକ – ମୋକ୍ଷ ପ୍ରାପକ ବିଧି ଭିନ୍ନ - ଭ୍ରମାତ୍ମା ମାର୍ଗରେ - ଦେବତାମାନଙ୍କୁ ମୋଠାରୁ ଭିନ୍ନ ମନେକରି) ଯଜନ୍ତି (ପୂଜା କରନ୍ତି) ।*

**ଭାବାର୍ଥ**: ଯୋଗେଶ୍ୱର ଶ୍ରୀକୃଷ୍ଣ ସକାମ ପୂର୍ଣ୍ଣ ଅନ୍ୟ ଦେବାଦେବୀଙ୍କ ପୂଜା ଆରାଧନାକୁ ଗୀତାରେ ଆଦୌ ଅନୁମୋଦନ କରୁନାହାନ୍ତି । ଭଗବାନ ଶ୍ରୀକୃଷ୍ଣ ଏହି ଶ୍ଳୋକରେ 'ତ୍ରୈବିଦ୍ୟା' (ତିନି ବେଦରେ ପାଣ୍ଡିତ୍ୟତା) ଏବଂ ଭଗବତା ଅର୍ଥାତ୍ ଏକାନ୍ତ ଭକ୍ତଙ୍କ ମଧ୍ୟରେ ଉପାସନାର ଅନ୍ତର କହିଛନ୍ତି । ବିଭିନ୍ନ ଦେବା-ଦେବୀ ଯଦିଓ ଭଗବାନଙ୍କ ଅଂଶସମ୍ଭୁତ, ସକାମ ଭାବରେ ସେମାନଙ୍କ ପୂଜା ଉପାସନା ଆଦି ଅବିଧି ବୋଲି ଭଗବାନ ଏକାଧିକବାର ମତ ରଖିଛନ୍ତି । ପରମାତ୍ମା ଓ ଜୀବାତ୍ମାର ସମ୍ପର୍କ ମଝିରେ ପରମାତ୍ମା ଅତିରିକ୍ତ ଅନ୍ୟ କୌଣସି ଦ୍ୱିତୀୟ ବସ୍ତୁ, ବ୍ୟକ୍ତି, ତଥା ଶକ୍ତି ଧାରକ ରୂପରେ ଦେବା-ଦେବୀଙ୍କ ଉପସ୍ଥିତିକୁ ଭଗବାନ ସ୍ୱୀକାର କରୁନାହାନ୍ତି । ବ୍ୟାବହାରିକ କ୍ଷେତ୍ରରେ ଭଗବାନଙ୍କ ଏହି ଉକ୍ତିର ବିଶେଷ ଉପାଦେୟତା ରହିଛି । ଯେପରି ଶାସନ କଳରେ ସାର୍ବଭୌମତ୍ୱ ପ୍ରତିଷ୍ଠିତ ସରକାରଙ୍କ ନୀତି ଓ ନିୟମକୁ ଉଲଙ୍ଘନ କରି କୌଣସି ବିବଶ ଅଧସ୍ତନ କର୍ମଚାରୀ ମାଧ୍ୟମରେ ଅନୁକମ୍ପା ପ୍ରାପ୍ତ କରାଇନେବା ଅନୁଚିତ ମାର୍ଗ । ଦେବତାମାନଙ୍କ ସ୍ଥିତି ସେହି ବିବଶ ଅଧସ୍ତନ କର୍ମଚାରୀଙ୍କ ସାଦୃଶ୍ୟ ହୋଇଥାଏ । ସେହିପରି ଅବିଧିପୂର୍ବକ ଅର୍ଥାତ୍ ମୋକ୍ଷଜ୍ଞାପକ ବିଧି ବ୍ୟତୀତ ଅନ୍ୟଭାବରେ ପୂଜାକୁ ପୁରୁଷୋତ୍ତମ ବାସୁଦେବ ଗ୍ରହଣ କରନ୍ତି ନାହିଁ । ଭଗବାନ ଶ୍ରୀକୃଷ୍ଣ ସପ୍ତମ ଅଧ୍ୟାୟ(ଶ୍ଳୋକ:୨୨)ରେ କହିଛନ୍ତି କି, ସକାମ ବ୍ୟକ୍ତିଙ୍କୁ ଯଜ୍ଞାଦି କର୍ମର ପ୍ରାପ୍ତି ରୂପକ ଫଳ ଦେବତା ମାନଙ୍କ ମାଧ୍ୟମରେ ମୋରିଠାରୁ ହିଁ ପ୍ରାପ୍ତ ହୋଇଥାଏ । 'ମୁଁ ହିଁ ଦେବତା ଆଦି ବିଭିନ୍ନ ରୂପରେ ପ୍ରତ୍ୟେକ ସାଧକ ତଥା ଉପାସକଙ୍କ ପ୍ରାର୍ଥନା ରୂପ ଫଳ ପ୍ରଦାନ କରିଥାଏ । ଚିତ୍ତ ବୃତ୍ତିରେ ଦୋଷଦୃଷ୍ଟି ନ ରହିବା ହେଉଛି 'ଶ୍ରଦ୍ଧୟାନ୍ୱିତା' । ବେଦ ଶାସ୍ତ୍ରରେ ବର୍ଣ୍ଣିତ ଦେବତା, ତାଙ୍କରି ଉପାସନା ଏବଂ ସ୍ୱର୍ଗାଦି ପ୍ରାପ୍ତିରୂପ ଫଳ ଉପରେ ଯାହାର ଦୃଢ ବିଶ୍ୱାସ ଥାଏ, ସେହିମାନେ ବିଭିନ୍ନ ଦେବାଦେବୀଙ୍କ କାମନା ପୂର୍ତ୍ତି ନିମନ୍ତେ ଶାସ୍ତ୍ରୋକ୍ତ ଯଜ୍ଞାଦି କର୍ମଦ୍ୱାରା ଶ୍ରଦ୍ଧାପୂର୍ବକ ପୂଜା କରିଥାନ୍ତି । ସମସ୍ତ ଦେବାଦେବୀ ଭଗବାନଙ୍କ ଅଙ୍ଗଭୂତ ଏବଂ ଭଗବାନ ସେହିମାନଙ୍କ ଆତ୍ମା ସ୍ୱରୂପ । ବସ୍ତୁତଃ ଭଗବାନ ହିଁ ଦେବତା ରୂପରେ ପ୍ରକଟ ହୋଇଥାନ୍ତି । ବୃକ୍ଷର ମୂଳରେ ଜଳ ଦେବାଦ୍ୱାରା ବୃକ୍ଷର ଶାଖା, ପତ୍ର, ଫୁଲ ଫଳ ଆଦି ସମସ୍ତ ଅଙ୍ଗ ପୂର୍ଣ୍ଣତା ପ୍ରାପ୍ତ ହୋଇଥାନ୍ତି । ଡାଳ, ପତ୍ରରେ ଜଳ ସିଞ୍ଚନଦ୍ୱାରା ବୃକ୍ଷର ବିକାଶ ହୋଇ ନଥାଏ । ପରମ ପୁରୁଷ ପରମାତ୍ମା ହେଉଛନ୍ତି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ମୂଳଉଦ୍ଭବ । ଏହି ଗୂଢ ତତ୍ତ୍ୱକୁ ବୁଝି ନପାରି, ଦେବା-ଦେବୀଙ୍କୁ ଭଗବାନଙ୍କ ଠାରୁ ଭିନ୍ନ ମାନି ସକାମ ଭାବରେ ପୂଜା କରିବା ହେଉଛି ଅଜ୍ଞାନ ପୂର୍ବକ ଉପାସନା । ଦେବ-ଭକ୍ତ ଶ୍ରଦ୍ଧାହୀନ ହୋଇ ନଥାନ୍ତି, କିନ୍ତୁ ଫଳପ୍ରତି ଆସକ୍ତ ହୋଇ ପରୋକ୍ଷ ଭାବରେ ମୋରି ହିଁ ପୂଜା କରିଥାନ୍ତି । ଏହାର ପରିଣାମରେ ଇପ୍ସିତ ଫଳପ୍ରାପ୍ତ ହୋଇ, ବାରମ୍ବାର ଜନ୍ମ-ମରଣ ଚକ୍ରରେ ଘୁରି ବୁଲିଥାନ୍ତି । ନିଷ୍କାମ ଭାବରେ ବିଶ୍ୱନିୟନ୍ତାଙ୍କ ସତ୍ତା ସାକ୍ଷାତ୍କାର ଲକ୍ଷ୍ୟରେ ଆରାଧନା ବା ଉପାସନା ହିଁ ବିଧି ପୂର୍ବକ ବୋଲି ଭଗବାନ ଏହି ଶ୍ଳୋକରେ ଦୃଢ ମତ

ରଖିଛନ୍ତି । ଦେବତା, ଗୁରୁ, ବ୍ରାହ୍ମଣ, ମାତା-ପିତା, ଅତିଥି-ଅଭ୍ୟାଗତ ଆଦି ସମସ୍ତ ପ୍ରାଣୀଙ୍କୁ ଭଗବାନଙ୍କ ସ୍ୱରୂପ ଦୃଷ୍ଟିରେ ଦେଖି, ଭଗବାନଙ୍କ ପ୍ରସନ୍ନତା ନିମନ୍ତେ ସେବାଦି କାର୍ଯ୍ୟ କରିବା, ବିଧି ପୂର୍ବକ ଭଗବାନଙ୍କ ସେବା ହୋଇଥାଏ, ଯାହା ଭଗବାନ ଗ୍ରହଣ କରିଥାନ୍ତି । ସମସ୍ତଙ୍କ ପ୍ରତି ଭଗବତ୍ ବୁଦ୍ଧି ରଖି ନିଷ୍କାମ ଭାବରେ ଯାହାର ଉପାସନା କଲେ ମଧ, ତାହା ବାସ୍ତବରେ ତ୍ରୁଟି ରହିତ ଉପାସନା ହେବ, ଯାହା ଭଗବାନ ସାକ୍ଷାତ୍ ଗ୍ରହଣ କରିଥାନ୍ତି ।

ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।
ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ॥୨୪॥

*ଅନ୍ୱୟ: ହି (ଯେ ହେତୁ) ଅହଂ ଏବ (ମୁଁ ହିଁ) ସର୍ବ ଯଜ୍ଞାନାଂ (ସମସ୍ତ ଶ୍ରୌତ ଓ ସ୍ମାର୍ତ୍ତ ଯଜ୍ଞ ଅନୁଷ୍ଠାନର ) ଭୋକ୍ତା (ଦେବତା ରୂପରେ ଉପଭୋଗକାରୀ) ଚ (ଏବଂ) ପ୍ରଭୁଃ ଏବ ଚ ( ଏବଂ ଫଳ ଦାତାପ୍ରଭୁ) ଚ (ମଧ) ତୁ (କିନ୍ତୁ) ତେ (ସେମାନେ ଅର୍ଥାତ୍ ଅନ୍ୟ ଦେବା-ଦେବୀ ଉପାସକଗଣ ) ମାମ୍ (ମୋତେ) ତତ୍ତ୍ୱେନ (ଯଥାର୍ଥ ଭାବରେ) ନ ଅଭିଜାନନ୍ତି (ଜାଣନ୍ତି ନାହିଁ ) ଅତଃ (ଏଥିପାଇଁ) ଚ୍ୟବନ୍ତି ( ସଂସାରରେ ସେହି ମାନଙ୍କର ପତନହୁଏ ) ।*

**ଭାବାର୍ଥ**: ପୂର୍ବ ଶ୍ଳୋକରେ କହିଥିବା ଅନ୍ୟ ଦେବତାଙ୍କ ଉପାସନା କାହିଁକି ଅବିଧିପୂର୍ବକ ହୋଇଥାଏ ତାହାର ସ୍ପଷ୍ଟିକରଣ ଭଗବାନ ଏଠାରେ କରିଛନ୍ତି । ଶ୍ରୀ ଭଗବାନ କହୁଛନ୍ତି : ମୁଁ ହିଁ ବେଦ ବିହିତ (ଶ୍ରୌତ) ଏବଂ ଧର୍ମଶାସ୍ତ୍ର ବିହିତ (ସ୍ମାର୍ତ୍ତ) ସମସ୍ତ ପ୍ରକାର ଯଜ୍ଞାଦି କର୍ମର ଭୋକ୍ତା ଅର୍ଥାତ୍ ଉପଭୋଗକାରୀ ଏବଂ ପ୍ରଭୁ ଅର୍ଥାତ୍ ଫଳ ପ୍ରଦାନକାରୀ । ବାସ୍ତବରେ ବେଦରେ ଯେଉଁ ସବୁ ଯଜ୍ଞକର୍ମ ବର୍ଣ୍ଣିତ ହୋଇଛି, ସେହି ସମସ୍ତ ପରମ ପୁରୁଷ ଭଗବାନଙ୍କ ସନ୍ତୋଷ ବିଧାନ ନିମିତ୍ତ ଉଦ୍ଦିଷ୍ଟ । ଯଜ୍ଞର ଅର୍ଥ 'ବିଷ୍ଣୁ' । ଭଗବାନ ବିଷ୍ଣୁ ରୂପରେ ଜଗତକୁ ପାଳନ କରିଥାନ୍ତି । ସଂସାରରେ କର୍ତ୍ତବ୍ୟ କର୍ମଠାରୁ ଆରମ୍ଭ କରି, ଅଭିଳାଷ ପୂର୍ତ୍ତି ନିମିତ୍ତ ଯେତେ ସବୁ ଦେବା-ଦେବୀଙ୍କ ପୂଜା ଉପାସନା କର୍ମ କରାଯାଇଥାଏ, ସେହି ସମସ୍ତ ବିଧାନ 'ଯଜ୍ଞ' ଅଟେ ଏବଂ ତାହା ଜଗତ ପାଳକ ବିଷ୍ଣୁଙ୍କ ପାଖରେ ପହଞ୍ଚିଥାଏ । କାରଣ ଭଗବାନ ହିଁ ସମସ୍ତ ଯଜ୍ଞ କର୍ମର ଆରମ୍ଭ, ଶେଷ ଏବଂ ଯଥାନୁରୂପ ଫଳ ବିଧାନ କର୍ତ୍ତା । ପରମ ପୁରୁଷ ପରମେଶ୍ୱର ହେଉଛନ୍ତି ସମସ୍ତ ଦେବା-ଦେବୀଙ୍କ ଆତ୍ମ ସ୍ୱରୂପ । ଏହି ସାରା ବିଶ୍ୱ ଭଗବାନଙ୍କ ବିରାଟ ରୂପ ହେବା କାରଣରୁ ଭିନ୍ନ ଭିନ୍ନ ଯଜ୍ଞ, ପୂଜାଦି କର୍ମର ଭୋକ୍ତା ରୂପରେ ମାନି ନିଆଯାଉଥିବା ଯେତେ ଦେବତା ସବୁ ଭଗବାନଙ୍କ ଅଙ୍ଗ ଅଟନ୍ତି । ତେଣୁ ଦେବତାଙ୍କ ରୂପରେ ଭଗବାନ ହେଉଛନ୍ତି ସମସ୍ତ ଯଜ୍ଞାଦି କର୍ମର ଭୋକ୍ତା । ପରମବ୍ରହ୍ମ ପରମେଶ୍ୱର ନିଜ ଯୋଗ ଶକ୍ତିର ସହାୟତାରେ ସମ୍ପୂର୍ଣ୍ଣ ଜଗତର ଉତ୍ପତ୍ତି, ସ୍ଥିତି ଏବଂ ପ୍ରଳୟ ନିଜ ଇଚ୍ଛାନୁସାରେ କରିବାକୁ ସମର୍ଥ ହୋଇଥାନ୍ତି । ତାଙ୍କରି ଅଧ୍ୟକ୍ଷତା ଏବଂ ପ୍ରଣୋଦିତ ନିୟମାନୁସାରେ ପ୍ରକୃତି ସମସ୍ତ ବ୍ରହ୍ମାଣ୍ଡକୁ ସଞ୍ଚାଳିତ କରିଥାଏ । ଇନ୍ଦ୍ର, ବରୁଣ, ଯମରାଜ, ପ୍ରଜାପତି ସମେତ ଯେତେ ଲୋକପାଳ ଏବଂ ଦେବଗଣ, ଭଗବାନ ହିଁ ଏହି ସମସ୍ତଙ୍କ ଉତ୍ପାଦକ ଏବଂ ନିୟନ୍ତା । ତେଣୁ ଭଗବାନ ହେଉଛନ୍ତି ସମସ୍ତ ଲୋକର ଈଶ୍ୱରଙ୍କ ମହାନ୍ ଈଶ୍ୱର ପରମେଶ୍ୱର । ଭଗବାନଙ୍କ ବିରାଟ ସ୍ୱରୂପର ଏହି ଗୂଢ ରହସ୍ୟକୁ ବୁଝି ନପାରି, ଅଳ୍ପବୁଦ୍ଧି ସମ୍ପନ୍ନ

ସକାମୀ ମନୁଷ୍ୟଗଣ  ସ୍ୱର୍ଗାଦି ରୂପ ଅସ୍ଥାୟୀ ଫଳପ୍ରତି ଆସକ୍ତ ହୋଇ ସ୍ୱର୍ଗଲୋକ ଓ ମର୍ତ୍ତ୍ୟଲୋକକୁ ଆବାଗମନ (ଯିବା- ଆସିବା) ଚକ୍ରରେ ଘୁରି ବୁଲୁଥାଆନ୍ତି । ଭଗବତ୍ ସାକ୍ଷାତ୍କାର ଭଳି ଅତ୍ୟନ୍ତ ଉତ୍ତମ ଫଳ ପ୍ରାପ୍ତିରୁ ବଞ୍ଚିତ ହୋଇ କାମନାର ଜାଲରେ ଛନ୍ଦିହୋଇ ପତନ ସ୍ଥିତିରେ ରହିଥାଆନ୍ତି । ଭଗବାନ ପଞ୍ଚମ ଅଧ୍ୟାୟ (ଶ୍ଲୋକ : ୨ ୯) କହିଛନ୍ତି କି, ଭକ୍ତ ମୋତେ ସମସ୍ତ ଯଜ୍ଞ, ତପର ଭୋକ୍ତା ଏବଂ ସର୍ବଲୋକ ମହେଶ୍ୱର ତଥା ସକଳ ପ୍ରାଣୀଙ୍କ ସୁହୃଦ୍ ବୋଲି ଜାଣି ପରମଶାନ୍ତି ଅର୍ଥାତ ମୋକ୍ଷପ୍ରାପ୍ତି କରିଥାଏ । ଭଗବାନ ଏହି ଶ୍ଲୋକରେ ଦେଇଥିବା ଉପଦେଶର ନିଷ୍କର୍ଷ ହେଲା କି, ସାଧକ ପରମାତ୍ମା ଅଭିମୁଖେ ଅଗ୍ରସର ହେବାର ଦୁଇଟି ମୁଖ୍ୟ ପ୍ରତିବନ୍ଧକ ରହିଛି । ସେଥିରୁ ପ୍ରଥମଟି ହେଲା, ସଂସାରର ଚେତନ ଓ ଜଡ ଭୌତିକ ପଦାର୍ଥ ସହିତ ସମ୍ବନ୍ଧ ଯୋଡି ନିଜକୁ ସେ ସବୁର ଅଧିକାରୀ ମାନି ନେବା ଏବଂ ଭୋଗ ବୁଦ୍ଧିରେ ସେମାନଙ୍କର ଦାସତ୍ୱ ହୋଇ ରହିବା । ଦ୍ୱିତୀୟଟି ହେଲା, ଭୋଗ ବୁଦ୍ଧିରେ କର୍ମଫଳ ପ୍ରତି ଆସକ୍ତ ରହି ନିଜକୁ ଭୋକ୍ତା ମନେ କରିବା । ଯେ ପର୍ଯ୍ୟନ୍ତ ଏହି ଜ୍ଞାନ ହୋଇ ନ ଥାଏ କି, ସମସ୍ତ ଜଡ-ଚେତନଶୀଳ ସଂସାରର ଭଗବାନ ହିଁ ଏକମାତ୍ର ଅଧୀଶ୍ୱର ଏବଂ ସେ' ହିଁ ଅଧିଯଜ୍ଞ ରୂପରେ ସମସ୍ତଙ୍କ ହୃଦୟରେ ଅଧିଷ୍ଠାନ ହୋଇ ସମସ୍ତ କର୍ମର ଭୋକ୍ତା, ସେ ପର୍ଯ୍ୟନ୍ତ ମନୁଷ୍ୟ ପରମାତ୍ମାଙ୍କଠାରୁ ବିମୁଖ ହୋଇ ରହିଥାଏ । ସାଧକର ମନରେ ବେଳେବେଳେ ସଂଶୟ ଜାତ ହୁଏ କି, ଭଗବାନ ତ ନିର୍ବିକାର, ନିରାକାର, ନିର୍ଗୁଣ, ନିର୍ଲିପ୍ତ, ସେ' କିପରି ମନୁଷ୍ୟ କରୁଥିବା କର୍ମର ଭୋକ୍ତା ହୋଇ ପାରିବେ ? ଏହାର ସମାଧାନ ହେଲା, ମହାତ୍ମାଙ୍କ ଦୃଷ୍ଟିରେ ସବୁକିଛି ବାସୁଦେବ । ପରମାତ୍ମା ହିଁ ଅନ୍ତର୍ଯାମୀ ପୁରୁଷ ଭାବରେ ଜୀବ ମଧ୍ୟରେ ବିରାଜମାନ । କେହି ତନ, ମନ, ଧନ ଦେଇ  କୌଣସି ଦୀନ, ଦୁଃଖୀ, ଅକର୍ମଣ୍ୟଙ୍କ ସେବା କଲେ, ତାହା ଭଗବାନଙ୍କ ହିଁ ସେବା ହୋଇଥାଏ । ଭଗବାନ ଭୋକ୍ତା ହେବାର ଅର୍ଥ ହେଲା, ସେ' ଅନେକ ରୂପରେ ସବୁକିଛି ଗ୍ରହଣ କରିଥାଆନ୍ତି । ଜଣେ ସଂସାରୀବ୍ୟକ୍ତି  ଅନ୍ନ, ବସ୍ତ୍ର ଦାନ କରିବାରେ, ମୋରି ଅଧିକୃତ ଦ୍ରବ୍ୟ ଦାନ କରି ପୂଣ୍ୟ ଅର୍ଜନ କଲି ବୋଲି ମନେ କରିଥାଏ । କିନ୍ତୁ ଜଣେ ସାଧୁ ଅନ୍ୟକୁ ଦାନ କରିବାର ସୁଯୋଗ ପ୍ରାପ୍ତ ହେଲେ, ଭଗବାନଙ୍କ ବସ୍ତୁ ଅନ୍ୟ ରୂପରେ ତାଙ୍କୁ ହିଁ  ପ୍ରାପ୍ତି ହେଲା ବୋଲି ବିଚାର କରିଥାଏ । ସାଧୁ ଏବଂ ସଂସାରୀ ବ୍ୟକ୍ତିର ବିଚାର ଧାରାରେ ଏହା ହିଁ ଅନ୍ତର । ଏହି ଶ୍ଲୋକରେ ଭଗବାନ ଏହି ଉପଦେଶ ଦେଉଛନ୍ତି କି, ଯଜ୍ଞାଦି କର୍ମ ଭଗବାନଙ୍କ ବ୍ୟାପକ ସ୍ୱରୂପ ଜ୍ଞାନରେ କରିବା ଉଚିତ । ବିନା ଜ୍ଞାନରେ କର୍ମ ମୁକ୍ତିପ୍ରଦ ହୋଇପାରି ନଥାଏ । ଏଥିରେ ଏହାମଧ୍ୟ ସ୍ପଷ୍ଟ ସିଦ୍ଧ ହେଉଛି କି, ଭଗବତ୍ ଗୀତାରେ  କର୍ମ, ଜ୍ଞାନ ଏବଂ ଉପାସନା ଏହି ତିନିର ଏକ ନିବିଡ ଯୁକ୍ତତା ରହିଛି । ଏହି ଅଭିପ୍ରାୟକୁ ଲୋକମାନ୍ୟ ତିଳକ ଲେଖିଛନ୍ତି କି, ଜ୍ଞାନ ମୂଳକ ଭକ୍ତି ପ୍ରଧାନ କର୍ମଯୋଗ ଗୀତାର ମୁଖ୍ୟ ପ୍ରତିପାଦ୍ୟ । ଗୀତାରେ ଜ୍ଞାନ, କର୍ମ ଏବଂ ଭକ୍ତି ଏହି ତିନିର ସମୁଚିତ ରୂପରେ ପ୍ରଯୁଯ୍ୟତା ଦର୍ଶାଯାଇଛି- କାହାରି ଗୋଟିକର ପ୍ରାଧାନ୍ୟତା ଅନ୍ୟର ବିରୋଧ ନୁହେଁ । ଅଧିକାର ଅନୁଯାୟୀ ମନୁଷ୍ୟ ଭିନ୍ନ ଭିନ୍ନ ରୂପରେ ଅନୁସରଣ କରିପାରେ ।

ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।
ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍ ଯାଜିନୋଽପି ମାମ୍ ॥୨୫॥

*ଅନ୍ୱୟ: ଦେବବ୍ରତାଃ (ସକାମ ଭାବରେ ଦେବ ପୂଜକ) ଦେବାନ୍ (ଦେବଗଣକୁ) ଯାନ୍ତି (ପ୍ରାପ୍ତ ହୁଅନ୍ତି) ପିତୃବ୍ରତାଃ (ପିତୃ ପୁରୁଷଙ୍କ ପୂଜକଗଣ) ପିତୃନ୍ ଯାନ୍ତି (ପିତୃ ପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି) ଭୂତେଜ୍ୟାଃ (ଭୂତ-ପ୍ରେତଙ୍କ ପୂଜନକାରୀ) ଭୂତାନି (ଭୂତ-ପ୍ରେତଙ୍କୁ) ଯାନ୍ତି ( ପ୍ରାପ୍ତ ହୁଅନ୍ତି) ମଦ୍-ଯାଜିନଃ-ଅପି (ସେହିପରି ମୋରି ପୂଜକଗଣ ମଧ୍ୟ) ମାମ୍ (ମୋତେ) ଯାନ୍ତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ**: ବେଦର କର୍ମକାଣ୍ଡ ବିଭାଗରେ ଦେବଲୋକରେ ରହୁଥିବା ବିଭିନ୍ନ ଦେବତାଙ୍କ ପୂଜାବିଧି ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ଯେଉଁ ମନୁଷ୍ୟ ଭୋଗପ୍ରାପ୍ତି କାମନାକରି ଯଜ୍ଞ, ମନ୍ତ୍ରଜପ, ଦାନ-ଧର୍ମ ଆଦି ଦ୍ୱାରା ନିର୍ଦ୍ଦିଷ୍ଟ ଦେବତାଙ୍କ ସନ୍ତୁଷ୍ଟ ନିମିତ୍ତ ଉପାସନା କରନ୍ତି, ଅତ୍ୟଧିକ ଓ ଅତ୍ୟୁଚ୍ଚ ଫଳ ପ୍ରଦାନ ସ୍ୱରୂପ ସ୍ୱର୍ଗ ଲୋକରେ ପ୍ରବେଶ ସହିତ ଭୋଗ ଉପଯୋଗୀ ସମସ୍ତ ଦ୍ରବ୍ୟ ସେହି ଦେବତା ପ୍ରାପ୍ତ କରାଇଥାନ୍ତି । କେହି କେହି ପୂଜକ ଉପାସ୍ୟ ଦେବଙ୍କ ସାଦୃଶ୍ୟ ରୂପ ମଧ୍ୟ ପ୍ରାପ୍ତି ହୁଅନ୍ତି । ସକାମ ଭାବରେ ଦେବଲୋକ ପ୍ରାପ୍ତ କରିଥିବା ମନୁଷ୍ୟ ପୂଣ୍ୟ ଫଳ ଅନ୍ତ ପର୍ଯ୍ୟନ୍ତ କିମ୍ବା ଅଧିକରୁ ଅଧିକ ସେହି ଉପାସ୍ୟ ଦେବଙ୍କ ଆୟୁ ସମାପ୍ତି ପର୍ଯ୍ୟନ୍ତ ଦେବ ଲୋକରେ ରହି ମର୍ତ୍ତ୍ୟଲୋକକୁ ପୁନରାଗମନ କରିଥାନ୍ତି । ପିତୃ ପୁରୁଷଙ୍କ ନିମିତ୍ତ ଯଥାବିଧି ଶ୍ରାଦ୍ଧ, ତର୍ପଣ, ବ୍ରାହ୍ମଣ ଭୋଜନ, ଶାସ୍ତ୍ରବିହିତ ହବନ ଆଦି ଅନୁଷ୍ଠାନ କରିବା ହେଉଛି ପିତୃବ୍ରତା । ପୂର୍ବଜ ମାନଙ୍କ ନୀତି, ପରମ୍ପରା, ଆଦର୍ଶରେ ଅନୁପ୍ରାଣିତ ହୋଇ ଆଚରଣ ଦ୍ୱାରା ବଂଶ ଓ କୁଳ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ମଧ୍ୟ ପିତୃ ପୁରୁଷଙ୍କ ଉପାସନା ଅଟେ । ପିତୃ ପୁରୁଷଙ୍କ ଆଶୀର୍ବାଦ ଦ୍ୱାରା ଶରୀର ତ୍ୟାଗପରେ ପିତୃଲୋକ ପ୍ରାପ୍ତ ହୋଇ ପୂର୍ବଜ ଭାବେ ବଂଶ ଓ କୁଳର ମଙ୍ଗଳ କାମନା କରିଥାନ୍ତି । ପିତୃଲୋକରୁ ମର୍ତ୍ତ୍ୟଲୋକକୁ ପୁନରାଗମନ ନିଶ୍ଚିତ ହୋଇଥାଏ । ଦେବ-ପିତୃ ପୂଜା ଯଥାବିଧି ନିଜ ବର୍ଣ୍ଣାଶ୍ରମ ଅଧିକାରାନୁସାରେ ଅବଶ୍ୟ କରିବାକୁ ହୋଇଥାଏ । କିନ୍ତୁ ଏହି ଉପାସନା କର୍ତ୍ତବ୍ୟ ବୁଦ୍ଧିରେ ଭଗବତ୍ ରୂପ ମନେ କରିଲେ, ଦୈବୀ ସମ୍ପତ୍ତି ଗୁଣର ପରିବର୍ଦ୍ଧିତ ହୋଇ ଭଗବତ୍ ପ୍ରାପ୍ତି ଭଳି ମହାନ୍ ଫଳ ପ୍ରାପ୍ତିର ସହାୟକ ହୋଇଥାଏ । ଭୂତ, ପ୍ରେତ, ଯକ୍ଷ, ପିଶାଚ ଆଦି ଦେବତାଙ୍କ ଠାରୁ ନିମ୍ନ ଏବଂ ମନୁଷ୍ୟଠାରୁ ଅଧିକ ଶକ୍ତି ସମ୍ପନ୍ନ ସୂକ୍ଷ୍ମ ଶରୀରୀ ହୋଇଥାନ୍ତି । ନିୟମ ପାଳନ ପୂର୍ବକ ପୂଜା, ମନ୍ତ୍ରପାଠ, ହବନ ଆଦି କରିବା ଦ୍ୱାରା ତାଙ୍କରି ଉପାସକ ସେମାନଙ୍କ ସହାୟତାରେ ସଂସାର କାମନା ପୂର୍ତ୍ତି କରିଥାନ୍ତି । ଭୂତ-ପ୍ରେତଙ୍କ ପୂଜା ତାମସୀ ତଥା ଅନିଷ୍ଟଫଳ ପ୍ରଦାନକାରୀ ହୋଇଥାଏ । ଭୂତ, ପ୍ରେତ, ପିଶାଚ ଆଦି ଯୋନି ଅଶୁଦ୍ଧ ଏବଂ ସେମାନଙ୍କ ପୂଜା ବିଧି, ସାମଗ୍ରୀ, ଆରାଧନା ଆଦି ମଧ୍ୟ ଅତ୍ୟନ୍ତ ଅପବିତ୍ର । ଭୂତ, ପ୍ରେତ, ପିଶାଚ ଆଦିଙ୍କ ଉପାସନା ସର୍ବଥା ତ୍ୟଜ୍ୟ । ଭୂତ ପ୍ରେତଙ୍କ ଉଦ୍ଧାର ନିମିତ୍ତ ଶ୍ରାଦ୍ଧ, ତର୍ପଣ କରିବା, ପିଣ୍ଡ ଓ ଜଳଦାନ କରିବା ଦୋଷାବହ ନୁହେଁ । ସନ୍ଥ, ମହାତ୍ମାମାନଙ୍କ ଦ୍ୱାରା ଭୂତ ପ୍ରେତଙ୍କର ମୁକ୍ତି ପ୍ରାପ୍ତ ହୋଇଥାଏ । କେହି କେହି ଟୀକାକାର 'ଭୂତେଜ୍ୟାଃ"ର ଅର୍ଥ ଯକ୍ଷ, ନାଗ, ବୃକ୍ଷ, ନଦୀ, ଆଦି ଅନେକ ଭୂତକୁ ଦେବତା ରୂପରେ ପୂଜା କରିବା ବିଧେୟ ବୋଲି ଉଲ୍ଲେଖ କରିଛନ୍ତି । ଯେଉଁ ଶୁଦ୍ଧ ଭକ୍ତ ଭଗବାନଙ୍କ ସଗୁଣ ନିରାକାର ଅଥବା

ସାକାର କୌଣସି ରୂପକୁ ନିଷ୍କାମ ଭାବରେ ନିରନ୍ତର ସେବନ-ପୂଜନ, ଭଜନା ଆଦି କରିଥାଏ, ସେ' ନିଃସନ୍ଦେହ ଭାବରେ ବୈକୁଣ୍ଠ ଗୋଲକ ଧାମକୁ ପ୍ରାପ୍ତ ହୋଇଥାଏ । ଭଗବାନ କହିଛନ୍ତି, ଯେଉଁମାନେ 'ମଦ୍ ଯାଜୀ' ଅର୍ଥାତ୍ ମତ୍ ପରାୟଣ ହୋଇ ମୋର ଅର୍ଚ୍ଚନା କରନ୍ତି, ସେହିମାନେ ଅକ୍ଷର ପରମାନନ୍ଦ ସ୍ୱରୂପ ମୋତେ ଲାଭ କରନ୍ତି । ପଣ୍ଡିତ ଶ୍ରୀ ଗିରିଧାରୀ ଶର୍ମା ଚତୁର୍ବେଦୀଙ୍କ ବ୍ୟାଖ୍ୟାନୁଯାୟୀ ଛାନ୍ଦୋଗ୍ୟ ଉପନିଷଦ୍ ରେ ଯେଉଁ ତିନି ପ୍ରକାର ଗତି କୁହାଯାଇଛି, ଭଗବାନ ଏହି ଶ୍ଳୋକରେ ତାହାର ସଙ୍କେତ ଦେଇଛନ୍ତି । ଦେବ ଉପାସକ ଦେବଯାନ ମାର୍ଗରେ ବ୍ରହ୍ମଲୋକ ପ୍ରାପ୍ତି ହୁଅନ୍ତି, ପିତୃ ପୁରୁଷଙ୍କ ଉପାସକ ପିତୃୟାଣ ମାର୍ଗରେ ପିତୃଲୋକ ଯାଇ ଭୋଗ ସମାପ୍ତି ପରେ ପୁନରାବୃତ୍ତି କରିଥାନ୍ତି । ଯାହାର ମନ ଭୂତ ସମୂହ ଅର୍ଥାତ୍ ଧନ, ସମ୍ପତ୍ତି, ପଶୁ ଆଦିରେ ଲାଗି ରହିଥାଏ, ସେହିମାନେ ସେହି ବିଷୟ, ପଦାର୍ଥକୁ ହିଁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ଅନ୍ୟ କୌଣସି ଉଚ୍ଚଲୋକକୁ ନ ଯାଇ ଏହି ମର୍ତ୍ତ୍ୟ ଲୋକରେ ଜନ୍ମ ପାଇଥାନ୍ତି । ଯେ' କିନ୍ତୁ ସମସ୍ତ କାମ୍ୟ କର୍ମ ଜନିତ ସମସ୍ତ ସଙ୍କଳ୍ପକୁ ମନରୁ ତ୍ୟାଗ କରି ମୋରି ଧ୍ୟାନ କରିଥାଏ, ସେ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ ।

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରଯତାତ୍ମନଃ ॥୨୬॥

*ଅନ୍ୱୟ: ଯଃ (ଯେଉଁ ଭକ୍ତ) ପତ୍ରଂ (ପତ୍ର) ପୁଷ୍ପଂ (ପୁଷ୍ପ) ଫଳଂ (ଫଳ) ତୋୟଂ (ଜଳ ଆଦିକୁ) ଭକ୍ତ୍ୟା (ଭକ୍ତି ପୂର୍ବକ–ପ୍ରେମ ପୂର୍ବକ) ମେ (ମୋତେ) ପ୍ରଯଚ୍ଛତି (ପ୍ରଦାନ କରେ) ଅହଂ (ମୁଁ) ତତ୍ (ସେହି) ପ୍ରଯତାତ୍ମନଃ (ଶୁଦ୍ଧ ଓ ନିଷ୍କାମ ଭକ୍ତଙ୍କ ) ଭକ୍ତି-ଉପହୃତମ୍ (ଭକ୍ତିରେ ଅର୍ପିତ ଉପହାରକୁ) ଅଶ୍ନାମି (ଭକ୍ଷଣକରେ ଅର୍ଥାତ୍ ସ୍ୱୀକାର କରେ ) ।*

**ଭାବାର୍ଥ**: ତୁଳସୀ, ବିଲ୍ୱପତ୍ର, ଫୁଲ, ଫଳ ଓ ଜଳ ଆଦି ଅନାୟାସ ପ୍ରାପ୍ତ ଦ୍ରବ୍ୟକୁ ଭକ୍ତି ଓ ପ୍ରେମର ସହିତ ମୋତେ ପ୍ରଦାନ କଲେ, ଭକ୍ତର ସେହି ପ୍ରଦତ୍ତ ଉପହାରକୁ ସାଦରେ ମୁଁ ଭକ୍ଷଣ କରେ ଅର୍ଥାତ୍ ସ୍ୱୀକାର କରେ । ଭଗବାନ କହିବାର ତାତ୍ପର୍ଯ୍ୟ ହେଲା, ଯଦି ମନ, ଚିତ୍ତ, ବୁଦ୍ଧି ଓ ଅହଂକାରକୁ ମୋତେ ସମର୍ପଣ କରିବାକୁ ଅସମର୍ଥ, ତାହା ହେଲେ ପତ୍ର, ଫୁଲ, ଫଳ ଓ ଜଳ ଭଳି ସହଜ ଓ ସୁଲଭ ଦ୍ରବ୍ୟକୁ ପ୍ରେମସହ ମୋତେ ଦେବାର ଅଭ୍ୟାସରେ, ଭକ୍ତର ମନ, ଚିତ୍ତ ଓ ବୁଦ୍ଧିକୁ ଟାଣି ଆଣିବା ଦାୟିତ୍ୱ ମୋର ହୋଇଯାଏ । ଭଗବାନଙ୍କ ଦିବ୍ୟ ସେବାଧିକାର ଲାଭ କରିବା ନିମିତ୍ତ ଶରୀର ବୃକ୍ଷର ପତ୍ର ରୂପୀ ମନ, ସଂକଳ୍ପ ରୂପୀ ପୁଷ୍ପ, କର୍ମ ରୂପୀ ଫଳ ଏବଂ ଜଳସ୍ରୋତ ରୂପୀ ଜୀବନ ଧାରାକୁ ପ୍ରେମର ସହିତ ସମର୍ପି ଦେଲେ, ଭଗବାନ ତାହାକୁ ସାଦରେ ସ୍ୱୀକାର କରି ଭକ୍ତକୁ ନିଜଠାରୁ ଅଭିନ୍ନ କରି ଦେଇଥାନ୍ତି । ଆଚାର୍ଯ୍ୟ ଶଙ୍କର ତତ୍କୃତ ଭାଷ୍ୟରେ କହିଛନ୍ତି- "ମୋର ଭକ୍ତଙ୍କ କେବଳ ଯେ ନିର୍ବାଣ ରୂପକ ଅନନ୍ତ ଫଳ ପ୍ରାପ୍ତ ହୁଏ, ତାହା ନୁହେଁ- ମୋର ଉପାସନା ମଧ୍ୟ ବଡ ସରଳ ଓ ସହଜ ସାପେକ୍ଷ । ଯାହା କିଛି ଯେ ମୋତେ ଭକ୍ତି ସହିତ ଅର୍ପଣ କରେ, ସେହି ଶୁଦ୍ଧ ବୁଦ୍ଧି ପ୍ରଦତ୍ତ ସବୁ କିଛି ସଗୁଣ ସାକାର ଧାରଣ କରି ମୁଁ ଗ୍ରହଣ କରିନିଏ ।" ଭଗବତ୍ ଲୀଳା କାଳରେ ଭଗବାନ ଭକ୍ତର ପତ୍ର, ପୁଷ୍ପ, ଫଳ ଓ ଜଳକୁ ପ୍ରେମର ସହିତ କିପରି ଭକ୍ଷଣ କରିଥାନ୍ତି, ସେହି ପ୍ରସଙ୍ଗ ଆସିଥାଏ । ଦ୍ୱୈତ ବନରେ ପାଣ୍ଡବମାନେ ଦୁଃଖରେ ଦିନ କାଟୁଥିବା ସମୟରେ ମହର୍ଷି ଦୁର୍ବାସା ହଜାରେ

ଶିଷ୍ୟଙ୍କ ସହିତ ଅଚାନକ ପାଣ୍ଡବଙ୍କ ଶିବିରରେ ପହଞ୍ଚିଥିଲେ । ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ଭାଇମାନଙ୍କ ସହିତ ଉଠିଯାଇ ଋଷିଙ୍କ ସ୍ୱାଗତ-ସତ୍କାର କରି ଭୋଜନ ନିମନ୍ତେ ପ୍ରାର୍ଥନା କରିଥିଲେ । କିନ୍ତୁ ସେହି ସମୟରେ ଭୋଜନ ଉପରାନ୍ତ ଅକ୍ଷୟ ପାତ୍ରକୁ ଦ୍ରୌପଦୀ ଶୂନ୍ୟକରି ସାରିଥିଲେ । ଦୁର୍ବାସା ମହର୍ଷିଙ୍କ କ୍ରୋଧାନ୍ୱିତ ଶାପ ରୂପକ ବିପତ୍ତିରୁ ଉଦ୍ଧାର ନିମିତ୍ତ ଦ୍ରୌପଦୀ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରାର୍ଥନା କରିଥିଲେ । ଭଗବାନ ଶ୍ରୀକୃଷ୍ଣ ପହଞ୍ଚି, କ୍ଷୁଧା ମେଣ୍ଟାଇବା ଆଳରେ ଅକ୍ଷୟ ପାତ୍ରରେ ଲାଗି ରହିଥିବା ଶାଗ କଣିକାଏକୁ ହାତରେ ଧରି, ବିଶ୍ୱାତ୍ମା ଯଜ୍ଞଭୋକ୍ତାଙ୍କୁ ପ୍ରାପ୍ତ ଚିନ୍ତନକରି ସ୍ୱୟଂ ଭକ୍ଷଣ କରିଥିଲେ । ସେଥିରେ ମହର୍ଷି ଦୁର୍ବାସା ସହ ସମସ୍ତ ଶିଷ୍ୟଙ୍କୁ ଆକଣ୍ଠ ଭୋଜନ ତୃପ୍ତତା ପ୍ରାପ୍ତ ହୋଇଯାଇଥିଲା । ଗଜରାଜ ତ୍ରିକୂଟ ପର୍ବତରେ ବରୁଣଦେବଙ୍କ ଋତୁମାନ୍ ନାମକ ଉଦ୍ୟାନରେ ଅତ୍ୟନ୍ତ ବିସ୍ତୃତ ସୁନ୍ଦର ସରୋବର ତଟରେ ପହଞ୍ଚି ଅମୃତତୁଲ୍ୟ ଜଳପାନକରି, ହସ୍ତିନୀ ମାନଙ୍କ ସହ କ୍ରୀଡାରତ ଥିଲା । ସରୋବରରେ ରହୁଥିବା ମହାନ୍ ବଳବାନ୍ କୁମ୍ଭୀର ଗଜରାଜର ପାଦକୁ ଧରି ମରଣାନ୍ତକ ସ୍ଥିତିକୁ ଟାଣି ନେବାରେ ଲାଗିଲା । ବହୁତ ସମୟଧରି ଲଢାଇ ପରେ ଗଜେନ୍ଦ୍ର ପ୍ରାଣ ରକ୍ଷା ନିମିତ୍ତ କାତର ହୋଇ ଭଗବାନଙ୍କ ଶରଣ ହେଲା । ଗଜରାଜ ମନେ ମନେ ଭଗବାନଙ୍କ ସ୍ତୁତି କରିବାକୁ ଲାଗିଲା । ଭଗବାନ ଆତୁର ପ୍ରାର୍ଥନା ଶୁଣି ଗରୁଡ ପିଠିରେ ବସି ସେହିଠାରେ ପହଞ୍ଚିଥିଲେ । ଗଜେନ୍ଦ୍ର ଆକାଶରେ ଗରୁଡ ଉପରେ ସ୍ଥିତ ଭଗବାନଙ୍କୁ ଦର୍ଶନ କରି, ପଦ୍ମଫୁଲଟିକୁ ଶୁଣ୍ଢରେ ଉପରକୁ ଉଠାଇ ଅତ୍ୟନ୍ତ କଷ୍ଟରେ ଆର୍ତ୍ତ ସ୍ୱରରେ କହିଲା "ହେ ନାରାୟଣ! ହେ ସମସ୍ତଙ୍କ ଗୁରୁ, ତ୍ରାଣକର୍ତ୍ତା ! ଆପଣଙ୍କୁ ନମସ୍କାର" । ଭଗବାନ ପ୍ରେମ ପୂର୍ବକ ଦେଇଥିବା ଫୁଲଟିକୁ ସ୍ୱୀକାର କରିଥିଲେ ଏବଂ ସୁଦର୍ଶନ ଚକ୍ରରେ କୁମ୍ଭୀରର ଶିର ଛେଦନ କରି ଗଜେନ୍ଦ୍ରକୁ ମହାନ୍ ସଙ୍କଟରୁ ଉଦ୍ଧାର କରିଥିଲେ । ଭଗବାନଙ୍କ ପରମ ଭକ୍ତ ଶବରୀ ନୀଚଜାତିରେ ଜନ୍ମହୋଇ ମଧ ଜୀବନର ବହୁତ ସମୟ ଦଣ୍ଡକାରଣ୍ୟରେ ଲୁଚି ଲୁଚି ଋଷିମାନଙ୍କ ସେବାରେ ଜୀବନ ଅତିବାହିତ କରୁଥିଲା । ମାତଙ୍ଗ ମୁନି ବ୍ରହ୍ମଲୋକ ଗମନ କାଳରେ ଶବରୀ ଉପରେ କୃପାବଶ ହୋଇ କହିଥିଲେ କି, - ଭଗବାନ ରାମ ତୋରି କୁଟୀରରେ ଦିନେ ବିରାଜିବେ ଏବଂ ତାଙ୍କରି ଦର୍ଶନରେ କୃତାର୍ଥ ପ୍ରାପ୍ତ ହେବ । ସେ ପର୍ଯ୍ୟନ୍ତ ସେହିଠାରେ ରହି ଭଗବାନଙ୍କ ଭଜନ କରିବା ନିମନ୍ତେ ଶବରୀକୁ ଉପଦେଶ ଦେଇଥିଲେ । ଶବରୀକୁ ଭଗବାନଙ୍କ ଭଜନର ଡୋରୀ ଲାଗିଯାଇଥିଲା ଏବଂ ତାହାରି ଜୀବନ ପ୍ରଭୁ ରାମଙ୍କ ବାଟକୁ ଚାହିଁ ଚାହିଁ ବିତିବାରେ ଲାଗିଲା । ଶବରୀ ପ୍ରତିଦିନ ରାମଙ୍କ ଆସିବା ନିମନ୍ତେ ବାଟ ସଫା କରୁଥିଲା, ଚଟାଣ ଲିପି ଚିତା ପକାଇ ରଖୁଥିଲା, ଖାଇବାକୁ ଦେବାପାଇଁ ଜଙ୍ଗଲରୁ ଖୋଜି ଖୋଜି ଫଳ ଆଣି ସଞ୍ଚୁଥିଲା । ଦିନ ପରେ ଦିନ ବିତିବାରେ ଲାଗିଲା । ଶେଷରେ ଭଗବାନ ରାମଚନ୍ଦ୍ର ଶବରୀର କୁଟୀରରେ ବିରାଜମାନ ହେଲେ । ଶବରୀ କୃତ୍ୟ କୃତ୍ୟ ହୋଇ ଆନନ୍ଦ ସାଗରରେ ବୁଡିଗଲା । ପ୍ରେମର ଆବେଶରେ କଣ୍ଠରୁଦ୍ଧ ହୋଇଗଲା । ବାରମ୍ବାର ଭଗବାନଙ୍କ ଚରଣ କମଳରେ ମସ୍ତକ ପିଟି ପିଟି ପ୍ରଣାମ କରିବାକୁ ଲାଗିଲା। ଭଗବାନଙ୍କୁ ପୂଜନ କରିଲା, ସାଇତି ରଖିଥିବା ଫଳକୁ ବାଢିଲା । ଭଗବାନ ଶବରୀର ଭକ୍ତି ଏବଂ ପ୍ରେମକୁ ଦେଖି ଅଭିଭୁତ ହୋଇ ପୂଜାକୁ ସ୍ୱୀକାର କରିନେଲେ । ଶବରୀ ଦେଇଥିବା ଫଳକୁ

ଭୋଗ ଲଗାଇ ତାହାକୁ କୃତାର୍ଥ କରି ଦେଇଥିଲେ । ସେହି ଫଳରେ ଭଗବାନଙ୍କୁ କେତେ ଅପୂର୍ବ ସ୍ୱାଦ ପ୍ରାପ୍ତ ହୋଇଥିଲା, ତାହାର ବର୍ଣ୍ଣନ କରି ସନ୍ଥ ତୁଳସୀଦାସ ଲେଖିଛନ୍ତି **"ଘର, ଗୁରୁଗୃହ, ପ୍ରିୟ-ସଦନ, ସାସୁରେ ଭଇ ଜବ ଜହଁ ପହୁନାଇ । ତବ ତହଁ କହି ଶବରୀ ଫଳନି କି ରୁଚି ମାଧୁରୀ ନ ପାଇ ॥"** ସେହିପରି କାନ୍ନପ୍ପା ନାମକ ବ୍ୟାଧର ପାଟିରେ ଧରି ଆସିଥିବା ଜଳକୁ ଭଗବାନ ଶିବ ସାଦରେ ସ୍ୱୀକାର କରିଥିଲେ । ସ୍ୱଭାବିକ ଦୟାଳୁ ରାଜା ରନ୍ତିଦେବ ସ୍ୱୟଂ ତୃଷାର୍ତ୍ତ ଅବସ୍ଥାରେ ମୃତପ୍ରାୟ ରହି ମଧ୍ୟ ଚାଣ୍ଡାଳ ରୂପରେ ଆସିଥିବା ତ୍ରିଭୁବନ ନାଥ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ଜଳ ପ୍ରଦାନ କରିଥିଲେ । ରାଜାଙ୍କ ଧୈର୍ଯ୍ୟ ଏବଂ ଭକ୍ତି ଦେଖି ତ୍ରିନାଥ ଭଗବାନ ପ୍ରସନ୍ନ ହୋଇ ନିଜ ନିଜ ଯଥାର୍ଥ ରୂପ ଧାରଣ କରି ରାଜାଙ୍କୁ ଦର୍ଶନ ଦେଇଥିଲେ । ଭଗବାନ ଭକ୍ତର ଶ୍ରଦ୍ଧା ଏବଂ ପ୍ରେମରେ ବନ୍ଧା ହୋଇଥାନ୍ତି । ବିଦୁର ଗୃହରେ ଅତ୍ୟନ୍ତ ପ୍ରେମରେ ଦିଆଯାଇଥିବା ଖାଦ୍ୟ ଦ୍ରବ୍ୟକୁ ଭୋଗ ଲଗାଇ କୃତାର୍ଥ କରି ଦେଇଥିଲେ । ବାଲ୍ୟସଖା ସୁଦାମାଙ୍କ ପତ୍ନୀ ଭେଟ ରୂପେ ପଠାଇଥିବା କନାର ଗଣ୍ଠିଳିକୁ ଫିଟାଉଥିବା ବେଳେ ସେଥିରୁ ତଳେ ବୁଣି ହୋଇ ଯାଇଥିବା ଚାଉଳ ଖୁଦକୁ ଭଗବାନ ଗୋଟାଇ ଗୋଟାଇ ଖାଇବାକୁ ଲାଗିଥିଲେ । ଏହା ହେଉଛି ପ୍ରେମପୂର୍ଣ୍ଣ ଭାବରେ ଅର୍ପଣ କରିବା ଦ୍ରବ୍ୟକୁ ଭଗବାନ ସ୍ୱୀକାର କରିବାର ଅନନ୍ୟ ଦୃଷ୍ଟାନ୍ତ । ଭଗବାନ କେବଳ ଦୃଢ ବିଶ୍ୱାସ, ଭକ୍ତି ଏବଂ ପ୍ରେମରେ ହିଁ ପ୍ରସନ୍ନ ହୋଇଥାନ୍ତି । ଭଗବାନଙ୍କ ପୂଜା ନିମନ୍ତେ ସ୍ୱର୍ଣ୍ଣ ନିର୍ମିତ ମନ୍ଦିର ଆବଶ୍ୟକତା ନାହିଁ । ଭକ୍ତର ହୃଦୟ ମନ୍ଦିରରେ ସେ ଅଧିଷ୍ଠାନ ହୋଇ, ଜୀବଠାରୁ ପ୍ରେମଭାବରେ ତାଙ୍କରି ଭଜନକୁ ଚାହିଁଥାନ୍ତି । ପୂଜା ଦ୍ରବ୍ୟ ଅଥବା ସାମଗ୍ରୀର ନ୍ୟୁନାଧିକରେ ଭଗବାନଙ୍କ ଦୃଷ୍ଟି ରହି ନ ଥାଏ, ବରଂ ଶୁଦ୍ଧଚିତ୍ତରେ ସମର୍ପଣ କରା ଯାଇଥିବା ମାନସିକ ପୂଜା ଦ୍ରବ୍ୟକୁ ମଧ୍ୟ ଭଗବାନ ଗ୍ରହଣକରି ସନ୍ତୁଷ୍ଟ ହୋଇଥାନ୍ତି । ଭଗବାନ ଭାବର ଭୋକିଲା ହୋଇଥାନ୍ତି, ମୂଲ୍ୟବାନ ପୂଜା ସାମଗ୍ରୀର ନୁହେଁ । ଯାଗଯଜ୍ଞ ଆଦି କରିବା ନିମନ୍ତେ ବହୁତ ସାମଗ୍ରୀ ଓ ଉଦ୍ୟୋଗ କରିବାକୁ ପଡେ । ପରନ୍ତୁ, ଭକ୍ତି ଯଜ୍ଞ ତୁଳସୀ ପତ୍ରଟିଏରେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ଯାଇଥାଏ । ଭକ୍ତର ନିଷ୍ଠା ନିମନ୍ତେ ଅନ୍ୟ କୌଣସି ଗୁଣବତ୍ତାର ଆବଶ୍ୟକତା ପଡିନଥାଏ । ବ୍ୟାଧ ପାଖରେ କେଉଁ ଶୁଦ୍ଧ ଆଚାର ରହିଥିଲା, ଧ୍ରୁବର କଣ ସୁଲଭ ଅବସ୍ଥା ରହିଥିଲା, ଗଜେନ୍ଦ୍ର ପାଖରେ କି ବିଦ୍ୟା ରହିଥିଲା, କୁବ୍ଜାର ରୂପ କଣ ଥିଲା, ସୁଦାମା ପାଖରେ ଭେଟିଦେବା ନିମନ୍ତେ କଣ ଧନ ଥିଲା, ବିଦୁର କେଉଁ ଉଚ୍ଚଜାତ ବଂଶୀ ଥିଲେ, ଯାଦବ ରାଜା ଉଗ୍ରସେନଙ୍କ କଣ ପୁରୁଷାର୍ଥ ଥିଲା- ତଥାପି କେବଳ ଭକ୍ତିର ପରାକାଷ୍ଠା ଯୋଗୁଁ ଏହି ସମସ୍ତ ଭକ୍ତ ପ୍ରସିଦ୍ଧି ପ୍ରାପ୍ତ ହୋଇଛନ୍ତି ।

ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ॥୨୭॥

*ଅନ୍ୱୟ: କୌନ୍ତେୟ ( ହେ କୁନ୍ତୀ ନନ୍ଦନ !) ଯତ୍ (ଯାହା କିଛି) କରୋଷି (ଅନୁଷ୍ଠାନ କରୁଅଛ) ଯତ୍ (ଯାହା) ଅଶ୍ନାସି (ଭକ୍ଷଣ କରୁଛ) ଯତ୍ (ଯାହା) ଜୁହୋଷି (ଯଜ୍ଞ କରୁଛ-ହୋମ କରୁଛ) ଯତ୍ (ଯାହା) ଦଦାସି ( ଦାନ କରୁଛ ) ଯତ୍ (ଯାହା) ତପସ୍ୟସି (ଯେଉଁ ସବୁ ତପ କରୁଅଛ) ତତ୍ (ସେହି ସମସ୍ତ) ମତ୍ ଅର୍ପଣଂ (ମୋତେ ଅର୍ପଣ) କୁରୁଷ୍ୱ (କରିଦିଅ) ।*

**ଭାବାର୍ଥ**: ଭଗବାନ ପୂର୍ବ ଶ୍ଳୋକରେ ପତ୍ର, ପୁଷ୍ପ, ଫଳ ଓ ଜଳ ଆଦି ଅତି ସୁଲଭ ଦ୍ରବ୍ୟ ଭକ୍ତିର ସହିତ ଅର୍ପଣ କରିଲେ ସେ' ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରନ୍ତି ବୋଲି କହିଛନ୍ତି । ସେହିପରି ଭକ୍ତ ତାଙ୍କରି ଉପାସନା ନିମନ୍ତେ କୌଣସି ନୂତନ ଉଦ୍ଯୋଗ ବା ବିଶେଷ ପ୍ରଯତ୍ନ କରିବାକୁ କହୁନାହାନ୍ତି । ମନୁଷ୍ୟ ପ୍ରତ୍ୟେକ କର୍ମ ଭଗବାନଙ୍କ ପ୍ରସନ୍ନତା ନିମନ୍ତେ ତାଙ୍କରି ଉପାସନା ବୋଲି ଗ୍ରହଣ କରିନେବାକୁ ହେବ । ସଂସାରର ସମସ୍ତ ସମ୍ବନ୍ଧ ଭିତରେ ଯେ' ନିଜ ଭିତରେ ଆତ୍ମା ଏବଂ ଜଗତ ଭିତରେ ପରମାତ୍ମାଙ୍କୁ ବିସ୍ମୃତ ହୋଇ ନ ଥାଏ, ସେ ଜୀବନର ଦିବ୍ୟତାକୁ ପ୍ରାପ୍ତ ହୋଇଥାଏ । ଭଗବାନ କହୁଛନ୍ତି; ହେ କୌନ୍ତେୟ ! ଯାହାକିଛି ସ୍ୱଭାବତଃ ବା ଶାସ୍ତ୍ରବିଧି ପାଳନ ଅନୁଯାୟୀ କର୍ତ୍ତବ୍ୟ କର୍ମ କରୁଛ, ସେହି ସବୁର 'ମୁଁ ହିଁ ଭୋକ୍ତା ବୋଲି ବିଚାର କରି ମୋତେ ଅର୍ପଣ କରିଦିଅ । ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରିଦେବାର ଅର୍ଥ ହେଲା, କର୍ମ ସହିତ 'ମୁଁ ଓ ମୋର' ସମ୍ବନ୍ଧ ତୁଟାଇ ଦେଇ ସମସ୍ତ କର୍ମ ଭଗବାନଙ୍କ ଇଚ୍ଛାରେ କରୁଛି ବୋଲି ଦୃଢତାର ସହିତ ମନରେ ପୋଷଣ କରିଲେ, କର୍ମର ପୂର୍ଣ୍ଣତା ପ୍ରାପ୍ତି ହୁଏ । ବିଭିନ୍ନ ବର୍ଣ୍ଣାଶ୍ରମ ଅନୁଯାୟୀ ଅର୍ଥ, କାମ, ଧର୍ମ ଏବଂ ମୋକ୍ଷ ନିମିତ୍ତ ବର୍ତ୍ତମାନର ପୁରୁଷାର୍ଥ ଏବଂ ପ୍ରାରବ୍ଧ କାରଣରୁ ସମସ୍ତ କ୍ରିୟାର- 'ମୁଁ ହିଁ ପ୍ରେରକ- 'ମୁଁ ହିଁ ନିର୍ବାହକ-'ମୁଁ ହିଁ ଭୋକ୍ତା- ସ୍ୱୀକାର କରି, କର୍ମ ଫଳକୁ ମୋରି ଉପରେ ଛାଡିଦିଅ । ଶରୀର ନିର୍ବାହ ନିମନ୍ତେ ଯେଉଁ ନିତ୍ୟ ଭୋଜନ, ତାହା ଅଧିଯଜ୍ଞ ରୂପରେ ମୋର ଅର୍ଚ୍ଚନା କରୁଛ ବୋଲି ମନରେ ଧାରଣ କର । ଯାହା ଶ୍ରୌତ ବା ସ୍ମାର୍ତ୍ତ ହୋମ କରୁଛ, ସେ ସବୁ ମୋରି ପ୍ରସନ୍ନତା ନିମନ୍ତେ କରୁଛ ଭାବି ଫଳ ଆଶାରୁ ବିରତ ରୁହ । ସ୍ୱର୍ଣ୍ଣ, ଅନ୍ନ, ଘୃତ ଆଦି ଯାହା ବ୍ରାହ୍ମଣ ମାନଙ୍କୁ ଦାନ କରିଥାଅ, ତାହା ମୋ'ଠାରେ ସମର୍ପଣ କରିଦିଅ ଅର୍ଥାତ୍ ଦାନଦେବା ପୁରୁଷ 'ମୁଁ' ଏବଂ ଦାନ ଗ୍ରହଣ କରିବା ବ୍ୟକ୍ତି ମଧ୍ୟ 'ମୁଁ' - ଏହି ଦୃଷ୍ଟିରେ ଦେଖ । ଦୈହିକ ଭାବରେ ଅନ୍ୟର କିଛି ସେବା ସହାୟତା କଲେ, ତାହା ସେହି ରୂପରେ ମୋରି ହିଁ ସେବା କରୁଛ ବୋଲି ମନରେ ବିଚାର କର । ଅନୁକୂଳ, ପ୍ରତିକୂଳ ପରିସ୍ଥିତିକୁ ପ୍ରସନ୍ନତା ପୂର୍ବକ ସହ୍ୟ କରିନେଇ, ତୀର୍ଥ, ବ୍ରତ, ଭଜନ, ଧ୍ୟାନ, ଜପ, କୀର୍ତ୍ତନ ଆଦି ସମସ୍ତ ପାରମାର୍ଥିକ କ୍ରିୟା ମୋତେ ପ୍ରାପ୍ତି ନିମନ୍ତେ କରୁଛ ବୋଲି ଭାବି ଆତ୍ମ ତୃପ୍ତି ଲାଭ କର । ଜୀବ ଭଗବାନଙ୍କ ପ୍ରତିବିମ୍ବ । ଭଗବାନ ସ୍ୱଂୟ ବିମ୍ବ ଅର୍ଥାତ୍ ଏକ, ନିତ୍ୟ ଆଉ ବାସ୍ତବ । ଯାହା ଭଗବାନଙ୍କୁ ସମର୍ପଣ ହୋଇଥାଏ, ଅର୍ଥାତ୍ ବିମ୍ବକୁ ପ୍ରାପ୍ତି ହୁଏ , ତାହା ଜୀବ ରୂପକ ପ୍ରତିବିମ୍ବଠାରେ ମଧ୍ୟ ପ୍ରାପ୍ତ ହୁଏ । ତୁମେ ଜଗତକୁ ଯେଉଁ ଦୃଷ୍ଟିରେ ଦେଖିବ, ଜୀବନ ତୁମକୁ ତାହା ଦେଖାଯିବ- ଏହା ହେଉଛି ସଂସାରର ଅଧିନିୟମ । ତୁମେ ହସିଲେ, ଜଗତ ତୁମକୁ ହସାଇବ, ଜୀବନ ତୁମକୁ ବ୍ୟର୍ଥ ଅନୁଭବ ହେଲେ ଜଗତର ସମସ୍ତ ବିଫଳତା ତୁମ ପାଖରେ ଉପସ୍ଥିତ ହେବ । ସବୁକିଛି କର୍ମ କରିବାର ସ୍ୱତନ୍ତ୍ରତା ଭଗବାନ ମନୁଷ୍ୟକୁ ଦେଇଛନ୍ତି । କିନ୍ତୁ ଭକ୍ତ ଯେବେ ଭଗବାନ ପ୍ରଦତ୍ତ ସେହି ସ୍ୱତନ୍ତ୍ରତାକୁ ତାହାଙ୍କୁ ହିଁ ଅର୍ପଣ କରିଦିଏ, ତେବେ ସେ' ମଧ୍ୟ ନିଜର ଅଖଣ୍ଡ ସ୍ୱତନ୍ତ୍ରତାକୁ ଭକ୍ତ ନିକଟରେ ପ୍ରତ୍ୟାର୍ପଣ କରି ଦେଇଥାଆନ୍ତି । ଅର୍ଥାତ୍ ଭଗବାନ ଭକ୍ତର ଅଧୀନ ହୋଇଯାଇଥାଆନ୍ତି । 'ମୁଁ ଓ ମୋର'କୁ ପରିତ୍ୟାଗ କରି 'ତୁମେ ଓ ତୁମର' ବୋଲି ସ୍ୱୀକାର କରି ଶ୍ରଦ୍ଧାର ସହିତ ଯାହାର ବସ୍ତୁ ତାହାକୁ ପ୍ରଦାନ କରିବା ହେଉଛି ଅର୍ପଣ । ତ୍ୟାଗରେ ଅଭିମାନ

ଆସେ କିନ୍ତୁ ଅର୍ପଣରେ ଅଭିମାନ ନଥାଏ । ଭଗବଦର୍ପଣ ବୁଦ୍ଧିରେ କରୁଥିବା କର୍ମ ଅନ୍ତଃକରଣରେ ପାପ-ପୂଣ୍ୟ ଜାତ କରାଇ ନଥାଏ । ଭଗବାନଙ୍କୁ ମାଗିବା ପରିବର୍ତ୍ତେ ସବୁକିଛି ଦେଇଦେଇ ବଞ୍ଚିବାର ପ୍ରଚେଷ୍ଟାରେ ଅନ୍ତଃକରଣରୁ ସମସ୍ତ ନିମ୍ନ ସ୍ୱଭାବ ଦୂର ହୋଇ ଜୀବନ ଦିବ୍ୟତାର ରୂପ ନିଏ । ଯେପରି ବାଳକ ଯାହାକିଛି କରେ, ସେଥିରେ ମାଆ ପ୍ରସନ୍ନ ହୋଇଥାଏ । ଶରଣାଗତ ଭକ୍ତଙ୍କ ଭଗବାନ ପ୍ରତି ଆତ୍ମୀୟଭାବ ଥିବାରୁ, ଭକ୍ତର ପ୍ରତ୍ୟେକ କ୍ରିୟାରେ ଭଗବାନଙ୍କୁ ପ୍ରସନ୍ନତା ମିଳେ । ସ୍ୱାମୀ ଶିବାନନ୍ଦ ମହାରାଜା କହିଛନ୍ତି, "ସମୟ ଅପଚୟ କର ନାହିଁ । ଆଜିଠାରୁ, ଏହି ମୁହୂର୍ତ୍ତରୁ ଭଗବାନଙ୍କୁ ସମର୍ପିତ ହୋଇଯାଅ । ସମର୍ପିତ ହୋଇଗଲେ ସମସ୍ତ କର୍ମ, ସମସ୍ତ ପରିଣାମ, ସମସ୍ତ ଫଳ ଭଗବାନଙ୍କ ପାଖକୁ ଚାଲିଯାଇଥାଏ । ଭଗବାନ ଭିନ୍ନ ସ୍ୱତନ୍ତ୍ର ଜୀବନ ରହେନାହିଁ । ନଦୀ ଯେପରି ସାଗରରେ ମିଶିଗଲେ, ତାହାର ନାମ ଓ ସତ୍ତା ହରାଇଥାଏ, ସମର୍ପିତ ହୋଇଗଲେ ଜୀବାତ୍ମା ସେହିପରି ନାମ, ରୂପ, ଆକାରକୁ ପରିତ୍ୟାଗ କରି ପରମାତ୍ମା ସହିତ ଏକାକାର ହୋଇଯାଇଥାଏ ।" ଶ୍ରୀ ରାମକୃଷ୍ଣଦେବ କହିଛନ୍ତି; ହେ ମାଆ ! 'ମୁଁ' ଏକ ଯନ୍ତ୍ର; ତୁମେ ଏହାରି ପରିଚାଳକ । 'ମୁଁ' ହେଉଛି ବାସ, ତୁମେ ଏଥିରେ ଅନ୍ତଃବାସୀ । 'ମୁଁ' ରଥ; ତୁମେ ଏଥିରେ ରଥୀ । 'ମୁଁ' ଚାଲିଥାଏ, ତୁମେ ଯେପରି ଚଲାଇଥାଅ । 'ମୁଁ' କହିଥାଏ, ତୁମେ ଯେପରି ବତାଇଥାଅ । ମୋ ଦ୍ୱାରା ହେବା ସବୁ ତୁମର କରିବା । 'ମୁଁ' ନୁହେଁ; – 'ମୁଁ' ନୁହେଁ; ମାତ୍ର ତୁମେ ।" କର୍ମ ଆରମ୍ଭରେ ହେ ଭଗବନ୍ ! ନା 'ମୁଁ' କର୍ତ୍ତା, ନା ଏହା ମୋର- ଏହି ଭାବ ରଖି ଭଗବାନଙ୍କ ନାମକୁ ମନେ ମନେ ସ୍ମରଣ କରି "ଶ୍ରୀ କୃଷ୍ଣାର୍ପଣମ୍ ଅସ୍ତୁ" କହି କର୍ମ ସମାପ୍ତ କଲେ , କର୍ମ ଭଗବାନଙ୍କୁ ସମର୍ପିତ ହୋଇଯାଇଥାଏ ।

ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।
ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ॥୨୮॥

*ଅନ୍ୱୟ: ଏବଂ (ଏହିପରି ଭାବରେ) ଶୁଭ-ଅଶୁଭ-ଫଳୈଃ ( ସମସ୍ତ ଶୁଭ-ଅଶୁଭ ଫଳ ବିଶିଷ୍ଟ) କର୍ମବନ୍ଧନୈଃ (କର୍ମ ବନ୍ଧନରୁ ) ମୋକ୍ଷ୍ୟସେ (ମୁକ୍ତ ହୋଇଯିବ ) ସନ୍ନ୍ୟାସ-ଯୋଗ-ଯୁକ୍ତ-ଆତ୍ମା (ମୋଠାରେ କର୍ମଫଳ ସମର୍ପଣ ରୂପକ ଯୋଗ ଅର୍ଥାତ୍ ସମର୍ପଣ ଯୋଗରେ ଯୁକ୍ତ ହୋଇ) ବିମୁକ୍ତଃ (ମୁକ୍ତଗଣଙ୍କ ମଧ୍ୟରେ ବିଶିଷ୍ଟ ହୋଇ) ମାମ୍ (ମୋତେ) ଉପୈଷ୍ୟସି (ପ୍ରାପ୍ତ ହେବ ) ।*

**ଭାବାର୍ଥ**: ଉପର୍ଯ୍ୟୁକ୍ତ ତିନି ଶ୍ଳୋକରେ ଯୋଗେଶ୍ୱର ଶ୍ରୀକୃଷ୍ଣ କର୍ମଯୋଗ ଓ ଭକ୍ତିଯୋଗର ସମନ୍ୱୟରେ କ୍ରମବଦ୍ଧ ସାଧନ ଏବଂ ଏହାର ପରିଣାମ ଚିତ୍ରଣ କରିଛନ୍ତି । ପ୍ରଥମେ ପତ୍ର, ପୁଷ୍ପ, ଫଳ ଓ ଜଳର ପୂର୍ଣ୍ଣ ଶ୍ରଦ୍ଧାରେ ଅର୍ପଣ, ଦ୍ୱିତୀୟରେ ସମର୍ପିତ ହୋଇ କର୍ମର ଆଚରଣ ଏବଂ ତୃତୀୟରେ ପୂର୍ଣ୍ଣ ଆତ୍ମସମର୍ପଣ ସହିତ ସର୍ବସ୍ୱର ତ୍ୟାଗ । ଏହିପ୍ରକାରେ ଶାରୀରିକ, ବ୍ୟବାହାରିକ ଏବଂ ପାରମାର୍ଥିକ ଇତ୍ୟାଦି ଯାବତୀୟ କର୍ମ ମୋରିଠାରେ ଅର୍ପଣ କରିଦେଲେ, ସମସ୍ତ ଶୁଭାଶୁଭ ଫଳ ବିଶିଷ୍ଟ କର୍ମବନ୍ଧନରୁ ମନୁଷ୍ୟ ମୁକ୍ତ ହୋଇଯାଇଥାଏ । ସନ୍ନ୍ୟାସ ଅର୍ଥାତ୍ ସର୍ବ କର୍ମ ସମର୍ପଣ ରୂପକ ଯେଉଁ ଯୋଗ, ତହିଁରେ ଯୁକ୍ତ ହେଲେ ଅନ୍ତଃକରଣ ଶୁଦ୍ଧ ହେବାଦ୍ୱାରା କର୍ମ ବନ୍ଧନରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହୋଇପାରିବ । ଯେ ପର୍ଯ୍ୟନ୍ତ ଭୌତିକ ଶରୀର ରହିଛି, କାର୍ଯ୍ୟରୁ ବିରତ ରହିବା ସମ୍ଭବ ନୁହେଁ । କିନ୍ତୁ ଭୋଗ ବୁଦ୍ଧିରେ କର୍ମ ନ କରି ଈଶ୍ୱରାର୍ପଣ ବୁଦ୍ଧିରେ କର୍ମ କରିଲେ, କର୍ମର ଫଳ

ସୁଖ କିମ୍ବା ଦୁଃଖ, ଅନୁକୂଳ କିମ୍ବା ପ୍ରତିକୂଳ ଯାହା ହେଲେ ମଧ୍ୟ ତାହା ମନ ଓ ବୁଦ୍ଧିକୁ ତିଳେ ମାତ୍ର ପ୍ରଭାବିତ କରି ନଥାଏ । କାରଣ ଈଶ୍ୱରାର୍ପଣ କର୍ମର ଅନ୍ତରାଳରେ କୌଣସି ଆସକ୍ତି ଏବଂ ଭୋଗ ଇଚ୍ଛା ନରହି କର୍ତ୍ତବ୍ୟ ପରାୟଣତା ରହିଥାଏ । ସମର୍ପଣ ଯୋଗରେ କର୍ମ ପ୍ରବୃତ୍ତି ଓ କର୍ମ ନିବୃତ୍ତି ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥାଏ, ତାହାର ବିଲୁପ୍ତ ହୋଇଥାଏ । ଭଗବାନଙ୍କୁ କର୍ମ ଅର୍ପଣ ହେଉଛି ଅନ୍ତରଙ୍ଗ ପ୍ରକ୍ରିୟା । ଆତ୍ମ ଚୈତନ୍ୟ ବିନା, ଅନ୍ତର୍ଯାମୀଙ୍କ ପ୍ରେରଣା ବିନା ତ କୌଣସି କର୍ମ ହୋଇ ନଥାଏ । ସନ୍ୟାସ ଯୋଗରେ ଭକ୍ତ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିକୁ ଯଥାକ୍ରମେ ଭଗବାନଙ୍କ ଦୟା ଓ କୃପା ବିଧାନ ମାନି ଶ୍ରଦ୍ଧାର ସହିତ ଗ୍ରହଣ କରି ନେଇଥାଏ । ଏହିପରି ଦୟା ଓ କୃପା ପ୍ରଦାନ କରି ଭଗବାନ ଭକ୍ତକୁ ସବଳ ଓ ସହିଷ୍ଣୁ କରିଥାନ୍ତି । ଭକ୍ତ ସୁଖ-ଦୁଃଖ ଉଭୟ ପରିସ୍ଥିତିରେ ପ୍ରସନ୍ନ ରହିଥାଏ । ଜୀବାତ୍ମାର ଦେହାଭିମାନ ନଷ୍ଟ ନହେବା ପର୍ଯ୍ୟନ୍ତ ଶରୀର ସହିତ ସମ୍ବନ୍ଧ ଅବଶ୍ୟ ରହିଥାଏ ଏବଂ ନିଜପାଇଁ କର୍ମ କରିବାର ଧାରଣା ମନରୁ ଯାଇ ନଥାଏ । ପ୍ରଭୁଙ୍କ ଆଜ୍ଞା ପାଳନ ମନେକରି କର୍ମରୁ ନିଜର ସ୍ୱାର୍ଥ ତ୍ୟାଗ କରିବା ହେଲା କର୍ମ ଅର୍ପଣ ବା 'କର୍ମ-ନ୍ୟାସ' । ପ୍ରଭୁଙ୍କ ପ୍ରସନ୍ନତା ନିମନ୍ତେ ନିଷ୍ଠାର ସହିତ କର୍ମ କରିବାର ପ୍ରଚେଷ୍ଟା ହେଲା 'ଯୋଗ' । ଭଗବାନ କହିଥିବା 'ସନ୍ନ୍ୟାସ ଯୋଗ' ପଦରେ ସାଙ୍ଖ୍ୟମାନଙ୍କ ସନ୍ନ୍ୟାସ ଧର୍ମକୁ ସୂଚିତ କରାଯାଇନାହିଁ । ଏଠାରେ ସନ୍ନ୍ୟାସ ଯୋଗର ଅର୍ଥ 'ସମର୍ପଣ ଯୋଗ' । ସମର୍ପଣ ଯୋଗରେ ବସ୍ତୁ, ବ୍ୟକ୍ତି ଓ କର୍ମଫଳ ପ୍ରତି ଆସକ୍ତରୁ ନିବୃତ୍ତ ରହି ଭକ୍ତର କେବଳ ପ୍ରଭୁଙ୍କ ସହିତ ହିଁ ଆତ୍ମୀୟତା ରହିଥାଏ । ଭଗବଦ୍ ଆଜ୍ଞାନୁସାରେ କରାଯାଉଥିବା କର୍ମ ସର୍ବଦା ଶୁଭ ହିଁ ହୋଇଥାଏ । ଭଗବାନ କହିଥିବା ଶୁଭ-ଅଶୁଭ କର୍ମଫଳ ହେଉଛି ଅନନ୍ତ ଜନ୍ମ କୃତ ସଞ୍ଚିତ କର୍ମବୋଲି ଧରି ନିଆଯିବ । ପୂର୍ବ ଜନ୍ମମାନଙ୍କ ଯେଉଁ କର୍ମଫଳ ଭୋଗ ହୋଇ ନଥାଏ, ତାହା ସଞ୍ଚିତ କର୍ମ ରୂପେ ଅନ୍ତଃକରଣରେ ରହି, ମୁକ୍ତି ପ୍ରାପ୍ତ ନିମିତ୍ତ ପ୍ରତିବନ୍ଧକର କାରଣ ହୋଇଥାଏ । 'ସମର୍ପଣ ଯୋଗ' ଦ୍ୱାରା ଜନ୍ମ-ଜନ୍ମାନ୍ତରର ଶୁଭ-ଅଶୁଭ ଫଳ ବିଶିଷ୍ଟ କର୍ମ ବନ୍ଧନରୁ ଅନ୍ତଃକରଣ ମୁକ୍ତ ହୋଇ ଭଗବଦ୍ ପ୍ରାପ୍ତିର ମାର୍ଗ ଉନ୍ମୁକ୍ତ କରାଇଥାଏ । କର୍ମ ଈଶ୍ୱରାର୍ପଣ ଦ୍ୱାରା ପ୍ରାପ୍ତ ଭକ୍ତର ମୁକ୍ତିକୁ ବିଭିନ୍ନ ରୂପରେ ଗୀତା ଟୀକାକାର ମାନେ ବ୍ୟାଖ୍ୟା କରିଛନ୍ତି । ଭଗବାନଙ୍କ ପାଖରେ ପହଞ୍ଚିବା ହେଉଛି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ଏବଂ ସଂସାରକୁ ପୁନର୍ବାର ଲେଉଟି ନ ଆସିବା ହେଉଛି ଭଗବଦ୍ ପ୍ରାପ୍ତି । ଏଠାରେ ମୁକ୍ତି ଓ ପ୍ରାପ୍ତି ଗୋଟିଏ ଅନ୍ୟଟିର ପୂରକ । ଶ୍ରୀ ଅରବିନ୍ଦଙ୍କ 'ଗୀତା ରଚନା'ରେ କୁହାଯାଇଛି; "ସମ୍ପୂର୍ଣ୍ଣ ଆତ୍ମ ସମର୍ପଣରେ ଅନ୍ତଃକରଣରୁ ସମସ୍ତ କାମନା, ବାସନା, ଅହନ୍ତା ନଷ୍ଟ ହୋଇ ଯାଇଥାଏ । ଜୀବମ୍ତାର ଦେହାଭିମାନ ନଷ୍ଟହୋଇ ପରମାତ୍ମା ସହିତ ଏକ ଅଭେଦ ସ୍ଥିତି ଅନୁଭୂତ ହୋଇଥାଏ । ଜୀବତ୍ମାର ପୃଥଗତା ଚିତ୍ତରୁ ବିଲୁପ୍ତ ଘଟିବା ହେଉଛି ମୁକ୍ତି ।" ଜାତିର ପିତା ମହାତ୍ମା ଗାନ୍ଧୀ ଲେଖିଛନ୍ତି; "ସମର୍ପଣ ଯୋଗରେ ସମସ୍ତ ଇଚ୍ଛା, ସମସ୍ତ କର୍ମ ଓ ସମସ୍ତ କର୍ମଫଳ ପରମେଶ୍ୱରଙ୍କ ହୋଇ ଯାଇଥାଏ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭଗବାନଙ୍କୁ ଉତ୍ସର୍ଗିତ ଚିତ୍ତରେ ନିଃସ୍ୱାର୍ଥ ଭାବରେ ଯେ ସଂସାର ହିତ କାର୍ଯ୍ୟ କରିଥାଏ, ସେ ମୃତ୍ୟୁପରେ ଭଗବାନଙ୍କ ନିକଟକୁ ଚାଲି ଯାଇଥାଏ ଅର୍ଥାତ ତାହାରି ପୁନର୍ଜନ୍ମ ହୁଏନାହିଁ ।" ଶ୍ରୀ ଗୋପାଳ ତାପନୀ ଉପନିଷଦରେ କୁହାଯାଇଛି; ଶ୍ରୀକୃଷ୍ଣଙ୍କ ଭଜନ ହିଁ ଭକ୍ତି

। ଭକ୍ତିରେ ଲୌକିକ ଏବଂ ପରଲୌକିକ ଉପାଧି ଅର୍ଥାତ୍ ଫଳ କାମନାରୁ ବିରତ ରହି ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ ସିଧା ଭାବରେ ସମର୍ପିତ କର୍ମ ଏବଂ ତାହା ସନ୍ନ୍ୟାସ ଯୋଗ । ଯାହାର ଆତ୍ମା ଅର୍ଥାତ୍ ମନ ଏହି ଯୋଗରେ ଯୁକ୍ତ ସେ ଯୁକ୍ତାତ୍ମା । ଶରୀର ତ୍ୟାଗରେ ସେହି ଯୁକ୍ତାତ୍ମା ପୁରୁଷ ଭଗବାନଙ୍କ ପରମ ଧାମରେ ବିଶିଷ୍ଟ ଭକ୍ତ ଭାବରେ ପ୍ରବେଶ କରିଥାଏ । ଅର୍ଥାତ୍ ମୁକ୍ତ ପୁରୁଷମାନଙ୍କ ମଧ୍ୟରେ ଅଗ୍ରାଧିକାର ପ୍ରାପ୍ତହୋଇ ସାକ୍ଷାତ୍ ମୋରି ପରିଚର୍ଯ୍ୟା ନିମନ୍ତେ ସାନିଧ ପ୍ରାପ୍ତ ହୋଇଥାଏ । ନତୁବା ଏହି ଜନ୍ମରେ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ସାନ୍ନିଧ ଲାଭକରି ଜୀବନମୁକ୍ତ ଭାବରେ ସଂସାର କଲ୍ୟାଣରେ ସେବାରତ ହୋଇ ରହିବା ମଧ୍ୟ କର୍ମ ବନ୍ଧନରୁ ମୁକ୍ତ ହୋଇ ଭଗବାନଙ୍କୁ ପ୍ରାପ୍ତି ଅଟେ । ଏହି ପ୍ରକାର ମହାନ୍ ଭକ୍ତ ଶରୀର ଥିବା ପର୍ଯ୍ୟନ୍ତ ଜୀବନମୁକ୍ତ ଏବଂ ଶରୀର ତ୍ୟାଗରେ ବିଦେହମୁକ୍ତ ପ୍ରାପ୍ତ ହୋଇଥାଆନ୍ତି । ଶ୍ରୀ ଭଗବାନଙ୍କ ପ୍ରେମମୟୀ ସେବା ପ୍ରାପ୍ତ ହେବା ମୁକ୍ତିଠାରୁ ମଧ୍ୟ ଶ୍ରେଷ୍ଠ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି କି, ମୁକ୍ତ ଏବଂ ସିଦ୍ଧଗଣଙ୍କ ମଧ୍ୟରେ ନାରାୟଣ-ପରାୟଣ ପ୍ରଶାନ୍ତାତ୍ମା ଭକ୍ତ ଅତ୍ୟନ୍ତ ଦୁର୍ଲଭ ।

ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।
ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ॥୨୯॥

*ଅନ୍ୱୟ: ଅହମ୍ ( ମୁଁ ) ସର୍ବ ଭୂତେଷୁ (ସମସ୍ତ ଜୀବ ମାନଙ୍କ ଭିତରେ ) ସମଃ (ସମାନ ଭାବରେ ବ୍ୟାପ୍ତ ତଥା ସମଦର୍ଶୀ) ମେ (ମୋର) ନ ଦ୍ୱେଷ୍ୟଃ-ଅସ୍ତି (କାହା ପ୍ରତି ଦ୍ୱେଷାସ୍ପଦ ନାହିଁ ଅର୍ଥାତ୍ ମୋର କେହି ଅପ୍ରିୟ ନୁହନ୍ତି) ନ ପ୍ରିୟଃ (ଏବଂ କାହା ପ୍ରତି ପ୍ରେମାସ୍ପଦ ଅର୍ଥାତ୍ କେହି ପ୍ରିୟ ନୁହନ୍ତି ) ତୁ (କିନ୍ତୁ ) ଯେ (ଯେଉଁମାନେ ) ଭକ୍ତ୍ୟା (ଭକ୍ତି ପୂର୍ବକ) ମାମ୍ (ମୋତେ) ଭଜନ୍ତି (ଭଜନା କରନ୍ତି) ତେ (ସେମାନେ ) ମୟି (ମୋରିଠାରେ) ଚ ( ଓ) ଅହମ୍ (ମୁଁ) ଅପି (ମଧ୍ୟ) ତେଷୁ (ସେମାନଙ୍କ ଅନ୍ତରରେ ନିବାସ କରେ) ।*

**ଭାବାର୍ଥ**: ଭଗବାନ କହୁଛନ୍ତି; 'ମୁଁ ସମସ୍ତ ଜୀବ ପ୍ରତି ସମାନ ଅର୍ଥାତ୍ ବ୍ରହ୍ମାଙ୍କଠାରୁ ସ୍ତମ୍ବ ପର୍ଯ୍ୟନ୍ତ ସକଳ ପ୍ରାଣୀଙ୍କଠାରେ ଅନ୍ତର୍ଯାମୀ ରୂପେ ସମାନ ଭାବରେ ବ୍ୟାପ୍ତ । ଜଗତ ପିତା ଭାବରେ 'ମୁଁ ସମଦର୍ଶୀ ଏବଂ ମୋ'ଠାରେ ଦେବ, ଦାନବ, ମନୁଷ୍ୟ, ପଶୁ, ଇତରପ୍ରାଣୀ, ଆଦି ଭିନ୍ନ ଭିନ୍ନ ଜନ୍ମ, ନାମ ଓ ରୂପକୁ ନେଇ ପକ୍ଷପାତିତା ନାହିଁ । ମୋର କେହି ଦ୍ୱେଷାସ୍ପଦ ଅର୍ଥାତ୍ ଅପ୍ରିୟ ହୋଇ ନ ଥାନ୍ତି କି, ମୋର କେହି ପ୍ରେମାସ୍ପଦ ଅର୍ଥାତ୍ ପ୍ରିୟ ହୋଇ ନଥାନ୍ତି । କିନ୍ତୁ ଯେଉଁମାନେ ମତେ ଭକ୍ତି ପୂର୍ବକ ଭଜନା କରନ୍ତି ଅର୍ଥାତ୍ ଯେ ମୋର ଅନନ୍ୟ ଭକ୍ତ, ସେହିମାନେ ମୋର ଆଧାର ଉପରେ ରହିଥାନ୍ତି । ଏହି କାରଣରୁ 'ମୁଁ ମଧ୍ୟ ସେମାନଙ୍କର ଅନ୍ତରରେ ବିଶେଷ ରୂପେ ବିରାଜ କରେ । 'ମୁଁ ଯଦି କାହା ସହିତ ସମ୍ବନ୍ଧିତ ହୋଇ ରହିଥାଏ, ତାହାହେଲେ ଭକ୍ତ ସହିତ ହିଁ ମୋର ଏକମାତ୍ର ସମ୍ବନ୍ଧ । 'ମୁଁ ଭକ୍ତର ହୃଦୟ ଭିତରେ ଅଧିଷ୍ଠାନ ରୂପରେ, ପ୍ରକାଶକ ରୂପରେ, ଅନ୍ତର୍ଯାମୀ ରୂପରେ ପରିପୂର୍ଣ୍ଣ ହୋଇ ରହିଥାଏ ଏବଂ ଭକ୍ତ ମଧ୍ୟ ପିତା ରୂପରେ, ମାତା ରୂପରେ, ସଖା ରୂପରେ, ପୁତ୍ର ରୂପରେ, କିଛି ନ ହେଲେ ଆତ୍ମା ରୂପରେ ମୋତେ ହିଁ ନିଜ ହୃଦୟରେ ଧାରଣ କରି ଥାଏ । କହିବାକୁ ଗଲେ, ଭକ୍ତ ଓ ମୋରି ଭିତରେ ସମ୍ବନ୍ଧ ମଧ୍ୟ ଅନନ୍ୟ ହୋଇଥାଏ । ଭଗବାନ ଶ୍ଲୋକର

ପ୍ରଥମାର୍ଦ୍ଧରେ ନିଜର ସମଦର୍ଶୀତା ଓ ଅଣ-ପକ୍ଷପାତିତା ସ୍ୱଭାବ କହି, ଦ୍ୱିତୀୟାର୍ଦ୍ଧରେ ପ୍ରେମାସ୍ପଦ ସହ ଭକ୍ତ ନିକଟରେ ବିଶେଷ ଭାବରେ ପ୍ରକଟିତ ହେବାର କହିବା, ନିଜର ନିର୍ବିକାର-ସମଦର୍ଶୀତା ସ୍ୱଭାବର ବିରୋଧାଭାସ ନୁହେଁ କି ? ଏହିକଥା ମଧ୍ୟ ମନରେ ପ୍ରଶ୍ନ ଆସେ ଯେ, ଯଦି କେବଳ ଭକ୍ତର ହୃଦୟରେ ଭଗବାନ ରହିଥାନ୍ତି ଏବଂ ଭଗବାନଙ୍କଠାରେ ଭକ୍ତ ରହିଥାଏ, ତାହା ହେଲେ ସଂସାରରେ ଯେତେ ଅଭକ୍ତ ଅଛନ୍ତି, ସେମାନଙ୍କର ଆଧାର କିଏ ? ଏହାର ସମାଧାନ ହେଲା, ଭଗବାନଙ୍କଠାରେ ସମସ୍ତ ଜଗତ ରହିଛି ଏବଂ ଭଗବାନ ସମସ୍ତ ଜଗତ ମଧ୍ୟରେ ରହିଛନ୍ତି । "ଭଗବାନ ସମସ୍ତଙ୍କ ହୃଦୟରେ ବିରାଜମାନ - ସମସ୍ତେ ତାଙ୍କରି ସନ୍ତାନ ଏବଂ ତାଙ୍କରି ଠାରେ ଆଶ୍ରିତ"- ଏହା ଭଗବାନଙ୍କ ବାସ୍ତବ ସ୍ୱରୂପ । ଜୀବ ଭିତରେ ଯେ ଈଶ୍ୱରବିଶ୍ୱାସୀ, ସେ ଭଗବାନଙ୍କ ଏହି ବାସ୍ତବ ସ୍ୱରୂପକୁ ଅନୁଭବ କରି ଯେଉଁପରି ଭାବରେ ଭଗବାନଙ୍କ ପ୍ରତି ଆସକ୍ତ ରହେ, ଭଗବାନ ମଧ୍ୟ ସେହି ପ୍ରକାରେ ତା ପ୍ରତି ଆସକ୍ତ ରହିଥାନ୍ତି । ଯେଉଁ ମନୁଷ୍ୟ ସଂସାର ଅଭିମୁଖୀ ରହିଥାଏ, ଭଗବାନ ହୃଦୟରେ ଥିଲେ ମଧ୍ୟ ସେଥି ପ୍ରତି ବିଶ୍ୱାସ ନଥାଏ । ଯଦି କେବେ କୌଣସି ଆପଦ କାଳରୁ ରକ୍ଷାପାଇ ଭଗବାନଙ୍କ ପ୍ରତି ବିଶ୍ୱାସ ଜନ୍ମିଥାଏ, ବିପଦ ଟଳି ଗଲାପରେ ଭଗବାନଙ୍କ ପ୍ରତି ଆଉ ମହତ୍ତ୍ୱ ନଥାଏ କି ଧ୍ୟାନ ନଥାଏ । ଭଗବାନଙ୍କ ଦୟାରୁ ଭରଣ, ପୋଷଣ ଓ ସଂଚାଳନ ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଥିଲେ ମଧ୍ୟ, ବସ୍ତୁବାଦୀ ମନୁଷ୍ୟ ତାହାକୁ ସ୍ୱୀକାର କରିନଥାଏ । ବରଂ ସମସ୍ତ ସଞ୍ଚାଳନର କାରଣ ସେ ନିଜେ ବୋଲି କହି ନିଜକୁ ସ୍ୱତନ୍ତ୍ର ମାନିଥାଏ । ଆଚାର୍ଯ୍ୟ ଶଙ୍କର ତତ୍କୃତ ଭାଷ୍ୟରେ କହିଛନ୍ତି : ମୋର ସ୍ୱଭାବ ଅଗ୍ନି ସାଦୃଶ୍ୟ । ଅଗ୍ନି ଯେପରି ଦୂରରେ ରହିଥିବା ବ୍ୟକ୍ତିର ଶୀତକୁ ହରଣ କରିପାରି ନ ଥାଏ ଏବଂ ସମୀପରେ ସମ୍ମୁଖ ରହିଥିବା ବ୍ୟକ୍ତିଟି ଅଗ୍ନିଙ୍କ ତାପ ଓ ତେଜକୁ ପ୍ରାପ୍ତ ହୋଇଥାଏ, ସେହିପରି ମୋର ଅନୁଗ୍ରହକୁ ମୋର ଭକ୍ତ ଜାଣି ପାରିଥାଏ । ଯେ ମୋତେ ସ୍ୱୀକାର କରି ନ ଥାଏ, ସେ ମୋର ପ୍ରଭାବ ଓ ଉପସ୍ଥିତିକୁ ବୁଝି ପାରେନାହିଁ । ପ୍ରତ୍ୟେକ ଜୀବ ଭଗବାନଙ୍କଠାରେ ଆଶ୍ରିତ ଏବଂ ଜୀବର ଯାହା କିଛି ଆବଶ୍ୟକତା ଅତି ଉଦାର ଭାବରେ ଭଗବାନ ହିଁ ପୂରଣ କରିଥାନ୍ତି । ପ୍ରଭେଦ ଏତିକି; ଭକ୍ତଲୋକ ତାହା ବୁଝିପାରି ଦିବ୍ୟାନନ୍ଦ ପ୍ରାପ୍ତ ହୋଇଥାଏ, ମୂଢଲୋକ ନିଜକୁ କର୍ତ୍ତା, ଭୋକ୍ତା, ଫଳଦାତା ମନେକରି ଦୁଃଖ ଯନ୍ତ୍ରଣା ପାଇ ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲୁଥାଏ । ସୂର୍ଯ୍ୟ ଯେପରି ଦର୍ପଣ ଭଳି ସ୍ୱଚ୍ଛ ପଦାର୍ଥରେ ହିଁ ପ୍ରତିବିମ୍ବିତ ହୋଇଥାନ୍ତି ଏବଂ କୌଣସି କାଠ କିମ୍ବା ପଥର ଉପରେ ପ୍ରତିଫଳିତ ନ ହେବା ସୂର୍ଯ୍ୟଙ୍କ ବିସମତା ହୋଇ ନ ଥାଏ । ସେହିପରି ଭଗବାନଙ୍କ ସ୍ୱରୂପ ଭକ୍ତର ଶୁଦ୍ଧ ହୃଦୟରେ ପ୍ରତିଫଳିତ ହୋଇଥାଏ ଏବଂ ଭକ୍ତକୁ ହିଁ ଭଗବାନ ମିଳିଥାନ୍ତି । ଏଥିରେ ଭଗବାନଙ୍କ ବିସମତା ନଥାଏ, ବରଂ ତାହା ଭକ୍ତିର ମହିମା । ବିଷମତା ଭଗବାନ କରନ୍ତି ନାହିଁ, ଜୀବ କରେ । ବନ୍ଧନ ଓ ମୁକ୍ତି ଜୀବର ହୁଏ, ଭଗବାନଙ୍କ ନୁହେଁ । ଭଗବାନ ସର୍ବଦା ଯଥାବତ୍ ସତ୍ୟ ସ୍ୱରୂପ ଅଟନ୍ତି । ଶୁଦ୍ଧ ଅନ୍ତଃକରଣ ଯୁକ୍ତ ଭକ୍ତ ଓ ଭଗବାନ, ଉଭୟେ ଚେତନଶୀଳ ଏବଂ ଅଂଶ-ଅଂଶୀ ରୂପରେ ଏକତତ୍ତ୍ୱ ବିଶିଷ୍ଟ । ତେଣୁ ଉଭୟଙ୍କ ମଧ୍ୟରେ ପରସ୍ପର ସାପେକ୍ଷ ସମ୍ବନ୍ଧ ସମାନ ଭାବରେ କ୍ରିୟାଶୀଳ ହୋଇଥାଏ । ଭଗବାନ ଚତୁର୍ଥ ଅଧ୍ୟାୟରେ ଆଗରୁ କହିଛନ୍ତି; **"ଯେ ଯଥା ମାଂ**

**ପ୍ରପଦ୍ୟନ୍ତେ ତାଂ ସ୍ତଥୈବା ଭଜାମ୍ୟହମ୍"** ଅର୍ଥାତ୍ ଯିଏ ଯେଉଁ ଭାବରେ, ଯେଉଁ ପରିମାଣରେ ମୋରି ଶରଣ ଗ୍ରହଣ କରେ, ମୁଁ ମଧ୍ୟ ସେହି ଭାବରେ ଏବଂ ସେହି ପରିମାଣରେ ତାହାର ଯତ୍ନ ନେଇଥାଏ । ଭକ୍ତର ରକ୍ଷା ନିମିତ୍ତ ଭଗବାନ ମଧ୍ୟ ବିଶେଷ ରୂପରେ ପ୍ରକଟିତ ହୋଇଥାନ୍ତି । ଭକ୍ତକୁ ନିଜ ହୃଦୟରେ ଭଗବାନ ବିଶେଷ ରୂପରେ ଧାରଣ କରିବା ଏବଂ ଭକ୍ତର ହୃଦୟରେ ସ୍ୱୟଂ ପ୍ରତ୍ୟକ୍ଷ ରୂପରେ ନିବାସ କରିବା ଭକ୍ତର ଅନନ୍ୟ ଭକ୍ତି କାରଣରୁ ହୋଇଥାଏ । ମାଟିତଳେ ଜଳ ବ୍ୟାପ୍ତ ହୋଇ ରହିଥିଲେ ମଧ୍ୟ କୂଅରେ ବିଶେଷ ରୂପରେ ଆବରଣ ମୁକ୍ତ ହୋଇ ଦେଖାଯାଇଥାଏ । ସେହିପରି ସାରା ସଂସାରରେ ଭଗବାନ ପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ, ଭକ୍ତଠାରେ ବିଶେଷ ରୂପେ ପ୍ରକଟିତ ହୋଇଥାନ୍ତି । ଭଗବାନଙ୍କ ବ୍ୟାପକତା, ପ୍ରିୟତ୍ୱ, କୃପା, ଆତ୍ମୀୟତା ସବୁ ପ୍ରାଣୀଙ୍କ ପାଇଁ ସମାନ । କିନ୍ତୁ ଭକ୍ତର ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ କାରଣରୁ, ଭଗବତ୍ କୃପା ବଳରେ ସେମାନଙ୍କ ଠାରେ ଏହି ବିଶେଷତା ଆସେ, ଯାହା ଭଗବତ୍ ପ୍ରଦତ୍ତ । ମୋରି ଭକ୍ତକୁ ଯେ ଶତ୍ରୁ ମାନି ଥାଏ, ସେ ମଧ୍ୟ ମୋରି ଶତ୍ରୁ ହୋଇଥାଏ । କାରଣ ମୋର ଓ ଭକ୍ତ ମଧ୍ୟରେ କୌଣସି ଅନ୍ତର ନାହିଁ । ଏହି ପ୍ରକାର ଭଗବାନଙ୍କ ଭକ୍ତ ବତ୍ସଳତା ପ୍ରହ୍ଲାଦ, ଗଜେନ୍ଦ୍ର, ଦ୍ରୌପଦୀ ଭଳି ଭକ୍ତ ନିକଟରେ ପ୍ରତିପାଦିତ ହୋଇଅଛି । ଯେଉଁ ମନୁଷ୍ୟ ଶ୍ରବଣ-କୀର୍ତ୍ତନ ଆଦି ଭକ୍ତି ଅଙ୍ଗ(ନବଧା ଭକ୍ତି) ସମୂହକୁ ପାଳନ ଦ୍ୱାରା ପରମ ଅନୁରକ୍ତ ହୋଇ ଭଜନକରି ମୋ'ଠାରେ ଅବସ୍ଥିତ ହୋଇଥାଏ, "ସର୍ବେଶ୍ୱରେଶ୍ୱର –ମୁଁ" ମଧ୍ୟ ଭକ୍ତି ପୂର୍ବକ ତାହାରି ପାଖରେ ବର୍ତ୍ତମାନ ହୋଇଥାଏ । ଭକ୍ତ ଓ ଭଗବାନଙ୍କ ପ୍ରେମର ଏହା ହିଁ ବୈଶିଷ୍ଟ୍ୟ । ଭଗବାନ ଓ ଭକ୍ତର ପରସ୍ପର ସାପେକ୍ଷ ଭାବକୁ କର୍ମଫଳ ବୋଲି ମନେ କରିବା ଉଚିତ ନୁହେଁ । କାରଣ ଭକ୍ତ ଓ ଭଗବାନଙ୍କ ସମ୍ବନ୍ଧ କର୍ମରୁ ଅତୀତ ଏକ ଦିବ୍ୟ ଅବସ୍ଥା ଏବଂ ଦିବ୍ୟ ସ୍ତରର ଯେଉଁଥିରେ ଦିବ୍ୟ ପ୍ରେମ ହିଁ ଏକମାତ୍ର ମାଧ୍ୟମ ହୋଇଥାଏ । ଭକ୍ତର ମନରୁ ଭଗବାନ ବିସ୍ମୃତ ହୋଇ ନ ଥାନ୍ତି କି, ଭଗବାନ ମଧ୍ୟ ଭକ୍ତକୁ କେବେ ନିଜ ପାଖରୁ ଅନ୍ତର କରି ନ ଥାନ୍ତି । ଯେ, ଅଭକ୍ତ ତାକୁ ମଧ୍ୟ ଭଗବାନ କେବେ ଭୁଲି ନଥାନ୍ତି, ଯେପରି ପିତା ବାଟବଣା ପୁତ୍ରର ହିଁ ଅତିଶୟ ଯତ୍ନ ନେଇଥାଏ । ଅଭକ୍ତକୁ ବୋଧ ହେଉ ନଥିଲେ ମଧ୍ୟ, ଭଗବାନ ତାହାର ଅନ୍ତିମ ହିତକାଂକ୍ଷୀ ଭାବରେ ଏପରି ମାର୍ଗ ନିର୍ମିତ କରିଥାନ୍ତି, ଅନ୍ତରେ ସେ ସେହି ମାର୍ଗକୁ ଅନୁସରଣ କରି ତାଙ୍କରି ଶରଣରେ ଆସିଯାଏ ।

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍
ସାଧୁରେବ ସ ମନ୍ତବ୍ୟଃ ସମ୍ୟକ୍ ବ୍ୟବସିତୋ ହି ସଃ॥୩୦॥

*ଅନ୍ୱୟ : ସୁଦୁରାଚାରଃ ଅପି (ବିଶେଷ ଭାବରେ ଦୁରାଚାରୀ ବ୍ୟକ୍ତି ମଧ୍ୟ) ଚେତ୍ (ଯଦି) ଅନନ୍ୟବାକ୍ (ଅନନ୍ୟ ଭଜନ ପରାୟଣ ହୋଇ) ମାମ୍ (ମୋତେ) ଭଜତେ (ଭଜନା କରେ) ସଃ ( ତେବେ ସେ ) ସାଧୁଃ ଏବ ମନ୍ତବ୍ୟଃ (ସାଧୁ ହିଁ ମାନିବା ଯୋଗ୍ୟ ) ହି (ଯେହେତୁ ) ସଃ (ସେ ) ସମ୍ୟକ୍ ବ୍ୟବସିତଃ ( ନିଷ୍ଚୟାତ୍ମିକ ବୁଦ୍ଧି-ଜ୍ଞାନ ସମ୍ପନ୍ନ ) ।*

**ଭାବାର୍ଥ:** ବିଶେଷ ରୂପରେ ଦୁରାଚାରୀ ବ୍ୟକ୍ତି ମଧ୍ୟ ଯଦି ଅନନ୍ୟ ପରାୟଣ ହୋଇ ମୋତେ ଭଜନା କରେ, ସେ ସାଧୁ ହିଁ ମାନିବା ଯୋଗ୍ୟ । ଭଗବାନ ଏଠାରେ ଭକ୍ତିର ପରାକାଷ୍ଠା ଓ ଗାରିମା ବ୍ୟକ୍ତ କରିଛନ୍ତି ।

ଭକ୍ତି ମାର୍ଗରେ ଆରୂଢ ହେବା ପୂର୍ବରୁ ପ୍ରତ୍ୟେକ ଭକ୍ତର ଅଲଗା ଅଲଗା ଅନୁଭୂତି ରହିଥାଏ । ଜଣେ ମାହାତ୍ମା କହିଛନ୍ତି; ଶ୍ରୀ ଭଗବାନଙ୍କ ପ୍ରତି ଭକ୍ତି, ପରଶ-ପଥର ସାଦୃଶ୍ୟ । ପରଶ ପଥର ସ୍ପର୍ଶରେ ଯେ କୌଣସି ବସ୍ତୁ ଇପ୍ସିତ ବସ୍ତୁ ପାଲଟି ଯାଇଥାଏ । ଭଗବତ୍ ଭକ୍ତିର ସ୍ପର୍ଶରେ ଜୀବନ ପରିବର୍ତ୍ତିତ ହୋଇଯାଏ । ପୂର୍ବ ଶୁଭସଂସ୍କାର, ଭଗବତ୍ ଭାବମୟ ବାତାବରଣ କିମ୍ବା ମହାତ୍ମା ପୁରୁଷଙ୍କ ସତ୍-ସଙ୍ଗରେ ଭଗବାନଙ୍କ ଗୁଣ, ପ୍ରଭାବ, ଲୀଳା ଓ ସ୍ୱରୂପ ରହସ୍ୟକୁ ଶ୍ରବଣ କରି, ଅତି ଦୁଷ୍କୃତି ପରାୟଣ ବ୍ୟକ୍ତି ମଧ୍ୟ "ଭଗବାନ ହିଁ ସର୍ବସ୍ୱ ଏବଂ ତାଙ୍କ ଅତିରିକ୍ତ ଅନ୍ୟ କିଛିର ସତ୍ତା ହିଁ ନାହିଁ" ଏହିପରି ନିଶ୍ଚୟାତ୍ମିକ ଜ୍ଞାନ ସମ୍ପନ୍ନ ହୋଇ ଭଗବାନଙ୍କ ପ୍ରତି ଶ୍ରଦ୍ଧା ପ୍ରକଟ କରିଥାଆନ୍ତି । ଅତ୍ୟନ୍ତ ଦୂରାଚାରୀ ମଧ୍ୟ ଅନନ୍ୟ ଚିତ୍ତରେ ମୋ ଭଜନାରେ ପ୍ରଯତ୍ନଶୀଳ ହୋଇ. ପରିଶେଷରେ ଅନନ୍ୟ ଭକ୍ତ ଭାବରେ ଭଗବାନଙ୍କ ସାନ୍ନିଧ୍ୟ ପ୍ରାପ୍ତହୋଇ, ସେବାରତ ରହି ପରମାନନ୍ଦ ପ୍ରାପ୍ତ ହୁଅନ୍ତି । ଭଗବାନ କହୁଛନ୍ତି; ଭଗବତ୍ ବିଚାର ବର୍ତ୍ତମାନ ବୁଦ୍ଧିରେ ଅବସ୍ଥାନ କରୁଥିବା ଏହି ବ୍ୟକ୍ତି ମାନଙ୍କୁ ସେମାନଙ୍କ ପୂର୍ବ ଦୁରାଚାର ପ୍ରବୃତ୍ତି କାରଣରୁ ନୀଚ ଦୃଷ୍ଟିରେ ନ ଦେଖି ସାଧୁ ରୂପେ ମାନି ନେବା-ଏହା ମୋର ଆଜ୍ଞା । ଭଗବାନ କହିଥିବା ଉକ୍ତିରେ ତିନୋଟି ସମ୍ଭାବ୍ୟ ସ୍ଥିତି ରହିଅଛି । ପ୍ରଥମେ, କେହି ବ୍ୟକ୍ତି ଏହି ଜୀବନ ଦଶାରେ, କିଛି କାଳ ହିଂସାପରାୟଣ, ଚୋରୀ ଓ ପର ସ୍ତ୍ରୀ ଧର୍ଷଣ ଭଳି ଅତି ଗୁରୁତରେ ପାପ କର୍ମରେ ଲିପ୍ତ ହୋଇ ରହି, ପରେ କୌଣସି ଏକ ବିଶେଷ କାରଣରୁ ଭଗବତ୍ ପରାୟଣ ହୋଇଥାଏ । ଯେପରି କି, ପ୍ରାଚୀନ କାଳରେ ବାଲ୍ମୀକି ଆଦି ଏବଂ ବର୍ତ୍ତମାନ ଯୁଗରେ ତୁଳସୀ ଦାସ, ସୁରଦାସଙ୍କ ଭଳି ଭକ୍ତଙ୍କ କଥା ମଧ୍ୟ ପ୍ରସିଦ୍ଧ । ଟିକିଏ ସଙ୍କେତ ପ୍ରାପ୍ତ ମାତ୍ରେ ତାଙ୍କରି ଚିତ୍ତବୃତ୍ତି ପରିବର୍ତ୍ତନ ହୋଇ ସେହିମାନେ ଭଗବାନଙ୍କ ପରମ ଭକ୍ତ ହୋଇ ଯାଇଥିଲେ । ଅନ୍ୟ ଏକ ସ୍ଥିତି ହେଲା, ପାପାଚାରୀ ହୋଇଥିଲେ ମଧ୍ୟ କୌଣସି ଏକ କାରଣରୁ ଅନ୍ତଃକରଣରେ ଭଗବତ୍ ବିଶ୍ୱାସ ଉଦ୍ରେଗ ହୋଇ, ସେହି ମୁହୂର୍ତ୍ତରୁ ହିଁ ସମସ୍ତ ପାପ ପ୍ରବୃତ୍ତି ତ୍ୟାଗ ନିମନ୍ତେ ଦୃଢ ସଂକଳ୍ପ କରିଥାନ୍ତି । ଦୁରାଚାରକୁ ତ୍ୟାଗର ଇଚ୍ଛା ଥାଇ ପାପ କାର୍ଯ୍ୟରୁ ନିବୃତ୍ତି ନିମନ୍ତେ ସର୍ବଦା ଚେଷ୍ଟିତ ରହିଥିବା ସତ୍ତ୍ୱେ, ପୂର୍ବାଭ୍ୟାସ କିମ୍ବା ସ୍ୱଭାବର କାରଣରୁ ଦୁରାଚାରକୁ ପୂର୍ଣ୍ଣତୟା ତ୍ୟାଗ କରିପାରି ନଥାନ୍ତି । ତୃତୀୟ ପ୍ରକାର ସ୍ଥିତି ହେଲା; ଭଗବାନଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରି ଅନନ୍ୟ ଭକ୍ତ ଭାବରେ ସିଦ୍ଧତା ପ୍ରାପ୍ତ ହୋଇଥିଲେ ମଧ୍ୟ, କର୍ମ ଫଳ ପ୍ରଭାବରୁ ହେଉ କିମ୍ବା ଆକସ୍ମିକ ଭାବରେ ସଂସାର ମାୟା ଜାଲରେ ପଡିଯାଇ ଭକ୍ତ ଅସଦାଚାର କାର୍ଯ୍ୟରେ ଲିପ୍ତ ହେବାର ଦେଖିବାକୁ ମିଳିଥାଏ । ଭଗବାନଙ୍କ ଉକ୍ତିର ତାତ୍ପର୍ଯ୍ୟ ହେଲା କି, ଉପରୋକ୍ତ ସମସ୍ତ ସମ୍ଭାବ୍ୟ ସ୍ଥିତିରେ ଭକ୍ତର ଅନ୍ତଃକରଣରେ- "ଭଗବାନ ହିଁ ଏକମାତ୍ର ପତିତପାବନ, ସର୍ବ ନିୟନ୍ତା, ପରମ ଆଶ୍ରୟଦାତା, ପରମ ଦୟାଳୁ ଏବଂ ତାଙ୍କରି ସାକ୍ଷାତ୍କାରରେ ସମସ୍ତ ପାପ ସମୂଳେ ନାଶ ହୋଇଥାଏ, ତାଙ୍କରି ପ୍ରାପ୍ତି ହିଁ ଜୀବନର ପରମ ଲକ୍ଷ୍ୟ"- ଏହି ସମସ୍ତ ସାଧୁଭାବାପନ୍ନ ବିଚାର ଅନ୍ତଃକରଣରେ ଅକ୍ଷତ ରହିଥାଏ । ଜଳ ଦୂଷିତ ଅବସ୍ଥାରେ ଥିଲେ ମଧ୍ୟ ଜଳର ଶୁଦ୍ଧ ମୌଳିକତା ନଷ୍ଟ ହୋଇ ନଥାଏ । ପରିଶ୍ରବଣ ପ୍ରକ୍ରିୟାରେ ଜଳର ଶୁଦ୍ଧତାକୁ ଫେରାଇ ଅଣାଯାଇ ପାରିଥାଏ । ତେଣୁ ଏହି ପ୍ରକାର ଅସ୍ଥାୟୀ ପତନ ନିଷ୍ପାପର ସାଧକକୁ ଅଯୋଗ୍ୟ କରି ନଥାଏ,

ଯେହେତୁ ସାଧକ ନିଶ୍ଚୟାତ୍ମିକ ବୁଦ୍ଧିରେ ନିଜର ସାଧୁ ଭାବାପନ୍ନ ଦ୍ୱାରା ଉଚିତ ମାର୍ଗକୁ ଖୁବ୍ ଶୀଘ୍ର ପ୍ରତ୍ୟାବର୍ତ୍ତନ କରିଥାଏ । କିନ୍ତୁ ଭଗବାନ କହିଥିବା ଉକ୍ତିକୁ ଏପରି ଅର୍ଥ ମାନିବା ବିଧେୟ ନୁହେଁ ଯେ, ପରମାତ୍ମାଙ୍କ ଆସ୍ଥା ପ୍ରକଟ କରୁଥିବା ଭକ୍ତ ସମସ୍ତ ପ୍ରକାର ଘୃଣିତ, ଅସାମାଜିକ କାର୍ଯ୍ୟ କରିଲେ ମଧ୍ୟ ଦୋଷାବହ ନୁହେଁ । କେତେକ କ୍ଷେତ୍ରରେ ମଧ୍ୟ ଅଜ୍ଞ ଲୋକମାନେ, ଉତ୍ତମ ଅଧିଷ୍ଠାନକାରୀ ଭକ୍ତମାନଙ୍କ ଆଚରଣକୁ ବୁଝି ନପାରି ନିଜର ଅଜ୍ଞତା କାରଣରୁ ସେମାନଙ୍କୁ ଦୁରାଚାର ଆଖ୍ୟା ଦେବାର ଦୃଷ୍ଟାନ୍ତ ସମାଜରେ ଦେଖିବାକୁ ମିଳେ । ପୂର୍ଣ୍ଣ ପ୍ରାଣରେ ଭଗବାନଙ୍କ ଦିବ୍ୟ ସେବାରେ ଲାଗି ରହିଲେ ହୃଦୟରେ ଅଧିଷ୍ଠାନ ହୋଇଥିବା ପରମାତ୍ମା ସମସ୍ତ ଦୋଷ କ୍ଷମା କରି ଦେଇଥାନ୍ତି । ଭଗବତ୍ ସାଧକର ଆକସ୍ମିକ ପତନ ନିମନ୍ତେ ତାହାର ଉପହାସ ବା ବିଦ୍ରୂପ କରିବା ଉଚିତ ନୁହେଁ । ଭକ୍ତି ମାର୍ଗରେ ମଧ୍ୟ ମାୟାର ବଳବତ୍ତା ରହିଥାଏ । କିନ୍ତୁ ଜ୍ଞାନ ମାର୍ଗ ଅପେକ୍ଷା ଭକ୍ତି ମାର୍ଗରେ ନିଜର ଦୋଷ ତ୍ରୁଟି ଶୀଘ୍ର ଭକ୍ତକୁ ବୋଧ ହୋଇ ଯାଇଥାଏ । ଜ୍ଞାନ ମାର୍ଗରେ ନିଜର ଦୋଷ ତ୍ରୁଟି ଅତି ସୂକ୍ଷ୍ମ ରୂପରେ ଅହଙ୍କାର ଦ୍ୱାରା ଆବୃତ୍ତ ରହିଥାଏ । ଅନନ୍ୟ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଟିକିଏ ମାତ୍ର ଅନାତ୍ମା ଭାବ ଆସିଲେ, ତାହା ଜ୍ଞାତ ହୋଇ ଏକନିଷ୍ଠ ଭାବକୁ ଫେରି ଆସିବାକୁ ଭକ୍ତ ପ୍ରଯତ୍ନ କରିଥାଏ ଏବଂ ଭଗବାନ ମଧ୍ୟ ସେଥି ନିମନ୍ତେ ଯଥାର୍ଥ ସୁଯୋଗ ପ୍ରାପ୍ତ କରାଇଥାନ୍ତି । ସତସଙ୍ଗ କିମ୍ବା ସ୍ୱାଧ୍ୟାୟ ବେଳେ ମନରେ ନିଶ୍ଚୟ ଆସିଥାଏ ଯେ, ଆଜିଠାରୁ କେବଳ ଭଗବାନଙ୍କ ହିଁ ଭଜନା ଓ ସ୍ମରଣ କରିବି, ସଂସାରର ଅନାତ୍ମ ବସ୍ତୁ ଉପରେ ମୁହୂର୍ତ୍ତେ ମଧ୍ୟ ଅପଚୟ କରିବି ନାହିଁ । କିନ୍ତୁ ସତସଙ୍ଗ କିମ୍ବା ସ୍ୱାଧ୍ୟାୟ ପରେ ସେହି ନିଶ୍ଚୟ କାର୍ଯ୍ୟକାରୀ ହୋଇ ନ ଥାଏ । ମନରେ ହୋଇଥିବା ନିଶ୍ଚୟ ଦୃଢ ହୋଇ ନଥାଏ । ଯେଉଁ ନିଶ୍ଚୟ ସ୍ୱୟଂରେ ହୋଇଥାଏ, ତାହା କେବେ ବିସ୍ମରଣ ହୁଏନାହିଁ । କୌଣସି କନ୍ୟା ବିବାହ ପରେ ସେ ସ୍ୱୟଂ ନିଶ୍ଚୟ କରିଥାଏ ଯେ, ଆଜିଠାରୁ 'ମୁଁ' ପତି ଗୃହର ହୋଇ ରହିବି । ସେହି ଦିନଠାରୁ ତାହାର ସମସ୍ତ କାର୍ଯ୍ୟକଳାପ ପତି ନିମନ୍ତେ ହିଁ ଉଦ୍ଦିଷ୍ଟ ହୋଇଥାଏ । ଏହି ନିଶ୍ଚୟ, ଆତ୍ମା ସ୍ତରରେ ହୋଇଥିବାରୁ ଏହାକୁ ମନେ ରଖିବାକୁ ପଡି ନଥାଏ । ଆତ୍ମା ଅହରହ ଚେତନଶୀଳ । ସେହିପରି ମନୁଷ୍ୟ ଯଦି ଥରେ ଆତ୍ମାର ସହିତ- "ଭଗବାନ ମୋ ପାଇଁ ସର୍ବସ୍ୱ, ମୋତେ କେବଳ ଭଗବାନଙ୍କ କର୍ମ ହିଁ କରିବାକୁ ହେବ"- ଏହିପରି ନିଶ୍ଚୟ କରିନିଏ, ଜୀବନ କାଳ ସେହି ନିଶ୍ଚୟ ଦୃଢ ହୋଇ ରହିଯାଏ । ଜୀବ ସୃଷ୍ଟି ହେବାଠାରୁ ପରମାତ୍ମାଙ୍କ ସ୍ୱରୂପରେ ଲୟ ହେବା ପର୍ଯ୍ୟନ୍ତ ଏକ ସୁଦୀର୍ଘ ଯାତ୍ରା । ଜୀବାତ୍ମାର ଏହି ଯାତ୍ରା କାଳରେ ପାପ ଓ ପୂଣ୍ୟ ଉଭୟ କର୍ମ-ପରିଣାମର ସମାପ୍ତରେ ହିଁ ସର୍ବଶେଷ ପରମ ତତ୍ତ୍ୱ ପ୍ରାପ୍ତ ହୋଇ ଥାଏ । ଯେଉଁ ଧର୍ମ ପାପୀକୁ ନିଜର କରି ନ ଥାଏ, ତଳେ ପଡିଯାଇଥିବା ଜୀବକୁ ଉଠାଇବାକୁ ସହାୟକ ହୋଇ ନ ଥାଏ, ଯେଉଁ ଧର୍ମ ବାଟବଣାକୁ ରାସ୍ତା ବତାଇ ପାରି ନଥାଏ, ତାହା ବାସ୍ତବ ଅର୍ଥରେ ଧର୍ମ ହୋଇ ନଥାଏ । ସେହିପରି ଯାହା ପାଖରେ ପୂଣ୍ୟର ପୁଞ୍ଜି ନାହିଁ, ଶାସ୍ତ୍ରଜ୍ଞାନ କି ବିଧି ବିଧାନ ନାହିଁ, କୁଳ ପ୍ରତିଷ୍ଠା ନାହିଁ, ଧନ ଦ୍ରବ୍ୟାଦିର ଘୋର ଅଭାବ ରହିଛି, ଯାହା ପାଖରେ କେବଳ ପାପ ହିଁ ପାପ ରହିଛି, ତାହା ନିମନ୍ତେ ଭଗବାନ ହେଉଛନ୍ତି ମହାପତିତପାବନ । ସେ' ହାତ ବଢାଇ ରଖିଥାନ୍ତି ପାପୀର

ହାତକୁ ଧରି ଉଦ୍ଧାର କରିବା ପାଇଁ । ଜୀବକୁ କେବଳ ପ୍ରେମରେ ଖୋଜି ସେହି ହାତକୁ ପାଇବାକୁ ହେବ । ଭକ୍ତି ସଂକଳ୍ପ ପ୍ରଧାନ ନୁହେଁ, ଭକ୍ତି କ୍ରିୟା ପ୍ରଧାନ ନୁହେଁ, ଭକ୍ତି ହେଉଛି କେବଳ ଲକ୍ଷ୍ୟ ପ୍ରଧାନ । ଭଗବାନ ନିଶ୍ଚୟାତ୍ମିକ ବୁଦ୍ଧିକୁ ହିଁ ପ୍ରେମ କରିଥାନ୍ତି, ସାଧୁ କିମ୍ବା ପାପୀ ଶବ୍ଦକୁ ନୁହେଁ ।

କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।
କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ॥୩୧॥

*ଅନ୍ୱୟ: [ସଃ– ସେହି ଦୁରାଚାରୀ] କ୍ଷିପ୍ରଂ (ଖୁବ୍ ଶୀଘ୍ର) ଧର୍ମାତ୍ମା (ଧାର୍ମିକ ବା ସାଧୁପୁରୁଷ) ଭବତି ( ହୋଇ ଯାଆନ୍ତି ) ଚ ( ଏବଂ ) ଶଶ୍ୱତ୍ (ନିତ୍ୟ) ଶାନ୍ତିମ୍ (ଶାନ୍ତି) ନିଗଚ୍ଛତି (ଲାଭ କରନ୍ତି) କୌନ୍ତେୟ (ହେ କୁନ୍ତୀପୁତ୍ର ଅର୍ଜୁନ !) ମେ (ମୋର) ଭକ୍ତଃ (ନିତ୍ୟ ଉପାସକ) ନ ପ୍ରଣଶ୍ୟତି ( ବିନଷ୍ଟ ହୁଏନାହିଁ) ପ୍ରତିଜାନୀହି ( ଏହି ତତ୍ତ୍ୱକୁ ତୁମେ ପ୍ରତିଜ୍ଞା କରିନିଅ – ନିଃଶଙ୍କ ଚିତ୍ତରେ ଘୋଷଣା କର ଯେ, ମୋର ଭକ୍ତ ବିନଷ୍ଟ ହୁଏନାହିଁ ) ।*

**ଭାବାର୍ଥ**: ଅତ୍ୟନ୍ତ ଦୁରାଚାରୀ ବ୍ୟକ୍ତି ମଧ୍ୟ ମୋର ଉପାସନା କରି ଅତିଶୀଘ୍ର ଧର୍ମାତ୍ମା ହୋଇ, ପରମେଶ୍ୱରଙ୍କ ଠାରେ ନିଷ୍ଠାରୂପକ ନିତ୍ୟ ଶାନ୍ତି ଲାଭକରେ । କୁତର୍କ ପରାୟଣ ବ୍ୟକ୍ତିମାନେ ମୋର ଏହି ମତକୁ ଗ୍ରହଣ କରିବେ ନାହିଁ । ତେଣୁ ହେ ଅର୍ଜୁନ ! ତୁମେ ନିଃଶଙ୍କ ଚିତ୍ତରେ ଘୋଷଣା କର କି, ଯିଏ ମୋର ଅନନ୍ୟ ଭକ୍ତ ହୋଇସାରିଛି, ତାହାର କେବେ ପତନ ହୁଏ ନାହିଁ । ଏହି ଜନ୍ମଦଶାରେ ଅଧର୍ମ ଆଚରଣ ପଶ୍ଚାତ୍, ଅନୁତପ୍ତ ହୋଇବର୍ତ୍ତମାନ ପରମପୁରୁଷ ଭଗବାନଙ୍କ ଭଜନା କରୁଥିବାରୁ ବିଶୁଦ୍ଧକରଣ କ୍ରିୟା ତାରି ହୃଦୟରେ ସଂଘଟିତ ହେବାର ଆରମ୍ଭ ହୁଏ । ଭକ୍ତ ସର୍ବଦା ମୋରି ସମ୍ମୁଖୀନ ହୋଇ ରହୁଥିବାରୁ ପୁନଃ ଅସଦାଚାରଣ ବୃତ୍ତିରେ ମନ ଆସକ୍ତ ରହୁଥିଲେ ମଧ୍ୟ ତାହା କ୍ରମଶଃ ଉତ୍ଥାନ ହୋଇ ଆତ୍ମାଭିମୁଖୀ ହୁଏ ଏବଂ ନୀଚ ସ୍ତରକୁ କେବେ ଆଉ ଯାଇ ନ ଥାଏ । ସମ୍ପୂର୍ଣ୍ଣ ରୂପେ ଆତ୍ମ ସମର୍ପଣ ହୋଇ ଗଲାପରେ ସମସ୍ତ ପାପ କର୍ମର ପ୍ରତିକ୍ରିୟା ସ୍ୱାଭାବିକ ରୂପେ ଧୋଇ ହୋଇଯାଏ । "ହାୟ ହାୟ – ଭକ୍ତିର ନାମକୁ କଳଙ୍କିତ କରୁଥିବା 'ମୁଁ' ଯେପରି ଅନ୍ୟ ଆଉ କେହି ଅଧମ ଜଗତରେ ନାହିଁ । ଏଣୁ ମୋତେ ଧିକ୍କାର "- ଏହି ମର୍ମରେ ଅନୁତାପ କରି କରି ନିତ୍ୟ ଶାନ୍ତିକୁ ପ୍ରାପ୍ତ ହୁଏ । ଏହି ଜନ୍ମରେ ମୋତେ ପ୍ରାପ୍ତି ହେଲାନି ତ ଆଗ ଜନ୍ମରେ ସେହି ସାଧନ କରି ଶୀଘ୍ର ପରମ ଶାନ୍ତିକୁ ଲାଭକରେ । ବିଲ୍ୱମଙ୍ଗଳ ନାମକ ବ୍ରାହ୍ମଣ ଅତ୍ୟନ୍ତ ଦୁରାଚାରୀ ଥିଲା । ପିତୃ ଶ୍ରାଦ୍ଧ ଭଳି ପବିତ୍ର ଦିବସରେ ଘନ ଅନ୍ଧକାର ବର୍ଷା ରାତ୍ରିରେ ଜୀବନକୁ ବିପନ୍ନକରି, ମୁର୍ଦ୍ଦାର ଆଉ ସର୍ପର ସହାୟତାରେ ନଦୀ ପାର ହୋଇ ଚିନ୍ତାମଣି ବେଶ୍ୟା ସୌଧରେ ପହଞ୍ଚିଥିଲା । ବିଲ୍ୱମଙ୍ଗଳକୁ ଦେଖି ଚିନ୍ତାମଣି କହିଥିଲା; ଆରେ ଅଧମ ବ୍ରାହ୍ମଣ ! ଆଜି ତୋର ପିତାର ଶ୍ରାଦ୍ଧ ଦିବସ । କିନ୍ତୁ, ତୁ ଏକ ପୂଜ, ରକ୍ତ, ମାଂସ ଶରୀର ପ୍ରତି ଯେତିକି ଆସକ୍ତ, ଯଦି ଏହି ପ୍ରକାରେ ସେହି ମନମୋହନ ଶ୍ୟାମସୁନ୍ଦର ପ୍ରତି ଆସକ୍ତ ହୋଇଥିଲେ ତାହାଙ୍କୁ ପାଇ ଅବଶ୍ୟ କୃତାର୍ଥ ହୋଇଥାନ୍ତୁ " । ଏହିପରି ଚିନ୍ତାମଣିଠାରୁ ଧିକ୍କାର ଶୁଣି ବିଲ୍ୱମଙ୍ଗଳର ହୃଦ-ତନ୍ତ୍ରୀ କେଉଁ ଏକ ଅଦୃଶ୍ୟ ଶକ୍ତିର ପ୍ରେରଣାରେ ଗୁଞ୍ଜରି ଉଠିଥିଲା । ବିବେକର ଅଗ୍ନି ପ୍ରଜ୍ୱଳିତ ହୋଇ ଅନ୍ତଃକରଣର ସମସ୍ତ ପାପ ନଷ୍ଟ ହୋଇଗଲା । ହୃଦୟରେ ଭଗବତ୍ ପ୍ରେମର ସମୁଦ୍ର ମାଡି ଆସିଲା । ବିଲ୍ୱମଙ୍ଗଳ ଚିନ୍ତାମଣିର ପାଦକୁ ଧରି କହିଥିଲା; "ହେ ମାତା ! ତୁମେ ଆଜି ମୋତେ ବିବେକ

ଦୃଷ୍ଟିଦେଇ କୃତାର୍ଥ କରିଦେଲ । ମନେ ମନେ ଚିନ୍ତାମଣିକୁ ଗୁରୁ ମାନି ପ୍ରଣାମ କଲା । ଏହାପରେ ଚିନ୍ତାମଣି ରାତିସାରା ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଗାଇ ଗାଇ ଶୁଣାଇଲା । ବିଲ୍ୱମଙ୍ଗଳ କୃଷ୍ଣବେଣୀ ନଦୀ ତଟରେ ରହୁଥିବା ମାହାତ୍ମା ସୋମଗିରିଙ୍କ ଠାରୁ ଗୋପାଳ-ମନ୍ତ୍ରରାଜ ଦୀକ୍ଷା ନେଇ ଭଗବାନଙ୍କ ଅନନ୍ୟ ଭକ୍ତ ହୋଇଗଲା । ଅବଶିଷ୍ଟ ଜୀବନ ଦଶାକାଳରେ ପୁନଃ ପତନ ହେବାଭଳି କାରଣର ସମ୍ମୁଖୀନ ହୋଇଥିଲେ ମଧ୍ୟ ପ୍ରଭୁଙ୍କ ଠାରୁ ସୁରକ୍ଷା ପାଇ ଅନ୍ତରେ ପରମାନନ୍ଦ ପ୍ରାପ୍ତ କରିଥିଲା । ଜୀବ ମାତ୍ରକେ ପରମାତ୍ମାଙ୍କ ଅଂଶ ହୋଇଥିବାରୁ ତତ୍ତ୍ୱତଃ ନିର୍ଦ୍ଦୋଷ । ଯଦି ଥରେ ମନରେ ପାପ ପ୍ରତି ଘୃଣା ଆସି ଭଗବାନଙ୍କ ପ୍ରତି ଆଗ୍ରହ ପ୍ରଗାଢ ହୋଇଯାଏ, ତେବେ କାମନା ଓ ଆସକ୍ତି ନଷ୍ଟ ହୋଇଯାଏ ଏବଂ ଏହି ଜନ୍ମରେ ହିଁ ଭଗବାନ ପ୍ରାପ୍ତିରେ ବିଳମ୍ବ ହୁଏନାହିଁ । ଭଗବାନ ଶ୍ରୀକୃଷ୍ଣ ଏହି ଶ୍ଳୋକରେ ଏକ ଅଭୟ ବାଣୀ କହିଛନ୍ତି କି "ଭଗବାନ ପ୍ରାପ୍ତି ନିମନ୍ତେ ସାଧନ ଯେଉଁ ମାର୍ଗର ହେଉନା କାହିଁକି, ଯେ ପର୍ଯ୍ୟନ୍ତ ସାଧକର ଅନ୍ତରରେ ଭଗବାନଙ୍କ ପ୍ରତି ଆସ୍ଥା ଓ ପ୍ରେମ ଅତୁଟ ରହିଛି, ସେ ପର୍ଯ୍ୟନ୍ତ ପୁନଃ ପତନ ନ ହେବା ନିମିତ୍ତ ଭଗବାନ ସମସ୍ତ ପରିସ୍ଥିତିରେ ସହାୟକ ହୋଇ ଥାଆନ୍ତି,ଏଥିରେ କିଞ୍ଚିତମାତ୍ର ସନ୍ଦେହ ନାହିଁ । ସାଧକ ନିକଟରେ ଯାହାକିଛି ଅସଦାଚରଣ ରହିଥାଏ, ଭଗବାନଙ୍କ ମହତ୍ୱ ସ୍ଥାନ ପାଇଲାପରେ ତାହା ମଧ୍ୟ ତିଷ୍ଠି ରହେ ନାହିଁ । ଭଗବାନ ଅର୍ଜୁନଙ୍କୁ ପ୍ରତିଜ୍ଞା କରିବାକୁ କହିବାର ତାତ୍ପର୍ଯ୍ୟ ହେଲା, ବାସ୍ତବରେ ଭକ୍ତର ଅନ୍ତଃକରଣ ହିଁ ଭଗବାନଙ୍କ ଅନ୍ତଃକରଣ । ବେଦାନ୍ତୀମାନେ ଏହା ଜାଣିଥାନ୍ତି ଯେ, ଭଗବାନ କାର୍ଯ୍ୟୋପାଧିକ ନୁହନ୍ତି । ଭଗବାନ ନିଜେ କୌଣସି କର୍ମ କରନ୍ତି ନାହିଁ । ଭକ୍ତର ଅନ୍ତଃକରଣରେ ଅଧିଷ୍ଠାନ ହୋଇ ସେ ଯାହା ଚାହାନ୍ତି, ସେହି ଅନୁସାରେ କରାଇଥାନ୍ତି । ଭଗବାନ କହୁଛନ୍ତି କି, ଅର୍ଜୁନ ! 'ମୁଁ ପ୍ରତିଜ୍ଞା କରିବି ତ ତାହା ଭଙ୍ଗ ହୋଇଯିବାର ଆଶଙ୍କା ରହିବ । କିନ୍ତୁ ତୁମେ ଯେପରି ଭକ୍ତ ମୁଖରୁ ପ୍ରତିଜ୍ଞା ରୂପେ ଯେଉଁ ଶବ୍ଦ ନିସୃତ ହେବ, ତାହା କେବେ ମିଥ୍ୟା ହେବନାହିଁ । 'ମୁଁ ନିଜେ ଭକ୍ତ ମୁଖରୁ ବାହାରିଥିବା ପ୍ରତିଜ୍ଞାକୁ କେବେ ମିଥ୍ୟା ହେବାକୁ ଦେବି ନାହିଁ । ଏଣୁ ତୁମେ ପ୍ରତିଜ୍ଞା କର କି, "ଥରେ ମୋତେ ସ୍ୱୀକାର କରି ନେଲାପରେ, ମୋର ଭକ୍ତର କେବେ ପତନ ହୁଏ ନାହିଁ ଏବଂ ସେ ଶାଶ୍ୱତ ଶାନ୍ତି ପ୍ରାପ୍ତି ହୋଇଥାଏ ।"

ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ॥୩୨॥

*ଅନ୍ୱୟ: ପାର୍ଥ ! ( ହେ ପୃଥା ପୁତ୍ର) ଯେ ( ଯେଉଁମାନେ) ପାପଯୋନୟଃ (ଏପରିକି ନୀଚ, ଅଧମ କୁଳରେ ଜନ୍ମ ) ସ୍ୟୁଃ (ନେଇଥାନ୍ତି) [ଏବଂ ଯେଉଁମାନେ ] ସ୍ତ୍ରିୟଃ (ନାରୀ) ବୈଶ୍ୟାଃ (ବୈଶ୍ୟ) ତଥା (ଏବଂ) ଶୂଦ୍ରାଃ (ଶୂଦ୍ର) ତେ ଅପି (ସେମାନେ ମଧ୍ୟ) ମାଂ (ମୋତେ) ବ୍ୟପାଶ୍ରିତ (ସମ୍ପୂର୍ଣ୍ଣ ମୋର ଶରଣାପନ୍ନ ହୋଇ) ପରାଂ (ଶ୍ରେଷ୍ଠ) ଗତିମ୍ ହି (ଗତିକୁ ହିଁ ) ଯାନ୍ତି ( ଲାଭ କରନ୍ତି ) ।*

**ଭାବାର୍ଥ**: ଏଠାରେ ଶରଣାଗତି ରୂପ ଭକ୍ତିର ମହତ୍ୱ ପ୍ରତିପାଦନ କରି ଭଗବାନ ଅର୍ଜୁନଙ୍କୁ ନିତ୍ୟ ଭଗବତ୍ ଚିନ୍ତନ ନିମନ୍ତେ ଆଜ୍ଞା ଦେଉଛନ୍ତି । ଭକ୍ତି ଯେ କେବଳ ଦୁରାଚାରକୁ ପବିତ୍ର କରିଦେଇଥାଏ ତାହା ନୁହେଁ, ନୀଚ ଜାତିରେ ଜନ୍ମ ନେଇଥିବା ଭକ୍ତ ତଥା ବେଦ ଆଦି ଅଧ୍ୟୟନରୁ ବଞ୍ଚିତ କରାଯାଉଥିବା ସ୍ତ୍ରୀ, ଶୂଦ୍ର, ବୈଶ୍ୟ

ସମସ୍ତେ ଭଗବାନଙ୍କ ସେବାରତ ହୋଇ ପରମଗତିକୁ ପ୍ରାପ୍ତ ହୁଅନ୍ତି । ଜାଗତିକ ଜୀବନରେ ଜନ୍ମ, ଜାତି, ବର୍ଣ୍ଣ, କୁଳ, ବିଦ୍ୟା, ବୃତ୍ତି ଓ ପ୍ରତିଷ୍ଠା ଆଦିକୁ ନେଇ ମନୁଷ୍ୟ ମନୁଷ୍ୟ ଭିତରେ ଅନେକ ବିସମତା ରହିଛି । କିନ୍ତୁ ଭକ୍ତ ରୂପରେ ଭଗବାନଙ୍କ ଦୃଷ୍ଟିରେ ସମସ୍ତେ ଏକାକାର । ଯେ କୌଣସି ବ୍ୟକ୍ତି ଏହି ଭକ୍ତି ଯୋଗ ମାର୍ଗ ଗ୍ରହଣ କରିପାରିବ । ଭଗବଦ୍ ଅଭିମୁଖୀ ହେବାରେ ଭାବଗତ ପ୍ରାଧାନ୍ୟତାର ଆବଶ୍ୟକତା ରହିଛି କିନ୍ତୁ , ନୀଚ-ଉଚ୍ଚ ଯୋନି ଜନ୍ମ ଆଦିର ପ୍ରାଧାନ୍ୟ ନାହିଁ । ଜାତିଗତ ଓ ଶରୀରଗତ ପ୍ରାଧାନ୍ୟତାକୁ ମହତ୍ୱ ଦେଉଥିବା ବ୍ୟକ୍ତି ଭକ୍ତିମାର୍ଗ ଅନୁସରଣ କରିପାରିବ ନାହିଁ । ଭଗବାନ ଦୃଢଭାବରେ ମତ ପୋଷଣ କରି କହୁଛନ୍ତି; ଚାଣ୍ଡାଳ କୁଳରେ ଉତ୍ପନ୍ନ ହୋଇ ମଧ ମୋର ଭକ୍ତ ମୋରି ପରି ବ୍ରାହ୍ମଣ ଆଦି ସମସ୍ତଙ୍କ ପୂଜ୍ୟ ହୋଇଥାଏ । ମୋର ଶରଣ ହୋଇ ଯେ'କେହି ମୋତେ ଭଜନା କଲେ, ତାହାକୁ ପରମଗତି ପ୍ରାପ୍ତି ହୁଏ । ନାରଦ ଭକ୍ତିସୂତ୍ରରେ ଉଲ୍ଲେଖ ରହିଛି;- ଭକ୍ତ ନିକଟରେ ଜାତି, ବିଦ୍ୟା, ରୂପ, କୁଳ, ଧନ ଏବଂ କ୍ରିୟାଦିର ଭେଦ ନାହିଁ । ଶ୍ରୀମଭାଗବତରେ କୁହାଯାଇଛି; "ହେ ଉଦ୍ଧବ ! ସନ୍ଥଙ୍କ ପରମ ପ୍ରିୟ ଆତ୍ମାରୂପ-"ମୁଁ" ଏକମାତ୍ର ଶ୍ରଦ୍ଧା ଓ ଭକ୍ତିରେ ହିଁ ବଶୀଭୂତ ହୁଏ । ମୋ ପ୍ରତି ନିଷ୍ଠାପର ଭକ୍ତି ନୀଚ ଯୋନୀରେ ଜନ୍ମ ନେଇଥିବା ଚାଣ୍ଡାଳକୁ ମଧ ପବିତ୍ର କରିଦେଇଥାଏ ।" ଯାହାର ଜିହ୍ୱାର ଅଗ୍ରଭାଗରେ ଭଗବାନଙ୍କ ନାମ ପ୍ରେମ ସହିତ ସର୍ବଦା ଉଚ୍ଚାରଣ ହେଉଥାଏ, ସେ ଯେ' ହେଉନା କାହିଁକି, ନାମୋଚ୍ଚାରଣ କାରଣରୁ ସେ ଭଗବାନଙ୍କ ସାଦୃଶ୍ୟ ପୂଜ୍ୟ । ଭଗବାନଙ୍କ ନାମକୁ କୀର୍ତ୍ତନ କରି କରି ଯିଏ ନିଜର ଭୌତିକ ସ୍ଥିତିର ବିସ୍ମରଣ ହୋଇଯାଏ, ତାହାର ତପସ୍ୟା, ଯଜ୍ଞ, ତୀର୍ଥ ଭ୍ରମଣ ଓ ବେଦ ଅଧ୍ୟୟନ ଆଦି ସମସ୍ତ ସାଧନ ସମାପ୍ତି ହୋଇଯାଇଛି ବୋଲି ଗ୍ରହଣ କରିନେବାକୁ ହେବ । ତାଙ୍କରି ପ୍ରାପ୍ତି ନିମିତ୍ତ ଭଗବାନ ଏକ ସର୍ତ୍ତ ରଖିଛନ୍ତି କି, ଜୀବ ମୋରି ବ୍ୟପାଶ୍ରିତ ଅର୍ଥାତ୍ ଶରଣ ହୋଇ ରହିବାକୁ ହେବ । ଭକ୍ତି ମାର୍ଗରେ ଭଗବାନଙ୍କ ଶରଣ ହେବା ନିମନ୍ତେ ମୁଖ୍ୟ ତିନୋଟି ସାଧନ ହେଲା: (୧) ଦୃଢ ବିଶ୍ୱାସ ରଖି ଭଗବାନଙ୍କ ପ୍ରତ୍ୟେକ ବିଧାନରେ ସନ୍ତୁଷ୍ଟ ରହିବା (୨) ଭଗବାନଙ୍କ ନାମ, ରୂପ, ଗୁଣ, ଲୀଳା ଆଦିର ନିରନ୍ତର ଶ୍ରବଣ, କୀର୍ତ୍ତନ ଓ ଚିନ୍ତନ କରି ରହିବା (୩) ଶ୍ରଦ୍ଧା ଓ ପ୍ରେମ ପୂର୍ବକ ସମସ୍ତ କର୍ତ୍ତବ୍ୟ କର୍ମକୁ ଭଗବାନଙ୍କ ଆଜ୍ଞା ମନେକରି ନିର୍ବାହ କରିବା । ଏହି ପ୍ରକାରେ ଭଗବାନଙ୍କ ଶରଣ ନେଇଥିବା ସ୍ତ୍ରୀ,-ପୁରୁଷ, କୌଣସି ବି ଜାତି ହେଉନା କାହିଁକି, ତାହାକୁ ଭଗବତ୍ ପ୍ରାପ୍ତି ହେବା ନିଶ୍ଚିତ । ଗୋପାଙ୍ଗନା, ଗାଈ, ବୃକ୍ଷ, ପଶୁ, ନାଗ ତଥା ଅତ୍ୟନ୍ତ ମୂଢବୁଦ୍ଧି ଜୀବ ମଧ ଅନନ୍ୟ ଭାବ ଦ୍ୱାରା ସିଦ୍ଧ ହୋଇ ଅନାୟାସରେ ମୋତେ ପାଇଛନ୍ତି । ନାରୀ ମାନଙ୍କ ଭିତରେ ପ୍ରାଚୀନ କାଳର ଦେବହୁତି, ଶବରୀ, କୁନ୍ତୀ, ବ୍ରଜ ଗୋପାଙ୍ଗନା, ବର୍ତ୍ତମାନ ଯୁଗର ମୀରା, କରମୈତୀ, କରମାବାଈ ଭଳି ଅନେକ ନାରୀ ଭଗବାନଙ୍କ ଅନନ୍ୟ ଭକ୍ତ ହୋଇ ପାରିଛନ୍ତି । ସେହିପରି ବୈଶ୍ୟ ଜାତିରେ ତୁଳାଧାର, ସମାଧି ପ୍ରଭୃତି ଏବଂ ଶୂଦ୍ର ଜାତିର ବିଦୁର, ସଞ୍ଜୟ, ନିଶାଦରାଜ ଗୁହକ ପ୍ରଭୃତି ଅନେକ ଭଗବାନଙ୍କ ଭକ୍ତ ହୋଇଛନ୍ତି । ସମାଜରେ ସ୍ତ୍ରୀ ମାନଙ୍କ ଗୁଣ, ଆବଶ୍ୟକତା ଏବଂ ବାହ୍ୟ ଓ ମାନସିକ ସ୍ତରରେ ଅନ୍ୟ ଉପରେ ଆଶ୍ରିତ ହୋଇ ରହିଥିବା କାରଣରୁ, ସେମାନଙ୍କୁ ଦୁର୍ବଳ ଏବଂ ନିମ୍ନ ଦୃଷ୍ଟିରେ ଦେଖିବାକୁ ମିଳିଥାଏ । ସେମାନଙ୍କ କାର୍ଯ୍ୟ-ବ୍ୟାବାହାରିକ କ୍ଷେତ୍ରରେ

ଅନେକ ସାମାଜିକ କଟକଣା ରଖା ଯାଇଥାଏ। ସେହି କାରଣରୁ ଭଗବାନ ଏହିଠାରେ 'ସ୍ତ୍ରୀ' ପଦ ପ୍ରୟୋଗ କରି ଆଧ୍ୟାତ୍ମିକ କ୍ଷେତ୍ରରେ ସେମାନଙ୍କର ମହତ୍ତ୍ୱକୁ ପୁରୁଷ ମାନଙ୍କ ସହିତ ସମାନ ବୋଲି ସୂଚାଇଛନ୍ତି । ଯୋଗ କ୍ରିୟାରେ ସ୍ତ୍ରୀ ଓ ପୁରୁଷଙ୍କ ସମାନ ପ୍ରବେଶ ରହିଥାଏ । ସେହିପରି ବୈଶ୍ୟ ଜାତିକୁ ନିର୍ଦ୍ଦେଶ କରିବାର ତାତ୍ପର୍ଯ୍ୟ ହେଲା, ବୃତ୍ତିଗତ ଭାବରେ ପ୍ରତ୍ୟେକ ବ୍ୟାପାରରେ ଏହିମାନେ ଲାଭ ଓ କ୍ଷତିର ହିସାବ କରିଥାନ୍ତି । ତେଣୁ ବୈଶ୍ୟ ବୃତ୍ତିଧାରୀ ହେଲେ ମଧ୍ୟ, ଭକ୍ତ ଭାବରେ ମୋରିଠାରେ ତାର ସର୍ବସ୍ୱ ହରାଇବାକୁ ହିଁ ଶ୍ରେୟ ମାନିଥାଏ । ଶୂଦ୍ର ଜାତି ହେଉଛି ସମସ୍ତ ଜାତିର ସେବକ । ସମସ୍ତଙ୍କ ସେବା-ପରିଚର୍ଯ୍ୟା କର୍ମ ଭିତରେ ଯିଏ ମୋତେ ହିଁ ଦେଖିଥାଏ, ତାହାର ଅଜାଣତରେ ସେ ମୋର ଶରଣ ହୋଇ ମୋର ପରମ ଭକ୍ତ ହୋଇ ଯାଇଥାଏ । ଏହି ଶ୍ଲୋକରେ ମନୁଷ୍ୟ ନିମନ୍ତେ ବଡ ଆଶ୍ୱାସନାର ବାଣୀ ଭଗବାନ ଶୁଣାଇଛନ୍ତି କି, "ଭଗବତ୍ ପ୍ରାପ୍ତି ନିମନ୍ତେ ଜନ୍ମ, ଜାତି, ଲିଙ୍ଗ, ବୃତ୍ତି ଏବଂ କୁଳ ପ୍ରତିଷ୍ଠା ଆଦିର ବିମତା ପ୍ରତିବନ୍ଧକ ହୋଇ ନ ଥାଏ ।"

କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।
ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ॥୩୩॥

*ଅନ୍ୱୟ: ପୁଣ୍ୟାଃ (ପୁଣ୍ୟବନ୍ତ –ସଦାଚାର ସମ୍ପନ୍ନ) ବ୍ରାହ୍ମଣାଃ ( ବ୍ରାହ୍ମଣଗଣ ) ତଥା (ଏବଂ ) ରାଜର୍ଷୟଃ (ଋଷିସ୍ୱରୂପ କ୍ଷତ୍ରିୟ ରାଜାଗଣ ଭଳି ) ଭକ୍ତାଃ (ଭକ୍ତମାନଙ୍କ ସମ୍ବନ୍ଧରେ) କିଂ ପୁନଃ ( କଣ ପୁଣି କହିବାର ଅଛି ?) ଇମମ୍ (ତେଣୁ ଏହି ) ଅନିତ୍ୟମ୍ (ଅସ୍ଥାୟୀ- କ୍ଷଣଭଙ୍ଗୁର) ଅସୁଖମ୍ ( ଦୁଃଖପୂର୍ଣ୍ଣ ) ଲୋକମ୍ ( ମର୍ତ୍ତ୍ୟଲୋକରେ ଜନ୍ମ-ଶରୀର) ପ୍ରାପ୍ୟ (ପ୍ରାପ୍ତ ହୋଇ) ମାମ୍ (ମୋତେ) ଭଜସ୍ୱ (ଭଜନା କର । )*

**ଭାବାର୍ଥ**: ଯେବେ ଦୁରାଚାରୀ, ଚାଣ୍ଡାଳ ଆଦି ଜାତିର ମନୁଷ୍ୟ ତଥା ସ୍ତ୍ରୀ, ବୈଶ୍ୟ, ଶୂଦ୍ର ଏହି ସମସ୍ତ ମୋର ଭକ୍ତିରେ କୃତାର୍ଥ ହୁଅନ୍ତି, ତେବେ ସଦାଚାର ସମ୍ପନ୍ନ ଓ ସୁକୃତିଶାଳୀ ବ୍ରାହ୍ମଣ ଓ ରାଜର୍ଷିଗଣ ମୋର ଶରଣ ହୋଇ ପରମଗତି ପ୍ରାପ୍ତ ହେବେ, ଏଥିରେ ସନ୍ଦେହ କଣ ଅଛି ? ଏ ଶରୀର କ୍ଷଣଭଙ୍ଗୁର, ଏହି ସଂସାର ଦୁଃଖାଳୟ । ଅତଏବ, ହେ ଅର୍ଜୁନ ! ତୁମେ ରାଜର୍ଷି ବଂଶଜ । ତେଣୁ ତୁମେ ତତ୍ପରତାର ସହିତ ମତ୍-ପରାୟଣ ହୋଇ ଇଶ୍ୱର ଭାବାପନ୍ନ କ୍ଷତ୍ରିୟ ଭାବରେ ମୋର ଆରାଧନା କର । କେବଳ ମୋତେ ପ୍ରାପ୍ତ ହେବାକୁ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ରଖ । ସବୁ କିଛି ମୋର ଠାରେ ସମର୍ପଣ କର, କାରଣ ଏହା ରାଜବିଦ୍ୟା ରାଜଗୁହ୍ୟ ଯୋଗ । 'ବ୍ରାହ୍ମଣ' ଶବ୍ଦ ଏକ ଅବସ୍ଥା-ବିଶେଷକୁ ସୂଚିତ କରେ । ଶାନ୍ତ, ଆର୍ଜବ( ସରଳତା) ଅନୁଭବୀ, ଉପଲବ୍ଧୀ, ଧ୍ୟାନ ଏବଂ ଇଷ୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁଥିରେ ମନକୁ ସଂଚାଳନ କରିବାର କ୍ଷମତା ଥାଏ, ତାହା ହେଉଛି 'ବ୍ରାହ୍ମଣ' ଅବସ୍ଥା । ଯେଉଁ କ୍ଷତ୍ରିୟ ରାଜା, ଋଷିଙ୍କ ଯେପରି ଶୁଦ୍ଧ ସ୍ୱଭାବ ଏବଂ ଉତ୍ତମ ଆଚରଣ କରିଥାନ୍ତି, ସେହିମାନଙ୍କୁ ରାଜର୍ଷି କୁହାଯାଇଛି । ଯେ ରାଜର୍ଷି, ତାଙ୍କଠାରେ ରିଦ୍ଧି-ସିଦ୍ଧିର ସଂଚାର, ଶୂରବୀରତା, ସ୍ୱାମୀ ଭାବ, ପଛକୁ ନ ହଟିବା ଆଦି ସ୍ୱଭାବ ରହିଥାଏ । ବ୍ରାହ୍ମଣ ଓ ରାଜର୍ଷି ମାନଙ୍କ ସମସ୍ତ ଆଚରଣ ଯୋଗ ସାଧନ ସ୍ତରର ହୋଇଥିବାରୁ, ମୋର ଭକ୍ତ ରୂପରେ ସେମାନଙ୍କ ପରମଗତି ପ୍ରାପ୍ତି ହେବା ନିଶ୍ଚିତ । ଏହି ଶ୍ଲୋକରେ ଅର୍ଜୁନଙ୍କୁ ଲକ୍ଷ୍ୟକରି ଶ୍ରୀ ଭଗବାନ ମାନବ ଜାତିକୁ ଏହି ଶିକ୍ଷା ଦେଇଛନ୍ତି କି,

ଅନିତ୍ୟ ଦୁଃଖାଳୟ ସଂସାରରେ ରହି, ତାଙ୍କରି ନିତ୍ୟ ଆନନ୍ଦମୟ ସ୍ୱରୂପର ଭଜନା ଅବଶ୍ୟ କରିବା ଉଚିତ । ମନୁଷ୍ୟ ଜନ୍ମର ଲକ୍ଷ୍ୟ ହେଉଛି ଜୀବନମୁକ୍ତ ସ୍ଥିତି ଏବଂ ଶରୀର ତ୍ୟାଗରେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି । ଏହି ଶରୀର କ୍ଷଣଭଙ୍ଗୁର । ଠିକଣା ନାହିଁ, କେଉଁ ମୁହୂର୍ତ୍ତରେ ଏହା ପଞ୍ଚ ମହାଭୂତରେ ଲୀନ ହୋଇଯିବ । ଏଥି ନିମନ୍ତେ ଭଗବାନ ସାବଧାନ କରାଇ ଦେଉଛନ୍ତି କି, ଏହି ମୁହୂର୍ତ୍ତଠାରୁ ହିଁ ମୋର ଭଜନାରେ ନିରନ୍ତର ଲାଗିରୁହ । ମାୟାମୟ କାରଣରୁ ଜୀବାତ୍ମା ନିଜ ସ୍ୱରୂପକୁ ନ ଚିହ୍ନି, ନାଶଶୀଳ ଶରୀର ସହିତ ମମତ୍ୱ ଭାବ ରଖି ଦୁଃଖ ଯନ୍ତ୍ରଣା ଭୋଗ କରୁଅଛି । ସ୍ତ୍ରୀ, ଧନ, ପୁତ୍ର, ଗୃହ, ମାନ, ପ୍ରତିଷ୍ଠା ଆଦି ଯେଉଁ ବିଷୟ ଭୋଗକୁ ସୁଖ ବୋଲି ମାନି ନେଇଛି, ତାହା ବାସ୍ତବରେ ଦୁଃଖ ଯନ୍ତ୍ରଣାର କାରଣ ହୋଇଥାଏ । ପ୍ରକୃତ ସୁଖ, ଯାହା ନିତ୍ୟ ଆଉ ଆନନ୍ଦମୟ ତାହା ପରମାତ୍ମାଙ୍କ ଭକ୍ତିରେ, ସ୍ୱରୂପର ନିଷ୍ଠାରେ ରହିଅଛି । ମର୍ତ୍ତ୍ୟ ଲୋକରେ ମନୁଷ୍ୟ ଶରୀର ପ୍ରାପ୍ତି ଅତ୍ୟନ୍ତ ଦୁର୍ଲଭ । ଭଗବାନଙ୍କ ଅପାର କୃପାରୁ ମନୁଷ୍ୟ ଶରୀର ଏବଂ ବଡ ପୁଣ୍ୟଫଳ ପ୍ରଭାବରୁ ବ୍ରାହ୍ମଣ ଓ ରାଜର୍ଷି ଭଳି କୁଳରେ ଜନ୍ମ ମିଳିଥାଏ । ପରମ ପୁରୁଷ ଭଗବାନଙ୍କ ଠାରେ ନିତ୍ୟଯୁକ୍ତ ହୋଇ ରହିଲେ ହିଁ ଚିରନ୍ତନ ସୁଖ ପ୍ରାପ୍ତ ହେବ । ଏହି ଜନ୍ମରେ ହିଁ ଭଗବାନଙ୍କ ଅନନ୍ୟ ଭକ୍ତ ଭାବରେ ତାଙ୍କରି ଶରଣାପନ୍ନ ହୋଇ ଭଗବଦ୍ ଧାମ, ଯାହା ଜୀବର ଉତ୍ପତ୍ତି ସ୍ଥଳ (ସ୍ୱଗୃହ) ତାହା ପ୍ରାପ୍ତ ହେବ । ଭକ୍ତିଯୋଗ ମାର୍ଗ ହିଁ ଏକମାତ୍ର ମାର୍ଗ, ଯାହାକୁ ଅନୁସରଣ କରି ସମସ୍ତ ବର୍ଗର ଲୋକ ଭଗବାନଙ୍କୁ ପ୍ରାପ୍ତ ହୋଇ ପାରିବେ ।

ମନ୍ମନା ଭବ ମଦ୍ଭକ୍ତୋ ମଦ୍ଯାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ପରାୟଣଃ ॥୩୪॥

*ଅନ୍ୱୟ: ମନ୍ମନାଃ (ମଦ୍ ଗତା ମନା– ସର୍ବଦା ମନକୁ ମୋଠାରେ ରଖ ) ମଦ୍ ଭକ୍ତଃ (ମୋର ଭକ୍ତ ହୁଅ) ମଦ୍ ଯାଜୀ ( ମୋର ପୂଜନକାରୀ ) ଭବ ( ହୁଅ ) ମାମ୍ ( ଏବଂ ମୋତେ ) ନମଃ କୁରୁ (ନମସ୍କାର କର) ଏବଂ (ଏହିଭଳି ଭାବରେ) ମତ୍ପରାୟଣଃ (ମୋର ଶରଣାଗତ ହୋଇ) ଆତ୍ମାନଂ (ନିଜ ମନକୁ ) ଯୁକ୍ତ୍ୱା (ମୋଠାରେ ଯୁକ୍ତ କରି ) ମାମ୍ ଏବ (ମୋତେ ହିଁ) ଏଷ୍ୟସି ( ପ୍ରାପ୍ତ ହୋଇ ପାରିବ) ।*

**ଭାବାର୍ଥ**: ଭଗବାନ ଶ୍ରୀକୃଷ୍ଣ ଏହି ଅଧ୍ୟାୟରେ ଯେଉଁ ରାଜବିଦ୍ୟା ଏବଂ ରାଜଗୁହ୍ୟ ଜ୍ଞାନ ସମ୍ବନ୍ଧରେ ଉପଦେଶ ଦେଇଛନ୍ତି, ତାହାର ସାର ମର୍ମ ଏହି ଶ୍ଳୋକରେ ନିହିତ । ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହେବା ନିମିତ୍ତ ସର୍ବଶ୍ରେଷ୍ଠ ଉପାୟ ବତାଇବାକୁ ଯାଇ ସେ' କହିଛନ୍ତି; ହେ ଅର୍ଜୁନ ! ସର୍ବଦା ମନକୁ ତୈଳଧାରା ସାଦୃଶ୍ୟ ମୋଠାରେ ନିବେଶକର । ମୋର ଅନନ୍ୟ ଭକ୍ତ ହୁଅ । ସମସ୍ତ କର୍ତ୍ତବ୍ୟ କର୍ମକୁ ଯଜ୍ଞ ମନେକରି ସମର୍ପଣ ପୂର୍ବକ ମୋର ଉପାସକ ହୁଅ । ମୋତେ ବାରମ୍ବାର ନମସ୍କାର କର । ଏହି ପ୍ରକାରେ ତୁମର ଦେହ ଓ ମନକୁ ମୋଠାରେ ନିଯୁକ୍ତ ରଖି, ମୋର ଶରଣାଗତ ହୋଇ ମୋତେ ଅର୍ଥାତ୍ ପରମେଶ୍ୱରଙ୍କୁ ପ୍ରାପ୍ତ ହୁଅ । ପରମାନନ୍ଦ ଶ୍ରୀ ଭଗବାନଙ୍କୁ ପ୍ରାପ୍ତ ହେବା ନିମିତ୍ତ ଏହା ସର୍ବଶ୍ରେଷ୍ଠ ସାଧନ । ଭଗବାନ ଅତିରିକ୍ତ ଅନ୍ୟ କୌଣସି ବସ୍ତୁରେ ମନକୁ ଲଗାଇ ରଖିବାକୁ ହେବନାହିଁ । ସମସ୍ତ କର୍ମ କରିବାବେଳେ, -'ଏହା ଭଗବାନଙ୍କ ଆଜ୍ଞା ଏବଂ ଏହା

ତାଙ୍କର ପ୍ରସନ୍ନତା ନିମନ୍ତେ କରୁଛି'- ମନରେ ଏହା ରଖିଲେ, ମନ ସ୍ୱତଃ ଭଗବାନଙ୍କଠାରେ ଲାଗି ରହିଯାଏ । କଂସ ଯଦିଓ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ନିରନ୍ତର ଚିନ୍ତା କରୁଥିଲା, ତାହା ଶତ୍ରୁ ଭାବାପନ୍ନ ଥିଲା । ତେବେ ମଧ୍ୟ ଭଗବାନ ଶତ୍ରୁ ରୂପରେ ତାହାରି ସମ୍ମୁଖରେ ପ୍ରକଟିତ ହୋଇ ସଂହାର ଦ୍ୱାରା ମୁକ୍ତି ପ୍ରଦାନ କରିଥିଲେ । ତେଣୁ ଭଗବାନଙ୍କ ଅନନ୍ୟ ଚିନ୍ତନ ଯେଉଁ ଭାବରେ କରାଯିବ, ଅବଶ୍ୟ ଭଗବାନ ସେହି ରୂପରେ ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି । ଭଗବାନଙ୍କୁ ପ୍ରେମ, ଶ୍ରଦ୍ଧା ଏବଂ ସମର୍ପିତ ହୋଇ ସ୍ମରଣ କଲେ, ଭକ୍ତର ହୃଦୟରେ ସେ ସ୍ୱୟଂ ପ୍ରକଟିତ ହୋଇ ଭକ୍ତକୁ ତାଙ୍କରି ଶରଣକୁ ନେଇଥାନ୍ତି । ଉପଯୁକ୍ତ ଗୁରୁଙ୍କଠାରୁ ଭଗବାନଙ୍କ ସମ୍ବନ୍ଧରେ ତତ୍ତ୍ୱଜ୍ଞାନପ୍ରାପ୍ତ କରି ଗୁରୁ ବାକ୍ୟକୁ ନିଷ୍ଠାର ସହିତ ପାଳନ କଲେ, ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ ଉଦ୍ଗିରଣ ହୁଏ । ଭଗବାନଙ୍କ ଗୁଣ, ପ୍ରଭାବ, ତତ୍ତ୍ୱ ଏବଂ ରହସ୍ୟର ଯଥାର୍ଥ ଜ୍ଞାନ ହୋଇଯିବା ପରେ, ଏହି ନିଶ୍ଚୟ ହୋଇଯାଏ କି, "ଭଗବାନ ହିଁ ଏକମାତ୍ର ପରମ ପ୍ରେମାସ୍ପଦ ଅଟନ୍ତି" । ତା'ପରେ ସାଧକର ସଂସାରର କୌଣସି ବସ୍ତୁରେ ରମଣୀୟ ବୁଦ୍ଧି ରହେନାହିଁ । ଭଗବାନଙ୍କ ଏହି ପ୍ରେମପୂର୍ଣ୍ଣ ଚିନ୍ତନ, ଭକ୍ତ ପ୍ରାଣର ଆଧାର ହୋଇଯାଏ । ଭକ୍ତ କ୍ଷଣେମାତ୍ର ମନରେ ଭଗବାନଙ୍କ ବିସ୍ମୃତିକୁ ସହ୍ୟ କରିପାରେ ନାହିଁ । ଏହା ହେଉଛି ମଦ୍ଗତମନା । ଶ୍ରୀମଦ୍ଭାଗବତରେ (୧୧-୨-୪୨) ଉଲ୍ଲେଖ ଅଛି; ଅନନ୍ୟ ଭକ୍ତର ଭଗବାନଙ୍କ ପ୍ରତି ପ୍ରେମାସ୍ପଦ, ଜ୍ଞାନ ଏବଂ ଶରୀର ଓ ସଂସାର ପ୍ରତି ବୈରାଗ୍ୟ ଏକ ସାଙ୍ଗରେ ହୃଦ୍-ବୋଧ ହୋଇଥାଏ, ଯେପରି ଖାଦ୍ୟ ଗ୍ରହଣ ଆରମ୍ଭ କରିବା ମାତ୍ରେ କ୍ଷୁଧା ନିବାରଣ, ଆଶ୍ୱସ୍ତି ଓ ବଳ ସଂଚାର ଏକ ସମୟରେ ହୁଏ । ଆତ୍ମା ଏବଂ ପରମାତ୍ମାଙ୍କ ଅଭେଦ ତତ୍ତ୍ୱଜ୍ଞାନ ଅନୁଭବ ପରେ ଭକ୍ତର ମନରୁ ଆତ୍ମା-ଅନାତ୍ମା ସମ୍ବନ୍ଧରେ ସମସ୍ତ ସଂଶୟ ଦୂର ହୋଇଯାଏ । ସକଳ ପ୍ରାଣୀଙ୍କ ଭିତରେ ଏକ ପରମାତ୍ମା ଦୃଷ୍ଟି ହିଁ ଅନୁଭୂତ ହୋଇଥାଏ । ତେଣୁ ଭଗବାନ କହିଛନ୍ତି;- "ମୁଁ ସର୍ବତ୍ର ପରିବ୍ୟାପ୍ତ ଏବଂ ସକଳ ଜୀବ ମୋର ସ୍ୱରୂପ" - ଏହି ଭାବନା ପୋଷଣ କରି ବାରମ୍ବାର ମୋତେ ନମସ୍କାର କର । ସାଧୁ, ସନ୍ଥ ଓ ଗୁରୁ ଏହିମାନେ ମୋର ଚଳନ୍ତି ମନ୍ଦିର । ଏହିମାନଙ୍କ ଦର୍ଶନରେ ତାଙ୍କରି ଚରଣରେ ପ୍ରଣାମ କର । ଭଗବାନଙ୍କ ସଙ୍ଗେ ନିଜର ସ୍ୱତଃସିଦ୍ଧ ଏକତ୍ୱ ଅନୁଭବ ହେଲାପରେ ଭକ୍ତର ତିଳେମାତ୍ର ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ରହେନାହିଁ । ଭଗବାନଙ୍କ ଇଚ୍ଛାରେ ଶରୀର ମାଧ୍ୟମରେ ସ୍ୱତଃ ଓ ସ୍ୱାଭାବିକ ଭାବେ କ୍ରିୟା ସମ୍ପନ୍ନ ହେଉଥାଏ । ଏହି ସ୍ଥିତି ହେଉଛି ଭଗବତ୍ ପରାୟଣତା । ଭଗବାନ କହୁଛନ୍ତି, ଭକ୍ତ ମତ୍-ପରାୟଣ ଅର୍ଥାତ୍ ମୋର ଶରଣକୁ ଆସିଗଲେ ମୋ ସହିତ ଯୋଡି ହୋଇଯାଏ । ମୋର ଭକ୍ତକୁ ଅନ୍ୟ କୌଣସି ଲୋକକୁ ଗମନ କରିବାକୁ ପଡେନାହିଁ । ମୋର ସାନିଧ୍ୟ ପ୍ରାପ୍ତ ହୋଇ ପରମାନନ୍ଦ ଲାଭକରେ । ପୂଜ୍ୟ ସ୍ୱାମିଜୀ ଶିବାନନ୍ଦ ମହାରାଜ ଏହି ଶ୍ଳୋକର ବ୍ୟାଖ୍ୟାରେ କହିଛନ୍ତି; "ନିଜ ପାଖରେ ନାମ, ଉପାଧି, ଜ୍ଞାନ, ଶରୀର କିଛି ମଧ୍ୟ ମୋର ବୋଲି ଭାବି ନରଖି ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ପାଖରେ ସମର୍ପିତ ହୋଇଗଲେ, ସମସ୍ତ ଜୀବନ ଏକ ଅଦ୍ଭୁତ ପୂର୍ବ ପରିବର୍ତ୍ତନ ଆଡକୁ ଗତି କରିବ । ସର୍ବତ୍ର ଭଗବତ୍ ଦୃଷ୍ଟି ପ୍ରାପ୍ତ ହେବ । ସମସ୍ତ ଦୁଃଖ ଯନ୍ତ୍ରଣାର ଅନ୍ତ ଘଟିବ । ଦିବ୍ୟ ଚେତନା ସହିତ ମନ ଏକାକାର ହୋଇଯିବ । ଜୀବନର ସବୁକିଛି ଇଶ୍ୱର ବୋଲି ବୋଧ ହେବ । ମାଟି

ପାତ୍ରରେ ଆବଦ୍ଧ ହୋଇ ରହିଥିବା ଶୂନ୍ୟ ଆକାଶ, ମାଟି ପାତ୍ରଟି ଭାଙ୍ଗି ଯିବାରେ ମହାକାଶ ତତ୍ତ୍ୱ ସହିତ ଏକାକାର ହୋଇଯାଏ । ଆତ୍ମସାକ୍ଷାତ୍କାର ହେବାରେ ସମସ୍ତ ବିକାର, ଅଜ୍ଞାନର ଆବରଣ ହଟିଯାଇ ଅନନ୍ୟ ଯୋଗୀ ଭକ୍ତ ପରଂବ୍ରହ୍ମ ସହିତ ଏକାକାର ହୋଇଯାଏ ।"

**ନିଷ୍କର୍ଷ** : ଭଗବାନ ନିଜ ସ୍ୱରୂପ ସମ୍ବନ୍ଧରେ ଯେଉଁ ଜ୍ଞାନ-ବିଜ୍ଞାନ ତତ୍ତ୍ୱ କହିଛନ୍ତି, ତାହା ଅତ୍ୟନ୍ତ ଗୋପନୀୟ ଏବଂ ସର୍ବ ଶ୍ରେଷ୍ଠ ହୋଇଥିବା କାରଣରୁ ଏହି ଅଧ୍ୟାୟର ନାମ ରାଜବିଦ୍ୟା–ରାଜଗୁହ୍ୟ ଯୋଗ ରଖାଯାଇଛି । ଶ୍ରୀ ଭଗବାନ କହିଥିବା ଏହି ଯୋଗ ବିଦ୍ୟା ଅତ୍ୟନ୍ତ ପବିତ୍ର, ଧର୍ମମୟ, ପ୍ରତ୍ୟକ୍ଷ ବୋଧଶୀଳ, ସହଜରେ କରଣୀୟ ମଧ୍ୟ । ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ରଖୁ ନ ଥିବା ମନୁଷ୍ୟ, ଏହାର ମହିମା ବୁଝିପାରି ନ ଥାଏ । ଅଶୁଭ ସଂସାରରୁ ମୁକ୍ତି ନ ପାଇ ବାରମ୍ବାର ଜନ୍ମ ନେଉଥାଏ । ଭଗବାନ ନିଜ ସ୍ୱରୂପ ସମ୍ବନ୍ଧରେ ଉକ୍ତି ରଖିଛନ୍ତି; ସଚରାଚର ବ୍ରହ୍ମାଣ୍ଡ ମୋର ସୂକ୍ଷ୍ମ ସ୍ୱରୂପ ଦ୍ୱାରା ପରିବ୍ୟାପ୍ତ । ସମସ୍ତ ପ୍ରାଣୀଙ୍କୁ ଉତ୍ପନ୍ନ ଓ ଧାରଣ କରୁଥିଲେ ମଧ୍ୟ ମୁଁ ସେହି ପ୍ରାଣୀମାନଙ୍କ ଆଶ୍ରିତ ନୁହେଁ, ବରଂ ସେମାନେ ମୋର ଆଶ୍ରିତ । ସମସ୍ତ ପ୍ରାଣୀ ପ୍ରକୃତିର ଆଶ୍ରିତ ଏବଂ ପ୍ରକୃତି ମୋର ଆଶ୍ରିତ । ସେହି କାରଣରୁ ସୃଷ୍ଟି ରଚନା ଓ ବିଲୟ ମୋର ଅଧ୍ୟକ୍ଷତାରେ ହେଉଥିଲେ ମଧ୍ୟ, 'ମୁଁ' ସେହି କ୍ରିୟାରେ ଆବଦ୍ଧ ରହି ନ ଥାଏ । ଏହି ସମସ୍ତ କ୍ରିୟା ମୋର ଉପରେ ଆଶ୍ରିତ ପ୍ରକୃତି ହିଁ କରିଥାଏ । ସ୍ୱାର୍ଥାନ୍ୱେଷୀ ମନୁଷ୍ୟ କ୍ଷଣଭଙ୍ଗୁର ଶରୀର ଓ ସଂସାରକୁ ସର୍ବସ୍ୱ ମନେକରି, ଭୋଗପ୍ରତି ଆସକ୍ତରହି, ଦମ୍ଭ, ଦର୍ପ, ହିଂସା, ମୋହ ପ୍ରଭୃତି ଆସୁରୀ ସ୍ୱଭାବକୁ ଧାରଣ କରିଥାଏ । ଦୈବୀ ପ୍ରକୃତି ଆଶ୍ରିତ ଅନନ୍ୟମନା ମହାତ୍ମାଗଣ ମୋତେ ସମସ୍ତ ପ୍ରାଣୀଙ୍କ ଆଦି ଓ ଅବିନାଶୀ ବୋଲି ଜାଣି ମୋର ଭଜନା କରନ୍ତି । ଶ୍ରୀ ଭଗବାନଙ୍କ ବିବିଧ ଭାବର ମୂର୍ତ୍ତ ବିଗ୍ରହକୁ ଭିନ୍ନ ଭିନ୍ନ ଦେବାଦେବୀଙ୍କ ରୂପଦେଇ ଉପାସନା କରିବା ମଧ୍ୟ ଭଗବାନଙ୍କ ଆରାଧନା ଅଟେ । ତହିଁରେ ଚିତ୍ତ ଶୁଦ୍ଧ ହୁଏ । ଦେବତାମାନଙ୍କ ପ୍ରସନ୍ନତାରେ ସାଧନା ପଥ ସୁଗମ ହୋଇ ଶେଷରେ ଭଗବାନଙ୍କ ଦର୍ଶନ ମଧ୍ୟ ସମ୍ଭବ ହୁଏ । "ଭଗବାନ ହିଁ ପରମ ଆଶ୍ରୟ ଏବଂ ପରମ ଆତ୍ମୀୟ ସଂରକ୍ଷକ" - ଏହା ମାନି ତାଙ୍କରି ଉପରେ ନିର୍ଭର ହୋଇଯିବା, ସମସ୍ତ କାର୍ଯ୍ୟ ତାଙ୍କୁ ସମର୍ପଣ କରି ତାଙ୍କରି ପ୍ରତ୍ୟେକ ବିଧାନରେ ସଦା ସନ୍ତୁଷ୍ଟ ରହିବା, ତାଙ୍କରି ଆଜ୍ଞା ଅନୁସରଣ କରିବା, ଗୁଣ, ପ୍ରଭାବ, ଲୀଳା ଶ୍ରବଣ ଓ ନାମ ସଂକୀର୍ତ୍ତନରେ ତାଙ୍କରି ସହିତ ଯୋଡିହୋଇ ରହିବା - ଏହି ସମସ୍ତ ହେଉଛି ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତିର ପରାକାଷ୍ଠା । ସାଧକ ନବଧା ଭକ୍ତି ଅଭ୍ୟାସ କରିବା ଉଚିତ, ଯାହା କି ଭଗବାନଙ୍କ ଦିବ୍ୟ ନାମ, ଗୁଣଗାଥା ଶ୍ରବଣ କୀର୍ତ୍ତନରୁ ଆରମ୍ଭ ହୋଇଥାଏ । ଯେଉଁ ଅନନ୍ୟ ଭକ୍ତଗଣ ମୋତେ ଚିନ୍ତନ କରି ମୋର ସମ୍ୟକ ଭାବେ ଉପାସନା କରନ୍ତି, ନିରନ୍ତର ମୋ'ଠାରେ ନିମଗ୍ନ ରହୁଥିବା ସେହି ଭକ୍ତଙ୍କ ଯୋଗକ୍ଷେମ (ଅପ୍ରାପ୍ତର ପ୍ରାପ୍ତି ଓ ପ୍ରାପ୍ତ ରକ୍ଷା) ମୁଁ ବହନ କରେ । ଭଗବାନ ସ୍ୱୟଂ ଶୁଦ୍ଧ ଭକ୍ତର ଯତ୍ନ ନେଇଥାନ୍ତି । ସବୁକିଛି ମୋତେ ସମର୍ପଣ କରି, 'ମୁଁ' ହିଁ ପରମ ପ୍ରାପ୍ୟ, ପରମଗତି, ପରମ ଆଶ୍ରୟ ମାନି ନେବା ହେଉଛି ମୋର ଶରଣାପନ୍ନ । ମୋରି ଦୃଷ୍ଟିରେ ସମସ୍ତ ପ୍ରାଣୀ ସମାନ । କିନ୍ତୁ ମୋର ଯିଏ ଅନନ୍ୟ ଭକ୍ତ, ସେ ତାହାରି ହୃଦୟରେ ମୋର ଅଧିଷ୍ଠାନ ସ୍ୱରୂପକୁ ପ୍ରତ୍ୟେକ ମୁହୂର୍ତ୍ତରେ ସ୍ମରଣ କରୁଥିବାରୁ, ମୁଁ ମଧ୍ୟ

ତାହା ସହିତ ଯୁକ୍ତ ହୋଇ ରହି ମୋର ସାନ୍ନିଧ ପ୍ରାପ୍ତ କରାଇଥାଏ । ଯଦି କୌଣସି ଅତ୍ୟନ୍ତ ଦୁରାଚାରୀ ମଧ ମୋର ସ୍ୱରୂପ ତତ୍ତ୍ୱକୁ ଜାଣି, ମୋତେ ପ୍ରାପ୍ତି ନିମିତ୍ତ ଦୃଢମନା ହୋଇ  ମୋର  ଭଜନା କରେ, ତେବେ ତାକୁ ଅବଶ୍ୟ ସାଧୁ ବୋଲି ମାନିବା ଉଚିତ । ସେ ଉତ୍ତମରୂପେ ଦୃଢନିଶ୍ଚୟ କରି ନେଇଥିବାରୁ, ଖୁବ୍ ଶୀଘ୍ର ଧର୍ମାତ୍ମା ହୋଇ ଚିର ଶାନ୍ତି ଲାଭକରେ । ହେ କୁନ୍ତୀନନ୍ଦନ ! ତୁମେ ପ୍ରତିଜ୍ଞା କର ଯେ, ମୋ ଭକ୍ତର କେବେ ପତନ ହୁଏ ନାହିଁ । ଯେଉଁମାନେ ପାପଯୋନି ସମ୍ଭୁତ ତଥା ଯେଉଁମାନେ ନାରୀ, ବୈଶ୍ୟ ଓ ଶୂଦ୍ର ସେମାନେ ମଧ ମୋର ଶରଣାପନ୍ନ ହୋଇ ନିସନ୍ଦେହରେ ପରମଗତି ଲାଭ କରନ୍ତି । ତେଣୁ ହେ ପୃଥାନନନ୍ଦନ ! ନିରନ୍ତର ମୋର ଧାନକର । ମୋ ସହିତ ସର୍ବଦା ଯୁକ୍ତହୋଇ ଜୀବନ ଅତିବାହିତ କର । ମୋର ଅନନ୍ୟ ଭକ୍ତ ହୋଇଗଲେ, ‘ମୁଁ’ ତୁମକୁ ମୋ ଦିଗକୁ ଟାଣି ଆଣିବି । ତୁମେ କେବଳ ମୋର ପ୍ରାପ୍ତି ନିମନ୍ତେ ଦୃଢ ଇଚ୍ଛା ପୋଷଣ କର- ପ୍ରତିରୋଧ କରନାହିଁ । ନଦୀ ମହାସାଗରରେ ପହଞ୍ଚିଲାପରେ, ତାହାରି ନାମ, ଆକାର, ଏବଂ ଧାରଣ କରିଥିବା ଜଳ ସମୁଦ୍ର ସହିତ ମିଶି ନିଜର ସ୍ୱତନ୍ତ୍ରତା ହରାଇଥାଏ । ସେହି ସାଦୃଶ୍ୟ ମୋ ସହିତ ଯୁକ୍ତ ହୋଇ ରହିଲାପରେ ନାମ, ରୂପ, ଗୁଣକୁ ନେଇ ରହିଥିବା ତୁମର ଏହି ମନ ଓ ଶରୀରର ସ୍ୱତନ୍ତ୍ର ଅସ୍ତିତ୍ୱ ମୋ ସହିତ ଏକାକାର ହୋଇଯିବ । ତାହାହିଁ ତୁମର ପରମଗତି ।

ଓଁତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ରାଜବିଦ୍ୟା ରାଜଗୁହ୍ୟ ଯୋଗୋ ନାମ ନବମୋଽଧାୟଃ ॥୯ ॥

ଏହି ପ୍ରକାରେ “ଓଁ,ତତ୍ ,ସତ୍” – ଏହି ଭଗବାନ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ ‘ରାଜବିଦ୍ୟାରାଜଗୁହ୍ୟ ଯୋଗ’ ନାମକ ନବମ ଅଧାୟ ପୂର୍ଣ୍ଣ ହେଲା ॥ ୯॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

ଅଥ ଦଶମୋଽଧ୍ୟାୟଃ (ଦଶମଅଧ୍ୟାୟ )

(ବିଭୂତିଯୋଗଃ)

ଶ୍ରୀ ଭଗବାନ ଉବାଚ

ଭୂୟ ଏବ ମହାବାହୋ ଶୃଣୁମେ ପରମଂ ବଚଃ ।
ଯତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ॥୧॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ପରମ ପୁରୁଷ ଭଗବାନ କହିଲେ ) ମହାବାହୋ (ହେ ମହାବାହୁ ଅର୍ଜୁନ!) ଭୂୟଃ ଏବ (ପୁନର୍ବାର ନିଶ୍ଚିତ ଭାବରେ) ମେ (ମୋର) ପରମଂ ବଚଃ (ଶ୍ରେଷ୍ଠ ବାଣୀ) ଶୃଣୁ (ଶ୍ରବଣ କର) ଯତ୍ (ଯାହା) ପ୍ରୀୟମାଣାୟ (ମୋ ପ୍ରତି ତୁମର ଅତିଶୟ ପ୍ରେମଭାବ ଥିବାରୁ- ମୋର କଥାକୁ ତୁମେ ପ୍ରେମର ସହିତ ଶୁଣି ପ୍ରସନ୍ନ ହେଉଥିବାରୁ ) ଅହଂ ( ମୁଁ ) ତେ (ତୁମକୁ ) ହିତ କାମ୍ୟୟା ( କଲ୍ୟାଣପ୍ରଦ କଥା ) ବକ୍ଷ୍ୟାମି ( କହିବି ) ।*

**ଭାବାର୍ଥ**: ଶ୍ରୀ ଭଗବାନ କହୁଛନ୍ତି; ହେ ମହାବାହୁ ! ତୁମର ମୋରପ୍ରତି ଅତିଶୟ ପ୍ରେମ ରହି ଥିବାରୁ ମୋର ବାକ୍ୟକୁ ତୁମେ ଅମୃତ ତୁଲ୍ୟ ମନେକରି ଶ୍ରଦ୍ଧାର ସହିତ ଶୁଣି ପ୍ରସନ୍ନ ହେଉଅଛ । ତେଣୁ 'ମୁଁ ତୁମର ହିତ କାମନା କରି କଲ୍ୟାଣପ୍ରଦ କଥା କହୁଅଛି । ମୋର ଏହି ପରମାର୍ଥିକ ସର୍ବୋତ୍ତମ ବାକ୍ୟକୁ ପୁନର୍ବାର ତୁମେ

ଶୁଣିନିଅ । ଭଗବାନ ମହାବାହୁ ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା; - ହେ ଅର୍ଜୁନ ! ତୁମେ ବଡ ଶକ୍ତିମାନ୍ ପୁରୁଷ । ତୁମର ଏହି ବିରାଟ ବାହୁର ଶକ୍ତି ତୁମକୁ ପରାଜିତ ହେବାକୁ ଦେବ ନାହିଁ । ତୁମେ ଉତ୍ସାହ ପ୍ରଦର୍ଶନ କର । ଉତ୍ସାହ ହେଉଛି ଲକ୍ଷ୍ମୀଙ୍କ ନିବାସ । ଯେ' ଉଦ୍ୟୋଗୀ ଶ୍ରେଷ୍ଠ ପୁରୁଷ, ତାହାରି ପାଖକୁ ଲକ୍ଷ୍ମୀ ସ୍ୱୟଂ ଆସିଥାନ୍ତି । ବକ୍ତାଙ୍କ ପ୍ରତି ଶ୍ରୋତାର ଶ୍ରଦ୍ଧା ଓ ପ୍ରେମ ଭାବ ଥିବାର ଅନୁଭବ ହେଲେ, ବକ୍ତା ଶ୍ରୋତା ପ୍ରତି କୃପା ପୂର୍ବକ ହିତ କାମନାକରି ନିଃସଙ୍କୋଚରେ ନିଜ ତରଫରୁ କଲ୍ୟାଣପ୍ରଦ ଉପଦେଶ ଦେଇଥାନ୍ତି । ସେହି ଉପଦେଶ ଶ୍ରୋତାର ହୃଦୟରେ ଅଟଳ ରୂପରେ ଦୃଢୀଭୂତ ହୋଇଯାଏ । ବ୍ୟାବହାରିକ ଜୀବନରେ ଅନ୍ୟର ହିତ କାମନା କରିବା ଦ୍ୱାରା ନିଜ ପାଇଁ ତାହା ତ୍ୟାଗ ରୂପ ହୋଇଯାଏ ଏବଂ ସେଥିରେ ନିଜର କାମନାର ବିନାଶ ହୁଏ । ତେଣୁ ସାଧକ ଅନ୍ୟର ହିତ କାମନା କରି, ସେମାନଙ୍କ ସହିତ ଯଥାଯୋଗ୍ୟ ବ୍ୟବହାର କରିବାରେ ଭଗବାନଙ୍କ ପ୍ରେମର ପାତ୍ର ହୋଇ କୃପା ପ୍ରାପ୍ତ କରିଥାଏ । ସପ୍ତମ ଓ ନବମ ଅଧ୍ୟାୟରେ ପରମେଶ୍ୱରଙ୍କ ସ୍ୱରୂପ ବର୍ଣ୍ଣନ ପ୍ରସଙ୍ଗରେ ଶ୍ରୀ ଭଗବାନ ସଂକ୍ଷେପରେ ନିଜ ବିଭୂତିର ବର୍ଣ୍ଣନା କରିଛନ୍ତି । ଚକ୍ଷୁକୁ ଦେଖା ଯାଉଥିବା ସମସ୍ତ ଦୃଶ୍ୟ ପ୍ରପଞ୍ଚ, ଅବ୍ୟକ୍ତ ରୂପରେ ରହିଥିବା ପରମାତ୍ମାଙ୍କ ବିଭୂତି ଅଟେ । ଦୃଶ୍ୟମାନ ଜଗତ ଭଗବାନଙ୍କ ବିଭୂତି ଏବଂ ବୈଭବ ବୋଲି ଜ୍ଞାନ ହୋଇ ଗଲାପରେ, ଯେ କୌଣସି ସ୍ଥିତିରେ ଭକ୍ତ ଭଗବାନଙ୍କ ସହିତ ଯୁକ୍ତ ହୋଇ ରହି ପାରିଥାଏ । ଭଗବାନଙ୍କୁ ବିସ୍ମୃତ ହେବାର ପ୍ରସଙ୍ଗ ରହି ନ ଥାଏ । କାଷ୍ଠ ଖଣ୍ଡିକରେ ଯେଉଁ ପର୍ଯ୍ୟନ୍ତ ଅଗ୍ନି ଅଦୃଶ୍ୟ ସ୍ଥିତିରେ ଥାଆନ୍ତି, ତାହା ଅଗ୍ନିଙ୍କ ଯୋଗ ସ୍ୱରୂପ । କାଷ୍ଠ ଖଣ୍ଡିକ ଯେବେ ଅଗ୍ନି ସଂଯୋଗରେ ପ୍ରଜ୍ୱଳିତ ହୁଏ, ତାହାକୁ ଅଗ୍ନିଙ୍କ ବୈଭବ କୁହାଯିବ । ସେହି ପ୍ରକାରେ ଭଗବାନ ଯୋଗ ରୂପରେ ସର୍ବତ୍ର ପରିବ୍ୟାପ୍ତ ଏବଂ ବିଭୂତି ରୂପରେ ସର୍ବତ୍ର ଦୃଶ୍ୟମାନ୍ । ସୂର୍ଯ୍ୟ, ଚନ୍ଦ୍ରମା, ବୃକ୍ଷ, ପର୍ବତ-ନଦୀ, ସ୍ଥାବର, ଜଙ୍ଗମ ଯେତେ ସବୁ ଦୃଶ୍ୟମାନ୍, ସେ ସମସ୍ତ ଭଗବାନଙ୍କ ବିଭୂତି ଅଟେ । ସର୍ବତ୍ର ଈଶ୍ୱର ଦୃଷ୍ଟି, ଦୃଢ ବିଶ୍ୱାସ ଓ ଶ୍ରଦ୍ଧା ସହିତ ଭକ୍ତି ଯୋଗରେ ସ୍ଥିର ହେବା ନିମିତ୍ତ ଭଗବାନ ସେହି ବିଭୂତିମାନ ବିସ୍ତାରିତ ଭାବରେ କହିଛନ୍ତି । ପରମାତ୍ମା ସମ୍ବନ୍ଧୀୟ ସମସ୍ତ ବାକ୍ୟ ପରଂ ବଚନ, କାରଣ ଏହାର ସହାୟତାରେ ପରମାତ୍ମା ପ୍ରାପ୍ତ ହୋଇ ଥାନ୍ତି । ପରାଶର ମୁନିଙ୍କ ଉକ୍ତି ଅନୁସାରେ ଯେ' - ପୂର୍ଣ୍ଣ କ୍ଷମତା, ପୂର୍ଣ୍ଣ ଯଶ, ପୂର୍ଣ୍ଣ ସମ୍ପଦ, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ସୌନ୍ଦର୍ଯ୍ୟ ଏବଂ ପୂର୍ଣ୍ଣ ତ୍ୟାଗ – ଏହି ଷଡ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ସେ 'ପରଂ' ଅଟନ୍ତି । ଅର୍ଥାତ୍ ସେହି ପରମ ପୁରୁଷ କେବଳ ଭଗବାନ ହିଁ ଅଟନ୍ତି । ଭଗବାନଙ୍କ ଲୀଳା, ଐଶ୍ୱର୍ଯ୍ୟ ଓ ବିଭୂତି ସମ୍ବନ୍ଧୀୟ ସମସ୍ତ ବାକ୍ୟ ପରମ ବଚନ ଅଟେ । ଭଗବାନ ଭକ୍ତର ପ୍ରେମରେ ଅଭିଭୂତ ହୋଇ ଭକ୍ତ ସାମନାରେ ପରମ ଗୋପନୀୟ ଗୁଣ, ପ୍ରଭାବ ଏବଂ ତତ୍ତ୍ୱର ରହସ୍ୟ ବାରମ୍ବାର ଖୋଲିକରି କହିଥାନ୍ତି । ଏପରିକି ନିଜର ଐଶ୍ୱର୍ଯ୍ୟମୟ ବିରାଟ ରୂପକୁ ପ୍ରଦର୍ଶନ କରିବାକୁ ଭକ୍ତପ୍ରତି କୃପା କରିଥାନ୍ତି । ମାତା ଯଶୋଦା ଅନେକ ବାର ଭଗବାନ ଶ୍ରୀକୃଷ୍ଣଙ୍କ ସେହି ରୂପକୁ ଦେଖିଥିଲେ ମଧ୍ୟ – 'ମୋର ଛୋଟ ଲାଲା କହ୍ନେୟା' ନାମରେ ଡାକି ଜୀବନ ସାରା ବାତ୍ସଲ୍ୟ ପ୍ରେମ ରୂପରେ ଭଜନା କରିଛନ୍ତି । ଭଗବାନ ନିଜ ଯୋଗମାୟାରେ ନିଜକୁ ଲୁଚାଇରଖି, ସଗୁଣ ସାକାର ଅବତାର କାଳରେ ନିଜର ଭକ୍ତ, ସଖା, ବନ୍ଧୁ, ପରିବାର ଜନଙ୍କୁ ସୁଖ

ବାଣ୍ଟିଥାନ୍ତି । ଏହା ଭକ୍ତର ଭଗବାନ ପ୍ରତି ପ୍ରେମର ଫଳ । ଭଗବାନଙ୍କ ହୃଦୟର ଗୋପନୀୟ କଥା ଭକ୍ତ ବିନା ଅନ୍ୟ କେହି ସଂସାରରେ ଶୁଣିବା ପାଇଁ ଯୋଗ୍ୟ ନୁହନ୍ତି । ତେଣୁ ଅର୍ଜୁନ ନ ପଚାରିଲେ ମଧ୍ୟ ଭଗବାନ କୃପା ପରବଶ ହୋଇ ଏହି ବିଭୂତି ଯୋଗ ଦଶମ ଅଧ୍ୟାୟ ଆରମ୍ଭ କରିଛନ୍ତି ।

ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।
ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ॥୨॥

*ଅନ୍ୱୟ: ମେ (ମୋର) ପ୍ରଭବଂ (ପ୍ରାକଟ୍ୟକୁ – ଉତ୍ପତ୍ତିକୁ- ଅତୁଳନୀୟ ଶକ୍ତିକୁ ) ସୁରଗଣାଃ (ଦେବତାମାନେ) ନ ବିଦୁଃ (ଜାଣନ୍ତି ନାହିଁ) ମହର୍ଷୟଃ ଚ ନ (ମହର୍ଷିଗଣ ମଧ୍ୟ ଜାଣନ୍ତି ନାହିଁ ) ହି (କାରଣ) ଅହଂ (ମୁଁ) ଦେବାନାଂ (ଦେବତା ମାନଙ୍କର) ମହର୍ଷୀଣାଂ ଚ (ଏବଂ ମହର୍ଷିମାନଙ୍କର ମଧ୍ୟ) ସର୍ବଶଃ (ସର୍ବ ପ୍ରକାରେ ) ଆଦିଃ (ମୂଳ କାରଣ – ଆଦି କାରଣ )*

**ଭାବାର୍ଥ** : 'ମୁଁ' କେଉଁ ରୂପରେ ପ୍ରଗଟ ହୋଇଥାଏ ଏବଂ କେବେ ଓ କାହିଁକି ହୋଇଥାଏ – ମୋର ଏହି ଜନ୍ମ-କର୍ମ ଦିବ୍ୟ ଲୀଳା ରହସ୍ୟ ଜାଣିବା ନିମନ୍ତେ ଦେବତାଗଣ କିମ୍ବା ମହର୍ଷିଗଣ ଅନେକ କାଳ ପର୍ଯ୍ୟନ୍ତ ପ୍ରଯତ୍ନ କରିମଧ୍ୟ ଏହି ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ପ୍ରାପ୍ତ କରିପାରି ନାହାନ୍ତି । ପ୍ରଜାପତି ବ୍ରହ୍ମା, ଏକାଦଶ ରୁଦ୍ର, ଅଷ୍ଟବସୁ, ଦ୍ୱାଦଶ ଆଦିତ୍ୟ, ଅଣଚାଶ ମରୁତଗଣ, ଅଶ୍ୱିନୀକୁମାର, ଇନ୍ଦ୍ର ଆଦି ଯେତେ ଧୀ-ଶକ୍ତି ସମ୍ପନ୍ନ ଦେବତା ଓ ସପ୍ତ ମହର୍ଷିଗଣ ଅଛନ୍ତି, ସେ ସମସ୍ତ ମୋ'ଠାରୁ ଉତ୍ପନ୍ନ ଏବଂ ତେଜ, ଶକ୍ତି ଓ ସାମର୍ଥ୍ୟ ମୋ'ଠାରୁ ହିଁ ପ୍ରାପ୍ତ । ପୁତ୍ର ଯେପରି ପିତାର ଜନ୍ମ ବୃତ୍ତାନ୍ତ ଜାଣିବା ନିମନ୍ତେ ସମର୍ଥ ହୋଇ ନଥାଏ, 'ମୁଁ' ସମସ୍ତ ଦେବତା ଓ ମହର୍ଷିଗଣଙ୍କ କାରଣ ଉପାଦାନ ହୋଇଥିବାରୁ, ମୋର ଲୀଳା–ପ୍ରଭବ ଅର୍ଥାତ୍ ଧରା ପୃଷ୍ଠରେ ଆବିର୍ଭୂତ ହେବା ତତ୍ତ୍ୱକୁ ସେହିମାନେ ବୁଝି ପାରି ନ ଥାନ୍ତି । ଏପରିକି ବିଶିଷ୍ଟ ଦେବତା ଓ ମହର୍ଷିଗଣ – "ଭଗବାନ ନିର୍ବିଶେଷ, ନିରାକାର ଅଟନ୍ତି ଏବଂ ଭୂତ ପ୍ରକୃତିର ତ୍ରିଗୁଣ ଦ୍ୱାରା ପ୍ରକାଶିତ ହୁଅନ୍ତି ନାହିଁ"–ଏହି ପ୍ରକାର ବିପରୀତ ସିଦ୍ଧାନ୍ତରେ ପହଞ୍ଚି ସ୍ୱୟଂ ମାୟା ଦ୍ୱାରା ଭ୍ରାନ୍ତହୋଇ, ମୋର ଏହି ସ୍ୱରୂପ ଆବିର୍ଭାବକୁ 'ଈଶ୍ୱର ତତ୍ତ୍ୱ' ବୋଲି କହିଥାନ୍ତି । ଯେଉଁ ଭକ୍ତଗଣ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କ ଚରଣ କମଳରେ ଆତ୍ମ ସମର୍ପଣ କରିଛନ୍ତି, କେବଳ ସେହିମାନେ ହିଁ ଭଗବାନଙ୍କ ଅପାର କୃପା ବଶତଃ ଜାଣି ପାରିଛନ୍ତି ଯେ, ଶ୍ରୀ ରାମ ହେଉଛନ୍ତି ମର୍ଯ୍ୟାଦାପୂର୍ଣ୍ଣ ଅବତାରୀ ପୁରୁଷ ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ବାସୁଦେବ । ଭଗବାନ ନିଜର ଅତୁଳନୀୟ ଯୋଗଶକ୍ତି ଦ୍ୱାରା ତାଙ୍କରି ଇଚ୍ଛାନୁରୂପରେ ଦୁଷ୍ଟର ବିନାଶ, ଭକ୍ତକୁ ଦର୍ଶନ, ଲୀଳା ଓ ବୈଚିତ୍ର୍ୟ ଦ୍ୱାରା ପ୍ରାଣୀ ମାନଙ୍କ ଉଦ୍ଧାର ନିମିତ୍ତ ପ୍ରଗଟ ହୋଇଥାଆନ୍ତି । ବ୍ରହ୍ମା, ଶିବ, ସନକାଦି ଏବଂ ଭୃଗୁ, ବଶିଷ୍ଠ ପ୍ରମୁଖ ବ୍ରହ୍ମବାଦୀଗଣ ତପ, ବିଦ୍ୟା, ସମାଧି ଇତ୍ୟାଦି ଦ୍ୱାରା ପ୍ରଚେଷ୍ଟା କରି ମଧ୍ୟ ମୋର ନିର୍ଗୁଣ ପରବ୍ରହ୍ମ ସ୍ୱରୂପର ଦର୍ଶନ ପାଇବାକୁ ସକ୍ଷମ ନୁହନ୍ତି । ମୋର ଅପରା ଶକ୍ତିଦ୍ୱାରା ପ୍ରତିଭାତ ସ୍ୱରୂପ ହିଁ 'ଈଶ୍ୱର' । ଅପରାଶକ୍ତି ତଥା ବଦ୍ଧ ଜୀବର ଚିନ୍ତାତୀତ ମୋର ଏକ ଅସ୍ଫୁଟ ସ୍ୱରୂପ ହେଉଛି 'ବ୍ରହ୍ମ' । ଅତଏବ, 'ଈଶ୍ୱର ବା ପରମାତ୍ମା' ତଥା 'ବ୍ରହ୍ମ' – ମୋର ଏହି ଦୁଇ ସ୍ଫୁର୍ତ୍ତି, ସୃଷ୍ଟ ବସ୍ତୁରେ ଅନ୍ୱୟ (ସଗୁଣ) ଏବଂ ବ୍ୟତିରେକ (ନିର୍ଗୁଣ) ଭାବରେ ଲକ୍ଷିତ ହୋଇଥାଏ । ବିଜୁଳି ଶକ୍ତି ତାର ଭିତରେ ବ୍ୟତିରେକ ପ୍ରଣାଳୀରେ ଥାଏ, ଯେବେ ବଲ୍ବ ଭିତରେ ଆଲୋକ ରୂପରେ ଅନ୍ୱୟ ପ୍ରଣାଳୀରେ ଲକ୍ଷିତ ହୁଏ । ତପ, ଜ୍ଞାନ, ବୈରାଗ୍ୟାଦି ସାଧନ ଦ୍ୱାରା ମୁନି, ଋଷି,

ଦେବଗଣ ଶୁଷ୍କ ବ୍ରହ୍ମକୁ ଶ୍ରେୟ ମାନି ସେଥିରେ ନିଜ ସ୍ୱରୂପ ଲୀନ କରିବାର ପ୍ରୟାସ କରିଥାନ୍ତି । କିନ୍ତୁ ମୋର ଭକ୍ତଗଣ ନିଜ କ୍ଷୁଦ୍ର ଜ୍ଞାନର ପରିଚାଳନରେ ଅଚିନ୍ତ୍ୟ-ଅବ୍ୟକ୍ତ ତତ୍ତ୍ୱର ଗତିକୁ କଷ୍ଟସାଧ୍ୟ ମନେକରି, ମୋର ପ୍ରତି ଭକ୍ତି ବୃତ୍ତିର ଅନୁଶୀଳନ କରିଥାନ୍ତି । ଏଥିରେ 'ମୁଁ' ଦୟାର୍ଦ୍ର ହୋଇ ସହଜ ଜ୍ଞାନ ଦ୍ୱାରା ସେମାନଙ୍କୁ ମୋର ସ୍ୱରୂପାନୁଭୂତି ପ୍ରଦାନ କରିଥାଏ ।

ଯୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।
ଅସମ୍ମୂଢ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ॥୩॥

*ଅନ୍ୱୟ: ଯଃ ( ଯେ) ମାମ୍ (ମୋତେ) ଅଜମ୍ (ଅଜନ୍ମା-ଜନ୍ମ ରହିତ) ଅନାଦିମ୍ (ଆଦି ରହିତ – ଆରମ୍ଭଶୂନ୍ୟ-ଚିରନ୍ତନ) ଲୋକ ମହେଶ୍ୱର ଚ (ଏବଂ ସମସ୍ତ ବ୍ରହ୍ମାଣ୍ଡର ସ୍ୱାମୀ-ମହେଶ୍ୱର ରୂପରେ) ବେତ୍ତି ( ଅର୍ଥାତ୍ ଦୃଢଭାବେ ମାନନ୍ତି) ସଃ (ସେ) ମର୍ତ୍ତ୍ୟେଷୁ (ମନୁଷ୍ୟମାନଙ୍କ ମଧ୍ୟରେ – ମର୍ତ୍ତ୍ୟଲୋକରେ) ଅସମ୍ମୂଢ (ମୋହଶୂନ୍ୟ–ଅର୍ଥାତ୍ ଜ୍ଞାନବାନ୍ ରୂପେ) ସର୍ବ ପାପୈଃ (ସମସ୍ତ ପାପ କର୍ମର ପ୍ରତିକ୍ରିୟାରୁ ) ପ୍ରମୁଚ୍ୟତେ (ମୁକ୍ତ ହୋଇଥାଆନ୍ତି ) ।*

**ଭାବାର୍ଥ**: ଯେ ମୋତେ ଅଜନ୍ମା, ଆଦି-ଅନ୍ତ ରହିତ ଏବଂ ସମସ୍ତ ଲୋକର ଈଶ୍ୱରଙ୍କ ମହାନ୍ ଈଶ୍ୱର ଅର୍ଥାତ୍ ସମସ୍ତ ବ୍ରହ୍ମାଣ୍ଡର ପ୍ରଭୁ ବୋଲି ଦୃଢ ଭାବରେ ସ୍ୱୀକାର କରିଥାନ୍ତି, ସେ ଏହି ମନୁଷ୍ୟ ଲୋକରେ ସମସ୍ତ ପ୍ରକାର ପାପକର୍ମ ପ୍ରତିକ୍ରିୟାରୁ ମୁକ୍ତ ହୋଇ ଥାଆନ୍ତି । ଭଗବାନ ଜନ୍ମ ରହିତ ଏବଂ ଏକ ରୂପ, ଏକ ରସ ଭାବରେ ଚିର ଶାଶ୍ୱତ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣନ ରହିଛି; - "ଉଦ୍ଧବ କହିଥିଲେ; ପ୍ରଭୁ ! ଆପଣ ନିଃସ୍ପୃହ ହୋଇ ମଧ୍ୟ କର୍ମ କରୁଛନ୍ତି, ଅଜନ୍ମା ହୋଇ ମଧ୍ୟ ଜନ୍ମ ନେଇଛନ୍ତି, କାଳରୂପ ହୋଇ ମଧ୍ୟ ଶତ୍ରୁ ଭୟରେ ଦ୍ୱାରିକାରେ ଲୁଚିଛନ୍ତି – ଏହି ବିଚିତ୍ର ଚରିତ୍ରକୁ ଦେଖି ବିଦ୍ୱାନ୍ ମାନଙ୍କ ବୁଦ୍ଧି ମଧ୍ୟ ଭ୍ରମିତ ହୁଏ" । ତାହାର ସମାଧାନ ହେଉଛି; ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ଦେବକୀ ଓ ବସୁଦେବଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ, ସେ ଚତୁର୍ଦ୍ଧାମୂର୍ତ୍ତି ଧାରଣ କରି ପ୍ରକଟିତ ହୋଇଥିଲେ । ତପୂରେ ଏକ ସାଧାରଣ ଶିଶୁ ରୂପରେ ରୂପାନ୍ତରିତ ହୋଇଥିଲେ । ଏହିଭଳି ଭଗବାନ ଯେବେ ମର୍ତ୍ତ୍ୟ ଲୋକରେ ଅବତାର ନିଅନ୍ତି, ସେ ସେହି ଅଜନ୍ମା ରୂପରେ ହିଁ ଆସି ଥାଆନ୍ତି । ସେ ସର୍ବ ଶକ୍ତିମାନ୍ ହୋଇଥିଲେ ମଧ୍ୟ, ଲୋକଶିକ୍ଷାକୁ ଦୃଷ୍ଟିରେ ରଖି ଲୌକିକ ଭାବରେ ସମସ୍ତ କ୍ରିୟା ନିର୍ଲିପ୍ତ ଭାବରେ ସମ୍ପାଦନ କରିଥାନ୍ତି । ମର୍ତ୍ତ୍ୟଲୋକର ସମସ୍ତ ଜୀବ ଓ ପଦାର୍ଥଠାରୁ ସେ' ଭିନ୍ନ ଅଟନ୍ତି । ବଦ୍ଧ ଜୀବ ପ୍ରକୃତି ଓ ଗୁଣର ପରବଶ ହୋଇ ଜନ୍ମ ନେଇଥାଏ । ପୂର୍ବ ଜନ୍ମର ସଂସ୍କାର ଅନୁଯାୟୀ କର୍ମଫଳ ଭୋଗ କରେ ଏବଂ ଭୋଗ ଅନ୍ତରେ ମୃତ୍ୟୁ ଦ୍ୱାରା ଶରୀର ବିନଷ୍ଟ ହୋଇଥାଏ । କିନ୍ତୁ ଭଗବାନ ଅବତାର କାଳରେ ମାନବ ଶରୀର ଧାରଣ କରିଥିଲେ ମଧ୍ୟ ତାହା ବିଭିନ୍ନ ଅବସ୍ଥାରେ କେବଳ ଲୀଳା ନିମିତ୍ତ ଉଦ୍ଦିଷ୍ଟ ହୋଇଥାଏ । ବାଲ୍ୟଲୀଳା ବେଳେ ମାତା ଯଶୋଦାଙ୍କ ଦ୍ୱାରା ବିଶାଳ ରଜ୍ଜୁରେ 'ମୁଁ' ବାନ୍ଧି ହୋଇ ନ ପାରିବା, ପୁତନା ଆଦି ଅସୁରଙ୍କୁ ବଧ କରିବା, ଗୋପାଙ୍ଗନା ମାନଙ୍କ ସହ ରାସକ୍ରୀଡା - ଏ ସମସ୍ତ ଯେପରି ଅତର୍କ୍ୟ, ସେହି ଏକ ସମୟରେ 'ମୁଁ' ଜନ୍ମ ନେଇ ଅଜନ୍ମା ହେବା, ଶତ୍ରୁରୂପେ କାହାର ଦୃଷ୍ଟିରୁ ଆଡେଇ ହୋଇ ରହିବା, ଏ ସବୁ ତର୍କ ଯୋଗ୍ୟ ନୁହେଁ । ଭଗବାନ ହେଉଛନ୍ତି ଅନାଦି ସନାତନ । ସେ' କାଳାତୀତ,

ତାଙ୍କରିଠାରେ କାଳର ମଧ୍ୟ ଆଦି ଓ ଅନ୍ତ ହୁଏ । କିନ୍ତୁ ସେ' ଯେପରି ସେପରି ରହି ଆସିଛନ୍ତି । ଭଗବାନ କହିଥିବା ଦୁଇଟି କଥା ପ୍ରତି ଧ୍ୟାନ ଦେବାକୁ ହେବ କି, ଗୋଟିଏ ହେଲା; -ସୃଷ୍ଟିର ଆରମ୍ଭରେ ଭଗବାନ ଥିଲେ, ସୃଷ୍ଟିର ସ୍ଥିତିରେ ସେ ଅଛନ୍ତି ଏବଂ ସୃଷ୍ଟିର ଲୟରେ ସେ ହିଁ କେବଳ ରହିବେ । ଅନ୍ୟଟି ହେଲା; - ସମସ୍ତଙ୍କ ଆଦିରେ(ମୂଳରେ) ଅଜନ୍ମା ପରମାତ୍ମା ହିଁ ସ୍ଥିତ । ସେ' ହିଁ ସମସ୍ତଙ୍କ ମୂଳ ଆଧାର ଏବଂ ସେ ହିଁ ସମଗ୍ର ବିଶ୍ୱର ସଞ୍ଚାଳକ । ପରମାତ୍ମା ସମ୍ବନ୍ଧରେ ଏହି ଦୁଇଟି ତତ୍ତ୍ୱ ଯଥାର୍ଥ ଭାବରେ ଉପଲବ୍ଧି ହେଲେ, ସ୍ୱାଭାବିକ ଭାବରେ ମନୁଷ୍ୟ ଜୀବନର ଅମୂଲ୍ୟ ସମୟଟିକ ସବୁ ପ୍ରକାରେ ନିରନ୍ତର ଭଗବାନଙ୍କ ଭଜନାରେ ଯୁକ୍ତ ହୋଇ ରହିବା ପାଇଁ ମନରେ ଦୃଢତା ଜାତ ହୁଏ । ଏହି ଜନ୍ମ ଏବଂ ପୂର୍ବ ଜନ୍ମର ସବୁ ପ୍ରକାର ପାପରୁ ସର୍ବଦା ମୁକ୍ତ ହୋଇ ସହଜରେ ପରମାତ୍ମାକୁ ପ୍ରାପ୍ତ ହୋଇଥାଏ । ଭଗବାନଙ୍କୁ ଅଜନ୍ମା, ଅନାଦି ଏବଂ ସର୍ବ ଶକ୍ତିମାନ୍ ମାନିନେଲେ, ଆତ୍ମା ପରମାତ୍ମାଙ୍କ ଅଂଶ କାରଣରୁ ନିଜ ସ୍ୱରୂପର ଅନାଦି ଅବିନାଶ ତତ୍ତ୍ୱ ବୋଧ ହୋଇଥାଏ । ଦେହାଭିମାନ ଥିବା ପର୍ଯ୍ୟନ୍ତ ଜୀବ ପାପରୁ ମୁକ୍ତ ହୋଇ ପାରିବ ନାହିଁ । କାରଣ ଦେହାଭିମାନ ହିଁ ହେଉଛି ସମସ୍ତ ପାପର ମୂଳ ଏବଂ ମୁକ୍ତି ପ୍ରାପ୍ତିର ପ୍ରତିବନ୍ଧକ । ଯେଉଁ ମୁହୂର୍ତ୍ତରେ ଜୀବର ଦେହାଭିମାନ ନଷ୍ଟ ହୋଇଯାଏ, ଅନ୍ତଃକରଣ ଶୁଦ୍ଧହୋଇ ଆତ୍ମା ସାକ୍ଷାତ୍କାର ହୋଇଥାଏ । ତାହା ହିଁ ଅସମ୍ମୂଢ ସ୍ଥିତି । ପୁଣ୍ୟଫଳର ଅଧିକତାରେ ଭୋଗ ଲୋକ ପ୍ରାପ୍ତ ହୋଇପାରେ, କିନ୍ତୁ ପାପ କର୍ମର ପ୍ରତିକ୍ରିୟାରୁ ମୁକ୍ତି ମିଳି ନଥାଏ । ଭକ୍ତି ଓ ପ୍ରେମ ସହିତ ଭଗବାନଙ୍କ ଯଥାର୍ଥ ସ୍ୱରୂପର ନିରନ୍ତର ଭଜନରେ ସଂଶୟ ଜନିତ ମୂଢଭାବ ଦୂର ହୁଏ । କେବଳ ଭଗବାନଙ୍କ ଅଶେଷ କୃପା ହେଲେ ହିଁ ନିଷ୍ପାପ ହୋଇ ଭଗବାନଙ୍କ ସ୍ୱରୂପକୁ ଅନୁଭବ କରାଯାଇ ପାରିବ । ଅଜ୍ଞାନ ଆବରଣ ହଟିବା ହେଉଛି ଯୋଗ ଏବଂ ପାପରୁ ମୁକ୍ତ କରିଦେବା ହେଉଛି ବିଭୂତି । ସେ ହେଉଛି ଅସମ୍ମୂଢ, ଯାହାର ଭଗବାନଙ୍କ ସର୍ବତ୍ର ପରିଦୃଷ୍ଟ ହେଉଥିବା ବୈଭବ, ପରମେଶ୍ୱରଙ୍କ ଦର୍ଶନ ରୂପେ ବୋଧ ହୋଇଥାଏ ।

ବୁଦ୍ଧିର୍ଜ୍ଞାନମସମ୍ମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।
ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଭୟମେବ ଚ ॥୪॥
ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽଯଶଃ ।
ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍ ବିଧାଃ ॥୫॥

*ଅନ୍ୱୟ : ବୁଦ୍ଧିଃ (ବୁଦ୍ଧି) ଜ୍ଞାନଂ (ଭୌତିକ ଜ୍ଞାନ ଓ ଅଧ୍ୟାତ୍ମଜ୍ଞାନ) ଅସମ୍ମୋହଃ (ସଂଶୟ ମୁକ୍ତ – ମୋହ ମାୟା ଶୂନ୍ୟ) କ୍ଷମାଃ (ସହିଷ୍ଣୁତା) ସତ୍ୟମ୍ (ସତ୍ୟ-ଯଥାର୍ଥ କଥନ) ଦମଃ (ବାହ୍ୟ ଇନ୍ଦ୍ରିୟ ସଂଯମ) ଶମଃ (ଅନ୍ତଃକରଣ ସଂଯମ ) ସୁଖଂ (ପ୍ରସନ୍ନତା-ଆହ୍ଲାଦ) ଦୁଃଖ (ପ୍ରତିକୂଳ ସ୍ଥିତି-ବିଷର୍ଣ୍ଣତା) ଭବ (ଉତ୍ପତ୍ତି ) ଅଭାବ ( ବିନାଶ) ଭୟଂ (ଭୟ) ଅଭୟଂ (ଅଭୟ) ଚ (ଏବଂ) ଅହିଂସା ( ପର ପୀଡନ ନ କରିବା) ସମତା ( ରାଗ-ଦ୍ୱେଷ ରହିତ ସମ ଚିତ୍ତତା ) ତୁଷ୍ଟିଃ ( ସନ୍ତୋଷ) ତପଃ (ବେଦୋକ୍ତ ଶରୀର କ୍ଳେଶ ସାଧନ) ଦାନ (ନ୍ୟାୟୋର୍ଜିତ ଧନାଦି ଦାନ ) ଯଶଃ (ସତ୍ କୀର୍ତ୍ତି) ଅଯଶଃ (ଅପକୀର୍ତ୍ତି) ଏତେ ( ଏହି ସବୁ) ଭୂତାନାଂ (ପ୍ରାଣୀ ମାନଙ୍କଠାରେ ) ପୃଥଗ୍ ବିଧାଃ (ସ୍ୱକର୍ମାନୁସାରେ ଭିନ୍ନ ଭିନ୍ନ ) ଭାବାଃ (ଭାବ ସମୂହ ) ମତ୍ତଃ ଏବ (ମୋ ଠାରୁ ହିଁ) ଭବନ୍ତି (ଉତ୍ପନ୍ନ ହୋଇଥାଏ) ।*

**ଭାବାର୍ଥ**: ଭଗବାନ କହୁଛନ୍ତି; ହେ ଅର୍ଜୁନ ! ଏହିକଥା ଉପରେ ଧ୍ୟାନ ଦିଅ କି, ବୁଦ୍ଧି, ଜ୍ଞାନ, ଅସମ୍ମୋହ, କ୍ଷମା, ସତ୍ୟ, ଦମ, ଶମ, ସୁଖ, ଦୁଃଖ, ଭବ, ଅଭାବ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ, ଅଯଶ – ଏହି ଯେଉଁ ସମସ୍ତ ସୂକ୍ଷ୍ମ ଭାବ, ପ୍ରାଣୀମାନଙ୍କ ମନରେ ଚେତନ ରୂପକ ଭଗବାନଙ୍କ ପରା ଶକ୍ତିରୁ ଉତ୍ପନ୍ନ ହୋଇଥାଏ । ଏଥିରେ ଭାବ ରୂପରେ ଅଲଗା ଅଲଗା ଦେବତା ଓ ଋଷି ମଧ୍ୟ ରହିଛନ୍ତି । ବାହ୍ୟ ଭାବରେ ରହିଥିବା ପଦାର୍ଥ, ଜୀବ, ପଶୁ-ପକ୍ଷୀ, ବୃକ୍ଷ, ନଦୀ, ପର୍ବତ, ସମୁଦ୍ର, ଗ୍ରହ ନକ୍ଷତ୍ର ଆଦି ଭୌତିକ ସୃଷ୍ଟି, ମନୁଷ୍ୟର ଅନ୍ତଃକରଣର ତ୍ରିଗୁଣାତ୍ମକ ଭାବ ଦ୍ୱାରା ହିଁ ପ୍ରକାଶିତ ହୋଇଥାଆନ୍ତି । ମାତ୍ର ଏହି ସମସ୍ତ ଭାବର ଯେଉଁ ମୂଳ କାରଣ, ତାହା ପରମାତ୍ମା ଅଟନ୍ତି । 'ମତ୍ତ ଏବ ଭବନ୍ତି' ଅର୍ଥାତ୍ ସ୍ୱପ୍ରକାଶ ସଂବିତ୍ ରୂପ ଯେ' ପରମାତ୍ମା- ପ୍ରତ୍ୟେକ ଚୈତନ୍ୟ ଅଭିନ୍ନ ବ୍ରହ୍ମ – ସେଥିରେ ଏହି ସମସ୍ତ ଭାବର ଉନ୍ମେଷ ବା ଭାନ ହୁଏ । ପ୍ରାଣୀଙ୍କ ସମସ୍ତ ଭାବନାର ସେ ସାକ୍ଷୀ, ପ୍ରେରକ ଓ ପ୍ରକାଶକ । ଉପର୍ଯ୍ୟୁକ୍ତ କୋଡିଏଗୋଟି ଭାବ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ, ସେଗୁଡିକ ଭଗବାନଙ୍କ ବିଭୂତି ଏବଂ ଦୈବୀ ଚିନ୍ତନ ପଦ୍ଧତିର ଲକ୍ଷଣ । ପରମାତ୍ମା ହିଁ ସମସ୍ତ ଭାବରୂପ ବିଭୂତିର ଆଧାର । ଭାବକୁ ଆଧାର କରି ସମସ୍ତ କ୍ରିୟା ଭଗବାନଙ୍କ ଲୀଳା ଅଟେ । ଲୀଳାକାରୀମାନେ ଭଗବାନଙ୍କ ସ୍ୱରୂପ । ଏହି ଭାବ ଦୃଢ ହେବାଦ୍ୱାରା ଭକ୍ତର ଦୃଷ୍ଟି ସର୍ବଦା ଭଗବାନଙ୍କ ଉପରେ ସ୍ଥିତ ରହେ । **ବୁଦ୍ଧି** : ଯେଉଁଥିରେ ପଦାର୍ଥ, ବିଷୟ ଆଦି ବିଶ୍ଳେଷଣ କରି ଯଥାର୍ଥ ରୂପେ ଜାଣିବାର ସାମର୍ଥ୍ୟ ରହିଥାଏ, ତାହା ହେଉଛି 'ବୁଦ୍ଧି' । 'ବୁଦ୍ଧି' ପ୍ରମାଣ ରୂପା ଯାହା ଜ୍ଞାନକୁ ଧାରଣ କରିଥାଏ । କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଗ୍ରାହ୍ୟ-ଅଗ୍ରାହ୍ୟ ଏବଂ ଭଲ-ମନ୍ଦ ଆଦି ନିର୍ଣ୍ଣୟ କରି ନିଶ୍ଚୟ କରିବା ଯେଉଁ ବୃତ୍ତି, ତାହା 'ବୁଦ୍ଧି' ଅଟେ । **ଜ୍ଞାନ:** ଘଟାକାର ବୃତ୍ତିରେ ପ୍ରତିଫଳିତ ଚୈତନ୍ୟ – ଯାହାଦ୍ୱାରା ଘଟ ପ୍ରକାଶିତ ହୁଏ, ତାହା ହେଉଛି 'ଜ୍ଞାନ' । ଜ୍ଞାନର ସହାୟତାରେ ଆତ୍ମା- ଅନାତ୍ମା, ନିତ୍ୟ-ଅନିତ୍ୟ, ଭୌତିକ-ଦିବ୍ୟତାର ପାର୍ଥକ୍ୟକୁ ମନୁଷ୍ୟ ବୁଝିପାରିଥାଏ । **ଅସମ୍ମୋହ** : ଶରୀର ଓ ସଂସାର ଅନିତ୍ୟ, କ୍ଷଣଭଙ୍ଗୁର ଜାଣି ମଧ୍ୟ ତାହା ସହିତ ମମତ୍ୱ ଭାବ ରଖିବା 'ସମ୍ମୋହ' । 'ଆତ୍ମା-ପରମାତ୍ମା' ନିତ୍ୟ ଓ ଶାଶ୍ୱତ ବୋଲି ବୁଝି, 'ମୁଁ ଓ ମୋର' ଭାବକୁ ଶରୀର ଓ ସଂସାରରୁ ହଟାଇ ନେଇ ମନକୁ ନିର୍ମଳ ରଖିବା ହେଉଛି 'ଅସମ୍ମୋହ' । ବୁଦ୍ଧିରେ ଜ୍ଞାନ ରହିଥାଏ, ଭ୍ରମ ବି ରହିଥାଏ । ଜ୍ଞାନ ଦ୍ୱାରା ବୁଦ୍ଧିରୁ ଭ୍ରମ ହଟାଇ ନେଲେ, ମୋହଶୂନ୍ୟ ସ୍ଥିତି ଆସି ଯାଇଥାଏ । ସନ୍ଦେହ ଓ ମୋହ-ମାୟାରୁ ମୁକ୍ତହୋଇ ଭଗବଦ୍ ବିଚାରରେ ନିତ୍ୟ ସ୍ଥିତ ରହିଲେ, ଅସମ୍ମୋହ ଅବସ୍ଥା ପ୍ରାପ୍ତ ହୁଏ । **କ୍ଷମା:** ଅନ୍ୟର ଦୋଷପ୍ରତି ପ୍ରତିଶୋଧ ପରାୟଣ ନ ହୋଇ, ହିତ କାମନା କରି ସହ୍ୟ କରିନେବା ହେଉଛି 'କ୍ଷମା' । ସ୍ୱାଭାବିକ ରୂପରେ ସମସ୍ତ ମନୁଷ୍ୟ ପାଖରେ କ୍ଷମା ଗୁଣ ରହିଥାଏ । କ୍ଷମା ସାମର୍ଥ୍ୟର ଲକ୍ଷଣ, ନିର୍ବଳତାର ନୁହେଁ । ଚତୁଃପାର୍ଶ୍ୱରେ ଘଟୁଥିବା ଛୋଟ ଛୋଟ ଦୋଷ ଦ୍ୱାରା କ୍ରୋଧ ପ୍ରଗଟ ନ କରି କ୍ଷମା କରିଦେବା, ଆତ୍ମବଳ ପରିବୃଦ୍ଧିର ସର୍ବୋତ୍ତମ ଉପାୟ । **ସତ୍ୟ**: ଅନ୍ୟର ହିତକୁ ଦୃଷ୍ଟିରେ ରଖି ଯଥାଯଥ ଭାବରେ ଅର୍ଥାତ୍ ବିଷୟକୁ ବିକୃତ ନ କରି ଉପସ୍ଥାପନ କରିବା ହେଉଛି ସତ୍ୟବାଦିତା । ଏହିଠାରେ 'ସତ୍ୟ'

ଶବ୍ଦକୁ ସତ୍ୟ ଭାଷଣ ଅର୍ଥରେ ସୂଚାଯାଇଛି । ଯଦିଓ ସତ୍ୟ ଅପ୍ରୀତିକର ହୁଏ, ତେବେ ବି ସୁଦ୍ଧା ତାହା ନମ୍ରତାର ସହିତ ପ୍ରକାଶ କରିବାକୁ ଦ୍ୱିଧା ବୋଧ କରିବା ଉଚିତ ନୁହେଁ । **ଦମ** : ଇନ୍ଦ୍ରିୟ ନିଗ୍ରହ ଅର୍ଥାତ୍ ଇନ୍ଦ୍ରିୟ ଉପଭୋଗକୁ ନିୟନ୍ତ୍ରଣ କରିବା ହେଉଛି 'ଦମ' । **ଶମ** :ମନ ନିଗ୍ରହ ଅର୍ଥାତ୍ ମନକୁ ଅଯଥା ଚିନ୍ତାରୁ ନିବୃତ୍ତ କରାଇ, ଜୀବନର ପରମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ନିମିତ୍ତ ଶାନ୍ତ ରଖିବା ହେଉଛି 'ଶମ' । **ସୁଖ**: ପ୍ରିୟ ବସ୍ତୁର ସଂଯୋଗ ଏବଂ ଅପ୍ରିୟର ବିୟୋଗରେ ଅନ୍ତଃକରଣର ପ୍ରସନ୍ନତା ହେଉଛି ସୁଖ । ଯାହା ଭଗବଦ୍ ପ୍ରାପ୍ତି ଦିଗରେ ଅନୁକୂଳ ତାହା ସୁଖ ଏବଂ ଗ୍ରହଣୀୟ । ସ୍ୱାମୀ ଶିବାନନ୍ଦ କହିଛନ୍ତି; "ଧର୍ମ ଓ ନୀତି ଯେଉଁ ପ୍ରସନ୍ନତାର ମୁଖ୍ୟ କାରଣ ହୋଇଥାଏ ତାହା 'ସୁଖ' । ଅଧର୍ମ ଏବଂ ଅନ୍ୟର ଅହିତ ଯେଉଁ ବିଷର୍ଣ୍ଣତାର କାରଣ ହୋଇଥାଏ, ତାହା 'ଦୁଃଖ' । **ଦୁଃଖ** : ପ୍ରିୟର ବିୟୋଗ ଏବଂ ଅପ୍ରିୟର ସଂଯୋଗରେ ହେଉଥିବା ଆଦିଭୌତିକ, ଆଧିଦୈବିକ ଏବଂ ଆଧ୍ୟାତ୍ମିକ ସମସ୍ତ ପ୍ରକାର ବିଷର୍ଣ୍ଣତା ହେଉଛି ଦୁଃଖ । ଯାହା ଭଗବତ୍ ପ୍ରାପ୍ତି ଦିଗରେ ପ୍ରତିକୂଳ, ତାହା ଦୁଃଖ ଏବଂ ପରିତ୍ୟଜ୍ୟ । ସୁଖ ଏବଂ ଦୁଃଖ ଉଭୟ ଶବ୍ଦରେ ରହିଥିବା 'ଖ' ଅକ୍ଷରର ଅର୍ଥ ହେଲା 'ହୃଦୟ ଆକାଶ' ଯାହାର ସ୍ୱରୂପ ସର୍ବଦା ସ୍ୱଚ୍ଛ ଏବଂ ନିର୍ମଳ । ଆକାଶ ଯେଭଳି କେତେବେଳେ ବାଦଲ ତ, କେତେବେଳେ ଧୂଳିରେ ଢାଙ୍କି ହୋଇଥାଏ, ଜୀବନରେ ସେହିଭଳି ଦୁଃଖ ଆସିଥାଏ, ଯାହା ସବୁ ସମୟରେ ରହେନାହିଁ । ଜୀବନର ଗତିଶୀଳତାରେ ଏହା ଆସିବ, ଯିବ- ଏଥିରେ ବିଚଳିତ ହେବା ଉଚିତ ନୁହେଁ । ସୁଖ ଏବଂ ଦୁଃଖ ଉଭୟ ଭଗବାନଙ୍କ ବିଭୂତି ଅଟେ । **ଭବ** : ଶରୀର ସମେତ ସମସ୍ତ ଭୌତିକ ପଦାର୍ଥର ଉତ୍ପତ୍ତି ହେଉଛି 'ଭବ' । ପାରମାର୍ଥିକ ଅର୍ଥରେ ଅନ୍ତଃକରଣରେ ପରମାତ୍ମାଙ୍କ ଜାଗୃତି ହେଉଛି 'ଭବ' । **ଅଭାବ**: ସ୍ୱରୂପର ପ୍ରାପ୍ତି କାଳରେ ସର୍ବସ୍ୱ ବିଲୟ ହେଉଛି 'ଅଭାବ' । ମହାପ୍ରଳୟରେ ସମଗ୍ର ବ୍ରହ୍ମାଣ୍ଡ ମୂଳ ପ୍ରକୃତିରେ ଲୀନ ହୋଇ ସମସ୍ତ ଦୃଶ୍ୟ ପ୍ରପଞ୍ଚ ଅଭାବ ସ୍ଥିତିକୁ ପ୍ରାପ୍ତ ହୋଇଥାନ୍ତି । ସୃଷ୍ଟି ଏବଂ ପ୍ରଳୟ କାଳରେ ସମସ୍ତ ଭୌତିକ ବସ୍ତୁର ଆଦି ଓ ଅନ୍ତ ହେଉଛି ଭବ ଏବଂ ଅଭାବ । କେବଳ ଆତ୍ମା ହିଁ ଅବିନାଶୀ । **ଭୟ** : କୌଣସି ପ୍ରକାର ଅନିଷ୍ଟ କିମ୍ବା ମୃତ୍ୟୁର କାରଣ ନିକଟରୁ ଦେଖି ଯେଉଁ ବ୍ୟାକୁଳାତ୍ମକ ଭାବ ଉତ୍ପନ୍ନ ହୁଏ, ତାହା ହେଉଛି ଭୟ । ପରିବର୍ତ୍ତନଶୀଳ ଶରୀରକୁ 'ମୁଁ' ବୋଲି ସ୍ୱୀକାର କରିନେଲେ, ଭବିଷ୍ୟ ଚିନ୍ତାରେ ପ୍ରତ୍ୟେକ ମୁହୂର୍ତ୍ତରେ ମନରେ ଭୟ ଜାତ ହୁଏ । **ଅଭୟ** : ଧନ, ଜନ, ମାନ, ପ୍ରତିଷ୍ଠା ଓ ପ୍ରାଣ ନାଶର ଆଶଙ୍କାରେ ମନରେ ବ୍ୟାକୁଳତା ନ ଆସିବା ହେଉଛି 'ଅଭୟ' । ପରମ ପୁରୁଷ ପରମାତ୍ମାଙ୍କ ଅଂଶ ରୂପେ 'ମୁଁ' ନିତ୍ୟ, ଶାଶ୍ୱତ ଆତ୍ମା ବୋଲି ଦୃଢ ଭାବରେ ସ୍ୱୀକାର କରିନେଲେ, ମନରେ ନିର୍ଭୟତା ଅନୁଭବ ହୁଏ । ସର୍ବ ଶକ୍ତିମାନ ପରମେଶ୍ୱରଙ୍କ ଆଶ୍ରିତ ହୋଇଗଲେ ଅଭୟ ପ୍ରାପ୍ତ ହୋଇଥାଏ । **ଅହିଂସା** : ମନ, କାୟ, ବାକ୍ୟରେ ଅନ୍ୟକୁ ପୀଡା ନ ଦେବାର ପ୍ରୟାସ ହେଉଛି 'ଅହିଂସା', ଯାହା ଆଧ୍ୟାତ୍ମିକ ସୁଖ ବା ଦିବ୍ୟ ସୁଖ ପ୍ରାପ୍ତି ଦିଗରେ ସାଧକକୁ ଆଗେଇ ନିଏ । 'ଅହିଂସା ପରମ ଧର୍ମ' ହେଉଛି ବେଦ ରଚିତ ବାକ୍ୟ । ଆତ୍ମାକୁ ଅଧୋଗତି ପ୍ରାପ୍ତ ନ କରାଇବା ଆଚରଣ ହେଉଛି ଅହିଂସା । ଅହିଂସାରେ ପ୍ରତିଷ୍ଠିତ ପରେ ଅନ୍ତଃକରଣରେ ବୈରଭାବ ନରହି ସକଳ ପ୍ରାଣୀଙ୍କ ପ୍ରତି ଆତ୍ମୀୟତା ରହେ । **ସମତା** : ରାଗ-ଦ୍ୱେଷ ଆଦି

ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ରହି ବ୍ୟାବହାରିକ କ୍ଷେତ୍ରରେ ସଂସାର ଗତି-ରୀତିକୁ ଗ୍ରହଣ କରିନେଇ ନିର୍ଲିପ୍ତ ଭାବେ କର୍ତ୍ତବ୍ୟ କର୍ମ କରିବା ହେଉଛି 'ସମତା' । ସମସ୍ତ ପରିସ୍ଥିତିକୁ ସାମନା କରି ସମତ୍ୱ ଚିତ୍ତରେ ଭଗବାନଙ୍କୁ ବିସ୍ମରଣ ନ ହେବା, ସମତା ବୁଦ୍ଧିର ବିଶେଷ ଲକ୍ଷଣ । ସାଧକ ପକ୍ଷେ ଅତ୍ୟନ୍ତ ଆସକ୍ତି କିମ୍ବା ବିରକ୍ତ ଭାବ ଉତ୍ତମ ନୁହେଁ । **ତୁଷ୍ଟ** : ପ୍ରାପ୍ତି ସଓ ଅପ୍ରାପ୍ତି – ଉଭୟକୁ ଭଗବାନଙ୍କ ବିଧାନ ବୋଲି ଗ୍ରହଣ କରି ଆତ୍ମ-ସନ୍ତୋଷ ଅନୁଭବ କରିବା ହେଉଛି 'ତୁଷ୍ଟ' । ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଯାହା ପ୍ରାପ୍ତ ହେଲା, ତାହା ଭଗବାନଙ୍କ କୃପା ବୋଲି ଶ୍ରଦ୍ଧାର ସହିତ ସ୍ୱୀକାର କରିନେଲେ ପୂର୍ଣ୍ଣତା ଉପଲବ୍ଧ ହୋଇଥାଏ । ଯେଉଁ 'ଲୋଭ' ଏକ ଧନଶାଳୀ ବ୍ୟକ୍ତିକୁ ଦରିଦ୍ର କରି ଦେଇଥାଏ, 'ତୁଷ୍ଟ' ସେହି ଲୋଭକୁ ବିନାଶ କରେ । **ତପ** : ସ୍ୱର୍ଗ ଲୋକ ଆଦି ପ୍ରାପ୍ତି ଲକ୍ଷ୍ୟରେ ବେଦ ବର୍ଣ୍ଣିତ ଅନେକ ବିଧି-ବିଧାନ ପାଳନରେ ସ୍ୱେଚ୍ଛାକୃତ ଭାବରେ ଶରୀର କ୍ଲେଶ ହେଉଛି 'ତପ' । ବୈଦିକ ନିର୍ଦ୍ଦେଶକୁ ଉଲଘଂନ କରି, ତମ ପ୍ରଧାନ ରଜ ଗୁଣ ବଶବର୍ତ୍ତୀ ହୋଇ, କୃଚ୍ଛ୍ର ସାଧନ ଆଦି ଆଧାତ୍ମିକ ଉନ୍ନତି ବା ପରମାତ୍ମା ପ୍ରାପ୍ତି ମାର୍ଗରେ ସହାୟକ ହୋଇ ନ ଥାଏ । ସତ୍ତ୍ୱଗୁଣ ସମ୍ପନ୍ନ ତପ ଆଚରଣ ଅର୍ଥାତ୍ ଇନ୍ଦ୍ରିୟାଦି ସଂଯମ ଏବଂ ସନ୍ତୁଳିତ ଶରୀର କ୍ଲେଶକୁ ସହ୍ୟ କରିନେଲେ, ସାଧକ ଦୃଢମନା ହୋଇ ଆଧାତ୍ମିକ ମାର୍ଗରେ ଉନ୍ନତି ଲାଭକରେ । **ଦାନ** : ନ୍ୟାୟୋର୍ଜିତ ସ୍ୱତ୍ତ୍ୱକୁ (ଧନ ଦ୍ରବ୍ୟାଦିକୁ) ସକଳ ଜୀବର କଲ୍ୟାଣ ଉଦ୍ଦେଶ୍ୟରେ ନିଜଠାରୁ ତ୍ୟାଗ କରିବା ହେଉଛି ଦାନ । ବୈଦିକ ବିଧାନାନୁଯାୟୀ ସର୍ବଦା ବ୍ରହ୍ମ ଚିନ୍ତନରେ ରହି ଅଜ୍ଞାନୀ ମାନଙ୍କୁ ଜାଗୃତ କରିବା ଲକ୍ଷ୍ୟରେ ଜ୍ଞାନ ବିତରଣ, ମାର୍ଗ ପ୍ରଦର୍ଶନ କରାଉଥିବା ସାଧୁ, ସନ୍ଥ, ଅନ୍ୟାସୀ ଏବଂ ତତ୍ ସମ୍ବନ୍ଧୀୟ ଅନୁଷ୍ଠାନ ମାନଙ୍କୁ ଅକୁଣ୍ଠ ଚିତ୍ତରେ ଦାନ କରିବା ଉଚିତ । ନିଷ୍କାମ ଭାବରେ ଦୁଃଖୀ, ଦରିଦ୍ର, ନିଃସହାୟ ମାନଙ୍କୁ ଅନ୍ନ, ବସ୍ତ୍ର, ବାସ ଆଦି ପ୍ରାପ୍ତ କରାଇବା ମଧ୍ୟ 'ଦାନ' ଅନ୍ତର୍ଗତ । ସ୍ୱାମୀ ଶିବାନନ୍ଦ ପ୍ରତ୍ୟେକ ଗୃହସ୍ଥ, ନିଜ ଆୟର ଏକ ଦଶମାଂଶ ମହତ୍ ଉଦ୍ଦେଶ୍ୟ ରଖି ଦାନ କରିବା ବିଧେୟ ବୋଲି କହିଛନ୍ତି । **ଯଶ** : ଭଗବତ୍ ପ୍ରାପ୍ତି ଲକ୍ଷ୍ୟରେ ଶ୍ରଦ୍ଧାର ସହିତ ଯୋଗ ସାଧନ କରି ଯେ' ଜୀବନ ଅତିବାହିତ କରିଥାଏ, ତାହାରି ସମସ୍ତ ସାଧନ ସଂସାରରେ କୀର୍ତ୍ତି ରୂପେ ପ୍ରତିଷ୍ଠିତ ହୋଇ ସେ' ଯଶସ୍ୱୀ ହୋଇଥାଏ । **ଅଯଶ** : ଈଶ୍ୱରଙ୍କୁ ବିମୁଖ ହୋଇ, ଜୀବନ ସାରା ନିଜ ସ୍ୱାର୍ଥ ସାଧନରେ ସଂଶ୍ଲିଷ୍ଟ ରହି ଯେ' ଜଗତ ଅହିତକାରୀ ହୋଇଥାଏ, ସେ' ସଂସାରରେ ଅପକୀର୍ତ୍ତୀ ରଚି ନିନ୍ଦାର ପାତ୍ର ହୋଇଥାଏ । ଏହି ଜନ୍ମ ଏବଂ ପୂର୍ବ ଜନ୍ମର କର୍ମଫଳାନୁସାରେ ସଚ୍ଚିଦାନନ୍ଦ ସ୍ୱରୂପଙ୍କଠାରୁ ଉଦ୍ଭବ ସକାରାତ୍ମ-ନକାରାତ୍ମ ଭାବ ସମୂହ ମନୁଷ୍ୟ ଜୀବନକୁ ଉପକରଣ ରୂପେ ସଂଚାଳିତ କରିଥାଏ । ଶକ୍ତି ଓ ଶକ୍ତିମାନ ଅଭିନ୍ନ ହୋଇମଧ୍ୟ, ବ୍ୟାବହାରିକ କ୍ଷେତ୍ରରେ ଯେପରି ଭିନ୍ନ ଭିନ୍ନ ରୂପରେ ଦୃଶ୍ୟମାନ ହୁଅନ୍ତି, ସେହିପରି ଭଗବାନ ଓ ଭଗବାନଙ୍କ ଶକ୍ତିରୁ ନିସୃତ ସମସ୍ତ ବସ୍ତୁ ଏବଂ ଭାବମୟ ଜଗତ ନିତ୍ୟ, ଅଭିନ୍ନ ହେଲେମଧ୍ୟ ବ୍ୟାବହାରିକ କ୍ଷେତ୍ରରେ ସେହି ଗୁଡିକ ଭିନ୍ନ ଭିନ୍ନ ରୂପେ ଅନୁଭବ ହୋଇଥାନ୍ତି ।

ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।
ମଦ୍ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ॥୬॥

*ଅନ୍ୱୟ: ସପ୍ତ ମହର୍ଷୟଃ (ସପ୍ତର୍ଷି ଗଣ ) ପୂର୍ବେ ଚତ୍ୱାରଃ ( ପୂର୍ବବର୍ତ୍ତୀ ଚାରି ବ୍ରହ୍ମର୍ଷି ) ତଥା ମନବଃ ( ତଥା ଚତୁର୍ଦ୍ଦଶ ମନୁ) ମାନସାଃ ଜାତାଃ (ମୋ ମନରୁ ଉତ୍ପନ୍ନ ହୋଇଥିବା) ମଦ୍ଭାବାଃ (ଏହି ସମସ୍ତ ମୋ'ଠାରେ ପ୍ରେମ , ଶ୍ରଦ୍ଧାଭାବ ରଖିଛନ୍ତି - ମୋରିଠାରୁ ଶକ୍ତିସମ୍ପନ୍ନ ହୋଇଛନ୍ତି ) ଲୋକେ ( ଏହି ଜଗତରେ ) ଯେଷାଂ ( ଯାହାଙ୍କଠାରୁ) ଇମାଃ ପ୍ରଜାଃ ( ସ୍ଥାବର ଜଙ୍ଗମାଦି ସକଳ ପ୍ରାଣୀ ସୃଷ୍ଟି ହୋଇଛନ୍ତି ) ।*

**ଭାବାର୍ଥ**: ଭୃଗୁ ଆଦି ସପ୍ତର୍ଷିଗଣ, ତାହାର ପୂର୍ବରୁ ସନକ ଆଦି ଚାରି ବ୍ରହ୍ମର୍ଷି ଏବଂ ସ୍ୱାୟମ୍ଭୁବ ଆଦି ଚତୁର୍ଦ୍ଦଶ ମନୁ, ପରମ ପୁରୁଷ ପରଂବ୍ରହ୍ମଙ୍କ ସଙ୍କଳ୍ପରୁ ଉତ୍ପନ୍ନ ହୋଇଛନ୍ତି । ମୋରି ଦ୍ୱାରା ଶକ୍ତି ସମ୍ପନ୍ନ ହୋଇଥିବା ବ୍ରହ୍ମାଙ୍କ ସମେତ ସପ୍ତର୍ଷି, ବ୍ରହ୍ମର୍ଷି ଓ ମନୁଙ୍କଠାରୁ ସମସ୍ତ ଲୋକରେ ରହିଥିବା ସ୍ଥାବର-ଜଙ୍ଗମ ଆଦି ସକଳ ପ୍ରାଣୀ ଉତ୍ପନ୍ନ ହୋଇଛନ୍ତି । ଏହିମାନେ ମୋ ପ୍ରତି ଶ୍ରଦ୍ଧା ଓ ପ୍ରେମ ଭାବ ରଖି ବ୍ରହ୍ମାଣ୍ଡ ପରିଚାଳନା କାର୍ଯ୍ୟ ତୁଲାଉଛନ୍ତି । ବିଶ୍ୱ ବ୍ରହ୍ମାଣ୍ଡର ଆଦି ପରମ୍ପରା ସମ୍ବନ୍ଧରେ ଭଗବାନ ଏହିଠାରେ ସଂକ୍ଷିପ୍ତ ବର୍ଣ୍ଣନା କରିଛନ୍ତି । ହିରଣ୍ୟଗର୍ଭ ନାମରେ ପରିଚିତ ଆଦି ଜୀବ ବ୍ରହ୍ମା, ଦେବଲୋକ ଗଣନାରେ ଏକ ହଜାର ବର୍ଷ ତପସ୍ୟା କରି ପରଂବ୍ରହ୍ମଙ୍କ କୃପା ଲାଭକରି ସୃଷ୍ଟି ସର୍ଜନା କରିବାକୁ ସମର୍ଥ ହେଲେ । ଅନେକ ବ୍ରାହ୍ମାଣ୍ଡ ଉତ୍ପନ୍ନ କରିବା ଇଚ୍ଛାରେ, ବ୍ରହ୍ମାଙ୍କ ଅଖଣ୍ଡିତ ତପସ୍ୟା ବଳରେ ଭଗବାନ ସ୍ୱୟଂ ସନକ, ସନନ୍ଦନ, ସନାତନ ଏବଂ ସନତ କୁମାର, ଏହି ଚାରି 'ସନ' ନାମଧାରୀ ରୂପରେ ପ୍ରଗଟ ହେଲେ । ଏହି ଚାରିଜଣ ଭଗବଦ୍ ସ୍ୱରୂପ ଭାବେ ସର୍ବ ପ୍ରଥମେ ଆବିର୍ଭୂତ ହୋଇଥିଲେ ମଧ, ଏହିମାନେ ସର୍ବଦା ବାଳକ ରୂପରେ ରହି ତିନି ଲୋକ ଭ୍ରମଣ କରି ଭଗବାନଙ୍କ ଗୁଣ, ପ୍ରଭାବ, ଐଶ୍ୱର୍ଯ୍ୟ ସମ୍ବନ୍ଧୀୟ ଜ୍ଞାନ, ଭକ୍ତି ଓ ବୈରାଗ୍ୟ ପ୍ରଚାର କରିବାରେ ଲାଗିଲେ । ଏହି ମାନଙ୍କ ମଧ୍ୟରୁ ଜଣେ ବକ୍ତା, ଅନ୍ୟ ତିନିଜଣ ଶ୍ରୋତା ଭାବରେ ଭଗବତ୍ କଥା ଚର୍ଚ୍ଚା କରିଥାନ୍ତି । ଏହି ମାନଙ୍କ ବାଣୀରେ ସର୍ବଦା 'ହରି ଶରଣଂ' ଉଚ୍ଚାରିତ ହୋଇଥାଏ । ପୂର୍ବ କଳ୍ପର ପ୍ରଳୟ କାଳରେ ନଷ୍ଟ ହୋଇ ଯାଇଥିବା ଆତ୍ମାତତ୍ତ୍ୱ ଜ୍ଞାନର ମୁନି, ଋଷିଙ୍କୁ ଉପଦେଶ ମାଧ୍ୟମରେ ପୁନଃ ଜାଗୃତ କରିଥିବାରୁ, ଏହିମାନେ ନିବୃତ୍ତି ଧର୍ମର ପ୍ରବର୍ତ୍ତକ ଅଟନ୍ତି । ତାଙ୍କରିଠାରୁ ଜ୍ଞାନ ଗ୍ରହଣ କରିଥିବା ସମସ୍ତ ଶିଷ୍ୟ ମଧ 'ନାଦଜ' ପ୍ରଜା ରୂପରେ ଅଭିହିତ । ବ୍ରହ୍ମାଙ୍କ ଏକ ଦିନରେ ଚଉଦ ମନୁ ହୋଇଥାନ୍ତି । ପ୍ରତ୍ୟେକ ମନୁଙ୍କ ଅଧିକାର କାଳକୁ ମନ୍ୱନ୍ତର କୁହାଯାଏ । ଏକସ୍ତୋରି ଚତୁଃଯୁଗରେ ଅର୍ଥାତ୍ ମାନବୀ ବର୍ଷ ଗଣନାରେ ୩୦,୬୭,୨୦,୦୦୦ ବର୍ଷରେ ଗୋଟିଏ ମନ୍ୱନ୍ତର ହୋଇଥାଏ । ପ୍ରତି ମନ୍ୱନ୍ତରରେ ଧର୍ମର ବ୍ୟବସ୍ଥା ଏବଂ ପ୍ରଜା ରକ୍ଷଣ ନିମନ୍ତେ ଭିନ୍ନ ଭିନ୍ନ ସପ୍ତର୍ଷି ହୋଇଥାନ୍ତି । ଋଷିମାନଙ୍କ ମଧରେ ଦୀର୍ଘାୟୁ, ମନ୍ତ୍ରକର୍ତ୍ତା, ଐଶ୍ୱର୍ଯ୍ୟବାନ୍, ଦିବ୍ୟଦୃଷ୍ଟି ସମ୍ପନ୍ନ, ଗୁଣ-ବିଦ୍ୟା ଆୟୁରେ ବୃଦ୍ଧ, ଧର୍ମଦ୍ରଷ୍ଟା ଏବଂ ଗୋତ୍ର ପ୍ରବର୍ତ୍ତକ- ଏହି ସପ୍ତଗୁଣ ସମ୍ପନ୍ନ ଋଷିଙ୍କୁ ସପ୍ତର୍ଷି କୁହାଯାଇଛି । ଏହି ମାନଙ୍କଠାରୁ ପ୍ରଜାଙ୍କ ବିସ୍ତାର ହୋଇଥାଏ ଏବଂ ଧର୍ମର ବ୍ୟବସ୍ଥା ଚାଲିଥାଏ । ମହାଭାରତରେ ଶାନ୍ତି ପର୍ବରେ ବର୍ଣ୍ଣନା ରହିଥିବା ବର୍ତ୍ତମାନର ସପ୍ତର୍ଷି ହେଲେ; ମରୀଚି, ଅଙ୍ଗିରା, ଅତ୍ରି, ପୁଲସ୍ତ୍ୟ, ପୁଲହ, କତ୍ରୁ ଏବଂ ବଶିଷ୍ଠ । ଏହି ସପ୍ତ ମହର୍ଷି ବେଦବକ୍ତା ଏବଂ ମୁଖ୍ୟ ବେଦାଚାର୍ଯ୍ୟ ରୂପରେ ପ୍ରବୃତ୍ତି ଧର୍ମର ସଞ୍ଚାଳକ । ଏକ ମନ୍ୱନ୍ତର ସମାପ୍ତ ହେଲେ, ମନୁଙ୍କ ସମେତ ସପ୍ତର୍ଷି, ଦେବତା, ଇନ୍ଦ୍ର ଓ ମନୁ ପୁତ୍ର, ପୌତ୍ରାଦି ମଧ ବଦଳି ଥାଆନ୍ତି । ଚଳନ୍ତି କଳ୍ପର ମନୁଗଣ ହେଲେ; ସ୍ୱୟମ୍ଭୁବ, ସ୍ୱାରୋଚିଷ, ଉତ୍ତମ,

ତାମସ, ରୈବତ, ଚାକ୍ଷୁଷ, ବୈବସ୍ୱତ, ସାବର୍ଣି, ଦକ୍ଷସାବର୍ଣି, ବ୍ରହ୍ମସାବର୍ଣି, ଧର୍ମ ସାବର୍ଣି, ରୁଦ୍ରସାବର୍ଣି, ଦେବସାବର୍ଣି ଓ ଇନ୍ଦ୍ର ସାବର୍ଣି । ଚତୁର୍ଦ୍ଦଶ ମନୁଙ୍କ ଏକ କଳ୍ପ ବିତିଗଲାପରେ ସମସ୍ତ ମନୁ ମଧ୍ୟ ବଦଳି ଯାଆନ୍ତି । ସ୍ୱାୟମ୍ଭୁବ ହେଉଛନ୍ତି ଏହି କଳ୍ପର ପ୍ରଥମ ମନୁ ଏବଂ ଏହା ପୂର୍ବରୁ ଛଅ ମନୁଙ୍କ ଅବଧି ସମାପ୍ତ ହୋଇ ବର୍ତ୍ତମାନ ସମୟରେ ବୈବସ୍ୱତ ମନ୍ୱନ୍ତର ଚାଲୁଅଛି । ଏହି ସମସ୍ତ ମନୁ, ମହର୍ଷି ଭଗବାନଙ୍କଠାରେ ଶ୍ରଦ୍ଧା ଓ ପ୍ରେମଭାବ ରଖି ଥାଆନ୍ତି । ସ୍ୱୟଂ ଭଗବାନ ହିଁ ଜଗତ ରଚନା ନିମିତ୍ତ ବ୍ରହ୍ମାଙ୍କ ରୂପ ଧାରଣ କରି ମହର୍ଷି, ବ୍ରହ୍ମର୍ଷି ଏବଂ ମନୁ ଆଦିଙ୍କୁ ନିଜ ସଙ୍କଳ୍ପରୁ ଉତ୍ପନ୍ନ କରିଛନ୍ତି । ଭଗବାନଙ୍କ ଏହି ପଚିଶିଗୋଟି ବିଭୂତି, ପ୍ରାଣୀ ମାନଙ୍କଠାରୁ ବିଶେଷ ପ୍ରଭାବଶାଳୀ ଓ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟିର କାରଣ । ଏହିମାନେ ବ୍ରହ୍ମାଙ୍କ ଆଜ୍ଞାନୁସାରେ ସୃଷ୍ଟିର ଉତ୍ପାଦକ ଓ ପ୍ରବର୍ତ୍ତକ ଅଟନ୍ତି । ଅସଂଖ୍ୟ ବ୍ରହ୍ମାଣ୍ଡ ବିଭିନ୍ନ ପ୍ରକାର ଜୀବଦ୍ୱାରା ପରିପୂର୍ଣ୍ଣ । ଏହି ପଚିଶିଜଣ ମହର୍ଷି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର କୁଳପତି ନାମରେ ବିଦିତ । 'ମହର୍ଷୟ ସପ୍ତ ପୂର୍ବେ ଚତ୍ୱାରୋ ମନବଃ' - ଏହି ବାକ୍ୟକୁ କେହି କେହି ବ୍ୟାଖ୍ୟାକାର ଭିନ୍ନ ଭିନ୍ନ ଅର୍ଥ କରିଛନ୍ତି । ଏହିପରି ମଧ୍ୟ ବ୍ୟାଖ୍ୟା କରାଯାଇଛି କି, ସପ୍ତ ମହର୍ଷିଙ୍କ ପୂର୍ବରୁ ପ୍ରଥମ ଚତୁଃ ମନୁ - ସ୍ୱୟମ୍ଭୁବ, ସ୍ୱାରୋଚିଷ, ରୈବତ ଏବଂ ଉତ୍ତମ- ବ୍ରହ୍ମାଙ୍କ ଏହି ଚାରି ମାନସପୁତ୍ରଙ୍କ ଠାରୁ ବିନ୍ଦୁଜା ରୂପରେ ସମସ୍ତ ପ୍ରଜାକୁଳ ସୃଷ୍ଟି ହୋଇଛନ୍ତି । ସ୍ତ୍ରୀ ଓ ପୁରୁଷ ସଂଯୋଗରେ ଯେଉଁ ଜୀବ ଉତ୍ପନ୍ନ ହୁଏ, ସେହିମାନେ 'ବିନ୍ଦୁଜା' । କେହି କେହି ଟୀକାକାର ମଧ୍ୟ ସପ୍ତ ମହର୍ଷିଙ୍କୁ ମନୁଷ୍ୟର ଅନ୍ତଃକରଣରେ ରହିଥିବା ପାଞ୍ଚ ଜ୍ଞାନେନ୍ଦ୍ରିୟ, ବୁଦ୍ଧି ଓ ଅହଂକାର ରୂପେ ନିର୍ଦ୍ଦେଶ କରିଛନ୍ତି, ଯାହାର ସହାୟତାରେ ଜଗତ ଭିନ୍ନ ଭିନ୍ନ ରୂପରେ ଜୀବକୁ ଉଦ୍ଭାସିତ ହୋଇଥାଏ । ମହାମାନ୍ୟ ତିଳକ ଗୀତା ରହସ୍ୟରେ ଉଲ୍ଲେଖ କରିଛନ୍ତି କି, ଭଗବତ ଧର୍ମାନୁସାରେ, ମରୀଚି ଆଦି ସାତ ଋଷିଙ୍କ ପୂର୍ବରୁ ବାସୁଦେବ (ଆତ୍ମା), ସଂକର୍ଷଣ (ଜୀବ), ପ୍ରଦ୍ୟୁମ୍ନ (ମନ) ଏବଂ ଅନିରୁଦ୍ଧ(ଅହଂକାର) ଏହି ଚାରି ମୂର୍ତ୍ତିଙ୍କ ଉତ୍ପନ୍ନ ହୋଇଥିଲା । ଏହି ଚାରିମୂର୍ତ୍ତି ହେଉଛନ୍ତି 'ଚତୁର୍ବ୍ୟୁହ' ଏବଂ ଏକ ପରମେଶ୍ୱରଙ୍କ ଅର୍ଥାତ୍ ସର୍ବବ୍ୟାପୀ ବାସୁଦେବଙ୍କ ଭାବ ଯାହା ସପ୍ତର୍ଷିଙ୍କ ପୂର୍ବରୁ ଉତ୍ପନ୍ନ ହୋଇଥିଲେ । ଏହି ଚତୁର୍ବ୍ୟୁହ ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡ ପରିଚାଳିତ ।

ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।
ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ॥୭॥

*ଅନ୍ୱୟ: ଯଃ (ଯେ ) ମମ (ମୋର) ଏତାଂ (ଏହି) ବିଭୂତିଂ (ବିଭବ-ଐଶ୍ୱର୍ଯ୍ୟ) ଯୋଗଂ ଚ (ଓ ଯୋଗଶକ୍ତିକୁ ) ତତ୍ତ୍ୱତଃ (ଯଥାର୍ଥ ରୂପେ) ବେତ୍ତି (ଜାଣନ୍ତି – ନିଃସନ୍ଦେହରେ ମାନନ୍ତି ) ସଃ (ସେ) ଅବିକମ୍ପେନ (ଅବିଚଳିତ) ଯୋଗେନ (ଭକ୍ତି ଯୋଗ ମାର୍ଗରେ ରହି ) ଯୁଜ୍ୟତେ (ମୋ ସହିତ ଯୁକ୍ତ ହୁଅନ୍ତି) ଅତ୍ର ( ଏଥିରେ) ନ ସଂଶୟଃ ( ସନ୍ଦେହ ନାହିଁ ) ।*

**ଭାବାର୍ଥ**: ହେ ଅର୍ଜୁନ ! ଯେଉଁ ପୁରୁଷ ମୋର ଯୋଗ ସାମର୍ଥ୍ୟ ଏବଂ ଐଶ୍ୱର୍ଯ୍ୟ ତତ୍ତ୍ୱକୁ ସାକ୍ଷାତ୍କାର ସହିତ ଜାଣିବାକୁ ସକ୍ଷମ ହୁଏ, ସେ ସମଦର୍ଶୀ ହୋଇ ଅନନ୍ୟ ଭକ୍ତ ଭାବରେ ମୋ ସହିତ ନିତ୍ୟଯୁକ୍ତ ହୋଇ ରହିଥାଏ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଭଗବାନଙ୍କ ପ୍ରଭାବ ଏବଂ ବୈଭବ ସମ୍ବନ୍ଧୀୟ ସଂଶୟ

ରହିତ ଜ୍ଞାନ ହିଁ ଆଧାତ୍ମିକ ମାର୍ଗରେ ପୂର୍ଣ୍ଣତା ପ୍ରାପ୍ତିର ସର୍ବୋଚ୍ଚତମ ଲକ୍ଷ୍ୟ ହୋଇଥାଏ । ଭଗବାନଙ୍କ ଅଲୌକିକ ଶକ୍ତିର ପ୍ରଭାବରେ ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ କ୍ରିୟା ସମ୍ପାଦିତ ହୋଇଥାଏ । ସେହି ଶକ୍ତିକୁ ଆଧାର କରି ନିଜ ଇଚ୍ଛାନୁସାରେ ଯୁଗେ ଯୁଗେ ବିଭିନ୍ନ କାର୍ଯ୍ୟ ଲକ୍ଷ୍ୟରେ ଭଗବାନ ଅନେକ ରୂପ ଧାରଣ କରି ନିର୍ଲିପ୍ତ ଭାବରେ ଜନ୍ମାଦି ବିକାର ରହିତ ହୋଇ ଲୀଳା ରଚନା କରିଥାନ୍ତି । ପରମାତ୍ମା ବ୍ୟତୀତ ଅନ୍ୟ କୌଣସି ସାମର୍ଥ୍ୟତାରେ ତିଳେମାତ୍ର ମହତ୍ତ୍ୱ ବୁଦ୍ଧି ନ ରହିବା ହେଉଛି 'ଅବିକମ୍ପନ' ଯୋଗ । ଭଗବାନଙ୍କ ଶକ୍ତିରୁ ନିସୃତ ଯାହା କିଛି ବିଶେଷତା ପ୍ରତୀତ ହେଉଛି, ତାହା ଭଗବାନଙ୍କ ବିଭୂତି ବା ତାଙ୍କରି ସ୍ୱରୂପ ବୋଲି ବୁଝିନେବାକୁ ହେବ । ଏହି ଯୋଗ ଓ ବିଭୂତିର ତତ୍ତ୍ୱକୁ ଯେ' ଉପଲବ୍ଧ କରିଥାଏ, ସେ ଏହି ଅବିକମ୍ପନ ଯୋଗକୁ ପ୍ରାପ୍ତ କରିଥାଏ । 'ତତ୍ତ୍ୱତଃ' ଜାଣିବାର ତାତ୍ପର୍ଯ୍ୟ ହେଲା; ପରମାତ୍ମା ହିଁ ସମସ୍ତ ଜଗତର କର୍ତ୍ତା-ହର୍ତ୍ତା, ସର୍ବଶକ୍ତିମାନ, ସର୍ବେଶ୍ୱର, ସର୍ବାଧାର, ପରମଦୟାଳୁ, ସମସ୍ତଙ୍କ ସୁହୃଦ ଏବଂ ସର୍ବାନ୍ତର୍ଯ୍ୟାମୀ ରୂପେ ଆତ୍ମା ସ୍ତରରେ ଉପଲବ୍ଧ କରିବା । ଅଳଙ୍କାର ପିନ୍ଧୁଥିବା ବ୍ୟକ୍ତିର ରୁଚି ଅଳଙ୍କାରର ବିଭିନ୍ନ ଆକାର ଉପରେ ଥାଏ, କିନ୍ତୁ ଅଳଙ୍କାର ଗଢୁଥିବା ସ୍ୱର୍ଣ୍ଣକାରର ଦୃଷ୍ଟି ସୁନା ତତ୍ତ୍ୱରେ ହିଁ ରହିଥାଏ । ସେହିପରି ବିଭୂତି ରୂପରେ ପ୍ରକଟିତ ସମସ୍ତ ଐଶ୍ୱର୍ଯ୍ୟ ଭିତରେ ନିହିତ ବିଶେଷତ୍ୱ ବାସ୍ତବରେ ଏକମାତ୍ର ପରମାତ୍ମାଙ୍କର । ଏଣୁ ଦ୍ରଷ୍ଟାର ଦୃଷ୍ଟି ସର୍ବଦା କେବଳ ପରମାତ୍ମା ଉପରେ ରହିବା ହେଉଛି ତତ୍ତ୍ୱତଃ ଜାଣିବା ବା ମାନିବାର ଅର୍ଥ । ଅତଏବ, ଯେ ତତ୍ତ୍ୱଦର୍ଶୀ ସେ ଜାଣିଥାଏ କି, ଯାହା କିଛି ଜ୍ଞାତ ହେଉଛି ତାହା ସେହି ପରମ ପୁରୁଷ ପରମାତ୍ମାଙ୍କ ଅନନ୍ତ ଶକ୍ତି ଓ ବିଭୂତି ଅଟେ । ଯେ' ଭଗବାନଙ୍କ ଅନନ୍ୟ ଭକ୍ତ, ତାହାର ଭଗବଦ୍ ବିଶ୍ୱାସ ଓ ଶ୍ରଦ୍ଧା ଅବିଚଳିତ ରହିଥାଏ । ଅବିଚଳିତ ଅର୍ଥ ଯେ' କେବେ କମ୍ପିତ ହୋଇ ନ ଥାଏ, ବିଚଳିତ ହୋଇ ନ ଥାଏ ବା ସ୍ପନ୍ଦିତ ହୋଇ ନ ଥାଏ । ଭଗବାନଙ୍କ ସମ୍ବନ୍ଧରେ ଅବଗତ ହେଲେ, ବ୍ୟକ୍ତି ନିଷ୍ଠାପର ଭାବରେ ଭଗବଦ୍ ସେବାରେ ନିଯୁକ୍ତ ନିମନ୍ତେ ସକ୍ଷମ ହୁଏ । ଭଗବାନଙ୍କ ମହାନତା ପ୍ରତି ଐକାନ୍ତିକ ଭାବରେ ସେବାରତ ରହି, ସ୍ୱତଃ ଭଗବାନଙ୍କ ଶରଣାପନ୍ନ ହୋଇ ଯାଇଥାଏ । ତୈଳ ବିନା ପ୍ରଦୀପ ଯେପରି ପ୍ରଜ୍ୱଳିତ ହୋଇ ରହେନାହିଁ, ଭଗବାନଙ୍କ ଶକ୍ତିରୁ ବଞ୍ଚିତ ହୋଇ ଜୀବ ମୁହୂର୍ତ୍ତେ ତିଷ୍ଠି ପାରି ନ ଥାଏ । ସମସ୍ତ ଜଗତ ଭଗବାନଙ୍କ ରଚନା ଏବଂ ତାଙ୍କରି ଏକ ଅଂଶରେ ସ୍ଥିତ । ଜୀବାତ୍ମା ପୃଥିବୀରୁ ପୃଥଗ ହୋଇପାରେ, କିନ୍ତୁ ଈଶ୍ୱରଙ୍କଠାରୁ ନୁହେଁ ।

ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ ।

ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ॥୮॥

*ଅନ୍ୱୟ : ଅହଂ ( ମୁଁ ) ସର୍ବସ୍ୟ ( ସମଗ୍ର ଜଗତର) ପ୍ରଭବଃ ( ଉତ୍ପତ୍ତି ସ୍ଥଳ) ସର୍ବଂ (ସାରା ସଂସାର ) ମତ୍ତଃ (ମୋ' ଠାରୁ) ପ୍ରବର୍ତ୍ତତେ ( ଉତ୍ପନ୍ନ ହୁଏ –ପ୍ରବୃତ୍ତ ହୁଏ ) ଇତି ମତ୍ୱା (ଏହି ତତ୍ତ୍ୱ ଜାଣି ) ଭାବ ସମନ୍ୱିତା ( ଶ୍ରଦ୍ଧା ଓ ପ୍ରେମ ଭାବ ରଖୁଥିବା ) ବୁଧାଃ (ବିଜ୍ଞ ଭକ୍ତ) ମାଂ (ମୋର) ଭଜନ୍ତେ (ଅନୁରକ୍ତ ବା ଶରଣାପନ୍ନ ହୁଅନ୍ତି ) ।*

**ଭାବାର୍ଥ** : ଅନନ୍ତ ବ୍ରହ୍ମାଣ୍ଡ ସୃଷ୍ଟିର 'ମୁଁ' ହେଉଛି ଉତ୍ପତ୍ତିସ୍ଥଳ ଏବଂ ସର୍ବ କାରଣର କାରଣ । ଜଗତର ସ୍ଥିତି, ପ୍ରଳୟ ତଥା ବୁଦ୍ଧି, ଜ୍ଞାନ ଆଦିର ଉତ୍ପନ୍ନ ମୋ'ଠାରୁ ହୋଇଛି ଏବଂ 'ମୁଁ' ହିଁ ସମସ୍ତଙ୍କ ଉପାଦାନ ଓ ନିମିତ୍ତ

କାରଣ ଅଟେ । ସମସ୍ତ ପ୍ରାଣୀଙ୍କ ଉତ୍ପତ୍ତି ମୂଳରେ ପରମପିତା ପରମେଶ୍ୱର ରୂପେ 'ମୁଁ' ହିଁ ବିଦ୍ୟମାନ । ବ୍ରହ୍ମା, ପ୍ରଜାପତି ଗଣ, ଇନ୍ଦ୍ର, ଅଷ୍ଟବସୁ, ଏକାଦଶ ରୁଦ୍ର, ଦ୍ୱାଦଶ ଆଦିତ୍ୟ –ମୋର 'ସୃଷ୍ଟି ସର୍ଜନା' ସଙ୍କଳ୍ପରୁ ଏହି ସମସ୍ତଙ୍କ ପ୍ରାଦୁର୍ଭାବ ହୋଇଛି । ମୋର ସତ୍ତା ଓ ସ୍ଫୁର୍ତ୍ତି ପ୍ରାପ୍ତ ହୋଇ ସମସ୍ତ ଦେବା-ଦେବୀ ସମେତ ବିଶ୍ୱ ବ୍ରହ୍ମାଣ୍ଡ କାର୍ଯ୍ୟରତ । ଜଗତର ଚର ଓ ଅଚର ସମସ୍ତଙ୍କ ଯେଉଁ କ୍ରିୟା, ତାହା ମଧ୍ୟ ମୋ ଠାରୁ ପ୍ରବୃତ୍ତ ହୁଏ । ଅନ୍ତର୍ଯ୍ୟାମୀ ସ୍ୱରୂପ ରୂପରେ ସମସ୍ତ ପ୍ରାଣୀଙ୍କ 'ମୁଁ' ନିୟନ୍ତକ । 'ପ୍ରବର୍ତ୍ତତେ' ଶବ୍ଦର ଅର୍ଥ; ଭଗବାନ ହିଁ ଯୋଗବଳ ଦ୍ୱାରା ଏହି ସୃଷ୍ଟିଚକ୍ରକୁ ଚଳାଇ ରଖିଛନ୍ତି । ତାଙ୍କରି ଇଙ୍ଗିତରେ ସୂର୍ଯ୍ୟ, ଚନ୍ଦ୍ରମା, ତାରାଗଣ ଏବଂ ପୃଥିବୀ ଆଦି ନିୟମ ପୂର୍ବକ ଚଳନଶୀଳ । ସେ' ହିଁ ସମସ୍ତଙ୍କ ନିୟନ୍ତା ଏବଂ ତାଙ୍କରି ନିୟନ୍ତ୍ରଣରେ ଜୀବ ନିଜ ନିଜ କର୍ମାନୁସାରେ ଉଚ୍ଚ-ନିଚ୍ଚ ଯୋନି ପ୍ରାପ୍ତହୋଇ କର୍ମଫଳମାନ ଭୋଗ କରିଥାନ୍ତି । ଏହି ପ୍ରକାର ସମଗ୍ର ଜଗତର ଚେଷ୍ଟା ପ୍ରବୃତ୍ତି ଭଗବାନଙ୍କ ପ୍ରେରଣାରେ ହିଁ ହୋଇଥାଏ । ଯେଉଁ ବିବେକି ଜନ ମୋର ଏହି ବିଶ୍ୱ ସାର୍ବଭୌମିକ ତତ୍ତ୍ୱକୁ ଉତ୍ତମ ରୂପେ ବୁଝିନିଏ, ସେ ପ୍ରେମ ଓ ଶ୍ରଦ୍ଧାର ସହିତ ମୋର ଅନୁରକ୍ତ ହୋଇ ରହେ । 'ମତ୍ୱା' ଶବ୍ଦର ଅର୍ଥ : ଯେ' ମୋର ଭକ୍ତ, ତାହାରି ହୃଦୟରୁ-"ସବୁର ମୂଳରେ ପରମାତ୍ମା ରହିଛନ୍ତି"- ଏହି ସତ୍ୟ ଏବଂ ବାସ୍ତବ ସ୍ୱୀକୃତି କୌଣସି ମୁହୂର୍ତ୍ତରେ ବିସ୍ମୃତ ହୋଇ ନ ଥାଏ । ବରଂ ସେହି ଦୃଢ ସ୍ୱୀକୃତି ଜ୍ଞାନରେ ପରିଣତ ହୋଇ ଭକ୍ତ ଜ୍ଞାନ ସ୍ୱରୂପ ହୋଇଯାଏ । ଭକ୍ତଜନ ପ୍ରଥମେ ଏହି ଜ୍ଞାନ ତତ୍ତ୍ୱକୁ ମନନ କରିଥାଏ, ତତ୍ପରେ ଭାବଯୁକ୍ତ ହୋଇ ମୋର ଭଜନା କରେ । ଭଗବାନଙ୍କ ଠାରେ ସର୍ବଦା ନିଜ ଚିତ୍ତବୃତ୍ତି ରଖି ନାମ ଜପ, କୀର୍ତ୍ତନ, ଭଗବାନଙ୍କ ରୂପ ଚିନ୍ତନ, ଲୀଳା ଶ୍ରବଣ କରି ସେଥିରେ ତଲ୍ଲିନ ହୋଇ ରହିବା ବାସ୍ତବ ଭଜନା । ମାଟି ସହିତ ସଂଯୁକ୍ତ ହୋଇ ରହିଲେ ହିଁ ବୃକ୍ଷ ଯେପରି ବିକଶିତ ହୋଇଥାଏ, ଭଗବତ୍ ସତ୍ତା ହିଁ ସେହିପରି ଜୀବର ସ୍ଥୂଳ ଏବଂ ସୂକ୍ଷ୍ମ ବିକାଶର ମୂଳ ଆଧାର ।

ମଚ୍ଚିତ୍ତା ମଦ୍ ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ॥୯॥

*ଅନ୍ୱୟ: ମଚ୍ଚିତ୍ତା ( ମଦ୍-ଗତ-ଚିତ୍ତ, ସମ୍ପୂର୍ଣ୍ଣ ଭାବେ ମନ ମୋଠାରେ ନିଯୁକ୍ତ) ମଦ୍ ଗତପ୍ରାଣା ( ମୋର ସେବା ଓ ଭଜନରେ ଜୀବନ ଅର୍ପିତ) [ଅନନ୍ୟ ଭକ୍ତ ] ପରସ୍ପରମ୍ (ପରସ୍ପରକୁ) ମାଂ (ମୋତେ ଜ୍ଞାନ-ବଳ-ବୀର୍ଯ୍ୟାଦି ପ୍ରସଙ୍ଗରେ ) ବୋଧୟନ୍ତଃ (ବୁଝାଇ) ନିତ୍ୟଂ ଚ ( ଓ ସର୍ବଦା) କଥୟନ୍ତଃ (କୀର୍ତ୍ତନ କରି – ଆଲୋଚନା କରି ) ତୁଷ୍ୟନ୍ତି ଚ (ତୁଷ୍ଟ ମଧ୍ୟ ହୁଅନ୍ତି ) ରମନ୍ତି ଚ ( ଏବଂ ଆନନ୍ଦ ମଧ୍ୟ କରନ୍ତି । )*

**ଭାବାର୍ଥ** : ସମ୍ପୂର୍ଣ୍ଣଭାବେ ମନ ମୋ' ଠାରେ ନିଯୁକ୍ତ କରି, ସେବା ଓ ଭଜନାରେ ଜୀବନକୁ ଅର୍ପିତ କରିଥିବା ଭକ୍ତଜନ ମୋର ଜ୍ଞାନ-ବଳ-ବୀର୍ଯ୍ୟାଦି ପ୍ରସଙ୍ଗରେ ଜଣେ ଅନ୍ୟ ଜଣକୁ ଶୁଣାଇଥାଆନ୍ତି, ବୁଝାଇ ଥାଆନ୍ତି । ମୋର ନାମ, ଗୁଣ ଓ ମହିମା କୀର୍ତ୍ତନ କରି ତୁଷ୍ଟ ମଧ୍ୟ ହୁଅନ୍ତି ଏବଂ ଆନନ୍ଦ ମଧ୍ୟ କରନ୍ତି । ଯାହାର ମନ, ପ୍ରାଣ, କ୍ରିୟା ଏବଂ ସମସ୍ତ ଚେଷ୍ଟା ମଧ୍ୟ ମୋରି ଠାରେ କେନ୍ଦ୍ରୀଭୂତ ହୋଇ ରହିଥାଏ, ସେ ଭଗବଦ୍ ପ୍ରସାଦ ରୂପରେ ଏହି ସଂସାରର ସେବା କରିବା ନିଜର ଧର୍ମ ବୋଲି ମାନି ନିଏ । ସତ୍ ସଙ୍ଗ, ଜ୍ଞାନ-ଯଜ୍ଞାଦିରେ

ଭଗବାନଙ୍କ କଥା ଶୁଣିବା ମଧ୍ୟ ଭଗବାନଙ୍କ ଭଜନା ଅଟେ । ଭଗବାନଙ୍କ ଲୀଳା ଶ୍ରବଣ କରି ଅନୁରକ୍ତି ଆସିଗଲେ, ତା'ଠାରୁ ଆଉ ଅଧିକ ଭଜନା କଣ ହୋଇପାରେ ! 'ବୋଧୟନ୍ତଃ ପରସ୍ପରମ୍'- ପରମାତ୍ମା ସ୍ୱରୂପ ପ୍ରସଙ୍ଗରେ ସନ୍ଦେହ ମୋଚନ ନିମନ୍ତେ ଜଣେ ଅନ୍ୟକୁ ପ୍ରଶ୍ନ କରିଥାଆନ୍ତି, ଅନ୍ୟଜଣେ ନିଜ ଅନୁଭବ ଅନୁସାରେ ତାହାର ସମାଧାନ କରିଥାନ୍ତି- ଯାହାକୁ ସତ୍-ସଙ୍ଗ, ସଦବିଚାର କୁହାଯାଏ । ସ୍ୱାଦିଷ୍ଟ ଭୋଜନରେ ଯେତିକି ତୃପ୍ତି ଥାଏ, ତାହାଠାରୁ କେତେ ଅଧିକ ଅଖଣ୍ଡ ତୃପ୍ତି, ଭଗବାନଙ୍କ କଥା କହିବା, ଶୁଣିବା, ଅନ୍ୟକୁ ଶୁଣାଇବାରେ ମିଳିଥାଏ । ଭଗବାନଙ୍କ ଗୁଣ, ପ୍ରଭାବ, ମହିମା ଗାଇ, ଶୁଣି, ଶୁଣାଇ ରମଣ କରିଥାନ୍ତି ଅର୍ଥାତ୍ ପରମାନନ୍ଦ ପ୍ରାପ୍ତ ହୋଇଥାଆନ୍ତି । ଥରେ ସେହି ଦିବ୍ୟାନନ୍ଦ ପ୍ରାପ୍ତ ହେଲେ, ଭକ୍ତ ଭଗବାନଙ୍କ ଠାରେ ସଂଯୁକ୍ତ ରହି ଦିବ୍ୟ ଗୁଣର ଅଧିକାରୀ ହୁଏ । ଭଗବାନଙ୍କ ସହିତ ରମଣ କରନ୍ତି କହିବାର ତାତ୍ପର୍ଯ୍ୟ ହେଲା; ମନଦ୍ୱାରା ଭଗବାନଙ୍କୁ ସଦା ସର୍ବଦା ପ୍ରତ୍ୟକ୍ଷରେ ନିଜ ନିକଟରେ ରହିବାର ବୋଧ ହୋଇ, ନିରନ୍ତର ପ୍ରେମ ପୂର୍ବକ ତାଙ୍କରି ଦର୍ଶନ, ସ୍ପର୍ଶ ଏବଂ ତାଙ୍କରି ସହିତ ଏକାନ୍ତରେ ବାର୍ତ୍ତାଳାପ କରିବାର ଅନୁଭବତାକୁ ସୂଚାଯାଇଛି । ସ୍ତ୍ରୀ ଓ ପୁରୁଷ ପରସ୍ପର ସଙ୍ଗଲାଭ କରି ଯେପରି ଆନନ୍ଦ ଅନୁଭବ କରନ୍ତି, ଆତ୍ମାନୁଭୂତି ପ୍ରାପ୍ତ ହୋଇଥିବା ମାହାତ୍ମାଗଣ ଶ୍ରଦ୍ଧା ପୂର୍ବକ ଭଗବାନଙ୍କ ଦିବ୍ୟ ସ୍ୱରୂପ କୀର୍ତ୍ତନ ତଥା ପଠନ, ସ୍ତୁତି ଗାୟନ, ଲୀଳା ବ୍ୟାଖ୍ୟାନ ଆଦି ଦ୍ୱାରା ଭଗବଦ୍ କଥାର ପ୍ରଚାର କରିବାରେ ଅଖଣ୍ଡ ଆନନ୍ଦ ଓ ସୁଖ ଲାଭ କରନ୍ତି । 'ମଦଗତ୍ ଚିତ୍ତ', 'ମଦଗତ୍ ପ୍ରାଣ' ଏହି ଦୁଇଟି ଶବ୍ଦ ପ୍ରୟୋଗରେ ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତର ସ୍ୱଭାବ ଓ ଭକ୍ତିର ଗଭୀରତାକୁ ଦର୍ଶାଯାଇଛି । ମନ ଓ ବୁଦ୍ଧିର ସମାବେଶ ହେଉଛି ଚିତ୍ତ । ମନରେ ପ୍ରେମ ଓ ବୁଦ୍ଧିରେ ବିଶ୍ୱାସ ରଖି ଭଗବାନଙ୍କ ନାମ, ରୂପ, ଗୁଣ, ଲୀଳା ଏବଂ ମାଧୁର୍ଯ୍ୟ ଆସ୍ୱାଦନ ପ୍ରତି ଆକର୍ଷିତ ରହିବା 'ମଚ୍ଚିତା' । 'ମତ୍-ଗତ-ପ୍ରାଣା' ସିଏ, ଯେ' ମୋର ବିନା ନିଜ ପ୍ରାଣକୁ ଧାରଣ କରିବାକୁ ଅସମର୍ଥ, ଯେଉଁ ପ୍ରକାରେ ଅନ୍ନ ବିନା ଜୀବ ପ୍ରାଣ ଧାରଣ କରିବା ଅସମ୍ଭବ । ମଦଗତପ୍ରାଣା ସ୍ଥିତି ପୂର୍ବରୁ ସାଧକ ସର୍ବ ପ୍ରଥମେ କେବଳ ଭଗବତ୍ ପ୍ରାପ୍ତି ଇଚ୍ଛାରେ ଦୃଢ ପ୍ରତିଜ୍ଞ ହୋଇଥାଏ । ତାହାରି ଭଗବାନଙ୍କ ପ୍ରତି ଯେତେ ଆତ୍ମୀୟତା ଥାଏ, ପ୍ରାଣ ପ୍ରତି ସେତେ ନ ଥାଏ । ମହାଭାରତରେ କଥା ଆସେ; ଶରଶଯ୍ୟାରେ ପଡିରହି ଭୀଷ୍ମ ଗୋପୀମାନଙ୍କ କୃଷ୍ଣ ପ୍ରେମର ତନ୍ମୟତାକୁ ସ୍ମରଣ କରୁଛନ୍ତି । ସେହି ସମୟ ଟିକକ ଭୀଷ୍ମ କୃଷ୍ଣ ହୋଇ ଯାଇଛନ୍ତି, ସେ' ଗୋପୀ ମଧ୍ୟ ହୋଇ ଯାଇଛନ୍ତି । ମନ ହିଁ ସବୁ କିଛି । **"ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ"-** ଅର୍ଥାତ୍ ବନ୍ଧନର କାରଣ ମନ, ମୁକ୍ତିର କାରଣ ମନ । ଯାହାର ମନ ଯେଉଁଥିରେ ପୂର୍ଣ୍ଣ, ସେ ତାହା । ବାହାର ବେଶ-ଭୂଷାର ମହତ୍ତ୍ୱ ନ ଥାଏ, ସମସ୍ତ ମହତ୍ତ୍ୱ ମନର । ମନରେ ପ୍ରେମ ରହିଛି, ସେଥିରେ ଦ୍ୱେଷ ରହିଛି । ମନରେ ପ୍ରସନ୍ନତା ଆସିଥାଏ, ବିଷର୍ଣ୍ଣତା ଆସିଥାଏ । ଆତ୍ମ-ବିଦ୍ୟା ତାହା, ଯେଉଁଥିରେ ହୃଦୟ ନିର୍ମିତ ହୋଇଥାଏ । ଆଖିରେ ପିପଳ ବୃକ୍ଷକୁ ଦେଖି, ଏହା ସାକ୍ଷାତ୍ ବାସୁଦେବ ବୋଲି ଭାବ ଉତ୍ପନ୍ନ କରି, ତାହାର ମନନରେ ହୃଦୟ ବାସୁଦେବ ଆକାର ହୋଇଯାଏ । ମନର ଭାବ ଦ୍ୱାରା ହିଁ ହୃଦୟରେ ଭଗବାନଙ୍କ ଦର୍ଶନ ହୋଇପାରିବ । ଦର୍ପଣରେ ଦେଖାଯାଉଥିବା ପ୍ରତିବିମ୍ବ ଅସଲ ସ୍ୱରୂପ ନୁହେଁ । ଯାହାରି ସ୍ମରଣରେ ମନରେ ତନ୍ମୟତା

ଆସିଯାଏ, ଯାହାର ନାମ ଉଚ୍ଚାରଣ କଲେ ହୃଦୟ ପ୍ରେମ ଧାରାରେ ପୁଲକିତ ହୋଇ ଉଠେ, ତାହା ହେଉଛି ଜୀବର ବାସ୍ତବ ସ୍ୱରୂପ । ଶୁକଦେବଜୀ ଗୋପୀଙ୍କ କୃଷ୍ଣପ୍ରେମକୁ ବର୍ଣ୍ଣନା କରି କହିଛନ୍ତି; ଗୋପୀଙ୍କର ମନରେ କୃଷ୍ଣ, ପ୍ରାଣରେ କୃଷ୍ଣ, ଗୋପୀ ପିନ୍ଧିଥିବା ବସନରେ କୃଷ୍ଣ, ସବୁ କିଛି ହରାଇବାରେ କୃଷ୍ଣ, ସବୁ କିଛି ପାଇବାରେ କୃଷ୍ଣ, କୃଷ୍ଣ ହିଁ କୃଷ୍ଣ । ଗୋପୀଙ୍କ ଦୃଷ୍ଟିରେ ସର୍ବ କୃଷ୍ଣମୟ । ଗୋପୀଙ୍କର ମନ କୃଷ୍ଣ ହୋଇଯାଇଛି, ବାଣୀ କୃଷ୍ଣ ହୋଇଯାଇଛି, ଗୋପୀଙ୍କ ଚେଷ୍ଟା କୃଷ୍ଣ ହୋଇଯାଇଛି । ନିଜର ମନରେ ଗୋପୀମାନେ କୃଷ୍ଣଙ୍କ ପାଖକୁ ଆସନ୍ତି, ଆତ୍ମା ରୂପରେ କୃଷ୍ଣଙ୍କ ସାନ୍ନିଧ୍ୟକୁ ଅନୁଭବ କରନ୍ତି । ଏହିମାନଙ୍କୁ ଶୁକଦେବଜୀ ଗୋପୀ ବୋଲି କହିଛନ୍ତି; ଯେଉଁମାନେ ଇନ୍ଦ୍ରିୟମାନଙ୍କ ଦ୍ୱାରା କୃଷ୍ଣ ରସକୁ ପାନ କରନ୍ତି । ସିଏ ଗୋପୀ, ଯିଏ କାନରେ କୃଷ୍ଣଙ୍କ କେବଳ ବଂଶୀର ମଧୁର ସ୍ୱରକୁ ଶୁଣୁଥାନ୍ତି, ଚର୍ମରେ କୃଷ୍ଣଙ୍କ ଶ୍ରୀଅଙ୍ଗକୁ ସ୍ପର୍ଶ କରନ୍ତି, ଚର୍ମ ଚକ୍ଷୁରେ କୃଷ୍ଣ ରୂପ ଛଡା କିଛି ଦେଖା ଯାଉନାହିଁ, ନାକରେ ଶ୍ରୀ ଅଙ୍ଗର ସେହି ଚନ୍ଦନ ଚର୍ଚ୍ଚିତ ସୁଗନ୍ଧ, ଜିହ୍ୱାରେ କୃଷ୍ଣ ନାମ ରସର ମଧୁଭରା ସ୍ୱାଦ, ହୃଦୟରେ ଶ୍ରୀକୃଷ୍ଣଙ୍କ ଆଲିଙ୍ଗନ – ସତେ ଯେପରି ଗୋପୀଙ୍କ ସମସ୍ତ ଇନ୍ଦ୍ରିୟ ଓ ମନ ଶ୍ରୀକୃଷ୍ଣଙ୍କ ଦିବ୍ୟ ରୂପପ୍ରତି ଆକର୍ଷିତ ହୋଇ, ଲାଗି ହୋଇ ରହି ଯାଇଛନ୍ତି । ଏହି ପ୍ରେମ ଭାବ ଭକ୍ତର ହୃଦୟର ସୃଷ୍ଟି । ଏଥିରେ ଧନ ପ୍ରାପ୍ତିର ସୁଖ ନ ଥାଏ, ଦ୍ରବ୍ୟ ସଂଗ୍ରହ ସୁଖ ରହି ନ ଥାଏ, ନିଜ ବଡପ୍ପନର ସୁଖ ନଥାଏ । ଏହା ନିଜ ହୃଦୟ ଭାବର ସୁଖ । ସେ ସୁଖ ସ୍ୱତଃ ଆସିଥାଏ । ଏପରି କୌଣସି ବସ୍ତୁ ନାହିଁ ଯାହାକୁ ଦେଖି ଗୋପୀଙ୍କ ମନ କୃଷ୍ଣଙ୍କ ଆଡକୁ ଯାଉନଥିଲା । ଏହି ପ୍ରକାର ଶ୍ରୀକୃଷ୍ଣଙ୍କ ଚରିତ୍ରରେ, ପ୍ରଭୁ ଶ୍ରୀରାମଙ୍କ ଚରିତ୍ରରେ, ଭଗବାନଙ୍କ ଲୀଳା କଥାରେ ନିଜ ମନକୁ ଦ୍ରବିଭୂତ କରି ରଖିବା ହେଉଛି 'ମଚ-ଗତ୍-ଚିତ୍ତ' । ଗୋପୀଙ୍କ ଭଳି ଅନନ୍ୟ ଭକ୍ତ, ଶ୍ରୀକୃଷ୍ଣଙ୍କ ମଧୁର ରୂପ-ଗୁଣ-ଲୀଳା ଭରା ମହାବାରିଧି, ରୂପାଦିକୁ ବ୍ୟାଖ୍ୟାନ ଓ ଉଚ୍ଚ ସ୍ୱରରେ କୀର୍ତ୍ତନ କରି ପ୍ରେମ ମାର୍ଗରେ ବ୍ରଜ-ରସ ଅନ୍ତର୍ଗତ ମଧୁର ରସ ପର୍ଯ୍ୟନ୍ତ ସମ୍ଭୋଗ ପୂର୍ବକ ରମଣ ସୁଖ ପ୍ରାପ୍ତ ହୋଇଥାନ୍ତି । ଏହି ପ୍ରକାର ସାଧନ ଅବସ୍ଥାରେ ଶ୍ରବଣ କୀର୍ତ୍ତନ ଦ୍ୱାରା ଭକ୍ତି ସୁଖ ଏବଂ ସାଧ ଅବସ୍ଥାରେ ଅର୍ଥାତ୍ ପ୍ରେମ ପ୍ରାପ୍ତ ହୋଇ ଗଲାପରେ ହୃଦୟରେ ଅଖଣ୍ଡ ଆନନ୍ଦର ସ୍ୱାଦ ପ୍ରାପ୍ତ ହୋଇଥାନ୍ତି । ଭକ୍ତର ହୃଦୟରେ ନିଃସ୍ୱାର୍ଥ ଶୁଦ୍ଧ ଭକ୍ତିର ଲେପ ସୃଷ୍ଟି ହୁଏ, ଯେଉଁଥିରେ ଭଗବାନଙ୍କ ସ୍ୱରୂପ ଛାପି ହୋଇ ରହିଯାଏ । ସେତେବେଳେ ଭକ୍ତ ଭଗବାନଙ୍କର ଏବଂ ଭଗବାନ ଭକ୍ତ ସାଦୃଶ୍ୟ ହୋଇ ଯାଇଥାଆନ୍ତି ଏହି ଶ୍ଳୋକରେ 'ବୋଧୟନ୍ତଃ-କଥୟନ୍ତଃ-ପରସ୍ପରମ୍' ପଦମାନଙ୍କ ବିଶେଷ ଗୁରୁତ୍ୱ ରହିଛି । ପରସ୍ପର ମଧ୍ୟରେ ଭଗବତ୍ ଚର୍ଚ୍ଚା ହେଲେ ଭଗବାନଙ୍କ ସ୍ୱରୂପ ସମ୍ବନ୍ଧରେ ଭକ୍ତଙ୍କ ହୃଦୟରେ ବିଚିତ୍ର ବିଚିତ୍ର ପ୍ରସଙ୍ଗ ସ୍ୱତଃ ସ୍ଫୁରିତ ହୁଏ । ଭାବର ଆଦାନ ପ୍ରଦାନ ହେଲେ ସେହିମାନଙ୍କ ହୃଦୟରେ ନୂଆ ନୂଆ ଭାବ ଉଦିତ ହୋଇ ଅନେକ ସଂଶୟ ଦୂର ହୁଏ । କାମୁକ ପୁରୁଷଙ୍କୁ ନାରୀ ଚର୍ଚ୍ଚାରେ ନୂତନତ୍ୱ ଜଣା ପଡିଲାପରି, ଭକ୍ତମାନଙ୍କୁ ଭଗବାନଙ୍କ ଲୀଳାରେ ଓ କଥାରେ ନିତ୍ୟ ନବୀନତ୍ୱ ଅନୁଭବ ହୁଏ । ସୁଖ ଓ ସନ୍ତୋଷ ପ୍ରାପ୍ତି ନିମିତ୍ତ ନିଜର ସାଧନା ଏହିପରି ରଖିବା ବିଧେୟ, ଯାହା ନିଜ ଅଧୀନରେ ରହିଥିବ । ଏହା ସୁଖର ପରିଭାଷା

। ମନୁଷ୍ୟ ସୁଖ ଚାହିଁ ଥାଏ । କାହା ପାଇଁ ? ଧନ, ସୁଖ ନିମନ୍ତେ ଆବଶ୍ୟକ ହୋଇଥାଏ, ପରିବାର ସୁଖ ଇଚ୍ଛାରେ ହୋଇଥାଏ, ଘର, ବଂଶ ପରମ୍ପରା, ପ୍ରତିଷ୍ଠା - ଏ ସମସ୍ତ ସୁଖ ନିମନ୍ତେ ହୋଇଥାଏ । ପରନ୍ତୁ ସୁଖ କାହାପାଇଁ ହୋଇଥାଏ ? ସୁଖ ଧନ ପାଇଁ ହୋଇ ନଥାଏ କି, ପ୍ରତିଷ୍ଠା ପାଇଁ ହୋଇ ନଥାଏ କି, ଅନ୍ୟ କୌଣସି ବସ୍ତୁ ନିମନ୍ତେ ହୋଇ ନଥାଏ । ଶାନ୍ତ୍ୟାନନ୍ଦ ନିମନ୍ତେ ମନୁଷ୍ୟ ସୁଖକୁ ଚାହିଁ ଥାଏ, ଯାହା ଆତ୍ମାର ସ୍ୱରୂପ । ବାହ୍ୟର କୌଣସି ବସ୍ତୁ ଅଧୀନରେ ସୁଖର ଇଛା ରହି ନଥାଏ, ବରଂ ସୁଖ ଇଚ୍ଛାର ଅଧୀନରେ ଅନ୍ୟ ବସ୍ତୁର ଇଚ୍ଛା ରହିଥାଏ । ସୁଖର ଇଚ୍ଛା ଏହାର ମୂଳ ଆନନ୍ଦ କନ୍ଦ ଆତ୍ମ ସ୍ୱରୂପରେ ରହିଥାଏ । ସୁଖ ଇଚ୍ଛାର ମୂଳକୁ ଧନ, ସୁନା, ଉପାଧିରେ ଖୋଜିଲେ ମିଳି ନ ଥାଏ । ନିତ୍ୟସୁଖର ଭଣ୍ଡାର 'ପରମାତ୍ମା' ହେଉଛନ୍ତି ସର୍ବସୁଖ ଉପାଦାନର ନିମିତ୍ତ ଏବଂ କାରଣ । ଭଗବାନଙ୍କ ସାଥିରେ ମଦ୍-ଗତ-ଚିତ୍ତ, ମଦ୍-ଗତ-ପ୍ରାଣ ସ୍ଥିତି ହୋଇଗଲେ, କଣ୍ଠ ଗଦ୍ ଗଦ୍ ହୋଇ ଉଠେ । ତାଙ୍କର ନାମ, ଗୁଣ ଭଜନାରେ ମନ ତୃଷ୍ଟ ହୋଇଯାଏ, ଶରୀର ରୋମାଞ୍ଚ ହୋଇ ଉଠେ, ଅନ୍ତଃକରଣରେ ଆନନ୍ଦର ଲହରୀ ଜାଗୃତ ହୁଏ । ଭକ୍ତିରେ ମନ ଆନନ୍ଦିତ ହୋଇ ଉଠେ, ଆଖିରୁ ପ୍ରେମରସ ବୋହିବାକୁ ଲାଗେ, ହୃଦୟ ଭାବ ବିହ୍ୱଳ ହୋଇ ଉଠେ । ଜୀବନର ଏହି ଆନନ୍ଦ ଓ ଉନ୍ମାଦନାର ନାମ ଭକ୍ତି । ଜୀବନର ଏହି ଆନନ୍ଦର ନାମ ଜ୍ଞାନ । ଏହା ସେହି ଆନନ୍ଦ ଯେଉଁଥିରେ କୌଣସି ମତେ ପରାଧୀନତା ନାହିଁ, ଯେଉଁଥି ପାଇଁ କାଳ, ସ୍ଥାନ, ବସ୍ତୁ ଏବଂ କାହାର ଅନୁଗ୍ରହର ଆବଶ୍ୟକତା ନାହିଁ । ଏହା ସେହି ସାକ୍ଷାତ୍ ଆନନ୍ଦ, ଯେଉଁଥିରେ ସନ୍ତୋଷର ଅନୁଭବ, ରମଣ ଭୋଗର ଉନ୍ମାଦନା ପରିପୂର୍ଣ୍ଣ ହୋଇ ରହିଛି । ନାରଦ ଭକ୍ତି ସୂତ୍ରରେ ଉଲ୍ଲେଖ ଅଛି;- **"କଣ୍ଠାବସରୋଧ ରୋମାଞ୍ଚ ଶ୍ରୁଭିଃ ପରସ୍ପରଂ ଲପମାନାଃ ପାବୟନ୍ତି କୁଳାନି ପୃଥିବୀଂ ଚ"** – ଅର୍ଥାତ୍ ଏପରି ଅନନ୍ୟ ଭକ୍ତ କଣ୍ଠାବରୋଧ, ରୋମାଞ୍ଚ ଶରୀର ଓ ଅଶ୍ରୁପୂର୍ଣ୍ଣ ନେତ୍ରରେ ପରସ୍ପର ମଧ୍ୟରେ ସମ୍ଭାଷଣ କରି ନିଜ କୁଳକୁ ଓ ପୃଥିବୀକୁ ପବିତ୍ର କରିଦିଅନ୍ତି ।

ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥୧୦॥

*ଅନ୍ୱୟ: ସତତଯୁକ୍ତାନାଂ (ମନ ଓ ବୁଦ୍ଧି ଦ୍ୱାରା ମୋ ଠାରେ ସର୍ବଦା ସଂଯୁକ୍ତ ହୋଇ ରହି) ପ୍ରୀତିପୂର୍ବକମ୍ (ଅନନ୍ୟ ପ୍ରେମପୂର୍ବକ) ଭଜତାଂ (ଭଜନ କରୁଥିବା ) ତେଷାଂ (ସେହି ଭକ୍ତ ମାନଙ୍କୁ)[ମୁଁ ] ତଂ (ସେହି) ବୁଦ୍ଧିଯୋଗମ୍ (ବୁଦ୍ଧିଯୋଗ- ମଦ୍ ବିଷୟକ ସମ୍ୟଗ୍ ଜ୍ଞାନ) ଦଦାମି (ପ୍ରଦାନ କରେ) ଯେନ (ଯାହା ଦ୍ୱାରା) ତେ (ସେମାନେ) ମାମ୍ (ମୋତେ) ଉପଯାନ୍ତି (ପ୍ରାପ୍ତ ହୁଅନ୍ତି ) ।*

**ଭାବାର୍ଥ**: ଭଗବାନଙ୍କ ଠାରେ ଚିତ୍ତ ଓ ପ୍ରାଣକୁ ଅର୍ପଣ କରି ଭଗବାନଙ୍କ ଗୁଣ, ଲୀଳା ଗାନ କରି ସନ୍ତୁଷ୍ଟ, ଆନନ୍ଦ ଲାଭ କରୁଥିବା ଭକ୍ତଙ୍କୁ ନିର୍ଦ୍ଦେଶ କରି ଏହି ଶ୍ଳୋକରେ 'ସତତଯୁକ୍ତାନାଂ' ପଦ ବ୍ୟବହୃତ ହୋଇଛି । ଅନନ୍ୟ ଭକ୍ତଜନ କିପରି ଭଗବାନଙ୍କ ସାକ୍ଷାତ୍କାର ଲାଭକରିଥାଏ, ଭଗବାନ ତାହା ବତାଇଛନ୍ତି । ଯେ' ଅନନ୍ୟ ଭକ୍ତ ସେ' ସର୍ବଦା ଯୁକ୍ତ ଚିତ୍ତ ହୋଇ ପ୍ରେମ, ଶ୍ରଦ୍ଧା ସହକାରେ ନିରନ୍ତର ମୋର ଭଜନା କରିଥାଏ । 'ମୁଁ' କୃପାବଶ ହୋଇ ତାହାକୁ ମୋର ପ୍ରଭାବ ଏବଂ ମହତ୍ତ୍ୱାଦିର ରହସ୍ୟ ସହିତ ନିର୍ଗୁଣ-ନିରାକାର ତତ୍ତ୍ୱ ତଥା

ସଗୁଣ ସାକାର ତତ୍ତ୍ୱକୁ ଯଥାର୍ଥରୂପେ ବୁଝିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରେ, ଯାହାର ସହାୟତାରେ ସେ ମୋ ନିକଟକୁ ଆସିପାରେ । 'ବୁଦ୍ଧିଯୋଗ' କର୍ମଜନ୍ୟ ପାପ ପୁଣ୍ୟ ଫଳରୁ ଭକ୍ତକୁ ମୁକ୍ତ କରି ଦେଇଥାଏ । 'ବୁଦ୍ଧିଯୋଗ' ମାର୍ଗର ଅନ୍ତିମ ଲକ୍ଷ୍ୟ ହେଉଛି; ସାଧକ ଈଶ୍ୱରାଭିମୁଖ ହୋଇ ନିଶ୍ଚୟାତ୍ମକ ପରିପକ୍ୱ ବୁଦ୍ଧିରେ କର୍ମ ଓ କର୍ମଫଳକୁ ଭଗବାନଙ୍କୁ ଅର୍ପଣ କରିଦେଇ, ସର୍ବତ୍ର ସମଭାବ ପୋଷଣ କରି ସଂସାର ସମସ୍ତ କ୍ରିୟାକୁ ସମ୍ପାଦନ କରିଥାଏ । ରାଗ-ଦ୍ୱେଷ ଆଦି ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ରହି ଅନୁକ୍ଷଣ ଭଗବଦ୍ ଭଜନରେ ନିମଗ୍ନ ରହେ । ରାଗ-ଦ୍ୱେଷ ଆଦି ସମସ୍ତ ଦ୍ୱନ୍ଦ୍ୱ ନଷ୍ଟ ହୋଇଗଲେ, ସମତା ପ୍ରାପ୍ତ ହୋଇ ସବୁକିଛି ଭଗବାନ ବୋଲି ଅନୁଭବ ହୁଏ । ଶ୍ରୀନୀଳକଣ୍ଠଜୀ 'ବୁଦ୍ଧିଯୋଗ' ଶବ୍ଦର ଅର୍ଥ ଜ୍ଞାନରୂପ ସମାଧି ବୋଲି ବ୍ୟାଖ୍ୟା କରିଛନ୍ତି । କିନ୍ତୁ ଏହିଠାରେ 'ବୁଦ୍ଧିଯୋଗ' ହେଉଛି ପ୍ରସନ୍ନତା ପୂର୍ବକ ନିଶ୍ଚୟାତ୍ମକ ବୁଦ୍ଧି, ଯାହାକୁ ଭଗବାନ ଜ୍ଞାନଯୋଗ, ଭକ୍ତିଯୋଗ ଏବଂ କର୍ମ ଯୋଗ ଆଦିର ସମାବେଶ ରୂପେ ବତାଇଛନ୍ତି । କେବଳ ଗୀତା ଏପରି ଏକ ଗ୍ରନ୍ଥ ଯେଉଁଥିରେ ମନୁଷ୍ୟର ବୁଦ୍ଧିକୁ ଆଦର ଏବଂ ମହତ୍ତ୍ୱ ଦିଆଯାଇଛି । କର୍ମ କରିବା ନିମନ୍ତେ ବୁଦ୍ଧି ଆବଶ୍ୟକ, ସାଧନ ନିମନ୍ତେ ବୁଦ୍ଧି ଆବଶ୍ୟକ, ମୋହକୁ ଜିତିବା ଲାଗି ବୁଦ୍ଧି ଆବଶ୍ୟକ, ଭକ୍ତି ପ୍ରାପ୍ତ ନିମନ୍ତେ ବୁଦ୍ଧି ଆବଶ୍ୟକ, ପରିଶେଷରେ ପରମାତ୍ମା ସାକ୍ଷାତ୍କାର ପାଇଁ ମଧ୍ୟ ବୁଦ୍ଧିର ଆବଶ୍ୟକତା ରହିଛି । ବୁଦ୍ଧିର ଏତିକି ବଡ ପକ୍ଷପାତୀ ଉପଦେଶକ ଗ୍ରନ୍ଥ ବିଶ୍ୱର ଅନ୍ୟ କୌଣସି ଧର୍ମରେ ଦେଖିବାକୁ ମିଳେନାହିଁ । ଜ୍ଞାନ ହେଉଛି ବୁଦ୍ଧିର ପରିଭାଷା । ଜ୍ଞାନରେ ହିଁ ଅମୃତର ପ୍ରାପ୍ତି ହୋଇଥାଏ, ଜ୍ଞାନରେ ହିଁ ବନ୍ଧନର ନିବୃତ୍ତି ହୋଇଥାଏ, ଜ୍ଞାନରେ ହିଁ ତତ୍ତ୍ୱର ସାକ୍ଷାତ୍କାର ହୋଇଥାଏ । ଗୀତାକୁ ଛାଡି ଅନ୍ୟ କୌଣସି ଏପରି ଧର୍ମଗ୍ରନ୍ଥ ନାହିଁ, ଯାହା ମନୁଷ୍ୟର ଦୈନିକ ଜୀବନରେ ମୂର୍ଖତାକୁ ଦୂର କରିପାରେ, ଦୁଃଖକୁ ହରଣ କରିପାରେ, ଜନ୍ମ-ମରଣ ଭୟରୁ ମୁକ୍ତି ପ୍ରଦାନ କରେ, ଶୋକ-ମୋହ ଦୂର କରି ନିତ୍ୟ ଶାନ୍ତି ପ୍ରାପ୍ତ କରାଏ । 'ଭଜତାଂ ପ୍ରୀତିପୂର୍ବକମ୍'ର ତାତ୍ପର୍ଯ୍ୟ ହେଲା; ଭକ୍ତ କେବଳ ଭଗବାନଙ୍କୁ ଆପଣାର କରି ପ୍ରେମରେ ମଗ୍ନହୋଇ ସ୍ୱାଭାବିକ ଭାବେ ତାଙ୍କରି ଭଜନାରେ ନିୟୋଜିତ ରହିଥାଏ । ଅନନ୍ୟ ଭକ୍ତର ହୃଦୟରେ ଜ୍ଞାନ ବା ବୈରାଗ୍ୟ ପ୍ରାପ୍ତି ପ୍ରତି ଦୃଷ୍ଟି ମଧ୍ୟ ରହି ନ ଥାଏ । ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି; "ନିଜକୁ ମୋତେ ଅର୍ପଣ କରିଥିବା ଭକ୍ତ, ମୋତେ ଛାଡି ବ୍ରହ୍ମାପଦ, ଇନ୍ଦ୍ରପଦ, ଭୂମଣ୍ଡଳର ରାଜ୍ୟ, ପାତାଳାଦି ଲୋକର ରାଜ୍ୟ, ଯୋଗର ସମସ୍ତ ସିଦ୍ଧି ଓ ମୋକ୍ଷ ମଧ୍ୟ ଚାହେଁ ନାହିଁ" । ମହାତ୍ମା ଗାନ୍ଧୀ ତାଙ୍କରି ଗୀତା ବ୍ୟାଖ୍ୟାରେ କହିଛନ୍ତି;- "ଯେ ଭଗବାନଙ୍କର ଅନନ୍ୟ ଭକ୍ତ, ଜ୍ଞାନ ସ୍ୱତଃ ତାହାକୁ ପ୍ରାପ୍ତ ହୋଇଥାଏ । କୌଣସି ଶାସ୍ତ୍ର କିମ୍ବା ବଡ ବଡ ଗ୍ରନ୍ଥ ପାଠକରି ଭଗବାନ ପ୍ରାପ୍ତି ନିମନ୍ତେ ଜ୍ଞାନ ମିଳି ନ ଥାଏ । ଜ୍ଞାନ ହେଲେ ଯେ, ଭଗବାନଙ୍କ ଭକ୍ତ ହୋଇପାରିବ, ଏହା ଭ୍ରାନ୍ତ ଧାରଣା । ଏହି ଧାରଣା ରଖି କେହି ଯଦି ନିଜକୁ ଭଗବାନଙ୍କ ଭକ୍ତ କିମ୍ବା ଜ୍ଞାନୀ ବୋଲାଉଥାଏ, ତାହା ଅହଂକାର ବ୍ୟତୀତ କିଛି ନୁହେଁ । ବିଶୁଦ୍ଧ ମନରେ ଅତ୍ୟନ୍ତ ପ୍ରେମ ଓ ଶ୍ରଦ୍ଧା ସହିତ ନିଶ୍ଚୟାତ୍ମକ ବୁଦ୍ଧିରେ ନିରନ୍ତର ଭଗବାନଙ୍କ ସମସ୍ତ ଗୁଣ, ପ୍ରଭାବ, ଲୀଳା, ମହିମା, ଐଶ୍ୱର୍ଯ୍ୟ ଆଦିର ଭଜନା କରିବାରେ ସ୍ୱତଃ ଜ୍ଞାନ ପ୍ରାପ୍ତ ହୋଇଥାଏ ।" ଯଦି ବ୍ୟକ୍ତି ନିଷ୍ପାପର ହୋଇଥାଏ, ସଂସାରକୁ ଭଗବାନଙ୍କ ସ୍ୱରୂପ ମାନି ବିଶେଷ

ପରିମାଣରେ ଆତ୍ମନିୟୋଗ କରେ, ଇଶ୍ୱରଙ୍କ କୃପାରୁ ଅନ୍ତଃକରଣରେ ଏହି ଯୋଗର ଜାଗୃତି ହୁଏ । 'ଦଦାମି' ପଦର ତାତ୍ପର୍ଯ୍ୟ ହେଲା; ସାଧକ ସେହି ବୁଦ୍ଧି ଯୋଗକୁ ନିଜ ସାଧନାର ଫଳ ସ୍ୱରୂପ ନ ମାନି, ଭଗବଦ୍ ପ୍ରଦତ୍ତ ବୋଲି ମାନିଥାଏ । ସ୍ୱାମୀ ତୋତାପୁରୀ ଖୋଜି ଖୋଜି ସ୍ୱାମୀ ରାମକୃଷ୍ଣଙ୍କ ନିକଟରେ ପହଞ୍ଚି କହିଲେ; ଆରେ ଗଦାଧର ! ତୋତେ ମୁଁ ବହୁତ ଦିନରୁ ଖୋଜୁଛି - ଏତେ ଦିନପରେ ତୁ ମୋତେ ମିଲିଲୁ - ଆସେ, ମୁଁ ତୋତେ ବେଦାନ୍ତର ଉପଦେଶ ଦେବି । କେବେ ପରିଚୟ ନ ଥିବା, କେବେ ସାକ୍ଷାତ୍ ହୋଇ ନ ଥିବା ସତ୍ତ୍ୱେ କହିଲେ; - 'ବହୁତ ଦିନ ହେଲା ତୋତେ ମୁଁ ଖୋଜୁଛି' । ରାମକୃଷ୍ଣ 'ମାଆ' ଙ୍କୁ ପଚାରି 'ମାଆ'ଙ୍କ ଆଜ୍ଞାରେ ତୋତାପୁରୀଙ୍କ ଠାରୁ ବେଦାନ୍ତର ଉପଦେଶ ଗ୍ରହଣ କରି ତିନିଦିନ ଅଖଣ୍ଡ ନିର୍ବିକଳ୍ପ ସମାଧିରେ ସ୍ଥିତ ପରେ, ତତ୍ତ୍ୱବୃତ୍ତିର ଉତ୍ଥାନ ହୋଇଥିଲା । ସ୍ୱାମୀ ତୋତାପୁରୀଙ୍କୁ କହିବାକୁ ପଡିଲା କି, "ଯାହା ପ୍ରାପ୍ତ କରିବା ନିମନ୍ତେ ମୋତେ ଛତିଶି ବର୍ଷ ଲାଗିଥିଲା, ତୋତେ ତାହା ସହଜରେ ପ୍ରାପ୍ତ ହେଲା" । ଏହା ହେଉଛି; - "ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ" । ଶ୍ରୀମଦ୍ ଭାଗବତରେ ମଧ୍ୟ କୁହାଯାଇଛି;- **"ସାକ୍ଷାତ୍ ଭଗବତୋକ୍ତେନ ଗୁରୁଣା ହରିଣା ନୃପ । ବିଶୁଦ୍ଧ ଜ୍ଞାନ ଦୀପେନ ସ୍ଫୁରତା ବିଶ୍ୱତୋମୁଖମ୍" –** ଅର୍ଥାତ୍ ହେ ରାଜନ୍ ! ସ୍ୱୟଂ ଭଗବାନ ହିଁ ଗୁରୁଙ୍କ ରୂପରେ ଭକ୍ତର ହୃଦୟରେ ଜ୍ଞାନ ଆଲୋକର ପ୍ରକାଶ କରିଥାନ୍ତି । ଭଗବଦ୍ କୃପା ହେଲେ ହିଁ ଭଗବଦ୍ ଦର୍ଶନ ହୋଇଥାଏ ।

ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।
ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ॥୧୧॥

*ଅନ୍ୱୟ : ତେଷାଂ (ସେହି ଭକ୍ତମାନଙ୍କ ପ୍ରତି) ଅନୁକମ୍ପା-ଅର୍ଥମ୍ (କୃପା ବଶତଃ ହିଁ) ଅହଂ ( ମୁଁ ) ଆତ୍ମଭାବସ୍ଥ (ଅନ୍ତଃକରଣର ବୁଦ୍ଧି ବୃତ୍ତିରେ ଅବସ୍ଥିତ ହୋଇ ) ଭାସ୍ୱତା (ଦେଦୀପ୍ୟମାନ୍ –ଦୀପ୍ତିମାନ୍ ) ଜ୍ଞାନ ଦୀପେନ ( ଜ୍ଞାନ ରୂପକ ପ୍ରଦୀପ ସାହାଯ୍ୟରେ ) ଅଜ୍ଞାନଜମ୍ ( ଅବିଦ୍ୟା ଜନିତ) ତମଃ ( ମାୟା-ମୋହ ରୂପକ ଅନ୍ଧକାରକୁ ) ନାଶୟାମି ( ନାଶକରେ ) ।*

**ଭାବାର୍ଥ**: ହେ ଅର୍ଜୁନ ! ସେହି ଅନନ୍ୟ ଭକ୍ତପ୍ରତି ବିଶେଷ ଅନୁଗ୍ରହ ବଶତଃ 'ମୁଁ' ତାହାରି ବୁଦ୍ଧି ବୃତ୍ତିରେ ଅଧିଷ୍ଠିତ ହୋଇ, ଆତ୍ମା ସତ୍ତାର ପ୍ରକାଶ ପୂର୍ବକ ଉଜ୍ଜଳ ଜ୍ଞାନଦୀପ ପ୍ରଜ୍ୱଳିତ କରେ । ସେହି ଜ୍ଞାନ ଆଲୋକ ଦ୍ୱାରା ଅବିଦ୍ୟାରୁ ଜାତ ସଂସାରର ମାୟା-ମୋହ ରୂପକ ଅନ୍ଧକାର ବିନଷ୍ଟ ହୁଏ । ନିଜ ବୁଦ୍ଧିର ଅନୁଶୀଳନ ଦ୍ୱାରା କ୍ଷୁଦ୍ର ଜୀବ, ଅସୀମ ସତ୍ୟ ତତ୍ତ୍ୱର ଟିକିଏ ବି ବିଶୁଦ୍ଧ ଜ୍ଞାନ ପ୍ରାପ୍ତ କରିବାକୁ ସମର୍ଥ ହୋଇ ନ ଥାଏ । ଅନାଦି କାଳରୁ ଅନେକ ଜନ୍ମ ଧରି ଆସୁଥିବା ଅନ୍ଧକାରାଚ୍ଛନ୍ନ ଅନ୍ତଃକରଣ ଅର୍ଥାତ୍ ବିକାରଗ୍ରସ୍ତ ବୁଦ୍ଧି ବୃତ୍ତି କାରଣରୁ ମନୁଷ୍ୟ ସଂସାରର ପୁତ୍ର, କଳତ୍ର ଏବଂ ଧନ ସମ୍ପତ୍ତି ସଂଗ୍ରହରେ ଆସକ୍ତ ରହି ଭଗବାନଙ୍କ ଗୁଣ, ପ୍ରଭାବ, ସ୍ୱରୂପର ଯଥାର୍ଥ ଜ୍ଞାନ ପ୍ରାପ୍ତ କରି ପାରି ନଥାଏ । କିନ୍ତୁ 'ମୁଁ' କୃପା ବର୍ଷା କଲେ, ମୋର ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ଅନାୟାସରେ ସମ୍ୟକ ଜ୍ଞାନ ପ୍ରାପ୍ତ ହୋଇଥାଏ . ମୋର ନିତ୍ୟ ଭଜନାରେ ଅନ୍ତଃକରଣରେ ଭଗବଦ୍ ବୁଦ୍ଧି ଜାଗୃତ ହୋଇ ଯୋଗ ଓ ସାମର୍ଥ୍ୟ ପ୍ରତି ଦୃଢ ବିଶ୍ୱାସ ସୃଷ୍ଟି ହୁଏ । ମୋର ସାନ୍ନିଧ୍ୟତାକୁ ନିରନ୍ତର ଉପଲବ୍ଧି କରି, ଜଡ ସଙ୍ଗ ବଶତଃ ସଂସାରର ସମସ୍ତ ଦ୍ୱନ୍ଦ୍ୱ, ବିକାର ଓ ସଂଶୟରୁ ମୁକ୍ତ ହୁଏ । ଶ୍ରଦ୍ଧା

ଓ ପ୍ରେମ ଭାବ ରଖି ଭଗବାନଙ୍କ ପାଦପଦ୍ମରେ ଆତ୍ମ ସମର୍ପଣ କରିଦେଲା ପରେ, ଦୁଃଖ ପୂର୍ଣ୍ଣ ସଂସାର ସାଗରରୁ ଉଦ୍ଧାର କରିବାର ଦାୟିତ୍ୱ ଭଗବାନ ସ୍ୱୟଂ ନିଜ ଉପରକୁ ନେଇଥାନ୍ତି । ଶ୍ରୀ ବଳଦେବ ବିଦ୍ୟାଭୂଷଣ ଟିକାରେ ଲେଖିଛନ୍ତି; - "ତାହାକୁ ଏକାନ୍ତ ଭାବର ଅନୁଗୃହିତ କରୁଥିବା 'ମୁଁ' ଯୋଗ-କ୍ଷେମ ଭଳି ବୁଦ୍ଧି-ବୃତ୍ତିକୁ ମଧ୍ୟ ଉଦ୍ଭାଷିତ କରିଦେଇଥାଏ । ତାର ଜୀବନ ନିର୍ବାହ ଆଦି ସମସ୍ତ ଭାର ମୋର ଉପରେ ହିଁ ରହିଥାଏ । ତାହାକୁ କୌଣସି ମଧ୍ୟ ବସ୍ତୁର ନିମିତ୍ତ ପ୍ରଯତ୍ନ କରିବାକୁ ପଡେ ନାହିଁ ।" ଭକ୍ତର ତନ୍ମୟତା ଦେଖି ଭଗବାନଙ୍କ ହୃଦୟରେ ଅନୁକମ୍ପାର ଧାରା ବହିବାକୁ ଲାଗେ । ଯିଏ ଅଚଳ, ନିଃସ୍ପନ୍ଦ ହୋଇ ରହିଥାନ୍ତି, ଭକ୍ତ ନିମନ୍ତେ ସେ' ଚଳ ଚଞ୍ଚଳ, ସ୍ପନ୍ଦିତ ହୋଇ ଉଠନ୍ତି । ଶ୍ରୀ ଶଙ୍କାରାଚାର୍ଯ୍ୟ ଅତି ସୁନ୍ଦର ଦୃଷ୍ଟାନ୍ତ ଦେଇ କହିଛନ୍ତି କି, "ଭକ୍ତର ଶୁଦ୍ଧ ଅନ୍ତଃକରଣ ଅର୍ଥାତ୍ ବିଷୟସଙ୍ଗରୁ ନିବୃତ୍ତ, ରାଗ-ଦ୍ୱେଷରେ ଅକଳୁଷିତ ଯେଉଁ ଚିତ୍ତବୃତ୍ତି, ତାହା ହେଉଛି ଜ୍ଞାନ ପ୍ରଦୀପ । ବିବେକ ରୂପ ଭଗବଦ୍ ଗୀତାଦ୍ୱାରା ପ୍ରାପ୍ତ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରସାଦ ହେଉଛି ସେହି ଦୀପରେ ତୈଳ ସାଦୃଶ୍ୟ ଯାହା ଦୀପକୁ ପ୍ରଜ୍ୱଳିତ କରି ରଖେ । ବ୍ରହ୍ମଚର୍ଯ୍ୟାଦି ସାଧନାର ସଂସ୍କାରବତୀ ଯେଉଁ ପ୍ରଜ୍ଞା, ତାହା ହେଉଛି ସେହି ପ୍ରଦୀପର ବତୀ (ସଳିତା) ସାଦୃଶ୍ୟ । ଭକ୍ତର ଭାବନାରେ ପ୍ରଭୁଙ୍କ ଯେଉଁ ଅଭିନିବେଶ, ତାହା ବାୟୁ ସାଦୃଶ୍ୟ ସହାୟକ ହୋଇ ଜ୍ଞାନ ଦୀପକୁ ନିରନ୍ତର ପ୍ରଜ୍ୱଳିତ କରି ରଖିଥାଏ । ସେହି ଜ୍ଞାନାଲୋକରେ ଭକ୍ତ ନିରନ୍ତର ଏକଗ୍ରତା ସହିତ ଭଗବାନଙ୍କ ଧ୍ୟାନ କରି ଆତ୍ମା ଏବଂ ପରମାତ୍ମାଙ୍କ ଅଦ୍ୱୈତ ସ୍ୱରୂପର ଦର୍ଶନ ଲାଭ କରିଥାଏ ।" ଭଗବାନ ଭକ୍ତର ହୃଦୟରେ ବସି ରହିବା ହେଉଛି 'ଯୋଗ' ଏବଂ ଜ୍ଞାନାଲୋକରେ ଅଜ୍ଞାନ ଅନ୍ଧକାରକୁ ନାଶ କରିବା ହେଉଛି 'ବିଭୂତି' । ଯିଏ ଅନନ୍ୟ ଭକ୍ତ, ଭଗବାନଙ୍କ ଠାରୁ ସେ କିଛି ଚାହିଁ ନ ଥାଏ , ନା ସାଂସାରିକ ଭୋଗର ଇଚ୍ଛା ଥାଏ, ନା ପାରମାର୍ଥିକ ତତ୍ତ୍ୱଜ୍ଞାନ ପ୍ରାପ୍ତି ବା ମୁକ୍ତିର ଅଭିଳାଷ ରହି ଥାଏ । କେବଳ ସପ୍ରେମ ଭଜନା କରି ଦିବ୍ୟାନନ୍ଦ ପ୍ରାପ୍ତ ସ୍ଥିତିରେ ରହିଥାଏ । ଭଗବାନଙ୍କ ଅସୀମ କୃପାରୁ ଭକ୍ତକୁ ସମତା ଓ ତତ୍ତ୍ୱବୋଧ ସ୍ୱତଃ ଆସିଯାଇ ଥାଏ । ଭକ୍ତର ଦେହାଭିମାନ ନଷ୍ଟ ହୋଇ, ସଂସାର କଲ୍ୟାଣରେ ସେ' ସେବାରତ ହୋଇ ରହେ । କର୍ମଯୋଗ ଏବଂ ଜ୍ଞାନ ଯୋଗ ମାର୍ଗ ହେଉଛି ଲୌକିକ ସାଧନ କିନ୍ତୁ ଭକ୍ତି ମାର୍ଗ ଅଲୌକିକ ସାଧନ, ଯେଉଁଥିରେ ଉଭୟ ଜ୍ଞାନ ଓ କର୍ମଯୋଗର ସମାବେଶ ହୋଇଥାଏ । ଜ୍ଞାନୀ ହୁଏତ ଭକ୍ତି ବିହୀନ ହୋଇପାରେ, ମାତ୍ର ଭକ୍ତ ଜ୍ଞାନ ବିହୀନ ହେବା ସମ୍ଭବ ନୁହେଁ । ଗୋପୀମାନେ ବେଦ ଅଧ୍ୟୟନ କରି ନ ଥିଲେ, ବ୍ରତ, ତପ ଆଦି ଉପାସନା କରୁ ନ ଥିଲେ, କୌଣସି ତତ୍ତ୍ୱଦର୍ଶୀଙ୍କ ସାନ୍ନିଧ୍ୟରେ ଆସି ନ ଥିଲେ, ତଥାପି ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି କେବଳ ଅନନ୍ୟ ପ୍ରେମ ଭାବରୁ ସେମାନଙ୍କ ପାଖରେ ଭଗବତ୍ ସ୍ୱରୂପର ଅତି ଅସାଧାରଣ ଜ୍ଞାନ ରହିଥିଲା । ବସ୍ତୁତଃ ଯେବେ ଇଷ୍ଟ କିମ୍ବା ସଦଗୁରୁ ରଥୀ ରୂପେ ସାଧକର ଆତ୍ମାରେ ଜାଗ୍ରତ ହୋଇ କ୍ଷଣ କ୍ଷଣ ସଂଚାଳନ କରି ନ ଥାନ୍ତି, ପ୍ରକୃତିର ଦ୍ୱନ୍ଦ୍ୱାଦିରୁ ନିବୃତ୍ତ କରାଇ ଭକ୍ତର ଭାବକୁ ସ୍ୱୟଂ ଆଗକୁ ବଢାଇ ନେଇ ନ ଥାନ୍ତି, ସେହି ପର୍ଯ୍ୟନ୍ତ ବାସ୍ତବରେ ଯଥାର୍ଥ ଭଜନା ଆରମ୍ଭ ହୋଇ ନ ଥାଏ । ସାଧକର ଆତ୍ମାରେ ଇଷ୍ଟ କିମ୍ବା ସଦଗୁରୁଙ୍କ କୃପା ଜାଗୃତ ହେଲେ, ତାଙ୍କରି ନିର୍ଦ୍ଦେଶ ଚାରି ପ୍ରକାର ଅନୁଭବ ହୋଇଥାଏ । ସାଧକ ଅନନ୍ୟ ଭାବରେ ତୈଳଧାରା ସାଦୃଶ୍ୟ

ଇଷ୍ଟଙ୍କ ସ୍ୱରୂପକୁ ମନରେ ଧାରଣ କରିବା ନିମିତ୍ତ ଚେଷ୍ଟିତ ଥିଲାବେଳେ, ମନ ବିକ୍ଷିପ୍ତ ହୋଇ ବିଷୟାଭିମୁଖ ହେବାକୁ ଲାଗେ ଏବଂ ସେହି ସମୟରେ ଅଙ୍ଗ ସ୍ପନ୍ଦନ ଦ୍ୱାରା ଇଷ୍ଟ କିମ୍ବା ଗୁରୁଙ୍କ ଠାରୁ ଶରୀରରେ କେଉଁ କେଉଁ ସ୍ଥାନରେ ସଙ୍କେତ ଅନୁଭବ ହୁଏ । ଏହା 'ସ୍ଥୂଳସୁରା' ସମ୍ବନ୍ଧୀୟ ଅନୁଭବ । ମନୁଷ୍ୟ ଭୋଗ-ବାସନା ପ୍ରତି ଆସକ୍ତ କାରଣରୁ ସ୍ୱପ୍ନ ଦେଖିଥାଏ । ଯୋଗ ସାଧକ ସାଧାରଣତଃ ସ୍ୱପ୍ନ ଦେଖି ନ ଥାଏ କିନ୍ତୁ ଆଗକୁ ମାର୍ଗ ଦର୍ଶନର ନିର୍ଦ୍ଦେଶ ଇଷ୍ଟ କିମ୍ବା ଗୁରୁଦେବଙ୍କ ଠାରୁ ସ୍ୱପ୍ନ ରୂପରେ ପ୍ରାପ୍ତ ହୋଇଥାଏ । ଏହା 'ସ୍ୱପ୍ନସୁରା' ସମ୍ବନ୍ଧୀୟ ଅନୁଭବ । ଉପୋରୋକ୍ତ ଦୁଇ ସୂକ୍ଷ୍ମ ଅନୁଭବ ସାଧାରଣ ଭାବରେ ସତସଙ୍ଗ କିମ୍ବା ସାଧୁ ସନ୍ଥଙ୍କ ସାକ୍ଷାତ୍କାର କିମ୍ବା ମନନରେ ଅନୁଭବ ହୋଇ ଥାଏ । ଅନ୍ୟ ଦୁଇ ପ୍ରକାର ଅନୁଭବ ଯୋଗ ସାଧନର ଉଚ୍ଚ ସ୍ତରରେ ରହିଥିବା ସାଧକଙ୍କୁ କ୍ରିୟାତ୍ମକ ଭାବରେ ପ୍ରାପ୍ତ ହୋଇଥାଏ ଯେବେ ପରମାତ୍ମା କିମ୍ବା ଇଷ୍ଟଙ୍କ ଚିନ୍ତନରେ ଏପରି ଡୋରୀ ଲାଗିଯାଏ, ଧ୍ୟାନରେ ଚିତ୍ତବୃତ୍ତି ସମ୍ପୂର୍ଣ୍ଣ ରୂପେ ସ୍ଥିର ହୋଇଯାଏ, ଶରୀର ଜାଗ୍ରତ ରହିଥାଏ, ମନ ସୁଷୁପ୍ତ ଅବସ୍ଥାରେ ବିଲୟ ହୋଇଥାଏ- ଏହା 'ସୁଷୁପ୍ତି ସୁରା' ସମ୍ବନ୍ଧୀୟ ଅନୁଭବ । ଏହି ଅବସ୍ଥାରେ ଧ୍ୟାନରେ ଯୋଗ ଅବସ୍ଥା ଅନୁରୂପ ଏକ ରୂପକ (ଦୃଶ୍ୟ) ଆସିଥାଏ, ଯାହା ସାଧକକୁ ଉଚିତ ମାର୍ଗ ପ୍ରଦର୍ଶନ କରେ ଏବଂ ଭୂତ ଓ ଭବିଷ୍ୟର ଅବଗତ କରାଇଥାଏ । ଚତୁର୍ଥ ଏବଂ ଅନ୍ତିମ ଅନୁଭବ 'ସମସୁରା' ସମ୍ବନ୍ଧୀୟ । ଯେଉଁଥିରେ ଧ୍ୟାନମଗ୍ନ ହେଲେ ସେହି ପରମାତ୍ମାଙ୍କ ସହିତ ସମତ୍ୱ ପ୍ରାପ୍ତ ହୋଇଯାଏ । ତାହାପରେ ସମସ୍ତ କ୍ରିୟାରେ ଯଥା: ଉଠିଲେ, ବସିଲେ, ଚାଲିଲେ, ବୁଲିଲେ, ସର୍ବତ୍ର ଇଷ୍ଟ କିମ୍ବା ପରମାତ୍ମାଙ୍କ ଅନୁଭୂତି ହେବାରେ ଲାଗେ । ଉପୋରୋକ୍ତ (୮ଠାରୁ ୧୧) ଚାରିଗୋଟି ଶ୍ଲୋକ ଗୀତାର ସାର ସ୍ୱରୂପ ଚତୁଃଶ୍ଲୋକି ଗୀତା ନାମରେ ପ୍ରସିଦ୍ଧ ଏବଂ ସମସ୍ତ ଜୀବଙ୍କ ତାପହାରୀ ତଥା ସର୍ବ ମଙ୍ଗଳକାରୀ ଅଟେ । ଏଥିରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅନନ୍ୟ ଭକ୍ତିର ସ୍ୱରୂପ ବତାଇଛନ୍ତି । ଏହି ଅନନ୍ୟ ଭକ୍ତିର ଆଶ୍ରୟ ଗ୍ରହଣ କଲେ, ଭଗବାନ ଶ୍ରୀକୃଷ୍ଣ କୃପା କରି ସଂସାର ସମୁଦ୍ରରୁ ଅନାୟାସରେ ପାର କରାଇ ବ୍ରଜଧାମରେ ନିଜର ରସମୟୀ ଭକ୍ତିରେ ପ୍ରବେଶ କରାଇଥାନ୍ତି ।

ଅର୍ଜୁନ ଉବାଚ

ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥୧୨॥
ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।
ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ॥୧୩॥

*ଅନ୍ୱୟ: ଅର୍ଜୁନ ଉବାଚ (ଅର୍ଜୁନ କହିଲେ) ଭବାନ୍ (ଆପଣ ହେଉଛନ୍ତି) ପରମ୍ ବ୍ରହ୍ମ (ପରମ ସତ୍ୟ ) ପରଂ ଧାମ ( ଶ୍ରେଷ୍ଠ ଆଶ୍ରୟ) ପରଂ ପବିତ୍ରଂ (ପ୍ରକୃଷ୍ଟ ରୂପେ ପାବନ) ସର୍ବେ ଋଷୟଃ (ଭୃଗୁ ପ୍ରଭୃତି ସମସ୍ତ ଋଷିବୃନ୍ଦ) ଦେବର୍ଷି ନାରଦଃ ( ଦେବର୍ଷି ନାରଦ) ତଥା (ଏବଂ) ଅସିତଃ (ଅସିତ) ଦେବଳଃ (ଦେବଳ) ବ୍ୟାସଃ (ବ୍ୟାସ) ତ୍ୱାଂ (ଆପଣଙ୍କୁ) ଶାଶ୍ୱତଂ (ସନାତନ) ଦିବ୍ୟମ୍ (ସ୍ୱ ପ୍ରକାଶ)*

*ପୁରୁଷଂ ( ପୁରୁଷ) ଆଦିଦେବଂ (ଦେବଗଣଙ୍କ ଆଦି) ଅଜମ୍ (ଜନ୍ମ ରହିତ) ବିଭୁଂ (ସର୍ବବ୍ୟାପୀ) ଆହୁଃ (କହି ଥାଆନ୍ତି) ସ୍ୱୟଂ ଚ ଏବ ( ଆପଣ ନିଜେ ମଧ୍ୟ ) ମେ ବ୍ରବୀଷି ( ମୋତେ କହୁଛନ୍ତି ) ।*

**ଭାବାର୍ଥ** : ଭଗବାନଙ୍କ 'ବିଭୂତି' ଏବଂ 'ଯୋଗ' ତତ୍ତ୍ୱ ସହିତ ଜାଣିବା, ଭଗବତ୍ ପ୍ରାପ୍ତିର ପରମ ସହାୟକ । ଗତ ଅଧ୍ୟାୟ ମାନଙ୍କରେ ସଂକ୍ଷେପରେ କୁହାଯାଇଥିବା ଭଗବାନଙ୍କ ବିଭୂତି ସମ୍ବନ୍ଧରେ ବିସ୍ତୃତ ଭାବରେ ଶ୍ରୀ ଭଗବାନଙ୍କ ମୁଖରୁ ଶୁଣିବା ନିମିତ୍ତ ଅର୍ଜୁନ (୧୨ ଠାରୁ ୧୮ ) ଏହି ସାତଟି ଶ୍ଳୋକରେ ସ୍ତୁତି କରିବା ସଙ୍ଗେ ସଙ୍ଗେ ଜିଜ୍ଞାସୁ ପୂର୍ବକ ପ୍ରଶ୍ନ ମଧ୍ୟ ପଚାରିଛନ୍ତି । ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ତୁତି ଗାନକରି ଅର୍ଜୁନ କହିଲେ; ହେ ଭଗବନ୍ ! ଆପଣ ହିଁ ସେହି ନିର୍ବିଶେଷ ନିର୍ଗୁଣ, ନିତ୍ୟ ସତ୍ୟ, ପରମ ବ୍ରହ୍ମ, ପରମାତ୍ମା ଅଟନ୍ତି । ଆପଣ ହିଁ ଅପ୍ରାକୃତ ଶ୍ରେଷ୍ଠ ଆଶ୍ରୟ ସ୍ୱରୂପ ଏବଂ ବାୟୁ, ଅଗ୍ନି ଆଦିକୁ ମଧ୍ୟ ପବିତ୍ର କରୁଥିବା ସର୍ବୋତ୍ତମ ପବିତ୍ରତା ବିଧାୟକ । ଭୃଗୁ ଆଦି ସମସ୍ତ ଋଷି, ଦେବର୍ଷି ନାରଦ ଏବଂ ଅସିତ, ଦେବଳ, ବ୍ୟାସ ପ୍ରଭୃତି ମହର୍ଷିଗଣ ଆପଣଙ୍କୁ ଅବିନାଶୀ, ଦିବ୍ୟ ଅର୍ଥାତ୍ ସ୍ୱୟଂ ପ୍ରକାଶ, ଆଦିଦେବ, ଜନ୍ମାଦି ରହିତ ଏବଂ ସର୍ବବ୍ୟାପୀ ବିଭୁ ବୋଲି କହିଛନ୍ତି । ଆପଣ ନିଜେ ମଧ୍ୟ ମୋତେ ଏବେ ତାହା ହିଁ କହୁଛନ୍ତି । ଯେଉଁ ନିର୍ଗୁଣ ପରମାତ୍ମାଙ୍କୁ 'ପରଂବ୍ରହ୍ମ' କୁହାଯାଇଛି, ସେ' ଆପଣଙ୍କ ହିଁ ସ୍ୱରୂପ । ଅନନ୍ତ ବ୍ରହ୍ମାଣ୍ଡ ଯାହାଙ୍କଠାରୁ ଉତ୍ପନ୍ନ, ବେଦ ଯାହାଙ୍କଠାରୁ ପ୍ରକଟିତ, ପ୍ରକୃତି ଯାହାର ଆଶ୍ରିତ, ସେହି ପରଂବ୍ରହ୍ମ ସ୍ୱରୂପ ହିଁ ସର୍ବୋଚ୍ଚ ଲୋକ ଏବଂ ସମସ୍ତ ଜୀବଙ୍କ ପରମ ଆଶ୍ରିତ ସ୍ଥଳ । ଆପଣଙ୍କ ଯେଉଁ ନିତ୍ୟଧାମ ତାହା ମଧ୍ୟ ସଚ୍ଚିଦାନନ୍ଦମୟ ଦିବ୍ୟ ଏବଂ ଆପଣଙ୍କଠାରୁ ଅଭିନ୍ନ ହେବା କାରଣରୁ ତାହା ମଧ୍ୟ ଆପଣଙ୍କ ସ୍ୱରୂପ । ଆପଣଙ୍କ ନାମ, ଗୁଣ, ପ୍ରଭାବ, ଲୀଳା ଆଦିର ଶ୍ରବଣ, ମନନ ଓ କୀର୍ତ୍ତନ ସର୍ବଦା ଜୀବର ଅନ୍ତଃକରଣ ପବିତ୍ରତାର ସହାୟକ । ସ୍ୱାମୀ ଶିବାନନ୍ଦ କହନ୍ତି; "ପୂଣ୍ୟ ନଦୀ ଏବଂ ତୀର୍ଥ କ୍ଷେତ୍ର କେବଳ ପାପକୁ ନଷ୍ଟ କରିଥାଏ, କିନ୍ତୁ ପାବନମୟ ପରମାତ୍ମାଙ୍କ ସ୍ମରଣରେ ଅନନ୍ତ କୋଟି ଜନ୍ମର କେବଳ ପାପ ନୁହେଁ, ପାପର ମୂଳ କାରଣ ଅଜ୍ଞାନ ମଧ୍ୟ ଦୂର ହୋଇଥାଏ । ତେଣୁ ସେ' ପରମ ପବିତ୍ର ।" ଆପଣ ଶାଶ୍ୱତ ସନାତନ ପୁରୁଷ ଅର୍ଥାତ୍ କ୍ଷୟ-ବିନାଶ ରହିତ, କାଳାତୀତ, ଏକରସ ଯୁକ୍ତ ଏବଂ ଜଗତ ରୂପରେ କ୍ରୀଡା କରୁଥିବା ଆଦି ପୁରୁଷ, ଯାହାର ଉତ୍ପତ୍ତିର କିଏ ବି କାରଣ ନୁହନ୍ତି, ଯେ ସର୍ବ କାରଣର କାରଣ । ଆପଣ ହେଉଛନ୍ତି ଦିବ୍ୟ ପୁରୁଷ ଅର୍ଥାତ୍ ଅଲୌକିକ, ସ୍ୱତଃ ପ୍ରକାଶ ତେଜୋମୟ ଜ୍ଞାନ ସ୍ୱରୂପ । ଯେତେ ମଧ୍ୟ ଦେବ ରହିଛନ୍ତି, ସେହି ସମସ୍ତଙ୍କ ଆପଣ ହେଉଛନ୍ତି ମୂଳ ଉପାଦାନ । ଆପଣ ଅଜନ୍ମା, ବ୍ୟାପକ, ପରିଚ୍ଛିନ୍ନ ନୁହନ୍ତି । ଲୀଳା କାଳରେ ଆପଣ ପରିଚ୍ଛିନ୍ନ ସାଦୃଶ୍ୟ ପ୍ରତୀୟମାନ ହେଉଥିଲେ ମଧ୍ୟ, ଆପଣଙ୍କ ସର୍ବବ୍ୟାପକତାର ଅଭାବ ହୋଇ ନ ଥାଏ । ଭୃଗୁ ଆଦି ସମସ୍ତ ଋଷିବୃନ୍ଦ, ଦେବର୍ଷି ନାରଦ, ଅସିତ, ଦେବଳ, ବ୍ୟାସ ଆଦି ମହର୍ଷିଗଣ ମଧ୍ୟ ଆପଣଙ୍କୁ ପରମବ୍ରହ୍ମ, ଅବିନାଶୀ ଦିବ୍ୟ ପୁରୁଷ, ମହାନ ପବିତ୍ର, ସାରା ସୃଷ୍ଟିର ଆଧାର ବୋଲି କହିଛନ୍ତି । ଆପଣ ସ୍ୱୟଂ ମଧ୍ୟ ନିଜକୁ ଏହିପରି ବାରମ୍ବାର କହୁଛନ୍ତି । ଅସିତ ଓ ଦେବଳ ଋଷି କହିଛନ୍ତି ; -" ପ୍ରଜାଙ୍କ ସୃଷ୍ଟିରେ ଭଗବାନ ଶ୍ରୀକୃଷ୍ଣ ହିଁ ପ୍ରଜାପତି ଓ ସମସ୍ତ ଲୋକର ରଚୟିତା । ମହର୍ଷି ବ୍ୟାସଦେବ କହିଛନ୍ତି; "ଆପଣ ବସୁମାନଙ୍କର ବାସୁଦେବ, ଇନ୍ଦ୍ରଙ୍କ ଇନ୍ଦ୍ରତ୍ୱ ପ୍ରଦାନକାରୀ ଏବଂ ଦେବତାମାନଙ୍କ ମଧ୍ୟ ପରମ ଦେବତା ଅଟନ୍ତି" । ମହର୍ଷି ଭୃଗୁ କହିଛନ୍ତି;- "ଇଏ

ଦେବତା ମାନଙ୍କ ଦେବତା ଓ ପରମ ପୁରାଣ ବିଷ୍ଣୁ ।" ଦେବର୍ଷି ନାରଦ କହିଛନ୍ତି ; -"ଭଗବାନ ଶ୍ରୀକୃଷ୍ଣ ସମସ୍ତ ଲୋକର ସ୍ରଷ୍ଟା ଏବଂ ସମସ୍ତ ଭାବର ଜ୍ଞାତା- ଇଏ ହେଉଛନ୍ତି ସାଧ  ଓ ଦେବଗଣଙ୍କ ଅଧିଶ୍ୱର ।" ମହାଭାରତରେ ପରମ ସତ୍ୟବାଦୀ ଧର୍ମମୂର୍ତ୍ତି ପିତାମହ ଭୀଷ୍ମ ଦୁର୍ଯ୍ୟୋଧନକୁ ଶ୍ରୀକୃଷ୍ଣଙ୍କ ପ୍ରଭାବ ବତାଇବାକୁ ଯାଇ କହିଛନ୍ତି; -  "ଭଗବାନ ବାସୁଦେବ ସମସ୍ତ ଦେବତାଙ୍କ ଦେବତା ଏବଂ ସମସ୍ତଙ୍କ ଠାରୁ ଶ୍ରେଷ୍ଠ । ସେ ହିଁ ଧର୍ମ, ଧର୍ମଜ୍ଞ, ବରଦାତା, ସମସ୍ତ ଅଭୀଷ୍ଟ ପୁରଣକାରୀ ଏବଂ ଯେ' କର୍ତ୍ତା, କର୍ମ ଏବଂ ସ୍ୱୟଂ ପ୍ରଭୁ ଅଟନ୍ତି । ଭୂତ, ଭବିଷ୍ୟତ, ବର୍ତ୍ତମାନ, ସନ୍ଧ୍ୟା, ଦିବା, ଦିଗ, ଆକାଶ ପ୍ରଭୃତିଙ୍କ ନିୟମ ଏହି ଜନାର୍ଦ୍ଦନଙ୍କ ଦ୍ୱାରା ହିଁ ରଚିତ । ଏହି ମହାତ୍ମା ଅବିନାଶୀ ପ୍ରଭୁ ହିଁ ଋଷି, ତପ ଏବଂ ଜଗତ ସୃଷ୍ଟି କରିଥିବା ପ୍ରଜାପତିଙ୍କୁ ରଚିଛନ୍ତି । ସମସ୍ତ ପ୍ରାଣୀଙ୍କ ଅଗ୍ରଜ ସଙ୍କରର୍ଷଣଙ୍କ ମଧ ଇଏ  ହିଁ  ରଚୟିତା । ଅନନ୍ତ ନାମରେ ଯିଏ ବିଦିତ ଏବଂ ଯିଏ ମେରୁ ସମେତ ସାରା ପୃଥିବୀକୁ ଧାରଣ କରି ରଖିଛନ୍ତି, ସେହି ଶେଷନାଗ ମଧ ଏହାଙ୍କ ଠାରୁ ଉତ୍ପନ୍ନ । ଇଏ ହିଁ ବରାହ, ନୃସିଂହ ଏବଂ ବାମନ ଅବତାର ଧାରଣ କରିଥିବା ପୁରୁଷ ।  ଇଏ  ହିଁ ସମସ୍ତଙ୍କ ମାତା-ପିତା, ଏହାଙ୍କ ଠାରୁ ଶ୍ରେଷ୍ଠ ଆଉ କେହି ବି ନୁହନ୍ତି । ଇଏ  ହିଁ କେଶବ ପରମ ତେଜରୂପ  ଏବଂ ସମସ୍ତ ଲୋକର ପିତାମହ ।  ମୁନିଗଣ ଯାହାଙ୍କୁ  ହୃଷୀକେଶ କହନ୍ତି, ଇଏ ହିଁ ଆଚାର୍ଯ୍ୟ, ପିତର ଏବଂ ଗୁରୁ । ଏହି ଶ୍ରୀକୃଷ୍ଣ ଯାହା ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ ଅକ୍ଷୟ ଲୋକ ପ୍ରାପ୍ତ ହୁଏ । ଭୟପ୍ରାପ୍ତ ହୋଇ ଯେ' ଏହି ଭଗବାନ କେଶବଙ୍କ ଶରଣ ଯାଏ, ତାଙ୍କରି ସ୍ତବ ପାଠକରେ, ସେହି ମନୁଷ୍ୟ ପରମ ସୁଖ ପ୍ରାପ୍ତ ହୁଏ । ଯେଉଁ ଭକ୍ତ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣକୁ ଚାଲିଯାଏ, ସେ' କେବେ ମଧ ମୋହକୁ ପ୍ରାପ୍ତ ହୁଏ ନାହିଁ । ମହାନ୍ ସଙ୍କଟରେ ବୁଡି ହୋଇ ରହିଥିବା ଲୋକଙ୍କୁ ଭଗବାନ ଜନାର୍ଦ୍ଦନ ନିତ୍ୟ ରକ୍ଷା କରିଥାନ୍ତି ।"

ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ ।
ନ ହି ତେ ଭଗବନ୍ ବ୍ୟକ୍ତିଂ ବିଦୁର୍ଦ୍ଦେବା ନ ଦାନବାଃ ॥୧୪॥

*ଅନ୍ୱୟ: କେଶବ ( ହେ କେଶବ !) ମାମ୍ (ମୋତେ) ଯତ୍ (ଯାହାକିଛି ) ବଦସି (ଆପଣ କହୁଛନ୍ତି ) ଏତତ୍ ସର୍ବଂ (ଏ ସବୁକୁ ) ଋତଂ (ସତ୍ୟ) ମନ୍ୟେ (ମନେ କରୁଛି ) ଭଗବନ୍ ( ହେ ଭଗବାନ !) ତେ (ତୁମର ) ବ୍ୟକ୍ତିଂ ( ଅଭିବ୍ୟକ୍ତି ବା ପ୍ରକଟ ହେବା ବିଷୟ ) ଦେବାଃ (ଦେବଗଣ) ଦାନବାଃ  ଚ (ଦାନବଗଣ ମଧ ) ନ ବିଦୁଃ (ଜାଣନ୍ତି ନାହିଁ)  ।*

**ଭାବାର୍ଥ** : ହେ କେଶବ ! ଆପଣ ଯାହା ଏଥି ପୂର୍ବରୁ କହିଛନ୍ତି, ଏହି ସମସ୍ତ କଥାକୁ ମୁଁ ସତ୍ୟ ହିଁ ସ୍ୱୀକାର କରୁଛି । କିନ୍ତୁ, ହେ ପ୍ରଭୁ ! ଦେବଗଣ କି ଦାନବ ଗଣ, କେହି ହେଲେ ଆପଣଙ୍କ ମାନବ ରୂପୀ ଲୀଳାମୟ ସ୍ୱରୂପକୁ ଜାଣି ପାରନ୍ତି ନାହିଁ ଏବଂ ଏହାର 'ନିମିତ୍ତ-ତତ୍ତ୍ୱ'କୁ ମଧ ବୁଝି ପାରନ୍ତି ନାହିଁ । ଶ୍ରୀମଦ୍ ଭାଗବତରେ ଦେବର୍ଷି ନାରଦ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଛନ୍ତି; " ହେ ରାଜନ୍ ! ମନୁଷ୍ୟଙ୍କ ମଧ୍ୟରେ ତୁମ୍ଭେମାନେ ବଡ ଭାଗ୍ୟବାନ୍, କାରଣ ଲୋକଙ୍କୁ ପବିତ୍ର କରୁଥିବା ମୁନିଗଣ ତୁମ୍ଭର ମହଲରେ ପ୍ରବେଶ କରିଛନ୍ତି, ମାନବ ଚିହ୍ନଧାରୀ ସାକ୍ଷାତ୍ ପରବ୍ରହ୍ମ ଗୂଢ ରୂପରେ ଏହି ସ୍ଥାନରେ ବିରାଜିତ  ।  ମହାତ୍ମା ଲୋକ ଯେଉଁ କୈବଲ୍ୟ ନିର୍ବାଣ ସୁଖର ଅନୁଭବକୁ ଖୋଜୁଛନ୍ତି, ଏହି କୃଷ୍ଣ ସେହି ପରଂବ୍ରହ୍ମ । ଯେ' ତୁମ୍ଭ ସମସ୍ତଙ୍କ ପ୍ରିୟ, ସୁହୃଦ, ବନ୍ଧୁ, ସମ୍ପର୍କୀୟ, ପୂଜ୍ୟ, ମାର୍ଗପ୍ରଦର୍ଶକ ଏବଂ ଗୁରୁ ମଧ । ତେବେ କୁହ; ତୁମ୍ଭ ସାଦୃଶ୍ୟ ଭାଗ୍ୟଶାଳୀ ଆଉ କେହି

ହୋଇପାରେ ।" ବର୍ତ୍ତମାନ ସ୍ଥିତିରେ ଭଗବାନଙ୍କ କୃପାବଶତଃ ଅର୍ଜୁନ ଏହା ବୁଝିପାରିଛନ୍ତି ଯେ, ଶ୍ରୀକୃଷ୍ଣ ହେଉଛନ୍ତି ପରମ ସତ୍ୟ ଏବଂ ସେ ହିଁ ପରିପୂର୍ଣ୍ଣ । ଭଗବତ୍ ସ୍ୱରୂପକୁ ଜାଣିବା ପାଇଁ ଯେଉଁ ଗୁରୁ ଶିଷ୍ୟ ପରମ୍ପରା ଆବଶ୍ୟକ, ଯୋଗେଶ୍ୱର କୃଷ୍ଣ ଲୁପ୍ତ ହେବାକୁ ଯାଉଥିବା ସେହି ଗୁରୁ-ଶିଷ୍ୟ ପରମ୍ପରାର ପୁନରୁଦ୍ଧାର ନିମନ୍ତେ ଅନ୍ତରଙ୍ଗ ବନ୍ଧୁ ଓ ଭକ୍ତ ଅର୍ଜୁନଙ୍କୁ ବାଛି ନେଇଛନ୍ତି । ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ସ୍ୱରୂପକୁ ଅର୍ଜୁନ ଯେପରି ଆତ୍ମ-କଲ୍ୟାଣ ଭାବରଖି ପରମାତ୍ମା ରୂପେ ସ୍ୱୀକାର କରି ନେଇଛନ୍ତି, ସମସ୍ତ ଭଗବତ୍ ପ୍ରେମୀ ତାହାର ଅନୁକରଣ କରି ଦୃଢତାର ସହିତ ଗ୍ରହଣ କରି ନେବାକୁ ହେବ ଯେ, ଶ୍ରୀକୃଷ୍ଣ ହିଁ ପରମ ପୁରୁଷ ଭଗବାନ ଅଟନ୍ତି । ଭକ୍ତି ମାର୍ଗରେ ଏହି ବିଶ୍ୱାସର ପ୍ରାଧାନ୍ୟତା ରହିଛି । ଅର୍ଜୁନ ଏଠାରେ 'କେଶବ' ବୋଲି ସମ୍ବୋଧନ କରି ଏହି ଭାବ ବ୍ୟକ୍ତ କରିଛନ୍ତି କି, ଆପଣ ସମସ୍ତ ଜଗତର ଉତ୍ପତ୍ତି, ସ୍ଥିତି ଓ ସଂହାର ନିମିତ୍ତ ସାମର୍ଥ୍ୟ ରହିଥିବା ସାକ୍ଷାତ୍ ପରମେଶ୍ୱର । ଆପଣ ସଚରାଚର ଜୀବର ଉତ୍ପାଦକ, ସଞ୍ଚାଳକ ଏବଂ ସବୁରି ମୂଳରେ ଯେ ଆପଣ ରହିଛନ୍ତି ଏଥିରେ ଟିକିଏ ମାତ୍ର ସନ୍ଦେହ ରହିନାହିଁ । 'ଭଗବନ୍' ବୋଲି ସମ୍ବୋଧନର ତାତ୍ପର୍ଯ୍ୟ ହେଲା; - ଆପଣ ଷଡ ଐଶ୍ୱର୍ଯ୍ୟ ସମ୍ପନ୍ନ (ଐଶ୍ୱର୍ଯ୍ୟ, ଯଶ,ଶ୍ରୀ, ଜ୍ଞାନ, ବୈରାଗ୍ୟ ଓ ସର୍ବଜ୍ଞ) ଏବଂ କାଳାତୀତ ଅର୍ଥାତ୍ ସର୍ବ କାଳସ୍ଥିତ । ପ୍ରାଣବଳ ଓ ମାୟାଦ୍ୱାରା ଅନେକ ରୂପ ଧାରଣ କରି ପାରୁଥିବା ଅସୁରଗଣ ତଥା ପ୍ରଜ୍ଞା ଦ୍ୱାରା ଇନ୍ଦ୍ରିୟାତୀତ ବିଷୟକୁ ପ୍ରତ୍ୟକ୍ଷ କରି ପାରୁଥିବା ଦେବତାଗଣ ମଧ୍ୟ ଆପଣଙ୍କ ଦିବ୍ୟ ଲୀଳାମୟ ମାନବଧାରୀ ଅବତାର ସ୍ୱରୂପକୁ ଚିହ୍ନି ପାରନ୍ତି ନାହିଁ । ଆପଣଙ୍କ ସ୍ଫୁର୍ତ୍ତି ପ୍ରାପ୍ତ ହୋଇ ଯେଉଁ ଦେବତାମାନେ ସୃଷ୍ଟି ପରିଚାଳନରେ ନିଯୁକ୍ତ ରହିଥାନ୍ତି ଓ ଯେଉଁ ଅସୁର ଗଣଙ୍କୁ ଆପଣ ବଧ କରି ମୋକ୍ଷ ପ୍ରାପ୍ତ କରାଇଥାନ୍ତି, ସେହି ସମସ୍ତେ ଆପଣଙ୍କ ଶକ୍ତି, ସାମର୍ଥ୍ୟ ଓ ନିମିତ୍ତକୁ ଜାଣିପାରି ନଥାନ୍ତି । ଅନ୍ୟ ଋଷିଗଣ ଆପଣଙ୍କୁ ପରବ୍ରହ୍ମ ରୂପ ଏବଂ ଅଜନ୍ମା ବୋଲି ଯଦି ଓ ଜାଣନ୍ତି, କିନ୍ତୁ - ଅଜନ୍ମା ତା ସଙ୍ଗେ ସଙ୍ଗେ ଶରୀର ଧାରଣ କରିଥିବା ପ୍ରକଟ ତତ୍ତ୍ୱ - ଏହି ଦୁଇଟି ଏକ ସମୟରେ କିପରି ସମ୍ଭବ, ସେହି ରହସ୍ୟକୁ ଭେଦ କରି ପାରନ୍ତି ନାହିଁ । ପ୍ରକୃତି ଓ ପ୍ରକୃତିର ସମସ୍ତ ଶକ୍ତି ଠାରୁ ଭଗବାନ ଅତୀତ । ପ୍ରାକୃତ, ସୀମିତ ଓ ଉତ୍ପତ୍ତି-ବିନାଶଶୀଳ ବସ୍ତୁ ଦ୍ୱାରା ଅସୀମ- ଅବିନାଶୀ ତତ୍ତ୍ୱକୁ କିପରି ଜାଣି ହେବ ? ତ୍ୟାଗ, ବୈରାଗ୍ୟ, ତପ, ସ୍ୱାଧ୍ୟାୟ, ଆଦି ସାଧନ ଦ୍ୱାରା ଅନ୍ତଃକରଣକୁ ଶୁଦ୍ଧ କରି ହୋଇଥାଏ, ମାତ୍ର ଏହି ଗୁଡିକ ଦ୍ୱାରା ଭଗବାନଙ୍କ ସ୍ୱରୂପକୁ ଚିହ୍ନି ହୁଏ ନାହିଁ । ବାସ୍ତବରେ ଭଗବାନଙ୍କ ପ୍ରଭବ ଅର୍ଥାତ୍ ଜନ୍ମ ହିଁ ନାହିଁ, ସେ' ସର୍ବଦା ଏକରୂପ ଏବଂ ଏକ ରସ । ଯାହା ମୂଳରୁ ନାହିଁ, ତାହାକୁ କିଏ କିପରି ଜାଣିବ ? ଜୀବ ବ୍ୟକ୍ତ ହେବାରେ ପୂର୍ବ ଜନ୍ମର ସଂସ୍କାର, ପିତା ଓ ମାତା ରୂପରେ ବୀଜ, ପଞ୍ଚଭୂତର ଉପାଦାନ ଏବଂ କର୍ମରୂପୀ ନିମିତ୍ତ -ଏ ସମସ୍ତ କାରଣ ହୋଇଥାଏ । କିନ୍ତୁ ସଗୁଣ-ସାକାର ସ୍ୱରୂପର ପ୍ରାକଟ୍ୟ ଏବଂ ଏହାର ନିମିତ୍ତର ରହସ୍ୟ ନିଶ୍ଚିତ ଭାବରେ ଅଭେଦ୍ୟ । ତେଣୁ ଭଗବାନ ଏହାର ସମାଧାନ ରେ ଆଗରୁ କହିଛନ୍ତି 'ମୁଁ ଅଜନ୍ମା ଏବଂ ଅବିନାଶୀ ସ୍ୱରୂପ ତଥା ସମସ୍ତ ପ୍ରାଣୀଙ୍କ ଈଶ୍ୱର ହୋଇ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ଯୋଗମାୟା ଶକ୍ତିର ସହାୟତାରେ ମୋର ଇଚ୍ଛାନୁରୂପ ଧାରଣ କରି ବ୍ୟକ୍ତ ହୋଇଥାଏ ।

ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।
ଭୂତଭାବନ ଭୂତେଶ ଦେବଦେବ ଜଗତ୍ ପତେ ॥୧୫॥

*ଅନ୍ୱୟ: ପୁରୁଷୋତ୍ତମ ( ହେ ପୁରୁଷୋତ୍ତମ !) ଭୂତଭାବନ ( ହେ ଭୂତ ସମୂହର ପାଳନ ପୋଷଣକାରୀ) ଭୂତେଶ ( ସକଳ ପ୍ରାଣୀଙ୍କ ପ୍ରଭୁ, ନିୟନ୍ତ୍ରଣକାରୀ ) ଦେବଦେବ (ସମସ୍ତ ଦେବତାଙ୍କ ପ୍ରକାଶକ, ଆରାଧ୍ୟ ଦେବତା ) ଜଗତ୍ ପତେ ( ସମଗ୍ର ଜଗତର ସ୍ୱାମୀ ) ତ୍ୱଂ (ଆପଣ ) ସ୍ୱୟଂ ଏବ (ନିଜେ ହିଁ) ଆତ୍ମନା (ନିଜ ଦ୍ୱାରା ) ଆତ୍ମାନଂ (ନିଜକୁ) ବେତ୍ଥ (ଜାଣିଥାନ୍ତି ) ।*

**ଭାବାର୍ଥ**: ହେ ପୁରୁଷୋତ୍ତମ ! ହେ ଭୂତଭାବନ ! ହେ ଜଗତ ନିୟନ୍ତା ! ହେ ଦେବଦେବ ! ହେ ଜଗତର ସ୍ୱାମୀ ! କେବଳ ଆପଣ ସ୍ୱୟଂ ହିଁ ନିଜର ଚିଦ୍-ଶକ୍ତି ଦ୍ୱାରା ନିଜ ଅଚିନ୍ତ୍ୟ ତତ୍ତ୍ୱର ମହିମା ଓ ସମ୍ପୂର୍ଣ୍ଣ ବୈଭବକୁ ଜାଣିବାକୁ ସମର୍ଥ । ଆପଣ ହିଁ ନିଜ ଅଭିବ୍ୟକ୍ତ ଅବତାର ରୂପ, କାଳ ଓ କାରଣକୁ ଜାଣନ୍ତି ଅଥବା ଯାହାର ଆତ୍ମାରେ ସ୍ୱୟଂ ଜାଗୃତ ହୁଅନ୍ତି, ସେ' ଜାଣିବା ନିମନ୍ତେ ସକ୍ଷମ ହୁଏ । ମୁକ୍ତ ପୁରୁଷ ଅଥବା ଯୋଗ ସାଧକ ନିର୍ବିଶେଷ ବ୍ରହ୍ମ କିମ୍ବା ହୃଦୟସ୍ଥିତ ପରମାତ୍ମାଙ୍କୁ ଅନୁଭବ କରିବା ସମ୍ଭବ ହୋଇଥାଏ, କିନ୍ତୁ ଯୋଗେଶ୍ୱର ଶ୍ରୀକୃଷ୍ଣ ତାଙ୍କରି ବ୍ୟକ୍ତିତ୍ୱ ସମ୍ବନ୍ଧରେ ଷଡ-ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ 'ଭଗବନ୍' ବୋଲି ଯାହା ନିଜକୁ କହୁଛନ୍ତି, ତାହାକୁ ପ୍ରତ୍ୟକ୍ଷରେ ଗ୍ରହଣ କରିବା ସହଜ ନୁହେଁ । ତେଣୁ ଅର୍ଜୁନ ଏହି ଶ୍ଳୋକରେ ଶ୍ରୀକୃଷ୍ଣଙ୍କୁ ପାଞ୍ଚ ପ୍ରକାରେ ସମ୍ବୋଧନ କରି ଏହି ଭାବ ବ୍ୟକ୍ତ କରିଛନ୍ତି କି, ଆପଣ ସମସ୍ତ ଜଗତର ଉତ୍ପନ୍ନକାରୀ, ସକଳ ପ୍ରାଣୀଙ୍କ ନିୟନ୍ତା, ସମସ୍ତଙ୍କ ପୂଜନୀୟ, ସମସ୍ତଙ୍କ ଭରଣ-ପୋଷଣକାରୀ, ଅପରା ଓ ପରା ନାମରେ ଯେଉଁ କ୍ଷର ଓ ଅକ୍ଷର ପୁରୁଷ, ତାହାଠାରୁ ଉତ୍ତମ ସାକ୍ଷାତ୍ ପୁରୁଷୋତ୍ତମ । କେହି କେହି ଟୀକାକାର ଭୂତଭାବନ, ଭୂତେଶ, ଦେବଦେବ, ଜଗତପତି ଓ ପୁରୁଷୋତ୍ତମ ସମ୍ବୋଧନକୁ ଯଥାକ୍ରମେ ସୂର୍ଯ୍ୟ, ଶିବ, ଗଣେଶ, ଶକ୍ତି ଓ ବିଷ୍ଣୁ ଏହି ପାଞ୍ଚ ଦେବତାଙ୍କ ପ୍ରତୀକ ବୋଲି ବ୍ୟାଖ୍ୟା କରିଛନ୍ତି । ଜୀବ ମାନଙ୍କର ପରମ ପିତା ରୂପରେ ଆପଣ ପୁରୁଷୋତ୍ତମ, ସକଳ ପ୍ରାଣୀଙ୍କ ପାଳନ-ପୋଷଣକାରୀ ରୂପେ ଭୂତଭାବନ, ସୃଷ୍ଟିର ନିୟନ୍ତ୍ରଣକାରୀ ରୂପରେ ଭୂତେଶ, ସମସ୍ତ ଦେବତାଙ୍କ ପୂଜ୍ୟ ଏବଂ ପ୍ରକାଶକ ଭାବେ ଦେବଦେବ, ପ୍ରତ୍ୟେକ ଜୀବର ପରମ ସ୍ୱତ୍ତ୍ୱାଧିକାରୀ, ଅନୁଶାଶକ ଏବଂ ରକ୍ଷାକର୍ତ୍ତା ରୂପେ ଆପଣ ଜଗତ୍-ପତି ଅଟନ୍ତି । ଆପଣଙ୍କ ଗୁଣ, ପ୍ରଭାବ, ଲୀଳା, ମାହାତ୍ମ୍ୟ, ରହସ୍ୟ, ସ୍ୱରୂପ ଆଦିକୁ କେହି ଅନ୍ୟ ପୁରୁଷ ପୂର୍ଣ୍ଣତୟା ଜାଣି ପାରନ୍ତି ନାହିଁ । ଆପଣ ସ୍ୱଂୟ ଜ୍ଞାନ ସ୍ୱରୂପ ଅଟନ୍ତି । ଏଥିଯୋଗୁଁ ନିଜ ଦ୍ୱାରା ନିଜ ଲୀଳା, ପ୍ରଭାବ ଆଦି ରହସ୍ୟକୁ ଜାଣି ପାରନ୍ତି । ଯୋଗୀର ଧ୍ୟାନ କାଳରେ ଯେବେ ଜ୍ଞାନ, ଜ୍ଞେୟ ଓ ଜ୍ଞାତାର ଭେଦ ରହି ନ ଥାଏ, ତେବେ ଦୃଶ୍ୟ, ଦର୍ଶନ ଏବଂ ଦ୍ରଷ୍ଟା ଏକାକାର ହୁଅନ୍ତି ଅର୍ଥାତ୍ ଧ୍ୟାନସ୍ଥିତ ଇଷ୍ଟଙ୍କୁ ଜାଣିବା (ଜ୍ଞାନ), ସେ' ହିଁ ଜାଣିବାର ବିଷୟ (ଜ୍ଞେୟ)ଏବଂ ସେ' ହିଁ ସ୍ୱୟଂଜାଣନ୍ତି (ଜ୍ଞାନ-ଗମ୍ୟ) । ପରମାତ୍ମା ତତ୍ତ୍ୱ ଅଚିନ୍ତ୍ୟ ଏବଂ ଅତ୍ୟନ୍ତ ରହସ୍ୟମୟ । ଯାହାର ଯେତିକି ଏବଂ ଯେପରି ଭାବରେ ପରମାତ୍ମା ତତ୍ତ୍ୱରେ ପ୍ରବେଶ ଥାଏ, ସେ ସେହି ପ୍ରକାରେ ଏବଂ ସେତିକି ପରିମାପରେ ରହସ୍ୟର ଭେଦକୁ ବୁଝି ପାରିଥାଏ । ଏହି ମର୍ମରେ ଶ୍ରୀରାମକୃଷ୍ଣ ଏକ ସୁନ୍ଦର ଉଦାହରଣ ରଖିଛନ୍ତି କି, ଜଣେ ସାଧାରଣ ଲୋକ ହୀରା ପଥରଟିଏ ପାଇ ତାହା ବିକ୍ରି କରି ତାର ଆବଶ୍ୟକତା ପୂର୍ତ୍ତି କରିବା ଇଚ୍ଛାରେ ହାଟରେ ପହଞ୍ଚିଲା । ପ୍ରଥମେ ଜଣେ ବାଇଗଣ ବେପାରୀକୁ ଦେଖାଇବାରେ, ଏହାର

ବଦଳରେ କେବଳ ପାଞ୍ଚ ବୋଝ ବାଇଗଣ ହିଁ ମିଳି ପାରିବ ବୋଲି ବାଇଗଣ ବେପାରୀ କହିଲା । ତାହାରି ପାଖକୁ ବସିଥିବା ଜଣେ ଚାଉଳ ବେପାରୀ ପଥରଟିକୁ ପରକ୍ଷୀ, ଏହା ବଦଳରେ ଦୁଇ ବସ୍ତା ଚାଉଳ ମିଳିବ ବୋଲି ବ୍ୟକ୍ତ କଲା । ତାକୁ ଲାଗି ବସିଥିବା କପଡା ବ୍ୟବସାୟୀ, ଏହାର ବଦଳରେ ଗୋଟିଏ ମାତ୍ର ଗଣ୍ଡିଳି ସିଲ୍କି କପଡା ହେବ ବୋଲି ମତ ଦେଲା । ଲୋକଟି ଶେଷରେ ଯାଇ ହୀରା ବ୍ୟବସାୟୀ ପାଖରେ ପହଞ୍ଚି ପଥରକୁ ଦେଖାଇବାରେ, ହୀରା ବେପାରୀ ତାହାକୁ ଦୁଇ ଲକ୍ଷ ଟଙ୍କା ଦେଇ ପଥରଟିକୁ ରଖିଲା । ଏହି ପ୍ରକାରେ ଭିନ୍ନ ଭିନ୍ନ ଯୋଗ ମାର୍ଗ ସାଧନ ଦ୍ୱାରା ପରମାତ୍ମା ତତ୍ତ୍ୱକୁ ଜାଣିବାର ପ୍ରଚେଷ୍ଟା ଠିକ୍ ହୀରା ପଥରକୁ ଚିହ୍ନିଲା ସାଦୃଶ୍ୟ ହୋଇ ଥାଏ ।

ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।
ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ॥୧୬॥

*ଅନ୍ୱୟ: ହି (ନିଶ୍ଚିତରୂପେ) ତ୍ୱଂ (ଆପଣ) ଯାଭିଃ (ଯେଉଁ ଯେଉଁ ) ବିଭୂତିଭିଃ (ଐଶ୍ୱର୍ଯ୍ୟଦ୍ୱାରା- ବୈଭବ ଦ୍ୱାରା) ଇମାନ୍ (ଏହି) ଲୋକାନ୍ (ସମଗ୍ର ଲୋକକୁ) ବ୍ୟାପ୍ୟ (ବ୍ୟାପ୍ତ ରୂପେ) ତିଷ୍ଠସି (ସ୍ଥିତ ହୋଇଛନ୍ତି) ଆତ୍ମ (ନିଜର ସେହି) ଦିବ୍ୟାଃ (ଅଦ୍ଭୁତ- ଆଲୌକିକ ) ବିଭୂତୟଃ ( ବିଭୂତି ସମୂହ) ଅଶେଷଣ ( ବିସ୍ତୃତ ରୂପେ ) ବ୍ୟକ୍ତମ୍ (କହିବାକୁ ) ଅର୍ହସି (ଆପଣ ହିଁ ଯୋଗ୍ୟ ଅଟନ୍ତି ) ।*

**ଭାବାର୍ଥ**: ନିଶ୍ଚିତଭାବେ ଆପଣ ଯେଉଁ ଯେଉଁ ଐଶ୍ୱର୍ଯ୍ୟ-ବୈଭବ ଦ୍ୱାରା ଏହି ସମଗ୍ର ଲୋକକୁ ବ୍ୟାପ୍ତରୂପେ ସ୍ଥିତ ହୋଇ ରହିଛନ୍ତି, ନିଜର ସେହି ଅଲୌକିକ, ଦିବ୍ୟ ବିଭୂତିଗୁଡିକୁ ଆପଣ ହିଁ କେବଳ ବିସ୍ତୃତ ଭାବେ କହିବାକୁ ଯୋଗ୍ୟ ଏବଂ ସମର୍ଥ । ଶ୍ରୀକୃଷ୍ଣ ହିଁ ପରମ ପୁରୁଷ ଭଗବାନ ବୋଲି ଅର୍ଜୁନଙ୍କ ମନରେ କୌଣସି ସନ୍ଦେହ ନଥିଲେ ମଧ, ତାଙ୍କରି ସର୍ବବ୍ୟାପକ ଶକ୍ତି ସମ୍ବନ୍ଧରେ ବିଶେଷଭାବେ ତାଙ୍କୁ ବୁଝାଇ କହିବା ପାଇଁ ସେ ପ୍ରାର୍ଥନା କରୁଛନ୍ତି । ପୃଥିବୀ ଏକ ମାଟିତତ୍ତ୍ୱ । ସେହି ମାଟି ତତ୍ତ୍ୱରୁ ବାହାରୁଥିବା ସୁନା, ରୂପା, ତମ୍ବା ଆଦି ପୃଥିବୀର ବିଭୂତି । ଭଗବାନଙ୍କ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଏବଂ ଐଶ୍ୱର୍ଯ୍ୟ ସବୁ ଯାହା ଅନେକ ରୂପରେ ପ୍ରକଟ ହୋଇ ଲୋକଙ୍କୁ ଆକର୍ଷିତ କରିଥାଏ, ସେହିଗୁଡିକ ହେଲା ଭଗବାନଙ୍କ ବୈଭବ ବା ବିଭୂତି । ଯେପରି ଆଉ ଗୋଟିଏ ସୂର୍ଯ୍ୟ ସୃଷ୍ଟି କରିହେବ ନାହିଁ କି, ଆଉ ଗୋଟିଏ ଚନ୍ଦ୍ରମା, ଆଉ ଗୋଟିଏ ଗଙ୍ଗା ନଦୀ ସୃଷ୍ଟି କରା ଯାଇପାରିବ ନାହିଁ, କାରଣ ଭଗବାନଙ୍କ ଏହି ସମସ୍ତ ବୈଭବ ହେଉଛନ୍ତି ଅଦ୍ୱିତୀୟ ଏବଂ ଦିବ୍ୟ । ସେହିପରି ସ୍ୱର୍ଗାଦି ସମସ୍ତ ଲୋକରେ ପରିପୂର୍ଣ୍ଣ ହୋଇ ରହିଥିବା ତେଜ, ବଳ, ବିଦ୍ୟା,ଐଶ୍ୱର୍ଯ୍ୟ, ଗୁଣ ଓ ଶକ୍ତି ସମ୍ପନ୍ନ ସମସ୍ତ ପଦାର୍ଥ ହେଉଛି ଭଗବାନଙ୍କ ସୃଷ୍ଟି ଏବଂ ଦିବ୍ୟ ବିଭୂତି । ଏହି ବିଭୂତିକୁ ବୃହଦାରଣ୍ୟକ ଉପନିଷଦରେ 'ସଂଭୂତି' ନାମରେ ବର୍ଣ୍ଣନା କରାଯାଇଛି । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ବସ୍ତୁ ବା ଜୀବ ଭିତରେ କିଛି ନା କିଛି ବିଶେଷତା ରହିଛି । ସଂସାରରେ ପରମାତ୍ମାଙ୍କ ବିଶେଷତ୍ୱକୁ ଅନେକ ରୂପରେ ଦେଖିବା ହେଉଛି 'ବିଭୂତି' ଏବଂ ତାହାରି ଭିତରେ ପରମାତ୍ମାଙ୍କ ସତ୍ତା ଓ ସ୍ଫୁର୍ତ୍ତିକୁ ଅନୁଭବ କରିବା ହେଉଛି 'ଯୋଗ' । ଭଗବାନଙ୍କ ବିଭୂତି ଓ ଯୋଗକୁ ତତ୍ତ୍ୱତଃ ଜାଣିଗଲେ, ମନୁଷ୍ୟର ମନ ଈଶ୍ୱରଙ୍କ ପ୍ରତି ସ୍ୱତଃ ଆକର୍ଷିତ ହୁଏ ।

କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।
କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ॥୧୭॥

*ଅନ୍ୱୟ: ଯୋଗିନ୍ (ହେ ଯୋଗମାୟା ବିଶିଷ୍ଟ ଯୋଗେଶ୍ୱର ! ହେ ମହାନ୍ କର୍ମଯୋଗୀ !) ଅହଂ (ମୁଁ) କଥଂ (କିପରି ଭାବରେ) ତ୍ୱାଂ (ଆପଣଙ୍କୁ) ସଦା (ନିରନ୍ତର) ପରିଚିନ୍ତୟନ୍ (ସମ୍ୟକ ଭାବରେ ଚିନ୍ତନ କରି – ଧ୍ୟାନରତ ହୋଇ) ବିଦ୍ୟାମ୍ (ଜାଣି ପାରିବି) ଚ (ଏବଂ) ଭଗବନ୍ (ହେ ଭଗବନ୍ !) କେଷୁ କେଷୁ ଭାବେଷୁ (କେଉଁ କେଉଁ ବସ୍ତୁରେ- ରୂପରେ) ମୟା (ମୋର ଦ୍ୱାରା) ଚିନ୍ତ୍ୟଃ ଅସି (ଆପଣ ଚିନ୍ତନୀୟ ହେବେ ଅର୍ଥାତ୍ କେଉଁ କେଉଁ ରୂପକୁ ଦେଖି ମୁଁ ଆପଣଙ୍କୁ ଚିହ୍ନିପାରିବି ) ।*

**ଭାବାର୍ଥ**: ହେ ଯୋଗମାୟା ବିଶିଷ୍ଟ ଯୋଗେଶ୍ୱର ! କିପରି ଭାବରେ ଆପଣଙ୍କ ବିଭୂତିଗୁଡ଼ିକୁ ନିରନ୍ତର ଚିନ୍ତନ କରି ମୁଁ ଆପଣଙ୍କ ମାହାତ୍ମ୍ୟ ଜାଣି ପାରିବି ? ଏବଂ ହେ ଭଗବନ୍ ! କେଉଁ କେଉଁ ବସ୍ତୁ, ବ୍ୟକ୍ତି, କାଳ, ଦେଶ ଓ ପରିସ୍ଥିତି ରୂପରେ ଆପଣ ମୋର ଦ୍ୱାରା ଚିନ୍ତନର ଉପାଦାନ ହୋଇ ରହିବେ ଅର୍ଥାତ୍ ସେହି ସେହି ରୂପରେ ମୁଁ ଆପଣଙ୍କୁ ଧ୍ୟାନ କରି ପାରିବି, ତାହା ବତାଇ କୁହନ୍ତୁ । ଅର୍ଜୁନ ଏହିଶ୍ଳୋକରେ ସମଗ୍ର ମାନବ ଜାତିର ପ୍ରତିନିଧିରୂପେ, କେଉଁ ଉପାୟରେ ଅନେକ ରୂପରେ ପ୍ରକଟିତ ଭଗବାନଙ୍କ ସର୍ବ ବ୍ୟାପକତାକୁ ଜଣେ ସାଧାରଣ ମନୁଷ୍ୟ ହେଉ ଅଥବା ସାଧକ ହେଉ, ବୁଝିପାରିବାକୁ ସମର୍ଥ ହେବ ତାହା ଜାଣିବାକୁ ଚାହିଁଛନ୍ତି । ଅର୍ଜୁନଙ୍କ ମୁଖ୍ୟ ଦୁଇଟି ଜିଜ୍ଞାସା ହେଲା; ଏପରି କେଉଁ ଉପାୟ ଅଛି ମୋତେ ବତାନ୍ତୁ; ଯାହା ଦ୍ୱାରା ଶ୍ରଦ୍ଧା ଓ ପ୍ରେମର ସହିତ ଚିନ୍ତନ କରି ଆପଣଙ୍କ ଗୁଣ, ପ୍ରଭାବ ତଥା ଯଥାର୍ଥ ସ୍ୱରୂପକୁ ବୁଝିହେବ । ଦ୍ୱିତୀୟଟି ହେଲା; ଏହି ଜଡ- ଚେତନ ପରିପୂର୍ଣ୍ଣ ସଂସାରରେ କେଉଁ କେଉଁ ବସ୍ତୁ, ବ୍ୟକ୍ତି, ଦେଶ, କାଳ, ଘଟଣା ଆଦିକୁ ବିଭୂତି ରୂପରେ 'ମୁଁ' ଆପଣଙ୍କୁ ଚିନ୍ତନ କରିପାରିବି ? ଏଠାରେ ଚିନ୍ତନ କରିବା ସାଧନ ଓ ଭଗବାନଙ୍କୁ ତତ୍ତ୍ୱତଃ ଜାଣିବା ସାଧ୍ୟ ଅଟେ । ପ୍ରତ୍ୟେକ ବସ୍ତୁ, ବ୍ୟକ୍ତି ଓ ପରିସ୍ଥିତିକୁ ସଂସାରର ବିଶେଷତା ରୂପେ ମାନି ନେଲେ ତାହା ସଂସାର ଚିନ୍ତନ ହେବ କିନ୍ତୁ ତାହା ଭଗବାନଙ୍କ ବିଶେଷତା ରୂପେ ମାନି ନେଲେ, ତାହା ଭଗବତ୍ ଚିନ୍ତନରେ ପରିଣତ ହେବ । ନିଜ ଅନୁଭୂତି ଦ୍ୱାରା ସତ୍ୟକୁ ଜାଣିବା ପ୍ରତ୍ୟେକ ସାଧକର ମୂଳ ଲକ୍ଷ୍ୟ ହୋଇଥାଏ । ଅର୍ଜୁନ ଏହିଠାରେ 'ଯୋଗିନ୍' ଶବ୍ଦ ପ୍ରୟୋଗ କରି ସମ୍ବୋଧନ କରିବାର ତତ୍ପର୍ଯ୍ୟ ହେଲା; ଅର୍ଜୁନ ଗୀତା ଧର୍ମର କର୍ତ୍ତବ୍ୟ ମାର୍ଗକୁ ବୁଝି ଶ୍ରୀକୃଷ୍ଣଙ୍କୁ ମହାନ୍ କର୍ମଯୋଗୀ ରୂପେ ସ୍ୱୀକାର କରି ନେଇଛନ୍ତି । ଭଗବାନ ରଣାଙ୍ଗନରେ ଗୀତାରେ ଦେଇଥିବା ଉପଦେଶ, ସଂସାର ଜୀବନ ପ୍ରଣାଳୀକୁ ତ୍ୟାଜ୍ୟ କରିଦେଇ, ହିମାଳୟର କେଉଁ ଗୁମ୍ଫାରେ ଧ୍ୟାନମଗ୍ନ ହୋଇ ବସିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ଭଗବାନ କହିଥିବା ବାକ୍ୟ ଆତ୍ମଶକ୍ତିକୁ ଜାଗୃତ କରାଇ ସଂସାର ଭିତରେ କର୍ତ୍ତବ୍ୟର ଆହ୍ୱାନ, ସତ୍ୟକୁ ସାମନା କରିବାର ଦୃଢତା ଏବଂ ସେହି ଅବ୍ୟକ୍ତ, ଅଚିନ୍ତ୍ୟ ଭଗବତ୍ ସତ୍ତାକୁ ଅନୁଭବ କରି ଜୀବନମୁକ୍ତ ହେବା ନିମିତ୍ତ ଉଦ୍ଦିଷ୍ଟ । ଅନ୍ୟ ପ୍ରକାରେ ମଧ୍ୟ "ଯୋଗିନ୍' ଶବ୍ଦ ଭଗବାନ ଶ୍ରୀକୃଷ୍ଣଙ୍କ ଯୋଗମାୟାଧୀପତି ସ୍ୱରୂପକୁ ନିର୍ଦ୍ଦେଶ କରୁଛି। ଭଗବାନ ଯୋଗମାୟାର ଆଶ୍ରୟ ହୋଇଥିବା କାରଣରୁ ସର୍ବ ସାଧାରଣରେ ସେ ପ୍ରତ୍ୟକ୍ଷ ନ ହୋଇ ଅନେକ ବିଭୂତି ରୂପରେ ପ୍ରକଟିତ ହୋଇଥାନ୍ତି । ଯୋଗୀର ଧ୍ୟାନରେ ବିଭୂତି ରୂପରେ ସାକ୍ଷାତ ଭଗବାନ ହିଁ ପ୍ରକଟିତ । ଏଥିରୁ ପ୍ରମାଣିତ ଯେ, ବିଭୂତିଗୁଡ଼ିକ ଗୌଣ ନୁହେଁ, ବରଂ ଭଗବତ୍ ପ୍ରାପ୍ତିର ମାଧ୍ୟମ ହୋଇଥିବାରୁ ମୁଖ୍ୟ । ଭଗବାନ

ତତ୍ତ୍ୱକୁ ନ ଜାଣିବା ପର୍ଯ୍ୟନ୍ତ ଗୌଣ ବା ମୁଖ୍ୟ ରୂପକ ଭେଦ ଭାବନା ରହେ । ବସ୍ତୁତଃ ଗୌଣ ବା ମୁଖ୍ୟ କେବଳ ସାଧକ ଦୃଷ୍ଟିରେ ଥାଏ, ଭଗବାନ ଓ ସିଦ୍ଧ ମହାପୁରୁଷଙ୍କ ଦୃଷ୍ଟିରେ ନୁହେଁ ।

ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦନ ।
ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ॥୧୮॥

*ଅନ୍ୱୟ: ଜନାର୍ଦନ (ହେ ଜନାର୍ଦନ !) ଆତ୍ମନଂ (ନିଜର) ଯୋଗଂ (ଯୋଗଶକ୍ତି) ବିଭୂତିଂ ଚ (ଏବଂ ବୈଭବ – ଐଶ୍ୱର୍ଯ୍ୟ ସମ୍ବନ୍ଧରେ) ବିସ୍ତରେଣ (ବିସ୍ତୃତଭାବରେ) ଭୂୟଃ (ପୁନଶ୍ଚ) କଥୟ (କୁହନ୍ତୁ) ହି (ଯେହେତୁ) ଅମୃତଂ (ଆପଣଙ୍କ ଅମୃତମୟ ବଚନ) ଶୃଣ୍ୱତଃ (ଶ୍ରବଣ କରି) ମେ (ମୋର) ତୃପ୍ତିଃ (ତୃପ୍ତି – ସନ୍ତୋଷ) ନ ଅସ୍ତି (ହେଉ ନାହିଁ) ।*

**ଭାବାର୍ଥ**: ଭଗବାନ ଶ୍ରୀକୃଷ୍ଣଙ୍କୁ ଜନାର୍ଦନ ନାମରେ ଅର୍ଜୁନ ସମ୍ବୋଧନ କରି ଏହି ଭାବ ବ୍ୟକ୍ତ କରିଛନ୍ତି କି, ତିନିଲୋକରେ ଆପଣ ସମସ୍ତଙ୍କ ଇଚ୍ଛା ପୂର୍ତ୍ତି କରି ଥାଆନ୍ତି, ଅର୍ଥାତ୍ ଆପଣ ସମସ୍ତଙ୍କୁ ସବୁକିଛି ଦେବା ପାଇଁ ସମର୍ଥ । ଅତଏବ, ମୁଁ ମଧ୍ୟ ବର୍ତ୍ତମାନ ଆପଣଙ୍କଠାରୁ ଯାହା ଜାଣିବାକୁ ଚାହୁଁଛି, ଦୟା ପରବଶ ହୋଇ ତାହା ଆପଣ ପୂର୍ଣ୍ଣ କରନ୍ତୁ । ଭଗବାନଙ୍କ ବିଭିନ୍ନ ଅବତାର ଲୀଳା ଶ୍ରବଣରେ ପଦେ ପଦେ ଅନ୍ତରରେ ଦିବ୍ୟାନନ୍ଦ ଅନୁଭବ ହୋଇଥାଏ । ଶ୍ରୀକୃଷ୍ଣ ସମ୍ବନ୍ଧୀୟ ଦିବ୍ୟ ଲୀଳା ବର୍ଣ୍ଣନ ଅମୃତ ତୁଲ୍ୟ ସ୍ୱାଦୁକର ଏବଂ ଏହି ଅମୃତ ବାସ୍ତବ ଅନୁଭୂତି ଦ୍ୱାରା ଲବ୍ଧ ହୋଇଥାଏ । ଭଗବାନଙ୍କ ପ୍ରଭାବ, ଗୁଣ, ଲୀଳା ସମ୍ବନ୍ଧରେ ଯେତେ ଶୁଣିଲେ ମଧ୍ୟ କ୍ଳାନ୍ତ ଅନୁଭବ ଲାଗି ନ ଥାଏ । ଅର୍ଜୁନ ଏହି ପଦରେ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି କି, ହେ ଜନାର୍ଦନ ! ଦୟାକରି ଆପଣ ନିଜ ଅପରମେୟ ଯୋଗଶକ୍ତି ତଥା ଐଶ୍ୱର୍ଯ୍ୟ ପୁନଶ୍ଚ ମୋତେ ବିସ୍ତୃତ ଭାବରେ କୁହନ୍ତୁ, କାରଣ ଆପଣଙ୍କ ଦିବ୍ୟ ବାଣୀ ରୂପକ ଅମୃତଧାରା ପାନକରି ମୋତେ ତୃପ୍ତି ପ୍ରାପ୍ତ ହେଉ ନାହିଁ । ବିଭୂତି ସମ୍ବନ୍ଧୀୟ ଯାହା ଆଗରୁ ଆପଣ ସଂକ୍ଷେପରେ କହିଛନ୍ତି, ସେଥିରେ ମୋତେ ପୂର୍ଣ୍ଣତା ପ୍ରାପ୍ତ ହେଲାଭଳି ବୋଧ ହେଉନାହିଁ, ବରଂ ଅଧିକ ଶୁଣିବା ନିମିତ୍ତ ଉତ୍ତରୋତ୍ତର ଉତ୍କଣ୍ଠା ବଢି ବଢି ଯାଉଛି । ଯେଉଁ ଈଶ୍ୱରୀୟ ଶକ୍ତି ଦ୍ୱାରା ଭଗବାନ ସ୍ୱୟଂ ଜଗତ ରୂପ ଧାରଣକରି ଅନେକ ରୂପରେ ପ୍ରକଟ ହୋଇଛନ୍ତି, ସେହି ଶକ୍ତି ହେଉଛି 'ଯୋଗ' ଏବଂ ଯେଉଁ ରୂପରେ ଦୃଶ୍ୟମାନ ହେଉଛନ୍ତି, ସେଗୁଡିକ ହେଲା 'ବିଭୂତି' । 'ବିଭୂତି' ଓ 'ଯୋଗ'କୁ ତତ୍ତ୍ୱତଃ ଜାଣିଗଲା ପରେ, ଭଗବାନଙ୍କଠାରେ ଭକ୍ତି ସ୍ୱତଃ ଦୃଢ ହୋଇ ଯାଇଥାଏ । ଏଥି ନିମନ୍ତେ ଭଗବାନଙ୍କ ବିଭୂତିଗୁଡିକୁ ଜାଣିବା କଥାଟି ଅର୍ଜୁନଙ୍କୁ ସରଳ ବୋଧ ହେଲା । 'ବିଭୂତି' ଓ 'ଯୋଗ' ଏହି ଦୁଇଟିର ରହସ୍ୟକୁ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ବାରମ୍ବାର ଶୁଣି ଯଥାର୍ଥ ଭାବରେ ବୁଝିବା ଇଚ୍ଛାରେ ଅର୍ଜୁନ ପ୍ରାର୍ଥନା କରୁଛନ୍ତି । ଭଗବାନଙ୍କ ବିଭୂତିର ଅନ୍ତ ନାହିଁ କି, ଅର୍ଜୁନଙ୍କ ମନରେ ଶୁଣିବା ଇଛାର ଅନ୍ତ ନାହିଁ । ସଂସାର ବିଷୟ ଭୋଗରେ ସାମୟିକ ତୃପ୍ତି ଲାଭ ହୋଇଥାଏ, ମାତ୍ର ତାହା ସୀମିତ ଏବଂ କ୍ଷଣ ଭଙ୍ଗୁର । ନିରୁଦ୍ଧ ଚିତ୍ତ ସ୍ଥିତିରେ ଜୀବାତ୍ମା ଯେବେ ପରମାତ୍ମା ଅନୁସନ୍ଧାନାଭିମୁଖୀ ହୋଇ ଉଠେ, ଅନ୍ତଃକରଣରେ ଯେଉଁ ସୁଖପ୍ରଦ ଶିହରଣ ଅନୁଭବ ହୁଏ ତାହା ସ୍ୱତନ୍ତ୍ର ଏବଂ ତାହାର ଆଦି ଆଉ ଅନ୍ତ ରହି ନଥାଏ । ଯେଉଁ ପର୍ଯ୍ୟନ୍ତ ପ୍ରବେଶ ମିଳି ନଥାଏ, ସେହି ପର୍ଯ୍ୟନ୍ତ ପରମାତ୍ମାଙ୍କ ସମ୍ବନ୍ଧରେ ଅମୃତ ତତ୍ତ୍ୱକୁ ଜାଣିବାର ପିପାସା

ଅନ୍ତଃକରଣରେ ରହିଥାଏ ଏବଂ ସତସଙ୍ଗ କିମ୍ବା ଶାସ୍ତ୍ର, ଗୁରୁବାକ୍ୟ ଆଦି ଶ୍ରବଣ କରିବାର ସୁଯୋଗ ଆସିବା ମାତ୍ରେ ସେହି ରସ ପାନର ଇଚ୍ଛା ବଢିଚାଲେ । ସାଧନକାଳରେ ଯଦି ଏହି ଭାବ ଆସି ଯାଇଥାଏ କି, ତତ୍ତ୍ୱ ସମ୍ବନ୍ଧରେ ମୋର ଅଶେଷ ଜ୍ଞାନ ହୋଇଗଲାଣି, ତାହାହେଲେ ଧରି ନେବାକୁ ହେବ ଯେ, 'ଅହଂ' କାରଣରୁ ଜ୍ଞାନ ପ୍ରାପ୍ତ ମାର୍ଗ ଅବରୁଦ୍ଧ ହେବା ସ୍ଥିତିରେ ରହିଛି । ଏଣୁ ସାଧକକୁ ଅତି ସାବଧାନତାର ସହିତ ପୂର୍ତ୍ତି ପର୍ଯ୍ୟନ୍ତ ଇଷ୍ଟଙ୍କ ନିର୍ଦ୍ଦେଶ ସହିତ ସଂଲଗ୍ନ ହୋଇ ରହିବା ଉଚିତ ଏବଂ ତାହାକୁ ଆଚରଣରେ ପରିଣତ କରିବାର ପ୍ରୟାସ ଜାରି ରଖିବା ବିଧେୟ । ଦେହାନ୍ତ ପର୍ଯ୍ୟନ୍ତ ଏହି ଜ୍ଞାନ ରୂପ ଅମୃତ ରସ ପାନର ଇଚ୍ଛା ହିଁ ସାଧନ ପୂର୍ତ୍ତିର ମାପକାଠି, ଯାହା ଅର୍ଜୁନଙ୍କ ପାଖରେ ଦେଖାଯାଇଛି ।

ଶ୍ରୀ ଭଗବାନ ଉବାଚ

ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।
ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥୧୯॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ :) ହନ୍ତ ( ହଁ, ତାହାହିଁ ହେଉ ) କୁରୁଶ୍ରେଷ୍ଠ ( ହେ କୁରୁଶ୍ରେଷ୍ଠ !) ଦିବ୍ୟାଃ (ଅଲୌକିକ) ଆତ୍ମ ବିଭୂତୟଃ (ନିଜ ବିଭୂତିମାନ) ତେ (ତୁମକୁ) ପ୍ରାଧାନ୍ୟତଃ (ମୁଖ୍ୟ ରୂପେ) କଥୟିଷ୍ୟାମି (କହିବି) ହି (ଯେ ହେତୁ) ମେ (ମୋର) ବିସ୍ତରସ୍ୟ (ବିଭୂତି ରୂପେ ବିସ୍ତାରର) ଅନ୍ତଃ (ଅନ୍ତ) ନ ଅସ୍ତି ( ନାହିଁ ) ।*

ଭାବାର୍ଥ: ଅର୍ଜୁନଙ୍କ ଅଭିପ୍ରାୟକୁ ବୁଝିପାରି ଶ୍ରୀ ଭଗବାନ କହିଲେ – ହେ କୁରୁବଂଶୀ ଶ୍ରେଷ୍ଠ ! ତୁମେ ଯେଉଁ ମୋର 'ବିଭୂତି' ଓ 'ଯୋଗ' ସମ୍ବନ୍ଧରେ ଶୁଣିବାକୁ ପ୍ରାର୍ଥନା କରୁଛ, ଏହା ମୁଁ ଅବଶ୍ୟ ଶୁଣାଇବି । ('ହନ୍ତ' ଅବ୍ୟୟ ଶବ୍ଦ ଏହିଠାରେ ସ୍ୱୀକୃତି ଅର୍ଥରେ ବ୍ୟବହାର କରାଯାଇଛି ଏବଂ ଏହା ଭଗବାନଙ୍କ ଦୟାଳୁତା ଏବଂ ଅର୍ଜୁନଙ୍କ ଦୟାର ପାତ୍ରତାକୁ ସୂଚିତ କରୁଛି )। ମୋର ପ୍ରମୁଖ ବିଭୂତିଗୁଡିକ ସମ୍ବନ୍ଧରେ ତୁମକୁ କହୁଛି, ଯେହେତୁ ନାନା ରୂପରେ ମୋର ବିଭୂତି ବିସ୍ତାର ସମୂହର ଅନ୍ତ ନାହିଁ । 'ମୁଁ ସେହି ଦିବ୍ୟ ବିଭୂତିଗୁଡିକ କହିବି, ଯେଉଁଥିରେ ପ୍ରାକୃତ, ଅପ୍ରାକୃତ ସମସ୍ତ ବସ୍ତୁର ମହତ୍ତ୍ୱ ତୁମେ ବୁଝିପାରିବ, କାରଣ ମୋର ଅନନ୍ତ ବିଭୂତିର ବର୍ଣ୍ଣନ ବର୍ତ୍ତମାନ ମୁହୂର୍ତ୍ତରେ ଏହି ସ୍ଥାନରେ ସମ୍ଭବ ନୁହେଁ । ଏହି ଜଗତରେ ଯାହା କିଛି ବିଭୂତି ଯୁକ୍ତ ବସ୍ତୁ ତଥା ଗୁଣ ରହିଛି, ସେ ସମସ୍ତ ମୋର ତେଜରୁ ହିଁ ଉଦ୍ଭୂତ ହୋଇଛନ୍ତି । ଉଭୟ ଭୌତିକ ଓ ଚିଦ୍ ଜଗତରେ ମୋର ଶକ୍ତି ପ୍ରତ୍ୟେକ ପ୍ରକାର ପରିପ୍ରକାଶରେ ବିଚ୍ଛୁରିତ ହୋଇ ରହିଅଛି, ଯାହା ସାଧାରଣ ଲୋକ ମଧ୍ୟ ପ୍ରତ୍ୟକ୍ଷ ଭାବେ ଧାରଣା କରିପାରିବା ସମ୍ଭବ । ମୋର ଏହି ପ୍ରକାର ବିଭୂତି ଅନନ୍ତ ଏବଂ କେହି ମଧ୍ୟ ଏହାର ଗଣନା କରିବାକୁ ସମର୍ଥ ନୁହନ୍ତି । ଏହି ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଯେଉଁ ପ୍ରମୁଖ 'ଦିବ୍ୟ ବିଭୂତି' କହିବାକୁ ମନସ୍ଥ କରିଛନ୍ତି; ତାହା ସେହି ବସ୍ତୁ ଓ ପ୍ରାଣୀଙ୍କ ସମ୍ବନ୍ଧରେ କୁହାଯାଇଛି ଯେଉଁଠି ଭଗବାନଙ୍କ ତେଜ, ବଳ, ବିଦ୍ୟା, ଐଶ୍ୱର୍ଯ୍ୟ, କାନ୍ତି ଏବଂ ଶକ୍ତି ଆଦିର ବିଶେଷ ବିକାଶ ପରିଲକ୍ଷିତ ହୋଇଛି । ବିଶେଷ କରି 'ବିଭୂତି' ଶବ୍ଦ ଭଗବାନଙ୍କ ଲୀଳାମୟ ଐଶ୍ୱର୍ଯ୍ୟକୁ ଦର୍ଶାଯାଇଛି, ଯାହା ସହାୟତାରେ ସେ ସମଗ୍ର ବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ କରି ରଖିଛନ୍ତି । ବାୟୁ ପୁରାଣରେ କୁହାଯାଇଥିବା ବିଭୂତିଗୁଡିକ ସହିତ ଏହି ଅଧ୍ୟାୟରେ ବର୍ଣ୍ଣିତ ବିଭୂତିମାନଙ୍କ ସାମଞ୍ଜସ୍ୟ ରହିଛି । ଅଧ୍ୟାୟର ଶେଷରେ ବିଭୂତି ବର୍ଣ୍ଣନାର ଉପସଂହାର କରି ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ଏହା

କହିଛନ୍ତି;- "ମୁଁ କେବଳ ମୋର ଏକ ଅଂଶଦ୍ୱାରା ଏହି ସମସ୍ତ ଚରାଚର ଜଗତରେ ବ୍ୟାପ୍ତ, ପୂର୍ଣ୍ଣ ରୂପରେ ନୁହେଁ ।" ଭଗବାନଙ୍କ ଏହି ଉକ୍ତିରୁ ଏହା ସ୍ପଷ୍ଟ ରୂପରେ ବୁଝାପଡୁଛି କି, ଭଗବାନଙ୍କ ସ୍ୱରୂପ ଏହି ବିଭୂତିମାନଙ୍କ ଅତିରିକ୍ତ ସ୍ୱତନ୍ତ୍ର ରୂପରେ ମଧ୍ୟ ବିରାଜମାନ ଏବଂ ସେହି ସ୍ୱରୂପ ବ୍ରଜେନ୍ଦ୍ରନାଥ ଶ୍ରୀକୃଷ୍ଣ ନାମଧାରୀ ଅବତାର ହିଁ ଅଟନ୍ତି ।

ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ ।
ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ॥୨୦॥

*ଅନ୍ୱୟ: ଗୁଡାକେଶ (ହେ ନିଦ୍ରାଜୟୀ ଅର୍ଜୁନ !) ଅହଂ (ମୁଁ) ସର୍ବଭୂତ-ଆଶୟ-ସ୍ଥିତଃ (ସକଳ ପ୍ରାଣୀଙ୍କ ହୃଦୟରେ ଅବସ୍ଥିତ ) ଆତ୍ମା (ଅନ୍ତର୍ଯ୍ୟାମୀ- ପରମାତ୍ମା) ଅହଂ (ମୁଁ ହିଁ) ଭୂତାନାମ୍ (ସମସ୍ତ ପ୍ରାଣୀଙ୍କ) ଆଦିଃ ଚ (ମୂଳ-ଉତ୍ପତ୍ତିର କାରଣ) ମଧ୍ୟମ୍ ଚ (ସ୍ଥିତିର କାରଣ) ଅନ୍ତଃ ଚ (ଏବଂ ଲୟ ଅର୍ଥାତ୍ ସଂହାରର କାରଣ ମଧ୍ୟ) ।*

**ଭାବାର୍ଥ**: ହେ ନିଦ୍ରାଜୟୀ ଅର୍ଜୁନ ! 'ମୁଁ ସକଳ ଜୀବଙ୍କ ହୃଦୟରେ ଅନ୍ତର୍ଯ୍ୟାମୀ ପୁରୁଷ ରୂପେ ବିରାଜମାନ । 'ମୁଁ ସକଳ ପ୍ରାଣୀଙ୍କ ଉତ୍ପତ୍ତି, ସ୍ଥିତି ଓ ଲୟ ସ୍ଥାନ - ସ୍ୱରୂପ ଅର୍ଥାତ୍ 'ମୁଁ ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ । 'ଗୁଡାକେଶ' ଶବ୍ଦର ଅର୍ଥ ଯିଏ ନିଦ୍ରାରୂପକ ଅଜ୍ଞାନ ଅନ୍ଧକାରକୁ ଜୟ କରିଛନ୍ତି । ଶ୍ରୀକୃଷ୍ଣ 'ଗୁଡାକେଶ' ନାମରେ ସମ୍ବୋଧନ କରି ଅର୍ଜୁନଙ୍କ ଧ୍ୟାନ ତଥା ଉପଦେଶ ଧାରଣ କରିବାର ସାମର୍ଥ୍ୟତା ସଙ୍ଗେ ସଙ୍ଗେ ଅଜ୍ଞାନରୂପକ ଅନ୍ଧକାରର ଉର୍ଦ୍ଧ୍ୱରେ ବୋଲି ପ୍ରତିପାଦିତ କରିଛନ୍ତି । ସମସ୍ତ ଶାସ୍ତ୍ର, ଉପନିଷଦର ସାର ତତ୍ତ୍ୱ : "ଜୀବ ବ୍ରହ୍ମ ସ୍ୱରୂପ" ଏହି ଉକ୍ତିକୁ ଭଗବାନ ଶ୍ରୀକୃଷ୍ଣ ଏହି ଶ୍ଳୋକରେ ଉପସ୍ଥାପନ କରିଛନ୍ତି । ତତ୍ତ୍ୱତଃ 'ବାସୁଦେବଃ ସର୍ବଂ "– ସବୁକିଛି ପରମାତ୍ମା – ଜୀବ ମାନଙ୍କ ଅନେକ ରୂପକୁ ପରମାତ୍ମାଙ୍କ ବିଭୂତି ରୂପେ ଅଭିହିତ କରି, ତାହାକୁ ଭଗବାନଙ୍କ ସ୍ୱରୂପ ରୂପେ ଚିନ୍ତନ କରିବାକୁ ଉପଦେଶ ଦେଇଛନ୍ତି । ବ୍ରହ୍ମାଙ୍କଠାରୁ ଆରମ୍ଭକରି ସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ଭୂତରେ ଆତ୍ମା ରୂପରେ ଭଗବାନ ହିଁ ସ୍ଥିତ । ଭଗବାନଙ୍କ ବିନା କୌଣସି ଚର-ଅଚର ପ୍ରାଣୀ ନାହାନ୍ତି, କି ହୋଇ ପାରିବେ ନାହିଁ । 'ଅହଂ ଆତ୍ମା' – 'ଅହଂବ୍ରହ୍ମ ଅସ୍ମି' – 'ଅୟମାତ୍ମା ବ୍ରହ୍ମ' : ଏହି ବାକ୍ୟ ମାନଙ୍କରେ 'ଅହଂ' ଅର୍ଥ ବ୍ରହ୍ମ ଏବଂ ଆତ୍ମା ମାନେ ପରାଶକ୍ତି – ଅକ୍ଷର ପୁରୁଷ । ଭଗବାନ କହୁଛନ୍ତି କି, 'ମୁଁ ଆତ୍ମା ଅର୍ଥାତ୍ ସମଗ୍ର ମହତ୍-ତତ୍ତ୍ୱର ଆତ୍ମା ଏବଂ 'ମୁଁ ହିଁ ମହତ୍-ସ୍ରଷ୍ଟା ପୁରୁଷ – ପରମାତ୍ମା ଅଟେ । "ସର୍ବଭୂତ-ଆଶୟ-ସ୍ଥିତ" ଏହି ବାକ୍ୟରେ ଏକରୂପ, ଏକ ରସ ଯୁକ୍ତ ଆତ୍ମା-ପରମାତ୍ମାଙ୍କୁ ପ୍ରତ୍ୟେକ ଜୀବର ହୃଦୟସ୍ଥିତ ବ୍ୟଷ୍ଟି-ବିରାଟ-ଅନ୍ତର୍ଯାମୀ ରୂପେ ଏବଂ ବିଶ୍ୱବ୍ରହ୍ମାଣ୍ଡ ଅନ୍ତଃସ୍ଥ ସମଷ୍ଟି-ବିରାଟ ଅନ୍ତର୍ଯାମୀ ରୂପେ ନିର୍ଦ୍ଦେଶ କରାଯାଇଛି । ହେ ଅର୍ଜୁନ ! ମୁଁ ସମ୍ପୂର୍ଣ୍ଣ ଭୂତ ସମୂହର ଆଶୟ । ଯେଉଁଠାରେ ଜୀବ ସୁଷୁପ୍ତି ଓ ଜାଗ୍ରତ ଉଭୟ ସ୍ଥିତିରେ ରହିଥାଏ ତାହାର ନାମ 'ଆଶୟ' । ସେହି ଆଶୟରେ ସୁଷୁପ୍ତି, ସ୍ୱପ୍ନ, ଜାଗ୍ରତରେ ବ୍ୟାପ୍ତ ଏବଂ ଏହା ଅତିରିକ୍ତ ବିଭିନ୍ନ ସ୍ଥିତିରେ ମଧ୍ୟ ଯେ' ରହିଥାଏ, 'ମୁଁ ହିଁ ସେହି ଅଦ୍ୱିତୀୟ ଆତ୍ମା । 'ମୁଁ ହିଁ ମୋର ପ୍ରଥମ ବିସ୍ତୃତାଂଶ ସାହାଯ୍ୟରେ ସମଗ୍ର ଦୃଶ୍ୟଜଗତ ମଧ୍ୟରେ ସମଷ୍ଟି ଚୈତନ୍ୟ ରୂପେ ଅବସ୍ଥାନ କରିଅଛି । ଏବଂ 'ମୁଁ ହିଁ ପ୍ରତ୍ୟେକ ପ୍ରାଣୀଙ୍କ ଅନ୍ତଃକରଣରେ ବ୍ୟଷ୍ଟି-ଚୈତନ୍ୟ ରୂପେ ସର୍ବଜ୍ଞତ୍ୱ ଆଦି ଗୁଣ ଦ୍ୱାରା ନିୟନ୍ତା ରୂପେ ଅବସ୍ଥିତ । 'ମୁଁ ହିଁ ସକଳ ପ୍ରାଣୀଙ୍କ ଜନ୍ମ, ମୃତ୍ୟୁ ଏବଂ ଜୀବନ ମଧ୍ୟ । ଭଗବାନ

କହୁଛନ୍ତି କି, ଯିଏ 'ମୁଁ' ତାହା ତୁମେ ଏବଂ ଯାହା 'ମୁଁ' ତାହା ସୃଷ୍ଟି ଅଟେ । ଅସଲରେ ସ୍ରଷ୍ଟା-ଦ୍ରଷ୍ଟା ଏବଂ ସୃଷ୍ଟି-ଦୃଷ୍ଟି ସବୁ ପରମାତ୍ମାଙ୍କ ଏକ ଅବିଚଳିତ ସ୍ୱରୂପ । ଯିଏ ସର୍ବବ୍ୟାପକ 'ପରମାତ୍ମା' ଏବଂ ରୂପଧାରୀ 'ଜୀବାତ୍ମା'ର ଅଭେଦ ତତ୍ତ୍ୱକୁ ବୁଝି ପାରିଥାଏ ଏବଂ ପରମାତ୍ମା ହିଁ ସମସ୍ତ ପରା-ଅପରା ଶକ୍ତିର ମୂଳ ଉତ୍ସ ଦୃଷ୍ଟିରେ ସୃଷ୍ଟିକୁ ଦେଖିଥାଏ, ସେ' ନିଶ୍ଚିତ ଭାବରେ ଉଚ୍ଚ ସ୍ତରର ସାଧକ । ଯେତେବେଳେ ମହାବିଷ୍ଣୁ ଅର୍ଥାତ୍ କାରଣୋଦକଶାୟୀ ବିଷ୍ଣୁ ପ୍ରକାଶମାନ ବ୍ରହ୍ମାଣ୍ଡ ମାନଙ୍କରେ ପ୍ରବେଶ କରନ୍ତି, ସେ ପୁନର୍ବାର ପ୍ରତ୍ୟେକ ଜୀବ ମଧ୍ୟରେ ପରମାତ୍ମା ରୂପେ ପ୍ରକାଶିତ ହୁଅନ୍ତି । ଅତଏବ, ସମସ୍ତ ଦୃଶ୍ୟ ବ୍ରହ୍ମାଣ୍ଡ ପରମାତ୍ମାଙ୍କ ବିଭୂତି ହିଁ କେବଳ । ପରମ ପୁରୁଷ ପରମାତ୍ମା ଶ୍ରୀକୃଷ୍ଣ ଏହି ବ୍ରହ୍ମାଣ୍ଡର ମୂଳ ଏବଂ ଏହି ଦୃଶ୍ୟ ଜଗତର ପାଳନକର୍ତ୍ତା ଏବଂ ସମସ୍ତ ଶକ୍ତିର ଅନ୍ତ ମଧ୍ୟ ଅଟନ୍ତି । ଯେବେ ଏହି ସମସ୍ତ ଭୂତ (ଜଡ ଓ ଚେତନ ବସ୍ତୁ ସମୂହ ) ନ ଥିଲେ ସେହି ସମୟରେ 'ମୁଁ' ଥିଲି, ଯେବେ କେହି ରହିବେ ନାହିଁ ସେହି ସମୟରେ 'ମୁଁ' ହିଁ କେବଳ ରହିବି ଏବଂ ଆଦି ଓ ଅନ୍ତ ମଧ୍ୟରେ 'ମୁଁ' ହିଁ ରହିଛି । ମୋର ଅତିରିକ୍ତ କାହାରି ଅସ୍ତିତ୍ୱ ହିଁ ନାହିଁ । ଏହାର ତାତ୍ପର୍ଯ୍ୟ ହେଲା; ସମସ୍ତପ୍ରାଣୀ ଉତ୍ପନ୍ନ ହେବା ପୂର୍ବରୁ ପ୍ରଥମେ ପରମାତ୍ମା ସ୍ୱରୂପ ଥିଲେ, ଶେଷରେ ଲୀନ ହୋଇଗଲା ପରେ ବି ପରମାତ୍ମା ସ୍ୱରୂପ ରହିବେ, ତଥା ମଧ୍ୟକାଳରେ ନାମ, ରୂପ, ଆକୃତି, କ୍ରିୟା, ସ୍ୱଭାବ ଆଦି ଅଲଗା ଅଲଗା ହୋଇଥିଲେ ବି ତତ୍ତ୍ୱତଃ ପରମାତ୍ମା ସ୍ୱରୂପ ହିଁ ରହିଛନ୍ତି । ନିଜର ହୃଦୟ ଶୂନ୍ୟ କରିଦେଲା ପରେ ପରମାତ୍ମା ସ୍ୱତଃ ପ୍ରକଟ ହୋଇଯାଆନ୍ତି । 'ଶୂନ୍ୟତା' ହିଁ ପରମାତ୍ମା ସାକ୍ଷାତ୍କାରର ସଂଯୋଜକ ମାର୍ଗ । ଯେପରି ନିଜର ସୁନ୍ଦରତାର ଅଭିମାନକୁ ତ୍ୟାଜ୍ୟ କରିଦେବାରେ ଭଗବାନଙ୍କ ସୁନ୍ଦରତା ନିଜଠାରେ ପ୍ରକଟିତ ହୁଏ, ସେହିପରି ବୁଦ୍ଧିମତ୍ତାର ଅଭିମାନକୁ ଛାଡିଦେଲେ, ଭଗବାନଙ୍କ ବୁଦ୍ଧି ଜ୍ଞାନ ରୂପରେ ପ୍ରକଟିତ ହୁଏ । 'ମୁଁ' ଏବଂ ମୋର ନାମରେ ଧରି ବସିଥିବା ଭୌତିକ ସୁଖର ଅଭିମାନ ପରିତ୍ୟାଗ କରିଦେଲେ, ଅଖଣ୍ଡ ସୁଖର ସନ୍ଧାନ ମିଳିଯାଏ । ଯେଉଁ ପର୍ଯ୍ୟନ୍ତ ନିଜ ବିଚାର, ନିଜଢଙ୍ଗ, ନିଜ ସଂସ୍କାର- ବାସନା ଆଦି ପ୍ରଭାବ ଅନ୍ତଃକରଣରେ ରହିଥାଏ, ସେ ପର୍ଯ୍ୟନ୍ତ ଆତ୍ମା ସ୍ୱରୂପର ଅନୁଭବ ହୋଇ ନ ଥାଏ । ଯେବେ ଯେବେ ଅନ୍ତଃକରଣ ଶୁଦ୍ଧ ହୋଇଯାଏ, ଯେଉଁ କ୍ଷଣ ବାସନା ସମସ୍ତ ଶାନ୍ତ ହୋଇଯାଇ ମନ ଓ ବୁଦ୍ଧି ନିଶ୍ଚଳ ହୋଇଯାନ୍ତି, ଅନ୍ତଃଜ୍ୟୋତି ପ୍ରକାଶ ନିର୍ବାଧ ରୂପରେ ଜୀବନରେ ପ୍ରକଟ ହେବାକୁ ଲାଗେ, ସେହି ସମୟରେ ଈଶ୍ୱରଙ୍କ ବାଣୀ ଅନ୍ତର ଭିତରୁ ଶୁଣାଯାଇ ଈଶ୍ୱରଙ୍କ ପ୍ରେରଣା ଅନୁଭବ ହୋଇଥାଏ ।

ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।
ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ॥୨୧॥

*ଅନ୍ୱୟ: ଅହଂ (ମୁଁ) ଆଦିତ୍ୟାନାମ୍ (ଅଦିତିଙ୍କ ଦ୍ୱାଦଶ ପୁତ୍ରମାନଙ୍କ ମଧ୍ୟରେ) ବିଷ୍ଣୁଃ (ବାମନ ଅବତାରୀ ବିଷ୍ଣୁ ନାମକ ଆଦିତ୍ୟ) ଜ୍ୟୋତିଷାଂ (ଜ୍ୟୋତିଷ୍କ ମାନଙ୍କ ମଧ୍ୟରେ ) ଅଂଶୁମାନ୍ (ରଶ୍ମିମାନ୍ –ପ୍ରକାଶମାନ୍) ରବିଃ (ସୂର୍ଯ୍ୟ) ମରୁତାମ୍ (ମରୁତ ମାନଙ୍କ ମଧ୍ୟରେ –ଊନପଞ୍ଚାଶ ବାୟୁ ମଧ୍ୟରେ) ମରୀଚିଃ (ମରୀଚି ନାମକ ବାୟୁ) ନକ୍ଷତ୍ରାଣାମ୍ (ରୋହିଣୀ, କୃତ୍ତିକା, ଅଶ୍ୱିନୀ ଆଦି ସତାଇଶ ନକ୍ଷତ୍ରଙ୍କ ମଧ୍ୟରେ ) ଅହଂ (ମୁଁ) ଶଶୀ (ଚନ୍ଦ୍ରମା) ଅସ୍ମି (ଅଟେ) ।*

**ଭାବାର୍ଥ** : ଅଦିତିଙ୍କ ଦ୍ୱାଦଶ ପୁତ୍ରମାନଙ୍କ ମଧ୍ୟରେ 'ମୁଁ' ବିଷ୍ଣୁ ନାମକ ଆଦିତ୍ୟ, ଜ୍ୟୋତିଷ୍କମାନଙ୍କ ମଧ୍ୟରେ 'ମୁଁ' ପ୍ରକାଶମାନ ସୂର୍ଯ୍ୟ, ଊଣଚାଶ ମରୁତଙ୍କ ମଧ୍ୟରେ 'ମୁଁ' ମରୀଚି, କକ୍ଷପଥରେ ରହିଥିବା ସତାଇଶ ନକ୍ଷତ୍ରଗଣଙ୍କ ମଧ୍ୟରେ ଶୀତଳ କିରଣ ପ୍ରଦାନ କରୁଥିବା 'ମୁଁ' ଚନ୍ଦ୍ରମା । କଶ୍ୟପ ଋଷିଙ୍କ ଅନେକ ପତ୍ନୀଙ୍କ ମଧ୍ୟରୁ ଦକ୍ଷ ପୁତ୍ରୀ ଦିତି ଓ ଅଦିତି ଅନ୍ୟତମ । ଅଦିତିଙ୍କ ଦ୍ୱାଦଶ ପୁତ୍ର : ଧାତା, ମିତ୍ର, ଅର୍ଯମା, ରୁଦ୍ର, ସୂର୍ଯ୍ୟ, ଭଗ, ବିବସ୍ୱାନ୍, ପୁଷ୍ୟା, ସବିତା, ତ୍ୱଷ୍ଟା ଓ ବିଷ୍ଣୁ ଜନ୍ମରୁ ହିଁ ଆଦିତ୍ୟ ନାମରେ ଦେବତ୍ୱ ପ୍ରାପ୍ତ ହୋଇଛନ୍ତି । ଅଦିତିଙ୍କ ପୁତ୍ରମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ଶ୍ରେଷ୍ଠ ବିଷ୍ଣୁ ଯିଏ ସ୍ୱୟଂ ବାମନ ରୂପରେ ଅବତରିତ ହୋଇ ଅସୁର ରାଜା ବଳି ସହିତ ତିନି ପାଦ ଭୂମି ଦାନ ରୂପେ ନେବାର ଛଳ କରିଥିଲେ । ଭଗବାନ ବିଷ୍ଣୁ ବିରାଟ ରୂପରେ ବିସ୍ତାରହୋଇ ବଳିଙ୍କ ମସ୍ତକରେ ଗୋଟିଏ ପାଦରଖି ପାତାଳକୁ ଚାପି, ଦୈତ୍ୟମାନଙ୍କ ସମ୍ପତ୍ତିକୁ ଦାନରୂପେ ଗ୍ରହଣକରି ଦେବଗଣଙ୍କୁ ପ୍ରଦାନ କରିଥିଲେ । ବାରମାସର ବାର ଆଦିତ୍ୟଙ୍କ ମଧ୍ୟରୁ କାର୍ତ୍ତିକ ମାସ ଆଦିତ୍ୟଙ୍କ ନାମ ବିଷ୍ଣୁ । ବ୍ରହ୍ମସଂହିତାରେ କୁହାଯାଇଅଛି କି, ସୂର୍ଯ୍ୟ ପରମେଶ୍ୱରଙ୍କ ଉଜ୍ଜ୍ୱଳ ଦୀପ୍ତିମୟ ଏକ ଚକ୍ଷୁ ଏବଂ ଜଗତର ସମସ୍ତ ଶକ୍ତି ଓ ତେଜର ଉତ୍ସ । ସମସ୍ତ ପ୍ରକାଶମାନଙ୍କ ମଧ୍ୟରେ ସୂର୍ଯ୍ୟଙ୍କ ପ୍ରକାଶ ଶ୍ରେଷ୍ଠ ଏବଂ ତାହାଙ୍କୁ ଭଗବାନ ଶ୍ରୀକୃଷ୍ଣ ନିଜ ସ୍ୱରୂପ ବୋଲି କହିଛନ୍ତି । କଶ୍ୟପ ଋଷିଙ୍କ ପତ୍ନୀ ଦିତିଙ୍କ ଗର୍ଭରୁ ମରୁତଗଣଙ୍କ ଜନ୍ମ ଏବଂ ସେମାନଙ୍କ ମଧ୍ୟରେ ମରୀଚି ନାମକ ମରୁତ ସର୍ବଶ୍ରେଷ୍ଠ । ଦିତିଙ୍କ ଗର୍ଭକୁ ଇନ୍ଦ୍ର ସପ୍ତଖଣ୍ଡ କରି, ପ୍ରତିଖଣ୍ଡକୁ ପୁନଃ ସପ୍ତ ଖଣ୍ଡ ଲେଖାଏଁ ବିଖଣ୍ଡିତ କରିବାରେ ଅଣଚାଶ ମରୁତ ଉତ୍ପନ୍ନ ହୋଇଛନ୍ତି । ପ୍ରଥମେ ସପ୍ତ ମରୁତ୍ – ଆବହ, ପ୍ରବହ, ବିବହ, ପରାବହ, ଉଦ୍ବହ, ସଂବହ ଓ ପରିବହ ବିଖଣ୍ଡିତ ପରେ ଊନପଞ୍ଚାଶ ମରୁତ ରୂପେ ପରିଣତ ହୋଇଛନ୍ତି । ଦିତି ଦେବୀଙ୍କ ଭଗବଦ୍ ଧ୍ୟାନରୂପ ବ୍ରତ ତେଜରୁ ଉତ୍ପନ୍ନ କାରଣରୁ ଗର୍ଭରେ ବିନାଶ ନ ହୋଇ 'ମରୀଚି' ଆବହ ବାୟୁ ରୂପରେ ଆକାଶର ନିୟନ୍ତ୍ରଣକାରୀ ଦେବତା ଅଟନ୍ତି ଏବଂ ସେହି ତେଜକୁ ଭଗବାନ ନିଜ ସ୍ୱରୂପ କହିଛନ୍ତି । କକ୍ଷ ପଥରେ ରହିଥିବା ରୋହିଣୀ, କୃତ୍ତିକା, ଅଶ୍ୱିନୀ, ଭରଣୀ ଆଦି ସତାଇସ ନକ୍ଷତ୍ରଙ୍କ ଅଧିପତି ରୂପେ ଚନ୍ଦ୍ରମା ଅତିଶୟ ଉଜ୍ଜ୍ୱଳ ଅଟନ୍ତି ଏବଂ ଭଗବାନ ସ୍ୱରୂପର ପ୍ରମୁଖ ବିଭୂତି ଅଟନ୍ତି ।

ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।
ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ॥୨୨॥

*ଅନ୍ୱୟ: ବେଦାନାଂ (ମୁଁ ବେଦ ମାନଙ୍କ ମଧ୍ୟରେ) ସାମବେଦଃ ଅସ୍ମି (ସାମବେଦ ଅଟେ) ଦେବାନାଂ (ଦେବତା ମାନଙ୍କ ମଧ୍ୟରେ) ବାସବଃ (ଇନ୍ଦ୍ର) ଅସ୍ମି (ଅଟେ) ଇନ୍ଦ୍ରିୟାଣାଂ (ଇନ୍ଦ୍ରିୟଗଣଙ୍କ ମଧ୍ୟରେ) ମନଃ (ମନ) ଅସ୍ମି (ଅଟେ ) ଚ ଭୂତାନାମ୍ (ଏବଂ ଭୂତଗଣଙ୍କ – ପ୍ରାଣୀମାନଙ୍କଠାରେ ) ଚେତନା (ଚେତନା-ଚୈତନ୍ୟ-ଜ୍ଞାନଶକ୍ତି ରୂପେ ) ଅସ୍ମି (ବିରାଜମାନ )।*

**ଭାବାର୍ଥ** : ବେଦ ମାନଙ୍କ ମଧ୍ୟରେ 'ମୁଁ' ସାମ ବେଦ, ଦେବଗଣଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟଗଣଙ୍କ ମଧ୍ୟରେ ମନ ଏବଂ ସମସ୍ତ ଜୀବ ମାନଙ୍କ ମଧ୍ୟରେ 'ମୁଁ' ଚେତନ ଶକ୍ତି ଅଟେ । ପ୍ରତ୍ୟେକ ଜଡ ଚେତନଶୀଳ ବସ୍ତୁର ଯେଉଁ ସ୍ୱରୂପ ଭୂତ ପିଣ୍ଡ ତାହା 'ଋକ୍' ଏବଂ ଏହାର ପ୍ରଭାବ ରହିଥିବା ମଣ୍ଡଳକୁ 'ସାମ' କୁହାଯାଏ । ପ୍ରାଣ ରୂପ ଅଗ୍ନି ପୂର୍ଣ୍ଣ ହୋଇ ରହିଥିବା ଏହି 'ଋକ୍' ଏବଂ 'ସାମ' ମଧ୍ୟବର୍ତ୍ତୀ ପ୍ରଦେଶ ହେଲା 'ଯଜୁଃ'। ଏହି ବିଚାରରେ 'ଋକ୍'

ଏବଂ 'ଯଜୁଃ' ଉଭୟ ସାମ ବେଦ ଅନ୍ତର୍ଭୁକ୍ତ । **"ନାହଂ ବସାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ । ମଦ୍ ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।"** ଭଗବାନ କହୁଛନ୍ତି କି, ହେ ନାରଦ ! 'ମୁଁ' ବୈକୁଣ୍ଠରେ ରହେ ନାହିଁ କି, ଯୋଗୀର ଧ୍ୟାନରେ ରହି ନଥାଏ । କେବଳ ମୋର ଅନନ୍ୟ ଭକ୍ତ ଯେଉଁଠାରେ ମୋତେ ସ୍ତୁତି କରିଥାଏ, ସେହି ସ୍ଥାନରେ ମୁଁ ଉପବିଷ୍ଟ ହୋଇଥାଏ । ଗୀତାର ମଧ୍ୟମ ଷଟ୍କରେ ଭକ୍ତିର ହିଁ ପ୍ରତିପାଦନ ମୁଖ୍ୟ । ମାନସରେ ଗୋସ୍ୱାମୀ ପ୍ରସଙ୍ଗ ରଖିଛନ୍ତି; ମାଆ ଜାନକୀଙ୍କ ସ୍ୱୟମ୍ବର ସଭାରେ ପ୍ରଭୁ ରାମଚନ୍ଦ୍ରଙ୍କ ଶିବଧନୁ ଭଙ୍ଗପରେ, ଅହଂକାର ଧନୁରୁ ବାହାରି ପ୍ରଭୁଙ୍କ ହୃଦୟରେ ପ୍ରବେଶ କରିଥିଲା । ଫଳରେ ପ୍ରଭୁଙ୍କ ମସ୍ତକ ତଳକୁ ନ ନଏସଇଁବା କାରଣରୁ ମାଆ ବୈଦେହୀ ପ୍ରଭୁଙ୍କ ଗଳାରେ ବରଣ ମାଳା ଦେଇ ପାରି ନ ଥିଲେ । ପରେ ସଖୀମାନଙ୍କ ଦ୍ୱାରା ସାମ ବେଦ ଗାୟନରେ ଅହଂକାର ଅନ୍ୟତ୍ର ଚଳିବା ପରେ, ପ୍ରଭୁ ନତମସ୍ତକ ହୋଇଥିଲେ ଏବଂ ମାଆ ସୀତା ବରଣମାଳା ପିନ୍ଧାଇଥିଲେ । ଏଥିଲାଗି ପରିମାଣରେ ଛୋଟ ହେଲେମଧ୍ୟ, ଗାନମୟ କାରଣରୁ ସାମବେଦକୁ ପ୍ରାଧାନ୍ୟ ଦିଆଯାଇଛି । ପରମେଶ୍ୱରଙ୍କ ସଗୁଣ ଓ ନିର୍ଗୁଣ ରୂପର ଅତ୍ୟନ୍ତ ରମଣୀୟ ସ୍ତୁତି ଦ୍ୱାରା ଯୁକ୍ତ ସଙ୍ଗୀତମୟ ଏହି ସାମ ବେଦକୁ ଭଗବାନ ନିଜ ସ୍ୱରୂପ ବୋଲି କହିଛନ୍ତି । ସୂର୍ଯ୍ୟ, ଚନ୍ଦ୍ରମା, ଅଗ୍ନି, ବାୟୁ ଆଦି ଯେତେ ଦେବତା ସମସ୍ତଙ୍କ ଶାସକ ଏବଂ ରାଜା କାରଣରୁ ଇନ୍ଦ୍ର ସମସ୍ତଙ୍କ ମଧ୍ୟରେ ପ୍ରଧାନ । ଇନ୍ଦ୍ରଙ୍କ ଅନ୍ୟ ନାମ ବାସବ । ତେଣୁ ଇନ୍ଦ୍ରକୁ ଭଗବାନ ନିଜ ସ୍ୱରୂପ କହିଛନ୍ତି । ମନୁଷ୍ୟର ମନ ଅପରା ପ୍ରକୃତିରୁ ଉତ୍ପନ୍ନ କାରଣରୁ ଏହା ଜଡ ସାଦୃଶ୍ୟ । ମନ ଓ ଜଡ ବସ୍ତୁ – ଉଭୟର ଉପାଦାନ ହିଁ ଏକ । ପ୍ରଭେଦ କେବଳ କମ୍ପନର ତାରତମ୍ୟ । ନିମ୍ନଗ୍ରାମର ସ୍ପନ୍ଦନକୁ ଜଡ ବସ୍ତୁ ଧରି ନିଆଯାଇଥିବା ବେଳେ, ଦ୍ରୁତ ସ୍ପନ୍ଦନକୁ ମନ ବୋଲି ଧରି ନିଆଯାଏ । ମନ ବିନା ସମସ୍ତ ଇନ୍ଦ୍ରିୟ ନିଷ୍କ୍ରିୟ ଏବଂ ପଙ୍ଗୁ ସାଦୃଶ୍ୟ। ମନର ସହାୟତାରେ ହିଁ ଶରୀରରେ ଇନ୍ଦ୍ରିୟଗଣ ନିଜ ନିଜ କ୍ରିୟା କରିବା ନିମନ୍ତେ ସକ୍ଷମ ହୋଇଥାନ୍ତି । ମନର ନିଗ୍ରହରେ ହିଁ ଆତ୍ମାର ସାକ୍ଷାତ୍କାର ହୋଇଥାଏ ଏବଂ ମନର ବିଲୟରେ ପରମାତ୍ମା ପ୍ରାପ୍ତ ହୋଇଥାଏ । ମନ ସମସ୍ତ ଇନ୍ଦ୍ରିୟଗଣଙ୍କ ସ୍ୱାମୀ, ପ୍ରେରକ, ସବୁଠାରୁ ସୂକ୍ଷ୍ମ ଏବଂ ଶ୍ରେଷ୍ଠ ହେବା କାରଣରୁ ଭଗବାନ ମନକୁ ନିଜ ସ୍ୱରୂପ ବୋଲି କହିଛନ୍ତି । ଜୀବଠାରେ ଚିଦାଭାସ ହେଉଛି ଚେତନ । ଶରୀର, ଇନ୍ଦ୍ରିୟ, ମନ ଏବଂ ବୁଦ୍ଧି ଆଦିର ସମୁଦାୟ ରୂପ ହେଉଛି ଚେତନ ପ୍ରାଣୀ । ଯେଉଁ ପର୍ଯ୍ୟନ୍ତ ପ୍ରାଣୀଠାରେ ଚେତନା ରହିଥାଏ ତାହା ଜୀବନ୍ତ ଏବଂ ଚେତନାର ଅଭାବ ହିଁ ମୃତ୍ୟୁ । ପ୍ରାଣୀ ତଥା ମନୁଷ୍ୟଙ୍କ ଅନ୍ତଃକରଣ ହେଉଛି ସୂକ୍ଷ୍ମ ଶରୀର । ଏଥିରେ ପରମାତ୍ମାଙ୍କ ଚିଦାଭାସ ପ୍ରତିଫଳିତ ହେବାରେ ପରା ଶକ୍ତି ବା ଜ୍ଞାନଶକ୍ତି ପ୍ରଗଟ ହୁଏ । ସେହି ବୁଦ୍ଧି ବୃତ୍ତି ରୂପୀ ଜ୍ଞାନ ଯାହାକୁ 'ଚେତନା' ଶବ୍ଦ ଦ୍ୱାରା କୁହାଯାଇଛି, ତାହାକୁ ଭଗବାନ ନିଜ ବିଭୂତି ବୋଲି କହିଛନ୍ତି । ଚେତନା ଶବ୍ଦକୁ 'ଆତ୍ମା' ଅର୍ଥ କରିବା ଯୁକ୍ତିଯୁକ୍ତ ନୁହେଁ । ଆତ୍ମାର କେବେ ଅଭାବ ହୋଇ ନଥାଏ । ଆତ୍ମା ତ ମୃତ ଶରୀରରେ ମଧ୍ୟ ବିଦ୍ୟମାନ । ଆତ୍ମାକୁ ନିଜ ସ୍ୱରୂପ ବୋଲି ଭଗବାନ ଆଗରୁ କହିଛନ୍ତି । ଶୁଦ୍ଧ ଚୈତନ୍ୟ ହିଁ ସ୍ୱୟଂ ପରମାତ୍ମାଙ୍କ ସ୍ୱରୂପ ଅଟେ ।

ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।
ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍।।୨୩।।

*ଅନ୍ୱୟ: ରୁଦ୍ରାଣାଂ(ଏକାଦଶ ରୁଦ୍ରଙ୍କ ମଧ୍ୟରେ) ଶଙ୍କରଃ (ଶଙ୍କର) ଚ (ଓ) ଯକ୍ଷ-ରକ୍ଷସାମ୍ (ଯକ୍ଷ ଓ ରାକ୍ଷସ ମାନଙ୍କ ମଧ୍ୟରେ) ବିତ୍ତ-ଇଶଃ (କୁବେର) ଅସ୍ମି (ଅଟେ) ବସୂନାଂ ଚ ( ଏବଂ ଅଷ୍ଟ ବସୁଙ୍କ ମଧ୍ୟରେ) ପାବକଃ (ପବିତ୍ରକାରୀ ଅଗ୍ନି) ଅସ୍ମି (ଅଟେ) ଶିଖରିଣାଂ (ଏବଂ ଶିଖର ବିଶିଷ୍ଟ ପର୍ବତ ମାନଙ୍କ ମଧ୍ୟରେ ) ଅହଂ (ମୁଁ) ମେରୁଃ ( ସୁମେରୁ ପର୍ବତ) ।*

**ଭାବାର୍ଥ**: ଏକାଦଶ ରୁଦ୍ରଙ୍କ ମଧ୍ୟରେ ଶଙ୍କର (ଶ୍ରୀ ଶିବଜୀ), ଯକ୍ଷ ରାକ୍ଷସଙ୍କ ମଧ୍ୟରେ 'ମୁଁ' ଧନର ଅଧିପତି କୁବେର, ଅଷ୍ଟ ବସୁଙ୍କ ମଧ୍ୟରେ 'ମୁଁ' ପବିତ୍ରକାରୀ ଅଗ୍ନି ଏବଂ ଶିଖର ବିଶିଷ୍ଟ ପର୍ବତ ମାନଙ୍କ ମଧ୍ୟରେ ସୁମେରୁ ପର୍ବତ । ରୁଦ୍ର ମାନଙ୍କ ଭିତରେ ଶଙ୍କର ରୂପ 'ମୁଁ' । ଭଗବାନ କୃଷ୍ଣ ହେଉଛନ୍ତି ବିଷ୍ଣୁରୂପ । ଭଗବାନ ଶଙ୍କର ଏବଂ ବିଷ୍ଣୁ, ଏକ ହିଁ ରୂପ । ଏହି ବାକ୍ୟରେ ଅନ୍ତରୀକ୍ଷସ୍ଥ ଏକାଦଶ ରୁଦ୍ର ଦେବତା ମାନଙ୍କୁ କୁହାଯାଇଛି । ଆଧିଦୈବିକ ଏକାଦଶ ରୁଦ୍ର ତାରାମଣ୍ଡଳରେ ବିରାଜମାନ । ଏହାଙ୍କ ନାମ ଭିନ୍ନ ଭିନ୍ନ ରୂପରେ ମିଳିଥାଏ । (୧) ଅଜ-ଏକପାତ୍ (୨) ଅହିର୍ବୁଧ୍ନ୍ୟ (୩) ବିରୁପାକ୍ଷ (୪) ତ୍ୱଷ୍ଟା-ଅୟୋନିଜ ବା ଗର୍ଭ (୫) ରୈବତ-ଭୈରବ-କପର୍ଦୀ-ବୀରଭଦ୍ର (୬) ହର-ନକୁଳୀଶ-ପିଙ୍ଗଳ-ସ୍ଥାଣୁ (୭) ବହୁରୂପ (୮) ସେନାନୀ-ଗିରୀଶ (୯) ତ୍ରୟମ୍ବକ -ଭୁବନେଶ୍ୱର-ବିଶ୍ୱେଶ୍ୱର-ସୁରେଶ୍ୱର (୯) ସାବିତ୍ର –ଭୂତେଶ-କପାଳୀ (୧୦) ଜୟନ୍ତ-ଶମ୍ଭୁ-ସାନ୍ଧ୍ୟ (୧୧) ପିନାକୀ-ମୃଗବ୍ୟାଧ –ଲୁବ୍ଧକ- ଶର୍ବ । ଏହି ତାରାମଣ୍ଡଳ ଅଭିଜ୍ଞ ବିଦ୍ୱାନ ମାନଙ୍କ ଦ୍ୱାରା ଚିହ୍ନିତ ହୋଇଥାନ୍ତି । ଭଗବାନ ରୁଦ୍ରମାନଙ୍କ ମଧ୍ୟରେ କଲ୍ୟାଣକାରୀ ଶିବ ରୂପକୁ ନିଜ ସ୍ୱରୂପ କହିଛନ୍ତି । ସମ୍ପୂର୍ଣ୍ଣ ସଂସାର ଯେବେ ନିଶ୍ଚଳ ହୋଇଯାଏ, ଏହି ଶମ ପ୍ରଧାନ ଶାନ୍ତ ସ୍ୱରୂପ ହିଁ 'ଶିବ' ସ୍ୱରୂପ ଯାହା ଜାଗ୍ରତ, ସ୍ୱପ୍ନ, ନିଦ୍ରା ଉପରାନ୍ତ ଚତୁର୍ଥ ସ୍ଥିତି । ସେହି ପରାତ୍ପର ରୂପ ଯେବେ ମାୟାଦ୍ୱାରା ସିମାବଦ୍ଧ ରୂପରେ ଦେଖା ଯାଇଥାଏ, ସେହି ଆତ୍ମା ପୁରୁଷ ହିଁ- 'ଶିବୋହଂ- ଶିବ ସ୍ୱରୂପ । ଶ୍ରୁତିରେ ପରଂବ୍ରହ୍ମ ଓ ପରମାତ୍ମା ଏକ ହିଁ ମାନି ନିଆଯାଇଛି । ସେହି ଅଜନ୍ମା ପ୍ରସିଦ୍ଧ ପୁରୁଷ ରଜଗୁଣ ପ୍ରଧାନ ଅନ୍ୟରୂପ, ଯିଏ ବ୍ରହ୍ମାଙ୍କ ରୂପରେ ଜଗତର ସୃଷ୍ଟିକର୍ତ୍ତା, ସିଏ ହିଁ ସତ୍ତ୍ୱ ଗୁଣକୁ ଆଶ୍ରୟକରି ବିଶ୍ୱାତ୍ମା ବିଷ୍ଣୁରୂପରେ ଜଗତ ପାଳନକର୍ତ୍ତା, ତଥା ଅନ୍ତରେ ତମୋଗୁଣକୁ ଆଶ୍ରୟକରି ରୁଦ୍ର ରୂପରେ ବିଶ୍ୱ ସଂହାର କର୍ତ୍ତା । ସେହି ଏକ ମହାଦେବ ହିଁ ତିନି ରୂପରେ ସ୍ଥିତ ଏବଂ ଅନ୍ତରେ ସେ ହିଁ ଶେଷ ରହନ୍ତି । ଅବ୍ୟୟ ପୁରୁଷ ରୂପ ଭଗବାନ କୃଷ୍ଣ ଭଗବଦ୍ ଗୀତାରେ ବିଷ୍ଣୁ ଓ ଶଙ୍କର ଦୁହିଁଙ୍କୁ ନିଜ ବିଭୂତି ବୋଲି କହିଛନ୍ତି, ଯେଉଁଥିରେ ଦୁହିଁଙ୍କ ସମାନତା ବା ଏକ ରୂପତା ପ୍ରକଟ ହୁଏ । ତେଣୁ 'ହରି' ଏବଂ 'ହର' ଏହି ଦୁଇ ଶବ୍ଦର ଏକ ହିଁ ଅର୍ଥ । ସୃଷ୍ଟି ବିନା ସ୍ଥିତି ବା ବିନାଶ ନାହିଁ କି, ସଂହାର ବିନା ସୃଷ୍ଟି ନାହିଁ । ଶିବ ଭଗବାନ ହେଉଛନ୍ତି ଈଶ୍ୱର ଯିଏ ପ୍ରକୃତି ବା ମାୟାର ନିୟନ୍ତ୍ରଣକାରୀ । ସତ୍ତ୍ୱଗୁଣକୁ ନିୟନ୍ତ୍ରଣ କରିବା ଅପେକ୍ଷା ମଳିନ ତମୋଗୁଣର ନିୟନ୍ତ୍ରଣ କଠିନ । ଏଥିରେ ଶିବ ସ୍ୱରୂପର ଉତ୍କର୍ଷ ସିଦ୍ଧ ହୁଏ । ଯେପରି ମନୁଷ୍ୟ ଜାତି, ଏହି ପ୍ରକାର ଯକ୍ଷ-ରାକ୍ଷସ ମଧ୍ୟ ଦେବତାମାନଙ୍କ ଠାରୁ ନିମ୍ନରେ ଥିବା ଏକ ଜାତି ବିଶେଷ । ଏହିମାନେ ସାଧାରଣତଃ କ୍ରୁର ସ୍ୱଭାବର ଏବଂ ନିଜ ପ୍ରାଣଶକ୍ତି ଓ ମାୟା ଶକ୍ତି

ଦ୍ୱାରା ବଳୀୟାନ ହୋଇଥାନ୍ତି । ପୁଲସ୍ତ୍ୟ ଋଷିଙ୍କ ପୌତ୍ର ତଥା ବିଶ୍ରବା ଋଷିଙ୍କ ଔରସରୁ ଭରଦ୍ୱାଜ-କନ୍ୟା ଦେବବର୍ଣ୍ଣିନୀଙ୍କ ଗର୍ଭରୁ ଜନ୍ମ ନେଉଥିବା କୁବେର ଯକ୍ଷ-ରାକ୍ଷସଙ୍କ ଅଧିପତି ଅଟନ୍ତି । କଠୋର ତପଦ୍ୱାରା ବ୍ରହ୍ମାଜୀ ପ୍ରସନ୍ନ ହୋଇ କୁବେରଙ୍କୁ ବିଶ୍ୱର ଧନ ରକ୍ଷକ ରୂପେ ଇନ୍ଦ୍ର, ବରୁଣ, ଯମଙ୍କ ସହିତ ଚତୁର୍ଥ ଲୋକପାଳ ରୂପେ ନିଯୁକ୍ତ କରିଛନ୍ତି । ବ୍ରହ୍ମାଙ୍କଠାରୁ ପୁଷ୍ପକ ବିମାନ ପ୍ରାପ୍ତକରି ସେବଠାରୁ ସେ ଧନାଧ୍ୟକ୍ଷ ଅଟନ୍ତି । ତାଙ୍କରି ବିମାତା କୈକସୀଙ୍କ ଠାରୁ ରାବଣ, କୁମ୍ଭକର୍ଣ୍ଣ ଆଦି ଜନ୍ମ ନେଇଛନ୍ତି । ଆପ, ଧ୍ରୁବ, ସୋମ, ଧର, ଅନିଳ, ଅନଳ, ପ୍ରତ୍ୟୁଷ ଓ ପ୍ରଭାସ- ଏହି ଅଷ୍ଟବସୁଙ୍କ ମଧ୍ୟରେ ପବିତ୍ରକାରୀ ଅଗ୍ନିକୁ ଭଗବାନ ନିଜ ସ୍ୱରୂପ ବୋଲି କହିଛନ୍ତି । ଅଗ୍ନି ହେଉଛନ୍ତି ଦେବତାଙ୍କ ମୁଖ । ଅଗ୍ନିଙ୍କ ମୁଖରେ ଆହୁତି ଦେଲେ ଦେବତାଙ୍କୁ ପ୍ରାପ୍ତ ହୁଏ । ସୁମେରୁ ପର୍ବତକୁ ନକ୍ଷତ୍ର ଏବଂ ଦ୍ୱୀପ ମାନଙ୍କ କେନ୍ଦ୍ର ରୂପେଏସ ଧରି ନିଆଯାଏ । ସୁବର୍ଣ୍ଣ ଓ ରତ୍ନରେ ପରିପୂର୍ଣ୍ଣ ଶିଖରଯୁକ୍ତ ସୁମେରୁ ପର୍ବତକୁ ଭଗବାନ ନିଜର ବିଭୂତି ବୋଲି କହିଛନ୍ତି ।

ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।
ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ॥୨୪॥

*ଅନ୍ୱୟ: ପାର୍ଥ (ହେ ପାର୍ଥ !) ପୁରୋଧସାଂ (ପୁରୋହିତମାନଙ୍କ ମଧ୍ୟରେ) ମୁଖ୍ୟଂ (ମୁଖ୍ୟ) ବୃହସ୍ପତିମ୍ (ବୃହସ୍ପତିଙ୍କୁ) ମାଂ (ମୋର ସ୍ୱରୂପ ବୋଲି) ବିଦ୍ଧି (ଜାଣ) ଅହଂ (ମୁଁ) ସେନାନୀନାମ୍ (ସେନାପତିଗଣଙ୍କ ମଧ୍ୟରେ) ସ୍କନ୍ଦଃ (କାର୍ତ୍ତିକେୟ) ସରସାମ୍ (ଜଳାଶୟମାନଙ୍କ ମଧ୍ୟରେ ) ସାଗରଃ (ସମୁଦ୍ର ) ଅସ୍ମି (ଅଟେ)।*

**ଭାବାର୍ଥ**: ମହର୍ଷି ଅଙ୍ଗିରାଙ୍କ ତେଜସ୍ୱୀ ପୁତ୍ର ବୃହସ୍ପତି, ବାମନ ଅବତାର କାଳରେ ଭଗବାନଙ୍କ ଠାରୁ ସାଙ୍ଗୋପାଙ୍ଗ, ବେଦ, ଷଟ୍ ଶାସ୍ତ୍ର, ସ୍ମୃତି, ଆଗମ ଆଦି ସମସ୍ତ ଶିକ୍ଷା ପ୍ରାପ୍ତହୋଇ ବୁଦ୍ଧି ଓ ବିଦ୍ୟାରେ ଶ୍ରେଷ୍ଠ ବିବେଚିତ । ସେ ଦେବତାମାନଙ୍କ କୁଳ ପୁରୋହିତ ଏବଂ ଦେବରାଜ ଇନ୍ଦ୍ରଙ୍କ ଗୁରୁ ଅଟନ୍ତି । ସମୟେ ସମୟେ ଇନ୍ଦ୍ରଙ୍କୁ ଦିଆଯାଇଥିବା ତାଙ୍କରି ଉପଦେଶ ମନନ ଦ୍ୱାରା ମନୁଷ୍ୟଙ୍କ କଲ୍ୟାଣ ହୋଇଥାଏ । ଯଜମାନଙ୍କ ଶୁଭ ଚିନ୍ତକ ରୂପେ ପୁରୋହିତ ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଏବଂ ଶିଷ୍ୟଙ୍କ କଲ୍ୟାଣକାରୀ ରୂପେ ବୃହସ୍ପତିଙ୍କୁ ଶ୍ରେଷ୍ଠ ଗୁରୁ ମାନି ନିଆ ଯାଇଅଛି । ଭଗବାନ କହିଛନ୍ତି; ହେ ପାର୍ଥ ! ପୁରୋହିତଗଣଙ୍କ ମଧ୍ୟରେ ମୋତେ ମୁଖ୍ୟ ବୃହସ୍ପତି ବୋଲି ଜାଣ । ସେନାପତିଙ୍କ ମଧ୍ୟରେ 'ମୁଁ' ଯୁଦ୍ଧର ଦେବତା କାର୍ତ୍ତିକେୟ ଏବଂ ଜଳାଧାରମାନଙ୍କ ମଧ୍ୟରେ 'ମୁଁ' ସାଗର ଅଟେ । ଷଡମୁଖଧାରୀ ମହାଦେବଙ୍କ ପୁତ୍ର କାର୍ତ୍ତିକେୟ ଦେବତାମାନଙ୍କ ପ୍ରଧାନ ସେନାପତି ଅଟନ୍ତି । କେହି କେହି କାର୍ତ୍ତିକେୟଙ୍କୁ ଦକ୍ଷକନ୍ୟା ସ୍ୱାହାଙ୍କ ଦ୍ୱାରା ଅଗ୍ନି ତେଜରୁ ଉତ୍ପନ୍ନ ବୋଲି କହିଛନ୍ତି । ରଣାଙ୍ଗନରେ ଶ୍ରେଷ୍ଠ ସେନାପତିତ୍ୱ କାରଣରୁ ଭଗବାନ ତାହାଙ୍କୁ ନିଜ ସ୍ୱରୂପ କହିଛନ୍ତି । ସେହିଭଳି ସମୁଦ୍ର ନିଜ ମର୍ଯ୍ୟାଦାରେ ସର୍ବଦା ସ୍ଥିତ ଏବଂ ଗମ୍ଭୀର କାରଣରୁ, ଭଗବାନ ସମୁଦ୍ରକୁ ନିଜ ବିଭୂତି ବୋଲି କହିଛନ୍ତି ।

ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।
ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ॥୨୫॥

*ଅନ୍ୱୟ: ଅହଂ (ମୁଁ) ମହର୍ଷୀଣାଂ (ମହର୍ଷି ମାନଙ୍କ ମଧ୍ୟରେ) ଭୃଗୁଃ (ଭୃଗୁ ) ଗିରାମ୍ (ଧ୍ୱନି ତରଙ୍ଗ ମଧ୍ୟରେ ) ଏକମ୍ ଅକ୍ଷରମ୍ (ବ୍ରହ୍ମ ବାଚକ ଏକାକ୍ଷର -'ଓଁକାର') ଅସ୍ମି (ଅଟେ) ଯଜ୍ଞାନାମ୍ (ସକଳ ଯଜ୍ଞ ମଧ୍ୟରେ) ଜପ ଯଜ୍ଞଃ (ଦିବ୍ୟନାମ ଜପ ରୂପକ ଯଜ୍ଞ) ସ୍ଥାବରାଣାଂ (ସ୍ଥିର ବସ୍ତୁ ମଧ୍ୟରେ ) ହିମାଳୟଃ (ହିମାଳୟ ପର୍ବତ) ଅସ୍ମି (ଅଟେ ) ।*

**ଭାବାର୍ଥ**: ସର୍ଜନା କାଳରେ ସୃଷ୍ଟି ପରିଚାଳନା ନିମିତ୍ତ ବ୍ରହ୍ମାଙ୍କଠାରୁ ଅନେକ ମାନସ ପୁତ୍ର ଉତ୍ପନ୍ନ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଭୃଗୁ ଭଗବାନଙ୍କ ଭକ୍ତ, ଜ୍ଞାନୀ, ମନ୍ତ୍ର ପ୍ରଣେତା ଏବଂ ବଡ ତେଜସ୍ୱୀ ମହର୍ଷି ଅଟନ୍ତି । ସେ ଦକ୍ଷକନ୍ୟା ଖ୍ୟାତିଙ୍କୁ ବିବାହ କରିଛନ୍ତି । ଧାତା, ବିଧାତା ନାମରେ ତାଙ୍କରି ଦୁଇ ପୁତ୍ର ଏବଂ ଶ୍ରୀ ନାମରେ ଏକ କନ୍ୟା, ଯେ ନାରାୟଣଙ୍କ ପତ୍ନୀ ଅଟନ୍ତି । ଏକଦା ଭଗବାନ ବିଷ୍ଣୁଙ୍କ ବକ୍ଷସ୍ଥଳକୁ ପଦାଘାତ କରି ସେ' ଭଗବାନଙ୍କ ସାର୍ତ୍ତକ କ୍ଷମା ଗୁଣର ପରୀକ୍ଷା ନେଇଥିଲେ । ଆଜି ମଧ୍ୟ ବିଷ୍ଣୁ ଭଗବାନ ସେହି ଚରଣ ଚିହ୍ନକୁ 'ଭୃଗୁଲତା' ନାମରେ ନିଜ ହୃଦୟରେ ଧାରଣ କରିଛନ୍ତି । ଏଣୁ ଭଗବାନ ଏହାଙ୍କୁ ନିଜ ସ୍ୱରୂପ କହିଛନ୍ତି । ସମସ୍ତ ଧ୍ୱନି ତରଙ୍ଗ ମଧ୍ୟରେ ଦିବ୍ୟ ଏକାକ୍ଷର ବ୍ରହ୍ମବାଚକ 'ଓଁକାର' ଭଗବାନଙ୍କ ପ୍ରତିନିଧିତ୍ୱ କରେ । ମନ୍ତ୍ର ଆରମ୍ଭରେ 'ଓଁ'ଶବ୍ଦ ଉଚ୍ଚାରଣରେ ମନ୍ତ୍ର ଶୁଦ୍ଧ ହୁଏ । 'ଓଁକାର' ମନ୍ତ୍ର ଜପ ସାଧନରେ ଆତ୍ମା ସାକ୍ଷାତ୍କାର ହୋଇଥାଏ । 'ଓଁ' ଏକ ଅକ୍ଷର ମନ୍ତ୍ରର ବ୍ୟାପକ ଅର୍ଥ ରହିଛି, ଯାହାର ବିଷଦ ଭାବେ ଅଷ୍ଟମ ଅଧ୍ୟାୟ 'ଓମିତ୍ୟେକାକ୍ଷରଂ ବ୍ରହ୍ମ' (୮/୧୩) ବାକ୍ୟରେ ବର୍ଣ୍ଣନ ରହିଛି । ଜପ, ଧ୍ୟାନ, କର୍ମ ମାଧ୍ୟମରେ ଜୀବାତ୍ମା ପରମାତ୍ମାରେ ସମାହିତ ହୋଇ ରହିବା ହେଉଛି ଯଜ୍ଞ । ସବୁଠାରୁ ସରଳତମ, ସହଜ ଏବଂ ଫଳପ୍ରଦ ଯଜ୍ଞ ହେଉଛି ଜପଯଜ୍ଞ । ଏଥି ନିମନ୍ତେ ଦ୍ରବ୍ୟ, ଜନ ସହଯୋଗ ଆଦିର ଆବଶ୍ୟକତା ରହି ନ ଥାଏ କି, କୌଣସି ଦୋଷ କିମ୍ବା ହିଂସା ଆଚରଣ ହୁଏ ନାହିଁ । ଭଗବାନଙ୍କ ନାମ, କିମ୍ବା ସଦ୍-ଗୁରୁ ଉପଦିଷ୍ଟ ମନ୍ତ୍ର ନିରନ୍ତର ମନନ କରିବା, ଏପରିକି ଶାରୀରିକ କର୍ମରେ ନିଯୁକ୍ତ ରହି ମାନସିକ ଭାବେ ସ୍ମରଣ କରିବା ହେଉଛି ଜପଯଜ୍ଞ । ନାମ କିମ୍ବା ଇଷ୍ଟଙ୍କ ଜପ କ୍ଷେତ୍ରରେ ସ୍ୱୟଂ ଭଗବାନ ସୂକ୍ଷ୍ମ ରୂପରେ ପ୍ରଗଟ ହୋଇ ଥାଆନ୍ତି । ଭକ୍ତି ମାର୍ଗରେ ହବି ଯଜ୍ଞ ଅପେକ୍ଷା ନାମଯଜ୍ଞ ବା ଜପ ଯଜ୍ଞ ବିଶେଷ ମହତ୍ୱ ରହି ଥିବାରୁ, ଭଗବାନ ଏହାକୁ ନିଜ ସ୍ୱରୂପ କହିଛନ୍ତି । **"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ – ହରେ ରାମ ହରେ ରାମ ରାମ ରାମ ହରେ ହରେ"** ଏହି ମହାମନ୍ତ୍ର ଜପ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିରୂପ ଅଟେ । ଅଖଣ୍ଡ ମହାମନ୍ତ୍ର ଜପଦ୍ୱାରା ଶରୀର କୋଷରେ ଶକ୍ତି ବ୍ୟାପ୍ତହୋଇ ଉତ୍ତମ ସ୍ଫୁରଣ ଏବଂ ହୃଦୟରେ ଦୈବୀ ସମ୍ପଦ ଉତ୍ପନ୍ନ ହୁଏ । ତେଣୁ ଶକ୍ତି, ସିଦ୍ଧି ପ୍ରାପ୍ତି ଓ ଜୀବନ ବିକାଶ ନିମନ୍ତେ ଜପ ଯଜ୍ଞର ବିଶେଷ ମହତ୍ତ୍ୱ ରହିଛି । ସ୍ଥିରଭାବେ ରହିଥିବା ଜଡବସ୍ତୁ ମଧ୍ୟରେ ପୃଥିବୀର ବୃହତ୍ତମ ପର୍ବତମାଳା ହିମାଳୟ ଭଗବାନଙ୍କ ବିରାଟତାକୁ ନିଦର୍ଶନ କରେ । ଏହି ହିମାଳୟକୁ ଦେବଭୂମି ମାନି ନିଆଯାଇଛି । ଗଙ୍ଗା, ଯମୁନା ଆଦି ପବିତ୍ର ନଦୀକୁ ବକ୍ଷରେ ଧାରଣକରି, ଏହି ପରମ ପବିତ୍ର ତପୋଭୂମି ଯୁଗେ ଯୁଗେ ମୁକ୍ତି ପ୍ରଦାନର ସହାୟକ ହୋଇ ଆସିଅଛି । ଏବେ ବି ନର-ନାରାୟଣ ଋଷି ଜଗତର କଲ୍ୟାଣ ନିମିତ୍ତ ହିମାଳୟରେ ତପସ୍ୟା ରତ । ହିମାଳୟ ଶିବଜୀଙ୍କ ଶ୍ୱଶୁରାଳୟ

ଏବଂ ଏଥିରେ ଥିବା କୈଳାସ ନାମ ଶିଖର ବାସସ୍ଥଳ। ତେଣୁ ହିମାଳୟକୁ ଭଗବାନ ନିଜ ବିଭୂତି ବୋଲି ବତାଇଛନ୍ତି ।

ଅଶ୍ୱତ୍ଥଃ ସର୍ବ ବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।
ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଲୋ ମୁନିଃ ।।୨୬।।

*ଅନ୍ୱୟ: ସର୍ବ ବୃକ୍ଷାଣାଂ (ସମସ୍ତ ବୃକ୍ଷ ମଧ୍ୟରେ) ଅଶ୍ୱତ୍ଥଃ (ଅଶ୍ୱତ୍ଥ ବୃକ୍ଷ) ଚ (ଏବଂ) ଦେବର୍ଷୀଣାଂ (ଦେବର୍ଷି ମାନଙ୍କ ମଧ୍ୟରେ) ନାରଦଃ (ନାରଦ) ଗନ୍ଧର୍ବାଣାଂ(ଗନ୍ଧର୍ବମାନଙ୍କ ମଧ୍ୟରେ) ଚିତ୍ରରଥଃ (ଚିତ୍ରରଥ) ଚ (ଏବଂ) ସିଦ୍ଧାନାଂ (ସିଦ୍ଧଗଣଙ୍କ ମଧ୍ୟରେ) କପିଳଃ (କପିଳ) ମୁନିଃ (ମୁନି) ।*

**ଭାବାର୍ଥ**: 'ମୁଁ ବୃକ୍ଷମାନଙ୍କ ମଧ୍ୟରେ ପବିତ୍ର ଅଶ୍ୱତ୍ଥ ବୃକ୍ଷ । ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଦେବଲୋକ ଗନ୍ଧର୍ବଙ୍କ(ସଙ୍ଗୀତଜ୍ଞ) ମଧ୍ୟରେ ଚିତ୍ରରଥ ଏବଂ ସିଦ୍ଧ ପୁରୁଷଙ୍କ ମଧ୍ୟରେ କପିଳାଖ୍ୟ ମୁନି । ଅଶ୍ୱତ୍ଥ ବୃକ୍ଷ ବିସ୍ତାରିତ ଆକାରରେ ଦୀର୍ଘକାଳ ଜୀବନ୍ତ ରହି ପ୍ରାତଃକାଳୀନ ଦେବତାରୂପେ ପୂଜା ପାଇଥାଆନ୍ତି । ଅଶ୍ୱତ୍ଥ ବୃକ୍ଷରେ ଅନେକ ରୋଗ ନାଶକ ଶକ୍ତି ରହିଛି ବୋଲି ଆୟୁର୍ବେଦରେ କୁହାଯାଇଛି । ପିପଳ ବୃକ୍ଷକୁ ମୂର୍ତ୍ତିମାନ୍ ଶ୍ରୀ ବିଷ୍ଣୁଙ୍କ ସ୍ୱରୂପ କୁହାଯାଏ । ଯେ ସ୍ୱୟଂ ସର୍ବୋଚ୍ଚ ଜ୍ଞାନ ପ୍ରାପ୍ତ ହୋଇଥାନ୍ତି, ନିଜ ଇଚ୍ଛାରେ ସଂସାର ସହିତ ସମ୍ବନ୍ଧ ରଖିଥାନ୍ତି, ଯେ ମନ୍ତ୍ର ବକ୍ତା ଏବଂ ନିଜ ସିଦ୍ଧି ବଳରେ ସମସ୍ତ ଲୋକ ପରିଭ୍ରମଣ କରିପାରନ୍ତି ସେ' ଦେବର୍ଷି ନାମରେ ଅଭିହିତ । ଭଗବାନଙ୍କ ଅନନ୍ୟ ଭକ୍ତ, ମହାନ୍ ଜ୍ଞାନୀ ତଥା ନିପୁଣ ମନ୍ତ୍ରଦ୍ରଷ୍ଟା ନାରଦ, ଦେବତା ତଥା ମହର୍ଷି ରୂପରେ ତିନି ଲୋକରେ ପୂଜା ପାଇ ଆସୁଛନ୍ତି । ଭକ୍ତି ରୂପରେ ସେ' ଶ୍ରୀକୃଷ୍ଣଙ୍କ ପ୍ରତିରୂପ ଅଟନ୍ତି । ନାରଦଙ୍କୁ ଭଗବାନଙ୍କ ମନ ବୋଲି ଧରି ନିଆଯାଏ । ଦେବର୍ଷି ନାରଦ ଯିଏ ପୂର୍ବ ଜନ୍ମରେ ଦାସୀ ପୁତ୍ର ଥିଲେ, କଳ୍ପର ଅନ୍ତରେ ଭଗବାନଙ୍କ ପ୍ରାଣରେ ପ୍ରବିଷ୍ଟ ହୋଇ ଅନ୍ୟ କଳ୍ପରେ ଦିବ୍ୟ ବିଗ୍ରହ ଧାରଣକରି ବ୍ରହ୍ମାଙ୍କ ମାନସ ପୁତ୍ର ରୂପେ ପୁନଃ ଅବତୀର୍ଣ୍ଣ ହୋଇଛନ୍ତି । ସେହିଦିନଠାରୁ ସେ ଅଖଣ୍ଡ ବ୍ରହ୍ମଚାରୀ ବ୍ରତ ଧାରଣ କରି ବୀଣା ବଜାଇ ଭଗବାନଙ୍କ ଗୁଣ ଗାନକରି ସମସ୍ତ ଲୋକ ପରିଭ୍ରମଣ କରୁଛନ୍ତି । ପ୍ରହଲାଦ, ଧ୍ରୁବ, ଅମ୍ବରୀଷ ଆଦି ମହାନ୍ ଭକ୍ତଙ୍କୁ ସେ ଭକ୍ତି ମାର୍ଗରେ ପ୍ରବୃତ୍ତ କରିଛନ୍ତି । ଶ୍ରୀମଦ୍ ଭାଗବତ ତଥା ବାଲ୍ମିକୀୟ ରାମାୟଣ ଭଳି ଯେଉଁ ଦୁଇ ମହାନ୍ ଗ୍ରନ୍ଥ, ଏହାଙ୍କ କୃପାରୁ ସଂସାରକୁ ପ୍ରାପ୍ତ ହୋଇଛି । ଶୁକଦେବ ଯେଉଁ ମହାନ୍ ଜ୍ଞାନୀଙ୍କୁ ମଧ୍ୟ ସେ ଉପଦେଶ ଦେଇଛନ୍ତି । ଗନ୍ଧର୍ବ ଏକ ଦେବଯୋନି ବିଶେଷ ଯିଏ ଦେବ ଲୋକରେ ଗାନ, ବାଦ୍ୟ ଏବଂ ନାଟ୍ୟାଭିନୟ କରିଥାନ୍ତି । ମହର୍ଷି କାଶ୍ୟପଙ୍କ ଦୁଇ ପତ୍ନୀ 'ମୁନି' ଏବଂ 'ପ୍ରାଧା' ଯାହାଙ୍କ ଠାରୁ ଅନେକ ଅପ୍ସରା ଏବଂ ଗନ୍ଧର୍ବଙ୍କ ଉତ୍ପତ୍ତି ହୋଇଛି । ମୁନିଙ୍କ ଠାରୁ ଉତ୍ପନ୍ନ ଷୋହଳ ଦେବ ଗନ୍ଧର୍ବ (ମୌନେୟ ) ଏବଂ ପ୍ରାଧାଙ୍କଠାରୁ ଉତ୍ପନ୍ନ (ପ୍ରାଧେୟ) ଚଉଦ ଗନ୍ଧର୍ବଙ୍କ ମଧ୍ୟରେ ଚିତ୍ରରଥ ସମସ୍ତଙ୍କ ମଧ୍ୟରେ ଅତ୍ୟନ୍ତ ସୁନ୍ଦର, ରୂପବାନ୍ ଏବଂ ଦିବ୍ୟ ସଂଗୀତ ବିଦ୍ୟାରେ ଅତ୍ୟନ୍ତ ନିପୁଣ ଓ ପାରଦର୍ଶୀ ଅଟନ୍ତି । ଗନ୍ଧର୍ବ ମାନଙ୍କ ଅଧିପତି କାରଣରୁ ଭଗବାନ ଏହାଙ୍କୁ ନିଜ ସ୍ୱରୂପ ବତାଇଛନ୍ତି । ଚିତ୍ରରଥ ଗନ୍ଧର୍ବଙ୍କ ଆମନ୍ତ୍ରଣରେ ଅର୍ଜୁନ ସଶରୀରେ ସ୍ୱର୍ଗଲୋକ ଯାଇ ତାଙ୍କରିଠାରୁ ସଂଗୀତ ବିଦ୍ୟା ଶିକ୍ଷାପ୍ରାପ୍ତ କରିଥିଲେ,

ଯାହା ଅଜ୍ଞାତ ବାସ କାଳରେ ସହାୟକ ହୋଇଥିଲା। କପିଳ ମୁନି ଭଗବାନ ବିଷ୍ଣୁଙ୍କ ଚବିଶି ଅବତାର ମଧ୍ୟରୁ ଏକ ଅବତାର । ସମସ୍ତ ସ୍ଥୂଳ, ସୂକ୍ଷ୍ମ ଜଗତର ସିଦ୍ଧିପ୍ରାପ୍ତ ତଥା ଧର୍ମ, ଜ୍ଞାନ ଏବଂ ବୈରାଗ୍ୟ ଆଦି ଶ୍ରେଷ୍ଠ ଗୁଣରେ ପୂର୍ଣ୍ଣତୟା ସମ୍ପନ୍ନ ଭଗବାନ କପିଳ ସାକ୍ଷାତ୍ ଈଶ୍ୱରଙ୍କ ସ୍ୱରୂପ । ମହାଯୋଗୀ କର୍ଦମ ମୁନୀଙ୍କ ପତ୍ନୀ ଦେବହୂତିଙ୍କ ଗର୍ଭରେ ଅବତାର ନେଇ ସେ' ନିଜ ମାତାଙ୍କୁ ସାଙ୍ଖ୍ୟଶାସ୍ତ୍ର ଉପଦେଶ ବାଣୀ ଶ୍ରବଣ କରାଇଥିଲେ। କପିଳମୁନି ଜନ୍ମଜାତ ସିଦ୍ଧ ହେତୁ ତାହାଙ୍କୁ ଆଦିସିଦ୍ଧ କୁହାଯାଏ । 'ଯଥାର୍ଥ ଗୀତା'ରେ ସ୍ୱାମୀ ଅଡଗାନନ୍ଦଜୀ ଏହିଶ୍ଳୋକର ଭିନ୍ନ ପ୍ରକାର ବ୍ୟାଖ୍ୟା କରିଛନ୍ତି । ତାହା ହେଲା : ବୃହଦାରଣ୍ୟ ଉପନିଷଦରେ ବିଶ୍ୱକୁ 'ଅଶ୍ୱ' କୁହାଯାଇଛି । ଉପରେ ପରମାତ୍ମା ଯାହାର ମୂଳ, ତଳେ ପ୍ରକୃତି ଯାହାର ଶାଖା, କାଲି ପର୍ଯ୍ୟନ୍ତ ଯାହାର ସ୍ଥିତିର ନିଶ୍ଚିତତା ନାହିଁ, ସେହି ସଂସାର ହିଁ ଏକ ବୃକ୍ଷ ଯାହାକୁ ପିପଳ ସଞ୍ଜ୍ଞା ଦିଆଯାଇଛି । "ନାଦସ୍ୟ ରନ୍ଧ୍ରଃ ସ ନାରଦ" ଅର୍ଥାତ୍ ଯାହାଙ୍କ ନାଦ ଧ୍ୱନିରେ ସୂକ୍ଷ୍ମ ଦୈବୀ ସମ୍ପଦ ଜାଗୃତିର ଆଭାସ ରହିଥାଏ ଏବଂ ନର-ନାରାୟଣ ଜ୍ଞାନର ସଞ୍ଚାର ହୋଇଥାଏ 'ମୁଁ' ସେହି ନାରଦ । ଗନ୍ଧର୍ବଙ୍କ ମଧ୍ୟରେ ଚିତ୍ରରଥ କହିବାର ତାତ୍ପର୍ଯ୍ୟ ହେଲା; ଗାୟନ ତଥା ଚିନ୍ତନ କରୁଥିବା ପ୍ରବୃତ୍ତିରେ ଯେବେ ସ୍ୱରୂପ ଚିତ୍ରିତ ହେବାକୁ ଲାଗେ, ସେହି ଅବସ୍ଥା ବିଶେଷ 'ମୁଁ' ଅଟେ । 'ସିଦ୍ଧଙ୍କ ମଧ୍ୟରେ କପିଳ ମୁନି' ଏହି ଉକ୍ତିର ତାତ୍ପର୍ଯ୍ୟ ହେଲା; ଜୀବର ଜନ୍ମରୁ ସାଥିରେ ରହିଥିବା ନିଜ କାୟା ହିଁ କପିଳ ଏବଂ ଏଥିରେ ମନର ବିଲୟ ହୋଇ ଐଶ୍ୱରୀୟ ସଂଚାର ଅବସ୍ଥା ହେଉଛି 'ମୁଁ' ।

ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।
ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍॥୨୭॥

*ଅନ୍ୱୟ: ଅଶ୍ୱାନାଂ (ଅଶ୍ୱଗଣଙ୍କ ମଧ୍ୟରେ) ମାଂ (ମୋତେ) ଅମୃତୋଦ୍ଭବମ୍ (କ୍ଷୀର ସମୁଦ୍ର ମନ୍ଥନ ସମୟରେ ଅମୃତ ସହିତ ଜାତ) ଉଚ୍ଚୈଃଶ୍ରବସଂ (ଉଚ୍ଚୈଃଶ୍ରବା ନାମକ ପକ୍ଷିରାଜ ଅଶ୍ୱ ) ଗଜେନ୍ଦ୍ରାଣାଂ (ଶ୍ରେଷ୍ଠ ହସ୍ତିମାନଙ୍କ ମଧ୍ୟରେ) ଐରାବତଂ (ଐରାବତ ନାମକ ଶ୍ୱେତ ହସ୍ତୀ) ଚ ( ଏବଂ) ନରାଣାଂ (ମନୁଷ୍ୟମାନଙ୍କ ମଧ୍ୟରେ) ନରାଧିପଂ (ରାଜା) ବିଦ୍ଧି (ଜାଣିରଖ) ।*

**ଭାବାର୍ଥ**: ମୋତେ ଅଶ୍ୱଗଣଙ୍କ ମଧ୍ୟରେ ସମୁଦ୍ର ମନ୍ଥନରୁ ଅମୃତ ସହିତ ଜାତ ଉଚ୍ଚୈଃଶ୍ରବା ନାମକ ପକ୍ଷିରାଜ ଅଶ୍ୱ, ଶ୍ରେଷ୍ଠହସ୍ତୀଙ୍କ ମଧ୍ୟରେ ଇନ୍ଦ୍ରଙ୍କ ବାହାନ ଐରାବତ ହସ୍ତୀ ଏବଂ ମନୁଷ୍ୟଙ୍କ ମଧ୍ୟରେ ରାଜା ବୋଲି ଜାଣ । ଦେବତା ଓ ଅସୁରଙ୍କ ଦ୍ୱାରା କ୍ଷୀର ସମୁଦ୍ର ମନ୍ଥନ କାଳରେ ଅମୃତ ସହିତ ଯେଉଁ ଚଉଦ ରତ୍ନ ବାହାରିଥିଲା, ସେଥି ମଧ୍ୟରେ ଉଚ୍ଚୈଃଶ୍ରବା ଅଶ୍ୱ ଏବଂ ଐରାବତ ନାମକ ଶ୍ୱେତହସ୍ତୀ ଅନ୍ୟତମ । ବିଶେଷ ଗୁଣ ବିଶିଷ୍ଟ ଉଚ୍ଚୈଃଶ୍ରବା ଅଶ୍ୱ ଏବଂ ଐରାବତ ହସ୍ତୀ ଅମୃତରୁ ଉଦ୍ଭବ କାରଣରୁ ଭଗବାନଙ୍କ ବିଭୂତି ଅଟନ୍ତି ଏବଂ ଏହା ଦେବରାଜ ଇନ୍ଦ୍ରଙ୍କ ବାହନ ରୂପେ ଦେବତାମାନଙ୍କୁ ପ୍ରଦତ୍ତ ହୋଇଛି । ରାଜା ପ୍ରଜା ସମୂହଙ୍କ ପାଳକ, ସଂରକ୍ଷକ ଓ ଶାସନକର୍ତ୍ତା ହୋଇଥିବାରୁ ମନୁଷ୍ୟଙ୍କ ମଧ୍ୟରେ ଶ୍ରେଷ୍ଠ । ରାଜାଙ୍କ ଶରୀରରେ ସମସ୍ତ ଦେବତା ପ୍ରଗଟ କାରଣରୁ ସେ' ଦୈବୀ ସମ୍ପଦର ଅଧିକାରୀ ହୋଇ ଈଶ୍ୱରଙ୍କ ପ୍ରତିନିଧି ରୂପେ ପ୍ରଜା ପାଳକ ହୋଇଥାନ୍ତି । ଏହି ମନ୍ୱନ୍ତର ପାଇଁ ପ୍ରଜାପତି ବ୍ରହ୍ମା ବୈବସ୍ୱତ ମନୁଙ୍କୁ ମନୁଷ୍ୟ ମାନଙ୍କ ଅଧିପତି ନିଯୁକ୍ତ

କାରଣରୁ ବୈବସ୍ୱତ ମନୁ ବର୍ତ୍ତମାନର ନରାଧିପ ଅଟନ୍ତି । ଭଗବାନ ସମଗ୍ର ବ୍ରହ୍ମାଣ୍ଡର ପାଳନକର୍ତ୍ତା ହୋଇଥିଲା ବେଳେ ରାଜା ନିଜ ନିଜ କ୍ଷେତ୍ରରେ ଭଗବାନଙ୍କ ପ୍ରତିନିଧି ଅଟନ୍ତି । ମହାରାଜା ଯୁଧିଷ୍ଠିର, ମହାରାଜା ପରୀକ୍ଷିତ, ଜନକ, ପ୍ରଭୁ ଶ୍ରୀ ରାମଚନ୍ଦ୍ର ପ୍ରଭୃତି ନ୍ୟାୟବନ୍ତ, ଧର୍ମାତ୍ମା ରାଜା ରୂପେ ଶାସ୍ତ୍ର, ପୁରାଣ ଆଦିରେ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ପରିବାର ମୁଖ୍ୟ, ଗୋଷ୍ଠୀ- ସମ୍ପ୍ରଦାୟ ମୁଖ୍ୟ ବା ରାଷ୍ଟ୍ରମୁଖ୍ୟ ହୁଅନ୍ତୁ, ନିଜ ନିଜ କ୍ଷେତ୍ରରେ ସଦସ୍ୟ ଅଥବା ରାଷ୍ଟ୍ରବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନିସ୍ୱାର୍ଥ ଭାବରେ ସେହି ପ୍ରଜାବତ୍ସଳ ରାଜାଙ୍କ ପଦାଙ୍କ ଅନୁସରଣ କରିବା ବିଧେୟ । ଅନ୍ୟ ବ୍ୟାଖ୍ୟା ପ୍ରକାରେ ଅଶ୍ୱ ଗତିର ପ୍ରତୀକ । ସଂସାର ସମସ୍ତ ବସ୍ତୁ ନାଶବାନ୍, ମାତ୍ର  ଆତ୍ମା ଅଜର, ଅମର, ଅମୃତ ସ୍ୱରୂପ । ଆତ୍ମତତ୍ତ୍ୱକୁ ଗ୍ରହଣ କରିବା ନିମନ୍ତେ ଅମୃତ ସ୍ୱରୂପ ଆତ୍ମାର ପ୍ରେରଣା ପ୍ରାପ୍ତ ହୋଇ ମନ ରୂପକ ଅଶ୍ୱ  ଯେତେବେଳେ ଗତିଶୀଳ ହୋଇଉଠେ, ସେହି ଗତି 'ମୁଁ' । ହସ୍ତୀ ହେଉଛି ବଳର ପ୍ରତୀକ । ମନ ବୁଦ୍ଧି ଈଶ୍ୱରାଭିମୁଖ ହେଲାପରେ ସଂସାର ପୀଡାର ମୁକାବିଲା ନିମନ୍ତେ  ଯେଉଁ ଐରାବତ ସାଦୃଶ୍ୟ ଆତ୍ମବଳ ଜାଗୃତ ହୁଏ, ତାହା 'ମୁଁ' । ମନୁଷ୍ୟଗଣଙ୍କ ମଧ୍ୟରେ ବସ୍ତୁତଃ ମହାତ୍ମା ପୁରୁଷ ହିଁ ରାଜା, ଯାହାର କିଛି ଅଭାବ ନ ଥାଏ କି, କୌଣସି ପ୍ରାପ୍ୟବସ୍ତୁ ଅପ୍ରାପ୍ତ ହୋଇ ରହି ନଥାଏ । ଯେ ସର୍ବଦା ଆତ୍ମଭାବରେ ସ୍ଥିତ, ସେ ସର୍ବଦା ପୂର୍ଣ୍ଣକାମ । ସେ ହିଁ ନରାଧିପ ।

ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।
ପ୍ରଜନଶ୍ଚାସ୍ମି  କନ୍ଦର୍ପଃ  ସର୍ପାଣାମସ୍ମି  ବାସୁକିଃ॥୨୮॥

*ଅନ୍ୱୟ: ଆୟୁଧାନାମ୍ ( ସକଳ ଅସ୍ତ୍ର ମଧ୍ୟରେ ) ଅହଂ (ମୁଁ) ବଜ୍ରଂ (ବଜ୍ର) ଧେନୂନାଂ ( ଧେନୁ ସମୂହ ଅର୍ଥାତ୍ ଗୋଜାତି ମଧ୍ୟରେ) କାମଧୁକ୍ (କାମଧେନୁ ସୁରଭି ଗାଭୀ ) ଅସ୍ମି (ଅଟେ) ପ୍ରଜନଃ (ସନ୍ତାନ ଉତ୍ପାଦନ ନିମିତ୍ତ) କନ୍ଦର୍ପଃ (କାମଦେବ) ଅସ୍ମି (ଅଟେ) ଚ (ଏବଂ) ସର୍ପାଣାଂ (ସର୍ପଗଣଙ୍କ ମଧ୍ୟରେ ) ବାସୁକିଃ (ସର୍ପରାଜ ବାସୁକି) ଅସ୍ମି (ଅଟେ) ।*

**ଭାବାର୍ଥ** : ମୁଁ ସକଳ ଅସ୍ତ୍ର ମଧ୍ୟରେ ବଜ୍ର, ଗାଭିମାନଙ୍କ ମଧ୍ୟରେ କାମଧେନୁ ଅଟେ । ସନ୍ତାନ ଉତ୍ପାଦିକା ଶକ୍ତି ମଧ୍ୟରେ ମୁଁ କାମଦେବ ଏବଂ ସର୍ପଗଣଙ୍କ ମଧ୍ୟରେ ମୁଁ ସର୍ପରାଜ ବାସୁକି । ଦଧୀଚି ଋଷିଙ୍କ ଅସ୍ଥିରେ ନିର୍ମିତ ଇନ୍ଦ୍ରଙ୍କ ବଜ୍ର ଅମୋଘ ଅସ୍ତ୍ର ରୂପେ ବିଦିତ । ବୃତ୍ରାସୁରର ବଧ ନିମନ୍ତେ ଦେବତାଙ୍କ ପ୍ରାର୍ଥନାରେ ଦଧୀଚି ସଂସାର କଲ୍ୟାଣ ନିମିତ୍ତ ଶରୀର ତ୍ୟାଗକରି ନିଜ ଅସ୍ଥିକୁ ଦେବରାଜ ଇନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଏହି ବଜ୍ର ଦଧୀଚିଙ୍କ ତପସ୍ୟାର ତେଜକୁ ଧାରଣ କରିଥିବାରୁ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଭଗବାନ  ଏହାକୁ ନିଜର ବିଭୂତି ବୋଲି କହିଛନ୍ତି । ସମୁଦ୍ର ମନ୍ଥନରୁ ଉଦ୍ଭୂତ କାମଧେନୁ ସମସ୍ତ ଦେବତା ଓ ମନୁଷ୍ୟଙ୍କ କାମନା ପୂର୍ତ୍ତିକାରିଣୀ । ତେଣୁ ଏହା ଭଗବାନଙ୍କ ବିଭୂତି । ଯଜ୍ଞ ଆଦି କାର୍ଯ୍ୟରେ ଆବଶ୍ୟକୀୟ ଦ୍ରବ୍ୟ ପ୍ରାପ୍ତ ନିମିତ୍ତ ବଶିଷ୍ଠ ଋଷିଙ୍କୁ କାମଧେନୁ ଅର୍ପଣ କରାଯାଥିଲା । ଭଗବାନ ତୃତୀୟ ଅଧ୍ୟାୟ ଦଶମ ଶ୍ଳୋକରେ କହିଛନ୍ତି କି, ସଂସାରରେ କର୍ତ୍ତବ୍ୟ କର୍ମ ରୂପକ ଯଜ୍ଞ ଅନୁଷ୍ଠାନ ଦ୍ୱାରା ପ୍ରଜାକୁଳଙ୍କ ପରିବୃଦ୍ଧି ଘଟି ଆବଶ୍ୟକ ସାମଗ୍ରୀ ପ୍ରଦାନକାରୀ କାମଧେନୁ ପ୍ରାପ୍ତ ହେବ । ସପ୍ତମ ଅଧ୍ୟାୟ ଏକାଦଶ ଶ୍ଳୋକରେ ଭଗବାନ "ଧର୍ମାବିରୁଦ୍ଧୋ ଭୂତେଷୁ କାମୋସ୍ମି" ଯାହା କହିଥିଲେ ତାହା ଏହିଠାରେ ପୁନରାବୃତ୍ତି  କରିଛନ୍ତି । କାମଦେବଙ୍କ ଅନ୍ୟନାମ କନ୍ଦର୍ପ । ସ୍ତ୍ରୀ ସଂସର୍ଗ

ନିମନ୍ତେ ପୁରୁଷଙ୍କ ଠାରେ ଯେଉଁ କାମ ଶକ୍ତି ସଂଚାର ହୁଏ, ସଂସାର ବିସ୍ତାର ହିଁ ଏହାର ମୂଳ ଉଦ୍ଦେଶ୍ୟ । ଧର୍ମାନୁକୁଳ ଏବଂ କେବଳ ସନ୍ତାନ ଉତ୍ପତ୍ତି ନିମନ୍ତେ ଭୋଗ ବୁଦ୍ଧି ତ୍ୟାଗକରି ଉପଯୋଗ କରାଯାଉଥିବା 'କାମ' ଭଗବାନଙ୍କ ବିଭୂତି ଅଟେ । ସମୁଦ୍ର ମନ୍ଥନ କାଳରେ ମେରୁ ପର୍ବତକୁ ମଥାନି ଏବଂ ବାସୁକିଙ୍କ ଶରୀରକୁ ରଜ୍ଜୁ ରୂପରେ ଦେବତା ଓ ଅସୁର ମାନଙ୍କ ଦ୍ୱାରା ବ୍ୟବହୃତ କରାଯାଇଥିଲା । ବାସୁକି ସର୍ପଗଣଙ୍କ ଅଧିପତି ଓ ଭଗବାନଙ୍କ ପରମ ଭକ୍ତ ଭାବରେ ଭଗବାନଙ୍କ ସ୍ୱରୂପ ଅଟନ୍ତି ।

ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହମ୍ ।
ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ॥୨୯॥

*ଅନ୍ୱୟ: ନାଗାନାଂ (ନାଗଗଣଙ୍କ ମଧ୍ୟରେ) ଅନନ୍ତଃ (ଅନନ୍ତ ଶେଷନାଗ) ଅସ୍ମି (ଅଟେ) ଚ (ଏବଂ) ଯାଦସାଂ (ଜଳଚରଗଣଙ୍କ ମଧ୍ୟରେ) ଅହଂ (ମୁଁ) ବରୁଣ (ଜଳ ଦେବତା ବରୁଣ ) ଅସ୍ମି (ଅଟେ) ପିତୃଣାଂ (ପିତୃଗଣଙ୍କ ମଧ୍ୟରେ) ଅର୍ଯ୍ୟମା (ପିତୃରାଜ ଅର୍ଯ୍ୟମା) ଅସ୍ମି (ଅଟେ) ଚ (ଏବଂ) ସଂଯମତାଂ (ସଂଯମକାରୀଙ୍କ ମଧ୍ୟରେ) ଯମଃ (ଯମରାଜ) ଅହଂ ଅସ୍ମି (ହେଉଛି ମୁଁ) ।*

**ଭାବାର୍ଥ**: ଜଳଚରଙ୍କ ମଧ୍ୟରେ ମୁଁ ଜଳ ଦେବତା ବରୁଣ, ଦିବ୍ୟ ନାଗମାନଙ୍କ ମଧ୍ୟରେ ମୁଁ ନାଗରାଜ ଅନନ୍ତ, ପିତୃ-ପୁରୁଷମାନଙ୍କ ମଧ୍ୟରେ ମୁଁ ଅର୍ଯ୍ୟମା ଏବଂ ନିୟାମକମାନଙ୍କ ମଧ୍ୟରେ ମୁଁ ମୃତ୍ୟୁରାଜ ଯମ । ଶେଷନାଗ ସମସ୍ତ ନାଗଙ୍କ ରାଜା । ସହସ୍ରଫଣା ଯୁକ୍ତହୋଇ ଅନନ୍ୟଭକ୍ତ ଭାବରେ କ୍ଷୀର ସାଗରରେ ନିଜକୁ ଶଯ୍ୟାରୂପ କରି, ଭଗବାନଙ୍କ ଶୟନ ସେବାରେ ନିଯୁକ୍ତ ରହିଛନ୍ତି । ଅନେକବାର ଭଗବାନଙ୍କ ସହିତ ଅବତାର ନେଇ ତାଙ୍କରି ଲୀଳାରେ ସମ୍ମିଳିତ ହୋଇଛନ୍ତି । ଶେଷନାଗଙ୍କ ଉତ୍ପତ୍ତି ଭଗବାନଙ୍କ ଠାରୁ ହୋଇଥିବାରୁ ତାହାଙ୍କୁ ଭଗବାନ ନିଜ ସ୍ୱରୂପ ବୋଲି କହିଛନ୍ତି । ବରୁଣଦେବତା ଯାହାଙ୍କ ଆକୃତି ଅର୍ଦ୍ଧ ମତ୍ସ୍ୟ, ଅର୍ଦ୍ଧ ମାନବ ରୂପେ କଳ୍ପନା କରାଯାଇଛି, ସମସ୍ତ ଜଳଚର ଓ ମହାସାଗରମାନଙ୍କ ସେ ଅଧିପତି ଅଟନ୍ତି । କାବ୍ୟବାହ, ଅନଳ, ସୋମ, ଯମ, ଅର୍ଯ୍ୟମା, ଅଗ୍ନିସ୍ୱାତ୍ତ ଏବଂ ବର୍ହିଷଦ – ଏହି ସପ୍ତ ପିତୃଗଣଙ୍କ ମଧ୍ୟରେ ଅର୍ଯ୍ୟମା ନାମକ ପିତର ପ୍ରଧାନ ଏବଂ ଶ୍ରେଷ୍ଠ ଅଟନ୍ତି । ତେଣୁ ତାହାଙ୍କୁ ଭଗବାନଙ୍କ ସ୍ୱରୂପ ବୋଲି କୁହାଯାଇଛି । ଅର୍ଯ୍ୟମା ପିତୃଲୋକର ଅଧିପତି କାରଣରୁ ପିତୃ-ପୁରୁଷଙ୍କୁ ଜଳ, ତିଳ ଦାନବେଳେ ତାଙ୍କୁ ମଧ୍ୟ ଦିଆଯାଇଥାଏ । ଇନ୍ଦ୍ର, ଅଗ୍ନି, ବରୁଣ, ବାୟୁ, କୁବେର ଆଦି ଦଶଦିଗ ପାଳଙ୍କ ମଧ୍ୟରେ ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ବିବସ୍ୱାନଙ୍କ ପୁତ୍ର ଯମରାଜ ଅନ୍ୟତମ । ସମସ୍ତ ନିୟମ ପ୍ରଣୟନକାରୀଙ୍କ ମଧ୍ୟରେ ଯମରାଜ ଶ୍ରେଷ୍ଠ, ମହାନ ଜ୍ଞାନୀ ଏବଂ ଭଗବାନଙ୍କ ପରମଭକ୍ତ ଅଟନ୍ତି । ଯମରାଜଙ୍କ ନିୟମରେ ଜନ୍ମ-ମୃତ୍ୟୁ ଏବଂ ଦଣ୍ଡବିଧାନ ନୀତିର ତିଳେମାତ୍ର ଉଲଂଘନ ବା ବ୍ୟତିକ୍ରମ ହୋଇ ନ ଥାଏ । ସମସ୍ତ ନିୟମ ସତ୍ୟ, ନିରପେକ୍ଷ, ନ୍ୟାୟ, ଧର୍ମଯୁକ୍ତ କାରଣରୁ ଜଗତରେ ପାପ ଓ ପୂଣ୍ୟର ବିଶେଷତା ତିଷ୍ଠି ରହିଛି । ଯମରାଜଙ୍କ ଦ୍ୱାରା ନଚିକେତାଙ୍କୁ ଦିଆଯାଇଥିବା ଆତ୍ମତତ୍ତ୍ୱ ଜ୍ଞାନ 'କଠୋପନିଷଦ' ନାମରେ ଅଭିହିତ । ଯୋଗ ବିଜ୍ଞାନରେ ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ-ଏହି ପାଞ୍ଚ ଆତ୍ମସଂଯମତାକୁ ମଧ୍ୟ 'ଯମ' କୁହାଯାଇଛି । ଏହାର ଉଚ୍ଛୃଙ୍ଖଳତାରେ ସଂସାରରେ ଦୁଃଖ ଓ ପୀଡା ପ୍ରାପ୍ତ ହୋଇଥାଏ । ଶ୍ରୀମଦ୍ ଭାଗବତରେ ଅନନ୍ତ ଅର୍ଥାତ୍ ଶେଷନାଗଙ୍କ ରୂପ ଚର୍ଚ୍ଚା କରାଯାଇଛି କି, ପୃଥିବୀ ପୃଷ୍ଠରୁ ତିରିଶି ହଜାର ଯୋଜନ ଦୂରରେ ପରମାତ୍ମାଙ୍କ ବୈଷ୍ଣବୀ ଶକ୍ତି

ବିଦ୍ୟମାନ । ଏହି ଈଶ୍ୱରୀୟ ଶକ୍ତି ସର୍ପର କୁଣ୍ଡଳୀ ଭଳି ମହାଶୂନ୍ୟରେ ସମସ୍ତ ଗ୍ରହ, ନକ୍ଷତ୍ର, ଉପଗ୍ରହଙ୍କୁ ଘେରି ମହାକର୍ଷଣ ଶକ୍ତିରୂପେ ପରସ୍ପରକୁ ଆକର୍ଷିତ କରି ରଖିଅଛି । ଏହା ହିଁ ସେହି ଅନନ୍ତ, ଯେଉଁଥିରେ ପୃଥିବୀ ସୋରିଷ ଦାନା ସାଦୃଶ୍ୟ ଭାରଶୂନ୍ୟ ଭାବେ ଧାରଣ ହୋଇ ରହିଛି ।

ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ ।
ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ॥୩୦॥

*ଅନ୍ୱୟ: ଅହଂ (ମୁଁ ) ଦୈତ୍ୟାନାଂ (ଦୈତ୍ୟଗଣଙ୍କ ମଧ୍ୟରେ) ପ୍ରହ୍ଲାଦଃ ଚ (ପ୍ରହ୍ଲାଦ) ଅସ୍ମି (ଅଟେ) କଳୟତାମ୍ (ଗଣନାକାରୀଙ୍କ ମଧ୍ୟରେ/ଜ୍ୟୋତିଷୀମାନଙ୍କ ମଧ୍ୟରେ) କାଳଃ (କାଳ) ଅସ୍ମି (ଅଟେ) ମୃଗାଣାଂ ଚ ( ଏବଂ ପଶୁମାନଙ୍କ ମଧ୍ୟରେ) ଅହଂ (ମୁଁ) ମୃଗେନ୍ଦ୍ରଃ (ପଶୁରାଜ ସିଂହ) ଚ (ଓ ) ପକ୍ଷିଣାମ୍ (ପକ୍ଷୀମାନଙ୍କ ମଧ୍ୟରେ) ବୈନତେୟଃ (ବିନତା କୁମାର ଗରୁଡ) ।*

**ଭାବାର୍ଥ**: ଦିତିଙ୍କ ପୁତ୍ରଗଣ ଓ ବଂଶଜ ଦୈତ୍ୟ ନାମରେ ବିଦିତ । ଦମ୍ଭ, ଦର୍ପ, ଅହଂକାର, ଅଜ୍ଞାନ ଆଦି ଆସୁରୀ ପ୍ରକୃତି ଦୈତ୍ୟମାନଙ୍କ ସ୍ୱଭାବ ହୋଇଥାଏ । ପ୍ରହ୍ଲାଦ ହିରଣ୍ୟକାଶ୍ୟପ ପୁତ୍ରଭାବେ ଦୈତ୍ୟକୁଳରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଅନନ୍ୟପ୍ରେମୀ ରୂପେ ବାଳକ ଅବସ୍ଥାରୁ 'ଶ୍ରୀହରି' ନାମ ଜପକରି ଭଗବାନଙ୍କ ପରମ ଭକ୍ତ ହୋଇପାରିଥିଲେ । ଦୃଢବିଶ୍ୱାସ ଏବଂ ଦୈବିଗୁଣ ଯୋଗୁଁ ପ୍ରହ୍ଲାଦଙ୍କ ପ୍ରାର୍ଥନାରେ ପ୍ରଭୁ ସ୍ୱୟଂ ନୃସିଂହ ଅବତାରରେ ସ୍ତମ୍ଭରୁ ପ୍ରଗଟ ହୋଇଥିଲେ । ଅନନ୍ୟପ୍ରେମ ଭାବ ହିଁ ପ୍ରହ୍ଲାଦ ଯାହା ଭଗବାନଙ୍କ ସ୍ୱରୂପ । ଜ୍ୟୋତିର୍ବିଦଙ୍କ ନିମନ୍ତେ ଗ୍ରହ ନକ୍ଷତ୍ର ଆଦିର ଚଳନକୁ ଗଣନା କରିବା ପାଇଁ କାଳକୁ ଆଧାର କରା ଯାଇଥାଏ । ଭୌତିକ ଜଗତରେ କାଳ ହେଉଛି ସମସ୍ତ ବସ୍ତୁର ବିଲୟକାରୀ । ଈଶ୍ୱରଙ୍କ ଅନବରତ ଚିନ୍ତନରେ ଲାଗିରହିଥିବା 'କାଳ' ମଧ୍ୟ ହେଉଛି 'ମୁଁ' । ବିଷ୍ଣୁ ପୁରାଣରେ ବର୍ଣ୍ଣନ ରହିଥିବା ଭଗବାନଙ୍କ ଚାରି ସ୍ୱରୂପ ମଧ୍ୟରୁ ଭିନ୍ନ ଭିନ୍ନ କ୍ଷେତ୍ରରେ ଗଣନା କରାଯାଉଥିବା କାଳ ହେଉଛି ଏକ ସ୍ୱରୂପ । ପଶୁମାନଙ୍କ ମଧ୍ୟରେ ସିଂହ ପଶୁରାଜ । 'ସିଂହ' ଶବ୍ଦ ବଳବାନ୍, ତେଜସ୍ୱୀ, ଶୂରବୀର ଏବଂ ସାହସୀ ଆଦି ଗୁଣବତ୍ତାର ସୂଚକ । ଅନିତ୍ୟ ଅସୁଖ ସଂସାରରେ ମୋର ବିଭୂତି ରୂପରେ ଯୋଗୀପୁରୁଷ ସେହି ବଳବାନ୍ ସିଂହର ପ୍ରତୀକ । ବିନତା ନନ୍ଦନ ଗରୁଡ ସମସ୍ତ ପକ୍ଷୀକୁଳର ଅଧିପତି ତଥା ବିଷ୍ଣୁଙ୍କ ବାହନ ଅଟନ୍ତି । ଭଗବାନ ବିଷ୍ଣୁଙ୍କୁ ପୃଷ୍ଠରେ ବହନକରି ଉଡିବା ସମୟରେ ଗରୁଡଙ୍କ ପକ୍ଷରୁ ସାମବେଦର ଋଚାମାନ ସ୍ୱତଃ ଧ୍ୱନିତ ହୁଅନ୍ତି । ମନ ହିଁ ଗରୁଡ । ଯେବେ ଇଶ୍ୱର ଅନୁଭୂତି ଆସିବାର ଆରମ୍ଭ ହେବାକୁ ଲାଗେ, ସେତେବେଳେ ମନ ନିଜ ଆରାଧ୍ୟ ଇଷ୍ଟଙ୍କ ବାହାକ ରୂପ ନେଇଥାଏ । ଯେଉଁ ସତ୍ତା ବ୍ରହ୍ମାଣ୍ଡର ଅଣୁ ଅଣୁରେ ସଂଚାରିତ, ଜ୍ଞାନ ସଂଯୁକ୍ତ ଗରୁଡରୁପୀ ମନ ତାହାକୁ ଧାରଣ କରି ସେହି ଭଗବତ୍ ସତ୍ତାର ବାହକ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି ଇଷ୍ଟକୁ ଧାରଣ କରୁଥିବା ମନ 'ମୁଁ' ।

ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍
ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ॥୩୧॥

*ଅନ୍ୱୟ: ଅହଂ (ମୁଁ) ପବତାମ୍ ( ବେଗବାନ୍ ଅଥବା ପବିତ୍ରକାରୀଙ୍କ ମଧ୍ୟରେ) ପବନଃ (ବାୟୁ) ଅସ୍ମି (ଅଟେ) ଶସ୍ତ୍ରଭୃତାମ୍ (ଶସ୍ତ୍ରଧାରୀଙ୍କ ମଧ୍ୟରେ ) ରାମଃ ଅସ୍ମି (ମୁଁ ରାମ ) ଝଷାଣାଂ (ମତ୍ସ୍ୟଜୀବଙ୍କ ମଧ୍ୟରେ ) ମକରଃ ଅସ୍ମି (ମୁଁ ମଗର ମାଛ) ଚ (ଏବଂ) ସ୍ରୋତସାମ୍ (ନଦୀମାନଙ୍କ ମଧ୍ୟରେ) ଜାହ୍ନବୀ ( ଗଙ୍ଗା ) ଅସ୍ମି (ଅଟେ ) ।*

**ଭାବାର୍ଥ**: 'ମୁଁ' ହିଁ ପବିତ୍ରକାରୀ ଉପକରଣଙ୍କ ମଧ୍ୟରେ ବାୟୁ, ଶସ୍ତ୍ରଧାରୀଙ୍କ ମଧ୍ୟରେ ମର୍ଯ୍ୟାଦାବନ୍ତ ରଘୁନାଥ ପ୍ରଭୁ ରାମଚନ୍ଦ୍ର ଅଥବା ଶକ୍ତି ଆବେଶଲବ୍ଧ ବିଶେଷ ପୁରୁଷ ପରଶୁରାମ । ଜଳଚର ଜୀବଙ୍କ ମଧ୍ୟରେ ମଗର ମାଛ ଏବଂ ନଦୀମାନଙ୍କ ମଧ୍ୟରେ ପୁଣ୍ୟତୟା ଗଙ୍ଗା 'ମୁଁ' । ମାଟି, ଜଳ, ଅଗ୍ନି ଏବଂ ବାୟୁ- ଏହି ସମସ୍ତ ଶୁଦ୍ଧିକରଣକାରୀ ମାନଙ୍କ ମଧ୍ୟରେ ବାୟୁ ଶ୍ରେଷ୍ଠ ଅଟେ । କାରଣ ବାୟୁ ସର୍ବବ୍ୟାପକ ଏବଂ ବାୟୁ ଦ୍ୱାରା ପୃଥିବୀ, ଜଳ ଏବଂ ଅଗ୍ନି ମଧ୍ୟ ଶୁଦ୍ଧ ହୋଇଥାନ୍ତି । କ୍ଷତ୍ରିୟ ତଥା ବଳବାନ୍ ପୁରୁଷ ସ୍ୱଧର୍ମ ପାଳନ ନିମିତ୍ତ ଅସ୍ତ୍ର-ଶସ୍ତ୍ର ବହନ କରିଥାନ୍ତି କିମ୍ବା ତାହାର ଅଧିକାରୀ ହୋଇଥାନ୍ତି । ସୂର୍ଯ୍ୟବଂଶୀୟ ପ୍ରଭୁ ରାମଚନ୍ଦ୍ରଙ୍କ ବିଶେଷତା ହେଲା କି, ସର୍ବଦା ନିଜ କାନ୍ଧରେ ଶସ୍ତ୍ର ଧାରଣ କରିଥିଲେ ମଧ୍ୟ କେବଳ ସଂସାର କଲ୍ୟାଣ ନିମିତ୍ତ ହିଁ ଧନୁର୍ବାଣରେ ସେ ଗୁଣ ଚଢାଇଛନ୍ତି । ପ୍ରଭୁ ରାମଙ୍କ ଅବ୍ୟର୍ଥ ବାଣ ଜଗତ ହିତ ବ୍ୟତିରେକ ନିଜ ସ୍ୱାର୍ଥ ଉଦ୍ଦେଶ୍ୟରେ କେବେ ପ୍ରୟୋଗ ହୋଇନାହିଁ । ଏହି ବିଚାରରେ ବ୍ୟକ୍ତି ବିଶେଷ କିମ୍ବା ରାଷ୍ଟ୍ର ଯେ କୌଣସି ପ୍ରକାର ଶକ୍ତିଶାଳୀ ମାରଣାନ୍ତକ ଅସ୍ତ୍ର-ଶସ୍ତ୍ର କିମ୍ବା ଜ୍ଞାନ କୌଶଳର ଅଧିକାରୀ ହେଲେ ମଧ୍ୟ, ତାହାର ଉପଯୋଗ ନିମନ୍ତେ ଅବତାରୀ ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ ମର୍ଯ୍ୟାଦା ଓ ଆଦର୍ଶକୁ ଅନୁସରଣ କରିବା ବିଧେୟ । କ୍ଷତ୍ରିୟ ପକ୍ଷେ ଅସ୍ତ୍ର-ଶସ୍ତ୍ର ଯେପରି ଅଭିଭୂଷଣ, ଯୋଗୀ ପକ୍ଷେ ସାଧନ ଓ ଭଗବଦ୍ ଜ୍ଞାନ ହେଉଛି ଧନୁଶବାଣ ଯାହାର ସମୁଚିତ ପ୍ରୟୋଗରେ ମୁକ୍ତିର ଦ୍ୱାର ଉନ୍ମୁକ୍ତ ହୋଇଥାଏ । **"ରମନ୍ତେ ଯୋଗିନଃ ଯସ୍ମିନ୍ ସଃ ରାମ"** । ଈଶ୍ୱର ଇଷ୍ଟରୂପରେ ଜାଗୃତ ହୋଇ ଯେଉଁ ନିର୍ଦ୍ଦେଶନା ଦେଇଥାନ୍ତି, ଯୋଗୀ ତାହାକୁ ପ୍ରୟୋଗ କରେ । ସେହି ଜାଗୃତିର ନାମ 'ରାମ' ଏବଂ ସେହି ଜାଗୃତି ହେଉଛି 'ମୁଁ' । ସ୍ୱାମୀ ଅଡଗାନନ୍ଦଜୀ ମହାରାଜ 'ଯଥାର୍ଥ ଗୀତା'ରେ କହିଛନ୍ତି କି, ତୀବ୍ର ଜ୍ଞାନଶକ୍ତି ଆଦି କଳା ରୂପରେ ଶ୍ରୀ ଭଗବାନ ଜନାର୍ଦ୍ଦନ ଯାହାଙ୍କଠାରେ ଆବିଷ୍ଟ ହୋଇଥାନ୍ତି, ସେହି ମହାପୁରୁଷ ଆବେଶ ଅବତାର ରୂପେ ପରିଗଣିତ ହୁଅନ୍ତି । ଯମଦଗ୍ନି ପୁତ୍ର ପରଶୁରାମ ବ୍ରହ୍ମଶକ୍ତି ସମ୍ପନ୍ନ ଆବେଶାବତାର ହୋଇଥିବା କାରଣରୁ ସେ' ଭଗବାନଙ୍କ ବିଭୂତି ସ୍ୱରୂପ ଅଟନ୍ତି । ଜଳଚର ଜୀବଙ୍କ ମଧ୍ୟରେ ବଳଶାଳୀ ମଗର ମାଛ 'ମୁଁ' । ମଗର ମାଛ ଜଳଦେବତା ବରୁଣଙ୍କ ବାହନ । ତେଣୁ ଏହାକୁ ଭଗବାନ ତାଙ୍କରି ବିଭୂତି ବୋଲି କହିଛନ୍ତି । ଗଙ୍ଗା ସାକ୍ଷାତ୍ ଭଗବାନଙ୍କ ପାଦୋଦକ । ଗଙ୍ଗାଙ୍କ ଦର୍ଶନ, ସ୍ପର୍ଶରେ ଜୀବ ପାପରୁ ଉଦ୍ଧାର ହୁଏ । ଏକଦା ଭଗବାନ ବିଷ୍ଣୁ ସ୍ୱୟଂ ଦ୍ରବରୂପରେ ବ୍ରହ୍ମାଙ୍କ କମଣ୍ଡଳୁରେ ପ୍ରବିଷ୍ଟହୋଇ ଗଙ୍ଗାରୂପ ଧାରଣ କରିଥିଲେ । ବ୍ରହ୍ମାଜୀଙ୍କ କମଣ୍ଡଳୁରୁ ଭଗବାନଙ୍କ ଚରଣ ଧୌତ ସମୟରେ ପବିତ୍ରମୟ ହୋଇ ସ୍ୱର୍ଗ ଗଙ୍ଗା(ମନ୍ଦାକିନୀ) ହୋଇ ଦେବଲୋକରେ ପ୍ରବାହ ହେଲେ । ଭଗିରଥଙ୍କ ତପସ୍ୟା ବଳରେ ସେହିଗଙ୍ଗା ଭଗବାନଙ୍କ ନିର୍ମଳ କୀର୍ତ୍ତିସମାନ ଆକାଶରୁ ପ୍ରଥମେ ଶିବଙ୍କ ମସ୍ତକରେ ଅବସ୍ଥାନ କରି ଧରା ପୃଷ୍ଠରେ ପାବନମୟୀ ଗଙ୍ଗା ରୂପରେ ପ୍ରବାହ ହୋଇଛନ୍ତି । ଭୂଲୋକରେ

ଜହ୍ନୁ ନାମକ ଋଷିଙ୍କ ଯଜ୍ଞସ୍ଥଳକୁ ଭସାଇ ନେବାରେ କ୍ରୋଧ ଅବଶଃ ହୋଇ ସେ ଗଙ୍ଗାଙ୍କୁ ଉଦରସ୍ଥ କରି ଶୁଷ୍କ କରିଦେଇଥିଲେ । ପରେ ଭଗିରଥଙ୍କ ପ୍ରାର୍ଥନାରେ ପୁଣି ତାଙ୍କରି କର୍ଣ୍ଣରୁ ନିସୃତ ହୋଇ ଜାହ୍ନବୀ ନାମ ଧାରଣ କରିଛନ୍ତି ।

ସର୍ଗାଣାମାଦିରନ୍ତଶ୍ଚ     ମଧ୍ୟଂ   ଚୈବାହମର୍ଜୁନ।

ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ  ପ୍ରବଦାତାମହମ୍॥୩୨॥

*ଅନ୍ୱୟ: ଅର୍ଜୁନ (ହେ ଅର୍ଜୁନ !) ଅହଂ ଏବ (ମୁଁ ହିଁ) ସର୍ଗାଣାଂ (ଆକାଶାଦି ସମସ୍ତ ସୃଷ୍ଟି ମଧ୍ୟରେ) ଆଦିଃ, ଅନ୍ତଃ, ମଧ୍ୟଂ ଚ (ଉତ୍ପତ୍ତି, ଲୟ ଏବଂ ସ୍ଥିତି ଅଟେ) ବିଦ୍ୟାନାଂ(ସମସ୍ତ ବିଦ୍ୟାମାନଙ୍କ ମଧ୍ୟରେ ) ଅଧ୍ୟାତ୍ମବିଦ୍ୟା (ଆତ୍ମଜ୍ଞାନ ଅଟେ )  ଅହଂ (ମୁଁ ) ପ୍ରବଦତାମ (ଶାସ୍ତ୍ରାର୍ଥକାରୀଙ୍କ ବାଦ,ଜଳ୍ପ,ଏବଂ ବିତଣ୍ଡା –ଏହି ତିନି ପ୍ରକାର ତର୍କ ମଧ୍ୟରେ ) ବାଦଃ (ସ୍ୱାଭାବିକ ସିଦ୍ଧାନ୍ତ – ତତ୍ତ୍ୱ ନିର୍ଣ୍ଣାୟକ ସତ୍ୟ ଅଟେ ) ।*

**ଭାବାର୍ଥ**: ହେ ଅର୍ଜୁନ ! ମୁଁ ହିଁ ଆକାଶାଦି ସୃଷ୍ଟ ପଦାର୍ଥ ସମୂହର ଆଦି, ଅନ୍ତ ଓ ମଧ୍ୟ ଅର୍ଥାତ୍ ଉତ୍ପତ୍ତି, ସ୍ଥିତି ଓ ସଂହାରକାରୀ ଅଟେ । ସମସ୍ତ ବିଜ୍ଞାନ ମଧ୍ୟରେ ମୁଁ ଆତ୍ମବିଜ୍ଞାନ ଏବଂ ତର୍କ ଶାସ୍ତ୍ରରେ 'ବାଦ' ରୂପେ ମୁଁ ନିର୍ଣ୍ଣାୟକ ସିଦ୍ଧାନ୍ତ ବା ସତ୍ୟ । ଏହି ଅଧ୍ୟାୟର ବିଂଶତମ ଶ୍ଳୋକରେ ଭଗବାନ କହିଥିବା "ଅହମାଦିଶ୍ଚ ମଧ୍ୟଂ ଭୂତାନାମନ୍ତ ଏବ ଚ" ପଦରେ  'ଭୂତ' ଶବ୍ଦ ପ୍ରାଣୀଙ୍କ ବାଚକ ହୋଇଥିବା ବେଳେ ଏହିପଦରେ 'ସର୍ଗ'ଶବ୍ଦ ପ୍ରୟୋଗ କରି ଭଗବାନ  ଜଡ ଚେତନଶୀଳ ମହାସୃଷ୍ଟିର ଆଦି, ଅନ୍ତ, ସ୍ଥିତିକୁ ନିଜେ 'ମୁଁ' ବୋଲି କହିଛନ୍ତି । ଏହାର ତାତ୍ପର୍ଯ୍ୟ ହେଲା; ଯେବେ କିଛି ନଥିଲା ତେବେ ମଧ୍ୟ 'ମୁଁ' ଆଦିଭୂତ ରୂପରେ ଉପସ୍ଥିତ ଥିଲି ଏବଂ ଆଗକୁ ଯେବେ କିଛି ରହିବ ନାହିଁ, ତେବେ ମଧ୍ୟ ସମସ୍ତର ଶେଷଭୂତ ରୂପେ 'ମୁଁ' ହିଁ ରହିବି । ଏକ ନୂତନ ପଦାର୍ଥ ନିର୍ମାଣରେ ପୂର୍ବ ପଦାର୍ଥର ସ୍ୱରୂପ ଓ ତତ୍ତ୍ୱ  ରହି ନଥାଏ, ଯେପରି ଘଟ ନିର୍ମିତ ହେଲେ ମୃତ୍ତିକା ପିଣ୍ଡ ଆଉ ରହେ ନାହିଁ । ସେହି ବିଚାରରେ ଯେବେ ବ୍ରହ୍ମରେ ଜଗତ ନିର୍ମିତ ହେଲା, ତେବେ ତାହାର ପରବର୍ତ୍ତୀ କ୍ରମରେ  ବ୍ରହ୍ମର ଅସ୍ତିତ୍ୱ କଣ ? ଏହି ଶଙ୍କାର ନିବାରଣ ନିମିତ୍ତ ଭଗବାନ କହିଛନ୍ତି; 'ମୁଁ ମଧ୍ୟ' ଅର୍ଥାତ୍ ଜଗତ ସ୍ଥିତିରେ ମୁଁ ଅବିକୃତ ରୂପରେ (ବ୍ରହ୍ମ ରୂପରେ) ସମସ୍ତ ଜଗତ ପଦାର୍ଥରେ ପ୍ରବିଷ୍ଟ ହୋଇ ରହିଛି । ସମସ୍ତ ପଦାର୍ଥରେ ମୋର ହିଁ ସତ୍ତା ବ୍ୟାପ୍ତ ହୋଇ ରହିଛି । ଜୀବାତ୍ମା, ପରମାତ୍ମା ଓ ବ୍ରହ୍ମାଣ୍ଡ ସୃଷ୍ଟି ସମ୍ବନ୍ଧୀୟ ନିର୍ଗୁଣ ନିର୍ବିଶେଷ ଜ୍ଞାନ ତତ୍ତ୍ୱ ଯେଉଁ ବିଦ୍ୟାର ସହାୟତାରେ ଲବ୍ଧ ହୋଇଥାଏ ତାହା ଅଧ୍ୟାତ୍ମ ବିଦ୍ୟା । ସମସ୍ତ ବିଜ୍ଞାନର ବିଜ୍ଞାନ ହେଉଛି ଅଧ୍ୟାତ୍ମ ବିଜ୍ଞାନ । ଭୌତିକ ଜ୍ଞାନ ମନୁଷ୍ୟର ଜୀବିକା ନିର୍ବାହରେ ସହାୟକ ହୋଇଥାଏ ତଥା ଧର୍ମ ପଥକୁ ମଧ୍ୟ ପ୍ରଦର୍ଶନ କରିଥାଏ । କିନ୍ତୁ ଯେଉଁ ବିଦ୍ୟାଦ୍ୱାରା ମନୁଷ୍ୟ ଅମୃତ ତତ୍ତ୍ୱକୁ ପ୍ରାପ୍ତି କରିଥାଏ, ଭବ ବନ୍ଧନରୁ ମୁକ୍ତ ହୋଇଥାଏ ତଥା ପରଂବ୍ରହ୍ମ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତକରି ଅକ୍ଷର ବସ୍ତୁକୁ ଜାଣିବାକୁ ସକ୍ଷମ ହୁଏ, ସେହି ଆଧ୍ୟାତ୍ମ ବିଦ୍ୟା ପୂର୍ବୋକ୍ତ ବିଦ୍ୟାଠାରୁ ଶ୍ରେଷ୍ଠ ଏବଂ ଏହା ଭଗବାନଙ୍କ ବିଭୂତି ଅଟେ । ବେଦ, ଉପନିଷଦ, ପୁରାଣ, ଶ୍ରୀମଦ୍ ଭାଗବତ ଏବଂ ଭଗବଦ୍ ଗୀତା ପ୍ରଭୃତି ଏହି ବିଦ୍ୟାର ଆଧାର ଯାହା ଜୀବକୁ ମାୟାର ଆଧିପତ୍ୟରୁ ବାହାରକରି ନେଇ  ଆତ୍ମାର ଆଧିପତ୍ୟରେ ସ୍ଥାପନ କରିଥାଏ

। ତର୍କ ଶାସ୍ତ୍ରରେ ବାଦୀ ଓ ପ୍ରତିବାଦିଙ୍କ ମଧ୍ୟରେ ଯୁକ୍ତି ଓ ସାକ୍ଷ୍ୟକୁ ନେଇ ବିଭିନ୍ନ ସ୍ତର ରହିଛି । ନିଜ ପକ୍ଷର ମଣ୍ଡନ କରି ପ୍ରତିପକ୍ଷଙ୍କ ପରାସ୍ତ ଉଦ୍ଦେଶ୍ୟରେ ଯେଉଁ ତର୍କ ହୋଇଥାଏ ତାହା 'ଜଳ୍ପ', ପ୍ରତିପକ୍ଷଙ୍କ ଯୁକ୍ତିକୁ ଖଣ୍ଡନକରି ଦୋଷୀ ସାବ୍ୟସ୍ତ ଉଦ୍ଦେଶ୍ୟରେ ଯେଉଁ ତର୍କ ତାହା 'ବିତଣ୍ଡା' ଏବଂ ତତ୍ତ୍ୱଫଳ ନିର୍ଣ୍ଣାୟକ ପରମ ସତ୍ୟର ପ୍ରତିଷ୍ଠା ହିଁ ଯେଉଁ ତର୍କର ଲକ୍ଷ୍ୟ ହୋଇଥାଏ ତାହା 'ବାଦ' । ଜଳ୍ପ ଓ ବିତଣ୍ଡା ତର୍କରେ ରାଗ-ଦ୍ୱେଷଭାବ ଜାଗୃତ କାରଣରୁ ଏହା ସର୍ବଦା ତ୍ୟାଜ୍ୟ । ତତ୍ତ୍ୱ ନିର୍ଣ୍ଣାୟକ ଉପନିଷଦ, ଗୁରୁ-ଶିଷ୍ୟ ସମ୍ବାଦ ପ୍ରଭୃତି 'ବାଦ' ରୂପରେ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଅଟନ୍ତି ।

ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।
ଅହମେବାକ୍ଷୟଃ କାଳୋ ଧାତାହଂ ବିଶ୍ୱୋତୋମୁଖଃ ॥୩୩॥

*ଅନ୍ୱୟ: ଅହଂ(ମୁଁ) ଅକ୍ଷରାଣାଂ (ଅକ୍ଷରମାନଙ୍କ ମଧ୍ୟରେ) ଅକାରଃ ('ଅ'କାର ଅର୍ଥାତ୍ ବର୍ଣ୍ଣମାଳାର ପ୍ରଥମ ଅକ୍ଷର 'ଅ') ସାମାସିକସ୍ୟ ଚ (ଏବଂ ସମାସମାନଙ୍କ ମଧ୍ୟରେ) ଦ୍ୱନ୍ଦ୍ୱଃ, ଅସ୍ମି (ଦ୍ୱନ୍ଦ୍ୱ ସମାସ ଅଟେ) ଅହଂ ଏବ (ମୁଁ ହିଁ) ଅକ୍ଷୟଃ କାଳଃ (ସଂହାରକାରୀଙ୍କ ମଧ୍ୟରେ କ୍ଷୟହୀନ ମହାକାଳ ରୁଦ୍ର) ଅହଂ (ମୁଁ) ବିଶ୍ୱୋତୋମୁଖଃ (ସର୍ବତୋମୁଖ-ସର୍ବଦିଗେ ମୁଖ ବିଶିଷ୍ଟ) ଧାତା (କର୍ମଫଳ ପ୍ରଦାନକାରୀ ବିଧାତା ଅଥବା ଚତୁଃମୁଖ ବିଶିଷ୍ଟ ଜଗତ ସ୍ରଷ୍ଟା ବ୍ରହ୍ମା ) ।*

**ଭାବାର୍ଥ**: ବର୍ଣ୍ଣମାଳାର ଆଦ୍ୟ ଅକ୍ଷର 'ଅ'କାର 'ମୁଁ' ଅଟେ । ସମାସମାନଙ୍କ ମଧ୍ୟରେ 'ମୁଁ' ଦ୍ୱୈତଶବ୍ଦ ବିଶିଷ୍ଟ ଦ୍ୱନ୍ଦ୍ୱ ସମାସ । 'ମୁଁ' କ୍ଷୟ ରହିତ କାଳ ଅର୍ଥାତ୍ ସଂହାରକାରୀଙ୍କ ମଧ୍ୟରେ ମହାକାଳ ରୁଦ୍ର । ସୃଷ୍ଟ ପ୍ରାଣୀଙ୍କ ମଧ୍ୟରେ 'ବିଶ୍ୱତୋମୁଖଃ' ଅର୍ଥାତ୍ ସମଗ୍ର ସୃଷ୍ଟିକୁ ଏକ ସମୟରେ ଚତୁର୍ଦିଗ ଅବଲୋକନ କରିପାରୁଥିବା ଏବଂ ସମସ୍ତଙ୍କ କର୍ମଫଳ ବିଧାନ କରୁଥିବା ପ୍ରଭୁ 'ମୁଁ' । ଧ୍ୱନିର ପ୍ରାରମ୍ଭ ହେଉଛି 'ଅ'କାର ଏବଂ ଏହାର ବିନା ସହାୟତାରେ କୌଣସି ବ୍ୟଞ୍ଜନାକ୍ଷର ଉଚ୍ଚାରଣ କରିହେବ ନାହିଁ । 'ଅ'କାର ହିଁ ସମସ୍ତ ବାଙ୍ ମୟ, ଯେହେତୁ ଏହି ବର୍ଣ୍ଣ ସ୍ପର୍ଶ-ଉଷ୍ମରୂପେ ପ୍ରକାଶମାନ ହୋଇ ବହୁବିଧ ଓ ନାନାରୂପକ ହୋଇଥାଏ । ଦ୍ୱନ୍ଦ୍ୱ, ବହୁବ୍ରୀହି, ତତ୍ ପୁରୁଷ ଏବଂ ଅବ୍ୟୟୀଭାବ ସମାସ ମଧ୍ୟରେ ଦ୍ୱନ୍ଦ୍ୱ ସମାସ ଶ୍ରେଷ୍ଠ, କାରଣ ଏଥିରେ ପ୍ରତ୍ୟେକ ପଦ ପ୍ରଧାନ ହୋଇଥାନ୍ତି; ଯଥା ରାମ ଓ ଲକ୍ଷ୍ମଣ, ରାଧାକୃଷ୍ଣ ଇତ୍ୟାଦି । ଅନ୍ୟ ଅର୍ଥରେ ସାଧନର ଉନ୍ନତ ସ୍ତରରେ ଚିତ୍ତବୃତ୍ତି ଓ ଇଷ୍ଟଙ୍କ ଐକତ୍ୱ ସ୍ଥିତି ନିମିତ୍ତ ସଂଘର୍ଷ ହେଉଛି ଦ୍ୱନ୍ଦ୍ୱ ସମାସ ଯାହା ଭଗବାନଙ୍କ ବିଭୂତି । 'କାଳ' ଶବ୍ଦ ଏହି ଶ୍ଳୋକରେ ପ୍ରତି ମୁହୂର୍ତ୍ତ ବା କ୍ଷଣକୁ ସୂଚାଯାଇଛି, ଯାହା ଶାଶ୍ୱତ, ଅନନ୍ତ, ଅକ୍ଷୟ ଏବଂ ନିତ୍ୟ ପରଂବ୍ରହ୍ମ ପରମାତ୍ମାଙ୍କ ସାକ୍ଷାତ୍ ସ୍ୱରୂପ । 'ମୁଁ' ହିଁ କ୍ଷୀଣ ହେଉ ନ ଥିବା ନିତ୍ୟ କାଳ ରୂପୀ ' ପ୍ରତି ମୂହୁର୍ତ୍ତ' । ସର୍ଜନା ଓ ପ୍ରଳୟର ଗଣନା ସୂର୍ଯ୍ୟଙ୍କ ସହାୟତାରେ ହୁଏ ଯାହା ମାସ, ବର୍ଷ ଆଦି ସମୟ ସୂଚକ କାଳ । ମହାପ୍ରଳୟରେ ସୂର୍ଯ୍ୟ ଲୀନ ହେବାପରେ, ପ୍ରକୃତି ଯେଉଁ ସମୟ ପର୍ଯ୍ୟନ୍ତ ସାମ୍ୟ ସ୍ଥିତିରେ ରହେ, ତାହା ପ୍ରକୃତି ରୂପୀ କାଳ । ଦେଶ, କାଳ ରହିତ ଅତ୍ୟନ୍ତ ସୂକ୍ଷ୍ମ ପରମାତ୍ମାଙ୍କ ସ୍ୱରୂପ ହେଉଛି 'ଅକ୍ଷୟ କାଳ' ଯାହାର ସତ୍ତା ଓ ସ୍ଫୁର୍ତ୍ତିରେ ପ୍ରକୃତି ଓ ଏହାର କାର୍ଯ୍ୟରୂପୀ ସଂସାରର ବିବର୍ତ୍ତନ ପ୍ରକ୍ରିୟା ଅନନ୍ତ କାଳରୁ ଚାଲି ଆସୁଛି । ଅନ୍ୟ ସମସ୍ତଙ୍କ ବିଲୟ ପରେ ଅବଶେଷ ପରମାତ୍ମା ହିଁ ଅକ୍ଷୟ କାଳ । ଯିଏ ସମସ୍ତଙ୍କ ଧାରଣ-

ପୋଷଣକାରୀ, କର୍ମଫଳ ପ୍ରଦାନକାରୀ ଏବଂ ସର୍ବବ୍ୟାପୀ ବିଶ୍ୱରୂପ ପରମେଶ୍ୱର, ତାହା 'ମୁଁ' । 'ଧାତାହଂ ସର୍ବତୋମୁଖଃ' ଏହି ବାକ୍ୟକୁ କେହି କେହି ବ୍ୟାଖ୍ୟାକାର ସମସ୍ତ ଜୀବଙ୍କ ସୃଷ୍ଟିକର୍ତ୍ତା ହିରଣ୍ୟଗର୍ଭ ରୂପୀ ବ୍ରହ୍ମା ଭଗବାନଙ୍କ ବିଭୂତି ସ୍ୱରୂପ ବୋଲି ଅର୍ଥ କରିଛନ୍ତି ।

ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।
କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ।।୩୪।।

*ଅନ୍ୱୟ : ଅହଂ (ମୁଁ) ସର୍ବହରଃ ମୃତ୍ୟୁଃ (ସର୍ବଗ୍ରାସୀ–ସମସ୍ତ ସ୍ମୃତି ହରଣକାରୀ) ମୃତ୍ୟୁଃ (ମୃତ୍ୟୁ ସ୍ୱରୂପ) ଚ (ଏବଂ) ଭବିଷ୍ୟତାମ୍ (ଭବିଷ୍ୟ କଲ୍ୟାଣ ସମୂହ ମଧ୍ୟରେ ) ଉଦ୍ଭବଃ (ମୁଁ ଅଭ୍ୟୁଦୟ-ଉତ୍ପତ୍ତି ଏବଂ ତାହା ପ୍ରାପ୍ତିର କାରଣ ) ନାରୀଣାଂ (ନାରୀମାନଙ୍କ ମଧ୍ୟରେ ) କୀର୍ତ୍ତି (ଖ୍ୟାତି) ଶ୍ରୀ (କାନ୍ତି –ସୌନ୍ଦର୍ଯ୍ୟ) ବାକ୍ (ବାକ୍ ପଟୁତା) ସ୍ମୃତି (ସ୍ମରଣ ଶକ୍ତି) ମେଧା (ତୀକ୍ଷ୍ଣ ବୁଦ୍ଧି ) ଧୃତି (ଅସୀମ ଧୈର୍ଯ୍ୟ) କ୍ଷମା (ସହନଶୀଳତା) [ପ୍ରଭୃତି ଦୈବୀ-ସମ୍ପଦ ସ୍ୱରୂପ 'ମୁଁ' ]।*

**ଭାବାର୍ଥ**: ସର୍ବଗ୍ରାସୀ ମୃତ୍ୟୁ 'ମୁଁ' । ସ୍ଥୂଳ ଶରୀର ସମେତ ଜୀବର ବିଶେଷକରି ମନୁଷ୍ୟର ଜୀବନ କାଳରେ ସମସ୍ତ ସ୍ମୃତିକୁ ମଧ୍ୟ ମୃତ୍ୟୁ ଅପହୃତ କରି ନେଇଥାଏ । ରାଜା-ପ୍ରଜା, ଧନୀ-କାଙ୍ଗାଳ, ସୁଖୀ-ଦୁଃଖୀ, ଦୁର୍ବଳ-ସବଳ ଏହି ସମସ୍ତେ ମୃତ୍ୟୁର ଗ୍ରାସରେ ଏକାକାର ହୋଇଥାନ୍ତି । ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି; 'ମୃତ୍ୟୁରତ୍ୟନ୍ତବିସ୍ମୃତି' ଅର୍ଥାତ୍ ଅତ୍ୟନ୍ତ ବିସ୍ମୃତି ହିଁ ମୃତ୍ୟୁ । ଜୀବର ଭବିଷ୍ୟ କଲ୍ୟାଣ ସମୂହ ମଧ୍ୟରେ ମୁଁ ହେଉଛି ଉତ୍ପତ୍ତି ବା ଅଭ୍ୟୁଦୟ । ଷଡ ବିକାର (ଜନ୍ମ, ବୃଦ୍ଧି, ସ୍ଥିତି, ପରିଣାମୀ, କ୍ଷୟ, ବିନାଶ)ମଧ୍ୟରେ ଜନ୍ମ ହେଉଛି ପ୍ରାରମ୍ଭ ଯାହା ଜୀବକୁ ଗର୍ଭ ଯନ୍ତ୍ରଣାରୁ ମୁକ୍ତକରି ପୁନଃ ସମୃଦ୍ଧି ଓ ଆତ୍ମା କଲ୍ୟାଣ ମାର୍ଗରେ ଆଗେଇ ନେଇଥାଏ । ଏହି ଜନ୍ମ-ମୃତ୍ୟୁ ଏବଂ ଉତ୍ପତ୍ତି-ବିନାଶ ସମୁଦ୍ରରେ ଲହଡି ସାଦୃଶ୍ୟ ଗୋଟିଏ ଅନ୍ୟଟିର କାରଣ ହୋଇଥାଏ । ନାରୀମାନଙ୍କ ମଧ୍ୟରେ କୀର୍ତ୍ତି, କାନ୍ତି (ଶ୍ରୀ), ବାଣୀ, ସ୍ମୃତି, ବୁଦ୍ଧି, ଧୈର୍ଯ୍ୟ ଏବଂ କ୍ଷମା ପ୍ରଭୃତି ଦୈବୀଗୁଣ ସମ୍ପଦ ଭଗବାନଙ୍କ ବିଭୂତି ଅଟେ । ଭଗବାନଙ୍କ ସ୍ୱରୂପ ଭାବେ ସୀତା, ଉମା, ରୁକ୍ମିଣୀ, ଦ୍ରୌପଦୀଙ୍କ ଭଳି ମହୀୟସୀ ନାରୀ ଏହି ସମସ୍ତ ଗୁଣର ଅଧିକାରିଣୀ ହୋଇ ପୁରାଣ ଶାସ୍ତ୍ର ଆଦିରେ ସ୍ଥାନ ପାଇଛନ୍ତି । ସଦ୍ଗୁଣ କାରଣରୁ ଯେଉଁ ପ୍ରତିଷ୍ଠା ବା ଖ୍ୟାତି ପ୍ରାପ୍ତ ହୁଏ ତାହା '**କୀର୍ତ୍ତି**' । ଶୋଭା, ସୌନ୍ଦର୍ଯ୍ୟ ଓ ଧନ ସମ୍ପଦର ଅଧିକାରିଣୀ ହେଉଛି '**ଶ୍ରୀ**' । ଯେଉଁ ବାଣୀକୁ ଧାରଣ କରି ଯଶ, ବିଦ୍ୱାନ ଆଦି ଆଖ୍ୟା ପ୍ରାପ୍ତ ହୁଏ ତାହା '**ବାକ୍**' । ପ୍ରଖର ସ୍ମରଣ ଶକ୍ତି ହେଉଛି '**ସ୍ମୃତି**' । ସ୍ଥାୟୀରୂପେ ଧାରଣକରିବା ଶକ୍ତି ବା ନିଶ୍ଚୟାତ୍ମକ ବୁଦ୍ଧି ହେଉଛି '**ମେଧା**' । ସିଦ୍ଧାନ୍ତ, ଧାରଣା ଆଦିରେ ବିଚଳିତ ନ ହୋଇ ଦୃଢ ହୋଇ ରହିବା ହେଉଛି '**ଧୃତି**' । ସହନଶୀଳଭାବେ ଅନ୍ୟର ଦୋଷ ମାର୍ଜନା କରିବା '**କ୍ଷମା**' । ପ୍ରଜାପତି ଦକ୍ଷଙ୍କ ଚବିଶି କନ୍ୟାଙ୍କ ମଧ୍ୟରୁ କୀର୍ତ୍ତି, ମେଧା ଓ ଧୃତି- ଧର୍ମଙ୍କ ସହିତ ବିବାହ କରି ଧର୍ମପତ୍ନୀ ନାମରେ ବିଦିତ । ସ୍ମୃତି ଏବଂ କ୍ଷମା ଯଥାକ୍ରମେ ମହର୍ଷି ଅଙ୍ଗିରା ଏବଂ ପୁଲହଙ୍କୁ ବିବାହ କରିଛନ୍ତି । ଭୃଗୁଙ୍କ କନ୍ୟା ତଥା ଖ୍ୟାତିଙ୍କ ଗର୍ଭରୁ ଉତ୍ପନ୍ନ 'ଶ୍ରୀ'ଙ୍କ ଠାରୁ ଭଗବାନ ବିଷ୍ଣୁ ପାଣିଗ୍ରହଣ କରିଛନ୍ତି । ବାକ୍ ବ୍ରହ୍ମାଜୀଙ୍କ କନ୍ୟା ଭାବେ ଭଗବାନଙ୍କ ବାଣୀରେ ନିବାସ କରନ୍ତି । ଏହି ସପ୍ତନାରୀ ନିଜ ନିଜ ଗୁଣବତ୍ତାର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ଶ୍ରେଷ୍ଠତା କାରଣରୁ ଭଗବାନ

ଏହିମାନଙ୍କୁ ନିଜ ସ୍ୱରୂପ କହିଛନ୍ତି । ଏଠାରେ ପ୍ରଶ୍ନ ଆସେ ଉପରୋକ୍ତ ଗୁଣସମୂହ କଣ କେବଳ ନାରୀମାନଙ୍କ ନିମନ୍ତେ ପ୍ରଯୁଜ୍ୟ ଏବଂ ପୁରୁଷ ଜାତି ନିମନ୍ତେ ଏହାର ଆବଶ୍ୟକତା ନାହିଁ ? ଭଗବାନ ଦ୍ୱିତୀୟ ଅଧ୍ୟାୟରେ ଅର୍ଜୁନଙ୍କୁ କହିଛନ୍ତି କି, ଯଦି ତୁମେ ଏହି ଧର୍ମଯୁଦ୍ଧ ନ କରିବ, ତାହାହେଲେ ସ୍ୱଧର୍ମ ସହିତ ନିଜର ସମସ୍ତ କୀର୍ତ୍ତିରାଜି ମଧ୍ୟ ହରାଇବ । ଗୀତାର ଅନ୍ତିମ ଶ୍ଳୋକରେ କୁହାଯାଇଛି କି, ଯେଉଁଠାରେ ଯୋଗେଶ୍ୱର କୃଷ୍ଣ ଏବଂ ଧନୁର୍ଦ୍ଧର ପାର୍ଥ, ସେହିଠାରେ ଶ୍ରୀ, ବିଜୟ, ବିଭୂତି ଏବଂ ଅଚଳ ନୀତି ବିଦ୍ୟମାନ । ଏହାର ସମାଧାନ ହେଲା; ବସ୍ତୁତଃ ମନୁଷ୍ୟର ଚିତ୍ତବୃତ୍ତି ହିଁ ନାରୀ ଅଟେ । ଶରୀର ତ ବସ୍ତ୍ର । ସ୍ତ୍ରୀ, ପୁରୁଷ, ନପୁଂସକ ଇତ୍ୟାଦି ଶରୀରର ଆକୃତି ମାତ୍ର, ସ୍ୱରୂପ ନୁହେଁ । ଶରୀର ଅନ୍ତରାଳରେ ଚିତ୍ତବୃତ୍ତି ପ୍ରକୃତି ଦିଗରେ ସ୍ୱୟଂ ପ୍ରବାହମାନ । ଏହି ବୃତ୍ତିରେ ସ୍ମୃତି, ମେଧା, ଧୈର୍ଯ୍ୟ, କ୍ଷମା ଆଦି ଈଶ୍ୱରୀୟ ଭାବ ଭଗବାନଙ୍କଠାରୁ ହିଁ ପ୍ରସାରିତ ହୁଏ । ଏହିଗୁଣ ଦ୍ୱାରା ମନୁଷ୍ୟଠାରେ ସମୃଦ୍ଧି ଏବଂ ପରମ ଶ୍ରେଷ୍ଠର ମାର୍ଗ ପ୍ରଶସ୍ତ ହୁଏ । ଏହି ଗୁଣ ଧାରଣ କରିବା ସ୍ତ୍ରୀ, ପୁରୁଷ ସମସ୍ତଙ୍କ ନିମନ୍ତେ ଉପଯୋଗୀ । ଏହିଗୁଣ ସମୂହ ନିଜର ନ ମାନି ଭଗବାନଙ୍କଠାରୁ ଏହା ଉତ୍ପନ୍ନ ମାନି ନେବାରେ ଅଭିମାନ ଜାତ ହୁଏନାହିଁ ।

ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।
ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ॥୩୫॥

*ଅନ୍ୱୟ:ଅହଂ(ମୁଁ)ସାମ୍ନାଂ (ସାମ ବେଦରେ ଥିବା ଗାନଯୋଗ୍ୟ ମନ୍ତ୍ର ସମୂହ ମଧ୍ୟରେ ) ବୃହତ୍ ସାମ୍ (ଇନ୍ଦ୍ର ସ୍ତୁତିରୂପ ବୃହତ୍ ସାମ ) ତଥା (ଏବଂ) ଛନ୍ଦସାମ୍ (ଛନ୍ଦବିଶିଷ୍ଟ ମନ୍ତ୍ର ସମୂହ ମଧ୍ୟରେ) ଗାୟତ୍ରୀ (ଗାୟତ୍ରୀ ମନ୍ତ୍ର) ଅହଂ (ମୁଁ) ମାସାନାଂ (ବର୍ଷର ବାରମାସ ମଧ୍ୟରେ) ମାର୍ଗଶୀର୍ଷଃ ( ମାର୍ଗଶୀର ମାସ) ଋତୁନାଂ (ଛଅ ଋତୁ ମଧ୍ୟରେ) କୁସୁମାକରଃ (ବସନ୍ତ କାଳ ) ।*

**ଭାବାର୍ଥ**: ଗାନଯୋଗ୍ୟ ସାମବେଦରେ ମୁଁ ବୃହତ୍-ସାମ ବୋଲି ଭଗବାନ କହିଛନ୍ତି । ଉପନିଷଦରେ ବିଶେଷକରି ଛାନ୍ଦୋଗ୍ୟ ଉପନିଷଦରେ ସାମର ବିବିଧପ୍ରକାର ଗୀତିକା ଯଥା ପାଞ୍ଚବିଭକ୍ତିକ, ସାତ ବିଭକ୍ତିକ ପ୍ରଭୃତି ରହିଛି ଯାହାର ଗାୟନରେ ବିଷ୍ଣୁ, ଶିବ ଆଦି ଦେବତା ପ୍ରୀତ ହୋଇଥାନ୍ତି । ସେଥିମଧ୍ୟରେ ବୃହତ୍-ସାମ ଏକ ସୁମଧୁର ସଙ୍ଗୀତମୟ ଗୀତିକା, ଯେଉଁଥିରେ ପରମେଶ୍ୱରଙ୍କୁ ଇନ୍ଦ୍ର ରୂପରେ ସ୍ତୁତି କରା ଯାଇଛି । ଅତିରାତ୍ର ଯାଗରେ ପୃଷ୍ଠସ୍ତୋତ୍ର ଭାବେ ଏହାକୁ ଅର୍ଦ୍ଧରାତ୍ରିରେ ଗାନ କରା ଯାଇଥାଏ । ମୋକ୍ଷ ପ୍ରତିପାଦକ ଭାବେ ଏହାର ଶ୍ରେଷ୍ଠତ୍ୱ କାରଣରୁ ଭଗବାନ ବୃହତ୍-ସାମକୁ ନିଜ ସ୍ୱରୂପ ବୋଲି କହିଛନ୍ତି । ଛନ୍ଦୋବଦ୍ଧ କବିତା ମଧ୍ୟରେ ଗାୟତ୍ରୀ ମନ୍ତ୍ର ପ୍ରଧାନ ଅଟେ । ଗାୟତ୍ରୀ ମନ୍ତ୍ର ଛନ୍ଦରୂପରେ ଏକ ସମର୍ପଣାତ୍ମକ ପ୍ରାର୍ଥନା । ଋଷି ବିଶ୍ୱାମିତ୍ର ତୃତୀୟଥର ନିଜ ନିଷ୍ଠାରେ ବିଚଳିତ ହେବାପରେ ଇଷ୍ଟଙ୍କ ପ୍ରତି ସମର୍ପିତ ହୋଇ ଏହି ମନ୍ତ୍ରରେ ପ୍ରାର୍ଥନା କରିଥିଲେ ।**"ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋ ନଃ ପ୍ରଚୋଦୟାତ୍ ।** " ଅର୍ଥାତ୍ ଭୂ, ଭୁବଃ ଏବଂ ସ୍ୱଃ ଏହି ତିନିଲୋକରେ ତତ୍ତ୍ୱରୂପରେ ବ୍ୟାପ୍ତ ହେ ଦେବ ! ଆପଣ ହିଁ ବରେଣ୍ୟ । ଆମ୍ଭକୁ ଏପରି ବୁଦ୍ଧି ପ୍ରଦାନ କରନ୍ତୁ,ଏପରି ପ୍ରେରଣା କରନ୍ତୁ କି, ଆମ୍ଭେ ଲକ୍ଷ୍ୟକୁ ପ୍ରାପ୍ତ କରିନେବୁ । ବେଦରେ ଦେବୀ ଗାୟତ୍ରୀ, ରୁଦ୍ର ଗାୟତ୍ରୀ, ବ୍ରହ୍ମା ଗାୟତ୍ରୀ, ପରମହଂସ ଗାୟତ୍ରୀ- ଏହିପରି

ଭିନ୍ନ ଭିନ୍ନ ଦେବତାଙ୍କ ପ୍ରାର୍ଥନା ନିମନ୍ତେ ଅଲଗା ଅଲଗା ଗାୟତ୍ରୀ ମନ୍ତ୍ରର ଉଲ୍ଲେଖ ରହିଛି । ଗାୟତ୍ରୀ ସମସ୍ତ ବେଦର ମାତା । ପ୍ରାୟଶ୍ଚିତ ବିଧାନ ନିମନ୍ତେ ଗାୟତ୍ରୀଠାରୁ ଅନ୍ୟ କୌଣସି ମହତ୍ୱପୂର୍ଣ୍ଣ ବେଦ ମନ୍ତ୍ର ନାହିଁ । ଗାୟତ୍ରୀ ମନ୍ତ୍ରକୁ ବ୍ରହ୍ମାଙ୍କର ଧ୍ୱନି ଅବତାର ରୂପେ ବିବେଚିତ କରାଯାଇଛି । ଭଗବାନଙ୍କ ପ୍ରତିନିଧିତ୍ୱ କରୁଥିବା କାରଣରୁ ଗାୟତ୍ରୀ ମନ୍ତ୍ର ସିଦ୍ଧତାରେ ସାଧକ ଆଧ୍ୟାତ୍ମିକ ମାର୍ଗର ଦିବ୍ୟସ୍ତରରେ ପ୍ରବେଶ ଲାଭ କରିପାରେ । ବାରମାସ ମଧ୍ୟରେ ମାର୍ଗଶିର ମାସ ସର୍ବୋତ୍ତମ ଭାବେ ବିବେଚିତ କରାଯାଇଛି । ଶସ୍ୟ ଆଦି ଅମଳ ହୋଇ ଘର ମାନଙ୍କରେ ବର୍ଷର ଆହାର ପରିପୂର୍ଣ୍ଣ ହୋଇ ରହିଥିବା ହେତୁ, ମାର୍ଗଶୀର ମାସ ଗୁରୁବାରରେ ମାଆ ଲକ୍ଷ୍ମୀଙ୍କ ବିଶେଷ ଆରାଧନା କରାଯାଇଥାଏ । ମହାଭାରତ କାଳରେ ମାର୍ଗଶୀର ମାସକୁ ବର୍ଷର ପ୍ରାରମ୍ଭ ମାସ ରୂପେ ଗଣନା କରାଯାଉଥିଲା । ଅଧର୍ମର ବିନାଶ ଓ ଧର୍ମର ପ୍ରତିଷ୍ଠା ଲକ୍ଷ୍ୟନେଇ ମାର୍ଗଶୀର ମାସରେ ଆରମ୍ଭ ହୋଇଥିବା ମହାଭାରତ ଯୁଦ୍ଧରେ ଧରା ପାପ ଭାରାରୁ ମୁକ୍ତ ହୋଇଥିବା କାରଣରୁ ଭଗବାନ କୃଷ୍ଣ ଏହି ମାସକୁ ତାଙ୍କର ବିଭୂତି ବୋଲି କହିଛନ୍ତି । ଋତୁ ମାନଙ୍କ ମଧ୍ୟରେ ବସନ୍ତ ଋତୁ, ଋତୁରାଜ ନାମରେ ପ୍ରସିଦ୍ଧ । ଅତି ଶୀତ କିମ୍ବା ଅତି ଉଷ୍ଣ ନ ହେବା କାରଣରୁ ଜଳବାୟୁ ଶରୀର ପ୍ରତି ଆମୋଦ ଦାୟକ ହୋଇଥାଏ । ଏହି ସମୟରେ ବୃକ୍ଷଲତା ଆଦି ପଲ୍ଲବିତ ହୁଅନ୍ତି ଏବଂ ଫୁଲ ଓ ଫଳରେ ଭରି ଉଠନ୍ତି । ଏହି କାଳରେ ଜଡ-ଚେତନ ସମସ୍ତ ବସ୍ତୁରେ ନବଜୀବନ ସଂଚାର ହେଉଥିବା କାରଣରୁ ଏହାକୁ ଭଗବାନ ତାଙ୍କରି ବିଭୂତି ବୋଲି କହିଛନ୍ତି ।

ଦ୍ୟୂତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।
ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ॥୩୬॥

*ଅନ୍ୱୟ: ଅହଂ (ମୁଁ) ଛଳୟତାମ୍ (ଛଳନାକାରୀଙ୍କ ମଧ୍ୟରେ ) ଦ୍ୟୂତଂ (ଯୁଆଖେଳ ରୂପକ ଛଳ ) ତେଜସ୍ୱିନାଂ (ତେଜସ୍ୱୀମାନଙ୍କ ମଧ୍ୟରେ ) ତେଜଃ (ପ୍ରଭାବ) ଅସ୍ମି (ଅଟେ) ଅହଂ (ମୁଁ) ଜୟଃ (ବିଜୟୀ ମାନଙ୍କ ବିଜୟ ) ବ୍ୟବସାୟଃ (ନିଶ୍ଚୟକାରୀଙ୍କ ନିଶ୍ଚୟ – ଉଦ୍ୟମୀ ମାନଙ୍କ ଉଦ୍ୟମ ) ଅସ୍ମି (ଅଟେ) ଅହଂ (ମୁଁ) ସତ୍ତ୍ୱବତାଂ (ବଳବାନ୍ ଙ୍କ -ସାତ୍ତ୍ୱିକ ବ୍ୟକ୍ତିଙ୍କ ) ସତ୍ତ୍ୱମ୍ (ବଳ –ସତ୍ତ୍ୱଗୁଣ ) ଅସ୍ମି (ଅଟେ ) ।*

**ଭାବାର୍ଥ**: ଭ୍ରାନ୍ତ ସୂଚନା, ଭ୍ରାନ୍ତ ଆଶା, ଭ୍ରାନ୍ତ ପ୍ରତିଶ୍ରୁତି ଭଳି ଅନେକ ଛଳନା କ୍ରିୟା ମଧ୍ୟରେ ଦ୍ୟୁତକ୍ରୀଡା ବା ଯୁଆଖେଳ ଏପରି ଏକ ଛଳନା, ଯେଉଁଥିରେ ସଂଶ୍ଲିଷ୍ଟ ବ୍ୟକ୍ତି ସର୍ବସ୍ୱ ହରାଇ ସର୍ବସ୍ୱାନ୍ତ ହୋଇଥିଲେ ମଧ୍ୟ, ପାଇବାର ଆଶା ହିଁ ତାକୁ ଦେଖା ଯାଇଥାଏ । ଠକାମୀ, କପଟ ଆଦି କ୍ରିୟାମାନଙ୍କ ମଧ୍ୟରେ ଦ୍ୟୁତକ୍ରୀଡା ପ୍ରମୁଖ ଏବଂ ଭଗବାନ ଏହାକୁ ତାଙ୍କରି ବିଭୂତି ବୋଲି କହିବାର ତାତ୍ପର୍ଯ୍ୟ ହେଲା; ବର୍ତ୍ତମାନ ଯୁଦ୍ଧର ଏହି ଦ୍ୟୁତକ୍ରୀଡା ହିଁ କାରଣ ରୂପୀ ବୀଜ । ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର, ଗାନ୍ଧାର ନରେଶ ଶକୁନୀଙ୍କ ଅକ୍ଷକ୍ରୀଡା ରୂପକ ଛଳ କବଳରେ ପଡି ରାଜ୍ୟ, ଭ୍ରାତା, ପତ୍ନୀ ସର୍ବସ୍ୱ ହରାଇ, ଶେଷରେ ବନବାସ ଭଳି ଦୁର୍ଦ୍ଦଶା ଭୋଗ କରିବାକୁ ପଡିଥିଲା । ତାତ୍ତ୍ୱିକ ଅର୍ଥରେ ଦେଖିଲେ ଦୋଷଗୁଣ, ଭଲ-ମନ୍ଦ, ସତ୍-ଅସତ୍ ସବୁକିଛି ପରମାତ୍ମାଙ୍କଠାରୁ ହିଁ ଉତ୍ପନ୍ନ । ସାତ୍ତ୍ୱିକ, ରାଜସ ଓ ତାମସ ଗୁଣ ଯୁକ୍ତ କ୍ରିୟାଦ୍ୱାରା ଜୀବ ଓ ପଦାର୍ଥଠାରେ

ଯେଉଁ ବିଶେଷ ଗୁଣ କିମ୍ବା ଦୋଷ-ଦୁର୍ବଳତା ଉତ୍ପନ୍ନ ହୁଏ, ତାହା ସୁଖଦାୟୀ କିମ୍ବା ଦୁଃଖ, ଯନ୍ତ୍ରଣା ଦାୟକ ହୋଇଥାଏ । କିନ୍ତୁ ସେହି ସମସ୍ତରେ ଭଗବାନଙ୍କ ସତ୍ତା, ଶକ୍ତି ଓ ଉଦ୍ଦେଶ୍ୟ ହିଁ ନିହିତ । ଭଗବାନ ଶ୍ରୀକୃଷ୍ଣ ତାଙ୍କରି ଲୀଳାକାଳରେ ଅନେକ ଛଳନାର ଆଶ୍ରୟ ନେଇଛନ୍ତି, ଯାହାର ଅନ୍ତରାଳରେ କେବଳ ଜଗତ କଲ୍ୟାଣ ଉଦ୍ଦେଶ୍ୟ ହିଁ ନିହିତ ରହିଥିଲା । ସାଧକ ଉପଯୋଗୀ ଅର୍ଥରେ ପ୍ରକୃତିର ମୋହିନୀ ଶକ୍ତି' ଦ୍ୟୁତକ୍ରୀଡା ସାଦୃଶ୍ୟ ବିବେକକୁ ଛଳନା କରି ଅପହୃତ କରି ନେଇଥାଏ । ଜଡ ଭରତଙ୍କ ଭଳି ସବୁ ଦେଖି, ସବୁ ଶୁଣି, ସବୁ ଜାଣି ମଧ, ସାଧକ ଅନ୍ଧ, ବଧିର, ମୂକ ହେବାର ଛଳନାକରି ଗୁପ୍ତରେ ଭଗବାନଙ୍କ ଭଜନ କଲେ ହିଁ ପ୍ରକୃତିର ମାୟାରୂପୀ ଛଳକୁ ଜିତି ପାରିବ । ମହାପୁରୁଷଙ୍କ ଦୈବୀ ସମ୍ପତ୍ତିଯୁକ୍ତ ପ୍ରଭାବ ହେଉଛି ତେଜ । ତେଜସ୍ୱୀମାନଙ୍କ ଏହି ତେଜ ବା ପ୍ରଭାବ ହେଉଛି ଭଗବାନଙ୍କ ବିଭୂତି । ବିଜୟୀମାନଙ୍କ ମଧରେ ସେ' ବିଜୟ ଅଟନ୍ତି । ନିଶ୍ଚୟକାରୀମାନଙ୍କ ଯେଉଁ ନିଶ୍ଚୟ ବା ଉଦ୍ୟମୀ ମାନଙ୍କ ନିଷ୍ଠାପର ଉଦ୍ୟମ, ଯାହା ଭଗବାନଙ୍କ ପ୍ରେରଣାରୁ ହିଁ ପ୍ରାପ୍ତ ହୋଇଥାଏ । ବଳବାନ୍ କିମ୍ବା ସତ୍ତ୍ୱଗୁଣବାନ୍ ବ୍ୟକ୍ତି ନିକଟରେ ଯେଉଁ ବଳ ବା ସତ୍ତ୍ୱଗୁଣ ରହିଥାଏ, ସେହି ସବୁ ଭଗବାନଙ୍କ ବିଭୂତି ବୋଲି ଗ୍ରହଣ କରିନେବାକୁ ହେବ ।

ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ॥୩୭॥

*ଅନ୍ୱୟ: ବୃଷ୍ଣୀନାଂ (ବୃଷ୍ଣି ବଂଶୀୟ ମଧରେ) ବାସୁଦେବ ଅସ୍ମି ( 'ମୁଁ' ବସୁଦେବ ସୁତ ଶ୍ରୀକୃଷ୍ଣ) ପାଣ୍ଡବାନାଂ ଧନଞ୍ଜୟଃ (ପାଣ୍ଡବମାନଙ୍କ ମଧରେ ଅର୍ଜୁନ) ମୁନୀନାମପି (ଏବଂ ମୁନିମାନଙ୍କ ମଧରେ ) ଅହଂ (ମୁଁ) ବ୍ୟାସଃ (କୃଷ୍ଣ ଦ୍ୱୈପାୟନ ବ୍ୟାସଦେବ) କବିନାଂ (ପ୍ରସିଦ୍ଧ ବିଚାରମନ୍ତ ବ୍ୟକ୍ତିମାନଙ୍କ ମଧରେ) ଉଶନା କବିଃ (କବି ଶୁକ୍ରାଚାର୍ଯ୍ୟ) ଅସ୍ମି (ଅଟେ) ।*

**ଭାବାର୍ଥ**: ବୃଷ୍ଣିବଂଶରେ 'ମୁଁ' ବାସୁଦେବ ଅର୍ଥାତ୍ ସର୍ବତ୍ର ନିବାସ କରୁଥିବା ଦେବ ଅଟେ । ଭଗବାନ ଶ୍ରୀକୃଷ୍ଣ ଏଠାରେ ନିଜକୁ ଅବତାର ରୂପୀ ନ କହି ବୃଷ୍ଣିବଂଶୀୟ ବାସୁଦେବ ବୋଲି କହିବାର ତାତ୍ପର୍ଯ୍ୟ ଏହା କି, 'ମୁଁ' ଅଜନ୍ମା, ଅବିନାଶୀ, ସମସ୍ତ ଭୂତର ମହେଶ୍ୱର, ସର୍ବଶକ୍ତିମାନ୍, ପୂର୍ଣ୍ଣବ୍ରହ୍ମ, ପୁରୁଷୋତ୍ତମ- ଏହି ମର୍ତ୍ତ୍ୟରେ ବସୁଦେବ ସୁତ ରୂପରେ ଲୀଳାରେ ପ୍ରକଟ ହୋଇଛି । 'ମୁଁ' ହିଁ ଯାଦବକୁଳ ଶ୍ରେଷ୍ଠ ଶ୍ରୀକୃଷ୍ଣ, ମଧମପାଣ୍ଡବ ଅର୍ଜୁନ, ସମସ୍ତ ବୈଦିକ ଶାସ୍ତ୍ରର ପ୍ରଣେତା ବ୍ୟାସଦେବ ଏବଂ 'ମୁଁ' ହିଁ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ।ଏହି ସମସ୍ତଙ୍କ ମଧରେ 'ମୁଁ' ବିଭୂତି ରୂପରେ ପ୍ରକାଶିତ । ନର-ନାରାୟଣ ଅବତାର ରୂପେ ଶ୍ରେଷ୍ଠ ଦେହଧାରୀ ଅର୍ଜୁନ, ନର ରୂପରେ ଭଗବାନ ଶ୍ରୀକୃଷ୍ଣଙ୍କ ପରମପ୍ରିୟ ସଖା ଏବଂ ଅନନ୍ୟପ୍ରେମୀ ଭକ୍ତ । ବିଷ୍ଣୁପୁରାଣ ମତାନୁସାରେ ଆଦିବ୍ୟାସ ନାମରେ ଜଣକ ପରେ ଜଣେ ଅଠେଇଶି ଜଣ ବ୍ୟାସ ଜନ୍ମ ନେଇଛନ୍ତି । ମହାମୁନି ପରାଶର ଓ ମାତା ସତ୍ୟବତୀଙ୍କ ଗର୍ଭରୁ ଜନ୍ମ କୃଷ୍ଣଦ୍ୱୈପାୟନ ବ୍ୟାସ ଭଗବାନଙ୍କ ଅଂଶାବତାର ରୂପେ ବିଖ୍ୟାତ । ଜମ୍ବୁଦ୍ୱୀପରେ କୃଷ୍ଣବର୍ଣ୍ଣ ଶରୀର ଧାରଣ କରି ଜନ୍ମ ହୋଇଥିବାରୁ ମହାନ୍ ତପସ୍ୱୀରୂପେ ତାହାଙ୍କୁ 'କୃଷ୍ଣଦ୍ୱୈପାୟନ' କୁହାଯାଇଛି । ଜନ୍ମହେବା ମାତ୍ରେ ସେ ତପ କରିବା ନିମନ୍ତେ ବନକୁ ଚାଲି ଯାଇଥିଲେ । ବ୍ୟାସଙ୍କ ହୃଦୟ ଏବଂ ବାଣୀର ବିକାଶ ହିଁ ସମସ୍ତ ଜଗତର ଜ୍ଞାନ ପ୍ରକାଶ ଏବଂ ଅବଲମ୍ବନ । ସେ' ଭଗବତ ତତ୍ତ୍ୱର ପୂର୍ଣ୍ଣଜ୍ଞାତା, ତ୍ରିକାଳଦର୍ଶୀ, ଅଦ୍ୱିତୀୟ ମହାକବି ଅଟନ୍ତି । ବ୍ରହ୍ମସୂତ୍ର ରଚୟିତା, ମହାଭାରତ ସାଦୃଶ୍ୟ ଅଲୌକିକ ଗ୍ରନ୍ଥର ପ୍ରଣୟନ ଭଗବାନ ବ୍ୟାସଦେବଙ୍କ ଦ୍ୱାରା ହିଁ ସମ୍ପୂର୍ଣ୍ଣ ହୋଇଛି । ବେଦର ଯଥାଯଥ

ବିଭାଗ, ଅଷ୍ଟାଦଶ ପୁରାଣ ଏବଂ ଅନେକ ଉପ-ପୁରାଣ ବ୍ୟାସଦେବ ରଚନା କରିଛନ୍ତି । ପୁଣ୍ୟଭୂମି ଭାରତର ଇତିହାସ ଏହାର ସାକ୍ଷୀ । ଆଜି ସାରା ସଂସାର ବ୍ୟାସଙ୍କ ଜ୍ଞାନ ପ୍ରସାଦରେ ନିଜ ନିଜ କର୍ତ୍ତବ୍ୟ ମାର୍ଗ ଅନ୍ୱେଷଣ କରିବାରେ ଲାଗି ରହିଛନ୍ତି । କୌଣସି ବିଷୟରେ ଗଭୀର ଭାବେ ଚିନ୍ତନଶୀଳ, ବୁଦ୍ଧିମାନ, ଦୂରଦ୍ରଷ୍ଟା ଙ୍କୁ କବି କୁହାଯାଏ । ମହର୍ଷି ଭୃଗୁଙ୍କ ଚ୍ୟବନ ଆଦି ସପ୍ତ ପୁତ୍ରଙ୍କ ମଧ୍ୟରେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ଯୋଗବିଦ୍ୟାରେ ନିପୁଣ ଏବଂ ମହାନ୍ ବିଚାରବନ୍ତ । ଭଗବାନ ଶଙ୍କରଙ୍କ ଆରାଧନକରି ସେ' ସଞ୍ଜିବନୀ ବିଦ୍ୟା ଏବଂ ଜରା-ମରଣ ରହିତ ବଜ୍ର ସମାନ ଦୃଢ ଶରୀର ପ୍ରାପ୍ତ ହୋଇଛନ୍ତି । ତାଙ୍କରି ଶୁକ୍ରନୀତି ଅତି ପ୍ରସିଦ୍ଧ । ଏହିପରି ଅନେକ ଗୁଣ ସମ୍ପନ୍ନ ହୋଇଥିବାରୁ, ଭଗବାନ ତାହାଙ୍କୁ ନିଜ ବିଭୂତି ବୋଲି କହିଛନ୍ତି ।

ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।
ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ॥୩୮॥

*ଅନ୍ୱୟ: ଅହଂ (ମୁଁ) ଦମୟତାଂ (ଦମନକାରୀଙ୍କ) ଦଣ୍ଡଃ ଅସ୍ମି (ଦଣ୍ଡନୀତି ଅଟେ ) ଜିଗୀଷତାମ୍ (ଜୟ ଅଭିଳାଷୀମାନଙ୍କ ମଧ୍ୟରେ) ନୀତି ଅସ୍ମି (ନ୍ୟାୟ,ଧର୍ମ ପର୍ଯ୍ୟବେଶିତ ନୀତି ଅଟେ ) ଗୁହ୍ୟାନାଂ (ଗୋପନୀୟ ରଖିବା ଭାବ,ବିଷୟ ଗୁଡିକ ମଧ୍ୟରେ ) ମୌନଂ ଏବ (ମୌନରୂପେ ରହିବା –ନୀରବତା) ଅସ୍ମି (ହେଉଛି 'ମୁଁ') ଚ (ଏବଂ) ଜ୍ଞାନବତାମ୍ ( ଜ୍ଞାନବାନ୍ ମାନଙ୍କର ) ଜ୍ଞାନଂ (ସେହି ତତ୍ତ୍ୱବୋଧ ଜ୍ଞାନ ) ଅହଂ (ମୁଁ) ।*

**ଭାବାର୍ଥ**: ସମାଜରେ ନାଗରିକ ମାନଙ୍କୁ ନିଜ ନିଜ ମର୍ଯ୍ୟାଦାରେ ସୁରକ୍ଷିତ ରଖିବା, ରାଷ୍ଟ୍ରମୁଖ୍ୟ ତଥା ପ୍ରଶାସନ ଅଧିକାରୀଙ୍କ କର୍ତ୍ତବ୍ୟ । ଏଥି ନିମନ୍ତେ ଶତ୍ରୁ, ଅଧର୍ମୀ ତଥା ବିଶୃଙ୍ଖଳାକାରୀଙ୍କ ଦମନ ନିମନ୍ତେ ସାମ, ଦାମ, ଦଣ୍ଡ, ଭେଦ –ଏହି ନାମରେ ଚାରି ନୀତି (ଉପାୟ) ଶାସ୍ତ୍ରରେ ଉଲ୍ଲେଖ ରହିଛି । 'ସାମ' ହେଲା ବୁଦ୍ଧି କୌଶଳଦ୍ୱାରା (କୂଟନୀତି), 'ଦାମ' ହେଲା ବଳ ପ୍ରୟୋଗ ଦ୍ୱାରା, 'ଭେଦ' ହେଲା ବିଭକ୍ତି କରଣ ଦ୍ୱାରା ଏବଂ ଦଣ୍ଡ ହେଲା ଶାରୀରିକ, ମାନସିକ ତଥା ଆର୍ଥୀକ ପୀଡାର ଭୟ ଦେଖାଇ ନିୟମ ଭଙ୍ଗକାରୀଙ୍କୁ ଦମନ କରିବା ଉପାୟ । ଏଥି ମଧ୍ୟରେ ଦଣ୍ଡନୀତି ସବୁଠାରୁ ଫଳପ୍ରଦ, କାରଣ ଏହାଦ୍ୱାରା ଦଣ୍ଡ ଓ କ୍ଷତିକୁ ଦୃଷ୍ଟିରେ ରଖି ଅନ୍ୟାୟ, ହିଂସା ଆଦି ଦୋଷରୁ ନିବୃତ୍ତ ରହିବା ସମ୍ଭବ ହୋଇଥାଏ । ଭଗବାନଙ୍କ ମଧ୍ୟ ଏହି ମତ କି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ସମୁଦ୍ର, ଦେବତା, ଯକ୍ଷ, ଅସୁର ସମେତ ସମସ୍ତ ଜୀବ ଏହି ଦଣ୍ଡନୀତି କାରଣରୁ ନିଜ ନିଜ ମର୍ଯ୍ୟାଦାକୁ ଉଲଙ୍ଘନ କରି ନ ଥାନ୍ତି । ବିଜୟକାମୀଙ୍କ ନିମନ୍ତେ ଧର୍ମ, ନ୍ୟାୟ ଓ ନୈତିକତା ଆଚରଣ ହେଉଛି ମୋର ସ୍ୱରୂପ ଏବଂ ନିଶ୍ଚିତ ବିଜେତାର ପରମ ସୂତ୍ର । ଯେଉଁ ବ୍ୟକ୍ତି, ରାଜା ବା ରାଷ୍ଟ୍ରମୁଖ୍ୟ ଅନ୍ୟାୟ, ଅଧର୍ମ, ଭ୍ରଷ୍ଟାଚାର ଆଦିର ଆଶ୍ରୟନେଇ ନୀତିକୁ ପରିତ୍ୟାଗ କରିଥାନ୍ତି, ତାଙ୍କରି ପତନ ଅବଶ୍ୟମ୍ଭାବୀ । ଗୋପନୀୟ ମାନଙ୍କ ମଧ୍ୟରେ ମନନଶୀଳତା 'ମୁଁ' । ଅର୍ଥାତ୍ ଯଦି କୌଣସି ବିଷୟକୁ ଗୁପ୍ତ ରଖିବାକୁ ପ୍ରୟାସ କରାଯାଏ, ତାହାହେଲେ ସେହି ସମ୍ବନ୍ଧରେ ବାକ୍ ସଂଯମତା ପ୍ରଧାନ । ତେଣୁ ଭଗବାନ ଗୁପ୍ତ ବ୍ୟାପାରରେ ମୌନ ହିଁ ଶ୍ରେଷ୍ଠ ବୋଲି କହିଛନ୍ତି । ଅଧ୍ୟାତ୍ମମାର୍ଗରେ ମଧ୍ୟ ଶ୍ରବଣ, ମନନ, ନିଦିଧ୍ୟାସନ ଆଦି ଗୁପ୍ତ ସାଧନ ମଧ୍ୟରେ ମୌନ ହେଉଛି ଅତ୍ୟନ୍ତ ଉପଯୋଗୀ, କାରଣ ମୌନ ଦ୍ୱାରା ମନ ପ୍ରଶାନ୍ତ ରହେ ଏବଂ ଚିତ୍ତ ନିରୁଦ୍ଧ ସ୍ଥିତିରେ ପ୍ରବେଶ କରେ । ତେଣୁ ଇଷ୍ଟମନ୍ତ୍ର ଆଦି ସାଧନ କ୍ରିୟାକୁ ବାହ୍ୟରେ ପ୍ରକାଶ ନ କରି ଗୁପ୍ତ ରଖିବାରେ ସିଦ୍ଧି ପ୍ରାପ୍ତି ସମ୍ଭବ ହୋଇଥାଏ । ଯାହାର ପରଂବ୍ରହ୍ମ ପରମାତ୍ମାଙ୍କ ସାକ୍ଷାତ୍କାର ହୋଇଛି, ସେହି ମହାତ୍ମାଙ୍କ ଯେଉଁ ତତ୍ତ୍ୱଜ୍ଞାନ ତାହା ମଧ୍ୟ 'ମୁଁ' । ତେଣୁ ଭଗବାନ ଆଗରୁ ସପ୍ତମ ଅଧ୍ୟାୟରେ କହିଛନ୍ତି କି, ଆର୍ତ୍ତ, ଜିଜ୍ଞାସୁ,

ଅର୍ଥାର୍ଥୀ ଓ ଜ୍ଞାନୀଙ୍କ ମଧ୍ୟରୁ ଜ୍ଞାନୀ ଅର୍ଥାତ୍ ପ୍ରେମୀଭକ୍ତ ହେଉଛି ସାକ୍ଷାତ୍ ମୋର ସ୍ୱରୂପ କାରଣ ସେ' ଯୁକ୍ତାତ୍ମା ଏବଂ ମୋ'ଠାରେ ଦୃଢଭାବରେ ସ୍ଥିତ ।

ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।
ନ ତଦସ୍ତି ବିନା ଯସ୍ୟାନ୍ମୟା ଭୂତଂ ଚରାଚରମ୍ ॥୩୯॥

*ଅନ୍ୱୟ: ଅର୍ଜୁନ (ହେ ଅର୍ଜୁନ!) ସର୍ବଭୂତାନାଂ (ସମସ୍ତ ପ୍ରାଣୀଙ୍କ) ଯତ୍ ଚ (ଯାହା କିଛି) ବୀଜମ୍ (ଉତ୍ପନ୍ନକାରୀ-ମୂଳ କାରଣ ରହିଛି ) ତତ୍ ଅପି (ତାହା ମଧ୍ୟ ) ଅହଂ (ମୁଁ ) ତତ୍ (ସେହି) ଚରାଚରମ୍ (ସ୍ଥାବର-ଜାଙ୍ଗମାତ୍ମକ) ଭୂତଂ (କୌଣସି ପ୍ରାଣୀ) ନ, ଅସ୍ତି (ନାହିଁ) ଯତ୍ (ଯିଏ) ମୟା ବିନା (ମୋ ବିନା ) ସ୍ୟାତ (ରହିଛି )[ଅର୍ଥାତ୍ ଚର ଓ ଅଚର ସବୁକିଛି 'ମୁଁ' ] ।*

**ଭାବାର୍ଥ**: ହେ ଅର୍ଜୁନ ! ସ୍ଥାବର-ଜଙ୍ଗମ ଆଦି ସର୍ବ ଭୂତର ଆତ୍ମା ସ୍ୱରୂପ ମୁଁ । ସଚରାଚରରେ ଏପରି କିଛି ପ୍ରାଣୀ ବା ପଦାର୍ଥ ନାହିଁ ଯାହା ମୋ ବିନା ସତ୍ତାବାନ୍ ହୋଇପାରେ । ମର୍ତ୍ତ୍ୟଲୋକରେ ଚଉରାଅଶି ଲକ୍ଷ ଯୋନି ବ୍ୟତୀତ ଦେବତା, ଗନ୍ଧର୍ବ, ଯକ୍ଷ, ଭୂତ, ପିଶାଚ ଆଦି ଅନେକ ଯୋନି ରହିଛି । ସେହି ସମସ୍ତ ଯୋନିର ବୀଜ ଅର୍ଥାତ ମୂଳକାରଣ ସ୍ୱୟଂ ପରମାତ୍ମା । ମହତ୍ ବ୍ରହ୍ମ ରୂପରେ ସେହି ପରମାତ୍ମା ହିଁ ସମଗ୍ର ବ୍ରହ୍ମାଣ୍ଡର ଅନନ୍ତ ଜୀବ ଯୋନିର ଏକମାତ୍ର ବୀଜ । ସଂସାରରେ ସେ' ହିଁ ନିମିତ୍ତ କାରଣ ଓ ଉପାଦାନ କାରଣ । ସ୍ରଷ୍ଟା ଓ ସୃଷ୍ଟି ରୂପରେ ଏକମାତ୍ର ପରମାତ୍ମା ହିଁ ସର୍ବତ୍ର ବିରାଜମାନ । ବସ୍ତୁ, ବ୍ୟକ୍ତି, ଘଟଣା, ପରିସ୍ଥିତି ଇତ୍ୟାଦି ଯାହାକିଛି ଦୃଶ୍ୟ ଓ ଶ୍ରାବ୍ୟ ସମ୍ମୁଖକୁ ଆସୁଛି, ସେଥିରେ ଭଗବାନ ନାରାୟଣ ସ୍ଥିତ ଅଟନ୍ତି । ଭଗବାନ ଅର୍ଜୁନଙ୍କ "କେଉଁ କେଉଁ ରୂପରେ 'ମୁଁ' ଆପଣଙ୍କୁ ଚିନ୍ତନ କରି ପାରିବି ?"- ପ୍ରଶ୍ନର ଉତ୍ତର ରଖିଛନ୍ତି କି, ତୁମ ମନରେ ଯାହା କିଛି ଚିନ୍ତନ ହେଉଛି, ସବୁ କିଛି 'ମୁଁ' । ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ଏହି ଧାରଣା ଦୃଢ କରିବାକୁ ହେବ କି, ଭଗବାନ ହିଁ ସଂସାର ରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ଯେଉଁ ବିଶେଷତା ବା ବିଲକ୍ଷଣ ସବୁ ବ୍ୟକ୍ତି, ବସ୍ତୁ ଆଦିର ବୋଲି ନ ଭାବି, ତାହା ଭଗବାନଙ୍କ ଦିବ୍ୟସତ୍ତା ବୋଲି ଗ୍ରହଣ କରିନେଲେ ମନରେ ଅହନ୍ତା, ଇର୍ଷା, ରାଗ, ଦ୍ୱେଷ ଆଦି ଦୋଷ ଆସିବ ନାହିଁ । "ଭଗବାନଙ୍କ ସତ୍ତା ଅତିରିକ୍ତ ଚରାଚରରେ କୌଣସିର ସ୍ଥିତି ବା ବିଶେଷତା ପରିଲକ୍ଷିତ ହେଉଛି" - ଏହା ମିଥ୍ୟା ଅଟେ । ପରମାତ୍ମା ସର୍ବତ୍ର ବ୍ୟାପ୍ତ ।

ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।
ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥୪୦॥

*ଅନ୍ୱୟ: ପରନ୍ତପ ( ହେ ଶତ୍ରୁଜୟୀ ଅର୍ଜୁନ !) ମମ ଦିବ୍ୟାନାଂ (ମୋର ଦିବ୍ୟ ବିଭୂତି ସମୂହର) ଅନ୍ତଃ ନ ଅସ୍ତି (ଅନ୍ତ ନାହିଁ) ମୟା (ମୋ ଦ୍ୱାରା) ବିଭୂତେଃ (ବିଭୂତିମାନଙ୍କର) ବିସ୍ତରଃ (ବର୍ଣ୍ଣନା କରି ) ପ୍ରୋକ୍ତଃ (ଯାହା କୁହାଗଲା) ଏଷଃ ତୁ (ଏହା ତ କେବଳ ) ଉଦ୍ଦେଶତଃ (ସଂକ୍ଷେପ ମାତ୍ର) ।*

**ଭାବାର୍ଥ**: ହେ ଶତ୍ରୁବିଜୟୀ ଅର୍ଜୁନ ! ମୋର ଦିବ୍ୟ ବିଭୂତିମାନଙ୍କର ଅନ୍ତ ନାହିଁ । ମୋର ବିଭୂତି ରୂପର ବିସ୍ତାର ଯାହା ସବୁ କହିଲି; ସେ ସମସ୍ତ କ୍ଷୀଣ ଆଭାସ ମାତ୍ର । ତୁମ୍ଭର ଦିବ୍ୟଦର୍ଶନ ନିମନ୍ତେ ଏହି ସବୁ କେବଳ ଉଦାହରଣ ମାତ୍ର । ଭଗବାନ ସ୍ୱୟଂ ଅନନ୍ତ ଏବଂ ତାଙ୍କରି ଦିବ୍ୟ ବିଭୂତି, ଗୁଣ, ଲୀଳା ପ୍ରଭୃତି ମଧ୍ୟ ଅନନ୍ତ –"ହରି ଅନନ୍ତ, ହରି କଥା ଅନନ୍ତା( ମାନସ)" । ତେଣୁ ଭଗବାନ ଦିବ୍ୟ ବିଭୂତି ବର୍ଣ୍ଣନର ଉପସଂହାର କରି କହୁଛନ୍ତି କି, ଯାହା ସବୁ ମୁଁ କହିଲି ସେ ସବୁ ଲୌକିକ ଦୃଷ୍ଟିରୁ ବିସ୍ତୃତ, କିନ୍ତୁ ମୋର ମତରେ ନାମକୁ ମାତ୍ର । ସଂସାରର ସମ୍ବନ୍ଧ, ମହତ୍ତ୍ୱ, ବିଶେଷତା ଏବଂ ନ୍ୟୁନତା ହିଁ ମନୁଷ୍ୟକୁ ବନ୍ଧନରେ ପକାଇ ଥାଏ । ଏହି ସବୁ

ଭଗବାନଙ୍କ ରୂପ ଏବଂ ତାଙ୍କରି ଇଚ୍ଛାରେ ହେଉଛି ବୋଲି ଭଗବଦ୍ ବୁଦ୍ଧିରେ ଗ୍ରହଣ କଲେ "ବାସୁଦେବଃ ସର୍ବଂ" ଅନୁଭବ ପ୍ରାପ୍ତ ହେବ ।

ଯଦ୍ ଯଦ୍ ବିଭୂତିମସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ।।୪୧।।

*ଅନ୍ୱୟ :ବିଭୂତିମତ୍ (ଐଶ୍ୱର୍ଯ୍ୟ ଯୁକ୍ତ) ଶ୍ରୀମତ୍ (ସୌନ୍ଦର୍ଯ୍ୟ ବା ସମ୍ପତ୍ତି ବିଶିଷ୍ଟ ) ଉର୍ଜିତମେବ ବା (କିମ୍ବା ଅତିଶୟ ବଳ-ପ୍ରଭାବ ସମ୍ପନ୍ନ ) ଯଦ୍ ଯଦ୍ (ଯେଉଁ ଯେଉଁ ) ସତ୍ତ୍ୱଂ (ପ୍ରାଣୀ ଓ ପଦାର୍ଥ ଅଛନ୍ତି ) ତତ୍ ତତ୍ ଏବ (ସେହି ସମସ୍ତଙ୍କୁ) ତ୍ୱମ୍ (ତୁମେ) ମମ ଏବ (ମୋର ହିଁ ତେଜଃ-ଅଂଶ (ତେଜ ବା ଯୋଗ ଶକ୍ତିର ଅଂଶରୁ) ସଂଭବମ୍ (ଉତ୍ପନ୍ନ) ଅବଗଚ୍ଛ (ବୋଲି ବୁଝିନିଅ )*

**ଭାବାର୍ଥ**: ଐଶ୍ୱର୍ଯ୍ୟ ଯୁକ୍ତ, ସୌନ୍ଦର୍ଯ୍ୟ ଅଥବା ଧନ ସମ୍ପଦ ବିଶିଷ୍ଟ, ଅତିଶୟବଳ କିମ୍ବା ପ୍ରଭାବ ସମ୍ପନ୍ନ ବ୍ୟକ୍ତି ବା ପଦାର୍ଥ ଯାହାସବୁ ସଂସାରରେ ଦେଖା ଯାଆନ୍ତି, ସେହି ସମସ୍ତ ମୋର ତେଜ ବା ଯୋଗଶକ୍ତିରୁ ଉତ୍ପନ୍ନ ବୋଲି ତୁମେ ବୁଝିନିଅ । 'ଯଦ୍ ଯଦ୍' ପଦରେ ଭଗବାନ ତିନି କାଳର ବିଭୂତି ସମୂହକୁ ସୁଚାଇଛନ୍ତି । ସମୂହ ଭାବେ ନିଜ ବିଭୂତିଗୁଡିକୁ ଚିହ୍ନିବାର ଲକ୍ଷଣ ଭଗବାନ ଏହି ଶ୍ଳୋକରେ କହିଛନ୍ତି । ସଂସାରରେ ଯାହା ସବୁ ଆକର୍ଷଣୀୟ ପ୍ରତିଭା ବା ବସ୍ତୁ ରହିଛି, ମୋର ଉର୍ଜାଶକ୍ତି ସେଥିରେ ନିହିତ ଏବଂ ସେ ସମସ୍ତ ମୋର ଅଂଶ, ମୋର ହିଁ ପ୍ରଭାବ । ଯାହାକିଛି ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀସମ୍ପନ୍ନ ବା ବିଶେଷ ଶକ୍ତି ସମ୍ପନ୍ନ, ସେ ସମସ୍ତ ହିଁ ମୋ ଶକ୍ତିର ସାମାନ୍ୟ ପ୍ରକାଶ ବୋଲି ଜାଣିବ । ମୋର ତେଜର ଏକ ଅଂଶରୁ ସମସ୍ତ ବିଭୂତି ଉତ୍ପତ୍ତି । ଏହି ବିଶ୍ୱ ବ୍ରହ୍ମାଣ୍ଡ ଭଗବାନଙ୍କ ଏକ ଆଂଶିକ ପ୍ରକଟ ଅଟେ । କୌଣସି ଏକ ବାରଙ୍ଗନା ନାରୀର ସୁମଧୁର ଗାନ ଶୁଣି ସନ୍ଥ ଜଣକ କହିଲେ; ଆହା ! ପ୍ରଭୁ କେତେ ସୁନ୍ଦର କଣ୍ଠ ଦେଇଛନ୍ତି । ସନ୍ଥଙ୍କ ଦୃଷ୍ଟି ବରାଙ୍ଗନା ନାରୀ ଆଡକୁ ନ ଯାଇ ଭଗବାନଙ୍କ ଦିଗକୁ ଗଲା । ତାହାରି କଣ୍ଠରେ ଯେଉଁ ଆକର୍ଷଣ ଓ ଲାଳିତ୍ୟ ଅଛି, ତାହା ଭଗବାନଙ୍କ ବୋଲି ମହାତ୍ମାଙ୍କ ବୋଧ ହୋଇଥିଲା । ଜଣେ ଆଚାର୍ଯ୍ୟଙ୍କ ଉତ୍ତମଭାବେ ଶିକ୍ଷା ଦେବାର ଶକ୍ତି ଆଚାର୍ଯ୍ୟଙ୍କ ନୁହେଁ, ତାହା ଭଗବାନଙ୍କର ଦିବ୍ୟ ଶକ୍ତିର ଅଂଶ । ଶ୍ରଦ୍ଧା ଓ ରୁଚିଗତ ପାର୍ଥକ୍ୟ କାରଣରୁ ସମସ୍ତଙ୍କ ଆକର୍ଷଣ ଭିନ୍ନ ଭିନ୍ନ ହେଲେ ମଧ୍ୟ, ସବୁଥିରେ ସେହି ପରମାତ୍ମାଙ୍କ ଉର୍ଜା ବିଦ୍ୟମାନ । ପରମାତ୍ମା ସକଳ ଶକ୍ତି, କଳା, ବିଦ୍ୟା ଆଦିର ଅଦ୍ଭୁତ ଭଣ୍ଡାର । ମୁକ୍ତି, ଜ୍ଞାନ, ଇତ୍ୟାଦି ସବୁ କିଛି ସେହି ପରମାତ୍ମାଙ୍କ ଦାନ । ଯେଉଁ ସତ୍ତ୍ୱ ବୀଜରେ ଥାଏ, ତାହା ବୃକ୍ଷଟି ବିକଶିତ ହେଲାପରେ ପତ୍ର, ଫୁଲ, ଫଳ ରୂପରେ ଦେଖାଯାଏ । ସେହିପରି ପରମାତ୍ମାଙ୍କ ସ୍ୱରୂପ ହିଁ ଜୀବର ପୂର୍ଣ୍ଣ ବିକାଶରେ ପ୍ରକାଶ ପାଇଥାଏ । ଜୀବକୁ ସବୁକିଛି ଦେଇ ସୁଦ୍ଧା ଭଗବାନ ନିଜକୁ ପ୍ରକାଶିତ କରନ୍ତି ନାହିଁ । ଏହା ହିଁ ଭଗବାନଙ୍କ ବିଶେଷତା ଏବଂ ସ୍ୱଭାବ ।

ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ।
ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ।।୪୨।।

*ଅନ୍ୱୟ: ଅଥବା (ଅଥବା) ଅର୍ଜୁନ (ହେ ଅର୍ଜୁନ!) ଏତେନ (ଏହିପରି) ବହୁନା (ବିସ୍ତାରିତ ଭାବରେ ) ଜ୍ଞାତେନ (ଜାଣିବାର) ତବ (ତୁମର) କିଂ(କି ପ୍ରୟୋଜନ) ? ଅହଂ (ମୁଁ ନିଜେ) ଏକାଂଶେନ (ମୋର କୌଣସି ଏକ ଅଂଶରେ) ଇଦଂ (ଏହି) କୃତ୍ସ୍ନଂ (ସମଗ୍ର) ଜଗତ୍ (ଜଗତକୁ) ବିଷ୍ଟଭ୍ୟ (ବ୍ୟାପ୍ତକରି ) ସ୍ଥିତଃ (ସ୍ଥିତ) । [ଅର୍ଥାତ୍ ଅନନ୍ତ ବ୍ରହ୍ମାଣ୍ଡ ମୋର କୌଣସି ଏକ ଅଂଶରେ ସ୍ଥିତ । ]*

**ଭାବାର୍ଥ**: ଏହି ଶ୍ଳୋକରେ ଭଗବାନ ବ୍ରହ୍ମ ଅତିରିକ୍ତ ଦ୍ୱିତୀୟ ବସ୍ତୁ ନାହିଁ ବୋଲି ବୁଝାଇ, ତାଙ୍କର ସର୍ବ ପୂର୍ଣ୍ଣତ୍ୱକୁ ସିଦ୍ଧ କରିଛନ୍ତି । ଭଗବାନ କହୁଛନ୍ତି; ହେ ଅର୍ଜୁନ ! ମୋର ଏହି ବିଭୂତି ସମୂହକୁ ବିସ୍ତାରିତ ଭାବରେ ତୁମେ

ଜାଣିବାର କଣ ପ୍ରୟୋଜନ ? ମୋର କେବଳ ଗୋଟିଏ ପାଦରେ ଏହି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ପରିବ୍ୟାପ୍ତ ହୋଇ ରହିଛି ଏବଂ ଅବଶିଷ୍ଟ ତିନି ପାଦ ଅନଭିବ୍ୟକ୍ତ ଯାହା ମୋର ନିରାକାର ନିର୍ଗୁଣ ବ୍ରହ୍ମ ସ୍ୱରୂପକୁ ପ୍ରତିପାଦିତ କରେ । ଏହାର ତତ୍ପର୍ଯ୍ୟ ହେଲା; ବ୍ରହ୍ମ ତୁଳନାରେ ଏହି ବିଶ୍ୱ ବ୍ରହ୍ମାଣ୍ଡ ଅତି କ୍ଷୁଦ୍ର । ଅନନ୍ତକୋଟି ବ୍ରହ୍ମାଣ୍ଡ ମହାସର୍ଗ ଓ ମହାପ୍ରଳୟ ଅବସ୍ଥାରେ ମୋର ଶରୀରର କୌଣସି ଏକ ଅଂଶରେ ସ୍ଥିତ । "ଏକାଂଶେନ ସ୍ଥିତୋ ଜଗତ୍" ଏହି ଉକ୍ତି ଦ୍ୱାରା ଏକମାତ୍ର ବ୍ରହ୍ମ ହିଁ ସର୍ବତ୍ର ବିଦ୍ୟମାନ, ତାହା ବୁଝିବାକୁ ପଡିବ । ବ୍ରହ୍ମ କସ୍ମିନ କାଳେ ଖଣ୍ଡିତ ନୁହନ୍ତି । 'ବ୍ରହ୍ମ' ବ୍ୟକ୍ତ, ଅବ୍ୟକ୍ତ, ଅଂଶ, ଅଂଶୀ ସବୁଥିରେ ପରିପୂର୍ଣ୍ଣ । ଏହି ତତ୍ତ୍ୱକୁ ବୁଝି ଗଲାପରେ, ଆଉ କିଛି ଜାଣିବାର ଶେଷ ରହି ନ ଥାଏ । ଶ୍ରୀ ଭଗବାନ ଏହି ବିଭୂତିଯୋଗ ଅଧ୍ୟାୟର ଆରମ୍ଭରେ ହିଁ କହିଛନ୍ତି – ମୋର ସ୍ୱରୂପ ତତ୍ତ୍ୱ ଦେବତାମାନେ ମଧ୍ୟ ଜାଣନ୍ତି ନାହିଁ । କାରଣ ମୁଁ ସେମାନଙ୍କର ମଧ୍ୟ ଆଦି କାରଣ, ଅର୍ଥାତ ଦେବତାଗଣ ମଧ୍ୟ ଶ୍ରୀ ଭଗବାନଙ୍କଠାରୁ ଉଦ୍ଭୁତ । ସେଥିପାଇଁ ଶ୍ରୀ ଭଗବାନ କୃପାପରବଶ ହୋଇ- ଅର୍ଜୁନଙ୍କୁ ଲକ୍ଷ୍ୟକରି ଜଗଦବାସୀଙ୍କୁ ତାଙ୍କୁ ପାଇବାର ମାର୍ଗ ଦର୍ଶାଇ କହିଛନ୍ତି; "ଯେଉଁମାନେ ମୋଠାରେ ସର୍ବଦା ଯୁକ୍ତ ଏବଂ ପ୍ରେମ ପୂର୍ବକ ମୋ ଭଜନାରେ ରତ, ସେହି ଭକ୍ତକୁ ମୁଁ ଏହିପରି ବୁଦ୍ଧିଯୋଗ ପ୍ରଦାନ କରେ, ଯାହାଦ୍ୱାରା ସେମାନେ ମୋତେ ପ୍ରାପ୍ତ ହୁଅନ୍ତି" । ଭଗବାନଙ୍କ ଏହି ବିଭୂତି ସ୍ୱରୂପର ମାହାତ୍ମ୍ ବୁଝିପାରି ଅର୍ଜୁନ ବହୁତ ପ୍ରସନ୍ନ ହୋଇ ଉଠିଲେ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କଲେ । ବିଭୂତି ସମ୍ବନ୍ଧରେ ସଂଶୟ ନଷ୍ଟ ହେଲାଭଳି ବୋଧକରି ବର୍ତ୍ତମାନ ଭଗବାନଙ୍କ ସେହି ବିଭୂତି ସ୍ୱରୂପକୁ ସ୍ୱଚକ୍ଷୁରେ ଦେଖିବା ନିମନ୍ତେ ଅର୍ଜୁନଙ୍କ ମନରେ ଅଭିଳାଷ ଜାତ ହୋଇଛି । ଆଗକୁ ଏକାଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅତ୍ୟନ୍ତ କୃପା ପରବଶ ହୋଇ ଅର୍ଜୁନଙ୍କୁ ବିଭୂତିମାନଙ୍କର ସାକ୍ଷାତ୍ ଦର୍ଶନ କରାଇଛନ୍ତି ।

ଓଁତତ୍ସଦିତି ଶ୍ରୀମଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ବିଭୂତିଯୋଗୋ ନାମ ଦଶମୋଽଧ୍ୟାୟଃ ॥୧୦॥

ଏହି ପ୍ରକାରେ "ଓଁ,ତତ୍ ,ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗଶାସ୍ତ୍ରମୟ ଶ୍ରୀମଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ବିଭୂତିଯୋଗ' ନାମକ ଦଶମ ଅଧ୍ୟାୟ ପୂର୍ଣ୍ଣ ହେଲା ॥୧୦॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

ଶ୍ରୀ ପରମାତ୍ମନେ ନମଃ ॥

ଅଥୈକାଦଶୋଽଧ୍ୟାୟଃ (ଏକାଦଶଅଧ୍ୟାୟ )

(ବିଶ୍ୱରୂପ ଦର୍ଶନ ଯୋଗଃ)

ଅର୍ଜୁନ ଉବାଚ

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।

ଯତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ॥୧॥

*ଅନ୍ୱୟ: ମଦନୁଗ୍ରହାୟ (ମୋ ପ୍ରତି କେବଳ କୃପା କରିବା ନିମିତ୍ତ) ତ୍ୱୟା (ଆପଣଙ୍କ ଦ୍ୱାରା) ଯତ୍ (ଯେଉଁ) ପରମଂ ଗୁହ୍ୟଂ (ଅତ୍ୟନ୍ତ ଗୋପନୀୟ) ଅଧ୍ୟାତ୍ମ ସଂଜ୍ଞିତମ୍ (ଆତ୍ମବିଭୂତି ବିଷୟକ) ବଚଃ (ବାକ୍ୟ-ବଚନ) ଉକ୍ତଂ(କଥିତ ହେଲା) ତେନ (ତାହା ଦ୍ୱାରା ) ମମ (ମୋର) ଅୟଂ (ଏହି) ମୋହଃ (ମୋହ-ଭ୍ରମ) ବିଗତଃ (ବିନଷ୍ଟ ହୋଇଛି ) ।*

**ଭାବାର୍ଥ**: ଏହି ଅଧ୍ୟାୟର ଅଧିକାଂଶ ବିଶ୍ୱରୂପ ଦର୍ଶନ ସମ୍ବନ୍ଧୀୟ ଏବଂ ଏହାର ସ୍ତବନ ପ୍ରକରଣ କାରଣରୁ ଏହି ଅଧ୍ୟାୟର ନାମ "ବିଶ୍ୱରୂପ ଦର୍ଶନ ଯୋଗ" ରଖାଯାଇଛି । ପ୍ରଥମ ଚାରି ଶ୍ଳୋକ ଅର୍ଜୁନ ଭଗବାନ ଦେଇଥିବା ଉପଦେଶର ପ୍ରଶଂସା କରି ବିଶ୍ୱରୂପ ଦର୍ଶନ କରାଇବା ନିମନ୍ତେ ପ୍ରାର୍ଥନା କରିଛନ୍ତି । ପୂର୍ବ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ସମଗ୍ର ବ୍ରହ୍ମାଣ୍ଡ ମୋର ମାତ୍ର ଏକ ଅଂଶରେ ଧାରଣ ହୋଇ ରହିଛି ବୋଲି ଭଗବାନଙ୍କ ଠାରୁ ଶୁଣି, ପ୍ରସନ୍ନତା ପୂର୍ବକ ଅର୍ଜୁନଙ୍କ ମନରେ ଶ୍ରୀକୃଷ୍ଣଙ୍କ ଶରୀରରେ ପରମେଶ୍ୱରଙ୍କ ବିଶ୍ୱାତ୍ମକ ରୂପ ଦର୍ଶନ କରିବାକୁ ଇଚ୍ଛା ଜାଗ୍ରତ ହୋଇଛି । ଭଗବାନଙ୍କ କୃପା ଅନୁଭବ କରି ଭାବ ବିହ୍ୱଳ ହୋଇ ଅର୍ଜୁନ କହିବାକୁ ଲାଗିଲେ; ହେ ଭଗବନ୍ ! ଆପଣ ମୋ ପ୍ରତି କେବଳ କୃପା କରିବା ନିମିତ୍ତ ଆତ୍ମ- ବିଭୂତି ସମ୍ବନ୍ଧୀୟ ଯେଉଁ ଅତ୍ୟନ୍ତ ଗୋପନୀୟ ତତ୍ତ୍ୱ ବର୍ଣ୍ଣନା କଲେ, ତାହା ଶ୍ରବଣ କରି ମୋର ମୋହ ବିଦୂରିତ ହେବାର ମୁଁ ଅନୁଭବ କରୁଛି । ଭଗବାନଙ୍କ ଠାରୁ ବିଭୂତି ସମ୍ବନ୍ଧୀୟ ସମ୍ୟକ ଜ୍ଞାନ ଶ୍ରବଣକରି ଅର୍ଜୁନ ଶ୍ରୀ କୃଷ୍ଣଙ୍କୁ ସାଧାରଣ ମାନବ

ତଥା ତାଙ୍କର ସଖା କିମ୍ବା ବର୍ତ୍ତମାନ ରଥ ଉପରେ ସାରଥି ବୋଲି ଆଉ ଭାବୁ ନାହାନ୍ତି । ଯେଉଁ ଯେଉଁ ପ୍ରକରଣରେ ଭଗବାନ ନିଜ ଗୁଣ, ପ୍ରଭାବ ଏବଂ ତତ୍ତ୍ୱର ନିରୂପଣ କରି ଅର୍ଜୁନଙ୍କୁ ନିଜର ଶରଣରେ ଆସିବା ନିମନ୍ତେ ପ୍ରେରଣା ଦେଉଛନ୍ତି ଏବଂ ସ୍ପଷ୍ଟ ରୂପରେ କହୁଛନ୍ତି କି, ସେ' ହିଁ ସମସ୍ତ ଜଗତର କର୍ତ୍ତା,ହର୍ତ୍ତା, ନିର୍ଗୁଣ, ସଗୁଣ, ନିରାକାର, ସାକାର, ମାୟାତୀତ, ସର୍ବଶକ୍ତିମାନ, ସର୍ବାଧାର ପରମେଶ୍ୱର ବର୍ତ୍ତମାନ ଶ୍ରୀକୃଷ୍ଣ ରୂପରେ ସମ୍ମୁଖରେ ବିରାଜିତ, ସେହି ସମସ୍ତ ପ୍ରକରଣ ହେଉଛି ତାଙ୍କରି ପରମ ଗୋପନୀୟ ରହସ୍ୟମୟ ତତ୍ତ୍ୱ । ଏହି ଗୋପନୀୟ ତତ୍ତ୍ୱକୁ କିଛି ମାତ୍ରାରେ ବୁଝିପାରି ଅର୍ଜୁନ ନିଜର ମୋହ ଦୂର ହୋଇଛି ବୋଲି ହୃଦୟଙ୍ଗମ କରିଛନ୍ତି ଏବଂ ଶ୍ରୀକୃଷ୍ଣଙ୍କୁ ସର୍ବ କାରଣର କାରଣ ବୋଲି ସ୍ୱୀକାର କରି ନେଇଛନ୍ତି । "ଯୁଦ୍ଧରେ ସମସ୍ତ ସମ୍ପର୍କୀୟଙ୍କ ମୃତ୍ୟୁ ହେବ, ମୋତେ ସେହି ମାନଙ୍କ ବଧ କରିବାକୁ ହେବ" –ଏହି ସମସ୍ତ ଭ୍ରମ ଅର୍ଜୁନଙ୍କ ମନରୁ ଦୂର ହୋଇଯାଇଛି । ଅର୍ଜୁନ ସ୍ୱୀକାର କରି ନେଇଛନ୍ତି କି, ଯାହା ସବୁ ଘଟୁଛି, ସେ ସମସ୍ତ ପ୍ରତ୍ୟେକଙ୍କ ହୃଦୟରେ ଅଧିଷ୍ଠାନ ରୂପେ ରହିଥିବା ସେହି ପରମାତ୍ମାଙ୍କ ପ୍ରେରଣାରେ ହିଁ ଘଟୁଛି । ସାଧକ ଯେ' ପର୍ଯ୍ୟନ୍ତ ନିଜର ସାଧନା, ପୁରୁଷାର୍ଥ ଓ ଯୋଗ୍ୟତା ଉପରେ ବିଚାର ରଖିଥାଏ, ସେ ପର୍ଯ୍ୟନ୍ତ ଭଗବତ୍ କୃପାରୁ ବଞ୍ଚିତ ରହିଥାଏ । ଅର୍ଜୁନ ଏହିଠାରେ କୃତଜ୍ଞତା ପୂର୍ଣ୍ଣ ହୃଦୟରେ କହିଛନ୍ତି; ଏ ପର୍ଯ୍ୟନ୍ତ ଆପଣ ଯେଉଁ ଯୋଗଶକ୍ତିର ମହତ୍ତ୍ୱ, ପ୍ରଭାବ ଏବଂ ଅତ୍ୟନ୍ତ ଗୋପନୀୟ ତତ୍ତ୍ୱ ଶୁଣାଇଲେ, ମୁଁ ତାହାର ପାତ୍ର ନୁହେଁ । ଏହି ତତ୍ତ୍ୱ ପ୍ରାପ୍ତିର 'ମୁଁ' କୌଣସି ପ୍ରକାରେ ଯୋଗ୍ୟ ବା ଅଧିକାରୀ ନୁହେଁ । ଯାହା ମୋ ସହିତ ଘଟୁଛି, ସେହି ସବୁ ଆପଣଙ୍କ ଅନୁଗ୍ରହରୁ ଲୀଳା ମାତ୍ର । ବାସ୍ତବରେ ସମସ୍ତ କ୍ରିୟାରେ ଭଗବତ୍ କୃପା ପରିପୂର୍ଣ୍ଣ ହୋଇଥିଲେ ମଧ, ମନୁଷ୍ୟ ତାହା ଜାଣିପାରି ନ ଥାଏ । ଭଗବତ୍ କୃପାକୁ ଜାଣିଗଲେ, ଅତି ସହଜରେ ଓ ଶୀଘ୍ର ଭଗବତ୍ ତତ୍ତ୍ୱ ଅନୁଭବ ହୋଇଯାଏ । ଭଗବାନ କାହାପ୍ରତି ପକ୍ଷପାତ କରି ନ ଥାନ୍ତି । ଶୁଦ୍ଧ ଭକ୍ତିରେ ଭଗବାନଙ୍କ ପାଦକୁ ସ୍ପର୍ଶ କଲେ, ସେ ହାତ ଧରି କୋଳେଇ ନେଇଥାନ୍ତି । ବ୍ୟାକୁଳ ମନରେ ତାଙ୍କୁ ଚାହିଁ ରହିଲେ, ସେ' ତାଙ୍କରି ଆଖିରେ ନେଇ ବସାଇ ରଖିଥାନ୍ତି । ତାଙ୍କରି ଆଗରେ ନିରାଶ୍ରୟ ହୋଇ ନତମସ୍ତକ ହୋଇଗଲେ, ସେ ଟାଣିନେଇ ଛାତିରେ ଲଗାଇ ଧରନ୍ତି । ଗୋଟିଏ ପାଦ ତାଙ୍କରି ଦିଗକୁ ବଢାଇଲେ, ସେ ଶହେ ପାଦ ଆଗକୁ ଆସି ଭକ୍ତକୁ ଟୋଳି ନିଅନ୍ତି । ଏହା ହେଉଛି ଭଗବାନଙ୍କ ଅନୁଗ୍ରହ ।

ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।
ତ୍ୱତ୍ତଃ କମଳପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ॥୨॥

*ଅନ୍ୱୟ: ହି (କାରଣ) କମଳପତ୍ରାକ୍ଷ (ହେ କମଳ ନୟନ – ପଦ୍ମଲୋଚନ !) ଭୂତାନାଂ (ସମସ୍ତ ପ୍ରାଣୀଙ୍କ) ଭବାପ୍ୟୟୌ (ଉତ୍ପତ୍ତି ଏବଂ ବିନାଶ ବିଷୟରେ ) ମୟା (ମୋ ଦ୍ୱାରା ) ତ୍ୱତ୍ତଃ (ଆପଣଙ୍କଠାରୁ ) ବିସ୍ତରଶଃ (ବିସ୍ତୃତ ରୂପରେ) ଶ୍ରୁତୌ (ଶୁଣିବାର ହେଲା) ଚ (ଏବଂ) ଅବ୍ୟୟମ୍ (ଆପଣଙ୍କ ଅବିନାଶୀ-ଅକ୍ଷୟ ) ମାହାତ୍ମ୍ୟମ୍ ଅପି (ସଗୁଣ ନିରାକାର ସର୍ବଭୂତଭୂତାତ୍ମା ତତ୍ତ୍ୱର ମହିମା ମଧ ଶୁଣିଲି ) ।*

**ଭାବାର୍ଥ**: ଅର୍ଜୁନ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଚିତ୍ତରେ ଶ୍ରୀକୃଷ୍ଣଙ୍କୁ କମଳପତ୍ରାକ୍ଷ୍ୟ ( କମଳଦଳ ପରି ଯାହାର ନେତ୍ର) –ସମ୍ବୋଧନ କରି କହିଲେ ହେ ପଦ୍ମଲୋଚନ ! ଭୂତଗଣଙ୍କ ଉତ୍ପତ୍ତି ଓ ସଂହାର ତଥା ଆପଣଙ୍କ

ସଗୁଣ ନିରାକାର ରୂପୀ ସମସ୍ତ ବିଭୂତି ସମୂହର ଅକ୍ଷୟ ମହିମା ସବିସ୍ତାର ଆପଣଙ୍କ ନିକଟରୁ ଶ୍ରବଣ କଲି । ଭୌତିକ ପରିପ୍ରକାଶରେ ରହିଥିବା ସମସ୍ତ ପ୍ରାଣୀଙ୍କ ଉପାଦାନ ଓ ଲୟର ମୂଳ କାରଣ ଆପଣ । ଆପଣଙ୍କ ବିଶେଷ ମହିମା ଏହା କି, ଆପଣ ହିଁ ପରଂବ୍ରହ୍ମ ପରମେଶ୍ୱର ସ୍ୱୟଂ ଭଗବାନ । ଆପଣ ସମସ୍ତ ବିଭୂତିର ଉଦ୍ଗମ ସ୍ଥଳ ନିଜେ ହୋଇ ମଧ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ପୃଥଗ ରହି ଦ୍ୱିଭୂଜ ଶ୍ୟାମସୁନ୍ଦର ରୂପରେ ମୋର ସମ୍ମୁଖରେ ବିରାଜମାନ ହୋଇଛନ୍ତି । ସମସ୍ତ ପ୍ରାଣୀ ଆପଣଙ୍କଠାରୁ ଉତ୍ପନ୍ନ ହୁଅନ୍ତି, ଆପଣଙ୍କଠାରେ ରହନ୍ତି ଏବଂ ଆପଣଙ୍କଠାରେ ବି ଲୀନ ହୋଇଥାଆନ୍ତି ଅର୍ଥାତ୍ ଆପଣ ସବୁ କିଛି । ଆପଣ ସମସ୍ତଙ୍କ ସ୍ରଷ୍ଟା ଓ ସଂହାରକାରୀ ହେଲେ ମଧ୍ୟ ଆପଣ ଅକର୍ତ୍ତା, ସମସ୍ତଙ୍କ ପ୍ରଭୁ ବା ନିୟନ୍ତ୍ରଣକାରୀ ହେଲେ ମଧ୍ୟ ଆପଣ ଉଦାସୀନ, ସମସ୍ତଙ୍କ ଭରଣ ପୋଷଣ ଓ କର୍ମଫଳ ପ୍ରଦାନକାରୀ ହୋଇ ମଧ୍ୟ ସମତାରେ ସ୍ଥିତ, ସର୍ବ ବ୍ୟାପୀ ହୋଇମଧ୍ୟ ନିର୍ବିକାର ଓ ନିରାକାର -ଏହି ସବୁ ହେଉଛି ଆପଣଙ୍କ ଅବିନାଶୀ ମହିମା ଯାହା ଆପଣଙ୍କଠାରୁ ଶୁଣି ମୋର ସଂଶୟ କେତେ ମାତ୍ରାରେ ଦୂର ହୋଇଛି । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ 'କମଳପତ୍ରାକ୍ଷ୍ୟ' କହି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା; ଭଗବାନଙ୍କ ନେତ୍ର ଅସଙ୍ଗ, ନିର୍ଦ୍ଦୋଷ ଓ ନିଃଲିପ୍ତ - ଯେଉଁଥିରେ ପଦ୍ମପତ୍ରରେ ଜଳ ସଂସ୍ପର୍ଶ ନ ହେଲା ଭଳି ସଂସାରର ବିସମତା ସ୍ପର୍ଶ କରିନଥାଏ ।

ଏବମେତଦ୍ ଯଥାତ୍ଥ ତ୍ୱମାତ୍ମାଂନ ପରମେଶ୍ୱର ।
ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ॥୩॥

*ଅନ୍ୱୟ: ପରମେଶ୍ୱର (ହେ ପରମେଶ୍ୱର !) ତ୍ୱଂ (ଆପଣ) ଆତ୍ମାନାଂ (ନିଜ ଐଶ୍ୱର୍ଯ୍ୟ ସମ୍ବନ୍ଧରେ) ଯଥା (ଯେପରି) ଆତ୍ଥ (କହୁଛନ୍ତି) ଏତଦ୍ (ଏହା) ଏବଂ (ପ୍ରକୃତରେ ଏହି ପ୍ରକାର ଅଟେ )[ତଥାପି] ପୁରୁଷୋତ୍ତମ ( ହେ ପୁରୁଷୋତ୍ତମ !) ତେ (ଆପଣଙ୍କ ) ଐଶ୍ୱରଂ ( ଜ୍ଞାନ,ଐଶ୍ୱର୍ଯ୍ୟ, ବଳ, ବୀର୍ଯ ଏବଂ ତେଜ ଯୁକ୍ତ ଐଶ୍ୱର ରୂପ) ଦ୍ରଷ୍ଟୁଂ (ପ୍ରତ୍ୟକ୍ଷରେ ଦେଖିବାକୁ ) ଇଚ୍ଛାମି ( ମୁଁ ଚାହୁଁଅଛି ) ।*

**ଭାବାର୍ଥ**: ହେ ପରମେଶ୍ୱର ! ଆପଣ ନିଜ ଐଶ୍ୱର୍ଯ୍ୟ ସମ୍ବନ୍ଧରେ ଯାହା ସବୁ କହୁଛନ୍ତି,- "ସମଗ୍ର ସଂସାର ମୋ ଶରୀରର ଏକ ଅଂଶରେ ସ୍ଥିତ- ମୋ ଦ୍ୱାରା ହିଁ ସମଗ୍ର ସଂସାର ପରିବ୍ୟାପ୍ତ - ମୁଁ ସଂସାରରେ ନାହିଁ କି, ସଂସାର ମୋ'ଠାରେ ନାହିଁ - ସତ୍-ଅସତ୍ ରୂପରେ ସବୁ କିଛି ମୁଁ"- ଏହି ସମସ୍ତକଥା ଯଥାର୍ଥ ଏବଂ ଠିକ୍ ସେହିପରି, ଏଥିରେ ମୋର ଅଣୁମାତ୍ର ସଂଶୟ ନାହିଁ । କିନ୍ତୁ, ହେ ପୁରୁଷୋତ୍ତମ ! ଆପଣଙ୍କ ଜ୍ଞାନ, ଐଶ୍ୱର୍ଯ୍ୟ, ବଳ, ବୀର୍ଯ୍ୟ ଓ ତେଜ ଯୁକ୍ତ ସେହି ଐଶ୍ୱର ରୂପ ପ୍ରତ୍ୟକ୍ଷରେ ଦେଖିବାକୁ ମନରେ ଉତ୍କଣ୍ଠା ଜାଗ୍ରତ ହେଉଛି । ଅର୍ଜୁନ 'ପରମେଶ୍ୱର' କହି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା, ଅର୍ଜୁନ ଅନୁଭବ କରିଛନ୍ତି କି, ସେ ଯେଉଁ ଭଗବାନଙ୍କ ଏକ ଅଂଶରେ ସ୍ଥିତ ବିଶ୍ୱ ବ୍ରହ୍ମାଣ୍ଡକୁ ଦେଖିବା ନିମିତ୍ତ ଚାହୁଁଛନ୍ତି, ସେଥି ନିମନ୍ତେ ଶ୍ରୀକୃଷ୍ଣ ହିଁ ସମର୍ଥ ଏବଂ ତାହା ତାଙ୍କରି ପକ୍ଷେ ଅତି ସହଜ । ଯଦିଓ ସେ ଶ୍ରୀକୃଷ୍ଣଙ୍କୁ ନିଜ ସମ୍ମୁଖରେ ଦେଖୁଛନ୍ତି, କିପରି ଭାବରେ ସେ ଦୃଶ୍ୟମାନ ଜଗତ ମଧ୍ୟରେ ପ୍ରବିଷ୍ଟ ହୋଇ ଏବଂ ସମସ୍ତ ଭୌତିକ ପରିପ୍ରକାଶଠାରୁ ଭିନ୍ନ ରହି ସମଗ୍ର ବ୍ରହ୍ମାଣ୍ଡର ଉତ୍ପନ୍ନ, ସ୍ଥିତି, ପ୍ରଳୟ କାର୍ଯ୍ୟ ମଧ୍ୟ ସମ୍ପାଦନ କରୁଛନ୍ତି, ତାହା ସ୍ୱଚକ୍ଷୁରେ ଦେଖିବାର ଇଚ୍ଛା ପ୍ରକଟ କରୁଛନ୍ତି । ଭଗବାନଙ୍କ ସ୍ୱରୂପର ସତ୍ୟତା ପରୀକ୍ଷା କରିବା ଭଳି ଅର୍ଜୁନଙ୍କ କୌଣସି ବ୍ୟକ୍ତିଗତ ଅଭିପ୍ରାୟ ନ ଥିଲା କି, ତାଙ୍କରି ବ୍ରହ୍ମ ସାକ୍ଷାତ୍କାର କିମ୍ବା ସମାଧି ସାକ୍ଷାତ୍କାର କରିଲା ଭଳି ସେହିଭଳି ସାଧନ କିମ୍ବା

ଯୋଗ୍ୟତା ନାହିଁ । କେବଳ ଜଣେ ଜିଜ୍ଞାସୁ ଭାବେ ଏହିପରି ସର୍ବୋତ୍ତମ ସଗୁଣ ଅଦ୍ଭୁତ ବ୍ରହ୍ମ ସ୍ୱରୂପର ପ୍ରତ୍ୟକ୍ଷ ଦର୍ଶନ କରି କୃତାର୍ଥ ହେବାର ଉତ୍କଣ୍ଠା ଅର୍ଜୁନଙ୍କ ମନରେ ଜାଗ୍ରତ ହୋଇଛି । ସର୍ବାନ୍ତର୍ଯାମୀ ରୂପରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଅନ୍ତର କଥାକୁ ବୁଝି ପାରି ତାଙ୍କରି ଅଭିଳାଷ ପୂର୍ଣ୍ଣ କରିଛନ୍ତି ।

ମନ୍ୟସେ ଯଦି ତତ୍ ଶକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।
ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ॥୪॥

*ଅନ୍ୱୟ : ପ୍ରଭୋ (ହେ ପ୍ରଭୁ !) ଯଦି (ଯଦି) ମୟା (ମୋ ଦ୍ୱାରା ) ତତ୍ (ସେହି ଐଶ୍ୱରିକ ରୂପ) ଦ୍ରଷ୍ଟୁମ୍ (ଦର୍ଶନ କରି ପାରିବା) ଶକ୍ୟମ୍ ଇତି (ସମ୍ଭବ –ଯୋଗ୍ୟ ବୋଲି ) ମନ୍ୟସେ (ଆପଣ ମନେ କରୁଛନ୍ତି ) ତତଃ (ତେବେ) ଯୋଗେଶ୍ୱର ( ହେ ଯୋଗେଶ୍ୱର !) ତ୍ୱମ୍ (ଆପଣ) ଆତ୍ମାନମ୍ (ନିଜର) ଅବ୍ୟୟମ (ସେହି ଅବିନାଶୀ ସ୍ୱରୂପକୁ) ମେ (ମୋତେ) ଦର୍ଶୟ (ଦର୍ଶନ କରାନ୍ତୁ )*

**ଭାବାର୍ଥ**: ହେ ପ୍ରଭୁ ! ସେହି ଐଶ୍ୱରିକ ଦିବ୍ୟରୂପକୁ 'ମୁଁ' ଦେଖିବା ନିମନ୍ତେ ଯଦି ଯୋଗ୍ୟ ତଥା ସମର୍ଥ ବୋଲି ଆପଣ ମନେ କରନ୍ତି, ତେବେ ହେ ଯୋଗେଶ୍ୱର ! ଅନୁଗ୍ରହ ପୂର୍ବକ ନିଜର ସେହି ଅବିନାଶୀ ବିଶ୍ୱାତ୍ମା ବିରାଟ ରୂପକୁ ମୋତେ ଦର୍ଶନ କରାନ୍ତୁ । ଅର୍ଜୁନ ସେହି ବିରାଟ ବିଶ୍ୱରୂପ ଦର୍ଶନ ନିମନ୍ତେ ନିଜେ ଯୋଗ୍ୟ ପାତ୍ର କି, ସମର୍ଥ ସେ ସମ୍ବନ୍ଧରେ ନିଶ୍ଚିତ ନ ଥିଲେ । ତେଣୁ ଶ୍ରୀକୃଷ୍ଣଙ୍କୁ 'ପ୍ରଭୁ' ଏବଂ 'ଯୋଗେଶ୍ୱର' ନାମରେ ସମ୍ବୋଧନ କରି ପ୍ରାର୍ଥନା କରିଛନ୍ତି; ଆପଣ ସ୍ୱୟଂ ସଚ୍ଚିଦାନନ୍ଦଘନ ପରମ ପୁରୁଷ ପରଂବ୍ରହ୍ମ, ସମସ୍ତ ଲୋକର ସର୍ବସ୍ୱାମୀ । ସ୍ରଷ୍ଟା ରୂପରେ ସମସ୍ତ ଅସମ୍ଭବକୁ ସମ୍ଭବ କରିବା ନିମିତ୍ତ ଆପଣ ସର୍ବ ସମର୍ଥ । 'ଯୋଗେଶ୍ୱର' ରୂପରେ ସମସ୍ତ ଯୋଗ ମାର୍ଗ ତଥା ସାଧନର ସର୍ବୋଚ୍ଚ ଅଧିପତି । ସେଥି ନିମନ୍ତେ ଯଦି ମୋ'ଠାରେ କୌଣସି ଅସମର୍ଥତା ରହିଛି, ଅନୁଗ୍ରହର ପାତ୍ର ମନେକରି ନିଜର ଅଲୌକିକ ଯୋଗଶକ୍ତି ଦ୍ୱାରା ତାହା ପୂରଣ କରି ସେହି ଯୋଗୈଶ୍ୱର୍ଯ୍ୟ ରୂପରେ ମୋତେ ଦର୍ଶନ ଦିଅନ୍ତୁ । ଏହା କହି ଅର୍ଜୁନ ନିଜର ବିନୀତଭାବ ପ୍ରକଟ କରିଛନ୍ତି ଏବଂ ନିଜ ଅଧିକାର କ୍ଷେତ୍ରରୁ ବାହାରକୁ ଯିବାକୁ ଚାହିଁ ନାହାନ୍ତି । ବିନୟ, ଅଭିମାନ ଶୂନ୍ୟତା ବଡରୁ ବଡ ଅଧିକାରକୁ ପ୍ରାପ୍ତ କରାଇ ନେବାରେ ସହାୟକ ହୋଇଥାଏ । ଅର୍ଜୁନ ଉତ୍ତମ ରୂପେ ବୁଝି ନେଇଥିଲେ କି, ଯଦି ଭଗବାନ ଇଚ୍ଛା କରନ୍ତି, ତେବେ କୃପାବଶତଃ ନିଜ ଇଚ୍ଛାରେ ବିଶ୍ୱରୂପ ସ୍ୱୟଂ ଧାରଣ କରି ପାରିବେ । ଯେଉଁ ସ୍ୱରୂପରୁ ଅନନ୍ତ ବ୍ରହ୍ମାଣ୍ଡ ଉତ୍ପନ୍ନ ହୁଏ, ସେଥିରେ ସ୍ଥିତ ରହେ ଓ ଲୀନ ହୋଇଯାଏ, ସେହି ଅବିନାଶୀ ଷଡଐଶ୍ୱର୍ଯ୍ୟ ପୂର୍ଣ୍ଣ ବିରାଟ ସ୍ୱରୂପକୁ ପ୍ରତ୍ୟକ୍ଷରୂପେ ସମ୍ମୁଖରେ ଦର୍ଶନକରିବା ପାଇଁ ନିଜ ଆନ୍ତରିକ ଅଭିଳାଷକୁ ପ୍ରକଟ କରି ସେ' ଶ୍ରୀକୃଷ୍ଣଙ୍କ କୃପା ଭିକ୍ଷା କରିଛନ୍ତି ।

ଶ୍ରୀ ଭଗବାନ ଉବାଚ

ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ।
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ॥୫॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ) ପାର୍ଥ (ହେ ପୃଥା ନନ୍ଦନ !) ଅଥ (ଏବେ) ମେ (ମୋର) ନାନା ବିଧାନି (ଭିନ୍ନ ଭିନ୍ନ ପ୍ରକାରର ) ଚ (ଏବଂ) ନାନା ବର୍ଣ୍ଣ-ଆକୃତୀନି ( ଅନେକ ବର୍ଣ୍ଣ ଓ ଆକୃତି ବିଶିଷ୍ଟ) ଶତଶଃ ସହସ୍ରସଃ (ଶହ ଶହ - ହଜାର ହଜାର ସଂଖ୍ୟାରେ) ଦିବ୍ୟାନି (ଅଲୌକିକ) ରୂପାଣି (ରୂପ) ପଶ୍ୟ (ଦେଖ) ।*

**ଭାବାର୍ଥ**:ଶ୍ରୀ ଭଗବାନ କହିଲେ; ହେ ପୃଥା ନନ୍ଦନ ! ବିଭିନ୍ନ ବର୍ଣ୍ଣ ଓ ଆକୃତି ବିଶିଷ୍ଟ ଶହ ଶହ, ହଜାର ହଜାର ସଂଖ୍ୟାରେ ମୋର ଏହି ଦିବ୍ୟ ଅର୍ଥାତ୍ ଅପ୍ରାକୃତ ରୂପକୁ ଏବେ ଦେଖ । ଏହି ପ୍ରକାର କହି, ନିଜର ବିରାଟ ବିଶ୍ୱରୂପରେ ଏକ ସ୍ଥାନରେ ହିଁ ଦେବ, ମନୁଷ୍ୟ, ତିର୍ଯକ ଆଦି ସମସ୍ତ ଚରାଚର ଜୀବର ବିଭିନ୍ନ ବର୍ଣ୍ଣ ଓ ଆକୃତି ବିଶିଷ୍ଟ ଅସଂଖ୍ୟ ରୂପକୁ ଦେଖିବା ନିମନ୍ତେ ଅର୍ଜୁନଙ୍କୁ ସ୍ୱଷ୍ଟ ରୂପରେ ଆଦେଶ ଦେଇଦେଲେ । 'ଶହଶହ'- 'ହଜାର ହଜାର' ଶବ୍ଦ ପ୍ରୟୋଗ କରି ଭଗବାନ ନିଜର ଅନନ୍ତତା ଦର୍ଶାଇଛନ୍ତି । ଶ୍ରୀକୃଷ୍ଣ ଯେଉଁ ବିଶ୍ୱରୂପ ଧାରଣ କରିବାକୁ ଯାଉଛନ୍ତି; ତାହା ଏହି ସ୍ଥୂଳ ଜାଗତିକ ବସ୍ତୁରେ ରଚିତ ନୁହେଁ । ତାହା ଅପ୍ରାକୃତିକ ଓ ଚିନ୍ମୟ ରୂପ, ଯାହା ଚର୍ମ ଚକ୍ଷୁରେ ଦର୍ଶନ ଯୋଗ୍ୟ ନୁହେଁ । ଭଗବାନଙ୍କ ଇଚ୍ଛାରେ ନିଜ ମାୟା ଶକ୍ତି ଦ୍ୱାରା ଏହି ବିଶ୍ୱରୂପ ରଚିତ କାରଣରୁ ତାହା ଅଲୌକିକ ଏବଂ ଦିବ୍ୟ । ଏହାର ଦର୍ଶନ ନିମନ୍ତେ ସ୍ୱୟଂ ଭଗବାନଙ୍କ ଅପାର କୃପା ଏବଂ ତାଙ୍କରି ଠାରୁ ବିଶେଷ ଶକ୍ତି ପ୍ରାପ୍ତର ଆବଶ୍ୟକତା ରହିଛି । ଅନ୍ୟ ଏକ ଦୃଷ୍ଟିକୋଣରୁ ବିଚାର କଲେ, ଏହି ଜାଗତିକ ସଂସାର ଯାହାକୁ ଆମେ ଚର୍ମ ଚକ୍ଷୁରେ ଦେଖିବାକୁ ସକ୍ଷମ ହେଉଛେ, ତାହା ମଧ୍ୟ ଭଗବାନଙ୍କ ଅପାର ବିଶ୍ୱ ରୂପର ଏକ କ୍ଷୁଦ୍ର ଅଂଶ ବିଶେଷ । ଶ୍ରୀକୃଷ୍ଣ କହିବା ଅନୁଯାୟୀ ଏଥିରେ ଅନେକ ବିବିଧତା ଏବଂ ଅଗଣିତ ବର୍ଣ୍ଣ ଓ ଆକୃତି ବିଶିଷ୍ଟ ଦେବ, ମାନବ, ଗନ୍ଧର୍ବ, ଜୀବ, ପଦାର୍ଥ ସମୂହ ଚର୍ମ ଚକ୍ଷୁଦ୍ୱାରା ଦୃଶ୍ୟବାନ୍ । ମାତ୍ର ଜନ୍ମଜାତ ଚକ୍ଷୁ ମାୟା ଆବରଣ ଯୁକ୍ତ କାରଣରୁ ଦୃଶ୍ୟବାନ ସଂସାରର ଦିବ୍ୟତା ଉପଲବ୍ଧି ହୋଇ ନଥାଏ । କିନ୍ତୁ ବାସ୍ତବରେ ଜୀବନମୁକ୍ତ ମହାପୁରୁଷଙ୍କ ନିମନ୍ତେ ଏହି ସଂସାର ଭଗବାନଙ୍କ ବିରାଟ ବିଶ୍ୱାତ୍ମା ରୂପଠାରୁ ପୃଥଗ ନୁହେଁ ।

ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।
ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ॥୬॥

*ଅନ୍ୱୟ: ଭାରତ (ହେ ଭରତବଂଶଜ ଅର୍ଜୁନ !) ଆଦିତ୍ୟାନ୍ (ଦ୍ୱାଦଶ ଆଦିତ୍ୟ) ବସୂନ୍ (ଅଷ୍ଟବସୁ) ରୁଦ୍ରାନ୍ (ରୁଦ୍ରଙ୍କ ଏକାଦଶରୂପ) ଅଶ୍ୱିନୌ (ଦେବ-ବୈଦ୍ୟ ଅଶ୍ୱିନୀକୁମାର ଦ୍ୱୟ) ତଥା (ଓ) ମରୁତଃ (ଅଣଚାଶ ମରୁତ୍ ଗଣ- ବାୟୁ) ପଶ୍ୟ (ଦେଖ) ବହୂନି (ଅନେକ) ଅଦୃଷ୍ଟପୂର୍ବାଣି (ଆଗରୁ କେହି କେବେ ଦେଖି ନ ଥିବା) ଆଶ୍ଚର୍ଯ୍ୟାଣି (ଯେଉଁସବୁ ଆଶ୍ଚର୍ଯ୍ୟ ଜନକ ରୂପ ସମୂହ ) ପଶ୍ୟ (ମୋ'ଠାରେ ଦେଖ) ।*

**ଭାବାର୍ଥ**: ହେ ଭରତବଂଶଜ ଅର୍ଜୁନ ! ମୋର ଏହି ବିରାଟ ଶରୀରରେ ବର୍ତ୍ତମାନ ହୋଇଥିବା ଆଦିତ୍ୟ ନାମରେ ଅଦିତିଙ୍କ ଦ୍ୱାଦଶ ପୁତ୍ର, ଅଷ୍ଟବସୁ, ରୁଦ୍ରଙ୍କ ଏକାଦଶ ରୂପ, ଦେବ-ବୈଦ୍ୟ ଅଶ୍ୱିନୀକୁମାର ଦ୍ୱୟ ଏବଂ ଅଣଚାଶ ମରୁତ୍ ଆଦି ଦର୍ଶନ କର । ବିଭୂତିଯୋଗ ଅଧ୍ୟାୟରେ, ଆଦିତ୍ୟ, ରୁଦ୍ର, ଅଷ୍ଟବସୁ ଏବଂ ମରୁତ ଆଦି ଦେବତାଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ବିଷ୍ଣୁପୁରାଣ ଅନୁଯାୟୀ ଅଶ୍ୱିନୀକୁମାର ଦୁଇ ଭାଇ ଦେବତାଙ୍କ ବୈଦ୍ୟ ଅଟନ୍ତି ଏବଂ ସୂର୍ଯ୍ୟଙ୍କ ପତ୍ନୀ ସଂଜ୍ଞାଙ୍କଠାରୁ ଉତ୍ପନ୍ନ ବୋଲି ମାନି ନିଆଯାଇଅଛି । ଏହାର ତାତ୍ପର୍ଯ୍ୟ ହେଲା; ଦେବ, ଯକ୍ଷ, ରକ୍ଷ, ଚରାଚର ବିଶ୍ୱ ବ୍ରହ୍ମାଣ୍ଡ ଆଦିର ପ୍ରକାଶମାନ ରୂପ, ଶ୍ରୀକୃଷ୍ଣଙ୍କ ବିରାଟ ଦିବ୍ୟ ଦେହର ଏକାଂଶରେ ସ୍ଥିତ ହେବାର କାହାକୁ କେବେ ଦର୍ଶନ ହୋଇ ନ ଥାଏ । ତେଣୁ ପୂର୍ବରୁ କେହି କେବେ

ଦେଖି ନ ଥିବା ଏହିପରି ଅନେକ ଆଶ୍ଚର୍ଯ୍ୟ ରୂପ ମୋ'ଠାରେ ଦେଖ ବୋଲି କହି ଭଗବାନ ଅର୍ଜୁନଙ୍କୁ ସଚେତନ କରୁଛନ୍ତି ।

ଇହୈକସ୍ଥଂ ଜଗତ୍ କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।
ମମ ଦେହେ ଗୁଡାକେଶ ଯଚ୍ଚାନ୍ୟଦ୍ଦ୍ରଷ୍ଟୁମିଚ୍ଛସି ॥୭॥

*ଅନ୍ୱୟ: ଗୁଡାକେଶ (ହେ ନିଦ୍ରାଜୟୀ ଅର୍ଜୁନ!) ମମ (ମୋର) ଇହ (ଏହି) ଦେହେ (ଶରୀରର) ଏକସ୍ଥମ୍ (ଏକ ଅଂଶରେ) ଅଦ୍ୟ (ବର୍ତ୍ତମାନ) ସଚରାଚରମ୍ (ଚରାଚର ସମେତ) କୃତ୍ସ୍ନଂ ଜଗତ୍ (ସମଗ୍ର ଜଗତ) ଅନ୍ୟତ୍ (ଏହା ବ୍ୟତୀତ ଅନ୍ୟ) ଯତ୍ (ଯାହା କିଛି) ଚ (ମଧ୍ୟ) ଦ୍ରଷ୍ଟୁଂ (ଦେଖିବାକୁ) ଇଚ୍ଛସି (ଇଚ୍ଛା କରୁଛ ) ପଶ୍ୟ (ତାହା ମଧ୍ୟ ତୁମେ ଦେଖ) ।*

**ଭାବାର୍ଥ**: ହେ ନିଦ୍ରାଜୟୀ ଅର୍ଜୁନ ! ମୋ' ଶରୀରର ଏକ ଅଂଶରେ ବର୍ତ୍ତମାନ ଚରାଚର ସମେତ ସମସ୍ତ ଜଗତକୁ ଦେଖ । 'ଏକ ଅଂଶରେ ଦେଖ' କହିବାର ତାତ୍ପର୍ଯ୍ୟ ହେଲା; ଯେଉଁଠି ଦୃଷ୍ଟି ପକାଇବ, ତୁମଙ୍କୁ ସେଇଠି ଅନନ୍ତ ବ୍ରହ୍ମାଣ୍ଡ ଦେଖାଯିବ । ଏହା ବ୍ୟତୀତ ଆଉ ଯାହା କିଛି ତୁମେ ଦେଖିବାକୁ ଇଚ୍ଛା କରୁଛ, ତାହା ମଧ୍ୟ ଦେଖ । ସମ୍ପୂର୍ଣ୍ଣ ଜଗତ ଅତିରିକ୍ତ ଯୋଗଶକ୍ତି, ପ୍ରଭାବ ଆଦିରୁ ଉତ୍ପନ୍ନ କୌଣସି ଦୃଶ୍ୟ, ନିଜର କିମ୍ବା ପ୍ରତିପକ୍ଷର ଜୟ-ପରାଜୟର ଦୃଶ୍ୟ ଅଥବା କିଛି ଭୂତ, ଭବିଷ୍ୟ ଏବଂ ବର୍ତ୍ତମାନ ଘଟନା ଅର୍ଜୁନ ଚାହିଁଲେ ସେହି ବିରାଟ ରୂପ ମଧ୍ୟରେ ଦେଖି ପାରିବାକୁ ସମର୍ଥ ବୋଲି ଶ୍ରୀକୃଷ୍ଣ ଆଜ୍ଞା ପ୍ରଦାନ କରୁଛନ୍ତି । ଅର୍ଜୁନଙ୍କୁ ନିଜ ଇଚ୍ଛାରେ ସେ ସବୁ ଦେଖିବା ପାଇଁ କହିବାର ଉଦ୍ଦେଶ୍ୟ ହେଲା; ଯୁଦ୍ଧରେ କାହାର ଜୟ ହେବ, କେଉଁମାନେ ମୃତ୍ୟୁ ବରଣ କରିବେ - ଏ ସମ୍ବନ୍ଧୀୟ ସମସ୍ତ ଆଶଙ୍କା ମନରୁ ଦୂର କରି ସମସ୍ତ ଘଟଣା ଯେ' ବିଧି ଦ୍ୱାରା ପୂର୍ବ ନିୟୋଜିତ, ଅର୍ଜୁନ ଏହା ସ୍ୱୀକାର କରିନେବେ । ବିଧି ଦ୍ୱାରା ନିର୍ଦ୍ଧାରିତ ବ୍ୟବସ୍ଥାକୁ ଅର୍ଜୁନ କିମ୍ବା ଅନ୍ୟକେହି ପରିବର୍ତ୍ତନ କରିବାକୁ ଅସମର୍ଥ । ଏହି ପ୍ରକାରେ ଶ୍ରୀକୃଷ୍ଣ ଯଦିଓ- ଏହା ଦେଖ, ତାହା ଦେଖ ଇତ୍ୟାଦି କହି ଚାଲିଛନ୍ତି, ଅର୍ଜୁନ ଏ ପର୍ଯ୍ୟନ୍ତ ବାସ୍ତବରେ ନିଜ ଚର୍ମ ଚକ୍ଷୁରେ କିଛି ଦେଖିବାକୁ ସମର୍ଥ ହୋଇ ନାହାନ୍ତି । ଭଗବାନ ନିଜେ କୃପାକରି ସାରଥି ରୂପରେ ଉଭୟ ସେନାଙ୍କ ମଧ୍ୟରେ ରଥକୁ ସ୍ଥାପିତ କରି, ଅର୍ଜୁନଙ୍କ ମୋହଗ୍ରସ୍ତ ସ୍ଥିତିରେ ଯେପରି ଗୀତା ପ୍ରକଟ କରିଛନ୍ତି, ସେହି ପରି କୃପା ପୂର୍ବକ ନିଜ ପକ୍ଷରୁ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇ ପୂର୍ଣ୍ଣତୟା ଅବତାର ଲୀଳାର ସତ୍ୟତାକୁ ପ୍ରତିପାଦିତ କରିଛନ୍ତି ।

ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।
ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ॥୮॥

*ଅନ୍ୱୟ: ତୁ (କିନ୍ତୁ) ଅନେନ (ଏହି )ସ୍ୱ-ଚକ୍ଷୁଷା ଏବ (ତୁମର ନିଜ ଚକ୍ଷୁ ଅର୍ଥାତ୍ ଚର୍ମ ଚକ୍ଷୁ ଦ୍ୱାରା) ମାମ୍ (ମୋତେ) ଦ୍ରଷ୍ଟୁମ୍ ( ଦେଖିବା ନିମନ୍ତେ) ନ ଶକ୍ୟସେ (ସମର୍ଥ ହୋଇ ପାରିବ ନାହିଁ) ତେ (ତେଣୁ ତୁମକୁ) ଦିବ୍ୟମ୍ (ଦିବ୍ୟ-ଅଲୌକିକ) ଚକ୍ଷୁଃ (ଚକ୍ଷୁ ) ଦଦାମି (ପ୍ରଦାନ କରୁଛି) ମେ (ମୋର) ଐଶ୍ୱରମ୍ (ଐଶ୍ୱରିକ) ଯୋଗମ୍ (ଅଚିନ୍ତ୍ୟ ସାମର୍ଥ୍ୟକୁ) ପଶ୍ୟ ( ଦେଖ ) ।*

**ଭାବାର୍ଥ**: ଅର୍ଜୁନ ! ତୁମେ ନିଜର ଚର୍ମଚକ୍ଷୁରେ ମୋର ଏହି ବିଶ୍ୱରୂପକୁ ଦେଖିବାକୁ ସମର୍ଥ ନୁହଁ । ମୁଁ ତୁମକୁ ଦିବ୍ୟ ଅର୍ଥାତ୍ ସେହି ଅଲୌକିକ ଶକ୍ତି ସମ୍ପନ୍ନ ଦୃଷ୍ଟି ପ୍ରଦାନ କରୁଛି, ଯାହାର ସହାୟତାରେ ମୋର ଯୋଗ ଶକ୍ତି ସାମର୍ଥ୍ୟ ଦ୍ୱାରା ପ୍ରକାଶିତ ବିଶ୍ୱରୂପକୁ ପ୍ରତ୍ୟକ୍ଷରେ ଦେଖି ପାରିବ । ଏଥିରୁ ସ୍ପଷ୍ଟ ପ୍ରତିପାଦିତ କି,

ଭଗବାନଙ୍କ ବିଶ୍ୱରୂପକୁ କେହି ନିଜ ମନର ଚିନ୍ତାଶକ୍ତି ବଳରେ ଦେଖିବାକୁ ସମର୍ଥ ନୁହେଁ । କେବଳ ଭଗବାନ କୃପା ହେଲେ ହିଁ ଏବଂ ସେ' ହିଁ ଇଚ୍ଛାକଲେ, ଦିବ୍ୟତା ପ୍ରାପ୍ତ ବଳରେ ସେହି ବିରାଟ ଯୋଗେଶ୍ୱର ରୂପ ଦେଖିବା ସମ୍ଭବ । ଗୀତା ଉପଦେଶ ବାଣୀରେ ତିନି ପ୍ରକାର 'ଦୃଷ୍ଟି' ସମ୍ବନ୍ଧରେ କୁହାଯାଇଛି । ସେଥି ମଧ୍ୟରୁ ଚର୍ମ ଚକ୍ଷୁ ହେଲା ପ୍ରାକୃତ ଏବଂ ଜନ୍ମଜାତ, ଯାହା ଦ୍ୱାରା ସମସ୍ତ ଭୌତିକ ପଦାର୍ଥ ଦେଖିବା କ୍ରିୟା ହୋଇଥାଏ । ଶ୍ରୋତିୟ ବ୍ରହ୍ମନିଷ୍ଠ ମହାତ୍ମାଙ୍କ ଦ୍ୱାରା ମନ୍ତ୍ର, ବାକ୍ୟ, ବାଣୀ ମାଧ୍ୟମରେ ପ୍ରଦତ୍ତ ଜ୍ଞାନ ଚକ୍ଷୁ ବା ବିବେକ-ଦୃଷ୍ଟି ଦ୍ୱାରା ବ୍ରହ୍ମ ତଥା ଆତ୍ମାର ପାରମାର୍ଥିକ ରୂପ ହୃଦୟରେ ଉପଲବ୍ଧ ହୋଇଥାଏ । ମର୍ତ୍ତ୍ୟ- ଲୋକରେ ଭଗବାନଙ୍କ ଲୀଳା କାଳରେ ଯୋଗ-ଐଶ୍ୱର୍ଯ୍ୟ ରୂପର ପ୍ରତ୍ୟକ୍ଷ ଦର୍ଶନ ନିମନ୍ତେ ଦିବ୍ୟଦୃଷ୍ଟିର ଆବଶ୍ୟକତା ହୋଇଥାଏ, ଯାହା କେବଳ ଭଗବାନଙ୍କ ଅନୁଗ୍ରହରୁ ହିଁ ପ୍ରାପ୍ତ ହୁଏ । ଅଥବା ବ୍ୟାସଦେବଙ୍କ ଭଳି ସର୍ବଜ୍ଞକଳ୍ପ ପୁରୁଷ ହେଲେ ହିଁ ଯୋଗଶକ୍ତି ବଳରେ ଜଗତ କଲ୍ୟାଣ ନିମିତ୍ତ ଦିବ୍ୟଦୃଷ୍ଟି ପ୍ରଦାନ କରିବାକୁ ସମର୍ଥ ହୋଇ ଥାଆନ୍ତି । ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅବସରରେ ମାତା ଯଶୋଦା ବାଲ୍ୟ ସଖାଙ୍କ କଥାରେ "କାହ୍ନା ମାଟି ଖାଇଛି କି ?"- ପରକ୍ଷୀବାକୁ ଯାଇ ଭଗବାନଙ୍କ ମୁଖ ଭିତରେ  ବିଶ୍ୱରୂପ ଦର୍ଶନ କରିଥିଲେ । ପ୍ରଶ୍ନ ଆସେ, ସେତେବେଳେ ତ କୃଷ୍ଣ ମାତା ଯଶୋଦକୁ ଦିବ୍ୟ ଦୃଷ୍ଟି ଦେଇ ନ ଥିଲେ । ତେବେ  ଯଶୋଦା କିପରି ତାହା ଦେଖିବାକୁ ସମର୍ଥ ହେଲେ ? ଏହାର ସମାଧାନ ହେଲା; ଶ୍ରୀକୃଷ୍ଣ ସମ୍ପୂର୍ଣ୍ଣ ଐଶ୍ୱର୍ଯ୍ୟ ଏବଂ ମାଧୁର୍ଯ୍ୟର ଆଧାର ସ୍ୱରୂପ ଅଟନ୍ତି । ମାଧୁର୍ଯ୍ୟ ଲୀଳାରେ ଐଶ୍ୱର୍ଯ୍ୟ ଆଦୃତ ନ ହୋଇ ମଧ୍ୟ ଉପଯୁକ୍ତ ଅବସରରେ ସ୍ୱୟଂ ପ୍ରକଟିତ ହୋଇଥାଏ । ମାତା ଯଶୋଦା କେବେହେଲେ ବାଳରୂପ ଛଡା ଅନ୍ୟ କେଉଁ ରୂପରେ ଦେଖିବାକୁ ଇଚ୍ଛା କରି ନ ଥିଲେ ମଧ୍ୟ, ଭକ୍ତର ପ୍ରେମରେ ଅଭିଭୂତ କାରଣରୁ ମାନବ ଲୀଳାର  ବିସ୍ମରଣ ଘଟି ଭଗବାନ ଶ୍ରୀକୃଷ୍ଣ କ୍ଷଣକ ପାଇଁ  ନିଜ ବ୍ରହ୍ମାଣ୍ଡ ସ୍ୱରୂପରେ ସ୍ଥିତ ହୋଇ ଯାଇଥିଲେ ।  ବ୍ରହ୍ମସ୍ୱରୂପର ସଂସ୍ପର୍ଶରେ ଯଶୋଦାଙ୍କ ଅନନ୍ୟ ବାତ୍ସଲ୍ୟ ପ୍ରେମଭାବ ତତ୍ କ୍ଷଣାତ୍  ଦିବ୍ୟତା ଅର୍ଥାତ୍ ଯୋଗ ଶକ୍ତିରେ ପରିଣତ ହୋଇ ବିଶ୍ୱରୂପ ଦର୍ଶନ କରାଇବାକୁ ସକ୍ଷମ ହୋଇଥିଲା । ଅପର ପକ୍ଷରେ ମାତା ଯଶୋଦା ମଧ୍ୟ ସେହି ଅଦ୍ଭୁତ ରୂପ ଦର୍ଶନରେ  ଭୟଭୀତ ହୋଇଯାଇ, କୃଷ୍ଣଙ୍କ ଉପରେ କୌଣସି ମାୟାବିନୀର ଅଶୁଭ ନଜର ବୋଲି ଆଶଙ୍କା କରି ତାହାର ପ୍ରତିକାର କରିବାରେ ଲାଗିଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ମାଧୁର୍ଯ୍ୟ ଲୀଳାରେ ମାତା-ପିତା, ମିତ୍ର, ବନ୍ଧୁ, ସଖା, ସମ୍ପର୍କୀୟ ଏବଂ ଏପରିକି ଶତ୍ରୁ ଭାବାପନ୍ନ ମନୁଷ୍ୟ ମାନଙ୍କୁ ମଧ୍ୟ ଆବଶ୍ୟକ ସ୍ଥଳେ  ନିଜର କିଛି ନା କିଛି ଅଲୌକିକ ରୂପ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି । କୃଷ୍ଣ ଯେ କେବଳ ଉପଦେଶ ବାଣୀରେ ନିଜକୁ ପରମେଶ୍ୱର ବୋଲି କହୁଛନ୍ତି ତାହା ନୁହେଁ, ବାସ୍ତବରେ ସେ ପରମ ପୁରୁଷ ଭଗବାନ ଏବଂ ବ୍ରହ୍ମାଣ୍ଡ ଅଧିପତି ସର୍ବେଶ୍ୱର ।  ସେହି ଦୃଷ୍ଟିରୁ ଅର୍ଜୁନ ଭଗବାନଙ୍କ ବିଶ୍ୱରୂପ ଦର୍ଶନ ନିମନ୍ତେ ଇଚ୍ଛା ପ୍ରକଟ କରିଥିଲେ ମଧ୍ୟ, ବିଶିଷ୍ଟ ଯୋଗୀ, ଋଷି, ଭକ୍ତ ତଥା ଦୁଷ୍ଟ, ଅହଙ୍କାରୀ, ଜଗତ ଅହିତକାରୀଙ୍କ ସନ୍ଦେହ ମୋଚନ ନିମନ୍ତେ ସ୍ୱଇଚ୍ଛାରେ  ଅର୍ଜୁନଙ୍କ ମାଧ୍ୟମରେ ଭଗବାନ ନିଜର ନିର୍ବିଶେଷ ବ୍ରହ୍ମ ସ୍ୱରୂପର ସତ୍ୟତାକୁ ସିଦ୍ଧ କରିଛନ୍ତି ।

ସଞ୍ଜୟ ଉବାଚ

ଏବମୁକ୍ତ୍ୱା ତତୋ ରାଜନ୍ ମହାଯୋଗେଶ୍ୱରୋ ହରି ।
ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ॥୯॥

*ଅନ୍ୱୟ: ସଞ୍ଜୟ ଉବାଚ ( ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଲେ) ରାଜନ୍ (ହେ ରାଜନ୍ !) ଏବଂ-ଉକ୍ତ୍ୱା (ଏହିପରି କହି) ମହାଯୋଗେଶ୍ୱର (ସମସ୍ତ ଯୋଗର ଈଶ୍ୱର – ମହାନ୍ ଶକ୍ତିଶାଳୀ ଯୋଗୀ) ହରିଃ (ସମସ୍ତ ଅବିଦ୍ୟା,କ୍ଳେଶ ହରଣକାରୀ ଭଗବାନ ଶ୍ରୀକୃଷ୍ଣ) ତତଃ (ଏହାର ଉପରାନ୍ତ) ପାର୍ଥାୟ (ଅର୍ଜୁନଙ୍କୁ) ପରମ ଐଶ୍ୱରମ୍ ( ବିରାଟ ଐଶ୍ୱର୍ଯ୍ୟଯୁକ୍ତ) ରୂପମ୍ (ଦିବ୍ୟ ରୂପ) ଦର୍ଶୟାମାସ ( ଦେଖାଇବାକୁ ଲାଗିଲେ ) ।*

**ଭାବାର୍ଥ**: ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଲେ; ହେ ରାଜନ୍ ! ଏହିପରି କହି ମହାଯୋଗେଶ୍ୱର ହରି ଶ୍ରୀକୃଷ୍ଣ, ଏହାର ଉପରାନ୍ତ ଅର୍ଜୁନଙ୍କୁ ନିଜର ବିରାଟ ଐଶ୍ୱର୍ଯ୍ୟଯୁକ୍ତ ଦିବ୍ୟ ସ୍ୱରୂପ ଦେଖାଇବାକୁ ଲାଗିଲେ । 'ମହାଯୋଗେଶ୍ୱର' ଏବଂ 'ହରି' ଶବ୍ଦ ପ୍ରୟୋଗ କରି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଏହା ଜଣାଇବାକୁ ଚାହୁଁଛନ୍ତି କି, ଶ୍ରୀକୃଷ୍ଣ କୌଣସି ସାଧାରଣ ମନୁଷ୍ୟ ନୁହନ୍ତି । ସେ ସମସ୍ତ ଯୋଗର ସ୍ରଷ୍ଟା, ସକଳ ଅବିଦ୍ୟା, ପାପ ଓ କ୍ଳେଶ ହରଣକାରୀ ସାକ୍ଷାତ୍ ପରମେଶ୍ୱର । ଯେ ସ୍ୱୟଂ ଯୋଗୀ ଏବଂ ଅନ୍ୟକୁ ମଧ୍ୟ ଯୋଗ ପ୍ରଦାନ କରିବା ଯାହାଙ୍କ ପାଖରେ କ୍ଷମତା ରହିଛି, ଯେ ଯୋଗର ସ୍ୱାମୀ, ତାହାଙ୍କୁ 'ଯୋଗେଶ୍ୱର' କୁହାଯାଏ । ଜୀବ ଓ ବ୍ରହ୍ମର ଏକତା ହେଉଛି ଯୋଗ । ମହାପୁରୁଷ ହେବା ସଙ୍ଗେ ସଙ୍ଗେ ଯେ' ଯୋଗକୁ ମଧ୍ୟ ପୂର୍ଣ୍ଣରୂପେ ଜାଣିଛନ୍ତି, ସେହି ଶୁକଦେବ, ବାମଦେବ ଓ ଯାଜ୍ଞବଲ୍କ୍ୟ, ଜନକ ପ୍ରଭୃତିଙ୍କ ଈଶ୍ୱର ବା ପ୍ରଭୁ ହେବା କାରଣରୁ ଭଗବାନ ମହା ଯୋଗେଶ୍ୱର । ସର୍ବସ୍ୱ ହରଣ କରି ନେଇ ସତ୍ୟରେ ଯେ' ପ୍ରତିଷ୍ଠିତ କରାଇ ପାରିଥାଏ, ସେ' ହରି । ଯଦି କେବଳ ଦୁଃଖକୁ ହରଣ କରି ସୁଖକୁ ଛାଡି ଦିଆଯାଏ, ତାହା ହେଲେ ସେହି ସୁଖ ଟିକକ ପୁଣି ଦୁଃଖ ରୂପେ ଉଭା ହେବ । ଏଣୁ ଭକ୍ତର ସମସ୍ତ ପାପ ନାଶ ସହିତ ସର୍ବସ୍ୱ ହରଣ କରି ନିଜ ସ୍ୱରୂପ ସାକ୍ଷାତ୍କାର କରାଇବାକୁ ଯେ ସକ୍ଷମ, ସେ' ହରି ଅଟନ୍ତି । ହରି ଶବ୍ଦ ମଧ୍ୟ ଏହିପରି ଅର୍ଥ ହୋଇପାରେ କି, ଯେ ନିଜର ଅଭୂତ-ପୂର୍ବ ଶୋଭନୀୟ ରୂପ ମାଧୁର୍ଯ୍ୟରେ ସମସ୍ତଙ୍କ ଚିତ୍ତକୁ ହରଣ କରିନେଇପାରେ ସେ, ହରି । ଏହି ଦୁଇ ପଦରେ ଭଗବାନ ଶ୍ରୀକୃଷ୍ଣଙ୍କ ଅଲୌକିକତା ଏବଂ ପ୍ରଭୁତ୍ୱ ପ୍ରକଟିତ ହୋଇଛି । ମହାଯୋଗେଶ୍ୱର ଏବଂ ହରି ବୋଲି ସମ୍ବୋଧନ କରି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ପରୋକ୍ଷରେ ସାବଧାନ କରି ଦେଇଛନ୍ତି କି, ଅଚିନ୍ତ୍ୟ ଶକ୍ତି ଓ ସାମର୍ଥ୍ୟ ଯୁକ୍ତ ସମସ୍ତ ବ୍ରହ୍ମାଣ୍ଡର ସୂତ୍ରଧାର, ସ୍ରଷ୍ଟା ଓ ସଂହାରକାରୀ ଶ୍ରୀକୃଷ୍ଣ ପାଣ୍ଡବ ପକ୍ଷରେ ରହିଥିବା କାରଣରୁ ଯୁଦ୍ଧରେ ଅର୍ଜୁନଙ୍କ ବିଜୟ ସୁନିଶ୍ଚିତ । ବେଦବ୍ୟାସଙ୍କଠାରୁ ସଞ୍ଜୟକୁ ଯେଉଁ ଦିବ୍ୟଦୃଷ୍ଟି ପ୍ରାପ୍ତ ହୋଇଥିଲା, ତେଣୁ ଅର୍ଜୁନଙ୍କ ସହିତ ସେ ମଧ୍ୟ ଭଗବାନଙ୍କ ବିଶ୍ୱରୂପକୁ ଦର୍ଶନ କରୁଛନ୍ତି । ବର୍ତ୍ତମାନ ସଞ୍ଜୟ ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ସେହି ବିଶ୍ୱରୂପର ବର୍ଣ୍ଣନା କରୁଛନ୍ତି ।

ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍ ।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍॥୧୦॥

ଦିବ୍ୟମାଲ୍ୟାମ୍ବରଧରଂ  ଦିବ୍ୟଗନ୍ଧାନୁଲେପନମ୍ ।
ସର୍ବାଶ୍ଚର୍ଯ୍ୟମୟଂ  ଦେବମନନ୍ତଂ  ବିଶ୍ୱତୋମୁଖମ୍ ॥୧୧॥

*ଅନ୍ୱୟ: ଅନେକ-ବକ୍ତ୍ର-ନୟନମ୍ (ଅସଂଖ୍ୟ-ଅଗଣିତ ମୁଖ ଚକ୍ଷୁ ବିଶିଷ୍ଟ) ଅନେକାଦ୍‌-ଅଦ୍ଭୁତ-ଦର୍ଶନମ୍ (ବହୁ ଆଶ୍ଚର୍ଯ୍ୟ ଆକୃତି ବିଶିଷ୍ଟ ରୂପ ଓ ଦୃଶ୍ୟ ସମୂହ ) ଅନେକ-ଦିବ୍ୟ ଆଭରଣମ୍ (ଅନେକ ଦିବ୍ୟ ଆଭୂଷଣ-ଅଳଙ୍କାରରେ ଭୂଷିତ ) ଦିବ୍ୟ-ଅନେକ-ଉଦ୍ୟତ-ଆୟୁଧମ୍ (ହାତରେ ଉଠାଇ ରଖିଥିବା ଅନେକ ଦିବ୍ୟାସ୍ତ୍ର) ଦିବ୍ୟ-ମାଲ୍ୟ-ଅମ୍ବରଧରମ୍ (ଦିବ୍ୟ ମାଳା ଏବଂ ବସ୍ତ୍ରରେ ସୁଶୋଭିତ) ଦିବ୍ୟ-ଗନ୍ଧ-ଅନୁଲେପନମ୍ (ଦିବ୍ୟ ସୁଗନ୍ଧ ଦ୍ୱାରା ଅନୁଲିପ୍ତ-ବୋଳାଯାଇଥିବା) ସର୍ବଆଶ୍ଚର୍ଯ୍ୟମୟଂ (ଅତ୍ୟନ୍ତ ଆଶ୍ଚର୍ଯ୍ୟମୟ) ଦେବମ୍ (କାନ୍ତିଯୁକ୍ତ – ଦ୍ୟୁତିମାନ୍) ଅନନ୍ତଂ (ଅନନ୍ତ ରୂପଶାଳୀ) ବିଶ୍ୱତୋମୁଖମ୍ (ସମସ୍ତଦିଗ ମୁଖ ବିଶିଷ୍ଟ )[ଭଗବାନଙ୍କ ଶରୀର ସ୍ଥିତ ଏହି ପ୍ରକାର ସ୍ୱରୂପକୁ ଅର୍ଜୁନ ଦେଖିବାକୁ ଲାଗିଲେ ]*

**ଭାବାର୍ଥ**: ଭଗବାନ ନିଜ ଶରୀରରେ ଅନେକ ନେତ୍ରଯୁକ୍ତ ମୁଖ, ବହୁ ଆଶ୍ଚର୍ଯ୍ୟ ଆକୃତି ବିଶିଷ୍ଟ ରୂପ, ସୁସଜ୍ଜିତ ହୋଇ ରହିଥିବା ଅନେକ ଦିବ୍ୟ ଆଭୁଷଣ, ହସ୍ତରେ ଧାରଣ କରି ଉଠାଇ ରଖିଥିବା ଅନେକ ଦିବ୍ୟାସ୍ତ୍ର, ସୁଗନ୍ଧ ଅନୁଲିପ୍ତ, କାନ୍ତିଯୁକ୍ତ, ସର୍ବାଶ୍ଚର୍ଯ୍ୟମୟ, ଅନନ୍ତ ତଥା ସର୍ବ ଦିଗ ମୁଖ ବିଶିଷ୍ଟ ଯେଉଁ ସ୍ୱରୂପ, ତାହା ଅର୍ଜୁନଙ୍କୁ ଦେଖାଇବାକୁ ଲାଗିଲେ । ଏଠାରେ ଅନେକ ରୂପର ଅର୍ଥ ଏକାଧିକ ନ ବୁଝି, ତାହା ଅନନ୍ତ-ଅଗଣିତ ମୁଖ, ନେତ୍ର, ବାହୁ ବୋଲି ଧରିନେବାକୁ ହେବ । ସଞ୍ଜୟଙ୍କ ବର୍ଣ୍ଣନରୁ ଏହା ସୂଚିତ କି, ଭଗବାନଙ୍କ ଶରୀରରେ ଦେଖାଯାଉଥିବା ସମସ୍ତ ଅଙ୍ଗ ଅନନ୍ତ ଏବଂ ତାହା  ସମଗ୍ର ବ୍ରହ୍ମାଣ୍ଡକୁ ପରିବ୍ୟାପ୍ତ ହୋଇ ରହିଛି । ସ୍ୱୟଂ ଭଗବାନ ହିଁ ଅନେକ ପ୍ରକାର ମାଳ, ଅନେକ ଆଭୂଷଣ, ଅନେକ ବସ୍ତ୍ର ରୂପେ ପ୍ରକଟିତ ହୋଇଛନ୍ତି । ଭଗବାନଙ୍କ ବିରାଟ ରୂପର ସବୁକିଛି ଦିବ୍ୟ । ତାଙ୍କରି ରୂପ ଓ ବୈଚିତ୍ର୍ୟର କୌଣସି ଅନ୍ତ ନାହିଁ । ବିରାଟ ରୂପର ସମସ୍ତ ଦୃଶ୍ୟ ଅତି ଅଦ୍ଭୁତଥିଲା, ଅର୍ଥାତ ସେମାନଙ୍କ ପରିଚୟ, କାର୍ଯ୍ୟ ଓ କାରଣ ବୋଧ ହେଉ ନ ଥିଲା । ଭଗବାନଙ୍କ ଗ୍ରୀବାରେ କୌସ୍ତୁଭମଣି, ବକ୍ଷ ସ୍ଥଳରେ ଶ୍ରୀବତ୍ସ ଚିହ୍ନ ଆଭୁଷଣ ରୂପରେ ସୁଶୋଭିତ । ଧ୍ୟାନ କାଳରେ ଭଗବାନଙ୍କ ଶରୀରର ଆଭୂଷଣ ସାଧକର  ମାନସିକ ଉତ୍ସୁକତାକୁ ଜାଗ୍ରତ କରି  ଚଞ୍ଚଳତାକୁ ନିବୃତ୍ତ କରାଇବାରେ ସହାୟକ ହୁଏ । ଦୁଷ୍ଟ ଦଳନ ପୂର୍ବକ ଭକ୍ତର ପରିତ୍ରାଣ ଉଦ୍ଦେଶ୍ୟରେ ଭଗବାନ ଧାରଣ କରିଥିବା ଦିବ୍ୟାସ୍ତ୍ର ମଧ୍ୟରେ କୌମୋଦକୀ ନାମକ ଗଦା, ନନ୍ଦକ ନାମକ ଖଡ୍ଗ ଏବଂ ସୁଦର୍ଶନ ନାମକ ଚକ୍ର ପ୍ରମୁଖ । ବେଦ ଓ ପୁରାଣରେ ଭଗବାନଙ୍କ ବିଶ୍ୱରୂପର ବର୍ଣ୍ଣନା ପ୍ରାପ୍ତ ହୋଇଥିଲେ ମଧ୍ୟ, ଭଗବଦ୍  ଗୀତାରେ ଏହାର ବର୍ଣ୍ଣନ ଅତ୍ୟନ୍ତ  ସୌନ୍ଦର୍ଯ୍ୟ ଓ ରୋମାଞ୍ଚକ କାରଣରୁ ସାଧକଙ୍କ ପକ୍ଷେ ଏହାର ବିଶେଷ ମହତ୍ତ୍ୱ ରହିଛି ।

ଦିବି  ସୂର୍ଯ୍ୟ  ସହସ୍ରସ୍ୟ  ଭବେଦ୍  ଯୁଗପଦୁତ୍ ଥିତା ।
ଯଦି ଭାଃ  ସଦୃଶୀ  ସା  ସ୍ୟାଭାସସ୍ତସ୍ୟ  ମହାତ୍ମନଃ ॥୧୨॥

*ଅନ୍ୱୟ: ଯଦି (ଯଦି) ଦିବି (ଆକାଶରେ) ସୂର୍ଯ୍ୟ ସହସ୍ରସ୍ୟ (ସହସ୍ର ସୂର୍ଯ୍ୟଙ୍କର) ଭାଃ (ପ୍ରଭା-ଜ୍ୟୋତି) ଯୁଗପଦ୍ (ଏକ ସଙ୍ଗରେ ) ଉଦ୍ ଥିତ (ଉଦିତ) ଭବେଦ୍ (ହୁଅନ୍ତି) ସା (ସେହି ଜ୍ୟୋତି ମିଶି ) ତସ୍ୟ ମହାତ୍ମନଃ (ସେହି ମହାତ୍ମାଙ୍କ ଅର୍ଥାତ୍ ବିଶ୍ୱରୂପ) ଭାସଃ ସଦୃଶୀ (ପ୍ରଭା ସମାନ – ଜ୍ୟୋତି ତୁଲ୍ୟ) ସ୍ୟାତ୍ (ହୋଇପାରେ ) ।*

**ଭାବାର୍ଥ**: ଆକାଶରେ ଯଦି ଏକ ସଙ୍ଗେ ସହସ୍ର ସୂର୍ଯ୍ୟଙ୍କ ଜ୍ୟୋତି ସମ ଭାବରେ ଉଦ୍ଭାସିତ ହୁଏ, ତାହା ହେଲେ ସେହି ତେଜୋମୟ କାନ୍ତି, ଭଗବାନଙ୍କ ବିଶ୍ୱରୂପରୁ ନିର୍ଗତ ହେଉଥିବା ଜ୍ୟୋତି ସହିତ ସମାନ ହୋଇପାରେ । ଯୁଦ୍ଧ କ୍ଷେତ୍ରରେ ସଞ୍ଜୟ କିମ୍ବା ଧୃତରାଷ୍ଟ୍ର କେହି ହେଲେ ଉପସ୍ଥିତ ରହି ନାହାନ୍ତି । ସଞ୍ଜୟ ଯେଉଁ ବିଶ୍ୱରୂପକୁ ବ୍ୟାସଦେବଙ୍କ ଦ୍ୱାରା ପ୍ରଦତ୍ତ ଦିବ୍ୟ ଚକ୍ଷୁ ଦ୍ୱାରା ଦେଖୁଛନ୍ତି, ତାହା ସମଗ୍ର ଅନ୍ତରୀକ୍ଷକୁ ବ୍ୟାପ୍ତ ହୋଇ ରହିଛି । ସେହି ଅକଳନୀୟ, ଅବର୍ଣ୍ଣନନୀୟ ସ୍ୱରୂପକୁ ସାଙ୍କେତିକ ଭାବେ ପରିପ୍ରକାଶ କରିବାକୁ ଯାଇ ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ ତୁଳନା କରିଛନ୍ତି । ବସ୍ତୁତଃ ସୂର୍ଯ୍ୟଙ୍କଠାରେ ଯେଉଁ ତେଜ, ତାହା ପରମ ପୁରୁଷ ଭଗବାନଙ୍କଠାରୁ ହିଁ ପ୍ରାପ୍ତ ହୋଇଥାଏ । ତେଣୁ ତାହା ଅନିତ୍ୟ, ଭୌତିକ ଏବଂ ସିମୀତ । ପରନ୍ତୁ ଭଗବାନଙ୍କ ଯେଉଁ ବିରାଟ ରୂପର ପ୍ରକାଶ, ତାହା ନିତ୍ୟ, ଦିବ୍ୟ, ଅଲୌକିକ ଏବଂ ଅପରିମିତ । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଆଦି ଜଗତର ସମସ୍ତ ଜ୍ୟୋତି ପିଣ୍ଡ, ସେହି ସର୍ବାତ୍ମା ଜ୍ୟୋତିର କିଛି କିଛି ପ୍ରକାଶ ଗ୍ରହଣ କରି ପ୍ରକାଶିତ ହୋଇଥାଆନ୍ତି । ଆତ୍ମା ଜ୍ୟୋତି ସେହି ପରମ ଜ୍ୟୋତି ଅଂଶ ବିଶେଷ ଭାବେ ସଂସାରର ସମସ୍ତ ଜ୍ୟୋତିର ଉର୍ଦ୍ଧ୍ୱରେ ଯାହାକୁ ଅନ୍ଧକାର ମଧ ସ୍ପର୍ଶ କରି ପାରି ନ ଥାଏ ।

ତତ୍ରୈକସ୍ଥଂ ଜଗତ୍ କୃତ୍ସ୍ନଂ ପ୍ରବିଭକ୍ତମନେକଧା ।
ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ॥୧୩॥

*ଅନ୍ୱୟ: ତଦା (ସେହି ସମୟରେ) ପାଣ୍ଡବଃ (ପାଣ୍ଡୁପୁତ୍ର ଅର୍ଜୁନ) ଦେବଦେବସ୍ୟ (ଦେବାଧିଦେବ) ତତ୍ର (ସେହିଠାରେ ଅର୍ଥାତ୍ ଭଗବାନଙ୍କ ସେହି ବିରାଟ) ଶରୀରେ (ଶରୀରରେ) ଏକସ୍ଥମ୍ (ଏକ ସ୍ଥାନରେ ସ୍ଥିତ) ଅନେକଧା ( ଅନେକ ପ୍ରକାର ରୂପରେ ) ପ୍ରବିଭକ୍ତମ୍ (ଭାଗ-ଭାଗ ହୋଇ ରହିଥିବା ) କୃତ୍ସ୍ନଂ (ସମଗ୍ର) ଜଗତ୍ (ଜଗତକୁ) ଅପଶ୍ୟତ୍ (ଦେଖିଲେ ) ।*

**ଭାବାର୍ଥ**: ଦଶମ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ଭଗବାନ ସମ୍ପୂର୍ଣ୍ଣ ଜଗତ ମୋର ଏକ ଅଂଶରେ ସ୍ଥିତ ବୋଲି ଯାହା କହିଥିଲେ, ଅର୍ଜୁନ ଏବେ ଶ୍ରୀକୃଷ୍ଣଙ୍କ ବିରାଟ ଶରୀରରେ ଦେବ, ପିତୃ ଓ ମନୁଷ୍ୟାଦି ପୃଥକ୍-ପୃଥକ୍ ଭାବେ ବିଭକ୍ତ ସମଗ୍ର ଜଗତକୁ ଏକ ସ୍ଥାନରେ ଅବସ୍ଥିତ ଥିବାର ପ୍ରତ୍ୟକ୍ଷରେ ଦେଖୁଛନ୍ତି । ବ୍ରହ୍ମା ଆଦି ଦେବତା ମାନଙ୍କ ଆରାଧ କାରଣରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେବଦେବ କୁହାଯାଇଛି । ଭଗବାନଙ୍କ ଶରୀରରେ ଯେଉଁ ଯେଉଁ ସ୍ଥାନକୁ ଅର୍ଜୁନଙ୍କ ଦୃଷ୍ଟି ଯାଉଛି, ସେହିଠାରେ ଅନନ୍ତ ବ୍ରହ୍ମାଣ୍ଡ ଦୃଶ୍ୟମାନ ହେଉଛି । ବ୍ରହ୍ମାଣ୍ଡ ସମସ୍ତ 'ଅନେକଧା' ଅର୍ଥାତ୍ ମୃଣମୟ (ମୃତ୍ତିକା), ହିରଣ୍ୟମୟ (ସୁବର୍ଣ୍ଣ) ମଣିମୟ (ମଣିମୁକ୍ତା) ଦ୍ୱାରା ନିର୍ମିତ ହୋଇଥିବା ଏବଂ ଭିନ୍ନ ଭିନ୍ନ ଆକୃତିର ହୋଇଥିବା ଦେଖାଯାଉଛି । ଭାଗବତରେ ଲେଖା ରହିଛି କି, ମାତା ଯଶୋଦା କହ୍ନେୟା ଲାଲଙ୍କ ଛୋଟ ପାଟି ଭିତରେ ଯେଉଁ ବିଶ୍ୱରୂପ ଦେଖିଲେ, ସେଥିରେ ଅନନ୍ତକୋଟି ବ୍ରହ୍ମାଣ୍ଡ ମଧ୍ୟରେ ସମଗ୍ର ଭୂମଣ୍ଡଳ, ତାରି ଭିତରେ ବ୍ରଜ ମଣ୍ଡଳ, ନନ୍ଦରାଜାଙ୍କ ଭବନ ଓ କାହ୍ନାଙ୍କ ସହିତ ନିଜକୁ ଦେଖିଲେ । ସେହିପରି ଅର୍ଜୁନ ବିରାଟ ରୂପରେ ଦ୍ୱିଭୁଜ ଭଗବାନ ଶ୍ରୀକୃଷ୍ଣ ସାରଥି ହୋଇ ଅଶ୍ୱମାନଙ୍କ ଲଗାମ ଟାଣୁଥିବା ବେଳେ ନିଜକୁ ରଥୀ ରୂପେ ରଥରେ ଆରୁଢ ହେବାର ଦେଖୁଛନ୍ତି । ଅନେକତା ଏକରେ ସମାହିତ ହୋଇ ଦୃଶ୍ୟମାନ ହେବା ଜ୍ଞାନର ପ୍ରକ୍ରିୟା । ଯେ ପର୍ଯ୍ୟନ୍ତ ବିବିଧତା ବୋଧ ହୋଇଥାଏ, ସେ ପର୍ଯ୍ୟନ୍ତ ବସ୍ତୁର

ଜ୍ଞାନ ଠିକ୍ ହୋଇନାହିଁ । ଜାଣିବା ଓ ଜଣା ଯାଉଥିବା ମଧ୍ୟରେ ଭେଦ ଯେବେ ରହି ନ ଥାଏ, ତାହା ଶୁଦ୍ଧ ଜ୍ଞାନ । ଭକ୍ତି ତତ୍ତ୍ୱ ଯେତେବେଳେ ମୂଳ ଆଧାର ହୋଇଯାଏ, ସେତେବେଳେ ଜ୍ଞାନ ସ୍ୱରୂପ ଅନୁଭବ ସ୍ୱରୂପରେ ପରିଣତ ହୋଇଯାଇ ଥାଏ । ଏହି ସମ୍ବନ୍ଧରେ ସ୍ୱାମୀ ଶିବାନନ୍ଦ ମହାରାଜା କହିଛନ୍ତି, "ଏତେ ବ୍ୟସ୍ତ ବିଭ୍ରାନ୍ତ ହେଉଛନ୍ତି କାହିଁକି ? ରୂପଧାରୀ ଓ ଅରୂପ ଭିନ୍ନ ନୁହନ୍ତି । ଯେ ଅରୂପ, ସେ ରୂପଧାରୀଙ୍କଠାରୁ ଭିନ୍ନ ନୁହନ୍ତି । ଅରୂପ ହିଁ ରୂପଧାରୀ ଭାବେ ପ୍ରକଟିତ ହୋଇଛନ୍ତି । ସେ ଭିତରେ ଦ୍ୱୈତ ନାହିଁ । ସେ ଉଭୟେ ଏକ ଓ ଅଭିନ୍ନ ।"

ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ ।
ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ ॥୧୪॥

*ଅନ୍ୱୟ: ତତଃ (ତଦନନ୍ତର) ସଃ (ସେହି ) ଧନଞ୍ଜୟଃ (ଅର୍ଜୁନ) ବିସ୍ମୟ-ଆବିଷ୍ଟଃ (ଅତ୍ୟାଶ୍ଚର୍ଯ୍ୟ ହୋଇ ) ହୃଷ୍ଟରୋମା (ତାଙ୍କ ଶରୀର ରୋମାଞ୍ଚିତ ହୋଇ) ଦେବଂ (ବିରାଟ ରୂପଧାରୀ ଭଗବାନଙ୍କୁ-ବିଶ୍ୱରୂପଧାରୀ ଶ୍ରୀକୃଷ୍ଣଙ୍କୁ ) ଶିରସା (ନତ ମସ୍ତକ ହୋଇ) କୃତାଞ୍ଜଳିଃ (ଯୋଡ ହସ୍ତ ପୂର୍ବକ) ଅଭାଷତ (ସ୍ତୁତି କରିବାକୁ ଲାଗିଲେ ) ।*

**ଭାବାର୍ଥ**: ଅର୍ଜୁନ ସେହି ପରମଦେବ ଶ୍ରୀକୃଷ୍ଣଙ୍କ ଶରୀରରେ ସମ୍ପୂର୍ଣ୍ଣ ଜଗତକୁ ଏକ ସ୍ଥାନରେ ଅବସ୍ଥିତ ତଥା ନାନା ପ୍ରକାର ବିଭକ୍ତ ରୂପରେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଉଠିଲେ । ତାଙ୍କରି ସର୍ବାଙ୍ଗ ଶରୀର ରୋମାଞ୍ଚିତ ହେବାକୁ ଲାଗିଲା । ଅର୍ଜୁନ ପୂର୍ବରୁ ଏହି ଐଶ୍ୱର୍ଯ୍ୟପୂର୍ଣ୍ଣ ସ୍ୱରୂପକୁ ଦେଖି ନ ଥିଲେ କି କେବେ ବି ଏହାର କଳ୍ପନା ମଧ୍ୟ କରି ନ ଥିଲେ । ଅବିଶ୍ୱସନୀୟ ଏବଂ ଅଲୌକିକ ରୂପକୁ ଦେଖିବା କ୍ଷଣି ମହାନ ହର୍ଷ ଓ ଆଶ୍ଚର୍ଯ୍ୟ କାରଣରୁ ଅର୍ଜୁନଙ୍କ ସର୍ବାଙ୍ଗ ଶରୀର ପୁଲକିତ ହୋଇ ଉଠିଲା । ଭଗବାନଙ୍କ ଅପରିମିତ ପ୍ରଭାବର କିଛି ଅଂଶ ମାନସ ପଟରେ ଅଙ୍କିତ ହୋଇ ରହିଯିବା କାରଣରୁ ସେ ଅଦ୍ଭୁତ ରସରେ ଭାବ ବିହ୍ୱଳ ହୋଇ ପଡିଲେ । ପରମ ପ୍ରକାଶମୟ ମହାନ୍ ସ୍ୱରୂପକୁ ଦର୍ଶନ କରି ଭୟଭୀତ ନ ହୋଇ ବରଂ ତାଙ୍କରି ହୃଦୟରେ ପୂଜ୍ୟଭାବ ଜାଗ୍ରତ ହେବାକୁ ଲାଗିଲା । ମସ୍ତକକୁ ଭଗବାନଙ୍କ ଚରଣରେ ଲଗାଇ ଯୋଡ ହସ୍ତ ପୂର୍ବକ ବିନମ୍ର ଭାବରେ ପ୍ରଣାମ କରି ସ୍ତୁତି କରିବାକୁ ଲାଗିଲେ । ପୂଜ୍ୟ ସ୍ୱାମୀ ଚିଦାନନ୍ଦାଜୀ ମହାରାଜ 'ମାନନୀୟ ସତ୍ୟାବଳି" (ପଣ୍ଡେର୍ ଦିଜ୍ ଟ୍ରୁଥ୍)ରେ କହିଛନ୍ତି; "ଅର୍ଜୁନ କିଏ ? ଅର୍ଜୁନ ଜଣେ ବ୍ୟକ୍ତି – ସମଗ୍ର ମାନବ ସମାଜର ଜଣେ ପ୍ରତିନିଧି । ସେହି ଅର୍ଜୁନଙ୍କ ପ୍ରତି ଭଗବାନ କୃଷ୍ଣଙ୍କ ହୃଦୟରେ ରହିଥିବା ପ୍ରେମର ପ୍ରାଚୁର୍ଯ୍ୟ ହିଁ ମନୁଷ୍ୟ ସମାଜକୁ ଦେଇଛି ଗୀତାର ଏକାଦଶ ଅଧ୍ୟାୟର ଅସାମାନ୍ୟ ଅନୁଭୂତି ।"

ଅର୍ଜୁନ ଉବାଚ

ପଶ୍ୟାମି ଦେବାଂସ୍ତବ ଦେବ ଦେହେ ସର୍ବାଂସ୍ତଥା ଭୂତବିଶେଷସଘାଂନ୍ ।
ବ୍ରହ୍ମାଣମୀଶଂ କମଳାସନସ୍ଥ ମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ॥୧୫॥


*ଅନ୍ୱୟ: ଦେବ (ହେ ଦେବ !) ତବ ଦେହେ (ଆପଣଙ୍କ ଶରୀରରେ) ସର୍ବାନ୍ (ସମସ୍ତ) ଦେବାନ୍ (ଦେବଗଣଙ୍କୁ) ତଥା (ତଥା) ଭୂତବିଶେଷ ( ଅନେକ ଜୀବ ସମୁଦାୟ) ଚ (ଏବଂ) କମଳ-ଆସନସ୍ଥମ୍ (କମଳାସନସ୍ଥ) ବ୍ରହ୍ମାଣାମ୍ (ବ୍ରହ୍ମାଙ୍କୁ) ଈଶମ୍ (ମହାଦେବଙ୍କୁ) ସର୍ବାନ୍ ଋଷୀନ୍ (ସମସ୍ତ ଋଷିଗଣଙ୍କୁ) ଚ (ଓ) ଦିବ୍ୟାନ୍ (ଦିବ୍ୟ) ଉରଗାନ୍ (ସର୍ପମାନଙ୍କୁ) ପଶ୍ୟାମି (ଦେଖୁଛି)।*

**ଭାବାର୍ଥ**: ଅର୍ଜୁନ କହିଲେ; ହେ ଦେବ ! ଆପଣଙ୍କ ବିରାଟ ଶରୀରରେ ସମସ୍ତ ଦେବଗଣ, ଅନେକ ଜୀବ ସମୁଦାୟ, କମଳାସନ ଉପରେ ବିରାଜମାନ ସୃଷ୍ଟିକର୍ତ୍ତା ବ୍ରହ୍ମା, ଶିବ, ସମସ୍ତ ଦିବ୍ୟ ଋଷିଗଣ, ବାସୁକି ଅନନ୍ତ, ତକ୍ଷକାଦି ସର୍ପମାନଙ୍କୁ 'ମୁଁ' ଦେଖୁଛି ଅର୍ଥାତ୍ ସେମାନଙ୍କ ଉପସ୍ଥିତି ଅନୁଭବ କରୁଛି । ଚୌରାସି ଲକ୍ଷ ଯୋନି ସମ୍ଭୁତ ମନୁଷ୍ୟ, ପଶୁ, ପକ୍ଷୀ କୀଟ, ପତଙ୍ଗ ଆଦି ସମସ୍ତ ଭୂତ ସମୂହକୁ ମୁଁ ଅବଲୋକନ କରିପାରୁଅଛି । ବିଷ୍ଣୁଙ୍କ ନାଭିରୁ ଉତ୍ପନ୍ନ କମଳ ଉପରେ ବିରାଜିତ ବ୍ରହ୍ମାଙ୍କୁ ଦେଖୁଛି ବୋଲି ଅର୍ଜୁନ କହିବାର ତତ୍ପର୍ଯ୍ୟ ହେଲା; ବ୍ରହ୍ମା ଓ ଭଗବାନ ଶଙ୍କରଙ୍କ ସହିତ, ଶେଷଶାୟୀ ବିଷ୍ଣୁ ସ୍ୱରୂପକୁ ମଧ୍ୟ ସେ ଦେଖୁଛନ୍ତି । ଋଷିଗଣ ବେଦମନ୍ତ୍ରର ଦ୍ରଷ୍ଟା ଏବଂ ସଂସାରର ଜ୍ଞାନ-ବିଜ୍ଞାନ ଜ୍ୟୋତିର ଆଦି ପ୍ରକାଶକ । ବଶିଷ୍ଠ ଆଦି ସେହି ଋଷିମାନଙ୍କୁ ଅର୍ଜୁନ ପ୍ରତ୍ୟକ୍ଷରେ ଦେଖୁଛନ୍ତି । ଅନନ୍ତ ନାଗ ନିଜ ସହସ୍ର ଫଣାରେ ମେଦିନୀକୁ ଧାରଣ କରିବାର ଏବଂ ସ୍ୱର୍ଗସ୍ଥିତ ବାସୁକି ଆଦି ଦିବ୍ୟ ସର୍ପଙ୍କୁ ଦେଖୁଛନ୍ତି । ଏହିପରି ଭାବରେ ମର୍ତ୍ତ୍ୟଲୋକରେ ଥାଇ, ଅର୍ଜୁନ ଦେବଲୋକ, ବ୍ରହ୍ମଲୋକ, ବୈକୁଣ୍ଠ, କୈଳାସ, ନାଗଲୋକ ଆଦି ସମସ୍ତ ଲୋକକୁ ଏକ ସ୍ଥାନରେ ଦେଖି ପାରୁଛନ୍ତି ।

ଅନେକବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।
ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ॥୧୬॥

*ଅନ୍ୱୟ :ବିଶ୍ୱରୂପ (ହେ ବିଶ୍ୱ ରୂପ !) ତ୍ୱାମ୍ (ଆପଣଙ୍କୁ) ଅନେକବାହୁ-ଉଦର-ବକ୍ତ୍ର-ନେତ୍ରମ୍ ( ଅନେକ ହସ୍ତ, ଉଦର, ମୁଖ ଓ ନେତ୍ର ବିଶିଷ୍ଟ ) ସର୍ବତଃ (ଚତୁର୍ଦ୍ଦିଗରୁ) ଅନନ୍ତରୂପମ୍ (ଅନେକ ରୂପ ବିଶିଷ୍ଟ) ପଶ୍ୟାମି (ଦେଖୁଅଛି) ବିଶ୍ୱେଶ୍ୱର (ହେ ବିଶ୍ୱେଶ୍ୱର !) ତବ (ଆପଣଙ୍କ ତ୍ରିଭୁବନାତ୍ମକ ରୂପର ) ନ ଆଦିଂ ପଶ୍ୟାମି (ଆଦିକୁ ଦେଖି ପାରୁ ନାହିଁ) ନ ମଧ୍ୟଂ (ମଧ୍ୟକୁ ଦେଖି ପାରୁ ନାହିଁ) ପୁନଃ (ପୁଣି) ନାନ୍ତଂ (ଅନ୍ତକୁ ମଧ୍ୟ ଦେଖିପାରୁ ନାହିଁ) ।*

**ଭାବାର୍ଥ**: ଅର୍ଜୁନ କହୁଛନ୍ତି; ହେ ବିଶ୍ୱରୂପ ! ଅସଂଖ୍ୟ ବାହୁ, ଉଦର, ମୁଖ ଏବଂ ନେତ୍ର ଯୁକ୍ତ ଆପଣଙ୍କ ଅନନ୍ତରୂପ ଚତୁର୍ଦ୍ଦିଗକୁ ବ୍ୟାପ୍ତ ହୋଇ ରହିଥିବାର 'ମୁଁ' ଦେଖୁଅଛି । ହେ ବିଶ୍ୱେଶ୍ୱର ! ପୁଣି ଆପଣଙ୍କ ସେହି ତ୍ରିଭୁବନାତ୍ମକ ରୂପର କେଉଁଠି ଅନ୍ତ, ଏହାର କେଉଁ ସ୍ଥାନ ମଧ୍ୟଭାଗ ଏବଂ ଏହା କେଉଁ ଠାରୁ ଆରମ୍ଭ ହୋଇଛି, କିଛି ମଧ୍ୟ 'ମୁଁ' ଜାଣିପାରୁ ନାହିଁ । ଆଦି, ମଧ୍ୟ ଓ ଅନ୍ତ ଦେଖି ପାରୁନାହିଁ, କହିବାର ତାତ୍ପର୍ଯ୍ୟ ହେଲା; ଅର୍ଜୁନ ଯେଉଁ ରୂପ ଦେଖୁଥିଲେ ତାହା ଏତେ ବିରାଟ ଏବଂ ବିବିଧତା ଥିଲା କି, ଯାହାର ଆକୃତିକୁ ନିର୍ଦ୍ଦିଷ୍ଟ ଭାବେ ଧାରଣା କରିନେବା କିମ୍ବା ବର୍ଣ୍ଣନା କରିବା ସମ୍ଭବ ନୁହେଁ । ପରମାତ୍ମା ଯିଏ ଅନନ୍ତ, ଯିଏ ଅକ୍ଷୟ ଏବଂ ଦେଶ-କାଳାତୀତ, ଦିବ୍ୟ ଚକ୍ଷୁ ସହାୟତାରେ ଦେଖାଯାଉଥିବା ତାହାଙ୍କ ଆକାର କିପରି ପରିମେୟ ବା ସୀମାବଦ୍ଧ ହେବ ? ରନ୍ଧ୍ର ମଧ୍ୟଦେଇ ଆସୁଥିବା ସୂର୍ଯ୍ୟ ରଶ୍ମିରେ ଉଡୁଥିବା ଅନେକ କ୍ଷୁଦ୍ର କ୍ଷୁଦ୍ର ଧୂଳିକଣା ଦେଖାଗଲା ଭଳି, ଭଗବାନଙ୍କ ପ୍ରତ୍ୟେକଟି ଲୋମ କୁପରେ ଅଗଣିତ ବ୍ରହ୍ମାଣ୍ଡ ଘୁରି ବୁଲୁଥିବାର ଅର୍ଜୁନ ଦେଖୁଛନ୍ତି ।





*********************ଶରଣାଗତଂ *******************

କିରୀଟିନଂ ଗଦିନଂ ଚକ୍ରିଣଂ ଚ ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।
ପଶ୍ୟାମି ତ୍ୱାମ୍ ଦୁର୍ନିରୀକ୍ଷ୍ୟଂ  ସମନ୍ତାଦୀପ୍ତାନଳାର୍କଦ୍ୟୁତିମପ୍ରମେୟମ୍ ॥୧୭॥

*ଅନ୍ୱୟ: ତ୍ୱାମ୍(ଆପଣଙ୍କୁ) କିରୀଟିନଂ (ମୁକୁଟଯୁକ୍ତ) ଗଦିନଂ (ଗଦାହସ୍ତ) ଚକ୍ରିଣଂ ଚ (ଏବଂ ଚକ୍ରଧାରୀ ସହ) ସର୍ବତଃ (ସର୍ବତ୍ର) ଦିପ୍ତୀମନ୍ତମ୍ (ପ୍ରକାଶମାନ) ତେଜୋରାଶିମ୍ (ତେଜ ସମୂହ) ଦୁଃ-ନିରୀକ୍ଷ୍ୟଂ (ଦୁର୍ଦଶନୀୟ-ଦେଖିବା କଷ୍ଟସାଧ) ଦୀପ୍ତ-ଅନଳ-ଅର୍କ-ଦ୍ୟୁତିମ୍ (ପ୍ରଜ୍ୱଳିତ ଅଗ୍ନି ଏବଂ ସୂର୍ଯ୍ୟଙ୍କ ସମ ଜ୍ୟୋର୍ତିମାନ୍) ଅପ୍ରମେୟ ଚ ( ଅପରିମେୟ-ଅକଳନୀୟ) ସମନ୍ତାତ୍ (ସର୍ବତ୍ର) ପଶ୍ୟାମି (ଦେଖୁଛି)।*

**ଭାବାର୍ଥ**: ବିଶ୍ୱରୂପକୁ ଦେଖି ଅର୍ଜୁନ କହିଲେ; ହେ ବିଶ୍ୱସ୍ୱାମୀ ! 'ମୁଁ' ଆପଣଙ୍କ ମସ୍ତକରେ ମୁକୁଟ, ହସ୍ତରେ ଗଦା ଏବଂ ଚକ୍ରଧାରଣ କରିଥିବା ସର୍ବତ୍ର ପ୍ରକାଶମାନ ରୂପକୁ ଦେଖୁଛି । ତେଜପୁଞ୍ଜରେ ଝଲକୁଥିବା ପ୍ରଜ୍ୱଳିତ ଅଗ୍ନି ଓ ସୂର୍ଯ୍ୟସମ ଜ୍ୟୋତିର୍ମୟ ଏବଂ ଅପରିସୀମ ସ୍ୱରୂପକୁ ଦେଖିବା ଅତୀବ କଷ୍ଟସାଧ । ବିଶ୍ୱରୂପରେ ଦେଖାଯାଉଥିବା ସମସ୍ତ ମସ୍ତକ ଏବଂ ହସ୍ତ ସମୂହ, ଜାଜୁଲ୍ୟମାନ ମୁକୁଟ ଏବଂ ବିଭିନ୍ନ ଆୟୁଧ ଦ୍ୱାରା ସୁଶୋଭିତ । ଆପଣଙ୍କ ଏହି ବିରାଟ ରୂପ ମୋତେ ମୂର୍ତ୍ତିମାନ ଜ୍ୟୋତିପୁଞ୍ଜ ତଥା ସମସ୍ତ ଦିଗରେ ପ୍ରକାଶମାନ ଦେଖାଯାଉଛି । ଏଥିରୁ ନିର୍ଗତ ହେଉଥିବା ଉଜ୍ଜ୍ୱଳ ଜ୍ୟୋତି ସମୂହ ପ୍ରଜ୍ୱଳିତ ଅଗ୍ନି ଏବଂ ସହସ୍ର ସୂର୍ଯ୍ୟଙ୍କ ପରି ଅତ୍ୟନ୍ତ ଦେଦୀପ୍ୟମାନ । ତେଜର ତୀବ୍ରତା କାରଣରୁ ଆପଣଙ୍କ ରୂପକୁ ଦୃଷ୍ଟିପାତ କରିବା କଷ୍ଟସାଧ ହୋଇ ଉଠୁଛି । ଭଗବାନଙ୍କ ଅନୁଗ୍ରହରୁ ପ୍ରାପ୍ତ ଦିବ୍ୟ ଚକ୍ଷୁରେ ଯଦିଓ ଅର୍ଜୁନ ଦେଖିବାକୁ ସକ୍ଷମ ହେଉଥିଲେ, ବିରାଟ ରୂପର ଆଦି, ଅନ୍ତକୁ ନିର୍ଣ୍ଣୟ କରି ଭଗବାନ ସ୍ୱରୂପର ପୂର୍ଣ୍ଣତୟା ପ୍ରାଞ୍ଜଳ ଭାବେ ଦେଖିବାକୁ ସେ' ଅସମର୍ଥ । କାରଣ ଭଗବାନ ଅନନ୍ତ ଏବଂ ଅପ୍ରମେୟ ଅର୍ଥାତ୍ ପ୍ରାମାଣିକ ବସ୍ତୁର ଉର୍ଦ୍ଧ୍ୱରେ । ତାଙ୍କରି ଗୁଣ, ପ୍ରଭାବ, ଶକ୍ତି ଏବଂ ସ୍ୱରୂପକୁ କେହି ମଧ ଜୀବ କୌଣସି ଉପାୟରେ ନିର୍ଦ୍ଦିଷ୍ଟ ଭାବରେ ସଶରୀରେ ପୂର୍ଣ୍ଣତୟା ଦର୍ଶନ କରି କଳନା କରି ପାରି ନାହାନ୍ତି ।

ତ୍ୱମକ୍ଷରଂ ପରମଂ  ବେଦିତବ୍ୟଂ ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।

ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥୧୮॥

*ଅନ୍ୱୟ: ତ୍ୱଂ (ଆପଣ) ଅକ୍ଷରଂ (ପରବ୍ରହ୍ମ-ଅକ୍ଷରବ୍ରହ୍ମ) ପରମଂ (ଶ୍ରେଷ୍ଠ-ଅଦ୍ୱିତୀୟ) ବେଦିତବ୍ୟଂ ( ଜ୍ଞାତବ୍ୟ -ମୁକ୍ତ ପୁରୁଷଙ୍କ ଜାଣିବା ଯୋଗ୍ୟ) ତ୍ୱମ ଅସ୍ୟ ବିଶ୍ୱସ୍ୟ (ଆପଣ ଏହି ବିଶ୍ୱର) ପରମ (ଶ୍ରେଷ୍ଠ ବା ଏକମାତ୍ର ) ନିଧାନମ୍ (ଆଶ୍ରୟ-ଆଧାର) ତ୍ୱମ୍ ଅବ୍ୟୟଃ (ଆପଣ ଅବିନାଶୀ) ଶାଶ୍ୱତ-ଧର୍ମ-ଗୋପ୍ତା (ସନାତନ ଧର୍ମର  ରକ୍ଷକ ) ତ୍ୱଂ ସନାତନଃ (ଆପଣ ପ୍ରାଚୀନ-ଚିରନ୍ତନ ) ପୁରୁଷଃ (ପରମ ପୁରୁଷ ପରମାତ୍ମା) ମେ ମତଃ (ଏହା ମୋର ମତ – ଏହା 'ମୁଁ' ନିଶ୍ଚିତ ) ।*

**ଭାବାର୍ଥ**: ଅଚିନ୍ତ୍ୟ ମହୈଶ୍ୱର୍ଯ୍ୟପୂର୍ଣ୍ଣ  ରୂପ ଦେଖି ଅର୍ଜୁନ ଏହା ନିଶ୍ଚିତ ହୋଇ କହୁଛନ୍ତି କି, ଆପଣ ହିଁ ପରମ ଅକ୍ଷର ଅର୍ଥାତ୍ ଅକ୍ଷୟ ପରବ୍ରହ୍ମ-ପରମାତ୍ମା । ଅନ୍ୟ ଅର୍ଥରେ ଯେଉଁ ଏକ ପରମାର୍ଥ, ଯାହା ସବୁଠାରେ ବ୍ୟାପ୍ତ, ତାହା ହେଉଛି ଅକ୍ଷର ପରମତତ୍ତ୍ୱ । ଆପଣ ହିଁ ବେଦ, ଶାସ୍ତ୍ର, ପୁରାଣ, ତତ୍ତ୍ୱଦର୍ଶୀ ଓ ମୁକ୍ତ ପୁରୁଷଙ୍କ ଦ୍ୱାରା ଜାଣିବା ଯୋଗ୍ୟ, ଏକମାତ୍ର ନିର୍ଗୁଣ-ନିରାକାର ଅକ୍ଷର ତତ୍ତ୍ୱ । ଆପଣ ଏହି ବିଶ୍ୱର ଆଶ୍ରୟ ଏବଂ ସର୍ବ ଶେଷ ଆଧାର । କାରଣ-କାର୍ଯ୍ୟ ରୂପରେ ସମ୍ପୂର୍ଣ୍ଣ ଜଗତ ଆପଣଙ୍କ ଠାରେ ସ୍ଥିତ । ମହାସର୍ଗ କାଳରେ ବିଶ୍ୱ ବ୍ରହ୍ମାଣ୍ଡ ଆପଣଙ୍କଠାରୁ ପ୍ରକଟ ହୁଏ ଏବଂ ମହାପ୍ରଳୟ କାଳରେ  ଆପଣଙ୍କଠାରେ ହିଁ ଲୟ ହୁଏ । ଆପଣ ଅବିନାଶୀ ବୈଦିକ ସନାତନ ଧର୍ମର ରକ୍ଷକ । ଅବତାରୀ ପୁରୁଷ ରୂପେ ଧରା ପୃଷ୍ଠରେ  ଅବତୀର୍ଣ୍ଣ

ହୋଇ ଅଧର୍ମର ନାଶ ଘଟାଇ  ଆପଣ ଏହି ସନାତନ ଧର୍ମର ରକ୍ଷା କରି ଆସୁଛନ୍ତି । ଆପଣ ହିଁ ସମଗ୍ର ଜଗତର ହର୍ତ୍ତା, କର୍ତ୍ତା, ସର୍ବ ଶକ୍ତିମାନ୍, ଚିରନ୍ତନ, ପରମ ପୁରୁଷ ପରମେଶ୍ୱର - ଏହା ମୋର ନିଶ୍ଚିତ ବିଶ୍ୱାସ । ଅର୍ଜୁନ କହିବା ଅନୁସାରେ, ଭଗବାନଙ୍କ 'ଅକ୍ଷରବ୍ରହ୍ମ' ହେଲା ନିର୍ଗୁଣ-ନିରାକାର ରୂପ, 'ପରଂନିଧାନମ୍' ହେଲା ନିର୍ଗୁଣ-ସାକାର ରୂପ ଏବଂ 'ଶାଶ୍ୱତ ଧର୍ମଗୋପ୍ତା' ହେଲା ସଗୁଣ-ସାକାର ରୂପ । ଏହି ତିନି ରୂପର ସମନ୍ୱୟ ହେଉଛି ଭଗବାନଙ୍କ ସମଗ୍ର ସ୍ୱରୂପ  ।

ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟମନନ୍ତବାହୁଂ       ଶଶିସୂର୍ଯ୍ୟନେତ୍ରମ୍ ।
ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ॥୧୯॥

*ଅନ୍ୱୟ : ଅନାଦି-ମଧ୍ୟ-ଅନ୍ତଂ (ଆଦି,ଅନ୍ତ ଓ ମଧ୍ୟ ରହିତ) ଅନନ୍ତ ବୀର୍ଯ୍ୟମ୍ (ଅସୀମ ପରାକ୍ରମଶାଳୀ) ଅନନ୍ତ-ବାହୁମ୍ (ଅଗଣିତ ଭୁଜ ଯୁକ୍ତ) ଶଶି-ସୂର୍ଯ୍ୟ ନେତ୍ରଂ (ଚନ୍ଦ୍ର,ସୂର୍ଯ୍ୟ ଯେପରି ନେତ୍ର ଯୁକ୍ତ) ଦୀପ୍ତ-ହୁତାଶ ବକ୍ତ୍ରଂ (ଜ୍ୱଳନ୍ତ ଅଗ୍ନି ତୁଲ୍ୟ ଉଜ୍ଜଳ ମୁଖ ବିଶିଷ୍ଟ) ସ୍ୱ-ତେଜସା (ନିଜ ତେଜରେ) ଇଦଂ ବିଶ୍ୱଂ (ଏହି ସଂସାରକୁ ) ତପନ୍ତମ୍ (ସନ୍ତାପକାରୀ-ତାପ ପ୍ରଦାନକାରୀ ରୂପେ ) ତ୍ୱାଂ (ଆପଣଙ୍କୁ) ପଶ୍ୟାମି (ଦେଖୁଅଛି) ।*

**ଭାବାର୍ଥ**: ହେ ଭଗବନ୍ ! ଆପଣ ଆଦି, ଅନ୍ତ ଓ ମଧ୍ୟ ରହିତ ଅର୍ଥାତ୍ ଆପଣଙ୍କ ଉତ୍ପତ୍ତି ନାହିଁ କି ବିନାଶ ନାହିଁ । ଯେହେତୁ ଉତ୍ପତ୍ତି କି ଅନ୍ତ ନାହିଁ, ତେଣୁ ଆପଣ ସର୍ବଦା ସ୍ଥିତି, ବୃଦ୍ଧି, କ୍ଷୟ ଓ ପରିଣାମ ଆଦି ସମସ୍ତ  ବିକାର ଶୂନ୍ୟ । ଆପଣଙ୍କ ବଳ, ବୀର୍ଯ୍ୟ, ସାମର୍ଥ୍ୟ ଏବଂ ତେଜର କୌଣସି ସୀମା ନାହିଁ  । ଆପଣଙ୍କ ବିରାଟ ରୂପର ଯେଉଁ  ଦିଗକୁ ଦେଖୁଛି, ଅଗଣିତ ବାହୁ ଏବଂ ଅସଂଖ୍ୟ ମୁଖମଣ୍ଡଳ 'ମୁଁ' ଦେଖି ପାରୁଛି । ଯେଉଁ ପ୍ରଧାନ ମୁଖ, ତାହାର ଚକ୍ଷୁ ସ୍ଥାନରେ ସୂର୍ଯ୍ୟ ଓ ଚନ୍ଦ୍ରମା ଝଲସୁଛନ୍ତି  । ସୂର୍ଯ୍ୟ-ଚନ୍ଦ୍ର ରୂପି ନେତ୍ରଯୁକ୍ତର ଅର୍ଥ ହେଲା; ସୂର୍ଯ୍ୟଙ୍କ ସମାନ ପ୍ରକାଶ ପ୍ରଦାନକାରୀ ଓ ଚନ୍ଦ୍ରମାଙ୍କ ଭଳି ଶୀତଳତା ପ୍ରଦାନକାରୀ ଗୁଣ ଭଗବାନଙ୍କ ମୁଖ ମଣ୍ଡଳରେ ପରିଦୃଶ୍ୟ ହେଉଛି ।  ବିରାଟ ରୂପରେ ଦେଖା ଯାଉଥିବା ସମସ୍ତ ମୁଖ ମଣ୍ଡଳ ପ୍ରଜ୍ୱଳିତ ଅଗ୍ନି ସଦୃଶ ପ୍ରକାଶମାନ ଏବଂ ତେଜପୂର୍ଣ୍ଣ ଦେଖା ଯାଉଛି । ଯଜ୍ଞ, ହୋମ ଆଦିରେ ଆହୁତି ଦିଆଯାଉଥିବା ଦ୍ରବ୍ୟ ସମୂହକୁ ପ୍ରଜ୍ୱଳିତ ଅଗ୍ନି ସାଦୃଶ୍ୟ ଆପଣଙ୍କ ମୁଖ ଗ୍ରହଣ କରୁଛନ୍ତି । ଆପଣଙ୍କ  ତୀବ୍ର ତେଜରେ ନିଖିଳ ବିଶ୍ୱ ସନ୍ତପ୍ତ (ବ୍ୟଥିତ) ହେବାର ମୁଁ ଉପଲବ୍ଧି କରୁଛି । ତାତ୍ପର୍ଯ୍ୟ ହେଲା; ବ୍ୟକ୍ତି, ବସ୍ତୁ, ପରିସ୍ଥିତି ପ୍ରଭୃତି ଦ୍ୱାରା ଯେଉଁ ପ୍ରତିକୂଳ ସୃଷ୍ଟି ହେଉଛି, ସେଥିରେ ସମସ୍ତ ପ୍ରାଣୀ ପୀଡିତ ହେଉଛନ୍ତି ।  ଭଗବାନ ସମସ୍ତ ପ୍ରକାରେ ଅନନ୍ତ । ତାଙ୍କରି ତେଜରେ ବ୍ୟଥିତ ବା ପୀଡିତ ହେଉଥିବା ବିଶ୍ୱ ତାଙ୍କଠାରୁ ଅଲଗା ନୁହେଁ । ତେଣୁ ସନ୍ତପ୍ତ  ଓ ସନ୍ତାପ ପ୍ରଦାନକାରୀ ଉଭୟେ ଭଗବାନଙ୍କ ସ୍ୱରୂପ ।

ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି ବ୍ୟାପ୍ତଂ ତ୍ୱୟୈକେନ  ଦିଶଶ୍ଚ ସର୍ବାଃ ।
ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ  ତବେଦଂ ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ॥୨୦॥

*ଅନ୍ୱୟ: ତ୍ୱୟା ଏକେନ ହିଁ ( ଆପଣ ଜଣଙ୍କ ଦ୍ୱାରା ହିଁ) ଦ୍ୟାବା-ପୃଥିବ୍ୟୋଃ (ସ୍ୱର୍ଗ ଓ ପୃଥିବୀର) ଇଦଂ (ଏହି) ଅନ୍ତରମ୍ (ମଧ୍ୟସ୍ଥଳ ଅର୍ଥାତ୍ ଅନ୍ତରୀକ୍ଷ) ଚ ସର୍ବାଃ ଦିଶଃ (ଏବଂ ସମସ୍ତ ଦିଗ ମଧ୍ୟ ) ବ୍ୟାପ୍ତମ୍ (ପରିପୂର୍ଣ୍ଣ ହୋଇଛି ) ମାହାତ୍ମନ୍ (ହେ ମହାତ୍ମନ୍ !) ତବ*

*ଇଦଂ (ଆପଣଙ୍କ ଏହି) ଅଦ୍ଭୁତଂ-ଉଗ୍ରଂ-ରୂପଂ (ଅଦ୍ଭୁତ ଉଗ୍ରମୂର୍ତ୍ତି ) ଦୃଷ୍ଟ୍ୱା (ଦେଖି) ଲୋକତ୍ରୟମ୍ (ତିନିଲୋକ) ପ୍ରବ୍ୟଥିତଂ (ଅତ୍ୟନ୍ତ ଭୟଭୀତ ଓ ବ୍ୟାକୁଳହୋଇ ଉଠୁଛନ୍ତି )* ।

**ଭାବାର୍ଥ**: ଅର୍ଜୁନ ଭଗବାନଙ୍କ ଏହି ଉଗ୍ରମୂର୍ତ୍ତି ଦେଖି କହୁଛନ୍ତି କି, ହେ ମହାତ୍ମନ୍ ! ଆପଣଙ୍କ ଏହି ବିରାଟ ରୂପ ଦ୍ୱାରା ପୃଥ୍ୱୀ, ଅନ୍ତରୀକ୍ଷ, ଆକାଶ ଏବଂ ସମସ୍ତ ଦିଗ ପରିପୂର୍ଣ୍ଣ ହୋଇ ରହିଛି । ଆପଣ ଏକମାତ୍ର ହିଁ ତ୍ରିଭୁବନରେ ବ୍ୟାପ୍ତ । ଆପଣଙ୍କ ଏହି ଅଲୌକିକ କାଳ ରୂପକୁ ଦର୍ଶନ କରି ତିନିଲୋକର ସମସ୍ତ ବାସୀ ଭୟରେ ବ୍ୟାକୁଳ ଏବଂ ବିଚଳିତ ହୋଇ ଉଠୁଛନ୍ତି । ଏହିପରି କୌଣସି ଶୂନ୍ୟସ୍ଥାନ 'ମୁଁ' ଦେଖୁ ନାହିଁ, ଯେଉଁଠାରେ ଆପଣଙ୍କ ସ୍ୱରୂପ ନାହିଁ । ଆପଣଙ୍କ ଏହି ଅଦ୍ଭୁତ ଉଗ୍ରରୂପ ଏତେ ଭୟାନକ ଯେ' ସ୍ୱର୍ଗ, ମର୍ତ୍ତ୍ୟ ଏବଂ ଅନ୍ତରୀକ୍ଷ ଲୋକର ଜୀବ ସମୂହ ଭୟରେ ଅତ୍ୟନ୍ତ ତ୍ରସ୍ତ-ପୀଡିତ ହେଉଛନ୍ତି । ଅର୍ଜୁନ କହିବାନୁସାରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଇତ୍ୟାଦି କ୍ରମାନ୍ୱୟରେ ଦେଖା ନ ଯାଇ ସବୁକିଛି ଏକ ସାଙ୍ଗରେ ତାହାଙ୍କୁ ଦେଖାଯାଉଛି । ଭଗବତ୍ ପ୍ରଦତ୍ତ ଦିବ୍ୟ ଦୃଷ୍ଟିଦ୍ୱାରା କେବଳ ଅର୍ଜୁନ ଯେ' ସ୍ୱପ୍ରାଶ୍ରିତ ବ୍ୟକ୍ତି ଭଳି ଭଗବାନଙ୍କ ଏହି ବିଶ୍ୱରୂପକୁ ଦେଖୁଛନ୍ତି –ତାହା ନୁହେଁ । ଭୂଲୋକରେ ବ୍ୟାସ, ସଞ୍ଜୟ, ଭୀଷ୍ମ ପିତାମହ ଏବଂ ସ୍ୱର୍ଗରେ ଥାଇ ବ୍ରହ୍ମାଦି ଦେବତା ଗଣ ମଧ୍ୟ ଭଗବତ୍ କୃପା ବଶତଃ ଦିବ୍ୟ ଚକ୍ଷୁ ସମ୍ପନ୍ନ ହୋଇ ଏହି ବିଶ୍ୱରୂପକୁ ଦର୍ଶନ କରୁଥିଲେ । ଏତଦ୍ ବ୍ୟତୀତ, ଅନେକ ଅସୁର, ପିତୃଗଣ, ଗନ୍ଧର୍ବ, ଯକ୍ଷ, କିନ୍ନର ଏବଂ ମାନବ ଆଦି ମଧ୍ୟ ନିଜ ନିଜ ଭାବ ଅନୁସାରେ ଅର୍ଥାତ୍ କିଏ ମିତ୍ର ଭାବରେ, କିଏ ଶତ୍ରୁଭାବରେ ତ, ଅନ୍ୟ କେହି ଉଦାସୀନ ଭାବରେ ଭଗବାନ କୃଷ୍ଣଙ୍କୁ ଯୁଦ୍ଧକ୍ଷେତ୍ରରେ ଦେଖି ବିଚଳିତ ହେଉଥିବାର ଦେଖାଯାଉଛି ।

ଅମୀ ହି ତ୍ୱାଂ ସୁରସଙ୍ଘା ବିଶନ୍ତି କେଚିଦ୍ ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି ।
ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଙ୍ଘାଃ ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ ॥୨୧॥

*ଅନ୍ୱୟ: ଅମୀ ହି (ସେହି ସମସ୍ତ) ସୁରସଙ୍ଘା (ଦେବଗଣ) ତ୍ୱାଂ ହି (ଆପଣଙ୍କଠାରେ ହିଁ ) ବିଶନ୍ତି (ପ୍ରବେଶ କରୁଅଛନ୍ତି) କେଚିତ୍ (କେହି କେହି) ଭୀତାଃ (ଭୟଭୀତ ହୋଇ) ପ୍ରାଞ୍ଜଳୟଃ (ଯୋଡ ହସ୍ତ ପୂର୍ବକ) ଗୃଣନ୍ତି (ଗୁଣ କୀର୍ତ୍ତନ କରୁଛନ୍ତି) ମହର୍ଷି-ସିଦ୍ଧ-ସଂଘାଃ (ମହର୍ଷି ଓ ସିଦ୍ଧଗଣ) ସ୍ୱସ୍ତି-ଇତି-ଉକ୍ତ୍ୱା (ସ୍ୱସ୍ତି ବାକ୍ୟ ଉଚ୍ଚାରଣ କରି-'ଜଗତ କଲ୍ୟାଣ ହେଉ'ବୋଲି କହି) ପୁଷ୍କଳାଭିଃ (ଅନେକ ମନୋରମ ) ସ୍ତୁତିଭିଃ (ସ୍ତୋତ୍ର ଦ୍ୱାରା) ତ୍ୱାଂ (ଆପଣଙ୍କୁ) ସ୍ତୁବନ୍ତି (ସ୍ତବ କରୁ ଅଛନ୍ତି) ।*

**ଭାବାର୍ଥ**: ବିଶ୍ୱରୂପ ଉଗ୍ର ମୂର୍ତ୍ତିକୁ ଦେଖି, ସେଥିରେ ଅତିଷ୍ଠ ହୋଇ ଅର୍ଜୁନ କହିବାକୁ ଲାଗିଲେ; ହେ ଭଗବନ୍ ! ସ୍ୱର୍ଗରେ ମୁଁ ଯେଉଁ ଦେବଗଣଙ୍କୁ ଦେଖିଥିଲି, ସେହିମାନେ ଆପଣଙ୍କ ବିରାଟ ରୂପ ମଧ୍ୟରେ ପ୍ରବିଷ୍ଟ ହେବାର ଦେଖୁଅଛି । ପାପଭାରରୁ ମେଦିନୀର ମୁକ୍ତି ନିମନ୍ତେ ଦେବଗଣ ହିଁ ମାନବ ରୂପ ଧାରଣକରି ରାଜା ଆଦି ରୂପରେ ପୃଥିବୀ ପୃଷ୍ଠକୁ ଆସିଛନ୍ତି । ସେହି ମାନବ ଗଣ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ଲାଭ କରି , ପୁନଃ ଦେବଭାବକୁ ପ୍ରାପ୍ତ ହେବା ନିମିତ୍ତ ଆପଣଙ୍କ ଭିତରେ ପ୍ରବେଶ କରୁଛନ୍ତି । ସେହିମାନଙ୍କ ମଧ୍ୟରୁ ଆୟୁ ଅଧିକ ଥିବା କେହି କେହି ଦେବତା, ଆପଣଙ୍କ ଭୟାନକ ରୂପକୁ ଦେଖି; - 'ପ୍ରଭୁ ମୋର ରକ୍ଷା କର' - କହି ଯୋଡହସ୍ତ ପୂର୍ବକ କାତର ଭାବରେ ପ୍ରାର୍ଥନା କରୁଛନ୍ତି । ସନକାଦି ଋଷିଗଣ, ଭୃଗୁ ଆଦି ମହର୍ଷିଗଣ ଏବଂ

କପିଳ ଆଦି ସିଦ୍ଧ ପୁରୁଷଗଣ ଯୁଦ୍ଧର ଭୟାବହ ପରିଣାମ ଦେଖି-'ଜଗତ କଲ୍ୟାଣ ହେଉ'- ଏହିପରି ସ୍ୱସ୍ତି ବଚନ ଉଚ୍ଚାରଣ କରି ଆପଣଙ୍କ ପ୍ରସନ୍ନ ନିମନ୍ତେ ଅତି ସୁନ୍ଦର ସୁନ୍ଦର ସ୍ତବ ପାଠ କରୁଛନ୍ତି ।

ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।
ଗନ୍ଧର୍ବଯକ୍ଷାସୁରସିଦ୍ଧସଙ୍ଘା ବିକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ ॥୨୨॥

*ଅନ୍ୱୟ: ଯେ (ଯେଉଁ) ରୁଦ୍ର-ଆଦିତ୍ୟା (ଏକାଦଶ ରୁଦ୍ର ଏବଂ ଦ୍ୱାଦଶ ଆଦିତ୍ୟ) ବସବଃ (ଅଷ୍ଟବସୁ) ସାଧ୍ୟାଃ (ଦ୍ୱାଦଶ ସାଧ୍ୟଗଣ) ବିଶ୍ୱେ (ଦଶ ବିଶ୍ୱଦେବ) ଚ (ଓ) ଅଶ୍ୱିନୌ (ଅଶ୍ୱିନୀ କୁମାର ଦ୍ୱୟ) ଚ (ତଥା) ମରୁତଃ (ଅଣଚାଶ ମରୁତଗଣ) ଚ (ତଥା) ଉଷ୍ମପାଃ (ଉଷ୍ମ ଖାଦ୍ୟ ଗ୍ରହଣକାରୀ ସପ୍ତ ପିତୃଗଣ ) ଚ (ତଥା) ଗନ୍ଧର୍ବ-ଯକ୍ଷ-ଅସୁର-ସିଦ୍ଧସଙ୍ଘା (ଗନ୍ଧର୍ବ, ଯକ୍ଷ, ଅସୁର ଓ ସିଦ୍ଧଗଣ) ସର୍ବେ ଏବ (ସମସ୍ତେ ହିଁ ) ବିସ୍ମିତାଃ (ଆଶ୍ଚର୍ଯ୍ୟ ହୋଇ) ତ୍ୱାଂ (ଆପଣଙ୍କୁ) ବିକ୍ଷନ୍ତେ (ଦେଖୁଛନ୍ତି) ।*

**ଭାବାର୍ଥ**: ଏକାଦଶ ଆଦିତ୍ୟ, ଅଷ୍ଟବସୁ, ଅଶ୍ୱିନୀକୁମାର ଦ୍ୱୟ, ଅଣଚାଶ ମରୁତ, ଦ୍ୱାଦଶ ସାଧ୍ୟ (ମନ, ଅନୁମନ୍ତା, ପ୍ରାଣ, ନର, ଯାନ, ଚିତ୍ତି, ହୟ, ନୟ, ହଂସ, ନାରାୟଣ, ପ୍ରଭବ ଓ ବିଭୁ-ବାୟୁ ପୁରାଣ) ଦଶ ବିଶ୍ୱଦେବ (କ୍ରତୁ, ଦକ୍ଷ, ଶ୍ରବ, ସତ୍ୟ, କାଳ, କାମ, ଧୁନି, କୁରୁବାନ୍, ପ୍ରଭବାନ୍ ଓ ରୋଚମାନ୍) ସପ୍ତ ପିତର (କାବ୍ୟବାହ, ଅନଳ, ସୋମ, ଯମ, ଅର୍ଯ୍ୟମା, ଅଗ୍ନିଷ୍ୱାତ୍ତ ଓ ବର୍ହିଷଦ୍-ଶିବ ପୁରାଣ) କାଶ୍ୟପଙ୍କ ପତ୍ନୀ ମୁନି, ପ୍ରାଧା ଓ ଅରିଷ୍ଟାଙ୍କ ଠାରୁ ଉତ୍ପନ୍ନ ଚିତ୍ରରଥ ଆଦି ଗନ୍ଧର୍ବଗଣ, କାଶ୍ୟପଙ୍କ ପତ୍ନୀ ଖସାଙ୍କଠାରୁ ଜାତ କୁବେର ଆଦି ଯକ୍ଷଗଣ, କପିଳ ଆଦି ସିଦ୍ଧଗଣ ଏବଂ ଦେବଗଣଙ୍କ ବିରୋଧୀ ବିରୋଚନ ଆଦି ଦୈତ୍ୟଗଣ, ଅସୁର, ରାକ୍ଷସଗଣ - ଉପର୍ଯ୍ୟୁକ୍ତ ସମସ୍ତ ଦେବତା, ପିତୃପୁରୁଷ, ଗନ୍ଧର୍ବ, ଯକ୍ଷ ପ୍ରଭୃତି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଆପଣଙ୍କୁ ଦେଖୁଛନ୍ତି । ଏହି ସମସ୍ତେ ଆପଣଙ୍କ ରୂପକୁ ଦେଖି ମଧ୍ୟ - ଏହା କଣ ବୋଲି ବୁଝିପାରୁ ନାହାନ୍ତି ।

ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ ମହାବାହୋ ବହୁବାହୂରୁପାଦମ୍ ।
ବହୂଦରଂ ବହୁଦଂଷ୍ଟ୍ରାକରାଳଂ ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ॥୨୩॥

*ଅନ୍ୱୟ: ମହାବାହୋ ( ହେ ମହାବାହୁ !) ତେ (ଆପଣଙ୍କର) ବକ୍ତ୍ର-ନେତ୍ରଂ (ଭିନ୍ନ ଭିନ୍ନ ଆକୃତିର ବହୁ ମୁଖ-ନେତ୍ର ବିଶିଷ୍ଟ) ବହୁ-ବାହୁ-ଊରୁ-ପାଦମ୍ (ଅନେକ ବାହୁ, ଜଙ୍ଘ ଓ ଚରଣ ବିଶିଷ୍ଟ ) ବହୁ ଉଦରଂ (ବିବିଧ ଆକୃତିର ଅନେକ ଉଦର ) ବହୁ-ଦଂଷ୍ଟ୍ରା-କରାଳଂ (ଅନେକ ବିକଟାଳ ଦନ୍ତ ପଙ୍କ୍ତି) ମହତ୍ ରୂପମ୍ (ବିରାଟ ଆକୃତିକୁ) ଦୃଷ୍ଟ୍ୱା (ଦେଖିକରି) ଲୋକାଃ (ସମସ୍ତ ପ୍ରାଣୀ) ପ୍ରବ୍ୟଥିତାଃ (ଅତ୍ୟନ୍ତ ଭୟଭୀତ ହୋଇ ଉଠୁଛନ୍ତି) ତଥା ଅହଂ (ଏବଂ ମୁଁ ମଧ୍ୟ ବ୍ୟଥିତ ହେଉଛି । )*

**ଭାବାର୍ଥ**: ଅର୍ଜୁନ ଭୂଲୋକରେ ଥାଇ ଭଗବାନଙ୍କ ଯେଉଁ ବିରାଟ ରୂପକୁ ଦେଖୁଛନ୍ତି, ସେଥିରେ ପ୍ରତି ମୁହୂର୍ତ୍ତରେ ନୂତନ ନୂତନ ବିଚିତ୍ରତା ଏବଂ ଦିବ୍ୟତା ଦେଖାଯାଉଛି । ଅତିଶୟ ଭୟ ଏବଂ ହର୍ଷ କାରଣରୁ ବିଶ୍ୱରୂପକୁ ଦେଖି ଅର୍ଜୁନ ଯାହା କହୁଛନ୍ତି, ସେଥିରେ ଅନେକ ଶବ୍ଦ ଓ ଉକ୍ତିର ପୁନରାବୃତି ହେଉଛି । ଅର୍ଜୁନ କହୁଛନ୍ତି; ହେ ମହାବାହୁ ! ଆପଣଙ୍କ ବିରାଟ ରୂପରେ ବିବିଧ ଆକୃତିର ନେତ୍ର, ଅସଂଖ୍ୟ ବାହୁ, ଜଙ୍ଘ, ପାଦ, ଉଦର ଏବଂ ବିକଟାଳ ଦନ୍ତ ପଙ୍କ୍ତି ବିଶିଷ୍ଟ ମହାନ୍ ରୂପ ଦେଖି ସମସ୍ତ ଲୋକବାସୀ ଅତ୍ୟନ୍ତ ଭୟଭୀତ ହୋଇ ଉଠୁଛନ୍ତି । ମୁଁ ମଧ୍ୟ ସେହି ବିକଟାଳ ରୂପ ଦେଖି ବିଚଳିତ ହୋଇ ଉଠୁଛି । ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଉଭୟେ ଉଭୟଙ୍କୁ 'ମହାବାହୁ' ଶବ୍ଦ ପ୍ରୟୋଗ କରି ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା; - ପ୍ରକୃତିର

ଉର୍ଦ୍ଧ୍ୱରେ ଥିବା ମହାନ୍ ସତ୍ତା ଯାହାର କାର୍ଯ୍ୟ କ୍ଷେତ୍ର, ସେ' ମହାବାହୁ । ଶ୍ରୀକୃଷ୍ଣ ମହାନତା କ୍ଷେତ୍ରରେ ପୂର୍ଣ୍ଣ ଅଧିକତମ ସୀମା । ଅର୍ଜୁନ ସେହି ମହାନତାର ମାର୍ଗରେ ଆରୁଢ ହୋଇ ପ୍ରବେଶ ଦ୍ୱାରରେ ଉପନୀତ । ସେହି ଦୃଷ୍ଟିକୋଣରୁ କୃଷ୍ଣ ଓ ଅର୍ଜୁନ ଉଭୟେ ମହାବାହୁ ।

ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ ବ୍ୟାତ୍ତାନନଂ ଦୀପ୍ତବିଶାଳ ନେତ୍ରମ୍ ।

ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ॥୨୪॥

*ଅନ୍ୱୟ: ହି (କାରଣ) ବିଷ୍ଣୋ (ହେ ବିଷ୍ଣୁ !) ନଭଃସ୍ପୃଶଂ (ଆକାଶ ସ୍ପର୍ଶୀ ) ଦୀପ୍ତମ୍ (ତେଜୋମୟ) ଅନେକ ବର୍ଣ୍ଣଂ (ନାନା ବର୍ଣ୍ଣ ବିଶିଷ୍ଟ ) ବ୍ୟାତ୍ତାନନଂ (ବିସ୍ତାରିତ ମୁଖ) ଦୀପ୍ତ ବିଶାଳ ନେତ୍ରଂ ( କାନ୍ତିଯୁକ୍ତ ବିଶାଳ ନେତ୍ର ବିଶିଷ୍ଟ) ) ଦୃଷ୍ଟ୍ୱା (ରୂପ ଦେଖି) ପ୍ରବ୍ୟଥିତ-ଅନ୍ତରାତ୍ମା (ଭୟଭୀତ ଅନ୍ତଃକରଣ ଯୋଗୁଁ ) ଧୃତି (ଧୈର୍ଯ୍ୟ ) ଶମଂ ଚ (ଓ ଶାନ୍ତି) ନ ବିନ୍ଦାମି ( ପାଇ ପାରୁ ନାହିଁ )*

**ଭାବାର୍ଥ** : କାରଣ ହେ ବିଷ୍ଣୁ !ଯେଉଁ ପର୍ଯ୍ୟନ୍ତ ଆକାଶ ଉଚ୍ଚ ଦୃଷ୍ଟିଗୋଚର ହେଉଅଛି, ଆପଣଙ୍କ ଦୀର୍ଘ ଅବୟବ ତାହାକୁ ସ୍ପର୍ଶ କଲାଭଳି ଦେଖା ଯାଉଅଛି । ଆପଣଙ୍କ ଏହି ଭିନ୍ନ ଭିନ୍ନ ବର୍ଣ୍ଣ ବିଶିଷ୍ଟ ତେଜୋମୟ ବିସ୍ତାରିତ ମୁଖ ଦେଖି ଅନ୍ତଃକରଣ ଭୟରେ କମ୍ପି ଉଠୁଛି । ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ରହିଥିବା ମୁଖରେ ସୂର୍ଯ୍ୟ ମଣ୍ଡଳ ପ୍ରଭା ସମ ବିଶାଳ ନେତ୍ର ଦେଖି ମୁଁ ମାନସିକ ସମତା ରକ୍ଷା କରିପାରୁ ନାହିଁ । ଆପଣଙ୍କ ଏହି ବିରାଟ ଅସୀମ ରୂପ ସାମନାରେ ଦିବ୍ୟଦୃଷ୍ଟି ମଧ ସୀମିତ ହୋଇ ଯାଉଅଛି । ଆପଣ ସାକ୍ଷାତ୍ ସର୍ବବ୍ୟାପକ ବିଷ୍ଣୁ । ବିରାଟ ରୂପକୁ ଦେଖୁଥିବା ଅନ୍ୟମାନଙ୍କ ମଧରେ ଭୀଷ୍ମ, ବିଦୁର, କୁନ୍ତୀ, ସଞ୍ଜୟ ଏହିମାନେ ଭଗବାନ ଶ୍ରୀକୃଷ୍ଣଙ୍କ ତତ୍ତ୍ୱ ସମ୍ବନ୍ଧରେ ବିଶେଷ ଭାବେ ଅଭିଜ୍ଞ ଥିଲେ । ଏବ ପର୍ଯ୍ୟନ୍ତ ଅର୍ଜୁନ ଭଗବାନଙ୍କ ତତ୍ତ୍ୱକୁ ପୂର୍ଣ୍ଣ ରୂପରେ ଜାଣିପାରି ନାହାନ୍ତି କି, ତାଙ୍କରି ବିମୁଢଭାବ (ମୋହ) ସମ୍ପୂର୍ଣ୍ଣ ଭାବେ ଦୂର ହୋଇନାହିଁ । ତେଣୁ ବିଶ୍ୱରୂପ ଦର୍ଶନରେ ସେ ଭୟଭୀତ ହୋଇ ଉଠିଛନ୍ତି । ଯିଏ କୃପାର ପାତ୍ର, ତାଙ୍କରି ମୋହ ପରିଶେଷରେ ଅବଶ୍ୟ ନଷ୍ଟ ହୁଏ ।

ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି ଦୃଷ୍ଟ୍ୱୈବ କାଳାନଳସନ୍ନିଭାନି।

ଦିଶୋ ନ ଜାନେ ନ ଲଭେ ଚ ଶର୍ମ ପ୍ରସୀଦ ଦେବେଶ ଜଗନ୍ନିବାସ ॥୨୫॥

*ଅନ୍ୱୟ: ଦେବେଶ( ହେ ଦେବେଶ !) ଦଂଷ୍ଟ୍ରାକରାଳାନି (ବିକଟାଳ ଦନ୍ତ ପଙ୍କ୍ତି ବିଶିଷ୍ଟ ) ଚ (ଓ) ତେ (ଆପଣଙ୍କ ) କାଳ-ଅନଳ ସନ୍ନିଭାନି (ପ୍ରଳୟକାଳୀନ ଅଗ୍ନିସମ ପ୍ରଜ୍ୱଳିତ ) ମୁଖାଣି (ମୁଖମାନଙ୍କୁ) ଦୃଷ୍ଟ୍ୱା ଏବ ( ଦେଖି ହିଁ) ଦିଶଂ ନ ଜାନେ (ମୁଁ ଦିଗ ନିର୍ଣ୍ଣୟ କରିପାରୁ ନାହିଁ) ଶର୍ମ ଚ ( ଓ ଶାନ୍ତି) ନ ଲଭେ (ପାଉ ନାହିଁ) ଜଗନ୍ନିବାସ (ହେ ଜଗତର ଆଧାର !) ପ୍ରସୀଦ (ଆପଣ ପ୍ରସନ୍ନ ହୋଇ ଯାଆନ୍ତୁ ) ।*

**ଭାବାର୍ଥ**: ହେ ଦେବଗଣଙ୍କ ପ୍ରଭୁ ! ଆପଣଙ୍କ ବିକୃତ ଦନ୍ତରାଜି ତଥା ପ୍ରଳୟକାଳୀନ ଅଗ୍ନି ସମାନ ପ୍ରଜ୍ୱଳିତ ମୁଖକୁ ଦେଖି ହିଁ ମୋର ଦିଗଭ୍ରମ ହେଉଛି । ପଳାୟନ ନିମନ୍ତେ କୌଣସି ଦିଗ ଅଥବା ମାର୍ଗ ଜଣା ପଡୁ ନାହିଁ । ଆପଣଙ୍କ ଏହି କରାଳ ରୂପ ଦେଖି ଅନ୍ତରରେ ସୁଖ ଅନୁଭବ କରି ପାରୁନାହିଁ କି, ସ୍ଥିର ହୋଇ ରହି ପାରୁନାହିଁ । ଆପଣଙ୍କ ଧ୍ୱଂସକାରୀ ପ୍ରଭାବ ପ୍ରତ୍ୟକ୍ଷରେ ଅନୁଭବକରି, ମୋର ସୁଖ, ଶାନ୍ତି ଓ ଧୈର୍ଯ୍ୟ ଚ୍ୟୁତ ହେଉଛି । ହେ ସୃଷ୍ଟିର ଆଧାର ! ଆପଣ ପ୍ରସନ୍ନ ହୋଇ ଶାନ୍ତମୂର୍ତ୍ତି ଧାରଣ କରନ୍ତୁ । ଜଗତ ଆପଣଙ୍କ

ଉପରେ ଆଶ୍ରିତ ଏବଂ ଜଗତର ଅଣୁ ପରମାଣୁରେ ଆପଣ ବିରାଜମାନ । ତେଣୁ ଆପଣ 'ଜଗନ୍ନିବାସ' ନାମ ବହିଛନ୍ତି । ଏହି ବିରାଟ ରୂପ ସମ୍ମୁଖରେ ଦର୍ଶନ କରି, ମୋର ଏହି ବିଶ୍ୱାସ ଦୃଢ ହେଉଛି କି, ଆପଣ ସମସ୍ତ ଦେବତାଙ୍କ ସ୍ୱାମୀ, ସର୍ବବ୍ୟାପୀ ଏବଂ ସମ୍ପୂର୍ଣ୍ଣ ଜଗତର ପରମାଧାର ।

ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ ସର୍ବେ ସହୈବାବନିପାଳସଙ୍ଘୈଃ ।
ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ ॥୨୬॥
ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି ଦଂଷ୍ଟ୍ରାକରାଳାନି ଭୟାନକାନି ।
କେଚିଦ୍ ବିଲଗ୍ନା ଦଶନାନ୍ତରେଷୁ ସନ୍ଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ॥୨୭॥

*ଅନ୍ୱୟ: ଧୃତରାଷ୍ଟ୍ରସ୍ୟ (ଧୃତରାଷ୍ଟ୍ରଙ୍କ) ଅମୀ ଏବ (ସେହି) ସର୍ବେ ପୁତ୍ରାଃ (ସମସ୍ତ ପୁତ୍ର) ଅବନିପାଳସଙ୍ଘୈଂ ସହ (ରାଜନ୍ୟବର୍ଗଙ୍କ ସହିତ) ତଥା ଭୀଷ୍ମଃ ଦ୍ରୋଣଃ (ତଥା ଭୀଷ୍ମ ଦ୍ରୋଣ ) ଅସୌ ଚ ସୂତପୁତ୍ରଃ (ଏବଂ ଏହି ସୂତପୁତ୍ର କର୍ଣ୍ଣ ) ଅସ୍ମଦୀୟୈଃ ଅପି (ଆମରି ପକ୍ଷର ମଧ ) ଯୋଧମୁଖ୍ୟୈଃ ସହ (ପ୍ରଧାନ ପ୍ରଧାନ ଯୋଦ୍ଧାମାନଙ୍କ ସହିତ ) ତ୍ୱାମ୍ (ଆପଣଙ୍କ ଦିଗରେ) ତ୍ୱରମାଣାଃ (ଦ୍ରୁତବେଗରେ ଧାବମାନ ହୋଇ) ତେ (ଆପଣଙ୍କର) ଦଂଷ୍ଟ୍ରାକରାଳାନି (ଦନ୍ତରାଜି ଦ୍ୱାରା ବିକୃତ) ଭୟନକାନି (ଭୟାନକ) ବକ୍ତ୍ରାଣି (ମୁଖଗହ୍ୱର ସମୂହରେ) ବିଶନ୍ତି (ପ୍ରବେଶ କରୁଛନ୍ତି) କେଚିଦ୍ (କେହି କେହି) ଚୂର୍ଣ୍ଣିତୈଃ ଉତ୍ତମାଙ୍ଗୈଃ (ଚୂର୍ଣ୍ଣ ବିଚୂର୍ଣ୍ଣ ମସ୍ତକ ସହିତ) ଦଶନାନ୍ତରେଷୁ (ଦନ୍ତ ସନ୍ଧି ସ୍ଥଳରେ) ବିଲଗ୍ନା (ସଂଲଗ୍ନ ହେବାର) ସନ୍ଦୃଶ୍ୟନ୍ତେ (ଦେଖାଯାଉଛନ୍ତି) ।*

**ଭାବାର୍ଥ** : କୌରବ ପକ୍ଷରେ ରହିଥିବା ଅନ୍ୟାନ୍ୟ ରାଜନ ବର୍ଗ ସହିତ, ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ସୂତ ପୁତ୍ର କର୍ଣ୍ଣ ଏବଂ ଆମରି ପକ୍ଷର ପ୍ରଧାନ ପ୍ରଧାନ ଯୋଦ୍ଧାଗଣ ଆପଣଙ୍କ ଦିଗକୁ ଦ୍ରୁତ ବେଗରେ ଧାବମାନ ହେଉଛନ୍ତି । ଆପଣଙ୍କ ବିକରାଳ ଦନ୍ତଯୁକ୍ତ ମୁଖଗହ୍ୱର ସମୂହରେ ସେହି ସମସ୍ତ ପ୍ରବେଶ କରିବାର ଦେଖୁଅଛି । କାହାର କାହାର ମସ୍ତକ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଆପଣଙ୍କ ଦନ୍ତ ମଧରେ ଲାଗି ରହିବାର ଦୃଶ୍ୟ ଦେଖା ଯାଉଅଛି । ଅର୍ଜୁନ ନିଜର ଘୋର ପ୍ରତିଦ୍ୱନ୍ଦୀ କର୍ଣ୍ଣଙ୍କୁ ସୂତପୁତ୍ର ବୋଲି କହି ନିଜର କ୍ରୋଧଭାବ ପ୍ରକଟ କରିଛନ୍ତି । ଦିବ୍ୟ ଚକ୍ଷୁ ପ୍ରଦାନ ସମୟରେ ନିଜ ଇଚ୍ଛା ଅନୁଯାୟୀ ଅର୍ଜୁନ ଅତୀତ, ଆଗତ ଓ ବର୍ତ୍ତମାନ ଦୃଶ୍ୟ ଦେଖିବାକୁ ସମର୍ଥ ହେବାର ଭଗବାନ ଶ୍ରୀକୃଷ୍ଣ ଆରମ୍ଭରୁ କହିଛନ୍ତି । ସେହି ଅନୁସାରେ ଅର୍ଜୁନ ଭଗବାନଙ୍କ ବିରାଟ ରୂପରେ ଆସନ୍ନ ଭବିଷ୍ୟତ ଘଟଣା ବହୁଳ ଦେଖି ପାରୁଛନ୍ତି । ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ଯୁଦ୍ଧର ନିର୍ଣ୍ଣାୟକ ଭୂମିକାରେ ରହିଥିବା ମହାରଥୀଙ୍କ ଦେହ ଅବସାନ ଦୃଶ୍ୟ ଦେଖି ଅର୍ଜୁନଙ୍କ ନିଜପକ୍ଷ ବିଜୟ ସମ୍ବନ୍ଧରେ ରହିଥିବା ସନ୍ଦେହ ଦୂର ହୋଇପାରିଛି । ଏହି ତିନିଜଣ ଅପରାଜୟୀ ମହାରଥୀଙ୍କ ବିଶେଷତ୍ୱ ହେଲା; ଏହିମାନେ ନିଜର କର୍ତ୍ତବ୍ୟ ବୋଧରେ ଦୁର୍ଯ୍ୟୋଧନ ପକ୍ଷରେ ରହି ଯୁଦ୍ଧ କରିବାର ନିର୍ଣ୍ଣୟ ନେଇଥିଲେ । ଭୀଷ୍ମ ନିଜର ଅଟଳ ପ୍ରତିଜ୍ଞା ଦ୍ୱାରା ହସ୍ତିନା ରାଜ ସିଂହାସନର ସୁରକ୍ଷା ସହିତ ବନ୍ଧା ହୋଇଥିଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଦୁର୍ଯ୍ୟୋଧନଙ୍କ ବୃତ୍ତିଭୋଗୀ ଥିଲେ ଏବଂ କର୍ଣ୍ଣ ମିତ୍ରତାର ଦ୍ୱାହି ଦେଇ ଅଧର୍ମ ବୋଲି ବିଚାର ସତ୍ତ୍ୱେ ଦୁର୍ଯ୍ୟୋଧନ ପକ୍ଷ ନେଇଥିଲେ । ଦୂର୍ଯୋଧନର ଅନ୍ନ ଗ୍ରହଣରେ ତାଙ୍କର ବୁଦ୍ଧିଭ୍ରଷ୍ଟ ହୋଇଯିବାର ସ୍ୱୟଂ ଭୀଷ୍ମ ଶର ଶଯ୍ୟାରେ ପଡିରହି ଧର୍ମ ଉପଦେଶ ଦେବା ସମୟରେ ଦ୍ରୌପଦୀ

ଆଗରେ ସ୍ୱୀକାର କରିଛନ୍ତି । ଧରା ପୃଷ୍ଠରୁ ଅଧର୍ମର ନାଶ ସକାଶେ ସ୍ୱୟଂ ଭଗବାନ ଅବତାର ନେଇଥିବା କାରଣରୁ, ଅସୁରଙ୍କ ଅଂଶରୂପେ ଯେତେ ଅଧର୍ମୀ ରାଜାଗଣ ଯୁଦ୍ଧକ୍ଷେତ୍ରରେ ଅବସ୍ଥିତ, ସେହିମାନଙ୍କ ସଂହାର ଏହି ଆସନ୍ନ ଯୁଦ୍ଧରେ ନିଶ୍ଚିତ ହୋଇସାରିଛି ।

ଯଥା ନଦୀନାଂ ବହବୋଽମ୍ବୁବେଗାଃ ସମୁଦ୍ରମେବାଭିମୁଖା ଦ୍ରବନ୍ତି ।
ତଥା ତବାମୀ ନରଲୋକବୀରା ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି ॥୨୮॥
ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।
ତଥୈବ ନାଶାୟ ବିଶନ୍ତି ଲୋକାସ୍ତବାପୀ ବକ୍ତ୍ରାଣି ସମୃଦ୍ଧବେଗାଃ ॥୨୯॥

*ଅନ୍ୱୟ: ଯଥା (ଯେପରି) ନଦୀନାମ୍ (ନଦୀ ସମୂହର) ବହବଃ (ଅନେକ) ଅମ୍ବୁବେଗାଃ (ଜଳସ୍ରୋତ) ସମୁଦ୍ରମ୍ ଅଭିମୁଖାଃ (ସମୁଦ୍ର ଅଭିମୁଖେ ଯାଇ ) ଏବ (ସ୍ୱାଭାବିକ ଭାବେ ) ଦ୍ରବନ୍ତି (ସମୁଦ୍ର ସହିତ ଏକାକାର ହୁଅନ୍ତି) ତଥା (ସେହିପରି) ଅମୀ (ଏହି ସମସ୍ତ) ନରଲୋକ ବୀରାଃ (ମର୍ତ୍ତ୍ୟଲୋକର ମହାନ୍ ବୀରପୁରୁଷଗଣ ) ତବ (ଆପଣଙ୍କ) ବକ୍ତ୍ରାଣି (ମୁଖ ସମୂହରେ) ଅଭିବିଜ୍ୱଳନ୍ତି (ଚତୁର୍ଦ୍ଦିଗରେ ପ୍ରକାଶମାନ ଜ୍ୟୋତିରେ ) ବିଶନ୍ତି (ପ୍ରବିଷ୍ଟ ହେଉଛନ୍ତି) । [ଅନ୍ୟ ପକ୍ଷରେ] ଯଥା (ଯେପରି) ପତଙ୍ଗାଃ (ପତଙ୍ଗ ସମୂହ) ସମୃଦ୍ଧବେଗାଃ (ଦ୍ରୁତଗତିରେ ଧାବିତ ହୋଇ ) ପ୍ରଦୀପ୍ତଂ ଜ୍ୱଳନଂ (ପ୍ରଜ୍ୱଳିତ ଅଗ୍ନିରେ) ନାଶାୟ (ନିଜକୁ ବିନାଶ କରିବା ପାଇଁ ) ବିଶନ୍ତି (ପ୍ରବିଷ୍ଟ ହୁଅନ୍ତି ) ତଥା ଏବ (ସେହି ପରି) ଲୋକାଃ ଅପି (ଲୋକଗଣ ମଧ୍ୟ ) ନାଶାୟ (ନିଜର ଅକାଳ ମୃତ୍ୟୁ ନିମିତ୍ତ ହିଁ) ସମୃଦ୍ଧବେଗାଃ (ଅତି ଦ୍ରୁତ ବେଗରେ) ତବ ବକ୍ତ୍ରାଣି (ଆପଣଙ୍କ ମୁଖ ସମୂହରେ) ବିଶନ୍ତି (ପ୍ରବେଶ କରୁଛନ୍ତି) ।*

**ଭାବାର୍ଥ**: ନଦୀ ସମୂହର ପ୍ରବାହମାନ ଜଳସ୍ରୋତ ଯେଉଁପରି ସ୍ୱାଭାବିକ ଭାବେ ସମୁଦ୍ର ଅଭିମୁଖରେ ହିଁ ପ୍ରବାହିତ ହୋଇଥାନ୍ତି, ସେହିପରି ମନୁଷ୍ୟଲୋକରେ ଭୀଷ୍ମ, ଦ୍ରୋଣ ଆଦି ବିଶିଷ୍ଟ ବୀରପୁରୁଷ ଗଣ ଆପଣଙ୍କ ମୁଖ ମଣ୍ଡଳର ପରମ ଜ୍ୟୋତି ଦିଗରେ ଧାବମାନ ହେଉଛନ୍ତି । ସେହି ପ୍ରକାଶମାନ ଜ୍ୟୋତିରେ ପ୍ରବିଷ୍ଟ ହୋଇ ସେମାନଙ୍କ ଶରୀର ଆପଣଙ୍କ ସହ ଏକାକାର ହୋଇଯାଉଛି । ଅନ୍ୟପକ୍ଷରେ 'ମୁଁ ଦେଖୁଅଛି; ପତଙ୍ଗଗଣ ଯେପରି ଅଗ୍ନିର ଦାହିକା ଶକ୍ତିକୁ ଜାଣି ନ ଥିବାରୁ ଅତି ଦ୍ରୁତ ଗତିରେ ସେଥିରେ ଝାସ ଦେଇ ମୃତ୍ୟୁ ବରଣ କରିଥାନ୍ତି, ଦୁର୍ଯ୍ୟୋଧନ ଆଦି ଅହଙ୍କାରୀ ମନୁଷ୍ୟମାନେ ସେହିପରି ନିଜର ମରଣ ନିମିତ୍ତ ପ୍ରବଳ ବେଗରେ ଆପଣଙ୍କ କରାଳ ମୁଖଗହ୍ୱର ମଧ୍ୟକୁ ପ୍ରବେଶ କରୁଛନ୍ତି । ଅର୍ଜୁନ ଭଗବାନଙ୍କ ଗ୍ରାସ କରୁଥିବା ଯେଉଁ ମହାକାଳ ସ୍ୱରୂପକୁ ଦେଖୁଛନ୍ତି, ସେହି ବିରାଟ ପୁରୁଷଙ୍କ ଗର୍ଭରୁ ଏହି ସୃଷ୍ଟି ପ୍ରପଞ୍ଚ ଉତ୍ପନ୍ନ । ଅନନ୍ତ ବ୍ରହ୍ମାଣ୍ଡ କୁ ସେ' ହିଁ ଧାରଣକରି ଅନ୍ତରେ ବିଲୟ ନିମିତ୍ତ ସବୁ ଗ୍ରାସ କରନ୍ତି । ବିଭିନ୍ନ ନାମ ଓ ଆକାରର ଜଳସ୍ରୋତ ସମୁଦ୍ରରେ ପ୍ରବେଶ କରି ନିଜ ନାମ ଓ ପରିଚ୍ଛିନ୍ନତ୍ୱକୁ (ସ୍ୱତନ୍ତ୍ରତାକୁ ) ପରିତ୍ୟାଗ କରି ସମୁଦ୍ର ରୂପ ଧାରଣ କଲାଭଳି ଭୀଷ୍ମ, ଦ୍ରୋଣ ଆଦି ଜ୍ଞାନୀ ଶୂରବୀରଗଣ ଆପଣଙ୍କ ମୁଖରେ ଦେଖାଯାଉଥିବା ମହାନ୍ ଜ୍ୟୋତି ଦିଗରେ ଅଗ୍ରସର ହେଉଛନ୍ତି । ନିଜର କଲ୍ୟାଣ ଉଦ୍ଦେଶ୍ୟରେ ବାହ୍ୟ ରୂପକୁ ବିଲୁପ୍ତ କରାଇ ସ୍ୱୟଂ ଜ୍ୟୋତିର୍ମୟ (ଜ୍ଞାନ ସ୍ୱରୂପ) ହୋଇ ଆପଣଙ୍କଠାରେ ଏକତାକୁ ପ୍ରାପ୍ତ ହେଉଛନ୍ତି । ନଦୀ ସମୁଦ୍ରାଭିମୁଖ ସାଦୃଶ୍ୟ, ଜୀବାତ୍ମା ନିଜର ଉତ୍ପତ୍ତି ସ୍ଥଳ ପ୍ରାପ୍ତି ଲକ୍ଷ୍ୟରେ ପରମାତ୍ମା ଅଭିମୁଖେ ସର୍ବଦା ପ୍ରବାହମାନ । ଯେଉଁ ମନୁଷ୍ୟମାନେ ଭୌତିକ ଭୋଗର ବିମୁଖ ହୋଇ ପାରମାର୍ଥିକ ମାର୍ଗରେ ପ୍ରଯତ୍ନଶୀଳ, ସେହିମାନେ

ବାସ୍ତବରେ ଏହି ମର୍ତ୍ତ୍ୟଲୋକର ବୀରପୁରୁଷ । ପ୍ରାରବ୍ଧ ବେଗ ଥିବା ପର୍ଯ୍ୟନ୍ତ, ଜ୍ଞାନୀ ଧର୍ମାତ୍ମା ପୁରୁଷଙ୍କ ଜୀବ ରୂପରେ ସ୍ୱତନ୍ତ୍ରତା ଅବଶ୍ୟ ରହିଥାଏ । ପ୍ରାରବ୍ଧ ବେଗ ସମାପ୍ତ ହେବା କ୍ଷଣି ପରମାତ୍ମାଙ୍କ ସହ ଏକାକାର ହୁଅନ୍ତି । କୈବଲ୍ୟ ଦଶାରେ ସେହିମାନଙ୍କ ବ୍ରହ୍ମରୁ ପୃଥକ୍ ଅସ୍ତିତ୍ୱ ରହି ନ ଥାଏ । ସେହି ମହାନ୍ ପୁରୁଷ ମାନଙ୍କୁ ଅର୍ଜୁନ ଆଦର ସୂଚକ ଶବ୍ଦରେ 'ନରଲୋକ ବୀରାଃ' ବୋଲି ସମ୍ବୋଧନ କରିଛନ୍ତି । କିନ୍ତୁ ଅପର ପକ୍ଷରେ ଦୁର୍ଯ୍ୟୋଧନ ଆଦି ଅଧର୍ମୀ, ପାପାଚାରୀଙ୍କ ସ୍ଥିତିକୁ ଭିନ୍ନ ରୂପରେ କହିଛନ୍ତି । ପତଙ୍ଗ ମାନେ ଆଲୋକ ପ୍ରତି ଆକର୍ଷିତ ହୋଇ ଦ୍ରୁତ ବେଗରେ ଉଡି ଯାଇ ଅଗ୍ନି ଝାସରେ ମୃତ୍ୟୁ ବରଣ କଲା ସାଦୃଶ୍ୟ, ଦୁର୍ଯ୍ୟୋଧନ ଆଦି ରାଜାମାନେ ନିଜ ଅହଂକାର ଓ ଭୋଗ ବୁଦ୍ଧିର ବଶବର୍ତ୍ତୀ ହୋଇ ଆପଣଙ୍କ କାଳଗ୍ରାସ ରୂପକ ମୁଖ ଗହ୍ୱରରେ ପ୍ରବେଶ କରୁଛନ୍ତି । ଅର୍ଥାତ୍ ଚଉରାଶୀ ଲକ୍ଷ ଯୋନି ଓ ନରକ ଆଦି ଗତିକୁ ପ୍ରାପ୍ତ ହେଉଛନ୍ତି । ସଂସାରରେ ପ୍ରାପ୍ତି ଇଚ୍ଛାରେ ଜୀବନ ବିତାଇବା ହେଉଛି ଜଡ (ଅନାତ୍ମା), କିଛି ଦେବା ଅର୍ଥରେ ଜୀବନ ବିତାଇବା ହେଉଛି ଚେତନ (ଆତ୍ମା) । ନେବାର ଇଚ୍ଛା ବନ୍ଧନ କାରକ, ଦେବାର ଭାବନା ମୁକ୍ତି ପ୍ରଦାୟକ ।

ଲେଲିହ୍ୟସେ ଗ୍ରସମାନଃ ସମନ୍ତାଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଭିଃ ।
ତେଜୋଭିରାପୂର୍ଯ୍ୟ ଜଗତ୍ସମଗ୍ରଂ ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ॥୩୦॥

*ଅନ୍ୱୟ: ଜ୍ୱଳଭିଃ ବଦନୈଃ (ପ୍ରଜ୍ୱଳିତ ମୁଖ ସମୂହ ଦ୍ୱାରା) ସମଗ୍ରାନ୍ ଲୋକାନ୍ (ସମସ୍ତ ଭୁବନକୁ) ଗ୍ରାସମାନଃ (ଗ୍ରାସକରି) ସମନ୍ତାଦ୍ (ଚତୁର୍ଦ୍ଦିଗରୁ ) ଲେଲିହ୍ୟସେ (ବାରମ୍ବାର ଲେହନ ବା ଆସ୍ୱାଦାନ କରୁଛନ୍ତି ) ବିଷ୍ଣୋ ( ହେ ସର୍ବ ବ୍ୟାପକ ଭଗବନ୍!) ତବ ଉଗ୍ରାଃ ଭାସଃ (ଆପଣଙ୍କ ତୀବ୍ର ଜ୍ୟୋତି) ସମଗ୍ରଂ ଜଗଦ୍ (ସମଗ୍ର ଜଗତକୁ) ତେଜୋଭିଃ (ନିଜ କିରଣ ଦ୍ୱାରା ) ଆପୂର୍ଯ୍ୟ (ପରିପୂର୍ଣ୍ଣ କରି-ଆଚ୍ଛାଦିତ କରି) ପ୍ରତପନ୍ତି (ସନ୍ତପ୍ତ-ବ୍ୟଥିତ କରୁଛି ) ।*

**ଭାବାର୍ଥ**: 'ମୁଁ ଦେଖୁଅଛି; ଆପଣ, ପ୍ରଜ୍ୱଳିତ ମୁଖ ସମୂହ ଦ୍ୱାରା ସମସ୍ତ ଭୁବନକୁ ଗ୍ରାସକରି ଚତୁର୍ଦ୍ଦିଗରୁ ବାରମ୍ବାର ଯେପରି ଲେହନ ବା ଆସ୍ୱାଦାନ କରୁ ଅଛନ୍ତି । ସାରା ବିଶ୍ୱକୁ ଗ୍ରାସ କରିବା ପରେ ମଧ୍ୟ ସତେ ଯେପରି ଆପଣ ଆହୁରି ଅତୃପ୍ତ ସ୍ଥିତିରେ ରହିଛନ୍ତି । ହେ ସର୍ବ ବ୍ୟାପକ ଭଗବନ୍ ! ଆପଣଙ୍କ ତୀବ୍ର ତେଜ ଦ୍ୱାରା ସମଗ୍ର ବ୍ରହ୍ମାଣ୍ଡ ପରିପୂର୍ଣ୍ଣ ହୋଇ ରହିଛି । ସମସ୍ତ ଲୋକକୁ ପ୍ରବ୍ୟଥିତ କରାଇ ଆପଣ ଭୟଙ୍କର ରୂପରେ ପ୍ରକାଶିତ ହୋଇଛନ୍ତି । ଏହି ପର୍ଯ୍ୟନ୍ତ ଅର୍ଜୁନ ବିରାଟ ରୂପକୁ ଦେଖି ଭଗବାନଙ୍କ ମହିମା, ପ୍ରଭାବ, ମାହାତ୍ମ୍ୟ ପ୍ରଭୃତି ସ୍ତବନ କରୁଛନ୍ତି । ଏହି ବିରାଟ ଉଗ୍ର ମୂର୍ତ୍ତି କିଏ ଏବଂ ଏହାଙ୍କ ଅଭିପ୍ରାୟ କଣ ? ତାହା ଜାଣିବା ନିମିତ୍ତ ବର୍ତ୍ତମାନ ଅର୍ଜୁନଙ୍କ ମନରେ ଜିଜ୍ଞାସା ଜାଗ୍ରତ ହୋଇଛି ।

ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ ନମୋଽସ୍ତୁ ତେ ଦେବବର ପ୍ରସୀଦ ।
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ॥୩୧॥

*ଅନ୍ୱୟ : ଉଗ୍ରଃ (ଉଗ୍ରରୂପ ଧରି) ଭବାନ୍ (ଆପଣ) କଃ (କିଏ ?) ମେ (ମତେ) ଆଖ୍ୟାହି (ବତାନ୍ତୁ ) ତେ ନମଃ ଅସ୍ତୁ (ଆପଣଙ୍କୁ ନମସ୍କାର କରୁଅଛି ) ହେ ଦେବବର (ହେ ଦେବ ଶ୍ରେଷ୍ଠ !) ପ୍ରସୀଦ (ଆପଣ ପ୍ରସନ୍ନ ହୁଅନ୍ତୁ ) ଆଦ୍ୟମ୍ (ହେ ଆଦି ନାରାୟଣ !) ଭବନ୍ତମ୍ (ଆପଣଙ୍କୁ) ବିଜ୍ଞାତୁମ୍ (ବିଶେଷ ରୂପରେ-ତତ୍ତ୍ୱ ରୂପରେ ଜାଣିବାକୁ) ଇଚ୍ଛାମି (ଇଚ୍ଛା କରୁଛି ) ହି (ଯେହେତୁ) ତବ (ଆପଣଙ୍କ) ପ୍ରବୃତ୍ତିମ୍ (କାର୍ଯ୍ୟ-ପ୍ରବୃତ୍ତିକୁ ) ନ ପ୍ରଜାନାମି ( ଉତ୍ତମରୂପେ ମୁଁ ବୁଝିପାରୁ ନାହିଁ)*

**ଭାବାର୍ଥ**: ହେ ଦେବ ଶ୍ରେଷ୍ଠ ! ଆପଣଙ୍କୁ ମୋର ନମସ୍କାର । ଦୟା ପରବଶଃ ହୋଇ ଆପଣ ପ୍ରସନ୍ନ ହୁଅନ୍ତୁ । କୃପାକରି ମତେ ବତାନ୍ତୁ; - ଆପଣ କିଏ ସେ ? ହେ ଆଦି ନାରାୟଣ ! ଆପଣ କାହିଁକି ଏହିପରି ଉଗ୍ର ମୂର୍ତ୍ତି ଧାରଣ କରିଛନ୍ତି ଏବଂ ଆପଣଙ୍କ କାର୍ଯ୍ୟ ବା ପ୍ରଚେଷ୍ଟାର ଅନ୍ତରାଳରେ କି ଅଭିପ୍ରାୟ ରହିଛି, ତାହା ମୁଁ ବୁଝିପାରୁ ନାହିଁ । କୌରବ ପକ୍ଷ ଓ ଆମରି ପକ୍ଷର ସମସ୍ତ ଯୋଦ୍ଧା ପ୍ରତ୍ୟକ୍ଷ ନଷ୍ଟ ହେବାର ଯାହା ଦେଖାଉଛନ୍ତି, ଏହାର ଉପରାନ୍ତ କଣହେବାକୁ ଯାଉଛି, ସେହି ରହସ୍ୟ ମୁଁ ଜାଣିବାକୁ ଅସମର୍ଥ । ଅତଏବ କୃପାବହି ଆପଣ ମୋର ଏହି ସଂଶୟ ମୋଚନ କରନ୍ତୁ । ବିଶ୍ୱରୂପ ଦେଖିଲାବେଳେ ଅର୍ଜୁନ ଏତିକିମାତ୍ର ଅନୁଭବ କରିଛନ୍ତି କି, ସେ ଯେଉଁ ରୂପ ଦେଖୁଛନ୍ତି ତାହା ଶ୍ରୀକୃଷ୍ଣଙ୍କ ଶରୀରରେ ସ୍ଥିତ । କିନ୍ତୁ ଏହି ବିରାଟ ଭୟଙ୍କର ମୂର୍ତ୍ତିକୁ ଦେଖି ଶ୍ରୀକୃଷ୍ଣ ବସ୍ତୁତଃ କିଏ ଏବଂ ବର୍ତ୍ତମାନ ଏହିପରି ରୂପ ଧାରଣ କରିବାର ଅଭିପ୍ରାୟ କଣ ?- ପ୍ରଥମେ ପ୍ରସନ୍ନ ହେବାପାଇଁ ପ୍ରାର୍ଥନାକରି ଭଗବାନଙ୍କ ଶ୍ରୀମୁଖରୁ ତାହା ଶୁଣିବାକୁ ଚାହିଁଛନ୍ତି ।

ଶ୍ରୀ ଭଗବାନ ଉବାଚ

କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ॥୩୨॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ ) ଲୋକ-କ୍ଷୟ-କୃତ୍ (ଲୋକ ସଂହାରକାରୀ) ପ୍ରବୃଦ୍ଧଃ (ଅତି ଉତ୍କଟ ଭାବେ ବର୍ଦ୍ଧିତ) କାଳଃ ଅସ୍ମି (ମୁଁ କାଳ ଅର୍ଥାତ୍ ମୃତ୍ୟୁ ଅଟେ ) ଲୋକାନ୍ (ସମସ୍ତ ଲୋକ) ସମାହର୍ତ୍ତୁମ୍ (ବିନାଶ ନିମିତ୍ତ) ଇହ (ବର୍ତ୍ତମାନ) ପ୍ରବୃତ୍ତଃ (ପ୍ରବୃତ୍ତ ହୋଇଛି-ରୂପ ଧାରଣ କରିଛି ) ତ୍ୱାଂ ଋତେଽପି (ଏପରିକି ତୁମ ବ୍ୟତୀତ ମଧ୍ୟ ଅର୍ଥାତ୍ ତୁମେ ବଧ ନ କଲେ ମଧ୍ୟ ) ପ୍ରତ୍ୟନୀକେଷୁ (ପ୍ରତିପକ୍ଷର) ଯେ (ଯେଉଁ) ଯୋଧାଃ (ଯୋଦ୍ଧାମାନେ) ଅବସ୍ଥିତାଃ (ଅବସ୍ଥିତ ରହିଛନ୍ତି) ସର୍ବେ (ସେହି ସମସ୍ତେ) ନ ଭବିଷ୍ୟନ୍ତି (କେହିହେଲେ ରହିବେ ନାହିଁ) ।*

ଭାବାର୍ଥ: ଭଗବାନ ବିରାଟ ରୂପ ଦର୍ଶନ କରାଇବାର ଅବସରରେ ପ୍ରଥମ କରି ଅର୍ଜୁନକୁ କହୁଛନ୍ତି କି- "ମୁଁ ହେଉଛି ସର୍ବ ସଂହାରକ ଅତି ଭୀଷଣ କାଳ ସ୍ୱରୂପ । ସମ୍ପୂର୍ଣ୍ଣ ଜଗତର ସ୍ରଷ୍ଟା, ପାଳନକାରୀ ଏବଂ ବିନାଶକାରୀ ସାକ୍ଷାତ୍ ପରମେଶ୍ୱର" । ବର୍ତ୍ତମାନ ସମସ୍ତ ଲୋକମାନଙ୍କ ସଂହାର ନିମିତ୍ତ 'ମୁଁ' ଏହି ଯୁଦ୍ଧକ୍ଷେତ୍ରରେ ପ୍ରବୃତ୍ତ ହୋଇଛି । ଦୁର୍ଯ୍ୟୋଧନ ଆଦି ଯେଉଁ ବୀରମାନେ ଏହିଠାରେ ଉପସ୍ଥିତ ରହିଛନ୍ତି, ଯୁଦ୍ଧବିନା ମଧ୍ୟ ସେହି ସମସ୍ତଙ୍କ ମୃତ୍ୟୁମୁଖରେ ପ୍ରବେଶ ସୁନିଶ୍ଚିତ । ଭଗବାନଙ୍କ ଉକ୍ତିର ଉଦ୍ଦେଶ୍ୟ ହେଲା, ହେ ଅର୍ଜୁନ ! ଯେଉଁ ଯୋଦ୍ଧାମାନଙ୍କୁ ତୁମେ ମାରିବାକୁ ସମର୍ଥ, ଯଦି ସେହିମାନଙ୍କୁ ତୁମେ ନ ମାର, ତଥାପି ସେହିମାନେ ମରିବେ । ତୁମେ ଏବଂ ତୁମ ସମାନ ଯୋଦ୍ଧାଙ୍କ ଚେଷ୍ଟା ବିନା ମଧ୍ୟ ସମସ୍ତେ କାଳର କବଳରେ ଅବଶ୍ୟ ପଡିବେ । ମୋର ଏହି କରାଳରୂପ ପ୍ରବୃତ୍ତିର ପରିଣାମ ତୁମେ ଜାଣିନିଅ କି, ତୁମ ପାଞ୍ଚ ପାଣ୍ଡବଙ୍କ ଅତିରିକ୍ତ ଏହି ଯୁଦ୍ଧକ୍ଷେତ୍ରରୁ କେହି ମଧ୍ୟ ଜୀବିତ ଲେଉଟିବେ ନାହିଁ, କାରଣ କାଳ ରୂପରେ ସେହି ସମସ୍ତଙ୍କ ଆୟୁକୁ ମୁଁ ହରଣ କରି ନେଇଛି । ଏହି ସ୍ଥିତିରେ ହେ ଅର୍ଜୁନ ! ତୁମେ ଯେଉଁ ମାନଙ୍କ ନିମିତ୍ତ ଯୁଦ୍ଧରୁ ନିବୃତ୍ତ ହେବାକୁ ଚାହୁଁଛ, ଯଦି ଯୁଦ୍ଧ ନ କର ତାହା ହେଲେ, ତୁମେ ସ୍ୱଧର୍ମ ପାଳନରୁ ଚ୍ୟୁତ ହେବା ହିଁ ସାର ହେବ

ସିନା, ସେହି ଲୋକ କେହି ବଞ୍ଚିବେ ନାହିଁ । ଏଥି ନିମନ୍ତେ ମୋର ଆଜ୍ଞାନୁସାରେ ଯୁଦ୍ଧରେ ପ୍ରବୃତ୍ତ ହେବା ତୁମ ପକ୍ଷେ ହିତକାରକ ।

ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।
ମୟୈବୈତେ ନିହତାଃ ପୂର୍ବମେବ ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।।୩୩।।

*ଅନ୍ୱୟ: ତସ୍ମାତ୍ (ଅତଏବ) ତ୍ୱଂ (ତୁମେ) ଉତିଷ୍ଠ (ଯୁଦ୍ଧ ପାଇଁ ଠିଆ ହୁଅ) ଯଶ ଲଭସ୍ୱ (କୀର୍ତ୍ତି ଲାଭକର) ଶତ୍ରୁନ୍ ଜିତ୍ୱା (ଶତ୍ରୁମାନଙ୍କୁ ଜୟକରି) ସମୃଦ୍ଧମ୍ (ଧନ ଧାନ୍ୟ ସମୃଦ୍ଧ) ରାଜ୍ୟମ୍ (ରାଜ୍ୟକୁ) ଭୁଙ୍କ୍ଷ୍ୱ (ଭୋଗକର) ଏତେ (ଏହି ସମସ୍ତ) ପୂର୍ବମ୍ (ଆଗରୁ) ମୟା ଏବ (ମୋର ଦ୍ୱାରା ହିଁ) ନିହତାଃ (ନିହତ ହୋଇ ସାରିଛନ୍ତି ) ସବ୍ୟସାଚିନ୍ (ହେ ସବ୍ୟସାଚୀ !) ନିମିତ୍ତମାତ୍ର (ତୁମେ ଏହିମାନଙ୍କୁ ମାରିବାରେ ନିମିତ୍ତ ମାତ୍ର) ଭବ (ହୁଅ) ।*

**ଭାବାର୍ଥ**: ଅତଏବ, ହେ ଅର୍ଜୁନ ! ତୁମେ କୃତ ସଙ୍କଳ୍ପ ହୋଇ ଯୁଦ୍ଧ କରିବା ନିମିତ୍ତ ଠିଆ ହୁଅ ଅର୍ଥାତ୍ ଅସ୍ତ୍ର ଧାରଣ କର । ଯୁଦ୍ଧରେ ଶତ୍ରୁମାନଙ୍କ ଉପରେ ବିଜୟ ପ୍ରାପ୍ତ ହୋଇ ଯଶ ଲାଭକର ଏବଂ ସମୃଦ୍ଧିଶାଳୀ ନିଷ୍କଣ୍ଟକ ରାଜ୍ୟ ଭୋଗ କର । ତୁମେ ଯେଉଁମାନଙ୍କୁ ଏହି ରଣକ୍ଷେତ୍ରରେ ଦେଖୁଅଛ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ସେହି ସମସ୍ତେ ମୋର ଦ୍ୱାରା ନିହତ ହୋଇ ସାରିଛନ୍ତି । ହେ ସବ୍ୟସାଚୀ ! ଯୁଦ୍ଧରେ ଏହି ମାନଙ୍କୁ ମାରିବା ସକାଶେ ତୁମେ କେବଳ ନିମିତ୍ତ ମାତ୍ର ହୁଅ । ବାମ ଓ ଦକ୍ଷିଣ ଉଭୟ ହସ୍ତରେ ଧନୁର୍ବାଣ ଚାଳନ କରୁଥିବାରୁ ଅର୍ଜୁନଙ୍କ ନାମ 'ସବ୍ୟସାଚୀ' । ଅର୍ଜୁନଙ୍କୁ ସବ୍ୟସାଚୀ ସମ୍ବୋଧନ କରିବାର ତାତ୍ପର୍ଯ୍ୟ ହେଲା କି, ଯଦିଓ ଅର୍ଜୁନ ଧରା ପୃଷ୍ଠରେ ଶ୍ରେଷ୍ଠ ଧନୁର୍ଦ୍ଧାରୀ, ତଥାପି ସେ ଜାଣି ରଖିବା ଉଚିତ ଯେ, ଏହି ଦୃଶ୍ୟ ଜଗତର ସୃଷ୍ଟି ଓ ବିନାଶ ଭଗବାନଙ୍କ ତତ୍ତ୍ୱାବଧାନରେ ହିଁ ଚାଲିଅଛି । ତେଣୁ କୁରୁକ୍ଷେତ୍ରର ଯୁଦ୍ଧ – "ଅଧର୍ମର ନାଶ ଓ ଧର୍ମର ପ୍ରତିଷ୍ଠା"- ଭଳି ସେହି ଚିରନ୍ତନ ବ୍ୟବସ୍ଥା ଅନୁଯାୟୀ ହୋଇଥିଲା । ଏହି ଶ୍ଳୋକରେ 'ନିମିତ୍ତ ମାତ୍ର' ଶବ୍ଦ ବିଶେଷ ଅର୍ଥପୂର୍ଣ୍ଣ । ପରମ ପୁରୁଷ ଭଗବାନଙ୍କ ଇଚ୍ଛା ଅନୁସାରେ ସମଗ୍ର ବ୍ରହ୍ମାଣ୍ଡ ପରିଚାଳିତ । ସମସ୍ତ କ୍ରିୟାର ଅନ୍ତରାଳରେ ଭଗବାନଙ୍କ ଇଚ୍ଛା ହିଁ କାରଣ ଏବଂ ଜୀବ କେବଳ ନିମିତ୍ତ ମାତ୍ର । ତେଣୁ ଭଗବାନ କହୁଛନ୍ତି; ହେ ଅର୍ଜୁନ ! ବିଶ୍ୱରୂପ ଦେଖି ତୁମେ ନିଶ୍ଚିତ ହୋଇ ସାରିଛ କି, ଉଭୟ ପକ୍ଷର ସମସ୍ତ ଯୋଦ୍ଧା ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚି ସାରିଛନ୍ତି । ଏଥି ନିମନ୍ତେ ତୁମର ପ୍ରଯତ୍ନର କୌଣସି ଆବଶ୍ୟକତା ନାହିଁ । "ତୁମକୁ ମାରିବାକୁ ହେବ" ବୋଲି ଯେଉଁ କର୍ତ୍ତାପନ ଭାବ ତୁମ ମନରେ ସୃଷ୍ଟି ହେଉଛି, ତାହା ତୁମର ଅହଂକାର ବା ଅଜ୍ଞାନ । ତେଣୁ, ତୁମେ ନିଜ ମନରେ କୌଣସି ପ୍ରକାର ସଂଶୟ ନ ରଖି ଅହଂକାର ଓ ମମତା ଶୂନ୍ୟ ହୋଇ ଉତ୍ସାହ ପୂର୍ବକ ଯୁଦ୍ଧରେ ପ୍ରବୃତ୍ତ ହୁଅ । ଭୋଗ ପ୍ରବୃତ୍ତି ରହିଥିବା ଅହଙ୍କାରୀ ମନୁଷ୍ୟ ଭଗବାନଙ୍କ ଐଶ୍ୱରିକ ପ୍ରଭାବକୁ ଜାଣି ନ ପାରି ନିଜକୁ ସମସ୍ତ କର୍ମ ଓ କର୍ମଫଳର କର୍ତ୍ତା ଓ ଭୋକ୍ତା ମାନିଥାଏ । କର୍ମ ଓ କର୍ମ ଫଳକୁ ଭଗବାନ ସର୍ବ ନିୟନ୍ତା ମାନି ସମର୍ପଣ କରିଦେଲେ ମନରେ 'ନିମିତ୍ତ ଭାବ' ସ୍ୱତଃ ଜାଗ୍ରତ ହୋଇଯାଏ । କିନ୍ତୁ ନିମିତ୍ତ ମାତ୍ର ଭାବ ରଖି କର୍ମ କଲାବେଳେ ନିଜ ପକ୍ଷରୁ ଅଭିମାନ ଶୂନ୍ୟ ଚିତ୍ତରେ ସମସ୍ତ ଅନ୍ତର୍ନିହିତ ଶକ୍ତି ଖଟାଇ ଶ୍ରଦ୍ଧାର ସହିତ କର୍ମ କରିବା ଉଚିତ । ନାମକୁ ମାତ୍ର କର୍ମ କରି ସାମାନ୍ୟ ବି ଅବହେଳା କରିବା ଉଚିତ ନୁହେଁ । ସିଦ୍ଧି-ଅସିଦ୍ଧିରେ ସମଭାବ ରଖି କର୍ତ୍ତବ୍ୟ ପାଳନ କଲେ ମୁକ୍ତି ସ୍ୱତଃସିଦ୍ଧ

। ଭଗବାନଙ୍କ ଜ୍ଞାନ-ବିଜ୍ଞାନ ତତ୍ତ୍ୱକୁ ବୁଝି ଅଭିମାନ ଶୂନ୍ୟହୋଇ 'ନିମିତ୍ତ ମାତ୍ର' ହୋଇଗଲେ ପରମାତ୍ମା ପ୍ରାପ୍ତି ହୋଇଯାଏ ।

ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।
ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠାଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ॥୩୪॥

*ଅନ୍ୱୟ: ମୟା ହତାନ୍ (ମୋ ଦ୍ୱାରା ହତ) ଦ୍ରୋଣଂ ଚ (ଦ୍ରୋଣ ଓ) ଭୀଷ୍ମଂ ଚ ( ଭୀଷ୍ମ ଓ) ଜୟଦ୍ରଥଂ ଚ (ଜୟଦ୍ରଥ ଓ ) କର୍ଣ୍ଣଂ (କର୍ଣ୍ଣଙ୍କୁ) ତଥା ଅନ୍ୟାନ୍ (ଅନ୍ୟାନ୍ୟ ) ଯୋଧବୀରାନ୍ ଅପି (ଶୂରବୀରଗଣଙ୍କୁ ମଧ୍ୟ) ତ୍ୱଂ (ତୁମ୍ଭେ) ଜହି (ବଧକର) ମା ବ୍ୟଥିଷ୍ଠା (ବ୍ୟଥିତ ହୁଅ ନାହିଁ ) ଯୁଧ୍ୟସ୍ୱ (ଯୁଦ୍ଧ କର ) ରଣେ (ଯୁଦ୍ଧରେ) ସପତ୍ନାନ୍ (ଶତ୍ରୁମାନଙ୍କୁ) ଜେତାସି (ନିଃସନ୍ଦେହରେ ତୁମେ ଜୟ କର )।*

**ଭାବାର୍ଥ**: ମୋର ଦ୍ୱାରା ପୂର୍ବରୁ ହିଁ ବିନାଶ ପ୍ରାପ୍ତ ଦ୍ରୋଣ, ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ତଥା ଅନ୍ୟାନ୍ୟ ବୀର ଯୋଦ୍ଧାଙ୍କୁ ମଧ୍ୟ ତୁମେ ବଧ କର । ଭୟକର ନାହିଁ । ଯୁଦ୍ଧରେ ଶତ୍ରୁଗଣଙ୍କୁ ଅବଶ୍ୟ ମାରିପାରିବ । କାରଣ ଗୋଟିଏ ହିସାବରେ ସେମାନେ ସମସ୍ତେ ମୃତପ୍ରାୟ । ଏହି ସମସ୍ତେ ଅଜ୍ଞାନ କାର୍ଯ୍ୟରୂପ ମୂର୍ଦ୍ଧାର । ଏହି ମାନଙ୍କ ବିବେକ ବୋଧକୁ ଅଧର୍ମ ଆଚରଣ କାରଣରୁ ମୁଁ ଆଗରୁ ମାରିଦେଇଛି । ଏହିମାନେ ବଞ୍ଚି ରହିଛନ୍ତି ତ, ବୋଧଶୂନ୍ୟ ଭାବେ ଯନ୍ତ୍ର ପିତୁଳା ଭଳି କେବଳ ଦୃଶ୍ୟମାନ୍ ହେଉଛନ୍ତି । ତେଣୁ ନିର୍ଭୟରେ ଯୁଦ୍ଧ କରି ଏହି ମାନଙ୍କ ଉପରେ ବିଜୟ ପ୍ରାପ୍ତ ହୁଅ । କେବଳ ଯଶସ୍ୱୀ ହେବା ସକାଶେ ଏହି ମାନଙ୍କ ସଂହାରର ନିମିତ୍ତ ମାତ୍ର ହୁଅ । ଏସଅର୍ଜୁନଙ୍କ ମନରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପରି ଅତ୍ୟନ୍ତ ପରାକ୍ରମୀ ଯୋଦ୍ଧାମାନଙ୍କୁ ସହଜରେ ପରାସ୍ତ କରିବା ନେଇ ସନ୍ଦେହ ରହିଥିଲା ଏବଂ ଜୟଦ୍ରଥଙ୍କ ପିତାଙ୍କ ତପସ୍ୟା ଦ୍ୱାରା ପ୍ରାପ୍ତ ବର ଅନୁଯାୟୀ ତାଙ୍କରି ଶିର ଛେଦନ କରିବା ଅସମ୍ଭବ ଥିଲା । ଏହି କାରଣରୁ ନିଜର ବିଜୟ ମଧ୍ୟ ଅର୍ଜୁନଙ୍କ ନିମନ୍ତେ ପ୍ରଶ୍ନବାଚୀ ହୋଇ ରହିଥିଲା । ଦ୍ୱିତୀୟତଃ, ପିତାମହ, ଗୁରୁ ଓ ଅନ୍ୟାନ୍ୟ ବନ୍ଧୁ, ସ୍ୱଜନଙ୍କ ସହିତ ଯୁଦ୍ଧରେ ବଧ କରି ପାପ ଅର୍ଜନ କରିବା- ଅର୍ଜୁନ ଚାହୁଁ ନ ଥିଲେ । ଭଗବାନ ଏହି ସମସ୍ତଙ୍କ ମୃତ୍ୟୁ ଅବଶ୍ୟମ୍ଭାବୀ ଏବଂ ଯୁଦ୍ଧରେ ବିଜୟ ନିଶ୍ଚିତ କହି, ଏହି ଆଶଙ୍କାକୁ ଅର୍ଜୁନଙ୍କ ମନରୁ ଦୂର କରିଛନ୍ତି । ତେଣୁ ଏହିଠାରେ ଶ୍ରୀକୃଷ୍ଣ କହିଛନ୍ତି କି, ମୋର ଦ୍ୱାରା ନିହତ ହୋଇଥିବା ଏହି ଶତ୍ରୁମାନଙ୍କୁ ମାର ଏବଂ ନିର୍ଭୟରେ ଯୁଦ୍ଧ କର । ଆତ୍ମା ଏବଂ ପରମାତ୍ମା ଅକର୍ତ୍ତା ବୋଲି ଆଗରୁ ଭଗବାନ କହିଛନ୍ତି । ଏହିଠାରେ ମୋ ଦ୍ୱାରା ସମସ୍ତେ ମୃତ୍ୟୁ ପ୍ରାପ୍ତ ହୋଇ ସାରିଛନ୍ତି, ତୁମେ କେବଳ ନିମିତ୍ତ ପାଇଁ ଯୁଦ୍ଧ କରି ଏହିମାନଙ୍କୁ ମାର । ଆଗକୁ ଅଠର ଅଧ୍ୟାୟରେ ଭଗବାନ କହିଛନ୍ତି କି, ଶୁଭ ଅଶୁଭ ପ୍ରତ୍ୟେକ କାର୍ଯ୍ୟ ହେବାରେ- ଅଧିଷ୍ଠାନ, କର୍ତ୍ତା, କରଣ, ପ୍ରଚେଷ୍ଟା, ଦୈବୀ- ଏହି ପାଞ୍ଚୋଟି ହେଉଛି ମାଧ୍ୟମ । ଭଗବାନଙ୍କ ଏହି ସମସ୍ତ ଉକ୍ତି ପରସ୍ପର ବିରୋଧଭାସ ନୁହେଁ କି ? ଦ୍ୱିତୀୟତଃ, ସମସ୍ତ କାର୍ଯ୍ୟ ଯଦି ଭଗବାନଙ୍କ ଇଚ୍ଛାରେ ହିଁ କେବଳ ହୁଏ, ତାହା ହେଲେ ମନୁଷ୍ୟ କାହିଁକି ପ୍ରଯତ୍ନଶୀଳ ହେବା ଆବଶ୍ୟକ ? ଏହାର ସମାଧାନ ସ୍ୱାମୀ ଅଡଗାନନ୍ଦଜୀ ମହାରାଜ 'ଯଥାର୍ଥ ଗୀତା' ରେ ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରିଛନ୍ତି । ବସ୍ତୁତଃ ପ୍ରକୃତି ଏବଂ ସେହି ପରମାତ୍ମା ପୁରୁଷଙ୍କ ମଧ୍ୟରେ

ଏକ ସୀମା ରେଖା ରହିଛି । ଯେଉଁ ପର୍ଯ୍ୟନ୍ତ କାର୍ଯ୍ୟକ୍ଷେତ୍ରରେ ପ୍ରକୃତି ଓ ଗୁଣର ପ୍ରଭାବ ଅଧିକ ରହିଥାଏ, ସେହି ପର୍ଯ୍ୟନ୍ତ ମାୟା (ଅଜ୍ଞାନ) ପ୍ରେରଣାର ଉତ୍ସ ହୋଇଥାଏ । ସାଧକ ଯେତେବେଳେ ଟିକିଏ ଉପର ସ୍ତରକୁ ଯାଇ ଅବସ୍ଥାନ କରେ, ସେତେବେଳେ ସ୍ୱୟଂ ପରମାତ୍ମା ଇଷ୍ଟ, ସଦ୍ଗୁରୁ, ଈଶ୍ୱର ରୂପରେ ସାଧକର ଆତ୍ମାରେ ଜାଗୃତ ହୋଇ ଯାଆନ୍ତି । ହୃଦୟରେ ରଥୀ ହୋଇ ଅନୁରାଗୀ ସାଧକଙ୍କ ସ୍ୱୟଂ ମାର୍ଗ ସଂଚାଳନ କାର୍ଯ୍ୟ କରିଥାଆନ୍ତି । ଏହାପରେ ଯାହା କିଛି ସାଧକର ଅନୁଭବ ହୋଇଥାଏ, ତାହା ଇଷ୍ଟଙ୍କ ଅନୁଗ୍ରହ ରୂପକ ଦାନ । ଇଷ୍ଟ-ସଦ୍ଗୁରୁଙ୍କ ସଙ୍କେତ ଓ ଆଦେଶାନୁସାରେ ଅଗ୍ରସର ହୋଇ ତାଙ୍କରି ଦ୍ୱାରା ପ୍ରଦତ୍ତ ଅନୁଭୂତି ହିଁ ସାଧନାର ଫଳ । ଏହିପରି ଅନୁରାଗୀ ସାଧକ ନିମନ୍ତେ ଈଶ୍ୱର ଯାହା ଦେଖାନ୍ତି, ସେହି ଦେଖିବା କ୍ରିୟା ମଧ୍ୟ ସାଧକ ନିମନ୍ତେ ସ୍ୱୟଂ ନିଜେ କରନ୍ତି । ଅର୍ଥାତ୍ ସାଧକର ସ୍ୱତନ୍ତ୍ର ଦୃଷ୍ଟି ନ ରହି ଈଶ୍ୱରଙ୍କ ଦୃଷ୍ଟି ସହିତ ଏକାକାର ହୋଇଯାଏ । ଏହି ପ୍ରକାରେ ଭକ୍ତକୁ ଭଗବାନ ନିଜ ସ୍ୱରୂପ ପର୍ଯ୍ୟନ୍ତ ପହଞ୍ଚାଇବା ନିମିତ୍ତ ଅନୁଗ୍ରହ କରିଥାନ୍ତି । ଏହା ହେଉଛି ଭଗବାନ କହିଥିବା 'ନିମିତ୍ତ ମାତ୍ର" ଶବ୍ଦର ତତ୍ତ୍ୱ ।

ସଞ୍ଜୟ ଉବାଚ

ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ କୃତାଞ୍ଜଳିର୍ବେପମାନଃ କିରୀଟୀ ।
ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ ସଗଦ୍ ଗଦଂ ଭୀତଭୀତଃ ପ୍ରଣମ୍ୟ ॥୩୫॥

*ଅନ୍ୱୟ: ସଞ୍ଜୟ ଉବାଚ (ସଞ୍ଜୟ କହିଲେ) କେଶବସ୍ୟ (ଶ୍ରୀକୃଷ୍ଣଙ୍କ) ଏତତ୍ ବଚନଂ (ଏହି ବଚନକୁ ଶୁଣି) ବେପମାନଃ (କମ୍ପମାନ-ଭୟରେ ଥରହର) କିରୀଟୀ (କିରୀଟୀଧାରୀ ଅର୍ଜୁନ) କୃତାଞ୍ଜଳି (ଯୋଡହସ୍ତ ପୂର୍ବକ) ନମସ୍କୃତ୍ୱା (ନମସ୍କାର କରି) ଭୟଭୀତଃ (ଅତ୍ୟନ୍ତ ଭୟଭୀତ ହୋଇଥିଲେ ମଧ୍ୟ ) ଭୂୟଃ (ପୁନଶ୍ଚ ) ପ୍ରଣମ୍ୟ (ପ୍ରଣାମ କରି ) ସଗଦ୍ ଗଦଂ (ଗଦ୍ ଗଦ୍ ସ୍ୱରରେ ) କୃଷ୍ଣଂ (ଭଗବାନ କୃଷ୍ଣଙ୍କୁ ) ଆହ (କହିବାକୁ ଲାଗିଲେ ) ।*

**ଭାବାର୍ଥ**: ଅର୍ଜୁନଙ୍କ ବିଶ୍ୱରୂପ ଦର୍ଶନ ଭଗବାନ ଶ୍ରୀକୃଷ୍ଣଙ୍କ କୃପା ଉପରେ ଆଧାରିତ । ଭଗବାନଙ୍କ ମୁଖରୁ ଭୀଷ୍ମ, ଦ୍ରୋଣ ପ୍ରଭୃତି ଯୋଦ୍ଧାଙ୍କ ସୁନିଶ୍ଚିତ ମୃତ୍ୟୁ କଥା ଶୁଣି ଭୟରେ ତାଙ୍କରି ଅବୟବ କମ୍ପି ଉଠିଲା । ଭୟଭୀତ ହୋଇଥିଲେ ମଧ୍ୟ, ଭକ୍ତି ଭାବରେ ଯୋଡ ହସ୍ତ ପୂର୍ବକ ନତ ମସ୍ତକ ହୋଇ ଭଗବାନଙ୍କ ଶ୍ରୀଚରଣରେ ବାରମ୍ବାର ପ୍ରଣାମ କରି ଗଦ୍ ଗଦ୍ ସ୍ୱରରେ କହିବାକୁ ଲାଗିଲେ । ଅର୍ଜୁନ ବିରାଟ ରୂପରେ ଯୁଦ୍ଧର ବିଭୀଷିକାମୟ କରାଳ ପରିଣତି ଯାହା ଦେଖିଲେ, ସେଥିରେ ସେ ବିଚଳିତ ହୋଇ ଉଠିଲେ । ଭଗବାନଙ୍କ ଠାରୁ ନିଜ ପକ୍ଷର ବିଜୟ ସୂଚକ ଆଶ୍ୱାସନା ବାଣୀ ଶୁଣି ମଧ୍ୟ, ତାଙ୍କରି ଭୟ ଦୂର ହୋଇନାହିଁ କି, ସେ ଶାନ୍ତି ଲାଭ କରି ପାରି ନାହାନ୍ତି । ବ୍ୟାକୁଳତାର ସହିତ ଗଦ୍ ଗଦ୍ ବାଣୀରେ ନିବେଦନ କରିବାକୁ ଲାଗିଲେ । ଅର୍ଜୁନଙ୍କ ମସ୍ତକରେ ଦେବରାଜ ଇନ୍ଦ୍ରଙ୍କ ଦ୍ୱାରା ସୂର୍ଯ୍ୟ ସମାନ ପ୍ରକାଶମୟ ଦିବ୍ୟ ମୁକୁଟ ସର୍ବଦା ଶୋଭା ପାଉଥାଏ । ତେଣୁ ଅର୍ଜୁନଙ୍କ ଅନ୍ୟ ନାମ କିରୀଟୀ ।

ଅର୍ଜୁନ ଉବାଚ

ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି ସର୍ବେ ନମସ୍ୟନ୍ତି ଚ ସିଦ୍ଧସଙ୍ଘାଃ ॥୩୬॥

*ଅନ୍ୱୟ: ଅର୍ଜୁନ ଉବାଚ (ଅର୍ଜୁନ କହିଲେ ) ହୃଷୀକେଶ ( ହେ ଅନ୍ତର୍ଯାମୀ ପୁରୁଷ !) ତବ (ଆପଣଙ୍କ) ପ୍ରକୀର୍ତ୍ତ୍ୟା (ନାମ,ଗୁଣ, ମାହାତ୍ମ୍ୟ ଆଦି କୀର୍ତ୍ତନରେ) ଜଗତ୍ ପ୍ରହୃଷ୍ୟତି (ଜଗତ ଅତ୍ୟନ୍ତ ହର୍ଷିତ ହୋଇ ଉଠୁଛି ) ଅନୁରଜ୍ୟତେ ଚ (ଏବଂ ଅନୁରକ୍ତ-ପ୍ରେମଭାବ ମଧ୍ୟ ପ୍ରାପ୍ତ ହେଉଛି) ରକ୍ଷାଂସି (ରାକ୍ଷସ ମାନେ) ଭୀତାନି (ଭୟଭୀତ ହୋଇ) ଦିଶଃ (ଚତୁର୍ଦିଗରେ – ଦିଗ ଦିଗନ୍ତରେ ) ଦ୍ରବନ୍ତି (ପଳାୟନ କରୁଛନ୍ତି) ସର୍ବେ ଚ ସିଦ୍ଧସଙ୍ଘାଃ (ସମସ୍ତ ସିଦ୍ଧଗଣ ମଧ୍ୟ) ନମସ୍ୟନ୍ତି (ନମସ୍କାର କରୁଛନ୍ତି ) ସ୍ଥାନେ ( ଏହି ସମସ୍ତ ଯଥୋଚିତ )।*

**ଭାବାର୍ଥ**: ଅର୍ଜୁନ କହିଲେ; ହେ ଅନ୍ତର୍ଯାମୀ ପୁରୁଷ ! ଆପଣଙ୍କ ନାମ, ଗୁଣ, ପ୍ରଭାବ ଆଦି କୀର୍ତ୍ତନରେ ଜଗତବାସୀ ଆନନ୍ଦିତ ହୋଇ ଆପଣଙ୍କ ପ୍ରତି ଅତ୍ୟନ୍ତ ପ୍ରେମ ଭାବ ପ୍ରଦର୍ଶନ କରୁଛନ୍ତି । ଏହା ହେବା ମଧ୍ୟ ଯଥୋଚିତ, କାରଣ ଆପଣ ସଚରା-ଚର ପ୍ରାଣୀଙ୍କ ଏକମାତ୍ର ଗତି । ରାକ୍ଷସଗଣ ଭୟଭୀତ ହୋଇ ଚତୁର୍ଦିଗକୁ ପ୍ରାଣ ରକ୍ଷା ନିମିତ୍ତ ପଳାୟନ କରୁଛନ୍ତି । ସିଦ୍ଧ ମାନବଗଣ ଆପଣଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣତି ଜଣାଉଛନ୍ତି । ତାହା ମଧ୍ୟ ଯୁକ୍ତିଯୁକ୍ତ, କାରଣ ଆପଣ ସାକ୍ଷାତ୍ ପରମେଶ୍ୱର । ଭଗବାନଙ୍କ ସ୍ତୁତି ଶ୍ରବଣ ଦୁର୍ଜନଙ୍କୁ ସହ୍ୟ ହୋଇପାରୁ ନ ଥିବା ବେଳେ, ସଜ୍ଜନ ତାହା ଶୁଣି ପ୍ରେମରେ ବିହ୍ୱଳ ହୋଇ ଉଠନ୍ତି । ଭକ୍ତଜନ ଭଗବତ୍ ବିଗ୍ରହକୁ ଦେଖି ପ୍ରସନ୍ନ ହୁଅନ୍ତି, କିନ୍ତୁ ଆସୁରୀ ପ୍ରକୃତି ଜୀବଙ୍କୁ ତାହା ଯମରାଜ ଭଳି ଦେଖାଯାଏ । ସଂସାର ଅଭିମୁଖ ହୋଇ ଦ୍ରବ୍ୟ ସଂଗ୍ରହ ଓ ଭୋଗ ପ୍ରାପ୍ତିରେ ଯେତେ ଅଧିକ ଉଦ୍ୟମ ମନୁଷ୍ୟ କରେ, ସେତେ ଅଭାବ, ଦୁଃଖ, ଅଶାନ୍ତି, ଜ୍ୱାଳା, ସନ୍ତାପ ବଢିଚାଲେ । ଜୀବାତ୍ମା ଯେତେ ଅଧିକ ଭଗବଦ୍ ଅଭିମୁଖୀ ହୁଏ, ସେତେ ବେଶୀ ଆନନ୍ଦ ପ୍ରାପ୍ତ ହୁଏ ଏବଂ ଦୁଃଖ ଦୂରିଭୂତ ହେବାକୁ ଲାଗେ । ଏହି ଶ୍ଳୋକ ମନ୍ତ୍ର ଶାସ୍ତ୍ରରେ 'ରକ୍ଷୋଘ୍ନ' ମନ୍ତ୍ର ରୂପରେ ପ୍ରସିଦ୍ଧ । କୌଣସି ପ୍ରକାର ଭୟର ଉପଶମ ନିମନ୍ତେ ଏହି ମନ୍ତ୍ରକୁ ଜପ କରିବା ଦ୍ୱାରା ସୁଫଳ ମିଳେ । ଭୁତ, ପ୍ରେତ, ପିଶାଚ ଆଦି ଭୟ, ଚୌର ଭୟ, ଶତ୍ରୁ ଭୟ, ରୋଗ ଭୟ –ଏହି ସମସ୍ତ ଭୟ ଦୂର ନିମିତ୍ତ ଏହାର ଉପଯୋଗ ହୁଏ । 'ମନ୍ତ୍ର ସାର-ସୁଧାନିଧି' ନାମକ ସଂସ୍କୃତ ଗ୍ରନ୍ଥରେ ଏହାର ପ୍ରୟୋଗ ବିଧି ବତାଯାଇଛି । ଏହା ନାରାୟଣ ମନ୍ତ୍ର ଏବଂ ସୁଦର୍ଶନ ଅସ୍ତ୍ର ମନ୍ତ୍ରରେ ସମ୍ପୁଟିତ କରି ଜପ କରା ଯାଇଥାଏ । ବିଘ୍ନ ଉତ୍ପାଦକ, ଅନିଷ୍ଟ ପ୍ରବର୍ତ୍ତକ, ରାକ୍ଷସ, ଶତ୍ରୁ, ରୋଗ ଆଦି ବିନାଶ ସଙ୍କଳ୍ପରେ ଏହି ମନ୍ତ୍ର ପୁରଶ୍ଚରଣ ଫଳଦାୟକ ।

କସ୍ମାଚ୍ଚ ତେ ନ ନମେରନ୍ମହାତ୍ମନ୍ ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ ।
ଅନନ୍ତ ଦେବେଶ ଜଗନ୍ନିବାସ ତ୍ୱମକ୍ଷରଂ ସଦସତ୍ତତ୍ପରଂ ଯତ୍ ॥୩୭॥

*ଅନ୍ୱୟ: ମହାତ୍ମନ୍ (ହେ ମହାତ୍ମନ୍) ଅନନ୍ତ (ହେ ଅନନ୍ତ !) ଦେବେଶ (ହେ ଦେବେଶ !) ଜଗତ୍-ନିବାସ (ହେ ଜଗଦାଶ୍ରୟ !) ବ୍ରହ୍ମଣଃ ଅପି (ବ୍ରହ୍ମାଙ୍କଠାରୁ ମଧ୍ୟ) ଗରୀୟସେ (ଶ୍ରେଷ୍ଠ) ଆଦିକର୍ତ୍ରେ ଚ (ଏବଂ ଆଦି କାରଣ ) ତେ (ଆପଣଙ୍କୁ)[ସମସ୍ତ*

*ଦେବଗଣ]କସ୍ମାତ୍ (କାହିଁକି) ନ ନମେରନ୍ (ନମସ୍କାର ନ କରିବେ ) ସତ୍ (ଅବିନାଶୀ ସତ୍ତା) ଅସତ୍ (ବିନାଶଶୀଳ ବସ୍ତୁ) ପରଂ(ଏହି ଉଭୟର ଉର୍ଦ୍ଧ୍ୱରେ) ଯତ୍ (ଯେଉଁ) ଅକ୍ଷରଂ (ଅକ୍ଷର ପରବ୍ରହ୍ମ) ତତ୍ ଚ (ତାହା ମଧ୍ୟ) ତ୍ୱମ୍ (ଆପଣ) ।*

**ଭାବାର୍ଥ**: ହେ ମହାତ୍ମନ୍ ! ହେ ଅନନ୍ତ ! ହେ ଦେବେଶ ! ହେ ଜଗତର ପରମ ଆଧାର ! ଆପଣ ବ୍ରହ୍ମାଙ୍କଠାରୁ ମଧ୍ୟ ଶ୍ରେଷ୍ଠ ତତ୍ତ୍ୱ ଏବଂ ସୃଷ୍ଟି କର୍ତ୍ତା । ଅତଏବ ସମଗ୍ର ଜଗତ କାହିଁକି ଆପଣଙ୍କୁ ନମସ୍କାର ନ କରିବ ? ସତ୍-ଅସତ୍ ରୁ ଅତୀତ ଯେଉଁ ଅକ୍ଷର ବ୍ରହ୍ମ, ତାହା ମଧ୍ୟ ଆପଣ । ଯାହା ବ୍ୟକ୍ତ, ଯାହା ଅବ୍ୟକ୍ତ - ତାହା ମଧ୍ୟ ଆପଣ । ସବୁ କିଛି ଆପଣ । ଦେଶ, କାଳ, ବସ୍ତୁ କେଉଁଥିରେ ବି ଆପଣଙ୍କ ଅନ୍ତ ନାହିଁ, ତେଣୁ ଆପଣ 'ଅନନ୍ତ' । ଏପରି କିଛି ନାହିଁ ଯାହା ଆପଣଙ୍କ ପ୍ରଭାବ ଓ ଶକ୍ତିର ବାହାରେ । ସମସ୍ତ ଦେବତାଙ୍କ ଆପଣ ସ୍ୱାମୀ ଏବଂ ସମଗ୍ର ବ୍ରହ୍ମାଣ୍ଡର ଆପଣ କେନ୍ଦ୍ର ଏବଂ ଏକମାତ୍ର ପରମ ଆଧାର । ସାରା ବିଶ୍ୱ ଆପଣଙ୍କଠାରେ ସ୍ଥିତ ତଥା ଆପଣ ଏଥିରେ ବ୍ୟାପ୍ତ । ଆପଣ ଅଦ୍ୱିତୀୟ, ଅଚିନ୍ତ୍ୟ, ଅଦ୍ଭୁତ ଶକ୍ତି ସମ୍ପନ୍ନ, ସର୍ବଶ୍ରେଷ୍ଠ ପରମ ପୁରୁଷ । ତେଣୁ ଦେବ, ମାନବ, ଋଷି, ଗନ୍ଧର୍ବ ସମସ୍ତେ ଆପଣଙ୍କୁ ପ୍ରଣାମ ନ କରି ରହି ପାରୁ ନାହାନ୍ତି । ଆପଣ ସମସ୍ତଙ୍କ ଗୁରୁ ଏବଂ ବିଶ୍ୱ ସ୍ରଷ୍ଟା ବ୍ରହ୍ମାଙ୍କ ମଧ୍ୟ ପ୍ରଥମ ରଚୟିତା । 'ସତ୍'ର ଯେଉଁ ସ୍ୱତଃସିଦ୍ଧ ସତ୍ତା ରହିଛି ତାହା ଆପଣ । 'ଅସତ୍'ର ସ୍ୱତନ୍ତ୍ର ସତ୍ତା ନ ଥିଲେ ସୁଦ୍ଧା 'ସତ୍'ର ଆଶ୍ରୟରୁ ଯାହା ସତ୍ତାବାନ୍ ପ୍ରତୀତ ହେଉଛି, ସେହି 'ଅସତ୍' ମଧ୍ୟ ଆପଣ । ଜ୍ଞାନ ଦୃଷ୍ଟିରେ ଯାହାକୁ ସତ୍-ଅସତ୍ କୁହା ଯାଇ ପାରିବ ନାହିଁ ସେହି ଅନିର୍ବଚନୀୟ ତତ୍ତ୍ୱ ମଧ୍ୟ ଆପଣ । ଆପଣ କ୍ଷର ଏବଂ ଅକ୍ଷରରୁ ଅତୀତ ପରମ ଅକ୍ଷର ସଚ୍ଚିଦାନନ୍ଦଘନ ପରମାତ୍ମା ତତ୍ତ୍ୱ ଅଟନ୍ତି । ଭଗବାନ ଅକ୍ଷର ବ୍ରହ୍ମ ତତ୍ତ୍ୱ, ଜୀବ ତତ୍ତ୍ୱ, ପ୍ରକୃତି ତତ୍ତ୍ୱ -ଏହି ସମସ୍ତଙ୍କଠାରୁ ପରମ ଉତ୍କୃଷ୍ଟ ଏବଂ ଏହାଙ୍କଠାରୁ ଭିନ୍ନ । ଭିନ୍ନ ହୋଇ ମଧ୍ୟ ତାଙ୍କରି ଅଚିନ୍ତ୍ୟ ଶକ୍ତିରେ ସମସ୍ତ ତତ୍ତ୍ୱର ପ୍ରକାଶ ହୋଇଥାଏ । ତେଣୁ ଭଗବାନ ସର୍ବରୂପ ମଧ୍ୟ । କିନ୍ତୁ ଏହିପରି ହୋଇ ମଧ୍ୟ, ସମସ୍ତେ ଭଗବାନ ନୁହନ୍ତି କି, ଭଗବାନଙ୍କ ସମାନ ମଧ୍ୟ ନୁହନ୍ତି । ସମସ୍ତେ ତାଙ୍କ ଶକ୍ତିର କାର୍ଯ୍ୟ ବା ପରିଣାମ ଅଟନ୍ତି । ଏହି ଦୃଷ୍ଟିରୁ ସେହିଁ ସବୁ କିଛି, କାରଣ ତାଙ୍କରି ଅତିରିକ୍ତ ପୃଥକ୍ ରୂପରେ ସ୍ୱତନ୍ତ୍ର ସତ୍ତାଯୁକ୍ତ କୌଣସି ମଧ୍ୟ ଦ୍ୱିତୀୟ ବସ୍ତୁ ବା ତତ୍ତ୍ୱ ନାହିଁ । ଏଥି କାରଣରୁ ଶ୍ରୁତିରେ ଭଗବାନଙ୍କୁ ଅସମୋର୍ଦ୍ଧ୍ୱ ପରମତତ୍ତ୍ୱ, ନିତ୍ୟ ମାନଙ୍କ ମଧ୍ୟରେ ପରମ ନିତ୍ୟ ଏବଂ ଚେତନ ମଧ୍ୟରେ ପରମ ଚେତନ କୁହାଯାଇଛି ।

ତ୍ୱମାଦିଦେବଃ ପୁରୁଷଃ ପୁରାଣସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ ତ୍ୱୟା ତତଂ ବିଶ୍ୱମନନ୍ତରୂପ ।।୩୮।।

*ଅନ୍ୱୟ: ତ୍ୱଂ (ଆପଣ ହିଁ) ଆଦିଦେବଃ (ଆଦିଦେବ-ଦେବଗଣଙ୍କ ଉତ୍ପାଦକ) ଚ (ଓ) ପୁରାଣଃ ପୁରୁଷଃ (ଅନାଦି-ପ୍ରାଚୀନତମ ପୁରୁଷ) ତ୍ୱଂ (ଆପଣ ହିଁ) ଅସ୍ୟ ବିଶ୍ୱସ୍ୟ (ଏହି ବିଶ୍ୱର) ପରମ୍ ନିଧାନମ୍ (ଶ୍ରେଷ୍ଠ ବା ଏକମାତ୍ର ଲୟ ସ୍ଥଳ-ଆଶ୍ରୟ ସ୍ଥଳ ) ବେତ୍ତା ବେଦ୍ୟମ୍ ଚ (ଆପଣ ହିଁ ସମସ୍ତଙ୍କ ଜ୍ଞାତା ଏବଂ ଜ୍ଞେୟ ) ପରମ୍ ଧାମ ଚ (ଏବଂ ପରମ ଧାମ ) ଅସି (ଅଟନ୍ତି) ଅନନ୍ତରୂପ (ହେ ଅନନ୍ତ ରୂପଧାରୀ !) ତ୍ୱୟା (ଆପଣଙ୍କ ଦ୍ୱାରା ) ବିଶ୍ୱମ୍ (ଏହି ଜଗତ) ତତମ୍ (ବ୍ୟାପ୍ତ ରହିଛି) ।*

**ଭାବାର୍ଥ** : ହେ ଅନନ୍ତ ରୂପ ! ଆପଣ ଆଦିଦେବ ଏବଂ ସନାତନ ପୂର୍ଣ୍ଣ ପୁରୁଷ ପରମେଶ୍ୱର । ଯେଉଁ ସମୟରେ ଏହି ଦେବଗଣ ନ ଥିଲେ, ସେହି ସମୟରେ ମଧ୍ୟ ଆପଣ ଏହି ରୂପରେ ରହିଥିଲେ ଏବଂ ସର୍ବଦା

ରହିବେ । ତେଣୁ ଆପଣ ପ୍ରାଚୀନତମ ପୁରୁଷ । ସଂସାରର ଉତ୍ପତ୍ତି, ସ୍ଥିତି, ପ୍ରଳୟ ସମସ୍ତ କ୍ରିୟାର ପରମ ଆଧାର, ଆପଣ ହିଁ ବିଶ୍ୱର ଏକମାତ୍ର ଶରଣ ସ୍ଥାନ, ସବୁକିଛିର ଆଶ୍ରୟ ସ୍ଥଳ ଏବଂ ବ୍ରହ୍ମାଦିଙ୍କ ବିଲୟ ସ୍ଥାନ । ଭୂତ, ବର୍ତ୍ତମାନ ଏବଂ ଭବିଷ୍ୟ ସମସ୍ତ ଜଗତକୁ ଯଥାର୍ଥ ତଥା ପୂର୍ଣ୍ଣ ରୂପରେ ଜାଣିବା ଏବଂ ସମସ୍ତଙ୍କ ନିତ୍ୟ ଦ୍ରଷ୍ଟା କାରଣରୁ ଆପଣ ସର୍ବଜ୍ଞ । ସାରା ବିଶ୍ୱର ଅଣୁ-ପରମାଣୁରେ ଆପଣ ବ୍ୟାପ୍ତ । ଜ୍ଞାନର ଯଦି କୌଣସି ଅନ୍ତ ବା ସୀମା ରହିଛି, ତାହା ହେଉଛି ଆପଣଙ୍କ ସ୍ୱରପ-ତତ୍ତ୍ୱ, ଯାହା ଜାଣି ସାରିଲା ପରେ ଆଉ କିଛି ଜାଣିବା ପାଇଁ ଶେଷ ରହି ନ ଥାଏ । ଆପଣ ସର୍ବ ବ୍ୟାପକ କାରଣରୁ ଆପଣ ସମସ୍ତ ଜ୍ଞାନର ଜାଣିବା ଯୋଗ୍ୟ । ଜାଣିବା ଯୋଗ୍ୟ ତତ୍ତ୍ୱ ଆପଣ, ଜାଣିବା ସ୍ୱରୂପ ମଧ୍ୟ ଆପଣ । ଆପଣ ହିଁ ଦର୍ଶନ ଯୋଗ୍ୟ, ଗ୍ରହଣ ଯୋଗ୍ୟ, ମନନ ଯୋଗ୍ୟ ଏବଂ ନିଦିଧ୍ୟାସନ ଯୋଗ୍ୟ । ଆପଣ ସମଗ୍ର ବିଶ୍ୱକୁ ବ୍ୟାପି ଅବସ୍ଥାନ କରି ଅଛନ୍ତି । ହେ ଅନନ୍ତ ରୂପ ଭଗବନ୍ ! ଆପଣଙ୍କ ଦ୍ୱାରା ହିଁ ଏହି ବିଶ୍ୱ ବ୍ୟାପ୍ତ । କୌଣସି ଏପରି ବସ୍ତୁ ନାହିଁ, ଯେଉଁଥିରେ ଆପଣଙ୍କ ଅନୁଗତ ଦେଖା ଯାଇ ନ ଥାଏ । ବସ୍ତ୍ର ଭିତରେ କପା ଯେପରି ଅନୁଗତ, ସେହି ପ୍ରକାରେ ଜଗତର ଅସ୍ତି, ଭାତି, ପ୍ରିୟ, ଐଶ୍ୱର୍ଯ୍ୟ ଆଦି ରୂପରେ ଆପଣଙ୍କ ଅନୁଗତ୍ୟ ପ୍ରତୀତ ହୁଏ । ପରାଶକ୍ତିର ବୈଭବ ଧାମ ହେବା କାରଣରୁ ଆପଣ ଧାମ ସ୍ୱରୂପ ଅର୍ଥାତ୍ ଚିଦ୍ ଜଗତର ପରମ ପୁରୁଷ ଅଟନ୍ତି । ଆପଣ ପରମ ଧାମ ପରମ ଜ୍ୟୋତି ସ୍ୱରୂପ । ଯେଉଁ ଧାମକୁ ପ୍ରାପ୍ତ ପରେ ଜୀବକୁ ପୁନଃ ଲେଉଟି ଆସିବାକୁ ପଡେ ନାହିଁ, ଆପଣ ହେଉଛନ୍ତି ସେହି 'ପରମ ଧାମ' ।

ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ॥୩୯॥

*ଅନ୍ୱୟ: ତ୍ୱଂ (ଆପଣ ହିଁ) ବାୟୁଃ (ବାୟୁ) ଯମଃ (ଯମରାଜ) ଅଗ୍ନିଃ (ଅଗ୍ନି) ବରୁଣଃ (ବରୁଣ) ଶଶାଙ୍କଃ (ଚନ୍ଦ୍ର) ପ୍ରଜାପତିଃ (ଦକ୍ଷାଦି ପ୍ରଜାପତି) ଚ (ଓ) ପ୍ରପିତାମହଃ (ପ୍ରପିତାମହ ) ତେ (ଆପଣଙ୍କୁ) ସହସ୍ର କୃତ୍ୱଂ (ହଜାର ବାର) ନମଃ ଅସ୍ତୁ (ନମସ୍କାର କରୁଛି ) ପୁନଃ ଚ (ପୁନର୍ବାର ) ତେ (ଆପଣଙ୍କୁ) ଭୂୟଃ ଅପି (ଆହୁରି ମଧ୍ୟ) ନମଃ ନମଃ (ପୁନଃ ପୁନଃ ନମସ୍କାର )।*

**ଭାବାର୍ଥ**: ଆପଣ ସମସ୍ତ ଜୀବଙ୍କ ପ୍ରାଣପ୍ରଦ ବାୟୁ, ଆୟୁ ନିୟମନକାରୀ ଯମ, ସର୍ବ ବ୍ୟାପ୍ତ ଶକ୍ତି ପ୍ରଦାନକାରୀ ଅଗ୍ନି, ଜଳାଧିପତି ବରୁଣ, ଶୀତଳ କିରଣ ଓ ସୋମରସ ପ୍ରଦାନକାରୀ ଚନ୍ଦ୍ର ଏବଂ ପ୍ରଜା ସୃଷ୍ଟିକାରୀ ଦକ୍ଷାଦି ପ୍ରଜାପତି । ବ୍ରହ୍ମାଙ୍କ ପିତା ହିରଣ୍ୟଗର୍ଭ ବ୍ରହ୍ମାଙ୍କ ମଧ୍ୟ ଆପଣ ଉତ୍ପନ୍ନକାରୀ । ତେଣୁ ସକଳ ପ୍ରଜାଙ୍କ ଆପଣ ପ୍ରପିତାମହ ଅଟନ୍ତି । ଆପଣଙ୍କୁ ସହସ୍ରବାର ନମସ୍କାର କରୁଛି । ପୁଣି ଆପଣଙ୍କୁ ଆହୁରି ନମସ୍କାର କରୁଛି । ଅତିଶୟ ଶ୍ରଦ୍ଧା ଓ ଭକ୍ତି କାରଣରୁ ନମସ୍କାର କରି କରି ଅର୍ଜୁନ ତୃପ୍ତି ପ୍ରାପ୍ତ କରିପାରୁ ନାହାନ୍ତି । ବିଶ୍ୱରୂପ ଦେଖି ସାରିଲା ପରେ ଅର୍ଜୁନଙ୍କ ଅନ୍ତଃକରଣରେ ଐଶ୍ୱରିକ ଯୋଗ ଶକ୍ତି ସମ୍ବନ୍ଧରେ ପ୍ରଗାଢ ଭକ୍ତି ଓ ବିଶ୍ୱାସ ଜାଗ୍ରତ ହେବା କାରଣରୁ ଭଗବାନଙ୍କ ପ୍ରତି ସମ୍ମାନ ପୂର୍ବକ ସେ ବାରମ୍ବାର ନମସ୍କାର କରୁଛନ୍ତି । ଭକ୍ତ ଯେତେବେଳେ ନିଜର ସର୍ବସ୍ୱ ଭଗବାନଙ୍କଠାରେ ସମର୍ପଣ କରି ଦେଇଥାଏ, ତା ନିକଟରେ ଭଗବାନଙ୍କୁ ଦେବା ନିମିତ୍ତ ନମସ୍କାର ହିଁ ରହିଥାଏ । ତେଣୁ ଅର୍ଜୁନ ଏହିଠାରେ ସ୍ତୁତି କରୁଛନ୍ତି କି, ହେ ପ୍ରଭୁ ! ଇନ୍ଦ୍ରାଦି

ସମସ୍ତ ଦେବତା ହେଉଛନ୍ତି ଆପଣ । ଆପଣ ଅନନ୍ତ ସ୍ୱରୂପ । 'ମୁଁ ଆପଣଙ୍କ କି ମହିମା ଗାଇ ପାରିବି ? 'ମୁଁ କେବଳ ଆପଣଙ୍କୁ ସହସ୍ରବାର ପ୍ରଣାମ କରୁଛି ।

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ॥୪୦॥

*ଅନ୍ୱୟ: ସର୍ବ ( ହେ ସର୍ବାତ୍ମନ୍ !) ତେ (ଆପଣଙ୍କୁ) ପୁରସ୍ତାତ୍ (ସମ୍ମୁଖରୁ) ଅଥ ( ଏବଂ ) ପୃଷ୍ଠତଃ (ପୃଷ୍ଠ ଭାଗରୁ) ନମଃ (ନମସ୍କାର କରୁଛି) ତେ (ଆପଣଙ୍କ ) ସର୍ବତଃ (ସବୁ ଦିଗରୁ ମଧ୍ୟ ) ନମଃ ଅସ୍ତୁ (ନମସ୍କାର କରୁଛି) ଅନନ୍ତ ବୀର୍ଯ୍ୟ (ହେ ଅନନ୍ତ ଶକ୍ତି !) ଅମିତବିକ୍ରମଃ (ଅସୀମ ପରାକ୍ରମୀ) ତ୍ୱଂ (ଆପଣ) ସର୍ବଂ (ସମସ୍ତ ବିଶ୍ୱ) ସମାପ୍ନୋଷି (ବ୍ୟାପ୍ତ କରି ରହିଛନ୍ତି) ତତଃ (ତେଣୁ-ଏହି କାରଣରୁ) ସର୍ବଃ ଅସି (ଆପଣ ସର୍ବ ସ୍ୱରୂପ ଅଟନ୍ତି )*

**ଭାବାର୍ଥ**: ଶ୍ରୀକୃଷ୍ଣଙ୍କ ଶରୀରର ଏକ ଅଂଶରେ ବିଭୂତିସ୍ୱରୂପ ମହୈଶ୍ୱର୍ଯ୍ୟମୟ ବିଶ୍ୱରୂପ ଦର୍ଶନ କରି ଅର୍ଜୁନଙ୍କ ଐଶ୍ୱର୍ଯ୍ୟ ଜ୍ଞାନ ଉଦୟ ହୋଇଛି । ଅର୍ଜୁନ ଶ୍ରୀକୃଷ୍ଣଙ୍କ ସହ ସ୍ୱାଭାବିକ ସାଖ୍ୟଭାବକୁ ଭୁଲିଯାଇଛନ୍ତି । ଅର୍ଜୁନ କହୁଛନ୍ତି; ହେ ସର୍ବାତ୍ମନ୍ ! ଆପଣଙ୍କୁ ସମ୍ମୁଖଭାଗରୁ ନମସ୍କାର, ପୃଷ୍ଠ ଭାଗରୁ ନମସ୍କାର, ଆପଣଙ୍କୁ ସବୁ ଦିଗରୁ ନମସ୍କାର କରୁଅଛି । ହେ ଅନନ୍ତବୀର୍ଯ୍ୟ ଏବଂ ମହାପରାକ୍ରମୀ ! ଆପଣ ସମଗ୍ର ବିଶ୍ୱକୁ ବ୍ୟାପ୍ତକରି ରଖିଛନ୍ତି । ବିଶ୍ୱରେ କ୍ଷୁଦ୍ରଠାରୁ କ୍ଷୁଦ୍ରତମ ଅଣୁ ପର୍ଯ୍ୟନ୍ତ ଏହିପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ ଆପଣ ନାହାନ୍ତି । ତେଣୁ ଆପଣ ସର୍ବ ସ୍ୱରୂପ । ଶରୀରର କୌଣସି ଏକ ଅଂଶରେ ଅନନ୍ତକୋଟି ବ୍ରହ୍ମାଣ୍ଡ ସ୍ଥିତ ଦେଖି, ଅର୍ଜୁନ କେବେ ବି କଳ୍ପନା କରି ନ ଥିଲେ କି, କୃଷ୍ଣ ଏତେ ମହାନ୍ ଏବଂ ଆଶ୍ଚର୍ଯ୍ୟମୟ । ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ସମସ୍ତ ବିଶିଷ୍ଟ ଯୋଦ୍ଧାମାନଙ୍କ ଅପେକ୍ଷା ଶ୍ରୀକୃଷ୍ଣ ମହା ପରାକ୍ରମୀ ଏବଂ ବଳବାନ୍ ବୋଲି ଅର୍ଜୁନ ନିଶ୍ଚିତ ହୋଇଛନ୍ତି । ସମସ୍ତଙ୍କ ନମସ୍ୟ ଜାଣି, ସହସ୍ରବାର ନମସ୍କାର ମଧ୍ୟ ପର୍ଯ୍ୟାପ୍ତ ନୁହେଁ ମନେକରି, ଶ୍ରଦ୍ଧା ଓ ଆଦର ବଶତଃ ଚତୁର୍ଦ୍ଦିଗ ପରିକ୍ରମା କରି ସମସ୍ତ ଦିଗରୁ ବାରମ୍ବାର ନମସ୍କାର କରୁଛନ୍ତି । ଏହିପରି ନମସ୍କାର କରି ଅର୍ଜୁନ ଭଗବାନଙ୍କୁ ନିଜର ବିନୟ ଓ ନମ୍ରତା ଭାବ ପ୍ରକଟ କରୁଛନ୍ତି ।

ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ ହେ କୃଷ୍ଣ ହେ ଯାଦବ ହେ ସଖେତି ।
ଅଜାନତା ମହିମାନଂ ତବେଦଂ ମୟା ପ୍ରମାଦାତ୍ ପ୍ରଣୟେନ ବାପି॥୪୧॥
ଯଚ୍ଚାବହାସାର୍ଥମସତ୍ କୃତୋଽସି ବିହାରଶଯ୍ୟାସନଭୋଜନେଷୁ ।
ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ ॥୪୨॥

*ଅନ୍ୱୟ: ତବ (ଆପଣଙ୍କ) ଇଦମ୍ ମହିମାନମ୍ (ଏହି ମାହାତ୍ମ୍ୟ) ଅଜାନତା (ନ ଜାଣି ଅର୍ଥାତ୍ ଅଜ୍ଞତାବଶତଃ) ପ୍ରମାଦାତ୍ (ପ୍ରମାଦ ବଶତଃ) ବା (ଅଥବା) ପ୍ରଣୟେନ ଅପି (ପ୍ରେମାବେଶରେ ମଧ୍ୟ) ସଖା ଇତି ମତ୍ୱା (ଆପଣ ମୋର ସଖା ବୋଲି ମନେକରି ) ହେ କୃଷ୍ଣ (ହେ କୃଷ୍ଣ !) ହେ ଯାଦବ (ହେ ଯାଦବ !) ହେ ସଖେତି (ହେ ସଖା !) ଇତି (ଏହି ଭଳି) ଯତ୍ (ଯାହା କିଛି) ପ୍ରସଭମ୍ (ହଠପୂର୍ବକ -ଅବିନୟରେ) ମୟା (ମୋର ଦ୍ୱାରା) ଉକ୍ତମ୍ (କୁହାଯାଇଛି ) ଚ (ଏବଂ) ଅଚ୍ୟୁତ (ହେ ଅଚ୍ୟୁତ !) ଅବହାସାର୍ଥମ୍ (ପରିହାସ ଛଳରେ) ବିହାର-ଶଯ୍ୟା-ଆସନ-ଭୋଜନେଷୁ (ଆମୋଦ, କ୍ରୀଡା, ଶୟନ, ବିଶ୍ରାମ ଓ ଭୋଜନ ସମୟରେ) ଏକଃ (ଏକାକୀ-ନିର୍ଜନରେ) ଅଥବା (କିମ୍ବା) ତତ୍ ସମକ୍ଷମ୍ (ବନ୍ଧୁ, କୁଟୁମ୍ବଙ୍କ ସମକ୍ଷରେ ) ଯତ୍ (ଯେପରି ଭାବରେ) ଅସତ୍ କୃତଃ ଅସି*

*(ଅସମ୍ମାନ ପ୍ରଦର୍ଶନ କରିଛି) ତତ୍ (ସେ ସବୁ ପାଇଁ) ଅପ୍ରମେୟମ୍ (ହେ ଅଚିନ୍ତ୍ୟ ପ୍ରଭାବ !) ଅହଂ (ମୁଁ) ତ୍ୱାମ୍ ( ଆପଣଙ୍କ ନିକଟରେ) କ୍ଷାମୟେ (କ୍ଷମା ଭିକ୍ଷା କରୁଛି ) ।*

**ଭାବାର୍ଥ**: ଆପଣଙ୍କ ଗୁଣ, ରହସ୍ୟ ଓ ମାହାତ୍ମ୍ୟକୁ ଯଥାର୍ଥ ରୂପେ ଜାଣି ନ ପାରି ପ୍ରମାଦବଶତଃ ଅଥବା ପ୍ରେମାବଶ ହୋଇ କିମ୍ବା ଆପଣ ମୋର ସଖା ବୋଲି ମନେକରି; ହେ କୃଷ୍ଣ !, ହେ ଯାଦବ !, ହେ ସଖା ! ଏହିଭଳି ଅବିନୟ ପୂର୍ବକ ମୁଁ ଅନେକ କିଛି କହି ଦେଇଛି । ହେ ଅଚ୍ୟୁତ ! ପରିହାସ ଛଳରେ ଆମୋଦ-ପ୍ରମୋଦ ଅବସରରେ, ଆପଣଙ୍କ ସହିତ ଶୟନ କିମ୍ବା ବିଶ୍ରାମ କରିବା ସମୟରେ ଅଥବା ଏକତ୍ର ଭୋଜନ କରିବା ସମୟରେ, ଏକାନ୍ତ କିମ୍ବା ବନ୍ଧୁ କୁଟୁମ୍ବଙ୍କ ସମକ୍ଷରେ ଆପଣଙ୍କୁ ଅମର୍ଯ୍ୟାଦା ପ୍ରଦର୍ଶନ କରିଅଛି । ହେ ଅଚିନ୍ତ୍ୟ ପ୍ରଭାବ ! ସେହି ସମସ୍ତ ଅପରାଧ ପାଇଁ ଆପଣଙ୍କ ନିକଟରେ ବିନୀତ କ୍ଷମା ପ୍ରାର୍ଥନା କରୁଅଛି । ଶ୍ରୀକୃଷ୍ଣଙ୍କ ଅସଲ ସ୍ୱରୂପକୁ ନ ଜାଣିପାରି ଅଜ୍ଞାନ ବଶତଃ ଅର୍ଜୁନ ବ୍ୟାବହାରିକ କ୍ଷେତ୍ରରେ ନିଜ ସମକକ୍ଷ ମାନି ପରିହାସ ଛଳରେ କିମ୍ବା ସ୍ନେହଜନିତ ଅଥବା ଅବିଚାର ପୂର୍ବକ ଗତଦିନ ମାନଙ୍କରେ କୃଷ୍ଣଙ୍କ ସହିତ ଅନୁଚିତ ବ୍ୟବହାର କରିଥିବାର ସ୍ମରଣ କରି ନିଜକୁ ଅପରାଧୀ ମନେ କରୁଛନ୍ତି । ଅପର ପକ୍ଷରେ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ମହାନ୍ ଗୌରବ, ସର୍ବ ପୂଜ୍ୟ ମହତ୍ତ୍ୱର ଅଧିକାରୀ ସତ୍ତ୍ୱେ ସାଧାରଣ ମନୁଷ୍ୟ ଭଳି ବିଭିନ୍ନ ପରିବେଶରେ ଅର୍ଜୁନଙ୍କ ସହିତ ଏକତ୍ର କ୍ରୀଡାରତ ହୋଇଛନ୍ତି, ଗୋଟିଏ ଶଯ୍ୟାରେ ଶୟନ କରିଛନ୍ତି , ଏକତ୍ର ଭୋଜନ କରିଛନ୍ତି । କିନ୍ତୁ ଅର୍ଜୁନଙ୍କୁ କେବେ ବି ଅନାଦର କିମ୍ବା ଉପେକ୍ଷା କରି ନାହାନ୍ତି । ଏହା ହିଁ ହେଉଛି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରେମର ଆଦାନ ପ୍ରଦାନ । ଅର୍ଜୁନ ପଶ୍ଚାତପ ପୂର୍ବକ ଶ୍ରୀକୃଷ୍ଣଙ୍କୁ କହୁଛନ୍ତି; ହେ ଭଗବନ୍ ! ଆପଣ ଅପ୍ରମେୟ । ପ୍ରତ୍ୟକ୍ଷାଦି ପ୍ରମାଣର ବିଷୟ ଆପଣ କେବେ ହୋଇ ପାରନ୍ତି ନାହିଁ । ବେଦ, ଶାସ୍ତ୍ର ବଡ କଷ୍ଟରେ ଆପଣଙ୍କୁ କେବଳ ସଙ୍କେତ ମାତ୍ର କରିଥାଏ । କେଉଁଠାରେ ଆପଣ ଏବଂ କେଉଁଠାରେ 'ମୁଁ' । 'ମୁଁ' ଏତିକି ମୂଢମତି ହୋଇଗଲି କି, ଆପଣ ପରମ ପୂଜନୀୟ ପରମେଶ୍ୱରଙ୍କୁ ତିରସ୍କାର ପୂର୍ବକ ନାମଧରି ଡାକିଛି ଏବଂ ନିଜର ଅହନ୍ତା ଓ ଅଜ୍ଞାନ କାରଣରୁ ଅସମ୍ମାନ ମଧ୍ୟ କରିଛି । ଆପଣଙ୍କ ଦୟାଳୁତା ଭାବରେ ଏହି ସମସ୍ତ ଅପରାଧକୁ କ୍ଷମା ପ୍ରଦାନ କରିବାକୁ ପ୍ରାର୍ଥନା କରୁଛି ।

ପିତାସି ଲୋକସ୍ୟ ଚରାଚରସ୍ୟ ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍ ।
ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ॥୪୩॥

*ଅନ୍ୱୟ: ଅପ୍ରତିମପ୍ରଭାବ (ହେ ଅତୁଳ ପ୍ରଭାବ !) ତ୍ୱମ୍ ଅସ୍ୟ (ଆପଣ ହିଁ ଏହି) ଚରାଚରସ୍ୟ (ସ୍ଥାବର ଓ ଜଙ୍ଗମ) ଲୋକସ୍ୟ ଜଗତର) ପିତା (ପିତା) ପୂଜ୍ୟଃ (ପୂଜ୍ୟ) ଗୁରୁଃ (ଗୁରୁ) ଚ (ଏବଂ) ଗରୀୟାନ୍ (ଗୁରୁଙ୍କ ଗୁରୁ ଅର୍ଥାତ୍ ଗୁରୁଙ୍କ ଅପେକ୍ଷା ମଧ୍ୟ ଅଧିକ ପୂଜନୀୟ) ଅସି (ଅଟନ୍ତି) ଲୋକତ୍ରୟେ ଅପି (ତ୍ରି ଜଗତରେ ମଧ୍ୟ ) ତ୍ୱତ୍ ସମଃ (ଆପଣଙ୍କ ସମାନ) ନ ଅସ୍ତି (ନାହିଁ) ଅଭ୍ୟଧିକଃ (ଆପଣଙ୍କ ଠାରୁ ବଡ) ଅନ୍ୟଃ କୁତଃ (ଅନ୍ୟ କେଉଁଠାରେ ଅବା ଥିବ ?)*

**ଭାବାର୍ଥ** :ହେ ଅତୁଳନୀୟ ଶକ୍ତି ! ଆପଣ ହିଁ ଦୃଶ୍ୟମାନ୍ ଚରାଚର ବିଶ୍ୱର ସ୍ରଷ୍ଟା ରୂପେ ପିତା, ଆପଣ ପୂଜ୍ୟ, ଗୁରୁ ଏବଂ ଗୁରୁଙ୍କ ଗୁରୁ ମହାନ୍ ଗୁରୁ ଅର୍ଥାତ୍ ଗୁରୁଙ୍କ ଅପେକ୍ଷା ଅଧିକ ପୂଜନୀୟ ! ତିନିଲୋକରେ ମଧ୍ୟ ଆପଣଙ୍କ ସମାନ ସମକକ୍ଷ ଅନ୍ୟ କେହି ନାହିଁ । ଅତଏବ, ଆପଣ ଅପେକ୍ଷା ଆଉ ଶ୍ରେଷ୍ଠ କିଏ ଅବା ହୋଇ

ପାରେ ? ଏହି ଜଗତରେ ଆପଣ ଅକଳନୀୟ । ହେ ଅସୀମପ୍ରଭାବ ସମ୍ପନ୍ନ ! ଆପଣ ସ୍ଥାବର ଜଙ୍ଗମାତ୍ମକ ସମସ୍ତ ଜଗତର ଜନକ । ସାରା ଜଗତ ଆପଣଙ୍କଠାରୁ ଉତ୍ପନ୍ନ । ତତ୍ତ୍ୱୋପଦେଶ ଦ୍ୱାରା ସମସ୍ତ ଜଗତର ସର୍ବୋତ୍ତମ ଗୁରୁ ଏବଂ ପରମ ପୂଜ୍ୟ ଅଟନ୍ତି । ପ୍ରଥମେ ବ୍ରହ୍ମାଙ୍କୁ ବୈଦିକ ଜ୍ଞାନ ପ୍ରଦାନ କାରଣରୁ ଆପଣ ଆଦିଗୁରୁ । ଆପଣ ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ଅକଳନୀୟ ଭାବେ ବିରାଟ ଅଟନ୍ତି । ତ୍ରିଭୁବନରେ କେହି ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ମହାନ୍ ନୁହନ୍ତି କିମ୍ବା ଭୌତିକ ଜଗତରେ କେହି ଶ୍ରୀକୃଷ୍ଣଙ୍କ ସହ ସମାନ ନାହିଁ । ଦେବ, ଗନ୍ଧର୍ବ, ଯକ୍ଷ, ମାନବ ସଚରାଚର ତାଙ୍କରି ଅଧୀନ ଏବଂ ତାଙ୍କରି ଦ୍ୱାରା ପରିଚାଳିତ । ଅର୍ଜୁନ କହୁଛନ୍ତି; ସମସ୍ତ ଜଗତ ଯେଉଁ ଦେବତା, ଋଷି, ମହର୍ଷିଙ୍କୁ ପୂଜା କରୁଛନ୍ତି, ସେମାନଙ୍କ ଠାରୁ ଆପଣ ପରମ ପୂଜ୍ୟ ତଥା ନିତ୍ୟ ବନ୍ଦନୀୟ । ବିଶ୍ୱ ବ୍ରହ୍ମାଣ୍ଡରେ ଏହିପରି କେହି ନାହିଁ, ଯିଏ ଆପଣଙ୍କ ଅଚିନ୍ତ୍ୟ, ଅନନ୍ତ, ମହାନ୍ ଗୁଣ, ଐଶ୍ୱର୍ଯ୍ୟ ଏବଂ ମହତ୍ୱ ସହିତ ସମକକ୍ଷ । ଏକ ପରମେଶ୍ୱର ସର୍ବତ୍ର ପରିପୂର୍ଣ୍ଣ । ଈଶ୍ୱର ଏକ ହିଁ ହୋଇ ପାରନ୍ତି । ଈଶ୍ୱର ଏକାଧିକ ହେଲେ, ସଂସାର ନିୟମରେ ବ୍ୟାଘାତ ସୃଷ୍ଟି ହୋଇଯିବ । ତେଣୁ ଆପଣଙ୍କ ସମାନ କେବଳ ଆପଣ ହିଁ । ଏହି ସ୍ଥିତିରେ ହେ ଦୟାମୟ ! ଆପଣ ଯଦି ମୋର ଏହି ଅପରାଧକୁ କ୍ଷମା ନ କରିବେ, ତାହାହେଲେ ଆଉ କିଏ କରିବ ?

ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।
ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ॥୪୪॥

*ଅନ୍ୱୟ: ତସ୍ମାତ୍ (ତେଣୁ) ଅହଂ (ମୁଁ) କାୟଂ ପ୍ରଣିଧାୟ (ଶରୀରରେ ଦଣ୍ଡବତ୍ ହୋଇ ) ପ୍ରଣମ୍ୟ (ପ୍ରଣାମ କରି) ଈଡ୍ୟମ୍ (ବନ୍ଦନୀୟ –ସ୍ତବନୀୟ) ଈଶମ୍ (ପରମେଶ୍ୱର) ତ୍ୱାଂ (ଆପଣଙ୍କୁ) ପ୍ରସାଦୟେ (ପ୍ରସନ୍ନ କରିବାକୁ ପ୍ରାର୍ଥନା କରୁଅଛି) ଦେବ ( ହେ ଦେବ !) ପୁତ୍ରସ୍ୟ ପିତା ଇବ (ପୁତ୍ରର ପିତା ଯେପରି ) ସଖ୍ୟୁ ଇବ ସଖା (ମିତ୍ରର ମିତ୍ର ଯେପରି) ପ୍ରିୟଃ ପ୍ରିୟାୟ (ପତି ଯେପରି ପତ୍ନୀର – ପ୍ରିୟ ଯେପରି ପ୍ରିୟାର ) [ଅପରାଧ କ୍ଷମା କରନ୍ତି ,ସେହିପରି ଆପଣ ମଧ୍ୟ ମୋର ସମସ୍ତ ଅପରାଧ] ସୋଢୁମ୍ (ସହ୍ୟକରି କ୍ଷମା କରିବାକୁ) ଅର୍ହସି (ସମର୍ଥ) ।*

**ଭାବାର୍ଥ**: ହେ ପୂଜ୍ୟ ଦେବ ! ମୁଁ ଆପଣଙ୍କ ନିକଟରେ ଅପରାଧୀ । ସେଥିପାଇଁ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ଆପଣଙ୍କ ପ୍ରସନ୍ନତା ଭିକ୍ଷା କରୁଅଛି । ଆପଣ ସର୍ବ ଐଶ୍ୱର୍ଯ୍ୟ ସମ୍ପନ୍ନ ଏବଂ ସମସ୍ତଙ୍କ ବନ୍ଦନୀୟ ପରମେଶ୍ୱର ଅଟନ୍ତି । ଯେପରି ପିତା ପୁତ୍ରର, ମିତ୍ର ନିଜ ମିତ୍ରର ଏବଂ ପ୍ରିୟ ପତି ନିଜ ପ୍ରିୟତମା ପତ୍ନୀର ଦୋଷ ବା ଭୁଲ୍ ନ ଧରି ସବୁ ସହନ କରନ୍ତି, ସେହିପରି ଆପଣ ମୋର ସମସ୍ତ ଅପରାଧକୁ ସହନ କରି ମୋତେ କ୍ଷମା ପ୍ରଦାନ କରନ୍ତୁ । ମୋ ପରି ଯେଉଁ ଦୀନ ଶରଣାଗତ ପ୍ରତି, ଦୟାକରି ପ୍ରସନ୍ନ ହୋଇବା 'ମୁଁ' ମନେକରୁଛି ଆପଣଙ୍କ ସ୍ୱଭାବ । 'ମୁଁ' ଏହି ବିଶ୍ୱାସ ରଖି ଆପଣଙ୍କୁ ବିନୟ ପୂର୍ବକ ପ୍ରାର୍ଥନା କରୁଅଛି କି, ଆପଣ ମୋ ଉପରେ ପ୍ରସନ୍ନ ହୁଅନ୍ତୁ । ଆପଣ ଇନ୍ଦ୍ର, ଆଦିତ୍ୟ, ବରୁଣ, କୁବେର ଏବଂ ଯମରାଜ ଭଳି ଲୋକପାଳ ମାନଙ୍କ ନିୟନ୍ତ୍ରଣକାରୀ ଏକମାତ୍ର ମହେଶ୍ୱର । ଆପଣଙ୍କ ଗୁଣ, ଗୌରବ, ତଥା ମହତ୍ତ୍ୱର ଏତେବଡ ବିସ୍ତାର ରହିଛି କି, ସାରା ଜଗତ ସର୍ବଦା ଆପଣଙ୍କ ସ୍ତବନ କରୁଅଛି । ମୋର ନା ଏତିକି ଜ୍ଞାନ ଅଛି, ନା ସାମର୍ଥ୍ୟ ରହିଛି ଯେ' 'ମୁଁ' ଆପଣଙ୍କୁ ପ୍ରସନ୍ନ କରି ପାରିବି । 'ମୁଁ' ଶରୀର ସମସ୍ତ ଅଙ୍ଗକୁ ଭୂମିରେ ଲୋଟାଇ ସାଷ୍ଟାଙ୍ଗ ଦଣ୍ଡବତ୍

ପ୍ରଣାମ କରୁଅଛି । ଆପଣଙ୍କ ଚରଣଧୂଳି ପ୍ରସାଦରେ ହିଁ ପ୍ରସନ୍ନତା ପ୍ରାପ୍ତ କରିବାକୁ ଚାହୁଁଛି । ଆପଣ କୃପା କରି ମୋର ସମସ୍ତ ଅପରାଧକୁ ଭୁଲିଯାଇ ମୋ ପରି ଦୀନ ଉପରେ ପ୍ରସନ୍ନ ହୋଇ ଯାଆନ୍ତୁ । ୪୧-୪୨ ଶ୍ଳୋକରେ କୁହାଯାଇଛି କି, ଅଜ୍ଞାନ, ପ୍ରମାଦ ଏବଂ ପ୍ରେମ –ଏହି ତିନୋଟି କାରଣରୁ ମନୁଷ୍ୟ ଦ୍ୱାରା କୌଣସି ଅପରାଧ ହୋଇଥାଏ । ଅର୍ଜୁନ ଉପରୋକ୍ତ ତିନୋଟିର କାରଣ ଦର୍ଶାଇ, ତାଙ୍କରି ଦ୍ୱାରା ହୋଇ ଯାଇଥିବା ଅପରାଧକୁ ସହ୍ୟ କରିନେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା ଜଣାଉଛନ୍ତି । ଅଭିପ୍ରାୟ ଏହା କି, ଯେପରି ଅଜ୍ଞାନ ବଶତଃ ପୁତ୍ର କରିଥିବା ଅପରାଧ କୁ ପିତା କ୍ଷମା କରିଦେଇଥାଏ, ଅତ୍ୟଧିକ ସ୍ନେହ କାରଣରୁ ପରିହାସ ଛଳରେ ମିତ୍ର କରିଥିବା ଭୁଲ୍ କୁ ମିତ୍ର କ୍ଷମା କରିଦେଇଥାଏ ଏବଂ ପ୍ରମାଦ (ପ୍ରଗଳ୍ଭା)ବଶ ପତ୍ନୀ କରିଥିବା ଦୋଷକୁ ପତି କ୍ଷମା କରିଦେଇଥାଏ, ସେହିପରି ଏହି ସମସ୍ତ କାରଣରୁ ହୋଇଥିବା ଅପରାଧକୁ ସହ୍ୟ କରିନେଇ କ୍ଷମା ପ୍ରଦାନ କରିବା ପାଇଁ ଅର୍ଜୁନ ବିନୀତ ପ୍ରାର୍ଥନା କରୁଛନ୍ତି ।

ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱାଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।
ତଦେବ ମେ ଦର୍ଶୟ ଦେବରୂପଂ ପ୍ରସୀଦ ଦେବେଶ ଜଗନ୍ନିବାସ ॥୪୫॥

*ଅନ୍ୱୟ: ଦେବ (ହେ ଦେବ) ଅଦୃଷ୍ଟପୂର୍ବଂ (ପୂର୍ବରୁ କେବେ ଦେଖି ନଥିବା ବିଶ୍ୱ ରୂପ) ଦୃଷ୍ଟ୍ୱା (ଦେଖି) ହୃଷିତୋଽସ୍ମି (ମୁଁ ହର୍ଷିତ-ଆନନ୍ଦିତ ହେଉଛି) ଚ (ତତ୍ ସହିତ) ଭୟେନ (ଭୟରେ) ମେ ମନଃ (ମୋର ମନ) ପ୍ରବ୍ୟଥିତମ୍ ଚ (ଅତ୍ୟନ୍ତ ବ୍ୟଥିତ ମଧ ହେଉଛି) ଦେବେଶ (ହେ ଦେବେଶ !) ତତ୍ ରୂପଂ ଏବ (ସେହି ପୂର୍ବ ରୂପକୁ ହିଁ) ମେ (ମତେ) ଦର୍ଶୟ (ଦେଖାନ୍ତୁ) ଜଗନ୍ନିବାସ (ହେ ଜଗନ୍ନିବାସ!) ପ୍ରସୀଦ (ଆପଣ ସୁପ୍ରସନ୍ନ ହୁଅନ୍ତୁ) ।*

**ଭାବାର୍ଥ** : ଅର୍ଜୁନ କହୁଛନ୍ତି; ହେ ଦେବ ! ଆପଣଙ୍କ ଅନୁଗ୍ରହରୁ ପୂର୍ବରୁ କେବେ ଦେଖି ନ ଥିବା ଐଶ୍ୱର୍ଯ୍ୟମୟ ବିଶ୍ୱରୂପାତ୍ମକ ଶରୀରକୁ ଦେଖି ଯଦିଓ ମୁଁ ନିଜକୁ ଭାଗ୍ୟଶାଳୀ ମନେକରି ବିଶେଷ ଆନନ୍ଦିତ ହେଉଛି, ଭୀଷ୍ମଙ୍କ ସମେତ ସମସ୍ତ ଯୋଦ୍ଧାଙ୍କ ପ୍ରାଣନାଶ ହେଲାଭଳି ବିକରାଳ ଉଗ୍ରମୂର୍ତ୍ତିକୁ ଦେଖି ମନ ଅତ୍ୟନ୍ତ ବ୍ୟାକୁଳ ହୋଇ ଉଠୁଛି । ତେଣୁ ହେ ଦେବେଶ ! ମୋର ପ୍ରାଣଠାରୁ କୋଟି ଗୁଣରେ ଅଧିକ ପ୍ରିୟ ଆପଣଙ୍କ ସେହି ମାଧୁର୍ଯ୍ୟ ପାରାବାର- ବସୁଦେବ ନନ୍ଦନ ଆକାର, ସୌମ୍ୟ ବିଷ୍ଣୁ ରୂପକୁ ଦେଖାନ୍ତୁ । ହେ ଜଗତର ପରମ ଆଧାର ! ଆପଣ କୃପାବହି ମୋର ଉପରେ ପ୍ରସନ୍ନ ହୁଅନ୍ତୁ । ଅର୍ଜୁନ ବିଶ୍ୱରୂପ ଦର୍ଶନ ପ୍ରାରମ୍ଭରେ ଭଗବାନଙ୍କ ଶେଷଶାୟୀ ଚତୁର୍ଭୁଜ ବିଷ୍ଣୁରୂପକୁ ଦେଖିଥିଲେ । ଅର୍ଜୁନଙ୍କ ଦୃଷ୍ଟି ପ୍ରଥମେ ସେହି ଚତୁର୍ଭୁଜ ବିଷ୍ଣୁ ରୂପ ଉପରେ ପଡିଥିଲା । ତେଣୁ ସେ କିରୀଟଧାରୀ, ଗଦା, ଚକ୍ର ହସ୍ତ ବୋଲି ସ୍ତୁତି ଆରମ୍ଭରେ କରିଛନ୍ତି । ଏବେ ଅର୍ଜୁନ ବିକରାଳ ରୂପକୁ ହଟାଇ କେବଳ ଭଗବାନଙ୍କ ସୌମ୍ୟ ରୂପ ଦେଖିବାକୁ ଚାହୁଁଛନ୍ତି । ବସ୍ତୁତଃ ଭଗବାନଙ୍କ ଦ୍ୱିଭୁଜ, ଚତୁର୍ଭୁଜ, ସହସ୍ର ଭୁଜ ପ୍ରଭୃତି ସମସ୍ତ ରୂପ ଦିବ୍ୟ ଏବଂ ଅବ୍ୟୟ । ପ୍ରେତ୍ୟେକ ବୈକୁଣ୍ଠ ଲୋକରେ ନାରାୟଣଙ୍କ ଚତୁର୍ଭୁଜ ରହିଛି ଏବଂ ଚତୁର୍ଭୁଜରେ ସେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଛନ୍ତି । ପରମେଶ୍ୱର ସତ୍ ଅସତ୍ ର ସମାହାର । ଭଗବାନଙ୍କଠାରେ ଜ୍ଞାନ ଅଛି , ଅଜ୍ଞାନୀ ମଧ ସିଏ । ଭଗବାନଙ୍କ ଠାରେ ଧର୍ମ ରହିଛି, ଅଧର୍ମ ବି ରହିଛି । ସନାତନ ଧର୍ମର ଏହା ହିଁ ମାନ୍ୟତା ଏବଂ ସ୍ୱୀକୃତି । ଏହି କାରଣରୁ

ଯେଉଁ ମହାତ୍ମା ଭଗବାନଙ୍କ ତତ୍ତ୍ୱକୁ ବୁଝିଯାଇଥାଏ, କେଉଁ ସ୍ଥିତିରେ ବି ତାହାର ବିକ୍ଷେପ ହୋଇ ନଥାଏ ।

କିରୀଟିନଂ ଗଦିନଂ ଚକ୍ରହସ୍ତମିଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।
ତେନୈବ ରୂପେଣ ଚତୁର୍ଭୁଜେନ ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ॥୪୬॥

*ଅନ୍ୱୟ: ଅହଂ (ମୁଁ ) ତ୍ୱାଂ (ଆପଣଙ୍କୁ) ତଥା ଏବ (ପୂର୍ବ ପରି) କାରୀଟିନମ୍ (କିରୀଟଧାରୀ) ଗଦିନମ୍ (ଗଦାଧାରୀ) ଚକ୍ରହସ୍ତମ୍ (ଚକ୍ରଧାରୀ ରୂପରେ) ଦ୍ରଷ୍ଟୁଂ (ଦେଖିବାକୁ) ଇଚ୍ଛାମି (ଇଚ୍ଛା କରୁଛି) ସହସ୍ରବାହୋ (ହେ ସହସ୍ର ବାହୁ !) ବିଶ୍ୱମୂର୍ତ୍ତେ (ହେ ବିଶ୍ୱମୂର୍ତ୍ତେ !) ତେନ (ସେହି) ଚତୁଃ-ଭୁଜେନ (ଚତୁର୍ଭୁଜ) ରୂପେଣ ଏବ (ମୂର୍ତ୍ତିରେ ହିଁ ) ଭବ (ବିରାଜମାନ କରନ୍ତୁ- ପ୍ରକଟ ହୁଅନ୍ତୁ ) ।*

**ଭାବାର୍ଥ**: ହେ ଭଗବନ୍ ! ଆପଣଙ୍କୁ କିରୀଟଧାରୀ ଏବଂ ଗଦା ଓ ଚକ୍ର ହସ୍ତରୂପେ 'ମୁଁ' ସେହି ପୂର୍ବ ରୂପରେ ଦେଖିବାକୁ ଇଚ୍ଛା କରୁଅଛି । ହେ ସହସ୍ରବାହୁ ! ହେ ବିଶ୍ୱମୂର୍ତ୍ତେ ! ଆପଣ ସେହି ଶାନ୍ତ ଚତୁର୍ଭୁଜ ବାସୁଦେବ ରୂପରେ ପ୍ରକଟ ହୁଅନ୍ତୁ । ବ୍ରହ୍ମ ସଂହିତାରେ କୁହାଯାଇଛି କି, ଭଗବାନ ଶାଶ୍ୱତ ଭାବେ ସହସ୍ର ରୂପରେ ବିଦ୍ୟମାନ । ତାଙ୍କରି ଅସଂଖ୍ୟ ରୂପ ମଧ୍ୟରୁ ଯେ କୌଣସି ରୂପରେ ସେ' ତାଙ୍କରି ପ୍ରଭାବ ଓ ବୈଭବ ପ୍ରକାଶଠାରୁ ଭିନ୍ନ ନୁହନ୍ତି । ଅର୍ଜୁନ କହୁଛନ୍ତି; ହେ ଭଗବନ୍ ! ମୁଁ ନିଃସନ୍ଦେହ ଭାବେ ବୁଝିନେଲି ଯେ, ଆପଣଙ୍କ ଦ୍ୱିଭୁଜ ସଚ୍ଚିଦାନନ୍ଦମୟ ରୂପ ହିଁ ସର୍ବୋପରି ତତ୍ତ୍ୱ । ଏହା ସମସ୍ତ ଜୀବଙ୍କ ଆକର୍ଷଣକାରୀ ଏବଂ ଏହାରି ଭିତରେ ହିଁ ଆପଣଙ୍କ ବିଳାସରୂପ ଚତୁର୍ଭୁଜ ନିତ୍ୟ ନାରାୟଣ ମୂର୍ତ୍ତି ବିରାଜମାନ । ଭଗବାନ ବିରାଟ ରୂପ ଦର୍ଶନ କରାଇବା ବେଳେ ପ୍ରଥମେ ଚତୁର୍ଭୁଜାକାର ମୂର୍ତ୍ତି ଧାରଣ କରି, ସେଥିରେ ସହସ୍ରବାହୁ ବିଶିଷ୍ଟ ବିଶ୍ୱରୂପ ମୂର୍ତ୍ତିକୁ ଉଦିତ କରାଇଥିଲେ । ଅର୍ଜୁନ ବର୍ତ୍ତମାନ ସେହି ସୌମ୍ୟ ଚତୁର୍ଭୁଜ ରୂପକୁ ଦେଖିବାକୁ ବ୍ୟାକୁଳ । ଶ୍ରୀମଦ୍ ଭାଗବତ୍, ଶ୍ରୀମଦ୍ ଭଗବଦ୍ଗୀତା ଭଳି ଅନ୍ୟାନ୍ୟ ଶାସ୍ତ୍ରର ବହୁ ସ୍ଥଳରେ ସ୍ପଷ୍ଟ କି, ବିଷ୍ଣୁ ହିଁ ଶ୍ରୀକୃଷ୍ଣ ରୂପରେ ଅବତରିତ ହୋଇଛନ୍ତି । ଅର୍ଜୁନ ଶ୍ରୀକୃଷ୍ଣଙ୍କ ସେହି ଚତୁର୍ଭୁଜ ମୂର୍ତ୍ତି ଦେଖିବା ନିମିତ୍ତ ପ୍ରାର୍ଥନା କରିବାରେ, ଏହା ସିଦ୍ଧକି, ଶ୍ରୀକୃଷ୍ଣ ବିଷ୍ଣୁଙ୍କ ଅବତାର । ସ୍ୱର୍ଗର ଦେବତାମାନେ ମଧ୍ୟ ବୈକୁଣ୍ଠବାସୀ 'ବିଷ୍ଣୁରୂପ' ଦର୍ଶନର ସର୍ବଦା ଅଭିଳାଷ ରଖିଥାଆନ୍ତି ।

ଶ୍ରୀ ଭଗବାନ ଉବାଚ

ମୟା ପ୍ରସନ୍ନେନ ତବାର୍ଜୁନେଦଂ ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।
ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ॥୪୭॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ ( ଶ୍ରୀ ଭଗବାନ କହିଲେ ) ଅର୍ଜୁନ (ହେ ଅର୍ଜୁନ !) ପ୍ରସନ୍ନେନ (ପ୍ରସନ୍ନ ହୋଇ) ମୟା (ମୋ ଦ୍ୱାରା ) ଆତ୍ମଯୋଗାତ୍ (ନିଜର ଯୋଗମାୟା ଶକ୍ତିରେ-ନିଜ ଯୋଗ ବିଭୂତି ପ୍ରଭାବରେ) ଇଦଂ ତେଜୋମୟମ୍ (ଏହି ତେଜ ପୂର୍ଣ୍ଣ) ଅନନ୍ତମ୍ (ଅନ୍ତ ରହିତ) ଆଦ୍ୟଂ (ଆଦିଭୂତ) ପରମ ବିଶ୍ୱମ୍ ରୂପମ୍ (ଶ୍ରେଷ୍ଠ ବିଶ୍ୱାତ୍ମକ ରୂପ) ଦର୍ଶିତମ୍ (ପ୍ରଦର୍ଶିତ ହେଲା) ଯତ୍ (ଯେଉଁ ରୂପକୁ) ତ୍ୱଦନ୍ୟେନ (ତୁମ ବ୍ୟତୀତ ଅନ୍ୟ ଦ୍ୱାରା) ନ ଦୃଷ୍ଟ ପୂର୍ବମ୍ (ପୂର୍ବେ କେହି ଦେଖି ନାହାନ୍ତି ) ।*

**ଭାବାର୍ଥ** : ଶ୍ରୀ ଭଗବାନ କହିଲେ ! ହେ ଅର୍ଜୁନ ! ପ୍ରସନ୍ନ ହୋଇ ମୋର ଆତ୍ମଯୋଗ ବଳରେ କୋଟି ସୂର୍ଯ୍ୟ ସମ ପ୍ରକାଶମାନ ଅନ୍ତ ରହିତ, ଆଦିଭୂତ, ଐଶ୍ୱର୍ଯ୍ୟମୟ ଏହି ବିଶ୍ୱାତ୍ମକ ରୂପ ତୁମକୁ ଦେଖାଇଲି । ଏଥିପୂର୍ବରୁ

ସର୍ବ ଆଶ୍ଚର୍ଯ୍ୟମୟ ଏହି ଦୁର୍ଲଭ ରୂପକୁ କେହି କେବେ ଦେଖି ନାହିଁ । ମାତା କୌଶଲ୍ୟା, ମାତା ଯଶୋଦା ଯଦିଓ ଅବତାରୀ ପ୍ରଭୁଙ୍କ ମୁଖରେ ବିଶ୍ୱରୂପର ଝଲକ ଦେଖିଥିଲେ, ତାହା ଭିନ୍ନ ଥିଲା । ସେହିପରି ଲୀଳା କାଳରେ କୁରୁ ରାଜ ସଭାସ୍ଥଳରେ ଦୁର୍ଯ୍ୟୋଧନ ବନ୍ଦି କରିବାର ପ୍ରୟାସ ସମୟରେ, ଶ୍ରୀକୃଷ୍ଣ ବିଶ୍ୱରୂପ ଦେଖାଇଥିଲେ । କିନ୍ତୁ ଏହି ସମସ୍ତ ରୂପ ଭଗବାନ ପ୍ରସନ୍ନ ହୋଇ ଦେଖାଇ ନ ଥିଲେ କି, ଏହାକୁ କେହି ଦିବ୍ୟଚକ୍ଷୁରେ ଦେଖି ନଥିଲେ । ଏହା ବ୍ୟତୀତ ଅର୍ଜୁନ ଯେଉଁ ବିରାଟ ରୂପ ଦେଖିଛନ୍ତି ସେଥିରେ ଉଭୟ ବିକରାଳ ରୂପ ସହ ଦୈବୀ ସମ୍ପନ୍ନ ରୂପ ମଧ୍ୟ ରହିଥିଲା । ଅର୍ଜୁନ ଅତୀତ ଓ ଭବିଷ୍ୟ ଆଦି ଯାହା ଦେଖିବାକୁ ନିଜେ ଇଚ୍ଛା କରିଛନ୍ତି, ତାହା ପ୍ରତ୍ୟକ୍ଷରେ ଦେଖିବାକୁ ସମର୍ଥ ହୋଇଛନ୍ତି । ତେଣୁ ଭଗବାନ କହୁଛନ୍ତି ; ମୋର ଏହି ବିରାଟ ରୂପ ଦର୍ଶନ ସବୁ ସମୟରେ ସମସ୍ତଙ୍କ ଦର୍ଶନ ନିମନ୍ତେ ହୋଇ ନ ଥାଏ । ଯେଉଁ ସମୟରେ ମୋର ନିଜ ଯୋଗଶକ୍ତି ଦ୍ୱାରା ଦର୍ଶନ କରାଇଥାଏ, ସେହି ସମୟରେ ହିଁ ଏହା ଦର୍ଶନ ଯୋଗ୍ୟ ହୋଇଥାଏ । 'ଆତ୍ମଯୋଗାତ୍' ପଦରେ ଭଗବାନ କହିବାକୁ ଚାହୁଁଛନ୍ତି କି, ଯେବେ ମୁଁ ନିଜକୁ ଦେହ ମାନିଥାଏ, ତେବେ ମୁଁ ଦ୍ୱିଭୁଜ ହୋଇଥାଏ । ଯେବେ ମୁଁ ନିଜକୁ ସମ୍ପୂର୍ଣ୍ଣ ବିଶ୍ୱ ମାନିଥାଏ, ତେବେ ମୁଁ ସମ୍ପୂର୍ଣ୍ଣ ବିଶ୍ୱରୂପ ଧାରଣ କରିଥାଏ । ଯାହାକୁ ଦିବ୍ୟଦୃଷ୍ଟି ପ୍ରାପ୍ତ ହୋଇଥାଏ, ସେହିମାନେ ହିଁ କେବଳ ତାହା ଦେଖିବାକୁ ସମର୍ଥ ହୋଇଥାନ୍ତି, ଅନ୍ୟ କେହି ନୁହେଁ । ଅତଏବ, ଏହି ରୂପର ଦର୍ଶନ ଅତ୍ୟନ୍ତ ସୌଭାଗ୍ୟର କଥା । ଦେଶ, କାଳ ଇତ୍ୟାଦି ଦୃଷ୍ଟିରୁ ମୋର ଏହି ବିଶ୍ୱ ରୂପର ଆଦି ନାହିଁ କି ଅନ୍ତ ନାହିଁ । ଭକ୍ତ, ଭଗବାନଙ୍କ କୃପା ତାହାପ୍ରତି ଯେତିକି ଅଛି ବୋଲି ଭାବିଥାଏ, ଭଗବାନ ତାହାଠାରୁ କେତେ ଅଧିକ ଗୁଣ କୃପା କରିଥାନ୍ତି । କାରଣ ଭଗବାନଙ୍କ କୃପା ଅସୀମ ଏବଂ ଅପାର ହୋଇଥିବା ବେଳେ ସାଧକ ବା ଭକ୍ତର ତାହା ସ୍ୱୀକାର କରିବା ସାମର୍ଥ୍ୟ ସୀମିତ । ଅର୍ଜୁନ କେବଳ ଭଗବାନଙ୍କ ସେହି ଅପାର ଅନୁଗ୍ରହରୁ ହିଁ ଏହି ବିରାଟ ରୂପକୁ ଦେଖିବାକୁ ସମର୍ଥ ହୋଇଥିଲେ ।

ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।
ଏବଂ ରୂପଃ ଶକ୍ୟ ଅହଂ ନୃଲୋକେ ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ॥୪୮॥

*ଅନ୍ୱୟ: କୁରୁପ୍ରବୀର (ହେ କୁରୁଶ୍ରେଷ୍ଠ) ନ ବେଦ-ଯଜ୍ଞ-ଅଧ୍ୟୟନୈଃ (ବେଦ ଅଧ୍ୟୟନ ଦ୍ୱାରା ନୁହେଁ କି, ଯଜ୍ଞ ଅନୁଷ୍ଠାନ ଦ୍ୱାରା ନୁହେଁ) ନ ଦାନୈଃ (ଦାନ ଦ୍ୱାରା ନୁହେଁ କି) ନ ଚ କ୍ରିୟାଭିଃ (ଅଗ୍ନିହୋତ୍ରାଦି କ୍ରିୟା ଦ୍ୱାରା ମଧ୍ୟ ନୁହେଁ) ନ ଉଗ୍ରୈଃ ତପୋଭିଃ (ଉଗ୍ର ତପସ୍ୟା ଦ୍ୱାରା ନୁହେଁ ) ଏବଂ ରୂପଃ (ଏହି ପ୍ରକାର ବିଶ୍ୱରୂପ ଧାରୀ) ଅହଂ (ମୁଁ - ମୋତେ ) ନୃ ଲୋକେ (ମନୁଷ୍ୟ ଲୋକରେ) ତ୍ୱଦନ୍ୟେନ (ତୁମ ଭିନ୍ନ ଅନ୍ୟ କେହି ) ଦ୍ରଷ୍ଟୁଂ (ଦେଖିବାକୁ) ଶକ୍ୟଃ (ସମର୍ଥ ହୁଏ ) ।*

**ଭାବାର୍ଥ**: ହେ କୁରୁ ଶ୍ରେଷ୍ଠ ! ତୁମ ଅତିରିକ୍ତ ଅନ୍ୟ କେହି ବେଦ ଅଧ୍ୟୟନ, ଯଜ୍ଞାନୁଷ୍ଠାନ, ଦାନକ୍ରିୟା ଏବଂ ଉଗ୍ର ତପସ୍ୟା ଦ୍ୱାରା ଏହି ମନୁଷ୍ୟ ଲୋକରେ ମୋର ଏହି ବିଶ୍ୱରୂପ ଦେଖିବାକୁ ସମର୍ଥ ହୋଇ ନାହାନ୍ତି । 'ଅଗ୍ନିହୋତ୍ରାଦି' କ୍ରିୟା କହିଲେ ପୁଣ୍ୟକର୍ମ ଅନୁଷ୍ଠାନକୁ ବୁଝାଏ । ଏପରି କୌଣସି କର୍ମ ନାହିଁ ଯାହା ସାଧକକୁ ଭଗବାନ ପ୍ରାପ୍ତ କରାଇବା ସ୍ଥାନକୁ ନେବାପାଇଁ ସମର୍ଥ କରିଥାଏ । ପୁଣ୍ୟକର୍ମର ଫଳ କେବଳ ଭୋଗପ୍ରାପ୍ତି

ନିମିତ୍ତ ଉଦ୍ଦିଷ୍ଟ ଯାହା କ୍ଷୀଣ ହେବାରେ ସମାପ୍ତି ହୋଇଯାଏ । ସେହିପରି ଶାରୀରିକ ତପଃ, ଦାନ-ଧର୍ମ, ବେଦ ଅଧ୍ୟୟନ ଅନ୍ତଃକରଣ ଶୁଦ୍ଧ ହେବାର କାରଣ ହୋଇପାରେ, କିନ୍ତୁ ଭଗବତ୍ ସାକ୍ଷାତ୍କାର ପାଇଁ ଭଗବାନଙ୍କ ପ୍ରସନ୍ନତା ଏବଂ ଅନୁଗ୍ରହ ହିଁ ଏକମାତ୍ର ସମସ୍ତ ସମ୍ଭାବ୍ୟର ଉତ୍ସ । କିନ୍ତୁ ଭଗବାନଙ୍କ ପ୍ରସନ୍ନତା ଓ କୃପା କେବେ ଏବଂ କିପରି ଭାବରେ ହୁଏ, ତାହା ସାଧନା ସାପେକ୍ଷ । ଭଗବାନ କୃଷ୍ଣ କେବେ ଏବଂ କେଉଁ ପ୍ରକାର ସାଧନରେ ପ୍ରସନ୍ନ ହୁଅନ୍ତି, ତାଙ୍କରି ଲୀଳା କାଳରେ ତାଙ୍କ ପାଖେ ପାଖେ ରହି ମଧ୍ୟ ଜ୍ଞାନୀ ତତ୍ତ୍ୱଦର୍ଶୀମାନେ ବୁଝି ପାରିବାକୁ ସକ୍ଷମ ହୋଇ ନାହାନ୍ତି । କିନ୍ତୁ ସାଧାରଣ ଗୋପାଙ୍ଗନା ମାନେ ଅତି ସରଳ ହୃଦୟରେ, ଅହରହ କେବଳ କୃଷ୍ଣ ରସ ଆସ୍ୱାଦନ କରି ଏପରି କୃଷ୍ଣରୂପୀ ହୋଇ ଯାଉଥିଲେ ଯେ, ସ୍ୱୟଂ ବ୍ରଜ ନନ୍ଦନ ଗୋପାଙ୍ଗନା ମାନଙ୍କ ହୃଦୟରେ ନିଜକୁ ଦେଖିବାକୁ ଚାଲି ଆସୁଥିଲେ । ଏହା ହିଁ ଭଗବାନଙ୍କ ପ୍ରସନ୍ନତା ବା ଅନୁଗ୍ରହ । ତେଣୁ ଭଗବାନ କହୁଛନ୍ତି; ହେ ଅର୍ଜୁନ ! ତୁମେ ଅଲଭ୍ୟ ବସ୍ତୁ ମୋର ପ୍ରସନ୍ନତା କାରଣରୁ ପ୍ରାପ୍ତ ହେଲା ବୋଲି ମନରେ ଧାରଣ କରି ଏହି ସର୍ବ ଦୁର୍ଲଭ ରୂପ ପ୍ରତି ନିଷ୍ଠାବାନ ହୁଅ । ମୋର ଭକ୍ତଗଣ ଅତୀତରେ ମୂଢତା ଓ ଦିବ୍ୟତାକୁ ଭେଦକରି ମୋର ଯୋଗରେ ଚିତ୍-ତତ୍ତ୍ୱରେ ଅବସ୍ଥିତ, ସେହିମାନେ ତୁମପରି ବିଶ୍ୱରୂପ ଦର୍ଶନ କରି ମଧ୍ୟ ସୁଖୀ ନ ହୋଇ ମୋର ଚିନ୍ମୟ ନିତ୍ୟରୂପ ଦର୍ଶନ ନିମନ୍ତେ ଲାଳାୟତ ହୋଇଥାଆନ୍ତି ।

ମା ତେ ବ୍ୟଥା ମା ଚ ବିମୂଢଭାବୋ ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ମମେଦମ୍ ।
ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ ତଦେବ ମେ ରୂପମିଦଂ ପ୍ରପଶ୍ୟ ॥୪୯॥

*ଅନ୍ୱୟ: ମମ (ମୋର) ଈଦୃଙ୍ (ଏତାଦୃଶ) ଇଦମ୍ (ଏହି) ଘୋରମ୍ (ଉଗ୍ର-ଭୟଙ୍କର) ରୂପମ୍ ଦୃଷ୍ଟ୍ୱା (ରୂପକୁ ଦେଖି) ତେ (ତୁମେ) ବ୍ୟଥା (ବ୍ୟଥିତ) ମା (ହୁଅ ନାହିଁ) ଚ (ଏବଂ) ବିମୂଢଭାବଃ (ବ୍ୟାକୁଳ ଭାବ) ମା (ନ ହେଉ) ବ୍ୟପେତଭୀଃ (ଏବେ ନିର୍ଭୟ) ପ୍ରୀତମନାଃ (ପ୍ରସନ୍ନ ମନରେ) ପୁନଃ (ପୁନର୍ବାର) ତ୍ୱଂ (ତୁମେ) ମେ (ମୋର) ଇଦଂ (ଏହି) ତତ୍ (ସେହି) ରୂପଂ ଏବ ( ପୂର୍ବ ରୂପ ହିଁ) ପ୍ରପଶ୍ୟ (ଦର୍ଶନ କର )*

**ଭାବାର୍ଥ**: ଅର୍ଜୁନ ମୋର ଏହି ଭୟଙ୍କର ରୂପକୁ ଦେଖି ତୁମେ ଭୟ ଏବଂ ବ୍ୟାକୁଳତା ପ୍ରକଟ କର ନାହିଁ । ତୁମେ ପୁନଶ୍ଚ ଭୟ ରହିତ ହୋଇ ତଥା ପ୍ରସନ୍ନ ଚିତ୍ତରେ ମୋର ସେହି ଚତୁର୍ଭୁଜ ମୂର୍ତ୍ତିକୁ ପ୍ରକୃଷ୍ଟ ଭାବରେ ଦର୍ଶନ କର । ଭଗବାନ ସାନ୍ତ୍ୱନାଦେଇ କହୁଛନ୍ତି କି, ତୁମକୁ ମୋର ଯୋଗ ଶକ୍ତି ଏବଂ ବିଭୂତି ବୈଭବର ବିଶ୍ୱାସ ଦେବା ନିମନ୍ତେ ମୁଁ ଏହି ଉଗ୍ର ବିକରାଳ ରୂପ ଦର୍ଶନ କରାଇଥିଲି । ମୁଁ ଜାଣୁଛି କି, ମୋର ଏହିରୂପ ତୁମକୁ ରୁଚିପ୍ରଦ ନୁହେଁ । ମୋର ସଖା କାରଣରୁ ମୋର ଏହି ମାନବ ଲୀଳାରେ ତୁମକୁ ଉପକରଣ ହେବାକୁ ହିଁ ହେବ । ମୁଁ ତୁମକୁ ଆଶୀର୍ବାଦ କରୁଛି କି, ମୋର ବିଶ୍ୱରୂପ ସମ୍ବନ୍ଧରେ ତୁମକୁ ଏ ପ୍ରକାର ବ୍ୟଥା ପ୍ରାପ୍ତ ନ ହେଉ । ଭୟକୁ ପରିତ୍ୟାଗ କରି ପ୍ରୀତମନା ହୋଇ ଇଚ୍ଛା କରୁଥିବା ମୋର ନିତ୍ୟ ଚତୁର୍ଭୁଜ ରୂପକୁ ଦର୍ଶନ କର । ଭକ୍ତ ଭଗବାନଙ୍କ ବିରାଟ ରୂପ ଦେଖିବା ନିମିତ୍ତ କେବେ ଆଗ୍ରହୀ ହୁଏ ନାହିଁ କାରଣ ସେହି ରୂପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ନେହପୂର୍ଣ୍ଣ ଭାବର ଆଦାନ ପ୍ରଦାନ ଅନୁଭବ ହୋଇ ନଥାଏ । ଭକ୍ତ ଭଗବାନ

ଶ୍ରୀକୃଷ୍ଣଙ୍କ ଦ୍ୱିଭୁଜ କିମ୍ବା ଚତୁର୍ଭୁଜ ରୂପ ଦେଖିବା ପାଇଁ ଇଚ୍ଛା କରେ, କାରଣ ସେଥିରେ ଭାବର ବିନିମୟ ହୋଇଥାଏ । କାହାକୁ ଯଦି ଭୟ ଲାଗେ, ତାହାର ମୂଳ କାରଣ ହେଲା ଅନ୍ତଃକରଣରେ ଅହଂ ଓ ମମତା ଭାବ ରହିଛି । ସାଧକର ପ୍ରାଣ ପ୍ରତି ମୋହ ରହି ନ ଥାଏ । ଏକମାତ୍ର ଭଗବାନଙ୍କ ପ୍ରତି ପ୍ରେମଭାବ କାରଣରୁ ସର୍ବତ୍ର ଭଗବଦ୍ ଭାବ ଉତ୍ପନ୍ନ ହୁଏ । ଭଗବାନଙ୍କ ଭୟଙ୍କର ନୃସିଂହ ରୂପ ଦର୍ଶନ କରି ଦେବତା ପ୍ରଭୃତି ଭୟଭୀତ ହୋଇଥିଲେ ମଧ୍ୟ ପ୍ରହ୍ଲାଦ ଭୟ କଲେ ନାହିଁ । କାରଣ ତାଙ୍କର ହରି ପ୍ରେମରେ ସର୍ବତ୍ର ଭଗବଦ୍ ବୁଦ୍ଧି ପରିପୂର୍ଣ୍ଣ ହୋଇ ରହିଥିଲା ।

ସଞ୍ଜୟ ଉବାଚ

ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।
ଆଶ୍ୱାସୟାମାସ ଚ ଭୀତମେନଂ ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ।।୫୦।।

*ଅନ୍ୱୟ: ସଞ୍ଜୟ ଉବାଚ (ସଞ୍ଜୟ କହିଲେ )-ବାସୁଦେବଃ (ମହାତ୍ମା ବାସୁଦେବ) ଅର୍ଜୁନଂ (ଅର୍ଜୁନଙ୍କୁ) ଇତି ଉକ୍ତ୍ୱା (ଏହିପରି କହି) ଭୂୟଃ (ପୁନଶ୍ଚ) ତଥା ସ୍ୱକମ୍ ରୂପମ୍ (ସେ ନିଜର ପୂର୍ବ ରୂପ ଅର୍ଥାତ୍ ଦେବରୂପ-ଚତୁର୍ଭୁଜ ରୂପ) ଦର୍ଶୟାମାସ (ଦେଖାଇଲେ) ଚ (ଏବଂ ) ମହାତ୍ମା (ଉଦାର ହୃଦୟବାନ୍ ପ୍ରଭୁ ଶ୍ରୀକୃଷ୍ଣ) ପୁନଃ (ପୁନର୍ବାର) ସୌମ୍ୟବପୁଃ (ସୌମ୍ୟରୂପ-ଦ୍ୱିଭୁଜ ରୂପ-ପ୍ରସନ୍ନମୂର୍ତ୍ତି) ଭୂତ୍ୱା (ହୋଇ) ଭୀତମ୍ ଏନମ୍ (ଭୟଭୀତ ଅର୍ଜୁନଙ୍କୁ) ଆଶ୍ୱାସୟାମାସ (ଆଶ୍ୱସ୍ତ କଲେ –ସାନ୍ତ୍ୱନା ଦେଲେ ) ।*

**ଭାବାର୍ଥ** : ତଦନନ୍ତର ଯାହା ଘଟିଲା ସଞ୍ଜୟ କହିଲେ- ଶ୍ରୀ ବାସୁଦେବ ଏହିପରି କହି ନିଜର ଚତୁର୍ଭୁଜ ସ୍ୱରୂପ ପୁଣି ଦେଖାଇଲେ । ତାହାପରେ ପୁଣି ସୌମ୍ୟ ଦ୍ୱିଭୁଜ ମାନବ ରୂପ ହୋଇ ଭୟଭୀତ ଅର୍ଜୁନଙ୍କୁ ଆଶ୍ୱାସନା ଦେଲେ । ପୂର୍ବ ତିନି ଶ୍ଳୋକରେ ଭଗବାନ ଅର୍ଜୁନ ଦେଖୁଥିବା ବିଶ୍ୱରୂପକୁ ଉପସଂହାର କରିବା ସମୟରେ ଅର୍ଜୁନଙ୍କୁ ପ୍ରସନ୍ନ କରିବା ପାଇଁ ବିକରାଳ ରୂପ ଓ ଅନ୍ୟ ରୂପ ସମୂହକୁ ନିଜ ଶରୀରରୁ ହଟାଇ କେବଳ ଚତୁର୍ଭୁଜ ବିଷ୍ଣୁ ରୂପରେ ସ୍ଥିତ ହେଲେ । ପୁନଃ ମହାତ୍ମା ଭଗବାନ ଶ୍ରୀକୃଷ୍ଣ ପରମ ମାଧୁର୍ଯ୍ୟ ମାନବ ରୂପ ଧାରଣ କରି ଭୟଭୀତ ଅର୍ଜୁନଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ । ଭଗବାନ ଶ୍ରୀକୃଷ୍ଣ ବସୁଦେବଙ୍କ ପୁତ୍ର ରୂପେ ପ୍ରକଟ କାରଣରୁ ଏବଂ ଆତ୍ମା ରୂପରେ ସମସ୍ତ ଜୀବଙ୍କ ହୃଦୟରେ ନିବାସ କରିଥିବା ଯୋଗୁଁ ତାଙ୍କରି ନାମ 'ବାସୁଦେବ' । ଅର୍ଜୁନଙ୍କ ଉପରେ ଭଗବାନଙ୍କ ଅଶେଷ କୃପା ହେତୁ ପ୍ରଥମେ ବିଶ୍ୱରୂପ, ତାପରେ ଚତୁର୍ଭୁଜ ଦେବ ରୂପ ଏବଂ ପରିଶେଷରେ ମନୁଷ୍ୟ ରୂପ ଧାରଣ କରିଛନ୍ତି । ଏବେ ଯେଉଁମାନେ ଏହି 'ବିଶ୍ୱ ଦର୍ଶନ' ଯୋଗକୁ ପାଠ କରୁଛନ୍ତି, ତାହା ମଧ୍ୟ ଭଗବାନଙ୍କ ଅହେତୁକ କୃପା ବଳରୁ ହିଁ ପ୍ରାପ୍ତ ହୋଇଛି । ଏହି ଅଧ୍ୟାୟର ପଠନ ଏବଂ ମନନ ଅର୍ଜୁନଙ୍କ ବିଶ୍ୱରୂପ ଦର୍ଶନଠାରୁ କୌଣସି ଭାବେ କମ୍ ନୁହେଁ । କାରଣ ଭଗବାନ ସ୍ୱୟଂ ଇଚ୍ଛା ନ କଲେ , ନିଜେ ସେ' ପ୍ରସନ୍ନ ନ ହେଲେ, ତାଙ୍କରି ଏହି ବିଶ୍ୱରୂପର ପଠନ, ଚିନ୍ତନ ଓ ମନନର ସୁଯୋଗ ଦିଅନ୍ତି ନାହିଁ । ଭଗବାନଙ୍କ ଏହି କୃପା ଲଭ୍ୟ ହୋଇ ସେହିମାନେ ମଧ୍ୟ ଏହି ମୁହୂର୍ତ୍ତରେ ପ୍ରସନ୍ନ ହେବା ଉଚିତ । ଅତଏବ, ଏହିପରି ପ୍ରସନ୍ନତା ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ପରମ ଅନୁଗ୍ରହ ପ୍ରତିଦିନ ପ୍ରାପ୍ତ କରିବା ନିମିତ୍ତ 'ବିଶ୍ୱରୂପ ଦର୍ଶନ ଯୋଗ' ନିତ୍ୟ ପଠନ ବିଧେୟ । ଭଗବାନ ଶ୍ରୀକୃଷ୍ଣ ପରମ ଶାନ୍ତ,

ଶ୍ୟାମସୁନ୍ଦର ମନୁଷ୍ୟ ରୂପରେ ଯୁକ୍ତହୋଇ ଭୟରେ ବ୍ୟାକୁଳ ହୋଇଥିବା ଅର୍ଜୁନଙ୍କୁ ଧୈର୍ଯ୍ୟ ଦେଲାଭଳି ସମସ୍ତଙ୍କୁ ସେହି ଅସୀମ ଧୈର୍ଯ୍ୟ ଶକ୍ତି ପ୍ରଦାନ କରନ୍ତୁ ।

ଅର୍ଜୁନ ଉବାଚ

ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦନ ।
ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ।।୫୧।।

*ଅନ୍ୱୟ: ଅର୍ଜୁନ ଉବାଚ (ଅର୍ଜୁନ କହିଲେ) ଜନ-ଅର୍ଦନ (ହେ ଜନାର୍ଦନ !) ତବ ଇଦଂ (ଆପଣଙ୍କର ଏହି) ସୌମ୍ୟମ୍ (ଶାନ୍ତ,ପ୍ରସନ୍ନ) ମାନୁଷମ୍ ରୂପମ୍ (ମନୁଷ୍ୟ ରୂପକୁ) ଦୃଷ୍ଟ୍ୱା (ଦର୍ଶନ କରି) ଇଦାନୀମ୍ (ବର୍ତ୍ତମାନ) ସଚେତାଃ (ପ୍ରସନ୍ନ-ସ୍ଥିର ଚିତ୍ତ) ସଂବୃତ୍ତଃ ଅସ୍ମି (ମୁଁ ହେଲି ) ପ୍ରକୃତିଂ ଗତଃ (ସ୍ୱାଭାବିକ ସ୍ଥିତି ପ୍ରାପ୍ତ ହେଲି ) ।*

**ଭାବାର୍ଥ**: ତତ୍ ପଶ୍ଚାତ୍ ମହାମଧୁରମୂର୍ତ୍ତି ଶ୍ରୀକୃଷ୍ଣଙ୍କୁ ଦେଖି ଆନନ୍ଦ ସାଗରରେ ବୁଡିରହି ଅର୍ଜୁନ କହିଲେ; ହେ ଜନାର୍ଦନ ! ଆପଣଙ୍କ ଏହି ସୌମ୍ୟ ମାନବ ରୂପ ଦେଖି 'ମୁଁ' ଆଶ୍ୱସ୍ତ ହେଲି । ମୋର ସମସ୍ତ ଭ୍ରମ ଓ ଭୟ ଦୂର ହୋଇ ମନ ଶାନ୍ତ ହେଲା ଏବଂ ମୁଁ ପ୍ରକୃତିସ୍ଥ ହେଲି । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପ୍ରଥମେ ମନୁଷ୍ୟ ରୂପରେ ହିଁ ପାଇଥିଲେ । ଏହି ମାନବରୂପୀ ଶ୍ରୀକୃଷ୍ଣଙ୍କ ସାଙ୍ଗରେ ତାଙ୍କର ବନ୍ଧୁତ୍ୱ ଥିଲା ଏବଂ ଏହା ହିଁ ତାଙ୍କର ପରିଚିତ ରୂପ ଥିଲା । ତେଣୁ ମାଧୁର୍ଯ୍ୟମୟ ମାନବରୂପ ଦେଖି ଅର୍ଜୁନ ପ୍ରୀତ ଅନୁଭବ କଲେ । ଶ୍ରୀକୃଷ୍ଣ ଯାଦବ ଏବଂ ପାଣ୍ଡବଙ୍କ ସହିତ ଦ୍ୱିଭୁଜ ଏବଂ କେବେ କେବେ ଚତୁର୍ଭୁଜ ରୂପରେ ମଧ କ୍ରୀଡା କରିଛନ୍ତି । ଏଥିଲାଗି ଚତୁର୍ଭୁଜ ରୂପକୁ ମଧ ମନୁଷ୍ୟ ରୂପ କୁହାଯାଇଛି । ବ୍ରହ୍ମ ବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି; ସମସ୍ତଙ୍କ ଆଦି, ନିର୍ଗୁଣ ଓ ପ୍ରକୃତିରୁ ଅତୀତ ଭଗବାନ ନିଜର ଅର୍ଦ୍ଧେକ ଅଙ୍ଗରୁ ଦ୍ୱିଭୂଜ କୃଷ୍ଣ ରୂପରେ ଏବଂ ଅନ୍ୟ ଅର୍ଦ୍ଧେକ ଅଙ୍ଗରୁ ଚତୁର୍ଭୁଜ ବିଷ୍ଣୁ ରୂପରେ ପ୍ରକଟ ହେଲେ । ଦ୍ୱିଭୂଜ କୃଷ୍ଣ ରାଧିକାପତି ଗୋପା-ଗୋପୀମାନଙ୍କ ଗହଣରେ ବୃନ୍ଦାବନ ଗୋଲକରେ ବିରାଜମାନ । ଚତୁର୍ଭୁଜ ବିଷ୍ଣୁ ଲକ୍ଷ୍ମୀପତି ଭାବେ ଲକ୍ଷ୍ମୀଙ୍କ ସହ ବୈକୁଣ୍ଠରେ ବିରାଜମାନ । କୃଷ୍ଣ ଓ ବିଷ୍ଣୁ ସମସ୍ତ ଦୃଷ୍ଟିରୁ ସମାନ ଅର୍ଥାତ୍ ଜଣେ ହିଁ ଅଟନ୍ତି ।

ଶ୍ରୀ ଭଗବାନ ଉବାଚ

ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଜନ୍ମମ ।
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଂକ୍ଷିଣଃ ।।୫୨।।

*ଅନ୍ୱୟ: ଭଗବାନ ଉବାଚ (ଭଗବାନ କହିଲେ ) ମମ ଇଦଂ (ମୋର ଏହି) ସୁଦୁର୍ଦର୍ଶମ୍ (ଦର୍ଶନ ନିମନ୍ତେ ଅତ୍ୟନ୍ତ କଷ୍ଟସାଧ – ଦୁର୍ଲଭ ଦର୍ଶନ) ଯତ୍ ରୂପଂ (ଯେଉଁ ଚତୁର୍ଭୁଜ ରୂପ) ଦୃଷ୍ଟବାନ୍ ଅସି ( ଦର୍ଶନ କରିଲ ) ଦେବାଃ ଅପି (ଦେବତାମାନେ ମଧ) ଅସ୍ୟ ରୂପସ୍ୟ (ଏହି ରୂପର) ନିତ୍ୟ (ସର୍ବଦା ) ଦର୍ଶନ କାଙ୍କ୍ଷିଣଃ (ଦର୍ଶନାକାଙ୍କ୍ଷୀ) ।*

**ଭାବାର୍ଥ**: ଶ୍ରୀ ଭଗବାନ ଅର୍ଜୁନଙ୍କୁ ସମ୍ବୋଧନକରି କହିଲେ; ହେ ଅର୍ଜୁନ ! ତୁମେ ମୋର ଯେଉଁ ଏହି ଅତ୍ୟନ୍ତ ଦୁର୍ଲଭ ଚତୁର୍ଭୁଜ ରୂପ ଦର୍ଶନ କଲ, ଦେବଗଣ ଏହାର ଦର୍ଶନ ନିମିତ୍ତ ନିତ୍ୟ ଅଭିଳାଷ କରି ମଧ ଦର୍ଶନ ପାଇ

ନ ଥାନ୍ତି । ଶ୍ରୀମଭାଗବତ ଦଶମସ୍କନ୍ଦରେ ଗର୍ଭ ସ୍ତୋତ୍ରରେ ଏହାକୁ ଦେବ ଦୁର୍ଲଭ ଦର୍ଶନ କୁହାଯାଇଛି । ମନୁଷ୍ୟରୂପ ଆକାରରେ ମହାମାଧୁର୍ଯ୍ୟକୁ ନିତ୍ୟ ଆସ୍ୱାଦନ କରୁଥିବାରୁ, ତୁମେ ମୋର ନିତ୍ୟ ଭକ୍ତ । ଏଣୁ ଏହି ବିଶ୍ୱ ପରମେଶ୍ୱର ରୂପ ତୁମ ନିମନ୍ତେ ରୁଚିପ୍ରଦ ହେଲା ନାହିଁ । ତୁମେ ମୋ ସହିତ ସଖା ଭାବ କଦାପି ତ୍ୟାଗ କରି ନ ପାରିବା କାରଣରୁ ତୁମକୁ ମୋର ନର ଆକାର ରୂପ ପ୍ରିୟ ଲାଗୁଛି । କିନ୍ତୁ ଦେବତାମାନେ ମୋର ଏହି ବିଶ୍ୱ ପରମେଶ୍ୱର ରୂପକୁ ଦେଖିବାକୁ ଯୁଗ ଯୁଗ ଧରି ପ୍ରତୀକ୍ଷା କରି ରହିଥାନ୍ତି । ବ୍ରହ୍ମା, ଶିବ ଆଦି ଦେବତାବୃନ୍ଦ ଭଗବାନଙ୍କ ମାନବ ରୂପଧାରୀ ଅବତାର ଲୀଳା କାଳରେ ସେହି ଦ୍ୱିଭୁଜ ମନୋହର ମନୁଷ୍ୟ ରୂପ ଦେଖିବାକୁ ବାସ୍ତବରେ ଆକାଙ୍କ୍ଷିତ । ସ୍ୱୟଂ ଭଗବାନ ମଧ ଗୀତାରେ କହିଛନ୍ତି; କୃଷ୍ଣଙ୍କ ଶରୀର ଦିବ୍ୟ ଶରୀର ଏବଂ ପୂର୍ଣ୍ଣ ରୂପେ ସତ୍-ଚିତ୍-ଆନନ୍ଦମୟ ଅଟେ । କେହି କେହି ସମୀକ୍ଷକ ମତ ରଖିଛନ୍ତି କି, ଭଗବାନ ଦ୍ୱିଭୁଜ ରୂପରେ ବିଶ୍ୱରୂପ(ଅର୍ଥାତ୍ ଅଧିଦୈବମ୍)ଠାରୁ ନ୍ୟୂନତର ଅର୍ଥାତ୍ ଅର୍ଜୁନଙ୍କୁ ଯେଉଁ ବିଶ୍ୱରୂପ ପ୍ରଦର୍ଶନ କଲେ, ତାହା ତାଙ୍କରି ବ୍ୟକ୍ତିଗତ ପୁରୁଷ ରୂପଠାରୁ ଅଧିକ ପ୍ରସିଦ୍ଧ ଅଟେ । କିନ୍ତୁ ଗୀତା ବ୍ୟାଖ୍ୟାନୁସାରେ କୃଷ୍ଣ ତାଙ୍କର ଯୋଗମାୟା ଶକ୍ତି ଦ୍ୱାରା ଆବୃତ । ଭଗବାନ ଶ୍ରୀକୃଷ୍ଣ ଦ୍ୱିଭୁଜ- ସିଏ ହିଁ ଚତୁର୍ଭୁଜ ଏବଂ ସହସ୍ର ଭୁଜ ମଧ ସିଏ । ସେ ସମସ୍ତଙ୍କଠାରେ ପ୍ରକଟିତ ହୁଅନ୍ତି ନାହିଁ । ସମସ୍ତେ ତାଙ୍କୁ ଦେଖିପାରନ୍ତି ନାହିଁ । ସେ ସ୍ୱୟଂ କୃପାବଶତଃ ଯାହାଙ୍କଠାରେ ପ୍ରକଟିତ ହୁଅନ୍ତି, ସେ ହିଁ ତାଙ୍କୁ ଦେଖିପାରେ । ଯୋଗୀ ଅନବରତ କୃଷ୍ଣ ଚିନ୍ତନରେ ରହିଲେ, ଅନନ୍ୟ ଭକ୍ତ ଭାବରେ ଦିବ୍ୟଚକ୍ଷୁ ଉନ୍ମୀଳିତ ହୁଏ ଏବଂ ସେ ଦିବ୍ୟ ପ୍ରକାଶରେ ନିଜ ଇଚ୍ଛାନୁସାରେ କୃଷ୍ଣଙ୍କୁ ଦେଖିପାରେ । ମାନବ ଶରୀର ଭଳି ଦେବତାମାନଙ୍କ ପକ୍ଷେ ଏହି ଦିବ୍ୟ ପ୍ରକାର ଦର୍ଶନ ସମ୍ଭବ ନୁହେଁ । ମାନବ ଶରୀର ହିଁ ସାଧନ ସାପେକ୍ଷ । ଦେବତାମାନେ ଭଗବାନଙ୍କ ପ୍ରଦତ୍ତ ନିର୍ଦ୍ଦିଷ୍ଟ ଶକ୍ତି ଦ୍ୱାରା ଆବଦ୍ଧ ଏବଂ ଦେବଲୋକ ଭୋଗ ଉପଭୋଗ ନିମନ୍ତେ ଉଦ୍ଦିଷ୍ଟ କାରଣରୁ ଦେବତାମାନଙ୍କ ପକ୍ଷେ ସାଧନ ସମ୍ଭବ ନୁହେଁ । ଦେବତାଙ୍କ ଆତ୍ମ କଲ୍ୟାଣ ଲାଳସା (ମୋକ୍ଷ) ରହି ନ ଥିବା କାରଣରୁ ନିତ୍ୟ ଦର୍ଶନ ଅଭିଳାଷ ଗୌଣ ହୋଇଥାଏ । ମନୁଷ୍ୟ ରୂପରେ ଅନନ୍ୟଭକ୍ତ ଯେପରି ପ୍ରେମଭାବରେ ଭଗବାନଙ୍କ ଚତୁର୍ଭୁଜ ରୂପକୁ ଦର୍ଶନ କରିବାକୁ ଇଛା କରିଥାଏ, ଦେବତା ମାନଙ୍କର ସେହି ପ୍ରେମ ଭାବ ନ ଥାଏ । ସେଥିପାଇଁ ଭଗବାନ ପ୍ରେମଯୁକ୍ତ ଅନନ୍ୟ ଭକ୍ତର ଅଧୀନ ମାତ୍ର ଦେବତାଙ୍କ ନୁହେଁ ।

ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ।।୫୩।।

*ଅନ୍ୱୟ: ମାଂ (ମୋତେ) ଯଥା (ଯେଉଁ ରୂପରେ) ଦୃଷ୍ଟବାନ୍ ଅସି (ଦେଖିଲ) ଏବଂବିଧଃ (ଏହିରୂପ ବିଶିଷ୍ଟ) ଅହଂ (ମୁଁ) ବେଦୈଃ (ବେଦ ଅଧ୍ୟୟନ ଦ୍ୱାରା) ତପସା (ତପସ୍ୟା ଦ୍ୱାରା) ଦାନେନ (ଦାନ ଦ୍ୱାରା ) ଚ ଇଜ୍ୟୟା (ଯଜ୍ଞାଦି ଦ୍ୱାରା ନୁହେଁ) ନ ଦ୍ରଷ୍ଟୁଂ ଶକ୍ୟ (ଦର୍ଶନ ଯୋଗ୍ୟ ନୁହେଁ ) ।*

**ଭାବାର୍ଥ**: ତୁମେ ଯେଉଁ ମୋର ପରମ ସୌମ୍ୟ ନିତ୍ୟ ନର ଆକାର ରୂପ ଦର୍ଶନ କଲ, ତାହା ବେଦ ଅଧ୍ୟୟନ, ଚାନ୍ଦ୍ରାୟଣାଦି ତପସ୍ୟା, ଗୋ-ସୁବର୍ଣ୍ଣ ଆଦି ଦାନ ତଥା ଯଜ୍ଞାନୁଷ୍ଠାନ, ଅର୍ଚ୍ଚନାଦି ପୁଣ୍ୟଫଳ ଦ୍ୱାରା ଦର୍ଶନ

ଯୋଗ୍ୟ ନୁହେଁ । ଏକମାତ୍ର ଭଗବାନଙ୍କ କୃପାରେ ହିଁ ଦର୍ଶନ ଯୋଗ୍ୟ । କେବଳ ଅନନ୍ୟ ଭକ୍ତି ହିଁ ଏକମାତ୍ର ମାର୍ଗ ଯାହା ଭଗବାନ କୃଷ୍ଣଙ୍କ ସାକ୍ଷାତ୍କାର କରାଇବାକୁ ସମର୍ଥ । ନିଷ୍କାମ ଭାବରେ ଅର୍ଥାତ୍ ଭଗବତ୍ ଅର୍ପଣ ବୁଦ୍ଧିରେ କରାଯାଇଥିବା ଯଜ୍ଞ, ତପ ଓ ଦାନ ଆଦି କର୍ମ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ପ୍ରୟୋଜନ କାରଣରୁ ଏ ସମସ୍ତ ଭକ୍ତିର ଅଙ୍ଗ ହୋଇଥାଏ । ତେଣୁ ଏହି ସମସ୍ତ ଭଗବତ୍ ପ୍ରାପ୍ତିର କାରଣ ରୂପେ ଅସ୍ୱୀକାର କରା ଯାଇ ନ ପାରେ । ମାତ୍ର ସକାମ ଭାବରେ କରାଯାଇଥିବା ଯଜ୍ଞ, ତପ, ଦାନ ଆଦି କର୍ମ ଭଗବାନ ଦର୍ଶନ କରାଇବାରେ ସମର୍ଥ ନୁହେଁ । ଭଗବାନ କେବେ ବି ବିନିମୟର ବସ୍ତୁ ନୁହନ୍ତି । ସେ ଭାବର ବସ୍ତୁ । ଅପ୍ରମେୟ ଭଗବତ୍ ସତ୍ତା ପ୍ରାପ୍ତି ନିମନ୍ତେ ଯାହା କିଛି ନିର୍ଦ୍ଧାରିତ କରାଯାଏ, ତାହା ସୀମିତ ଏବଂ ତାହା ସଉଦା ହେଲା । ଅସୀମ, ଅନନ୍ତ କେବେ ମାପରେ ମିଳିବେ ନାହିଁ । ଅନନ୍ତ, ଅଚିନ୍ତ୍ୟ, ଅସୀମ ସହିତ କେବଳ ବିଶୁଦ୍ଧ ଭାବ ଭଳି ଅସୀମତାକୁ ଯୁକ୍ତକରି ସେହି ଅସୀମ ସତ୍ତାକୁ ଉପଲବ୍ଧ କରିବା ହିଁ ଭଗବତ୍ ପ୍ରାପ୍ତି । ମନୁଷ୍ୟ ସାମର୍ଥ୍ୟ, ସମୟ, ଜ୍ଞାନ, ଶକ୍ତି, ସାମଗ୍ରୀ ସବୁକିଛି ଭଗବାନଙ୍କୁ ଅର୍ପଣ କରିଦେଇ - ଅର୍ଥାତ୍ ନିଜ ପାଖରେ ଥିବା ଯୋଗ୍ୟତା ପ୍ରତି ତିଳେମାତ୍ର ଅଭିମାନ ନ ରଖି ମାନସିକ ଭାବେ ସମ୍ପୂର୍ଣ୍ଣ ପରିତ୍ୟାଗ କରିଥାଏ, ନିଜକୁ ଅଯୋଗ୍ୟ, ଅକିଞ୍ଚନ ଓ ସରଳ ମନୋଭାବ ପୋଷଣ କରିଥାଏ, ତେବେ ଯାଇ ଭଗବତ୍ କୃପା ପ୍ରାପ୍ତ ହୁଏ ।

ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥୫୪॥

*ଅନ୍ୱୟ : ପରନ୍ତପ ଅର୍ଜୁନ (ହେ ଶତ୍ରୁତାପନ ଅର୍ଜୁନ) ତୁ (କିନ୍ତୁ) ଅନନ୍ୟ (କେବଳ ଅନନ୍ୟ) ଭକ୍ତ୍ୟା (ଭକ୍ତି ଦ୍ୱାରା) ଏବଂବିଧଃ (ଏହି ରୂପ ବିଶିଷ୍ଟ) ଅହମ୍ (ମୁଁ) ତତ୍ତ୍ୱେନ (ଯଥାଯଥ ରୂପରେ-ତତ୍ତ୍ୱତଃ) ଜ୍ଞାତୁମ୍ ଶକ୍ୟଃ (ଜାଣି ହୋଇପାରେ) ଦ୍ରଷ୍ଟୁଂ ଶକ୍ୟଃ (ସାକାର ରୂପରେ ଦେଖି ହୋଇପାରେ) ଚ (ତଥା) ପ୍ରବେଷ୍ଟୁଂ ଶକ୍ୟଃ (ପ୍ରବେଶ କରି ହୋଇଥାଏ ଅର୍ଥାତ୍ ପ୍ରାପ୍ତ ହୋଇପାରେ) ।*

**ଭାବାର୍ଥ**: ହେ ଶତ୍ରୁତାପନ ଅର୍ଜୁନ ! କିନ୍ତୁ ଏକମାତ୍ର ଅନନ୍ୟ ଭକ୍ତି ଦ୍ୱାରା ହିଁ 'ମୋତେ ଏହି ଚତୁର୍ଭୁଜ ସୌମ୍ୟ ରୂପରେ ସ୍ୱରୂପତଃ ଜାଣିବାକୁ, ପ୍ରତ୍ୟକ୍ଷ ଦର୍ଶନ କରିବାକୁ ଏବଂ ଅନ୍ତରେ ମୋଠାରେ ପ୍ରବେଶ ଅର୍ଥାତ୍ ତାଦାତ୍ମ୍ୟ ଲାଭ ରୂପକ ମୋକ୍ଷ ପ୍ରାପ୍ତ ହେବାକୁ ଭକ୍ତି ଦ୍ୱାରା ହିଁ ସମ୍ଭବ ହୁଏ । ମୋକ୍ଷର ଅଭିଳାଷ ମଧ୍ୟ ଯଦି ଥାଏ, ତାହା ହେଲେ ଅନନ୍ୟ ଭକ୍ତି ଦ୍ୱାରା ହିଁ ବ୍ରହ୍ମ ସ୍ୱରୂପରେ ପ୍ରବେଶ ନିମନ୍ତେ ସମର୍ଥ ହୋଇପାରିବା ସମ୍ଭବ ହୋଇଥାଏ । ଏହା ବ୍ୟତିରେକ ଅନ୍ୟ କୌଣସି ମାର୍ଗ ନାହିଁ । ଭଗବାନଙ୍କ ଠାରେ ଅନନ୍ୟପ୍ରେମ ତଥା ନିଜ ମନ ଇନ୍ଦ୍ରିୟ, ଶରୀର, ଧନ, ଜନ ଆଦି ସର୍ବସ୍ୱକୁ ଭଗବାନଙ୍କ ବୋଲି ମାନି ଭଗବାନଙ୍କ ସେବାରେ ଲଗାଇ ଦେବା ହେଉଛି ଅନନ୍ୟ ଭକ୍ତି । ଅନନ୍ୟ ଭକ୍ତିର ଅନ୍ୟ ଅର୍ଥ ହେଲା ଅଭେଦ ଭକ୍ତି ଅର୍ଥାତ୍ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ବିଭକ୍ତ ରେଖା ରହି ନ ଥାଏ । ଭକ୍ତ ଭଗବାନଙ୍କ ହୃଦୟରେ ପୂର୍ଣ୍ଣ ରୂପରେ ରହିଥାଏ, ଭଗବାନ ଭକ୍ତର ହୃଦୟରେ ପୂର୍ଣ୍ଣ ପ୍ରକାଶମାନ ହୋଇ ରହିଥାନ୍ତି । ଭକ୍ତ ମତେ ଜାଣିବାର ଅର୍ଥ ନୁହେଁ କି, 'ମୁଁ ଭକ୍ତର ବୁଦ୍ଧିର ଅନ୍ତର୍ଗତ ହୋଇଯାଏ, ବରଂ ଭକ୍ତର ଜାଣିବା ଶକ୍ତି ଏବଂ ମୋରଶକ୍ତି ଅଭିନ୍ନ ହୋଇଯାଏ ଏବଂ ଭକ୍ତ ହୃଦୟରେ ମୋର ପରିପ୍ରକାଶକୁ ଭକ୍ତ ସମ୍ପୂର୍ଣ୍ଣ ଭାବେ ଅନୁଭବ କରେ । ଅନନ୍ୟ ଭକ୍ତି ସ୍ୱୟଂରେ

ଜାଗ୍ରତ ହୁଏ, ମନ, ବୁଦ୍ଧି ଇନ୍ଦ୍ରିୟରେ ନୁହେଁ । ସ୍ୱୟଂରେ ବ୍ୟାକୁଳତା ପୂର୍ବକ ଉତ୍କଣ୍ଠା ଜାଗ୍ରତ ହେଲେ, ଭକ୍ତ ଭଗବାନଙ୍କ ଦର୍ଶନ ବିନା ଦଣ୍ଡେ ମାତ୍ର ରହିପାରି ନଥାଏ, ତାହା ଅନନ୍ୟ ଭକ୍ତିର ବିଲକ୍ଷଣ । ବିଶେଷ ତାତ୍ପର୍ଯ୍ୟ ହେଲା; ସାଧନା ଦ୍ୱାରା ଭଗବତ୍ ପ୍ରାପ୍ତି ହୋଇ ନ ଥାଏ । ସାଧନା ଦ୍ୱାରା ଅନ୍ତଃକରଣ ଶୁଦ୍ଧି ହୋଇ ବହୁ ଜନ୍ମର ଏବଂ ଏହି ଜନ୍ମର ଶୁଭ-ଅଶୁଭ ସମସ୍ତ ସଂସ୍କାର ପ୍ରଭାବ ହୀନ ହୋଇପଡେ । ସମସ୍ତ ସାଧନାର ଅଭିମାନ ଯେବେ ନାଶ ହୁଏ, ତେବେ ଯାଇ ଅନନ୍ୟ ଭକ୍ତି ସ୍ଥିତି ପ୍ରାପ୍ତ ହୁଏ । ଅଭିମାନ ନାଶ ହୋଇଗଲେ ସାଧକ ଉପରେ ଭଗବାନଙ୍କ ଶୁଦ୍ଧ କୃପା ପ୍ରଭାବଶାଳୀ ହୋଇ ଉଠେ । ଭଗବାନଙ୍କ ଅନନ୍ୟଭାବେ ଶରଣାପନ୍ନ ହୋଇଗଲା ପରେ ଭକ୍ତର ସମସ୍ତ ଇଚ୍ଛା ସମାପ୍ତ ହୋଇଯାଏ । ବ୍ରହ୍ମ ପ୍ରାପ୍ତିରେ ଜାଣିବା ଓ ପ୍ରବେଶ କରିବା ଏହି ଦୁଇଟି ହୋଇପାରେ, ମାତ୍ର ଭକ୍ତିରେ ସମଗ୍ରରେ ଅର୍ଥାତ୍ ଜାଣିବା, ପ୍ରବେଶ କରିବା ଓ ଦର୍ଶନ କରିବା- ଏହି ତିନୋଟିଯାକ ପ୍ରାପ୍ତ ହୁଏ । ଅନନ୍ୟ ଭକ୍ତି ସରଳ ଭାବରେ କହିବାକୁ ଗଲେ ଏହାର ଅର୍ଥ ହେଲା; (୧) ନିଜକୁ ନିଜେ ଭଗବାନଙ୍କ ଠାରୁ ଭିନ୍ନ ନ ମାନି ଭଗବାନଙ୍କ ଅଂଶ ରୂପେ ମାନି ଅନନ୍ୟ ପ୍ରେମ କରିବା (୨) ଅନ୍ୟ କୌଣସି ଦେବତା ପ୍ରତି ଧ୍ୟାନ ନ ଲଗାଇ କେବଳ ସଗୁଣ ସାକାର ରୂପେ କୃଷ୍ଣଙ୍କୁ ପ୍ରେମ କରିବା (୩) ଅନ୍ୟ ସାଂସାରିକ ବସ୍ତୁ-ଧନ, ସ୍ତ୍ରୀ, ପୁତ୍ର, ଆଦିରୁ ମନକୁ ହଟାଇ, ନିରନ୍ତର ଭଗବାନଙ୍କଠାରେ ପ୍ରେମ ପୂର୍ବକ ଯୁକ୍ତ ରହିବା (୪) ସବୁ ପଦାର୍ଥକୁ ବ୍ରହ୍ମରୂପ ମାନି, ବ୍ରହ୍ମରୂପ ଭଗବାନଙ୍କଠାରେ ପ୍ରେମ ପୂର୍ବକ ଚିତ୍ତ ଲଗାଇ ରଖିବା । ଏହି ସମସ୍ତ ଭାବ-ଯୁକ୍ତ ଭକ୍ତିରେ ମୋର ତାତ୍ତ୍ୱିକ ଜ୍ଞାନ ଓ ଦର୍ଶନ ହୋଇପାରେ । ଏହାର ଅନନ୍ତର ଭଗବାନଙ୍କ ଭିତରେ ପ୍ରବେଶ ବା ମୁକ୍ତି ପ୍ରାପ୍ତ ହୁଏ ।

ମତ୍ କର୍ମକୃନ୍ମତ୍ ପରମୋ ମଦ୍ଭକ୍ତ ସଙ୍ଗବର୍ଜିତଃ ।
ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ॥୫୫॥

*ଅନ୍ୱୟ: ପାଣ୍ଡବ (ହେ ପଣ୍ଡୁ ପୁତ୍ର ଅର୍ଜୁନ!) ଯଃ (ଯେ) ମତ୍-କର୍ମ-କୃତ୍ (ମୋର ପ୍ରୀତି ନିମିତ୍ତ ସମସ୍ତ କର୍ମ କରେ ) ମତ୍ ପରମଃ (ମତ୍ ପରାୟଣ – ମୁଁ ଯାହାର ଏକମାତ୍ର ଶରଣ) ସଙ୍ଗ ବର୍ଜିତଃ (ଅନାତ୍ମ ବସ୍ତୁରେ ସ୍ପୃହା ଶୂନ୍ୟ) ମତ୍ ଭକ୍ତ (ସର୍ବ ପ୍ରକାରେ ମତେ ହିଁ ଭଜନା କରନ୍ତି-ଏକମାତ୍ର ମୋର ଭଜନଶୀଳ) ସର୍ବ ଭୂତେଷୁ (ସମସ୍ତ ପ୍ରାଣୀଙ୍କ ସହିତ) ନିର୍ବୈରଃ (ଶତ୍ରୁତା ଶୂନ୍ୟ – ଦ୍ୱେଷ ରହିତ) ସଃ (ସେ ଅର୍ଥାତ୍ ସେହି ଭକ୍ତ) ମାମ୍ (ମୋତେ ଅର୍ଥାତ୍ ବାସୁଦେବ ରୂପ ଶ୍ରୀ ଭଗବାନଙ୍କୁ ) ଏତି (ପ୍ରାପ୍ତ ହୁଅନ୍ତି)।*

**ଭାବାର୍ଥ**: ହେ ପଣ୍ଡୁ ପୁତ୍ର ଅର୍ଜୁନ ! ଯିଏ ମୋର ପ୍ରୀତି ନିମିତ୍ତ ସମସ୍ତ କର୍ମ କରନ୍ତି, ମୁଁ ଯାହାର ଏକମାତ୍ର ପରମ ପ୍ରେମୀ ଓ ଆଶ୍ରୟ, ଯେ ମୋର ଶ୍ରବଣ-କୀର୍ତ୍ତନ ଆଦି ନବଧା ଭକ୍ତି ଅଙ୍ଗ ସମୂହକୁ ପାଳନକରି ସର୍ବ ପ୍ରକାରେ ମୋତେ ହିଁ ଭଜନା କରେ, ଯେ ସମସ୍ତ ଅନାତ୍ମ ବସ୍ତୁରେ ଆସକ୍ତି ରହିତ ଅର୍ଥାତ୍ ସ୍ପୃହା ଶୂନ୍ୟ, ଯେ ପ୍ରତ୍ୟେକ ପ୍ରାଣୀ ପ୍ରତି ରାଗ-ଦ୍ୱେଷ ରହିତ, ଯାହାର କାହାପ୍ରତି ଲେଶ ମାତ୍ର ଦ୍ୱେଷ ଭାବ ନାହିଁ କି, କାହାକୁ ଶତ୍ରୁ ଦୃଷ୍ଟିରେ ଦେଖନ୍ତି ନାହିଁ, ଆତ୍ମା ବୁଦ୍ଧିରେ ସମସ୍ତଙ୍କ ସହ ମିତ୍ରଭାବ ରହିଥାଏ, ସେହି ଭକ୍ତ ମୋତେ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ମୋର ସେହି ସୌମ୍ୟ ଚତୁର୍ଭୁଜ ମୂର୍ତ୍ତିକୁ ଦର୍ଶନ କରିବାକୁ ସମର୍ଥ ହୋଇଥାନ୍ତି । ଏହି ଶ୍ଳୋକଟି ଗୀତାର ସାର ଶ୍ଳୋକ ରୂପେ ବିବେଚିତ । ଏଥିରେ ଭଗବାନ ଅନନ୍ୟ ଭକ୍ତିର କଣ ଲକ୍ଷଣ, ଏବଂ ଯେ ଅନନ୍ୟ ଭକ୍ତ ତାହାର ଭାବ, କର୍ମ ଓ ସଂସାର ସହିତ କେଉଁ ପ୍ରକାର ସମ୍ବନ୍ଧ; - ଅର୍ଜୁନଙ୍କୁ ତାହା ଉପଦେଶ ଦେଇ ବିଶ୍ୱରୂପ ଦର୍ଶନ

ଯୋଗର ଉପସଂହାର କରିଛନ୍ତି । ଭଗବାନଙ୍କ ସହିତ କିପରି ଭାବରେ ନିତ୍ୟ ଯୁକ୍ତ ହୋଇ ରହିବ ଏବଂ କିପରି ଭାବରେ ସଂସାର ସମ୍ବନ୍ଧକୁ ଛିନ୍ନ କରିବ, ଏହି ଦୁଇଟି ପ୍ରମୁଖ ବିଷୟ ଏହି ଶ୍ଳୋକରେ ଉପସ୍ଥାପନ କରାଯାଇଛି । 'ମତ୍ କର୍ମ କୃତ୍'- 'ମତ୍ ପରମ'- 'ମତ୍ ଭକ୍ତ' : ଏହି ତିନୋଟି ପ୍ରସଙ୍ଗ ହେଲା, ଭଗବାନଙ୍କ ସହିତ ଘନିଷ୍ଠତା ହୋଇ ରହିବା ଅର୍ଥାତ୍ ଯୋଗ ସାଧନା । 'ନିର୍ବୈରଃ ସର୍ବଭୂତେଷୁ' ଓ 'ସଙ୍ଗ ବର୍ଜିତଃ- ଏହି ଦୁଇଟି ବାକ୍ୟ ହେଲା ସଂସାର ସହିତ ସମ୍ବନ୍ଧ ଛିନ୍ନ କରିବା ଅର୍ଥାତ୍ ବୈରାଗ୍ୟ । ଯୋଗ ଓ ବୈରାଗ୍ୟ ଏହି ଦୁଇଟି ସିଦ୍ଧିରେ ଭଗବତ୍ ପ୍ରାପ୍ତି ହୁଏ । କର୍ମଫଳରେ ଲେଶ ମାତ୍ର ଆସକ୍ତି ନ ରଖି ବର୍ଣ୍ଣ, ସ୍ଥାନ, କାଳ, ପରିସ୍ଥିତି ଇତ୍ୟାଦି ଅନୁସାରେ କର୍ତ୍ତବ୍ୟ ବୋଧରେ କେବଳ ମୋର ପ୍ରୀତି ନିମନ୍ତେ କର୍ମ କରିବା ହେଉଛି 'ମତ୍ କର୍ମ କୃତ' । ଶରୀର, ମନ, ବୁଦ୍ଧି, ଯୋଗ୍ୟତା, ଧନ, ମାନ, ପ୍ରତିଷ୍ଠା ପ୍ରଭୃତି ଯାହା କିଛି ରହିଛି, ଏହି ସମସ୍ତ ଭଗବାନଙ୍କ ପ୍ରଦତ୍ତ, ଏଥିରେ ଦ୍ୱିମତ ନାହିଁ । ସଂସାର କଲ୍ୟାଣ ଦୃଷ୍ଟିରେ ରଖି ଭଗବାନ ଜୀବ ଦେହରେ ପ୍ରତିଭା ସମୂହ ବିକଶିତ କରିଥାନ୍ତି ଏବଂ ପ୍ରକୃତି ଦ୍ୱାରା ତଦ୍ ଅନୁଯାୟୀ ବସ୍ତୁ ଓ ପଦାର୍ଥ ସୃଷ୍ଟି କରି ସଂସାରର ଆବଶ୍ୟକତାକୁ ପୂର୍ଣ୍ଣ କରି ଥାନ୍ତି । ଅତଏବ, ସଂସାରର ସମସ୍ତ ଜଡ ଓ ଜୀବ ସୃଷ୍ଟି କେବଳ ସଂସାର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ । "ସଂସାର ପରିଚାଳନା ଦାୟିତ୍ୱ ଭଗବାନ ମନୁଷ୍ୟ ଉପରେ ନ୍ୟସ୍ତ କରିଛନ୍ତି" -ଏହି ମନୋଭାବ ରଖି କର୍ମ କଲେ ଭଗବାନ ପ୍ରୀତ ହୁଅନ୍ତି । ଭକ୍ତ କେବଳ ଭଗବତ୍ ପ୍ରିତ୍ୟାର୍ଥେ, ଭଗବତ୍ ଆଜ୍ଞାନୁସାରେ ଓ ଭଗବତ୍ ପ୍ରଦତ୍ତ ଶକ୍ତି ଦ୍ୱାରା 'ନିମିତ୍ତ ମାତ୍ର' ହୋଇ କାର୍ଯ୍ୟ କରେ । ଯାହାର ମୁଁ ଏକମାତ୍ର ଆଶ୍ରୟ, ପରମ ଧ୍ୟେୟ ଏବଂ ଅତ୍ୟନ୍ତ ପ୍ରେମୀ ସେ 'ମତ୍ ଭକ୍ତ' । "ମୁଁ ଭଗବାନଙ୍କର - ଭଗବାନ ମୋର" ଏହି ଭାବ ଦୃଢ ହୋଇଗଲେ ଭଗବାନଙ୍କ ପ୍ରତି ଅତିଶୟ ପ୍ରେମ ହୋଇଯାଏ । ସ୍ତ୍ରୀ, ପୁତ୍ର, ଧନ ଆଦି ସହିତ 'ମୁଁ ଓ ମୋର' ଭାବ ଯୁକ୍ତ ହୋଇଥିବାରୁ ସେମାନେ ଯେପରି ପ୍ରିୟ, କଥା କହି ପାରୁ ନଥିବା ସୁନା, ଗୃହ, ଜମି ଆଦି ଜଡ ପଦାର୍ଥ ମଧ୍ୟ ସେହିପରି ପ୍ରିୟ । 'ମୁଁ ଓ ମୋର' ଭାବ ପ୍ରତି ବଦଳରେ ' କେବଳ ପରମାତ୍ମା ଓ ପରମାତ୍ମାଙ୍କର' ଏହି ଭାବ – ଯାହା ନିବିଡ ସତ୍ୟ, ତାହାକୁ ସମସ୍ତ ପ୍ରାଣୀ ଓ ବସ୍ତୁ ସହିତ ସଂଯୋଗ କରିଦେଲେ, ଭଗବାନଙ୍କ ପ୍ରତି ପ୍ରେମ ସ୍ୱତଃ ବଢି ବଢି ଚାଲେ । ସମସ୍ତ ବସ୍ତୁ, ପ୍ରାଣୀ, ପରିସ୍ଥିତି, ଦେଶ, କାଳ ତଥା ନିଜ ଭିତରେ ଭକ୍ତ ସର୍ବଦା ଇଷ୍ଟଙ୍କୁ ପରିପୂର୍ଣ୍ଣ ହୋଇ ଥିବାର ଦେଖେ । ଭଗବାନ ସର୍ବ ବ୍ୟାପକ । ସେ ସମସ୍ତ ବସ୍ତୁ, ବ୍ୟକ୍ତି, ଭିତରେ ଅଛନ୍ତି, ମୋଠାରେ ମଧ୍ୟ ଅଛନ୍ତି । ଯାହାର ଏହିଭାବ ନିରନ୍ତର ହୃଦୟରେ ସ୍ମରଣ ରହିଥାଏ, ସେ' 'ମତ୍ ଭକ୍ତ' । 'ମତ୍ କର୍ମକୃତ' ଏବଂ 'ମତ୍ ଭକ୍ତ' ହୋଇଯିବା ପରେ ସଂସାର ପ୍ରତି ତାର ଆସକ୍ତି, ମମତା ଓ କାମନା ରହି ନ ଥାଏ । ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ ହୋଇଗଲେ, ଭୌତିକ ବସ୍ତୁ ପ୍ରତି ଆସକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏହା ହେଉଛି ଭକ୍ତର 'ସଙ୍ଗ ବର୍ଜିତଃ' ଲକ୍ଷଣ । ସର୍ବତ୍ର ଭଗବତ୍ ଭାବ କାରଣରୁ ଅନ୍ୟ କେହି ଯେତେ ଦୁର୍ବ୍ୟବହାର କରିବାରେ ଭକ୍ତର ହୃଦୟରେ କିଞ୍ଚିତ ମାତ୍ର ଦ୍ୱେଷ ଭାବ ଜାତ ହୁଏ ନାହିଁ । ଉପରୋକ୍ତ ସମସ୍ତ ବିଶେଷ ଲକ୍ଷଣ ରହିଥିବା ସାଧକ ହେଉଛି ଅନନ୍ୟ ଭକ୍ତ, ଯେ ଭଗବାନଙ୍କୁ ପ୍ରାପ୍ତ ହୋଇ ମନୁଷ୍ୟ ଜନ୍ମକୁ ସାର୍ଥକ କରିଥାଏ । ବିମୁଖତା ଦୂର କରି ଜୀବକୁ ଭଗବଦ୍ ଅଭିମୁଖୀ

କରିବା ପାଇଁ ଏହି ଦଶମ ଓ ଏକାଦଶ ଅଧ୍ୟାୟ ଉଦ୍ଦିଷ୍ଟ । ବ୍ୟକ୍ତି, ବସ୍ତୁ ଆଦିରେ ଦେଖା ଯାଉଥିବା ଯାହା କିଛି ବିଶେଷତ୍ୱ, ମହତ୍ତ୍ୱ, ବିଲକ୍ଷଣତା ବା ଅଲୌକିକତା ବସ୍ତୁ ବା ସେହି ବ୍ୟକ୍ତିର ନୁହେଁ, ତାହା ଭଗବାନଙ୍କ ବିଭୂତି ବୋଲି ମନରେ ଧାରଣ କଲେ, ତାହା ଭଗବାନଙ୍କ ଚିନ୍ତନ ସହିତ ସମାନ । ସଂସାର ଭଗବାନ ପ୍ରଦର୍ଶନ କରାଇଥିବା ବିରାଟ ରୂପର ଏକ ଅଙ୍ଗ । ଏହା ଅନେକ, ବର୍ଣ୍ଣ, ନାମ, ଆକୃତି ଇତ୍ୟାଦିରେ ପରିପୂର୍ଣ୍ଣ । ତେଣୁ ସଂସାର ସମସ୍ତଙ୍କୁ ପରମାତ୍ମା ସ୍ୱରୂପ ଦୃଷ୍ଟିରେ ଦେଖିବା ଉଚିତ । ଏହି ଅଧ୍ୟାୟର ନାମ 'ବିଶ୍ୱରୂପ ଦର୍ଶନ' ଯୋଗ, କାରଣ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ବିଶ୍ୱରୂପ ଦର୍ଶନ ନିମିତ୍ତ ବ୍ୟାକୁଳ ହୋଇ ପ୍ରାର୍ଥନା କରିବାରୁ ସେ' ପ୍ରସନ୍ନ ହୋଇ ଶରୀରର ଏକ ଅଂଶରେ ଏହି ରୂପ ଦେଖାଇଥିଲେ । ଭଗବାନ ଅର୍ଜୁନଙ୍କୁ ଦିବ୍ୟ ଚକ୍ଷୁ ବା ଭାବନେତ୍ର ଦେଇଥିଲେ, ଯେଉଁଥିରେ ସେ ଏହି ଦିବ୍ୟରୂପ ଦର୍ଶନ କରିଛନ୍ତି । "ଏକମେବାଦ୍ୱିତୀୟଂ ବ୍ରହ୍ମ"(ବ୍ରହ୍ମ ଏକ ଏବଂ ଅଦ୍ୱିତୀୟ)-"ସର୍ବଖଲ୍ୱିଦଂ ବ୍ରହ୍ମ"(ଏହି ସମସ୍ତ ହିଁ ବ୍ରହ୍ମ)- "ତତ୍ ସର୍ବଂ ଭବତ୍"(ସେ ଏହି ସବୁ ହୋଇଛନ୍ତି)- "ଏକୋହଂ ବହୁ ସ୍ୟାମ୍ ପ୍ରଜାୟେୟ" ( ମୁଁ ଏକ ବହୁ ହେବି-ପ୍ରଜାସୃଷ୍ଟି କରିବି )- ଏହି ସମସ୍ତ ଶ୍ରୁତି ବାକ୍ୟଗୁଡିକ ମଧ୍ୟରେ ସାମଞ୍ଜସ୍ୟ ଦେଖାଇବା ନିମିତ୍ତ ଶ୍ରୀ ଭଗବାନଙ୍କ ବିଶ୍ୱରୂପ ପ୍ରକଟନ । ଏହି ଜଗତ ବ୍ରହ୍ମଙ୍କ ବିରାଟ ଶରୀର । ଶ୍ରୀ ଭଗବାନ ଅର୍ଜୁନଙ୍କୁ ଯେଉଁ ବିଶ୍ୱରୂପ ଦେଖାଇଛନ୍ତି ତାହା ବାସ୍ତବିକ ଅଦ୍ଭୁତ, ଅନିର୍ବଚନୀୟ, ଅଦୃଷ୍ଟପୂର୍ବ । ସେହି ବିଶ୍ୱମୂର୍ତ୍ତି ସର୍ବତଃ ପୂର୍ଣ୍ଣ ଓ ସର୍ବ ବ୍ୟାପୀ-ଆଦି ଅନ୍ତ ଓ ମଧ୍ୟହୀନ ଓ ଜ୍ୟୋତିର୍ମୟ । ପୁଣି ବିଶ୍ୱର ସୃଷ୍ଟି, ସ୍ଥିତି ଏବଂ ଲୟ ମଧ୍ୟ ତାଙ୍କରି ଭିତରେ ହିଁ ହେଉଛି । ଭଗବାନଙ୍କ ପାଖରେ ବ୍ୟାକୁଳ ପ୍ରାର୍ଥନା ଜଣାଇବାକୁ ହେବ । ତାହାହେଲେ ସେ ଯାଇ ଦର୍ଶନ ଦେବେ । ଭଗବାନଙ୍କ ନିକଟରେ ବ୍ୟାକୁଳ ହୋଇ ମାଗିବାକୁ ପଡିବ । ଦେଖା ଦିଅ, ଦେଖା ଦିଅ, ଦେଖା ଦିଅ - ଏହିପରି କହି କହି ଯଦି ସ୍ୱତଃ ଅଶ୍ରୁ ନିର୍ଗତ ହୁଏ -ତେବେ ଯାଇ ତାଙ୍କରି କୃପାରେ ଦର୍ଶନ ସମ୍ଭବ ହୋଇପାରେ । ଗୀତାରେ ଭଗବାନ ଦେଇଥିବା ସମସ୍ତ ଉପଦେଶର ଅନ୍ତରାଳରେ ଆଉ ଏକ ମୁଖ୍ୟ ବିଷୟ ପ୍ରତି ଧ୍ୟାନ ରଖିବାକୁ ହେବ ଯେ, ଭକ୍ତି ଶବ୍ଦ କେବଳ ନାମ, ଜପ ଆଦି ନିମନ୍ତେ କୁହା ଯାଇନାହିଁ । ବିଶେଷ ଗୁରୁତ୍ୱ ହେଲା ସାଂସାରିକ କୁଟୁମ୍ବ ଆଦିର ଆସକ୍ତି ପରିତ୍ୟାଗ ଏବଂ କୌଣସି ପ୍ରକାର ପ୍ରାଣୀ ପ୍ରତି ଦ୍ୱେଷ ଭାବ ନ ରଖିବା ଅର୍ଥାତ୍ କୌଣସି ପ୍ରକାର କଷ୍ଟ ନ ପହଞ୍ଚାଇବା ଭକ୍ତି ଶବ୍ଦରେ କୁହାଯାଇଛି ।

ଓଁତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ବିଶ୍ୱରୂପଦର୍ଶନଯୋଗୋ ନାମୈକାଦଶୋଽଧ୍ୟାୟଃ ॥୧୧॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବତ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ବିଶ୍ୱରୂପ ଦର୍ଶନ ଯୋଗ' ନାମକ ଏକାଦଶ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୧॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ଓଁ

॥ ଶ୍ରୀ ପରମାତ୍ମନେ ନମଃ ॥

ଅଥ ଦ୍ୱାଦଶୋଅଧ୍ୟାୟଃ (ଦ୍ୱାଦଶଅଧ୍ୟାୟ )

(ଭକ୍ତିଯୋଗଃ)

ଅର୍ଜୁନ ଉବାଚ

ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।

ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ॥ ୧ ॥

*ଅନ୍ୱୟ : ଅର୍ଜୁନ ଉବାଚ (ଅର୍ଜୁନ କହିଲେ ) [ହେ ଭଗବନ୍!] ଏବଂ (ଏପରି ଭାବରେ –ଆପଣଙ୍କ ପୂର୍ବୋକ୍ତ ଉପଦେଶାନୁସାରେ ) ଯେ ଭକ୍ତାଃ (ଯେଉଁ ଭକ୍ତଗଣ) ସତତଯୁକ୍ତାଃ (ସର୍ବଦା-ନିରନ୍ତର ଆପଣଙ୍କଠାରେ ଯୁକ୍ତ ଚିତ୍ତ ହୋଇ) ତ୍ୱାଂ(ଆପଣଙ୍କ ସଗୁଣ ସାକାର ରୂପର) ପର୍ଯ୍ୟୁପାସତେ (ଉପାସନା କରନ୍ତି) ଯେ ଚ (ଏବଂ ଯେଉଁମାନେ) ଅବ୍ୟକ୍ତଂ ଅକ୍ଷରଂ (ଅବିନାଶୀ, ନିର୍ଗୁଣ ନିରାକାର ରୂପର) ଅପି (ହିଁ ଉପାସନା କରନ୍ତି ) ତେଷାମ୍ (ସେମାନଙ୍କ ମଧ୍ୟରେ) କେ (କେଉଁମାନେ) ଯୋଗବିତ୍ତମା (ଉତ୍ତମ ଯୋଗବେତ୍ତା ଅର୍ଥାତ୍ ଶ୍ରେଷ୍ଠ ଯୋଗୀ ? )*

**ଭାବାର୍ଥ** : ଶ୍ରୀମଦ୍ ଭଗବଦଗୀତାର କର୍ମ, ଭକ୍ତି ଏବଂ ଜ୍ଞାନ ପ୍ରତିପାଦନ କରୁଥିବା ତିନି ଷଟ୍କ ମଧ୍ୟରୁ ଉପାସନା କାଣ୍ଡର ଏହା ହେଉଛି ଅନ୍ତିମ ଅଧ୍ୟାୟ । ମାତ୍ର ତିନିଗୋଟି ଶ୍ଳୋକକୁ ଛାଡିଦେଲେ ଅଧ୍ୟାୟର ଅବଶିଷ୍ଟ ଶ୍ଳୋକରେ ଭକ୍ତିତତ୍ତ୍ୱ ନିରୂପଣ ହୋଇଥିବାରୁ ଏହି ଅଧ୍ୟାୟର ନାମ 'ଭକ୍ତି ଯୋଗ' । ଏକାଦଶ ଅଧ୍ୟାୟର ଅନ୍ତରେ ଭଗବାନ ଏହା କହି ଉପସଂହାର କରିଛନ୍ତି କି, ଅର୍ଜୁନ ! ତୁମେ ମୋର ଯେଉଁ ବିଶ୍ୱରୂପ ଦେଖିଲ, ତୁମଛଡା ପ୍ରଥମେ ଏହାକୁ କେହି ଦେଖି ନାହାନ୍ତି, ଭବିଷ୍ୟରେ କେବେ ବି ଦେଖିବେ ନାହିଁ । 'ମୁଁ'

ବେଦ ଅଧ୍ୟୟନ, ଯଜ୍ଞ, ତପ ଓ ଦାନ ଧର୍ମାଦି ଅନୁଷ୍ଠାନରେ ପ୍ରାପ୍ତ ହେବାର ବସ୍ତୁ ନୁହେଁ । କିନ୍ତୁ ଅନନ୍ୟ ଭକ୍ତି ଅର୍ଥାତ୍ ମୋ ଅତିରିକ୍ତ ଅନ୍ୟତ୍ର କେଉଁଠାରେ ଶ୍ରଦ୍ଧା ରଖୁ ନ ଥିବା, ନିରନ୍ତର ତୈଳଧାରା ସାଦୃଶ୍ୟ ମୋର ଚିନ୍ତନ କରୁଥିବା ଭକ୍ତ ସକାଶେ ପ୍ରତ୍ୟକ୍ଷ ଦର୍ଶନ, ତତ୍ତ୍ୱସାକ୍ଷାତ୍କାର ଏବଂ ମୋଠାରେ ପ୍ରବିଷ୍ଟ ନିମିତ୍ତ 'ମୁଁ' ଅତ୍ୟନ୍ତ ସୁଲଭ । ଅର୍ଜୁନ ! ତୁମେ ମୋତେ ଆଶ୍ରିତ ହୋଇ, ମୋ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କର୍ମ ସମୂହକୁ 'ନିମିତ୍ତ ମାତ୍ର' ଚିତ୍ତରେ କରି ମୋର ଅନନ୍ୟ ଭକ୍ତ ହୋଇଯାଅ । ସୃଷ୍ଟି ପରିଚାଳନା ନିମିତ୍ତ ଯଜ୍ଞ ପ୍ରକ୍ରିୟା ହିଁ ମୋ ଦ୍ୱାରା ନିର୍ଦ୍ଧାରିତ ଏକମାତ୍ର କର୍ମ, ତୁମେ ତାହା ମୋର ପ୍ରିତ୍ୟାର୍ଥେ ଅନୁଷ୍ଠାନ କର । ନିଷ୍କାମ କର୍ମ ଅନୁଷ୍ଠାନ ବିନା ନା କେହି ଯୋଗୀ ହୋଇଥାଏ, ନା କେହି ଜ୍ଞାନୀ ହୋଇଥାଏ । ତୃତୀୟ ଓ ପଞ୍ଚମ ଅଧ୍ୟାୟର ଆରମ୍ଭରେ ଏବଂ ଏହିଠାରେ ତୃତୀୟବାର ଅର୍ଜୁନ ସେହି କର୍ମ, ଜ୍ଞାନ ଓ ଭଜନାଦି ଉପାସନାର ମହତ୍ତ୍ୱକୁ ନେଇ ପ୍ରଶ୍ନ କରି ଭଗବାନଙ୍କ ଠାରୁ ନିଶ୍ଚିତ ବାକ୍ୟ ଜାଣିବାକୁ ଚାହିଁଛନ୍ତି । ଅର୍ଜୁନ ଭଗବାନଙ୍କୁ ଜିଜ୍ଞାସା ପୂର୍ବକ ପ୍ରଶ୍ନକରି କହିଛନ୍ତି; ହେ ଭଗବନ୍ ! ଆପଣଙ୍କ ପୂର୍ବୋକ୍ତ ଉପଦେଶାନୁସାରେ ଯେଉଁ ଭକ୍ତ ଯୋଗୀ ଆପଣଙ୍କ ଶରଣ ହୋଇ ନିରନ୍ତର ଆପଣଙ୍କଠାରେ ଯୁକ୍ତ ଚିତ୍ତହୋଇ, ଭଜନ, କୀର୍ତ୍ତନ, ସେବା ଆଦି କାର୍ଯ୍ୟରେ ନିଯୁକ୍ତ ରହି ଶ୍ୟାମସୁନ୍ଦର (ସଗୁଣ ସାକାର) ରୂପର ଉପାସନା କରିଥାନ୍ତି ଏବଂ ଯେଉଁମାନେ ଅବ୍ୟକ୍ତ ନିର୍ବିଶେଷ ଅକ୍ଷରବ୍ରହ୍ମର ଉପାସନା କରିଥାନ୍ତି, ଏହି ଉଭୟଙ୍କ ମଧ୍ୟରୁ ଶ୍ରେଷ୍ଠ ଯୋଗୀ କିଏ ? ଅର୍ଜୁନଙ୍କ ପ୍ରଶ୍ନ ସ୍ୱାଭାବିକ କି, ଜ୍ଞାନ ଓ ଭକ୍ତି ଏହି ଦୁଇ ମାର୍ଗ ମଧ୍ୟରୁ ଶୀଘ୍ର ଏବଂ ନିଶ୍ଚିତ ଫଳ ପ୍ରଦାନକାରୀ କେଉଁଟି ? ଦଶମ ଅଧ୍ୟାୟ ବିଭୂତି ଯୋଗରେ ଭଗବାନ ନିଜର ଅଲୌକିକ ବୈଭବ ସମ୍ପଦ ବିସ୍ତୃତ ଭାବରେ ବର୍ଣ୍ଣନା କରି, ଏକାଦଶ ଅଧ୍ୟାୟରେ ନିଜ ଶରୀରର କୌଣସି ଅଂଶରେ ଯେଉଁ ଅନନ୍ତ ବିଶ୍ୱବ୍ରହ୍ମାଣ୍ଡ ସହିତ ବିରାଟରୂପ ଦେଖାଇଲେ, ତାହା ଭଗବାନଙ୍କ ଐଶ୍ୱର୍ଯ୍ୟମୟ ବିଶ୍ୱରୂପ ଏବଂ ସର୍ବ ବ୍ୟାପକ ବିଶ୍ୱଚର ରୂପକୁ ପ୍ରତିପାଦନ କରୁଅଛି । ଏହାର ଅତିରିକ୍ତ ଅବିନାଶୀ ସଚ୍ଚିଦାନନ୍ଦଘନ ପରଂବ୍ରହ୍ମଙ୍କ ନିର୍ଗୁଣ ନିରାକାର ଚିନ୍ମୟ ସତ୍ତା ହେଉଛି ଭଗବାନଙ୍କ ବିଶ୍ୱାତୀତ ସ୍ୱରୂପ, ଯାହା ମନ, ବୁଦ୍ଧି, ଇନ୍ଦ୍ରିୟାଦି ଦ୍ୱାରା ଚିନ୍ତନ କିମ୍ବା ଧାରଣାର ବସ୍ତୁ ନୁହେଁ । ଚିତ୍ତବୃତ୍ତିକୁ ନିରୋଧକରି, ନିରନ୍ତର ନିର୍ଗୁଣ ବ୍ରହ୍ମର ଚିନ୍ତନ କିମ୍ବା ତତ୍ତ୍ୱଜ୍ଞାନ ପ୍ରାପ୍ତକରି ତାହାର ସ୍ଥିରତା ନିମିତ୍ତ ଇନ୍ଦ୍ରିୟାତୀତ, ଅକ୍ଷର, ନିର୍ବିଶେଷ ବ୍ରହ୍ମ(ଜ୍ୟୋତି)ର ଧ୍ୟାନ, ମନନ ବା ନିଦିଧ୍ୟାସନ ହେଉଛି ନିର୍ଗୁଣ ନିରାକାର ସ୍ୱରୂପର ଉପାସନା । ସଗୁଣ ବ୍ରହ୍ମୋପାସନା ଓ ନିର୍ଗୁଣ ବ୍ରହ୍ମୋପାସନା ଉଭୟ ମଧ୍ୟରେ କେଉଁଟି ପ୍ରଶସ୍ତ ଅର୍ଥାତ୍ ମହତ୍ତ୍ୱପୂର୍ଣ୍ଣ ତାହା ନିର୍ଣ୍ଣୟ କରିବା ନିମିତ୍ତ ଅର୍ଜୁନ ଏହି ପ୍ରଶ୍ନ ପଚାରିଛନ୍ତି । କେହି କେହି ଟୀକାକାର ମଧ୍ୟ ଅର୍ଜୁନଙ୍କ ଏହି ପ୍ରଶ୍ନ ପ୍ରତିମା ପୂଜାର ମହତ୍ତ୍ୱ ଓ ବିଶେଷତାକୁ ସୂଚିତ କରୁଥିବାର ଉଲ୍ଲେଖ କରିଛନ୍ତି । ସଂସାରରେ ଅପେକ୍ଷାକୃତ ସହଜ ସାଧ୍ୟ ପରମ ସତ୍ୟ ସ୍ୱରୂପ ଭଗବାନଙ୍କୁ ଜାଣିବା ନିମିତ୍ତ ଅନେକ ସାଧନ ମାର୍ଗ ରହିଅଛି । କିନ୍ତୁ ଏହି ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି; ସମସ୍ତ ଯୋଗବିଧି ମଧ୍ୟରେ ଯେ ମୋର ଆଶ୍ରିତ ଏବଂ ଭକ୍ତ, ସେ ହେଉଛି ସର୍ବୋତ୍ତମ । ଶ୍ରୀରାମକୃଷ୍ଣଦେବ କହିଛନ୍ତି; "କଳି ଯୁଗରେ ନାରଦୀୟ ଭକ୍ତି । ଏ ଯୁଗ ପକ୍ଷରେ ଭକ୍ତିଯୋଗ – ଏଥିରେ ଅନ୍ୟାନ୍ୟ ପଥ ଅପେକ୍ଷା ସହଜରେ ଈଶ୍ୱରଙ୍କୁ ପାଇହୁଏ" ।

ଦେହାଭିମାନ କାରଣରୁ ଭଗବାନଙ୍କ ଏହି ନିର୍ବିଶେଷ ପ୍ରକାଶକୁ ପୂର୍ଣ୍ଣ ରୂପେ ଧାରଣା କରିବା ସହଜ ସାଧ୍ୟ ନୁହେଁ । ତେଣୁ ସମୁଦାୟ ଗୀତା ଶାସ୍ତ୍ରରେ ଫଳାକାଙ୍କ୍ଷା ରହିତ ସାକାର ଉପାସନା ହିଁ ସର୍ବ ଶ୍ରେଷ୍ଠ ଯୋଗବିଧି ବୋଲି କୁହାଯାଇଛି । ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମ ନିନେଦନ ଏହି ନ ପ୍ରକାର (ନବଧା ଭକ୍ତି) 'ସାଧନ ଭକ୍ତି' ଅଟେ ।

ଶ୍ରୀ ଭାଗବାନ ଉବାଚ

ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।
ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ॥୨॥

*ଅନ୍ୱୟ: ଶ୍ରୀ ଭଗବାନ ଉବାଚ (ଶ୍ରୀ ଭଗବାନ କହିଲେ) ଯେ (ଯେଉଁମାନେ) ମୟି (ମୋ ଠାରେ) ମନଃ ଆବେଶ୍ୟ (ମନୋନିବେଶ କରି- ଚିତ୍ତ ନିବିଷ୍ଟ କରି) ନିତ୍ୟଯୁକ୍ତାଃ (ସତତ ଯୁକ୍ତ ହୋଇ) ପରୟା (ଦୃଢ-ଅଖଣ୍ଡ-ଅତୁଟ) ଶ୍ରଦ୍ଧୟା (ଶ୍ରଦ୍ଧା ଓ ବିଶ୍ୱାସ ସହିତ) ମାମ୍ (ମୋର) ଉପାସତେ (ଉପାସନାରେ) ଉପେତାଃ (ନିଯୁକ୍ତ ରହନ୍ତି) ତେ (ସେମାନେ) ଯୁକ୍ତତମାଃ (ଶ୍ରେଷ୍ଠ ଯୋଗୀ) ମେ (ମୋର) ମତାଃ (ଅଭିମତ) ।*

**ଭାବାର୍ଥ**: ପରମ ପୁରୁଷ ଭଗବାନ କହିଲେ; ଯେଉଁମାନେ ମୋ ସଗୁଣ ସାକାର ସ୍ୱରୂପରେ ମନ ନିବେଶକରି ଅତୁଟ ଶ୍ରଦ୍ଧାର ସହିତ ଭଜନ, କୀର୍ତ୍ତନ, ଲୀଳା ଶ୍ରବଣ ଆଦି ଆରାଧନାରେ ସତତ ନିଯୁକ୍ତ ହୋଇ ରୁହନ୍ତି, ସେହିମାନେ ଯୁକ୍ତତମ ଅର୍ଥାତ୍ ଶ୍ରେଷ୍ଠଯୋଗୀ । ଏକାଗ୍ର ଚିତ୍ତ ଓ ପରମ ଶ୍ରଦ୍ଧାଯୁକ୍ତ ହୋଇ ସଗୁଣ ସବିଶେଷ ବ୍ରହ୍ମ ଉପାସକ ହିଁ ଶ୍ରେଷ୍ଠ-ଏହା ଭଗବାନଙ୍କ ସ୍ପଷ୍ଟ ଅଭିମତ ଅର୍ଥାତ୍ ସେ' ହିଁ ଯୋଗରେ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି; **"ଭକ୍ତ୍ୟା ସଞ୍ଜାତୟା ଭକ୍ତ୍ୟା"** ଅର୍ଥାତ୍ ଭକ୍ତି ଦ୍ୱାରା ହିଁ ଭକ୍ତି ଜାତ ହୁଏ । ମୂର୍ତ୍ତିରେ, ଗୁରୁଙ୍କଠାରେ, ଧ୍ୟାନରେ, ଶାଳଗ୍ରାମରେ, ତୀର୍ଥ ସ୍ଥାନରେ, ଏକାଦଶୀ ଆଦି ପୁଣ୍ୟକାଳରେ, ବିଶେଷ ବ୍ୟକ୍ତି କିମ୍ବା ବସ୍ତୁ ପ୍ରଭୃତିରେ ପ୍ରତ୍ୟକ୍ଷରେ ଯେଉଁଠାରେ ଭଗବାନ ଜଣା ପଡନ୍ତି ନାହିଁ, ସେହି ଗୁଡିକ ଭିତରେ ଭାବରେ ଭଗବାନଙ୍କ ଦର୍ଶନ କରିବାର ନାମ 'ଭକ୍ତି' । 'ମନଃ ଆବେଶ୍ୟ' ଏବଂ 'ନିତ୍ୟଯୁକ୍ତା' ଏହି ଦୁଇ ଶବ୍ଦ ଅତ୍ୟନ୍ତ ଅର୍ଥ ପୂର୍ଣ୍ଣ । ସଂସାର ପ୍ରତି ପ୍ରୀତି ମୁଖ୍ୟ ଭାବରେ ରଖି ଗୌଣ ଭାବେ ମନ କିମ୍ବା ବୁଦ୍ଧିରେ ଭଗବାନ ରୂପକୁ ଟାଣି ଆଣି ସ୍ଥାପନ କରିବା 'ନିତ୍ୟଯୁକ୍ତ' ନୁହେଁ । ଆତ୍ମା ସ୍ତରରେ ଯାହା ପ୍ରତି ପ୍ରୀତି ରହିଥାଏ, ସେହିଠାରେ ମନକୁ ଲଗାଇବାର ପ୍ରଚେଷ୍ଟା କରିବାକୁ ପଡି ନଥାଏ । ମନ ସ୍ୱତଃ ସେହି ଠାରେ ଲାଗି ରହିଥାଏ । ନିରନ୍ତର ଇଷ୍ଟଙ୍କ ସହିତ ଯୁକ୍ତ ସ୍ଥିତିରେ ବୃତ୍ତି ବା ବିଷୟ କ୍ଷେତ୍ରରେ ଅନେକ ରୂପ ଧାରଣ କରି ସାମନାରେ ପ୍ରତିମୂର୍ତ୍ତି ରହିଥିବା ଭାବ ବ୍ୟତୀତ ଅନ୍ୟ କୌଣସି ଦୃଷ୍ଟିକୁ ଆସେ ନାହିଁ । ବ୍ରଜବାସିନୀ ଗୋପାଙ୍ଗନା ଭଳି ସମସ୍ତ କର୍ମ କରିବା ସମୟରେ, ପ୍ରେମ ପୂର୍ଣ୍ଣ ଚିତ୍ତରେ, ଅଶ୍ରୁପୂର୍ଣ୍ଣ ଚକ୍ଷୁରେ, ଗଦ୍ ଗଦ୍ କଣ୍ଠରେ ଲୀଳା ଗାୟନରେ କୃଷ୍ଣ ପ୍ରେମରସ ପାନ କରି ତନ୍ମୟ ହୋଇ ଉଠିବା, 'ପରମ ଶ୍ରଦ୍ଧା' ଯୁକ୍ତ ଉପାସନା । ସଂସାରରେ ସ୍ତ୍ରୀ, ପୁତ୍ର, ଧନ ଆଦିକୁ ମନେ ପକାନ୍ତୁ ଅବା ନପକାନ୍ତୁ, ଏ ଗୁଡିକ ପ୍ରତି ପ୍ରୀତି ବା ପ୍ରେମ ରହିବାରେ କେବେ ବି ବାଧା ହୋଇ ନଥାଏ । ଭଗବାନଙ୍କ ଉପଦେଶ ଅନୁସାରେ, ସଂସାର ସ୍ଥାନରେ ଇଷ୍ଟଙ୍କୁ ମୁଖ୍ୟ ଭାବେ ରଖି ସଂସାରକୁ ଗୌଣ ମନେ କଲେଯାଇ, ସଂସାର କର୍ମ ଅନାସକ୍ତ ଚିତ୍ତରେ କରୁଥିବା

ବେଳେ ଇଷ୍ଟଙ୍କ ସ୍ୱରୂପ ମନରୁ ବିୟୋଗ ହୋଇ ପାରିବ ନାହିଁ । ଏହା ହିଁ "ଯୋଗଃ କର୍ମସୁ କୌଶଳମ୍" । ପ୍ରେମରେ ହିଁ ଭଗବାନଙ୍କ ପ୍ରତି ଆକର୍ଷିତ କରାଇବାର ଶକ୍ତି ରହିଛି । ଭଗବାନଙ୍କ ପ୍ରତି ପ୍ରେମ ଏପରି ଅନ୍ତରଙ୍ଗ ହେବା ଉଚିତ, ଯାହା ଅଚେତ ଅବସ୍ଥାରେ ମଧ୍ୟ ରହେ, ସୁଷୁପ୍ତିରେ ମଧ୍ୟ ଅତୁଟ ରହେ, ମୃତ୍ୟୁ ବା ପ୍ରଳୟ କାଳରେ ମଧ୍ୟ ପ୍ରେମର ଆସ୍ୱାଦନ ଅନୁଭବ ହୁଏ । ଆତ୍ମା ସହିତ ଏକ ହୋଇ ଯାଇଥିବା ସେହି ପ୍ରେମ ସର୍ବ ଭୂତାତ୍ମା ପରମାତ୍ମାଙ୍କ ବୋଧ କରାଇବାରେ ସହାୟକ ହୁଏ । ତୈଳଧାର ସାଦୃଶ୍ୟ ଭଗବାନଙ୍କ ସ୍ୱରୂପ ସହିତ ଯୁକ୍ତହୋଇ ରହିବା ହେଉଛି 'ନିତ୍ୟଯୁକ୍ତା' । ଜଳରୁ ମାଛକୁ ଅଲଗା କରି ଦେବାରେ ମାଛର ଅବସ୍ଥା ଭଳି, ଏକକ୍ଷଣ ଭଗବାନଙ୍କ ଠାରୁ ମନ ଅନ୍ତର ହେଲେ ହୃଦୟ ବ୍ୟାକୁଳ ହୋଇ ଉଠିବା ହେଉଛି ଅନନ୍ୟ ଭକ୍ତି । ସ୍ୱୟଂ ଯେବେ ଭଗବାନଙ୍କର ବୋଲି ସ୍ୱୀକାର କରିନିଏ, ସେତେବେଳେ ମନ ବୁଦ୍ଧି ଭଗବାନଙ୍କଠାରେ ତଲ୍ଲୀନ ହୋଇ ଯାଇଥାଆନ୍ତି । ସ୍ୱୟଂ ଭଗବାନଙ୍କ ପ୍ରତି ଆକୃଷ୍ଟ ହେଲେ ହିଁ ପରମାତ୍ମାଙ୍କ ଠାରୁ ବିୟୋଗ କେବେ ହେବନାହିଁ । ସାଧକ କର୍ମ ଯୋଗ, ଜ୍ଞାନ ଯୋଗ ପ୍ରଭୃତି ଯେଉଁ ମାର୍ଗ ଅନୁସରଣ କଲେ ବି ଯାହାକୁ ଭକ୍ତି ପ୍ରାପ୍ତ ହୋଇଛି, ସେ ହିଁ କେବଳ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବାର ସମ୍ଭାବନା ଥାଏ । ଭକ୍ତି ମାର୍ଗରେ ଏକମାତ୍ର ଈଶ୍ୱରଙ୍କ ଅତିରିକ୍ତ ଅନ୍ୟ କାହା ସତ୍ତାର ସ୍ୱୀକୃତି ନ ରହିବା କାରଣରୁ ଆରମ୍ଭରୁ ହିଁ ଭକ୍ତ ଈଶ୍ୱରଙ୍କ ସହିତ ଅଭିନ୍ନ ହୋଇ ଯାଇଥାଏ ।

ଯେ ତ୍ୱକ୍ଷରମନିର୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ ॥ ୩॥
ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥୪॥

*ଅନ୍ୱୟ: ଯେ ତୁ (କିନ୍ତୁ ଯେଉଁମାନେ ) ଇନ୍ଦ୍ରିୟଗ୍ରାମମ୍ (ଇନ୍ଦ୍ରିୟ ସମୂହକୁ) ସନ୍ନିୟମ୍ୟ (ସଂଯମିତ କରି) ସର୍ବତ୍ର (ସମସ୍ତ ବସ୍ତୁ-ପରିସ୍ଥିତିରେ) ସମବୁଦ୍ଧୟଃ (ସମ ଦୃଷ୍ଟି ସମ୍ପନ୍ନ ହୋଇ) ସର୍ବଭୂତ ହିତେ (ସମସ୍ତ ପ୍ରାଣୀଙ୍କ କଲ୍ୟାଣରେ) ରତାଃ (ପ୍ରୀତି ରଖୁଥିବା) ଅନିର୍ଦେଶ୍ୟମ୍ (ଯାହା ନିର୍ଦ୍ଦିଷ୍ଟ କରିହୁଏ ନାହିଁ ଅର୍ଥାତ୍ ଅନିର୍ବଚନୀୟ) ଅବ୍ୟକ୍ତ (ପ୍ରାକୃତ ରୂପାଦି ରହିତ ) ସର୍ବତ୍ରଗମ୍ (ସର୍ବ ବ୍ୟାପୀ) କୂଟସ୍ଥମ୍ (ନିତ୍ୟ ଏକରୂପ-ସର୍ବକାଳ ବ୍ୟାପୀ-ନିର୍ବିକାର) ଅଚଳମ୍ (ଚଳନ କ୍ରିୟା ରହିତ-ବୃଦ୍ଧି ଆଦି ରହିତ ) ଧ୍ରୁବମ୍ (ନିଶ୍ଚିତ) ଅକ୍ଷରମ୍ (ନିର୍ଗୁଣ ବ୍ରହ୍ମର) ପର୍ଯ୍ୟୁପାସତେ (ତତ୍ପରତା ସହ ଉପାସନା କରନ୍ତି) ତେ (ସେହି ସନ୍ଥ) ମାମ୍ ଏବ (ମୋତେ ହିଁ) ପ୍ରାପ୍ନୁବନ୍ତି (ପ୍ରାପ୍ତ ହୁଅନ୍ତି) ।*

**ଭାବାର୍ଥ** : ନିର୍ଗୁଣ ନିର୍ବିଶେଷ ବ୍ରହ୍ମ ସ୍ୱରୂପ କଣ ଏବଂ ଏହାର ଉପାସକଙ୍କ ଲକ୍ଷଣ ସମ୍ବନ୍ଧରେ ଭଗବାନ ଏହି ଦୁଇ ଶ୍ଳୋକରେ କହୁଛନ୍ତି । ସମ୍ପୂର୍ଣ୍ଣ ଇନ୍ଦ୍ରିୟ ସମୂହକୁ ବଶୀଭୂତ କରି, ସମ୍ପୂର୍ଣ୍ଣ ପ୍ରପଞ୍ଚରେ ବ୍ରହ୍ମ ବୁଦ୍ଧି ରଖୁଥିବା ତଥା ସକଳ ପ୍ରାଣୀଙ୍କ କଲ୍ୟାଣ ପରାୟଣ ହୋଇ ଯେଉଁ ସଂଯମୀ ପୁରୁଷ ଅବିନାଶୀ, ଅନିର୍ବଚନୀୟ, ଅବ୍ୟକ୍ତ, ସର୍ବତ୍ର ବ୍ୟାପ୍ତ, ଅଚିନ୍ତ୍ୟ, ସର୍ବକାଳ ବ୍ୟାପୀ, ନିର୍ଗୁଣ, ନିତ୍ୟ ତଥା ଶାଶ୍ୱତ ପରଂବ୍ରହ୍ମଙ୍କ ଉପାସନା କରିଥାନ୍ତି, ସେମାନେ ମଧ୍ୟ ମୋତେ ହିଁ ପ୍ରାପ୍ତ ହୁଅନ୍ତି । ସଗୁଣ ବା ନିର୍ଗୁଣ ଭାବରେ ଉପାସନା କଲେ ହିଁ ଭଗବାନଙ୍କୁ ପ୍ରାପ୍ତ କରାଯାଇ ପାରିବ । ଅବିଦ୍ୟା ମାୟାର ନାଶ କେବଳ ବ୍ରହ୍ମ ଜ୍ଞାନରେ ହିଁ ହୋଇଥାଏ । ମାୟାର ଅନ୍ତ

ଘଟିଲେ ଯେଉଁ ଏକ ଅକ୍ଷର ଅବଶେଷ ତତ୍ତ୍ୱ ରହିଯାଏ, ସେ' ହିଁ ସଚ୍ଚିଦାନନ୍ଦଘନ ପରମାତ୍ମା, ଯିଏ ପରମ ଅକ୍ଷର ନାମରେ ମଧ୍ୟ ବିଦିତ । ଆକାଶ ଭଳି ଯେଉଁ ଚିନ୍ମୟ ତତ୍ତ୍ୱ ସର୍ବତ୍ର ପରିପୂର୍ଣ୍ଣ, ତାହାକୁ ଭାଷା ଓ ବାଣୀ ଦ୍ୱାରା କିପରି ବୋଧପ୍ରାପ୍ତ କରିହେବ ? ତେଣୁ ସିଏ 'ଅନିର୍ଦେଶ୍ୟମ୍' ଅର୍ଥାତ୍ 'ଅକ୍ଷରାତ୍ମା' ଯାହାକୁ ନା ଜାତି, ନା ଗୁଣ, ନା କ୍ରିୟା, ନା ସମ୍ବନ୍ଧ ଦ୍ୱାରା ସୂଚିତ କରି ହୁଏ । କେବଳ ଲକ୍ଷଣ ବୃତ୍ତିକୁ ଆଧାର କରି, ଏହା ନୁହେଁ-ଏହା ନୁହେଁ ଭାବରେ ନିଷେଧ କରି, ଅବଶେଷ ତତ୍ତ୍ୱ ରୂପେ ଏହାକୁ ସଙ୍କେତ କରା ଯାଇପାରେ । ସମସ୍ତ ଦେଶ, କାଳ, ବସ୍ତୁ ଓ ବ୍ୟକ୍ତିଙ୍କଠାରେ ପରିପୂର୍ଣ୍ଣ ଥିବାରୁ ସେ ସର୍ବ ବ୍ୟାପୀ । ଯାହାର ଆକୃତି ବା ତତ୍ତ୍ୱ ଇନ୍ଦ୍ରିୟ ତଥା ରୂପ, ରସ, ଶବ୍ଦ, ଗନ୍ଧ ଏବଂ ସ୍ପର୍ଶ ଦ୍ୱାରା ଅଭିବ୍ୟକ୍ତ ହୋଇପାରି ନ ଥାଏ, ତାହା ହେଉଛି ଅବ୍ୟକ୍ତ । ମନ ଏବଂ ମନ ଉପରେ ପଡୁଥିବା ଚିଦାଭାସ ଦ୍ୱାରା ସମସ୍ତ ଭୌତିକ ବସ୍ତୁ ପ୍ରକାଶିତ ହୋଇଥାନ୍ତି । ସୂର୍ଯ୍ୟଙ୍କୁ ଦେଖିବା ପାଇଁ ଯେପରି ଦୀପର ଆବଶ୍ୟକ ପଡି ନ ଥାଏ, ସେହି ପରତତ୍ତ୍ୱ ପ୍ରକାଶ ନିମନ୍ତେ ଚିଦାଭାସ ଉପଯୋଗ ହୋଇ ନଥାଏ । ମନ ଓ ଅନ୍ତଃକରଣରେ ବ୍ରହ୍ମାକାର ବୃତ୍ତି ଆରମ୍ଭ ହେବାକୁ ଲାଗିଲେ, ଆବରଣର ଧ୍ୱଂସ ଘଟାଇ ସ୍ୱୟଂ ପ୍ରକାଶ ପରମାତ୍ମା ଉଦ୍ଭାସିତ ହୋଇ ଉଠନ୍ତି । ପ୍ରକୃତି ଓ ତ୍ରିଗୁଣରୁ ଅତୀତ ପରଂବ୍ରହ୍ମ ପରମାତ୍ମା ତେଣୁ ଅବ୍ୟକ୍ତ ଏବଂ ଅଚିନ୍ତ୍ୟ । ସେ ଅଚଳ ଅର୍ଥାତ ବୁଲିବା, ହଲିବା ଆଦି ସମସ୍ତ ଚଳନ କ୍ରିୟା ରହିତ । ଚଳନ କ୍ରିୟା ମାୟାର ଧର୍ମ ହୋଇଥିବା ବେଳେ ବ୍ରହ୍ମ ସର୍ବଦା ଅଚଳ, ଯେପରି ଶରୀର କ୍ରିୟାଶୀଳ ବେଳେ ଆତ୍ମା ଅକ୍ରିୟ । ସେ' କୂଟସ୍ଥ ଅର୍ଥାତ୍ ସ୍ଥିର, ଅପରିବର୍ତ୍ତନୀୟ । ସ୍ୱର୍ଣ୍ଣକାର ପିଟାଇ ନିମିତ୍ତ ଯେଉଁ ଲୌହ୍ୱ ପିଣ୍ଡ ବ୍ୟବହାର କରିଥାଏ ତାହା ହେଉଛି କୂଟ(ଲେହୀ), ଯାହା ଯେତେ ପ୍ରହାରରେ ବି ଯେପରି ସେପରି ରହିଥାଏ । ଛଳ, ମାୟା, ମିଥ୍ୟା ସାକ୍ଷୀ ଆଦିକୁ ମଧ୍ୟ ସଂସ୍କୃତରେ କୂଟ କୁହାଯାଇଥାଏ । ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ବ୍ୟାଖ୍ୟାନୁସାରେ ତ୍ରିଗୁଣ ମାୟାରେ ଆବୃତ ପ୍ରଭୁ ରୂପରେ ବିରାଜମାନ ପରମାତ୍ମା ମଧ୍ୟ କୂଟ, ଯିଏ ମାୟାରେ ସ୍ଥିତ ରହି ମାୟାର ଅନ୍ତର୍ଗତ ନୁହନ୍ତି । ଅଧିଷ୍ଠାତା ରୂପରେ ସମସ୍ତ ବିକାର ଉପୂନ୍ନକାରୀ ହୋଇ ମଧ୍ୟ ସ୍ୱୟଂ ନିର୍ବିକାର । ଅଚିନ୍ତ୍ୟ, ଅବ୍ୟକ୍ତ ହୋଇ ମଧ୍ୟ ସେ ଧ୍ରୁବ ଅର୍ଥାତ୍ ଯାହାଙ୍କ ସତ୍ତା ନିଶ୍ଚିତ ଏବଂ ସତ୍ୟ । ଏହି ନିର୍ଗୁଣ ନିର୍ବିଶେଷ ବ୍ରହ୍ମ ଉପାସନା ନିମିତ୍ତ ଭଗବାନ ଶ୍ରୀକୃଷ୍ଣ ତିନିଗୋଟି ସର୍ତ୍ତ ଉପସ୍ଥାପନ କରିଛନ୍ତି । ନିର୍ଗୁଣ ଉପାସନା ଚିନ୍ତନର କୌଣସି ଆଧାର ନଥିବାରୁ ବ୍ରହ୍ମ ଉପାସକଙ୍କ ପକ୍ଷେ ଇନ୍ଦ୍ରିୟଗଣଙ୍କୁ ବିଷୟ ଆସକ୍ତରୁ ନିବୃତ୍ତ କରାଇ ପ୍ରଥମେ ନିଜ ନିୟନ୍ତ୍ରଣାଧୀନ କରିବାକୁ ହେବ । ଦ୍ୱିତୀୟରେ ସର୍ବତ୍ର ବ୍ରହ୍ମଦର୍ଶୀ ଅର୍ଥାତ୍ ପିମ୍ପୁଡିଠାରୁ ଆରମ୍ଭ କରି ବ୍ରହ୍ମ ପର୍ଯ୍ୟନ୍ତ ସର୍ବତ୍ର ସମଦର୍ଶୀ ହେବାକୁ ପଡିବ । ରାଗ-ଦ୍ୱେଷ, ଶୁଭ-ଅଶୁଭ, ଆପଣା-ପର, ଏ ସମସ୍ତ ଦ୍ୱନ୍ଦ୍ୱର ଉର୍ଦ୍ଧ୍ୱରେ ସ୍ଥିତ ହେବାକୁ ପଡିବ । ତୃତୀୟରେ ଅଜ୍ଞାନୀ ଯେପରି ନିଜ ସ୍ୱାର୍ଥରେ ସଦା ରତ ରହିଥାଏ, ଜ୍ଞାନୀ ପୁରୁଷ ସର୍ବଦା ଜଗତ କଲ୍ୟାଣରେ ପ୍ରୀତି ରଖିବାକୁ ହେବ । କାରଣ "ସମସ୍ତ ଜୀବ ଭିତରେ 'ମୁଁ' ହିଁ ବିରାଜମାନ"- ଏହା ଜ୍ଞାନୀକୁ ସ୍ପଷ୍ଟଭାବରେ ଭାସିତ ହୋଇଥାଏ । ଏହିପରି ଭାବରେ ସଂଯମୀ, ବ୍ରହ୍ମଦର୍ଶୀ ଓ ସର୍ବ ହିତକାଙ୍କ୍ଷୀ ଯୋଗୀ ପୁରୁଷ ନିର୍ଗୁଣ ନିର୍ବିଶେଷ ବ୍ରହ୍ମ ଉପାସନାରେ ମୋତେ ପ୍ରାପ୍ତ ହୁଏ । ଭଗବାନ ଏଠାରେ ବ୍ରହ୍ମର ଯେଉଁ ସମସ୍ତ ଲକ୍ଷଣ- ଅଚିନ୍ତ୍ୟ, କୂଟସ୍ଥ,

ଅଚଳ, ଅକ୍ଷର, ଅବ୍ୟକ୍ତ ପ୍ରଭୃତି କହିଛନ୍ତି , ଜୀବାତ୍ମା ସେହି ସମସ୍ତ ଲକ୍ଷଣ ଯୁକ୍ତ ବୋଲି ଦ୍ୱିତୀୟ ଅଧ୍ୟାୟରେ ଆଗରୁ କହିଛନ୍ତି । ଏଥିରୁ ସ୍ପଷ୍ଟ ସିଦ୍ଧ କି, ବ୍ରହ୍ମ ଓ ଜୀବ ଅଭିନ୍ନ । କେବଳ ଦେହ ସହିତ ଅନେକ ରୂପରେ ସମ୍ବନ୍ଧ ରଖିବା କାରଣରୁ ଯାହାକୁ ଜୀବ କୁହାଯାଇଛି, ସେ ହିଁ ବ୍ରହ୍ମ । ନିର୍ଗୁଣ ବ୍ରହ୍ମ ଉପାସକ ମୋତେ ପ୍ରାପ୍ତ କରିଥାନ୍ତି- ଏହା କହିବାର ଅଭିପ୍ରାୟ-"ବ୍ରହ୍ମ ମୋଠାରୁ ଅଭିନ୍ନ ଏବଂ ମୁଁ ବ୍ରହ୍ମ ଠାରୁ ଭିନ୍ନ ନୁହେଁ ।" ଉପର୍ଯୁକ୍ତ ଉପାସନାର ଫଳ  ଯେଉଁ ନିର୍ଗୁଣ ବ୍ରହ୍ମ ପ୍ରାପ୍ତି, ତାହା ମୋର ହିଁ ପ୍ରାପ୍ତି ଅଟେ । ଗୁଣତ୍ରୟ ବିଭାଗ ଯୋଗ(୧୪/୨୭ ଶ୍ଳୋକ) ରେ ଭଗବାନ କହିଛନ୍ତି "ବ୍ରହ୍ମଣୋ ହି ପ୍ରତିଷ୍ଠାହମ୍" ଅର୍ଥାତ୍ ନିର୍ବିଶେଷ ତତ୍ତ୍ୱର ଆଶ୍ରୟ ଶ୍ରୀକୃଷ୍ଣ ହିଁ ଅଟନ୍ତି । ଶ୍ରୀକୃଷ୍ଣ ସମସ୍ତ ଉପାସ୍ୟ ତତ୍ତ୍ୱର ଆଶ୍ରୟ ଏବଂ ପରମ ଉପାସ୍ୟ ଅଟନ୍ତି । ଏହିକଥା ସର୍ବଦା ସାଧକକୁ ସ୍ମରଣ ରଖିବା ଉଚିତ କି, ସଗୁଣ ଓ ନିର୍ଗୁଣ ଭଗବାନଙ୍କ କେବେ ଦୁଇଟି ଅଲଗା ଅଲଗା ତତ୍ତ୍ୱ ନୁହେଁ । ଶାସ୍ତ୍ର ପୁରାଣରେ ବର୍ଣ୍ଣିତ  ସଗୁଣ, ସାକାର, ସବିଶେଷ ଲୀଳା ସ୍ୱରୂପ ପ୍ରଭୃତି ପ୍ରକୃତି ଠାରୁ ଅତୀତ ଅର୍ଥାତ୍ ଅପ୍ରାକୃତ ଏବଂ ଚିନ୍ମୟ । ତେଣୁ ଭଗବାନ ଏକ ସାଥିରେ ସଗୁଣ ଏବଂ ନିର୍ଗୁଣ ଦୁଇଟିଯାକ । ଅନନ୍ୟ ଭକ୍ତିର ଫଳ ଜ୍ଞାନ ଏବଂ ନିର୍ଗୁଣ ନିର୍ବିଶେଷ ବ୍ରହ୍ମ ଉପାସନାର ଫଳ ଭକ୍ତି ।

କ୍ଳେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।

ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ॥୫॥

*ଅନ୍ୱୟ: ତେଷାଂ (ସେହି) ଅବ୍ୟକ୍ତ-ଆସକ୍ତ-ଚେତସାମ୍  (ନିର୍ଗୁଣ-ନିର୍ବିଶେଷ ବ୍ରହ୍ମ ପ୍ରତି ଆସକ୍ତ ଚିତ୍ତ ରହିଥିବା ଯୋଗୀମାନଙ୍କ ସ୍ଥିତି ) ଅଧିକତରଃ (ଅଧିକତର) କ୍ଳେଶଃ (କଷ୍ଟ) ହି (କାରଣ) ଦେହବଦ୍ଭିଃ (ଦେହାଭିମାନୀ ମନୁଷ୍ୟଙ୍କ ଦ୍ୱାରା ) ଅବ୍ୟକ୍ତ (ନିର୍ଗୁଣ-ନିର୍ବିଶେଷ ବ୍ରହ୍ମ ବିଷୟକ) ଗତିଃ (ନିଷ୍ଠା-ସାଧନା) ) ଦୁଃଖଂ (ବହୁ କଷ୍ଟରେ) ଅବାପ୍ୟତେ (ପ୍ରାପ୍ତ ହୁଏ )*

**ଭାବାର୍ଥ**: ଦେହାଭିମାନୀ ମନୁଷ୍ୟ ଦ୍ୱାରା  ବ୍ରହ୍ମ  ଭାବରେ ସ୍ଥିତି ଲାଭ କରିବା ଅତ୍ୟନ୍ତ କଷ୍ଟ ସାଧ୍ୟ । ଶରୀର ସହିତ ତାଦାତ୍ମ୍ୟବୋଧ ଦୂର ନ ହେବା ପର୍ଯ୍ୟନ୍ତ ଅବ୍ୟକ୍ତ ନିର୍ଗୁଣ ବ୍ରହ୍ମରେ ଚିତ୍ତ ଅନୁରକ୍ତ ହୋଇ ରହିବା ସମ୍ଭବ ନୁହେଁ । ବ୍ରହ୍ମ କୌଣସି ପ୍ରକାରେ ବ୍ୟକ୍ତ ନୁହେଁ । ଅନନ୍ତ କାଳରୁ ଜୀବାତ୍ମା ଶରୀର ମଧ୍ୟରେ ରହି ଆସୁଅଛି । "ମୁଁ ଏହି ଜଡ ଶରୀର ନୁହେଁ"- ଏହି ଧାରଣାକୁ ନିରନ୍ତର ଜୀବନ୍ତ ରଖି ବ୍ୟାବହାରିକ କ୍ଷେତ୍ରରେ କର୍ମ କରିବା କଠିନ । ଇନ୍ଦ୍ରିୟମାନଙ୍କ ବିଷୟାନୁରାଗ ପ୍ରତି ନିୟନ୍ତ୍ରଣ ନଦୀର ପ୍ରବାହକୁ ନିରୋଧ କରିବା ସାଦୃଶ୍ୟ ଦୁଷ୍କର । ଏହି କାରଣରୁ ସେହି ଅବ୍ୟକ୍ତ ବ୍ରହ୍ମର ଅନୁଭବ ପ୍ରାପ୍ତ ମଧ୍ୟ କଷ୍ଟ ସାଧ୍ୟ ବିଷୟ । ଭଗବାନ ଏହି ଶ୍ଳୋକରେ ଜ୍ଞାନଯୋଗ ଓ ଭକ୍ତି ଯୋଗ ମାର୍ଗରେ ଥିବା ପାର୍ଥକ୍ୟ ଉପସ୍ଥାପନ କରିଛନ୍ତି; ଯଦିଓ ଉଭୟ ମାର୍ଗର ସାଧକ ପରିଣାମତଃ ସେହି ଏକ ଲକ୍ଷ୍ୟରେ ହିଁ ପହଞ୍ଚିଥାନ୍ତି । ସତ୍-ସଙ୍ଗ, ଶାସ୍ତ୍ର ଅଧ୍ୟୟନ, ଗୁରୁବାକ୍ୟ ଓ ଅବ୍ୟକ୍ତ ମହିମା ଦ୍ୱାରା ପ୍ରଭାବିତ ହୋଇ ନିର୍ଗୁଣ ଉପାସନା ମାର୍ଗକୁ ସାଧକ ଶ୍ରେଷ୍ଠ ବାଛି ନେଇଥାଏ । ମାତ୍ର ସାଧନାର ପ୍ରାରମ୍ଭରେ ବୈରାଗ୍ୟର ସ୍ୱଳ୍ପତା ଓ ଦେହାଭିମାନ ଯୋଗୁଁ ଚିତ୍ତ ନିର୍ଗୁଣ ତତ୍ତ୍ୱରେ ନିବିଷ୍ଟ ହୋଇ ନ ଥାଏ । ପୂର୍ବ ଜନ୍ମ ସଂସ୍କାର (ଯୋଗଭ୍ରଷ୍ଟ) କାରଣରୁ ଯେଉଁ ମାନଙ୍କ ସାଧନାରେ ସ୍ୱାଭାବିକ ରୁଚି ତଥା ସଂସାରରୁ ସ୍ୱାଭାବିକ ଭାବେ ବୈରାଗ୍ୟ ହୁଏ, ସେମାନଙ୍କୁ ଏହି ମାର୍ଗରେ ସିଦ୍ଧିପ୍ରାପ୍ତ ସମ୍ଭବ ହୋଇଥାଏ । ସଗୁଣ ଉପାସନାରେ ଉପାସ୍ୟ ତତ୍ତ୍ୱ ସଗୁଣ ସାକାର ହୋଇଥିବାରୁ, ସାଧକର ମନ, ଇନ୍ଦ୍ରିୟ ପାଇଁ ଭଗବାନଙ୍କ

ସ୍ୱରୂପ, ନାମ, ଲୀଳା, ଗୁଣ ଇତ୍ୟାଦି ଆଧାର ହୋଇଥାଏ । ଭକ୍ତି ଯୋଗମାର୍ଗରେ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ସେବାରତ ରହିବା ଖୁବ୍ ସହଜ ଏବଂ ସ୍ୱାଭାବିକ । ସଗୁଣ ଉପାସକ ସାଂସାରିକ ଆସକ୍ତି ଦୂର କରିବା ପାଇଁ ଭଗବାନଙ୍କ ଆଶ୍ରିତ ହୋଇ ରହେ । ନିର୍ଗୁଣ ଉପାସନାରେ ମନ, ଇନ୍ଦ୍ରିୟ ପାଇଁ କୌଣସି ଆଧାର ରହେ ନାହିଁ । ନିର୍ଗୁଣ ଉପାସକ ବିଷୟାସକ୍ତିକୁ ନିଜ ବିବେକ ଦ୍ୱାରା ଦୂର କରିବା ପାଇଁ ଉଦ୍ୟମ କରେ । ବିବେକର ଆଶ୍ରୟନେଇ ସାଧନ କରୁଥିବାରୁ ନିଜ ସାଧନ ବଳକୁ ମହତ୍ତ୍ୱ ଦିଏ ଏବଂ ସିଦ୍ଧି ପ୍ରାପ୍ତିରେ ବିଳମ୍ବ । ନିର୍ଗୁଣ ବ୍ରହ୍ମୋପାସକ ଉପାସ୍ୟ ତତ୍ତ୍ୱକୁ ନିର୍ଗୁଣ, ନିରାକାର ଓ ଉଦାସୀନ ମନେ କରିବା କାରଣରୁ ଯଥାର୍ଥ ଭଗବତ୍ କୃପା ମଧ୍ୟ ଅନୁଭବ ହୁଏ ନାହିଁ । ଶ୍ରୀମଦ୍ ଭାଗବତରେ ନିର୍ବିଶେଷ ଜ୍ଞାନୀଙ୍କ ସାଧନ ଏବଂ ସାଧ୍ୟ ଦୁଇଟିଯାକ ଅବସ୍ଥାକୁ କ୍ଳେଶକର କୁହାଯାଇଛି । ଏହାର ବିପରୀତ ଭକ୍ତି ମାର୍ଗକୁ ସାଧନ ଓ ସାଧ୍ୟ ଉଭୟ ସ୍ଥିତିରେ ପରମ ସୁଖକର ଏବଂ ପରମ ମଙ୍ଗଳପ୍ରଦ ବତାଯାଇଛି । ଜୀବାତ୍ମାର ଚିନ୍ମୟ ସତ୍ତା ଯଦି ଅବ୍ୟକ୍ତ ସ୍ଥିତିରେ ପରମାତ୍ମାରେ ଲୀନ ହୋଇଯାଏ, ତେବେଯାଇ ତାହାର ଉପାଦେୟ ଅବସ୍ଥାର ନାଶ ହୁଏ । ଯେ ପର୍ଯ୍ୟନ୍ତ ନିଜ ଆତ୍ମାରେ ସାକାର ବୁଦ୍ଧି ରହିଛି, ସେ ପର୍ଯ୍ୟନ୍ତ ଈଶ୍ୱରଙ୍କଠାରେ ନିରାକାର ବୁଦ୍ଧି କଳ୍ପନା ମାତ୍ର । ଯେବେ ସାଧକ ଆତ୍ମା-ଅନାତ୍ମା ବିବେକ କରି ନିଜକୁ ପଞ୍ଚକୋଷାତୀତ ରୂପରେ ନିରାକାର ବୁଝି ଶରୀରକୁ "ସୋ ଅହଂ" କହିବାକୁ ଲାଗେ, ତେବେଯାଇ ପଞ୍ଚ ଭୂତାତୀତ ରୂପରେ ପରମାତ୍ମାଙ୍କୁ ନିରାକାର ବୋଲି ଉପଲବ୍ଧି ହୋଇପାରିବ । ସେତେବେଳେ କୋଷ ଓ ଭୂତ ଉପାଧି ତ୍ୟାଗ କରି ଆତ୍ମା-ନିରାକାର ପରମାତ୍ମା-ନିରାକାର ଏକ ହୋଇ ଜୀବ ସାଲୋକ୍ୟ ମୁକ୍ତି ପ୍ରାପ୍ତ ହୁଏ । ବସ୍ତୁତଃ ଜୀବ ଚୈତନ୍ୟ ସ୍ୱରୂପ ତଥା ଚିତ୍-ଦେହ ବିଶିଷ୍ଟ ଅଟେ । ଦେହ ବିଶିଷ୍ଟ ହୋଇ ଉପାୟକାଳ ଓ ଫଳ କାଳରେ ଅବ୍ୟକ୍ତ ତତ୍ତ୍ୱ ଯାହାକି ସହଜ ପ୍ରୀତିର ବିପରୀତ ଚିନ୍ତନ, ସର୍ବଦା ସାଧକ ନିମନ୍ତେ ଦୁଃଖଜନକ । ସାଧନାରେ ବିବେକ ଓ ତୀବ୍ର ବୈରାଗ୍ୟର ଅଭାବ ରହିଲେ, ଏହି ଅଧ୍ୟସ୍ଥ ଆସକ୍ତ ଦେହଧାରୀ ନିମନ୍ତେ ବଡ ଦୁଃଖଦାୟୀ ହୁଏ । ଅତଏବ, ନିରାକାର, ନିର୍ବିକାର, ସର୍ବବ୍ୟାପୀ ଏବଂ ନିର୍ବିଶେଷ ସ୍ୱରୂପର ଉପାସନାରେ ଯେଉଁ ଅଧ୍ୟାତ୍ମ-ଯୋଗ ସାଧିତ ହୁଏ, ତାହା ପ୍ରଶସ୍ତ ନୁହେଁ । ସେଥିକାରଣରୁ ସଗୁଣ ବ୍ରହ୍ମୋପାସନା ଅର୍ଥାତ୍ କାୟମନୋବାକ୍ୟରେ ଭଗବାନଙ୍କୁ ଭଜନା କରିବା ପ୍ରକୃଷ୍ଟ ପଥ । ସଗୁଣ ଉପାସକ ସାଲୋକ୍ୟ ମୁକ୍ତି ପ୍ରାପ୍ତ ହୋଇ ଭଗବାନଙ୍କ ସହିତ ପରମ ଧାମରେ ନିବାସ କରିଥାଏ । ସମ୍ପୂର୍ଣ୍ଣ ସମର୍ପିତ ହୋଇ ଭଗବାନଙ୍କ ପ୍ରଭୁତ୍ୱ ସ୍ୱରୂପର ସାନ୍ନିଧ୍ୟ ଲାଭରେ ପରମ ଆନନ୍ଦ ପ୍ରାପ୍ତ ସ୍ଥିତି ହେଉଛି ସାମୀପ୍ୟ ମୁକ୍ତି । ଯିଏ ନିଜକୁ ଦେହଧାରୀ ମାନେ, ତାହାପାଇଁ ଈଶ୍ୱର ମଧ୍ୟ ଦେହଧାରୀ । ଯିଏ ପ୍ରାଣ-କୋଷମୟ ଶରୀରର ସାକ୍ଷୀ, ଦ୍ରଷ୍ଟା ରୂପେ ବିବେଚନା କରି ସ୍ୱୟଂକୁ ବ୍ରହ୍ମଠାରୁ ଅଭିନ୍ନ ମାନିଥାଏ, ତାହାପାଇଁ ଭଗବାନ ଅବ୍ୟକ୍ତ ନିରାକାର ଅଟନ୍ତି ।

ଯେ ତୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରାଃ ।
ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ॥୬॥

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ ସଂସାରସାଗରାତ୍ ।
ଭବାମି ନଚିରାତ୍ ପାର୍ଥ ମୟ୍ୟାବେଶିତଚେତସାମ୍ ॥୭॥

*ଅନ୍ୱୟ:ପାର୍ଥ (ହେଅର୍ଜୁନ!) ତୁ (କିନ୍ତୁ) ଯେ (ଯେଉଁମାନେ) ସର୍ବାଣି କର୍ମାଣି (ସମସ୍ତକର୍ମ) ମୟି ସନ୍ନ୍ୟସ୍ୟ (ମୋ'ଠାରେ ଅର୍ପଣ କରି) ମତ୍ପରାଃ (ମତ୍ ପରାୟଣ ହୋଇ ) ଅନନ୍ୟେନ (ଅନନ୍ୟ ଚିତ୍ତ ହୋଇ) ଯୋଗେନ ଏବ (ଯୋଗ ଦ୍ୱାରା ଅର୍ଥାତ୍ ଭକ୍ତି ସହକାରେ) ମାଂ (ମୋତେ) ଧ୍ୟାୟନ୍ତଃ (ଧ୍ୟାନ କରି) ଉପାସତେ (ଭଜନା କରନ୍ତି ) ମୟି (ମୋ'ଠାରେ) ଆବେଶିତ ଚେତସାମ୍ (ଚିତ୍ତ ନିବେଶ କରିଥିବା) ତେଷାମ୍ (ସେହି ଭକ୍ତ ମାନଙ୍କ ପାଇଁ) ଅହମ୍ (ମୁଁ) ମୃତ୍ୟୁ ସଂସାର ସାଗରାତ୍ (ମୃତ୍ୟୁମୟ ସଂସାର ସାଗରରୁ) ନ ଚିରାତ୍ (ଅଚିରେ –ଶୀଘ୍ର) ସମୁଦ୍ଧର୍ତ୍ତା (ଉଦ୍ଧାର କର୍ତ୍ତା ) ଅହଂ ଭବାମି (ମୁଁ ହୁଏ) ।*

**ଭାବାର୍ଥ**: କିନ୍ତୁ ଯେଉଁ ମାନେ ମୋ'ଠାରେ ସମସ୍ତ କର୍ମ ଅର୍ପଣ କରି, ମୋତେ ଆଶ୍ରିତ ହୋଇ ଅନନ୍ୟ ଭକ୍ତି ସହକାରେ, ଚିତ୍ତବୃତ୍ତି କେବଳ ମୋର ଉପରେ ରଖି ଭଜନା କରନ୍ତି; ହେ ଅର୍ଜୁନ ! 'ମୁଁ' ସେହି ନିତ୍ୟଯୁକ୍ତ ଭକ୍ତମାନଙ୍କୁ ଜନ୍ମ-ମୃତ୍ୟୁ ଯୁକ୍ତ ସଂସାର ସାଗରରୁ ଶୀଘ୍ର ଉଦ୍ଧାର କରିଥାଏ । ଏହିଠାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତି ଯୋଗର ମାହାତ୍ମ୍ୟ ଗାନକରି କହୁଛନ୍ତି କି, ତତ୍ତ୍ୱଜ୍ଞାନ ପ୍ରାପ୍ତି ବିନା ମଧ୍ୟ ଅନନ୍ୟ ଭକ୍ତି ଦ୍ୱାରା ଦୁଃଖମୟ ସଂସାରରୁ ସହଜରେ ମୁକ୍ତି ପ୍ରାପ୍ତ ହୋଇ ପାରିବ । ଅବ୍ୟକ୍ତ ଉପାସନା ଅପେକ୍ଷା ସଗୁଣ ସାକାର ବିଶ୍ୱରୂପର ଉପାସନା ଅତ୍ୟନ୍ତ ସୁଗମ । ଭକ୍ତିଯୋଗ ସମ୍ବନ୍ଧରେ ଶ୍ରୀରାମକୃଷ୍ଣଦେବ ଲେଖିଛନ୍ତି; "କାୟମନୋବାକ୍ୟରେ ଈଶ୍ୱରଙ୍କୁ ଭଜନ କରିବାର ନାମ ଭକ୍ତି । କାୟ ଅର୍ଥାତ୍ ହାତ ଦ୍ୱାରା ତାଙ୍କର ପୂଜା ଓ ସେବା, ପାଦରେ ତାଙ୍କ ସ୍ଥାନ ଭ୍ରମଣ, କାନରେ ତାଙ୍କର ଲୀଳା, ଗୁଣ ଓ ମହିମା ଶ୍ରବଣ, ଆଖିରେ ତାଙ୍କର ବିଗ୍ରହ ଦର୍ଶନ, କଣ୍ଠରେ ତାଙ୍କର ସ୍ତବ, ସ୍ତୁତି ଓ ନାମ କୀର୍ତ୍ତନ, ମନରେ ତାଙ୍କର ରୂପ ଓ ଲୀଳାର ସ୍ମରଣ- ଏହିପରି ଶରୀରର ସମସ୍ତ କର୍ମ ତାହାଙ୍କୁ ଉତ୍ସର୍ଗିତ ହୋଇ ଯାଇଥାଏ ।" ସମଗ୍ର ସଂସାର ଭଗବାନଙ୍କ ସ୍ୱରୂପ ମନେକରି ସକଳ ପ୍ରାଣୀଙ୍କ ସେବାରତ ହୋଇ ଭଗବାନଙ୍କୁ ସନ୍ତୁଷ୍ଟ କରିବା ଛଡା ଭକ୍ତ ଆଉ କିଛି ଜାଣେ ନାହିଁ । "ମେରେ ତୋ ଗିରୀଧର ଗୋପାଲ, ଦୂସରୋ ନ କୋଇ"- ଏହି ଭାବ ରଖି ଭଗବାନଙ୍କ ସହିତ ସମ୍ବନ୍ଧ ସ୍ୱୀକାର କରିନେବା ହେଉଛି 'ଅନନ୍ୟ ଯୋଗ' । 'ଶ୍ରୀକୃଷ୍ଣାର୍ପଣମସ୍ତୁ' କହି ଏବଂ ଫଳ ଇଚ୍ଛା ତ୍ୟାଗକରି, କର୍ମକୁ ଭଗବାନଙ୍କ ପ୍ରେରଣା ମନେକରି ସମ୍ପାଦନା କରିବା ହେଉଛି କର୍ମ ସମର୍ପଣ । ନିଷ୍ଠାର ସହିତ ନିଜ ବର୍ଣ୍ଣାଶ୍ରମ ଜନିତ କର୍ମ ଅନୁଷ୍ଠାନ ମଧ୍ୟ ଭଗବାନଙ୍କୁ କର୍ମ ଅର୍ପଣ ସହିତ ସମାନ । ଭଗବାନଙ୍କୁ ସର୍ବସ୍ୱ ମନେକରି ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ ହୋଇଯିବା ହେଉଛି 'ମତ୍ପରାଃ' । 'ସର୍ବସ୍ୱ' ଅର୍ଥ -ଭଗବାନ ହିଁ ଏକମାତ୍ର 'ପରମ ପ୍ରେମୀ', 'ପରମ ହିତକାଙ୍କ୍ଷୀ', 'ପରମ ଗତି' ସ୍ୱୀକାରକରି ସମସ୍ତ ବିଧାନକୁ ତାଙ୍କରି ଇଚ୍ଛା ଓ କୃପା ବୋଲି ଶ୍ରଦ୍ଧାର ସହିତ ଗ୍ରହଣ କରିନେବାକୁ ହେବ । ବିଧାନର ଅନୁକୂଳତା-ପ୍ରତିକୂଳତାକୁ ନେଇ ମନରେ ପ୍ରଶ୍ନ ଜାଗ୍ରତ ଯଦି ହେଲା, ତାହାହେଲେ ଧରି ନେବାକୁ ହେବ କି, ଫଳ ଇଚ୍ଛା ଓ ସଂଗ୍ରହ ବୁଦ୍ଧିର କାର୍ଯ୍ୟକାରିତା ଅନ୍ତଃକରଣରେ ରହିଛି –ଯାହା ସମ୍ପୂର୍ଣ୍ଣ ସମର୍ପଣ ନୁହେଁ । ସ୍ୱୟଂ ଭଗବାନଙ୍କଠାରେ ଅର୍ପିତ ହୋଇଗଲେ, ଭକ୍ତର ସମସ୍ତ କର୍ମ ଭଗବତ୍ ଅର୍ପିତ ହୋଇଯାଏ । ଯନ୍ତ୍ରବତ୍ 'ନିମିତ୍ତ ମାତ୍ର' ରୂପେ ମମତା ଓ ଆସକ୍ତି ରହିତ ହୋଇ ସମସ୍ତ କର୍ମକୁ ପ୍ରଭୁଙ୍କ ଆଜ୍ଞା ବୋଲି ମାନି ନେବାକୁ ହୁଏ । କର୍ମର ଉଦ୍ଦେଶ୍ୟ କେବଳ ଭଗବତ୍ ପ୍ରାପ୍ତି ହୋଇଯାଏ

। ଭଗବାନ ସ୍ପଷ୍ଟ ରୂପେ ନିଶ୍ଚିତ ବାକ୍ୟ କହିଛନ୍ତି କି, ସେ' ନିଜେ ତାଙ୍କରି ଏହିପରି ଭକ୍ତକୁ ଭୌତିକ ସ୍ଥିତିରୁ ଅତି ଶୀଘ୍ର ଉଦ୍ଧାର କରିନିଅନ୍ତି । ସମୁଦ୍ରରେ ବୁଡିଯାଉଥିବା ବ୍ୟକ୍ତି ଯେତେ ଦକ୍ଷହେଲେ ମଧ୍ୟ ନିଜ ପ୍ରଚେଷ୍ଟାରେ କୂଳରେ ଲାଗି ପାରି ନଥାଏ । ଅନ୍ୟପକ୍ଷରେ ହାତ ଉପରକୁ ଟେକିଦେଲେ କେହିଜଣେ ଉପରୁ ହାତ ବଢାଇ ଉଦ୍ଧାର କରିନିଏ । ଜନ୍ମ-ମୃତ୍ୟୁମୟ ସଂସାର ସାଗରରେ ହାତ ଟେକିଦେଇ ଭଗବାନଙ୍କ ଆଶ୍ରିତ ହୋଇଗଲେ, ଭଗବାନ ତାଙ୍କ ହାତ ବଢାଇ ଉପରକୁ ଉଠାଇ ନିଅନ୍ତି । ଶ୍ରୀମଦ୍ ଭାଗବତ କଥାନୁସାରେ "କର୍ମ, ତପସ୍ୟା, ଜ୍ଞାନ ଏବଂ ବୈରାଗ୍ୟ ଦ୍ୱାରା ଯାହା ପ୍ରାପ୍ତ ହୁଏ, ଏହାର ଅତିରିକ୍ତ ମଧ୍ୟ ମୋର ଭକ୍ତ ଯଦି ସ୍ୱର୍ଗ, ମୋକ୍ଷ, ମୋର ଧାମ ଆଦି ଯାହା କିଛି ଇଚ୍ଛା କରିଥାଏ- ଏହି ସମସ୍ତ ମୋର ଭକ୍ତି ଯୋଗରେ ସହଜରେ ପ୍ରାପ୍ତହୁଏ । ଜ୍ଞାନୀ ଓ ଯୋଗୀଙ୍କ ଭଳି ତାହାକୁ ଅର୍ଚି ଆଦି ଗତିକରି କ୍ରମ ମୁକ୍ତି ଲାଭ କରିବାକୁ ପଡେନାହିଁ । 'ମୁଁ' ସ୍ୱୟଂ ସ୍ୱଇଚ୍ଛା ପୂର୍ବକ ତାହାକୁ ଏହି ମାୟାମୋହ ସଂସାରରୁ ମୁକ୍ତକରି ମୋର ଧାମରେ ପ୍ରେମମୟୀ ସେବାରେ ନିଯୁକ୍ତ କରି ରଖେ ।" ଶ୍ରୀବଲ୍ଲଭାଚାର୍ଯ୍ୟ ଲେଖିଛନ୍ତି; କୃଷ୍ଣ ସ୍ୱରୂପରେ ମନ ଲଗାଇବାରେ ଏପରି ଶକ୍ତି ରହିଛି, ତାହାକୁ ପରବ୍ରହ୍ମ ପ୍ରାପ୍ତି ଅନାୟାସରେ ହୁଏ । ଏହିକଥା ମଧ୍ୟ ଶ୍ରୀମଦ୍ ଭାଗବତର ରାସ ପଞ୍ଚାଧ୍ୟାୟିରେ ପରୀକ୍ଷିତଙ୍କ ପ୍ରଶ୍ନ ଉପରେ ଶୁକଦେବଜୀ କହିଛନ୍ତି କି, ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ହିଁ ମନୁଷ୍ୟର କଲ୍ୟାଣ ପ୍ରଦାନକାରୀ । ତାଙ୍କରି ପ୍ରତି ପ୍ରେମ କିମ୍ବା ଦ୍ୱେଷରେ ମଧ୍ୟ ମନ ଲଗାଇଥିବା ଜୀବ, ମୁକ୍ତିପ୍ରାପ୍ତ ହୋଇଯାଇଥାଏ ।

ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।<br>
ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ ॥୮॥

*ଅନ୍ୱୟ: ମୟି ଏବ (ଅତଏବ ମୋ'ଠାରେ ଅର୍ଥାତ୍ ଶ୍ୟାମସୁନ୍ଦର ଶ୍ରୀକୃଷ୍ଣଙ୍କ ସ୍ୱରୂପରେ) ମନଃ (ମନ) ଆଧତ୍ସ୍ୱ (ସ୍ଥିରକର ଅର୍ଥାତ୍ ନିତ୍ୟ ସ୍ମରଣ କର) ମୟି (ମୋ'ଠାରେ ହିଁ) ବୁଦ୍ଧିଂ (ବୁଦ୍ଧିକୁ) ନିବେଶୟ (ସ୍ଥାପିତ କର ଅର୍ଥାତ୍ ଅର୍ପିତ କର)[ତେବେ ]ଅତଃ ଉର୍ଦ୍ଧ୍ୱଂ (ଏହା ପରେ ଅର୍ଥାତ୍ ଦେହାନ୍ତ ପରେ) ମୟି ଏବ ( ମୋ'ଠାରେ - ମୋ ସମୀପରେ ହିଁ) ନିବସିଷ୍ୟସି (ନିବାସ କରିବ ) ସଂଶୟଃ ନ (ଏଥିରେ ସନ୍ଦେହ ନାହିଁ) ।*

**ଭାବାର୍ଥ**: ଅତଏବ, ହେ ଅର୍ଜୁନ ! ତୁମେ ପରବ୍ରହ୍ମ ପରାତତ୍ତ୍ୱ ମୋର ସ୍ୱରୂପରେ ହିଁ ନିଜ ମନକୁ ସମାହିତ କର । ନିଜ ଚିତ୍ତରୁ ସମସ୍ତ ବିଷୟ-ବାସନା ପ୍ରବୃତ୍ତି ଦୂରକରି ମୋ'ଠାରେ ହିଁ ଚିତ୍ତକୁ ନିମଗ୍ନ କରି ରଖ । ସଙ୍କଳ୍ପାତ୍ମକ ଏବଂ ବିକଳ୍ପାତ୍ମକ ମନକୁ ସମସ୍ତ ଭୋଗରୁ ନିବୃତ୍ତ କରାଇ ପରମ ପ୍ରେମାସ୍ପଦ ପୁରୁଷୋତ୍ତମ ଭଗବାନଙ୍କ ସ୍ୱରୂପରେ ଯୁକ୍ତ କରି ରଖିବା ନିମିତ୍ତ ବୁଦ୍ଧିକୁ ଭଗବାନଙ୍କଠାରେ ଅର୍ପଣ କରିବାକୁ ହେବ । ନିଶ୍ଚୟାତ୍ମିକ ବୁଦ୍ଧିରେ ଅନନ୍ତ ଶକ୍ତି ନିହିତ । ନିଶ୍ଚୟାତ୍ମିକ ବୁଦ୍ଧିଦ୍ୱାରା ଭଗବତ ଲୀଳା, ଗୁଣ ଓ ପ୍ରଭାବର ତତ୍ତ୍ୱ ଉତ୍ତମ ରୂପେ ଅବଗତ ହେବା ପରେ, ବୁଦ୍ଧିର ଅଧୀନରେ ରହିଥିବା ମନ ଭଗବାନଙ୍କଠାରେ ସ୍ଥିର ହୋଇ ରହେ । ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ଯେଉଁ ପର୍ଯ୍ୟନ୍ତ ବୁଦ୍ଧି ସ୍ତରରେ ନିଶ୍ଚିତ ହୋଇ ନ ଥାଏ, ସେହି ପର୍ଯ୍ୟନ୍ତ ମନ ଓ ବୁଦ୍ଧି ଭଗବାନଙ୍କଠାରେ ନିବିଷ୍ଟ ହୁଏ ନାହିଁ । ଅଜ୍ଞାନ ଜନିତ ଆସକ୍ତି କାରଣରୁ ବିଷୟ-ସଂଗ୍ରହ ଓ

ଭୋଗ ଆଦିରେ ବୁଦ୍ଧି ସ୍ଥାପିତ ହୋଇ ରହିଥାଏ । ତେଣୁ ସାଧକ ବୁଦ୍ଧି ଦ୍ୱାରା "ମୋତେ ଭଗବାନ ପ୍ରାପ୍ତି କରିବାକୁ ହେବ"- ଏହିପରି ଦୃଢ ନିଶ୍ଚୟ କରିବା ଉଚିତ । ଭୋଗ, ଆଳସ୍ୟ, ପ୍ରମାଦକୁ ଛାଡି ସ୍ୱାଧ୍ୟାୟ, ମହାପୁରୁଷଙ୍କ ସଙ୍ଗ ଏବଂ ତାଙ୍କରି ବାକ୍ୟକୁ ପାଳନକରି, ଗୁଣ ଆଚରଣ ତତ୍ପରତା ସହିତ ଅନୁସରଣ କଲେ ଅଜ୍ଞାନ ଦୂର ହୋଇଥାଏ । ବୁଦ୍ଧିରେ ଅଟଳ ରୂପେ ଏହା ନିଶ୍ଚିତ ହୋଇ ରହିଥାଏ କି, ପରମାତ୍ମା ହିଁ ସତ୍ୟ, ଶିବ ଓ ସୁନ୍ଦର । ସମ୍ପୂର୍ଣ୍ଣ ସଚରାଚର ବ୍ୟାପ୍ତକରି ସେ' ସମସ୍ତଙ୍କ ହୃଦୟରେ ସ୍ଥିତ । ଏହି ନିଶ୍ଚୟ ବଳରେ ଦୁରାଚାରୀ ମନୁଷ୍ୟକୁ ବି ଭଗବାନ ସାଧୁ ରୂପେ ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇଥାଆନ୍ତି । ମନ ବୁଦ୍ଧି ଭଗବାନଙ୍କ ଠାରେ ସ୍ଥିତ ହୋଇଗଲେ, ଭକ୍ତ ସର୍ବତ୍ର ଭଗବାନ ସ୍ୱରୂପକୁ ହିଁ ଦର୍ଶନ କରେ । କାରଣ ପ୍ରଥମରୁ ହିଁ ଭକ୍ତର ଏହି ଧାରଣା ରହିଥାଏ କି, ଭଗବାନ ସର୍ବବ୍ୟାପୀ । ଏହିଭଳି ଦୃଢ ନିଶ୍ଚୟରେ ସଂସାର ଚିନ୍ତନ ବିଲୁପ୍ତ ହୋଇ ପରମାତ୍ମାଙ୍କ ସମ୍ବନ୍ଧ ହିଁ ଅବଶେଷ ରହିଯାଏ, ଅର୍ଥାତ୍ ଜୀବର ପରମାତ୍ମାଙ୍କ ଠାରେ ରହିଥିବା ସ୍ୱତଃ ସିଦ୍ଧ ସ୍ଥିତି ଅନୁଭବ ହେବାକୁ ଲାଗେ । ସ୍ୱାମୀ ରାମସୁଖଦାସ କହିଛନ୍ତି- "ପ୍ରକୃତ ତଥ୍ୟ ହେଲା; ମନ ବୁଦ୍ଧି କେବେ ଭଗବାନଙ୍କଠାରେ ଲାଗେ ନାହିଁ, କାରଣ ଏ ସବୁ ଅପରା ପ୍ରକୃତି - ଜଡ ବସ୍ତୁ । ପରମାତ୍ମାଙ୍କ ଅଂଶ କାରଣରୁ ସ୍ୱୟଂ ଭଗବାନଙ୍କ ଠାରେ ଯୁକ୍ତ ହୋଇଯିବା ପରେ ମନ ଓ ବୁଦ୍ଧି ଆପେ ଆପେ ଅଲଗା ହୋଇଯାଆନ୍ତି, ଅର୍ଥାତ୍ ମାୟାର ପରଦା (ଅଜ୍ଞାନ ଆବରଣ) ହଟିଯାଏ । ଭଗବାନଙ୍କ ଅତିରିକ୍ତ ଆଉ କାହାରି ସତ୍ତା ରହେ ନାହିଁ । ବାସ୍ତବରେ ମନ ଓ ବୁଦ୍ଧିର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ, ସ୍ୱୟଂ(ପରା ଶକ୍ତି) ଦ୍ୱାରା ଏହିମାନେ ସତ୍ତାବାନ୍ । ସେଥିପାଇଁ ଜୀବକୁ ସଂସାରରୁ ନିବୃତ୍ତ କରିବା ଉଦ୍ଦେଶ୍ୟରେ ଭଗବାନ ତାଙ୍କଠାରେ ମନ ଓ ବୁଦ୍ଧି ନିବେଶ କରିବାକୁ କହୁଛନ୍ତି । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଲକ୍ଷ୍ୟକରି ମାନବ ସମାଜକୁ ଏହି ଉପଦେଶ ଦେଉଛନ୍ତି କି, ଭକ୍ତି ହିଁ ସର୍ବଶ୍ରେଷ୍ଠ ସାଧନ ଏବଂ ସାଧ୍ୟ ଅଟେ । ତେଣୁ ତାଙ୍କର ଶ୍ୟାମସୁନ୍ଦର ଆକାର ନିତ୍ୟ ସ୍ୱରୂପରେ ହିଁ ମନୋନିବେଶ ପୂର୍ବକ ନିରନ୍ତର ସ୍ମରଣ କରିବା ତଥା ବୁଦ୍ଧିକୁ ମଧ୍ୟ ତାଙ୍କୁ ହିଁ ଅର୍ପଣ କରିବା ଏକାନ୍ତ କର୍ତ୍ତବ୍ୟ । ଭକ୍ତିର ପରାକାଷ୍ଠାରେ ଭକ୍ତ ସର୍ବୋଚ୍ଚ ଫଳ ସ୍ୱରୂପ ପାର୍ଷଦ ଗତି ଏବଂ ନିରୁପାଧିକ ପ୍ରେମ ପ୍ରାପ୍ତି ହୁଏ, ସର୍ବଦା ଭଗବାନଙ୍କ ସାନିଧ୍ୟରେ ନିବାସ କରିଥାଏ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଭଗବାନଙ୍କ ଏହି ବାକ୍ୟରେ ସିଦ୍ଧ ହୋଇଛି କି, ଭକ୍ତି ଯୋଗର ଗତି ଏବଂ ପ୍ରାପ୍ତି ସର୍ବୋତ୍ତମ ।

ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।
ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ॥୯॥
ଅଭ୍ୟାସେଅପ୍ୟସମର୍ଥୋଅସି ମତ୍କର୍ମପରମୋ ଭବ ।
ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ ସ୍ୟସି ॥୧୦॥

*ଅନ୍ୱୟ: ଧନଞ୍ଜୟ (ହେ ମୋ ପ୍ରିୟ ଅର୍ଜୁନ !) ଅଥ (ଯଦି) ମୟି (ମୋ'ଠାରେ) ଚିତ୍ତମ୍ (ମନ ଓ ବୁଦ୍ଧିକୁ) ସ୍ଥିରମ୍ (ସ୍ଥିର ଭାବରେ) ସମାଧାତୁଂ (ସ୍ଥାପିତ- ସମାହିତ) ନ ଶକ୍ନୋଷି (କରିବାକୁ ସକ୍ଷମ ହୋଇପାରୁ ନାହିଁ - ନିଜକୁ ସମର୍ଥ ମନେ କରୁନାହିଁ) ତତଃ*

*(ତାହାହେଲେ) ଅଭ୍ୟାସଯୋଗେନ (ଅଭ୍ୟାସ ଯୋଗଦ୍ୱାରା) ମାମ୍ (ମୋତେ) ଆପ୍ତୁମ୍ ଇଚ୍ଛ (ପାଇବାର ଇଚ୍ଛା କର- ଚେଷ୍ଟା କର) ଅଭ୍ୟାସେଅପି (ଯଦି ଅଭ୍ୟାସ କରିବାକୁ ମଧ୍ୟ) ଅସମର୍ଥଃ ଅସି (ଅକ୍ଷମ ମନେ କରୁଛ) [ତାହାହେଲେ] ମତ୍ କର୍ମ ପରମଃ (ମୋର କର୍ମ ପରାୟଣ) ଭବ (ହୁଅ) ମଦର୍ଥମ୍ (ମୋର ପ୍ରୀତି ନିମିତ୍ତ) କର୍ମାଣି (କର୍ମ ସମୂହ) କୁର୍ବନ ଅପି (କରି ମଧ୍ୟ) ସିଦ୍ଧିମ୍ (ସିଦ୍ଧି ଅର୍ଥାତ୍ ମୋକ୍ଷ ) ଅବାପ୍ ସ୍ୟସି (ଲାଭ କରି ପାରିବ) ।*

**ଭାବାର୍ଥ**: ପୂର୍ବ ଉକ୍ତି ଅନୁଯାୟୀ ନିଜ ଚିତ୍ତକୁ ସ୍ଥିର ଭାବରେ ସମାହିତ କରିବାକୁ ଅସମର୍ଥ ବ୍ୟକ୍ତି ଅଭ୍ୟାସ ଯୋଗ ଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରିବାର ଯତ୍ନ କରି ପାରିବ । ମନକୁ ସ୍ଥିର କରିବା ନିମିତ୍ତ ଏକ ହିଁ ତତ୍ତ୍ୱକୁ ବାରମ୍ବାର ଚିନ୍ତନ କରିବା ହେଉଛି ଅଭ୍ୟାସ । ଭଗବାନ କହୁଛନ୍ତି; ହେ ପ୍ରିୟ ଅର୍ଜୁନ ! ଯଦି ମନକୁ ଅଚଳ ଭାବେ ମୋ'ଠାରେ ସ୍ଥାପିତ କରିବାକୁ ନିଜକୁ ସମର୍ଥ ମନେ କରୁନାହଁ, ତାହାହେଲେ ଅଭ୍ୟାସଯୋଗ ଦ୍ୱାରା ମୋତେ ପ୍ରାପ୍ତ କରିବାକୁ ଚେଷ୍ଟାରତ ହୁଅ । ଅଷ୍ଟମ ଅଧ୍ୟାୟ (୮/୮)ରେ 'ଅଭ୍ୟାସ ଯୋଗ ଯୁକ୍ତେନ" କହି ଭଗବାନ ଅଭ୍ୟାସ ଏକ 'ଯୋଗ' ବୋଲି ପ୍ରତିପାଦିତ କରିଛନ୍ତି । ଷଷ୍ଠ ଅଧ୍ୟାୟରେ (୬/୩୫) 'ଅଭ୍ୟାସେନ ତୁ କୌନ୍ତେୟ"-ବିନା ଅଭ୍ୟାସରେ ମନ ଓ ଇନ୍ଦ୍ରିୟ ସମୂହକୁ ନିୟନ୍ତ୍ରଣରେ ରଖିବା ଅସମ୍ଭବ ବୋଲି ମଧ୍ୟ ବତାଇଛନ୍ତି । ଏହି ଅଭ୍ୟାସ ଯୋଗ ସମସ୍ତ ଯୋଗ ସାଧନାର ମୂଳଦୁଆ । ଅଷ୍ଟାଙ୍ଗ ଯୋଗ ସାଧନ, ସ୍ମରଣ, ମନନ, ନିଦିଧ୍ୟାସନ, ଧ୍ୟାନ, ଧାରଣା ଓ ସମାଧି- ଏହି ସବୁ ଅଭ୍ୟାସ ଯୋଗର ବିଭିନ୍ନ ପ୍ରକାର କ୍ରିୟା ଅଟେ । ଉପଯୁକ୍ତ ସଦ୍ଗୁରୁ କିମ୍ବା ଦକ୍ଷ ଆଚାର୍ଯ୍ୟଙ୍କ ପ୍ରେରଣାରେ ଉପରୋକ୍ତ ଅଭ୍ୟାସ ଯୋଗ ଦ୍ୱାରା ଚିତ୍ତ ଧୀରେ ଧୀରେ ଭଗବାନଙ୍କ ପ୍ରତି ଆସକ୍ତ ହୋଇ ଅନନ୍ୟ ଭକ୍ତି ଭାବ ଜାଗ୍ରତ ହୁଏ । ଆଚାର୍ଯ୍ୟ ଶଙ୍କର କହିଛନ୍ତି; "ଅନ୍ୟ ସମସ୍ତ ବିଷୟ ବସ୍ତୁରୁ ପ୍ରତ୍ୟାହାର କରି କୌଣସି ଗୋଟିଏ ନିର୍ଣ୍ଣିତ ଅବଲମ୍ବନରେ ଚିତ୍ତର ଯେଉଁ ପୁନଃ ପୁନଃ ସଂସ୍ଥାପନ- ତାର ନାମ ଅଭ୍ୟାସ । ଆତ୍ମବସ୍ତୁରେ ଏହି ପ୍ରକାର ଅଭ୍ୟାସ ଯୋଗ ସାହାଯ୍ୟରେ ଈଶ୍ୱର ପ୍ରାପ୍ତି ସମ୍ଭବ । ମନ ବୁଦ୍ଧିକୁ ଭଗବାନଙ୍କ ପାଖରେ ଅର୍ପିତ କରିଦେଲେ, ଅର୍ପଣର ସମ କାଳରେ ହିଁ ଭଗବାନଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୋଇଯାଏ ।" ରୁଚି, ଯୋଗ୍ୟତା, ଜୀବିକା ଓ ପରିବେଶକୁ ନେଇ ବିଭିନ୍ନ ପ୍ରକୃତିର ମନୁଷ୍ୟଙ୍କ ଭିନ୍ନ ଭିନ୍ନ ସାଧନ ପ୍ରଣାଳୀ ହୋଇଥାଏ । ଟୀକାକାର ଜୟାଦୟାଲ ଗୋୟାନ୍ଦକା ତାଙ୍କରି 'ତତ୍ତ୍ୱବିବେଚନୀ'ରେ କେତେକ ଅଭ୍ୟାସ ଯୋଗର ସାଧନ ପ୍ରଣାଳୀ କହିଛନ୍ତି; (୧) "ଅଗ୍ନି ଯେପରି ସର୍ବ ବ୍ୟାପକ ଭଗବାନ ସର୍ବତ୍ର ବ୍ୟାପକ"-ଏହା ବୁଝି ଯେଉଁ ଦିଗକୁ ମନଯାଏ, ତାହାର ହିଁ ଗୁଣ ପ୍ରଭାବକୁ ସର୍ବ ଶକ୍ତିମାନ ପରମ ପ୍ରେମାସ୍ପଦ ପରମେଶ୍ୱରଙ୍କ ବିଭୂତି ଏବଂ ଐଶ୍ୱର୍ଯ୍ୟ ମନେକରି ପୁନଃ ପୁନଃ ଚିନ୍ତନ କରିବା । (୨) ମନକୁ ସର୍ବତ୍ର ପ୍ରତ୍ୟାହାର କରି ନେଇ, ନିଜ ଇଷ୍ଟ ବିଷ୍ଣୁ, ଶିବ, ରାମ କିମ୍ବା ଭଗବାନ ଶ୍ରୀକୃଷ୍ଣ ହୁଅନ୍ତୁ, ତାଙ୍କରି ଧାତୁ ନିର୍ମିତ ମୂର୍ତ୍ତି କିମ୍ବା ଚିତ୍ରପଟକୁ ଆଧାର କରି ଶ୍ରଦ୍ଧା-ପ୍ରେମର ସହିତ ପୁନଃ ପୁନଃ ମନ ଲଗାଇବା (୩) 'ଓଁ'କାର ଧ୍ୱନି ଉଚ୍ଚାରଣ କରି ସେହି ଧ୍ୱନିରେ ପରମେଶ୍ୱର ସ୍ୱରୂପ ପୁନଃ ପୁନଃ ଚିନ୍ତନ କରିବା (୪)ସ୍ୱାଭାବିକ ଶ୍ୱାସ-ପ୍ରଶ୍ୱାସ ଗତି ସହିତ ଭଗବାନଙ୍କ ନାମ ଜପ (ମାଳାଜପ) ନିତ୍ୟ ନିରନ୍ତର ଜାରି ରଖିବା (୫) ପରମାତ୍ମା ତତ୍ତ୍ୱ ରହସ୍ୟକୁ ଜାଣିବାର ତୀବ୍ର ଇଚ୍ଛାକରି ତଦ୍ ବିଷୟକ ଶାସ୍ତ୍ର –ଗୀତା, ଭାଗବତ, ମାନସ- ଆଦିର ବାରମ୍ବାର ଅଧ୍ୟୟନ କରିବା (୬) ପ୍ରାତଃକାଳୀନ ସୂର୍ଯ୍ୟଙ୍କ ସାମନାରେ ବସି ଆଖି ବନ୍ଦ କଲେ

ମନରେ ସର୍ବତ୍ର ଲୋହିତ ବର୍ଣ୍ଣର ସମ ଭାବରେ ପ୍ରକାଶ ପୁଞ୍ଜ ପ୍ରତୀତ ହୁଏ । ପରବ୍ରହ୍ମ ନାରାୟଣଙ୍କ ପ୍ରକାଶ ତାହାର ସହସ୍ରଗୁଣ ମନେ କରି ତେଜୋମୟ ଜ୍ୟୋତି ସ୍ୱରୂପରେ ଚିତ୍ତ ଲଗାଇବାର ଅଭ୍ୟାସ (୭) ଅଭିଜ୍ଞ ଗୁରୁଙ୍କ ତତ୍ତ୍ୱାବଧାନରେ ପ୍ରାଣାୟମ ଅଭ୍ୟାସ କରିବା -ଏଥି ମଧ୍ୟରୁ କୌଣସି ବି ଅଭ୍ୟାସ ଯଦି ଶ୍ରଦ୍ଧା ଏବଂ ବିଶ୍ୱାସର ସହିତ କରାଯାଏ, କ୍ରମଶଃ ସଂପୂର୍ଣ୍ଣ ପାପ ଓ ବିଘ୍ନ ନାଶହୋଇ ପରିଶେଷରେ ଭଗବାନ ପ୍ରାପ୍ତି ନିଶ୍ଚିତ ହେବ । କିନ୍ତୁ ଉତ୍ସାହ ଏବଂ ତତ୍ପରତା ପୂର୍ବକ ଅଭ୍ୟାସ ଜାରି ରଖିବାକୁ ହେବ । ଆଳସ୍ୟର ବଶହୋଇ କିମ୍ବା ଫଳ ପ୍ରାପ୍ତି ବିଳମ୍ବରେ ଧୈର୍ଯ୍ୟଚ୍ୟୁତ ହୋଇ ଅଭ୍ୟାସ ଛାଡିବାକୁ ହେବ ନାହିଁ କି, ସାଧନାରେ କମି କରିବାକୁ ହେବ ନାହିଁ । ପ୍ରତ୍ୟେକ ଅଭ୍ୟାସ କ୍ରିୟାର ଉଦ୍ଦେଶ୍ୟ ଯଦି କେବଳ ପରମାତ୍ମା ପ୍ରାପ୍ତି ହିଁ ହୁଏ, ତାହାହେଲେ ସେହି ଅଭ୍ୟାସ ଯୋଗରେ ପରିଣତ ହୁଏ । ଅଭ୍ୟାସ ଯୋଗ ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୋଇ ଭଗବତ୍ ପ୍ରାପ୍ତିର ଆକାଙ୍କ୍ଷା ତୀବ୍ରହୁଏ । ଭଗବତ୍ ପ୍ରତି ମନରେ ତୀବ୍ର ଉତ୍କଣ୍ଠା ଓ ବ୍ୟାକୁଳତା ହେଲେ, କୃପା ସାଗର ଭଗବାନ ସମ୍ମୁଖରେ ପ୍ରଗଟ ହୋଇଯାଆନ୍ତି । ଗୋପାଳ ତାପନୀ ଉପନିଷଦରେ ଏକ ପ୍ରଶ୍ନ ରହିଛି; **"କିଂ ନାମ ଭଜନଂ ?"** ଭଜନା କାହାକୁ କୁହାଯାଏ ? **"ଭଜନଂ ନାମ ରସନଂ ପୁନଃ ପୁନଃ ଆସ୍ୱାଦନଂ"** - ଭଜନା ହେଲା; ବାରମ୍ବାର ନାମ ରସର ସ୍ୱାଦ ଆହରଣ କରିବା । ଏହି ମନ ମୋର ନୁହେଁ, ଏହି ବୁଦ୍ଧି ମୋର ନୁହେଁ । ଏହା ଅଳ୍ପଜ୍ଞର କି ଅଳ୍ପ ଶକ୍ତିର ନୁହେଁ । ଏହା ସର୍ବଜ୍ଞ- ସର୍ବ ଶକ୍ତିମାନଙ୍କ ଅଟେ । ଯାହାର ସବୁ କିଛି, ମନ, ବୁଦ୍ଧି ତାଙ୍କରି ଅଟେ । ଏହି ବିଚାର ଅଭ୍ୟାସରେ ପରମାତ୍ମା ପ୍ରାପ୍ତି ସୁନିଶ୍ଚିତ । ଅନ୍ୟ ଏକ ସୁଗମ ମାର୍ଗ ଦର୍ଶାଇ ଭଗବାନ କହୁଛନ୍ତି; ହେ ଅର୍ଜୁନ ! ଯଦି ତୁମେ ଉପରୋକ୍ତ ପ୍ରକାରେ ଅଭ୍ୟାସ କରିବାକୁ ସକ୍ଷମ ହେଉନାହଁ, ତାହାହେଲେ ଭଗବତ୍ ପ୍ରୀତି ନିମିତ୍ତ କର୍ମ ଅନୁଷ୍ଠାନରେ ନିଜକୁ ନିଯୁକ୍ତ କରି ଏହି ସିଦ୍ଧ ସ୍ତରକୁ ଆସିପାରିବ । ପ୍ରତିମା ପୂଜା, ନାମ କୀର୍ତ୍ତନ, ଲୀଳା ଶ୍ରବଣ, ଦୁଃଖୀ-ରୋଗୀ, ପୀଡ଼ିତଙ୍କ ପ୍ରତ୍ୟକ୍ଷ ସେବା ଆଦି ସମସ୍ତ 'ମୋ ନିମିତ୍ତ' କର୍ମ ବୋଲି ଗ୍ରହଣ କରି ନିଅ । "ମୁଁ ଭଗବାନଙ୍କ ଆଜ୍ଞାରେ ତାଙ୍କରି ପ୍ରୀତି ନିମିତ୍ତ କର୍ମ କରୁଛି" ବୋଲି ମନରେ ଧାରଣ କଲେ, ରାଗ, ଦ୍ୱେଷ, କାମ, କ୍ରୋଧ, ଲୋଭ ଆଦି ବିକାର ଅନ୍ତଃକରଣରୁ ନାଶ ହୋଇଥାଏ । 'ମତ୍ କର୍ମୋପରମୋ ଭବ' ଅର୍ଥ ମୋର କର୍ମ ପରାୟଣ ହୋଇଯାଅ । ଭଗବାନଙ୍କ ପ୍ରସନ୍ନତା ନିମନ୍ତେ ସକଳ ପ୍ରାଣୀ କଲ୍ୟାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ କର୍ମରେ ନିଜ ଯୋଗ୍ୟତା, ସାମର୍ଥ୍ୟକୁ ନେଇ ମମତ୍ୱ ଓ ଆସକ୍ତି ରହିତ ହୋଇ ଶାରୀରିକ ଓ ମାନସିକଭାବେ ଶ୍ରମ ପ୍ରଦାନ କରିବା ହେଉଛି "ମତ କର୍ମ ପରାୟଣ" । ଧୈର୍ଯ୍ୟର ସହିତ ପ୍ରେମ ଓ ଶ୍ରଦ୍ଧାଭାବରେ ଭଗବତ୍ ସେବାରତ ହେଲେ; ହୃଦୟରେ ଅନନ୍ୟ ପ୍ରେମ ଜାଗୃତ ହୁଏ ଏବଂ ଦିନେ ନା ଦିନେ ଭଗବତ୍ ପ୍ରାପ୍ତି ଅବଶ୍ୟ ହୁଏ । (୧) କୀର୍ତ୍ତନମ୍ (ନାମ କୀର୍ତ୍ତନ) (୨) ସ୍ମରଣମ୍ (ନିତ୍ୟ ଜପ ) (୩) ଶ୍ରବଣମ୍ (ପ୍ରଭୁଙ୍କ ଲୀଳା ଓ ମହିମାର ଶ୍ରବଣ) (୪) ପାଦ ସେବନମ୍ (ପାଦ ସେବା-ପାଦୁକା ପୂଜା ) (୫) ଅର୍ଚ୍ଚନମ (ପତ୍ର, ପୁଷ୍ପ, ଫଳ, ଜଳ ଚଢାଇବା) (୬) ବନ୍ଦନମ୍ (ସ୍ତୁତିଗାନ) (୭) ଦାସ୍ୟମ୍ ( ଦାସଭାବରେ ସେବାରତ ) (୮) ସାଖ୍ୟମ୍ (ବନ୍ଧୁ ଭାବରେ ରହିବା)

(୯) ଆତ୍ମ ନିବେଦନମ୍ (ସମର୍ପିତ ହୋଇ ରହିବା )- ଏହି ନବଧା ଭକ୍ତି ମାର୍ଗର ସାଧନ ହେଉଛି ମତ୍ କର୍ମ ଏବଂ ଏହି ସମସ୍ତ କର୍ମରେ ନିଯୁକ୍ତ ରହିବା 'ମତକର୍ମ ପରାୟଣା '

ଅଥୈତଦପ୍ୟଶକ୍ତୋଽସି କର୍ତ୍ତୁଂ ମଦ୍ ଯୋଗମାଶ୍ରିତଃ ।
ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ॥୧୧॥

*ଅନ୍ୱୟ: ଅଥ (ଯଦି) ଏତଦ୍ ଅପି ( 'ମୋର ପ୍ରସନ୍ନତା ନିମିତ୍ତ କର୍ମ କରିବା'-ଏହା ମଧ୍ୟ ) କର୍ତ୍ତୁଂ (କରିବାରେ) ଅଶକ୍ତଃ ଅସି (ଅସମର୍ଥ ହୁଅ) ତତଃ (ତାହାହେଲେ) ଯତାତ୍ମବାନ୍ (ସଂଯତ ଚିତ୍ତରେ) ମଦ୍ ଯୋଗମ୍ (ମୋ'ଠାରେ ସମୁଦାୟ କର୍ମ ଅର୍ପଣ ରୂପକ ଯୋଗ-କର୍ମଯୋଗ) ଆଶ୍ରିତଃ (ଆଶ୍ରୟ କରି) ସର୍ବ-କର୍ମ-ଫଳ-ତ୍ୟାଗମ୍ (ସମସ୍ତ କର୍ମର ଫଳେଚ୍ଛା ତ୍ୟାଗ) କୁରୁ (କର) ।*

**ଭାବାର୍ଥ**: ଭଗବାନଙ୍କ ପ୍ରୀତି ନିମନ୍ତେ କର୍ମ କର ବୋଲି ଯାହା ପୂର୍ବ ଶ୍ଳୋକରେ କୁହାଯାଇଛି, ତାହା ଯଦି ସଗୁଣ ସାକାର ଭଗବାନ ସ୍ୱରୂପରେ ଅତ୍ୟଧିକ ଶ୍ରଦ୍ଧା ଓ ବିଶ୍ୱାସ ନ ଥିବା କାରଣରୁ ସମ୍ଭବ ହୋଇପାରୁ ନାହିଁ, ତାହାହେଲେ କର୍ମଯୋଗକୁ ଆଶ୍ରୟ କରି ସଂଯତ ଚିତ୍ତରେ ସମସ୍ତ କର୍ମଫଳ ଇଚ୍ଛାକୁ ତ୍ୟାଗ କର ବୋଲି ଭଗବାନ ଏହି ଶ୍ଳୋକରେ ବତାଇଛନ୍ତି । ବ୍ୟାବହାରିକ ଓ ଲୋକ ହିତାର୍ଥ କାର୍ଯ୍ୟ କରିବାରେ ଯାହାର ଅଭିରୁଚି ଥାଏ, ସେହି ମାନଙ୍କ ପାଇଁ ଏହି ସାଧନ ଉପଯୋଗୀ । ଏହି ମନୋଭାବ ବ୍ୟକ୍ତି ନିଜକୁ ଭଗବାନଙ୍କ ମାଧ୍ୟମ ବୋଲି ବୁଝି ନଥାନ୍ତି କି, ଭଗବାନଙ୍କ ପ୍ରସନ୍ନତା ନିମିତ୍ତ କର୍ମ କରୁଛି ବୋଲି ଭାବି ନଥାନ୍ତି । ଏତିକି ମାତ୍ର ସେମାନଙ୍କ ଦୃଢ ଧାରଣା ରହିଥାଏ ଯେ, କର୍ମ କରିବା ମନୁଷ୍ୟର ଅଧିକାର, କିନ୍ତୁ ଫଳ ପ୍ରାପ୍ତିରେ ନୁହେଁ । ବେଦାନ୍ତିଙ୍କ ମତ ହେଲା; କର୍ମ ଜଡ ଏବଂ ଏହା କ୍ଷଣ କ୍ଷଣରେ ନଷ୍ଟ ହୁଏ । ବେଦାନ୍ତ ଦର୍ଶନରେ ସୂତ୍ର ଅଛି; "ଫଳମତ ଉପପତ୍ତେଃ"– ଫଳ ପ୍ରାପ୍ତି ଈଶ୍ୱରଙ୍କ ବିଧାନ ହିଁ ହୋଇଥାଏ - ଅଧିଷ୍ଠାତାର ବଳ ଉପରେ କର୍ମ ଫଳ ପ୍ରାପ୍ତି ହୋଇ ନଥାଏ । ତେଣୁ କୌଣସି ପ୍ରକାର ଫଳ ଇଚ୍ଛା ନରଖି ଯଜ୍ଞ, ଦାନ, ତପ, ସେବା ତଥା ବର୍ଣ୍ଣାଶ୍ରମ ଅନୁସାରେ ଜୀବିକା ଏବଂ ଶରୀର ନିର୍ବାହ ଅନ୍ତର୍ଗତ ସମସ୍ତ ଶାସ୍ତ୍ର ବିହିତ କର୍ମକୁ କର୍ତ୍ତବ୍ୟ ବୋଲି ଗ୍ରହଣ କରି ନେବା ଉଚିତ । ଭୋଗ ବୁଦ୍ଧି ନିବୃତ୍ତି ପ୍ରଚେଷ୍ଟାରେ ମନ, ବୁଦ୍ଧି, ଇନ୍ଦ୍ରିୟ ସମେତ ଶରୀର ଉପରେ ନିୟନ୍ତ୍ରଣ ରହିଥାଏ । ମନୁଷ୍ୟ କର୍ମଫଳ ଭୋଗ କରିବାରେ ପରବଶ ଅଟେ । ବାସନା, ଆସକ୍ତି କିମ୍ବା କର୍ତ୍ତାପନ ମନୋଭାବ ରଖି, ଭୋଗ କରିବାରେ ଭୋଗରୁ ନୂତନ କର୍ମ ଜାତ ହୋଇ ତାହା ପୁଣି ବନ୍ଧନର କାରଣ ହୁଏ । ଭୋଗ ତ ନିଶ୍ଚିତ ଭାବେ କୌଣସି ଏକ କର୍ମର ଫଳ, କିନ୍ତୁ ଭୋଗ ବୁଦ୍ଧିରେ ତାହା ପୁଣି ନୂତନ କର୍ମ ରୂପେ ଫଳଦାୟୀ ନ ହେବା ହେଉଛି 'କର୍ମଫଳ ତ୍ୟାଗ' । ସଂଯତ ଚିତ୍ତ ହୋଇ ମହତ୍ ଉଦ୍ଦେଶ୍ୟରେ କର୍ମଫଳ ତ୍ୟାଗ ଦ୍ୱାରା ବିଷୟାସକ୍ତି ନଷ୍ଟ ହୋଇ ଅନ୍ତଃକରଣ ଶୁଦ୍ଧ ହୁଏ ଏବଂ କର୍ମ କରିବାର ଆବେଗ ଶାନ୍ତ ହୋଇଯାଏ । ଅନ୍ତଃକରଣ ବିକାର ରହିତ ହୋଇଗଲେ, ସାତ୍ତ୍ୱିକ ସୁଖ (ଶାନ୍ତି) ଅନୁଭୂତ ହୁଏ । ସେହି ସାତ୍ତ୍ୱିକ ସୁଖ ସ୍ଥିତିରେ ଭୋଗ ବୁଦ୍ଧିରେ ଆବଦ୍ଧ ନ ହେଲେ, ତାହା ପରମତତ୍ତ୍ୱ ଅନୁଭବ କରାଇ ତାହା ସହିତ ଅଭିନ୍ନ କରାଇଦିଏ । ସାଧକ କ୍ରମଶଃ ସ୍ୱ-ସ୍ୱରୂପ ଏବଂ ପର-ସ୍ୱରୂପ ପରାଭକ୍ତି ମାର୍ଗ ଅନୁସରଣ କରେ ଏବଂ ଭଗବାନଙ୍କ ସେବା ନିମିତ୍ତ ଶୁଦ୍ଧ ଭକ୍ତି ଯୋଗ ସ୍ତରକୁ ଆସିଯାଏ । ସାଂସାରିକ କ୍ଷେତ୍ରରେ ଯାହା

କିଛି ମଧ୍ୟ ପ୍ରାରବ୍ଧାନୁସାରେ ସୁଖ-ଦୁଃଖ ଭୋଗ ପ୍ରାପ୍ତ ହୋଇଥାଏ, ସେହି ସବୁ ଭଗବାନଙ୍କ ପ୍ରସାଦ ମନେକରି ସର୍ବଦା ପ୍ରସନ୍ନ ରହେ । ତେଣୁ ସମସ୍ତ କର୍ମଫଳ ତ୍ୟାଗ, ଭଗବତ୍ ପ୍ରାପ୍ତିର ସ୍ୱତନ୍ତ୍ର ସାଧନ ରୂପେ ପରିଗଣିତ । କିନ୍ତୁ ଧ୍ୟାନ ରଖିବା ଉଚିତ କି, ମିଥ୍ୟା, କପଟ, ବ୍ୟଭିଚାର, ହିଂସା, ଚୋରୀ ଆଦି ନିଷିଦ୍ଧ କର୍ମ ସମୂହ 'ସର୍ବ କର୍ମ' ଅନ୍ତର୍ଭୁକ୍ତ ନୁହେଁ, ଏହା ସର୍ବଦା ତ୍ୟାଜ୍ୟ । କର୍ମଫଳ ତ୍ୟାଗ ରୂପକ ସାଧନରେ କର୍ମଗୁଡିକୁ ସ୍ୱରୂପତଃ(ବାହ୍ୟ ଭାବରେ) ତ୍ୟାଗ କରିବାକୁ କୁହା ଯାଇନାହିଁ । ବରଂ କର୍ମଫଳରେ ରହିଥିବା ମମତା, ଆସକ୍ତି, କାମନା ଓ ବାସନା ଇତ୍ୟାଦି ତ୍ୟାଗ କରିବା ଏହାର ପ୍ରକୃତ ଅଭିପ୍ରାୟ । ଭଗବାନ ପୂର୍ବ ତିନିଗୋଟି ଶ୍ଳୋକରେ ଭକ୍ତିଯୁକ୍ତ କର୍ମଯୋଗର ସାଧନ ପ୍ରଣାଳୀ ଭିନ୍ନ ଭିନ୍ନ ରୁଚି ସମ୍ପନ୍ନ ସାଧକଙ୍କ ନିମନ୍ତେ ବତାଇଛନ୍ତି । ତାହା ହେଲା :- (୧) ଭଗବତ୍ ସ୍ୱରୂପରେ ମନକୁ ସ୍ଥିରକରି ନିଶ୍ଚୟାତ୍ମିକ ବୁଦ୍ଧିରେ ଭଗବାନଙ୍କ ନାମ, ରୂପ, ଗୁଣ, ଲୀଳା ଆଦିର ଶ୍ରବଣ, କୀର୍ତ୍ତନ ଓ ସ୍ମରଣ ମାଧ୍ୟମରେ ନିରୁପାଧିକ ପ୍ରେମ ଲାଭ କରିବାର ପ୍ରଯତ୍ନ (୨) ଉପରୋକ୍ତ ଅନୁରାଗ ମାର୍ଗରେ ଯଦି ଚିତ୍ତ ଅର୍ଥାତ୍ ଏହି ମନ ବୁଦ୍ଧିକୁ ମୋ'ଠାରେ ସମାବିଷ୍ଟ କରିବାକୁ ଅସମର୍ଥ, ମୋର ପ୍ରାପ୍ତି ନିମନ୍ତେ ଇଚ୍ଛା କରି ବୈଧୀ ଭକ୍ତି ରୂପ ମାର୍ଗ ଆଶ୍ରୟ କରି ଅଭ୍ୟାସ ଯୋଗ ଅବଲମ୍ବନ କରିବା ଶ୍ରେୟସ୍କର । (୩) ଯିଏ ବୈଧ ପ୍ରଣାଳୀ ରୂପେ ଅଭ୍ୟାସ ଯୋଗ ସାଧନ ନିମନ୍ତେ ଅକ୍ଷମ, ସେ' ଭଗବତ୍-କର୍ମ ପରାୟଣ ଅର୍ଥାତ୍ ମୋର ପ୍ରସନ୍ନତା ନିମନ୍ତେ କର୍ମ କରି ମଧ୍ୟ ସିଦ୍ଧି ଲାଭ କରି ପାରିବ । (୪)ଏହି ଶ୍ଳୋକରେ ସୁଗମ ମାର୍ଗ ବତାଇ ଭଗବାନ ଉପସଂହାର କରିଛନ୍ତି କି, ଉପରୋକ୍ତ ସାଧନ କରିବାକୁ ଅସମର୍ଥ ହେଲେ, ସଂଯତ ଚିତ୍ତରେ ଫଳ ଇଚ୍ଛା ତ୍ୟାଗ କରି ବୈଦିକ କର୍ମ ଆଚରଣ କରିବା ଶ୍ରେୟସ୍କର । ଏହିପରି କର୍ମ ଆଚରଣ ଫଳ ସ୍ୱରୂପ ସାଧକ ଆତ୍ମା-ପରମାତ୍ମା ପରାଭକ୍ତି ପ୍ରାପ୍ତିରୂପ କ୍ରମ ପଥର ପ୍ରାପ୍ତି ହୁଏ ।

ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।
ଧ୍ୟାନାତ୍କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ॥୧୨॥

*ଅନ୍ୱୟ: ଅଭ୍ୟାସାତ୍ (ମର୍ମ ନ ବୁଝି ଯନ୍ତ୍ରବତ୍ କୌଣସି କ୍ରିୟା ଅଭ୍ୟାସ କରିବା ଅପେକ୍ଷା) ଜ୍ଞାନ (ଶାସ୍ତ୍ର ଜ୍ଞାନ ଅର୍ଥାତ୍ ଶବ୍ଦ ଓ ଯୁକ୍ତି ଦ୍ୱାରା ଆତ୍ମ ନିଶ୍ଚୟ ରୂପକ ପରୋକ୍ଷ ଜ୍ଞାନ) ଶ୍ରେୟଃ (ଶ୍ରେଷ୍ଠ) [ପୁଣି] ଜ୍ଞାନାତ୍ (ଶାସ୍ତ୍ରଜ୍ଞାନ- ପରୋକ୍ଷ ଜ୍ଞାନ କେବଳ ଜାଣିବା ଅପେକ୍ଷା) ଧ୍ୟାନଂ (ମନନ ସହ ନିଦିଧ୍ୟାସନ- ମୋର ସ୍ମରଣ) ବିଶିଷ୍ୟତେ (ବିଶେଷ ଶ୍ରେଷ୍ଠ ଅଟେ ) ଧ୍ୟାନାତ୍ (ଧ୍ୟାନ ଅପେକ୍ଷା ) କର୍ମଫଳ ତ୍ୟାଗ (ସମସ୍ତ କର୍ମର ଫଳେଚ୍ଛା ତ୍ୟାଗ [ଶ୍ରେଷ୍ଠ] ହି (କାରଣ) ତ୍ୟାଗାତ୍ ଅନନ୍ତରମ୍ (କର୍ମଫଳ ତ୍ୟାଗରୁ ତତ୍ କ୍ଷଣାତ୍) ଶାନ୍ତିଃ (ପରମ ଶାନ୍ତିପ୍ରାପ୍ତ ହୁଏ ) ।*

**ଭାବାର୍ଥ**: ନିଜ ବିଶ୍ୱାସ, ଯୋଗ୍ୟତା ଓ ରୁଚିକୁ ନେଇ ଗୋଟିଏ ସାଧନ କ୍ରିୟା କରିବାକୁ ଅସମର୍ଥ ହେଲେ ଅନ୍ୟ ଗୋଟିଏ କରିବା କ୍ରମରେ ସମର୍ପଣ ଯୋଗ, ଅଭ୍ୟାସ ଯୋଗ, ଭଗବଦାର୍ଥ କର୍ମ ଓ ଫଳ ତ୍ୟାଗ ନାମରେ ଚାରୋଟି ସାଧନ ପ୍ରଣାଳି ୮ମ ଠାରୁ ୧୧ଶ- ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ବତାଇଛନ୍ତି । ଏହି ଚାରୋଟିଯାକ ସାଧନ ପ୍ରଣାଳୀ ପ୍ରାରମ୍ଭିକ ଅବସ୍ଥାରେ ପରସ୍ପର ପୃଥଗ ପ୍ରତୀତ ହେଉଥିଲେ ମଧ୍ୟ, ସାଧନାର ଅଗ୍ରଗତିରେ ତାହା ଅଭ୍ୟାସାତ୍ମକ, ମନନାତ୍ମକ, ସ୍ମରଣାତ୍ମକ ଏବଂ ତ୍ୟାଗାତ୍ମକ- ଏହି ଚାରୋଟି କ୍ରିୟାର

ସାମୁହିକ ସିଦ୍ଧତାରେ ହିଁ ଭଗବତ ପ୍ରାପ୍ତି ସମ୍ଭବ ହୁଏ । ମର୍ମ ଓ ତତ୍ତ୍ୱ ନ ଜାଣି କୌଣସି ସାଧନ ଅନ୍ଧ ଭାବରେ ଅଭ୍ୟାସ କରିବା ଦ୍ୱାରା ଯୋଗ ସିଦ୍ଧି ପ୍ରାପ୍ତି ବିଳମ୍ବ ହୁଏ । ଅଭ୍ୟାସ ଅପେକ୍ଷା ମନନାତ୍ମକ ଜ୍ଞାନ ଶ୍ରେଷ୍ଠ । ଭଗବାନଙ୍କ ସ୍ୱରୂପରେ ବୁଦ୍ଧି ନିବେଶ ପୂର୍ବକ ମନନ ଦ୍ୱାରା ଭଗବତ ସମ୍ବନ୍ଧୀୟ ଶାସ୍ତ୍ର ତଥା ଶବ୍ଦ ଓ ଯୁକ୍ତି ଦ୍ୱାରା ଆତ୍ମ ନିଶ୍ଚୟ ରୂପକ ପରୋକ୍ଷ ଜ୍ଞାନ ପ୍ରାପ୍ତି ହୋଇଥାଏ । ଭଗବାନଙ୍କ ଗୁଣ, ପ୍ରଭାବ, ଐଶ୍ୱର୍ଯ୍ୟ ଓ ଲୀଳା ପ୍ରଭୃତି ସମ୍ବନ୍ଧରେ ମନନ କରିବା ଦ୍ୱାରା ଅନ୍ତଃକରଣରେ ଭଗବତ ପ୍ରାପ୍ତିର ଅଭିଳାଷ ଜାଗ୍ରତ ହୁଏ । ଶାସ୍ତ୍ରଗତ ଜ୍ଞାନ ଓ ଗୁରୁବାକ୍ୟ ଶୁଣିବା ଓ ଜାଣିବା ଅପେକ୍ଷା ଆତ୍ମା ସ୍ତରରେ ତାହାକୁ ଧ୍ୟାନ ଲଗାଇ ବୁଝିନେବା ବିଶେଷ ଭାବେ ଶ୍ରେଷ୍ଠ ଅଟେ । ଧ୍ୟାନ ଦ୍ୱାରା ଚିତ୍ତ ସ୍ଥିର ହେବାକୁ ଲାଗିଲେ ଚିତ୍ତର ମଳିନତା, ଚଞ୍ଚଳତା ନାଶ ହୁଏ, ଯାହା କେବଳ ପରୋକ୍ଷ ବା ଶାସ୍ତ୍ରଜ୍ଞାନ ଦ୍ୱାରା ସମ୍ଭବ ହୋଇ ନ ଥାଏ । ଧ୍ୟାନରେ ଇଷ୍ଟ ରହିଥାନ୍ତି । ଇଷ୍ଟଙ୍କ ପ୍ରତି ସମର୍ପଣ ସହିତ ଯୋଗ ଉପରେ ଦୃଷ୍ଟି ରଖି କର୍ମଫଳ ତ୍ୟାଗ କଲେ, ତାହାର ଯୋଗ-କ୍ଷେମ ଦାୟିତ୍ୱ ସ୍ୱୟଂ ଇଷ୍ଟ ନେଇଥାନ୍ତି । ସୁସ୍ଥତା-ଅସୁସ୍ଥତା, ଧନବତ୍ତା-ନିର୍ଦ୍ଧନତା, ମାନ-ଅପମାନ, ନିନ୍ଦା-ପ୍ରଶଂସା ଇତ୍ୟାଦି ପ୍ରତ୍ୟେକ ଅନୁକୂଳ-ପ୍ରତିକୂଳ ପରିସ୍ଥିତି କର୍ମଫଳ ରୂପେ ଉପସ୍ଥିତ ହୁଏ । ଯେହେତୁ କର୍ମ ଚିରସ୍ଥାୟୀ ନୁହେଁ, ସେହି ପ୍ରକାରେ କର୍ମଫଳ ରୂପେ ଯାହା ପ୍ରାପ୍ତି ହୁଏ, ତାହା ମଧ୍ୟ ଚିରସ୍ଥାୟୀ ନୁହଁ । ତେଣୁ ସେଥିପ୍ରତି ଆସକ୍ତି ଓ ମମତା କରିବା ଭ୍ରମ ମାତ୍ର । ଫଳଭୋଗ ନିମନ୍ତେ କାମନା ମନର ଏକଗ୍ରତା ଭଙ୍ଗର ମୁଖ୍ୟ କାରଣ । ଅତଏବ, ଫଳାସକ୍ତି ତ୍ୟାଗ କର୍ମଯୋଗର ବୀଜ ଅଟେ । କାମନା ଓ ଫଳାସକ୍ତି ଲୋପ ହୋଇଗଲେ, ସମସ୍ତ କର୍ମ ଅକର୍ମ ହୋଇଯାଏ । କ୍ରମାଗତ ଧ୍ୟାନ ବଳରେ ଅନ୍ତଃକରଣରେ ଯେଉଁ ଶକ୍ତି ସଞ୍ଚାର ହୁଏ, ତାହାର ସଦୁପଯୋଗକରି ପରମାର୍ଥିକ ମାର୍ଗରେ ଆଗେଇବାକୁ ଶାସ୍ତ୍ର, ଗୁରୁବାକ୍ୟ ଆଦି ମୁଖ୍ୟ ସହାୟକ ହୋଇଥାଏ । ଫଳ ସ୍ୱରୂପ ପରମପୁରୁଷ ଭଗବାନଙ୍କ ଯୋଗ ତତ୍ତ୍ୱର ସମସ୍ତ ସଂଶୟ ଦୂର ହୁଏ । ଆତ୍ମା-ପରମାତ୍ମା ସମ୍ବନ୍ଧରେ ସ୍ୱରୂପ ତଥା ଭଗବାନଙ୍କ ଗୁଣ, ପ୍ରଭାବ, ଲୀଳା ଏବଂ ସଂସାର ଭୋଗର ଅନିତ୍ୟତା ସହିତ ଅନ୍ୟ ଆଧ୍ୟାତ୍ମିକ ତତ୍ତ୍ୱକୁ ମଧ୍ୟ ଉତ୍ତମ ରୂପେ ବୁଝି ହୋଇଥାଏ । ଅନ୍ତଃକରଣ ବିଶୁଦ୍ଧି ପରେ ନୂତନ କର୍ମ କରିବାର ଆବେଗ ଶାନ୍ତ ହୋଇଯାଏ ଏବଂ ମନ ଓ ବୁଦ୍ଧିର ବିଲୁପ୍ତି ଘଟି ଆତ୍ମା ସ୍ତରରେ ପରମାତ୍ମାଙ୍କ ଧ୍ୟାନ ଅର୍ଥାତ୍ ସ୍ମରଣ ଅନାୟାସରେ ସିଦ୍ଧ ହୋଇଥାଏ । ସ୍ୱର୍ଗାଦି ସୁଖ ଏବଂ ମୋକ୍ଷ ସୁଖର ସ୍ପୃହା ଦୂର ହୋଇ ଅଚିରେ ସଂସାର ନିବୃତ୍ତି ରୂପକ ପରମ ଶାନ୍ତି ଲାଭ ହୁଏ । ଭକ୍ତିଯୋଗର ଏହି କ୍ରମୋନ୍ନତି ସାଧନରେ ଆଶ୍ରମ, ଦେଶ ଇତ୍ୟାଦି ପରିବର୍ତ୍ତନ କରିବାର ପ୍ରୟୋଜନ ରହେନାହିଁ । ବରଂ ସାଧକ ଯେଉଁ ପରିସ୍ଥିତିରେ ଯାହା କରୁଛି, ସ୍ୱରୂପତଃ କର୍ମକୁ ନ ଛାଡି ସ୍ୱଜନ ମାନଙ୍କୁ ତ୍ୟାଗ ନ କରି, ପ୍ରତ୍ୟେକ ପରିସ୍ଥିତିରେ ଆତ୍ମ କଲ୍ୟାଣ କରିପାରିବ । ଉପାସ୍ୟ ଦେବ ମାନି ସକାମ ଭାବରେ କେବଳ ମନ ବୁଦ୍ଧିକୁ ଭଗବାନଙ୍କ ସାକାର କିମ୍ବା ନିରାକାର ସ୍ୱରୂପରେ ସ୍ଥିର କରିନେଲେ, ଧ୍ୟାନ ସିଦ୍ଧ ସ୍ତରରେ ପହଞ୍ଚି ପାରି ନ ଥାଏ । କର୍ମଫଳ ତ୍ୟାଗ ଦ୍ୱାରା ଯେତେ ସହଜରେ ଜଡତତ୍ତ୍ୱରୁ ସମ୍ବନ୍ଧ ଛିନ୍ନ ହୋଇଥାଏ, ଜ୍ଞାନ, ଅଭ୍ୟାସ, ଧ୍ୟାନ, ତପ ଇତ୍ୟାଦି ସାଧନ ଦ୍ୱାରା ସେତେ ସହଜରେ ହୁଏନାହିଁ । ଜ୍ଞାନ ଓ କର୍ମଫଳ ତ୍ୟାଗ ନ ଥାଇ ଧ୍ୟାନ କରିବା ଅପେକ୍ଷା ଜ୍ଞାନ ଓ ଧ୍ୟାନ ନ ଥାଇ

କର୍ମଫଳ ତ୍ୟାଗ ଶ୍ରେଷ୍ଠ । ଅଭିପ୍ରାୟ ଏହାକି, ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ କ୍ରିୟା ଅପେକ୍ଷା 'ଭାବ'ର ଅଧିକ ମହତ୍ତ୍ୱ ଥାଏ । ସଂସାରରେ ବୈରାଗ୍ୟ ଓ ଅନନ୍ୟ ଭଗବତ୍ ପ୍ରେମ ଦ୍ୱାରା ହିଁ ଭଗବାନଙ୍କ ପ୍ରାପ୍ତି ହୋଇଥାଏ । ସ୍ୱାମୀ ରାମ ସୁଖଦାସ କହିଛନ୍ତି; "ନିଜର କିଛି ନାହିଁ, - ନିଜ ପାଇଁ କିଛି ଆବଶ୍ୟକ ନାହିଁ - ଏବଂ ନିଜ ପାଇଁ କିଛି କରିବାର ନାହିଁ - ଏହି ତିନିଗୋଟି ବିଚାର ଧାରା ଫଳେଚ୍ଛା ତ୍ୟାଗର ମୂଳ ମନ୍ତ୍ର ।" ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ, ଶରୀର ସମେତ ଜଡ ବସ୍ତୁର ଆତ୍ମା ସ୍ୱରୂପ ସହିତ କୌଣସି ସମ୍ବନ୍ଧ ହିଁ ନାହିଁ । ଅତଏବ, ତ୍ୟାଗ କାହାର କରିବା ? ଯାହା ନିଜର ହୋଇ ନ ଥିଲେ ମଧ୍ୟ ଭ୍ରମ ବଶତଃ ନିଜର ମାନି ନେଉଛେ, ତାହାକୁ ହିଁ ତ୍ୟାଗ କରିବାକୁ ପଡିବ । ଅର୍ଥାତ୍ ସଂସାର ସହିତ ମାନି ନିଆଯାଇଥିବା "ମୁଁ ଓ ମୋର" ସମ୍ବନ୍ଧକୁ ତ୍ୟାଗ କରିବାକୁ ହେବ । ସଂସାରର ପ୍ରତ୍ୟେକ ବସ୍ତୁ ସହିତ ସମ୍ବନ୍ଧର ନିର୍ଦ୍ଦିଷ୍ଟ ସୀମା ରହିଥାଏ । ତ୍ୟାଗ କିନ୍ତୁ ଅସୀମ ଅର୍ଥାତ୍ ସମ୍ବନ୍ଧ ବିଚ୍ଛେଦର କୌଣସି ସୀମା ନାହିଁ । ସୀମିତ ବସ୍ତୁ ପ୍ରତି ମୋହ ଥିବା ପର୍ଯ୍ୟନ୍ତ, ଅସୀମ ପରମାତ୍ମା ତତ୍ତ୍ୱ ଅନୁଭୂତ ହୋଇ ପାରିବ ନାହିଁ । ତ୍ୟାଗ କରିଛି ଏବଂ କରୁଛି ବୋଲି ମନରେ ଭାବ ରହିଲେ, ସେହି ତ୍ୟାଗ ସୀମିତ ଏବଂ ଏହି ଭାବ ଅହଂକାର ବା ଅଭିମାନର ଅଭିବୃଦ୍ଧିର କାରଣ ହୋଇଥାଏ । ଯେବେ ସଂସାର ପ୍ରତି ଆସକ୍ତି ଥିବା କିମ୍ବା ନ ଥିବା ସାଧକକୁ ବୋଧ ହେବ ନାହିଁ, ସେହି ସ୍ଥିତିରେ ତ୍ୟାଗ ସ୍ୱତଃ ଅସୀମ ହୋଇ ଯାଇଥାଏ । ପରମାତ୍ମା ତତ୍ତ୍ୱ ଦେଶ, କାଳ, ବସ୍ତୁ, ବ୍ୟକ୍ତି ଆଦିର ଊର୍ଦ୍ଧ୍ୱରେ ହୋଇ ଥିବାରୁ, ସେହି ମୁହୂର୍ତ୍ତରେ ଅସୀମ ପରମାତ୍ମା ତତ୍ତ୍ୱ ପ୍ରାପ୍ତି ହୋଇଯାଏ । 'ଶାନ୍ତି' ତ୍ୟାଗରୁ ହିଁ ଉଦ୍ଭବ ।

ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।
ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖଃ କ୍ଷମୀ ॥୧୩॥
ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ ।
ମୟ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ॥୧୪॥

*ଅନ୍ୱୟ: ଯଃ (ଯେ) ସର୍ବଭୂତାନାଂ (ସମସ୍ତ ଜୀବ ପ୍ରତି) ଅଦ୍ୱେଷ୍ଟା (ଦ୍ୱେଷଭାବ ଶୂନ୍ୟ) ମୈତ୍ରଃ (ମିତ୍ର ଭାବାପନ୍ନ) ଚ ( ଓ) କରୁଣଃ ଏବ (ଦୟା ଭାବ ) ନିର୍ମମଃ (ମମତ୍ୱ ବୁଦ୍ଧି ରହିତ-'ମୁଁ ଓ ମୋର' ବୁଦ୍ଧି ନ ରହିବା ) ନିରହଙ୍କାରଃ (ଅହଂକାର ରହିତ-ଦେହାଭିମାନ ଶୂନ୍ୟ) ସମ ଦୁଃଖ ସୁଖଃ ( ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସମ ବୁଦ୍ଧି ସମ୍ପନ୍ନ) କ୍ଷମୀ (କ୍ଷମାଶୀଳ-ସହିଷ୍ଣୁ ) ସତତମ୍ (ନିରନ୍ତର) ସନ୍ତୁଷ୍ଟଃ ଯୋଗୀ (ଭକ୍ତି ଯୋଗ ଯୁକ୍ତ) ଯତାତ୍ମା (ଶରୀର ସଂଯମୀ-ଜିତେନ୍ଦ୍ରିୟ) ଦୃଢ ନିଶ୍ଚୟଃ (ଅନନ୍ୟ ଭକ୍ତିରେ ଅଟଳ -ଦୃଢ ବିଶ୍ୱାସ) ମୟି (ମୋ'ଠାରେ ) ଅର୍ପିତ ମନ ବୁଦ୍ଧିଃ (ମନ, ବୁଦ୍ଧି ଅର୍ପଣ କରିଛି ) ସଃ (ସେହି) ମଦ୍ଭକ୍ତଃ (ମୋର ଭକ୍ତ) ମେ (ମୋର) ପ୍ରିୟଃ (ପ୍ରିୟ) ।*

**ଭାବାର୍ଥ**: ପୂର୍ବୋକ୍ତ ଭକ୍ତି ସାଧନ ଦ୍ୱାରା ଯେ ପରମ ଶାନ୍ତି ବା ଭଗବାନଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିଛନ୍ତି, ତାଙ୍କରି ଦୈବୀ ସମ୍ପତ୍ତି ସମ୍ପନ୍ନ ଦିବ୍ୟ ଗୁଣାବଳୀ ଗୁଡିକୁ ଭଗବାନ (୧୩ -୨୦) ଆଠଟି ଶ୍ଳୋକରେ ବର୍ଣ୍ଣନା କରିଛନ୍ତି । ଏହାକୁ 'ଅମୃତାଷ୍ଟକ' ବୋଲି ମଧ୍ୟ କୁହାଯାଇଛି । ଏହାର ନିତ୍ୟ ପଠନରେ, ମୃତ୍ୟୁ, ଜରା ଓ ବ୍ୟାଧି ଆଦି ଭୌତିକ ତାପରୁ ମୁକ୍ତି ମିଳିଥାଏ । ସମସ୍ତ ଜୀବ ପ୍ରତି ଦ୍ୱେଷ ରହିତ ଅର୍ଥାତ୍ ସମସ୍ତଙ୍କୁ ଆତ୍ମା ଦୃଷ୍ଟିରେ ଦେଖି

ନିଜର ଅନିଷ୍ଟକାରୀଙ୍କ ପ୍ରତି ମଧ୍ୟ ଦ୍ୱେଷ ଭାବ ନ ରଖି, ସମସ୍ତଙ୍କ ସହ ମିତ୍ର ଭାବାପନ୍ନ, ଦୟାଳୁ, ପୁତ୍ର-କଳତ୍ରାଦିରେ ମମତା ଶୂନ୍ୟ ଏବଂ 'ମୁଁ-ମୋର' ବୁଦ୍ଧି ରହିତ, ଅହଂକାର ଶୂନ୍ୟ ଅର୍ଥାତ ଦେହାଭିମାନ ବର୍ଜିତ, ସୁଖ-ଦୁଃଖ ପ୍ରାପ୍ତିରେ ସମ ଚିତ୍ତ ସମ୍ପନ୍ନ, କ୍ଷମାଶୀଳ ଓ ସହିଷ୍ଣୁ, ଭକ୍ତି ଯୋଗ ଯୁକ୍ତ ରୂପେ ସଦା ପ୍ରସନ୍ନ ଓ ନିତ୍ୟ ତୃପ୍ତ, ଶରୀର ସଂଯମୀ, ମୋ' ସମ୍ବନ୍ଧରେ ଦୃଢ ସଙ୍କଳ୍ପବାନ୍ ଏବଂ ମୋ'ଠାରେ ମନ, ବୁଦ୍ଧି ସମ୍ପୂର୍ଣ୍ଣ ଅର୍ପିତ-ଏହି ଗୁଣ ସମ୍ପନ୍ନ ଯେଉଁ ଭକ୍ତ, ସେ ମୋର ପ୍ରିୟ ହୋଇ ଥାଏ । **ଅଦ୍ୱେଷ୍ଟା** : ସ୍ୱରୂପତଃ ପ୍ରତ୍ୟେକ ପ୍ରାଣୀ ଭଗବାନଙ୍କ ଅଂଶ ଅଟନ୍ତି । କାହାପ୍ରତି ସାମାନ୍ୟତମ ଦ୍ୱେଷଭାବ ମଧ୍ୟ ଭଗବାନଙ୍କ ପ୍ରତି ଦ୍ୱେଷ –ଏହା ମନେକରି ହିଂସା ଓ ଦ୍ୱେଷ ଭାବରୁ ନିବୃତ୍ତ ରହିଥାନ୍ତି । **ମିତ୍ରଃ**- ସକଳ ପ୍ରାଣୀଙ୍କଠାରେ ପରମେଶ୍ୱରଙ୍କ ଅଧିଷ୍ଠାନ ମନେକରି ସମସ୍ତଙ୍କ ପ୍ରତି ମିତ୍ର ଭାବାପନ୍ନ ହୋଇ ରହିଥାନ୍ତି । ଭଗବାନଙ୍କ ସାଦୃଶ୍ୟ ଭକ୍ତର ସ୍ୱଭାବ ହୋଇଥିବାରୁ, ବିନା ସ୍ୱାର୍ଥରେ ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ସ୍ୱାଭାବିକ ଭାବେ ମୈତ୍ରୀ ଓ ଦୟାଭାବ ରହେ । **କରୁଣଃ**- ଅନ୍ୟର ଦୁଃଖ ଦେଖି, ଦୁଃଖ ହରଣ ନିମନ୍ତେ ପ୍ରଯତ୍ନବାନ୍ ଥାଆନ୍ତି । ଏପରିକି ଶତ୍ରୁ ଆଚରଣ କରୁଥିବା ବ୍ୟକ୍ତିର ମଧ୍ୟ ମଙ୍ଗଳ କାମନା କରି ତା ପ୍ରତି ଦୟାବାନ୍ ହୋଇଥାନ୍ତି । **ନିର୍ମମଃ**- ନିଜର ତଥା କଥିତ ଶରୀର, ଇନ୍ଦ୍ରିୟ, ମନ ଓ ବୁଦ୍ଧି ସମ୍ବନ୍ଧୀୟ ବ୍ୟକ୍ତି, ପଦାର୍ଥରେ ମମତ୍ୱ ଭାବ ନ ରଖିବା । 'ମୁଁ ଓ ମୋର' ବୁଦ୍ଧିକୁ ଅନ୍ତଃକରଣରୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରି ପୁତ୍ର କଳତ୍ର ଆଦିରେ ମମତା ନ ରହିବା । **ନିରହଂକାରଃ**- ଦେହ ଅଭିମାନ ଏବଂ ମିଥ୍ୟା ଅହଙ୍କାର ଠାରୁ ଯେ ମୁକ୍ତ ରହିଥାଆନ୍ତି, ତାଙ୍କରି ଅନ୍ତଃକରଣରେ ଦୈବୀ ସମ୍ପତ୍ତି ଗୁଣ ସମୂହ ସ୍ୱତଃ ପ୍ରକାଶ ପାଇଥାଏ । ସବୁ ଦେଖୁଥିବା ନିଜ ଆଖି ନିଜକୁ କେବେ ଦେଖି ପାରି ନ ଥାଏ । ଅନ୍ୟର ଅହଂକାର ପ୍ରଦର୍ଶନ ନିଜକୁ ସହଜରେ ଜଣା ପଡିଥାଏ, କିନ୍ତୁ ନିଜକୁ ଅଭିମାନୀ ରୂପେ ବୁଝିନେବା କଷ୍ଟସାଧ୍ୟ । **ସମ ଦୁଃଖ-ସୁଖ** : ସୁଖ ଓ ଦୁଃଖ ଉଭୟ ଅବସ୍ଥାରେ ସମଭାବାପନ୍ନ ହୋଇ ଦୁଃଖଭୋଗକୁ ଯେ ପୂର୍ବଜନ୍ମ ପାପକ୍ଷୟ ନିମନ୍ତେ ଭଗବାନଙ୍କ ଅନୁକମ୍ପା ବୋଲି ଗ୍ରହଣ କରି ନେଇଥାନ୍ତି । "ଭଗବାନଙ୍କ ବିଧାନ ସର୍ବଦା ମଙ୍ଗଳମୟ ଏବଂ ପ୍ରାରବ୍ଧ ଅବଶ୍ୟ ଭୋଗ କରିବାକୁ ହେବ"- ଏହି ବିଚାରରେ ସର୍ବଦା ଶାନ୍ତ, ଅବିଚଳିତ ଓ ଧୈର୍ଯ୍ୟଶୀଳ ରହି କର୍ତ୍ତବ୍ୟ ପ୍ରତି ପ୍ରଯତ୍ନଶୀଳ ହୁଅନ୍ତି । କୌଣସି ପ୍ରକାର ଅନୁକୂଳ ବା ପ୍ରତିକୂଳ ପରିସ୍ଥିତିରେ ଆନନ୍ଦ କିମ୍ବା ବିଷାଦରେ ବ୍ୟାକୁଳ ହୋଇ ଉଠନ୍ତି ନାହିଁ । ସୁଖ ଓ ଦୁଃଖ ନିଜକୁ ବୋଧ ହେବା ଦୋଷାବହ ନୁହେଁ, ମାତ୍ର ତାହାକୁ ନେଇ ଅନ୍ତଃକରଣରେ ବିକାର ଉତ୍ପନ୍ନ ହେବା ଦୋଷାବହ । **କ୍ଷମୀ** – ଅନିଷ୍ଟକାରୀ ପ୍ରତି ପୂର୍ବକୃତ ପାପଫଳ ଭୋଗ ରୂପେ ଗ୍ରହଣ କରି ସଦୟ ଭାବ ରଖିଥାନ୍ତି । ଅନ୍ତଃକରଣ ଶୁଦ୍ଧ କରିବାରେ ସହାୟକ ମନେକରି ଅନିଷ୍ଟକାରୀ ପ୍ରତି କ୍ଷମାଶୀଳ ଏବଂ ସହନଶୀଳ ହୋଇଥାନ୍ତି । ଅନ୍ୟର ଛୋଟ ଛୋଟ ଦୋଷଗୁଣରେ କ୍ରୋଧାନ୍ୱିତ ହୋଇ ନଥାନ୍ତି । ନିଜର ଅପକାର କରୁଥିବା ବ୍ୟକ୍ତିକୁ ମଧ୍ୟ କୌଣସି ଦଣ୍ଡ ବିଧାନ ଇଛା ନ ରଖି ଅଭୟ ପ୍ରଦାନ କରିଥାନ୍ତି । **ସତତମ୍ ସନ୍ତୁଷ୍ଟଃ ଯୋଗୀ** - ସର୍ବଦା ଭଗବାନଙ୍କଠାରେ ସମାହିତ ଚିତ୍ତ ହୋଇ ଜଣେ ସିଦ୍ଧଯୋଗୀ ରୂପେ ସଦା ପ୍ରସନ୍ନ ଏବଂ ଗୁରୁଙ୍କ ପ୍ରଦତ୍ତ ସାଧନାରେ ନିଷ୍ଠାବାନ୍ ହୋଇ ରହିଥାନ୍ତି । ବ୍ୟକ୍ତି ଓ ପଦାର୍ଥଠାରୁ ପ୍ରାପ୍ତ ସନ୍ତୁଷ୍ଟି ଅନିତ୍ୟ ମନେକରି ନିତ୍ୟ

ପରମାତ୍ମାଙ୍କ ଅନୁଭୂତିରେ ହିଁ ବାସ୍ତବିକ ଓ ସ୍ଥାୟୀ ସନ୍ତୋଷ ଲାଭ କରିଥାନ୍ତି । **ଯତାତ୍ମା**- ଯାହାର ମନ ଓ ଇନ୍ଦ୍ରିୟ ସହିତ ଶରୀର ଉପରେ ବିଜୟ ପ୍ରାପ୍ତ ହୋଇଥାଏ ସେ' ଜିତେନ୍ଦ୍ରିୟ । ସଂଯତଚିତ୍ତ ବ୍ୟକ୍ତି କ୍ଷୋଭ ରହିତ ହୋଇଥାଏ । **ଦୃଢନିଶ୍ଚୟ**- ଭକ୍ତର ଭଗବାନଙ୍କ ସହିତ ନିତ୍ୟ ସମ୍ବନ୍ଧ ସ୍ୱୟଂରେ ଦୃଢ ନିଶ୍ଚୟ ରହି ତାହାର ଆଭାସ ବୁଦ୍ଧିରେ ପ୍ରତୀତ ହୁଏ । ପୂର୍ଣ୍ଣ ଇଶ୍ୱର ବିଶ୍ୱାସୀ ହୋଇ କୌଣସି ପ୍ରକାର କୁତର୍କ ଦ୍ୱାରା ପ୍ରଭାବିତ ହୋଇ ନ ଥାନ୍ତି । 'ମୁଁ ଭଗବାନଙ୍କ ସେବକ' ଏହି ବିଶ୍ୱାସରେ ଦୃଢ ହୋଇ ରହିଥାନ୍ତି । **ଅର୍ପିତ ମନ ବୁଦ୍ଧିଃ**- ମନ, ବୁଦ୍ଧି ସହିତ ସମ୍ପୂର୍ଣ୍ଣ ସମର୍ପିତ ହୋଇଥିବା ଭକ୍ତର ଭଗବାନଙ୍କ ଛଡା ଅନ୍ୟ କେଉଁଠି ପ୍ରେମ ହୁଏ ନାହିଁ । ଭଗବତ୍ ପ୍ରାପ୍ତି ଏକମାତ୍ର ଲକ୍ଷ୍ୟ ସ୍ଥିର କରିନେଲେ ସ୍ୱୟଂ ଭଗବାନଙ୍କ ହୋଇଯାଇଥାନ୍ତି । ତାଙ୍କରି ମନ ଓ ବୁଦ୍ଧି ସ୍ୱାଭାବିକ ଭାବେ ଭଗବାନଙ୍କଠାରେ ସଂଯୁକ୍ତ ହୋଇ ରହେ । ନିତ୍ୟ ନିରନ୍ତର ଭଗବାନଙ୍କ ସ୍ମରଣ, ମନନରେ ତନ୍ମୟ ହୋଇ ରହିଥାନ୍ତି । ଉପରୋକ୍ତ ଲକ୍ଷଣମାନ ଥାଇ ଯାହାର ଭଗବାନଙ୍କଠାରେ ଅହେତୁକ ଏବଂ ଅନନ୍ୟ ପ୍ରେମ ତଥା ସ୍ୱରୂପରେ ଅଟଳ ସ୍ଥିତିରୁ କେବେ ବି ବିୟୋଗ ଘଟେ ନାହିଁ, ସେହି ଭକ୍ତ ମୋର ପ୍ରିୟ ହୋଇଥାନ୍ତି ।

ଯସ୍ମାନ୍ନୋଦ୍ ବିଜେତେ ଲୋକୋ ଲୋକାନ୍ନୋଦ୍ ବିଜତେ ଚ ଯଃ ।
ହର୍ଷାମର୍ଷଭୟୋଦ୍ ବେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ॥୧୫॥

*ଅନ୍ୱୟ: ଯସ୍ମାତ୍ (ଯେଉଁ ଭକ୍ତଠାରୁ) ଲୋକଃ (କୌଣସି ପ୍ରାଣୀ) ନ ଉଦ୍ବିଜତେ (ଉଦ୍ବିଗ୍ନତା ପ୍ରାପ୍ତ ହୁଏନାହିଁ) ଚ (ଏବଂ) ଯଃ (ଯେ ନିଜେ ମଧ୍ୟ) ଲୋକାତ୍ (କୌଣସି ପ୍ରାଣୀଦ୍ୱାରା) ନ ଉଦ୍ବିଜତେ (ଉଦ୍ବେଗ ପ୍ରାପ୍ତ ହୁଅନ୍ତି ନାହିଁ) ଚ ଯଃ (ତଥା ଯେ ) ହର୍ଷ-ଅମର୍ଷ-ଭୟ-ଉଦ୍ବେଗୈଃ (ହର୍ଷ, ପରଶ୍ରୀରେ ଅସହିଷ୍ଣୁତା, ଭୟ ଓ ଉଦ୍ବେଗ) ମୁକ୍ତଃ (ମୁକ୍ତ - ଶୂନ୍ୟ) ସଃ (ସେ) ମେ (ମୋର) ପ୍ରିୟଃ (ପ୍ରିୟ) /*

**ଭାବାର୍ଥ**: ଯେ ମୋର ଅନନ୍ୟ ଭକ୍ତ, ସେ ସଂସାରର କୌଣସି ପ୍ରାଣୀଙ୍କଠାରେ ଉଦ୍ବିଗ୍ନତା ସୃଷ୍ଟି କରିବାର କାରଣ ହୋଇ ନ ଥାନ୍ତି । ନିଜେ ମଧ୍ୟ ସଂସାରର କୌଣସି ବ୍ୟକ୍ତି, ପଦାର୍ଥ ଓ ପରିସ୍ଥିତିର ପ୍ରଭାବରେ ଉଦ୍ବିଗ୍ନତା ପ୍ରାପ୍ତ ହୁଅନ୍ତି ନାହିଁ । ଭକ୍ତ ଭଗବାନଙ୍କ ଭଳି ଦୟା ଏବଂ ପ୍ରେମର ମୂର୍ତ୍ତି ହୋଇଥାଆନ୍ତି । ଅନ୍ୟର କଲ୍ୟାଣ କରିବା ଯାହାର ସ୍ୱଭାବ, ସେ କେବେ ବି ଜାଣି ବୁଝି ଅନ୍ୟକୁ ଦୁଃଖ, ସନ୍ତାପ, ଭୟ, କ୍ଷୋଭ ପହଞ୍ଚାଇ ନ ଥାଏ । ଭକ୍ତ ଅଭୀଷ୍ଟ ବସ୍ତୁ ଲାଭରେ ହର୍ଷିତ ହୋଇ ଉଠି ନ ଥାନ୍ତି କି, ଭୋଗ୍ୟବସ୍ତୁ ନାଶ କିମ୍ବା ହରାଇବାର ଆଶଙ୍କାରେ ଚିନ୍ତିତ ହୋଇ ରହି ନଥାନ୍ତି । ଅନ୍ୟକାହାର ଉତ୍କର୍ଷରେ ତାଙ୍କଠାରେ ଦ୍ୱେଷଭାବ ମଧ୍ୟ ଆସି ନ ଥାଏ । ପ୍ରାରବ୍ଧ ଅନୁସାରେ ଦୁଃଖ, ପୀଡା ଆଦି ଭୋଗ କରୁଥିଲେ ମଧ୍ୟ, ରାଗ ଓ ଦ୍ୱେଷ ଅଭାବ ହେତୁ ଯେତେବଡ ଦୁଃଖ ହେଲେ ମଧ୍ୟ ଭକ୍ତ ବିଚଳିତ ହୋଇ ନ ଥାଏ । ବେଳେ ବେଳେ ନିଜ ସାଧନାର ଆଶାନୁରୂପ ଫଳ ଅପ୍ରାପ୍ତିରେ ସାଧକ ମନରେ ମଧ୍ୟ ଉଦ୍ବିଗ୍ନତା ସୃଷ୍ଟି ହୁଏ । ଜାଗତିକ ବିଷୟରୁ ମନକୁ ନିବୃତ୍ତ କରି, ନିରନ୍ତର ଯୋଗ ଧ୍ୟାନରତ ହୋଇ ମାନସିକ ଦୃଢତାରେ ପର ଇଚ୍ଛାରେ (ବାହ୍ୟରୁ) ନିଜେ ସନ୍ତାପ କିମ୍ବା ବ୍ୟଥା ପ୍ରାପ୍ତ ନ ହେବା ସମ୍ଭବ ହୋଇଥାଏ । କିନ୍ତୁ ଅନିଚ୍ଛା କିମ୍ବା ସ୍ୱଇଚ୍ଛାରେ ଅନ୍ୟକୁ ଉଦ୍ବିଗ୍ନତା ବା କ୍ଷୁବ୍ଧତା ନ ପହଞ୍ଚାଇବା କଠିନ ସାଧନ ଅଟେ । ଯଦି କୌଣସି ବ୍ୟକ୍ତି ନିଜ ଦୁଷ୍ଟବୁଦ୍ଧି କାରଣରୁ ଉଦ୍ବିଗ୍ନ ହୋଇଥାଏ,

ତେବେ ତାହାରି କାରଣ ସେହି ଭକ୍ତ ହୋଇ ନ ଥାଏ, ବରଂ ତାହା ତାଙ୍କରି ମାନସିକ ଦୋଷ । ପରର ଉତ୍କର୍ଷତାରେ ନିଜ ଭିତରେ ଜ୍ୱଳନ ଅନୁଭବ କରିବା ହେଉଛି 'ଅମର୍ଷ' ଯାହା ଅତି ସୂକ୍ଷ୍ମରୂପେ ଅନ୍ତଃକରଣରେ ରହିଥାଏ । ଏପରିକି ନିଜ ପରିବାର ତଥା ଆତ୍ମୀୟଙ୍କ ପ୍ରତି ଏହି ବିକାର ବେଳେ ବେଳେ ଦ୍ୱେଷ ରୂପେ ଦେଖା ଯାଇଥାଏ । ସଂସାର ଏହିପରି, ଏଠାରେ ଯାହାକିଛି କଲେ ମଧ୍ୟ ଅନ୍ୟ ଦ୍ୱାରା ଅନେକବାର ସମାଲୋଚିତ ହେବାକୁ ହିଁ ପଡିବ । ଏଥିରେ ଉଦ୍ବିଗ୍ନ ନ ହୋଇ, ସ୍ଥିର ଚିତ୍ତରେ ଜ୍ଞାନୀଭକ୍ତ ଭଗବାନଙ୍କ ଆଶ୍ରିତ ହୋଇ ସହ୍ୟ କରି ନେଇଥାଏ । ଭକ୍ତ ସର୍ବଦା ପୂର୍ଣ୍ଣକାମ ହେତୁ ସେ ନିଜକୁ ସାକ୍ଷୀ ବ୍ରହ୍ମ, ଆତ୍ମା ରୂପେ ବୋଧ କରିଥାଏ । ସର୍ବତ୍ର ଓ ସମସ୍ତଙ୍କଠାରେ ନିଜର ପରମ ପ୍ରିୟ ଇଷ୍ଟଙ୍କୁ ଦର୍ଶନ କରିବାରେ ସଦୟ ଓ ଆତ୍ମନିଷ୍ଠ ହୋଇଥାନ୍ତି । ସାକ୍ଷୀଠାରୁ ତଥା ବ୍ରହ୍ମଠାରୁ କେବେ କାହାକୁ ଉଦ୍ବେଗ ହେବନାହିଁ । ସାଧୁ ସନ୍ଥଙ୍କ ଚିତ୍ତବୃତ୍ତିରେ ଦିବ୍ୟତା କାରଣରୁ ତାଙ୍କରି ଚତୁର୍ପାର୍ଶ୍ୱରେ ଶାନ୍ତ, ନିଶ୍ଚଳତା ପରିବେଶ ବ୍ୟାପ୍ତ ହୋଇ ରହିଥାଏ । ତେଣୁ ସାଧୁ, ସନ୍ଥଙ୍କ ଦର୍ଶନ ମାତ୍ରେ ଆତ୍ମତୃପ୍ତି ଅନୁଭବ ହୋଇଥାଏ ।

ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।
ସର୍ବାରମ୍ଭପରିତ୍ୟାଗୀ ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ॥୧୬॥

*ଅନ୍ୱୟ: ଯଃ(ଯେ) ଅନପେକ୍ଷଃ (ବ୍ୟବହାରିକ କାର୍ଯ୍ୟରେ ଅପେକ୍ଷା ଶୂନ୍ୟ ଅର୍ଥାତ୍ ନିର୍ଭରଶୀଳ ନୁହଁ) ଶୁଚିଃ (ବାହ୍ୟ ଓ ଅଭ୍ୟନ୍ତର ଦୃଷ୍ଟିରୁ ପବିତ୍ର) ଦକ୍ଷଃ (କାର୍ଯ୍ୟପଟୁ - ନିପୁଣ) ଉଦାସୀନଃ (ବ୍ୟବହାରିକ ବିଷୟରେ ଅନାସକ୍ତ-ନିରପେକ୍ଷ) ଗତବ୍ୟଥଃ (ବ୍ୟଥାଶୂନ୍ୟ) ସର୍ବ-ଆରମ୍ଭ ପରିତ୍ୟାଗୀ (ସକାମ ଅନୁଷ୍ଠାନ ତ୍ୟାଗୀ -ଅପକୃତ ହୋଇ ମଧ୍ୟ ଉଦ୍ବେଗ ରହିତ-ଭକ୍ତି ପ୍ରତିକୂଳ ସମସ୍ତ ଉଦ୍ୟମରୁ ରହିତ) ସଃ ମଦ୍ଭକ୍ତଃ (ମୋର ସେହି ଭକ୍ତ) ମେ (ମୋତେ) ପ୍ରିୟଃ (ପ୍ରିୟ ଲାଗେ ) ।*

**ଭାବାର୍ଥ**: ଯେ ଲୌକିକ ଓ ପରଲୌକିକ ଫଳ ଆକାଙ୍କ୍ଷା ରହିତ, ସର୍ବଥା ବାହ୍ୟ-ଅଭ୍ୟନ୍ତର ପବିତ୍ର, ନିୟତ କର୍ମ ଓ ଈଶ୍ୱର ଚିନ୍ତନ-ଉପାସନାରେ ନିଷ୍ଠାପର, ପକ୍ଷପାତ ରହିତ, ତଥାକଥିତ ସାଂସାରିକ ଦୁଃଖରୁ ମୁକ୍ତ, ସମସ୍ତ ନୂତନ କର୍ମ ଆରମ୍ଭ ତ୍ୟାଗୀ, ମୋର ସେହି ଭକ୍ତ ମୋତେ ପ୍ରିୟ । ମୋର ଭକ୍ତ କେବେ କୌଣସି ଉଦ୍ୟମ ନିମନ୍ତେ ଅନ୍ୟ ଉପରେ ନିର୍ଭରଶୀଳ ହୋଇ ନ ଥାଏ କି, କାହାରିଠାରେ କୌଣସି ଅପେକ୍ଷା ରଖି ନ ଥାଏ । ସମସ୍ତ ଅପେକ୍ଷାର ପୂର୍ତ୍ତି ପରମାତ୍ମା ପ୍ରାପ୍ତିରେ ହିଁ ଅନ୍ତ ହୋଇ ଯାଇଥାଏ । କୌଣସି ବସ୍ତୁରେ କିଞ୍ଚିତ ମଧ୍ୟ ତାହାରି ପ୍ରୟୋଜନ ରହି ନ ଥିବା କାରଣରୁ, ପ୍ରାରବ୍ଧ ଅନୁସାରେ ଶରୀର, ଇନ୍ଦ୍ରିୟ କ୍ରିୟା ପ୍ରଭୃତି ବିନା ଇଚ୍ଛା ଓ ସ୍ପୃହାରେ ସ୍ୱାଭାବିକ ଭାବେ ହୋଇଥାଏ । ଅନ୍ତଃକରଣ ରାଗ-ଦ୍ୱେଷ, ହର୍ଷ-ଶୋକ, କାମ-କ୍ରୋଧ ଆଦି ବିକାର ରହିତ ହୋଇଥିବା କାରଣରୁ ସର୍ବଦା ପବିତ୍ର । ଶରୀର ସ୍ୱଚ୍ଛତା ଏବଂ ନ୍ୟାୟୋଚିତ ଉପାର୍ଜନରେ ନିଜ ଜୀବିକା ନିର୍ବାହ କରିବା ମଧ୍ୟ ବାହ୍ୟ ଶୁଦ୍ଧି ଅନ୍ତର୍ଭୁକ୍ତ । ଭକ୍ତଙ୍କ ଦର୍ଶନ, ସ୍ପର୍ଶ, ବାର୍ତ୍ତାଳାପ ଓ ଚିନ୍ତନରେ ଅନ୍ୟଲୋକ ମଧ୍ୟ ପବିତ୍ର ହୋଇ ଯାଇଥାଆନ୍ତି । ଭଗବତ୍ ପ୍ରାପ୍ତି ମାନବ ଜୀବନର ପରମ ଉଦ୍ଦେଶ୍ୟ । ସୁତରାଂ ଯିଏ ନିଜର ଉଦ୍ଦେଶ୍ୟ ପୂର୍ଣ୍ଣ କରି ସାରିଛନ୍ତି, ଅର୍ଥାତ୍ ତାଙ୍କରି ଭଗବତ୍ ସାକ୍ଷାତ୍କାର ହୋଇ ସାରିଛି, ସିଏ ବାସ୍ତବରେ ସଂସାରରେ ଦକ୍ଷ ପୁରୁଷ ଅଟନ୍ତି । ଭକ୍ତ ସଦା ଉଦାସୀନ ହୋଇ ରହିଥାନ୍ତି ଅର୍ଥାତ୍ କୌଣସି

ଅବସ୍ଥା, ଘଟଣା ଓ ପରିସ୍ଥିତି ଇତ୍ୟାଦିର କିଛି ବି ପ୍ରଭାବ ପଡି ନ ଥାଏ । ଅନୁରାଗ କିମ୍ବା ଦ୍ୱେଷ କାରଣରୁ ମିଥ୍ୟା ସାକ୍ଷୀ, ନ୍ୟାୟ ବିରୁଦ୍ଧ ବିଚାର କିମ୍ବା ଅନ୍ୟ କୌଣସି ପ୍ରକାରେ କାହାକୁ ଅନୁଚିତ ଲାଭ-ହାନି ପହଞ୍ଚାଇବାର ଉଦ୍ୟମ- ଏହି ସମସ୍ତ ପକ୍ଷପାତିତାରୁ ନିବୃତ୍ତ ରହି ଥାଆନ୍ତି । ଶରୀର ବ୍ୟାଧିଗ୍ରସ୍ତ ହେବା, ସ୍ତ୍ରୀ-ପୁତ୍ର ଆଦିର ବିୟୋଗ, ଧନ-ଗୃହ ଆଦି ହାନି-ଏହି ସବୁ ପ୍ରାରବ୍ଧ ଫଳ ରୂପେ ଅବଶ୍ୟ ଭୋଗ କରିବାକୁ ପଡିଥାଏ । କିନ୍ତୁ ସେଥିରେ ଭକ୍ତର ଅନ୍ତଃକରଣରେ କୌଣସି ବିକାର ଉତ୍ପନ୍ନ ହୋଇ ନଥାଏ । "ସଂସାରରେ ଯାହା ସବୁ ଘଟୁଛି, ସବୁ ଭଗବାନଙ୍କ ଲୀଳା, ସବୁ ତାଙ୍କରି ମାୟା ଶକ୍ତିର ଖେଳ ଏବଂ ମନୁଷ୍ୟ କେବଳ ନିମିତ୍ତ ମାତ୍ର"- ଭକ୍ତ ଏହି ରହସ୍ୟକୁ ଉତ୍ତମ ରୂପେ ବୁଝି ପାରି ଥାଏ । ଏଠାରେ 'ଗତବ୍ୟଥଃ' ପଦର ତାତ୍ପର୍ଯ୍ୟ ହେଲା; ପର ଇଚ୍ଛାକୃତ ଦୁଃଖକୁ ନିଜ ପ୍ରାରବ୍ଧ ଫଳ ମନେକରି ଭକ୍ତ ସର୍ବଥା ଭଗବାନଙ୍କ ପ୍ରସନ୍ନତା ଓ କୃପା ପ୍ରାପ୍ତ କରି ଆନନ୍ଦ ମଗ୍ନ ହୋଇ ରହିଥାଏ । ପ୍ରାମାଣିକ ଶାସ୍ତ୍ର ତଥା ଗୁରୁବାକ୍ୟ ପ୍ରତି ଅତୁଟ ଶ୍ରଦ୍ଧା ଓ ବିଶ୍ୱାସ କାରଣରୁ ଯାହା ଭକ୍ତି ମାର୍ଗର ପ୍ରତିବନ୍ଧକ, ସେଥିପ୍ରତି ଭ୍ରମବଶତଃ ପ୍ରଚେଷ୍ଟାଶୀଳ ହୁଏ ନାହିଁ । ଭଗବାନ ମଧ୍ୟ ଏହିପରି ନିରପେକ୍ଷ ଭକ୍ତର ଅନୁଗମନ କରନ୍ତି । ସାଧକର ପରମାତ୍ମା ପ୍ରାପ୍ତି ଉତ୍କଣ୍ଠା ରହିଥିବା କାରଣରୁ ଭୋଗ, ଉପଭୋଗ ଓ ଧନ ସମ୍ପତ୍ତି, ସୁଖ ସ୍ୱାଚ୍ଛନ୍ଦ୍ୟ, ମାନ-ବଡିମା ଇତ୍ୟାଦି ପ୍ରାପ୍ତି ଉଦ୍ଦେଶ୍ୟରେ କେବେ କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ବ୍ୟାବହାରିକ କ୍ଷେତ୍ରରେ ତାଙ୍କରି ଦ୍ୱାରା କୌଣସି କର୍ମ ଆରମ୍ଭ ହେଲେ ମଧ୍ୟ ତାଙ୍କରି ସେଥିରେ କୌଣସି ଆକର୍ଷଣ, ଆସକ୍ତି, ପ୍ରୟୋଜନ ବା ଆଗ୍ରହ ରହି ନ ଥାଏ ।

ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଂକ୍ଷତି ।
ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ॥୧୭॥

*ଅନ୍ୱୟ: ଯଃ (ଯେ) ନ ହୃଷ୍ୟତି (ଲୌକିକ ପ୍ରିୟ ଜନ ଅଥବା ବସ୍ତୁ ପ୍ରାପ୍ତ ହୋଇ ହର୍ଷିତ ଅର୍ଥାତ୍ ଆତ୍ମ ବିଭୋର ହୋଇ ନ ଥାଆନ୍ତି) ନ ଦ୍ୱେଷ୍ଟି (ଅଥବା ଅବାଞ୍ଛନୀୟ ବସ୍ତୁ ପ୍ରାପ୍ତିରେ ଦ୍ୱେଷ କରି ନଥାନ୍ତି ) ନ ଶୋଚତି (ପ୍ରିୟ ବସ୍ତୁ ବା ଜୀବନ ହରାଇବା କିମ୍ବା ତାହାର ବିନାଶରେ ଶୋକ ମଗ୍ନ ହୁଅନ୍ତି ନାହିଁ) ନ କାଙ୍କ୍ଷତି (ଅପ୍ରାପ୍ତ ପ୍ରିୟ ବସ୍ତୁ ନିମନ୍ତେ କାମନା କରନ୍ତି ନାହିଁ ) ଶୁଭ-ଅଶୁଭ ପରିତ୍ୟାଗୀ (ଯେ ଶୁଭ-ଅଶୁଭ, ପାପ-ପୂଣ୍ୟ ଆଦି କର୍ମଫଳ ତ୍ୟାଗୀ ) ସଃ ଭକ୍ତିମାନ୍ ( ସେହି ଭକ୍ତିମାନ୍ ମନୁଷ୍ୟ) ମେ ପ୍ରିୟଃ (ମୋର ପ୍ରିୟ ) ।*

**ଭାବାର୍ଥ**: ଯେ ଲୌକିକ ଭୋଗ୍ୟ ବସ୍ତୁ ତଥା ସ୍ତ୍ରୀ, ପୁତ୍ର ପ୍ରାପ୍ତ ହୋଇ ହର୍ଷିତ ଅର୍ଥାତ୍ ଆତ୍ମ ବିଭୋର ହୁଅନ୍ତି ନାହିଁ, ଅବାଞ୍ଛନୀୟ ବସ୍ତୁ ପ୍ରାପ୍ତିରେ ଦ୍ୱେଷ କରି ନ ଥାନ୍ତି, ପ୍ରିୟ ଧନ, ଜନ ହରାଇବାରେ ଶୋକ ମଗ୍ନ ହୁଅନ୍ତି ନାହିଁ, ଅପ୍ରାପ୍ତ ପ୍ରିୟ ବସ୍ତୁ ନିମନ୍ତେ ନୂତନ କାମନା କରନ୍ତି ନାହିଁ, ଶୁଭ-ଅଶୁଭ ତଥା ପାପ-ପୂଣ୍ୟ କର୍ମ ଓ କର୍ମଫଳ ସମ୍ବନ୍ଧକୁ ମନରୁ ପରିତ୍ୟାଗ କରିଥାନ୍ତି, ସେହି ଭକ୍ତିମାନ୍ ପୁରୁଷ ମୋର ପ୍ରିୟ । ଅତୀତକୁ ନେଇ ଭକ୍ତ କେବେ ଶୋକ କରି ନ ଥାଏ କି, ଭବିଷ୍ୟତକୁ ନେଇ କେବେ କୌଣସି ଆକାଂକ୍ଷା କରି ନ ଥାଏ । ବର୍ତ୍ତମାନ ଯାହା ଶୁଭ- ଅଶୁଭ ଆସିଥାଏ, ପ୍ରାରବ୍ଧ ମନେକରି ସମତ୍ୱ ଚିତ୍ତରେ କର୍ତ୍ତବ୍ୟ କର୍ମ କରି ଚାଲିଥାଏ । ଭଗବାନଙ୍କ ପ୍ରତି ପରମ ଅନୁରକ୍ତି ଆସି ଗଲାପରେ, ଭକ୍ତ ନିମନ୍ତେ ସର୍ବ ଶକ୍ତିମାନ୍, ସର୍ବାଧାର, ପରମ ଦୟାଳୁ ଭଗବାନ ହିଁ ପରମ ପ୍ରିୟ ବସ୍ତୁ ହୋଇଥାଆନ୍ତି । ଶୁଦ୍ଧ ଭକ୍ତ ତାହା ପ୍ରାପ୍ତ କରି ପୂର୍ଣ୍ଣକାମ ହୋଇ

ଯାଇଥାଏ । ପରମାନନ୍ଦରେ ସ୍ଥିତ ହୋଇ ରହିଲେ, ଭଗବାନଙ୍କ ସହିତ ନିତ୍ୟସିଦ୍ଧ ସମ୍ବନ୍ଧର ଅନୁଭବ ଅଟଳ ହୋଇଯାଏ । ସମ୍ପୂର୍ଣ୍ଣ ଜଗତ ଭଗବାନଙ୍କ ସ୍ୱରୂପ ବୋଲି ପ୍ରତୀତ ହୁଏ ଏବଂ ଅନ୍ତଃକରଣ ସ୍ୱତଃ ରାଗ-ଦ୍ୱେଷାଦି ବିକାରରୁ ମୁକ୍ତ ହୋଇଯାଏ । ଯଜ୍ଞ, ତପ, ଦାନ ଏବଂ ବର୍ଣ୍ଣାଶ୍ରମ ଅନୁଯାୟୀ ଜୀବିକା ତଥା ଶରୀର ନିର୍ବାହ ନିମନ୍ତେ ଶାସ୍ତ୍ର ବିହିତ ଶୁଭ ତଥା ପୁଣ୍ୟକର୍ମ ଭଗବାନଙ୍କୁ ସମର୍ପଣ କରିଦେଲେ, ସେଥିରେ କିଞ୍ଚିତ ମାତ୍ର ମମତା, ଆସକ୍ତି ଓ ଫଳ ଇଚ୍ଛା ରହେନାହିଁ । ଏହି ପ୍ରକାର ଜ୍ଞାନୀ ଭକ୍ତ ପାପ, ପୂଣ୍ୟ ଦୁଇଟି ଯାକ କର୍ମର ତ୍ୟାଗୀ ହୋଇଥାଏ । କର୍ମ ମନୁଷ୍ୟକୁ ବାନ୍ଧେ ନାହିଁ । କର୍ମ ପ୍ରତି ଥିବା ରାଗ-ଦ୍ୱେଷ ହିଁ ମନୁଷ୍ୟକୁ ବନ୍ଧନରେ ପକାଇଥାଏ । ଭକ୍ତଙ୍କର ସମସ୍ତ କର୍ମ ରାଗ-ଦ୍ୱେଷ ଶୂନ୍ୟ ଏବଂ ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ କାରଣରୁ ସେ ଭଗବାନଙ୍କ ପ୍ରିୟ ।

ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।
ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ॥୧୮॥
ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍ ।
ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ମେ ପ୍ରିୟୋ ନରଃ ॥୧୯॥

*ଅନ୍ୱୟ: ଶତ୍ରୌ ଚ (ଶତ୍ରୁ ପ୍ରତି) ମିତ୍ରେ ଚ (ଏବଂ ମିତ୍ର ପ୍ରତି) ତଥା (ଏବଂ ) ମାନାପମାନୟୋଃ (ସମ୍ମାନ ଓ ଅପମାନ କ୍ଷେତ୍ରରେ) ସମଃ (ସମ ଭାବାପନ ) ଶୀତ-ଉଷ୍ଣ-ସୁଖ-ଦୁଃଖେଷୁ ଚ ( ଶରୀରର ଅନୁକୂଳତା-ପ୍ରତିକୂଳତାରେ ଏବଂ ମନ-ବୁଦ୍ଧିର ଅନୁକୂଳତା ଓ ପ୍ରତିକୂଳତାରେ) ସମଃ (ସମ ବୁଦ୍ଧି ସମ୍ପନ୍ନ) ସଙ୍ଗ ବିବର୍ଜିତଃ (ଆସକ୍ତ ରହିତ) ତୁଲ୍ୟନିନ୍ଦାସ୍ତୁତିଃ (ନିନ୍ଦା ଏବଂ ପ୍ରଶଂସାରେ ସମ ଭାବାପନ୍ନ ) ମୌନୀ (ସଂଯତ୍ ବାକ୍-ସର୍ବଦା ମନନଶୀଳ ) ଯେନ, କେନଚିତ୍ (ଶରୀର ନିର୍ବାହ ସମ୍ବନ୍ଧରେ ପ୍ରାରବ୍ଧ ବଶତଃ ଯାହା ପ୍ରାପ୍ତ, ସେଥିରେ ଯେନେକେନ ପ୍ରକାରେ ସନ୍ତୁଷ୍ଟ) ଅନିକେତଃ ( ବାସ ଶୂନ୍ୟ- ଶରୀର ଓ ବାସସ୍ଥାନ ପ୍ରତି ମମତା ଓ ଆସକ୍ତି ରହିତ) ସ୍ଥିର ମତିଃ (ସ୍ଥିର ବୁଦ୍ଧି ଯୁକ୍ତ) ଭକ୍ତିମାନ୍ ନରଃ (ସେହି ଭକ୍ତିମାନ୍ ପୁରୁଷ) ମେ (ମୋର) ପ୍ରିୟଃ (ପ୍ରିୟ ଅଟେ) ।*

**ଭାବାର୍ଥ**: ଶତ୍ରୁ କିମ୍ବା ମିତ୍ରଭାବ ବାହ୍ୟରୁ ରଖୁଥିବା ବ୍ୟକ୍ତିଙ୍କ ପ୍ରତି ଭଗବାନଙ୍କ ଭକ୍ତ ସମ ଭାବ ରଖିଥାଏ ଆର୍ଥତ୍ ଯେ କୌଣସି ପ୍ରସଙ୍ଗରେ ପକ୍ଷପାତିତା ନ କରି ସେମାନଙ୍କୁ ସମ ଦୃଷ୍ଟିରେ ବିଚାର କରିଥାଏ । ମାନ-ଅପମାନ କ୍ଷେତ୍ରରେ ମଧ ଉଦାସୀନ ଅର୍ଥାତ୍ ନିଜ ଭିତରେ କୌଣସି ବିକାର ଉତ୍ପନ୍ନ ହେବାର ବୋଧ କରି ନ ଥାଏ । ଶୀତ ଓ ଉଷ୍ଣରେ 'ସମତା'ର ତାତ୍ପର୍ଯ୍ୟ ହେଲା; ଇନ୍ଦ୍ରିୟମାନଙ୍କ ନିଜ ନିଜ ଭୋଗ୍ୟ ବସ୍ତୁର ସଂଯୋଗ ଓ ବିୟୋଗରେ ଅନ୍ତଃକରଣରେ କୌଣସି ବିକାର ଉତ୍ପନ୍ନ ହୁଏ ନାହିଁ । ମନ-ବୁଦ୍ଧିର ଅନୁକୂଳତା-ପ୍ରତିକୂଳତାରେ ସମବୁଦ୍ଧି ସମ୍ପନ୍ନ, ନିନ୍ଦା ଓ ପ୍ରଶଂସାରେ ସମ ଭାବ, ସର୍ବଦା ମନନଶୀଳ ଓ ସଂଯତ-ବାକ୍, ଶରୀର ନିର୍ବାହ ସମ୍ବନ୍ଧରେ ପ୍ରାରବ୍ଧ ବଶତଃ ଯାହା ପ୍ରାପ୍ତ ସେଥିରେ ଯେନକେନ ପ୍ରକାରେ ସନ୍ତୁଷ୍ଟ, ଶରୀର ଓ ବାସ ସ୍ଥାନପ୍ରତି ମମତା ଓ ଆସକ୍ତି ରହିତ, ସ୍ଥିରବୁଦ୍ଧି ଯୁକ୍ତ, ଏହି ସମସ୍ତ ସଦାଚାର ଧାରଣ କରିଥିବା ଭକ୍ତିମାନ୍ ପୁରୁଷ ମୋର ପ୍ରିୟ ଅଟେ । ଇର୍ଷାବଶତଃ କିମ୍ବା ସ୍ୱାର୍ଥ ହାସଲ ନିମନ୍ତେ ଅନ୍ୟ ବ୍ୟକ୍ତି ଶତ୍ରୁ କିମ୍ବା ମିତ୍ର ଭାବ ରଖିଥିଲେ ମଧ, ଭକ୍ତ ସବୁବେଳେ ସର୍ବତ୍ର ଭଗବାନଙ୍କୁ ଦର୍ଶନ କରୁଥିବାରୁ ସମସ୍ତଙ୍କଠାରେ ସମ ଭାବ ରଖିଥାଏ । ଭକ୍ତର ଦୃଷ୍ଟିରେ ଶତ୍ରୁ-ମିତ୍ରର କିଞ୍ଚିତ୍ ମାତ୍ର ଭେଦ ରହି ନ ଥାଏ । ପ୍ରଶଂସା କରୁଥିବା ବ୍ୟକ୍ତି

ପ୍ରତି ଅନୁରାଗ ହୁଏ ନାହିଁ କି, ନିନ୍ଦୁକଙ୍କ ପ୍ରତି ଦ୍ୱେଷଭାବ ଜାତ ହୁଏ ନାହିଁ । ମନକୁ ନିର୍ବିଶେଷ ତଥା ବାଣୀକୁ ପରିଶୁଦ୍ଧ ଏବଂ ସଂଯତ କରିବା ନିମିତ୍ତ ବାହ୍ୟ ମୌନ ମଧ୍ୟ ସାଧକ ପକ୍ଷେ ଲାଭ- ଦାୟକ । ସଂସାର ସଂସର୍ଗ ବାହ୍ୟ ରୂପେ ତ୍ୟାଗ କରି, ମନରେ ଆସକ୍ତି ରଖିବା, ବାସ୍ତବ ତ୍ୟାଗ ନୁହେଁ । ବରଂ ବ୍ୟକ୍ତି ଓ ବସ୍ତୁପ୍ରତି ମମତା ଓ ଆସକ୍ତି ଶୂନ୍ୟ ସଂସର୍ଗ ରହିଲେ ମଧ୍ୟ କୌଣସି ହାନି ହୁଏନାହିଁ । ଶରୀର ପୋଷଣ ପ୍ରାରବ୍ଧ ଦ୍ୱାରା ହୋଇଥାଏ, ଏଥିରେ ମନୁଷ୍ୟ ଇଚ୍ଛାର କୌଣସି ପ୍ରୟୋଜନ ନଥାଏ । ନିଷ୍କାମ ଭାବରେ ବର୍ଣ୍ଣାଶ୍ରମ ଅନୁକୂଳ ଶରୀର ନିର୍ବାହ ନିମିତ୍ତ ଉପଯୁକ୍ତ ନ୍ୟାୟ ସଙ୍ଗତ ପ୍ରଚେଷ୍ଟା କରି, ପ୍ରାରବ୍ଧାନୁସାରେ ଯାହା କିଛି ପ୍ରାପ୍ତ ହୁଏ, ଭକ୍ତ ସେଥିରେ ସନ୍ତୁଷ୍ଟ ହୋଇଥାଏ । ଶରୀର ନିର୍ବାହ ପ୍ରାରବ୍ଧକୁ ସମର୍ପିତ କରିଦେଲା ପରେ କର୍ତ୍ତବ୍ୟନିଷ୍ଠ ରୂପେ ପୁରୁଷାର୍ଥ ବା ଶୁଭ କ୍ରିୟା କେବଳ ଈଶ୍ୱରାଭିମୁଖୀ ନିମିତ୍ତ ଉଦ୍ଦିଷ୍ଟ ହୋଇଥାଏ । 'ଅନିକେତ' ଶବ୍ଦର ଅର୍ଥ ନିକେତ ଶୂନ୍ୟ ଅର୍ଥାତ୍ ଯାହାର ସ୍ଥାୟୀ ବାସ ନଥାଏ । ଏହି ପଦ ଦ୍ୱାରା ସନ୍ୟାସ ଧର୍ମ ହିଁ ସିଦ୍ଧ ହେଉଅଛି । ଯେହେତୁ ଏହାକୁ ଭକ୍ତର ଏକ ବିଶେଷ ଲକ୍ଷଣ ରୂପେ ଏହିଠାରେ କୁହାଯାଇଛି; "ସିଦ୍ଧ ଭକ୍ତର ବାସ ଗୃହ ପ୍ରତି ମମତା ବା ଆସକ୍ତି ରହି ନଥାଏ" –ଏହି ଅର୍ଥରେ ବୁଝିବାକୁ ହେବ । ଶରୀରରେ ଅହଂତା, ମମତା ଏବଂ ଆସକ୍ତି ନଥିଲେ ଶରୀର ଥାଇ ମଧ୍ୟ ଜ୍ଞାନୀକୁ ଯେପରି ବିଦେହ କୁହାଯାଏ, ସେହିପରି ବାସଗୃହ ପ୍ରତି ଯାହାର ଆସକ୍ତି, ମମତା ନାହିଁ, ସେ ବାସ ଗୃହରେ ରହିଲେ ମଧ୍ୟ ନିକେତ ଶୂନ୍ୟ । ଲୋକମାନ୍ୟ ତିଳକଙ୍କ ଟୀକାନୁସାରେ, ଭକ୍ତ ଲୋକର ନିଶ୍ଚିତ ଠିକଣା ନ ଥାଏ, ଅର୍ଥାତ୍ ସେ ଯେଉଁଠାରେ ଯେଉଁ ସମୟରେ ରହେ, ସେହି ସମୟଟିକ ପାଇଁ ତାହା ତାହାର ନିବାସ । ଭକ୍ତ ନିମନ୍ତେ ଭଗବାନ ହିଁ ଅସଲ ନିକେତ ଅର୍ଥାତ୍ ବାସସ୍ଥାନ ଅଟନ୍ତି । ପରମାର୍ଥ ବିଷୟରେ ସ୍ଥିର ଏବଂ ନିଶ୍ଚୟାତ୍ମକ ବୁଦ୍ଧି କାରଣରୁ ଭକ୍ତ ନିଜ ମତ ଓ ଜ୍ଞାନରେ ଦୃଢ ରହିଥାଏ । ଭକ୍ତିର ପରାକାଷ୍ଠାରେ ସଦା ରହୁଥିବା ସ୍ଥିରବୁଦ୍ଧି ଯୁକ୍ତ ପୁରୁଷ ମୋର ପ୍ରିୟ । ଜଣେ ଶୁଦ୍ଧ ଭକ୍ତ ସଂସାର ସହିତ ସଂପର୍କିତ ହୋଇ ରହିଥିବା ବେଳେ ଅନ୍ତଃକରଣରେ କେଉଁ ପ୍ରକାର ପ୍ରତିକ୍ରିୟା ପରିଲକ୍ଷିତ ହୋଇଥାଏ, ଭଗବାନ ପୃଥକ ଭାବେ 'ମେ ପ୍ରିୟଃ' ପଦ ପ୍ରୟୋଗ କରି ସେହି ଅଣଚାଳିଶ ଗୋଟି ଲକ୍ଷଣକୁ (୧୩ ଠାରୁ ୧୯) ସାତଗୋଟି ଶ୍ଳୋକରେ ପାଞ୍ଚଟି ପ୍ରକରଣରେ ବର୍ଣ୍ଣନା କରିଛନ୍ତି । ସାଧନ ପଦ୍ଧତି, ପ୍ରାରବ୍ଧ, ବର୍ଣ୍ଣ, ଆଶ୍ରମ, ଦେଶ, କାଳ, ଯୋଗ୍ୟତା ଓ ପରିସ୍ଥିତି ଇତ୍ୟାଦିର ଭିନ୍ନତା ଥିବାରୁ ଭଗବାନଙ୍କ ଭକ୍ତ ମାନଙ୍କ ମଧ୍ୟରେ ପ୍ରକୃତି ଓ ସ୍ୱଭାବରେ ଅଳ୍ପ ବହୁତ ପାର୍ଥକ୍ୟ ରହିଥାଏ । ନିଜ ରୁଚି, ବିଶ୍ୱାସ, ଯୋଗ୍ୟତା ଓ ସ୍ୱଭାବ ଇତ୍ୟାଦି ଅନୁସାରେ ଯେଉଁ ପ୍ରକରଣଟି ନିଜପାଇଁ ଅନୁକୂଳ ମନେ ହୁଏ, ସାଧକ ତାହାକୁ ଆଦର୍ଶ ମନେକରି ସେହି ଅନୁସାରେ ନିଜର ଜୀବନ ଗଠନ କରିବାରେ ଯତ୍ନବାନ୍ ହେବା ଉଚିତ ।

ଯେ ତୁ ଧର୍ମ୍ୟାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ ।
ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ॥୨୦॥

*ଅନ୍ୱୟ: ତୁ (କିନ୍ତୁ) ଯେ ( ଯେଉଁ ସମସ୍ତ) ଭକ୍ତାଃ (ଭକ୍ତଗଣ) ଶ୍ରଦ୍ଧାଧାନାଃ (ଶ୍ରଦ୍ଧା ଓ ବିଶ୍ୱାସର ସହିତ) ମତ୍-ପରମାଃ (ମୋର ପରାୟଣ ଅର୍ଥାତ୍ ଭଗବାନ ସବୁକିଛି ବୋଲି ଗ୍ରହଣ କରି) ଇଦଂ (ଏହି) ଧର୍ମ୍ୟାମୃତଂ (ଧର୍ମମୟ ଅମୃତ-ମୋକ୍ଷଦାୟକ ଧର୍ମ) ଯଥା*

*ଉତ୍ତମ୍ (ପୂର୍ବ କଥନ ଅନୁସାରେ ) ପର୍ଯ୍ୟୁପାସତେ (ଉତ୍ତମରୂପେ ସେବନ କରନ୍ତି ବା ପାଳନ କରନ୍ତି) ତେ (ସେହିମାନେ) ମେ (ମୋର) ଅତୀବ (ଅତ୍ୟନ୍ତ) ପ୍ରିୟାଃ (ପ୍ରିୟ) ।*

**ଭାବାର୍ଥ** :ଏହି ଅଧ୍ୟାୟର ଉପସଂହାର କରି ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି; ହେ ଅର୍ଜୁନ ! କିନ୍ତୁ ଯେଉଁ ଭକ୍ତଗଣ ମୋର ପରାୟଣ ହୋଇ ଅର୍ଥାତ୍ 'ମୁଁ' ହିଁ ପରମ ଲକ୍ଷ୍ୟ ବୋଲି ଗ୍ରହଣ କରି, ଶ୍ରଦ୍ଧା ଓ ବିଶ୍ୱାସର ସହିତ ପୂର୍ବ କଥନ ଅନୁସାରେ ଏହି ମୋକ୍ଷ ଦାୟକ ଧର୍ମମୟ ଅମୃତକୁ ଉତ୍ତମ ରୂପେ ସେବନ ବା ପାଳନ କରିଥାନ୍ତି, ସେହି ଶ୍ରଦ୍ଧାବାନ ଭକ୍ତଗଣ ମୋର ଅତ୍ୟନ୍ତ ପ୍ରିୟ ଭଗବାନ କହିଥିବା ସମସ୍ତ ଲକ୍ଷଣ ଗୁଡିକ ଗୁଣ ବା ପ୍ରକୃତି ନୁହେଁ, ଏହା ଭକ୍ତି ଓ ଶାନ୍ତି ଜନିତ ଧର୍ମ ଅଟେ । ତେଣୁ ଭଗବାନ ଏହାକୁ ଧର୍ମାନୁକୂଳ ଅମୃତ ବୋଲି କହିଛନ୍ତି । ଯେଉଁ ଧର୍ମ ଫଳ ସ୍ୱରୂପ ସ୍ୱର୍ଗର ଅମୃତ ପ୍ରାପ୍ତି ହୋଇଥାଏ, ଅମୃତ ପାନ ପରେ ସେହି ଧର୍ମ କ୍ଷୀଣ ହେବାକୁ ଲାଗେ । କିନ୍ତୁ 'ଧର୍ମ୍ୟଂ ଚ ଅମୃତଂ ଚୈବ' କହିବାର ଅଭିପ୍ରାୟ ହେଲା; ଏହି ଅମୃତକୁ ସେବନ କରିଚାଲ । ଏଥିରେ ଧର୍ମର କ୍ଷୟ ହେବ ନାହିଁ, ବରଂ ଧର୍ମର ଅଭିବୃଦ୍ଧି ଘଟି ପରମାନନ୍ଦ ପ୍ରାପ୍ତି ହେବ । ପୂର୍ବ ସାତୋଟି ଶ୍ଳୋକରେ ଭଗବାନ କହିଥିବା ସିଦ୍ଧଭକ୍ତଙ୍କ ଅଣଚାଳିଶଟି ଲକ୍ଷଣ ବିଶିଷ୍ଟ ପାଞ୍ଚଟି ଯାକ ପ୍ରକରଣ ଧର୍ମମୟ ଏବଂ ଅମୃତ ତୁଲ୍ୟ । ସାଧକ ପକ୍ଷେ ଏହି ଧର୍ମମୟ ଅମୃତ ସେବନ ସେବେ ସମ୍ଭବ, ଯେବେ ଧନ, ମନ, ବଡିମା, ଆଦର, ସତ୍କାର, ସଂଗ୍ରହ ଓ ସୁଖଭୋଗ ତ୍ୟାଗ କରି ଭଗବତ ପ୍ରାପ୍ତି ତା'ର ଏକମାତ୍ର ଉଦ୍ଦେଶ୍ୟ ହେବ । ରାଗ, ଦ୍ୱେଷ ଆଦି ଅନ୍ତଃକରଣର ଧର୍ମ ନୁହନ୍ତି । ଏହି ସବୁ କେବଳ ବିକାର ମାତ୍ର । ସାଧକ ଅନ୍ତରରେ ଭଗବତ୍ ପ୍ରାପ୍ତି ପାଇଁ ତୀବ୍ର ଉତ୍କଣ୍ଠା ଓ ବ୍ୟାକୁଳତା ଜାଗ୍ରତ ହେଲେ, ତାହାର ସମସ୍ତ ଅବଗୁଣ ସ୍ୱତଃ ନଷ୍ଟ ହେବାର ଆରମ୍ଭ ହୁଏ । ସାଧନ କରୁ କରୁ ଭକ୍ତ ନିଜେ ହିଁ ବୁଝିପାରେ ସେ' ସାଧନ ପଥରେ କେତେଦୂର ଅଗ୍ରସର ହୋଇଛି । ଯାହାର ଭିତରେ ଭଗବାନଙ୍କ ଅନୁରାଗ, ପ୍ରେମର ଐଶ୍ୱର୍ଯ୍ୟ ପ୍ରକାଶିତ ହେବାକୁ ଲାଗେ, ତା'ର ଈଶ୍ୱର ପ୍ରାପ୍ତି ଆଉ ଡେରି ହେବାକୁ ଲାଗେ ନାହିଁ । ଭଗବତ୍ ସାକ୍ଷାତ୍କାର ନ ହୋଇଥିଲେ ମଧ୍ୟ, ସାଧକ ଭଗବତ୍ ପରାୟଣ ହୋଇଯାଇ ଥାଆନ୍ତି । ଭଗବତ୍ ପରାୟଣ ହୋଇଗଲେ, ଭଗବାନଙ୍କ ବ୍ୟତୀତ ସାଧକର ଅନ୍ୟ କୌଣସି ଦ୍ୱିତୀୟ ପ୍ରେମାସ୍ପଦ ରହି ନ ଥାଏ । ସାଧକକୁ ସବୁ କିଛି ଭଗବାନ ବୋଲି ଅନୁଭବ ନ ହେବା ପର୍ଯ୍ୟନ୍ତ ଭଗବାନ ତା' ନିକଟରେ ଋଣି ହୋଇ ରହନ୍ତି । ଏହି ଦୃଷ୍ଟିରୁ ସିଦ୍ଧି ପ୍ରାପ୍ତ ଭକ୍ତ, ଭଗବାନଙ୍କ କେବଳ ପ୍ରିୟ ହୋଇଥାଏ, ମାତ୍ର ସାଧକ ସୁସ୍ୱଭାବନିଷ୍ଠ ନିମିତ୍ତ ଏହି ଧର୍ମ୍ୟାମୃତକୁ ସେବନ କରିବାର ପ୍ରୟାସ ଜାରି ରଖିବା କାରଣରୁ ଭଗବାନଙ୍କ ଅତ୍ୟନ୍ତ ପ୍ରିୟ ।

**ଏହି ଅଧ୍ୟାୟର ନିଷ୍କର୍ଷ** : ଶୁଦ୍ଧ ଅନନ୍ୟ ଭକ୍ତି ହିଁ ବିନା କ୍ଲେଶରେ ଶୀଘ୍ର ଭଗବତ୍ ପ୍ରାପ୍ତିର ଉପାୟ ଅଟେ- ଏହା ଏହି ଅଧ୍ୟାୟର ସାର ତତ୍ତ୍ୱ ଅଟେ । ଏହି ଅଧ୍ୟାୟଟି ଭକ୍ତି ସାଧନର ମାର୍ଗନିର୍ଦ୍ଦେଶ ପକ୍ଷରେ ବିଶେଷ ଉପଯୋଗୀ । ଅଧ୍ୟାୟର ପ୍ରାରମ୍ଭରେ ଅର୍ଜୁନ ପ୍ରଶ୍ନ କରିଥିଲେ;- ନିର୍ବିଶେଷ ବ୍ରହ୍ମ ଉପାସକ ଉତ୍ତମ ଭକ୍ତ ନା, ପରମ ପୁରୁଷ ଭଗବାନଙ୍କ ସାନ୍ନିଧ ପ୍ରାପ୍ତି ଉଦ୍ଦେଶ୍ୟରେ ସେବାରତ ରହିଥିବା ବ୍ୟକ୍ତି ଉତ୍ତମ ଭକ୍ତ । ଏହି ପ୍ରଶ୍ନର ଉତ୍ତରରେ ଭଗବାନ ଅତି ସୁସ୍ପଷ୍ଟ ଭାବରେ କହିଛନ୍ତି କି, ପରମ ପୁରୁଷ ଭଗବାନଙ୍କ ନିକଟରେ ପହଞ୍ଚିବା ନିମିତ୍ତ ଏହି ଭକ୍ତି ଯୋଗ ମାର୍ଗ ଯେ ଏକମାତ୍ର ଶ୍ରେଷ୍ଠ ଓ ସୁସାଧ୍ୟ, ଏଥିରେ ଲେଶମାତ୍ର ସନ୍ଦେହ

ନାହିଁ । ଯେ ପର୍ଯ୍ୟନ୍ତ ଦେହର ଅଧ୍ୟାସ (ଭାନ) ରହିଛି, ସେ ପର୍ଯ୍ୟନ୍ତ ଅବ୍ୟକ୍ତ ସ୍ୱରୂପର ପ୍ରାପ୍ତି ଦୁଃଖପୂର୍ଣ୍ଣ । କାରଣ ଅବ୍ୟକ୍ତ ସ୍ୱରୂପ ତ ଚିତ୍ତର ନିରୋଧ ଏବଂ ବିଲୟ କାଳରେ ହିଁ ପ୍ରାପ୍ତ ହେବ । ତାହା ପୂର୍ବରୁ ସମସ୍ତ ବିକାର ସହିତ ଏହି ଦେହ ହିଁ ପ୍ରତିବନ୍ଧକ ହୋଇ ଥାଏ । ମୋର ପରାୟଣ ଯେଉଁ ଭକ୍ତ ସମ୍ପୂର୍ଣ୍ଣ କର୍ମକୁ ମୋ'ଠାରେ ଅର୍ପଣ କରି, ମାନବ ଶରୀରଧାରୀ ମୋର ସଗୁଣ ଯୋଗେଶ୍ୱର ରୂପକୁ ଧ୍ୟାନଦ୍ୱାରା ତୈଳଧାରା ସାଦୃଶ୍ୟ ନିରନ୍ତର ଚିନ୍ତନ କରେ, 'ମୁଁ ଶୀଘ୍ର ତା' ନିମିତ୍ତ ସଂସାର ସାଗରର ଉଦ୍ଧାର କର୍ତ୍ତା ହୋଇଯାଏ । ଅତଏବ, ମୋ'ଠାରେ ମନକୁ ଲଗାଇ ରଖିବାର ଅଭ୍ୟାସ କରିଚାଲ । ଅଭ୍ୟାସ କରିବା ନିମନ୍ତେ ଯଦି ଅସମର୍ଥ, ତାହା ହେଲେ ମୋ' ନିମିତ୍ତ କର୍ମ ଅର୍ଥାତ୍ କର୍ତ୍ତବ୍ୟନିଷ୍ଠ କର୍ମ କରିଚାଲ, ତେବେ ମଧ ମୋତେ ପ୍ରାପ୍ତ ହୋଇପାରିବ । ଯଦି ଏହା ମଧ କରିବାକୁ ଅସମର୍ଥ, ତାହାହେଲେ ସ୍ଥିତପ୍ରଜ୍ଞ, ଆତ୍ମବାନ୍, ତତ୍ତ୍ୱଜ୍ଞ ମହାପୁରୁଷଙ୍କ ଶରଣାପନ୍ନ ହୋଇ ସମ୍ପୂର୍ଣ୍ଣ କର୍ମଫଳକୁ ତ୍ୟାଗ କର । ଏହି ତ୍ୟାଗ କରି ମଧ ପରମ ଶାନ୍ତିକୁ ପ୍ରାପ୍ତ ହୋଇପାରିବ । ଶାସ୍ତ୍ର ଅନୁଯାୟୀ କର୍ମ ଅନୁଷ୍ଠାନ କରି ଈଶ୍ୱର ପ୍ରତି ଆନୁରକ୍ତ ରହିବା ହେଉଛି ବୈଧୀ ଭକ୍ତି । ବୈଷ୍ଣବାଚାର୍ଯ୍ୟଗଣ ବୈଧୀ ଭକ୍ତି ସାଧନର ଚଉଷଠିଟି ଅଙ୍ଗ ନିର୍ଦ୍ଦେଶ କରିଛନ୍ତି । ଏହି ଭଜନାଙ୍ଗ ମଧ୍ୟରେ ଶ୍ରୀମଦ୍ ଭାଗବତରେ କୁହାଯାଇଥିବା- ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟସାଧନ, ସଖ୍ୟ ସାଧନ ଓ ଆତ୍ମ ନିବେଦନ- ଏହି ନବଧା ଭକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି । ଶୁଦ୍ଧ ଭକ୍ତ ରୂପେ ଭଗବାନଙ୍କ ଅନନ୍ୟ ପ୍ରେମ ବଳୟ ମଧ୍ୟରେ ସାଧକର ପ୍ରବିଷ୍ଟ ହେବା ପର୍ଯ୍ୟନ୍ତ ତା' ପକ୍ଷରେ ଏହି ସମସ୍ତ ବୈଧୀ ଭକ୍ତିର ଆବଶ୍ୟକତା ରହିଛି ।ଏହି ପ୍ରସଙ୍ଗରେ ଶ୍ରୀ ରାମକୃଷ୍ଣଦେବଙ୍କ ଉକ୍ତି ହେଲା; "ରାଗ ଭକ୍ତି-ପ୍ରେମା ଭକ୍ତି ଈଶ୍ୱରଙ୍କଠାରେ ଆତ୍ମୀୟପରି ମମତା ଆସିଲେ ଆଉ କୌଣସି ବିଧି ନିୟମ ରହେ ନାହିଁ । ଈଶ୍ୱରଙ୍କ ଉପରେ ଅନୁରାଗ ପ୍ରେମ ଆସିଲେ ଜପାଦି କର୍ମ ତ୍ୟାଗ ହୋଇଯାଏ । ଭକ୍ତ ଏକମାତ୍ର ଭଗବାନଙ୍କୁ ଚାହେଁ । ସର୍ବ ଉପାଧିମୁକ୍ତ ହୋଇ ଏକମାତ୍ର ଭଗବତ୍ ସେବାରେ ଆତ୍ମ ବିଭୋର ହୋଇ ଉଠେ । ହରି ପ୍ରେମରେ ଭୋଳ ହେଲେ, ବୈଧ କର୍ମ କିଏ ବା କରିବ ?" ଶ୍ରୀମଦ୍ ଭାଗବତରେ ଭଗବାନ କହିଛନ୍ତି, **"ଯାବତ୍ ସର୍ବେଷୁ ଭୂତେଷୁ ମଦ୍ଭାବୋ ନୋପଜାୟତେ । ତାବଦେବମୁପାସୀତ ବାଙ୍ମନଃ କାୟ ବୃତ୍ତିଭିଃ ॥"** ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମୋର ବିଦ୍ୟମାନତା ଅନୁଭବ ନ ହେବା ପର୍ଯ୍ୟନ୍ତ ଅର୍ଥାତ୍ 'ସବୁ କିଛି ପରମାତ୍ମା' ଏପରି ବାସ୍ତବିକ ଭାବ ନ ହେବା ପର୍ଯ୍ୟନ୍ତ ମନ, ବାଣୀ ଓ ଶରୀରର ସମସ୍ତ ବୃତ୍ତି (ଆଚରଣ) ଦ୍ୱାରା ମୋର ଉପାସନା କରୁଥାଅ । ଯେଉଁ ଏକନିଷ୍ଠ ସାଧକ ତନ, ମନ, ଧନ ସର୍ବସ୍ୱ ଭଗବାନଙ୍କୁ ଅର୍ପଣ କରିଦେଇ ତାଙ୍କରି ପରାୟଣ ହୋଇ ଯାଇଥାଏ, ଶ୍ରଦ୍ଧା ଓ ବିଶ୍ୱାସର ସହିତ ଭଗବତ୍ ଦର୍ଶନ ନିମିତ୍ତ ନିରନ୍ତର ତାଙ୍କରି ଚିନ୍ତନ କରି ଚାଲିଥାଏ, ମୋ ଦ୍ୱାରା କୁହାଯାଇଥିବା ଅମୃତ ତୁଲ୍ୟ ଧର୍ମ ପାଳନ ନିମିତ୍ତ ପ୍ରଯତ୍ନଶୀଳ ହୋଇଥାଏ, ସେହି ଭକ୍ତ ମୋର ଅତିଶୟ ପ୍ରିୟ ଅଟେ । ଏହି ପ୍ରକାର ଶ୍ରୀମଦ୍ ଭଗବଦ୍ ଗୀତାକୁ କର୍ମ, ଭକ୍ତି ଓ ଜ୍ଞାନ ଏହି ତିନୋଟି ଷଟ୍କର ସମାହାର ରୂପେ ବିବେଚିତ କରୁଥିବା ଗୀତାପ୍ରେମୀଙ୍କ ନିମନ୍ତେ ଉପାସନା

କାଣ୍ଡ ଏହିଠାରେ ସମ୍ପୂର୍ଣ୍ଣ ହେଲା । ସେହିପରି 'ତତ୍ତ୍ୱମସି' ଏହି ମହାବାକ୍ୟକୁ ପ୍ରତିପାଦିତ କରୁଥିବା ଭଗବଦ୍ ଗୀତାର ତିନୋଟି ଷଟ୍କ ମଧ୍ୟରୁ 'ତତ୍' ପଦ ଅର୍ଥାତ୍ ବ୍ରହ୍ମ-ଈଶ୍ୱର ନିରୂପଣ କରୁଥିବା ପ୍ରସଙ୍ଗ ଏହି ମଧ୍ୟମ ଷଟ୍କରେ ସମ୍ପୂର୍ଣ୍ଣ ହେଲା । ଶ୍ରୀ ବିଦ୍ୟାବାଚସ୍ପତିଜିଙ୍କ ମତାନୁସାରେ 'ରାଜବିଦ୍ୟା' ଅର୍ଥାତ୍ ବିଦ୍ୟା ମଧ୍ୟରେ ଯାହା ଭଗବାନ କୃଷ୍ଣଙ୍କ ଅତ୍ୟନ୍ତ ପ୍ରିୟ, ସେହି ଭକ୍ତି କଥା ସମ୍ପୂର୍ଣ୍ଣ ହେଲା ।

ଓଁତତ୍ସଦିତି ଶ୍ରୀମଦ୍ଭଗବଦ୍ ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଭକ୍ତିଯୋଗୋ ନାମଦ୍ୱାଦଶୋଽଧ୍ୟାୟଃ ॥୧୨॥

ଏହି ପ୍ରକାରେ "ଓଁ, ତତ୍, ସତ୍" – ଏହି ଭଗବଦ୍ ନାମ ଉଚ୍ଚାରଣ ପୂର୍ବକ ବ୍ରହ୍ମବିଦ୍ୟା ଓ ଯୋଗ ଶାସ୍ତ୍ରମୟ ଶ୍ରୀମଦ୍ଭଗବଦ୍ ଗୀତୋପନିଷଦ୍ ରୂପକ ଶ୍ରୀକୃଷ୍ଣାର୍ଜୁନ ସଂବାଦରେ 'ଭକ୍ତିଯୋଗ' ନାମକ ଦ୍ୱାଦଶୋ ଅଧ୍ୟାୟ ପୂର୍ଣ୍ଣ ହେଲା ॥ ୧୨॥

ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ ଓଁ

ବିଶେଷ ଦ୍ରଷ୍ଟବ୍ୟ : ଗୀତାର ଶ୍ଳୋକ ମାନଙ୍କର ଭାବାର୍ଥ ବର୍ଣ୍ଣନରେ କେତେକ ସ୍ଥାନରେ ନିମ୍ନ ସୂଚିତ ମାନ୍ୟସ୍ପଦ ବ୍ୟାଖ୍ୟାକାରଙ୍କ ଦ୍ୱାରା ସଂକଳିତ ଗୀତା ଗ୍ରନ୍ଥ ଓ ପ୍ରବଚନ ମାଳାରୁ ମାର୍ମିକ ଅର୍ଥବୋଧ ଉକ୍ତି ଓ ଉଦାହରଣକୁ ଓଡିଆ ଭାଷାରେ ଅନୁବାଦ ଓ ସରଳୀକରଣ କରି ସାଧକଙ୍କ ତଥା ଭଗବଦ୍ ପ୍ରେମୀଙ୍କ ଉପଯୋଗ ନିମନ୍ତେ ଉପସ୍ଥାପନ କରାଯାଇଛି । ସେହି ପୂଜ୍ୟ ମହାତ୍ମା ମାନଙ୍କ ପାଦତଳେ କୋଟି କୋଟି ପ୍ରଣାମ ଜଣାଇ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ଆଶୀର୍ବାଦ ଭିକ୍ଷା କରୁଛି ।

| | ଗ୍ରନ୍ଥର ନାମ | ଟୀକାକାର | ମୂଳ ଭାଷା |
|---|---|---|---|
| ୧ | ଶ୍ରୀମଦ୍ ଭଗବଦ୍ ଗୀତା | ସ୍ୱାମୀ ଅପୂର୍ବାନନ୍ଦ | ହିନ୍ଦୀ (ଓଡିଆ ଅନୁବାଦ ସଂସ୍କରଣ) |
| ୨ | ଶ୍ରୀମଦ୍ ଭଗବଦ୍ ଗୀତା ଅଷ୍ଟାଦଶାହ ପ୍ରବଚନ | ଶ୍ରୀମତ୍ ସ୍ୱାମୀ ବିଦ୍ୟାନନ୍ଦଗିରି, କୈଳାଶ ଆଶ୍ରମ | ହିନ୍ଦୀ |
| ୩ | ଶ୍ରୀମଦ୍ ଭଗବଦ୍ ଗୀତା ସାଧକ ସଞ୍ଜିବନୀ ଟୀକା | ସ୍ୱାମୀ ରାମସୁଖଦାସ | ହିନ୍ଦୀ (ଓଡିଆ ଅନୁବାଦ ସଂସ୍କରଣ ) |
| ୪ | ଶ୍ରୀମଦ୍ ଭଗବଦ୍ ଗୀତା ତତ୍ତ୍ୱ ବିବେଚନୀ | ଜୟଦୟାଲ ଗୋୟାନ୍ଦକା | ହିନ୍ଦୀ |
| ୫ | ଗୀତା ପ୍ରବଚନ (ଗୀତା ବ୍ୟାଖ୍ୟାନ ମାଳା) | ମହାମହୋପାଧ୍ୟାୟ ପଣ୍ଡିତ ଗିରିଧାରୀ ଶର୍ମା | ହିନ୍ଦୀ |
| ୬ | ଗୀତା ଦର୍ଶନ | ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀ | ହିନ୍ଦୀ |
| 7 | ଶ୍ରୀମଦ୍ ଭଗବଦ୍ ଗୀତା (ଯଥାର୍ଥ ଗୀତା) | ସ୍ୱାମୀ ଅଡଗାନନ୍ଦଜୀ ମହାରାଜ | ହିନ୍ଦୀ |
| ୮ | ଶ୍ରୀ ଗୀତା ରସ- ରତ୍ନାକର | ସ୍ୱାମୀ ଶ୍ରୀ ଅଖଣ୍ଡାନନ୍ଦ ସରସ୍ୱତୀ | ହିନ୍ଦୀ |
| ୯ | ଗୀତା ରହସ୍ୟ | ବାଲ୍ ଗଙ୍ଗାଧର ତିଳକ | ମାରାଠି ଭାଷାର ହିନ୍ଦୀ ଅନୁବାଦ |
| ୧୦ | ଶ୍ରୀମଦ୍ ଭଗବଦ୍ ଗୀତା (ମୌଳିକ ରୂପରେ) | କୃଷ୍ଣକୃପା ଶ୍ରୀ ମୂର୍ତ୍ତି ଏ ସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ | ଇଂରାଜୀ ଭାଷାର ଓଡିଆ ଅନୁବାଦ |
| ୧୧ | ହୋଲି ଗୀତା | ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ | ଇଂରାଜୀ |
| ୧୨ | ଭଗବଦ୍ ଗୀତା | ସ୍ୱାମୀ ଶିବାନନ୍ଦ ମହାରାଜ | ଇଂରାଜୀ |

| | | | |
|---|---|---|---|
| ୧୩ | " ଦି ଭଗବଦ୍ ଗୀତା " | ମୋହନଦାସ କରମ ଚାନ୍ଦ ଗାନ୍ଧୀ | ଇଂରାଜୀ |
| ୧୪ | ଭଗବଦ୍ ଗୀତା (ଶଙ୍କର ଭାଷ୍ୟ) | ସ୍ୱାମୀ ଗମ୍ଭୀରାନନ୍ଦଜୀ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୫ | ଭଗବଦ୍ ରାମାନୁଚାର୍ଯଙ୍କ ଗୀତା ଭାଷ୍ୟ | ସମ୍ପାଦନା : ଭି ଭେ ଶ୍ରୀ ରାମରାମାନୁଜ ଆଚାର୍ଜ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୬ | ଭଗବଦ୍ ଗୀତା | ସ୍ୱାମୀ ନିଖିଳାନନ୍ଦ | ମୂଳ ସଂସ୍କୃତ ଭାଷାର ଇଁରାଜି ଅନୁବାଦ |
| ୧୭ | ଶ୍ରୀମଦ୍ ଭଗବଦ୍ଗୀତା | ସ୍ୱାମୀ ଚିଭାବାନନ୍ଦ | ମୁଳଭାଷା : ଇଂରାଜୀ |
| ୧୮ | ଦି ଏସେନ୍ସ ଆଫ୍ ଭଗବଦ୍ ଗୀତା | ପରମହଂସ ଯୋଗନନ୍ଦ (ସଂଗ୍ରାହକ: ସ୍ୱାମୀ କ୍ରିୟାନନ୍ଦ) | ମୁଳଭାଷା : ଇଂରାଜୀ |
| ୧୯ | ଭଗବଦ୍ ଗୀତା ଭାଷ୍ୟ | ଶ୍ରୀ ମାଧବାର୍ଯ୍ୟ ( ଅନୁବାଦକ : ଡା: ବି ଏନ୍ କେ ଶର୍ମା । | ମୂଳ ଭାଷା: ସଂସ୍କୃତ ଇଂରାଜୀ ଅନୁବାଦ |
| ୨୦ | ଟାକ୍ ଅନ୍ ଗୀତା | ବିନୋବା | ମରାଠି ଭାଷାର ଇଂରାଜୀ ଅନୁବାଦ |
| ୨୧ | ଦି ଏସେ ଇନ୍ ଦି ଗୀତା | ଶ୍ରୀ ଅରବିନ୍ଦ | ଇଂରାଜୀ |
| ୨୨ | ଗୀତା ଫର୍ ଡେଇଲି ଏନ୍-ରିଚ୍-ମେଣ୍ଟ | ଚୈତନ୍ୟ ଚରଣ ଦାସ | ଇଂରାଜୀ |
| 23 | ଗୀତାଭାଷ୍ୟ, ଚକ୍ରବର୍ତ୍ତୀ ଠାକୁର, | ଶ୍ରୀମଦ୍ ବିଶ୍ୱନାଥ ଠାକୁର ଚକ୍ରବର୍ତ୍ତୀଗୌଡୀୟ ସଂପ୍ରଦାୟ | ହିନ୍ଦୀ |

"ବିଶ୍ୱଧର୍ମ ସମନ୍ୱୟ ଗୀତା ହୃଦୟମ୍" ତୃତୀୟ ଖଣ୍ଡ (ଆତ୍ମା-ପରମାତ୍ମା ତତ୍ତ୍ୱ ) ପ୍ରସ୍ତୁତିର ପ୍ରୟାସ ଜାରି ରହିଛି । ଭଗବାନଙ୍କର ଅପାରକରୁଣା ଏବଂ କୃପା ହେଲେ, ତାହା ପୂର୍ଣ୍ଣାଙ୍ଗ ହୋଇ ସଂସାର କଲ୍ୟାଣରେ ଉପଯୋଗ ହେବ । ଭଗବାନଙ୍କର ଇଚ୍ଛା ପୂରଣ ହେଉ । ସଂସାରର ସର୍ବ ମଙ୍ଗଳ ହେଉ ।